ନାନା ଦେଶ ନାନା କଥା

ଡକ୍ଟର ରାଧାନାଥ ରଥ

Digitized by PPRACHIN, SOA

ନାନା ଦେଶ
ନାନା କଥା

ଡକ୍ଟର ରାଧାନାଥ ରଥ

ଅ କ୍ଷ ର

Digitized by PPRACHIN, SOA

ନାନା ଦେଶ
ନାନା କଥା

ଭ୍ରମଣ କାହାଣୀ

ଲେଖକ : ଡକ୍ଟର ରାଧାନାଥ ରଥ ◻ ପ୍ରକାଶକ : ଅକ୍ଷର, କଲ୍ୟାଣୀ ନଗର, କଟକ - ୧୩ ◻ ମୁଦ୍ରଣ : ଟେକ୍‌ନୋ ଆର୍ଟସ ଅଫ୍‌ସେଟ୍, କଲ୍ୟାଣୀନଗର, କଟକ-୧୩ ◻ ମୂଲ୍ୟ: ଟ. ୧୭୫/-

ପ୍ରଥମ ପ୍ରକାଶ : ୧୯୯୯

NANA DESA
NANA KATHA

A TRAVELOGUE

Author : Dr. Radhanath Rath ◻ Publisher : **AKSHARA**, Kalyani Nagar, Cuttack-753 013 ◻ Printed at : Techno Arts Offset, Kalyani Nagar, Cuttack-13 ◻ Price : Rs.175/-

First Edition : 1999

Digitized by PPRACHIN, SOA

ସୂଚୀ

ଇଂଲଣ୍ଡ ଅନୁଭୂତି

ଇଂଲଣ୍ଡ : ପରବର୍ତ୍ତୀ ଅନୁଭୂତି	୩
ପ୍ରବେଶ	୯
ଚିଠି	୧୩
ଶିକ୍ଷାଗତ ଅନୁଭୂତି	୧୯
ରାଜନୈତିକ ଚେତନା ଓ ମହାମାନବୀୟ ଦିଗ୍‌ଦର୍ଶନ	୨୨
ମାନବୀୟ ଆକର୍ଷଣର ଅଭିନବ ଅନୁଭୂତି	୨୬
ସାଧାରଣ ଲୋକଙ୍କର ସାଧୁତା	୪୨
ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ-ପାରିବାରିକ ଓ ସାମାଜିକ ସମ୍ପର୍କ	୪୬
ଆଦବ୍ କାଇଦା : ଆଚାର ବ୍ୟବହାର	୫୦
ଭାରତ ଓ ଅନ୍ୟଦେଶ ବିଷୟରେ ସାଧାରଣ ଧାରଣା	୫୪
ବ୍ୟକ୍ତିପ୍ରତି ଶ୍ରଦ୍ଧା-ସ୍ୱାତନ୍ତ୍ର୍ୟ-ସ୍ୱାଧୀନତା	୬୧
କାମରେ ଶୃଙ୍ଖଳା ଓ ଦକ୍ଷତା	୬୫
ଅବସର ବିଶ୍ରାମ ଉପଭୋଗ ପ୍ରଣାଳୀ	୬୯
ଛାତ୍ର ଜୀବନ : ଛାତ୍ର ଶିକ୍ଷକ ସମ୍ପର୍କ	୭୪
ନାରୀ ଶିକ୍ଷା - ସ୍ୱାଧୀନତା - କର୍ମକୁଶଳତା	୭୮
ସାର୍ବଜନୀନ ଓ ଜୀବନବ୍ୟାପୀ ଶିକ୍ଷା	୮୨
ସ୍ୱାସ୍ଥ୍ୟ : ସମାଜମଙ୍ଗଳ କାର୍ଯ୍ୟ	୮୯
ଇଂଲଣ୍ଡର ଖବରକାଗଜ	୯୩
ଇଂଲଣ୍ଡରେ ଭାରତୀୟ	୯୮
ଇଂଲଣ୍ଡରେ ଭାରତୀୟ	୯୮
ଦଳଗତ ରାଜନୀତି	୧୦୩
ଶ୍ରମିକ ସରକାରର ଘରୋଇ ନୀତି	୧୦୭
ବୈଦେଶିକ ଓ ଉପନିବେଶ ନୀତି	୧୧୨
ବୈଦେଶିକ ନୀତି ଓ ଆନ୍ତର୍ଜାତିକ ସମ୍ପର୍କ	୧୧୭
ବିଦାୟ	୧୨୩

ଆମେରିକା ଅନୁଭୂତି

ଆମେରିକା ଅନୁଭୂତି ସମ୍ପର୍କରେ	୧୨୯
ଶିକ୍ଷାବିତ୍‌ର ଦୃଷ୍ଟିରେ ଆମେରିକା	୧୩୩
ପୃଥିବୀ ପରିକ୍ରମା	୧୪୦
ମାର୍କିନ୍ ଗଣତନ୍ତ୍ରର ସାମର୍ଥ୍ୟ ଓ ଦୁର୍ବଳତା	୧୪୫
ଆମେରିକାର ବିଭବ	୧୫୨
ଅନିୟନ୍ତ୍ରିତ ଉତ୍ପାଦନର ସୁଫଳ ଓ କୁଫଳ	୧୫୬
ଅସାମାଜିକ କାର୍ଯ୍ୟରେ ପୁଞ୍ଜିଲାଭ	୧୬୧

Digitized by PPRACHIN, SOA

ନିଃସହାୟତା ଯୋଗୁ ସାମାଜିକ ବିଭ୍ରାଟ ▪ ୧୬୪
ଅସହାୟତାରୁ ଅସାମାଜିକ କାର୍ଯ୍ୟ ▪ ୧୬୭
ପ୍ରତିଯୋଗିତାରୁ ଉଦ୍‌ବେଗ ▪ ୧୭୧
ନାରୀମୁକ୍ତି ଆନ୍ଦୋଳନ ▪ ୧୭୪
ପାରିବାରିକ ସମସ୍ୟା ▪ ୧୭୭
ରେଡ଼ିଓ-ଟେଲିଭିଜନ-ସିନେମା ▪ ୧୮୦
ଶିକ୍ଷାମାଧ୍ୟମ : ଖବରକାଗଜ ▪ ୧୮୪
ଛାତ୍ରମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ▪ ୧୮୮
ଆମେରିକାରେ ଭାରତୀୟ ବାସିନ୍ଦା ▪ ୧୯୯
ବୈଦେଶିକ ନୀତିରେ ପେଣ୍ଟାଗନ୍‌ର ପ୍ରଭାବ ▪ ୨୦୩
ଆମେରିକାର ହିପ୍‌ପୀ ଗୋଷ୍ଠୀ ▪ ୨୦୭
ଶେଷକଥା ▪ ୨୧୧

ସୋଭିଏତ୍ ରୁଷ ଅନୁଭୂତି

ସୋଭିଏତ୍ ରୁଷ ଅନୁଭୂତି ସଂପର୍କରେ ▪ ୨୧୫
ସୋଭିଏତ୍ ରୁଷ ▪ ୨୧୯
ଦ୍ୱିତୀୟଥର ରୁଷ୍ ଭ୍ରମଣ ▪ ୨୨୫
ରୁଷରେ ସମାଜବାଦୀ ମାନବିକତା ▪ ୨୨୯
ଚାଷୀ ଶ୍ରମିକର ଦେଶ ▪ ୨୩୬
ଅର୍ଥନୈତିକ ପ୍ରଗତି-ଶିଳ୍ପ ଓ କୃଷି ▪ ୨୪୧
ସ୍ୱାସ୍ଥ୍ୟ ▪ ୨୪୫
ଶିକ୍ଷା ▪ ୨୪୯
ବିଜ୍ଞାନ ▪ ୨୫୬
ସର୍ବାଧିକ ସୁବିଧାଭୋଗୀ ଶ୍ରେଣୀ ▪ ୨୬୦
ଲୋକ-ସଂସ୍କୃତି ▪ ୨୬୪
ସାମାଜିକ ରୁଚି : ସୌନ୍ଦର୍ଯ୍ୟବୋଧ ▪ ୨୬୯
ଦୈନନ୍ଦିନ ଜୀବନ ▪ ୨୭୩
ରାଜନୈତିକ ସଂସ୍ଥା ▪ ୨୭୮
ବିଶ୍ୱଶାନ୍ତି : ଆନ୍ତର୍ଜାତୀୟ ସୌହାର୍ଦ୍ଦ୍ୟ ▪ ୨୮୪
ଉନ୍ନୟନଶୀଳ ଦେଶର ବନ୍ଧୁ ▪ ୨୮୯
ସମାଜବାଦୀ ବିଜ୍ଞାଣୀ : ଅବିସ୍ମରଣୀୟ ଲେନିନ୍ ▪ ୨୯୩
ଆଗାମୀ ଯୁଗର ସ୍ୱପ୍ନ ▪ ୨୯୫

ଅନ୍ୟାନ୍ୟ ଦେଶ

ଚୀନ୍ ▪ ୨୯୯
ଜାପାନ୍ ▪ ୩୦୮
ସ୍ୱିଡ଼େନ ▪ ୩୧୧
ମଧ୍ୟପ୍ରାଚ୍ୟ: ଇରାକ୍- ଇରାନ୍ ▪ ୩୧୪

Digitized by PPRACHIN, SOA

ଇଂଲଣ୍ଡ ଅନୁଭୂତି

Digitized by PPRACHIN, SOA

Digitized by PPRACHIN, SOA

ଇଂଲଣ୍ଡ : ପରବର୍ତ୍ତୀ ଅନୁଭୂତି

'ବିଲାତ ଡାଏରି' ମୋର ବିଲାତ ରହଣି (୧୯୪୬-୪୯) ସମୟର ଅନୁଭୂତିଗତ ବିସ୍ତୃତ ବିବରଣୀ । ଭାରତର ପ୍ରାକ୍ ସ୍ୱାଧୀନତା ସମୟ ଏବଂ ସ୍ୱାଧୀନତା ପର ସମୟର ଘଟଣା ଏବଂ ଦ୍ୱିତୀୟ ମହାଯୁଦ୍ଧ ପରେ ଶ୍ରମିକ ଦଳର ଶାସନ କାଳରେ ଇଂଲଣ୍ଡର ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ପରିସ୍ଥିତି ଉପରେ ହିଁ ଆଧାରିତ ଏହି ଭ୍ରମଣ କାହାଣୀ ।

୧୯୪୯ ଠାରୁ ଆଜି ସୁଦ୍ଧା ମୁଁ ଇଂଲଣ୍ଡ ବାରଥର ଗଲିଣି । ପ୍ରତ୍ୟେକ ଥର ଦଶ ପନ୍ଦର ଦିନ ଠାରୁ ଦୁଇ-ତିନି ମାସ ପର୍ଯ୍ୟନ୍ତ ସେଠାରେ ରହିବାର ସୁଯୋଗ ଘଟିଛି । ଏହି ଅର୍ଦ୍ଧ ଶତାବ୍ଦୀ ଭିତରେ ଇଂଲଣ୍ଡର ପ୍ରତ୍ୟେକ କ୍ଷେତ୍ରରେ ବହୁ ପରିବର୍ତ୍ତନ ହୋଇଯାଇଛି । କିନ୍ତୁ ଏହି ପରିବର୍ତ୍ତନର ରୂପରେଖ ସେ ଦେଶର ଅତୀତ ଉପରେ ଏତେ ବେଶି ନିର୍ଭର କରେ ଯେ ଅର୍ଦ୍ଧଶତାବ୍ଦୀ ପୂର୍ବର ସାମାଜିକ ମୂଳଭିତ୍ତି ଉପରେ ଦୃଷ୍ଟି ନ ରଖିଲେ ବର୍ତ୍ତମାନର ଇଂଲଣ୍ଡକୁ ବୁଝିବା ସହଜ ନୁହେଁ । ବର୍ତ୍ତମାନ ମଧ୍ୟ ଏହି ଦେଶର ଶାସକ ଗୋଷ୍ଠୀଙ୍କର ସାମ୍ରାଜ୍ୟବାଦୀ ମନୋଭାବ ଓ ଅନ୍ୟ ଦେଶ ପ୍ରତି ଔପନିବେଶିକ ଚିନ୍ତାଧାରା ବଳବତ୍ତର ରହିଛି । ଏହା ଗୋଟିଏ ଦୁର୍ବଳ ରାଜ୍ୟରେ ପରିଣତ ହୋଇଯାଇଥିଲେ ସୁଦ୍ଧା ଆମେରିକାର ଗୋଡ଼ାଣିଆ ଦେଶ ଭାବରେ ତା'ର ସେହି ପୁରାତନ ମନୋବୃତ୍ତିକୁ ନାନା ଭାବରେ ପ୍ରକାଶ କରି ଚାଲିଛି । ଆମେରିକା ଓ ଇଂଲଣ୍ଡର ଭାଷା ଗୋଟିଏ ଏବଂ ସଭ୍ୟତା ପ୍ରାୟ ସମାନ ବୋଲି ଏମାନେ ଅତି ସହଜରେ ଆମେରିକାର ଅସ୍ତ୍ର ଓ ଧନ ବଳ ଉପରେ ପର୍ଯ୍ୟବସିତ ଔଦ୍ଧତ୍ୟ ସହିତ ସଂପୂର୍ଣ୍ଣ ରୂପେ ସହଯୋଗ କରି ଚାଲିଛନ୍ତି । କିନ୍ତୁ ସାଧାରଣ ଲୋକଙ୍କର ସାଂସ୍କୃତିକ ମୂଳଭିତ୍ତି ଆମେରିକୀୟ ସାମାଜିକ ରୀତିନୀତିଠାରୁ ଅଲଗା । ଯଦିଓ ଶାସକ ଗୋଷ୍ଠୀମାନଙ୍କ ଉପରେ ପରସ୍ପର ବୁଝାମଣା ସର୍ବାଧିକ ସାଧାରଣ ଲୋକଙ୍କ ମନରେ ଆମେରିକା ସଂସ୍କୃତି ପ୍ରତି ବିଦ୍ୱେଷ ରହିଥିବାର ଦେଖାଯାଏ ।

ଦ୍ୱିତୀୟ ମହାଯୁଦ୍ଧ ପରେ ଗତ ଅର୍ଦ୍ଧଶତାବ୍ଦୀ ଧରି ପୃଥିବୀରେ ବୈପ୍ଳବିକ ପରିବର୍ତ୍ତନ ହୋଇଯାଉଥିଲା ବେଳେ ଇଂଲଣ୍ଡର ଅତୀତ ପରମ୍ପରା ଯେତେ ବଳିଷ୍ଠ ହୋଇଥିଲେ ମଧ୍ୟ ଏଠାରେ ମଧ୍ୟ ବହୁ ସାମାଜିକ ପରିବର୍ତ୍ତନ

Digitized by PPRACHIN, SOA

ହୋଇଚାଲିଛି । ମୁଁ ଯେହେତୁ ସେଠାରେ ପଚାଶ ବର୍ଷ ତଳେ ଅଢ଼େଇ ବର୍ଷ ରହିଥିଲି ମୋ ଆଖିରେ ଯେପରି ଏହି ପରିବର୍ତ୍ତିତ ସମାଜ ଦେଖାଯାଏ, ତାହା ସେମାନଙ୍କ ଦୃଷ୍ଟିରେ ସମ୍ଭବ ନୁହେଁ । ତେଣୁ ସେମାନେ ମୋତେ ଅନବରତ ପଚାରନ୍ତି ଏହି ପରିବର୍ତ୍ତନର ରୂପରେଖ ଓ ଦିଗ୍‌ଦର୍ଶନ ବିଷୟରେ । କେତୋଟି ମୁଖ୍ୟ ପରିବର୍ତ୍ତନ ବିଷୟରେ ସୂଚନା ଦିଆଯାଇପାରେ ।

(୧) ସେ ସମୟରେ ଇଂଲଣ୍ଡର ଲୋକେ ରାସ୍ତାଘାଟ, ବାସ ଓ ରେଳଗାଡ଼ିମାନଙ୍କରେ ପରସ୍ପର ଭିତରେ ବହୁତ କମ୍ କଥାବାର୍ତ୍ତା କରନ୍ତି– କଥାବାର୍ତ୍ତା କଲାବେଳେ ମଧ୍ୟ ଏତେ ଆସ୍ତେ କଥା କହନ୍ତି ଯେ, ଆଖପାଖ ଲୋକେ ଶୁଣିପାରନ୍ତି ନାହିଁ । ଶହ ଶହ ଲୋକ ରେଳ ଡବାରେ ଭର୍ତ୍ତି ହୋଇଥିଲେ ମଧ୍ୟ ଶବ୍ଦ ନଥାଏ—ସମସ୍ତେ ଖବରକାଗଜ ଧରି ପଢୁଥାଆନ୍ତି—ଠିଆ ହୋଇଥିବା ଲୋକେ ଖବରକାଗଜ ଧରି ଦେଖୁଥାଆନ୍ତି—ହଜାର ହଜାର ଲୋକଙ୍କ ଗହଳି ଭିତରେ ସମସ୍ତେ ଚୁପ୍‌ଚାପ୍ ଚାଲିଥାଆନ୍ତି । ଯେପରି ଲୋକମାନଙ୍କର ଛାଇର ଜନଗହଳି ! ସେହିପରି ବଡ଼ ବଡ଼ ଅଫିସ୍, ବିଶ୍ୱବିଦ୍ୟାଳୟ, କଲେଜ ଶ୍ରେଣୀରେ ମଧ୍ୟ ହା ହଲ୍ଲା ନଥାଏ । ଅଜଣା ଲୋକ ସହିତ ସହଜରେ ସେମାନେ ପ୍ରଥମେ କଥାବାର୍ତ୍ତା କରିପାରନ୍ତି ନାହିଁ । କେହି ଜଣେ ଆସି ପରସ୍ପର ସହିତ ଚିହ୍ନା କରିଦେବା ଦରକାର । ଇଂରେଜମାନଙ୍କର ଏହି ଚାରିତ୍ରିକ ବୈଶିଷ୍ଟ୍ୟ ବିଷୟରେ ବହୁ ଜନଶ୍ରୁତି ଶୁଣିବାକୁ ମିଳେ । ଗୋଟିଏ ଜନଶ୍ରୁତି ଅଛି ଯେ, ଥରେ କେତେକ ଇଂରେଜ ଯାତ୍ରୀ ନୌକା ବୁଡି ପରେ ଗୋଟିଏ ନିର୍ଜନ ଟାପୁରେ ଆଶ୍ରୟ ନେଇଥିଲେ— ବହୁଦିନ ବହୁ କଷ୍ଟରେ ସେମାନେ ସମୟ ବିତାଇଥିଲେ ମଧ୍ୟ କାହା ସହିତ କାହାର ପରିଚୟ ନଥିଲା, କାରଣ ସେମାନଙ୍କର ପରିଚୟ କେହି କାହାରି ସହିତ କରାଇ ଦେଇନଥିଲେ !

ଏହି ପରିପ୍ରେକ୍ଷୀରେ ବର୍ତ୍ତମାନର ଇଂଲଣ୍ଡ ବହୁତ ଅଲଗା । ରେଳଗାଡ଼ି, ବାସ ଓ ଷ୍ଟେସନମାନଙ୍କରେ କମ୍ ବୟସର ଲୋକମାନଙ୍କର ହା ହଲ୍ଲାରେ ଲୋକେ ଅତିଷ୍ଠ ହୋଇପଡ଼ନ୍ତି । ପୁରୁଣା କାଳିଆ ଇଂରେଜ ଲୋକେ ବର୍ତ୍ତମାନ ମଧ୍ୟ ଖବରକାଗଜ ଖଣ୍ଡେ ଧରି ବସିଥାଆନ୍ତି । କିନ୍ତୁ ଯୁବ ସଂପ୍ରଦାୟର ବ୍ୟବହାର ଏମାନଙ୍କଠାରୁ ଅଲଗା । ହାହଲ୍ଲା ହସ ତକ୍‌ରାଳ କଳି ଏମାନଙ୍କଠାରେ ଦେଖାଯାଏ । ଠିକ୍ ଭାରତୀୟ ଲୋକଙ୍କ ପରି । ଏହା ଗୋଟିଏ ବିରାଟ ବ୍ୟତିକ୍ରମ ।

(୨) ଅର୍ଦ୍ଧ ଶତାବ୍ଦୀ ତଳେ ଇଂଲଣ୍ଡର ଭାରତୀୟମାନଙ୍କ ପ୍ରତି ଜନସାଧାରଣଙ୍କର ଗଭୀର ଭାବରେ ଶ୍ରଦ୍ଧା ଓ ସମ୍ମାନ ଥିଲା । ଅବଶ୍ୟ ସେତେବେଳେ ଇଂଲଣ୍ଡରେ ବହୁତ କମ୍ ଭାରତୀୟଙ୍କୁ ଦେଖିବାକୁ ମିଳୁଥିଲା । ସାମାନ୍ୟ କେତେଜଣ ଡାକ୍ତର ଇଂଲଣ୍ଡରେ ରହିଯାଇଥିଲେ । ସେମାନଙ୍କ ପ୍ରତି ଲୋକଙ୍କର ବହୁତ ସମ୍ମାନ ଥିଲା । ସେମାନେ ଇଂରେଜୀ ଡାକ୍ତରଙ୍କଠାରୁ ବହୁତ ସହନଶୀଳ ଓ ସାହାଯ୍ୟକାରୀ ଚିକିତ୍ସକ ବୋଲି

Digitized by PPRACHIN, SOA

ସୁଖ୍ୟାତି ଅର୍ଜନ କରିଥିଲେ । ତାପରେ କେତେକ ଭାରତୀୟ ଛାତ୍ର ଉଚ୍ଚଶିକ୍ଷା ଲାଭ ପାଇଁ କିଛିବର୍ଷ ପାଇଁ ଯାଉଥିଲେ । ବିଶେଷତଃ ଜନସାଧାରଣଙ୍କର ମହାତ୍ମା ଗାନ୍ଧୀଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଭାରତୀୟଙ୍କ ଉପରେ ପ୍ରତିଫଳିତ ହେଉଥିଲା । ଭାରତୀୟମାନଙ୍କ ସହିତ – ଆଳାପ ପରିଚୟ ଲାଗି ବହୁ ଅନୁଷ୍ଠାନ ରହିଥିଲା । ସେମାନେ ଭାରତୀୟଙ୍କୁ ଅତିଥି ହିସାବରେ ନିମନ୍ତ୍ରଣ କରୁଥିଲେ—ରାସ୍ତାଘାଟରେ ମଧ୍ୟ ଭାରତୀୟଙ୍କୁ ଲୋକେ ଶ୍ରଦ୍ଧା ଓ ସ୍ନେହର ସହିତ ଦେଖୁଥିଲେ ।

କିନ୍ତୁ ଇଂଲଣ୍ଡରେ ବର୍ତ୍ତମାନ ପ୍ରାୟ ଦଶଲକ୍ଷ ଯାଏଁ ଭାରତୀୟ ରହିଲେଣି । ଅବଶ୍ୟ ଭାରତୀୟଙ୍କ ଭିତରେ ପାକିସ୍ତାନୀ ଓ ବାଂଲାଦେଶୀମାନେ ମଧ୍ୟ ଅଛନ୍ତି । ଭାରତୀୟମାନଙ୍କର ଚାଲିଚଳଣ, ଆଚାର-ବ୍ୟବହାର ଏମାନଙ୍କଠାରୁ କେତେ ତଫାତ୍, ତାହା ସେମାନେ ତାଙ୍କ ଆଖପାଖରେ ପ୍ରତିଦିନ ଦେଖିବାକୁ ପାଉଛନ୍ତି । ଏପରିକି ଇଂଲଣ୍ଡର ବଡ଼ ବଡ଼ ସହରମାନଙ୍କରେ ଗୋଟିଏ ଗୋଟିଏ ଅଞ୍ଚଳରେ କେବଳ ଭାରତୀୟମାନଙ୍କର ଘର, ଦୋକାନ, ବଜାର । ସେଠାରେ ଜାଣିହୁଏ ନାହିଁ କି, ଏହା ଭାରତରେ ନା ଇଂଲଣ୍ଡରେ । କାରଣ ଭାରତୀୟ ସହର ପରି ସେହି ଅଞ୍ଚଳ ମଇଳା, ରାସ୍ତାଘାଟରେ ଛିଣ୍ଡା କାଗଜ ପଡ଼ିଥାଏ । ଦୋତାଲା ଉପରୁ ଓଦା ଲୁଗା ତଳକୁ ଝୁଲା ଯାଇଥାଏ—ପାଟିତୁଣ୍ଡରେ ସେ ଅଞ୍ଚଳ ପଡ଼େ ଉଠେ । ଫଳରେ ଭାରତୀୟମାନେ ଯେଉଁ ଅଞ୍ଚଳରେ ରହନ୍ତି, ସେ ଅଞ୍ଚଳର ଇଂରେଜୀ ଲୋକେ ଘର ବିକ୍ରି କରି ଅନ୍ୟତ୍ର ଚାଲିଯାଆନ୍ତି । ତା' ଫଳରେ ଭାରତୀୟଙ୍କ ପ୍ରତି ଏମାନଙ୍କର ଏପରି ଘୃଣାଭାବ ବଢ଼ିଯାଇଛି ଯେ, ଥରେ ଜଣେ ଇଂରେଜ ଭଦ୍ରଲୋକ ତାଙ୍କ ଘରକୁ ବିକ୍ରି କରିବା ପାଇଁ ବିଜ୍ଞାପନରେ ଭାରତୀୟଙ୍କ ଛଡ଼ା ଅନ୍ୟମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ ବୋଲି ବିଜ୍ଞାପନ ଦେଇଥିଲେ ! ସେଥିପାଇଁ ସେ ଅଦାଲତରେ ଜୋରିମାନା ମଧ୍ୟ ଦେଇଥିଲେ—ତଥାପି ଏହାକୁ ବାରମ୍ବାର ବିଜ୍ଞାପିତ କରିଥିଲେ । ଏଥିରୁ ସହଜରେ ଅନୁମେୟ ଯେ ଭାରତୀୟଙ୍କ ପ୍ରତି ବର୍ତ୍ତମାନ ଯୁଗର ଇଂରେଜମାନେ କି ପ୍ରକାର ମନୋଭାବ ପୋଷଣ କରନ୍ତି । ଏହା ନିଶ୍ଚିତ ଭାବରେ ଦୁର୍ଭାଗ୍ୟଜନକ ଘଟଣା । ଅନ୍ୟ ଦିଗରୁ ଦେଖିଲେ ଭାରତୀୟମାନଙ୍କର ପାରିବାରିକ ବନ୍ଧନ, ପିଲାମାନଙ୍କ ଉପରେ ପାରିବାରିକ ପ୍ରଭାବ ଅତ୍ୟନ୍ତ ଉତ୍କୃଷ୍ଟ ଧରଣର ବୋଲି ଏମାନଙ୍କର ଅଭିମତ ।

(୩) ଶିକ୍ଷା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଓ ଗବେଷଣା କ୍ଷେତ୍ରରେ ବିଶେଷ ଭାବରେ ଅଗ୍ରଗତି ପରିଲକ୍ଷିତ ହୁଏ, କିନ୍ତୁ ସ୍କୁଲ ଶିକ୍ଷାରେ କିଛିଟା ଅଧୋଗତି ଦେଖାଦେଇଛି । ଏପରିକି ଆଠବର୍ଷ ବାଧ୍ୟତାମୂଳକ ଶିକ୍ଷା ପ୍ରଚଳିତ ହୋଇଥିଲେ ମଧ୍ୟ ପ୍ରାୟ ଶତକଡ଼ା କୋଡ଼ିଏ ଭାଗ ଲୋକ ନିରକ୍ଷର ଥିବାର ଜଣାଯାଏ । ନିରକ୍ଷର ଅର୍ଥ ସେଠାକାର ତୃତୀୟ ଶ୍ରେଣୀର ପାଠ୍ୟକ୍ରମର ଯୋଗ୍ୟତା ମଧ୍ୟ ଏମାନଙ୍କର ନାହିଁ । କେବଳ ନାମ ମାତ୍ର ଦସ୍ତଖତ କରିପାରନ୍ତି । ଚିଠି ଲେଖିବା ବା ଖବରକାଗଜ ପଢ଼ିବାର କ୍ଷମତା

Digitized by PPRACHIN, SOA

ଏମାନଙ୍କର ନାହିଁ । ଏହା ଏମାନଙ୍କ ପାଇଁ ଗୋଟିଏ ଲଜ୍ଜାଜନକ ଘଟଣା ବୋଲି ଧରାଯାଏ । ହୁଏତ ଅଧିକା କୃଷ୍ଣକାୟ ପରିବାର ଯୋଗୁଁ ଏହା ଘଟି ଥାଇପାରେ । କିନ୍ତୁ ଭାରତୀୟମାନେ ଏହାର ପରିସରଭୁକ୍ତ ନୁହଁନ୍ତି । ସେମାନଙ୍କର ପିଲାମାନେ ସାଧାରଣତଃ ପଢ଼ାପଢ଼ିରେ ଭଲ କରନ୍ତି ।

(୪) ଦ୍ୱିତୀୟ ମହାଯୁଦ୍ଧ ପରେ ଶ୍ରମିକ ସରକାର ଯେଉଁ ଯେଉଁ ସମାଜ ମଙ୍ଗଳ କାର୍ଯ୍ୟମାନ ଆରମ୍ଭ କରିଥିଲେ, ସେସବୁ ଚାଲୁ ରହିଛି; ଯଦିଚ ଟୋରି ଦଳ ଶାସନରେ ଏହାର କ୍ରିୟାଶୀଳତା ମନ୍ଥର ହୋଇପଡ଼ିଛି । ସମସ୍ତଙ୍କ ପାଇଁ ଜାତୀୟ ସ୍ୱାସ୍ଥ୍ୟ ସେବା ଅବ୍ୟାହତ ରହିଛି, ଯଦିଚ ସେଥିପାଇଁ ରୋଗୀମାନଙ୍କୁ ସାମାନ୍ୟ କିଛି ଅଧିକା ଖର୍ଚ୍ଚ କରିବାକୁ ପଡ଼େ । ବାର୍ଦ୍ଧକ୍ୟ ସେବା ଘରୋଇକରଣ ହୋଇଛି, ଏବଂ ଅଧିକା ଖର୍ଚ୍ଚ କରିବାକୁ ପଡ଼େ । ବୟସ୍କ ଲୋକଙ୍କ ପାଇଁ ରହିବା ଖାଇବା, ସ୍ୱାସ୍ଥ୍ୟସେବା କାର୍ଯ୍ୟ ସେହିପରି ଅବ୍ୟାହତ ରହିଛି । ସମସ୍ତଙ୍କ ପାଇଁ ବେକାରୀ ଭତ୍ତା ରହିଛି, କିନ୍ତୁ କ୍ରମେ କ୍ରମେ ତା'ର ଅବସାନ ପାଇଁ ଉଦ୍ୟମ ଚାଲୁରହିଛି । ଜାତୀୟ ସ୍ୱାସ୍ଥ୍ୟ ସେବା କାର୍ଯ୍ୟରେ ପ୍ରାୟ ଅର୍ଦ୍ଧାଧିକ ଭାରତୀୟ ଡାକ୍ତର ରହିଛନ୍ତି । ମୋଟାମୋଟି ଭାବରେ କ୍ଷିପ୍ର ପରିବର୍ତ୍ତିତ ପୃଥିବୀରେ ଇଂରେଜ ସମାଜ ମଧ ବଦଳିବା ସ୍ୱାଭାବିକ, କିନ୍ତୁ ଏହାର ବହୁ ପୁରାତନ ସଂସ୍କୃତି, ରୀତିନୀତିର ପ୍ରଭାବ ବର୍ତ୍ତମାନ ସୁଦ୍ଧା ବଳବତ୍ତର ରହିଛି । ଗଣତାନ୍ତ୍ରିକ ପରମ୍ପରା ଅତୁଟ ରହିଛି । ନିର୍ବାଚନ ପରଦିନ ଭାବୀ ପ୍ରଧାନମନ୍ତ୍ରୀ ଦୁଇ ତିନୋଟି ଗାଡ଼ିରେ ଲଣ୍ଡନ ସହରର ଜନଗହଳି ଭିତରେ ଅଲକ୍ଷ୍ୟରେ ପ୍ରଧାନମନ୍ତ୍ରୀଙ୍କ ସରକାରୀ ବାସଭବନରେ ଯାଇ ପହଞ୍ଚିଯାଆନ୍ତି— ପରାଜିତ ପ୍ରଧାନମନ୍ତ୍ରୀ ସେତେବେଳେକୁ ନିଜ ବାସଭବନରେ କିମ୍ବା କ୍ରିକେଟ୍ ପଡ଼ିଆରେ କ୍ରିକେଟ୍ ଦେଖୁଥାଆନ୍ତି ! ଏ ପ୍ରକାରର ଗଣତାନ୍ତ୍ରିକ ପରମ୍ପରା ପୃଥିବୀରେ ବିରଳ । ରାଜନୈତିକ ଦୁର୍ନୀତି ମଧ ବିରଳ । କୌଣସି ପ୍ରମାଣଯୁକ୍ତ ଅଭିଯୋଗ ହେଲାକ୍ଷଣି ମନ୍ତ୍ରୀ ଏବଂ ବିଧାୟକମାନେ ସାଙ୍ଗେ ସାଙ୍ଗେ ବିଦାୟ ନିଅନ୍ତି । ଫଳରେ ରାଜନୈତିକ ସଂସ୍ଥା ସବୁ ସ୍ୱଚ୍ଛ, ନିର୍ମଳ ଓ ଲୋକଙ୍କର ବିଶ୍ୱାସଯୋଗ୍ୟ ହୋଇପାରୁଛି ।

ଏହାର ସରକାରୀ ସଂସ୍ଥା-ତାହା ଶ୍ରମିକ ଦଳ କିମ୍ବା ଟୋରି ଦଳ ଦ୍ୱାରା ନିୟନ୍ତ୍ରିତ ହେଉଥିଲେ ମଧ ଆମେରିକାର ବାହ୍ୟ ନୀତି ସହିତ ସଂପୂର୍ଣ୍ଣ ରୂପେ ଭାଗୀଦାର ହୋଇ ରହିଯାଉଥିବା ଯୋଗୁ ବହୁ ବୁଦ୍ଧିଜୀବୀ ଓ ଚିନ୍ତାଶୀଳ ବ୍ୟକ୍ତିମାନେ ଅସନ୍ତୋଷ ପ୍ରକାଶ କରନ୍ତି । ବିଶ୍ୱ ରାଜନୀତିରେ ଇଂଲଣ୍ଡକୁ ଆମେରିକାର ତା'ର ପଚାଶଟି ରାଜ୍ୟ ସହିତ ଆଉ ଗୋଟିଏ ରାଜ୍ୟ ବୋଲି ଧରାଯାଉଛି । ଏହା ସବୁ କ୍ଷେତ୍ରରେ ଦୁର୍ବଳ ହୋଇଥିଲେ ମଧ ପୂର୍ବ ସାମ୍ରାଜ୍ୟବାଦୀ ମନୋବୃତ୍ତିକୁ ଭୁଲି ପାରିନାହିଁ । କେତୋଟି ପରମାଣୁ ବୋମାକୁ ହାତରେ ରଖି ଗୋଟିଏ ଶକ୍ତିଶାଳୀ ରାଜ୍ୟ ହିସାବରେ ନିଜକୁ ମନେ କରେ । ଏଥିଲାଗି ୟୁରୋପ ଭିତରେ ଇଂଲଣ୍ଡ ନିଜକୁ ସାମିଲ୍ କରି ପାରୁନାହିଁ । ବର୍ତ୍ତମାନ ମଧ ଇଂଲଣ୍ଡ ଯଦି ସ୍କାଣ୍ଡିନେଭିୟାନ ଦେଶମାନଙ୍କ ପରି ମୋଟାମୋଟି ଭାବରେ ସ୍ୱାଧୀନ ରହିପାରନ୍ତା—

Digitized by PPRACHIN, SOA

ଦେଶରକ୍ଷାରେ ଅଯଥା ଖର୍ଚ୍ଚ ନ କରନ୍ତା, ପରମାଣୁ ବୋମାରୁ ମୁକ୍ତିଲାଭ କରିପାରନ୍ତା—ତାହା ହେଲେ ବାଣିଜ୍ୟ କ୍ଷେତ୍ରରେ ଇଂଲଣ୍ଡର ଯେପରି ସୁଖ୍ୟାତି ରହିଛି, ତା' ଫଳରେ ସେ ସେମାନଙ୍କ ପରି ମଧ ଗୋଟିଏ ଧନଶାଳୀ ଦେଶରେ ପରିଣତ ହୋଇଯାଇପାରନ୍ତା ।

ବିଲାତ ଅନୁଭୂତି ବର୍ଣ୍ଣନା କଲାବେଳେ ଭାରତର ସାମାଜିକ ରୀତି ନୀତି ବିଷୟରେ ଅନେକ ତୁଳନାତ୍ମକ ଲେଖା ରହିଛି । ବର୍ତ୍ତମାନ ସୁଦ୍ଧା ଭାରତୀୟ ଚାରିତ୍ରିକ ବୈଶିଷ୍ଟ୍ୟର ସେପରି କିଛି ପରିବର୍ତ୍ତନ ହୋଇପାରି ନାହିଁ । ଆମର ଗତ ଅର୍ଦ୍ଧଶତାବ୍ଦୀ ଧରି ପରିବର୍ତ୍ତନ ପରିପ୍ରେକ୍ଷୀରେ ଏହାକୁ ବିଚାର କରି ଦେଖିବା ଉଦ୍ଦେଶ୍ୟରେ ଏହିସବୁ ମନ୍ତବ୍ୟକୁ ଅପରିବର୍ତ୍ତିତ ଭାବରେ ରଖାଯାଇଛି । ଉଦାହରଣ ସ୍ୱରୂପ ସେତେବେଳକାର ଭାରତରେ ସାମନ୍ତବାଦୀ ଔଦ୍ଧତ୍ୟ, ଚାକିରିରେ ପ୍ରବେଶ ଓ ପଦୋନ୍ନତିରେ ପକ୍ଷପାତିତା, ସରକାରୀ ଅତ୍ୟାଚାର, ସାମାଜିକ ବିଶୃଙ୍ଖଳା ପ୍ରଭୃତି ଆଚରଣ ଆହୁରି ପ୍ରସାରିତ ହୋଇ ଚାଲିଛି ସିନା କମିବାର କୌଣସି ଲକ୍ଷଣ ନାହିଁ । ତେଣୁ ଐତିହାସିକ ଦୃଷ୍ଟିକୋଣରୁ ଏହାର ଆଲୋଚନା ଫଳପ୍ରଦ ଦିଗ୍‌ଦର୍ଶନ ସୃଷ୍ଟି କରିବ ବୋଲି ଆଶା ।

ବର୍ତ୍ତମାନ ସୁଦ୍ଧା ପୁରୁଣା 'ବିଲାତ ଡାଏରି' ବହିର ଆବଶ୍ୟକତା ରହିଛି ବୋଲି ମୋର ବନ୍ଧୁମାନେ ବିଚାର କରୁଥିବା ଯୋଗୁ ଏହାର ପୁନଃ ପରୀକ୍ଷଣ କରାହେଲା ।

ପ୍ରଥମେ 'ବିଲାତ ଡାଏରି'ରେ ସେବା ବିଷୟବସ୍ତୁ ସହିତ ଆଉ କିଛି ଅନୁଭୂତି ମଧ ସଂଯୋଜିତ ହୋଇଛି । ଫଳରେ ଏଠାରେ ବିଲାତ ଅନୁଭୂତିର ପୂର୍ଣ୍ଣାଙ୍ଗ ଚିତ୍ର ଦେଖିବାକୁ ମିଳିବ । 'ବିଲାତ ଡାଏରି' ସହିତ ଆମେରିକା, ସୋଭିଏତ୍ ରୁଷ ଓ ଅନ୍ୟାନ୍ୟ ଦେଶ ବିଷୟରେ ମୋର ଯେଉଁ ଲେଖା ସବୁ ପ୍ରକାଶ ପାଇଥିଲା ସେସବୁକୁ ଏକତ୍ର ସଂଯୋଜିତ କରି ଗୋଟିଏ ସଂପୂର୍ଣ୍ଣ ଦେଶ ବିଦେଶ ଅନୁଭୂତି ସମ୍ବଳିତ ଗ୍ରନ୍ଥଟିଏ ପ୍ରକାଶ କରିବାର ଅଭିଳାଷରେ ଏହି ପଦକ୍ଷେପ ନିଆ ହୋଇଛି । ଆଶା, ପାଠକପାଠିକାମାନଙ୍କ ନିକଟରେ ଏହା ଆଦୃତ ହେବ ।

■ ■ ■

Digitized by PPRACHIN, SOA

Digitized by PPRACHIN, SOA

ଏକ

ପ୍ରବେଶ

୧୯୪୬ ଅଗଷ୍ଟ ୩୦ । ଷ୍ଟାଟମୋର ଜାହାଜ ସାଉଥ୍ ହାମ୍ପଟନ୍ (ଇଂଲଣ୍ଡ) ବନ୍ଦରରେ ଭୋର୍ ପାଞ୍ଚଟା ବେଳେ ଆସି ପହଞ୍ଚିଲା । ଗୋଟିଏ ଗୋଳମାଳରେ ମୋ ନିଦ ହଠାତ୍ ଭାଙ୍ଗିଗଲା । କାନ ପାତି ଶୁଣିଲି—ବହୁ କଣ୍ଠୋଚ୍ଚାରିତ ଇଂରେଜ ସଙ୍ଗୀତର ଅସ୍ପଷ୍ଟ ଶବ୍ଦ ଯୋଜନା—ଘଟଣା ଠିକ୍ ବୁଝିପାରିଲି ନାହିଁ; କାରଣ ଆଗରୁ ଜାଣି ନଥିଲି ଯେ ଏତେ ଶୀଘ୍ର ଆମ ଜାହାଜ ଇଂଲଣ୍ଡରେ ପହଞ୍ଚିବ । ଇଚ୍ଛା ହେଲା, ବାହାରେ ଯାଇ ବୁଲିଆସେ, କିନ୍ତୁ ଉଷୁମ କମ୍ବଳ ଭିତରୁ ବାହାରିବାକୁ ଆଦୌ ଭଲ ଲାଗିଲା ନାହିଁ । ସେହିପରି ପଡ଼ିରହିଲି କିଛି ସମୟ; କ୍ରମେ ଚାରିଆଡ଼େ ଗୋଟାଏ ହାଲୋହୋଳର ସୃଷ୍ଟି । ଗୋଳମାଳିଆ ସଙ୍ଗୀତ ଆହୁରି ଜୋର୍‌ରେ ଶୁଣାଗଲା । କୌତୂହଳ ଦମନ କରିନପାରି ଜାହାଜର ଡେକ୍‌ରେ ଆସି ପହଞ୍ଚିଲି । ପାହାନ୍ତିଆ ଶୀତଳ ହାଓ୍ବାରେ ଦେହଟା ଥରିଗଲା । ଚାରିଆଡ଼େ ଗୋଟିଏ ପତଳା କୁହୁଡ଼ି ଝିଲିମିଲି ଧଳା ଚାଦର ପରି ଘେରି ରହିଛି । ଆଖି ମଳି ଚାରିଆଡ଼େ ଚାହିଁ ଦେଖିଲି, କିଛି ଦୂରରେ ଆଉ କେତେଗୁଡ଼ାଏ ଛୋଟ ବଡ଼ ଜାହାଜ— ଡେଙ୍ଗା ଡେଙ୍ଗା କେତେଗୁଡ଼ିଏ କ୍ରେନ୍ କୁହୁଡ଼ି ଭେଦି ଟିକିଏ ଟିକିଏ ଦେଖାଯାଉଛି । ଟିକିଏ ଦୂରରେ ଗୋଟା କେତେକ ଘରର ଆଭାସ ମିଳୁଛି ମାତ୍ର- ସବୁ ଝାପ୍‌ସା, ସବୁ ଅସ୍ପଷ୍ଟ—ପାହାନ୍ତିଆ ରାତିର ଅଧା ସୁପ୍ତ, ଅଧା ଜାଗ୍ରତ ଅନ୍ଧାରିଆ ମନର କେତୋଟି ଭସା ଭସା ସ୍ୱପ୍ନଚିତ୍ର ପରି । ଭାବିଲି, ଆମେମାନେ ନିଶ୍ଚୟ ଇଂଲଣ୍ଡରେ ପହଞ୍ଚିଯାଇଛୁ । ଡେକ୍‌ର ରେଲିଂ ଧରି ଠିଆ ହେଲି— ଝର୍ ଝର୍ ଝର୍ ଝର୍ ଶବ୍ଦରେ ଜାହାଜ ଚାଲିଛି । ଭିତରେ ସୈନିକମାନଙ୍କର ସଙ୍ଗୀତଝଙ୍କାର ଆହୁରି ଗୋଳମାଳିଆ ଓ ମୋଟାଳିଆ ସ୍ୱରରେ ଶୁଣାଯାଉଛି । ବଡ଼ ଇଚ୍ଛା ହେଲା, ଗୀତର ଶବ୍ଦଗୁଡ଼ିକ ଶୁଣିବାକୁ – ଦଳେ ଉପର ଡେକ୍‌ରେ ଠିଆ ହୋଇ ଗୀତ ଗାଉଥିଲେ—ତାଙ୍କ ପାଖକୁ ଯାଇ ଟିକିଏ ଦୂରରେ ଠିଆହେଲି । ସବୁଟା ଧରି ନ ପାରିଲେ ମଧ ବୁଝିବାକୁ ବାକି ରହିଲା ନାହିଁ ଯେ ଦୀର୍ଘ ସମୟ ପରେ ଘରକୁ ଫେରୁଥିବା ସୈନିକମାନେ ମନ ଆନନ୍ଦରେ ଗୀତ ଗାଉଛନ୍ତି, ଇଂଲଣ୍ଡ ବିଷୟରେ —ଇଂଲଣ୍ଡର ପାହାଡ଼, ପର୍ବତ, ହ୍ରଦ, ନଈ, ଗାଁଗଣ୍ଡା, ପ୍ରିୟାପ୍ରୀତି ବିଷୟରେ— Bring back my bonny to me. - ବିଷୟରେ । ଯୁଦ୍ଧ ପରେ ଦେଶକୁ ଫେରୁଛନ୍ତି । ଜୟୀ ସୈନିକ ହିସାବରେ ଛାତି କୁଣ୍ଢେମୋଟ । ମା, ଭଉଣୀ ଓ ପ୍ରେୟସୀଙ୍କୁ ଦେଖିବା ପାଇଁ ଆନନ୍ଦରେ ତାଙ୍କ ପ୍ରାଣ ଉଲୁସି ଉଠୁଛି; ତେଣୁ ମନ ଫୁଲାଣିଆ ଗୀତ ଆରମ୍ଭ କରି ଦେଇଛନ୍ତି ।

ମୋ ମନରେ କେତେ ପ୍ରକାର ଭାବ ଖେଳିଗଲା । ଏମାନେ ଫେରୁଛନ୍ତି ଦେଶକୁ - ମୁଁ ଆସିଛି ବିଦେଶକୁ - ଆଚ୍ଛା, ମୁଁ ଯେତେବେଳେ ଫେରିଯିବି - ବମ୍ବେ ପାଖରେ ଜାହାଜ ପହଞ୍ଚିବ, କି ଗୀତ ଗାଇବି - ଆମର ଭାରତୀୟମାନେ ସବୁ ମିଶି କି ସଙ୍ଗୀତ ଗାଇବେ କାହିଁ କିଛି ତ ମନେ ପଡୁନି - ଯାହାକି ସମସ୍ତେ ମିଳି ଗାଇ ପାରିବୁ ଏପରି ସମସ୍ୱରରେ । କେତେଜଣ ଏପରି ମୁକ୍ତ

Digitized by PPRACHIN, SOA

ପ୍ରାଣରେ ପ୍ରାଣର ସମସ୍ତ ଆବେଗ ଓ ଉଚ୍ଛ୍ୱାସ ସହ ମନ ଖୋଲି ଗାଇ ପାରିବେ ? ତା'ଛଡ଼ା ଆମ· ଭିତରେ କଅଣ ସେପରି ଏକତା ଅଛି ଯେ, ହସି ସହ ଖୁସି ଗୋଟିଏ ସ୍ୱରରେ ମୁକ୍ତ ପ୍ରାଣରେ ସମସ୍ତେ ଏକାଠି ଗାଇପାରିବୁ ! ଧର୍ମଗତ ବିଭିନ୍ନତା, ପ୍ରାଦେଶିକ ଶତ୍ରୁତା ଓ ବିଭିନ୍ନ ଗୋଷ୍ଠୀଗତ ପାର୍ଥକ୍ୟ ଆମମାନଙ୍କୁ ଭିନ୍ନ ଭିନ୍ନ ଶ୍ରେଣୀରେ ବାନ୍ଧି ରଖିଛି । ... ଏପରି ଅନେକ ପ୍ରକାରର ଭାବ ମନଟାକୁ ଦବାଇଦେଲା । ଆଉ ବେଶୀ ସେ ବିଷୟରେ ନ ଭାବି ଯାହା ଆଖି ଆଗରେ ଆସି ପଡୁଛି, ସେ ବିଷୟରେ ମନଟାକୁ ଖେଳାଇବାକୁ ଚେଷ୍ଟା କଲି ।...ସ୍ୱଦେଶ ଭାବନାରେ ବିଷାଦ ଓ ଗାଢ଼ କାଳିମାଭରା ମୋଟା ପରଦା ଭିତରୁ ପୁଣି ଆଉଥରେ ମନଟା ଧୀରେ ଧୀରେ ମୁକ୍ତ ହୋଇଆସିଲା– ପୁଣି ଶୁଣିବାକୁ ପାଇଲି ପ୍ରାଣ ଉଲ୍ଲସିତ ସଙ୍ଗୀତର ଉଚ୍ଛ୍ୱାସ, ଯାହାର ଅବୋଧ ଭାଷା ହୃଦୟର କେଉଁ ସନାତନ ସ୍ୱପ୍ନପୁରୀକୁ ଶିହରାଇ ଦେଲା - ମନୁଷ୍ୟ ହୃଦୟର ସାର୍ବଭୌମ ଜୀବନୀଶକ୍ତିର ବୀଣାତାରରେ ଏହାର ଅର୍ଥ ଯେପରି ବାଜିଉଠିଲା - ଦେଶ କାଳଗତ ସଂକୀର୍ଣ୍ଣ ଧୀଶକ୍ତି କିଛିକ୍ଷଣ ପାଇଁ ଚେତନାହୀନ ହୋଇପଡ଼ିଲା ।

ଓଃ ! ଏହି ତାହାହେଲେ ଇଂଲଣ୍ଡ, ଯାହାର ସଭ୍ୟତା ଗଲା ଦୁଇଶହ ବର୍ଷ ଧରି ସାରା ପୃଥିବୀକୁ ପ୍ରଭାବିତ କରିଛି ଓ ସେଥି ସଙ୍ଗେ ସାରା ମନୁଷ୍ୟ ସମାଜରେ ଭୟ ଓ ଅତ୍ୟାଚାରର ତାଣ୍ଡବଲୀଳା ବି ସୃଷ୍ଟି କରିଛି । ଭାରତବର୍ଷ ପରି ବିରାଟ ଦେଶ- ପାଞ୍ଚ ହଜାର ବର୍ଷର ସଭ୍ୟତା ଓ ସଂସ୍କୃତି ନେଇ ଚାଳିଶି କୋଟି ଲୋକ ଧରି ଏହି କ୍ଷୁଦ୍ର ଦେଶର ପାଦ ତଳେ ସଲାମ କରୁଛି । ଆଖି ଆଗରେ ବିରାଟ ଶୂନ୍ୟତା ମଧରେ ଦୁଇଟି ଦେଶର ଛବି ଭାସିଗଲା । ଇଂଲଣ୍ଡ କ୍ଷୁଦ୍ର ଅଥଚ ସବଳ, ସୁସ୍ଥ, ସତେଜ, ଜୀବନୀଶକ୍ତି-ପରିପୂର୍ଣ୍ଣ, ସଂଘବଦ୍ଧ ଓ ସୁଶୃଙ୍ଖଳିତ ସୈନିକ ପରି ମୁଷ୍ଟିବଦ୍ଧ ତରବାରୀ ଧରି, ଇସ୍ପାତ ପରି ମାଂସପେଶୀସବୁ ଦେଖାଇ, ଛାତି ଫୁଲାଇ, ଗର୍ବ ଓ ଗୌରବରେ ମୁଣ୍ଡ ଟେକି ଠିଆ ହୋଇଛି - ଆଉ ଭାରତବର୍ଷ ବିରାଟ ହେଲେହେଁ ଗରିବ, ଦୁର୍ଭିକ୍ଷକ୍ଲିଷ୍ଟ-ସଭ୍ୟତା ତା'ର ସଂକୀର୍ଣ୍ଣ, ପୁରାତନ ସଂସ୍କୃତି ବିସ୍ମୃତ ଓ କୁସଂସ୍କାରପୂର୍ଣ୍ଣ, କ୍ଷତ-ବିକ୍ଷତ ଜରାବୟବ, ଶିଥିଳ ହସ୍ତ ଓ ମଥାବନତ ହୋଇ ସଲାମ କରୁଛି । କି ତଫାତ୍ ! କାରଣ ? ନା, ସେସବୁ ବିଷୟରେ ଭାବିବାର ସମୟ ବର୍ତ୍ତମାନ ନୁହେଁ; କାରଣ କିଏ ନ ଜାଣେ ? ତଫାତ୍ କିଏ ନ ବୁଝିଛି ?

ଏହି ତେବେ ସେହି ପୃଥିବୀ ବିଖ୍ୟାତ କ୍ଷୁଦ୍ର ଦ୍ୱୀପଟି, ଯାହାର ନାମ ଇଂଲଣ୍ଡ ! ଇଂରେଜ ସୈନିକର ବିଜୟମଣ୍ଡିତ ଇଂଲଣ୍ଡ ! କବିର ପ୍ରାଣପ୍ରିୟ England, My England...କ୍ରମେ କ୍ରମେ କିଛି କିଛି ଗଛପତ୍ର ଦେଖାଗଲା । ଏଠି ସେଠି ଗୋଟାଏ ଦି'ଟା ବଡ଼ ବଡ଼ ଘରର ଧୂଆଁନଳା କୁହୁଡ଼ି ଭେଦି ଆଖି ଆଗରେ ଦିଶିଗଲା । ହଠାତ୍ ମନଟା ଏହି ଘରଗୁଡ଼ିକର ବାସିନ୍ଦାମାନଙ୍କ ପ୍ରତି କୌତୂହଳୀ ହୋଇଉଠିଲା । ଏହି ପୃଥିବୀବିଖ୍ୟାତ ଇଂଲଣ୍ଡର ସାଧାରଣ ଲୋକେ କିପରି ହୋଇଥିବେ ? ଏହା କଅଣ ସମ୍ଭବ ଯେ ଏଠାକାର ସମସ୍ତେ ଆମ ଦେଶର ଗୋରା ଆଇ.ସି.ଏସ୍.ଙ୍କ ପରି ଉଦ୍ଧତ ? ଟମିମାନଙ୍କ ପରି ନିର୍ଦ୍ଦୟ ? ନୀଳଚାଷ ଓ ଚା' ବଗିଚା ପ୍ରଭୃତି ବ୍ୟବସାୟୀଙ୍କ ପରି ରକ୍ତଶୋଷକ ? ନା, ନା, ସେହି ଦେଶର ତ ଫେରେ ଦୀନବନ୍ଧୁ ସି.ଏଫ୍. ଆଣ୍ଡ୍ରୁଜ । କଳ୍ପନାଚକ୍ଷୁରେ ଦେଖିଲି, ଯେପରି ଗୋଟାଏ ବିରାଟ ଜନସ୍ରୋତ ଶୋଭାଯାତ୍ରା କରି ବାହାରିଛନ୍ତି– ଅସଂଖ୍ୟ ସାଧାରଣ କୁଲି, ମଜୁରିଆ, କ୍ଲର୍କ, ମାଷ୍ଟରଙ୍କ ଜନସ୍ରୋତ ଭିତରେ ଚର୍ଚ୍ଚିଲ ଓ ଲିନ୍‌ଲିଥ୍‌ଗୋ, ଆଣ୍ଡ୍ରୁଜ, ଓ୍ୟାଡ଼ସ୍ ଓ୍ୱାର୍ଥ, ସେଲି, ସେକ୍‌ସପିଅର –କ୍ଲାଇବ ଓ ମୁଷ୍ଟିମେୟ ଇଷ୍ଟ ଇଣ୍ଡିଆନ୍ କମ୍ପାନୀର ବଣିକ ଦସ୍ୟୁ– ସମସ୍ତେ ଚାଲିଛନ୍ତି । ସୁବିସ୍ତୃତ ସାଗରବକ୍ଷରେ ଫେନାୟିତ କେତୋଟି ଜଳବୁଦ୍‌ବୁଦ୍ ପରି ଶାସକଶ୍ରେଣୀ–ଲର୍ଡ଼, ବ୍ୟାରେନଙ୍କ ଦଳ ମଧ୍ୟ ଜନତା ଭିତରୁ ମଝିରେ ମଝିରେ ଭାସି ଉଠୁଛନ୍ତି । ଏମାନେ ସାମାନ୍ୟ କେତେଜଣ ହେଲେ ମଧ ପ୍ରଚୁର ସମ୍ପତ୍ତିର ଘନୀଭୂତ ବିଷପାତ୍ରର ଅପ୍ରତିଦ୍ୱନ୍ଦ୍ୱୀ ଅଧିକାରୀ ହୋଇ ସମସ୍ତଙ୍କଠାରୁ ବଳୀୟାନ ହୋଇପଡ଼ିଛନ୍ତି । ବିଷର ତୀବ୍ର ଜ୍ୱାଳାରେ ନିଜ ଦେଶର

Digitized by PPRACHIN, SOA

ଗରିବ ଭାଇଭଉଣୀଙ୍କଠାରୁ ଆରମ୍ଭ କରି ପୃଥିବୀବ୍ୟାପୀ ନିରୀହ ନରନାରୀ ସମସ୍ତେ ଅଚେତନ ହୋଇ ପଡ଼ୁଛନ୍ତି ଓ ସେହି ଅବସରରେ ଏମାନଙ୍କର ଲୁଣ୍ଠନ କ୍ରୀଡ଼ା ମହାଉତ୍ସବରେ ଲାଗିରହିଛି । ପୃଥିବୀ ଅତ୍ୟାଚାରରେ ଶିହରି ଉଠିଛି । ଯୁଦ୍ଧ, ମହାମାରୀ, ଦୁର୍ଭିକ୍ଷ, ଗୃହଯୁଦ୍ଧ ପ୍ରଭୃତି ଧ୍ୱଂସଲୀଳା ଏମାନଙ୍କ ପଶାପାଳିର ଅଭିନବ ପରିଚାଳନା ମାତ୍ର । ସଭ୍ୟତା ପ୍ରଚାର ପଛରେ ଲୁଣ୍ଠନର ନିର୍ମମ ଇତିହାସ—ବାଇବେଲ ସାଙ୍ଗରେ ଶଠତାର ତୀକ୍ଷ୍ଣ ଛୁରିକା; ବିଜ୍ଞାନ ପ୍ରସାର ସାଙ୍ଗରେ ଦାସତ୍ୱର ଶୃଙ୍ଖଳ ପୃଥିବୀକୁ ଦୁର୍ବଳ କରି ପକାଇଛି । ସାମାନ୍ୟ କେତେଜଣ ଦୟାଳୁ ଲୋକସେବକଙ୍କର ପ୍ରକୃତ ଦାନ ଓ ମାନବିକତା ଏମାନଙ୍କର କ୍ରୁର ଅସିମୁନ ଓ ବନ୍ଧୁକ ଗୁଳିରେ କୁଆଡ଼େ ହଜିଯାଇଛି ।

ଧ ଧ ଧ ଧ ଧ ।

ଏଇ ଇଂଲଣ୍ଡର କାର୍ଯ୍ୟକଳାପ କେତେ ପ୍ରକାର ବା ହୋଇ ନଥିବ ! ଏପରି ଏକ ପାହାନ୍ତିଆରେ ହୁଏତ କ୍ଲାଇବ ଠିକ୍ ଏହି ସ୍ଥାନରୁ ଭାରତ ଅଭିମୁଖେ ଯାତ୍ରା କରିଥିବେ । ଠିକ୍ ଏପରି ଏକ ପାହାନ୍ତିଆରେ ହୁଏତ ଟମାସ୍ ହାର୍ଡ଼ି, ସେକ୍ସପିଅର ପ୍ରଭୃତି ତାଙ୍କର ସାହିତ୍ୟ-ଜଗତର ଅମର ନାୟକନାୟିକାଙ୍କ ସହିତ ମୁହାଁମୁହିଁ ହୋଇ ବସି ମନ ବିଶ୍ଳେଷଣ କରୁଥିଲେ— ୱାର୍ଡ଼ସୱାର୍ଥ, ସେଲି, କିଟ୍‌ସଙ୍କ ପ୍ରାଣ ମାନବୀୟ ବେଦନାରେ ପୂରି ଉଠୁଥିଲା ।...

ଏହି ସେ ଇତିହାସ ପ୍ରସିଦ୍ଧ ଇଂଲଣ୍ଡ- ଯାହାର ପ୍ରଧାନ ନଗରୀ ଲଣ୍ଡନ ଆଜି ପର୍ଯ୍ୟନ୍ତ ପୃଥିବୀର ବାଣିଜ୍ୟ ଓ ସଂସ୍କୃତିର କେନ୍ଦ୍ର ରୂପେ ପରିଗଣିତ ହୋଇ ଆସୁଥିଲା ଏବଂ ଯାହାର କୂଟନୀତି ଓ ତରବାରୀ ଭୟରେ ସାରା ପୃଥିବୀ ସଙ୍କୁଚିତ ହୋଇ ରହିଥିଲା । ଦୁଇଟି ପୃଥିବୀ ଯୁଦ୍ଧ ପରେ ତାହାର ପ୍ରଭାବ ଆଜି ବହୁତ କ୍ଷୁଣ୍ଣ ହୋଇଛି । ଯେଉଁ ଦେଶର ରକ୍ତରେ ଏହା ପରିବର୍ଦ୍ଧିତ ଓ ପରିପାଳିତ ହୋଇଥିଲା, ସେହି ଦେଶର ଦୁର୍ବଳ, ରୁଗ୍ଣ ଓ ନିସ୍ତେଜ ମଣିଷମାନେ ସେମାନଙ୍କୁ ନୂତନ ସମର ପ୍ରାଙ୍ଗଣରେ ଆହ୍ୱାନ କରିଛନ୍ତି ।... ଗତ କେତେ ଶହ ବର୍ଷର ଅବିଚ୍ଛିନ୍ନ ଅଭ୍ୟୁଦୟ ପରେ ଆଜି ଏହି ଦେଶର ଜନସାଧାରଣ ଓ ଚର୍ଚ୍ଚିଲ ପ୍ରଭୃତି ଶାସକଗୋଷ୍ଠୀ କିପରି ଭାବରେ ସମୟ କଟାଉଛନ୍ତି, ଏସବୁ ଦେଖିବାର ଇଚ୍ଛା ପ୍ରବଳ ହୋଇଉଠିଲା । ଗୃହ ପ୍ରତ୍ୟାଗତ ବିଜୟୀ ଯୋଦ୍ଧାଙ୍କର ଗୀତ ଶୁଣି ଯେଉଁ ସ୍ୱଦେଶ କାତରତା ମନ ଭିତରେ ଦେଖା ଦେଇଥିଲା, ତାହା କ୍ରମେ କ୍ରମେ ଦୂର ହୋଇଗଲା ଓ ଅନେକ ପ୍ରକାର କୌତୂହଳରେ ମନ ଆଲୋଡ଼ିତ ହେଲା ।

ଧ ଧ ଧ ଧ ଧ ।

ଜାହାଜରୁ ଓହ୍ଲାଇ ରେଳଗାଡ଼ିରେ ଆସି ବସିଲୁ—କିଛି ସମୟ ପରେ ରେଳ ଦ୍ରୁତଗତିରେ ଲଣ୍ଡନ ଅଭିମୁଖରେ ଛୁଟିବାକୁ ଆରମ୍ଭ କଲା । ରାସ୍ତାର ଦୁଇ କଡ଼ରେ ବହୁତ ରକମର ଛୋଟ ବଡ଼ ଗଛ ସୂର୍ଯ୍ୟ କିରଣରେ ଚିକ୍ ଚିକ୍ କରୁଥାଏ । ଆମ ଦେଶ ପରି ଅନେକଟା ଲାଗୁଥାଏ; କିନ୍ତୁ କ୍ରମେ କ୍ରମେ ତଫାତଟା ସ୍ପଷ୍ଟ ହୋଇଉଠିଲା- ଯେଉଁଆଡ଼େ ଦେଖିବ କୋଠାଘର—ବଡ଼ ସାନ ମିଶାମିଶି; ଦୋତାଲାରୁ କେହି ପ୍ରାୟ ଛୋଟ ନୁହେଁ—ଚାରିଆଡ଼େ କଳକାରଖାନାମାନଙ୍କରୁ ଧୂଆଁ ଅବିରତ ବାହାରୁଛି । ଚିକ୍ ଚିକ୍ ପିଚ୍‌ରୋଡ଼ରେ କେତେ ରକମର ଟ୍ରକ୍, ବାସ୍, କାର୍ ଅବିରାମ ଗତିରେ ଛୁଟିଛି । ଆକାଶରେ ଚିଲ ପଇତରା ମାରିଲା ପରି ଦଳେ ଦଳେ ଉଡ଼ାଜାହାଜ ଉଡ଼ିବୁଲୁଛନ୍ତି — କେଉଁଠି କ୍ରିକେଟ ଖେଳ ହେଉଛି ତ ଅନ୍ୟ କେଉଁଠି ଫୁଟବଲ୍, ଟେନିସ୍ ପ୍ରଭୃତି ଖେଳ ଲାଗିଛି । ପାର୍କସବୁ ଲୋକାରଣ୍ୟ — ସ୍ତ୍ରୀ ପୁରୁଷ ମନଖୁସିରେ ବୁଲୁଛନ୍ତି । ଚାରିଆଡ଼େ ବଳିଷ୍ଠ ଜୀବନର ଗୋଟାଏ ବିରାଟ ସ୍ପନ୍ଦନ ଯେପରି ଲାଗି ରହିଛି । ଆମ ଦେଶରେ ରେଳରେ ଯାଉଥିବା ବେଳର ଦୃଶ୍ୟଠାରୁ ଏହା ନିଶ୍ଚୟ ବହୁତ ଫରକ । ଅସ୍ଥିକଙ୍କାଳସାର କୃଷକ ଜରାଜୀର୍ଣ୍ଣ ଗୋରୁ ନେଇ କୌଣସିମତେ ମାଟି ଉଖାରୁ ନାହିଁ କି ମ୍ୟାଲେରିଆ ଓ ଅନ୍ୟାନ୍ୟ ରୋଗଗ୍ରସ୍ତ ଦୁର୍ବଳ ଶିଶୁଦଳଙ୍କର କରୁଣ ନଗ୍ନ ରୂପ ରେଳ ଝରକା ଭିତରୁ ଦେଖାଯାଉ ନାହିଁ; ମାତୃଜାତିର ନିଷ୍ପ୍ରଭ ଚାହାଣି ମଳିନ

Digitized by PPRACHIN, SOA

ବସନ ଭେଦି ସମାଜ ବିରୁଦ୍ଧରେ ଅଯଥା ପ୍ରତିବାଦ ଜଣାଉନାହିଁ । ମୋଟା ମୋଟି ଭାବରେ ମନେହୁଏ, ସେମାନେ ଯେପରି ପ୍ରାଣର ସମସ୍ତ ସରସତା ନେଇ ଜୀବନ ସ୍ରୋତରେ ଆଗେଇ ଚାଲିଛନ୍ତି; ଆଉ ଆମେମାନେ ଅର୍ଦ୍ଧମୃତ ଭାବରେ କୌଣସିମତେ ଗଡ଼ିଚାଲିଛୁ ମୃତ୍ୟୁକବର ଆଡ଼େ । ଅବଶ୍ୟ ଆମ ଦେଶର ଅନେକେ କହନ୍ତି ଯେ ଆମ ପଲ୍ଲୀରେ ଯେପରି ଶାନ୍ତି ଅଛି, ତାହା ଆଉ କୌଣସି ଦେଶରେ ନାହିଁ । ହୁଏତ ଆମ ପଲ୍ଲୀରେ ଦିନେ ଶାନ୍ତି ଥିଲା; କିନ୍ତୁ ଆଜି କାହିଁ ସେ ଶାନ୍ତି ! ଯେଉଁ ପୁରପଲ୍ଲୀରେ ବର୍ଷସାରା ହଇଜା, ବସନ୍ତ, ମ୍ୟାଲେରିଆ ପ୍ରଭୃତି ରୋଗ ଲାଗିରହିଛି-ଯେଉଁ ପଲ୍ଲୀର ଅଧିକାଂଶ ଲୋକେ ଦୁଇ ବେଳା ମୁଠାଏ ଖାଇବାକୁ ପାଆନ୍ତି ନାହିଁ, ସେଠି କିପରି ସୁଖଶାନ୍ତି ଥାଇପାରେ ? ସହରବାସୀ ବାବୁ ସାହେବମାନଙ୍କ କବିତାରେ ହିଁ ଏକପ୍ରକାର ସୁଖଶାନ୍ତି ଦେଖିବାକୁ ମିଳେ ।

ଏହିପରି ଅନେକ ପ୍ରକାର ଚିନ୍ତାଧାରା ମନକୁ ଆଲୋଡ଼ିତ କରୁଥିବା ବେଳେ ରେଳଟା କେତେବେଳେ ଆସି ଲଣ୍ଡନ ସହରର ୱାଟର୍‌ଲୁ ଷ୍ଟେସନ୍‌ରେ ଥମ୍ କରି ଠିଆ ହୋଇଗଲା । ଲୋକ ଗହଳିରେ ଷ୍ଟେସନ୍ ଯେପରି ଭାଙ୍ଗି ପଡୁଥାଏ । ଚାରିଆଡ଼େ ଖାଲି ଜନତା—ସ୍ତ୍ରୀ ପୁରୁଷ, ପିଲାପିଲି—କୁଲି, ମଜୁରିଆ, କ୍ଲର୍କ, ମାଷ୍ଟର, ପୋଲିସ୍, ଗାଡ଼ିଚାଳକ ଇତ୍ୟାଦି—ଖାଲି ମଣିଷ— ଯେଉଁଆଡ଼େ ଦେଖିବ ମଣିଷ । ଲଣ୍ଡନ ସହରର ପ୍ରାୟ କୋଟିଏ ଲୋକଙ୍କର ବିରାଟ ସମୁଦ୍ରର ଉପକୂଳରେ ଆସି ପହଞ୍ଚିଛି— ଏ ବିଶାଳ ଜନତା ଗର୍ଭରେ ଝମ୍ପ ଦେବାକୁ ନିଜକୁ କାହିଁକି ହଠାତ୍ ଅସହାୟ ମନେହେଲା—ମୋର ବ୍ୟକ୍ତିତ୍ୱର ଅସ୍ତିତ୍ୱ ଯେପରି ହଠାତ୍ ଲୋପ ହୋଇଗଲା । କଟକର ଧୂଳିଧୂସର ରାସ୍ତା ମନେ ପଡ଼ିଲା-ପ୍ରତ୍ୟେକ ଜରାଜୀର୍ଣ୍ଣ କୋଠା ଯେପରି ମୋ ମନ ଭିତରେ ଆସି ଉଙ୍କି ମାରିଲେ-ଯେଉଁଆଡ଼େ ଯିବ ଗୋଟାଏ ପରିଚିତ ଭାବ— ସମସ୍ତେ ଯେପରି ଅତି ଆପଣାର; ଏପରି ପରିସ୍ଥିତିରେ ତେଣୁ ବ୍ୟକ୍ତିତ୍ୱର ଅସ୍ତିତ୍ୱ ଉପଲବ୍ଧି କରିହୁଏ । ଏଠାକାର ଏ ବିରାଟ ଜନତା ଦେଖି ମନେହେଲା, ଯେପରି ଏହା ଗୋଟାଏ ପ୍ରକାଣ୍ଡ ଲୌହରାକ୍ଷସର ଗତିଶୀଳ, କିନ୍ତୁ ପ୍ରାଣହୀନ ଯାନ୍ତ୍ରିକ ଅଙ୍ଗପ୍ରତ୍ୟଙ୍ଗ—ହସ ଅଛି, କିନ୍ତୁ ସ୍ନେହ ନାହିଁ—କଥା ଅଛି, କିନ୍ତୁ ଉଦ୍ଦେଶ୍ୟ ନାହିଁ— ଭଦ୍ରତା ଅଛି କିନ୍ତୁ ସହାନୁଭୂତି ନାହିଁ... ମନଟା କିଛି କ୍ଷଣ ପାଇଁ ନିଜ ଦେଶ ପ୍ରତି ଆକୃଷ୍ଟ ହୋଇପଡ଼ିଲା – ''ଥାଆନ୍ତା ଯଦି ମୋର ବିହଙ୍ଗ ପକ୍ଷ, ଲଘି ଭୀଷଣ ଗିରି ସାଗର ବକ୍ଷ, ଦେଖନ୍ତି ପ୍ରିୟଜନ ମୁଖ-କମଳ, ହୁଅନ୍ତା ଏ ସନ୍ତପ୍ତ ପ୍ରାଣ ଶୀତଳ ।'' କବିତାଟି ମନେ ପଡ଼ିଲା । ନା, ନା, ପଛକୁ ଚାହିଁବା ଅର୍ଥ ପରାସ୍ତ—ଆଗକୁ ଆଗକୁ ଚାଲିବାହିଁ ଜୀବନର ଧର୍ମ... ।

■■■

Digitized by PPRACHIN, SOA

ଦୁଇ

ଚିଠି

ସାତ ସମୁଦ୍ର ତେର ନଦୀ ଆର ପାଖୁ ଖଣ୍ଡେ ଚିଠି ପାଇଲି, ଗୋପବନ୍ଧୁ ଶ୍ରାଦ୍ଧସଂଖ୍ୟା ସମାଜ ସକାଶେ କିଛି ଲେଖିବାକୁ । କଅଣ ଲେଖିବି କିଛି ଠିକ୍ କରିପାରିଲି ନାହିଁ । ଗୋପବନ୍ଧୁଙ୍କୁ ମୁଁ ଦେଖିନାହିଁ କି ତାଙ୍କ ସଙ୍ଗରେ ଦିନେ ଦୁଇଦିନ କିମ୍ବା ଗୋଟିଏ ସନ୍ଧ୍ୟା କଟାଇ ନାହିଁ; ତେଣୁ ନିଜର ଅନୁଭୂତି ବିଷୟରେ ବି କିଛି ଲେଖିବାର ଉପାୟ ନାହିଁ । ତାଙ୍କର ଲେଖାଲେଖିରୁ ଓ ଅନ୍ୟମାନଙ୍କର ବ୍ୟକ୍ତିଗତ ଅନୁଭୂତିରୁ ଯାହା ପାଇଛି, ସେଥିରୁ ଖାଲି ଏତିକି ବୁଝିପାରିଛି ଯେ, ମହାମାନବ ଗୋପବନ୍ଧୁ ଦରିଦ୍ର ଓଡ଼ିଶାର ଗୋଟିଏ ଜମାଟବନ୍ଧା ଦୀର୍ଘଶ୍ୱାସ । ଅଭିଶପ୍ତ ଜାତିର ଦୀର୍ଘଶ୍ୱାସ ବାହାର ଦୁନିଆ ଆଗରେ ପହଞ୍ଚିବାର ନୁହେଁ; ତେଣୁ ଗୋପବନ୍ଧୁଙ୍କର ଅକାଳ ମୃତ୍ୟୁ ହୋଇଛି । ଅଭାବଗ୍ରସ୍ତ ଦୁଃଖିନୀ ଓଡ଼ିଶାର ଗୋଟିଏ ବୁକୁଫଟା ପ୍ରତୀକ (Symbol) ଛଡ଼ା ମୁଁ ତାଙ୍କୁ ଅନ୍ୟ ହିସାବରେ ଦେଖିବାକୁ ସୁବିଧା ପାଇନାହିଁ; ତେଣୁ ତାଙ୍କ ବିଷୟରେ କିଛି ଲେଖିବାକୁ ମୁଁ ପ୍ରୟାସ କରିବି ନାହିଁ । ଲଣ୍ଡନ ସହରରେ ବସି ସେହି ଲୋକଲୋଚନ ଅଗୋଚର ଓଡ଼ିଶା ବିଷୟରେ ମୋର ଯେଉଁ କେତୋଟି ଧାରଣା ପ୍ରତିମୁହୂର୍ତ୍ତରେ ମନ ଭିତରେ ଉଠେ, ସେହି ବିଷୟରେ ପଦେଅଧେ ଲେଖିବି ବୋଲି ଭାବୁଛି ।

ଲଣ୍ଡନରେ ଯେତେବେଳେ ବିଶିଷ୍ଟ ଇଂରେଜ ଲୋକଙ୍କ ସହିତ ଦେଖାହୁଏ, ସେମାନେ ପଚାରନ୍ତି - ଭଦ୍ରତା ଖାତିରିରେ ହେଉ କିମ୍ବା ପ୍ରକୃତ ଜାଣିବା ଅଭିଳାଷରେ ହେଉ– "What part of India you come from ?" (ଭାରତର କେଉଁ ଅଞ୍ଚଳରୁ ଆପଣ ଆସିଛନ୍ତି ?) ମୁଁ କହେ– 'ଓଡ଼ିଶା' । ଭଦ୍ରଲୋକ ଅପ୍ରସ୍ତୁତ ହୋଇ ଯାଆନ୍ତି; କିଛି ସମୟ ଲାଗି– ଭାବନ୍ତି ବୋଧହୁଏ, ଆହା କାହିଁକି ପଚାରିଲି । ତାପରେ ଧଡ଼ପଡ୍ ହୋଇ କହନ୍ତି, ''କ୍ଷମା କରିବେ, ମୋର ଭୂଗୋଳବିଜ୍ଞାନ ବଡ଼ କମ୍ । ମୁଁ କେବେ ଭୂଗୋଳରେ ଭଲ କରି ନଥିଲି ।''

ମୁଁ କିନ୍ତୁ ଅସଲ କଥାଟା ବୁଝିପାରେ । ମୋର ଛାତିଟା ଧକ୍ କରି ଉଠେ, ମନଟା ମରିଯାଏ । ବୁଝାଇବାକୁ ଚେଷ୍ଟା କରେ– ପୂର୍ବୋପକୂଳ—ମାଡ୍ରାଜ ଓ ବଙ୍ଗଳା ମଝିରେ– ଭାରି ଚମତ୍କାର ସ୍ଥାନ– ଖୁବ୍ ଭଲଭଲ ଜାଗା ସବୁ ଅଛି ଇତ୍ୟାଦି ଇତ୍ୟାଦି । ହୁଏତ ବହୁତ ବେଶୀ କହି ପକାଏ, ବୁଝିପାରେ ନିଜର ଭୁଲ୍- ଦେଖେ ଭଦ୍ରଲୋକଙ୍କର ବିଶେଷ କିଛି ଇଚ୍ଛା ନାହିଁ ଏତେ ବିଷୟ ଶୁଣିବାରେ– ଚୁପ୍ ହୋଇଯାଏଁ । ଆଜିଯାଏ କେହି ଜଣେ କହି ନାହାନ୍ତି ଯେ ''ଓଃ, ଓଡିଶା, ହଁ ହଁ, ବେଶ୍ ଜାଗା ।'' (ପ୍ରଶ୍ନକର୍ତ୍ତାଙ୍କ ମଧ୍ୟରୁ ଅବଶ୍ୟ ଅଧିକାଂଶ ଭାରତରେ କିଛିଦିନ କାମ କରିଛନ୍ତି– ଯୁଦ୍ଧ ସମୟରେ)

---

* *୧୯୪୭ ଗୋପବନ୍ଧୁ ଶ୍ରାଦ୍ଧ ସଂଖ୍ୟା 'ସମାଜ' ଲାଗି ଲିଖିତ ଚିଠି । ଗତ କେତେ ବର୍ଷ ଭିତରେ ଏ ଚିଠିର ତାତ୍ପର୍ଯ୍ୟରେ କୌଣସି ପରିବର୍ତ୍ତନ ହେବା ଉଚିତ ବୋଲି ମନେ ହୁଏ ନାହିଁ । ତେଣୁ ଏହା ଅପରିବର୍ତ୍ତିତ ଅବସ୍ଥାରେ ପୁଣି ପ୍ରକାଶିତ ହେଲା ।*

Digitized by PPRACHIN, SOA

ଥରେ ଜଣେ କହିଲେ, ''ହଁ ହଁ, ମୁଁ ଜାଣେ କଟକ ସହରର ନାଁ'' – ମୁଁ ଆନନ୍ଦରେ ଅଧୀର ହୋଇ ପଚାରିଲି, ''କିମିତି ଲାଗିଲା ? ବେଶ୍ ଜାଗା ନୁହେଁ ? ଦୁଇ ଆଡ଼େ ନଈ– କି ଚମତ୍କାର !'' ସେ କହିଲେ, ''ଓଃ, ମୁଁ ଶୁଣିଛି; ଯାଇ ନାହିଁ । ମୋର ଜଣେ ବନ୍ଧୁ ସେବାଟେ ମାନ୍ଦ୍ରାଜ ଯାଉଥିଲେ ଯେ କହୁଥିଲେ ।'' ମନଟା ଦବିଗଲା – କଥା ଆଉ ଜମାଇ ପାରିଲି ନାହିଁ ।

ଏତ ଗଲା ଇଂରେଜମାନଙ୍କର କଥା; କିନ୍ତୁ ଆମ ଭାରତୀୟମାନଙ୍କର ଯେ ବିଶେଷ ଜ୍ଞାନ ଅଛି ଓଡ଼ିଶା ବିଷୟରେ, ତା ନୁହେଁ । ଶିକ୍ଷିତ ଲୋକେ ଖାଲି ଜାଣନ୍ତି ଯେ, ଓଡ଼ିଶା ବୋଲି ଗୋଟିଏ ପ୍ରଦେଶ ଅଛି । ଆଉ ଅଶିକ୍ଷିତ ଲୋକେ କିଛି ବୁଝିପାରନ୍ତି ନାହିଁ । ମୋର ମନେ ଅଛି ଲକ୍ଷ୍ନୌ, ମଥୁରା, ଦିଲ୍ଲୀ ପ୍ରଭୃତି ଆଡ଼େ ସାଧାରଣ ଲୋକେ ଖାଲି 'ଜଗନ୍ନାଥ ଦେଶ' ବୋଲି କହିଲେ ବୁଝନ୍ତି । 'ଓଡ଼ିଶା' ନାମ କେବେ ଶୁଣି ନାହାନ୍ତି । ଅନେକ ସମୟରେ ସେମାନଙ୍କ ଉପରେ ରାଗ ହୁଏ – ମୂର୍ଖଗୁଡ଼ାକ କିଛି ଜାଣନ୍ତି ନାହିଁ; କିନ୍ତୁ ଏଟା କ'ଣ ତାଙ୍କର ଦୋଷ ? ସେମାନେ ଜାଣିବେ କିପରି ? ଆମେମାନେ ଜଣାଇବା ସକାଶେ କ'ଣ କରିଛେଁ ଯେ ସେମାନେ ଜାଣିବେ ? ଜବାହାରଲାଲଙ୍କ Discovery of India ଭାରତ ବିଷୟରେ ଗୋଟିଏ ପ୍ରସିଦ୍ଧ ବହି କହିଲେ ଚଳେ । ସେଥିରେ ସେ କେତେ କଥା ଲେଖିନାହାନ୍ତି ? ଏପରିକି ଗୋଟିଏ ଗୋଟିଏ ପ୍ରଦେଶର ଗୋଟିଏ ଗୋଟିଏ ପରିବାର ବିଷୟରେ ଲେଖିବାକୁ ଛାଡ଼ିନାହାନ୍ତି; କିନ୍ତୁ ଓଡ଼ିଶାର ସର୍ବୋତ୍କୃଷ୍ଟ କଳା ବିଷୟରେ ପଦେ ସୁଦ୍ଧା କହି ନାହାନ୍ତି ! ଭାରତବର୍ଷରେ ବ୍ରିଟିଶ ରାଜତ୍ୱ ସମୟରେ ଯେଉଁସବୁ ଦାରୁଣ ଦୁର୍ଭିକ୍ଷ ହୋଇଛି, ସେ ସବୁ ବର୍ଣ୍ଣନା କରିଛନ୍ତି– ଅଥଚ ଓଡ଼ିଶାର 'ନଅଙ୍କ' ବିଷୟରେ ପଦେ ସୁଦ୍ଧା କହି ନାହାନ୍ତି । ଜବାହାରଲାଲଙ୍କ ପରି ପଣ୍ଡିତ ଓ ହୃଦୟବାନ୍ ଲୋକ ମଧ୍ୟ ଏ ବିଷୟରେ କିଛି ଲେଖିବାର ସୁବିଧା ପାଇ ନାହାନ୍ତି; ତା'ର କାରଣ କ'ଣ ତାଙ୍କର କ୍ଷୁଦ୍ରତା, ନା ଆମର ଅପାରଗତା ? କେତେ ଜଣ ଜାଣନ୍ତି, ଆମର କଳା ଏତେ ଉତ୍କୃଷ୍ଟ ? କେତେଜଣ ଭୁବନେଶ୍ୱର, କୋଣାର୍କ ଦେଖିଛନ୍ତି ? ଆମେ କ'ଣ କରିଛୁ ସେମାନଙ୍କୁ ଦେଖାଇବାରେ ? କେତେକ ବିଜ୍ଞାପନରେ ମଝିରେ ମଝିରେ ନାଁ ଶୁଣିବାକୁ ପାଉଁ, କିନ୍ତୁ ତା' ଛଡ଼ା ଅଧିକ କ'ଣ କରାହୋଇଛି ? ଅନେକେ କୋଣାର୍କ ଅଛି ବୋଲି ଜାଣନ୍ତି ନାହିଁ– ଯେଉଁମାନେ ବା ଜାଣନ୍ତି, ସାହସ କରି ବାହାରନ୍ତି ନାହିଁ । ବିଶେଷ କୌତୂହଳ ନ ହେଲେ କିଏ ରାଜି ହେବ ଥରେ ଚନ୍ଦ୍ରଭାଗା ଯାଇ ମୁହଁ ରଙ୍ଗ କରି ଆସିବାକୁ ? ଆମ ଓଡ଼ିଶାରୁ ତ ଅଧିକାଂଶ ଶିକ୍ଷିତ ଲୋକ ଦେଖି ନଥିବେ । ଯେଉଁମାନେ ଦେଖିଛନ୍ତି ଦୁଇପଦ ଶୁଷ୍କ ବିତଣ୍ଡା ଛଡ଼ା ବିଶେଷ କିଛି କହିପାରୁ ନାହାନ୍ତି । କେତେ ଜଣ ଓଡ଼ିଆ ନିଜର କଳା, ଅତୀତର ଗୌରବରେ ଉତ୍‌ଫୁଲ୍ଲ ହୋଇ ବାହାରକୁ ଦେଖାଇବାକୁ ଚେଷ୍ଟା କରିଛନ୍ତି ଯେ ଓଡ଼ିଶା ଛୋଟ ନୁହେଁ, ଓଡ଼ିଶାର ଅତୀତ ଥିଲା, ଓଡ଼ିଶାର ସଭ୍ୟତା ଖୁବ୍ ଉପରକୁ ଉଠିଥିଲା, ଓଡ଼ିଆ ପୁଅର ଗର୍ବ କରିବାର ଖୁବ୍ ଅଛି । ଯେଉଁମାନେ ଭାବୁଛନ୍ତି, ସେମାନେ ଖାଲି ସ୍ୱପ୍ନ ଦେଖିବା ଛଡ଼ା ଆଉ କିଛି କରିବାର ପ୍ରୟାସ କରି ନାହାନ୍ତି । ଲଣ୍ଡନ ସହରରେ ବସି ମୋର ଏହି କଥାଟି ପ୍ରତିଦିନ ମନେ ପଡୁଛି– କାହିଁକି ନା ଏଠି ଯେଉଁଆଡ଼େ ଯିବ ଇଂରେଜ ଜାତିର ଜାତୀୟ ଜାଗରଣ ପ୍ରକାଶ ପାଉଛି । ଏପରି କୌଣସି ଦର୍ଶନୀୟ ଜାଗା ନାହିଁ, ଯେଉଁଠି କୌଣସି ପ୍ରସିଦ୍ଧ ଇଂରେଜ ଜାତୀୟ ବୀରର ପ୍ରତିକୃତି ଛାତି ଫୁଲାଇ ଠିଆ ହୋଇନାହିଁ । ଅଧିକାଂଶ ବଡ଼ ବଡ଼ ରାସ୍ତା ଇତିହାସ ପ୍ରସିଦ୍ଧ ଲେଖକ, କବି କିମ୍ୱା ଯୋଦ୍ଧାମାନଙ୍କ ନାମ ଅନୁସାରେ ନାମକରଣ କରାହୋଇଛି । ଖାଲି ସେତିକି ନୁହେଁ, ହଜାର ହଜାର ଦୋକାନରେ ସେମାନଙ୍କର ଛବି ଓ ଜୀବନୀ ବିକ୍ରି ହେଉଛି । ଯେ ଥରେ ବୁଲି ଆସିବ, ତାର ଇଂଲଣ୍ଡ ଜାତିର ବିଷୟରେ ମୋଟାମୋଟି ଗୋଟାଏ ଧାରଣା ହୋଇଯିବ । ପ୍ରତି ମୁହୂର୍ତ୍ତରେ ସେ ଅନୁଭବ କରିବ ଯେ, ଏ ଜାତିର ଜୀବନ ଅଛି – ଏହାର ବର୍ତ୍ତମାନ ଯେପରି ଉଜ୍ଜ୍ୱଳ, ଅତୀତ ବି ସେହିପରି ଉନ୍ନତ ଥିଲା । କିନ୍ତୁ ଆମେ କ'ଣ କରିଛେଁ ? ଗୋପବନ୍ଧୁଙ୍କର ମୂର୍ତ୍ତିକୁ

Digitized by PPRACHIN, SOA

ବଡ଼ଦାଣ୍ଡର ଧୂଳିରେ ଅପମାନିତ କରିବା ଛଡ଼ା ଆଉ କଅଣ କରିଥାଉଁ ? କଟକ ସହରରେ ପହଞ୍ଚି ଲୋକେ କଅଣ ଦେଖିବେ ? କଟକର ହୋଟେଲରେ ଅନ୍ଧାରିଆ ବଖରାରେ ରହି, ତେଲ ଚିକିଟା ମଇଳା ଗାମୁଛା ପିନ୍ଧା ପୂଝାରୀ ହାତରୁ ଖାଇ, ବଜାରର ଦୁର୍ଗନ୍ଧ ନଳା ଓ ନଦୀ କୂଳର ମଳମୂତ୍ର ଗନ୍ଧରେ ଅତିଷ୍ଠ ହୋଇ ରିକ୍ସାରେ ବସି ଷ୍ଟେସନ୍ ଫେରିବା ଛଡ଼ା ଆଉ କ'ଣ ଦେଖିବେ ? ତେବେ ସେ ବା କଣ ଜାଣିବେ— ଗୋପବନ୍ଧୁ, ରାଧାନାଥ, ଉପେନ୍ଦ୍ର ଭଞ୍ଜ, ଖାରବେଳ ପ୍ରଭୃତି ମହାମାନବଙ୍କ ବିଷୟରେ ? ଯଦି ଭଦ୍ରଲୋକ ଖୁବ୍ କଳ୍ପନାବିଳାସୀ ହୋଇଥାଆନ୍ତି, ତାହେଲେ ମହାତ୍ମା ବାଲୁ (ବାଲୁବଜାର), କବି ଚୌଧୁରୀ ଓ ଯୋଦ୍ଧା ବକ୍ସିମାନଙ୍କ ବିଷୟରେ ଦୁଇ ଚାରି ପଦ କଳ୍ପନା କରିପାରନ୍ତି ।

ଅନେକ ସମୟରେ ମୋ ମନରେ ପ୍ରଶ୍ନ ଉଠେ— ଆମର ଅଭାବ କେଉଁଠି ? ଆମର ଅତୀତ ଯେତେବେଳେ ଏତେ ଉଜ୍ଜ୍ୱଳ ଥିଲା, ବର୍ତ୍ତମାନ କାହିଁକି ପୁଣି ସେହି ଗୌରବ ଫେରି ନ ଆସିବ ? ଆମେ ଅନ୍ୟାନ୍ୟ ସଭ୍ୟ ଜାତିଠାରୁ କେଉଁ କେଉଁ ଗୁଣରେ ତଫାତ୍ ? ଆମ ଜାତିର କଅଣ ସୃଜନ କ୍ରିୟା ଚିରକାଳ ଲାଗି ଶେଷ ହୋଇଯାଇଛି ? ପୂର୍ବକାଳର କୁସଂସ୍କାର ଓ ଶୁଷ୍କ ଅସ୍ଥିଚର୍ମ ଭିତରେ କ'ଣ ଆମମାନଙ୍କର ଲୋପ ହିଁ ହେବ— ଉଠିବାର ଉପାୟ ନାହିଁ, କି ଶକ୍ତି ନାହିଁ ?

ଏହାର ପୂରାପୂରି ଉତ୍ତର ଦେବା ବଡ଼ କଠିନ ହେଲେ ହେଁ କେତୋଗୋଟି ଜିନିଷ ଆଖି ଆଗରେ ଜଳଜଳ ଦେଖାଯାଏ — ଯାହାକି ଅବନତିର ମୂଳ କାରଣ ବୋଲି ମନେହୁଏ । ଇଂରେଜ ଜାତିର ଆଧିପତ୍ୟ ପଛରେ ଯେଉଁ ବିରାଟ ଜାତୀୟ ଭିତ୍ତି ରହିଛି, ତାହା ସହିତ ଆମ୍ଭମାନଙ୍କର ଜାତୀୟ ତଥା ସାମାଜିକ ଅବସ୍ଥା ତୁଳନା କଲେ ବହୁତ ପ୍ରଭେଦ ଦେଖିବାକୁ ମିଳେ । ଅବଶ୍ୟ ମୁଁ କହୁ ନାହିଁ ଯେ, ଇଂରେଜମାନଙ୍କର ସବୁ ଜିନିଷ ଭଲ ଆଉ ଆମମାନଙ୍କର ସବୁ ଖରାପ । ଆମର ବି ଅନେକ ଭଲ ଗୁଣ ଅଛି, ଆଉ ସେମାନଙ୍କର ବହୁତ ଖରାପ ଗୁଣ ଅଛି— ସେ ବିଷୟରେ ଶେଷ ସିଦ୍ଧାନ୍ତ କରିହେବ ନାହିଁ; କିନ୍ତୁ ଯେଉଁ କେତୋଟି ଗୁଣ ଉପରେ ଜାତିର ସମୃଦ୍ଧି ନିର୍ଭର କରେ, ସେସବୁ ଆମ ସମାଜରେ ନାହିଁ । ଆମର ପୁରାତନ ଇତିହାସ ଖୋଜି ବସିଲେ ଦେଖୁଁ ଦିନେ ହୁଏତ ସେସବୁ ଥିଲା; କିନ୍ତୁ ବର୍ତ୍ତମାନ ହରାଇ ବସିଛୁ । ଆଉ ଆମର ସେହି ପୁରାତନ ସାମାଜିକ ନୀତି ବର୍ତ୍ତମାନ ଯୁଗର ରୀତି ସହିତ ଖାପ ଖାଇବ ନାହିଁ । ଉଦହାରଣ ସ୍ୱରୂପ ଆମ ଜାତିଭେଦ ପୂର୍ବକାଳରେ କିପରି ଥିଲା ଓ ତାହାର ଉପକାରିତା କି ଅପକାରିତା କଅଣ ଥିଲା, ସେ ବିଷୟରେ ମୁଁ କହିବାକୁ ଯାଉ ନାହିଁ । ବର୍ତ୍ତମାନ ସମାଜରେ ତାହାର କି ବିଷମୟ ଫଳ, ସେ ବିଷୟରେ ଭାବିଲେ ଆମେମାନେ ଦେଖୁ ଯେ ଆମ ସମାଜର ଗୋଟିଏ ଅଙ୍ଗ ଯେପରି କ୍ରମେ ସଢ଼ିଯାଉଛି; ଆଉ ଯେତେଦିନ ଯାଏଁ ଏହା ସମାଜରେ ରହିବ, ସମାଜ କେବେ ବଳୀୟାନ ହୋଇପାରିବ ନାହିଁ ।

ଅନେକ କହନ୍ତି, ଇଂରେଜ ସମାଜରେ ବି ଧନୀ, ଦରିଦ୍ର ପ୍ରଭୃତି ଶ୍ରେଣୀ ରହିଛି । ହଁ, ରହିଛି; ସବୁ ଦେଶରେ ଅଛି, ଆମ ଦେଶରେ ମଧ୍ୟ ଏହା ହୁଏତ ଆହୁରି ଖରାପ ଭାବରେ ଅଛି । କିନ୍ତୁ ଏ ପ୍ରକାର ଶ୍ରେଣୀ ବିଭାଗ ଆମର ପତିତ ଓ ବ୍ରାହ୍ମଣଙ୍କ ଭିତରେ ଯେଉଁ ପ୍ରଭେଦ ସୃଷ୍ଟି କରିଛି, ସେପରି ନୁହେଁ । ଆମର ଉଚ୍ଚଜାତିର ଲୋକମାନେ ଗୋଟିଏ ଶ୍ରେଣୀକୁ ଯେପରି ଭାବରେ ରଖିଛନ୍ତି, ଭାବିଲେ ବାସ୍ତବିକ ଦୁଃଖ ହୁଏ, ଅନ୍ୟ ଆଗରେ କହିବାକୁ ଲାଜ ଲାଗେ । ମନୁଷ୍ୟକୁ ମନୁଷ୍ୟ ଏତେ ଛୋଟ କରି ଦେଖିବ ? ଏତେ ଘୃଣା କରିବ ? ତେବେ ତାର ଉନ୍ନତି କେଉଁଠାରେ ? ହିନ୍ଦୁମାନଙ୍କର ଏହି ମନୋଭାବ ଯୋଗୁଁ ଆଜି ଏତେ ସଂଖ୍ୟାନ୍ୟୂନ ଜାତିଗତ ସମସ୍ୟା ଉଠିଛି । ମୁସଲମାନମାନଙ୍କର ସଂଖ୍ୟା ବଢ଼ିଚାଲିଛି, ଖ୍ରୀଷ୍ଟିଆନ ଧର୍ମ ବଢୁଛି । ଅବଶ୍ୟ ଧର୍ମ ହିସାବରେ ଗ୍ରହଣ କରିବା ଅଲଗା

Digitized by PPRACHIN, SOA

କଥା କିଂତୁ ଜାତି ଗତ ଯନ୍ତ୍ରଣା ଓ ତିକ୍ତ ବିଦ୍ୱେଷ ସହି ନ ପାରି ଅନ୍ୟ ଧର୍ମ ଗ୍ରହଣ କରିବା ଆଉ ଗୋଟେ କଥା । ଏହାର ଫଳ ବଡ଼ ବିଷମୟ ହୁଏ, ପ୍ରତିଶୋଧର ଇଚ୍ଛା ବଢ଼େ—ତା' ଫଳରେ ଆଜିକାଲିର ଅଶାନ୍ତି । ଏହାଦ୍ୱାରା ଯେ ଆମର ପରସ୍ପର ପ୍ରତି ଅସହିଷ୍ଣୁତା ଓ ତିକ୍ତତା ବଢୁଛି, ଏଥିରେ ସନ୍ଦେହ ନାହିଁ । ଏହା ପଛରେ ଧର୍ମର ଅଭାବ ରହିଛି । ଅସଲ ମୂଳ ଧର୍ମ ଦେଖିଲେ ଏସବୁ ମିଳିବ ନାହିଁ; କିନ୍ତୁ ଯୁଗଯୁଗର କୁସଂସ୍କାରର ଯେଉଁ ଚେର ମାଡ଼ି ବସିଛି, ତାକୁ ଆମ ସମାଜ ଛିଣ୍ଡାଇ ପାରୁନାହିଁ । ଆଉ ଯେତେଦିନ ଯାଏ ଏହି କୁସଂସ୍କାର ସବୁ ଧ୍ୱଂସ ନ ପାଇଛି, ଜାତିର ଭବିଷ୍ୟତ ଅନ୍ଧକାରମୟ ।

ଇଂରେଜମାନଙ୍କ ଭିତରେ ପରସ୍ପର ପ୍ରତି ଯେଉଁ ସମ୍ମାନ ରହିଛି, ତାହା ଆମର ଶିକ୍ଷଣୀୟ । ଯେତେ ବଡ଼ ଲୋକ ହେଉ, ତାର ଚାକରକୁ ଯେଉଁ ସମ୍ମାନ ଦେଖାଏ, ତାହା ଆମ ସମାଜରେ କଳ୍ପନାତୀତ । ମୁଁ କହୁନାହିଁ ଯେ କେହି ଖରାପ ବ୍ୟବହାର କରନ୍ତି ନାହିଁ ବୋଲି, କିନ୍ତୁ ମୋର କହିବାର ଉଦ୍ଦେଶ୍ୟ ହେଉଛି ଯେ, ଆମ ଭିତରେ ଯେଉଁ ଉଚ୍ଚ ନୀଚ ଭାବ— ଯାହାକି 'ତୁ' 'ତା' 'ରେ' 'ରା'ରେ କିମ୍ବା ଦୂରରେ ରଖିବାରେ ପ୍ରକାଶ ପାଇଥାଏ, ସେପରି ମନୋଭାବ ଏଠି ଦେଖିବାକୁ ମିଳେ ନାହିଁ । ତେଣୁ ସମଗ୍ର ସମାଜ ଦରକାର ପଡ଼ିଲେ ଏକ ହୋଇ କାମ କରିଯାଆନ୍ତି । ଏମାନଙ୍କ ଭିତରେ ଯେତେ ବିବାଦ, ସବୁ ରାଜନୈତିକ କିମ୍ବା ଆଦର୍ଶଗତ; କିନ୍ତୁ ଆମ ଭିତରେ ଶ୍ରେଣୀଗତ ଓ ଗୋଷ୍ଠୀଗତ, ତେଣୁ ସମାଜ ଭିତରେ ଦୃଢ଼ତା ଓ ଏକତା ଆସିପାରିବ ନାହିଁ । ସମାଜ ଏକତା ଅର୍ଜନ କରି ବାହାରର ଜାତି ବିରୁଦ୍ଧରେ ଠିଆ ହୋଇପାରିବ ନାହିଁ— ଯେପରି ଶତଛିଦ୍ର ଗୋଟିଏ କାଠଖଣ୍ଡ ନିଦା ଓ ମଜଭୁତ କାଠଗଡ଼ ଆଗରେ ତୁଳନୀୟ ନୁହେଁ ।

ଆଉ ଗୋଟିଏ ଗୁଣ ହେଉଛି କର୍ତ୍ତବ୍ୟ ପରାୟଣତା ଓ ଶୃଙ୍ଖଳା ଜ୍ଞାନ । ଇଂରେଜ ଜାତି ଏହି ଗୁଣ ଦୁଇଟି ଏତେ ଚମତ୍କାର ଭାବରେ ହାସଲ କରିପାରିଛି ଯେ, ଦେଖିଲେ ବଡ଼ ଆନନ୍ଦ ଓ ଆଶ୍ଚର୍ଯ୍ୟ ଲାଗେ । ଆମର ଯୁବକ ବଡ଼ ଫୁଲାଫାଙ୍କିଆ, ସବୁ କଥା ହେଳାରେ ହେଳାରେ କଟାଇ ଦିଅନ୍ତି । କିମିତି ଅଳ୍ପ ପରିଶ୍ରମ କରି ଠକିଦେବା ବା କିଏ ନ ଦେଖୁଥିଲେ ମନଇଚ୍ଛାରେ କାମଟାକୁ ଠାସ୍‌କୁ ମାରି ତୁଲେଇ ନେବା—ଏଟା ହେଉଛି ଆମ ଜାତିର ଲକ୍ଷଣ; କିନ୍ତୁ ଏମାନଙ୍କ ଭିତରେ ଏହା ଦେଖିବାକୁ ମିଳେ ନାହିଁ । କାର୍ଯ୍ୟ କ୍ଷେତ୍ରରେ ସାଧାରଣ ସାଧୁତା ବାସ୍ତବିକ ବଡ଼ ପ୍ରଶଂସନୀୟ ।

ମୋର ମନେ ଅଛି—ମୁଁ ଥରେ ଗୋଟିଏ ଇଂରେଜ ପରିବାର ସହିତ ଲଞ୍ଚ୍ (ମଧ୍ୟାହ୍ନ ଭୋଜନ) ଖାଉଥିଲି । ସେତେବେଳକୁ ଇଲେକ୍‌ଟ୍ରିକ୍ ଜିନିଷ ବ୍ୟବହାର କରିବାକୁ (୧୧ଟା ଠାରୁ ୩ଟା ଭିତରେ) ମନା ହୋଇଥାଏ କୋଇଲା ଅଭାବରୁ । ସ୍ତ୍ରୀ ଓ ସ୍ୱାମୀ ଦୁଇଜଣଯାକ ରକ୍ଷଣଶୀଳ ଦଳଭୁକ୍ତ (ସରକାରର ବିରୁଦ୍ଧ ଦଳ) । ସ୍ତ୍ରୀ ବିରକ୍ତ ହୋଇ ବିଦ୍ୟୁତ୍ ଚୁଲିକୁ ଯାଇ ଜଳାଇ ବସିଲା । ସ୍ୱାମୀ ବି ଭାରି ବିରକ୍ତ ହେଉଥାଏ ସରକାର ଉପରେ; କିନ୍ତୁ ସଙ୍ଗେ ସଙ୍ଗେ ଯାଇ ଲିଭାଇ ଦେଇ କହିଲା, "ସରକାର ବିରୁଦ୍ଧ ଦଳ ହେଲେ ସୁଦ୍ଧା ଜାତି ଯେତେବେଳେ ବିପଦରେ ପଡ଼ିଛି, ଆମର ସାହାଯ୍ୟ କରିବାର କଥା । କାହାର କ୍ଷତି ହେବ ? ଲୋକମାନଙ୍କର ସିନା !" ମୁଁ ବାସ୍ତବିକ ଆଶ୍ଚର୍ଯ୍ୟ ହୋଇଗଲି । ଆଉ କି କୃତକାର୍ଯ୍ୟତାର ସହିତ ସାରା ଦେଶର ଲୋକେ ସରକାର ନିୟମ ମାନି ଚଳିଲେ ! ଠିକ୍ ଘଣ୍ଟା କଣ୍ଟାକୁ ଚାହିଁ କାମ କରୁ ଥାଆନ୍ତି । ଅଥଚ ମୁଁ ଜାଣେ, ଜଣେ ଆମ ଆଡ଼ର ଲୋକ ଏଠାରେ ଘର ଭିତରେ ବିରାଟ ବିଦ୍ୟୁତ୍ ନିଆଁ ଜାଳି ବୁଲି ଯାଇଥାଆନ୍ତି ସେହି ସମୟ ଭିତରେ । ମୁଁ ଯେତେବେଳେ ବିରକ୍ତ ହେଲି, ସେ କହିଲେ, "ଓ, କିଏ ଖାତିରି କରେ ଏସବୁ ନିୟମ !" ଏପରି ମନୋଭାବ ପଛରେ ଜାତୀୟ ଉନ୍ନତି ଓ ଅବନତି ବହୁତ ନିର୍ଭର କରେ ।

ବର୍ତ୍ତମାନ ଏମାନଙ୍କର କୋଇଲାର ବହୁତ ଅଭାବ; ତେଣୁ ବହୁତ କାମ ବାକି ପଡ଼ିଛି । ସରକାର ଖୁବ୍ ଆବେଦନ ନିବେଦନ କରୁଛନ୍ତି କୋଇଲା ଉତ୍ପାଦନ ବଢ଼ାଇବା ଲାଗି । କାଗଜରେ

Digitized by PPRACHIN, SOA

ପଢ଼ିଲି ଯେ, ଖରାଛୁଟିରେ ପାଞ୍ଚ ହଜାର ଛାତ୍ର କୋଇଲାଖଣିରେ ଯାଇ କାମ କରିବା ସକାଶେ ଦରଖାସ୍ତ କରିଛନ୍ତି । ହଠାତ୍ ମନେ ହେଲା, ଆମ ଦେଶରେ କେତେଟା ଛାତ୍ର ବାହାରିବେ ? ଏହି ଯେ ମନୋବୃତ୍ତି, ଏହା ପଛରେ କି ଜାତୀୟ ଜାଗରଣ ରହିଛି, ତାହା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ମୁଷ୍ଟିମେୟ ଲୋକ ଯେ ଚାଳିଶି କୋଟି ଲୋକଙ୍କ ଉପରେ ରାଜତ୍ୱ କରୁଅଛନ୍ତି, ସେଥିରେ ଆଶ୍ଚର୍ଯ୍ୟ ହେବାର କଅଣ ଅଛି ?

ଆଉ ଗୋଟିଏ ପ୍ରଧାନ ପ୍ରଭେଦ ଦେଖିବାକୁ ମିଳେ: ନାରୀ ସ୍ୱାଧୀନତା । ଆମ ଦେଶର ମାତୃ ଜାତିକୁ ଆମେମାନେ ଯେପରି ରଖିଛୁ, ସେଥିରେ କୌଣସି ଜାତି ଉଧେଇ ପାରିବ ନାହିଁ । ଦେଶର ବହୁତ ଶକ୍ତି ଅପଚୟ ଘଟୁଛି । 'ମାଈକିନିଆ ଝିଅ ଚୁଲିମୁଣ୍ଡକୁ'– ନୀତିକୁ ଯେତେଦିନ ଯାଏ ଆମେ ମାନି ଚଳିବୁ, ସେତେ ଦିନ ଯାଏ ଆମ ସମାଜର ଗଣ୍ଠି ଭିତରର କାନସର ଘା' ଶୁଖିବ ନାହିଁ । ଅନେକେ କହନ୍ତି, ସ୍ତ୍ରୀ ଲୋକମାନେ ଇଚ୍ଛାନୁସାରେ ରାସ୍ତାରେ ବୁଲିଲେ ସର୍ବନାଶ ଘଟିବ । ଏହା ସପକ୍ଷରେ ବହୁତ ଯୁକ୍ତି ଦେଖିବାକୁ ମିଳେ; କିନ୍ତୁ ଆଜିକାଲିର ଉନ୍ନତ ଜାତିମାନଙ୍କୁ ଭଲଭାବେ ପରୀକ୍ଷା କରି ଦେଖିଲେ ତାହା କିପରି ଭୁଲ୍, ଆମେ ବୁଝିପାରିବା । ସମାଜର ଗୋଟିଏ ବଳିଷ୍ଠ ଅଙ୍ଗକୁ ଆମେମାନେ ଜେଲ୍ ଭିତରେ ପୂରାଇ ରଖିଛୁ– ପ୍ରତ୍ୟେକ ପୁରୁଷ ଜେଲ୍ ରକ୍ଷକ ବୋଲି ମୋତେ ମନେହୁଅନ୍ତି । ଅନେକ ସମୟରେ ସାଧାରଣ ମନୁଷ୍ୟୋଚିତ ଅଧିକାର ଓ ସୁବିଧା ବି ସେମାନଙ୍କୁ ଦେଉ ନାହୁଁ, ଅଥଚ ସେମାନେ ଆମ ଭବିଷ୍ୟତ ଜାତିର ଜନନୀ ! ତେବେ ଆମର ଜାତି ଉଧେଇବ କିପରି ? ଏଠି ସ୍ତ୍ରୀ ଲୋକମାନଙ୍କର ସାଧାରଣ ଘରକାମ ଓ ସନ୍ତାନପାଳନ ପ୍ରଭୃତି ଗୃହ କାର୍ଯ୍ୟସବୁ ଦେଖିଲେ ଭାରି ଆଶ୍ଚର୍ଯ୍ୟ ହେବାକୁ ହୁଏ । କି ପରିଷ୍କାର ସବୁ କଥାରେ, ଆଉ ଛୁଆମାନଙ୍କୁ କି ଚମତ୍କାର ବୈଜ୍ଞାନିକ ପ୍ରଣାଳୀରେ ଲାଳନପାଳନ କରନ୍ତି ! ଏସବୁ ନାରୀମାନଙ୍କର ଶିକ୍ଷା ଓ ସାମାଜିକ ଅଧିକାର ଯୋଗୁଁ ସମ୍ଭବ ହୋଇପାରିଛି । ଦୁଇ ଦେଶର ଶିଶୁମଙ୍ଗଳ ତୁଳନା କଲେ ଶିକ୍ଷାର ଉପକାରିତା ସହଜେ ବୁଝିହେବ । କଲେଜର ପୁରୁଷ ଓ ସ୍ତ୍ରୀମାନଙ୍କ ଭିତରେ କି ସୁନ୍ଦର ମିଳାମିଶା–ଏଥିରେ ଆମ ଦେଶ କଲେଜ ଛାତ୍ରମାନଙ୍କ ପରି କୁତ୍ସିତ ମନୋଭାବ ନାହିଁ । କାନ୍ଥରେ ଅଶ୍ଳୀଳ କଥା ତ ମୁଁ ଆଜିଯାଏ କେଉଁଠି ଦେଖିବାକୁ ପାଇନାହିଁ । ପ୍ରିନ୍ସିପାଲଙ୍କ ଆଗରେ ଏପରି ଗୋଟିଏ ହେଲେ ଘଟଣା ରିପୋର୍ଟ ହେବାର ତ ଦେଖୁନାହିଁ । ଏମାନଙ୍କ ଭିତରେ ପରସ୍ପର ପ୍ରତି ଯେଉଁ ସମ୍ମାନ ଓ ସୌହାର୍ଦ୍ଦ୍ୟ ଅଛି, ତାହା ଆମ ଛାତ୍ରମାନଙ୍କ ଠାରେ ନାହିଁ । ତାହାର କାରଣ ଆମ ଛାତ୍ରମାନେ ବହୁତ ରକମର ସାମାଜିକ ଓ ମାନସିକ ଚାପ ଓ ଅବଦମିତ ମାନସିକତା ଭିତରେ କାମ କରିଥାଆନ୍ତି । ସେମାନେ ସ୍ୱାଧୀନତା ଅଭାବରୁ ସରଳ ଭାବରେ ମିଶିପାରୁ ନାହାନ୍ତି । ଏହାର ପ୍ରଚ୍ଛନ୍ନ ମାନସିକ ପ୍ରଭାବ ସମାଜକୁ ଅନେକ ପ୍ରକାରରେ ପ୍ରଭାବିତ କରିଥାଏ ।

ଏହିପରି ଅନେକ ପ୍ରଭେଦ ଦେଖିବାକୁ ମିଳେ, ଯାହାକି ଆମ ସମାଜକୁ ଚାପି ରଖିଛି ! ତେବେ ମୋର ମନେହୁଏ, ଆମେ ଚେଷ୍ଟା କଲେ ସେସବୁ ଅତି ସହଜରେ ଉଡ଼ାଇ ଦେଇପାରିବା । ଆମର ସାଧାରଣ ଲୋକେ ଗରିବ ଓ ନିରକ୍ଷର ହେଲେ ମଧ୍ୟ ଆମ ଦେଶରେ ଯୁଗ ଯୁଗ ଧରି ଯେଉଁ ସଂସ୍କୃତି ଚାଲିଆସିଛି, ତାହା ଏକାବେଳେକେ ଲିଭିଯାଇ ନାହିଁ; ଖାଲି ବାହାରର ଆବର୍ଜନା ତାକୁ ଘୋଡ଼ାଇ ରଖିଛି । ଆମର ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା ଏମାନଙ୍କଠାରୁ ବହୁ ଗୁଣରେ ଭଲ; କିନ୍ତୁ ଆମ ଗାଁ'ରେ ପ୍ରତ୍ୟେକ ଘର ଦୁଆର ମୁହଁରେ ଗାଈ ବନ୍ଧା ହେଉଛି–ଗୋବର ଗନ୍ଧରେ ନାକ ଫାଟି ପଡୁଛି । ରାସ୍ତାଘାଟରେ ଖାଇବା ଅସମ୍ଭବ; ଘରେ ମାଛି ଗଣଗଣ ବେଢ଼ି ଯାଉଥିଲେ ସୁଦ୍ଧା ଆମର ପରବାଏ ନାହିଁ–ଏହିପରି ଅନେକ କଥା । ଖାଲି ଶିକ୍ଷା ଅଭାବରୁ ଏପରି ଘଟୁଛି । ଆମର ଛାତ୍ର ସମାଜ ଖୁବ୍ ବୁଦ୍ଧିମାନ୍ ଓ ଭଦ୍ର । ଉପଯୁକ୍ତ ନେତା ଅଭାବରୁ ସେମାନେ ଏପାଖ ସେପାଖ ହେଉଛନ୍ତି । ପ୍ରକୃତ ନେତୃତ୍ୱ ପାଇଲେ ସେମାନେ ଅସମ୍ଭବକୁ ସମ୍ଭବ କରିପାରିବେ ।

Digitized by PPRACHIN, SOA

ଶିକ୍ଷକତାରୁ ମୋର ଯାହା ଅଭିଜ୍ଞତା ହୋଇଛି, ସେଥିରେ ଛାତ୍ରସମାଜ ଉପରେ ମୋର ଖୁବ୍ ବିଶ୍ୱାସ– ମୋତେ ସେମାନଙ୍କୁ ଖୁବ୍ ଭଲ ଲାଗିଛି । ସେମାନେ ଖାଲି ଅପେକ୍ଷା କରି ରହିଛନ୍ତି– ସୁବିଧା ପାଇଲେ ବହୁତ କାମ କରିପାରିବେ । ଅନେକ ସମୟରେ ବୃଥା ଭାବନା ହୁଏ– ଗୋପବନ୍ଧୁ ବଞ୍ଚିଥାଆନ୍ତେ କି ?

ତେବେ ମୁଁ ନିରାଶ ନୁହେଁ । ମୋର ଅନୁରୋଧ, ଗୋପବନ୍ଧୁଙ୍କ ଶ୍ରାଦ୍ଧ ଦିବସରେ ଦେଶର ଯୁବକମାନେ ପ୍ରତିଜ୍ଞା କରନ୍ତୁ ଯେ ପ୍ରତ୍ୟେକେ ପ୍ରତିଦିନ ଘଣ୍ଟାଏ କରି ଦେଶ ଲାଗି କାମ କରିବେ । ଯେ କୌଣସି କାମ– ଆଖି ବୁଲାଇଲେ କାମର ଅଭାବ ନାହିଁ–ନିରକ୍ଷରକୁ ଅକ୍ଷର ଶିଖାଇବାଠାରୁ ଆରମ୍ଭ କରି ବୈଜ୍ଞାନିକ ଗବେଷଣା ପର୍ଯ୍ୟନ୍ତ ଯେ କୌଣସି ଲୋକହିତକର କାମ ନିଃସ୍ୱାର୍ଥ ଭାବେ କରିବାକୁ ହେବ– ସରକାର ହାତକୁ ଚାହିଁ ରହିଲେ ହେବନାହିଁ । ସରକାର କିଏ ? ଦେଶର ଯୁବକ ତ ସରକାରକୁ ଚଳାଇବ, ଏହି ଦମ୍ଭ ଓ ଗର୍ବର ସହିତ ଯଦି କାମ ଆରମ୍ଭ କରାଯାଏ, ତାହାହେଲେ ଅନେକ କାମ ହୋଇପାରିବ । ଧ୍ୱଂସମୂଳକ ଓ ଗଠନମୂଳକ କାମ ସାଙ୍ଗେ ସାଙ୍ଗେ ଚାଲିବା ଉଚିତ । ସମାଜର ଜଡ଼ତା ଭାଙ୍ଗିବାକୁ ହେବ—ଜାତିଭେଦ ଉଠାଇବାକୁ ହେବ, ମନ୍ଦିରସବୁ ଖୋଲି ଦେବାକୁ ହେବ ସମସ୍ତ ନରନାରୀ ସକାଶେ; ତା ସାଙ୍ଗେ ସାଙ୍ଗେ ସେମାନଙ୍କର ମନକୁ ଉପଯୁକ୍ତ ଖାଦ୍ୟ ଯୋଗାଇ ଦେବାକୁ ହେବ । ହୁଏତ ବହୁତ କଷ୍ଟ ସହିବାକୁ ହେବ; କିନ୍ତୁ ଭୟ କଲେ ଚଳିବ ନାହିଁ । ଭୟ ହେଉଛି ମୃତ୍ୟୁ । ବଞ୍ଚିବାକୁ ହେଲେ କାମ କରିବାକୁ ହେବ । ତା ନ ହେଲେ ଅଳ୍ପ ସମୟ ଭିତରେ ଓଡ଼ିଶାର ସତ୍ତା ଲୋପ ପାଇବ–ପୁଣି ଖଣ୍ଡ ଖଣ୍ଡ ହୋଇ ବିଭିନ୍ନ ପ୍ରଦେଶ ସହିତ ମିଶିଯିବ– ପଡ଼ୋଶୀ ପ୍ରଦେଶମାନଙ୍କ ଶକ୍ତି ଆଗରେ ଦୁର୍ବଳର ପରାଭବ ହେବ । ଇଂରେଜ ରାଜ୍ୟର ବାହୁଛାୟାତଳେ ଅର୍ଦ୍ଧମୃତ ହୋଇ ରହିବାର ସମୟ ଯାଇଛି । ବର୍ତ୍ତମାନ ଖୁବ୍ ଶକ୍ତିଶାଳୀ ହୋଇ ବଞ୍ଚି ରହିବାକୁ ହେବ; ନୋହିଲେ ପୂରାପୂରି ଶେଷ ପାଇଯିବା । ମଝିମଝିଆ ରାସ୍ତା ଆଉ ନାହିଁ । ପ୍ରତ୍ୟେକ ଓଡ଼ିଆ ଥରେ ଭାବନ୍ତୁ, କ'ଣ କରାଯାଇପାରେ–ଅନେକ ରାସ୍ତା ଦେଖାଯିବ । ■ ■ ■

Digitized by PPRACHIN, SOA

ତିନି

ଶିକ୍ଷାଗତ ଅନୁଭୂତି

ମୁଁ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଯେଉଁ ଚିଠି ପାଇଥିଲି, ସେଥିରେ ବି.ଏ. ପାଇଁ ମୋତେ ସ୍ଥାନ ମିଳିଥିଲା, କାରଣ ପାଟଣା ବିଶ୍ୱବିଦ୍ୟାଳୟରେ ଏମ୍.ଏ.ରେ ମାତ୍ର ଦୁଇଟି ମନୋବିଜ୍ଞାନ ପେପର ଥିଲା । ଯଦିଚ ମୁଁ କଲିକତା ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗରେ ଚାରିମାସ କାମ କରିଥିଲି, ତଥାପି ମୁଁ ଏଠାରେ କେବଳ ବି.ଏ. ପାଇଁ ଉପଯୁକ୍ତ ବୋଲି ବିବେଚିତ ହୋଇଥିଲି । ସେଠାରେ ପହଞ୍ଚି ମୁଖ୍ୟ ଅଧ୍ୟାପକଙ୍କ ସହିତ ଦେଖା କଲା ପରେ ମୋତେ ସେମାନେ ଏମ୍.ଏ. ପାଇଁ ରେଜିଷ୍ଟ୍ରି କରିଦେଲେ । ଏମ୍.ଏ.ରେ ଅଧା ଭାଗ ଗବେଷଣାତ୍ମକ କାର୍ଯ୍ୟ ଓ ଆଉ ଅଧା ପରୀକ୍ଷାମୂଳକ ବିଷୟବସ୍ତୁ ରହିଛି । ଏମ୍.ଏ.ପାଇଁ ଗବେଷଣାଲବ୍ଧ ଫଳାଫଳ ବ୍ରିଟିଶ୍ ମନସ୍ତତ୍ତ୍ୱ ପତ୍ରିକାରେ ଏବଂ ଡକ୍ଟରେଟ୍ ଗବେଷଣା ଗୋଟିଏ ପୃଥକ ବହି ଆକାରରେ ପ୍ରକାଶଯୋଗ୍ୟ ହେବାର ମାନ ନିର୍ଦ୍ଦିଷ୍ଟ କରା ହୋଇଥାଏ । ମୁଁ ପୁଣି କିଛିଦିନ ପରେ ଲଣ୍ଡନ ବିଶ୍ୱବିଦ୍ୟାଳୟକୁ ଦରଖାସ୍ତ କଲି ଯେ ମୁଁ ଆଗରୁ ଏମ୍.ଏ.ରେ ପ୍ରଥମ ଶ୍ରେଣୀ ପାଇ ସାରିଛି, କଲିକତାରେ ବିଶେଷ ମନୋବିଜ୍ଞାନ ଶିକ୍ଷା ପାଇଛି; ତେଣୁ ମୋତେ ସିଧା ଡକ୍ଟରେଟ୍ କରିବା ପାଇଁ ଅନୁମତି ମିଳୁ । ମୋ କଥା ବିଚାର ପାଇଁ ତିନିଜଣ ଅଧ୍ୟାପକଙ୍କୁ ନେଇ ଗୋଟିଏ ବିଶେଷଜ୍ଞ କମିଟି ଗଢ଼ାଗଲା । ସେମାନେ ମତ ଦେଲେ ଯେ ଶିକ୍ଷାର୍ଥୀ ଯଦି ମନସ୍ତତ୍ତ୍ୱ ବିଷୟରେ ଯଥେଷ୍ଟ ଜ୍ଞାନ ହାସଲ କରିଛି ବୋଲି ଦାବି କରୁଛି ତା'ହେଲେ ସେ ଲଣ୍ଡନ ବିଶ୍ୱବିଦ୍ୟାଳୟର ଉଚ୍ଚମାନର ଗୋଟିଏ ପରୀକ୍ଷା ଦେଉ ଏବଂ ଏଥିରେ ଯଦି ସେ ଫେଲ୍ କରେ ତା'ହେଲେ ବି.ଏ. ପଢ଼ିବ । ସାଧାରଣ ଭାବରେ ପାଶ୍ କଲେ ଏମ୍.ଏ. ପଢ଼ିବ ଏବଂ ଭଲ ଭାବରେ ପାଶ୍ କଲେ ଡକ୍ଟରେଟ୍ ଛାତ୍ର ଭାବରେ କାମ କରିପାରିବ । ମୋତେ ଏଥିପାଇଁ ତିନିମାସ ସମୟ ଦିଆଗଲା ଏବଂ ଏହି ପରୀକ୍ଷା ପାଇଁ କୌଣସି ପାଠ୍ୟକ୍ରମର ସୂଚନା ମଧ ଦିଆଗଲା ନାହିଁ ଅର୍ଥାତ୍ ମନୋବିଜ୍ଞାନ ବିଷୟରେ ଯେକୌଣସି ପ୍ରଶ୍ନ ସେମାନେ ପରୀକ୍ଷାରେ ପଚାରି ପାରିବେ । ତା'ଛଡ଼ା ପଚାଶଟି ପ୍ରାକ୍ଟିକାଲ୍ କରି କମିଟି ଆଗରେ ଉପସ୍ଥାପିତ କରିବା ପାଇଁ ମୋତେ ନିର୍ଦ୍ଦେଶ ଦିଆଗଲା । ତିନିମାସ ପରେ ମୋର ଶେଷ ପରୀକ୍ଷା ହେବ ।

ଏଥିରେ ମୋର ଉଦ୍‌ବିଗ୍ନତା ବହୁତ ବଢ଼ିଗଲା । ଯୁଦ୍ଧ ସମୟରେ ଭାରତକୁ କୌଣସି ମନସ୍ତତ୍ତ୍ୱ ପତ୍ରିକା ଆସୁନଥିଲା । ତେଣୁ ଏ କ୍ଷେତ୍ରରେ ଆଧୁନିକ ଯୁଗର ଗବେଷଣାତ୍ମକ ବିଷୟବସ୍ତୁ ବିଷୟରେ ମୋର ବ୍ୟାପକ ଜ୍ଞାନ ନଥିଲା । ତେଣୁ ମୋର ଭୟ ଓ ଉଦ୍‌ବେଗ ହେବା କଥା । ସଠିକ୍ ବିଷୟବସ୍ତୁ ନିର୍ଦ୍ଧାରିତ ହୋଇନଥିବାରୁ ଏ ପ୍ରକାର ଭୟର ମାତ୍ରା ଆହୁରି ବଢ଼ିଗଲା । ତା' ଅର୍ଥ ମନସ୍ତତ୍ତ୍ୱରେ ଥିବା ସବୁ ବିଭାଗ ବିଷୟରେ ଜ୍ଞାନ ଆହରଣ ବାଞ୍ଛନୀୟ ବୋଲି ଧରି ନିଆଯାଇଥିଲା । ସେ ତିନିମାସ ମୁଁ ଯେ କି କଠିନ ପରିଶ୍ରମ କରିଛି, ସେ କଥା ଭାବିଲେ ବର୍ତ୍ତମାନ ବିଶ୍ୱାସ ହୁଏନା । ସାରା ଲଣ୍ଡନରେ ଥିବା ବିଭିନ୍ନ କଲେଜରେ ମନସ୍ତତ୍ତ୍ୱ ବିଷୟରେ ଯେତେ ପ୍ରକାର କ୍ଲାସ୍ ହେଉଥିଲା,

Digitized by PPRACHIN, SOA

ସେ ସବୁକୁ ମୋତେ ଯିବାକୁ ପଡୁଥିଲା । ଲଣ୍ଡନରେ ମୋର ଅଢ଼େଇ ବର୍ଷ ରହଣି ଭିତରୁ ଏହି ତିନିମାସ ଭୟଙ୍କର ଉଦ୍‌ବେଗରେ କଟିଥିଲା । ମୁଁ ଆଉ କୁଆଡ଼େ ନ ଯାଇ ଖାଲି କ୍ଲାସ୍ ଓ ଲାଇବ୍ରେରୀରେ ପ୍ରତିଦିନ ବାର- ଚଉଦ ଘଣ୍ଟା କଟାଉଥିଲି । ଯାହା ହେଉ, ତିନିମାସ ପରେ ଯେଉଁ ପରୀକ୍ଷା ହେଲା– ସେଥିରେ ମୁଁ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଡକ୍ଟରେଟ୍ କରିବା ପାଇଁ ଅନୁମତି ପାଇଲି । ସେତେବେଳକୁ ମନସ୍ତତ୍ତ୍ୱ ବିଭାଗରେ ଥିବା ଛାତ୍ରମାନଙ୍କର ପ୍ରିୟ ବିଷୟବସ୍ତୁରେ ଡକ୍ଟରେଟ୍ ଛାତ୍ର ଗ୍ରହଣ ସରି ଯାଇଥିଲା । ମୋତେ ଗୋଟିଏ କଷ୍ଟକର ବିଷୟବସ୍ତୁରେ ଡକ୍ଟରେଟ୍ କରିବା ପାଇଁ ପରାମର୍ଶ ଦିଆଗଲା । ସେ ବିଷୟବସ୍ତୁ ଏତେ କଠିନ ତଥା ଅପ୍ରିୟ ଥିଲା ଯେ ବହୁତ କମ୍ ଛାତ୍ର ଏହାକୁ ବାଛିଥାନ୍ତି । ପୁଣି ତାହା ବହୁତ ପରିସଂଖ୍ୟାନ ଜ୍ଞାନ ଉପରେ ପର୍ଯ୍ୟବସିତ । ମୋର ଏଥିରେ ଭଲ ପ୍ରବେଶ ନଥିଲା, ତଥାପି ଭାବିଲି ମୋ ପରି ଛାତ୍ର ତ ତାକୁ ଆୟତ୍ତ କରୁଛନ୍ତି, ମୁଁ କାହିଁକି ନ ପାରିବି ? ସେଥିପାଇଁ ମୋତେ ଅଧିକ ପରିଶ୍ରମ କରିବାକୁ ପଡ଼ିଲା । କ୍ରମେ କ୍ରମେ ମୁଁ ତା'ର ନିଗୂଢ଼ ତତ୍ତ୍ୱକୁ ଆୟତ୍ତ କରିପାରିଲି ଏବଂ ଏଥିରେ ମୋର ଦକ୍ଷତା ହୋଇଗଲା । ସେ ବିଷୟରେ ନୂଆ ଡକ୍ଟରେଟ୍ ଛାତ୍ରଙ୍କୁ ପଢ଼ାଇବା ଭାର ମୋ ଉପରେ ପଡ଼ିଲା । ଅତି ଅଧିକ ପରିମାଣରେ ପରିଶ୍ରମ କରି ମୋ ତତ୍ତ୍ୱାବଧାରକ ଅଧ୍ୟାପକଙ୍କୁ ସନ୍ତୁଷ୍ଟ କରିପାରିଲି । ସେ ଅନ୍ୟମାନଙ୍କ ସହିତ ମୋତେ ଚିହ୍ନା କରି ଦେଉଥିବା ବେଳେ କହୁଥିଲେ ଯେ ମୁଁ ସେହି ବିରକ୍ତିକର କଠିନ ଗବେଷଣା କାମଟିକୁ କରୁଛି । ଏଥିରେ ମୋର କର୍ମନିଷ୍ଠା ଓ ଆତ୍ମବିଶ୍ୱାସ ବହୁତ ବଢ଼ିଗଲା । ମୁଁ ଗବେଷଣା କାମ ଆରମ୍ଭ କରିବାର ଠିକ୍ ଦୁଇବର୍ଷ ଭିତରେ ଡକ୍ଟରେଟ୍ କାମ ଶେଷ କଲି ଏବଂ ମୌଖିକ ପରୀକ୍ଷାରେ ବହୁତ ପ୍ରଶଂସା ପାଇଲି । ମୋ ସହିତ ଏ କ୍ଷେତ୍ରରେ ଯେଉଁମାନେ ଏମ୍.ଏ. ଏବଂ ଡକ୍ଟରେଟ୍ କରୁଥିଲେ, ସେମାନେ ସମସ୍ତେ ଅକୃତକାର୍ଯ୍ୟ ହୋଇଥିଲେ । ସେମାନଙ୍କୁ ଆଉ ଅଧିକା ଛଅମାସରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ସମୟ ଲାଗି ଯାଇଥିଲା ।

ଅନେକ ସମୟରେ ଡକ୍ଟରେଟ୍ କାମ କରୁଥିବା ଶିକ୍ଷାର୍ଥୀମାନେ ସେମାନଙ୍କର କ୍ଷୁଦ୍ର ପରିସର ଭିତ୍ତିକ କାମରେ ଆବଦ୍ଧ ରହୁଥିବାର ଦେଖାଯାଏ । ମୁଁ ଯେହେତୁ ନିଜେ ଶିକ୍ଷକ, ଜୀବନଯାକ ଶିକ୍ଷକତା କରିବି ଏବଂ ଏହି କାମରେ ମୋର ଅତିଶୟ ଆଗ୍ରହ ଓ ପ୍ରେରଣା ଥିଲା, ତେଣୁ ଲଣ୍ଡନ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆଉ ଯେତେକ ଭଲ କ୍ଲାସ୍ ହେଉଥାଏ, ସେଥିରେ ମୁଁ ଯୋଗ ଦେଉଥିଲି ଏବଂ ଅପର୍ଯ୍ୟାପ୍ତ ଟିପ୍‌ପଣୀ କରୁଥିଲି, କାରଣ ତାହା ଆମ ଦେଶରେ ପାଠ ପଢ଼ାଇବାରେ ଅନେକ ସାହାଯ୍ୟ କରିବ । ଅନ୍ୟାନ୍ୟ କ୍ଲାସ୍‌ରେ ଯୋଗ ଦେବା ଫଳରେ ମନସ୍ତତ୍ତ୍ୱର ବିଭିନ୍ନ ବିଷୟବସ୍ତୁ ଉପରେ ମୋର ବ୍ୟାପକ ଜ୍ଞାନ ଆହରଣ ସମ୍ଭବ ହେଲା । କେବଳ ମନୋବିଜ୍ଞାନ କ୍ଲାସ୍ ନୁହେଁ, ପରିସଂଖ୍ୟାନ, ନୃତତ୍ତ୍ୱ, ସମାଜତତ୍ତ୍ୱ ପ୍ରଭୃତି ମନୋବିଜ୍ଞାନର ପରିପୂରକ ବିଷୟରେ ଅନେକ ବିଶେଷଜ୍ଞମାନଙ୍କ କ୍ଲାସ୍‌ରେ ମଧ୍ୟ ଯୋଗ ଦେଉଥିଲି । ଏହି ଅଢ଼େଇ ବର୍ଷ ଭିତରେ ଜ୍ଞାନର ପରିସର ବୃଦ୍ଧି ନେଇ ମୋ'ଠାରେ ଗଭୀର ଆତ୍ମସନ୍ତୋଷ ଦେଖା ଦେଇଥିଲା । ମନୋବିଜ୍ଞାନ ତଥା ସମାଜ ବିଜ୍ଞାନ କ୍ଷେତ୍ରରେ ସାମଗ୍ରିକ ଭାବରେ ଗୋଟିଏ ପ୍ରକାର ଅନ୍ତର୍ଦୃଷ୍ଟି ସମ୍ଭବ ହୋଇପାରିଥିଲା ।

ଏହା ସହିତ ଜନପ୍ରିୟ ବିଜ୍ଞାନ ସାହିତ୍ୟରେ ମୋର ଆଗ୍ରହ ସୃଷ୍ଟି ହୋଇଥିଲା । ଏହି ବିଷୟକୁ ନେଇ ଲଣ୍ଡନର ନାନା ସ୍ଥାନରେ ବିଶେଷ ଧରଣର ବକ୍ତୃତାମାଳା, ସେମିନାର ଲାଗି ରହିଥାଏ । ମୁଁ ଏ ସବୁ ସଭାରେ ଯୋଗ ଦେଉଥିଲି । ଅଧ୍ୟାପକ ହଲ୍‌ଡେନ୍, ବାର୍ଣ୍ଣଲ୍, ଲେଭି, ବାର୍ଟ୍ରେଣ୍ଡ ରସେଲ୍ ପ୍ରଭୃତି ବୈଜ୍ଞାନିକମାନଙ୍କର ବକ୍ତୃତା ବଡ଼ ଚିତ୍ତାକର୍ଷକ ହେଉଥିଲା । ସେ ସମୟରେ ଜନପ୍ରିୟ ବିଜ୍ଞାନ ବିଷୟରେ ଯେତେ ବହି ମୁଁ କିଣିଥିଲି, ତାହା ମୋ ପିଲାଙ୍କର କାମରେ ଆସିଥିଲା । ଏହା ଫଳରେ ମୋର ପୁଅ, ଝିଅ, ନାତିମାନେ ଏ ଦିଗରେ ଆଗ୍ରହ ଦେଖାଇ ଥିଲେ ଏବଂ ସେମାନଙ୍କର ଜ୍ଞାନର ପରିସର ବହୁତ ବୃଦ୍ଧି ପାଇଥିଲା । ଏଥିରେ ମୁଁ ବିଶେଷ ଭାବରେ ଆନନ୍ଦିତ । ସେମାନଙ୍କ ସହିତ

Digitized by PPRACHIN, SOA

ବହୁତ ବିଷୟରେ ଘଣ୍ଟା ଘଣ୍ଟା ଧରି ଆଲୋଚନା କରିବାରେ ମୋର ବହୁ ସମୟ କଟେ ଏବଂ ଏଥିରେ ମୋ ଜୀବନର ସାର୍ଥକତା ଉପଲବ୍ଧ କରିହୁଏ ।

ସେତେବେଳେ ଇଂଲଣ୍ଡର ଭାରତୀୟ ଛାତ୍ରମାନଙ୍କୁ ମୋଟାମୋଟି ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଦଳେ କେବଳ ଦିନରାତି ପଢ଼ନ୍ତି । ସନ୍ଧ୍ୟାରେ ଫେରି ଆସି ଲୁଙ୍ଗି ପିନ୍ଧି ପରସ୍ପର ଭିତରେ ନିଜ ଚାକିରିର ଉନ୍ନତି ଓ ଅନ୍ୟମାନଙ୍କୁ ନିନ୍ଦା କରିବା କଥାକୁ ହଜାର ଥର ଆଉଡ଼ାଇବାରେ ଆନନ୍ଦ ପାଆନ୍ତି । ଆଉ ଦଳେ ଇଂରେଜ ପିଲାଙ୍କ ସହିତ ସମକକ୍ଷ ହେବା ଅଭିଳାଷ ନେଇ ଝିଅମାନଙ୍କ ସହିତ ମିଶିବା, ମଦ ପିଇବା, ନାଚିବା ପ୍ରଭୃତି ହାହଲ୍ଲା ଭିତରେ ନିଜକୁ ବୁଡ଼ାଇ ରଖନ୍ତି । ପଢ଼ାପଢ଼ିରେ ଆଗ୍ରହ ନଥାଏ । ଏହି ଧରଣର ପିଲାମାନେ ଏପରି ବାଳୁଙ୍ଗା ହୋଇଯାଆନ୍ତି ଯେ ଅନେକଙ୍କର ବାପ, ମା କିମ୍ବା ସ୍ତ୍ରୀ ଶେଷରେ ବାଧ ହୋଇ ଇଂଲଣ୍ଡରେ ଯାଇ ପହଞ୍ଚନ୍ତି ଏମାନଙ୍କୁ ଉଦ୍ଧାର କରିବା ପାଇଁ । ଏମାନେ ସେଠାକାର ସମାଜରେ ପ୍ରବେଶ କରିବା ପାଇଁ ଯେଉଁ ପ୍ରକାରର ଶସ୍ତା ବ୍ୟବହାର ଦେଖାନ୍ତି, ସେଥିପାଇଁ ସେଠାକାର ଛାତ୍ରଛାତ୍ରୀମାନେ ମଧ୍ୟ ଅସନ୍ତୁଷ୍ଟ ହୁଅନ୍ତି । ଆଉ କେତେକ ଏ ଦୁଇ ଶ୍ରେଣୀୟ ପିଲାଙ୍କଠାରୁ ତଫାଦ୍ । ସେମାନେ ପଢ଼ନ୍ତି, ସାଂସ୍କୃତିକ କାର୍ଯ୍ୟକଳାପରେ ଯୋଗ ଦିଅନ୍ତି, ବକ୍ତୃତା, ସେମିନାର, କନ୍‌ଫରେନ୍ସରେ ଯୋଗ ଦିଅନ୍ତି, ମନକୁ ଖୋଲା ରଖନ୍ତି । ଏମାନଙ୍କ ସଂଖ୍ୟା କମ୍ ହେଲେ ମଧ୍ୟ ଏହିମାନେ ହିଁ ଭାରତୀୟଙ୍କ ବିଷୟରେ ଖୁବ୍ ଭଲ ଧାରଣା ସୃଷ୍ଟି କରିଥାନ୍ତି । ଆମ ଓଡ଼ିଶାରୁ ଯାଇଥିବା ଅଧିକାଂଶ ଛାତ୍ର ପ୍ରଥମ ଶ୍ରେଣୀଭୁକ୍ତ । ଜଣେ ଦୁଇଜଣକୁ ଛାଡ଼ିଦେଲେ ଇଂଲଣ୍ଡରେ ପ୍ରତିବର୍ଷ ହେଉଥିବା ବିଖ୍ୟାତ ବିଜ୍ଞାନ କଂଗ୍ରେସକୁ ମଧ୍ୟ ବିଜ୍ଞାନରେ ଡକ୍ଟରେଟ୍ କରୁଥିବା ଛାତ୍ରମାନେ ଯାଆନ୍ତି ନାହିଁ, ଯଦିଚ ଅନ୍ୟ ଭାରତୀୟ ଛାତ୍ରମାନେ ଏଥିରେ ବହୁ ସଂଖ୍ୟାରେ ଯୋଗ ଦେବାର ଦେଖାଯାଏ । ଗୋଟିଏ ବର୍ଷ ଏହି କଂଗ୍ରେସରେ ଡକ୍ଟର ବ୍ରଜ ବିହାରୀ ପଟ୍ଟନାୟକ ଓ ପରବର୍ଷ ଡକ୍ଟର ଦୟାନିଧି ପଟ୍ଟନାୟକଙ୍କୁ ଦେଖିଥିଲି । ଏଥିପାଇଁ ଭାରତ ସରକାରଙ୍କ ତରଫରୁ ଅଧିକ ଖର୍ଚ୍ଚ ଦିଆଯାଉଥିଲେ ସୁଦ୍ଧା ଓଡ଼ିଶାର ଛାତ୍ରମାନେ ଯାଆନ୍ତି ନାହିଁ । ■ ■ ■

Digitized by PPRACHIN, SOA

ଚାରି

ରାଜନୈତିକ ଚେତନା ଓ ମହାମାନବୀୟ ଦିଗ୍‌ଦର୍ଶନ

ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ୍ ଲାଭ କରିବା ନିଷ୍ଚିତ ଭାବେ ମୋ ଜୀବନର ଗୋଟିଏ ବିଶେଷ କୃତିତ୍ୱ । କିନ୍ତୁ ଏହାଛଡ଼ା ଏହି ଲଣ୍ଡନ ରହଣି ସମୟରେ ଆଉ ଗୋଟିଏ ବିରାଟ ଦିଗ୍‌ଦର୍ଶନ ମୋ ଜୀବନରେ ଦେଖା ଦେଇଥିଲା, ଯାହାକି ମୋର ଭବିଷ୍ୟତ ଜୀବନକୁ ବଳିଷ୍ଠ ଭାବରେ ପ୍ରଭାବିତ ତଥା ଅନୁପ୍ରାଣିତ କରି ପାରିଥିଲା । ଏହି ସମୟରେ ମୁଁ ବିଭିନ୍ନ ରାଜନୀତି ଦଳର ଲୋକମାନଙ୍କ ସହିତ ମିଶୁଥିଲି । ସବୁ ପ୍ରକାରର ରାଜନୀତି ସଭାରେ ଯୋଗ ଦେଉଥିଲି । ଯେତେପ୍ରକାର ରାଜନୈତିକ ଆଲୋଚନା, ସମାରୋହ ଓ ଶୋଭାଯାତ୍ରା ହେଉଥିଲା, ମୁଁ ସେଥିରେ ନିଷ୍ଠାର ସହିତ ଯୋଗ ଦେଉଥିଲି । କାରଣ ପ୍ରଥମେ ପ୍ରଥମେ ଇଂଲଣ୍ଡର ଜାତିଦଳ, ଶ୍ରମିକ ଦଳ ଏବଂ କମ୍ୟୁନିଷ୍ଟମାନଙ୍କର ସଭାରେ ଯୋଗ ଦେଇ ଜାଣିବାକୁ ଚାହୁଁଥିଲି ସେମାନଙ୍କର ରାଜନୈତିକ ଓ ଆନ୍ତର୍ଜାତିକ ଆଭିମୁଖ୍ୟ । ଏ ସମ୍ପର୍କରେ ବହୁତ ବହି, ପତ୍ରପତ୍ରିକା ପଢ଼ିବାରେ ପ୍ରବଳ ଆଗ୍ରହ ଦେଖା ଦେଇଥିଲା, କିନ୍ତୁ କିଛି ଦିନ ପରେ ଶ୍ରମିକ ଓ ମାର୍କସ୍‌ବାଦୀୟ ନୀତିରେ ମୋର ଆଗ୍ରହ ବଢ଼ି ଉଠିଲା । ରକ୍ଷଣଶୀଳ ଜାତିଦଳର ଆଦର୍ଶ ମୋତେ ଭଲ ଲାଗିଲା ନାହିଁ । ଜାତିଦଳର ଲୋକେ ଭାରତକୁ ସ୍ୱାଧୀନତା ଦେବାରେ ଭୁଲ୍ ହୋଇଛି ବୋଲି କହନ୍ତି ତ ଶ୍ରମିକ ଦଳର ଲୋକେ ଭାରତକୁ ସେମାନଙ୍କ ଦଳ ସ୍ୱାଧୀନତା ଦାନ କରିବା ଯୋଗୁଁ ସ୍ୱାର୍ଥ ତ୍ୟାଗ ଜନିତ ଗର୍ବରେ ଉଲ୍ଲସିତ ହୁଅନ୍ତି । କମ୍ୟୁନିଷ୍ଟମାନେ ଭାରତକୁ ଅସଲ ଅର୍ଥନୈତିକ ସ୍ୱାଧୀନତା ଇଂରେଜ ସରକାର ଦେଇ ନାହାନ୍ତି, କେବଳ ରାଜନୈତିକ ସ୍ୱାଧୀନତା ଦେଇ ନିଜ ହାତରେ ଅର୍ଥନୈତିକ ଚାବି ରଖିଛନ୍ତି ବୋଲି କହନ୍ତି । ଫଳରେ କମ୍ୟୁନିଷ୍ଟଙ୍କ ପ୍ରତି ମୋର ସମ୍ମାନ ବଢ଼ିଗଲା । ଏମାନେ ସବୁବେଳେ ଆନ୍ତର୍ଜାତିକ ମନୋଭାବ ପୋଷଣ କରନ୍ତି ଏବଂ ନିଜ ଦେଶର ନୀତିକୁ ସେହି ଦୃଷ୍ଟିକୋଣରୁ ସମାଲୋଚନା କରନ୍ତି । ସେମାନଙ୍କର ସବୁ ପ୍ରକାରର ଲେଖା ଭିତରେ ବିଶ୍ୱଜନୀନତା ଲାଗି ଗଭୀର ସହାନୁଭୂତି, ସମସ୍ତ ପ୍ରକାର ସାମ୍ରାଜ୍ୟବାଦୀ ଶୋଷଣ ବିରୁଦ୍ଧରେ ବଳିଷ୍ଠ ଅଭିଯାନ ଓ ଐତିହାସିକ ବିଶ୍ୱମାନବୀୟ ସାମାଜିକ ବିପ୍ଳବର ଆଭିମୁଖ୍ୟ ପ୍ରତିଫଳିତ ହେଉଥିବାରୁ ଏ ବିଷୟରେ ବ୍ୟାପକ ଅନୁଧ୍ୟାନ କରିବାରେ ମୋର ପ୍ରବଳ ଆଗ୍ରହ ଜନ୍ମିଥିଲା ।

ଇଂଲଣ୍ଡରେ ଏ ପ୍ରକାରର ଲେଖା ଛୋଟ ଛୋଟ ପୁସ୍ତିକା ଆକାରରେ ବହୁ ସଂଖ୍ୟାରେ ପ୍ରକାଶିତ ହେଉଥାଏ । ଏସବୁ ଲେଖା ପଢ଼ିବାରେ ଏତେ ବେଶି ବ୍ୟଗ୍ରତା ଦେଖା ଦେଇଥିଲା ଯେ ମୋ ଓଭର କୋଟ୍ ପକେଟ୍‌ରେ ସେଥିରୁ ଦୁଇ ଚାରିଖଣ୍ଡ ରଖା ହୋଇଥାଏ । ପ୍ରତିଦିନ ବସ୍, ରେଳଗାଡ଼ି, ସିନେମା, ଖାଇବା ପ୍ରଭୃତି ସ୍ଥାନରେ ପ୍ରତୀକ୍ଷାମାଣ ଅବସ୍ଥାରେ ଠିଆ ହୋଇ ଏହିସବୁ ପଢ଼ିବା ଅଭ୍ୟାସ ହୋଇଗଲା । ଦିନକୁ ପ୍ରାୟ ୪୫ ମିନିଟ୍ ଏପରି ଭାବରେ ଠିଆ ହେଲାବେଳେ

Digitized by PPRACHIN, SOA

ଏତେ ପୁସ୍ତିକା ମୁଁ ପଢ଼ି ପାରିଥିଲି ଯେ ମୋର ଇଂଲଣ୍ଡର ଅଢ଼େଇବର୍ଷ ରହଣି ଭିତରେ ମୁଁ ପ୍ରାୟ ପନ୍ଦର କୋଡ଼ିଏ ହଜାର ପୃଷ୍ଠା ପଢ଼ିଥିଲି । ତା'ଛଡ଼ା ମାର୍କସ୍, ଲେନିନ୍ ପ୍ରଭୃତିଙ୍କର ମୋଟା ବହି ଘରେ ପଢ଼େ । ବହୁ ବିଖ୍ୟାତ ମାର୍କ୍ସବାଦୀ ଅଧ୍ୟାପକ ଓ ବୁଦ୍ଧିଜୀବୀମାନଙ୍କର ମାର୍କ୍ସ ପାଠ୍ୟକ୍ରମ ଉପରେ ଧାରାବାହିକ ବକ୍ତୃତାମାଳାରେ ମୁଁ ଯୋଗଦିଏ । ମୋଟାମୋଟି ଭାବରେ ମାର୍କ୍ସବାଦ ଉପରେ ଆଧାରିତ ଆନ୍ତର୍ଜାତିକ ରାଜନୀତି, ଅର୍ଥନୀତି, ସାମ୍ରାଜ୍ୟବାଦୀ ରାଜ୍ୟର କବଳରୁ ସଦ୍ୟ ମୁକ୍ତି ପାଇଥିବା ଅନ୍ୟାନ୍ୟ ସଂଗ୍ରାମଶୀଳ ଜନତା ବିଷୟରେ ବହୁ ଜ୍ଞାନ ଆହରଣ କରିବା ସମ୍ଭବ ହୋଇପାରିଥିଲା । କ୍ରମେ ମୁଁ ଇଂଲଣ୍ଡର କମ୍ୟୁନିଷ୍ଟ ଦଳର ସବୁପ୍ରକାର ଆଲୋଚନା ଓ ସମାରୋହରେ ଯୋଗ ଦେବାକୁ ଆରମ୍ଭ କଲି । ସେତେବେଳକାର ପ୍ରସିଦ୍ଧ ମାର୍କ୍ସବାଦୀ ନେତା ହାରିପଲିଟ୍, ରଜନୀ ପାମ୍ ଦତ୍ତ, ବୈଜ୍ଞାନିକ ହଲ୍‌ଡେନ୍, ଲେଭି ବାର୍ଣ୍ଣାଲା ପ୍ରଭୃତିଙ୍କର ଲେଖା ଓ ବକ୍ତୃତା ମୋତେ ବହୁତ ଅନୁପ୍ରାଣିତ କରି ପାରିଥିଲା । ଏହି ଶିକ୍ଷା ଫଳରେ ହିଁ ମୋ'ଠାରେ ଗୋଟିଏ ପ୍ରକାର ବଳିଷ୍ଠ ଆନ୍ତର୍ଜାତିକ ମନୋବୃତ୍ତି ଏବଂ ବିଶ୍ୱମାନବୀୟ ଦାର୍ଶନିକ ଦୃଷ୍ଟିକୋଣ ଦେଖାଦେଇ ପାରିଥିଲା ।

ଲଣ୍ଡନରେ ପୃଥିବୀର ସବୁ ଦେଶର ଲୋକଙ୍କ ସହିତ ମୋର ବନ୍ଧୁତା ହେବାର ସୁଯୋଗ ମୁଁ ପାଇଥିଲି । ମୁଁ କେତୋଟି କ୍ଲବର ସଭ୍ୟ ଥିଲି, ଯେଉଁଠି ଚାଳିଶ-ପଚାଶ ଦେଶର ଲୋକେ ସଭ୍ୟ ଥାଆନ୍ତି । ସେମାନଙ୍କ ସହିତ ପିକ୍‌ନିକ୍‌ରେ ଯିବା, ସପ୍ତାଶେଷ ଗ୍ରାମ୍ୟ ପରିଭ୍ରମଣରେ ବୁଲି ବାହାରିବା, ଯୁଗୋସ୍ଲାଭିଆରେ ଯାଇ ବିଶ୍ୱଯୁବ ଜନତା ସହ ମିଶି ସାମୂହିକ ଶ୍ରମ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାଜନୈତିକ ଆଲୋଚନାରେ ଭାଗ ନେବାରେ ମୋର ଏହି ବିଶ୍ୱମାନବୀୟ ଦୃଷ୍ଟିକୋଣ ବଳିଷ୍ଠ ଭାବରେ ବିକଶିତ ହୋଇପାରିଲା ।

ଇଂଲଣ୍ଡ ଯିବା ପୂର୍ବରୁ ମୁଁ ପଳାୟନପନ୍ଥୀ ଓ ବିଷାଦମୟ ଦର୍ଶନାଭିମୁଖୀ ଥିଲି । ସବୁ ବିଷୟରେ ଗୋଟିଏ ପ୍ରକାର ହତାଶମୟ ଆଭିମୁଖ୍ୟ ମୋର ରହୁଥିଲା । ଭଗବଦ୍ ବିଶ୍ୱାସ ସ୍ଥାନରେ କେବଳ ଦିଗନ୍ତବ୍ୟାପୀ ଶୂନ୍ୟତା ଥିଲା । ବିଷଣ୍ଣତା ଭିତରେ ଜୀବନ ଗଡ଼ି ଚାଲିଥିଲା, କିନ୍ତୁ ଇଂଲଣ୍ଡରେ ପୃଥିବୀର ସବୁ ଦେଶର ଲୋକଙ୍କ ସହିତ କାନ୍ଧ ମିଶାଇ ଚାଲିଥିଲା ବେଳେ ଏବଂ ବିରାଟ ମାନବିକତା ଦର୍ଶନରେ ବାରମ୍ବାର ଅନୁପ୍ରାଣିତ ହେଉଥିବା ଫଳରେ ବିଶ୍ୱ ମାନବୀୟତାର ବିରାଟ ସ୍ପନ୍ଦନ ମୋ ମନ ଓ ପ୍ରାଣକୁ ଉଦ୍‌ବେଳିତ କରିଥିଲା । ଗଭୀର ଆତ୍ମବିଶ୍ୱାସ ଓ ଆଶାପୂର୍ଣ୍ଣ ଭବିତବ୍ୟର ପରିପୂର୍ଣ୍ଣତାର ଉନ୍ମେଷ ମୋ ବ୍ୟକ୍ତିତ୍ୱକୁ ଗୋଟିଏ ନୂତନ ଆଦର୍ଶରେ ପରିଚାଳିତ କରି ପାରିଥିଲା । ମୋର ଅତୀତର ଅତୃପ୍ତ ଶୂନ୍ୟତା ଭବିଷ୍ୟତର ରଙ୍ଗିନ୍ ସ୍ୱପ୍ନ ଭିତରେ ବିଲୀନ ହୋଇଯାଇଥିଲା । ମୋର ବାଲ୍ୟକାଳର ବଳିଷ୍ଠ ଭଗବଦ୍ ବିଶ୍ୱାସ ନୂତନ ମାନବୀୟ ପ୍ରେମରେ ପରିଣତ ହେଲା । ଏହି ବିରାଟ ଦିଗ୍‌ଦର୍ଶନ ମୋ ଜୀବନରେ ଗୋଟିଏ ପ୍ରଧାନ ଆତ୍ମିକ ଅନୁଭୂତି ଯାହାକି ଆଜି ପର୍ଯ୍ୟନ୍ତ ମୋତେ ଆତ୍ମବିଶ୍ୱାସୀ କରିପାରିଛି ଏବଂ ସାମଗ୍ରିକ ଜୀବନକୁ, ଏହି ସୁନ୍ଦର ପୃଥିବୀକୁ, ଧର୍ମ, ବର୍ଣ୍ଣ, ଜାତି ଓ ଦେଶର ବହୁ ଊର୍ଦ୍ଧ୍ୱରେ ଥିବା ଆଦିମାନବ ଆତ୍ମାକୁ ଭଲ ପାଇବାରେ ଅଫୁରନ୍ତ ଶକ୍ତି ଯୋଗାଇ ପାରିଛି । ସବୁ ମନୁଷ୍ୟଙ୍କୁ ଭଲ ପାଇବାରେ ଯେଉଁ ବିରାଟ ପ୍ରତିବନ୍ଧକମାନ ଇତିହାସ ସୃଷ୍ଟି କରିଛି ସେ ବିଷୟରେ ସଚେତନ ହେଲି । ଧର୍ମ, ଦେଶାତ୍ମବୋଧ, ସଂକୀର୍ଣ୍ଣ (ଜାତିଗତ ସଂସ୍କୃତି) ଓ ବ୍ୟକ୍ତିଗତ ବୈଷମ୍ୟ ଯେ କେତେ କ୍ଷୁଦ୍ର ଓ କେତେ ବେଶି ଅମାନବୀୟ ତଥା ମୌଳିକ ଜୀବନୀଶକ୍ତିର ବିରୁଦ୍ଧାଚରଣ କରୁଛି, ଏହି ମହାନୁଭବତା ଏଠାରେ ସମ୍ଭବ ହୋଇପାରିଥିଲା । ବେଦାନ୍ତର ସନାତନ ତତ୍ତ୍ୱ ସୋହଂର ମହାନ୍ ମାନବୀୟ ଆଭିମୁଖ୍ୟ ମୋ ପରି

Digitized by PPRACHIN, SOA

ନାସ୍ତିକର ମନରେ ଗଭୀର ଆସ୍ଥା ପ୍ରତିଷ୍ଠା କରି ପାରିଥିଲା ଏହି ପରିବେଶ ଭିତରେ । ମୋର ନାସ୍ତିକ ଭାଷାରେ ଏହା କୁହାଯାଇପାରେ ଯେ ଯଦି ଭଗବାନ ଥାଆନ୍ତି, ତେବେ ମୁଁ ଭଗବାନ, ମନୁଷ୍ୟ ଭଗବାନ – ଯାବତୀୟ ଜୀବଜଗତ ମଧ୍ୟ ଭଗବତ୍ ଶକ୍ତିର ବଳିଷ୍ଠ ପ୍ରତୀକ । ଏମାନଙ୍କୁ ଛାଡ଼ି ନିବୁଜ ଦେଉଳରେ ଭଗବାନଙ୍କୁ ଖୋଜିବା ମୂର୍ଖତା । ଯୁଗଯୁଗ ଧରି ବିରାଟ ଶୋଭାଯାତ୍ରାରେ ଚାଲିଥିବା ଜନତା ହେଉଛି ଏହି ବିରାଟ ଭଗବତ୍ ଶକ୍ତିର ସ୍ରୋତ । ଅସୀମ ସମୁଦ୍ରର ଅମାପ ଜଳରାଶିର ଅକଳନ ବୁଦ୍‌ବୁଦ୍ ପରି ଏହି ଜନସ୍ରୋତର ଲୟ ବିଲୟ କୋଟି କୋଟି ଯୁଗଧରି ଚାଲି ଆସିଛି । ଧର୍ମଗତ ଓ ଅନ୍ୟାନ୍ୟ ପାର୍ଥକ୍ୟ ଏହି ସ୍ରୋତ ଉପରେ ସାମାନ୍ୟ ମଇଳା ପାଣିର ଛିଟା ପରି ଦେଖାଦେଇଛି । ପୂତିମୟ ନର୍ଦ୍ଦମାର କୀଟ ପରି କେତେକ ଲୋକ ଜୀବନ ସ୍ରୋତର ପାର୍ଶ୍ୱଦେଶରେ ଛୋଟ ଛୋଟ ଆବିଳ ଚକ୍ର ଭିତରେ ଧର୍ମ ଓ ଦେଶ ନାମ ଧରି ବୃଥା ଆସ୍ଫାଳନ କରି ଚାଲିଛନ୍ତି– ସାରୁଗଛ ତଳେ ବେଙ୍ଗ ନିଜ ଆତ୍ମ ପ୍ରସାରଣରେ ଫୁଲି ଉଠିଲା ପରି । ଏହିପରି ନାନା ଧରଣର ଭେକ ଧରି ଆସ୍ଫାଳନ କରୁଥିବା ଲୋକଙ୍କୁ ଦେଖିଲେ ମୋର ଦୟା ହୁଏ । ସେମାନଙ୍କର କଥା ମୋତେ ଆଦୌ ସ୍ପର୍ଶ କରିପାରେ ନାହିଁ ।

ଇଂଲଣ୍ଡର ଅଢ଼େଇବର୍ଷର ରହଣି ଭିତରେ ମୋର ଡକ୍ଟରେଟ୍ ଉପାଧିପ୍ରାପ୍ତିଠାରୁ ଏହି ଦାର୍ଶନିକ ଦିଗ୍‌ଦର୍ଶନର ମୂଲ୍ୟ ମୋ ଜୀବନରେ ଅନେକ ବେଶୀ । ତେଣୁ ଇଂଲଣ୍ଡ ମୋତେ ବହୁତ ଭଲ ଲାଗେ । ମୋର ପଢ଼ା ସରିବା ପରଠାରୁ ଆଜି ପର୍ଯ୍ୟନ୍ତ ମୁଁ ଇଂଲଣ୍ଡ ବାରଥର ଯାଇଛି । ମୁଁ ଯେତେବେଳେ ଆମେରିକା, କାନାଡ଼ା ପ୍ରଭୃତି ଦେଶକୁ ଯାଏ, ଇଂଲଣ୍ଡରେ କିଛିଦିନ କଟାଇବାର ଲୋଭ ସମ୍ବରଣ କରିପାରେ ନାହିଁ । ଅନ୍ୟାନ୍ୟ ଦେଶରୁ ଫେରିଆସି ଲଣ୍ଡନରେ ପହଞ୍ଚିଗଲେ ମୋ ନିଜ ସ୍ଥାନକୁ ଫେରି ଆସିଲା ପରି ମନେହୁଏ । ଲଣ୍ଡନରେ ଥିବା ସମୟରେ ମୋର ଜଣାଶୁଣା ରାସ୍ତାରେ ମୁଁ ବୁଲେ, ସିନେମା, ଥିଏଟର ଦେଖେ । ଇଂରେଜି ଥିଏଟର ମୋତେ ବହୁତ ଭଲ ଲାଗେ । ପିକାଡିଲ ସର୍କସର ଫୁଆରା ପାଖରେ ଘଣ୍ଟା ଘଣ୍ଟା ବସି ନାନା ପ୍ରକାରର ଜନସ୍ରୋତକୁ ଚାହିଁ ରହିବାରେ ମୋତେ ବହୁତ ଭଲଲାଗେ । ପୃଥିବୀର ସବୁ ପ୍ରକାରର ଫୁଲକୁ ଏକାଠି ମିଶ୍ରଣ କରି ସେଥି ଭିତରୁ ଆଞ୍ଜୁଳାଏ ଫୁଲ ଉଠାଇ ଆଣିଲେ ଯେପରି ନାନା ରଙ୍ଗ ଓ ନାନା ମହକ ଥିବା ମେଞ୍ଚାଏ ଫୁଲ ମିଳିବ– ସେହିପରି ସବୁ ଦେଶ, ସବୁ ଧର୍ମ ଓ ସଂସ୍କୃତିର ଲୋକଙ୍କର ସମ୍ମିଶ୍ରିତ ଜନରାଶି ଭିତରୁ ନାନା ଭାବରେ ପୋଷାକ ପରିହିତ ଦଳେ ଲୋକଙ୍କୁ ଯେ କୌଣସି ସମୟରେ ଏଠାରେ ଦେଖିବାକୁ ମିଳିବ । ପୁଣି କିଛି ସମୟ ପରେ ଏହିପରି ଆଉ ଗୋଟିଏ ସମ୍ମିଶ୍ରିତ ଜନସମାଗମ । ଏ ପ୍ରକାର ବିଶ୍ୱଜନତାର ଶୋଭାଯାତ୍ରା ଭିତରେ ନିଜକୁ ହଜାଇ ଦେବାରେ ଗଭୀର ଆତ୍ମତୃପ୍ତି ତଥା ଆତ୍ମୋପଲବ୍ଧି ଅନୁଭବ କରିହୁଏ । ଟ୍ରଫାଲ୍‌ଗାରର ବିରାଟ ଛକରେ ବସି ବସି ଆଇସ୍‌କ୍ରିମ୍ ଖାଏ । ଅନ୍ୟାନ୍ୟ ପ୍ରବାସୀ ଲୋକଙ୍କ ସହିତ କଥାବାର୍ତ୍ତା କରେ । କେଉଁ ଅଜଣା ପରଦେଶୀ ସହିତ କଫି ଖାଏ । କାହା ସହିତ ସିନେମା ଦେଖେ ତ ଆଉ କାହା ସହିତ ଲଣ୍ଡନ ବୁଲିଯାଏ । କିଛି କିଣିବାର ଆବଶ୍ୟକତା ନଥାଇ ମଧ୍ୟ ବଡ଼ ବଡ଼ ଡିପାର୍ଟମେଣ୍ଟାଲ୍ ଷ୍ଟୋର୍ ଭିତରେ ଘଣ୍ଟା ଘଣ୍ଟା ବୁଲେ । ଲଣ୍ଡନ ବିଶ୍ୱବିଦ୍ୟାଳୟ ବାରଣ୍ଡାର ପର୍ଯ୍ୟଟକ ପରି ଘୂରି ବୁଲେ । ମୁଁ ଛାତ୍ର ଥିଲାବେଳେ ଯେଉଁମାନେ ଛାତ୍ରଛାତ୍ରୀ ଥିଲେ ସେମାନଙ୍କର ବର୍ତ୍ତମାନର ବଂଶଧରଙ୍କୁ ସେଠାରେ ଦେଖିବାରେ ଆନନ୍ଦ ମିଳେ । ଲୋକଙ୍କର ଅବିଶ୍ରାନ୍ତ ଚଳଚଞ୍ଚଳ ଦେଖିବାକୁ ଭଲ ଲାଗେ । କୌଣସି ମନ୍ଦିର, ମସଜିଦ୍ ଓ ଗୀର୍ଜା ଭିତରେ ବସି ପ୍ରାର୍ଥନା କରିବା ଅପେକ୍ଷା ଏହା ଯେ କେତେବେଶି ଆନନ୍ଦଦାୟକ, ତାହା ମୁଁ ଏଠାରେ ବସି ବସି ଅନୁଭବ କରେ । ପ୍ରାର୍ଥନା କକ୍ଷ ଭିତରେ ଗୋଟିଏ ମୂର୍ତ୍ତି ବା ତଥାକଥିତ ଭଗବତ୍ ଦୂତମାନଙ୍କର ବୃଥା ଆସ୍ଫାଳନ ଅପେକ୍ଷା ସୁଖଦୁଃଖ ଅନୁଭୂତିପୂର୍ଣ୍ଣ

Digitized by PPRACHIN, SOA

ଜୀବନ୍ତ ମନୁଷ୍ୟର ଶୋଭାଯାତ୍ରାର ମୂଲ୍ୟ ତଥା ସୌନ୍ଦର୍ଯ୍ୟ ମୋତେ ବହୁତ ବେଶି ଆମୋଦିତ କରେ ।

ମୋଟାମୋଟି କହିବାକୁ ଗଲେ ଏହି ମାନବୀୟ ଦୃଷ୍ଟିକୋଣ ଏପରି କେତୋଟି ମନୋବୃତ୍ତିର ଦୃଢ଼ ସଂଗତି ସୃଷ୍ଟି କରେ ଯେ ସମାଜବାଦ, ଗଣତନ୍ତ୍ର, ଆନ୍ତର୍ଜାତିକତା, ବିଶ୍ୱଶାନ୍ତି, ଜାତି-ବର୍ଣ୍ଣ-ଧର୍ମ-ନିରପେକ୍ଷ ସହୃଦୟତା ଏବଂ ବିଶ୍ୱଜନତା ପ୍ରତି ଗଭୀର କରୁଣାଜନିତ ମନୋଭାବ ଛାଏଁ ଛାଏଁ ଉଦ୍‌ଭୂତ ହୋଇଥାଏ । ଗଣତାନ୍ତ୍ରିକ ସମାଜବାଦୀ ଦର୍ଶନ କିମ୍ବା ଆନ୍ତର୍ଜାତିକ ରାଜନୀତି ବା ବିଶ୍ୱଶାନ୍ତି ଆନ୍ଦୋଳନର ସଭ୍ୟ ହିସାବରେ ମହାମାନବୀୟ ମନୋବୃତ୍ତି ହୁଏତ ଦେଖା ନଯାଇପାରେ । ଜଣେ ସମାଜବାଦରେ ବିଶ୍ୱାସ କରିପାରେ କିମ୍ବା ବିଶ୍ୱଶାନ୍ତି ଆନ୍ଦୋଳନର ନେତା ହୋଇପାରେ ତଥାପି ସେ ଏ ବିରାଟ ଦର୍ଶନରେ ଆନ୍ତରିକ ଭାବରେ ଉଦ୍‌ବୋଧିତ ନ ହୋଇପାରେ । କିନ୍ତୁ ଜଣେ ମୌଳିକ ମହାମାନବୀୟତାରେ ବିଶ୍ୱାସ କଲେ ଏହାର ଅଂଶ ବିଶେଷ ରୂପେ ସମାଜବାଦ, ବିଶ୍ୱଶାନ୍ତି ପ୍ରଭୃତି ଭାବଧାରାରେ ଉଦ୍‌ବେଳିତ ହେବା ସ୍ୱାଭାବିକ ହୋଇପଡ଼େ । ଏ ପ୍ରକାର ଗଭୀର ଉପଲବ୍ଧି ମୋର ଏଠାରେ ସମ୍ଭବ ହୋଇଥିଲା ଏବଂ ଆଜି ପର୍ଯ୍ୟନ୍ତ ଏହି ମୂଳ ଦର୍ଶନରେ ସାମାନ୍ୟତମ ପରିବର୍ତ୍ତନ ହୋଇନାହିଁ । ବରଂ ଗତ ପଚାଶବର୍ଷ ଧରି ଆସନ, ପ୍ରାଣାୟମ ଓ ଯୋଗାଭ୍ୟାସ ଏହି ଆନନ୍ଦମୟ ଓ ଆତ୍ମତୃପ୍ତିକର ଦିଗ୍‌ଦର୍ଶନକୁ ମୋ'ଠାରେ ଆହୁରି ବେଶି ଚେତନଶୀଳ ଓ ଶକ୍ତିଶାଳୀ କରିପାରିଛି । ■■■

Digitized by PPRACHIN, SOA

ପାଞ୍ଚ

ମାନବୀୟ ଆକର୍ଷଣର ଅଭିନବ ଅନୁଭୂତି

ଲଣ୍ଡନରେ ପହଞ୍ଚି ପ୍ରଥମେ ଭାରତୀୟ ଛାତ୍ରମାନଙ୍କର ରହିବା ପାଇଁ ନିର୍ଦ୍ଦିଷ୍ଟ ଗୋଟିଏ ହଷ୍ଟେଲରେ ଯାଇ ରହିଲି । ଭାରତୀୟ ଛାତ୍ର ସଂଗଠନ ନାମରେ ଏହା ୱାଇ.ଏମ୍.ସି.ଏ.ର ଗୋଟିଏ ଅଂଶ ବିଶେଷ । ଆମେମାନେ ଯୁଦ୍ଧ ପରେ ପ୍ରଥମ କରି ଗୋଟିଏ ନୂତନ ଭଡ଼ାଘରେ ଏହି ଅନୁଷ୍ଠାନର ଶୁଭାରମ୍ଭ କଲୁ । ଯୁଦ୍ଧ ସମୟରେ ପୁରୁଣା ହଷ୍ଟେଲଟି ଭାଙ୍ଗି ଯାଇଥାଏ । ତେଣୁ ଏହି ଅନୁଷ୍ଠାନଟିକୁ ନୂତନ ଭାବରେ ଗଢ଼ିବାର ଦାୟିତ୍ୱ ଆମ ଉପରେ ପଡ଼ିଲା । ମୁଁ ଏହାର ଭାଇସ୍ ପ୍ରେସିଡେଣ୍ଟ ହେଲି । ପରେ ଯେଉଁ ବିରାଟ ନୂଆ ହଷ୍ଟେଲ୍ ତିଆରି ହେଲା, ତା'ର ସମସ୍ତ ଯୋଜନାରେ ମୁଁ ଅଂଶୀଦାର ହୋଇଥିଲି । ଏହି ହଷ୍ଟେଲରେ ମୁଁ ପ୍ରଥମେ ମାସେ ଯାଏ ଥିଲି ।

ଇଂଲଣ୍ଡକୁ ଯାଇ ପୁଣି ଭାରତୀୟମାନଙ୍କ ସହିତ ରହିଲେ ଇଂରେଜି ଲୋକଙ୍କର ଚାଲିଚଳନ, ସାମାଜିକ ଓ ସାଂସ୍କୃତିକ ଜୀବନରେ ଘନିଷ୍ଠ ଭାବରେ ଭାଗ ନେବା ସମ୍ଭବ ନୁହେଁ ବୋଲି ମୋର ଧାରଣା ହେଲା । ତା'ଛଡ଼ା ଇଂଲଣ୍ଡର ଲାଣ୍ଡଲେଡ଼ି ପ୍ରଥାର ପ୍ରଶଂସା ବହୁତ ଶୁଣିଥିଲି । ତେଣୁ ଲଣ୍ଡନର ଗୋଟିଏ ସୁରମ୍ୟ ଅଞ୍ଚଳରେ ଇଂରେଜୀ ପରିବାରଙ୍କ ସହିତ ରହିବାକୁ ସ୍ଥିର କଲି । ଇଂରେଜୀ ଉପନ୍ୟାସମାନଙ୍କରେ ହ୍ୟାମ୍ପ ଷ୍ଟେଡ୍ ହୀଥ୍ ଏବଂ ଗୋଲ୍ଡ଼ରସ୍ ଗ୍ରୀନ୍ ଅଞ୍ଚଳର ଚିତ୍ତାକର୍ଷକ ଦୃଶ୍ୟାବଳୀ ବିଷୟରେ ମୁଁ ଆଗରୁ ବହୁତ ପଢ଼ିଥିଲି । ତେଣୁ ଏହି ଅଞ୍ଚଳରେ ରହିବା ପାଇଁ ମୋର ବହୁତ ଆଗ୍ରହ ଥିଲା । ଆମ ହଷ୍ଟେଲ ଲଣ୍ଡନ ବିଶ୍ୱବିଦ୍ୟାଳୟଠାରୁ ମାତ୍ର ପାଞ୍ଚ ମିନିଟ୍ ଚଲା ରାସ୍ତା । କିନ୍ତୁ ଗୋଲ୍ଡରସ୍ ଗ୍ରୀନ୍ ଏଠାରୁ ପ୍ରାୟ ଦଶ-ପନ୍ଦର କିଲୋମିଟର । ତଥାପି ସେ ଅଞ୍ଚଳରେ ରହିବାକୁ ମୁଁ ପସନ୍ଦ କଲି । କାରଣ ଘରୁ ବିଶ୍ୱବିଦ୍ୟାଳୟକୁ ଆସିବା ପାଇଁ ମାଟିତଳ ରେଳଗାଡ଼ି ସାହାଯ୍ୟରେ ସର୍ବମୋଟ୍ ୨୦ରୁ ୨୫ ମିନିଟ୍ ସମୟ ଲାଗୁଥିଲା । ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଏଠାରେ ରହିବା ଖର୍ଚ୍ଚ ଟିକିଏ ବେଶି ହେଲେ ମଧ୍ୟ ସୁନ୍ଦର ପରିବେଶ ଯୋଗୁଁ ମୁଁ ଗୋଲ୍ଡରସ୍ ଗ୍ରୀନ୍‌ର ବାସିନ୍ଦା ଗୋଟିଏ ପରିବାର ସହିତ ରହିବାକୁ ସିଦ୍ଧାନ୍ତ ନେଲି ।

ମୁଁ ଯେତେବେଳେ ଘର ଦେଖିବାକୁ ଗଲି ଗୃହକର୍ତ୍ତ୍ରୀ ଶ୍ରୀମତୀ ହାର୍ଭେ ମୋତେ ଘର ବୁଲାଇ ଦେଖାଇଲେ ଏବଂ ଅନ୍ୟାନ୍ୟ ସୁବିଧା କଥା ବୁଝାଇ ଦେଲେ । ହପ୍ତାକୁ ସାଢ଼େ ତିନି ପାଉଣ୍ଡ (ଏକ ପାଉଣ୍ଡ ସେତେବେଳେ ପ୍ରାୟ ଏକୋଇଶି ଟଙ୍କା) ଦେଲେ ସକାଳ ଓ ରାତ୍ରି ଭୋଜନ ସବୁଦିନେ ମିଳିବ ଏବଂ ରବିବାର ଦିନ ମଧ୍ୟାହ୍ନ ଭୋଜନ ମଧ୍ୟ ମିଳିବ । ଆଉ ଗୋଟିଏ ହପ୍ତା ପରେ ଘରକୁ ସଫା କରି ମୋତେ ଦେବେ ବୋଲି ସେ କହିଲେ । ଶ୍ରୀମତୀ ହାର୍ଭେଙ୍କର କଥାବାର୍ତ୍ତା, ସରଳ ହାବଭାବ ଓ ଅମାୟିକ ବ୍ୟବହାର ଦେଖି ମୁଁ ଏତେ ମୁଗ୍ଧ ହୋଇଗଲି ଯେ ଆଉ ହପ୍ତାଏ ଅପେକ୍ଷା କରିବାକୁ ଇଚ୍ଛା ହେଲା ନାହିଁ । ମୁଁ କହିଲି ଯେ ଘର ମୋର ପସନ୍ଦ ଏବଂ ଦିନେ ଦୁଇଦିନ ଭିତରେ ମୁଁ ଆସିବି । ଘର ପରିଷ୍କାର କରିବାରେ ମୁଁ ତାଙ୍କୁ ସାହାଯ୍ୟ କରିବି । ମୋର ଏ ପ୍ରକାର

Digitized by PPRACHIN, SOA

ଆତ୍ମୀୟତାବୋଧ ଏବଂ ଖୋଲା କଥାବାର୍ତ୍ତାରେ ସେ ମଧ୍ୟ ଖୁସି ହେଲେ । ମୁଁ ତା' ଆରଦିନ ଜିନିଷପତ୍ର ନେଇ ସେଠାରେ ପହଞ୍ଚିଲି । ମୋର ଏପରି ପହଞ୍ଚିବା ଭିତରେ ଯେଉଁ ଆନ୍ତରିକତା ଥିଲା, ତାହା ତାଙ୍କୁ ସ୍ପର୍ଶ କରିଥିଲା ବୋଲି ସେ ମୋତେ ପରେ କହିଥିଲେ । ମୋଟାମୋଟି ଭାବରେ ପ୍ରଥମ ଦେଖାରେ ମୋତେ ତାଙ୍କୁ ବହୁତ ଭଲ ଲାଗିଥିଲା । ସେ ଭାରତୀୟ ମାଆମାନଙ୍କ ପରି ମୋତେ ଜଣାଗଲେ ।

ଘରେ ରହିଲା ପରେ ଦେଖିଲି ଯେ ସେ ଏକା ନୁହନ୍ତି । ତାଙ୍କ ସାଥିରେ ତାଙ୍କ ଝିଅ ମଧ୍ୟ ରହୁଥିଲେ । ଗୃହକର୍ତ୍ତ୍ରୀଙ୍କ ବୟସ ୬୦ଯାଏ ଏବଂ ତାଙ୍କ ଝିଅଙ୍କର ବୟସ ୩୦ । କେବଳ ଏହି ଦୁଇଜଣ ଘରେ ରହୁଥିଲେ । ଝିଅଟି ଦେଖିବାକୁ ଖୁବ୍ ସୁନ୍ଦରୀ; କିନ୍ତୁ ଏପରି ମିଜାଜୀ ଏବଂ ତା' ମୁହଁରେ ଏପରି କଠୋରତା ଥାଏ ଯେ ତା' ସହିତ ପ୍ରଥମେ କଥା କହିବାକୁ ସଙ୍କୋଚ ଆସେ । ସେ ଉପରଶ୍ରେଣୀ ଇଂରେଜ ପରିବାରର ଲୋକଙ୍କ ପରି ବହୁତ ଆଦବକାଇଦା ପ୍ରିୟ । ସେ ମଧ୍ୟ ନିଜକୁ ଉପର ଶ୍ରେଣୀ ପରିବାରର ଲୋକ ବୋଲି ଭାବେ ଏବଂ ପ୍ରତ୍ୟେକ କଥାବାର୍ତ୍ତା ହାବଭାବରେ ଏ ପ୍ରକାର ଶ୍ରେଣୀଗତ ଗର୍ବ ଓ ଔଦ୍ଧତ୍ୟ ପ୍ରକାଶ କରିବାକୁ ପଶ୍ଚାତପଦ୍ ହୁଏ ନାହିଁ । ତା' ସାଙ୍ଗକୁ ସେ ବ୍ରିଟିଶ୍ ରକ୍ଷଣଶୀଳ ସମ୍ପ୍ରଦାୟଭୁକ୍ତ ବୋଲି ଘୋଷଣା ମଧ୍ୟ କରେ । ପ୍ରଥମେ ପ୍ରଥମେ ତା' ସହିତ ରାତ୍ରି ଭୋଜନ ବେଳେ ଘଣ୍ଟାଏ ଦେଖା ହୁଏ । ଅନ୍ୟ ସମୟରେ ସେ ଦୂରେଇ ରହେ । ମା' କିନ୍ତୁ ଠିକ୍ ବିପରୀତ । ସେ ବଡ଼ ସରଳ, ସ୍ନେହୀ, ମୋର ସୁବିଧା ଅସୁବିଧା ପ୍ରତି ସବୁବେଳେ ସଚେତନ, ମୋତେ ଖୁସି କରିବା ପାଇଁ ସର୍ବଦା ଆଗ୍ରହୀ, କଥାବାର୍ତ୍ତାରେ ଅତ୍ୟନ୍ତ ଭଦ୍ର, ଭାରତୀୟ ମାଆମାନଙ୍କ ପରି କୋମଳ ଓ ସ୍ନେହମୟୀ, ତେଣୁ ମୋର ପ୍ରଥମରୁ ତାଙ୍କ ପ୍ରତି ଗଭୀର ଆନ୍ତରିକତା ଦେଖା ଦେଇଥିଲା । ଝିଅ ମୋତେ ଯେପରି ଦୂରେଇ ରଖୁଥିଲା, ମୁଁ ବି ତା'ଠାରୁ ଦୂରରେ ରହୁଥିଲି ।

ଅଳ୍ପ କିଛିଦିନ ପରେ ଶ୍ରୀମତୀ ହାର୍ଭେଙ୍କ ପ୍ରତି ମୋର ଶ୍ରଦ୍ଧା ଏପରି ବଢ଼ିଗଲା ଯେ ତାଙ୍କୁ ସବୁବେଳେ ଶ୍ରୀମତୀ ହାର୍ଭେ ବୋଲି ଡାକିବାରେ ମୋର ସଙ୍କୋଚ ଆସିଲା । ତେଣୁ ଦିନେ ସକାଳ ଭୋଜନ ସମୟରେ ଯେତେବେଳେ ଝିଅ ପାଖରେ ନଥିଲା ମୁଁ ତାଙ୍କୁ କହିଲି ଯେ, 'ଶ୍ରୀମତୀ ହାର୍ଭେ, ଆପଣଙ୍କର ସ୍ନେହଶୀଳ ବ୍ୟବହାର ମୋତେ ଏପରି ସ୍ପର୍ଶ କରିଛି ଯେ, ମୁଁ ଆପଣଙ୍କୁ ଆଜିଠାରୁ ଶ୍ରୀମତୀ ହାର୍ଭେ ବୋଲି ନ ଡାକି ମାମୀ ବୋଲି ଡାକି ପାରିବି କି ? ମୋର ମାଆ ନାହାନ୍ତି, ଆପଣଙ୍କର ପୁଅ ନାହିଁ । ମୁଁ ଆପଣଙ୍କୁ ମାମୀ ବୋଲି ଡାକିଲେ କ୍ଷତି କ'ଣ ?' ଭଦ୍ର ମହିଳା ତାଙ୍କ ଇଂରେଜୀ ସମାଜରେ ଜୀବନରେ ବୋଧହୁଏ ପ୍ରଥମଥର ପାଇଁ ଏ ପ୍ରକାର ଅଭିନବ ଆତ୍ମିକ ଅନୁରୋଧର ସମ୍ମୁଖୀନ ହୋଇଥିଲେ । ତାଙ୍କ ମୁହଁ ସ୍ନେହ ଓ ଲାଜରେ ନରମ ହୋଇ ଉଠିଥିଲା । ସେ ଆନନ୍ଦରେ ଅଭିଭୂତ ହୋଇ କହିଥିଲେ, 'ତୁମେ ଜଣେ ଅତ୍ୟନ୍ତ ଦୟାଳୁ ଯୁବକ । ଏ ପ୍ରକାର ସମ୍ପର୍କଠୁଁ ବଳି ଆଉ ଅଧିକ ମାନବିକ ସମ୍ପର୍କ କ'ଣ ହୋଇପାରେ ?' ତା'ପରେ ସେ ମୋତେ ବହୁତ ଧନ୍ୟବାଦ ଦେଇଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମନୁଷ୍ୟର ମନୁଷ୍ୟ ସହିତ ମାନବୀୟ ସମ୍ପର୍କରେ ସନାତନ ଐକ୍ୟ ବିଷୟରେ ଏହା ମୋର ସର୍ବପ୍ରଥମ ସଂପରୀକ୍ଷଣ ।

ତା'ପରେ ଦିନେ ମୁଁ ତାଙ୍କୁ ମୋର ଗୋଟିଏ ବ୍ୟାଙ୍କ ଚେକ୍ ଦସ୍ତଖତ କରି ତାଙ୍କ ହାତରେ ଦେଇଥିଲି ଏବଂ କହିଥିଲି – ମାମୀ, ଆପଣଙ୍କର ତ ମଝିରେ ମଝିରେ ଟଙ୍କାର ଅଭାବ ହୁଏ, ଯେତେବେଳେ ଟଙ୍କା ଦରକାର ଏହି ଚେକ୍‌ଟିରେ ଟଙ୍କାର ପରିମାଣ ଲେଖି ଭଙ୍ଗାଇ ନେବେ ଏବଂ ସୁବିଧା ଅନୁସାରେ ମୋର ଦେୟ ସହିତ ଠିକ୍ କରିନେବେ । ମୋ ପାଖରେ ତିନିମାସର ବୃତ୍ତି ଟଙ୍କା ବ୍ୟାଙ୍କରେ ଥାଏ । ମୋର ଏ ପ୍ରକାର ଅଯାଚିତ ଓ ତାଙ୍କ ଉପରେ ଅଗାଧ ବିଶ୍ୱାସଜନକ ବ୍ୟବହାରରେ ସେ ଏତେ ବେଶି ଅଭିଭୂତ ହୋଇ ଯାଇଥିଲେ ଯେ ଖାଲି କହିଥିଲେ, ନା ନା, ଏପରି କରିବା ଠିକ୍ ନୁହେଁ । ମୋର ଦରକାର ହେଲେ ମୁଁ ମାଗିବି । ଏ ପ୍ରକାର ଚେକ୍ ରଖିବା ଆଦୌ ଠିକ୍ ନୁହେଁ ।

Digitized by PPRACHIN, SOA

ମୁଁ କିନ୍ତୁ ଜବରଦସ୍ତ ସେହି ଚେକ୍‌ଟି ତାଙ୍କ ହାତରେ ଦେଇ ବାହାରକୁ ଚାଲିଗଲି । ମୁଁ ସେଠାରେ ଅଢ଼େଇବର୍ଷ ରହି ଫେରିବାର ମାସକ ପୂର୍ବରୁ ସେ ମୋତେ ସେହି ଅଭଙ୍ଗା ଚେକ୍‌ଟିକୁ ଫେରାଇ ଦେଇଥିଲେ ।

ଶ୍ରୀମତୀ ହାର୍ଭେଙ୍କ ସହିତ ଏ ପ୍ରକାର ଘନିଷ୍ଠତା ତାଙ୍କର କଡ଼ାମିଜାଜୀ ଝିଅ ନିଟାର ଆଦୌ ପସନ୍ଦ ହୋଇନଥିଲା । ସେ ମାଆଙ୍କୁ ଏପରି ନିଜ ଭିତରେ ଜାବୁଡ଼ି ଧରି ରଖିଥିଲା ଯେ ତା' ମାଆ ପ୍ରତି ଆଉ କାହାର ସ୍ନେହ ବା ମନସ୍ତାତ୍ତ୍ୱିକ ସାନ୍ନିଧ ସେ ବରଦାସ୍ତ କରିପାରୁନଥିଲା । ତଥାପି କ୍ରମେ ଶ୍ରୀମତୀ ହାର୍ଭେ ପ୍ରକୃତରେ ମୋତେ ପୁଅ ପରି ଗ୍ରହଣ କରିନେଲେ । ଝିଅ ଘରେ ନଥିଲା ବେଳେ ଝିଅ ବିରୁଦ୍ଧରେ ଏବଂ ନିଜର ଦୁଃଖ ସୁଖ ଜୀବନ ବିଷୟରେ ସବୁକଥା ମୋତେ କହିବାକୁ ଲାଗିଲେ । କଥା କହିଲା ବେଳେ ତାଙ୍କ ଆଖିରେ ଲୁହ ଆସିଯାଏ । ତାଙ୍କ ସ୍ୱାମୀ ଅନ୍ୟ ଗୋଟିଏ ସ୍ତ୍ରୀ ସାଙ୍ଗରେ ସେହି ଲଣ୍ଡନରେ ଥାଆନ୍ତି । ଶ୍ରୀମତୀ ହାର୍ଭେ ଏଥିପାଇଁ ଅତ୍ୟନ୍ତ ମର୍ମାହତ ହୋଇପଡ଼ିଥିଲେ ।

ତାଙ୍କ ଜୀବନର କାହାଣୀଟି ବଡ଼ କରୁଣ । କିଛିବର୍ଷ ତଳେ କେହି ଜଣେ ତାଙ୍କୁ ଚିଠିରେ ଜଣାଇଲା ଯେ ତାଙ୍କ ସ୍ୱାମୀ ବେଳେ ବେଳେ ଆଉ ଜଣେ ସ୍ତ୍ରୀ ଲୋକ ସହିତ ବୁଲୁଛନ୍ତି । ଏହି ଚିଠିଟି ତାଙ୍କ ଝିଅ ନିଟା ପ୍ରଥମେ ପଢ଼ିଲା । ନିଟା ଯେପରି ସୁନ୍ଦରୀ ସେହିପରି ଗୁଣର ଥିଲା । ସେ ବହୁତ ସୁନ୍ଦର ଗୀତ ଗାଏ । ଲଣ୍ଡନର ପ୍ରସିଦ୍ଧ ଗୀତିନାଟ୍ୟ ମଞ୍ଚରେ ସେ ଅଭିନୟ କରେ । ନିଟାର ବାପା ମଧ୍ୟ ବହୁତ ସୁନ୍ଦର ଏବଂ ନିଟା ବାପାଙ୍କ ପାଖରୁ ଗୀତ ଶିଖିଥିଲା । ତା'ର ଗୀତ ଓ ଅଭିନୟ ପାଇଁ ବାପା ବହୁତ ପରିଶ୍ରମ କରିଛନ୍ତି । ବାପା ଥିଲେ ତା'ର ଆଦର୍ଶ ଏବଂ ସମସ୍ତ ପ୍ରେରଣାର ଉତ୍ସ । ତେଣୁ ଚିଠିଟି ପଢ଼ି ସେ ଏପରି ମର୍ମାହତ ଓ ଅପମାନିତ ହୋଇ ପଡ଼ିଥିଲା ଯେ ସେ ଜୀବନରେ ବାପାଙ୍କୁ କ୍ଷମା କରିପାରିନଥିଲା । ତା'ପରଠାରୁ ବାପାଙ୍କ ସହିତ ତା'ର କଥାବାର୍ତ୍ତା ବନ୍ଦ ହୋଇଗଲା ଏବଂ କ୍ରମେ ବାପାଙ୍କ ସହିତ ସେ ବହୁତ ଖରାପ ବ୍ୟବହାର ମଧ୍ୟ କଲା । ମା' ବିଚାରୀ ସ୍ୱାମୀଙ୍କ ସହିତ ଆପୋଷ ମିଳାମିଶା କରି ତାଙ୍କ ସହିତ ରହିବାକୁ ଆଗ୍ରହୀ ଥିଲେ; କିନ୍ତୁ ତାଙ୍କ ମତରେ କେବଳ ନିଟାର ଦୁର୍ବ୍ୟବହାର ଯୋଗୁଁ ତାଙ୍କ ସ୍ୱାମୀ ଘର ଛାଡ଼ି ଚାଲିଗଲେ । ଝିଅ ଘରେ ଥିଲେ ବାପ ଘରକୁ ଆସୁନଥିଲେ । କ୍ରମେ ତାଙ୍କର ଘରକୁ ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଗଲା । ଶ୍ରୀମତୀ ହାର୍ଭେ ଏଥିରେ ଭାଙ୍ଗି ପଡ଼ିଥିଲେ ସତ, କିନ୍ତୁ ଝିଅକୁ ଛାଡ଼ିବେ କୁଆଡ଼େ ? ଝିଅ ତ ମାଆଙ୍କୁ ସମ୍ପୂର୍ଣ୍ଣ ରୂପେ ଜାବୁଡ଼ି ଧରିଥାଏ । ତେଣୁ ଝିଅ ଯୋଗୁ ନିଜର ଅନିଚ୍ଛା ସତ୍ତ୍ୱେ ସ୍ୱାମୀଙ୍କୁ ଚିରଦିନ ପାଇଁ ତାଙ୍କୁ ଛାଡ଼ିବାକୁ ପଡ଼ିଥିଲା । ଶ୍ରୀମତୀ ହାର୍ଭେ ପ୍ରକୃତରେ ବଡ଼ ନିରୀହା ଏବଂ ସରଳା । ସେ ଝିଅ ପାଇଁ ଜୀବନଯାକ ଏପରି ଭୋଗିଲେ । ଏସବୁ କଥା ସେ ମୋତେ ବିଶଦ୍ ଭାବରେ ଘଣ୍ଟା ଘଣ୍ଟା ଧରି କହନ୍ତି ଏବଂ କାନ୍ଦନ୍ତି । ସେମାନଙ୍କ ସମାଜରେ କାହା ଆଗରେ ନିଜର ଦୁଃଖ କଥା କହିବା ସମ୍ଭବ ନୁହେଁ । କିନ୍ତୁ ମୁଁ ହୋଇ ଯାଇଥିଲି ତାଙ୍କର ପୁଅ ।

ଶ୍ରୀମତୀ ହାର୍ଭେ ଝିଅକୁ ଘୃଣା କରନ୍ତି ଏବଂ ଭଲ ପାଆନ୍ତି ମଧ୍ୟ । ଏପରି ଦ୍ୱନ୍ଦାତ୍ମକ ପରିସ୍ଥିତିରେ ସେ ସମୟ କଟାଉ ଥାଆନ୍ତି । ମୁଁ ହଠାତ୍ ତାଙ୍କ ଜୀବନରେ ଗୋଟିଏ ଭାରତୀୟ ପୁଅ ହିସାବରେ ଦେଖା ଦେଇଥିଲି । ଥରେ ଥରେ ଦିନ ଦୁଇଟାରେ ସେ ମୋତେ ଫୋନ୍ କରିବେ... 'ନିଟା ଆଜି ନାହିଁ, ରାତିରେ ଫେରିବ, ତୁମର ବେଶି କାମ ନଥିଲେ ଘରକୁ ଆସିଲେ ଭଲ ହୁଅନ୍ତା । ତୁମ ପାଇଁ ଗୋଟିଏ ନୂଆ ରକମର କେକ୍ କରି ରଖିଥିବି । କଥାବାର୍ତ୍ତା ହେବା ।' ମୋ ପକ୍ଷରେ ତାଙ୍କର ଏପରି ଅନୁରୋଧ ଏଡ଼ାଇବା ଅସମ୍ଭବ । ତିନିଚାରି ଘଣ୍ଟା ଧରି ସେ ଗପି ଯାଆନ୍ତି । ତାଙ୍କ ଆଖି ପୋଛୁ ଥାଆନ୍ତି । ମୋତେ ଚା ଓ କେକ୍ ଥରକୁ ଥର ଦେଉଥାନ୍ତି । ନିଟା ଫେରିବା ପରେ ସବୁ ଚୁପ୍‌ଚାପ୍ । ତା'ର ଜାଣିବାର କଥା ନୁହେଁ ଯେ ମୁଁ ଆଗରୁ ଆସି ମା'ଙ୍କ ସହିତ ଏତେ ସମୟ କଥାବାର୍ତ୍ତା କରିଛି । ନିଟା ସହିତ ପ୍ରତିଦିନର ମନୋମାଳିନ୍ୟର କାହାଣୀ ମୋତେ ନ କହିଲେ

Digitized by PPRACHIN, SOA

ତାଙ୍କର ମନ ଶାନ୍ତ ହୁଏ ନାହିଁ । ସେ ଏକଥା ବି କହନ୍ତି ଯେ ତାଙ୍କ ଭଉଣୀ, ଭିଣୋଇ ବା ଅନ୍ୟାନ୍ୟ ବନ୍ଧୁବାନ୍ଧବଙ୍କ ସହିତ ସେ ଏ ପ୍ରକାର କଥାବାର୍ତ୍ତା ହୋଇପାରିବେ ନାହିଁ । ବଡ଼ ଅଦ୍ଭୁତ ଇଂରେଜ ଜାତି ! ଦୁଃଖ, ଅଶାନ୍ତି ଓ ବିରକ୍ତିରେ ଛାତି ଦୁହିଁ ହୋଇ ଯାଉଥିବ, ଅଥଚ କାହାରିକି ବ୍ୟକ୍ତିଗତ କଥା କହିବାରେ ସେମାନଙ୍କର ସଙ୍କୋଚ । ସେ ମୋ ସହିତ ପ୍ରଥମ କରି ତାଙ୍କର ଦୁଃଖ ସୁଖର ଜୀବନ କାହାଣୀ କହି ପାରିଥିଲେ । ଏହିପରି ଭାବରେ ଦିନପରେ ଦିନ ମୋର ମାମୀଙ୍କ ସହିତ ଘନିଷ୍ଠତା ବଢ଼ି ଉଠିଥିଲା ।

ନିଟା ଗୋଟିଏ ଅତି ଅଦ୍ଭୁତ ଧରଣର ସ୍ତ୍ରୀଲୋକ ଥିଲା । ସେ ଏକଦା ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ପ୍ରଥମ ହୋଇ ହଲିଉଡ୍ ଯାଇଥିଲା । ସେଠାରେ ଗୋଟିଏ ସିନେମାରେ ଅଭିନୟ କରିବାର ଚୁକ୍ତି ହୋଇଥିଲା । କିନ୍ତୁ ସେଠାରେ ଅଭିନୟ କରିବା ବେଳେ ନିର୍ଦ୍ଦେଶକ ତା' ସହିତ ସାମାନ୍ୟ ଅଶୋଭନୀୟ ବ୍ୟବହାର କରିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଗୋଟିଏ ଚଟକଣି ପକାଇ ଅଭିନୟ ଛାଡ଼ି ଦେଇ ଲଣ୍ଡନ ଫେରି ଆସିଲା । ଏ ପ୍ରକାର ମିଜାଜୀ ତଥା ପ୍ରତିଭାଶାଳିନୀ ଝିଅ ବାପକୁ ବହୁତ ଭଲ ପାଉଥିଲା । ବାପ ଯୋଗୁଁ ତା'ର ପ୍ରତିଭା ବିକଶିତ ହୋଇଥିଲା ବୋଲି ସେ ଭାବୁଥିଲା । ତେଣୁ ସେ ବାପାଙ୍କର ପାରିବାରିକ ଓ ଚରିତ୍ରଗତ ବିଚ୍ୟୁତି ପାଇଁ ଏତେ ବେଶି ବିବ୍ରତ ହୋଇପଡ଼ିଥିଲା ଯେ ଏହି ଘଟଣା ପରେ ସେ ବାପାଙ୍କୁ ଭୟଙ୍କର ଭାବରେ ଘୃଣା କରିଥିଲା ।

ଏ ପ୍ରକାର ଅନମନୀୟ କଠୋର ଚରିତ୍ରର ରମଣୀ ନିଟାର ଈର୍ଷା, ରାଗ, ତଥା ବିଦ୍ୱେଷ ମୋ ଉପରେ ଘନୀଭୂତ ହେଉଥିବା ପରି ଜଣା ଯାଉଥିଲା । ମୁଁ ଯେ ପ୍ରଥମେ ଏହା ଲକ୍ଷ୍ୟ କରି ପାରିଥିଲି ତା ନୁହେଁ, କେବଳ ଏତିକି ଜାଣିଥିଲି ଯେ ନିଟା ସହିତ ସାମାନ୍ୟ ବନ୍ଧୁତା ଓ ସଦ୍‌ଭାବ ରଖିବା ମଧ୍ୟ କଷ୍ଟକର । ସେ ତା'ର ମାଆଙ୍କଠାରୁ ସମ୍ପୂର୍ଣ୍ଣ ବିପରୀତ । କେବଳ ଆଦବ କାଇଦାପୂର୍ଣ୍ଣ ଶୁଭରାତ୍ରି, ଧନ୍ୟବାଦ୍, ଖାଦ୍ୟ ଅତ୍ୟନ୍ତ ରୁଚିକର ଇତ୍ୟାଦି ଶୁଷ୍କ କଥାବାର୍ତ୍ତା । ମୋ ପ୍ରତି ତା'ର ବିରକ୍ତିର ଅନ୍ୟ ଏକ କାରଣ ହେଲା ଯେ ସେ ଥିଲା ଭୟଙ୍କର ରକ୍ଷଣଶୀଳ ଓ ସାମ୍ରାଜ୍ୟବାଦୀ ମନୋଭାବାପନ୍ନ । ସବୁ ବ୍ରିଟିଶ୍ ଜିନିଷ ପୃଥିବୀରେ ଶ୍ରେଷ୍ଠ, ଏପରିକି ଇଂଲିଶ୍ କୁକୁଡ଼ା ଅଣ୍ଡା ମଧ୍ୟ । ସେଠାକାର ବିଲାତି ବାଇଗଣ, କୋବି, ଅଙ୍ଗୁର ଓ ଅନ୍ୟାନ୍ୟ ଫଳସବୁ କୁଆଡ଼େ ପୃଥିବୀ ବିଖ୍ୟାତ ଓ ଶ୍ରେଷ୍ଠ । ଏହି କଥା ମୁଁ ଖାଲି ଶୁଣୁଥାଏ । ମତାମତ ପ୍ରକାଶ କରିବାର ଦୁଃସାହସ ମୋର ନଥିଲା । ସେ ଥିଲା ଉଗ୍ର କମ୍ୟୁନିଷ୍ଟ ବିରୋଧୀ । କମ୍ୟୁନିଷ୍ଟଙ୍କ ନାଁ ପଡ଼ିଲେ ସେ ତେଉଁଥିଲା । ବି.ବି.ସି. ନିରପେକ୍ଷ ସଂସ୍ଥା ହେଲେ କ'ଣ ହେବ ଏପରି ଭାବରେ ଖବର ପରିବେଷଣ କରନ୍ତି ଯେ ଖବର ଶୁଣିଲା ପରେ ଜଣକର ଧାରଣା ହେବ ଯେ ପୃଥିବୀରେ ଯେତେ ଗଣ୍ଡଗୋଳ ହେଉଛି ସେ ସବୁ କମ୍ୟୁନିଷ୍ଟମାନେ କରୁଛନ୍ତି । ବି.ବି.ସି. ଖବର ଶୁଣିଲା ପରେ ନିଟା ଗୋଡ଼କୁ କଚାଡ଼ି କୁହେ— କମ୍ୟୁନିଷ୍ଟମାନେ ହେଉଛନ୍ତି ପୃଥିବୀର ସବୁଠୁ ବେଶି ଭୟଙ୍କର ଜୀବାଣୁ । ହିଟଲର ସେମାନଙ୍କୁ ଶେଷ ନ କରି ଦେବାଟା ହେଉଛି ତା'ର ସବୁଠୁ ବଳି ଦୋଷ । ମୁଁ କିନ୍ତୁ ସେତେବେଳେକୁ କାର୍ଲମାର୍କସ୍, ଲେନିନ୍ ଓ ଷ୍ଟାଲିନ୍‌ଙ୍କର ଲିଖିତ ବହୁ ବହି କିଣି ମୋ ଟେବୁଲ୍‌ରେ ଜମାଇ ଥାଏ । ଦୈନିକ ଲଣ୍ଡନ୍ ଟାଇମ୍‌ସ ସହିତ କମ୍ୟୁନିଷ୍ଟ କାଗଜ ଡେଲି ୱାର୍କର ମଧ୍ୟ କିଣେ । ନିଟାର ବଦ୍ଧମୂଳ ଧାରଣା ଯେ ମୁଁ ଜଣେ କମ୍ୟୁନିଷ୍ଟ । ତେଣୁ ସେ ମୋ ଆଗରେ କମ୍ୟୁନିଷ୍ଟମାନଙ୍କ ପ୍ରତି ଏତେ ବିଦ୍ୱେଷ ଦେଖାଏ । ଏପରିକି ମୋ ଶୋଇବା ଘର ଟେବୁଲ୍ ସଜାଇଲା ବେଳେ ସେ ମାର୍କ୍ସିଷ୍ଟ ବହିକୁ ଛୁଏଁ ନାହିଁ । ସେଗୁଡ଼ିକ ଏପାଖ ସେପାଖ ହୋଇ ଥୁଆ ହୋଇଥାଏ । କିନ୍ତୁ ଅନ୍ୟାନ୍ୟ ବହି ଧାଡ଼ି କରି ସଜାଇ ରଖେ ।

ନିଟା ପୃଥିବୀର ସବୁ କମ୍ୟୁନିଷ୍ଟଙ୍କ ଉପରେ ଖର୍ପା ହୋଇ ବୈଠକଖାନା ଛାଡ଼ିଗଲା ପରେ ମାମୀ ମୋତେ କ୍ଷମା ମାଗନ୍ତି ତା ପାଇଁ । ମୁଁ ହସି କହେ— 'ମାମୀ, ତୁମେ କାହିଁକି ଏତେ ବ୍ୟସ୍ତ

Digitized by PPRACHIN, SOA

ହେଉଛ ? ମୋତେ ତ ନିଟା କଥା ଶୁଣି ବହୁତ ମଜା ଲାଗୁଛି । ମୁଁ କାହିଁକି ନିଜକୁ ଅପମାନିତ ବୋଧ କରିବି ?' କିନ୍ତୁ ମାମୀଙ୍କର ଦୃଢ଼ ଧାରଣା ଯେ ନିଟା ମୋତେ ଅପମାନିତ କରିବା ପାଇଁ ଏପରି କରୁଛି । ଅବଶ୍ୟ ମାମୀଙ୍କ ଧାରଣାରେ ନିଶ୍ଚିତ ଭାବରେ ସତ୍ୟତା ଥିଲା । ମୁଁ ଯେହେତୁ କମ୍ୟୁନିଷ୍ଟ କାଗଜ ଓ ବହି ପଢୁଛି, ତେଣୁ ନିଶ୍ଚୟ ଜଣେ କମ୍ୟୁନିଷ୍ଟ ଏବଂ ସେ ମୋତେ ଏପରି ଭାବରେ ଦେଖାଇ ଶୁଣାଇ କହିବାରେ ଆନନ୍ଦ ପାଉଥିଲା । ଏହା କିନ୍ତୁ ଇଂରେଜମାନଙ୍କର ସହନଶୀଳତାର ସଂପୂର୍ଣ୍ଣ ପରିପନ୍ଥୀ ଥିଲା ।

ଆଶ୍ଚର୍ଯ୍ୟର କଥା ଯେ ମୋତେ ନିଟା ସବୁବେଳେ ଦୂରେଇ ରଖେ; ତା' ମାଆ ସହିତ ମୋର ଭଲ ପଡୁଥିବାରୁ ତା'ର ମୋ ପ୍ରତି ଭୟଙ୍କର ଈର୍ଷା; ମୁଁ କମ୍ୟୁନିଷ୍ଟ ବୋଲି ସେ ମୋତେ ଘୃଣା କରେ, ତଥାପି ମୁଁ ଯେତେବେଳେ ଫୋନ୍ କରି କହେ ଯେ ମୁଁ ସେଦିନ ସନ୍ଧ୍ୟାରେ ଘରକୁ ଫେରିବି ନାହିଁ, ରାତ୍ରିଭୋଜନ ଖାଇବି ନାହିଁ, ସେତେବେଳେ ନିଟା ଯଦି ଫୋନ୍ ଧରିଥାଏ, ତେବେ ସେ ଅତି ବିରକ୍ତ ହେଲା ପରି ଜଣାଯାଏ । ଫୋନ୍‌କୁ ଧଡ଼୍ କରି ରଖିଦିଏ । ମୁଁ ଯେ ସନ୍ଧ୍ୟାରେ ବାହାରେ ରହିବି, ସେ କଥା ତା'ର ପସନ୍ଦ ହୁଏ ନାହିଁ । ସେମାନେ ପଇସା ନେଇ ମୋତେ ଖାଇବାକୁ ଦିଅନ୍ତି । ସେଦିନ ତ ତାଙ୍କର ପଇସା ବଂଚିବ । କାରଣ ନ ଖାଇଲେ ପଇସା କଟେ ନାହିଁ, ତା'ଛଡ଼ା ମୋର ସାନ୍ନିଧ ତା'ପକ୍ଷରେ ସେପରି ସୁଖଦାୟକ ନୁହେଁ, ତଥାପି ସେ ଯେ କାହିଁକି ମୁଁ ନଆସିବାର ଶୁଣିଲେ ବିରକ୍ତ ହୁଏ ସେ କଥା ମୁଁ ବୁଝିପାରେ ନାହିଁ । ବାହାରେ ରାତ୍ରିଭୋଜନ କରି ଫେରିଲା ପରେ ନିଟା ସହିତ ଦେଖାହେଲେ ମୁଁ ଯଦି କିଛି ପଚାରେ, ତେବେ ସେ ଫିଙ୍ଗା ଫୋପାଡ଼ିଲା ପରି କଥା କହେ, ବୈଠକଖାନାରୁ ହଠାତ୍ ଉଠି ଚାଲିଯାଏ, ଯଦି ଶୋଇବାକୁ ଚାଲିଯାଏ, ତେବେ ଶୁଭରାତ୍ରି କାମନା ମଧ କରେ ନାହିଁ, ଯାହାକି ତା'ପରି ଆଦବ୍ କାଇଦା ପ୍ରିୟ ଇଂରେଜ ରମଣୀ ପକ୍ଷରେ ଅତ୍ୟନ୍ତ ଅସ୍ୱାଭାବିକ ଏବଂ ଅଶୋଭନୀୟ । ମୁଁ ସନ୍ଧ୍ୟାରେ ଠିକ୍ ସମୟରେ ଘରକୁ ନ ଫେରିଲେ ସେ କାହିଁକି ଏତେ ବେଶି ବିବ୍ରତ ହୋଇପଡ଼େ ? ମୋ ଆଖିରେ ମିଜାଜୀ ନିଟା ଆହୁରି ବେଶୀ ରହସ୍ୟମୟୀ ହୋଇଉଠେ । ମାମୀ ବାରମ୍ୱାର ନିଟାର ବ୍ୟବହାର ଲାଗି ମୋଠାରେ କ୍ଷମାଭିକ୍ଷା କରନ୍ତି ।

ଥରେ ଏକାଦିକ୍ରମେ ପାଞ୍ଚ-ଛଅଦିନ ଧରି ସନ୍ଧ୍ୟାରେ ମୁଁ ଫେରିଲି ନାହିଁ । କାରଣ ନାନା ପ୍ରକାର ସାନ୍ଧ୍ୟ ସମାରୋହ ଓ ଭଲଭଲ ବକ୍ତୃତା ଲାଗି ମୁଁ ରହିଯାଏ । ପ୍ରତ୍ୟେକ ଦିନର ଅନୁପସ୍ଥିତି ପରେ ତା'ର ମୋର ସମ୍ପର୍କ ତିକ୍ତ ହୋଇଉଠିଲା ପରି ମନେ ହେଲା । କଥା ନାହିଁ, ବାର୍ତ୍ତା ନାହିଁ, ସବୁବେଳେ ଏଡ଼େ ମୁହଁ । ରାଗରେ ତା'ର ସାରା ଦେହ ଯେପରି ଜଳି ଉଠୁଛି, ଅଥଚ ମୋତେ କିଛି କହେ ନାହିଁ । ଏହା ମୋଠାରେ ତୀବ୍ର ଦ୍ୱନ୍ଦ ସୃଷ୍ଟି କଲା । ମୁଁ ଭାବିଲି ଏପରି ଅଶାନ୍ତିକର ପରିସ୍ଥିତିର ସମାଧାନ କରିବାକୁ ହେବ । ତା'ର ରାଗର କାରଣ ବାହାର କରିବାକୁ ହେବ । ମାମୀ ଏଥିପାଇଁ ମଧ ବହୁତ ଦୁଃଖାଭିଭୂତ ।

ତେଣୁ ମୁଁ ଦିନେ ସକାଳ ଭୋଜନ ପରେ ସାହସ ବାନ୍ଧି ନିଟା ସହିତ ମୁହାଁମୁହିଁ ହେବାକୁ ସିଦ୍ଧାନ୍ତ କଲି । ସେ ରନ୍ଧାଘର ଭିତରେ କ'ଣ କରୁଥିଲା । ମୁଁ କବାଟରେ ଆଘାତ କରି ଭିତରକୁ ପଶିଲି । ନିଟା ମୋତେ ନ ଚାହିଁ ତା' କାମରେ ବ୍ୟସ୍ତ ରହିଲା । ମୁଁ ପଚାରିଲି, 'ନିଟା, କଥା କ'ଣ ? ତୁମେ ମୋ ଉପରେ ଏପରି ରାଗିଛ କାହିଁକି ?'

ଏତିକି କହୁ କହୁ ନିଟା ବିଷଧର ନାଗୁଣୀ ପରି ଗର୍ଜିଉଠି କହିଲା, 'ତୁମେ କିଏ ମୋତେ ଏ ପ୍ରଶ୍ନ ପଚାରିବା ପାଇଁ ? ତୁମର କି ଅଧିକାର ମୋ ଉପରେ ?'

ଜଣେ କୁଳୀନ ଇଂରେଜ ପରିବାରର ଭଦ୍ରମହିଳା ଆଉ ଜଣକ ସହିତ ଏପରି କଥା କହିବ, ଏ କଥା ମୁଁ ସ୍ୱପ୍ନରେ ସୁଦ୍ଧା ଭାବିପାରି ନଥିଲି । ମୁଁ ହତବାକ୍ ହୋଇ କିଛି ସମୟ ତାକୁ ଚାହିଁଲି ।

Digitized by PPRACHIN, SOA

ସେ କିନ୍ତୁ ମୋତେ ସିଧା ଚାହୁଁ ନଥାଏ । ତା'ପରେ କହିଲା, 'ମୁଁ ତୁମର ସେହି ବାଜେ ଦୈନିକ କାଗଜ ଡେଲି ୱାର୍କର (କମ୍ୟୁନିଷ୍ଟ ପାର୍ଟିର ମୁଖପତ୍ର) ଏ ଘରେ ଦେଖିବାକୁ ଚାହେଁନା ।'

ହଠାତ୍ ମୋ ମୁହଁରୁ ବାହାରିଗଲା, 'ମୁଁ ଭାବିଥିଲି ଇଂରେଜ ଲୋକେ ବ୍ୟକ୍ତିର ଗଣତାନ୍ତ୍ରିକ ଅଧିକାର ଓ ସ୍ୱାଧୀନତା ପ୍ରତି ବହୁତ ସମ୍ମାନ କରନ୍ତି । ଦେଖ ନିଟା, ଏ କାଗଜ ଯଦି ଏ ଘରକୁ ନ ଆସିପାରିବ ତା' ସହିତ ମୁଁ ମଧ ଆଉ ଏ ଘରକୁ ଆସିବି ନାହିଁ ।'

ମୋର ଏ ପଦକ କଥା ତାକୁ ଏପରି ଆହତ ଓ ଅପମାନିତ କଲା ଯେ ସେ ଭୟଙ୍କର ଭାବରେ ରାଗିଯାଇ ଘରର କବାଟକୁ ଖୁବ୍ ଜୋର୍‌ରେ ବାଡ଼େଇ ଦେଇ କାଠ ଶିଡ଼ିରେ ଧପ୍‌ଧପ୍ କରି ଦୋତାଲାକୁ ଦୌଡ଼ି ଚାଲିଗଲା । ମାମୀ ଉପରେ ଥିଲେ । ନିଟାର ଏ ପ୍ରକାର ପାଟି ଶୁଣି ସେ ସାଙ୍ଗେ ସାଙ୍ଗେ ତଳକୁ ଆସି ମୋତେ ପଚାରିଲେ, 'କ'ଣ ହୋଇଛି ?' ନିଟା କାହିଁକି ଏପରି ବ୍ୟବହାର କଲା ଏବଂ କାହିଁକି ଯାଇ ତା' ଶେଯରେ ପଡ଼ି କଇଁ କଇଁ ହୋଇ କାନ୍ଦୁଛି ?'

ମୋ ମୁହଁ ଆଗରେ କବାଟ ବାଡ଼େଇ ଚାଲିଯିବା ପାଇଁ ମାମୀ ବହୁତ ଦୁଃଖ କଲେ ଏବଂ ମୋଠାରେ କ୍ଷମାଭିକ୍ଷା କଲେ । କହିଲେ, 'ତୁମେ କେତେଦିନ ଧରି ସନ୍ଧ୍ୟାରେ ନ ଫେରିବାରୁ ତା'ର କାହିଁକି ମିଜାଜ୍‌ଟା ବିଗିଡ଼ି ଯାଇଛି ।' ସେ ମଧ ବୁଝିପାରି ନଥିଲେ ନିଟାର କାହିଁକି ଏତେ ବେଶି ରାଗ, ଦୁଃଖ ଓ ମାନସିକ ଯନ୍ତ୍ରଣା । ମୋ ପକ୍ଷରେ ତାହା ବୁଝିବା ଅସମ୍ଭବ ଥିଲା । ନିଟା ହେଉଛି ବିଦେଶିନୀ ଓ ଅଦ୍ଭୁତ ଚରିତ୍ରର ନାରୀ । ଏତେ ବେଶି ପ୍ରତିଭାଶାଳୀ, ଅଥଚ ଏତେ ବଦ୍‌ରାଗୀ ଓ ଅସହନଶୀଳା । ଅସନ୍ତୁଳିତ ମାନସିକ ଅବସ୍ଥା ଯେପରି ତା'ର ବ୍ୟକ୍ତିତ୍ୱର ମୁଖ୍ୟ ବୈଶିଷ୍ଟ୍ୟ ।

ତା'ପରେ ମୁଁ ପ୍ରତିଦିନ ଗଲାପରି ଘରୁ ବାହାରି ଗଲି । ମନେ ମନେ ସଂକଳ୍ପ କଲି ଯେ ଏପରି ଦୁଃଖଦାୟକ ଘଟଣା ପରେ ସେଠାରେ ମୋର ରହିବା ଆଉ ସମ୍ଭବ ନୁହେଁ । ଅନ୍ୟ ଯାଗାରେ ଯାଇ ରହିବି, ବଖରାଏ ଘର ଭଡ଼ା ନେଇ ସେଠାରେ ମୁଁ ରନ୍ଧାରନ୍ଧି କରି ଚଳିଯିବି । ଆଉ କୌଣସି ପରିବାରରେ ରହିବି ନାହିଁ । ବଖରାଏ ଘର ନେଇ ରହିବାଟା ମଧ ବଡ଼ ଶସ୍ତା । ପଇସା ବେଶ୍ ବଂଚିବ । ତା'ଛଡ଼ା ଡେଲି ୱାର୍କର ପଢ଼ିବା ନ ପଢ଼ିବାରେ ହସ୍ତକ୍ଷେପ ମୋର ଅସହ୍ୟ ହେଲା । ମୁଁ କ'ଣ ପଢ଼ିବି, କଣ ପଢ଼ିବି ନାହିଁ ସେ ବିଷୟରେ ଜଣେ ଅଜ୍ଞାତ ବିଦେଶିନୀ ମୋତେ ନିୟନ୍ତ୍ରଣ କରିବ ? ଏହାକୁ ମୁଁ ବରଦାସ୍ତ କରିପାରିଲି ନାହିଁ । ନିଟା ସହିତ ଗଢ଼ି ଉଠିଥିବା ମୋର ସହନଶୀଳତା ଓ ମାନବୀୟ ସମ୍ବେଦନଶୀଳତା ହଠାତ୍ ଏହି କଥା ପଦକରେ ଯେପରି ମଉଳିଗଲା । ମୁଁ ସ୍ଥିର କଲି ସାତ ଦିନ ଭିତରେ ମୁଁ ନିଶ୍ଚିତ ଭାବେ ସେ ଘର ଛାଡ଼ିବି । ସେହିଦିନ ମଧ ବୁଲି ବୁଲି ଗୋଟିଏ ବଖରା ଘର ଠିକ୍ କଲି । ସେଠାରେ ଗ୍ୟାସ୍ ଚୁଲି ଓ ଗାଧୁଆ ଘର ଥିଲା । ବେଶ୍ କମ୍ ଦାମ୍, ହପ୍ତାକୁ ମାତ୍ର ଦୁଇପାଉଣ୍ଡ, ବିଶ୍ୱବିଦ୍ୟାଳୟକୁ ପାଖ, ଖାଲି ଏତିକି ଏହି ଅଞ୍ଚଳଟିରେ ଗରିବ ଶ୍ରମିକମାନେ ରହନ୍ତି । ବହୁତ ମଇଳା । ମୋର ଗୋଲଡର୍‌ସ୍‌ଗ୍ରୀନ୍ ଘର ଅତ୍ୟନ୍ତ ସୁନ୍ଦର । ସେ ସାହିର ସବୁ ଘର ଆଗରେ ଓ ପଛରେ ବଗିଚା, ବହୁତ ପରିଷ୍କାର, ସାରା ଅଞ୍ଚଳଟି ବଡ଼ ମନୋରମ, ଏଣୁ ଏହି ଅଞ୍ଚଳଟି ବ୍ୟୟବହୁଳ । ଏଠାରେ ଉପର ଶ୍ରେଣୀର ଲୋକମାନେ ରହନ୍ତି । ଯାହା ହେଉ, ବର୍ତ୍ତମାନ୍ ଅବସ୍ଥାରେ ଯେ କୌଣସି ଅଞ୍ଚଳ ମୋତେ ଭଲ ଲାଗିବ ଯେଉଁଠି ମୋର ପୂର୍ଣ୍ଣ ସ୍ୱାଧୀନତା ରହିବ ମୁଁ ସେଠାରେ ମୁଁ ରହିବି ।

ସେଦିନ ସନ୍ଧ୍ୟାରେ ମୁଁ ଖାଇବାକୁ ଆସିଲି ନାହିଁ, ଦୁଃଖ ଓ ଅଭିମାନରେ ମୋ ମନ ଭାରି ହୋଇ ଯାଇଥିଲା । ରାତିରେ ଫେରିଲା ପରେ ମାମୀଙ୍କୁ ଡାକି କହିଲି ଯେ, —'ମାମୀ, ତୁମକୁ ଛାଡ଼ି ଲଣ୍ଡନର ଅନ୍ୟତ୍ର ରହିବାରେ ମୋର କେତେ ଦୁଃଖ ହେବ ତାହା ତୁମେ ଭଲ ଭାବରେ ଜାଣ । ଘର ଭିତରେ ଅଶାନ୍ତି ସୃଷ୍ଟି କରିବା ଅପେକ୍ଷା ମୁଁ ଚାଲିଯିବା ଠିକ୍ କଲି । କିନ୍ତୁ ପ୍ରତି ହପ୍ତାରେ ଥରେ ଦି'ଥର ମୁଁ ଆସି ତୁମକୁ ଦେଖା କରିବି କିମ୍ବା ଫୋନ୍ କରି ତୁମକୁ ଡାକି ନେବି । ତୁମେ ମୋ

Digitized by PPRACHIN, SOA

ସାଙ୍ଗରେ ଯାଇ କେଉଁଠି ଏକାଠି ବସି ଖାଇବା, ଗପସପ ହେବା । ମୁଁ ଆସନ୍ତା ତିନିଦିନ ପରେ ଏହି ଘର ଛାଡ଼ି ଚାଲିଯିବି ।'

ମାମୀ ଆଖିରେ ଲୁହ, ମୋ ଆଖିରେ ଲୁହ । କିନ୍ତୁ ମାମୀ କହିଲେ, –'ପ୍ରକୃତରେ ତୁମେ ବହୁତ ଅପମାନିତ ହେଲଣି, ଆଉ ବେଶିଦିନ ଏଠାରେ ରହିବା ତୁମର ଠିକ୍ ନୁହେଁ । ତୁମେ ଏ ଘର ଛାଡ଼ି ଚାଲିଯିବ– ଏଥିପାଇଁ ମୋର ବହୁତ କଷ୍ଟ ହେଉଛି । ତୁମର ଦେହ ପା ହେଲେ କିଏ ଦେଖିବ ? ନିଟା ମୋ ସ୍ୱାମୀଙ୍କୁ ଘରୁ ବାହାର କରିଦେଲା, ତା'ପରେ ତୁମକୁ ମଧ୍ୟ ।' ଏହା କହି ସେ କୋହ ସମ୍ଭାଳି ନ ପାରି ତାଙ୍କ ବଖରାକୁ ଚାଲିଗଲେ । ନିଟା ସହିତ ମୋର ସେହି ରାତିରେ ଆଉ ଦେଖା ହେଲା ନାହିଁ । କାରଣ ମୋ ସହିତ ତା'ର ଯେପରି ଦେଖା ନହୁଏ, ସେଥିପାଇଁ ମୋ ଫେରିବା ଆଗରୁ ସେ ତା'ର ଶୋଇବା ଘରକୁ ଚାଲି ଯାଇଥିଲା ।

ତା'ପର ଦିନ ସକାଳ ଭୋଜନ ମାମୀ ବାଢ଼ିଦେଲେ । କିଛି ସମୟ ପରେ ମୁଁ ମୋ ବଖରାକୁ ଫେରିଗଲି । ଦେଖିଲି, ମୋର ସେହି ଅଧଘଣ୍ଟାର ଅନୁପସ୍ଥିତିରେ ମୋ ବଖାରର ରୂପ ସମ୍ପୂର୍ଣ୍ଣ ବଦଳି ଯାଇଛି । ମୋ ପଢ଼ା ଟେବୁଲ୍‌ରେ ଜମା ହୋଇଥିବା ମୋଟାମୋଟା ମାର୍କ୍ସ, ଲେନିନ୍ ବହି ସଜା ହୋଇ ଥୁଆ ହୋଇଛି । ଏହି ବହିଗୁଡ଼ିକର ବ୍ୟକ୍ତିତ୍ୱ ତଥା ମର୍ଯ୍ୟାଦା ଯେପରି ବହୁ ପରିମାଣରେ ବୃଦ୍ଧି ପାଇଛି । ଏହି ବହିଗୁଡ଼ିକୁ ଅନ୍ତତଃ ଏପରି ଭାବରେ ଆଗରୁ କେହି ସଜାଇ ନାହାନ୍ତି । ତା ପାଖ ଟେବୁଲ୍‌ରେ ଗୋଟିଏ ବଡ଼ ଗୋଛା ଲାଇଲାକ୍ ଫୁଲ । ମୋର ଛୋଟ ଟେବୁଲ୍ ଉପରେ ମଧ୍ୟ ଗୋଲାପ ଫୁଲ ଗୁଚ୍ଛ । ଘର ସବୁ ଚିକ୍ ଚିକ୍ କରୁଛି । ଏପରି ରୁଚିକର ସାଜସଜ୍ଜା ମୁଁ କେବେ ଦେଖି ନଥିଲି । ଏତେ ସକାଳୁ ଫୁଲ କିଏ ଆଣି ଥୋଇଛି ? ସେଠାରେ ଫୁଲର ଯେପରି ଦାମ୍ ଦୁଇଟା ଫୁଲ ଗୁଚ୍ଛର ଦାମ୍ ଅନେକ ବେଶି ହେବ । ସକାଳର କଅଁଳ ଖରା ଖୋଲା ଝରକା ବାଟେ ଝରି ପଡୁଛି । ସୁଲୁସୁଲୁ ପବନରେ ଘର ମହକି ଉଠୁଛି । ମୁଁ ଆଶ୍ଚର୍ଯ୍ୟ ହୋଇ ଝରକା ପାଖରେ ଠିଆ ହୋଇ ଫୁଲ ତୋଡ଼ାକୁ ଚାହୁଁଛି । ଏସବୁର ରହସ୍ୟ ବୁଝି ହେଉନାହିଁ । ମୋ ମନରେ ଗୋଟିଏ ଗୋଳମାଳିଆ ଭାବ । ହଠାତ୍ ମୋ କବାଟରେ ଆଘାତ ଦେଇ ନିଟା ମୋ ବଖରାକୁ ପଶି ଆସିଲା । ମୋ ମୁହଁକୁ ସିଧା ନ ଚାହିଁ ଏପାଖ ସେପାଖ ଦୌଡ଼ା ଦୌଡ଼ି କରି, ଫୁଲ ତୋଡ଼ାକୁ ପୁଣି ଟିକିଏ ହଲ୍‌ଚଲ୍ କରି କହିଲା, 'ତୁମର କ'ଣ ଆଜି କିଛି ଜରୁରୀ କାମ ଅଛି ? ମାଆଙ୍କର ଦେହ ଓ ମନ ଭଲ ନାହିଁ । ତାଙ୍କୁ ବାହାରକୁ ନେଇ ଯିବାକୁ ହେବ । ଗୋଟିଏ ଭଲ ସିନେମା ଦେଖାଇବାକୁ ହେବ । ପାର୍କଆଡ଼େ ବୁଲାଇ ଆଣିବା ଦରକାର । ତୁମର ଯଦି ସେପରି ଜରୁରି କାମ ନଥାଏ, ଆମ ସାଙ୍ଗରେ ଆସିପାରିବ ? ମାମୀ ପାଇଁ କିଛି କରିବାକୁ ହେବ । ସେ ଆଦୌ ଭଲ ନାହାଁନ୍ତି ।'

ନିଟା ଏପରି କହୁଥାଏ ଯେ ସେ ଯେପରି ମୋର ଯୁଗ ଯୁଗର ବନ୍ଧୁ । ତା ମାମୀର ମନ ବଦଳାଇବା ପାଇଁ ମୋର ଏକାନ୍ତ ସାହାଯ୍ୟ ଦରକାର । ମୋ ଉପରେ ଯେପରି ତା'ର ସମ୍ପୂର୍ଣ୍ଣ ଅଧିକାର ଅଛି । ଅଦ୍ଭୁତ ଏ ରମଣୀ ! ମୁଁ ପ୍ରଥମେ ସ୍ତମ୍ଭୀଭୂତ ହୋଇଗଲି । ଯେଉଁ ନିଟା ଦିନେ ପୂର୍ବରୁ ଏପରି ଖରାପ ବ୍ୟବହାର କରିଥିଲା, ସେ ଯେ ଏପରି ସରଳ ଭାବରେ ନିଃସଙ୍କୋଚରେ ମୋ ସହିତ ବ୍ୟବହାର କରିପାରିବ ଏହା ମୋର କଳ୍ପନାର ବାହାରେ ଥିଲା । କିନ୍ତୁ ପରମୁହୂର୍ତ୍ତରେ ବୁଝି ପାରିଲି ଯେ ନିଜ ପାରିବାରିକ ଆଭିଜାତ୍ୟର ଗର୍ବ ଖଣ୍ଡାଧାରରେ ଚାଲିବାର ଔଦ୍ଧତ୍ୟ, ସ୍ୱକୀୟ ପ୍ରତିଭା ଚେତନର ସ୍ୱାଭିମାନ ଓ 'ମା'ଙ୍କୁ ଗଭୀର ଭାବରେ ଭଲ ପାଇବାର ଅଭିମାନରେ ସଦାସର୍ବଦା ଆନ୍ଦୋଳିତ ଏହି ରହସ୍ୟମୟୀ ନାରୀ ଏ ପ୍ରକାର ଆମନ୍ତ୍ରଣ ଛଳରେ ମୋ'ଠାରେ କ୍ଷମାଭିକ୍ଷା କରୁଛି । ବଡ଼ ବଡ଼ ଫୁଲ ତୋଡ଼ାର ସ୍ନିଗ୍ଧତା ମାଧ୍ୟମରେ ମୋ ମନ ଭିତରୁ ଅତୀତର ସକଳ ପ୍ରକାର ଅପମାନ ଅଶାନ୍ତି ଲିଭାଇ ଦେବାକୁ ଚାହୁଁଛି । ଆମ ଦୁଇଜଣଙ୍କର ଅତି ଆଦରର ମାମୀ ମନରେ ଆନନ୍ଦ ଆଣି ଦେବା ବାହାନାରେ ମୋର ଏକାନ୍ତ ସାହାଯ୍ୟ ମାଗୁଛି । ସାମାନ୍ୟ

Digitized by PPRACHIN, SOA

ଅନୁରୋଧ ଭିତର ଦେଇ ତା'ର ସମସ୍ତ ଅଧିକାର ଯେପରି ସେ ସାବ୍ୟସ୍ତ କରୁଛି । ତା'ପରି ସୁନ୍ଦରୀ, ପ୍ରତିଭାଶାଳିନୀ ରମଣୀ ଏହି ସାମାନ୍ୟ କଥା କେତୋଟି କହିଲାବେଳେ ଆହୁରି ବେଶି ମନୋରମ ଦେଖାଯାଉଛି । ସାର୍ବଜନୀନ ମାନବୀୟ ଆକର୍ଷଣ ଶକ୍ତିର ସେ ଯେପରି ଅସରନ୍ତି ଉତ୍ସ । ସେହି ଅଗ୍ନି ଉଦ୍‌ଗୀରଣକାରିଣୀ ଭୟଙ୍କର ବିଷୁବୀୟସ୍ (ବିଖ୍ୟାତ ଆଗ୍ନେୟଗିରିର ନାମ) ଆଜି ନାରୀର ନମନୀୟତାରେ କି ଶାନ୍ତ, କି ଉଦାର ଦେଖାଯାଉଛି ! ନାରୀର ଗୋଟିଏ ମୁହୂର୍ତ୍ତରେ ଭୟଙ୍କର ବିଶ୍ୱସଂହାରୀ ରୂପ ପରବର୍ତ୍ତୀ କାଳର ପ୍ରେମମୟ ନମନୀୟ ହସର ଅଦ୍ଭୁତ ସମାବେଶ ଯୋଗୁଁ ବୋଧହୁଏ ନାରୀର ମନ ଅକଳନ ଓ ତାକୁ ରହସ୍ୟମୟୀ ବୋଲି କୁହାଯାଇଥାଏ । ଏପରି ଜଣେ ରହସ୍ୟମୟୀ ନାରୀର ଅନୁନୟ କ'ଣ ସହଜରେ ଉପେକ୍ଷା କରାଯାଇପାରେ ? ଉପେକ୍ଷା କରିବାର ଅର୍ଥ ଅନୁତାପ ଅନୁଶୋଚନା ହିଁ ହେବ । ଅନୁନୟ ପରି ବିରାଟ କରୁଣାୟିତ ମାନବୀୟ ଉନ୍ମେଷକୁ ଅପମାନିତ କରିବା । ମୁଁ ଆତ୍ମବିଭୋର ହୋଇ କହିଲି, ହଁ ମୁଁ ରାଜି ।

ତା'ପରେ ସେ ଯେପରି ଗୋଟିଏ ଶକ୍ତି ଓ ଚଞ୍ଚଳତାର ଡାଇନାମୋରେ ପରିଣତ ହୋଇଗଲା । ତଳକୁ କାଠଶିଡ଼ିରେ ଧପ୍‌ଧପ୍ ହୋଇ ଓହ୍ଲାଇ ଯାଇ ମାଆକୁ ପାଟିକରି ତାଗିଦ୍ କରିଦେଇ ଗଲା, 'ମାଆ, ତୁମେ ନିଶ୍ଚୟ ବାହାରକୁ ଯିବ । ରଥ ଓ ମୁଁ ତୁମକୁ ସାଙ୍ଗରେ ନେଇଯିବୁ । ଖୁବ୍ ଶୀଘ୍ର କାମ ଶେଷକର ।'

ତା'ପରେ ପୁଣି ସେ ଧପ୍ ଧପ୍ ହୋଇ ଉପରକୁ ଉଠିଆସିଲା । ମୋତେ କହିଲା, 'ଦେଖ, ଆଜିର ସବୁ ଖର୍ଚ୍ଚ ମୁଁ କରିବି, ତୁମେ ମୋର ଅତିଥି ।'

ଏହିପରି ଭାବରେ ଖାଲି ତଳ ଉପର, ଏଘର ସେଘର ସେ ଦୌଡ଼ିବାକୁ ଆରମ୍ଭ କଲା । ସାରା ଘର ତା'ର ଯିବା ଆସିବାରେ ପଡୁଥାଏ ଉଠୁଥାଏ । କେତେବେଳେ ବଡ଼ ପାଟି କରି କହୁଥାଏ, 'ରଥ, ଆଜି ଟିକିଏ ଆଗରୁ ମଧ୍ୟାହ୍ନ ଭୋଜନ କରିନେବା । ମୁଁ ସବୁ ବନ୍ଦୋବସ୍ତ କରୁଛି । ତୁମକୁ ମାଂସ ରୋଲ୍ ଭଲ ଲାଗେ ! ତାକୁ କରିଦେବି । ମାମୀ, ତୁମେ ଅମୁକ ପୋଷାକ ପିନ୍ଧିଲେ ତୁମକୁ ଭଲ ଲାଗିବ ।' ତା'ପରେ ହଠାତ୍ ସାଇକେଲ୍ ଖଣ୍ଡିକ ଧରି କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲା, ଫେରିଲା ବୋଝେ ଜିନିଷ ଧରି । ଭଲଭଲ ଫଳ, ପରିବା, ମାଂସ, ଚକ୍‌ଲେଟ୍ ଦାମିକା ୱାଇନ ଇତ୍ୟାଦି । ଦାମ୍ ବେଶ୍ କିଛି ହେବ । କୁଆଡୁ ହଠାତ୍ ଏତେ ଟଙ୍କା ସେ ପାଇଲା ? ପରେ ମାମୀଙ୍କଠାରୁ ଶୁଣିଲି ଯେ ସେ ତା'ର ଗୋଟିଏ ହୀରାମୁଦିକୁ (ତା ବାପା ସୁନା ଓ ହୀରା ବ୍ୟବସାୟ କରୁଥିଲେ ଏବଂ ସେ ଇଂଲଣ୍ଡର ରାଜପରିବାରକୁ ଅଳଙ୍କାର ଯୋଗାଉଥିଲେ, ତେଣୁ ଏମାନଙ୍କ ପାଖରେ ସୁନା ଓ ହୀରାର ଗହଣା କିଛି ଥିଲା ।) ହଠାତ୍ ଦୋକାନରେ ବନ୍ଧା ପକାଇ ୨୦ ପାଉଣ୍ଡ ଆଣି ଖର୍ଚ୍ଚ କରି ପକାଇଲା । ତା'ପରେ ସାରା ଦିନ ସିନେମା ଦେଖା, ପାର୍କ ବୁଲା, ଆଇସ୍‌କ୍ରୀମ୍ ଖିଆ । ସନ୍ଧ୍ୟାରେ ତା'ର ସୁମଧୁର କଣ୍ଠରେ ପିଆନୋ ଧରି ଗୀତ । ମୁଁ ସାରା ଦିନ ଅତି ବିହ୍ୱଳ ଭାବରେ ତାକୁ ଲକ୍ଷ୍ୟ କରୁଥାଏ । କି ଅଦ୍ଭୁତ ଭାବରେ ଅସନ୍ତୁଳିତ ଏହି ରମଣୀ !

ତା'ପରେ ମୋର ଆଉ ଘର ଛାଡ଼ିବାର ପ୍ରଶ୍ନ ଉଠିଲା ନାହିଁ । ନିଟା ତା'ପରେ ମୋର ଡେଲି ୱାର୍କର କାଗଜକୁ ଆଣି ମୋ ଟେବୁଲ୍ ଉପରେ ରଖିବାକୁ ଆରମ୍ଭ କଲା । ତା' ପୂର୍ବରୁ କେବଳ ଲଣ୍ଡନ ଟାଇମସ୍ କାଗଜକୁ ଆଣି ମୋ ଟେବୁଲ୍‌ରେ ରଖୁଥିଲା । ମୁଁ ଯାଇ ଡେଲି ୱାର୍କର କାଗଜ ତଳୁ ଗୋଟାଇ ଆଣୁଥିଲି । ନିଟା ପୂରାପୂରି ବଦଳିଗଲା । ଆମେ ଉଭୟେ ମାମୀଙ୍କୁ ଭଲ ପାଇଲେ କିଛି କ୍ଷତି ନାହିଁ— ଏହା ସେ ହୃଦୟଙ୍ଗମ କଲା ।

ତା'ର ଅତ୍ୟଧିକ ରାଗର ଆଉ ଗୋଟିଏ କାରଣ ଥିଲା । ଆମ ଘରେ ଆଉ ଗୋଟିଏ ବଖରାରେ ଜଣେ ଭାରତୀୟ ଲୋକ ରହୁଥିଲେ । ସେ ଜଣେ ବଡ଼ ଜମିଦାରଙ୍କର ପୁଅ । ବେଶ୍ ବୋକା ଧରଣର ଲୋକ । ତା'ଛଡ଼ା ସେ ଏତେ ଆଦରରେ ବଢ଼ିଥାନ୍ତି ଯେ ଦୁନିଆ ବିଷୟରେ କିଛି

Digitized by PPRACHIN, SOA

ବୁଝି ପାରନ୍ତି ନାହିଁ । ଭଦ୍ର, ଅଭଦ୍ର ବ୍ୟବହାର ବିଷୟରେ ତାଙ୍କର ସମ୍ୟକ୍ ଧାରଣା ନଥିଲା । ତାଙ୍କୁ ଯାହା ଭଲ ଲାଗୁଥିଲା ସେ ତାହା କହୁଥିଲେ ଏବଂ କରୁଥିଲେ । ତାଙ୍କୁ ଚାକୁଳେଇ ଚାକୁଳେଇ ଶବ୍ଦ କରି ଖାଇବାକୁ ଭଲ ଲାଗୁଥିଲା । ଏଠାରେ ଏହା ଭୟଙ୍କର ଅଭଦ୍ରତା ବୋଲି ତାଙ୍କୁ ଯେତେ ବୁଝାଇଲେ ମଧ୍ୟ ସେ ଅଭ୍ୟାସ ଛାଡ଼ିପାରୁ ନଥିଲେ । ସେ ଏପରି ଖାଦ୍ୟପ୍ରିୟ ଥିଲେ ଯେ ଟେବୁଲ୍‌ରେ ଖାଦ୍ୟ ଦେଖିଲେ ତାଙ୍କ ଆଖି ବଡ଼ ହୋଇଯାଏ, ପାଟି ମେଲା ହୋଇଯାଏ । ଆନନ୍ଦରେ ଅଧୀର ହୋଇ ଗାବୁଗାବୁ କରି ଖାଇବାକୁ ଆରମ୍ଭ କରନ୍ତି । କେଉଁ କଣ୍ଟା କେଉଁ ଚାମଚରେ କ'ଣ ଖାଇବାକୁ ହୁଏ ସେ କଥା କେବେ ତାଙ୍କର ମନେରହେ ନାହିଁ । ଏସବୁ ଦେଖିଲେ ନିଟା ଦାନ୍ତ କଡ଼ମଡ଼ କରେ । ଗମ୍ଭୀର ହୋଇ ବସେ । ବିରକ୍ତିରେ କଥା କହେ ନାହିଁ । ସେ କିନ୍ତୁ ଏତେ କଥା ବୁଝିପାରନ୍ତି ନାହିଁ । ଏ ଭଦ୍ରଲୋକ ସେଠାକୁ ଆଇନ୍ ପଢ଼ିବାକୁ ଯାଇଥିଲେ । ସେତେବେଳେ ବାରିଷ୍ଟରୀ ପାଶ୍ ସେତେ କଷ୍ଟ ନଥିଲେ ସୁଦ୍ଧା ବହୁବାର ଫେଲ୍ ହୋଇ ଶେଷରେ ପାଶ୍ କରିଥିଲେ । ଏ ଭଦ୍ରଲୋକଙ୍କର ନିଃସହାୟ ଅବସ୍ଥା ଯୋଗୁଁ ମାମୀ ତା ପ୍ରତି ବହୁତ ସହାନୁଭୂତି ଦେଖାନ୍ତି ।

ଏ ଭଦ୍ରଲୋକଙ୍କର ବୁଦ୍ଧି ବେଶ୍ କମ୍ ବୋଲି ଜଣାଯାଏ । ମୁଁ ଯେତେବେଳେ ସନ୍ଧ୍ୟାରେ ଫେରେ ନାହିଁ ସେ ନିଟା ଓ ମାମୀଙ୍କୁ ମୋର କମ୍ୟୁନିଷ୍ଟ କାର୍ଯକଳାପ ବିଷୟରେ ବହୁତ ମିଛକଥା ମନରୁ ଫାନ୍ଦି କହନ୍ତି । ନିଟା କମ୍ୟୁନିଷ୍ଟଙ୍କୁ ଏତେ ଘୃଣା କରେ ଓ ଚିଡ଼େ ବୋଲି ଖାଲି ମଜା ଦେଖିବା ପାଇଁ ମୋ ବିଷୟରେ ଏସବୁ ମନଗଢ଼ା କଥା କହନ୍ତି । ମୋର ପାଞ୍ଚ-ଛଅ ଦିନର ଅନୁପସ୍ଥିତି ସମୟରେ ସେ କହିଥିଲେ ଯେ ମୁଁ କୁଆଡ଼େ ଇଂଲଣ୍ଡର ଜଣେ ବିଖ୍ୟାତ କମ୍ୟୁନିଷ୍ଟ ନେତା । ସନ୍ଧ୍ୟାରେ ଯାଇ ମୁଁ ଅଣ୍ଡରଗ୍ରାଉଣ୍ଡରେ ସଭା କରେ । ଆଣ୍ଡରଗ୍ରାଉଣ୍ଡ ଅର୍ଥ ସେ ବୁଝିଥିଲେ ଯେ ଇଂଲଣ୍ଡର ଘର ତଳେ ଯେଉଁ ଘର ଥାଏ । ମୁଁ ପହଞ୍ଚିଲା ପରେ ଲାଲ୍‌କୁର୍ତ୍ତା ପିନ୍ଧିଥିବା ଲୋକମାନେ କୁଆଡ଼େ ମୋତେ ସାଲ୍ୟୁଟ୍ କରନ୍ତି । ମୁଁ ବିପ୍ଳବ ପାଇଁ ଜ୍ୱାଳାମୟୀ ବକ୍ତୃତା କରେ । ସେ ଭଦ୍ରଲୋକ କୁଆଡ଼େ ଥରେ ମୋ ସାଥିରେ ଯାଇ ସବୁ ଦେଖିଥିଲେ । ତା'ଛଡ଼ା ମୁଁ ଭାରତରେ ପହଞ୍ଚିଲା କ୍ଷଣି ମୋତେ ପୋଲିସ୍ ହାତକଡ଼ା ଦେଇ ଜେଲ୍‌ରେ ଭର୍ତ୍ତି କରିଦେବ । ଭାରତରେ କମ୍ୟୁନିଷ୍ଟମାନେ ରାସ୍ତାରେ ଯାଇପାରନ୍ତି ନାହିଁ । ମୋର ଚାକିରି ଯିବା ଇତ୍ୟାଦି ଇତ୍ୟାଦି ବହୁ ଭୟଙ୍କର କଥା । ଏଥିରେ ତିଳେ ମାତ୍ର ସତ୍ୟତା ନଥିଲା । ଏ କଥା ଶୁଣି ନିଟା ଓ ମାମୀ ଡରିଗଲେ । ମୋର ପିଲାଛୁଆ ହଇରାଣ ହେବେ, ମୁଁ ଜେଲ୍ ଯିବି, ଏ କଥା ସେମାନଙ୍କୁ ବହୁତ ମର୍ମାହତ କରିଥିଲା । କିନ୍ତୁ ଭରସି କରି ମୋତେ ସେମାନେ ଏକଥା ପଚାରି ପାରୁ ନଥିଲେ । ଭୟ, ରାଗ ଓ ଅଭିମାନର ବଶବର୍ତ୍ତୀ ହୋଇ ମୋର ପରିବାରର ଭବିଷ୍ୟତ ବିପଦରେ ବିଚଳିତ ନିଟା ସେଦିନ ରାତିରେ ମୋ ସହିତ ଏପରି ବ୍ୟବହାର କରିଥିଲା ।

ଆମର ମାନ ଅଭିମାନ ଅବସାନର କିଛିଦିନ ପରେ ଦିନେ ରବିବାର ସକାଳେ ମୁଁ ବଗିଚା କାମ ସାରି ଆରାମ୍ ଚୌକିରେ ବସି ଗୋଟିଏ ବହି ପଢୁଥାଏ । ସେଠାରେ ସୁନ୍ଦର ଖରା ଓ ଥଣ୍ଡା ପବନ । ଚାରିଆଡ଼େ ଲାଇଲକ୍ ଓ ଗୋଲାପ ଫୁଲର ବାସରେ ମହକି ଉଠୁଥାଏ । ନିଟା ମୋ ପାଖକୁ ଆଉ ଗୋଟିଏ ଚଉକି ଟାଣି ଆଣି ବଡ଼ ସମ୍ଭ୍ରମରେ କଥା ଆରମ୍ଭ କଲା, 'ଗୋଟିଏ କଥା ପଚାରିବି, କିଛି ମନେ କରିବ୍ ନାହିଁ । ମୁଁ ତୁମର ସ୍ୱାଧୀନ ମନୋଭାବକୁ ବହୁତ ପସନ୍ଦ କରେ । ତୁମର ଦେଶ ବିଦେଶ ବିଷୟରେ ଜ୍ଞାନ ଓ ଆନ୍ତର୍ଜାତିକତା ମନୋଭାବ ମୋତେ ବହୁତ ଭଲ ଲାଗେ । ମୁଁ ତୁମ କଥାବାର୍ତ୍ତାରୁ ବହୁତ କଥା ଶିଖିଲାଣି । କିନ୍ତୁ ଗୋଟିଏ ବ୍ୟକ୍ତିଗତ କଥା ପଚାରିବି, କିଛି ଭାବିବ ନାହିଁ ତ ?'

ତା'ର ସମ୍ଭ୍ରମ, ଅନୁନୟ ସ୍ୱର, କୋମଳ ଭାବଭଙ୍ଗୀ ଓ କରୁଣଭରା କଥା ଶୁଣି ମୁଁ କୌତୂହଳ ସହ ତାକୁ ଚାହିଁଲି । କହିଲି, 'ନିଟା, ଆମ ଭାରତୀୟମାନଙ୍କର ବ୍ୟକ୍ତିଗତ ପରିସର ବଡ଼ ସଂକୀର୍ଣ୍ଣ ।

Digitized by PPRACHIN, SOA

ଆମର ବହୁ ବିଷୟ ବଡ଼ ଖୋଲା । ତୁମର ଏପରି କ'ଣ ପ୍ରଶ୍ନ ଅଛି ଯାହା ମୋତେ ପଚାରିବା ପାଇଁ ତୁମକୁ ଏତେ ସଙ୍କୋଚ ଲାଗୁଛି ?'

ତଳକୁ ମୁହଁ ପୋତି ଆସ୍ତେ ଆସ୍ତେ ନିଟା ପଚାରିଲା, 'ଆଚ୍ଛା, ତୁମେ କମ୍ୟୁନିଜମ୍ ବିଷୟରେ ବହୁତ ବହି ପଢୁଛ । କିନ୍ତୁ ତୁମେ କ'ଣ କମ୍ୟୁନିଷ୍ଟଙ୍କର ରାଜନୈତିକ ଆନ୍ଦୋଳନରେ ଏପରି ଜଡ଼ିତ ହେବା ଉଚିତ ? ତୁମେ କୁଆଡ଼େ ସନ୍ଧ୍ୟାରେ କମ୍ୟୁନିଷ୍ଟଙ୍କ ସଭାରେ ଭାଷଣ ଦେଉଛ । ତୁମର ସ୍ତ୍ରୀ ଓ ପିଲାମାନେ ଅପେକ୍ଷା କରି ରହିଛନ୍ତି ତୁମକୁ । ତୁମେ ଏଠାକୁ ଆସିଛ ଡକ୍ଟରେଟ୍ କରିବା ପାଇଁ । ଅଥଚ ଏଠାରେ ଏପରି ଭାବରେ ରାଜନୀତିରେ ସଂଶ୍ଳିଷ୍ଟ ହୋଇ ପଡ଼ିଛ ଯେ ଭାରତକୁ ଗଲା କ୍ଷଣି କୁଆଡ଼େ ତୁମର ଜେଲ୍‌ଦଣ୍ଡ ହୋଇଯିବ ?'

ମୁଁ ତା କଥା ଶୁଣି ଅବାକ୍ ହୋଇଗଲି । କହିଲି, 'ନିଟା, ତୁମକୁ ଏସବୁ କଥା କିଏ କହିଲା ? ମୋତେ ତ ଏସବୁ ଅବାସ୍ତବ କାହାଣୀ ପରି ଶୁଣାଯାଉଛି । ମୁଁ କମ୍ୟୁନିଷ୍ଟ ଆନ୍ଦୋଳନରେ ଆଦୌ ନାହିଁ କି ତାଙ୍କର ଦଳୀୟ ସଭାରେ ବକ୍ତୃତା କରେ ନାହିଁ । ଆମ ବିଭାଗୀୟ ସେମିନାର୍‌ରେ ବ୍ୟସ୍ତ ଥିବା ବେଳେ ସନ୍ଧ୍ୟାରେ ଘରୁ ଆସିପାରେ ନାହିଁ ।'

ମୋ କଥା ଶୁଣି ନିଟା ମଧ୍ୟ ସ୍ତମ୍ଭୀଭୂତ ହୋଇଗଲା ଯେ ଏହା ସତ ନୁହେଁ । ସେ କହିଲା ଯେ ତାଙ୍କ ଘରେ ଥିବା ସେଇ ଭଦ୍ରଲୋକ ମୋ ବିଷୟରେ ଏତକ କଥା କହିଛନ୍ତି । ସେମାନେ ବିଶ୍ୱାସ କରିପାରି ନଥିଲେ ଯେ ଜଣେ ଭଦ୍ରଲୋକ ବିନା କାରଣରେ ମୋ ନାଁରେ ଲଗେଇ ଜୁଟେଇ ଏତେ ମିଛ କଥା କହିପାରିବ । ସେ ଭଦ୍ରଲୋକ କହିଥିଲେ ମଧ୍ୟ ଯେ ଓଡ଼ିଶାର ମନ୍ତ୍ରୀମାନଙ୍କ ସହିତ ତାଙ୍କ ବାପାଙ୍କର ଘନିଷ୍ଠତା ରହିଛି । ସେ ଯଦି ସେମାନଙ୍କୁ ଏହି ଖବର ଦେଇଦେବ ତା'ହେଲେ ମୋତେ ଭାରତ ସରକାର ଧରିନେବ । ଏ କଥା ଶୁଣି ମୋର ଯେତିକି ରାଗ ନହେଲା ସେତିକି ଦୟା ହେଲା ଯେ ଅଳ୍ପ ବୁଦ୍ଧିସମ୍ପନ୍ନ ଏହି ଭଦ୍ରଲୋକଟି ଏପରି କଥା କିପରି କହିପାରିଲେ ? ମା' ଝିଅ ଏତେ ସରଳ ଏବଂ ରାଜନୀତିରେ ଏତେ ଅନଭିଜ୍ଞ ଯେ ତା'ର ସବୁକଥାକୁ ସେମାନେ ବିଶ୍ୱାସ କରିଗଲେ । ତା'ଛଡ଼ା ସେମାନେ କାହିଁକି ବା ଭାବିବେ ଯେ ଜଣେ ଲୋକ ଅଯଥାରେ ଏତେ ମିଛ କଥା କହିବ ?

ସେଦିନ ସନ୍ଧ୍ୟାରେ ମୁଁ ସେ ଭଦ୍ରଲୋକଙ୍କୁ ପଚାରିଲି । ସେ ସଙ୍ଗେ ସଙ୍ଗେ ହସି ହସି ରାଜି ହୋଇଗଲେ ଏବଂ କହିଲେ ଯେ, ମଜା ଦେଖିବା ପାଇଁ ସେ ଏକଥା କହିଛନ୍ତି । 'ନିଟାଟା କମ୍ୟୁନିଷ୍ଟ କଥା ପଡ଼ିଲେ ଏତେ ରାଗୁଛି ଯେ ତାକୁ ଆହୁରି ରଗେଇବା ପାଇଁ ମଜାରେ କହିଲି ।' ତା'ପରେ ନିର୍ବୋଧର ଖଲଖଲ ହସ । ଏପରି ଲୋକ ଉପରେ ରାଗିବା ନିରର୍ଥକ । ସେହିଦିନଠାରୁ ନିଟା ସେ ଭଦ୍ରଲୋକଙ୍କ ସହିତ ଆଉ କଥା କହିନାହିଁ । ମାମୀ ବଡ଼ ଦୟାଳୁ । ମାଆର ହୃଦୟ ତାଙ୍କର । ଦୟା ଓ ସହାନୁଭୂତି ଯୋଗୁ ସେ ତାଙ୍କୁ କ୍ଷମା ଦେଲେ । ସେ ମୋତେ କହନ୍ତି, 'ଏପରି ଲୋକ କି ଓକିଲାତି କରିବ ? ଶୁଣୁଛି ତା'ର ସ୍ତ୍ରୀ ବହୁତ ଶିକ୍ଷିତା ଓ ସୁନ୍ଦରୀ । ସେ କିପରି ଏ ଲୋକ ପାଖରେ ଚଳିବ ?'

ପର ଜୀବନରେ ମୋର ସେ ଭଦ୍ରଲୋକଙ୍କ ସହିତ ଦେଖା ହୋଇଥିଲା । ତାଙ୍କ ସ୍ତ୍ରୀଙ୍କ ସହିତ ଆଳାପ ହୋଇଥିଲା । ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ସେ ଏହି ଘଟଣାଟି ମଜାକଥା ଭାବି କହିଛନ୍ତି । ତାଙ୍କ ସ୍ତ୍ରୀ ତାଙ୍କ ଆଗରେ ତାଙ୍କରି ଏହି କଥା ପାଇଁ ମୋଠାରେ କ୍ଷମାଭିକ୍ଷା କରିଛନ୍ତି । ସ୍ତ୍ରୀ ତାଙ୍କର ଉଚ୍ଚ ଶିକ୍ଷିତା, ସୁନ୍ଦରୀ, ବିରାଟ ଧନୀଲୋକର ଏକମାତ୍ର କନ୍ୟା । ଶାସ୍ତ୍ରୀୟ ସଙ୍ଗୀତରେ ତାଙ୍କର ଅଗାଧ ଆଗ୍ରହ ।

ମୋର ସେହି ଘରେ ଅଢ଼େଇବର୍ଷର ରହଣିର ପ୍ରଥମ କେତେମାସ ଏପରି ମାନ ଅଭିମାନ, ରଗାରଗି, ଦୁଇଟି ନଛୋଡ଼ବନ୍ଧା ବଳିଷ୍ଠ ବ୍ୟକ୍ତିତ୍ୱ ଭିତରେ ଆପୋଷହୀନ ସଂଘର୍ଷ ଚାଲିଥିଲା । ତା'ପରେ ସବୁ ଶାନ୍ତ । ପରସ୍ପର ଭିତରେ ବୁଝାମଣା ହୋଇଗଲା । କେହି କାହାରିକୁ ନିୟନ୍ତ୍ରଣ

Digitized by PPRACHIN, SOA

କରିବାକୁ ଚାହିଁ ନଥିଲୁ । ଆମମାନଙ୍କ ଭିତରେ ସହୃଦୟତା ବଢ଼ି ଉଠିଲା । ମାମୀ ସବୁଠୁ ବେଶି ଖୁସି ହୋଇଥିଲେ । ମୁଁ ତାଙ୍କର ଭାରତୀୟ ପୁଅ ହିସାବରେ ସେ ଅଞ୍ଚଳରେ ଓ ମାମୀଙ୍କ ବନ୍ଧୁବାନ୍ଧବଙ୍କ ଗହଣରେ ପରିଚିତ ହୋଇଗଲି ।

ମୁଁ, ମାମୀ ଓ ନିଟା ଶନିବାର ଦିନ ବଜାର କରିବାକୁ ଯାଉ । ଭିନ୍ନ ଭିନ୍ନ ଦୋକାନରୁ ନାନା ଜିନିଷ କିଣୁ । ଶ୍ରୀମତୀ ହାର୍ଭେଙ୍କର ଭାରତୀୟ ପୁଅ ବୋଲି ମୁଁ ଦୋକାନ ବଜାରରେ ପରିଚିତ ହେଲି । ଘରର ପୁଅ ହିସାବରେ ମୁଁ ରବିବାର ଦିନ ରନ୍ଧାଘର ଭିତରେ ଲୁଙ୍ଗି ପିନ୍ଧି ବସେ । ଆମ ଭିତରେ କୌଣସି ଆଦବ କାଇଦା ପୂର୍ଣ୍ଣ କଥାବାର୍ତ୍ତା ଆଉ ହେଲା ନାହିଁ– କେବଳ ଧନ୍ୟବାଦ ଛଡ଼ା, ତାହା ମଧ ସବୁବେଳେ ନୁହେଁ । ରକ୍ଷଣଶୀଳ ଇଂରେଜ ପରିବାର ବ୍ୟବହାରରେ ଯେ ଏପରି ଲୌକିକତାହୀନ ହୋଇପାରିବେ, ଏ କଥା ମୋର ବିଶ୍ୱାସ ନଥିଲା । ସାଧାରଣ ଘରୋଇ କଥା, ଦେଶଜ ଭାଷାରେ ମନ୍ତବ୍ୟ, ମାନ ଅଭିମାନର କଥା ଅତି ମୁକ୍ତ ଭାବରେ ଆଦାନ ପ୍ରଦାନ ହେଲା । ଦୁଇଟି ସମ୍ପୂର୍ଣ୍ଣ ଅଲଗା ଅଲଗା ସଂସ୍କୃତିର ଲୋକମାନଙ୍କ ଭିତରେ ଗଢ଼ି ଉଠୁଥିବା ମାନବୀୟ ସମ୍ପର୍କରେ ବାହାରର ଆଦବ କାଇଦା ଛଡ଼ା ଯେ ଗଭୀର ମାନବିକ ଐକ୍ୟ, ସହାନୁଭୂତି ଓ ଆତ୍ମିକ ବୁଝାମଣା ରହିଛି, ଏହା ତା'ର ସ୍ପଷ୍ଟ ଉଦାହରଣ ।

ମୁଁ ନିୟମିତ ଭାବେ ମୋର ସାପ୍ତାହିକ ଖର୍ଚ୍ଚ ଦିଏ ସତ, କିନ୍ତୁ ତା' ତୁଳନାରେ ମୁଁ ବହୁତ ଅଧିକ ସୁବିଧା ପାଏ । ସକାଳ ଓ ରାତି ଖିଆ ଏବଂ ରବିବାର ଦିନ ମଧ୍ୟାହ୍ନ ଭୋଜନ ପାଇଁ ମୁଁ ପଇସା ଦିଏଁ । କିନ୍ତୁ ଅନ୍ୟ ସମୟରେ ଭଲ ଜିନିଷ ରନ୍ଧା ହେଲେ କିମ୍ବା ସିନେମା ଥିଏଟରେ ଦେଖିବାର ଥିଲେ ମଧ୍ୟାହ୍ନ ଭୋଜନ ପାଇଁ ମୋର ବନ୍ଦୋବସ୍ତ ହୋଇଯାଏ । ସନ୍ଧ୍ୟାରେ ସେମାନେ ରାନ୍ଧନ୍ତି, ମୁଁ ରନ୍ଧାଘରେ ବସି ଗପ କରେ । ମୁଁ ପତଳା ଥିଲି ବୋଲି ମୋତେ ମୋଟା କରିବା ପାଇଁ ମାମୀ ଓ ନିଟା ମୋତେ ବେଶୀ ଲହୁଣୀ ଦିଅନ୍ତି । ମୁଁ ସେମାନଙ୍କ ସହ ମିଶି ପୁରି ତିଆରି କରେ । ମାଛ ବେସର କରେ । ବଜାରରୁ ଭାରତୀୟ ମସଲା କିଣି ଆଣେ । ମୁଁ ଭାରତୀୟ ରନ୍ଧା କିଛି ଜାଣି ନଥାଏ । ତଥାପି ସବୁ ପ୍ରକାର ମସଲା ମିଶାଇ, ପରିବା, ମାଛ କିମ୍ବା ମାଂସ ମିଶାଇ ଅଦ୍ଭୁତ ଧରଣର ଭାରତୀୟ ତରକାରୀ ହୁଏ । ସେମାନଙ୍କୁ ଏହା ଖୁବ୍ ଭଲ ଲାଗେ । ଖ୍ରୀଷ୍ଟମାସ ସମୟରେ ତାଙ୍କର ବନ୍ଧୁବାନ୍ଧବମାନେ ଆସନ୍ତି । ମୁଁ ମଧ ସେମାନଙ୍କ ସହିତ ସେମାନଙ୍କ ଘରକୁ ଯାଏ । ସେଠି ମଧ ଶ୍ରୀମତୀ ହାର୍ଭେଙ୍କର ଭାରତୀୟ ପୁଅ ହିସାବରେ ମୁଁ ବହୁତ ଆଦର ପାଏ ।

କ୍ରମେ କ୍ରମେ ସେମାନଙ୍କର ଘରର ଅନ୍ୟାନ୍ୟ ଗୁପ୍ତ ଇତିହାସ ମାମୀ କହିବାକୁ ଲାଗିଲେ । ମୋତେ କୌଣସି କଥା ନ କହି ସେ ଯେପରି ରହିପାରନ୍ତି ନାହିଁ । ମୋର ବିନା ପରାମର୍ଶରେ ସେ ଆଗେଇ ପାରନ୍ତି ନାହିଁ । ନିଟା ବଡ଼ ବଦ୍‌ରାଗୀ ଓ ମିଜାଜି ଝିଅ ହୋଇଥିବାରୁ ତା' ଆଗରେ ସେ ମନ ଖୋଲି କଥା କହିପାରନ୍ତି ନାହିଁ । ନିଟା ଓ ମାମୀର ଅତୀତ ଶୁଣିଲା ପରେ ସେମାନଙ୍କ ପ୍ରତି ମୋର ଆନ୍ତରିକତା ଓ କାରୁଣ୍ୟ ବହୁତ ବଢ଼ିଗଲା । ନିଟା ତା'ର କୋଡ଼ିଏ ବର୍ଷ ବୟସରେ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ପ୍ରଥମ ହେଲା ପରେ ହଲିଉଡ୍ ଯାଇଥିଲା ଗୋଟିଏ ଫିଲ୍ମରେ ଅଭିନୟ କରିବା ପାଇଁ । ସେଠାରେ ଫିଲ୍ମ ନିର୍ଦ୍ଦେଶକଙ୍କ ସହିତ ଝଗଡ଼ା କରି ଅଧା ଫିଲ୍ମ କରି ଲଣ୍ଡନ ଫେରି ଆସିଲା । ତା'ପରେ ଲଣ୍ଡନରେ ଜଣେ ପୁରୁଣା ଇଂରେଜ ଲର୍ଡ଼ ପରିବାରରେ ବିବାହ କଲା । ବିବାହର ଦୁଇବର୍ଷ ପରେ ସେମାନଙ୍କର କୃତ୍ରିମ ବ୍ୟବହାର ଓ ପାରିବାରିକ ଶଠତା ତଥା ଅଯଥା ବଡ଼ିମାରେ ସେ ଅତିଷ୍ଠ ହୋଇପଡ଼ିଲା ଏବଂ ଛାଡ଼ପତ୍ର ଦେଇ ଚାଲି ଆସିଲା । ନିଜେ ଯେହେତୁ ଛାଡ଼ପତ୍ର ଦେଇଥିଲା, ତେଣୁ ସେ କୌଣସି ଭତ୍ତା ପାଇଁ ହକ୍‌ଦାର ନଥିଲା । ସେ ଗୀତିନାଟ୍ୟ ରଙ୍ଗମଞ୍ଚରେ ଅଭିନୟ କରି ବେଶ୍ କିଛି ରୋଜଗାର କରେ । ମାଆକୁ ସାହାଯ୍ୟ କରେ । ଏମାନେ ଜଣେ ଦି'ଜଣ ଅତିଥି ରଖି ସେଥିରେ ଚଳନ୍ତି । ମାମୀର ସମୟ ଏଥିରେ କଟିଯାଏ ।

Digitized by PPRACHIN, SOA

ସେତେବେଳକୁ ନିଟା ଜଣେ ସେନାବାହିନୀର କର୍ଣ୍ଣେଲଙ୍କୁ ଭଲପାଇ ବସିଲା । ମୁଁ ସେ ଘରେ ପ୍ରଥମେ ପହଞ୍ଚିଲା ବେଳକୁ ନିଟାର ଏହି ପ୍ରେମ ଖୁବ୍ ଶୀର୍ଷ ସ୍ଥାନରେ ପହଞ୍ଚିଥାଏ । ସେହି କର୍ଣ୍ଣେଲ୍ ଭଦ୍ରଲୋକ ସ୍କଟଲାଣ୍ଡର ଲୋକ । ସେଠାରେ ତାଙ୍କ ସ୍ତ୍ରୀ ଓ ଦୁଇଟି ପୁଅ ଥାଆନ୍ତି । ପୁଅମାନେ ସ୍କୁଲ୍‌ରେ ପଢ଼ନ୍ତି । କର୍ଣ୍ଣେଲ୍‌ଙ୍କ ବୟସ ୫୦ ହେବ । ନିଟାର ବୟସ ତିରିଶ । ସେ ଭଦ୍ରଲୋକ ସେତେବେଳକୁ ମଧ୍ୟପ୍ରାଚ୍ୟରେ ଥାଆନ୍ତି । ବର୍ଷରେ ଦୁଇଥର ଇଂଲଣ୍ଡ ଆସନ୍ତି । ନିଟା ଘରେ ରହନ୍ତି । ତା'ପରେ ଅଳ୍ପଦିନ ନିଜ ଘର ସ୍କଟଲ୍ୟାଣ୍ଡକୁ ଯାଇ ପିଲାଙ୍କ କଥା ବୁଝି ପୁଣି ମଧ୍ୟପ୍ରାଚ୍ୟକୁ ଫେରନ୍ତି । ଅଳ୍ପଦିନ ଭିତରେ ସେ ପ୍ରଥମ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇ ନିଟାକୁ ବିବାହ କରିବାର କଥା । କିନ୍ତୁ ସେ ଅଳ୍ପଦିନ କେବେ ସରିବ— ସେଥିପାଇଁ ମାମୀ ବଡ଼ ବିବ୍ରତ ଥା'ନ୍ତି । ମୁଁ ଯିବାର ଦୁଇବର୍ଷ ପୂର୍ବରୁ ଏପରି ଚାଲିଛି । ତଥାପି କର୍ଣ୍ଣେଲଙ୍କର ସେ ଅଳ୍ପଦିନ ସରୁ ନାହିଁ । ଏହା ହେଉଛି ମାମୀଙ୍କର ଅଭିଯୋଗ । କିନ୍ତୁ ଏ ପ୍ରକାର ଅଭିଯୋଗ ନିଟା ଆଗରେ ସମ୍ଭବ ନୁହେଁ । ନିଟା ତ ପ୍ରତ୍ୟେକ କାର୍ଯ୍ୟ ଅତି ଗଭୀର ଆବେଗର ସହିତ ବହୁ ଅତିରଂଜିତ କରି କରେ । ନିଟା ତାଙ୍କୁ ଏପରି ଗଭୀର ଭାବରେ ପ୍ରାଣ ଦେଇ ଭଲପାଏ ଯେ ସେ ଆସିବାର କିଛିଦିନ ଆଗରୁ ତା ନିଜ ପାଇଁ ନୂଆ ନୂଆ ପୋଷାକ ତିଆରି କରେ, ଘରକୁ ନୂଆ ପ୍ରକାରର ସଜାଏ, କାନ୍ଥରେ ନୂଆ ରଙ୍ଗ ନିଜେ ନିଜେ ଦିଏ । ଆଉ ଜଣଙ୍କ ପାଖରେ ଏ ପ୍ରକାର ଗଭୀର ଭାବରେ ଆତ୍ମସମର୍ପଣ ନିଟା ଯେ କରିପାରେ, ଏହା ମୋ ପକ୍ଷରେ ଗୋଟିଏ ଅତି ଆଶ୍ଚର୍ଯ୍ୟଜନକ ବିଷୟ ହୋଇ ରହିଥାଏ । ନିଟା ତା'ର ଔଦ୍ଧତ୍ୟ, ଗର୍ବ ଓ ବଦ୍‌ରାଗୀ ବ୍ୟବହାର ସବୁ ସେହି କେତେଦିନ ଭୁଲିଯାଏ । ସେ ଆଉ ଗୋଟିଏ ନୂତନ ବ୍ୟକ୍ତିରେ ପରିଣତ ହୋଇଯାଏ । ଗୁଣ୍ଡୁଚି ମୂଷା ପରି ଖାଲି ଦୌଡୁଥାଏ । ଏପରି ଖୋଲାମନ ଭିତରେ ଆମ ସମସ୍ତଙ୍କୁ ମଧ୍ୟ ଆହୁରି ବେଶି ଆପଣାର କରିନିଏ ।

କୌଣସି ଯୁକ୍ତିଯୁକ୍ତ କାରଣ ନଥାଇ ମଧ୍ୟ ମୋତେ କାହିଁକି ଏହି ଭଦ୍ରଲୋକଙ୍କୁ ଆଦୌ ଭଲ ଲାଗିଲା ନାହିଁ । ପ୍ରଥମ ଦେଖାରେ ହିଁ ତାଙ୍କ ପ୍ରତି ମୋର ଭଲ ଧାରଣା ହେଲା ନାହିଁ । ସେ ଅତି ବେଶି ଚାଲାକ୍ ତଥା ଧୂର୍ତ୍ତ ବୋଲି ମୋର ମନେହେଲା । ଏ ବିଷୟରେ ମୁଁ ଓ ମାମୀ ଅନବରତ ଗପ କରୁ । କିନ୍ତୁ ନିଟା ଆଗରେ ତାଙ୍କୁ ସମାଲୋଚନା କରିବା ସମ୍ଭବ ନୁହେଁ । ସେ ତାଙ୍କୁ ଏତେ ଭଲ ପାଉଥିଲା ଯେ ତା ବିରୁଦ୍ଧରେ ସାମାନ୍ୟ ମାତ୍ର କଥା ସେ ବରଦାସ୍ତ କରିପାରେ ନାହିଁ । ଅଳ୍ପ ସମୟ ଦୁଇ ତିନିବର୍ଷରେ ପରିଣତ ହୋଇ ଯାଇଥିଲେ ମଧ୍ୟ ନିଟା ତାଙ୍କୁ ଅବିଶ୍ୱାସ କରିପାରୁ ନଥିଲା । ମାମୀ ଓ ମୁଁ କିନ୍ତୁ ଭାବିଥିଲୁ ଯେ ନିଟା ଦିନେ ନା ଦିନେ ଠକାମିରେ ପଡ଼ିବ ।

ସତକୁ ସତ ଏହା ଘଟିଲା । ମୁଁ ରହିବାର ପ୍ରାୟ ଦୁଇବର୍ଷ ପରେ ହଠାତ୍ ନିଟା ମନରେ ତାଙ୍କ ପ୍ରତି ସନ୍ଦେହ ହେଲା । ନିଟାର ସନ୍ଦେହ ଅର୍ଥ ବିଶୁବୀୟସ ଆଗ୍ନେୟଗିରିର ଭୂଗର୍ଭ ଯେପରି ଆନ୍ଦୋଳିତ ହୋଇଉଠିଲା । କିନ୍ତୁ ସେ ଏତେ ବେଶି ସ୍ୱାଭିମାନିନୀ ଯେ ଏହା ଆମ ଆଗରେ ପ୍ରକାଶ କରିବା ତା' ପକ୍ଷରେ ଅସମ୍ଭବ । ମୁଁ ଓ ମାମୀ ଏ ବିଷୟରେ କୌଣସି ମନ୍ତବ୍ୟ ନ ଦେଇ ଗୋପନରେ କେବଳ ମୃଦୁ ହାସ କରି ଅଲଗା ହୋଇଯାଉ । ଅତ୍ୟନ୍ତ ସମ୍ବେଦନଶୀଳ ଓ ବୁଦ୍ଧିମତୀ ନିଟା ଯେ ଆମର ମନୋଭାବ ବିଷୟରେ ନ ବୁଝିଛି ତାହା ନୁହେଁ । କିନ୍ତୁ ସେ କର୍ଣ୍ଣେଲଙ୍କ ବିଷୟରେ କିଛି କହେ ନାହିଁ କି ଆମେ ତାଙ୍କ ବିଷୟରେ ନିଟା ଆଗରେ କିଛି ଆଲୋଚନା କରୁ ନଥାଉ । ଏ ବିଷୟରେ ଆମ ଭିତରେ ନୀରବ ବୁଝାମଣା ହୋଇଯାଇଥାଏ । ଆମେମାନେ କିନ୍ତୁ ନିଟାର ଭବିଷ୍ୟତ ବିଷୟରେ ବହୁତ ଉଦ୍‌ବିଗ୍ନ ଥିଲୁ । ଆମର ଦୃଢ଼ ଧାରଣା ହୋଇଥିଲା ଯେ କର୍ଣ୍ଣେଲ ଆଦୌ ଭଲ ଲୋକ ନୁହନ୍ତି ଏବଂ ସେ ନିଟା ପାଇଁ କଦାପି ଉପଯୁକ୍ତ ନୁହଁନ୍ତି । ଏହି ପ୍ରତିଭାଶାଳିନୀ ତଥା ସରଳ ଭଦ୍ରମହିଳାର ଜୀବନ କ'ଣ ଏପରି ଭାବରେ ନଷ୍ଟ ହୋଇଯିବ ! ଏ ନାରୀ ଯାହାକୁ ଭଲପାଏ ତାକୁ ପ୍ରାଣ ଦେଇ ଭଲପାଏ । ଯେଉଁ ଶକ୍ତି ପୃଥିବୀ ଫଟାଇ ଆଗ୍ନେୟଗିରିର ଉଦ୍‌ଗୀରଣ ସୃଷ୍ଟି କରିପାରେ,

Digitized by PPRACHIN, SOA

ସେହି ଶକ୍ତି ଭଲ ପାଇବାରେ ପରିଣତ ହୋଇଗଲେ କି ଅଦ୍ଭୁତ ପ୍ରେମ ସମ୍ଭବ ତାହା ସହଜରେ ଅନୁମେୟ । କର୍ଣ୍ଣେଲ୍ କ'ଣ ସହଜରେ ନିଟାର ଏହି ଗଭୀର ଆନ୍ତରିକତା ବୁଝିପାରିବ ? ତା'ର ପ୍ରତିଭାକୁ ପସନ୍ଦ କରିପାରିବ ? ଏ ପ୍ରକାର ସନ୍ଦେହ ମୋ ମନରେ ବରାବର ଥାଏ ।

ଦିନେ ରାତି ୧୦ଟାରେ ମୋତେ ନିଟା ଡାକିଲା ବାହାରକୁ ବୁଲି ଯିବା ପାଇଁ । ଡିସେମ୍ବର ମାସ, ଚାରିଆଡ଼େ ବରଫ ପଡୁଥାଏ, ରାସ୍ତା ସମ୍ପୂର୍ଣ୍ଣ ଜନଶୂନ୍ୟ । ଏପରି ରାତିରେ ବୁଲିଯିବା ପାଇଁ ବାହାରିବା ନିଶ୍ଚିତ ଭାବରେ ଗୋଟିଏ ଅଦ୍ଭୁତ ଖିଆଲ । ତା'ଛଡ଼ା ରାତିରେ ବୁଲିଯିବା ଅଭ୍ୟାସ ତା'ର ନଥିଲା । ତେଣୁ ମାମୀ ଓ ମୁଁ ଆଶ୍ଚର୍ଯ୍ୟ ହୋଇଗଲୁ । ସେ ଓ ମୁଁ ମୋଟା ମୋଟା ଓଭରକୋଟ୍ ପିନ୍ଧି ବାହାରକୁ ବାହାରିଲୁ । ସେତେବେଳକୁ ନିଟା ମୁହଁର ଚେହେରା ସମ୍ପୂର୍ଣ୍ଣ ବଦଳି ଯାଇଥିଲା । ତା' ମୁହଁକୁ ଦେଖି ମୁଁ ପ୍ରକୃତରେ ଚମକି ଗଲି । ହଠାତ୍ ଭୂମିକମ୍ପ ହୋଇଯିବ କି ? ମୋ ମନରେ ସନ୍ଦେହ ହେଲା ଯେ ନିଟା ନିଶ୍ଚିତ ଭାବରେ କର୍ଣ୍ଣେଲକୁ ସନ୍ଦେହ କରୁଛି । କିନ୍ତୁ ବାହାରକୁ ଯିବାର ଉଦ୍ଦେଶ୍ୟ କ'ଣ ମୁଁ ବୁଝିପାରୁ ନଥାଏ । ଦୁହେଁ କିଛି ସମୟ ନୀରବ ଭାବରେ ତୁଳା କୁଢ଼ ପରି ଜମା ହୋଇଥିବା ବରଫାବୃତ ରାସ୍ତାରେ ଚାଲିଲୁ । କେହି କାହାରିକୁ କଥା କହିବା ଦୂରେ ଥାଉ କେଜାଣି କାହିଁକି ପରସ୍ପର ମୁହଁକୁ ଚାହିଁବାର ସାହସ ମଧ୍ୟ ଆମ ଦୁଇଜଣଙ୍କର ନଥିଲା । କିଛି ସମୟ ପରେ ନିଟା ହଠାତ୍ ରାସ୍ତା କଡ଼ରେ ଥିବା ଗୋଟିଏ ସର୍ବସାଧାରଣ ଟେଲିଫୋନ୍ ବୁଥ୍ ଆଗରେ ଠିଆ ହେଲା । ଅଳ୍ପ ସମୟ ପରେ ସେ ଭିତରକୁ ଗଲା ଏବଂ ମୋତେ ମଧ୍ୟ ତା' ଭିତରକୁ ଡାକିଲା । କହିଲା, 'ମୁଁ କର୍ଣ୍ଣେଲ୍‌ର ସ୍କଟଲାଣ୍ଡ ଘରକୁ ଫୋନ୍ କରି ବୁଝିବି ଯେ ସେ ସେଠାରେ ଅଛି କି ନାହିଁ । ମୋର ସନ୍ଦେହ ହେଉଛି ଯେ କର୍ଣ୍ଣେଲ୍ ମୋତେ କିଛି ଖବର ନ ଜଣାଇ ମଧ୍ୟପ୍ରାଚ୍ୟରୁ ଆସି ଲଣ୍ଡନ ବାଟେ ସ୍କଟଲାଣ୍ଡ ଯାଇଛି ଏବଂ ସେ ତା' ଘରେ ଅଛି ।'

ମୁଁ ଅବାକ୍ ହୋଇ ପଚାରିଲି, 'ତୁମର ଏପରି ସନ୍ଦେହ କାହିଁକି ହେଉଛି ? ତୁମେ ତ କହୁଥିଲ ସେ ଆସନ୍ତା ମାସରେ ଆସିବେ ।'

ନିଟା କିନ୍ତୁ ସ୍ଥିର ନିଶ୍ଚିତ ଥିଲା ଯେ ତା'ର ସନ୍ଦେହ ଠିକ୍ । ସେ ଘରେ ମାମୀ ଆଗରେ ଟେଲିଫୋନ୍ ନକରି ବାହାର ଟେଲିଫୋନ୍ ବୁଥ୍‌କୁ ଆସିଥାଏ ଟେଲିଫୋନ୍ କରିବା ଉଦ୍ଦେଶ୍ୟରେ ।

ମୁଁ ଖାଲି ମନେ ମନେ ଭାବୁଥାଏ ଯେ ନିଟାର ସନ୍ଦେହ କିପରି ଭୁଲ୍ ହୁଅନ୍ତା, କାରଣ ନିଟାର ମାନସିକ କ୍ରିୟାଶକ୍ତି ରହିତାବସ୍ଥା ପାଇଁ ମୁଁ ଆଦୌ ପ୍ରସ୍ତୁତ ନଥିଲି । ଏ ପ୍ରକାର ଭୟଙ୍କର ପରିସ୍ଥିତିରେ ତା'ର କ'ଣ ହେବ ଏବଂ ଆମେମାନେ ତାକୁ କିପରି ଶାନ୍ତ କରିବୁ, ଏହା ଆମର ଶକ୍ତିର ବାହାରେ ବୋଲି ମୁଁ ଭାବୁଥାଏ । ମୁଁ ଆନନ୍ଦିତ ହୋଇଥାନ୍ତି ନିଟା ଜୀବନରୁ କର୍ଣ୍ଣେଲ୍ ଯଦି କ୍ରମେ କ୍ରମେ ଅପସରି ଯାଇଥାନ୍ତା ।

ନିଟା ଫୋନ୍ କଲା । ତା'ର ସନ୍ଦେହ ଠିକ୍ । କର୍ଣ୍ଣେଲ୍ ଆଠଦିନ ହେଲା ଘରେ ଅଛି ଅଥଚ ନିଟାକୁ ସମ୍ପୂର୍ଣ୍ଣ ଭାବେ ପ୍ରତାରିତ କରିଛି । ତା'ର ସମସ୍ତ କ୍ରିୟାକଳାପ ନିଟାଠାରୁ ଗୋପନରେ ରଖିଛି । ନିଟା ଏହି ଖବର ପାଇଲା ପରେ ତା' ହାତରୁ ଟେଲିଫୋନ୍ ଖସି ପଡ଼ିଲା । ସେ ଟେଲିଫୋନ୍ ବୁଥ୍ ଭିତରେ ବସି ପଡ଼ିଲା । ଗୋଟିଏ ସାମାନ୍ୟ ଶବ୍ଦ ମଧ୍ୟ ତା' ପାଟିରୁ ବାହାରିଲା ନାହିଁ । ସେ ନିଷ୍ପନ୍ଦ, ନିର୍ବେଦ, ନିର୍ବାକ୍; ପ୍ରାଣହୀନ ସ୍ଥାଣୁଟିଏ ପରି ସେ ଛୋଟିଆ ବୁଥ୍ ଭିତରେ ସେହିପରି ରହିଲା । ମୋର ମଧ୍ୟ ସାଧ ନଥିଲା ତାକୁ ପ୍ରବୋଧନା ଦେବା ପାଇଁ, ତାକୁ ଶାନ୍ତ କରିବା ପାଇଁ । ସେ ତ ସେତେବେଳେ ଅତ୍ୟଧିକ ପରିମାଣରେ ଶାନ୍ତ । ବାହାରର ସ୍ତୂପୀକୃତ ଧଳା ବରଫ ଗଦା ଭିତରେ ଥିବା ଛୋଟିଆ ଟେଲିଫୋନ୍ ବୁଥ୍ ଭିତରେ ସେ ଯେପରି ବାହାରର ବରଫ ପରି ଜମାଟ ବାନ୍ଧି ଯାଇଥିଲା । ତେଣୁ ତା'ର ସାନ୍ତ୍ୱନାର ଆବଶ୍ୟକତା ଯେପରି ନଥିଲା । ଲଣ୍ଡନର ନିର୍ଜନ ରାସ୍ତାରେ ଜନମାନବଶୂନ୍ୟ ଗୋଟିଏ କାଠବାକ୍ସ ଭିତରେ ଏପରି ଗୋଟିଏ ଦୁଃଖରେ ମ୍ରିୟମାଣ

Digitized by PPRACHIN, SOA

ରମଣୀ ପାଖରେ ମୁଁ ଖୁଣ୍ଟି ପରି ଠିଆ ହୋଇଥାଏ । ତା'ର ଜମାଟବନ୍ଧା ଦୁଃଖ ମୋ ଜୀବନକୁ ସଂକ୍ରମିତ କରି ଦେଇଥିଲା । କେତେ ସମୟ ଏପରି ବିତିଗଲା ପରେ ମୁଁ ତା'ର ହାତ ଧରି ଉଠାଇଲି । ଟେଲିଫୋନ୍ ବୁଥ୍ ଭିତରୁ ବାହାର କରି ଆଣିଲି ଏବଂ ଘରଆଡ଼େ ତା' ହାତ ଧରି ଚାଲିଲି । ନିର୍ବୋଧ ଓ ଅସହାୟ ଶିଶୁଟି ପରି ବିନା ବାକ୍ୟରେ, ବିନା ପ୍ରତିରୋଧରେ, ବିନା ପ୍ରଶ୍ନରେ ମୋ ସହିତ ଗୋଟିଏ ହାଲୁକା ଫୁଲଡାଳ ପରି ସେ ଚାଲିଥାଏ । ଘରେ ପହଞ୍ଚିଲା ବେଳକୁ ମାମୀ ଶୋଇଗଲେଣି । ମୁଁ ନିଟାକୁ ମାମୀର ଶୋଇବା ଘରେ ଛାଡ଼ି ଦେଲି । ସେ ବାଧ୍ୟ ଶିଶୁଟି ପରି ବିଛଣାରେ ପଡ଼ିଗଲା । ମୁଁ ଶୋଇବାକୁ ଗଲି । ସେ ରାତିରେ ମୁଁ ଆଦୌ ଶୋଇପାରି ନଥିଲି । ନିଟାର ଏହି ପ୍ରେମ ବ୍ୟାପାରରେ ଭବିଷ୍ୟତରେ ଯେ ଏପରି କିଛି ହେବ ବୋଲି ମୋର ଦୃଢ଼ ଧାରଣା ଥିଲା । କିନ୍ତୁ ଏପରି ଅପ୍ରତ୍ୟାଶିତ ଓ କରୁଣ ଭାବରେ ଯେ ହଠାତ୍ ଏହାର ଶେଷ ଯବନିକାପାତ ହେବ, ଏହା ମୋ କଳ୍ପନାର ବାହାରେ ଥିଲା ।

ପ୍ରାୟ ତିନିଚାରିମାସ ଧରି ନିଟାର ମାନସିକ ନିଷ୍କ୍ରିୟତା ରହିଲା । ସେ କୌଣସି କାମ ମନ ଦେଇ କରେ ନାହିଁ, କଥା ବେଶି କହେ ନାହିଁ, କାଁ ଭାଁ ହସିଲେ ତାହା ଡାହାଣୀ ଆଲୁଅ ପରି ମଳିନ ଓ କରୁଣ ଦେଖାଯାଏ । ମାମୀ ଓ ନିଟା ମୋ ଉପରେ ବହୁତ ନିର୍ଭର କଲେ । ନିଟାକୁ ବହୁତ ବୁଝାଇଲି । ତା' ସାଙ୍ଗରେ ପାର୍କରେ ବସିଲାବେଳେ, ଖାଇଲାବେଳେ, ଅନ୍ୟାନ୍ୟ ଆଦର୍ଶ କଥା କହି ତା' ମନକୁ ବୁଝାଇବାକୁ ଚେଷ୍ଟା କଲି । ତାକୁ ବହୁତ ଦମ୍ଭ ଦେଲି । ତା'ର ପୂର୍ବ ଦର୍ପ ଓ ଔଦ୍ଧତ୍ୟ ଫେରାଇ ଆଣିବାକୁ ଉଦ୍ୟମ କଲି । ଅଦ୍ଭୁତ ନାରୀ ସେ । ସବୁ କ୍ଷେତ୍ରରେ ସେ ବଳିଷ୍ଠ । ଭଲ ପାଇବାରେ ଯେପରି ଶ୍ରେଷ୍ଠ ଓ ମହତ୍, ଜୀବନ ସଂଗ୍ରାମରେ ପରାସ୍ତ ହୋଇଯିବାରେ ତା'ର ସେପରି ଅପରିମେୟ ବେଦନା । ସେ ଯେପରି ତୀବ୍ର ଭାବରେ ଭୂମିକମ୍ପ ସୃଷ୍ଟି କରିପାରେ, ସେହିପରି ସମ୍ପୂର୍ଣ୍ଣ ରୂପେ ନିଜକୁ ଅବଶ ଓ ଶିଥିଳ କରିଦେଇ ପାରେ । ଅଦ୍ଭୁତ ଶାରୀରିକ ଓ ମାନସିକ ଉପାଦାନରେ ସେ ଯେପରି ତିଆରି । ଜୀବନରେ ଏପରି ଆଉ ଜଣେ ବ୍ୟକ୍ତିକୁ ଦେଖିବା ମୋ ପକ୍ଷରେ ସମ୍ଭବ ହୋଇନାହିଁ ।

ବେଳେବେଳେ ଆମ ଘରକୁ ଜଣେ ଅତି ଆଦର୍ଶବାଦୀ, ବୁଦ୍ଧିଜୀବୀ ଲେଖକ ଆସନ୍ତି । ସେ ନାଟକ ଲେଖନ୍ତି, ତାଙ୍କର ନାଟକ ରଙ୍ଗମଞ୍ଚରେ ଅଭିନୀତ ହୁଏ । ସେ ଅତ୍ୟନ୍ତ ଭଦ୍ର, ମାର୍ଜିତ ଓ ସଂସ୍କୃତି ସମ୍ପନ୍ନ । କାଳେ ତାଙ୍କ ଭାଷାରେ କିଏ ଅପମାନିତ ହୋଇଯିବ, ଏହି ଧାରଣା ବୋଧହୁଏ ତାଙ୍କ ମନରେ କାମ କରୁଥାଏ । ତେଣୁ ସେ ଅଳ୍ପ କଥା କହନ୍ତି ଏବଂ ତାକୁ ବଡ଼ ମାର୍ଜିତ ଭାଷାରେ ପ୍ରକାଶ କରନ୍ତି । ସେ ଭଦ୍ରଲୋକ ଜଣେ ବାମପନ୍ଥୀ ବୁଦ୍ଧିଜୀବୀ । ସେ ଏପରି ଆଦର୍ଶବାଦୀ ଯେ ତାଙ୍କ ଭଉଣୀ ଅଳ୍ପ ବୟସରେ ବିଧବା ହୋଇଯିବାରୁ ଭଉଣୀଙ୍କୁ ଏବଂ ତାଙ୍କର ପିଲାଙ୍କୁ ଆଣି ପାଖରେ ରଖି ପଢ଼ାନ୍ତି । ସେମାନେ ଜୀବନରେ ଥଇଥାନ ନହେଲା ଯାଏ ସେ ବିବାହ ନ କରିବା ପାଇଁ ସ୍ଥିର କରିଥାନ୍ତି । ଇଂଲଣ୍ଡରେ ଏ ପ୍ରକାର ଆଦର୍ଶବାଦୀ ଲୋକ ବହୁତ କମ୍ ମୁଁ ଦେଖିଛି । ତାଙ୍କୁ ଦେଖି ମୋର ମନେହେଲା ଯେ ସାଂସ୍କୃତିକ ପାର୍ଥକ୍ୟ ପଛରେ ସାର୍ବଜନିନ ମାନବବୋଧ କିପରି କାମ କରୁଛି । ମୋ ଆଖିରେ ସେ ଥିଲେ ଜଣେ ମହାନ୍ ଆଦର୍ଶ ପୁରୁଷ । ମୋତେ ତାଙ୍କୁ ବହୁତ ଭଲ ଲାଗେ । ସେ ନିଟାର ପ୍ରତିଭାକୁ ବହୁତ ପ୍ରଶଂସା କରନ୍ତି । ମୋ ମନ ଭିତରେ ଥାଏ ଯେ ଏ ଭଦ୍ରଲୋକଙ୍କୁ ଯଦି ନିଟା ବାହା ହୁଅନ୍ତା, ତେବେ କେତେ ଭଲ ହୁଅନ୍ତା ଦୁଇଜଣଙ୍କର । ଜଣେ ନାଟକ ଲେଖନ୍ତା, ଆଉ ଜଣେ ସେଥିରେ ଅଭିନୟ କରନ୍ତା । କେତେ ଆନନ୍ଦରେ ଦୁଇଜଣ ରହନ୍ତେ । ଗୋଟିଏ ପ୍ରତିଭା ସହିତ ଅନ୍ୟ ଏକ ପ୍ରତିଭାର ମିଳନରେ ଅଭିନବ ସୃଜନଶୀଳତାର ପରିପ୍ରକାଶ ଘଟନ୍ତା । ପ୍ରତିଭା ଥିବା ନିଟା ପରି ରମଣୀ ସହିତ ସେନାବାହିନୀର କର୍ଣ୍ଣେଲ୍ ଆଦୌ ଶୋଭା ପାଏନା ବୋଲି ମୋର ଧାରଣା ଥିଲା ।

Digitized by PPRACHIN, SOA

ମାମୀଙ୍କୁ ନିଭୃତରେ ଏକଥା ମୁଁ କହିଥିଲି । ମାମୀ ମୋ କଥାକୁ ପସନ୍ଦ କଲେ, କିନ୍ତୁ ତାଙ୍କ ମତରେ ଏହା ସମ୍ଭବ ନୁହେଁ, କାରଣ ନିଟା ହେଉଛି ସମ୍ପୂର୍ଣ ରୂପେ ରକ୍ଷଣଶୀଳ ଦକ୍ଷିଣପନ୍ଥୀ ଅଥଚ ସେ ଭଦ୍ରଲୋକ ହେଉଛନ୍ତି ଜଣେ ଦୃଢ଼ପ୍ରତିଜ୍ଞ ବାମପନ୍ଥୀ । ମୁଁ ଏହା ଜାଣିଥିଲେ ମଧ୍ୟ ମୋ ମନ ଭିତରେ କାହିଁକି ଏ କଥାଟି ସବୁବେଳେ ଉଙ୍କି ମାରୁଥାଏ । ଯେତେବେଳେ ସେ ଭଦ୍ରଲୋକଙ୍କ ସହିତ ମୋର ଦେଖାହୁଏ, ମୁଁ ତାଙ୍କ ଆଗରେ ନିଟାର ଉଚ୍ଚ ପ୍ରଶଂସା କରେ ଏବଂ ନିଟା ଆଗରେ ମଧ୍ୟ ବହୁତ ମୋଲାୟମ୍ ଭାବରେ ଭଦ୍ରଲୋକଙ୍କର ଗୁଣଗାରିମା ବର୍ଣ୍ଣନା କରେ । ଖାଲି କହେ ଯେ, ଏହି ଆଦର୍ଶବାଦୀ ନିଃସ୍ୱାର୍ଥପର ଭଦ୍ରଲୋକଙ୍କୁ ଯିଏ ବାହା ହେବ ସିଏ ନିଶ୍ଚିତ ଭାବରେ ଜୀବନରେ ସୁଖୀ ହେବ । ନିଟାର ପ୍ରେମ ବିଚ୍ଛେଦ ପରେ ସେ ଭଦ୍ରଲୋକଙ୍କ ଘରକୁ ମୁଁ ନିଟାକୁ ନେଇଯାଏ, ତାଙ୍କୁ ମଧ୍ୟ ଫୋନ୍ କରି ଆମ ଘରକୁ ଡାକେ । ତାଙ୍କର ଭଉଣୀ ଓ ଭଣଜାମାନଙ୍କ ପ୍ରତି ଚରମ ସ୍ୱାର୍ଥ ତ୍ୟାଗ କଥା ନିଟାକୁ କହେ । କ୍ରମେ ନିଟା ମୋଠାରୁ ତାଙ୍କର ପ୍ରଶଂସା ଶୁଣିବାକୁ ଭଲ ପାଇଲା । ତା'ଛଡ଼ା ବାମପନ୍ଥୀ ଦର୍ଶନ କିପରି ପୃଥିବୀ ବକ୍ଷରେ ଓ ସାରା ବିଶ୍ୱର ଜନତା ପାଇଁ ମଙ୍ଗଳକର, ସେ କଥା ନାନା ଉପାୟରେ ନାନା ଉଦାହରଣ ଦେଇ ମଝିରେ ମଝିରେ ନିଟାକୁ ମୁଁ ବୁଝାଏ । ଏହି ଆଦର୍ଶବାଦ ଭିତରେ କିପରି ଆନ୍ତର୍ଜାତିକ ସୌହାର୍ଦ୍ଦ୍ୟ, ମାନବିୟତା ଯୁଗ ଯୁଗ ଧରି ମନୁଷ୍ୟ ସ୍ୱପ୍ନର ବିଶ୍ୱଶାନ୍ତି ଇତ୍ୟାଦି ମହତ୍‌ଗୁଣ ରହିଛି ସେ ବିଷୟରେ କୁହେ । ପ୍ରଥମେ ପ୍ରଥମେ ନିଟା ତୀବ୍ର ପ୍ରତିକ୍ରିୟା ପ୍ରକାଶ କରୁଥିଲା, କିନ୍ତୁ ମୁଁ ଏଥିରେ ଦବି ଯାଉ ନଥିଲି । ପ୍ରସଙ୍ଗକ୍ରମେ ସେହି କଥା ମୁଁ ବାରମ୍ବାର ପକାଏ । ଦେଖିଲି କାଳକ୍ରମେ ନିଟା ମୋ କଥା ଶୁଣିଲା । ବିଶେଷତଃ ତା'ର ଏହି ମାନସିକ ବିପର୍ଯ୍ୟୟ ସମୟରେ ସେ ମୋ କଥା ମନ ଦେଇ ଶୁଣେ । ନାନା ପ୍ରଶ୍ନ ମଧ୍ୟ ପଚାରେ । ମୋତେ ନ ଜଣାଇ ମୋ ଟେବୁଲ୍‌ରେ ଥିବା ମାନବିକତାବାଦ ବିଷୟରେ ବହି ସବୁ ପଢ଼େ । ସେ ମୋ ଆଗରେ ମାନିବାକୁ ସଙ୍କୋଚବୋଧ କଲେ ସୁଦ୍ଧା ତା'ର ଏଥିରେ ଆଗ୍ରହ ଜନ୍ମିବାର ମୁଁ ଲକ୍ଷ୍ୟ କରିଥିଲି । ମୁଁ ସେତେବେଳକୁ ଡକ୍ଟରେଟ୍ ପାଇଁ ପ୍ରବନ୍ଧ ପଠାଇ ସାରିଥିଲି । କେବଳ ମୌଖିକ ସାକ୍ଷାତ ପାଇଁ ଅପେକ୍ଷା କରିଥାଏ । ତେଣୁ ମୋର ବହୁତ ସମୟ ଥିଲା । ନିଟାକୁ ଆଶ୍ୱାସନା ଦେଲାବେଳେ, ବହୁ ଆଦର୍ଶବାଦ କଥା କହିଲା ସମୟରେ ମୋର ଆନ୍ତରିକ ଇଚ୍ଛା ଥିଲା ବିଚାରୀ ନିଟା କିପରି ବଦଳି ଯାଆନ୍ତା ଓ ସେହି ବାମପନ୍ଥୀ ଭଦ୍ରଲୋକଙ୍କୁ ବିବାହ କରନ୍ତା । ମୋର ଏହି ଆନ୍ତରିକ ଇଚ୍ଛା କିଛିଦିନ ପରେ ଫଳବତୀ ହେଲା । ଏମାନେ ବିବାହ କଲେ । ଶୁଣିଲି ବଡ଼ ଆନନ୍ଦରେ ଅଛନ୍ତି ।

ମୋର ଫେରିବାର ସମୟ ଯେତିକି ପାଖେଇ ଆସିଲା ଆମ ସମସ୍ତଙ୍କ ଭିତରେ ଗୋଟିଏ ବିଷଣ୍ଣତାର ଛାଇ ସେତିକି ଘେରି ରହିଲା । କେହି କାହାରିକୁ ଯେପରି ଛାଡ଼ି ଦେବାକୁ ନାରାଜ୍ । ଅଢ଼େଇ ବର୍ଷର ମମତା– ସେ ପୁଣି ନାନା ଘାତ, ପ୍ରତିଘାତ, ମାନ, ଅଭିମାନ, ସ୍ନେହ, ସହାନୁଭୂତି ଭିତର ଦେଇ ଗଢ଼ି ଉଠିଥିବା ମମତା, ମାନବୀୟ ଆକର୍ଷଣ– ବିଦାୟ ସମ୍ଭାବନାରେ ଆମମାନଙ୍କୁ ଉଦାସ କରିଦେଲା । ଫେରିବାର ପନ୍ଦର ଦିନ ପୂର୍ବରୁ ନିଟାର ଆଦେଶ ଯେ ଶେଷ ସପ୍ତାହରେ ମୁଁ ଆଉ କୁଆଡ଼େ ଯିବି ନାହିଁ, ଖାଲି ଘରେ ରହିବି, ବାହାରର ସବୁ ବିଦାୟକାଳୀନ କାର୍ଯ୍ୟ ତା' ଆଗରୁ ଶେଷ କରିବି । ନିଟା ଘଣ୍ଟା ଘଣ୍ଟା ଧରି ମୋ ପୁଅ ପାଇଁ ଜାମା, ସ୍ତ୍ରୀଙ୍କ ପାଇଁ ବ୍ଲାଉଜ୍ ତିଆରି କରିବାରେ ବ୍ୟସ୍ତ । ସେମାନଙ୍କୁ ଯାହା ଭଲ ରନ୍ଧା ଆସୁଥିଲା ସେ ସବୁ ମୋ ପାଇଁ ରନ୍ଧା ହେଲା । ନିଟା ପିଆନୋ ଧରି ବହୁତ ଗୀତ ଶୁଣାଇଲା, ବହୁ ସୁଖଦୁଃଖର ଗୀତ ମନପ୍ରାଣ ଦେଇ ଗାଇପାରେ ସେ । ଗୋଟିଏ ଗୀତ ଗାଇଲା ପରେ ଆମେ କିଛି ସମୟ ଚୁପ୍‌ଚାପ୍ ବସୁ । ତା'ପରେ ଆଉ ଗୋଟିଏ ଆହୁରି ବେଶି କରୁଣ ରାଗିଣୀ ତା କଣ୍ଠରୁ ଝରିଆସେ । ପୁଣି ନୀରବ ନିସ୍ତବ୍ଧତା ଭିତର ଦେଇ ସଙ୍ଗୀତର ମୂର୍ଚ୍ଛନା ଅନୁଭବ କରୁ । ଏ ଅନୁଭବ ଗଭୀର ମାନବିକତାଭରା ଅନୁଭୂତି ।

Digitized by PPRACHIN, SOA

ଏଥିରେ ଦେବା ନେବା, ଆଶା ନିରାଶା, ଅଭିଳାଷ, ଅଭିସନ୍ଧି ନାହିଁ, ଅଛି କେବଳ ମାନବୀୟ କରୁଣା, ଆତ୍ମୀୟତା ଓ ହୃଦୟର ଭାବମୟୀ ଉଦ୍‌ବେଳନ ।

ଆସିବା ଦିନ ହେଲା । ମାମୀ, ନିଟା ଓ ମୁଁ ଗୋଟିଏ ଟ୍ୟାକ୍ସିରେ ରେଳଷ୍ଟେସନକୁ ବାହାରିଲୁ । ମେଘୁଆ ପାଗ । ଆମ ମନ ପରି ଆକାଶ ଭରା କଳାବାଦଲ । ନିଟା କହିଲା, ମୁଁ ତାଙ୍କ ଘରେ ପ୍ରବେଶ କଲା ଦିନ କୁଆଡ଼େ ଏପରି କଳାବାଦଲର ଦିନ ଥିଲା । ସମସ୍ତେ ଚୁପ୍‌ଚାପ୍ ହୋଇ ବସି ରହିଲୁ । ଷ୍ଟେସନ ହେଲା । ସେଠାରେ ତିନିଜଣ ଯାକ ବସିଲୁ । କାଁ ଭାଁ ପଦେ ଅଧେ କଥା । ଏ ବିଦାୟ ସମୟର ଉଦାସ ଗାମ୍ଭୀର୍ଯ୍ୟ ଭିତରେ କଥା କହିବାଟା ଯେପରି ଅପ୍ରାସଙ୍ଗିକ ଓ ମୂଲ୍ୟହୀନ । ସମସ୍ତଙ୍କ ମନ ଭିତରେ ସେହି ଗୋଟିଏ କଥା, ସୁଖ, ଦୁଃଖ ଭରା ଅଢ଼େଇ ବର୍ଷର ଅଭୁଲା ଅନୁଭୂତିର କ'ଣ କିଛି ସ୍ଥାୟିତ୍ୱ ନାହିଁ ? ତା'ର ଉତ୍ତର ବୋଧହୁଏ ନାହିଁ ।

ତାହାଙ୍କୁ ଯିବା ପାଇଁ ରେଳଗାଡ଼ି ଆସିଲା । ମୁଁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ଲାଟଫର୍ମରେ ଠିଆ ହୋଇଥାଏ ସେମାନଙ୍କ ସାଙ୍ଗରେ । ଗାଡ଼ି ହୁଇସିଲ୍ ଦେଲା । ମା' ଝିଅ ଦୁଇଜଣଯାକ କାନ୍ଦି ପକାଇଲେ । ଷ୍ଟେସନ୍‌ରେ ଅଭିନବ ଦୃଶ୍ୟ । ଲଣ୍ଡନର ମାମୀ ଓ ନିଟାଠାରୁ ମୁଁ ବିଦାୟ ନେଲି । ଆଜି ପର୍ଯ୍ୟନ୍ତ ଏ ବିଦାୟର କୋମଳ ସ୍ପର୍ଶ ମୋ ପ୍ରାଣର ଗଭୀରତମ ପ୍ରଦେଶରେ ଗୁମୁରି ଉଠୁଛି । ଏହାକୁ ମୁଁ କହେ ମନୁଷ୍ୟର ଆଧ୍ୟାତ୍ମିକ ଅନୁଭୂତି ।

ମୁଁ ଭାରତ ଫେରିଲି । ନିଟା ମୋ ପାଖକୁ ଲମ୍ବା ଚିଠି ଲେଖେ । ମୁଁ ଆସିବା ପୂର୍ବରୁ ତାଙ୍କ ବଗିଚାରେ ଗୋଟିଏ ମୋ ଉଚ୍ଚର ଆପଲ୍ ଗଛ କିଣି ଆଣି ଲଗାଇ ଦେଇ ଆସିଥିଲି । ଗୋଟିଏ ଜୀବନ୍ତ ଫଳଗଛ ଉପହାର ଦେବାର ଖିଆଲ ମୋର ହୋଇଥିଲା । ଏହି ଆପଲ୍ ଗଛର ଫୁଲ ବେଳେ, ଫଳ ସମୟରେ ତା ତଳେ ମା ଝିଅ ଠିଆ ହୋଇ ଫଟୋ ଉଠାଇ ମୋ ପାଖକୁ ପଠାନ୍ତି । ଲମ୍ବା ଲମ୍ବା ଚିଠି, ଘରକୁ କିପରି ନୂଆ ଭାବରେ ସଜାଇଛି, ଲାଇଲକ୍ ଫୁଲ ବଗିଚାରେ କେତେ ଫୁଟିଛି, ସାଇପଡ଼ିଶା ଓ ସେ ଅଞ୍ଚଳର ଲୋକଙ୍କ ବିଷୟ ଇତ୍ୟାଦି ବିଶଦ ବିବରଣୀ ଥାଇ ସୁଦୀର୍ଘ ଚିଠି ସବୁ ସପ୍ତାହରେ ଆସେ ।

କିଛିଦିନ ପରେ ଚିଠି ପାଇଲି । ନୀଟା ବାମପନ୍ଥୀ ଲେଖକଙ୍କୁ ବିବାହ କରି ବଡ଼ ଆନନ୍ଦରେ ଅଛି । ସେମାନେ ଲଣ୍ଡନର ରିଚ୍‌ମଣ୍ଡ ନଈରେ ଗୋଟିଏ ଡଙ୍ଗାଘର କିଣିଛନ୍ତି । ସେହିଠାରେ ରହୁଛନ୍ତି । ପ୍ରାୟ ସବୁଦିନେ ମାମୀ ଘରକୁ ଯାଆନ୍ତି । ସେତେବେଳେ ଗୋଲ୍‌ଡ଼ରସ୍‌ଗ୍ରୀନ୍ ଘରକୁ ବିକ୍ରି କରି ରିଚମେଣ୍ଡରେ ନୂଆ ଘର କିଣିଥାନ୍ତି । ସବୁଠୁ ଆଶ୍ଚର୍ଯ୍ୟର ଘଟଣା ଯେ ନିଟା କମ୍ୟୁନିଷ୍ଟ ପାର୍ଟିର ସଭ୍ୟା ହୋଇଛି ଏବଂ ଗୋଟିଏ ଅଞ୍ଚଳର ଦଳୀୟ ସେକ୍ରେଟାରୀ ହୋଇଛି । ଏହା ହେଉଛି ତା ଜୀବନରେ ନିଶ୍ଚୟ ଗୋଟିଏ ବିପରୀତଧର୍ମୀ ପରିବର୍ତ୍ତନ । ନିଟା ଜୀବନରେ କିନ୍ତୁ ଏହା ସମ୍ଭବ । ତା' ଜୀବନ ଗୋଟିଏ ଉପନ୍ୟାସ ପରି ଲାଗେ । ■■■

** ପରବର୍ତ୍ତୀ କାଳରେ ଏହି କଥାବସ୍ତୁକୁ ନେଇ 'ସାଗର ସେପାରେ' ଉପନ୍ୟାସ ୧୯୯୭ରେ ପ୍ରକାଶ ପାଇଛି ।*

Digitized by PPRACHIN, SOA

ଛଅ

ସାଧାରଣ ଲୋକଙ୍କର ସାଧୁତା

ଇଂଲଣ୍ଡର ସାଧାରଣ ଲୋକଙ୍କର କେତେଗୁଡ଼ିଏ ବିଶିଷ୍ଟ ଗୁଣ ଭାରତୀୟଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ନିଷ୍ଠା, ସଚ୍ଚରିତ୍ରତା ଓ ସାଧୁତା ଆଦି ଗୁଣ ନେଇ ଆମ ଦେଶ ସହିତ ସେମାନଙ୍କର ଦେଶକୁ ତୁଳନା କଲେ ଆମକୁ ବଡ଼ ଆଶ୍ଚର୍ଯ୍ୟ ଲାଗେ । ଯେଉଁମାନେ ଆଖିରେ ନ ଦେଖିଥିବେ ସେମାନେ ବିଶ୍ୱାସ କରିପାରନ୍ତି ନାହିଁ ଯେ ସେମାନଙ୍କର ଚାଲିଚଳଣ ଓ ବ୍ୟବହାର ଆମ୍ଭମାନଙ୍କର ବ୍ୟବହାରଠାରୁ କେତେ ତଫାତ୍ ! ଅନେକେ ଦୁଃଖ କରି କହିଥାଆନ୍ତି– ଆମ ଦେଶରେ କେବେଁ ଏହା ସମ୍ଭବ ହୋଇପାରିବ ନାହିଁ ।

ଇଂଲଣ୍ଡରେ ଖବରକାଗଜବାଲା ରାସ୍ତାର ଗୋଟିଏ କଡ଼ରେ ଗଦାଏ ଖବରକାଗଜ ରଖିଦେଇ ଚାଲିଯାଏ । ଲୋକମାନେ ନିଜ ନିଜ କର୍ମକ୍ଷେତ୍ରରୁ ଫେରିବା ରାସ୍ତାରେ ଗୋଟିଏ ଗୋଟିଏ 'ପେନି' ପକାଇ ଦେଇ ଖଣ୍ଡେ ଲେଖାଁଏ ଖବରକାଗଜ ଉଠାଇ ନେଇଯାଆନ୍ତି । କ୍ରମେ କ୍ରମେ ଖବରକାଗଜ ପାଖରେ ଗୋଟିଏ ପଇସାର ଗଦା ହୋଇଯାଏ । ପରେ ଖବରକାଗଜବାଲା ଆସି ପଇସା ଓ କାଗଜର ହିସାବ କରିନିଏ । ପ୍ରତି ସନ୍ଧ୍ୟାରେ ମୁଁ ଯେତେବେଳେ ଘରକୁ ଫେରେ, ମୋ ଘର ପାଖର ଖବରକାଗଜ ଦୋକାନ ବନ୍ଦ ହୋଇ ଯାଇଥାଏ । ମୁଁ ମାସିକିଆ ଗ୍ରାହକ ହିସାବରେ ଖବରକାଗଜ ନେଉଥିବାରୁ ମୋ ସନ୍ଧ୍ୟା କାଗଜ ସେଠାରୁ ନେବାର କଥା । ଦୋକାନ ବନ୍ଦ ହୋଇଯାଇଥାଏ; କିନ୍ତୁ ମୋର ଓ ଅନ୍ୟାନ୍ୟ ଅନେକଙ୍କର କାଗଜସବୁ ନାଁ ଲେଖା ହୋଇ ଦୁଆର ମୁହଁରେ ଗୋଟିଏ ଟୁଲ୍ ଉପରେ ରଖାଯାଇଥାଏ । ଯେ ଯାହାର କାଗଜ ଉଠାଇ ନିଅନ୍ତି—ପ୍ରାୟ ଭୁଲ୍ ହୁଏ ନାହିଁ । ଯଦି ଭୁଲ୍‌ରେ କେହି ନେଇଯାଏ, ତାହାହେଲେ ହୁଏତ ଘରେ ଆଣି ଦେଇଯାଏ କିମ୍ବା ତା' ପରଦିନ ଦୋକାନକୁ ଯାଇ ଦେଇ ଆସିଥାଏ ଓ ଦୁଃଖ ପ୍ରକାଶ କରି କ୍ଷମା ଚାହିଁଥାଏ । ଏହିପରି ଅନେକ କ୍ଷେତ୍ରରେ ସାଧାରଣ ଲୋକଙ୍କର ଯେପରି ସାଧୁତା ଦେଖାଯାଏ, ତାହା ଆମ ଦେଶରେ ନାହିଁ । ଟିକିଏ ମୁହଁ ବୁଲାଇ ଦେଲେ ପଇସାଟିଏ ହେଲେ ମଧ୍ୟ ଚୋରି ହୋଇଯିବ । ଘରର ଚାକର ପୂଝାରୀ ଆଗରେ ପଇସାପତ୍ର ଛାଡ଼ିଦେବା ନିରାପଦ ନୁହେଁ । ତେବେ ଦୁଇ ଦେଶ ଲୋକଙ୍କ ଭିତରେ ଏତେବଡ଼ ତଫାତର କାରଣ କଅଣ ? ଅନେକ ନୈରାଶ୍ୟବାଦୀ ଏହାକୁ ଜନ୍ମଗତ, ରକ୍ତଗତ, ଜାତିଗତ ପ୍ରଭୃତି ଆଖ୍ୟା ଦେଇ କହିଥାଆନ୍ତି ଯେ, ଏହାର ସଂଶୋଧନ ଅସମ୍ଭବ କିମ୍ବା ଶହ ଶହ ବର୍ଷ ଶିକ୍ଷା ପରେ ସମ୍ଭବ ହୋଇପାରେ ।

କିନ୍ତୁ ଏହାର ମୂଳ କାରଣ ବିଶ୍ଳେଷଣ କରି ଦେଖିଲେ ଏପରି ନୈରାଶ୍ୟବାଦର କୌଣସି ଭିତ୍ତି ନାହିଁ । ସମାଜରେ ସାଧାରଣ ବ୍ୟକ୍ତିବିଶେଷର ଆଚାର ବ୍ୟବହାର ଓ ସାଧୁତା ସେହି ସମାଜର ଅର୍ଥନୈତିକ ସମ୍ପର୍କ ଉପରେ ଅନେକଟା ନିର୍ଭର କରେ । ଅର୍ଥନୈତିକ ସାମ୍ୟ ଓ ବୈଷମ୍ୟ ଯୋଗୁଁ ନାନା ପ୍ରକାର ସାମାଜିକ ସମ୍ପର୍କର ବିକାଶ ହୋଇଥାଏ । ବିଲାତରେ ସାଧାରଣ ଲୋକଙ୍କର ଉପାର୍ଜନ

Digitized by PPRACHIN, SOA

ଆମ ଦେଶର ସାଧାରଣ ଲୋକଙ୍କ ଉପାର୍ଜନଠାରୁ ବହୁତ ବେଶୀ । ସେଠି ସାଧାରଣ କୁଲିମଜୁରିଆ ହପ୍ତାରେ ପାଞ୍ଚ ଦିନ କାମ କରି ସୁଦ୍ଧା ମାସକୁ ପ୍ରାୟ ତିନିଶ-ଚାରିଶ ଟଙ୍କା ପାଏ । ମୁଁ ଯେଉଁ ବସାରେ ଥିଲି, ସେଠାକୁ ଯେଉଁ ସ୍ତ୍ରୀ ଲୋକଟି କାମ କରିବାକୁ ଆସେ, ସେ ଘଣ୍ଟାକୁ ପ୍ରାୟ ଦୁଇଟଙ୍କା ମଜୁରୀ ପାଏ । ତାଙ୍କ ଦେଶରେ ଜିନିଷପତ୍ରର ଦାମ୍ ଆମ ଦେଶଠାରୁ ଟିକିଏ ବେଶୀ; କିନ୍ତୁ ଆମର ସାଧାରଣ ଲୋକଙ୍କଠାରୁ ଯେ ସେମାନେ ଅନେକ ଭଲରେ ଅଛନ୍ତି, ଏଥିରେ ସନ୍ଦେହ ନାହିଁ । ଆମ ଦେଶରେ ଯାହାକୁ ବିଳାସର ସାମଗ୍ରୀ ବୋଲି ଭାବିଥାଉଁ, ତାଙ୍କ ଦେଶର ସର୍ବସାଧାରଣ କୁଲିମଜୁରିଆଙ୍କ ଘରେ ତାହା ସବୁ ଦେଖିବାକୁ ମିଳେ । ଆମ ଦେଶରେ କେତେଟା ଲୋକଙ୍କ ଘରେ ରେଡ଼ିଓ, ମଟର କିମ୍ବା ଟେଲିଫୋନ୍ ଅଛି ? କିନ୍ତୁ ତାଙ୍କ ଦେଶରେ ଏଟା ବଡ଼ ସାଧାରଣ ଓ ଏସବୁ ନିହାତି ଦରକାରୀ ଜିନିଷ ଭିତରେ ନିଆଯାଇଥାଏ । ମୋଟାମୋଟି ଏତିକି କୁହାଯାଇପାରେ ଯେ ଜନସାଧାରଣଙ୍କର ଜୀବନଯାପନ ପ୍ରଣାଳୀ ଆମ ଦେଶ ଲୋକଙ୍କର ଜୀବନଯାପନ ପ୍ରଣାଳୀଠାରୁ ଅନେକ ଉପରେ । ତେଣୁ ରାସ୍ତାରୁ କେତେଟା ପେନି ଚୋରି କରିବା ତାଙ୍କର ଦରକାର ପଡ଼େ ନାହିଁ । ଯେ ମାସକୁ ହଜାରେ ଟଙ୍କା ପାଏ, ସେ କେତେଟା ପଇସା ଚୋରି କରି କ'ଣ କରିବ ? କିନ୍ତୁ ଆମ ଦେଶର ରାସ୍ତାର ଭିକାରି ଯେ ସାରାଦିନ ବୁଲି ଦି ଚାରିଟା ପଇସା ପାଏ ନାହିଁ, ତା' ପକ୍ଷରେ ଗୋଟାଏ ପଇସାର ମୂଲ୍ୟ ଅନେକ ବେଶୀ ଏବଂ ଭୋକିଲା ଲୋକଠାରୁ ଏପରି ସାଧୁତା ଆଶା କରିବା ବିଡ଼ମ୍ବନା ମାତ୍ର । ଆମ ଦେଶର ଡେପୁଟି, ଓକିଲ ଓ ପ୍ରଫେସରମାନେ ଗୋଟାଏ ପଇସା କେବେ ଚୋରିକରି ନେବେ କି ? ଏଥିରେ ଯଦି ଆମ ଦେଶର ଲୋକଙ୍କର ସାଧାରଣ ସାଧୁତା ନାହିଁ ବୋଲି ଦୁଃଖ ପ୍ରକାଶ କରୁ, ତାହାହେଲେ ଅନ୍ୟାୟ ହେବ । ଲୋକଙ୍କର ଉପାର୍ଜନ ବଢ଼ିବା ସଙ୍ଗେ ସଙ୍ଗେ ଏ ପ୍ରକାର ଅସାଧୁତା ଯେ ଲୋପ ପାଇଯିବ, ଏଥିରେ ସନ୍ଦେହ ନାହିଁ । ତାଙ୍କ ଦେଶରେ ଯଦି ପାଉଣ୍ଡ ନୋଟର ଗୋଟାଏ ଗଦା ରାସ୍ତାକଡ଼ରେ ପଡ଼ି ରହେ, ତାହେଲେ ନିଶ୍ଚୟ ଚୋରି ହେବ । ମୁଁ ଅନେକ ଘଟଣା ଜାଣେ— ସେଠାକାର ହଷ୍ଟେଲରେ ଦଶ ପନ୍ଦର ପାଉଣ୍ଡ ଓ ମୂଲ୍ୟବାନ ଜିନିଷର ଚୋରି ଅନେକ ହୁଏ । ସ୍ତ୍ରୀ ଲୋକମାନଙ୍କର ମୂଲ୍ୟବାନ କୋଟ ଚୋରି କରିବା ପାଇଁ ଏପରି ଦକ୍ଷ ଚୋରସବୁ ଅଛନ୍ତି ଯେ ସେମାନଙ୍କ ଲାଗି ବିଶେଷ ପୋଲିସ୍ ସି.ଆଇ.ଡି. ଅଛନ୍ତି । ଗୋଟାଏ କୋଟର ଦାମ୍ ଯେତେବେଳେ ହଜାର ହଜାର ଟଙ୍କା, ସେତେବେଳେ ଯାହାର ଅବସ୍ଥା ଅନ୍ୟ ତୁଳନାରେ ସେତେ ଭଲ ନୁହେଁ, ତା'ର ଚୋରି କରିବାର ପ୍ରବୃତ୍ତି ହେବା ସ୍ୱାଭାବିକ ଓ ଏପରି ଅନେକ ଚୋରି ପ୍ରତିଦିନ ହେଉଛି । ତେଣୁ ଏହା ଯେ ଅନେକଟା ଅର୍ଥନୈତିକ ପରିସ୍ଥିତି ଉପରେ ନିର୍ଭର କରୁଛି, ଏଥିରେ ସନ୍ଦେହ ନାହିଁ ।

ତେବେ ପ୍ରଶ୍ନ ଉଠିପାରେ ଯେ ଆମ ଦେଶରେ ପଇସା ଥିବା ଲୋକଙ୍କ ଭିତରେ ମଧ୍ୟ ଏତେ ଲାଞ୍ଚ ମିଛ ଓ ବ୍ୟବସାୟୀଙ୍କ ମଧ୍ୟରେ ଏତେ ଚୋରା ବଜାର କାହିଁକି ? ସେମାନଙ୍କର ତ ଅନେକ ଟଙ୍କା ପଇସା ଅଛି । ଆମର ଅଫିସରମାନେ ହଜାର ହଜାର ଟଙ୍କା ପାଇଲେ ମଧ୍ୟ ସବୁବେଳେ ଆପତ୍ତି କରିଥାଆନ୍ତି ଯେ ସେମାନଙ୍କ ପ୍ରତି ସରକାର ଅନ୍ୟାୟ କରିଛନ୍ତି, ଇତ୍ୟାଦି । ଏହାର କାରଣ କ'ଣ ? ଏସବୁ କଣ ଜନ୍ମଗତ ପ୍ରକୃତି ଯୋଗୁଁ ନୁହେଁ ? ଇଂଲଣ୍ଡରେ ସିଭିଲ୍ ସର୍ଭିସ୍ ଓ କଲେଜ ପ୍ରଫେସର ପ୍ରଭୃତିଙ୍କ ଭିତରେ ତ ଏତେ ଅସନ୍ତୋଷ ଏତେ ଓଜର ଆପତ୍ତି ଦେଖାଯାଏ ନାହିଁ । ଏପରିକି ମୁଁ ଅନେକ ଚେଷ୍ଟା କରିଛି, ଛାତ୍ର କିମ୍ବା ଲାବୋରେଟୋରୀ ଆସିଷ୍ଟାଣ୍ଟଙ୍କଠାରୁ କଲେଜ ଅଧ୍ୟାପକଙ୍କ ଦରମା ଜାଣିବା ପାଇଁ—ସେମାନେ ତାହା କହିପାରନ୍ତି ନାହିଁ । କିଏ କେତେ ପାଇଲା, ସେ ବିଷୟରେ କେହି ବିଶେଷ ମୁଣ୍ଡ ଘୂରାଇଲା ପରି ଜଣାଯାଏ ନାହିଁ । ଏ ପ୍ରକାର

Digitized by PPRACHIN, SOA

ଶାନ୍ତିପୂର୍ଣ୍ଣ ବାୟୁମଣ୍ଡଳ ମୋତେ ଖୁବ୍ ଭଲ ଲାଗିଥିଲା । କିନ୍ତୁ ଆସିଲା ପରେ ଭାରତରେ ଯାହା ସହିତ ଦେଖାହୁଏ, ସେ ପଚାରେ—"କେତେ ଦେଲେ ସରକାର ?" ଏଠାରେ ଦରମା ବିଷୟରେ ହଜାର ଉତ୍ତର ଆପତ୍ତି—ଯେ ଯେତେ ପାଉନା କାହିଁକି ।

ମୋର ମନେହୁଏ, ଏହା ମୂଳରେ ରହିଛି ଅର୍ଥନୈତିକ ଶ୍ରେଣୀ ବିଭାଜନ ଗତ ତାରତମ୍ୟ ଓ ସେଥିଲାଗି ଅଯଥା ପ୍ରତିଯୋଗିତା ଏବଂ ଈର୍ଷା । ଚାକିରିଆମାନଙ୍କ ଭିତରେ ଦରମା ନେଇ ଏତେ ତଫାତ୍ ରହିଛି ଯେ, ସବୁବେଳେ ନିଜ ସହିତ ଉପର ଶ୍ରେଣୀର କର୍ମଚାରୀଙ୍କୁ ତୁଳନା କରି ଅସନ୍ତୋଷ ବଢ଼େ । କୌଣସି ସଭ୍ୟ ଦେଶରେ ସର୍ବନିମ୍ନ ଓ ସର୍ବୋଚ୍ଚ ସରକାରୀ କର୍ମଚାରୀଙ୍କ ଭିତରେ ଦରମା ହାରର ଏତେ ବେଶୀ ତାରତମ୍ୟ ନାହିଁ । ଜଣେ ଅଧ୍ୟାପକ ଯଦି ୧୨୫ଟଙ୍କା ପାଉଥାଆନ୍ତି ଓ ସେହି ବିଭାଗର କର୍ତ୍ତା ଦୁଇ ତିନି ହଜାର ପାଆନ୍ତି, ତାହେଲେ ତ ଅଧ୍ୟାପକଙ୍କର ମର୍ଯ୍ୟାଦା ଅନ୍ୟ ଆଗରେ କ୍ଷୁଣ୍ଣ ହୋଇଯିବ; ଏପରିକି ଜନସାଧାରଣଙ୍କ ଆଗରେ ମଧ୍ୟ ଏମାନଙ୍କର ସମ୍ମାନ ବେଶୀ ରହେ ନାହିଁ । ମୁଁ କଲେଜ ପିଲାଙ୍କଠାରୁ ଶୁଣିଛି, "ଅମୁକ ଅଧ୍ୟାପକ ତ ? ହଁ, ଶହେ ପଚାଶ ଟଙ୍କିଆ ଅଧ୍ୟାପକ ହୋଇଥିବ !" ସାଧାରଣତଃ ଏହିମାନେ ବଡ଼ ବଡ଼ ଅଫିସରଙ୍କ ପୁଅ କିମ୍ବା ବନ୍ଧୁବାନ୍ଧବ । ଦରମାହାର ସାଙ୍ଗେ ସାଙ୍ଗେ ସାମାଜିକ ସମ୍ପର୍କ ଓ ସମ୍ମାନ ମଧ୍ୟ ବଦଳିଯାଏ । ତେଣୁ କର୍ମଚାରୀଙ୍କ ଭିତରେ ଅଯଥା ଅସନ୍ତୋଷ ଓ ଈର୍ଷା ବଢ଼ିଥାଏ । ମଧ୍ୟ ପ୍ରକାର କର୍ମଚାରୀଙ୍କ ମଧ୍ୟରେ ଯଦି ଏପରି ଅସନ୍ତୋଷ ଦେଖାଯାଏ, ନିମ୍ନତମ କର୍ମଚାରୀଙ୍କ ମଧ୍ୟରେ ବା କ'ଣ ନହେବ ? ସେମାନଙ୍କ ପ୍ରତି ଉପର କର୍ମଚାରୀମାନେ ଯେଉଁ ବ୍ୟବହାର କରିଥାଆନ୍ତି, ତାହା ଯେକୌଣସି ଆତ୍ମସମ୍ମାନ ଥିବା ବ୍ୟକ୍ତି ପକ୍ଷରେ ସହ୍ୟ କରିବା ଅସମ୍ଭବ; କିନ୍ତୁ ଅନଟନ ଭିତରେ ପଡ଼ି ସେମାନେ ଆତ୍ମମର୍ଯ୍ୟାଦା ଓ ବ୍ୟକ୍ତିତ୍ୱର ନ୍ୟାଯ୍ୟ ଦାବି ଭୁଲି ଯାଇଥାଆନ୍ତି । ତାଙ୍କ ଦେଶରେ ତଫାତ୍ ଏତେ ବେଶୀ ନଥିବାରୁ ପରସ୍ପର ମଧ୍ୟରେ ମଧୁର ସମ୍ପର୍କ ଥାଏ । ଯେତେ ବଡ଼ କର୍ମଚାରୀ ହେଉ ପଛକେ, ସର୍ବନିମ୍ନ ଚପରାସୀକୁ 'ଶଳା', 'ବେ', 'ବା' ପରିବର୍ତ୍ତେ 'ଧନ୍ୟବାଦ', 'କ୍ଷମା ପ୍ରାର୍ଥନା' ନିଶ୍ଚୟ କରିବ । ଆମ ଦେଶରେ କଲେଜ ପ୍ରିନ୍‌ସିପାଲ, ପ୍ରଫେସରମାନଙ୍କୁ, ଜିଲ୍ଲା ମାଜିଷ୍ଟ୍ରେଟ୍ ଡେପୁଟିମାନଙ୍କୁ ବସିବାକୁ ସୁଦ୍ଧା କହନ୍ତି ନାହିଁ । କିନ୍ତୁ ଜଣେ ଅଶିକ୍ଷିତ ଲକ୍ଷପତି ଜମିଦାର ଆସିଲେ ଦୁଆର ମୁହଁକୁ ଆସି ତାଙ୍କୁ ଅଭ୍ୟର୍ଥନା କରିନିଅନ୍ତି । ତେବେ କିଏ କହିବ ଯେ ସାମାଜିକ ସମ୍ମାନ ଓ ଖାତିରି ସଂପତ୍ତି ଉପରେ ନିର୍ଭର କରେ ନାହିଁ ?

ବ୍ୟବସାୟୀଙ୍କ ଭିତରେ ଚୋରା ବଜାର ଓ ଲାଞ୍ଚମିଛ ମଧ୍ୟ ସେହି କାରଣରୁ ଦେଖାଯାଏ । ପ୍ରଥମତଃ ସମାଜର ପ୍ରଚଳିତ ରୀତି ଯୋଗୁଁ ଏପରି ଅଭ୍ୟାସ ହୋଇଯାଇଥାଏ ଯେ ବ୍ୟବସାୟ କ୍ଷେତ୍ରରେ ଚୋରି କରିବା, ମିଛ କହିବା ଗୋଟିଏ ସାଧାରଣ ନୀତି ହୋଇପଡ଼େ ଏବଂ ଧରା ପଡ଼ିଲେ ମଧ୍ୟ ବିଶେଷ କିଛି ଦଣ୍ଡ ହୁଏ ନାହିଁ । ସମସ୍ତେ ଜାଣିଲେ ମଧ୍ୟ ତା'ର ବିଶେଷ କିଛି ଦଣ୍ଡ ହୁଏନାହିଁ । ତା' ନ ହେଲେ ଏତେ ଦିନ ଧରି ଯେଉଁ ବ୍ୟବସାୟୀ ଓ ସରକାରୀ କର୍ମଚାରୀମାନେ ଲାଞ୍ଚ ଓ ଚୋରା ବଜାରରେ ଲିପ୍ତ ହୋଇଥିବା କଥା ସମସ୍ତେ ଜାଣନ୍ତି, ସେମାନେ ଉତ୍ତରୋତ୍ତର ଉନ୍ନତି କରୁ ନଥାନ୍ତେ । ଫଳରେ ଲୋକଙ୍କର ସେ ଦିଗରେ ଲାଳସା ବଢୁଛି ସିନା, କମୁ ନାହିଁ । ଇଂଲଣ୍ଡରେ ସାମାନ୍ୟ ଗୋଟାଏ କଥା ନେଇ କିଛିଦିନ ତଳେ ଜଣେ ମନ୍ତ୍ରୀ ଓ ବ୍ୟାଙ୍କର ଜଣେ ଉଚ୍ଚପଦସ୍ଥ କର୍ମଚାରୀଙ୍କୁ କାର୍ଯ୍ୟରୁ ବାହାର କରି ଦିଆଗଲା ।

ତା' ଛଡ଼ା ଆମ ଦେଶରେ ବଡ଼ ବଡ଼ ପୁଞ୍ଜିପତିଙ୍କଠାରୁ ଆରମ୍ଭ କରି ଛୋଟ ଛୋଟ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ପ୍ରଭୂତ ଅର୍ଥ ସଞ୍ଚୟର ଗୋଟିଏ ବିରାଟ ପ୍ରତିଯୋଗିତା ଲାଗିରହିଛି । ଧନ ସଞ୍ଚୟର ଗୋଟିଏ ଅବସ୍ଥା ପରେ ଜୀବନଯାପନ ଲାଗି ଅର୍ଥର ଆବଶ୍ୟକତାର ନଥିଲେ ମଧ୍ୟ ପ୍ରତିଯୋଗିତା ନିଶୁଣି ଉପରକୁ କିଏ କେତେଦୂର ଉଠିପାରିବ, ସେଥିଲାଗି ସମସ୍ତେ ତତ୍ପର ଏବଂ

Digitized by PPRACHIN, SOA

ସେଥି ସାଙ୍ଗେ ସାଙ୍ଗେ ସାମାଜିକ ଖାତିରି ମଧ୍ୟ ବଢ଼ି ଚାଲେ; ଏପରିକି ସରକାରଙ୍କଠାରୁ ମଧ୍ୟ ସେମାନଙ୍କର ଖାତିରି ବଢ଼ିଚାଲେ; ସେମାନେ ସେହି ପରିମାଣରେ ସୁବିଧା ଓ ସମ୍ମାନ ପାଇଥାଆନ୍ତି; ଏପରିକି ଲକ୍ଷ ଲକ୍ଷ ଭୋକିଲା ମଣିଷର ଶବ ଉପରେ ଚଢ଼ି ସେମାନେ ଶିଡ଼ି ଉପରକୁ ଉଠିବାକୁ ମଧ୍ୟ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ ।

ଅର୍ଥନୈତିକ ସମ୍ପର୍କ ସମାଜର ମୂଳଦୁଆ ସ୍ୱରୂପ କାମ କରିଥାଏ ଓ ତା' ଉପରେ ନୈତିକ, ନାଗରିକ ଏବଂ ସାମାଜିକ ଚରିତ୍ରର ଉଦ୍ଭବ ହୋଇଥାଏ । ଅର୍ଥନୈତିକ ତାରତମ୍ୟ ଯେତେ କମ୍, ସାମାଜିକ ସମ୍ପର୍କ ସେତେ ମଧୁର ଓ ଦ୍ୱନ୍ଦ୍ୱହୀନ । ତେଣୁ ଆମ ଜାତିର ବଦ୍‌ଗୁଣସବୁ ଦେଖି ନିରାଶ ହେବାର କାରଣ ନାହିଁ । ଅବଶ୍ୟ ପ୍ଲାଟଫର୍ମ ବକ୍ତୃତା ଦ୍ୱାରା ଏସବୁ ଦୂରୀଭୂତ ହେବା ଅସମ୍ଭବ । ଯେତେଦିନ ପର୍ଯ୍ୟନ୍ତ ଅସଲ ମୂଳଦୁଆକୁ ବଦଳାଇ ଦିଆ ନହେବ, ସେତେଦିନ ପର୍ଯ୍ୟନ୍ତ ତା'ର ପ୍ରତିକ୍ରିୟା ସାଧାରଣ ସାମାଜିକ ଜୀବନକୁ କଳୁଷିତ କରିଦେବ । ଇଟାଲୀର ଲୋକମାନେ ଆମ ଲୋକଙ୍କ ପରି ଗରିବ । ତେଣୁ ସେମାନେ ଭାରତୀୟଙ୍କ ପରି ଅସାଧୁ ଓ ସେମାନଙ୍କର ସାମାଜିକ ଜୀବନ ଆମ ଦେଶର ସାମାଜିକ ଜୀବନ ପରି କଳୁଷିତ । ମଧ୍ୟ ଓ ସୁଦୂର ପ୍ରାଚ୍ୟ ଦେଶମାନଙ୍କରେ ମଧ୍ୟ ଠିକ୍ ସେହିପରି, ଅଥଚ ପୃଥିବୀର ଧନୀ ଦେଶମାନଙ୍କରେ ସାଧାରଣ ଲୋକଙ୍କଠାରେ ଅସାଧୁତା ବେଶୀ ଦେଖାଯାଏ ନାହିଁ । କିଂତୁ ଅସାଧୁତା ରହିଛି ଅନ୍ୟ କେତେକ କ୍ଷେତ୍ରରେ ।

ଦେଶର ନେତା, କର୍ମୀ ଓ ଉତ୍ସାହୀ ଛାତ୍ରମାନେ ଅଯଥା ନିରାଶ ନ ହୋଇ ଦେଶର ଅର୍ଥନୈତିକ ମୂଳଭିତ୍ତିକୁ ବିଶ୍ଳେଷଣ କରି ଦେଖନ୍ତୁ ଓ ସମାଜକୁ ନୂତନ ପ୍ରକାରେ ଗଢ଼ିବାକୁ ଚେଷ୍ଟା କରନ୍ତୁ– ତାହେଲେ ସୁଫଳ ଦିନେ ନା ଦିନେ ଦେଖାଦେବ । ଏହା ପ୍ରାୟ ପଚାଶବର୍ଷ ତଳେ ଲେଖା ହୋଇଥିଲା । କିଂତୁ ଏହି ବିଶ୍ଳେଷଣ ବର୍ତ୍ତମାନ ଭାରତୀୟ ସମାଜ ପ୍ରତି ମଧ୍ୟ ପ୍ରଯୁଜ୍ୟ । ■■■

Digitized by PPRACHIN, SOA

ସାତ

ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ— ପାରିବାରିକ ଓ ସାମାଜିକ ସମ୍ପର୍କ

କୌଣସି ଜାତିର ପ୍ରଧାନ ଜାତୀୟଗୁଣ ବା ଲକ୍ଷଣ ବିଷୟରେ ରୋକ୍‌ଠୋକ୍ ଜବାବ୍ ଦେବା ବଡ଼ କଠିନ ଓ ଅବୈଜ୍ଞାନିକ । ସାଧାରଣତଃ ଅନେକେ ପ୍ରଥମରୁ ନିଜର କେତେଗୁଡ଼ିଏ ସାମାଜିକ ଓ ବ୍ୟକ୍ତିଗତ ବଦ୍ଧମୂଳ ଧାରଣାର ବଶବର୍ତ୍ତୀ ହୋଇ ଅନ୍ୟ ସମାଜକୁ ବିଚାର କରନ୍ତି । ତେଣୁ ଏସବୁ ବିଷୟରେ ଲେଖିବାକୁ ଯିବା ପୂର୍ବରୁ ବଡ଼ ସାବଧାନ ହେବା ଉଚିତ ଏବଂ ଯେତେଦୂର ସମ୍ଭବ ନିରପେକ୍ଷ ଭାବରେ ବିଶ୍ଳେଷଣ କରିବା ଉଚିତ । ତା'ଛଡ଼ା ମଧ୍ୟ ମୁଁ ଯାହା ଯାହାଁ ଲେଖିବାକୁ ଯାଉଛି, ସେସବୁ ପ୍ରତ୍ୟେକ ଇଂରେଜ ନରନାରୀଠାରେ ଯେ ଦେଖିବାକୁ ମିଳିବ, ତାହା ଭାବିବା ଭୁଲ୍ । ଏହା ମନରେ ଗୋଟିଏ ମୋଟାମୋଟି ପ୍ରତିଚ୍ଛାୟା ମାତ୍ର । ଗୋଟିଏ ଦେଶରେ ଦୁଇ-ତିନି ବର୍ଷ କଟାଇଲା ପରେ କେତେଗୁଡ଼ିଏ ସାମାଜିକ ଛାପ ମନ ଭିତରେ ରହିଥାଏ । ଉଦାହରଣ ସ୍ୱରୂପ ଯେ କୌଣସି ବିଦେଶୀ ଆଖିରେ ଆମ ଦେଶର ଜାତିଗତ ଓ ଅର୍ଥନୈତିକ ତାରତମ୍ୟ ପରିଷ୍କାର ହୋଇ ଦେଖାଦେବ । ସେହିପରି ଇଂରେଜ ଜାତିର କେତେଗୁଡ଼ିଏ ମୋଟାମୋଟି ଆଖିଦୃଷ୍ଟିଆ ବିଶିଷ୍ଟ ଲକ୍ଷଣ ବିଷୟରେ କୁହାଯାଇପାରେ ।

ମୁଁ ଯେତେବେଳେ କଲେଜରେ ପଢୁଥିଲି, ମୋର ଜଣେ ପ୍ରଫେସର କହୁଥିଲେ ଯେ ସେ କିପରି ଲଣ୍ଡନରୁ ଏଡ଼ିନବରା ପର୍ଯ୍ୟନ୍ତ ଆଠ-ଦଶ ଜଣ ଇଂରେଜ ସ୍ତ୍ରୀ ପୁରୁଷଙ୍କ ସହିତ ଏକା ରେଳ ବଖରାରେ ଯାତ୍ରା କରିଥିଲେ ଆଠଘଣ୍ଟା ଧରି, ତଥାପି କିଏ କାହାକୁ ପଦେ ସୁଦ୍ଧା କଥା କହି ନଥିଲେ । ଏଠାରେ ଯେତେବେଳେ ମୁଁ ରେଳ ଭ୍ରମଣରେ ଯାଏ, ମୋର ଏହି କଥାଟି ବାରମ୍ବାର ମନେପଡ଼େ । ଆଉ ଅଧିକାଂଶ ସମୟରେ ତାହାର ସତ୍ୟତା ପ୍ରମାଣିତ ହୁଏ । ଇଂରେଜମାନେ ବଡ଼ ଗମ୍ଭୀର ଓ ଅମିଳାପୀ । ଅନେକେ କହନ୍ତି ଯେ ଏହା ଲଜ୍ଜା ଯୋଗୁଁ ଏବଂ ଆହୁରି ଅନେକେ କହନ୍ତି ଯେ ନା, ଏଟା ସେମାନଙ୍କର ଗର୍ବ ଓ ବଡ଼ିମାର ପରିଚାୟକ । ଏହାର କାରଣ ଖୋଜି ବାହାର କରିବା ବଡ଼ କଷ୍ଟସାଧ । ହୁଏତ କେତେକ ଲାଜୁକ ଓ ଆଉ କେତେକ ଗର୍ବୀ । ଏହା ଯେ ଖାଲି ବାହାରର ଲୋକଙ୍କ ସମ୍ପର୍କରେ ଦେଖାଯାଏ ତାହା ନୁହେଁ; ପରସ୍ପର ଭିତରେ ମଧ୍ୟ ସେମାନେ ସେହିପରି ଉଦାସୀନ ଏବଂ ଅମିଶୁକ । ଏହି ବିଷୟରେ ମୁଁ ଅନେକ ଇଂରେଜ ଓ ଅନ୍ୟାନ୍ୟ ବିଦେଶୀ ଲୋକଙ୍କ ସହିତ ଆଲୋଚନା କରିଛି, ଅଧିକାଂଶ ଏହାକୁ ସ୍ୱୀକାର କରିଛନ୍ତି ।

ଅନେକ ସମୟରେ ମୁଁ ପ୍ରଥମେ କଥାବାର୍ତ୍ତା ଆରମ୍ଭ କରି ଦେଖିଛି ଏବଂ ଏତେ ଚମତ୍କାର ବ୍ୟବହାର ପାଇଛି ଯେ ମୋର ମନେ ହେଉଛି, ସତରେ ସେମାନେ ଲାଜୁକୁଳା ଓ ସେଥିଲାଗି ସେମାନେ କଥା ଆରମ୍ଭ କରିପାରି ନାହାନ୍ତି । ଆହୁରି ମଧ୍ୟ ଅନେକ ଲୋକଙ୍କୁ ଦେଖିଛି, ଯେଉଁମାନେ ଏପରି ଭାବରେ କଥାବାର୍ତ୍ତା କରନ୍ତି ଯେ ମନେହୁଏ ସତେ ଯେପରି ସେମାନେ ଗୋଟାଏ ମସ୍ତବଡ଼ ଉଚ୍ଚ ସଭାମଞ୍ଚ ଉପରୁ କଥାବାର୍ତ୍ତା କରୁଛନ୍ତି—ମୂର୍ଖ ଜନତାକୁ ଉଦ୍‌ବୋଧନ କରୁଛନ୍ତି ଏବଂ ନିଜର

Digitized by PPRACHIN, SOA

ବଡ଼ିମା ପ୍ରତି ମୁହୂର୍ତ୍ତରେ ପ୍ରତିପାଦନ କରୁଛନ୍ତି । କିନ୍ତୁ ମୋଟାମୋଟି କହିବାକୁ ଗଲେ ବାହାରର ଲୋକଙ୍କ ଦୃଷ୍ଟିରେ ସାଧାରଣ ଇଂରେଜମାନେ ଅମିଶୁକ ଓ ଉଦାସୀନ ଦେଖାଯାନ୍ତି ଏବଂ ଲୋକେ ତାହାର ବିଭିନ୍ନ କାରଣ ଦେଇଥାଆନ୍ତି । ମୋର ମନେହୁଏ ଲଜ୍ଜା ଏବଂ ଅହମିକା ଏହାର କାରଣ ନୁହେଁ, ବରଂ ଏହା ଦୁଇଟି ଲକ୍ଷଣ ଏବଂ ତା'ର ମୂଳରେ ରହିଛି ଆତ୍ମକୈନ୍ଦ୍ରିକ ସ୍ୱାତନ୍ତ୍ର୍ୟ ବା ବ୍ୟକ୍ତି ନ୍ୟସ୍ତତା ତେଣୁ ସେମାନଙ୍କର ଲାଜ କିମ୍ବା ଅହମିକା ଭାବ ବ୍ୟକ୍ତିତ୍ୱର ରକ୍ଷାକବଚ ହିସାବରେ କାମ କରୁଛି । ଏହି ଆତ୍ମକୈନ୍ଦ୍ରିକ ସ୍ୱାତନ୍ତ୍ର୍ୟ ଏମାନଙ୍କର ଜାତିଗତ ଲକ୍ଷଣକୁ ବୋଧଗମ୍ୟ କରିଦେଇପାରିବ ।

ଏମାନଙ୍କର ସାମାଜିକ ଜୀବନ ମଧ୍ୟ ଏପରି। ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଉପରେ ପ୍ରତିଷ୍ଠିତ । ପୁଅ ଝିଅ ବଡ଼ ହେଲାକ୍ଷଣି ନିଜ ନିଜ ନାମରେ ଉପାର୍ଜନ ଜମା ରଖନ୍ତି ଓ ଘର ଖର୍ଚ୍ଚ ପାଇଁ ଉଭୟେ ଦିଅନ୍ତି । ଅନେକ ଦାମ୍ପତ୍ୟ ଜୀବନ ଭାଙ୍ଗିଯାଇଛି ଏହି ଅର୍ଥନୈତିକ ସଂଘର୍ଷ ନେଇ । ପୁଅ ବିବାହ ପରେ ଅନ୍ୟ ଘରେ ଯାଇ ରହେ କିମ୍ବା ବାପ ମା' ପାଖରେ ରହିଲେ ପ୍ରତି ସପ୍ତାହରେ ତା'ପାଇଁ ଖୋରାକି ଦିଏ । ଅଧିକାଂଶ ଅନ୍ୟତ୍ର ହିଁ ରହିଥାଆନ୍ତି । ବର୍ତ୍ତମାନ ଯୁଦ୍ଧ ପରେ ଘର ଅଭାବରୁ ଅନେକ ବାପ ମା' ପାଖରେ ରହିଥାଆନ୍ତି, କିନ୍ତୁ ଏଥିରେ ସେମାନେ ଅସୁଖୀ ହୁଅନ୍ତି । ଖାଲି ସେତିକି ନୁହେଁ, ଏକାଘରେ ଶାଶୁ ନିଜର ସ୍ୱାମୀ ପାଇଁ ରାନ୍ଧିବ ତ ବୋହୂ ପୁଅ ପାଇଁ ରାନ୍ଧିବ । ମୁଁ ଯେତେବେଳେ ଆମ ଦେଶର ଏକାନ୍ନବର୍ତ୍ତୀ ପରିବାର ସମ୍ପର୍କରେ କହେ, ସେଠାକାର ଅନେକ ନବ ବିବାହିତା ଝିଅ ବିଶ୍ୱାସ କରିପାରନ୍ତି ନାହିଁ ଯେ ଏକା ସାଙ୍ଗେ କିପରି ସମସ୍ତେ ରହିପାରନ୍ତି ଏବଂ ଏକା ସାଙ୍ଗରେ ଖାଆନ୍ତି । ଦୁଇଜଣ ସ୍ତ୍ରୀଲୋକ ଗୋଟିଏ ରନ୍ଧାଘରେ ଏକାଠି ରାନ୍ଧିବା ଏମାନେ କେଉଁ ପସନ୍ଦ କରିପାରନ୍ତି ନାହିଁ। ପୁଅ ବୋହୂ ମାସରେ ଥରେ କିମ୍ବା ଦୁଇଥର ବୁଢ଼ାବୁଢ଼ୀଙ୍କୁ ଦେଖିବାକୁ ଯାଆନ୍ତି । ମୁଁ କେତେଗୁଡ଼ିଏ ପରିବାର ସହିତ ଖୁବ୍ ଘନିଷ୍ଠ ସମ୍ପର୍କରେ ଆସି ଏସବୁ ବିଷୟ ଲକ୍ଷ୍ୟ କରି ଦେଖିଛି । ନିମ୍ନଲିଖିତ ପରିବାରଟିର ଚାଲିଚଳନରୁ କେତେକ ସୂଚନା ମିଳିବ ।

ବୁଢ଼ା ଓ ବୁଢ଼ୀର ବୟସ ପଞ୍ଚାଅଶୀ । ସେମାନଙ୍କର ଗୋଟିଏ ବୋଲି ପୁଅ ଓ ତାହାର ବୟସ ୬୦ । ବୋହୂର ବୟସ ଷାଠିଏ ଏବଂ ପୁଅ ବୋହୂଙ୍କର ଏକମାତ୍ର ଝିଅର ବୟସ ୩୩ । ବୁଢ଼ାବୁଢ଼ୀ ସେମାନଙ୍କର ନିଜ ଘରେ ଥାଆନ୍ତି । ବୋହୂ ଓ ନାତୁଣୀ ଅନ୍ୟ ଘରେ ଥାଆନ୍ତି । ନାତୁଣୀ ବିବାହ କରି ନାହିଁ । ପୁଅ ୩୪ ବର୍ଷ ସ୍ତ୍ରୀ ସହିତ ରହିଲା ପରେ ତାକୁ ଛାଡ଼ି ଆଉ ଗୋଟିଏ ସ୍ତ୍ରୀକୁ ନେଇ ଅନ୍ୟ ଜାଗାରେ ରହେ । ବୋହୂ ଷାଠିଏ ବର୍ଷ ବୟସରେ ଝିଅକୁ ନେଇ କୌଣସିମତେ ଚଳେ । ପୁଅ ହପ୍ତାରେ ଥରେ ବାପମା'ଙ୍କୁ ଦେଖିବାକୁ ଯାଏ । ନାତୁଣୀ ମଧ୍ୟ ସେହିପରି ଯାଏ । ବୁଢ଼ୀମା'ର ଅନେକ ପଇସା, ଖୁବ୍ ବଡ଼ଘର ଏବଂ ଅନେକ ଅଳଙ୍କାର ଅଛି । ସେମାନେ ନାତୁଣୀକୁ ଖୁବ୍ ଭଲ ପାଆନ୍ତି; କିନ୍ତୁ ଗୋଟାଏ ହେଲେ ଅଳଙ୍କାର ତାକୁ ଦିଅନ୍ତି ନାହିଁ । ବୁଢ଼ୀ ଅବଶ୍ୟ କହେ ଯେ ସେ ସବୁ ନାତୁଣୀ ନାଁରେ ଛାଡ଼ିଯିବ । ଖାଲି ସେତିକି ନୁହେଁ, ନାତୁଣୀ ଯାଇ ବୁଢ଼ୀମା ବଗିଚାରେ କାମ କରିଦେବ ଏବଂ ସେଥିଲାଗି ବୁଢ଼ୀ ତାକୁ ଦିନକର ମଜୁରୀ ଦେବ । ନାତୁଣି ଆସି କହେ, "କେଡ଼େ ଛୋଟଲୋକ, ମୋତେ ଏତେ କମ୍ ଦେଲା ଅଥଚ ମୁଁ ଏତେ କାମ କରିଦେଲି ବଗିଚାରେ..." ବୁଢ଼ୀ ବୁଢ଼ା ଉପରେ ମଧ୍ୟ ଖୁବ୍ ଖପା ଯେ ବୁଢ଼ା ନିଜର ସବୁ ପଇସା ଖର୍ଚ୍ଚ କରିଦେଇଛି ଏବଂ ବର୍ତ୍ତମାନ ବୁଢ଼ୀକୁ ସବୁ ଖର୍ଚ୍ଚ ତୁଲାଇବାକୁ ପଡୁଛି । ଏପରି କେତୋଟି ଘଟଣା ମୁଁ ମୋର ଅନ୍ୟାନ୍ୟ ଇଂରେଜ ବନ୍ଧୁଙ୍କ ସହିତ ଆଲୋଚନା କରି ଦେଖିଛି ଯେ ଉପରୋକ୍ତ ଘଟଣା ସାଧାରଣ ସାମାଜିକ ଜୀବନର ଗୋଟିଏ ବ୍ୟତିକ୍ରମ ନୁହେଁ, ବରଂ ଏହା ସର୍ବସାଧାରଣ ରୀତି । ଆମମାନଙ୍କର ପାରିବାରିକ ରୀତି ଗୋଟିଏ ମସ୍ତବଡ଼ ବ୍ୟତିକ୍ରମ ଏବଂ ଜଟିଳ ବୋଲି ଏମାନଙ୍କର ମନେହୁଏ ।

ଏହା ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟର ଚରମ ପରିଣତି । ଏପରି ପାରିବାରିକ ପରିସ୍ଥିତି ଉପରେ ସମଗ୍ର ସାମାଜିକ ସମ୍ପର୍କ ନିର୍ଭର କରେ । ଯେଉଁ ଦମ୍ପତି ନିଜ ନିଜର ବାପା ମା'ଙ୍କଠାରୁ ଏପରି ଅଲଗା

Digitized by PPRACHIN, SOA

ରହନ୍ତି, ସେମାନେ ପ୍ରତିବେଶୀମାନଙ୍କ ପ୍ରତି କିପରି ବ୍ୟବହାର କରିବେ, ତାହା ସହଜେ ଅନୁମେୟ । ମାସ ମାସ ଧରି କେହି କାହା ସହିତ କଥାବାର୍ତ୍ତା ହୁଏତ କରି ନାହାଁନ୍ତି । ରାସ୍ତାରେ ଦେଖାହେଲେ ପଦେ ଦିପଦ ପାଣିପାଗ ବିଷୟରେ କହି ବିଦାୟ ନେଇଥାଆନ୍ତି । ଯଦି କେହି ଏହାଠୁଁ ବେଶି ଘରୋଇ ବିଷୟ ପଚାରି ପକାନ୍ତି ତା'ହେଲେ ଭୟଙ୍କର ଅଭଦ୍ରତା ହୋଇପଡ଼େ ଏବଂ ସେମାନଙ୍କୁ ସାଧାରଣତଃ ସମସ୍ତେ Nosy Parker ବୋଲି କହିଥାନ୍ତି ।

ଥରେ ଗୋଟିଏ ପରିବାର ମୋତେ ରାତ୍ରି ଭୋଜନ ପାଇଁ ନିମନ୍ତ୍ରଣ କରିଥିଲେ । ଆଉ ଅନେକ ଲୋକ ମଧ୍ୟ ଆସିଥିଲେ । କଥା କଥାରେ ଜଣେ କହିଲେ, "ଓଃ, ଆମ ପଡ଼ାରେ ଦୁଇଚାରି ଜଣ N.P. ଅଛନ୍ତି ।" ମୁଁ ବୁଝି ନ ପାରି ତାହାର ମାନେ ପଚାରିବାରୁ ଶୁଣିଲି ଯେ ଯେଉଁମାନେ ଅଯଥା ପ୍ରଶ୍ନ କରିଥାଆନ୍ତି ଖାଇବା ପିଇବା ପ୍ରଭୃତି ବିଷୟରେ, ସେମାନଙ୍କୁ Nosy Parker କୁହାଯାଏ । ସେମାନେ ଭୟାନକ ଅଭଦ୍ର । ମୁଁ ଯେଉଁ ପରିବାର ସହିତ ଥିଲି, ତାଙ୍କ ଘରକୁ ଜଣେ ପ୍ରତିବେଶୀ ଦୁଇବର୍ଷ ଭିତରେ ଥରେ ହପ୍ତାଏ ପୂର୍ବରୁ ଫୋନ କରି ସମୟ ଠିକ୍ କରି ଆସିଲେ । ସେ ବି ଆସି ନଥାନ୍ତେ, ପ୍ରତିବେଶୀର ପୁଅ ଯୁଦ୍ଧରୁ ଫେରିଥାଏ ଏବଂ ଆମ ଘରର ବୁଢ଼ୀ ତାଙ୍କୁ କୁଆଡ଼େ ଭାରି ଭଲ ପାଏ—ତେଣୁ ସେ ଲଣ୍ଡନ ଫେରିବାର ପ୍ରାୟ ଚାରିମାସ ପରେ ସେ ଭଦ୍ରଲୋକ ବୁଢ଼ୀକୁ ଦେଖିବା ପାଇଁ ଆସିଥିଲେ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଏମାନଙ୍କର ସାମାଜିକ ଜୀବନ ଏହିପରି ରସହୀନ ଓ ସଙ୍ଗୀଶୂନ୍ୟ । ଅନେକେ ନିଜ ଘରେ ଚା'ଭୋଜି ପ୍ରଭୃତି ଦେଇଥାଆନ୍ତି ଏବଂ ଅନେକ ଚିହ୍ନା ପରିଚୟ ଲୋକଙ୍କୁ ଡାକିଥାଆନ୍ତି । ନିମନ୍ତ୍ରଣ ଛଡ଼ା କେହି କାହା ଘରକୁ ଖୁବ୍ କ୍ୱଚିତ୍ ଯାଆନ୍ତି । ଅବଶ୍ୟ ଏମାନଙ୍କର କ୍ଲବ୍ ଜୀବନ ଏ ଅଭାବ ବହୁ ପରିମାଣରେ ଲାଘବ କରେ । କ୍ଲବ୍‌ରେ ବହୁତ ଲୋକ ସବୁବେଳେ ହୈ ଚୈ କରୁଥାଆନ୍ତି; କିନ୍ତୁ ସେତିକିରେ ସବୁ ଶେଷ । ଘରକୁ ଫେରିଲା ପରେ କେହି କାହାର ଖବର ରଖନ୍ତି ନାହିଁ ।

ଏ ପ୍ରକାର ସାମାଜିକ ଓ ପାରିବାରିକ ଜୀବନରେ ଅବଶ୍ୟ ବହୁତ ସୁବିଧା ଅଛି । ପାରିବାରିକ କ୍ଷମତା ଓ ପରିସର ଖୁବ୍ ସଂକୀର୍ଣ୍ଣ ହୋଇଥିବା ଯୋଗୁଁ ସାଧାରଣ କ୍ଷେତ୍ରରେ ଓ ଚାକିରିବାକିରି ସଂକ୍ରାନ୍ତରେ ନାନାପ୍ରକାର ପକ୍ଷପାତିତା ଓ ଅଯଥା ଆତ୍ମୀୟାନୁରାଗ ପ୍ରଭୃତି ବଦଗୁଣ ଖୁବ୍ କମ୍ ଦେଖାଯାଏ । ଆମ ଦେଶରେ ଏ ପ୍ରକାର ଦୋଷ ଏତେ ବେଶୀ ଯେ ଖୁବ୍ କମ୍ କେତେ ଜଣ ସଚ୍ଚୋଟ କର୍ମଚାରୀଙ୍କୁ ଛାଡ଼ିଦେଲେ ଏହା ପ୍ରାୟ ସର୍ବତ୍ର ବହୁ ପରିମାଣରେ ଦେଖାଯାଇଥାଏ । ସରକାରୀ କର୍ମଚାରୀଙ୍କ ଭିତରେ ଯେପରି ଗୋଟାଏ ପରସ୍ପର ସାହାଯ୍ୟକାରୀ ସର୍ତ୍ତ ସ୍ପଷ୍ଟ ଭାବରେ ସ୍ୱୀକୃତ ହୋଇଯାଇଛି । ମାଜିଷ୍ଟ୍ରେଟଙ୍କ ପୁଅର ଉପଯୁକ୍ତ ଯୋଗ୍ୟତା ନଥିଲେ ସୁଦ୍ଧା ପୋଲିସ୍ ସାହେବଙ୍କ ନାନା କଳକୌଶଳରେ ତାକୁ ପୋଲିସ୍ ବିଭାଗରେ ଭର୍ତ୍ତି କରିଦିଆହୁଏ ଏବଂ ତାହାରି ବଦଳରେ ପୋଲିସ୍ ସାହେବଙ୍କ ପୁତୁରାକୁ ମାଜିଷ୍ଟ୍ରେଟ୍ ସାହେବ ନିଶ୍ଚୟ ସାହାଯ୍ୟ କରିବେ । ଥରେ ଆରମ୍ଭ ହେଲେ କ୍ରମେ ଏହା ବିଶାଳ ଦ୍ରୁମରେ ପରିଣତ ହୁଏ ଏବଂ ସାରା ସମାଜରେ ତା'ର ଚେର ମାଡ଼ିବସେ । ବିଲାତରେ ଏହାର ଦୃଷ୍ଟାନ୍ତ ବଡ଼ ବିରଳ । ସାଧାରଣ କ୍ଷେତ୍ରରେ ଆତ୍ମୀୟାନୁରାଗଜନିତ ପକ୍ଷପାତିତା ବଡ଼ କମ୍ ଦେଖାଯାଏ । ଅବଶ୍ୟ ସାମାଜିକ ଓ ଅର୍ଥନୈତିକ ନିଶ୍ଚୟତା ଏହାର ମୂଳରେ ଅଛି ବୋଲି ମନେହୁଏ । ଯଦି ଉଣା ଅଧିକେ ସମସ୍ତେ ଯେକୌଣସି କ୍ଷେତ୍ରରେ ହେଉ ଭର୍ତ୍ତି ହୋଇପାରିବେ ଏବଂ ସେମାନଙ୍କ ଭିତରେ ଉପାର୍ଜନର ପାର୍ଥକ୍ୟ ବେଶୀ ନରହେ, ତାହେଲେ ସାଧାରଣ କ୍ଷେତ୍ରରେ ପକ୍ଷପାତିତା ଓ ପ୍ରତିଯୋଗିତା ସେତେ ବେଶୀ ରହିବ ନାହିଁ । ଆମ ଦେଶର ବିଭିନ୍ନ ଶ୍ରେଣୀ ଭିତରେ ଅର୍ଥନୈତିକ ତାରତମ୍ୟ ଯେ ଏଥିଲାଗି ଅନେକଟା ଦାୟୀ, ଏଥିରେ ସନ୍ଦେହ ନାହିଁ, କିନ୍ତୁ ପାରିବାରିକ ମୋହ କମ୍ ଦାୟୀ ନୁହେଁ ।

Digitized by PPRACHIN, SOA

ଏ ଦେଶରେ ବାପ-ମାଆଙ୍କୁ, ନିଜ ପିଲାମାନଙ୍କୁ ନିଜ ଇଚ୍ଛାନୁସାରେ ଶିକ୍ଷା ଦେବାରେ ଏ ପ୍ରକାର ପାରିବାରିକ ଜୀବନ ବହୁଳ ସାହାଯ୍ୟ କରିଥାଏ । ଆମ ସମାଜରେ ଅଜାଆଈ ଓ ଗୋସାଇଁ ବାପା ଗୋସାଇଁ ମାଆମାନଙ୍କର ପିଲାମାନଙ୍କ ଉପରେ ଖୁବ୍ କର୍ତ୍ତୃତ୍ୱ ଥାଏ । ସେମାନେ ତାଙ୍କରି ଯୁଗର ରୀତିନୀତି ଅନୁସାରେ ନାତି ନାତୁଣୀମାନଙ୍କୁ ବଢ଼ାଇବାକୁ ଚେଷ୍ଟା କରିଥାଆନ୍ତି ଏବଂ ଯଦି ବାପ ମାଆ ଏ ବିଷୟରେ ଏକମତ ନ ହୁଅନ୍ତି, ସେ ବିଷୟ ନେଇ ଅନେକ ସମୟରେ କଳହ ହୋଇଥାଏ । ତା'ଛଡ଼ା ବି ଗୋସାଇଁ ମା' ଓ ଗୋସାଇଁ ବାପା ନାତି ନାତୁଣୀଙ୍କୁ ଅଯଥା ସ୍ନେହ ଓ ମମତା ଦେଖାଇ ସେମାନଙ୍କୁ ଫୁଲାଫାଙ୍କିଆ କରିଦିଅନ୍ତି । ବାପାମାଆଙ୍କର ଶାସନ ପ୍ରତି ସେମାନେ ଆଦୌ କାନ ଦିଅନ୍ତି ନାହିଁ । ପିଲାମାନଙ୍କ ତତ୍ତ୍ୱାବଧାନରେ ଏ ପ୍ରକାର ମତଦ୍ୱୈଧ ସେମାନଙ୍କର କୋମଳ ମନ ପକ୍ଷରେ ଖୁବ୍ କ୍ଷତିକାରକ, ଯଦିଚ ପିଲାମାନଙ୍କର ଉପଯୁକ୍ତ ହେପାଜତରେ ଏହା ବହୁତ ସାହାଯ୍ୟ କରିଥାଏ ।

ଏକାନ୍ନବର୍ତ୍ତୀ ପରିବାର ଫଳରେ ଆମ ଦେଶରେ ଅନେକ ଲୋକ ଜଣେ ଉପାର୍ଜନକ୍ଷମ ଲୋକ ଉପରେ ନିର୍ଭର କରିଥାଆନ୍ତି । ବାପ ମାଆ ତାଙ୍କର ବନ୍ଧୁବାନ୍ଧବଙ୍କୁ ନେଇ ପୁଅର ଉପାର୍ଜନ ଉପରେ ବଞ୍ଚି ରହନ୍ତି । ତଦ୍ୱାରା ପୁଅର ନିଜର ପାରିବାରିକ ସୁଖସ୍ୱାଚ୍ଛନ୍ଦ୍ୟରେ ବହୁତ ବାଧା ପଡ଼େ ଓ ଅକର୍ମା ସଂଖ୍ୟା ମଧ୍ୟ ବଢ଼ିଯାଏ । ତା'ଛଡ଼ା ତାଙ୍କ ଦେଶରେ ପ୍ରତ୍ୟେକେ ବିବାହ କରି ଘରଦ୍ୱାର କରିବା ପୂର୍ବରୁ ସ୍ୱାବଲମ୍ବନଶୀଳ ହେବାକୁ ଚେଷ୍ଟା କରନ୍ତି ଏବଂ ସମସ୍ତଙ୍କର ଏପରି ଉଦ୍ୟମ ଯୋଗୁଁ ଦେଶର ସମୂହ ଉତ୍ପାଦିକା ଶକ୍ତି ବଢ଼େ । ତା' ସାଙ୍ଗେ ସାଙ୍ଗେ ସମସ୍ତଙ୍କର ସୁଦୃଢ଼ ଆତ୍ମବିଶ୍ୱାସ ଜନ୍ମିପାରେ ଏବଂ ତାହା ବ୍ୟକ୍ତିଗତ ତଥା ଜାତିଗତ ଉନ୍ନତିରେ ବହୁତ ସାହାଯ୍ୟ କରିଥାଏ ।

କିନ୍ତୁ ଆମ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ ଓ ଚାକିରି ବିଷୟରେ କୌଣସି ନିଶ୍ଚୟତା ନଥିବା ସ୍ଥଳେ ପରସ୍ପର ସାହାଯ୍ୟ ସାପେକ୍ଷ ଏକାନ୍ନ ପରିବାରର ଆବଶ୍ୟକତା ଅଛି । ଏହା ଗୋଟାଏ ପ୍ରକାର ସାମାଜିକ କୋ-ଅପରେଟିଭ୍ ବା ଇନ୍‌ସୁରେନ୍ସ ରୂପେ କାମ କରିଥାଏ; ତେଣୁ ବର୍ତ୍ତମାନ ପରିସ୍ଥିତିରେ ଏହାର ମୂଲ୍ୟ ଆମ ସମାଜରେ ବହୁତ ବେଶୀ, ଯଦିଚ ଏହା ମୂଳରେ ବହୁତ ଅସୁବିଧା ଥାଏ ।

ମୋର ମନେହୁଏ, ଏମାନଙ୍କର ପାରିବାରିକ ଜୀବନ ଯେପରି ଅପୂର୍ଣ୍ଣ, ଆମର ମଧ୍ୟ ସେହିପରି । ଏ ଦୁଇଟି ପ୍ରଣାଳୀ ନେଇ ଗୋଟିଏ ଚଳନ ସହ ସମାବେଶ କରିବା ନିହାତି ପ୍ରୟୋଜନ । ଆମ ଦେଶର ଏକାନ୍ନ ପରିବାର ପ୍ରଥା ଦେଶର ସାଧାରଣ ଅର୍ଥନୈତିକ ଉନ୍ନତି ସାଙ୍ଗେ ସାଙ୍ଗେ ଯେ ଅନ୍ୟ ରୂପ ଧାରଣ କରିବ, ଏଥିରେ ସନ୍ଦେହ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ଅର୍ଥନୈତିକ ସ୍ୱାଧୀନତା ସଂଗେ ସଂଗେ ଅନେକ ପାରିବାରିକ ଦୋଷ କମିଯିବ ବୋଲି ମନେହୁଏ ।

Digitized by PPRACHIN, SOA

ଆଠ

ଆଦବକାଇଦା: ଆଚାର ବ୍ୟବହାର

ପାରିବାରିକ ଓ ସାମାଜିକ ଜୀବନ ଯେପରି ବ୍ୟକ୍ତିକେନ୍ଦ୍ରିକ ସ୍ୱାତନ୍ତ୍ର୍ୟ ଉପରେ ନିର୍ଭର କରେ, ସାଧାରଣ ଆଚାର ବ୍ୟବହାର ଓ ଚାଲିଚଳଣ ମଧ୍ୟ ସେହି ଭିତର ଦେଇ ବୁଝିବାକୁ ସୁବିଧା ହୁଏ । ଅନ୍ୟାନ୍ୟ ୟୁରୋପୀୟାନ୍ ଓ ଆମେରିକାନମାନଙ୍କ ତୁଳନାରେ ଏମାନେ ଖୁବ୍ ବେଶି ଆଦବକାଇଦାପ୍ରିୟ । ଆମ୍ଭମାନଙ୍କ ଆଖିରେ ଏ ପ୍ରକାର ବେଶି ବାହ୍ୟ କାଇଦା ଓ ଭଦ୍ରତା ବଡ଼ କୃତ୍ରିମ ଏବଂ ଶୁଷ୍କ ବୋଲି ମନେ ହୋଇଥାଏ । ପ୍ରଥମେ ପ୍ରଥମେ ଆମମାନଙ୍କ ପକ୍ଷରେ ଏମାନଙ୍କ ସହିତ ତାଳ ଦେଇ ଚାଲିବା ଭୟାନକ ବ୍ୟାପାର ହୋଇପଡ଼େ । 'ଧନ୍ୟବାଦ' 'ଦୁଃଖିତ' ଏବଂ 'ମୋତେ କ୍ଷମା କର' ପ୍ରଭୃତି ବହୁଳ ବ୍ୟବହାରରେ ପ୍ରାଣ ଛଟପଟ କରିଉଠେ । ଅନଭ୍ୟସ୍ତ ଜିହ୍ୱାରେ ଏତେଥର ଏସବୁ କଥା ଓଲଟେ ନାହିଁ; ଅଥଚ ଅପର ଦିଗରୁ ଏହାର କ୍ରମାଗତ ବ୍ୟବହାରରେ ନିଜକୁ ବଡ଼ ଅପ୍ରତିଭ ହେବାକୁ ପଡ଼େ; କିନ୍ତୁ କ୍ରମେ କ୍ରମେ ଏସବୁ ଦେହସୁହା ହୋଇଯାଏ ଓ କିଛିଦିନ ଭିତରେ ଭାରତୀୟମାନଙ୍କ ମୁହଁରେ ଏହାର ଅଜସ୍ର ବ୍ୟବହାର ଶୁଣିବାକୁ ମିଳେ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ସେହି ଭାରତୀୟମାନେ ଯେତେବେଳେ ଆମ ଦେଶକୁ ଫେରିଆନ୍ତି, ଦୁଇଦିନ ଭିତରେ ସେସବୁ ଭୁଲିଯାନ୍ତି ଓ ନିଜର ଚାକରବାକରଙ୍କୁ ଶଳା ଓ ବଦମାସ ପ୍ରଭୃତି ଅପମାନସୂଚକ ସମ୍ବୋଧନ କରିଥାଆନ୍ତି । ଅନେକ ସମୟରେ ବିଲାତ ଫେରନ୍ତା ସାହେବଙ୍କର ବ୍ୟବହାର ରାସ୍ତାର ସାଧାରଣ ଲୋକଙ୍କଠାରୁ ମଧ୍ୟ ଆହୁରି ଖରାପ ହୋଇଥାଏ । ତାର କାରଣ ଆମ ଦେଶରେ ପ୍ରଚଳିତ ଶ୍ରେଣୀଗତ ଔଦ୍ଧତ୍ୟ-ଧନୀର ଗରିବ ପ୍ରତି ତାଚ୍ଛଲ୍ୟ ।

ଆଦବକାଇଦା ଏମାନଙ୍କ ମଧ୍ୟରେ ଗୋଟାଏ ମସ୍ତବଡ଼ ଗୁଣ ବୋଲି ବିବେଚିତ ହୋଇଥାଏ । ତେଣୁ ବାହାରର ଲୋକଙ୍କ ସହିତ ଏମାନେ ଯେପରି ଭଦ୍ରତା ଦେଖାଇ ଥାଆନ୍ତି, ନିଜର ପରିବାର ଭିତରେ ମଧ୍ୟ ଢେର ଅଧିକେ ସେହି ପ୍ରକାର ବ୍ୟବହାର ପ୍ରଚଳିତ ଥିବାର ଦେଖାଯାଏ । ଏପରିକି ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀଙ୍କ ଭିତରେ ମଧ୍ୟ ଏ ପ୍ରକାର ବ୍ୟବହାର ଦେଖିବାକୁ ମିଳେ । ପ୍ରତିଥର ସ୍ତ୍ରୀ କିଛି ଗୋଟାଏ କଲେ କିମ୍ବା ପାଣି ଗ୍ଲାସେ କି 'ଚା' କପେ ବଢ଼ାଇଦେଲେ ସ୍ୱାମୀ ଧନ୍ୟବାଦ ଦିଏ । ଘରକୁ ପଶିଗଲା ବେଳେ ଗୋଡ଼ ଟିକିଏ ବାଜିଗଲା କିମ୍ବା କବାଟଟା ଜୋର୍‌ରେ ବାଡ଼େଇ ହୋଇଗଲା ତ ସ୍ତ୍ରୀ ନିଶ୍ଚୟ କହିବ 'ବଡ଼ ଦୁଃଖିତ', 'କ୍ଷମା କର' । ଖାଇଲା ବେଳେ ଟିକିଏ ହାକୁଟି ମାରି ହୋଇଗଲା ତ 'କ୍ଷମା' କହିବାକୁ ହେବ । 'ଆଜି ସକାଳେ କିପରି ଲାଗୁଛି' ମା ଝିଅକୁ ପଚାରିଲା । ଝିଅ କହିଲା 'ଭଲ ଅଛି, ଧନ୍ୟବାଦ' । ଏପରିକି କୁକୁର ବିରାଡ଼ି ସହିତ ବ୍ୟବହାର କଲାବେଳେ ଅନେକେ ସମୟରେ କ୍ଷମା ଓ ଦୁଃଖ ପ୍ରକାଶ କରିବା ଶୁଣିବାକୁ ମିଳେ । ମୋର ଲେଣ୍ଡଲେଡ଼ି କୁକୁର ଦେହରେ ଟିକିଏ ଗୋଡ଼ ବାଜିଗଲେ କହେ 'ମୁଁ ବଡ଼ ଦୁଃଖିତ ଗିଲ୍' (କୁକୁରର ନାମ) । ଏ ପ୍ରକାର ପାରିବାରିକ ସମ୍ପର୍କ ଆମମାନଙ୍କୁ କିପରି ପ୍ରାଣହୀନ ବୋଲି ମନେ ହୋଇଥାଏ ।

Digitized by PPRACHIN, SOA

ଅନେକ ସମୟରେ ମୋ ମନରେ ପ୍ରଶ୍ନ ଉଠିଥାଏ—ଏହାର ମୂଲ୍ୟ କେତେ ? ଏହାର ଉପକାରିତା କ'ଣ ଥାଇପାରେ ? ଅନେକ ସମୟରେ ଏପରି ବ୍ୟବହାର ମୋତେ ସ୍ପର୍ଶ କରିଛି ଏବଂ ମୁଁ ଅନ୍ୟର କୃତଜ୍ଞତା ଜ୍ଞାପନରେ ଖୁବ୍ ମୁଗ୍ଧ ହୋଇଛି । ଅନେକ ସମୟରେ ହୃଦୟର ପ୍ରକୃତ ଉଷ୍ମତା ଏବଂ କୃତଜ୍ଞତା ଏହାଦ୍ୱାରା ପ୍ରକାଶ ପାଇଥାଏ । କିନ୍ତୁ ଅତି ସାମାନ୍ୟ ସାମାନ୍ୟ କଥାରେ ଏପରି ଅଯଥା କୃତଜ୍ଞତା ଜ୍ଞାପନ କରିବା ଖୁବ୍ କୃତ୍ରିମ ବୋଲି ମନେହୁଏ । ଅବଶ୍ୟ ଆମ ଦେଶର ବାବୁ-ସାହେବମାନଙ୍କର 'ଶଳା', 'ବଦମାସ' ସମ୍ବୋଧନଠାରୁ ଯେ ଏହା କେତେ ଉଚ୍ଚରେ, ତାହା କହିବା ନିଷ୍ପ୍ରୟୋଜନ । ଏଠାର ଉଚ୍ଚ ଶ୍ରେଣୀର ଲୋକେ ନିଜର ଚାକର ସହିତ ଯେପରି ବ୍ୟବହାର କରିଥାଆନ୍ତି, ଆମ ଦେଶର 'ବାବୁ ସାହେବ'ମାନଙ୍କର ଲଜ୍ଜାରେ ମୁଣ୍ଡ ପୋତିବା ଉଚିତ । ଧନ ଓ ଶିକ୍ଷା ନିର୍ବିଶେଷରେ ବ୍ୟକ୍ତିତ୍ୱର ସମ୍ମାନ ଦେଖାଇବାକୁ ଏମାନେ ଶିଖିଛନ୍ତି । ଏହାର ସାମାଜିକ ଓ ମାନବିକ ମୂଲ୍ୟ ବହୁତ । ଆମ ଦେଶରେ 'ବେ', 'ବା' ତୁଳନାରେ ଏହାର ଯେ ମୂଲ୍ୟ ଅନେକ ବେଶୀ, ଏଥିରେ ସନ୍ଦେହ ନାହିଁ । ଅତ୍ୟଧିକ ମାତ୍ରାରେ ବ୍ୟବହାର କରିବାରେ ହିଁ ଏହା ଏତେ ବେଶୀ କୃତ୍ରିମ ହୋଇପଡ଼ିଛି । ଆହୁରି ମସ୍ତବଡ଼ ଗୋଟାଏ ଦୋଷ ଯେ ଲୋକେ ଏହାକୁ ବଡ଼ ଗୁରୁତ୍ୱ ଦେଇଥାଆନ୍ତି । ସରଳ ମନରେ ପ୍ରକୃତ କୃତଜ୍ଞତା ପ୍ରକାଶରେ ଲୋକେ ଖୁସି ହେବାର କଥା, କିନ୍ତୁ ସାମାନ୍ୟ ସାମାନ୍ୟ କଥାରେ ଅଯଥା 'ଧନ୍ୟବାଦ', 'କ୍ଷମା' ଓ 'ଦୁଃଖ ପ୍ରକାଶ' ପ୍ରଭୃତି ଭଦ୍ରତା ନ ଦେଖାଇଲେ ଅନେକ ଲୋକ ବିବ୍ରତ ହୋଇପଡ଼ନ୍ତି । ପ୍ରତିଦିନ ହୁଏତ ଏପରି ଘଟଣା ଘଟେ ଯେଉଁଥିରେ କିଏ ଧନ୍ୟବାଦ ଦେବାକୁ ଭୁଲିଯାଏ ଏବଂ ଏସବୁ ଘଟଣା ଅଯଥା କଷ୍ଟ ଦେଇଥାଏ । ବିଶେଷତଃ ଭାରତୀୟମାନଙ୍କ ସମ୍ପର୍କରେ ଯେଉଁ ଇଂରେଜୀ ପରିବାରସବୁ ଆସିଥାଆନ୍ତି, ସେମାନଙ୍କଠାରୁ ଏ ପ୍ରକାର ଅନେକ ଆପତ୍ତି ଶୁଣିବାକୁ ମିଳେ ।

ଅନେକ ଥର ମୁଁ ବୁଝାଇବାକୁ ଚେଷ୍ଟା କରିଛି ଯେ ଆମ୍ଭମାନଙ୍କର ଧନ୍ୟବାଦ ଓ କ୍ଷମା ପ୍ରାର୍ଥନା ପ୍ରଭୃତି ଭଦ୍ରତା ଦେଖାଇବାରେ ଯେ ତ୍ରୁଟି ଦେଖାଯାଇଥାଏ, ତା ମୂଳରେ ଅସମ୍ମାନ କିମ୍ବା କୃତଘ୍ନତା ଦେଖାଇବାର ଉଦ୍ଦେଶ୍ୟ ନଥାଏ । ଆମ୍ଭମାନଙ୍କର ଚାଲିଚଳଣ, ଆଚାର ବ୍ୟବହାର ଏତେ ତଫାତ୍ ଯେ ଆମେ ଅଭ୍ୟସ୍ତ ନୋହୁଁ ସେସବୁ କହିବାକୁ । କେତେକ ସବୁକଥା ବୁଝନ୍ତି, ତଥାପି ପୁଣି ଘଟଣାସ୍ଥଳରେ ଅପମାନିତ ହୋଇଥାନ୍ତି । ଏଥିଲାଗି ଅନେକ ଭାରତୀୟ ଛାତ୍ର କୌଣସି ପରିବାର ସହିତ ନ ରହି ହଷ୍ଟେଲ କିମ୍ବା ହୋଟେଲରେ ରହିବା ପସନ୍ଦ କରିଥାଆନ୍ତି । ମୋଟାମୋଟି ଏମାନଙ୍କର ଧାରଣା ଯେ ସେମାନଙ୍କର ନିର୍ଦ୍ଦିଷ୍ଟ ଚାଲିଚଳନ ଓ ଭଦ୍ର ବ୍ୟବହାର ସହିତ ଯେଉଁମାନେ ତାଳ ଦେଇ ନ ପାରିବେ, ସେମାନେ ନିଶ୍ଚୟ ଅଭଦ୍ର । ଏ ପ୍ରକାର ମନୋବୃତ୍ତିର ମୂଳରେ ଜାତିଗତ ବଡ଼ିମା ଓ ଆତ୍ମକୈନ୍ଦ୍ରିକ ସ୍ୱାତନ୍ତ୍ର୍ୟ ରହିଛି । ଏମାନେ କେବେ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ ଯେ ଅନ୍ୟ ଦେଶର ରୀତିନୀତି ହୁଏତ କେତେକ ଦିଗରେ ନିଜର ରୀତିନୀତିଠାରୁ ଉନ୍ନତତର ହୋଇପାରେ । ଖାଲି ତା ନୁହେଁ, ଅନେକ ସମୟରେ ଏମାନଙ୍କର ଭୁଲ୍ କିମ୍ବା ସାମାଜିକ ଦୋଷସବୁ ଯଦି କେହି ଦେଖାଏ, ତାହାହେଲେ ଏମାନେ ଆଦୌ ପସନ୍ଦ କରନ୍ତି ନାହିଁ । ଏପରି ଆଲୋଚନାକୁ ଅଭଦ୍ରୋଚିତ ବୋଲି ମନେ କରିଥାଆନ୍ତି । ଅବଶ୍ୟ ସମସ୍ତଙ୍କୁ ଏ ଭାବରେ ଦେଖିବା ଉଚିତ ହେବନାହିଁ । ଅନେକେ ନିଜ ନିଜ ଦୋଷ ତ୍ରୁଟି ସ୍ୱୀକାର କରିଥାଆନ୍ତି, କିନ୍ତୁ ସେମାନଙ୍କ ସଂଖ୍ୟା ବଡ଼ କମ୍ । ତେଣୁ ଏହାକୁ ଗୋଟିଏ ଜାତିଗତ ଲକ୍ଷଣ ବୋଲି ଧରାଯାଇପାରେ ।

ଖାଲି କଥାବାର୍ତ୍ତାରେ ନୁହେଁ, ପୋଷାକ ପରିଚ୍ଛଦରେ ମଧ୍ୟ ଏ ପ୍ରକାର ରକ୍ଷଣଶୀଳ ମନୋଭାବ ଦେଖିବାକୁ ମିଳେ । ଅନ୍ୟାନ୍ୟ ଇଉରୋପୀୟାନ୍ ଦେଶର ଲୋକେ ଖଣ୍ଡେ ସାର୍ଟ ଓ ପେଣ୍ଟ ପିନ୍ଧି ବୁଲୁଥିବେ । ଟାଇ କିମ୍ବା କଲାରର ଦେଖାନାହିଁ; କିନ୍ତୁ ଏଠାରେ ଯେତେ ଗରମ ହେଉ ପଛେ ପୁରୁଷମାନେ ସେହିପରି ଗରମ ପୋଷାକ କୋଟ-ଟାଇ-କଲାର ପ୍ରଭୃତି ସବୁ ପିନ୍ଧିଥିବେ ।

Digitized by PPRACHIN, SOA

ପୁରୁଷମାନଙ୍କ ପାଇଁ ଖରାଦିନିଆ ପୋଷାକ ଏକାବେଳକେ ନାହିଁ । ଶୀତଦିନେ ଯାହା ଖରାଦିନେ ଠିକ୍ ସେହି ପୋଷାକ—କୋଟ କିମ୍ବା ଟାଇ ନ ପିନ୍ଧିବା ଅଭଦ୍ରତା । ଏପରିକି ପେଣ୍ଟଟା ଯଦି ଟିକିଏ ଉପରକୁ ହୋଇଗଲା ଓ ମୋଜା ନଥିବା ଗୋଡ଼ର କେତେକାଂଶ ବାହାରକୁ ଦେଖାଗଲା, ତାହେଲେ ସେଟା ବଡ଼ ଅଭଦ୍ରତା ହୋଇପଡ଼େ । ସ୍ତ୍ରୀ ଲୋକମାନେ ଏପରି ତ୍ରୁଟି ସହ୍ୟ କରିପାରନ୍ତି ନାହିଁ; କିନ୍ତୁ ଖରାଦିନେ ସ୍ତ୍ରୀଲୋକମାନଙ୍କର ପୋଷାକ ଏକାବେଳକେ ଟପାଦ୍ । ସାଧାରଣତଃ ଆଣ୍ଠୁ ପର୍ଯ୍ୟନ୍ତ ପୋଷାକ, ତାହାବି ଆହୁରି ଉପରକୁ ଉଠିଯାଏ । ଅନେକ ସମୟରେ ପାର୍କ ଓ ସମୁଦ୍ରକୂଳରେ ବୁଲୁଥିଲା ବେଳେ ଏମାନେ ଖଣ୍ଡେ କୌପୁନୀ ଓ ବ୍ରେସଲେଟ୍ ଛଡ଼ା ଆଉ କିଛି ପିନ୍ଧି ନଥାନ୍ତି । ରାସ୍ତାଘାଟରେ ଖୁବ୍ ଛୋଟ ହାଫ୍ ପ୍ୟାଣ୍ଟ ଓ ସୋର୍ଟସାର୍ଟ ପିନ୍ଧିଥିବା ସ୍ତ୍ରୀଲୋକ ଅନେକ । ଏଟା କିନ୍ତୁ ଅଭଦ୍ରତା ନୁହେଁ । ଆମ ଆଖିରେ କିନ୍ତୁ ଭଦ୍ରତା ଅଭଦ୍ରତାର ଏପରି ସୂକ୍ଷ୍ମ ବିଚାର ବଡ଼ ଅଦ୍ଭୁତ ଲାଗେ । ଏ କ୍ଷେତ୍ରରେ ଆମ ଦେଶର ସାଧାରଣ ଭଦ୍ରତା ଏମାନଙ୍କର ଭଦ୍ରତାଠାରୁ ସମ୍ପୂର୍ଣ୍ଣ ବିପରୀତ ।

ଆମମାନଙ୍କୁ ଏମାନଙ୍କ ଅନେକ କଥା ବଡ଼ କୃତ୍ରିମ ବୋଲି ମନେ ହେଲେ ସୁଦ୍ଧା ଅନେକ ବ୍ୟବହାର ବଡ଼ ଚମତ୍କାର ଲାଗେ ଓ ଚଟ୍ କରି ମୁଗ୍ଧ କରିଥାଏ । ରାସ୍ତାରେ ଯଦି ଠିଆ ହୋଇ ଏପାଖ ସେପାଖ ରାସ୍ତାକୁ ଚାହିଁ ଟିକିଏ ବିଚଳିତ ହେଲା ପରି କେହି ଦେଖାଯାଏ, ସାଙ୍ଗେ ସାଙ୍ଗେ କିଏ ନା କିଏ ଜଣେ ଆସି ପଚାରିବ, "ମୁଁ ତୁମକୁ କିଛି ସାହାଯ୍ୟ କରିପାରେ କି ?" ଏବଂ କୌଣସି ରାସ୍ତା କିମ୍ବା ଘରର ଠିକଣା ପଚାରିଲେ ନିଜେ ନ ଜାଣିଥିଲେ ସୁଦ୍ଧା ଏପାଖ ସେପାଖ ଦୌଡ଼ି ଯାକୁ ତାକୁ ପଚାରି, ସାଙ୍ଗରେ ନେଇ ଉପଯୁକ୍ତ ଠିକଣାରେ ଛାଡ଼ିଦେଇ ଆସିବେ ଏବଂ ଅନ୍ୟ କେହି ଲୋକ ଏପରି ସାହାଯ୍ୟ କଲେ ଖୁବ୍ ଖୁସି ହୋଇ ପ୍ରକୃତ କୃତଜ୍ଞତା ପ୍ରକାଶ କରିଥାଆନ୍ତି । ଏପରି ବ୍ୟବହାର ଆମ ଦେଶରେ ଖୁବ୍ ବିରଳ । ମୋର ମନେପଡ଼େ ମୁଁ କଲିକତାରେ ଯେତେବେଳେ କାହାକୁ କିଛି ପଚାରେ ହୁଏତ ଉତ୍ତର ଆସେ 'ମୁଁ କିପରି ଜାଣିବି' କିମ୍ବା 'ଆଉ କାହାକୁ ପଚାର' । ଏପରିକି ଆମ ଦେଶରେ ଅନେକ ସମୟରେ ଜାଣିଶୁଣି ସୁଦ୍ଧା ଭୁଲ୍ ରାସ୍ତା ବତାଇ ଦିଅନ୍ତି, କିନ୍ତୁ ଏଠାରେ ସ୍କୁଲ, କଲେଜ ଓ ସାଧାରଣ ଅଫିସ୍‌ମାନଙ୍କରେ ଭଦ୍ର ବ୍ୟବହାର ଆଗନ୍ତୁକକୁ ଖୁବ୍ ମୁଗ୍ଧ କରିଥାଏ ।

ମୁଁ ଯେତେବେଳେ ପ୍ରଥମେ କଲେଜକୁ ଯାଏ ଓ ରେଜିଷ୍ଟ୍ରାର ସଙ୍ଗେ ଦେଖା କରେ, ରେଜିଷ୍ଟ୍ରାର ନିଜେ ଏପାଖ ସେପାଖ ହୋଇ ଯାକୁ ତାକୁ ଫୋନ୍ କରି ସବୁ ଠିକଣା କରିଦେଲେ । କେଉଁଠି ରହିବା ଉଚିତ୍, କ'ଣ କରିବା ଉଚିତ ପ୍ରଭୃତି ବିଷୟରେ ଅନେକ କିଛି ପରାମର୍ଶ ଓ ଅନେକଗୁଡ଼ିଏ ଘରର ଠିକଣା ସାଙ୍ଗେ ସାଙ୍ଗେ ଯୋଗାଇ ଦେଲେ । ରେଜିଷ୍ଟ୍ରାର୍ ଓ ମୋ ପ୍ରଫେସରଙ୍କ ବ୍ୟବହାରରେ ମୁଁ ବଡ଼ ମୁଗ୍ଧ ହୋଇଗଲି । ଆମ ଦେଶରେ ତ ସମସ୍ତେ ହାକିମ, ସମସ୍ତେ ଯାକୁ ତାକୁ ହୁକୁମ ଦେବେ ଏବଂ ରାଜତ୍ୱ କରିବା ଅଭିଳାଷ ସମସ୍ତଙ୍କର ଖୁବ୍ ବେଶୀ । ତେଣୁ ଏ ପ୍ରକାର ଭଦ୍ର ବ୍ୟବହାର ଆମ ଦେଶରେ ଆଶା କରିବା ବୃଥା । ପୋଲିସ୍ ଓ ହାକିମମାନେ ଆମ ଦେଶରେ ସବୁଠାରୁ ଅଭଦ୍ର ଓ ଅନ୍ୟାନ୍ୟ କର୍ମଚାରୀମାନେ ଅନେକ ସମୟରେ ସେମାନଙ୍କୁ ଅନୁକରଣ କରିଥାନ୍ତି । ନିଜ ଜୀବନରେ ଶିକ୍ଷକ କିମ୍ବା ଓକିଲ ହେବା ପୂର୍ବରୁ ମାଜିଷ୍ଟ୍ରେଟ୍ ଓ ପୋଲିସ୍ ଅଫିସର ହେବାର ଅଭିଳାଷ ପ୍ରାୟ ସମସ୍ତଙ୍କର ଥାଏ କିନା !

ଉପରୋକ୍ତ ପ୍ରକାର ଭଦ୍ର ବ୍ୟବହାର ଅନେକ କ୍ଷେତ୍ରରେ ବହୁତ ଉପକାର କରିଥାଏ ଏବଂ ସାଧାରଣ ସାମାଜିକ ସମ୍ପର୍କକୁ ମଧୁର କରିଥାଏ । ଶାସକ ଓ ଶାସିତ ସମ୍ପର୍କ ପରିବର୍ତ୍ତେ ଗୋଟିଏ ସୌହାର୍ଦ୍ଦ୍ୟ ଭାବ ଦେଖାଯାଏ । ଛାତ୍ର ଓ ଶିକ୍ଷକ, କିରାନି ଓ କର୍ତ୍ତା ଭିତରେ ଆମେ ଦେଶ ପରି ଦ୍ୱନ୍ଦ୍ୱ ଓ ଶ୍ରେଣୀ ବିଭାଗ ଏତେ ବେଶୀ ଦେଖାଯାଏ ନାହିଁ । ପରସ୍ପର ଭିତରେ ସହାନୁଭୂତି ଓ ଭଦ୍ରବ୍ୟବହାର ଯେ ଏହା ମୂଳରେ କାମ କରିଥାଏ, ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

ଆମ ସମାଜରେ ଯେ ଏ ପ୍ରକାର ଭଦ୍ରତା ନାହିଁ, ତା କହିଲେ ଭୁଲ୍ ହେବ । ଉପର ଶ୍ରେଣୀ ଲୋକଙ୍କ ଭିତରେ କିମ୍ବା ନିଜ ଆତ୍ମୀୟସ୍ୱଜନଙ୍କ ଭିତରେ ବେଶ୍ ଭଦ୍ରତା ଥାଏ, କିନ୍ତୁ ଏ ଦେଶରେ ଯେପରି ସବୁ ପ୍ରକାରର ଲୋକଙ୍କ ଭିତରେ—ଧନ, ଶିକ୍ଷା, ଶ୍ରେଣୀ ନିର୍ବିଶେଷରେ ପରସ୍ପର ପ୍ରତି ସମ୍ମାନ ଓ ଖାତିରି ଅଛି, ତାହା ଆମ ଦେଶରେ ନାହିଁ । ତା'ଛଡ଼ା ଯେ କୌଣସି ସ୍ତରର ସ୍ତ୍ରୀ ଲୋକ ହେଉନା କାହିଁକି, ସେମାନଙ୍କ ପ୍ରତି ସବୁ ଶ୍ରେଣୀର ପୁରୁଷମାନଙ୍କର ଅସୀମ ଶ୍ରଦ୍ଧା । ଆମ ଦେଶରେ ବେଶ୍ ଉଚ୍ଚଶିକ୍ଷିତ ଭଦ୍ରଲୋକମାନେ ମଧ ଚୌକିରେ ବସି ଠିଆ ହୋଇଥିବା ସ୍ତ୍ରୀ ଲୋକଙ୍କ ସାଙ୍ଗରେ କଥାବାର୍ତ୍ତା କରିବା ଅସଙ୍ଗତ ମନେ କରନ୍ତି ନାହିଁ । ମୋ ମତରେ ଏହାର ମୂଳରେ ମଧ ଅର୍ଥନୈତିକ ଓ ସାମାଜିକ ତାରତମ୍ୟ କାମ କରୁଛି । ମୋଟାମୋଟି ବିଲାତରେ ଆଦବ କାଇଦା ମାତ୍ରାଧିକ ଥିଲେ ସୁଦ୍ଧା ସାମାଜିକ କ୍ଷେତ୍ରରେ ଏହାର ଉପକାରିତା ଅନେକ ବେଶୀ ଓ ଏହା ଆମମାନଙ୍କର ଅନେକ କ୍ଷେତ୍ରରେ ଅନୁକରଣୀୟ ।

ପରସ୍ପର ପ୍ରତି ଶ୍ରଦ୍ଧା ଓ ସମ୍ମାନ ଗଣତାନ୍ତ୍ରିକ ସାମାଜିକ ସଂସ୍ଥା ଯୋଗୁଁ ସମ୍ଭବ ହୋଇଛି । କିନ୍ତୁ ଆମ ଦେଶରେ ସାମନ୍ତବାଦୀ ସାମାଜିକ ପ୍ରଚଳନ ଯୋଗୁ ଏପରି ନାନା ଧରଣର ଶ୍ରେଣୀଗତ ଅନାଚାର ଓ ଅତ୍ୟାଚାର ଦେଖାଦେଇଥାଏ । ଦୈନନ୍ଦିନ ଜୀବନରେ ଏହା ପ୍ରତିଫଳିତ ହୋଇଥାଏ ।

■■■

Digitized by PPRACHIN, SOA

ନଅ

ଭାରତ ଓ ଅନ୍ୟଦେଶ ବିଷୟରେ ସାଧାରଣ ଲୋକଙ୍କ ଧାରଣା

ମୁଁ ଆଗରୁ କହିଛି ଯେ ଇଂରେଜ ଜାତିର ଆତ୍ମବଡ଼ିମା ଖୁବ୍ ବେଶି । ସେମାନେ ନିଜକୁ ଖୁବ୍ ଉତ୍କୃଷ୍ଟ ଜାତି ବୋଲି ମନେ କରିଥାନ୍ତି । ତେଣୁ ଅନ୍ୟ ଦେଶର ଲୋକମାନଙ୍କ ବିଷୟରେ ଖୁବ୍ ବେଶି ଏମାନେ ଜାଣିବାକୁ ଇଚ୍ଛୁକ ନୁହନ୍ତି । ଅବଶ୍ୟ ଏପରି ବଡ଼ିମାର ଯଥେଷ୍ଟ କାରଣ ରହିଛି । ସେମାନେ ଯେ ଅନେକ ବିଷୟରେ ଆମମାନଙ୍କର ଅନୁକରଣୀୟ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ସେମାନଙ୍କର ଏହିସବୁ ଗୁଣ ଲାଗି ମୁଷ୍ଟିମେୟ ଲୋକ ଅର୍ଦ୍ଧପୃଥିବୀର ଶାସନକର୍ତ୍ତା ଥିଲେ । କିନ୍ତୁ ଠିକ୍ ସମୟରେ ଆତ୍ମବଡ଼ିମା ଭାବ ନ ବଦଳାଇଲେ ଜଗତର ପରିବର୍ତ୍ତିତ ପରିସ୍ଥିତିରେ ଏମାନଙ୍କର ବହୁତ କ୍ଷତି ହେବାର ସମ୍ଭାବନା ଅଛି । ରକ୍ଷଣଶୀଳତା ପ୍ରଗତିର ମାପକାଠି ନୁହେଁ, ଜାତି ବା ବ୍ୟକ୍ତିବିଶେଷ ପରିବର୍ତ୍ତନଶୀଳ ଦୁନିଆ ସହିତ ଯେତେ ଶୀଘ୍ର ତାଳ ପକାଇ ଚାଲିପାରିବ, ସେତେ ଶୀଘ୍ର ତାର ଉନ୍ନତି ହେବ । କିନ୍ତୁ କେହି ଯଦି ଅତୀତ ଜୀବନର ରକ୍ଷଣଶୀଳ ମନୋବୃତ୍ତି ନେଇ ଚାଲିଥାଏ, ତାହେଲେ ଅନ୍ୟାନ୍ୟ ଜାତି ଆଗେଇ ଚାଲିଯିବେ ଏବଂ ସେ ନିଶ୍ଚୟ ପଛରେ ପଡ଼ିଯିବ । ବର୍ତ୍ତମାନ ଭାରତରେ ମଧ୍ୟ ଠିକ୍ ସେହି ଅବସ୍ଥା—ଖାଲି ଅତୀତରେ କ'ଣ ଥିଲା ସେହି କଥା ଭାବିବାରେ ସମସ୍ତେ ଗୌରବାନ୍ୱିତ । ଆମେମାନେ ପାଶ୍ଚାତ୍ୟ ଜାତିମାନଙ୍କୁ ଯେପରି ଆମର ଅତୀତ ସଭ୍ୟତାର ଦୁହାଇ ଦେଇ ଘୃଣା କରିଥାଉଁ, ସେମାନେ ମଧ୍ୟ ତାଙ୍କର ବର୍ତ୍ତମାନର ସଂସ୍କୃତି ସହିତ ଆମମାନଙ୍କର ସଂସ୍କୃତିକୁ ତୁଳନା କରି ଆମମାନଙ୍କୁ ଅବଜ୍ଞା କରିଥାଆନ୍ତି; ତେବେ ଏ ଦୁଇ ପ୍ରକାର ମନୋଭାବର ମୂଳରେ ବିଭିନ୍ନ କାରଣ ରହିଛି । ଆମ୍ଭେମାନେ ପାଶ୍ଚାତ୍ୟ ସଭ୍ୟତା ବିଷୟରେ ଜାଣିବାର ସବୁପ୍ରକାର ସୁବିଧା ପାଇ ସୁଦ୍ଧା ତାଙ୍କର ଉତ୍ତମ ଗୁଣଗୁଡ଼ିକୁ ଗ୍ରହଣ କରିପାରି ନାହୁଁ; କିନ୍ତୁ ସେଠାକାର ଜନସାଧାରଣ ଆମମାନଙ୍କ ବିଷୟରେ ସେପରି କୌଣସି ସୁବିଧା ପାଇନାହାନ୍ତି । ତେଣୁ ସେମାନଙ୍କର ଆମ୍ଭମାନଙ୍କ ବିଷୟରେ କିମ୍ଭୂତକିମାକାର ଧାରଣା ଅଛି । ଖାଲି ସେତିକି ନୁହେଁ, ଆମ ଦେଶ ବିଷୟରେ ଭୁଲ ଧାରଣା ଜନ୍ମାଇବା ପାଇଁ ଶାସକ ଗୋଷ୍ଠୀର ବହୁତ ଚେଷ୍ଟା ହୋଇଥିଲା ପରି ଜଣାଯାଏ ।

ସେଠାକାର ଶାସକଶ୍ରେଣୀ ଲୋକଙ୍କ ମନରେ ଭୁଲ୍ ଧାରଣା ନ ଜନ୍ମାଇଲେ ଭାରତ ପରି ଏତେ ବଡ଼ ଦେଶକୁ ଏପରି ନିର୍ଦ୍ଦୟ ଭାବରେ ଶାସନ କରିପାରି ନଥାନ୍ତେ । ପ୍ରାୟ ଦେଖାଯାଏ, ସାଧାରଣ ଲୋକେ ଏପରି କି ଅନେକ ଶିକ୍ଷିତ ଲୋକେ ମଧ୍ୟ ଭାବିଥାଆନ୍ତି ଯେ ଭାରତର ସାଧାରଣ ଲୋକମାନେ ଆଫ୍ରିକା ଓ ଅଷ୍ଟ୍ରେଲିଆର ଆଦିବାସୀଙ୍କଠାରୁ କୌଣସି ଗୁଣରେ ତଫାତ୍ ନୁହନ୍ତି । ଏଠାରେ ଅଶିକ୍ଷିତ ଓ ଅସଭ୍ୟ ଜନସାଧାରଣଙ୍କ ଛଡ଼ା ଆଉ କେତେ ଜଣ ସଭ୍ୟ ଧନୀ ରାଜାମହାରାଜା ଅଛନ୍ତି । ତେଣୁ ଇଂଲଣ୍ଡକୁ ଯେତେ ଭାରତୀୟ ଯାଆନ୍ତି, ସେମାନଙ୍କୁ ଖୁବ୍ ଧନୀ

Digitized by PPRACHIN, SOA

ବୋଲି ଏମାନେ ଭାବିଥାଆନ୍ତି । ପଗଡ଼ିଟେ ଭିଡ଼ିଦେଲେ ତ ନିଶ୍ଚୟ ରାଜ କୁମାର । ସେମାନଙ୍କର ଖବରକାଗଜସବୁ ଏ ପ୍ରକାର ପ୍ରଚାରରେ ସାହାଯ୍ୟ କରିଥାଆନ୍ତି । ଯେତେବେଳେ ସାମ୍ପ୍ରଦାୟିକ ଗଣ୍ଡଗୋଳ ହେଉଥାଏ ଅଧିକାଂଶ କାଗଜରେ (ଅଧିକାଂଶ କାଗଜ ହିଁ ଧନଶାଳୀ ରକ୍ଷଣଶୀଳ ଟୋରିଦଳ ହାତରେ)— ତାର ଲୋମହର୍ଷକ ନିର୍ଦ୍ଦୟ କାହାଣୀ ସବୁ ବିଶଦ ଭାବରେ ବର୍ଣ୍ଣନା କରା ହୋଇଥାଏ । ସିନେମା ସାଥିରେ ପ୍ରଦର୍ଶିତ ହେଉଥିବା ଚଳଚ୍ଚିତ୍ର ଖବର ମଧ୍ୟ ଏହାର ଭୟାବହ ଚିତ୍ରସବୁ ଦେଖାଉଥାଏ । ତା'ଛଡ଼ା ଯେପରି ଆଉ କିଛି ନାହିଁ ଆମ ଦେଶରେ । ଶାନ୍ତି ସମୟରେ ଆମ ଦେଶ ବିଷୟରେ ପ୍ରାୟ କୌଣସି ଖବର ନଥାଏ । ମଝିରେ ମଝିରେ କୌପୁନୀ ପିନ୍ଧା ସନ୍ୟାସୀ କିମ୍ବା ସାପୁଆକେଳା କିମ୍ବା ଦିଲ୍ଲୀ ଫୁଟ୍‌ପାଥରେ ବିକ୍ରି ହେଉଥିବା ବରା ଓ ମାଛ ଭଜାର ଛବି ଦେଖା ହୋଇଥାଏ । ଇଂରେଜ ବନ୍ଧୁମାନଙ୍କ ସହିତ ବସି ଯେତେବେଳେ ଏସବୁ ଛବି ଦେଖିବାକୁ ହୁଏ, ରାଗ ଓ ଲଜ୍ଜାରେ ମୋର ମୁହଁ ତଳକୁ ହୋଇଯାଏ । ଇଚ୍ଛା ହୁଏ ଚିତ୍କାର କରି ଏହାର ପ୍ରତିବାଦ କରନ୍ତି; ପ୍ରତିଶୋଧ ଲାଗି ପ୍ରାଣ ବ୍ୟାକୁଳ ହୋଇଉଠେ; କିନ୍ତୁ ମୁହଁରେ ପ୍ରତିବାଦ କରିବା ଛଡ଼ା ଆଉ କ'ଣ କରାଯାଇପାରେ ? ଆମର ଦେଶକୁ ଆସି ତ ଏମାନେ ଏସବୁ ଛବି ନେଉଛନ୍ତି ଏବଂ ଆମର ସରକାର ଏସବୁ ବରଦାସ୍ତ କରୁଛନ୍ତି ଓ ବର୍ତ୍ତମାନ ସୁଦ୍ଧା ଆମର ପ୍ରାଣ ଏମାନଙ୍କର ସୌହାର୍ଦ୍ଦ୍ୟ ପାଇଁ ବ୍ୟାକୁଳ ହୋଇପଡୁଛି । ଯେଉଁ ଦେଶର ଲୋକପ୍ରିୟ ନେତା ଚର୍ଚ୍ଚିଲଙ୍କ ମୁହଁରୁ ଆମ ବିଷୟରେ ଦିନେ ସୁଦ୍ଧା ପଦେ ଭଲ କଥା ବାହାରି ନାହିଁ ଓ ଯାହାର ବେତ୍ରାଘାତ ଆମ ଦେଶର ପୂଜ୍ୟନେତାଙ୍କ ଦେହରେ ବର୍ତ୍ତମାନ ସୁଦ୍ଧା ଚକ୍‌ଚକ୍ କରି ଜଳିଉଠୁଛି, ସେମାନଙ୍କ ବିନା ସାହାଯ୍ୟରେ ତ ଆମେମାନେ ଏକ ପାଦ ଆଗେଇ ପାରୁନାହୁଁ । ଏମାନଙ୍କର ସବୁ ନିର୍ଯାତନା ଓ ଶୋଷଣ ଭୁଲି ସେମାନଙ୍କୁ ଅତିଥି ହିସାବରେ ଆଗ୍ରହ ଦେଖାଇ ଆମ ପରି ଅନ୍ୟ ଦେଶର ଯେଉଁମାନେ ବର୍ତ୍ତମାନ ସୁଦ୍ଧା ଏମାନଙ୍କର ବନ୍ଧୁକ ମୂନରେ ପ୍ରାଣ ହରାଉଛନ୍ତି ଓ ନିରୀହ ଶିଶୁ ଏବଂ ଅନାହାରଗ୍ରସ୍ତା ଜନନୀର ଆଖିରୁ ରକ୍ତ ପଡୁଛି, ସେହି ମାଲୟବାସୀ ଓ ଆଫ୍ରିକାବାସୀଙ୍କୁ ଆମେ ପୂରାପୂରି ଭୁଲିଯିବାରେ ବସିଛୁ ।

ଭାରତୀୟ ତଥା ସମସ୍ତ କୃଷ୍ଣକାୟ ଲୋକଙ୍କ ବିଷୟରେ ଏମାନଙ୍କର ବିଶେଷ ଭଲ ଧାରଣା ନାହିଁ – ଶାସକ ଓ ଶାସିତ, ଶୋଷକ ଓ ଶୋଷିତ ଭିତରେ ଯେଉଁ ଭାବ ଦେଖାଯିବା ସ୍ୱାଭାବିକ । ଅନେକ ପଚାରିଥାଆନ୍ତି ଯେ ଆମ ଦେଶରେ କ'ଣ ଗାଡ଼ି, ଟ୍ରାମ୍, କାର୍ ସବୁ ଅଛି, ବିଜୁଳିବତୀ ଅଛି ? ଆଉ ଅନେକ କହିଥାଆନ୍ତି 'ଆଚ୍ଛା ତୁମ ସହର ଭିତରେ କ'ଣ ବାଘ ସାପ ପ୍ରଭୃତି ହିଂସ୍ରଜନ୍ତୁ ଦେଖାଯାନ୍ତି ଇତ୍ୟାଦି ।'' ଆଉ ଅନେକ ପଚାରିଥାଆନ୍ତି ଯେ 'ଗାନ୍ଧୀ କ'ଣ ପାଠ ପଢ଼ିଛନ୍ତି ।' ମୁଁ ଗୋଟିଏ ଗ୍ରାମ ସ୍କୁଲକୁ ଯାଇଥିଲି । ସେଠାକାର ଛାତ୍ରମାନଙ୍କୁ ପଚାରିଲି ଯେ ଗାନ୍ଧୀ କିଏ ? ଜଣେ କହିଲା, 'ଓଃ, ମୁଁ ଜାଣେ ସେ ଜଣେ ଧର୍ମପ୍ରଚାରକ ସନ୍ୟାସୀ ।'' ଆଉ ଜଣେ କହିଲା ସେ ''ହଁ, ହଁ, ସେ ଲୁଗା ପିନ୍ଧନ୍ତି ନି ।'' ମୁଁ ପଚାରିଲି, ''ତୁମକୁ କିଏ କହିଲା ଯେ ସେ ଲୁଗା ପିନ୍ଧନ୍ତିନି ?'' ସେ କହିଲା ଯେ, ସେ ଛବିରେ ଦେଖିଛି ସନ୍ୟାସୀମାନେ ଲୁଗା ପିନ୍ଧନ୍ତିନି । ତା'ପରେ ମୁଁ ବୁଝିଲି ଯେ ସନ୍ୟାସୀ କହିଲାମାତ୍ରେ ସେ ଛବିରେ ଦେଖିଛି ସନ୍ୟାସୀମାନେ ଲୁଗା ପିନ୍ଧନ୍ତିନି । ତାପରେ ମୁଁ ବୁଝିଲି ଯେ ସନ୍ୟାସୀ କହିଲାମାତ୍ରେ ସେ ଛବିରେ ଦେଖିଥିବା ପ୍ରୟାଗ ଓ ବନାରସର କେତେକ କୌପୁନି ପିନ୍ଧା ସନ୍ୟାସୀ କଥା ମନେ ପକାଇ କହୁଛି ।

ଜାହାଜରେ ଆସିଲା ବେଳକୁ ଜଣେ ପାଦ୍ରୀ– ଯେ କି ଭାରତରେ ଆଗରୁ ଅନେକ ଦିନ ଥିଲେ, ଅନ୍ୟାନ୍ୟ ନୂଆ ପାଦ୍ରୀମାନଙ୍କୁ ଭାରତ ବିଷୟରେ ବକ୍ତୃତା ଦେଉଥାଆନ୍ତି । ମୁଁ ଯାଇଥିଲି ଶୁଣିବା ପାଇଁ । ସେ ପରାମର୍ଶ ଦେଉଥାଆନ୍ତି, ସେମାନେ ଯାଇ କିପରି ଚଳିବେ, କ'ଣ କରିବେ,

Digitized by PPRACHIN, SOA

କ'ଣ କରିବେନି ଇତ୍ୟାଦି । ସେ କହିଲେ ଯେ ଥରେ ସେ ଜଣେ ହିନ୍ଦୁ ବ୍ରାହ୍ମଣ ଘରକୁ ଯାଇଥିଲେ ଖାଇବା ପାଇଁ । ଖାଇବା ପରେ ତାଙ୍କୁ ଗ୍ଲାସେ କଞ୍ଚାରକ୍ତ ଦିଆଗଲା ପିଇବା ପାଇଁ– ମୁଁ ଶୁଣି ଆଶ୍ଚର୍ଯ୍ୟ ହୋଇଗଲି । ତାଙ୍କୁ ପ୍ରଶ୍ନ କରାଗଲା ପରେ ସେ କହିଲେ ଯେ ଏହା ସତ । ସେ ପୁଣି ଭାରତ ବିଷୟରେ ଅଭିଜ୍ଞ ଲୋକ କି ନା, ତାଙ୍କ କଥା ନିଶ୍ଚୟ ଅନ୍ୟମାନେ ବିଶ୍ୱାସ କରିବେ ।

ତେବେ ପ୍ରଶ୍ନ ହୋଇପାରେ ଯେ ଆମ ଦେଶର କେତେଟା ଲୋକ ତାଙ୍କ ଦେଶ ବିଷୟରେ ସବୁ ଠିକ୍ ଠିକ୍ ଜାଣିଛନ୍ତି ? କିନ୍ତୁ ଏପରି ପ୍ରଶ୍ନର କୌଣସି ମାନେ ହୁଏନା । ଆମ ଦେଶରେ ଶତକଡ଼ା ପଞ୍ଚାନବେ ନିରକ୍ଷର ଲୋକେ ତ କିଛି ଜାଣନ୍ତିନି । କିନ୍ତୁ ତାଙ୍କ ଦେଶର ତଥାକଥିତ ଗଣତାନ୍ତ୍ରିକ ଓ ଉଦାର ଶିକ୍ଷା ପ୍ରଣାଳୀ ପ୍ରଚଳିତ ହେଉଥିଲେ ସୁଦ୍ଧା ଏ ପ୍ରକାର ଶିକ୍ଷା ବଡ଼ ନିନ୍ଦନୀୟ ନୁହେଁ କି ? ବଂଶାନୁକ୍ରମେ ଏପରି ଧାରଣା ପିଲାମାନଙ୍କ ଭିତରେ ଦିଆହୋଇ ଆସୁଛି । ଶିକ୍ଷା, ଖବରକାଗଜ, ସିନେମା, ରେଡ଼ିଓ ଯଦି ଏପରି ପ୍ରଚାର ଚଳାନ୍ତି, ତାହେଲେ ଆଉ ଉପାୟ କ'ଣ ? ଯେତେବେଳେ ଆମ'ଦେଶରେ ହରିଜନ ବାଛବିଚାର ନିଷିଦ୍ଧ ବିଲ୍ ଗୃହୀତ ହେଲା, ସେ ବିଷୟରେ ବି.ବି.ସି. ରେଡ଼ିଓ ପାଞ୍ଚ ମିନିଟ୍ କହିଥିଲା । କିନ୍ତୁ ଅନ୍ୟାନ୍ୟ ବିଷୟରେ ଚୁପ୍‌ଚାପ୍ ଅର୍ଥାତ୍ ଯେଉଁଠି ଆମର ସବୁ ପଚା ନାଳ, ସେସବୁ ଖୋଳିତାଡ଼ି ବାହାର କରିବାରେ ଯେପରି ସେମାନଙ୍କର ଆନନ୍ଦ ।

ଥରେ ମୁଁ ଗୋଟିଏ ପାର୍କ ଭିତର ଦେଇ ଆସୁଥିଲାବେଳେ ଗୋଟିଏ ତିନି ଚାରି ବର୍ଷର ପିଲା ପାଟି କରି ମୋତେ କହିଲା, "You, stinky man, You stinky man." (ଏ ଗନ୍ଧିଆ ଲୋକ) ! ମୁଁ ସେମାନଙ୍କ ପାଖକୁ ଯିବାରେ ଆଉ ଅନ୍ୟାନ୍ୟ ପିଲାମାନେ ମଧ ତା' ସହିତ ଯୋଗ ଦେଇ ସେଇଆ କହିବାକୁ ଆରମ୍ଭ କଲେ । ମୁଁ ତାର ତାତ୍ପର୍ଯ୍ୟ ଭଲ ବୁଝି ନପାରି ମୋର ଲେଣ୍ଡଲେଡିକୁ ଆସି ପଚାରିବାରୁ ସେ କହିଲା ଯେ, କେତେକ ଅଶିକ୍ଷିତ ଲୋକେ ନିଗ୍ରୋମାନଙ୍କୁ ଗନ୍ଧିଆ ଲୋକ ବୋଲି କହିଥାନ୍ତି । ମୋ ଆଗରେ ସେ ଏପରି କହିଥିଲେ ମଧ ମୁଁ ପରେ ଖବର ନେଇ ବୁଝିଲି ଯେ ଏମାନଙ୍କର କୁଆଡ଼େ ବିଶ୍ୱାସ ଯେ କୃଷ୍ଣକାୟ ଲୋକ ଦେହରୁ ଗୋଟେ ପ୍ରକାର ଗନ୍ଧ ବାହାରେ । ଏହା ନିଶ୍ଚୟ ଖୁବ୍ ପ୍ରଚଳିତ ହୋଇଥିବ । ତା ନହେଲେ ମାଆମାନେ ଛୋଟ ଛୋଟ ଛୁଆମାନଙ୍କୁ କାହିଁକି ଏପରି ଶିଖାଇଥାନ୍ତେ ?

ଏପ୍ରକାର ପ୍ରଚାର ଭାରତୀୟ ତଥା ଅନ୍ୟାନ୍ୟ କୃଷ୍ଣକାୟ ଲୋକଙ୍କ ବିରୁଦ୍ଧରେ ଖୁବ୍ ବେଶୀ; ବିଶେଷତଃ ନିଗ୍ରୋମାନଙ୍କ ବିଷୟରେ ଏମାନଙ୍କର ଏତେ ବେଶୀ କୁସଂସ୍କାର ଯେ ଖୁବ୍ କମ୍ ପରିବାର ସେମାନଙ୍କୁ ଅତିଥି ହିସାବରେ ଗ୍ରହଣ କରିଥାନ୍ତି । ଅନେକ ସମୟରେ କେତେକ ହୋଟେଲରେ ଆମମାନଙ୍କୁ ପଶିବାକୁ ଦିଆଯାଏ ନାହିଁ । ଅବଶ୍ୟ ସିଧା କହନ୍ତିନି ଯେ ତୁମେମାନେ ଆସିପାରିବ ନାହିଁ । କିନ୍ତୁ ନାନା ଛଳରେ ଫେରାଇ ଦିଅନ୍ତି । ପ୍ରମାଣ କରିପାରିଲେ ସେମାନେ ଦଣ୍ଡିତ ହେବାର ବିଧାନ ଥିଲେ ହେଁ ପ୍ରମାଣ କରିବା ବଡ଼ କଷ୍ଟ ହୋଇପଡ଼େ । ବୋର୍ଣ୍ଣ ମାଉଥ ନାମକ ସମୁଦ୍ର କୂଳ ସ୍ଥାନରେ ଏପରି ଗୋଟିଏ ଘଟଣା ଘଟିଥିଲା; କିନ୍ତୁ ଆମେ ଅନେକ ଚେଷ୍ଟା କରି ସୁଦ୍ଧା ପ୍ରମାଣ କରାଇପାରିଲୁ ନାହିଁ । ତେବେ ଶୁଣିଲି, ଲୋକେ ଆଗେ ଯେପରି ଆମମାନଙ୍କ ପାଖରେ ବସ୍‌ରେ ଏକା ଜାଗାରେ ବସୁ ନଥିଲେ– ହୋଟେଲରେ ସ୍ଥାନ ନଦେବା ବଡ଼ ସାଧାରଣ ଥିଲା, ଆଜିକାଲି ସେତେ ନାହିଁ ।

ବର୍ତ୍ତମାନ ସୁଦ୍ଧା ଟିଲ୍‌ବେରୀ ନାମକ ବନ୍ଦରରେ, ଯେଉଁଠି ଅନେକ ସମୟରେ ଯାତ୍ରୀ ଜାହାଜ ସବୁ ଆସି ଲାଗେ— ପାଇଖାନା ଓ ପରିସ୍ରା କରିବା ସ୍ଥାନ ୟୁରୋପୀୟାନ୍ ଓ କଳା ଲୋକଙ୍କ ପାଇଁ ଅଲଗା ଅଲଗା । ତେବେ ମୁଁ ଯେତେଦୂର ଦେଖିଛି, ଖୁବ୍ କମ୍ ଜାଗାରେ ପ୍ରକାଶ୍ୟରେ

Digitized by PPRACHIN, SOA

ଏପରି ଭେଦଭାବ ଅଛି । ତେବେ ମୋ ମତରେ ଆମେରିକା ପରି ଏତେଟା ପ୍ରକାଶ୍ୟରେ ହେଉ ନଥିଲେ ସୁଦ୍ଧା ଲୋକଙ୍କ ମନ ଭିତରେ ସେ କୃଷ୍ଣକାୟ ଲୋକଙ୍କ ବିଷୟରେ ଗୋଟାଏ ମସ୍ତବଡ଼ ବିଦ୍ୱେଷ ଅଛି, ଏଥିରେ ସନ୍ଦେହ ନାହିଁ ।

ଆମେରିକାରେ ବିଶେଷତଃ ଦକ୍ଷିଣ ପ୍ରଦେଶମାନଙ୍କରେ କୃଷ୍ଣକାୟ ଲୋକଙ୍କ ପ୍ରତି ଧଳା ଲୋକଙ୍କର ଭୟଙ୍କର ଘୃଣା । ଦିନ ଦିପହରେ କଳା ଲୋକଙ୍କୁ ରାସ୍ତାରେ ପ୍ରାଣରେ ମାରିଦେବା ଅସାଧାରଣ ନୁହେଁ । ସାମାନ୍ୟ ଘଟଣାରେ ନିଗ୍ରୋମାନଙ୍କୁ କଠୋର ଶାସ୍ତି ମିଳିଥାଏ । ନିଗ୍ରୋମାନଙ୍କର ଭୋଟ କ୍ଷମତା ଥିଲେ ମଧ୍ୟ ଭୟରେ ଅନେକେ ପ୍ରାୟ ଭୋଟ ଦିଅନ୍ତି ନାହିଁ । ଗତ ନିର୍ବାଚନରେ ଜର୍ଜିଆ ପ୍ରଦେଶରେ ଜଣେ ନିଗ୍ରୋ ସାହସର ସହିତ ଭୋଟ ଦେବାକୁ ଯାଇଥିଲା; ସେଇଥିଲାଗି ରାତିରେ ତା' ଘରେ ପଶି ଧଳା ଲୋକମାନେ ତାକୁ ମାରି ଦେଇଥିଲେ । କେତେକ ବିଶ୍ୱବିଦ୍ୟାଳୟରେ ନିଗ୍ରୋମାନଙ୍କର ପ୍ରବେଶ ଅଧିକାର ନାହିଁ—ଆଉ ଯେଉଁଠାରେ ଅଛି, ସେମାନେ ଅଲଗା ବସନ୍ତି । ନିଉୟର୍କର ମୋର ଜଣେ ଭାରତୀୟ ବନ୍ଧୁଙ୍କୁ ହୋଟେଲରେ ଖାଇବାକୁ ମିଳିଲା ନାହିଁ— ମେନେଜର ରାଜି ହେଲେ ସୁଦ୍ଧା ପରିବେଷଣ କରୁଥିବା ସ୍ତ୍ରୀ ଲୋକଟି ଏକ ଜିଦିରେ ମନା କରିଥିଲା କଳା ଲୋକକୁ ଖାଇବାକୁ ଦେବା ଲାଗି । ଏପରିକି ଡାକ୍ତର ବିଧାନଚନ୍ଦ୍ର ରାୟଙ୍କୁ ମଧ୍ୟ ଗୋଟିଏ ଜାଗାରେ ଏଥିଲାଗି ହଇରାଣରେ ପଡ଼ିବାକୁ ହୋଇଥିଲା । ଯେଉଁ ଦେଶରେ ଲୋକଙ୍କର ଏପରି ଅବସ୍ଥା, ସେହି ଦେଶ ଗଣତନ୍ତ୍ର ଶାସନର ଅଗ୍ରଦୂତ ହିସାବରେ ବାହାବା ନେଉଛି— ପୃଥିବୀର ଅନ୍ୟାନ୍ୟ ଦେଶକୁ ଗଣତନ୍ତ୍ର ଶାସନ ଶିଖାଇବାର ଭାର ନେଇଛି । ଆମ ଦେଶର ଲୋକେ ମଧ୍ୟ ଏସବୁ ଭୁଲି ଆମେରିକା ପରି ଦେଶକୁ ଅନୁକରଣ କରିବାରେ ଗର୍ବ ଅନୁଭବ କରୁଛନ୍ତି ।

ତେବେ ଏଟା ଠିକ୍ ଯେ ଇଂଲଣ୍ଡରେ ଏତେ ବେଶୀ କଦର୍ଯ୍ୟ ଭାବରେ ଭେଦଭାବ ଦେଖାଯାଏ ନାହିଁ । ଖାଲି ଶାସକ ଗୋଷ୍ଠୀଙ୍କର କୁପ୍ରଚାର ଦ୍ୱାରା ଲୋକଙ୍କ ମନରେ ଭୁଲ୍ ଧାରଣା ଜନ୍ମାଇ ଦିଆଯାଇଥିବା ଯୋଗୁ ଅନେକେ ମୁକ୍ତ ମନରେ ମିଶିପାରନ୍ତି ନାହିଁ । କିନ୍ତୁ କେତେକ ଲୋକଙ୍କର ଭାରତୀୟଙ୍କ ପ୍ରତି ଆଗ୍ରହ ଓ ଆତିଥେୟତା ମଧ୍ୟ ଭୁଲିବାର ନୁହେଁ । ଅନ୍ୟାନ୍ୟ ପାଶ୍ଚାତ୍ୟ ଜାତି ପ୍ରତି ଯେ ଏମାନଙ୍କର ଖୁବ୍ ଶ୍ରଦ୍ଧା ଅଛି, ତା ନୁହେଁ । ନିଜ ଜାତି ଛଡ଼ା ଆଉ କେହି ଭଲ ହୋଇପାରିବେନି ବୋଲି ଯେଉଁମାନଙ୍କର ଦୃଢ଼ ଧାରଣା, ସେମାନଙ୍କଠାରୁ ଏ କ୍ଷେତ୍ରରେ ବିଶେଷ ଆଶା କରିବା ବିଡ଼ମ୍ବନା ମାତ୍ର ।

ଆମେରିକା ପ୍ରତି ଶାସକ ଶ୍ରେଣୀର ଖୁବ୍ ଆଗ୍ରହ ଥିଲେ ସୁଦ୍ଧା ସାଧାରଣ ମଧ୍ୟବିତ୍ତ ପରିବାରର ଲୋକେ ସେମାନଙ୍କୁ କେଉଁଠି ପସନ୍ଦ କରନ୍ତି ନାହିଁ । ସେମାନଙ୍କ ଠାରୁ ଧାର ଉଧାର କରି ଚଳୁଛନ୍ତି ବୋଲି ପ୍ରକାଶ୍ୟରେ ସେପରି କିଛି ନ କହିଲେ ମଧ୍ୟ ଭିତରେ ଭିତରେ ବହୁତ ଘୃଣା ଦେଖାଯାଏ । ଯୁଦ୍ଧ ପରେ ଇଂଲଣ୍ଡରେ ଚୋରି ଡକାୟତି ଓ ନାରୀହରଣ ପ୍ରଭୃତି ଅନାଚାର ଆଗ ଅପେକ୍ଷା ବଢ଼ିଯାଇଛି ଏବଂ ଏଥିଲାଗି ଅନେକେ ଯୁଦ୍ଧ ସମୟରେ ଥିବା ଆମେରିକାନ ସୈନ୍ୟଙ୍କୁ ଦୋଷ ଦେଇଥାଆନ୍ତି । ଅନେକ ସମୟରେ ଏପରି ତୀବ୍ର ଘୃଣା ଦେଖାଯାଏ ଯେ, ରେଡ଼ିଓରେ ଆମେରିକା ଟିପ୍ପଣୀ ଓ ଆମେରିକାନ୍ ଭାଷାର ଉଚ୍ଚାରଣ ଶୁଣିଲାକ୍ଷଣି ଅନେକେ ବିରକ୍ତ ହୋଇ ରେଡ଼ିଓକୁ ବନ୍ଦ କରିଦିଅନ୍ତି । ମୁଁ କେତୋଟି ପରିବାରକୁ ଜାଣେ ଯେଉଁମାନେ କି ବଂଶାନୁକ୍ରମେ ଜାଠ ଦଳଭୁକ୍ତ ଅଟନ୍ତି—ସେମାନେ ଆମେରିକାନ ଛବି (ସିନେମା) ବି ଦେଖିବାକୁ ଯାଆନ୍ତି ନାହିଁ । ସେମାନଙ୍କ ମତରେ ଆମେରିକାନ୍ ସଭ୍ୟତା ଓ ସଂସ୍କୃତି ବଡ଼ ନିମ୍ନସ୍ତରରେ—କାରଣ ସ୍ୱରୂପ କହିଥାଆନ୍ତି ଯେ ଗୋଟିଏ ବାରମିଶା ଜାତିଠାରୁ ଆଉ ବେଶୀ କ'ଣ ଆଶା କରାଯାଇପାରେ ? ଏ ପ୍ରକାର ମନୋଭାବ ଖୁବ୍ ସାଧାରଣ । ଠିକ୍ ଯେଉଁମାନେ ଆମେରିକାନ୍‌ମାନଙ୍କୁ ଘୃଣା କରନ୍ତି ସେମାନେ ଯେ ଅନ୍ୟ

Digitized by PPRACHIN, SOA

ଜାତିକୁ ପସନ୍ଦ କରନ୍ତି ତା ନୁହେଁ; ବିଶେଷତଃ ଋଷିଆର ଲୋକମାନଙ୍କ ପ୍ରତି ସେମାନଙ୍କର ଘୃଣା ସବୁଠୁ ବେଶୀ । ଅବଶ୍ୟ ଖୁବ୍ ନିମ୍ନଶ୍ରେଣୀ ମଜୁରିଆଙ୍କଠାରେ ଏହାର ତୀବ୍ରତା ବେଶୀ ଦେଖାଯାଏ ନାହିଁ । ମଧ୍ୟବିତ୍ତ ଓ ଉପରଶ୍ରେଣୀ ଲୋକଙ୍କଠାରେ ଏ ପ୍ରକାର ଘୃଣା ଖୁବ୍ ବେଶୀ ଦେଖାଯାଏ । ଋଷିଆର ଲୋକେ ଅସଭ୍ୟ, ବର୍ବର, ଅସଂସ୍କୃତ । ଯେତେ ପ୍ରକାରର ନିନ୍ଦନୀୟ ବଦଗୁଣ ସବୁ ସେମାନଙ୍କଠାରେ ଦେଖିବାକୁ ମିଳେ ବୋଲି ମତ ପ୍ରକାଶ ପାଇଥାଏ ।

ଇଂଲଣ୍ଡରେ ଜୁ-ବିଦ୍ୱେଷ ଖୁବ୍ ସାଧାରଣ । ସାରା ୟୁରୋପରେ ସବୁଠୁ ବେଶୀ ନିର୍ଯାତିତ ଜାତି ହେଉଛନ୍ତି ଜୁ । ହିଟଲର୍ ଜର୍ମାନୀରେ ଜୁମାନଙ୍କ ଅବସ୍ଥା ତ ସମସ୍ତେ ଜାଣନ୍ତି । ଷାଠିଏ ଲକ୍ଷକୁ ବନ୍ଦୀଶାଳାରେ ପ୍ରାଣ ହରାଇଛନ୍ତି । ଅନେକେ ଜର୍ମାନୀ ଛାଡ଼ି ଚାରିଆଡ଼େ ପଳାଇ ଆସିଛନ୍ତି । ଇଂଲଣ୍ଡରେ ମଧ୍ୟ ଅନେକ ପଳାତକ ଜୁ ଆସି ଘରଦ୍ୱାର କରିଛନ୍ତି । ଯୁଦ୍ଧ ପୂର୍ବରୁ ୟୁରୋପରେ ପ୍ରାୟ ଏକକୋଟି ଜୁ ଥିଲେ । କିନ୍ତୁ ହିଟଲର ଅତ୍ୟାଚାର ଫଳରେ ଯୁଦ୍ଧ ପରେ ସେମାନଙ୍କ ସଂଖ୍ୟା ପ୍ରାୟ ୪୨ ଲକ୍ଷକୁ ଆସିଗଲା । ଇଂଲଣ୍ଡରେ ଏମାନଙ୍କ ସଂଖ୍ୟା ସାଢ଼େ ୩ ଲକ୍ଷ । ଏମାନଙ୍କୁ ଅଧିକାଂଶ ଇଂରେଜ ଘୃଣା କରିଥାଆନ୍ତି । ସାର୍ ଅସ୍‌ୱାଲ୍‌ଡ଼ ମସ୍‌ଲେ (ଯେ କି ଇଂଲଣ୍ଡର ଫାସିଷ୍ଟ ଦଳର ନେତା) ଦଳର ଲୋକେ ଅନ୍ୟାନ୍ୟ ଫାସିଷ୍ଟ ଦଳ ପରି ବହୁତ ବେଶୀ ଜୁ-ମାନଙ୍କୁ ଘୃଣା କରନ୍ତି । ମୁଁ ଲଣ୍ଡନର ଯେଉଁ ଅଞ୍ଚଳରେ ରହୁଥିଲି, ସେହି ଅଞ୍ଚଳରେ ଶତକଡ଼ା ପ୍ରାୟ ଅଶୀ ହେବେ ଜୁ । ତେଣୁ ସେଠାକାର ଇଂରେଜ ବାସିନ୍ଦାଙ୍କର କି ତୀବ୍ର ଘୃଣା ସେମାନଙ୍କ ପ୍ରତି ! ସେ ଅଞ୍ଚଳରେ ଯାହାକିଛି ଅସୁବିଧା ବା ଯାହା କିଛି ଅସୁନ୍ଦର ଘଟଣା– ସବୁ ଜୁ-ମାନଙ୍କ ଦ୍ୱାରା ହେଉଛି ବୋଲି ସାଙ୍ଗେ ସାଙ୍ଗେ ରାୟ ଦେଇଥାନ୍ତି । ପରିବା ଦାମ୍ ଟିକିଏ ବେଶୀ ହୋଇଗଲା ତ ଜୁ-ମାନେ ଦୋଷୀ । କ୍ରିସ୍‌ମାସ୍ ସମୟରେ କୁକୁଡ଼ା ବା ଟର୍କି ମାଂସ ମିଳିଲାନି ତ ଜୁ-ମାନଙ୍କର ଦୋଷ । କେଉଁଠି କିଳାପୋଡେଇ ହୋଇଛି ବୋଲି ଶୁଣାଗଲା ତ ସଙ୍ଗେ ସଙ୍ଗେ ଶୁଣିବାକୁ ମିଳେ–'ଜୁ-ମାନେ ନିଶ୍ଚୟ କରିଥିବେ ।' ଏତେ ବେଶୀ ଘୃଣା ଯେ ଥରେ ଜଣେ ଇଂରେଜ ପରିବାର କହିପକାଇଲେ ମୋ ଆଗରେ – 'ହିଟଲର ଗୋଟିଏ ମାତ୍ର ଭଲ କାମ ଆରମ୍ଭ କରିଥିଲା– ଜୁ-ମାନଙ୍କୁ ଶେଷ କରିଦେବାକୁ ବଦ୍ଧପରିକର ହୋଇଥିଲା– କିନ୍ତୁ ଦୁଃଖର ବିଷୟ ସେ କାମ ଅଧୁରା ରହିଗଲା ।' ମୁଁ ଶୁଣି ଅବାକ୍ ହୋଇଗଲି । ଯେଉଁ ଜୁ-ହତ୍ୟା ପରି ନିର୍ଦ୍ଦୟ କାଣ୍ଡ– ବେଲସନ୍ କ୍ୟାମ୍ପ ପରି ଭୟାବହ ଘଟଣା ସାରା ମାନବଜାତିକୁ ଭୟ ଓ ଘୃଣାରେ ଜଡ଼ କରିଦେଇଛି, ତାକୁ ଏମାନେ ଏପରି ସରଳ ଓ ଖୋଲାଖୋଲି ଭାଷାରେ ପ୍ରକାଶ କରିବା କି ଅମାନୁଷିକତା ! କିନ୍ତୁ ଏ ପ୍ରକାର ମନୋଭାବ ଅନେକ ଇଂରେଜମାନଙ୍କର ଥିବାର ଦେଖାଯାଏ । ଜୁ-ବିଦ୍ୱେଷ ଏତେ ସାଧାରଣ ଯେ, ଯେ କୌଣସି ଆଗନ୍ତୁକ କିଛିଦିନ ଭିତରେ ତା'ର ଟେର ପାଇବ । ମୋର ଜଣେ ଭାରତୀୟ ବନ୍ଧୁ ଜଣକୁ ରାସ୍ତାରେ ପଚାରିଲେ ଯେ ଚିଡ଼ିଆଖାନା (ଜୁ) Zoo ଟା କେଉଁଠି ? ଇଂରେଜ ଭଦ୍ରଲୋକଟି ତାଙ୍କର ଉଚ୍ଚାରଣକୁ ଟିକିଏ ଥଟ୍ଟା କରି କହିଲେ ଯେ ଜୁ ଖୋଜୁଛ ? ଯୁଆଡ଼େ ଆଖି ବୁଲାଇବ ଡଜନେ ଜୁ (Jew) ଦେଖିପାରିବ ।

ମୋର ମନେହୁଏ, ଜୁ-ବିଦ୍ୱେଷ ପଛରେ ରହିଛି ଈର୍ଷ୍ୟା । ଜୁ-ମାନେ ସାଧାରଣତଃ ଅନ୍ୟମାନଙ୍କଠାରୁ ବେଶୀ ବୁଦ୍ଧିଆ । ଏପରିକି ଯେଉଁ ସ୍କୁଲରେ ବେଶୀ ଜୁ-ପିଲା ଥାଆନ୍ତି, ସେମାନଙ୍କର ଅଲଗା କରି ବୁଦ୍ଧି ପରୀକ୍ଷା କରାହୋଇଥାଏ ହିସାବରେ ଅସୁବିଧା ହେବ ବୋଲି । ବ୍ୟବସାୟ ବାଣିଜ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସେମାନେ ଖୁବ୍ ଶୀଘ୍ର ଉପରକୁ ଉଠିଥାଆନ୍ତି; ତେଣୁ ଏମାନଙ୍କ ପ୍ରତି ଈର୍ଷ୍ୟା ହେବା ସ୍ୱାଭାବିକ । ପୃଥିବୀରେ ସବୁ ଦେଶରେ ମଧ୍ୟ ଜୁ-ମାନଙ୍କର ମାନସିକ ଓ ବୈଷୟିକ ବୁଦ୍ଧି ଅନ୍ୟମାନଙ୍କଠାରୁ ନିଶ୍ଚୟ ବେଶୀ । ନୋବେଲ ପ୍ରାଇଜ୍ ପାଇଥିବା

Digitized by PPRACHIN, SOA

ଲୋକଙ୍କ ଭିତରେ ଅଧିକାଂଶ ହେଉଛଂତି ଜ୍ଞ, ଯଦିଚ ସେମାନଙ୍କର ଲୋକ ସଂଖ୍ୟା ଅନୁପାତରେ ବହୁତ କମ୍ ।

ଏମାନେ ଇଂଲଣ୍ଡ ବାହାରର ଲୋକଙ୍କୁ ଏପରି ଘୃଣା କରନ୍ତି ତା ନୁହେଁ, ନିଜ ଦେଶ ଭିତରେ ସ୍କଟିସ୍ ଓ ୱେଲସ୍ ଲୋକଙ୍କ ପ୍ରତି ମଧ୍ୟ ଖୁବ୍ ବିଦ୍ୱେଷ ଦେଖାଯାଏ । ଆମ ଦେଶରେ ପ୍ରାଦେଶିକତା ଯେପରି ଅଛି, ତାଙ୍କ ଦେଶରେ ସ୍କଟ୍‌ଲାଣ୍ଡ ଓ ଇଂଲଣ୍ଡ ଭିତରେ ସେପରି କଳହ ଦେଖାଯାଏ; ଏପରିକି ଅନେକ ସ୍କଟଲାଣ୍ଡବାସୀ ଗୋଟିଏ ସ୍ୱତନ୍ତ୍ର ସ୍କଟଲାଣ୍ଡ ସରକାର ଗଢ଼ିବାର ଇଚ୍ଛା ପ୍ରକାଶ କରିଥାଆନ୍ତି । ଦୁଇ ଦେଶର ଆଚାର ବ୍ୟବହାର ବହୁତ ପୃଥକ୍ । ସ୍କଟିସ୍ ନାଚ, ଗୀତ ଓ ପର୍ବପର୍ବାଣୀ ମଧ୍ୟ ଅଲଗା । ସେମାନଙ୍କର ଶିକ୍ଷା ପଦ୍ଧତି ଓ ଆଇନ ବିଭାଗ ଇଂଲଣ୍ଡଠାରୁ ପୃଥକ୍ ଭାବରେ ଚାଳିତ ହୋଇଥାଏ । ଶିକ୍ଷା କ୍ଷେତ୍ରରେ ସ୍କଟିସ୍ ଶିକ୍ଷା ପ୍ରଣାଳୀ ଇଂଲିଶ ଶିକ୍ଷା ପ୍ରଣାଳୀଠାରୁ ଅନେକ ଭଲ ବୋଲି ଶିକ୍ଷାବିତ୍‌ମାନଙ୍କର ମତ । ବ୍ୟବହାରରେ ମଧ୍ୟ ସ୍କଟଲାଣ୍ଡର ଲୋକେ ଅନେକ ଭଲ । ସେମାନେ ଖୁବ୍ ମିଶୁକ ଏବଂ ଉପରେ ପଡ଼ି ସାହାଯ୍ୟ କରିଥାଆନ୍ତି । ଇଂରେଜମାନେ ସାହାଯ୍ୟ କରନ୍ତି ସତ, କିନ୍ତୁ ତାଙ୍କ ପାଖକୁ ପ୍ରଥମେ ଯିବାକୁ ହେବ । ୧୯୪୭ରେ ବ୍ରିଟିଶ୍ ବିଜ୍ଞାନ ସମ୍ମିଳନୀ ସ୍କଟ୍‌ଲାଣ୍ଡର ଦଣ୍ଡୀ ସହରରେ ହୋଇଥିଲା । ତା’ ପରବର୍ଷ ଇଂଲଣ୍ଡର ବ୍ରାଇଟନ୍‌ରେ ହୋଇଥିଲା । ଏ ଦୁଇଟି ସମ୍ମିଳନୀରେ ମୁଁ ଯୋଗ ଦେବାକୁ ଯାଇ ହପ୍ତାଏ କରି ରହିଥିଲି; କିନ୍ତୁ କି ତଫାତ୍ । ଦଣ୍ଡୀର ଲୋକେ ସାହାଯ୍ୟ କରିପାରିଲେ ନିଜକୁ ଭାଗ୍ୟବାନ ବୋଲି ଯେପରି ମନେ କରନ୍ତି, କିନ୍ତୁ ବ୍ରାଇଟନ୍‌ରେ ସମସ୍ତେ ଉଦାସୀନ । କ’ଣ ହେଉଛି କେହି ଯେପରି ଜାଣନ୍ତିନି ବା ଜାଣିବାକୁ ଖୁବ୍ ଆଗ୍ରହାନ୍ୱିତ ବୋଲି ବି ଜଣାଯାଏ ନାହିଁ । ଗ୍ଲାସ୍‌ଗୋରେ ଆମେ କେତେଜଣ ଭାରତୀୟ ଗୋଟିଏ ଭାରତୀୟ ହୋଟେଲ କଥା ଟ୍ରାମ୍ କଣ୍ଡକ୍ଟରକୁ ପଚାରିଲୁ । ସେ ନ କହିପାରି ଡ୍ରାଇଭରକୁ ଯାଇ ପଚାରିଲା । ଡ୍ରାଇଭର ଟ୍ରାମ୍ ବନ୍ଦ ହେବା ଜାଗାରେ ଟ୍ରାମ୍ ବନ୍ଦ କରି ଖୁବ୍ ଶୀଘ୍ର ଗାଡ଼ିରୁ ଓହ୍ଲାଇ ଦୌଡ଼ି ଦୌଡ଼ି ଯାଇ ଆମକୁ ହୋଟେଲଟି ଦେଖାଇ ଫେରିଆସିଲା । ଇଂଲଣ୍ଡରେ ଯାହାକୁ ପଚାରିବ ସେ ଯେ ସାହାଯ୍ୟ ନ କରେ ତା ନୁହେଁ, କିନ୍ତୁ ଏପରି ଉତ୍ସାହ ଓ ଆଗ୍ରହ ଖୁବ୍ କମ୍ ଦେଖିବାକୁ ମିଳେ ।

ଅନେକ ଇଂରେଜ ମଧ୍ୟ ଏହାକୁ ସ୍ୱୀକାର କରିଥାଆନ୍ତି । ଏ ଦୁଇ ଜାତି ଭିତରେ ଯେ ଗୋଟାଏ ଦ୍ୱେଷ ସବୁବେଳେ ରହିଛି, ଏହା ଯେକୌଣସି ଲୋକ ବୁଝିପାରିବ । ଇଂରେଜମାନେ କହିଥାନ୍ତି ସେ ଜଣେ Typically Scotish, ଅର୍ଥାତ୍ ସେ ଜଣେ ଅସଲି ସ୍କଟିସ୍‌ମାନେ ଅର୍ଥ ସେ ଜଣେ କୃପଣ । ଏହା କେତେଦୂର ସତ କହିବା ମୁସ୍କିଲ୍; କିନ୍ତୁ ଏହା ଇଂରେଜମାନଙ୍କ ବିଦ୍ୱେଷ ଗତ ମନୋଭାବ ପରିଷ୍କାର ଦେଖାଇ ଦେଉଛି । ୱେଲ୍ସସ୍ ଓ ଆଇରସ୍‌ଙ୍କ ପ୍ରତି ମଧ୍ୟ ଏପରି ବିଦ୍ୱେଷ ଭାବ ପରିଲକ୍ଷିତ ହୁଏ ।

ଏମାନଙ୍କର ଦେଶଭକ୍ତି ଏତେ ବେଶି ଏବଂ ତା ସାଙ୍ଗେ ସାଙ୍ଗେ ଅନ୍ୟ ଦେଶ ପ୍ରତି ଏତେ ବେଶି ହେୟଜ୍ଞାନ ଯେ ସାଧାରଣ ଜିନିଷପତ୍ର ବ୍ୟବହାରରେ ମଧ୍ୟ ଏହା ଜଣାଯାଇଥାଏ । ଇଂଲଣ୍ଡର ବିଲାତି ବାଇଗଣ କୁଆଡ଼େ ପୃଥିବୀର ସବୁ ଦେଶର ବିଲାତି ବାଇଗଣ ଅପେକ୍ଷା ଭଲ । ଅନ୍ୟ ଦେଶର ଅଣ୍ଡା ସବୁ ବଡ଼ଛୋଟ—ବ୍ରିଟିଶ୍ ଅଣ୍ଡା ପରି ନୁହେଁ—ବିଲାତି ଫଳ ସବୁ ଖୁବ୍ ମିଠା—ବିଲାତର ସବୁ ଜିନିଷ ପୃଥିବୀର ଅନ୍ୟ ଜିନିଷ ଅପେକ୍ଷା ନିଶ୍ଚୟ ଉତ୍କୃଷ୍ଟ । ଯାହା ବିଲାତରେ ନାହିଁ ଅଥଚ ଅନ୍ୟ ଦେଶରେ ଅଛି— ସେସବୁ ହୁଏତ ଅସ୍ୱାସ୍ଥ୍ୟକର ବା ଅନିଷ୍ଟକର; ମୋଟାମୋଟି ସଭ୍ୟ ସମାଜରେ ନିଶ୍ଚୟ ଅଗ୍ରହଣୀୟ । ଏହା ପଛରେ ଜାତିଗତ ବଡ଼ିମା ଯେ ରହିଛି, ଏଥିରେ ସନ୍ଦେହ ନାହିଁ । ଯେଉଁ ଦେଶର ଉତ୍ପାଦିତ ବସ୍ତୁ ସର୍ବୋତ୍କୃଷ୍ଟ, ସେଠାକାର ଲୋକେ ତ ନିଶ୍ଚୟ ଅନ୍ୟମାନଙ୍କଠାରୁ

Digitized by PPRACHIN, SOA

ସବୁ ଦିଗରେ ଖୁବ୍ ଉଚ୍ଚରେ ହେବେ—ଏଥିରେ ସନ୍ଦେହ କ'ଣ ? ମନେହୁଏ ଯେପରି ସାରା ଜାତିଟା ଆତ୍ମବଡ଼ିମା ଓ ଆତ୍ମପ୍ରଶଂସାର ଗୋଟିଏ ଦୁର୍ଭେଦ୍ୟ ଗଡ଼ ଭିତରେ ନିଜକୁ ଅଭେଦ୍ୟ କରି ରଖିଛି । ଯଦି ନିଜର ସବୁ ଭଲ ହେଲା ଏବଂ ସେମାନେ ସଭ୍ୟ ଜାତି, ତା ହେଲେ ସେମାନଙ୍କର ରୀତିନୀତି ଓ ଚାଲିଚଳନଠାରୁ ଯାହା ପୃଥକ୍ ତାହା ନିଶ୍ଚୟ ଅସଭ୍ୟତାର ଚିହ୍ନ । ଯେ କୌଣସି ଜାତି ସଭ୍ୟ ହେବାକୁ ହେଲେ ତାଙ୍କ ଭାଷା ଶିଖିବା ଦରକାର—ତାଙ୍କର ଚାଲିଚଳନ ଅନୁକରଣ କରିବା ଉଚିତ୍ । ତା' ନ ହେଲେ ସେମାନେ ଗଣତନ୍ତ୍ରର ଉପଯୁକ୍ତ ମର୍ଯ୍ୟାଦା କରିପାରିବେ ନାହିଁ । ଇଉରୋପୀୟାନ୍ ଦେଶସବୁ ଇଂଲଣ୍ଡର ଏତେ ପାଖରେ; କିନ୍ତୁ ଖୁବ୍ କମ୍ ଇଂରେଜ ଅନ୍ୟାନ୍ୟ ଭାଷା ଜାଣିଥାଆନ୍ତି । କଣ୍ଟିନେଣ୍ଟାଲ ଦେଶରେ ଭାରତୀୟମାନଙ୍କର ଅବସ୍ଥା ଯାହା, ଭାଷା ସମ୍ବନ୍ଧରେ ଏମାନଙ୍କର ମଧ୍ୟ ଠିକ୍ ସେହି ଅବସ୍ଥା । ଆମ ଦେଶର ଯେପରି କେତେକ ଲୋକ ପ୍ରାଦେଶିକ ଗାରିମାରେ ଏତେ ଅନ୍ଧ ଯେ, ଅନ୍ୟ ପ୍ରଦେଶରେ ଅନେକ ବର୍ଷ ରହିଲା ପରେ ମଧ୍ୟ ନିଜର ଭାଷାକୁ କଦର୍ଯ୍ୟ ଭାବରେ କହୁଥିବେ ସିନା— ଆଞ୍ଚଳିକ ଭାଷା ଭୁଲ୍‌ରେ ସୁଦ୍ଧା କହିବେ ନାହିଁ, ଇଂରେଜମାନଙ୍କର ଠିକ୍ ସେହିପରି ଗୋଟିଏ ବଦ୍‌ଗୁଣ ଅଛି ।

ସମୟ ଥିଲା, ଯେତେବେଳେ ସେମାନେ ନିଜର ଆତ୍ମଗାରିମାରେ ଭୋଳ ହୋଇ ଅନ୍ୟମାନଙ୍କୁ ହେୟଜ୍ଞାନ କରୁଥିଲେ; କିନ୍ତୁ ବର୍ତ୍ତମାନ ସମୟ ବଦଳିଛି । ସେମାନେ ଯଦି ଏ ଯୁଗରେ ଅନ୍ୟମାନଙ୍କୁ ସେମାନଙ୍କର ନ୍ୟାଯ୍ୟ ସ୍ଥାନ ନ ଦିଅନ୍ତି ଓ ସେମାନଙ୍କ ପ୍ରତି ଦ୍ୱେଷଭାବ ନ ଛାଡ଼ନ୍ତି, ତା'ହେଲେ ପୃଥିବୀରେ ଶାନ୍ତି ଅସମ୍ଭବ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ବୋଲି ଦୁଇଟି ସଂଘର୍ଷୀ ଜାତି ହେବାରେ ଗୋଟିଏ ପ୍ରଧାନ କାରଣ ହେଉଛି ଏଇ ବିଦ୍ୱେଷ । ଯେତେଦିନ ଯାଏ ସବୁ ଜାତି ସମାନ ଆସନ ଓ ସମ୍ମାନ ନ ପାଇଛି, ସେତେଦିନଯାଏ ଏ ପ୍ରକାର କଳହର ସମାଧାନ ଅସମ୍ଭବ ।

■■■

Digitized by PPRACHIN, SOA

ଦଶ

ବ୍ୟକ୍ତି ପ୍ରତି ଶ୍ରଦ୍ଧା ସ୍ୱାତନ୍ତ୍ର୍ୟ ସ୍ୱାଧୀନତା

ସ୍ୱାଧୀନ ପରାଧୀନ ଦେଶର ଲୋକମାନଙ୍କ ଭିତରେ କି ଆକାଶ ପାତାଳ ତଫାତ୍, ତାହା ଇଂଲଣ୍ଡରେ କିଛିଦିନ ରହିଲା ପରେ ପ୍ରତ୍ୟେକ ଭାରତୀୟ ବୁଝିପାରିବେ । ହଜାର ହଜାର ବର୍ଷର ସ୍ୱାଧୀନତାର ଗୋଟିଏ ଛାପ ଯେପରି ଇଂରେଜ ଲୋକଙ୍କର କଥାବାର୍ତ୍ତା ଚାଲିଚଳଣ, ଆଚାର ବ୍ୟବହାରରେ ଦେଖିବାକୁ ମିଳେ; ଆଉ ପରାଧୀନତାର ଜଘନ୍ୟ ଦାସତ୍ୱ ଆମ ଦେଶ ଲୋକଙ୍କର ପ୍ରତ୍ୟେକ ହାବଭାବରେ ଯେପରି ଫୁଟିଉଠେ । କୁଲି ମଜୁରିଆଙ୍କଠାରୁ ଆରମ୍ଭ କରି ଆମର ଉଚ୍ଚପାହିଆ କର୍ମଚାରୀଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜ ଉପରିସ୍ଥ ହାକିମଙ୍କ ପ୍ରତି ଭୟ ଓ ଗୋଲାମିର ନମ୍ରତାରେ ଜଡ଼ସଡ଼ । କଥାବାର୍ତ୍ତାର ଭାଷା ଓ ସ୍ୱର ବଦଳିଯାଏ ପରିସ୍ଥିତି ଓ ପରସ୍ପର ସମ୍ପର୍କ ଅନୁସାରେ । ଜିଲ୍ଲା ସାହେବ, କମିଶନର ଓ ସେକ୍ରେଟାରୀଙ୍କ ପ୍ରତି ଲାଟ ସାହେବଙ୍କର ବିରକ୍ତି ସମାଜର ଦାସତ୍ୱ ସୋପାନ ଶ୍ରେଣୀ ଦେଇ ରାସ୍ତାର ମେହେନ୍ତର ପିଠିରେ ଆସି ଚାବୁକ୍ ବେଶରେ ଲାଗେ । ମେହେନ୍ତରର ପ୍ରତିକ୍ରିୟା ତାରି ମନ ଭିତରେ ହିଁ ମରିଯାଏ– ଉପରକୁ ଯିବାର ସମ୍ଭାବନା ନାହିଁ । ଏକମାତ୍ର ଆସିବା ପଥରେ ଫେରିଯିବାର ରାସ୍ତା ନଥାଏ । ତେବେ ପ୍ରତିକ୍ରିୟାର ବିଷ ସାରା ସାମାଜିକ ଜୀବନକୁ ଶଠତା, ଅସାଧୁତା, ଅପାରଗତା ପ୍ରଭୃତି ଦୁର୍ଗୁଣରେ କଳୁଷିତ କରିଦିଏ । ତେଣୁ ପରସ୍ପର ଭିତରେ ସାଧୁ ସରଳ ସମ୍ପର୍କ ପରିବର୍ତ୍ତେ ଚିର ବିଦ୍ୱେଷ ଭାବ ଦେଖା ଦେଇଥାଏ ।

କିନ୍ତୁ ସ୍ୱାଧୀନ ଇଂଲଣ୍ଡର ସାମାଜିକ ଜୀବନ ଏହାଠାରୁ ବହୁତ ଉପରେ । ସମସ୍ତେ ଯେ ନିଜକୁ ଖାଲି ସ୍ୱାଧୀନ ମଣନ୍ତି ତା ନୁହେଁ, ଅନ୍ୟମାନଙ୍କୁ ମଧ୍ୟ ସ୍ୱାଧୀନ ବୋଲି ସ୍ୱୀକାର କରିଥାଆନ୍ତି । ତେଣୁ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ସାମାଜିକ ଜୀବନରେ ବ୍ୟକ୍ତି ପ୍ରତି ଅସୀମ ଶ୍ରଦ୍ଧା ସମସ୍ତେ ଦେଖାଇଥାଆନ୍ତି । ଧନୀ, ଦରିଦ୍ର, ଶାସକ, ଶାସିତ, ମାଲିକ, ମଜୁରିଆ ଏପରିକି ପୋଲିସ୍ ଓ ସାଧାରଣ ଲୋକଙ୍କ ମଧ୍ୟରେ ଏହାର ବ୍ୟତିକ୍ରମ ଦେଖାଯାଏ ନାହିଁ । ଧନ କିମ୍ବା ଶିକ୍ଷା ଦିଗରେ ବହୁତ ପ୍ରଭେଦ ଥିଲେ ମଧ୍ୟ ଜଣେ ଜଣକୁ ବେଖାତିର କରି କଥା କହିଦିଏ ନାହିଁ କି ତୁଚ୍ଛ ବୋଲି ମନେ କରେ ନାହିଁ । ରାସ୍ତା ସଫା କରୁଥିବା ଲୋକଙ୍କୁ ମଧ୍ୟ ଉଚ୍ଚ ପାହିଆର ଲୋକମାନେ 'ଦୟାପୂର୍ବକ' କିଛି କରିଦେବାକୁ କହନ୍ତି ଓ କରିଦେଲେ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରନ୍ତି– ନିଜର ଭୁଲ୍ ହୋଇଗଲେ କ୍ଷମା ପ୍ରାର୍ଥନା କରନ୍ତି । ଘର ଚାକରାଣୀ ସହିତ ମଧ୍ୟ ସେହିପରି ଭଦ୍ର ବ୍ୟବହାର କରନ୍ତି । ଯେ ନିମ୍ନ ଧରଣର କାୟିକ ପରିଶ୍ରମ କଲା ତାକୁ ବେ, ବା, ଶଳା କହି ମାରିବା ଓ ଯେ ଚୌକିରେ ବସି କାଗଜ ଦେଖିଲା ତାକୁ ଆଜ୍ଞା, ଅବଧାନ କରିବା ନୀତିକୁ ଏମାନେ କେବେ ପସନ୍ଦ କରନ୍ତି ନାହିଁ ଏବଂ ଏହା କେହି କେହି ଯଦି ପସନ୍ଦ କରେ ସାଧାରଣ ଲୋକଙ୍କର ଆତ୍ମସମ୍ମାନ ଜ୍ଞାନ ଏତେ ବେଶୀ ଯେ ଏହା ସମ୍ଭବ ହୋଇପାରିବ ନାହିଁ । ମୋ ଡିପାର୍ଟମେଣ୍ଟର ପ୍ରଫେସର ମଝିରେ ମଝିରେ ଲାବୋରେଟୋରୀ ଆସିଷ୍ଟାଣ୍ଟକୁ ଅନୁରୋଧ କରନ୍ତି ଟିକେ ଚା' ଆଣିବା ପାଇଁ;

Digitized by PPRACHIN, SOA

କିନ୍ତୁ ସେ ଯେତେବେଳେ ଦେଖିଲା ଯେ କ୍ରମେ କ୍ରମେ ଅନୁରୋଧ ଆଦେଶରେ ପରିଣତ ହେବାକୁ ଯାଉଛି, ସାଙ୍ଗେ ସାଙ୍ଗେ ମନା କଲା ଯେ ସେ ଆଉ ଚା' ଆଣିପାରିବ ନାହିଁ ସେମାନଙ୍କ ପାଇଁ । ତାପରେ ପ୍ରଫେସର ନିଜେ ଯାଇ ଚା' ଆଣନ୍ତି । ପ୍ରଫେସରଙ୍କର ତା' ଉପରେ ଯଥେଷ୍ଟ କର୍ତ୍ତୃତ୍ୱ ଥିଲେ ମଧ୍ୟ ସେ କିଛି କଲେ ନାହିଁ । ଆସିଷ୍ଟାଣ୍ଟର ସାହସ ଓ ଆତ୍ମସମ୍ମାନ ଜ୍ଞାନ ଯେପରି ପ୍ରଶଂସନୀୟ, ପ୍ରଫେସର ମହୋଦୟଙ୍କର ସହିଷ୍ଣୁତା ଓ ଅନ୍ୟର ମନୋଭାବ ପ୍ରତି ନ୍ୟାଯ୍ୟ ସମ୍ମାନ ପ୍ରଦର୍ଶନ ସେହିପରି ଅଭିନନ୍ଦନୀୟ ।

ଗୋଟିଏ ସିଗାରେଟ୍ କାରଖାନାର ପରିଚାଳନା ଦେଖିବାକୁ ମୁଁ ଯାଇଥାଏ । ସେଠାକାର ମନୋବିଜ୍ଞାନ ବିଭାଗରେ ଗୋଟିଏ ଜଟିଳ ସମସ୍ୟା ଆଲୋଚନା ହେଉଥାଏ ଯେ, କାରଖାନାର କୌଣସି ଗୋଟିଏ ବିଭାଗର ପରିଚାଳକ ତା'ର ଅଧୀନସ୍ଥ ଶ୍ରମିକମାନଙ୍କ ପ୍ରତି ଭଦ୍ର ବ୍ୟବହାର କରୁନାହିଁ; ତେଣୁ ଶ୍ରମିକମାନେ ତା' ବିରୁଦ୍ଧରେ ଦରଖାସ୍ତ କରିଥାଆନ୍ତି । କିଏ ଲେଖିଛି ଯେ ତାକୁ ଧନ୍ୟବାଦ ନ ଦେଇ ଅପମାନ କଲା, କିଏ ଲେଖିଛି ଯେ ତାକୁ ଚା' ସିଗାରେଟ୍ ଆଣିବାକୁ କହିଲା, ଆଉ କିଏ ଲେଖିଥାଏ ଯେ ସେ କେବେହେଲେ ଭୁଲ୍‌ରେ ମଧ୍ୟ କ୍ଷମା ପ୍ରାର୍ଥନା କରେ ନାହିଁ ଇତ୍ୟାଦି ଇତ୍ୟାଦି । ମନୋବିଜ୍ଞାନ ବିଭାଗର ଭାବନା ଯେ ଉକ୍ତ ବିଭାଗରେ କିପରି ଭଲ ସମ୍ପର୍କ ସ୍ଥାପିତ୍ ହୋଇପାରିବ ବିନା ଦଣ୍ଡବିଧାନରେ । କାରଣ ହଠାତ୍ କାହାକୁ ଜୋରିମାନା କରିଦେବା ବା ଚାକିରିରୁ ବରଖାସ୍ତ କରିଦେବା ତାଙ୍କ ଦେଶରେ ସମ୍ଭବ ନୁହେଁ; ତେଣୁ ମନସ୍ତତ୍ତ୍ୱବିଦ୍‌ମାନଙ୍କୁ ଏ ବିଷୟରେ ପଚରା ଯାଇଥାଏ । ସେ ବିଷୟରେ ସେମାନଙ୍କର ଅନେକ ପ୍ରକାର ଯୁକ୍ତିତର୍କ ଓ ଆଲୋଚନା ଚାଲିଥାଏ । ମୁଁ ଏହା ଦେଖି ଅବାକ୍ ହୋଇଗଲି । ମନେ ମନେ ଭାବିଲି, ପ୍ରକୃତରେ ଆମ ଦେଶର ଲୋକେ ମାନବିକ ସଭ୍ୟତାର କେତେ ତଳେ ଅଛନ୍ତି ! ଆମ ଦେଶର କୋଟି କୋଟି ନିମ୍ନସ୍ତରର ଲୋକେ ମାନବିକତାର କେତେ ତଳକୁ ନଗଲେ ଏପରି ନିଦାରୁଣ ଅତ୍ୟାଚାର ଯୁଗ ଯୁଗ ଧରି ମୁଣ୍ଡ ପୋତି ସହି ନେଇଛନ୍ତି ଓ ଯେଉଁମାନେ ଏଥିଲାଗି ଦାୟୀ, ସେମାନେ କେତେ ଦୂର ନିର୍ଦ୍ଦୟ ଓ ଅମନୁଷ୍ୟ ନୁହନ୍ତି ? ଅଥଚ ଏହିମାନେ ହିଁ ଭାରତ ସଂସ୍କୃତି, ଭାରତର ଆଧ୍ୟାତ୍ମିକ ଉତ୍କର୍ଷ ବିଷୟରେ ଲମ୍ବା ଲମ୍ବା ବକ୍ତୃତା ଦିଅନ୍ତି ।

ଏ ପ୍ରକାର ବ୍ୟକ୍ତି ପ୍ରତି ଶ୍ରଦ୍ଧା ଓ ସମ୍ମାନ ଯୋଗୁଁ ଗଣତାନ୍ତ୍ରିକ ସ୍ୱାଧୀନତା ଓ ସ୍ୱାଧୀନ ମତାମତ ପ୍ରକାଶ ସମ୍ଭବ ହୋଇପାରିଛି । ଗଣତନ୍ତ୍ରର ଅର୍ଥ ହେଉଛି ସାଧାରଣ ଲୋକେ ନିଜ ଭିତରୁ ନିଜ ରୁଚି ଓ ନିଜ ହିତ ଦୃଷ୍ଟିରୁ ପ୍ରତିନିଧି ବାଛି ସର୍ବସାଧାରଣଙ୍କ ଲାଗି ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ସାମାଜିକ କାର୍ଯ୍ୟସବୁ ତୁଲାଇବେ । ପ୍ରତିନିଧିମାନେ ଭୁଲ୍ କଲେ ତାଙ୍କୁ ବାହାର କରି ଅନ୍ୟମାନଙ୍କୁ ପଠାଇବେ । କିନ୍ତୁ ତାହା ସମ୍ଭବ ହେବ, ଯଦି ସେମାନଙ୍କ ଭିତରେ ସୌହାର୍ଦ୍ଦ୍ୟ, ବିଶ୍ୱାସ ଓ ସାମ୍ୟ ସମପରିମାଣରେ ଥାଏ । ତା' ନହେଲେ ଗଣତନ୍ତ୍ରର କୌଣସି ଅର୍ଥ ରହିଲା ନାହିଁ । ଆମ ଦେଶର ଅଶିକ୍ଷିତ ଦୁର୍ଭିକ୍ଷ ପ୍ରପୀଡ଼ିତ କୋଟି କୋଟି ଅସ୍ପୃଶ୍ୟ ନରକଙ୍କାଳ କି ପ୍ରକାରର ଗଣତନ୍ତ୍ର ଶାସନ ଚଳାଇବେ ଭାବି ହୁଏନା । ତା' ଛଡ଼ା ଉପର ଶ୍ରେଣୀ ଲୋକଙ୍କ ଭିତରେ ଯେ ପ୍ରକାର ଗର୍ହିତ ଦାସତ୍ୱ ତଥା ଉଦ୍ଧତ ହାକିମୀ ମନୋଭାବ ରହିଛି, ସେଥିରେ ମଧ୍ୟ ଗଣତନ୍ତ୍ରର କୌଣସି ମର୍ଯ୍ୟାଦା ରହିବ ନାହିଁ ।

ସେଠାକାର ଲୋକେ ବୁଝି ସୁଝି ସମାଜର ସମୂହ ମଙ୍ଗଳ ଲାଗି ଯାହାକୁ ନିର୍ବାଚନ କଲେ ଭଲ ହେବ ବୋଲି ଭାବନ୍ତି, ତାକୁ ପାର୍ଲିଆମେଣ୍ଟକୁ ପଠାଇଥାଆନ୍ତି । ସାମାଜିକ ହିତ ଲାଗି ବ୍ୟକ୍ତିଗତ ବା ପାରିବାରିକ କ୍ଷମତାକୁ ମଧ୍ୟ ଅନେକ ସମୟରେ ବଳି ଦେଇଥାନ୍ତି । ଯୁଦ୍ଧ ସମୟରେ ଚର୍ଚ୍ଚିଲ ଓ ତାଙ୍କ ଦଳ ଖୁବ୍ ଲୋକପ୍ରିୟ ହୋଇଥିଲେ ସୁଦ୍ଧା ଯୁଦ୍ଧ ପରେ ଲୋକେ ଯେତେବେଳେ ଦେଖିଲେ ଯେ ଶ୍ରମିକ ସରକାରଙ୍କ ଦ୍ୱାରା ଦେଶର ସମୂହ କଲ୍ୟାଣ ସାଧିତ ହେବ, ସେମାନଙ୍କୁ ଲୋକେ ଅଧିକ ସଂଖ୍ୟାରେ ଭୋଟ୍ ଦେଇ ନିର୍ବାଚିତ କରିଥିଲେ । ନିର୍ବାଚନ ହେଲା ପରେ ସଂଖ୍ୟାଧିକ ଦଳ

Digitized by PPRACHIN, SOA

ସରକାର ଗଢ଼େ । କିନ୍ତୁ ବେସରକାରୀ ଦଳ ସବୁ ନିର୍ବିଘ୍ନରେ ସେମାନଙ୍କର କାର୍ଯ୍ୟକଳାପରେ ରତ ଥାଆନ୍ତି । ସେମାନେ ଯେତେ ପ୍ରକାର କଟୁ ସମାଲୋଚନା କଲେ ମଧ ସରକାରୀ ଦଳ ତାଙ୍କୁ ଅଯଥା ହଇରାଣ କରନ୍ତି ନାହିଁ କି କଥା କଥାରେ ସଭା ଶୋଭାଯାତ୍ରା ସବୁ ଆଇନ ବିରୁଦ୍ଧ କରିଦିଅନ୍ତି ନାହିଁ । କାଁ ଭାଁ କେଉଁଠି ଏପରି ଗୋଟିଏ ଘଟଣା ଘଟିଲେ ପାର୍ଲିଆମେଣ୍ଟରେ ଅନେକ ପ୍ରଶ୍ନ ହୋଇଥାଏ ଓ ସାଧାରଣ ଲୋକେ ଖୁବ୍ ପ୍ରତିବାଦ କରିଥାଆନ୍ତି । ବର୍ତ୍ତମାନ କେତେ ଜଣ କମ୍ୟୁନିଷ୍ଟଙ୍କୁ ସରକାରୀ ଗୁପ୍ତ ବିଭାଗରୁ ବାହାର କରା ହୋଇଛି, କିନ୍ତୁ ସେତକ କରିବାକୁ ମାସ ମାସ ସମୟ ଲାଗିଯାଏ— ଯାହାକୁ ଗୋଟିଏ ବିଭାଗରୁ ଅନ୍ତର କରାଯାଏ, ତାକୁ ଉପଯୁକ୍ତ କାରଣ ଦେଖା ହୋଇଥାଏ ଓ ତା'ର ଆର୍ଥିକ କ୍ଷତି ନ କରି ଆଉ ଗୋଟିଏ ବିଭାଗରେ ନେଇ ଚାକିରି ଦିଆ ହୋଇଥାଏ । ଯେତେଦିନ ପର୍ଯ୍ୟନ୍ତ କର୍ମଚ୍ୟୁତ କରାଯାଏ, ପୁରାପୁରି ଦରମା ଦିଆ ହେଉଥାଏ । ତଥାପି ଅନେକ ପ୍ରକାର ଅସନ୍ତୋଷ ଓ ବିରକ୍ତି ସର୍ବସାଧାରଣରେ ପ୍ରକାଶ ପାଇଥାଏ ।

ଗଣତାନ୍ତ୍ରିକ ସ୍ୱାଧୀନତାର ଉତ୍କୃଷ୍ଟ ଉଦାହରଣ ଲଣ୍ଡନ ହାଇଡ୍ ପାର୍କକୁ ସନ୍ଧ୍ୟାବେଳେ ଗଲେ ମିଳିପାରିବ । ଯେ କୌଣସି ଲୋକ ଯେ କୌଣସି ବିଷୟରେ ହାଇଡ୍ ପାର୍କରେ କହିପାରିବ । ଦଳ ଦଳ ହୋଇ ଲୋକେ ଜମି ଥାଆନ୍ତି ଓ ଯେ ଯାହାର ସ୍ୱାଧୀନ ମତ ପ୍ରକାଶ କରେ । ଗୋଟିଏ କଥା ଅଛି—ଥରେ ଜଣେ ବିଦେଶୀ ଭଦ୍ରଲୋକ ମଟର ସାଇକେଲ୍‌ରେ ସେ ବାଟେ ଯାଉ ଯାଉ ହାଇଡ୍ ପାର୍କରେ ଗୋଟିଏ ସ୍ଥାନରେ ଜଣେ ଇଂଲଣ୍ଡର ରାଜାଙ୍କୁ ଗାଳି ଦେଇ ବକ୍ତୃତା ଦେବାର ଶୁଣିପାରି ଖୁବ୍ କୌତୂହଳୀ ହୋଇ ତା ପାଖରେ ଯାଇ ଠିଆ ହୋଇଗଲେ । ମନେ ମନେ ଭାବୁଥାନ୍ତି ଯେ ଯେଉଁ ପୋଲିସ୍ ସେଆଡ଼ୁ ଆସୁଛି ସେ ନିଶ୍ଚୟ ବକ୍ତାଙ୍କୁ ହାତକଡ଼ି ପକାଇ ଚାଲାଣ କରିବ । ପୋଲିସ୍ ପାଖକୁ ଆସି ଓଲଟି ସେ ବିଦେଶୀ ଭଦ୍ରଲୋକଙ୍କୁ କହିଲା ଯେ ସେ ଯଦି ସଭା ପାଖରେ ମୋଟର ସାଇକେଲ୍‌ର ଶବ୍ଦ ବନ୍ଦ ନ କରି ଠିଆ ହୁଅନ୍ତି, ତାହେଲେ ସେ ସଭାର ଲୋକେ କିପରି ଶୁଣିବେ ବକ୍ତା କଅଣ କହୁଛନ୍ତି ? ତେଣୁ ତାଙ୍କୁ ହଟିଯିବାକୁ ହେବ ସଭାସ୍ଥାନରୁ । ଏଥିରୁ ଜଣାଯାଏ, ତାଙ୍କର ଗଣତାନ୍ତ୍ରିକ ସ୍ୱାଧୀନତା କେତେ ବେଶୀ ।

ଇଂଲଣ୍ଡର ନରନାରୀ ପ୍ରତି କ୍ଷେତ୍ରରେ ଯେପରି ମୁକ୍ତ ବାୟୁ ସେବନ କରନ୍ତି, ସେହିପରି ଯାହା ଭାବନ୍ତି ତାହା କରିଥାନ୍ତି । ପୋଲିସ୍ ଭୟରେ ମାନସିକ ଅଜୀର୍ଣ୍ଣ ହୁଏନା । ବିଶ୍ୱବିଦ୍ୟାଳୟ ଭିତରେ ସବୁ ପ୍ରକାର ମତର ସଂଘବଦ୍ଧ ସମାଜ ଅଛି । ସେମାନଙ୍କ ଭିତରେ ବରାବର ବାଦ ପ୍ରତିବାଦ, ଆଲୋଚନା ସମାଲୋଚନା ଚାଲିଥାଏ । ଯେ କୌଣସି ସମସ୍ୟାର ସମାଧାନ ଦିଗରେ ବିଭିନ୍ନ ରାଜନୈତିକ ଦଳର ଛାତ୍ର ସଂଘ ସବୁ ଆଲୋଚନା କରି ମତାମତ ପ୍ରକାଶ କରିଥାଆନ୍ତି । ଭବିଷ୍ୟତ ଚାକିରି ଭୟରେ ନିଜର ସ୍ୱାଧୀନ ମତକୁ ତଣ୍ଟି ଚିପି ମାରି ଦିଅନ୍ତି ନାହିଁ । ପ୍ରଫେସରମାନେ ମଧ ସ୍ୱାଧୀନ ଭାବରେ ବିଭିନ୍ନ ଦଳ ଅନ୍ତର୍ଭୁକ୍ତ ହୋଇଥାଆନ୍ତି ଓ ପ୍ରକାଶ୍ୟ ଭାବରେ କ୍ଲାସ୍ ଭିତରେ ସେମାନଙ୍କର ମତାମତ ପ୍ରକାଶ କରିବାରେ ଦ୍ୱିଧାବୋଧ କରନ୍ତି ନାହିଁ । ଇଂଲଣ୍ଡର ଅନେକ ବଡ଼ ବଡ଼ ପ୍ରଫେସର କମ୍ୟୁନିଷ୍ଟ ଦଳର ମେମ୍ବର ଓ ପ୍ରକାଶ୍ୟରେ ସଭା ସମିତିରେ ବକ୍ତୃତା ଦିଅନ୍ତି ଏବଂ ଦଳଗତ ଖବରକାଗଜର ପରିଚାଳନାରେ ଭାଗ ନିଅନ୍ତି । ସରକାର ପକ୍ଷରୁ କୌଣସି ପ୍ରକାର ବାଧା ଆସେନା । ଏ ପ୍ରକାର ମୁକ୍ତ ବାୟୁମଣ୍ଡଳରେ ଯେଉଁ ଛାତ୍ରମାନେ ବଢ଼ନ୍ତି, ତାଙ୍କୁ ଦେଖିଲେ ବାସ୍ତବିକ ଆନନ୍ଦ ଓ ଈର୍ଷା ହୁଏ । ସେମାନେ ଏପରି ମାନସିକ ସ୍ୱାସ୍ଥ୍ୟ ନେଇ କର୍ମକ୍ଷେତ୍ରରେ ଯୋଗ ଦିଅନ୍ତି ଯେ କୌଣସି ପ୍ରକାର ବାଧାବିଘ୍ନ ସେମାନଙ୍କୁ ଅଯଥା ଡରାଇ ପାରେନା । ଛାତ୍ର ଜୀବନରୁ ସେମାନେ ପରସ୍ପରର ମତକୁ ସମ୍ମାନ ଦେଖାଇବାକୁ ଶିଖିଥିବାରୁ କର୍ମକ୍ଷେତ୍ରରେ ମଧ ତା'ର ବ୍ୟତିକ୍ରମ ହୁଏନା । କିନ୍ତୁ ଯେଉଁ ଛାତ୍ର, ଶିକ୍ଷକ, ଅଭିଭାବକ ସରକାରୀ ଗୋଇନ୍ଦା ଦ୍ୱାରା ପ୍ରତି ମୁହୂର୍ତ୍ତରେ ଚାପିହୋଇ ରହିଥାଏ ସେ କର୍ମକ୍ଷେତ୍ରରେ ମଧ ଅନ୍ୟମାନଙ୍କୁ ସେପରି ଚାପି ଦେବାକୁ ଚାହେଁ ।

Digitized by PPRACHIN, SOA

ଅତ୍ୟାଚାର, ଅବିଶ୍ୱାସ ଓ ନିର୍ଦ୍ଦୟତାର ଗୋଟିଏ ଅବିଶ୍ରାନ୍ତ ବୃତ୍ତ ଅନବରତ ସମାଜରେ ଚାଲୁରହେ । ତେଣୁ ସମାଜଗଠନରେ ଏହି ପ୍ରକାର ପରାଧୀନତା ଯେ ଖୁବ୍ ମାରାତ୍ମକ, ଏହା ଯେ କୌଣସି ମନସ୍ତତ୍ତ୍ୱବିତ୍ ଓ ସମାଜ ସଂସ୍କାରକ ସ୍ୱୀକାର କରିବେ, ଏଥିରେ ସନ୍ଦେହ ନାହିଁ ।

ଅନେକ ଦିନ ଧରି ସ୍ୱାଧୀନତାର ମାଧୁର୍ଯ୍ୟ ଉପଭୋଗ କରି ଆସୁଥିବାରୁ ବ୍ୟକ୍ତିଗତ ମତାମତ ପ୍ରତି ସମ୍ମାନ ଏମାନଙ୍କର ରକ୍ତଗତ ହୋଇଯାଇଛି କହିଲେ ଚଳେ । ଅବଶ୍ୟ ଏଇଟା ନିଜ ଦେଶ ଲୋକଙ୍କ ସମ୍ପର୍କରେ ହିଁ ଦେଖାଯାଏ । ସେହି ଇଂରେଜମାନେ ଯେତେବେଳେ ଭାରତ ଓ ଅନ୍ୟାନ୍ୟ ଅଧୀନସ୍ଥ ରାଜ୍ୟକୁ ଆସନ୍ତି, ସେମାନଙ୍କଠାରେ ଏ ବିଷୟରେ ସମ୍ପୂର୍ଣ୍ଣ ବିପରୀତ ବ୍ୟବହାର ଦେଖାଯାଏ । ଭାରତରେ ସେମାନଙ୍କ ବ୍ୟବହାର କଥା ଶୁଣିଲେ ଅନେକେ ବିଶ୍ୱାସ କରିପାରନ୍ତି ନାହିଁ । ଗଡ଼ଜାତ ରାଜା ଓ ଇଂରେଜ ସରକାରଙ୍କର ପୋଲିସ୍‌ଙ୍କ ବ୍ୟବହାର ବିଷୟରେ ମୁଁ ଯେତେବେଳେ କହେ, ଏମାନେ ଏକାବେଳକେ ଆଶ୍ଚର୍ଯ୍ୟ ହୋଇଯାଅନ୍ତି ।

ଦାସତ୍ୱର ବାହ୍ୟ ପାଶ ଛିଣ୍ଡି ଯାଇଥିଲେ ମଧ୍ୟ ଆମ ଦେଶରେ ବର୍ତ୍ତମାନ ସୁଦ୍ଧା ବ୍ୟକ୍ତିଗତ ସ୍ୱାଧୀନତା ଆସିନାହିଁ । ମନୋବିଜ୍ଞାନରେ ଗୋଟିଏ ମତ ଅଛି ଯେ ମା ଝିଅ ସହିତ ଯେପରି ବ୍ୟବହାର କରିଥାଏ; ଝିଅ ମାଆ ହେଲେ ଠିକ୍ ସେହିପରି ତା' ନିଜ ଝିଅ ସହିତ ବ୍ୟବହାର କରେ । ବୋଧହୁଏ ଅତ୍ୟାଚାରୀ ବ୍ରିଟିଶ୍ ଦ୍ୱାରା ନିର୍ଯ୍ୟାତିତ ହୋଇ ଆସିଥିବାରୁ ଆମ୍ଭେମାନେ କିଛିଦିନ ନିଶ୍ଚୟ ପରସ୍ପର ଭିତରେ ସେ ପ୍ରକାର ବ୍ୟବହାର କରିବୁ । କିନ୍ତୁ ଗୋଟିଏ କଥା ଆମର ମନେ ରହିବା ଉଚିତ୍ ଯେ ଜୋର୍ ଜବରଦସ୍ତି କୌଣସି ପ୍ରକାର ମତକୁ ଚାପି ଦେବା ଅସମ୍ଭବ । ବରଂ ତାକୁ ଯେତେ ଜୋର୍‌ରେ ଦବାଇ ଦେବ, ସେ ସେତିକି ବେଶି ସମାଜ ଭିତରେ ମାଡ଼ିଯିବ । ମଣିଷର କୌତୂହଳୀ ମନ ନିଷେଧ କରିଥିବା କଥାରେ ହିଁ ବେଶି ଝୁଙ୍କିପଡ଼େ । ■■■

Digitized by PPRACHIN, SOA

ଏଗାର

କାମରେ ଶୃଙ୍ଖଳା ଓ ଦକ୍ଷତା

ଆମ ଦେଶର ପ୍ରଧାନମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଗାଁ' ଅବଧାନଙ୍କ ପର୍ଯ୍ୟନ୍ତ ସମସ୍ତେ ଦେଶର ବିଶୃଙ୍ଖଳା ବିଷୟରେ ବହୁତ ଆପତ୍ତି କରିଥାଆନ୍ତି । ଯାହାକୁ ପଚାର ସେ କହିବ ଯେ ଶୃଙ୍ଖଳା ତ ନାହିଁ, ହବ କଅଣ ? ଅଥଚ ଦିନକୁ ଦିନ ଅବସ୍ଥା ଆହୁରି ଖରାପ ହେଉଛି । କିଂତୁ ବିଶୃଙ୍ଖଳା ପାଇଁ ଦାୟୀ କିଏ ? ମନୋବିଜ୍ଞାନରେ ଗୋଟିଏ ମତ ଅଛି ଯେ ଯେଉଁମାନେ କୌଣସି ଗୋଟିଏ ଦୁର୍ଗୁଣରେ ଯେତେ ଦୋଷୀ, ସେମାନେ ସେହି ପରିମାଣରେ ତାହାରି ବିରୁଦ୍ଧରେ ଆପତ୍ତି କରି ଥାଆନ୍ତି ଏବଂ ସବୁ ସମୟରେ ଅନ୍ୟ ଉପରେ ହିଁ ଦୋଷାରୋପ କରି ବିରକ୍ତ ହୋଇଥାଆନ୍ତି— ଏହାକୁ Pojection ବା ଉତ୍କ୍ଷେପଣ ପ୍ରକ୍ରିୟା କୁହାଯାଏ । ଆମ ଦେଶରେ ବଡ଼ ବଡ଼ ବକ୍ତୃତା ଶୁଣିଲେ ମୋର ସେଇଆ ମନେ ହୁଏ ।

ବିଲାତରେ ସାଧାରଣ ଶୃଙ୍ଖଳା ବଡ଼ ପ୍ରଶଂସନୀୟ । ଯେଉଁଆଡ଼େ ଯିବ ଦେଖିପାରିବ— ସ୍ତ୍ରୀ ପୁରୁଷମାନେ ଧାଡ଼ି ଧାଡ଼ି ହୋଇ ଠିଆ ହୋଇଛନ୍ତି— ବସ୍ ଲାଗି ଅପେକ୍ଷା କରିଛନ୍ତି ଗୋଟିଏ ଲମ୍ବା ଧାଡ଼ିରେ—ଦୋକାନରେ ପରିବାପତ୍ର କିଣୁଛନ୍ତି ତ ସମସ୍ତେ ପଛକୁ ପଛ ହୋଇ ଅପେକ୍ଷା କରିଛନ୍ତି— ସିନେମା, କଲେଜ, ଅଫିସ୍, ପାର୍ଲିଆମେଣ୍ଟ ହାଉସ୍ ବା ଚା' ଦୋକାନରେ ସେହି ଏକପ୍ରକାର ଦୃଶ୍ୟ । ସମସ୍ତେ ଯୁଦ୍ଧ କ୍ଷେତ୍ରକୁ ଯାଉଥିବା ସୈନିକ ପରି ସୁସଂଯତ ଭାବରେ ଠିଆ ହୋଇଛନ୍ତି । ଯେ ଆଗେ ଆସିଲା ଆଗେ ପାଇବ— ତାଙ୍କର ପ୍ରଧାନମନ୍ତ୍ରୀ ଯଦି ପରିବା କିଣିବାକୁ କିମ୍ବା ପୋଷ୍ଟ ଅଫିସ୍‌କୁ ଟିକେଟ୍ କିଣିବାକୁ ଆସନ୍ତେ, ତାହେଲେ ନିଶ୍ଚୟ ସେ ତାଙ୍କର ଯଥାସ୍ଥାନରେ ଯାଇ ଠିଆ ହୁଅନ୍ତେ । ଆମ କଲେଜର ଅନେକ ବଡ଼ ବଡ଼ ପ୍ରଫେସର ମଧ୍ୟ ଖାଇବା ପାଇଁ ଠିଆହୋଇ ଥିବା ଛାତ୍ରମାନଙ୍କର ଲମ୍ବା ଧାଡ଼ି ଭିତରେ ତାଙ୍କର ପାଳି ଆସିବା ପର୍ଯ୍ୟନ୍ତ ଠିଆ ହୋଇଥାଆନ୍ତି । ଉତ୍ତମରୂପେ ଶିକ୍ଷାପ୍ରାପ୍ତ ଅଭ୍ୟସ୍ତ ସୈନିକ ଯେପରି ଡ୍ରିଲର ଆଦେଶ ପାଇଲା ମାତ୍ରେ ଯଥାସ୍ଥାନରେ ଯାଇ ଠିଆ ହୋଇଯାଏ ମୂହୂର୍ତ୍ତକ ମଧ୍ୟରେ, ଏମାନେ ସେପରି ବିନା ଦ୍ୱିଧା, ବିନା ଆପତ୍ତିରେ ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ଶୃଙ୍ଖଳା ଓ ନିୟମାନୁଯାୟୀ ସେମାନଙ୍କର ନ୍ୟାଯ୍ୟ ସ୍ଥାନରେ ଯାଇ ଠିଆ ହୋଇପଡ଼ନ୍ତି । ଏହାର ବ୍ୟତିକ୍ରମ ମୁଁ କେଉଁଠାରେ ହେଲେ ଦେଖିବାକୁ ପାଇଛି ବୋଲି ମୋର ମନେହୁଏ ନାହିଁ । ଏହା ଫଳରେ ସବୁଠି କାମ ଶୀଘ୍ର ହୋଇଯାଏ । ପ୍ରଥମେ ପ୍ରଥମେ ଅନେକ ବଡ଼ ଲମ୍ବା ଧାଡ଼ି ଦେଖି ମୋର ଇଚ୍ଛା ହୁଏ ହୁଏ ନାହିଁ ଯାଇ ପଛରେ ଠିଆ ହେବା ପାଇଁ— ଭାବେ, ଅନ୍ତତଃ ଦୁଇଘଣ୍ଟା ଲାଗିବ ମୋର ପାଳି ଆସିବାକୁ । କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା, ଯେଉଁଠି ମୁଁ ଦୁଇଘଣ୍ଟା ଲାଗିବ ବୋଲି ଭାବିଥାଏ, ସେଠି ପ୍ରାୟ ଅଧଘଣ୍ଟାଏରୁ କମ୍ ଲାଗେ । ଧାଡ଼ିର ସମସ୍ତେ ମନ୍ଥର ଗତିରେ ଆଗକୁ ଆଗକୁ ପ୍ରତି ମୁହୂର୍ତ୍ତରେ ଚାଲୁଥାଆନ୍ତି— ଏହା ସମ୍ଭବ ହୁଏ କିଣିବା ଲୋକଙ୍କର ଶୃଙ୍ଖଳା ଓ ବିକ୍ରି କରୁଥିବା ଲୋକଙ୍କର ନିରଳସ କାର୍ଯ୍ୟପଟୁତା ଯୋଗୁ । ଏହି

Digitized by PPRACHIN, SOA

ସବୁ କାରଣରୁ ହଜାର ହଜାର ଲୋକଙ୍କର ସମାଗମ ହେଉଥିବାସ୍ଥାନରେ ସୁଦ୍ଧା ଅଯଥା ହୈ ଚୈ ସୃଷ୍ଟି ହେଉନଥାଏ । ଏହା ଯେ ଖାଲି ବଡ଼ ବଡ଼ ସହରମାନଙ୍କରେ ଦେଖାଯାଏ ତା ନୁହେଁ, ଗାଁ' ଗହଳରେ ମଧ୍ୟ ଠିକ୍ ସେହିପରି ଶୃଙ୍ଖଳା ଏବଂ ନିୟମ ।

ଏପ୍ରକାର ଶୃଙ୍ଖଳାର କାରଣ ଅଛି । ଯେଉଁମାନେ ପଚାଶ ଗଜ ଲମ୍ବା ଧାଡ଼ି ପଛରେ ଯାଇ ଅବିଚଳିତ ଭାବରେ ଠିଆ ହୋଇ ଖବରକାଗଜ ପଢ଼ୁଛନ୍ତି, ନିଜ ନିଜ ପାଳି ଅପେକ୍ଷାରେ, ସେମାନଙ୍କର ଦୃଢ଼ ଧାରଣା ଯେ କିଛି ସମୟ ପରେ ସେମାନେ ନିଶ୍ଚୟ ଆକାଙ୍କ୍ଷିତ ଜିନିଷ ପାଇବେ । ସେ ଗାଡ଼ି ପାଇଁ ଠିଆ ହୋଇଛି ସେ ବୁଝିଚି ଯେ ଯେତେ ଡେରି ହେଲେ ସୁଦ୍ଧା ସେ ବସିବାକୁ ପାଇବ । ଯେ ମାଂସ ଦୋକାନରେ ଠିଆ ହୋଇଛି, ସେ ଜାଣେ ଯେ ଯେତେବେଳେ ହେଲେ ତାର ନ୍ୟାଯ୍ୟ ଅଂଶ ସେ ପାଇବ । ତେଣୁ ହୈ ଚୈ ମାଡ଼ଗୋଳର ଆବଶ୍ୟକତା ହୁଏ ନାହିଁ । ଆମ ଦେଶରେ ଯାହାର ଜୋର୍ ବେଶୀ, ସେ ଭଲ ସ୍ଥାନ ପାଇବ; ଆଉ ଯେ ପଛରେ ରହିବ, ତାକୁ ଗାଡ଼ିର ରେଲିଂ ଧରି ବାଦୁଡ଼ି ପରି ଓହଳି ଯିବାକୁ ପଡ଼ିବ । ଖଣ୍ଡେ ହାଡ଼ ପାଇଁ ଗୁଡ଼ିଏ ଭୋକିଲା କୁକୁର ମାଡ଼ଗୋଳ କଲା ପରି ଶହ ଶହ ଲୋକ ଆମ ଷ୍ଟେସନମାନଙ୍କରେ ଗୋଟିଏ ରେଳ ବଖରା ପାଇଁ ପାଟିତୁଣ୍ଡ କରି ମରାମରି ହେଉଥାନ୍ତି । କୌଣସିମତେ ଢୁକି ନ ଗଲେ ହୁଏତ ଆଉ ଚବିଶ ଘଣ୍ଟା ଷ୍ଟେସନରେ ପଡ଼ି ରହିବାକୁ ପଡ଼ିବ । ଏ ଅବସ୍ଥାରେ ଶୃଙ୍ଖଳା ଆଶା କରିବା ବିଡ଼ମ୍ବନା ନୁହେଁ କି ? ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଯେ ଯେତେ ଜୋରଜବରଦସ୍ତ କରି ଆଗେଇ ପାରିଲା ତା'ର ସେତେ ବାହାଦୂରି । କାମ୍ୟବସ୍ତୁ ପ୍ରାପ୍ତିରେ ନିଶ୍ଚୟତା ଯେ ଏପ୍ରକାର ଶୃଙ୍ଖଳାର ମୂଳରେ– ଏଥିରେ ସନ୍ଦେହ ନାହିଁ ।

ତା'ଛଡ଼ା ଜନସାଧାରଣଙ୍କର ବାଧ୍ୟତାମୂଳକ ସାମରିକ ଶିକ୍ଷା ଏପରି ବ୍ୟବହାରରେ ସାହାଯ୍ୟ କରିଥାଏ । ସେଥିଲାଗି ସହର ଓ ପୁରପଲ୍ଲୀ ସବୁଠାରେ ଏକାପ୍ରକାର ବ୍ୟବହାର ଦେଖାଯାଇଥାଏ । ସାମରିକ ଶିକ୍ଷାଜନିତ ଶୃଙ୍ଖଳା ଇଂରେଜମାନଙ୍କର ଜାତିଗତ ଲକ୍ଷଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ତା' ସାଙ୍ଗକୁ ଲୋକଙ୍କର ଦକ୍ଷତା ତତ୍ପରତା ଓ ସମୟନିଷ୍ଠା ଏହାକୁ ଆହୁରି ମଧୁର ଓ ସୁସଂଯତ କରିଥାଏ । ଇଂରେଜମାନଙ୍କର ସମୟ ଜ୍ଞାନ ପୃଥିବୀ ବିଖ୍ୟାତ । ସେମାନେ ମିନିଟ୍ ସେକେଣ୍ଡ କଣ୍ଟା ଉପରେ ଆଖି ରଖି ସବୁ କାମ କରିଥାଆନ୍ତି । ଯଦି ସମୟ ଦିଅନ୍ତି ୧୨/୧୫, ଠିକ୍ ୧୨/୧୫ରେ ଆସି ପହଞ୍ଚିବେ । ଏକ ମିନିଟ୍ ଡେରି ହେଲେ କ୍ଷମା ପ୍ରାର୍ଥନା କରିଥାନ୍ତି । ଆମେ ଇଂରେଜଙ୍କଠାରୁ ପେଣ୍ଟ ଓ ଟାଇ କେତେ ପ୍ରକାର ପିନ୍ଧିବାକୁ ହୁଏ ଶିଖିଥିଲେ ସୁଦ୍ଧା ତାଙ୍କର ସମୟ ନିଷ୍ଠା ବିଷୟରେ ଧାର ଧାରୁନା । ଗଣ୍ୟମାନ୍ୟ ଲୋକଙ୍କର ଟିକିଏ ଡେରି କରି ଆସିବା ବରଂ ଆଭିଜାତ୍ୟର ପରିଚୟ ଦେଉଥାଏ । ଆଗରୁ ଖଞ୍ଜା ହୋଇଥିବା ସମୟ ଅନୁସାରେ ସମସ୍ତେ ଆସିଯାଆନ୍ତି ଓ ଯାହା କହିବାର କଥା କହି ଚାଲି ଯାଆନ୍ତି । ତଦ୍ଦ୍ୱାରା ଅଯଥା ସମୟ ନଷ୍ଟ ହୁଏନାହିଁ । ଅଫିସ୍, କଲେଜ, ଦୋକାନ ପ୍ରଭୃତିରେ ସମସ୍ତେ ସାଢ଼େ ନ'ଟାଠାରୁ ସାଢ଼େ ପାଞ୍ଚଟା ପର୍ଯ୍ୟନ୍ତ କାମ କରି ଘରକୁ ଫେରନ୍ତି । ଯଦି ଦୋକାନ ଉପରେ ଲେଖା ହୋଇଥାଏ ଯେ ଏତେଟାରୁ ଏତେଟା ମଧ୍ୟାହ୍ନ ଭୋଜନ ପାଇଁ ବନ୍ଦ ରହିବ, ଠିକ୍ ସେହି ସମୟତକ ବନ୍ଦ ହୋଇ ନିୟମିତ ସମୟରେ ଦୋକାନ ଖୋଲେ । ପାଞ୍ଚଟା ସାଢ଼େ ପାଞ୍ଚଟା ହୋଇଗଲେ ଆଉ କାହାରି ଦେଖାନାହିଁ, ଅଫିସ୍ ବା ଦୋକାନ ଭିତରେ । ସମସ୍ତେ ବାହାରି ଯାଆନ୍ତି–କିଏ ଘରକୁ ଫେରିଲା ରନ୍ଧାରନ୍ଧି କରିବା ପାଇଁ ତ, କିଏ ସିନେମା ଦେଖି ବାହାରିଲା– କିଏ ପାର୍କରେ ଯାଇ ବସିଲା କିମ୍ବା କ୍ଲବ୍‌ରେ ବିଭିନ୍ନ ଖେଳରେ ଯୋଗ ଦେଲା । ଆମ ଦେଶରେ ଅଫିସ୍ ସବୁ ରାତି ୯ଟା ଯାଏଁ ଚାଲିଥାଏ– କିଏ କେତେ ବେଳେ ଆସିଲା ଠିକ୍ ନାହିଁ– ସବୁଆଡ଼େ ଗୋଟାଏ ଗଣ୍ଡଗୋଳିଆ ଭାବ–ବାହାରେ– ଭିତରେ– ଟେବୁଲ୍ ଉପରେ । କିଏ ଆସିଲା ତ ଘଣ୍ଟା ଘଣ୍ଟା ଧରି କଥା କହିଲା । କିଏ ବକ୍ତୃତା ଦେଲା ତ ଘଣ୍ଟା ଘଣ୍ଟା ଧରି ବକ୍ତୃତା ଦେଲା । କାମ

Digitized by PPRACHIN, SOA

କିଛି ହୋଇପାରିଲା ନାହିଁ—ରାତି ନ'ଟାରେ ମଧ୍ୟ ଗଦାଏ ଫାଇଲ୍ ଧରି ଘରକୁ ଫେରିବାକୁ ହୁଏ । ଅବସର ଉପଭୋଗ କରିବାର ଆଉ ସମୟ କାହିଁ ? ତେଣୁ ଯେକୌଣସି ପ୍ରକାର ଉପଭୋଗ ଆମ ସମାଜରେ ଅପରିପକ୍ୱ ମସ୍ତିଷ୍କର ଚଗଲାମି ବୋଲି ବିବେଚିତ ହୋଇଥାଏ ।

ଖାଲି ବ୍ୟବସାୟ ଓ ଅଫିସ୍ କାର୍ଯ୍ୟରେ ଯେ ସମୟ ନିଷ୍ଠା ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟନିର୍ଘଣ୍ଟ ସେଠାରେ ଅଛି ତା ନୁହେଁ, ସାଧାରଣ ସାମାଜିକ ତଥା ପାରିବାରିକ କର୍ମଯୋଜନାରେ ମଧ୍ୟ ସେହିପରି ସୁସଂଯତ କାର୍ଯ୍ୟ ପ୍ରଣାଳୀ ଦେଖାଯାଏ—ଖାଇବା ପିଇବା ଲାଗି ଗୋଟିଏ ନିର୍ଦ୍ଦିଷ୍ଟ ସମୟ ବନ୍ଧା ହୋଇଛି । ଠିକ୍ ସେହି ସମୟରେ ସମସ୍ତେ ଖାଇବେ । ରାତି ସାଢ଼େ ୬ଟାଠାରୁ ୮ଟା ଭିତରେ ବୋଧହୁଏ ସାରା ଦେଶରେ ରାତ୍ରିଭୋଜନ ଶେଷ ହୋଇଯାଏ । ତା'ପରେ ଖୋଜିଲେ ମଧ୍ୟ ଅଧିକାଂଶ ହୋଟେଲରେ ଖାଇବାକୁ ମିଳିବ ନାହିଁ । ଅବଶ୍ୟ କେତେଗୁଡ଼ିକ ହୋଟେଲ ଅନେକ ରାତିଯାଏଁ କିଛି କିଛି ରଖନ୍ତି, କିନ୍ତୁ ସେସବୁ ଖୋଜି ବାହାର କରିବାକୁ ହେବ । ଯେଉଁ ରାସ୍ତାରେ ପ୍ରତି ଆଠ ଦଶ ଗଜ ଦୂରରେ ହୋଟେଲ ଅଛି, ସେଠି ରାତି ଆଠଟା ପରେ ହୋଟେଲକୁ ଖୋଜିବାକୁ ପଡ଼ିବ । ଏହାର ଗୋଟାଏ ମସ୍ତବଡ଼ ସୁବିଧା ଅଛି । ଗୋଟିଏ ନିର୍ଦ୍ଦିଷ୍ଟ ସମୟ ପରେ ସମସ୍ତେ କାର୍ଯ୍ୟରୁ ଅବ୍ୟାହତି ପାଇ ଅନ୍ୟାନ୍ୟ କାର୍ଯ୍ୟରେ ଯୋଗ ଦେଇପାରନ୍ତି । ରାତ୍ରିଭୋଜନ ପରେ ହିଁ କ୍ଲବଜୀବନ ମୁଖରିତ ହୋଇଉଠେ—ପାରିବାରିକ ଆମୋଦ ଜମିପାରେ— ଅନ୍ୟାନ୍ୟ ବନ୍ଧୁ ଘରକୁ ଯିବାର ସୁବିଧା ହୁଏ । ଆଠଟାଠାରୁ ରାତି ଏଗାରଟା ପର୍ଯ୍ୟନ୍ତ ସମସ୍ତେ ସଇଥଲ ଭାବରେ ବିଶ୍ରାମ କରନ୍ତି । ଏହି ସମୟରେ ହିଁ ସବୁ ପ୍ରକାର ସାମାଜିକ ମିଳାମିଶା ହୋଇଥାଏ । କିନ୍ତୁ ଆମ ଦେଶରେ ଖିଆପିଆ ଚାଲିଥାଏ, ସକାଳ ସାତଟାଠାରୁ ରାତି ବାରଟା ପର୍ଯ୍ୟନ୍ତ । ପୂଝାରୀ, ଚାକର ଓ ଘରର ସ୍ତ୍ରୀ ଲୋକମାନେ ଦିନରାତି କିଛି ନା କିଛି କାମରେ ବ୍ୟସ୍ତ ରହନ୍ତି । ରନ୍ଧାବଢ଼ା ଛଡ଼ା ସେମାନଙ୍କର ଆଉ କୌଣସି କାମ କରିବାକୁ ସମୟ ହୁଏ ନାହିଁ । ସେମାନଙ୍କ ଦେଶରେ ସ୍ତ୍ରୀ ଲୋକମାନେ ଘରର ସବୁକାମ ବିନା ଚାକର ଚାକରାଣୀ ସାହାଯ୍ୟରେ କରୁଥିଲେ ସୁଦ୍ଧା ନିର୍ଦ୍ଦିଷ୍ଟ ସମୟରେ ସବୁକାମ ଶେଷ କରି ଅନେକ ସମୟ ପାଇଥାଆନ୍ତି ବିଶ୍ରାମ ପାଇଁ । ଅନେକ ଝିଅ ବାହା ହୋଇ ଘରର ସବୁ କାମ କରି ସୁଦ୍ଧା କଲେଜରେ ପଢୁଥାଆନ୍ତି କିମ୍ବା ଅନ୍ୟାନ୍ୟ ଚାକିରି କରୁଥାନ୍ତି । ସବୁ ବିଷୟରେ ଗୋଟାଏ ପ୍ରଣାଳୀ ଥିବାରୁ ଓ ଠିକ୍ ଠିକ୍ ସମୟରେ ସବୁ କାମ ଶେଷ ହେଉଥିବାରୁ ସେମାନଙ୍କ ପକ୍ଷରେ ଏହା ସମ୍ଭବ ହୋଇପାରେ । ଆମ ଦେଶର ସ୍ତ୍ରୀ ସ୍ୱାଧୀନତାର ପକ୍ଷପାତୀ ସମାଜ ସଂସ୍କାରକମାନଙ୍କର ଏହା ପ୍ରଣିଧାନର ବିଷୟ । ବିଶୃଙ୍ଖଳ ପାରିବାରିକ ଜୀବନ ସ୍ତ୍ରୀମାନଙ୍କର ଶିକ୍ଷା ଓ ସ୍ୱାଧୀନତା ବିଷୟରେ ଗୋଟିଏ ମସ୍ତବଡ଼ ପ୍ରତିବନ୍ଧକ ହୋଇ ଯେ ଠିଆହୁଏ, ଏଥିରେ ସନ୍ଦେହ ନାହିଁ ।

ଶୃଙ୍ଖଳା, ସମୟନିଷ୍ଠା ଓ ସୁସଂଯତ କାର୍ଯ୍ୟପ୍ରଣାଳୀ ସହିତ ସାଧାରଣ ବ୍ୟକ୍ତିର କାର୍ଯ୍ୟକ୍ଷେତ୍ରରେ ନିପୁଣତା ଓ ସାଧୁତା ଯେପରି ମଣିକାଞ୍ଚନର ସଂଯୋଗ । ଆମ ଦେଶରେ ମୁହଁ ବୁଲାଇଦେଲେ ଲୋକେ ଠକି ଦେବେ । ଯେତେ ଲୋକ ନିଯୁକ୍ତ ହୋଇଥାଆନ୍ତି, ଅନେକ ସମୟରେ ଠିକ୍ ସେତିକି ଲୋକ ସେମାନଙ୍କର କାମ ଦେଖିବା ଲାଗି ରହିଥାଆନ୍ତି; କିନ୍ତୁ ସେଠାରେ ଯାହାକୁ ଯେଉଁ କାମ ଦିଆ ହୋଇଥାଏ, ସେ ତାହା ଭଲ ଭାବରେ କରିବାକୁ ଚେଷ୍ଟା କରେ । ତା'ର ନିର୍ଦ୍ଦିଷ୍ଟ ସମୟରେ ସେ ମନ ପ୍ରାଣ ଦେଇ କାମ କରୁଥାଏ, ଟିକିଏ ହେଲେ ବସିପଡ଼େ ନାହିଁ । ଆମ କଲେଜରେ ହଜାର ହଜାର ଛାତ୍ରଛାତ୍ରୀଙ୍କ ଖାଇବା ପିଇବାର ବନ୍ଦୋବସ୍ତ ସାମାନ୍ୟ କେତେଜଣ ସ୍ତ୍ରୀଲୋକ ଏପରି ସୁରୁଖୁରୁରେ ଚଳାଇ ଦିଅନ୍ତି ଯେ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଜଣେ ଶହ ଶହ କପ୍ ଚା' ଘଣ୍ଟାକ ଭିତରେ ତିଆରି କରି ଯୋଗାଇ ଦେଇପାରେ । ଦୋକାନ, ହୋଟେଲ, ବାସ, ଟ୍ରାମ୍ ପ୍ରଭୃତିର କର୍ମଚାରୀମାନେ ଏତେ ଦକ୍ଷତାର ସହିତ କାମ ତୁଲାନ୍ତି ଯେ ଖୁବ୍ କମ୍ ସମୟ ଭିତରେ ଅନେକ

Digitized by PPRACHIN, SOA

କାମ ହୋଇପାରେ । ଉଦାହରଣ ସ୍ୱରୂପ ପ୍ରତ୍ୟେକ ଦୋତାଲା ବାସ୍‌ରେ ୫୬ ଲୋକଙ୍କର ବସିବା ସ୍ଥାନ ଥିବା ସ୍ଥଳେ ଜଣେ ମାତ୍ର ସ୍ତ୍ରୀ କିମ୍ବା ପୁରୁଷ କଣ୍ଡକ୍ଟର ଥାଏ । ବୁଢ଼ାବୁଢ଼ୀମାନଙ୍କୁ ହାତ ଧରି ଉଠାଇବାରୁ ଆରମ୍ଭ କରି ସମସ୍ତଙ୍କୁ ଟିକେଟ୍ ଦେଇ ବସ୍‌ର ଯାବତୀୟ କାମ ଖୁବ୍ ଦକ୍ଷତାର ସହ ତୁଲାଇଥାଏ । ପ୍ରତ୍ୟେକ କ୍ଷେତ୍ରରେ ଏମାନଙ୍କର ଏ ପ୍ରକାର କାର୍ଯ୍ୟ ଦକ୍ଷତା ଆଖିରେ ପଡ଼େ । ନିର୍ଦ୍ଦିଷ୍ଟ ସମୟ ଭିତରେ କାମ ଶେଷ କରିଦେଇ ପାରିବାରୁ ଅନେକ ସମୟ ଅବସର ପାଇଁ ମିଳେ ଓ ନିଜ ନିଜର ପ୍ରିୟ କାମ (hobby)ରେ ସମୟ କଟାଇବାରେ ସୁବିଧା ମିଳେ । ଦେଶର କାର୍ଯ୍ୟକାରୀ ଶକ୍ତି ବଢ଼ିବା ସଂଗେ ସଂଗେ ସାହିତ୍ୟ ଓ କଳାର ମଧ୍ୟ ଉନ୍ନତି ହୁଏ । ଶିକ୍ଷାର ପ୍ରସାର ଏବଂ ସମାଜର ସମୂହ ହିତ ଲାଗି ଆଲୋଚନା କରିବାର ସମୟ ଓ ସୁବିଧା ମିଳେ । ଅବଶ୍ୟ କର୍ମତତ୍ପରତା ଓ ବ୍ୟକ୍ତିବିଶେଷର ଉତ୍ପାଦିକା ଶକ୍ତି ତାହାର ସ୍ୱାସ୍ଥ୍ୟ ଓ ପାରିପାର୍ଶ୍ୱିକ ଅବସ୍ଥା ଉପରେ ନିର୍ଭର କରେ । ପୁଷ୍ଟିକାରକ ଖାଦ୍ୟ ନପାଇଲେ ଲୋକଙ୍କର ସେ ଶକ୍ତି ରହିବ ନାହିଁ । ତେଣୁ ଭାରତବର୍ଷର ଲୋକମାନଙ୍କଠାରୁ ବର୍ତ୍ତମାନ ସେପରି କାର୍ଯ୍ୟପଟୁତା ଆଶା କରିବା ବୃଥା । ସାଧୁତା ମଧ୍ୟ ପାରିପାର୍ଶ୍ୱିକ ଅବସ୍ଥା ଉପରେ ନିର୍ଭର କରେ ।

ଦେଶର ଅର୍ଥନୈତିକ ଅବସ୍ଥା ବୈଜ୍ଞାନିକ ପ୍ରଣାଳୀରେ ସଂଗଠିତ କରିବାକୁ ହେଲେ ଓ ସମଗ୍ର ସମାଜର ଧାରାବାହିକ ଉନ୍ନତିର ପୂର୍ଣ୍ଣ ଯୋଜନା କାର୍ଯ୍ୟକାରୀ କରିବାକୁ ହେଲେ ଦେଶର ସମଗ୍ର ପାରିବାରିକ ତଥା ବ୍ୟକ୍ତିଗତ ଜୀବନକୁ ମଧ୍ୟ ସୁସଂଯତ ଓ ସୁଶୃଙ୍ଖଳିତ କରିବା ଅତ୍ୟନ୍ତ ଆବଶ୍ୟକ । ତାରି ଉପରେ ଅନେକଟା ଆମର ଭାବନାଶକ୍ତି ମଧ୍ୟ ନିର୍ଭର କରିଥାଏ । ବିଶୃଙ୍ଖଳ ପାରିବାରିକ ଆବହାଓ୍ୱା, ଅସଜଡ଼ା ଟେବୁଲ୍, ଅଫିସ୍ ଓ କଳକାରଖାନାରେ ପଦ୍ଧତିହୀନ କାର୍ଯ୍ୟନିର୍ଘଣ୍ଟ ଓ ଅନିୟମିତ ଜୀବନ ପ୍ରଣାଳୀ ମନ ଭିତରେ ମଧ୍ୟ ଗୋଳମାଳିଆ ଭାବନାର ସଞ୍ଚାର କରିଥାଏ– ଫଳରେ ବୈଜ୍ଞାନିକ ଭାବନା ଅସମ୍ଭବ ହୋଇପଡ଼େ । ତେଣୁ ବର୍ତ୍ତମାନ ଆମ ଦେଶର ଯେପରି ଅବସ୍ଥା, ସେଥିରେ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଏ ବିଷୟରେ ଗୋଟାଏ ବିରାଟ ବିପ୍ଳବ ଆସିବା ଉଚିତ୍ ।

■■■

Digitized by PPRACHIN, SOA

ବାର

ଅବସର ବିଶ୍ରାମ ଉପଭୋଗ ପ୍ରଣାଳୀ

ଶୃଙ୍ଖଳା, ସମୟନିଷ୍ଠା ପ୍ରଭୃତି ବିଷୟରେ ଯେପରି ଆମର ବହୁତ ଶିଖିବାର ଅଛି, ସେମାନେ ଯେପରି ଭାବରେ ଅବସର ସମୟର ସଦ୍‌ବ୍ୟବହାର କରନ୍ତି ତାହା ମଧ୍ୟ ଅନୁକରଣୀୟ । ଜଣକୁ ଦିନକୁ ଆଠଘଣ୍ଟା କରି ସପ୍ତାହରେ ପାଞ୍ଚ-ଛଅ ଦିନ ଭଲ ଭାବେ କାମ କରିବାକୁ ହେଲେ ସପ୍ତାହରେ ଦିନେ ଓ ପ୍ରତିଦିନ କିଛି ସମୟ ତା'ର ପୁରାପୁରି ବିଶ୍ରାମ ନେବା ଉଚିତ । ତା ନ ହେଲେ କାମ ଉତ୍ତମ'ରୂପେ ସମ୍ପାଦିତ ହେବା ଅସମ୍ଭବ । ତେଣୁ ବର୍ତ୍ତମାନ ଯେଉଁମାନେ ସକାଳୁ ରାତି ୧୨ଟା ଯାଏଁ କିଛି ନା କିଛି କାମ କରୁଥାଆନ୍ତି—କୌଣସି ଅବସର ନଥାଏ, କି କୌଣସି ପ୍ରକାର ଆମୋଦ ପ୍ରମୋଦର ବ୍ୟବସ୍ଥା ନଥାଏ— ସେମାନେ ସମସ୍ତ ସମୟ ଏକାପରି କାମ କରିପାରନ୍ତି ନାହିଁ; ଏବଂ ସମସ୍ତ ଦିନର କାମ ଢିଲା ଢିଲା ହୋଇଥାଏ । ବିଲାତରେ କୁଲି ମଜୁରିଆଠାରୁ ଆରମ୍ଭ କରି ବଡ଼ ବଡ଼ ଅଫିସ୍ କର୍ମଚାରୀ ପର୍ଯ୍ୟନ୍ତ ହପ୍ତାରେ ପ୍ରାୟ ୪୦ ଘଣ୍ଟା କାମ କରନ୍ତି—ପ୍ରତିଦିନ ୫ଟା ସାଢ଼େ ପାଞ୍ଚଟା ପରେ ସମସ୍ତେ ଘରକୁ ଫେରନ୍ତି; ତା ପରେ ଆଉ କୌଣସି କାମ ନାହିଁ – ନାଚ, ଗୀତ, ସିନେମା ପ୍ରଭୃତି ନାନାପ୍ରକାର ଆମୋଦ ପ୍ରମୋଦରେ ସମୟ କଟାନ୍ତି । ଶନିବାର ରବିବାର ଦିନ ବାହାରନ୍ତି ବଣଭୋଜି କିମ୍ବା ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ସବୁ ଘୂରି ବୁଲିବାକୁ । ପାଣିପାଗ ଅବସ୍ଥା ଭଲ ଥିଲେ ଲୋକେ ଛୁଟନ୍ତି ସହର ବାହାରକୁ– ଘଣ୍ଟାରେ ଅସଂଖ୍ୟ କାର ଲଣ୍ଡନ ବାହାରକୁ ପଡ଼ିଥିବା ରାସ୍ତାରେ ଚାଲେ । ପାଣିପାଗ ଅଫିସ୍ ଛୁଟି ପୂର୍ବରୁ ଏ ବିଷୟରେ ବିଶଦ ବିବରଣୀ ଦେଇଥାଏ—ଭଲ ପାଗ ଥିଲେ ଲୋକେ ଆଗ୍ରହର ସହିତ ବିଭିନ୍ନ ସ୍ଥାନକୁ ବୁଲି ବାହାରନ୍ତି ।

ପ୍ରତି ସପ୍ତାହରେ ସେମାନେ ଏହିପରି ଦିନେ ଦି ଦିନ ଛୁଟିର ଯେପରି ସଦ୍ ବ୍ୟବହାର କରନ୍ତି, ବର୍ଷକୁ ଥରେ ପ୍ରାୟ ସମସ୍ତେ ଗୋଟିଏ ଲମ୍ବା ଛୁଟି ନେଇ ବୁଲି ବାହାରନ୍ତି କିମ୍ବା କୌଣସି ଗୋଟିଏ ସ୍ୱାସ୍ଥ୍ୟକର ସ୍ଥାନରେ ଯାଇ ବିଶ୍ରାମ କରନ୍ତି । ବିଶେଷତଃ ଖରାଦିନରେ ଏପରି ଲମ୍ବା ଛୁଟି ଲୋକେ ନେଇ ଥାଆନ୍ତି । ସେଠାକାର ଖରାଦିନ ବଡ଼ ଚମତ୍କାର—ବେଶି ଶୀତ ନାହିଁ କି ବେଶି ଥଣ୍ଡା ନାହିଁ—ଆମର ଶୀତଦିନ ପରି ଲାଗେ । ଚାରିଆଡ଼େ ସବୁଜ ଘାସ, ସବୁଜପତ୍ରରେ ଗଛସବୁ ନବଜୀବନ ଲାଭ କରିଥାଏ—ଫୁଲରେ ଅଧିକାଂଶ ଗଛ ଯେପରି ଭାଙ୍ଗି ପଡୁଥାନ୍ତି— ବସନ୍ତର ପ୍ରକୃତ ମାଧୁର୍ଯ୍ୟ ଏ ଦେଶରେ ହିଁ ଦେଖାଯାଇଥାଏ । ଶୀତଦିନେ ପକ୍ଷୀ ସବୁ କେଉଁ ଅନ୍ଧିସନ୍ଧିରେ ଲୁଚି ରହିଥାଆନ୍ତି– ଏପ୍ରିଲ୍ ମାସ ହେଲା କ୍ଷଣି ଯେପରି କେଉଁ ଅଜଣା ସଙ୍କେତରେ ଶିହରି ଉଠନ୍ତି—କୋଇଲି, ନାଇଟିଙ୍ଗେଲ ପ୍ରଭୃତି ପକ୍ଷୀମାନଙ୍କର କାକଳିରେ ଶୀତଦିନର ବରଫାବୃତା ବୃଦ୍ଧା ବସୁନ୍ଧରାର ଯେପରି ନୈରାଶ୍ୟ ସ୍ୱପ୍ନ ହଠାତ୍ ଭାଙ୍ଗିଯାଏ— ବିଗତ ଯୌବନ ଫେରିଆସେ ।

Digitized by PPRACHIN, SOA

ଏ ପ୍ରକାର ଅଦ୍ଭୁତ ପରିବର୍ତ୍ତନ ସମସ୍ତଙ୍କୁ ଆକର୍ଷଣ କରିଥାଏ—ଶୀତ ଓ ବସନ୍ତର ବୈସାଦୃଶ୍ୟ ଏତେ ବେଶି ଯେ ପରିବର୍ତ୍ତନର ମାଧୁର୍ଯ୍ୟ ସମସ୍ତଙ୍କୁ ସ୍ପର୍ଶ କରିଥାଏ । ଯଦି କେହି ଆଗନ୍ତୁକ ଶୀତଦିନଟକ ରହି ଫେରିଯାଏ ଓ ପରେ କେତେବେଳେ ବସନ୍ତ ଋତୁରେ ଆସି ପହଞ୍ଚେ, ସେ କେଭେ ବିଶ୍ୱାସ କରିପାରିବ ନାହିଁ ଯେ ଠୁଙ୍ଗା ଠୁଙ୍ଗା ଗଛଗୁଡ଼ାକ ଏପରି ମନମତାଣିଆ ନୂତନ କଳେବର ଧାରଣ କରିପାରେ । ଏପ୍ରିଲ୍‌ଠାରୁ ଆରମ୍ଭ କରି ପ୍ରାୟ ଅକ୍ଟୋବର ପର୍ଯ୍ୟନ୍ତ ପାଣିପାଗ ଅବସ୍ଥା ଭଲଥାଏ । ଏହି ଛଅ ମାସ ଭିତରେ ଲୋକେ ଲମ୍ବା ଛୁଟି ନେଇ ବିଭିନ୍ନ ସ୍ଥାନକୁ ପରିଭ୍ରମଣରେ ବାହାରି ଥାଆନ୍ତି । ଅନେକେ ଇଂଲଣ୍ଡ ଭିତରେ ବିଶେଷତଃ ସମୁଦ୍ରକୂଳ ସ୍ଥାନ—କବି ପ୍ରସିଦ୍ଧ ହ୍ରଦ ବହୁଳ ଅଞ୍ଚଳ (English Lake District) ଓ ସ୍କଟଲାଣ୍ଡର ପାହାଡ଼ିଆ ଅଞ୍ଚଳକୁ ଯାଆନ୍ତି ଛୁଟି କଟାଇବାକୁ; ଆଉ ଅନେକେ ୟୁରୋପରେ ବିଭିନ୍ନ ଅଂଶକୁ ଯାଇଥାଆନ୍ତି । ଖାଲି ଇଂରେଜମାନେ ଯେ ଏପରି ଅଭିଯାନରେ ବାହାରନ୍ତି ତା ନୁହେଁ, ବାହାରର ଅନେକେ ମଧ୍ୟ ଇଂଲଣ୍ଡକୁ ବୁଲି ଆସିଥାଆନ୍ତି । ଏତେ ଲୋକ ଆସନ୍ତି ଯେ ସେ ଦିଗରୁ ଗୋଟିଏ ଆଖି ଦୃଷ୍ଟିଆ ଆୟ ଆଶା କରାଯାଏ ବିଶେଷତଃ ଡଲାରବାସୀଙ୍କଠାରୁ । ତେଣୁ ହୋଟେଲ ସବୁ ଅଧିକା ଖାଦ୍ୟପେୟ ପାଇଁ ଅନୁମତି ପାଇଥାଆନ୍ତି । କେତେକ ଅଞ୍ଚଳ ଅଛି, ଯେଉଁଠି ଅଧିକାଂଶ ଲୋକେ ବର୍ଷର ଛଅମାସ ହୋଟେଲ ପ୍ରଭୃତି ବ୍ୟବସାୟ କରି ବେଶ୍ ଉପାର୍ଜନ କରନ୍ତି ଏବଂ ଅନ୍ୟ ଛଅମାସ ସେହି ଉପାର୍ଜନ ଉପରେ ଚଳନ୍ତି । ସେମାନଙ୍କ ହୋଟେଲ ହାର ଦୁଇ ପ୍ରକାର ହୋଇଥାଏ । ବସନ୍ତ ଋତୁରେ ଯାହା—ଅନ୍ୟ ସମୟରେ ତା'ଠାରୁ ଢେର କମ୍ ଦର ।

ଏ ପ୍ରକାର ଦେଶ ଭ୍ରମଣ ଏତେ ବେଶି ଲୋକପ୍ରିୟ ଯେ ସରକାର ତଥା ଜନସାଧାରଣ ଏ ବିଷୟରେ ବହୁତ ସୁବିଧା କରିଥାଆନ୍ତି । ଦ୍ରଷ୍ଟବ୍ୟ ସ୍ଥାନ ସବୁ ଖୁବ୍ ଚମତ୍କାର ଭାବରେ ପରିଚାଳିତ ହୋଇଥାଏ । ରାସ୍ତାଘାଟ ପରିଷ୍କାର ପରିଚ୍ଛନ୍ନ କରି ରଖିବା ଛଡ଼ା ସେସବୁ ସ୍ଥାନର ସୌନ୍ଦର୍ଯ୍ୟ କିପରି ବୃଦ୍ଧି ହେବ, ତା'ର ମଧ୍ୟ ବନ୍ଦୋବସ୍ତ ହୋଇଥାଏ । ପ୍ରତ୍ୟେକ ଅଞ୍ଚଳରେ କି କି ଦର୍ଶନୀୟ ସ୍ଥାନ ଅଛି—ତାହାର ଐତିହାସିକ ବିବରଣୀ ଓ ଅନ୍ୟାନ୍ୟ ଜ୍ଞାତବ୍ୟ ବିଷୟ ସହ ସେସବୁର ଫଟୋଗ୍ରାଫ୍ ଏପରି ଚମତ୍କାର ଭାବରେ ପୁସ୍ତକ ଆକାରରେ ପ୍ରକାଶ କରାଯାଇଥାଏ ଯେ ଦେଖିଲା କ୍ଷଣି ଗୋଟାଏ ମୋଟାମୋଟି ଧାରଣା ହୋଇଯାଏ ଓ ଦେଖିବାକୁ ଯୋଜନା ନଥିଲେ ମଧ୍ୟ ଦେଖିବା ପାଇଁ ଆଗ୍ରହ ହୁଏ ।

ମୁଁ ଯେତେବେଳେ ଇଂଲିଶ୍ ହ୍ରଦ ବହୁଳ ଅଞ୍ଚଳକୁ ଯାଇଥିଲି, ଭାବିଥିଲି, ଚାରିଦିନ ରହି କେତେଟା ହ୍ରଦ ବୁଲି ଫେରିଆସିବି; କିନ୍ତୁ ସେଠାକାର ରମଣୀୟ ସ୍ଥାନ ଛଡ଼ା ରହିବା ଓ ବୁଲିବାର ସୁବନ୍ଦୋବସ୍ତ ଏତେ ଭଲ ଲାଗିଲା ଯେ ସେ ଅଞ୍ଚଳର ସବୁ ହ୍ରଦ ନଦେଖି ଆସିପାରିଲି ନାହିଁ । ଚିତ୍ରବହୁଳ ବହି ଖଣ୍ଡକରେ ସବୁ ଅଛି—କିପରି କେଉଁଠାକୁ ଯିବାକୁ ହେବ, କେଉଁ ନମ୍ବର ବାସ୍ କେଉଁଠାରୁ ନେବାକୁ ହେବ ଇତ୍ୟାଦି ସବୁ, କାହାକୁ ପଚାରିବା ଦରକାର ପଡ଼େନାହିଁ । ଅନେକ ସମୟରେ ମୁଁ ଚାଲି ଚାଲି ବାହାରେ । ସକାଳେ ହୋଟେଲରେ ଖାଇ ବାହାରେ, ତା' ପରେ କିଛି ସମୟ ଚାଲିଲା ପରେ ଯେଉଁଠି ଭୋକ କିମ୍ବା ଶୋଷ କରେ, ଆଖି ବୁଲାଇଲେ ହିଁ କିଛି ଗୋଟାଏ ଛୋଟ ବଡ଼ ହୋଟେଲ ଦେଖାଯାଏ—ଚା'ଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ପର୍ଯ୍ୟନ୍ତ ସବୁ ପ୍ରକାର ବନ୍ଦୋବସ୍ତ ଥାଏ । କିମ୍ବା ଦଶପନ୍ଦର ମାଇଲ୍ ଚାଲିଲା ପରେ ଯଦି କ୍ଳାନ୍ତ ଲାଗେ, ତା' ହେଲେ ଯେ କୌଣସି ସ୍ଥାନରୁ ବାସ୍‌ରେ ଫେରିଆସି ହେବ । ବାସ୍ ପାଇଁ ଟିକିଏ ଅପେକ୍ଷା କରିବାର ଇଚ୍ଛା ନହେଲେ ସେ ରାସ୍ତାରେ ଆସୁଥିବା ଯେ କୌଣସି ଘରୋଇ ମଟରକୁ ହାତ ଦେଖାଇଲେ

Digitized by PPRACHIN, SOA

ବସିବାର ସୁବିଧା ମିଳେ । ମଟର ଚାଳକମାନେ ବିନା ଦ୍ୱିଧାରେ ବସାଇ ଥାଆନ୍ତି । ଅନେକ ସମୟରେ ଲୋକେ ଏହିପରି ଭାବରେ ତିନିଶହ ଚାରିଶହ ମାଇଲ୍ ବୁଲି ଆସନ୍ତି । ଏହାକୁ ହିଚ୍ ହାଇକିଂଗ୍ କହନ୍ତି । ଯେଉଁମାନେ ବସନ୍ତି ସେମାନଙ୍କର ଆତ୍ମସମ୍ମାନରେ ବାଧା ହୁଏନା ବା ଯେଉଁମାନେ ବସାନ୍ତି ସେମାନଙ୍କର ଆଭିଜାତ୍ୟରେ ଆଞ୍ଚ ଲାଗେନାହିଁ । ଆମ ଦେଶରେ ଏପରି ଅନୁରୋଧ ଭୟାନକ ଆସ୍ପର୍ଦ୍ଧାର ପରିଚୟ ଦେଇଥାଏ । ତା'ଛଡ଼ା ଯେ ମଟରରେ ଯାଆନ୍ତି ଓ ଯେ ରାସ୍ତାରେ ବୁଲନ୍ତି ତାଙ୍କ ଭିତରେ ଗୋଟାଏ ମସ୍ତବଡ଼ ଶ୍ରେଣୀ ତାରତମ୍ୟ । ତେଣୁ ଅନେକ ସମୟରେ ଅହି-ନକୁଳ ସମ୍ପର୍କ । ଯେଉଁ ଦେଶର ଲୋକେ ମଟରରେ ବସିବାରେ ଯେତେ ଆନନ୍ଦ ନ ପାଆନ୍ତି, ରାସ୍ତାରେ ଯାଉଥିବା ଲୋକଙ୍କ ଉପରେ କାଦୁଅ ପାଣି ଛିଟା ପକାଇ ତାଠୁ ବେଶୀ ଆନନ୍ଦ ପାଇଥାନ୍ତି; ସେଠାରେ ସେହି ରାସ୍ତାର ଲୋକଙ୍କୁ ଗାଡ଼ିରେ ସ୍ଥାନ ଦେବା ବିଡ଼ମ୍ବନା ମାତ୍ର; ଏପରିକି ସମାନସ୍କନ୍ଧ ତଥା ନିଜର ପ୍ରିୟବନ୍ଧୁଙ୍କୁ ରାସ୍ତାରେ ଚାଲୁଥିବାର ଦେଖିଲେ ମଟର ହାଙ୍କି ଯାଉଥିବା ବାବୁଙ୍କର ମୁହଁର ଭାବ ଅଲଗା ହୋଇଥାଏ ।

ହୋଟେଲ ରେସ୍ତୋରାଁ ଛଡ଼ା ଆଉ ଗୋଟିଏ ଚମତ୍କାର ବ୍ୟବସ୍ଥା ଅଛି ଏ ଦେଶରେ । ଅନେକ ସମୟରେ ହୋଟେଲରେ ରହିଲେ ବେଶି ଖର୍ଚ୍ଚ ପଡ଼େ; ଛାତ୍ର କିମ୍ବା ଅନ୍ୟାନ୍ୟ ସ୍ୱଳ୍ପବେତନର ଲୋକଙ୍କ ପକ୍ଷରେ ଅନେକ ସ୍ଥାନ ବୁଲି ଦେଖିବାର ସୁବିଧା ହୁଏ ନାହିଁ । ତେଣୁ ୟୁଥ୍ ହଷ୍ଟେଲ ବୋଲି ଗୋଟିଏ ଅନୁଷ୍ଠାନ ଚାରିଆଡ଼େ ଅଛି । ଏହା ଜନସାଧାରଣ ଓ ବ୍ୟକ୍ତିଗତ ଦାନ ଦ୍ୱାରା ପରିଚାଳିତ । ପ୍ରତି ଦଶ ପନ୍ଦର ମାଇଲ୍ ଭିତରେ ଗୋଟିଏ ୟୁଥ୍ ହଷ୍ଟେଲ ଥାଏ । ସାମାନ୍ୟ କିଛି ଦେଇ ୟୁଥ୍ ହଷ୍ଟେଲ ଆସୋସିଏସନ୍‌ର ମେମ୍ବର ହେବାକୁ ହୁଏ । ସେହି ମେମ୍ବର କାର୍ଡ଼ ନେଇ ଯେ କୌଣସି ହଷ୍ଟେଲରେ ରହିହେବ । ସେଠାରେ ଶୋଇବା ଓ ଖାଇବା ପିଇବାର ବନ୍ଦୋବସ୍ତ ଥାଏ । ଜଣେ ଲେଖାଁଏ ପରିଚାଳିକା ଥାଆନ୍ତି । କିନ୍ତୁ ଯେଉଁମାନେ ଯାଆନ୍ତି ସେମାନେ ନିଜ ଭିତରେ ସବୁ କାମ କରନ୍ତି । ମେଟ୍ରୋନ୍ ଖାଲି କାମ ଦେଖୁଥାଏ । ଖୁବ୍ ଶସ୍ତାରେ ଖାଇବା ପିଇବା ମିଳେ । ସକାଳୁ ଉଠି କିଏ ବିଛଣା କରେ, କିଏ ବାସନ ମାଜେ, କିଏ ଘର ସଫା କରେ, କିଏ ବଗିଚା କାମ କରେ—ଏପରି ସମସ୍ତ କାମ ଆଗନ୍ତୁକମାନେ ନ'ଟା ଭିତରେ ଶେଷ କରି ଯେଝା ରାସ୍ତାରେ ବାହାରନ୍ତି । ନ'ଟାଠାରୁ ସନ୍ଧ୍ୟା ପାଞ୍ଚଟା ପର୍ଯ୍ୟନ୍ତ କେହି ରହିପାରିବେ ନାହିଁ ହଷ୍ଟେଲ ଭିତରେ । ବୁଲିବା ଉଦ୍ଦେଶ୍ୟରେ ଆସି ହଷ୍ଟେଲରେ ବସି ରହିବା ନିୟମବିରୁଦ୍ଧ; ପ୍ରତି ସନ୍ଧ୍ୟାରେ ନୂଆ ନୂଆ ଲୋକ; ସ୍ତ୍ରୀ ପୁରୁଷ ଉଭୟଙ୍କ ପାଇଁ ଏକା ହଷ୍ଟେଲରେ ଅଲଗା ବନ୍ଦୋବସ୍ତ କରାହୋଇଥାଏ । ଏହି ୟୁଥ୍ ହଷ୍ଟେଲ ଅନୁଷ୍ଠାନଟି ପ୍ରକୃତରେ ଭାରି ଚମତ୍କାର । ମୁଁ ଅନେକ ସମୟରେ ଏମାନଙ୍କର ଗାଁ' ଗହଳର ଅଭିଜ୍ଞତା ଅର୍ଜନ କରିବା ପାଇଁ ମୋର କେତେକ ଇଂରେଜ ବନ୍ଧୁଙ୍କ ସହ ପଦବ୍ରଜରେ ବୁଲି ବାହାରେ । ଦିନକୁ ପ୍ରାୟ ପନ୍ଦର କୋଡ଼ିଏ ମାଇଲ୍ ଚାଲିଲା ପରେ ସନ୍ଧ୍ୟାରେ ଗୋଟିଏ ୟୁଥ ହଷ୍ଟେଲରେ ଆସି ପହଞ୍ଚୁ । ଆମ ପରି ଆହୁରି ଅନେକ ସ୍ତ୍ରୀ ପୁରୁଷ ଦଳ ଦଳ ହୋଇ ଆସି ପହଞ୍ଚନ୍ତି । ପ୍ରାୟ ଏକାପରି ହାଲୁକା ପୋଷାକ-କାନ୍ଧରେ ଗୋଟିଏ ଗୋଟିଏ ୟୁଥ୍ ହଷ୍ଟେଲ ବେଗ୍ (ମୁଣୀ), ମୁହଁରେ କ୍ଲାନ୍ତି ତଥା ମୁକ୍ତ ବାୟୁମଣ୍ଡଳଜନିତ ପ୍ରଫୁଲ୍ଲତାର ହସ—ସ୍ତ୍ରୀ ପୁରୁଷ, ବାଳକ ବାଳିକା ହାତ ଧରାଧରି ହୋଇ ଗୀତ ଗାଇ ଗାଇ ଆସି ପହଞ୍ଚନ୍ତି । ପରସ୍ପର ପଚରାପଚରି ହୁଅନ୍ତି—କିଏ କେଉଁ ଆଡୁ ଆସିଲା, କେଉଁଆଡ଼େ ଯିବ, କେତେଦୂର ଚାଲିଲେଣି ଇତ୍ୟାଦି । ତା'ପରେ ସମସ୍ତେ ଲାଗିଯାଆନ୍ତି ହଷ୍ଟେଲ କାମରେ, ଯେପରି ଗୋଟିଏ ପରିବାର—ଅନେକ ଦିନର ଜଣାଶୁଣା ସାଙ୍ଗସାଥି—ସ୍ତ୍ରୀ ପୁରୁଷ ସମସ୍ତେ ଏକାଠି ବସି ଗୀତ ଗାଇ ଥଟ୍ଟା କରି କାମ କରି

Digitized by PPRACHIN, SOA

ଯାଆନ୍ତି—ହଷ୍ଟେଲଟି ମୁଖରିତ ହୋଇଉଠେ—ସକାଳୁ ଉଠି ସମସ୍ତେ ଲାଗିଯାଆନ୍ତି ପୁଣି ଯେଝା କାମରେ; ଆସିଲା ବେଳକୁ ହଷ୍ଟେଲ ଯେପରି ପରିଷ୍କାର ଥାଏ, ଗଲାବେଳକୁ ଠିକ୍ ସେହିପରି ଚକ୍ ଚକ୍ କରି ଦେଇ ଯାଆନ୍ତି । ବଗିଚା, ରାସ୍ତା, ଫୁଲଗଛ ସବୁ ବହୁ ଚାକର ଲାଗିଥିବା ବଗିଚା ପରି ଝଟକୁଥାଏ । କାମ ଶେଷ କରି ପରସ୍ପରଠାରୁ ବିଦାୟ ନେଇ ଯେ ଯାହା ରାସ୍ତାରେ ପୁଣି ବାହାରନ୍ତି ।

ପୁଷ୍ପ, ଫଳ ଓ ନବପତ୍ର ଆଚ୍ଛାଦିତ ବୃକ୍ଷଲତା, ସବୁଜ କୋମଳ ଦୁର୍ବାଦଳ ପରିଶୋଭିତ ପଲ୍ଲୀପ୍ରାନ୍ତର ଓ ବସନ୍ତ ବିମୁଗ୍ଧ, ସ୍ୱାସ୍ଥ୍ୟସମ୍ପନ୍ନ ଯୁବକ-ଯୁବତୀଙ୍କର ମନ ଫୁଲାଣିଆ ଗାନ ଓ ଉଦ୍ଦେଶ୍ୟହୀନ ଚାଲିଚଳଣ ଦେଖିଲେ ମନ ପ୍ରକୃତରେ ଆନନ୍ଦରେ ପୂରିଉଠେ । ବାଟରେ ଦେଖାହେଲେ ହସି ହସି ପଚାରନ୍ତି— Isn't it lovely ? (ଚମତ୍କାର, ନୁହେଁ ?) ତାପରେ ବାଇ ବାଇ (Bye Bye) କରି ଯେଝା ରାସ୍ତାରେ ଚାଲି ଯାଆନ୍ତି । ମୋତେ ଆଶ୍ଚର୍ଯ୍ୟ ଲାଗେ ଯେ ଯେଉଁ ଇଂରେଜମାନେ ସହରରେ ଏପରି ଅମିଶୁକ ଓ କୃତ୍ରିମ ବାହ୍ୟ ଆଡ଼ମ୍ବରର ଦାସ, ସେମାନେ ପୁଣି ଏପରି ଭାବରେ ମେଳାପୀ ଓ ଖୁସିବାସିଆ ହୋଇପାରନ୍ତି ! ଏହା ନିଷ୍ଚୟ ମୁକ୍ତ ବାୟୁ ଓ ଖୋଲା ଆକାଶର ପ୍ରଭାବ । ଏ ପ୍ରକାର ଭ୍ରମଣ ମୋତେ ଏତେ ଭଲ ଲାଗେ ଯେ ଯେବେ ସୁବିଧା ପାଏ ନ ଯାଇ ରହିପାରେନା ଏବଂ ବରାବର ଲକ୍ଷ୍ୟ କରିଛି, ଏପରି ଭାବରେ ହପ୍ତାଏ ବୁଲିଆସିଲା ପରେ ମନ ଓ ଦେହ ଖୁବ୍ ପ୍ରଫୁଲ୍ଲ ରହେ ଓ ମୋର ଓଜନ ବଢ଼ିଯାଏ ।

ସେମାନଙ୍କ ଦେଶରେ ଯେ ସବୁ ଜିନିଷ ଦେଖିବାର ଅଛି ତାହା ଯେ ଆମ ଦେଶରେ ନାହିଁ ତା ନୁହେଁ, ବରଂ ଆମ ଦେଶରେ ତା'ଠାରୁ ଅନେକ ବେଶୀ ଦେଖିବାର ଅଛି । କିନ୍ତୁ ଆମର ସେ ମନ ନାହିଁ କି ସେଥିଲାଗି ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ନାହିଁ । ଏହି ଦୁଇଟି ପରସ୍ପର ଉପରେ ନିର୍ଭର କରେ । ମନ ଥିଲେ ସୁବିଧା କରାହୁଏ ଏବଂ ସୁବିଧା ଥିଲେ ମନ ହୁଏ ଯିବା ଲାଗି । ତା'ଛଡ଼ା ମଧ ଆମ ଦେଶରେ ଯେଉଁମାନେ କାମ କରନ୍ତି, ସେମାନେ ସବୁବେଳେ କାମ କରୁଥାଆନ୍ତି ଓ ଅକର୍ମାମାନେ ସବୁବେଳେ ଅଳସୁଆ ହୋଇ ବୁଲନ୍ତି । ତେଣୁ ଉପଭୋଗ ବା ବିଶ୍ରାମ କରିବାର ବାସନା ଆମମାନଙ୍କର ମରିଯାଇଛି । ଯେଉଁମାନେ ଅବସର ଉପଭୋଗ କରିପାରନ୍ତି ନାହିଁ, ସେମାନଙ୍କ ପକ୍ଷରେ ମନର ଶାନ୍ତି ଅସମ୍ଭବ ଓ ମନର ଶାନ୍ତି ଅଭାବରେ କାର୍ଯ୍ୟ ମଧ ସୁଚାରୁରୂପେ ସମ୍ପାଦିତ ହୋଇପାରେ ନାହିଁ; ଖାଲି ସେତିକି ନୁହେଁ, ସମାଜର ସଂସ୍କୃତି ଓ କଳାର ଉନ୍ନତି କିମ୍ବା ମନର ବିକାଶ ହୋଇପାରେ ନାହିଁ । ପ୍ରକୃତିର ଖୋଲା ପୁସ୍ତକ ମନୁଷ୍ୟର ପ୍ରାଣକୁ ଯେପରି ଉଦ୍‌ବୁଦ୍ଧ କରିଥାଏ, ତାହା ଅନ୍ୟ କୌଣସି ପ୍ରକାରେ ସମ୍ଭବ ନୁହେଁ ।

ଅବଶ୍ୟ ଆର୍ଥିକ ସ୍ୱଚ୍ଛଳତା ଉପରେ ଏ ପ୍ରକାର ମନୋବୃତ୍ତି ଅନେକଟା ନିର୍ଭର କରେ । କିନ୍ତୁ ଯେଉଁମାନଙ୍କର ସେ ସୁବିଧା ଅଛି ସେମାନେ ତାହାର ସୁଯୋଗ ନେବା ଉଚିତ୍ ଓ ସରକାର ତରଫରୁ ମଧ ସେ ବିଷୟରେ ଉତ୍ସାହ ଦେଖାଦେବା ଉଚିତ୍ । ଆମ ଦେଶ ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଥିଲେ ମଧ ସାମାନ୍ୟ କେତେକ କବିଙ୍କୁ ଛାଡ଼ି ଦେଲେ ଆମ ଜନସାଧାରଣଙ୍କ ଆଖି ସେସବୁ ଦେଖିପାରେ ନାହିଁ । ଏତେ ସୁନ୍ଦର କାଠଯୋଡ଼ି କୂଳେ ବସିବାର ଉପାୟ ନାହିଁ । ବିଷ୍ଠା ଗନ୍ଧରେ ନାକ ପୂରିଉଠେ—କେନାଲକୂଳ ନାନା ଆବର୍ଜନାରେ ପୂର୍ଣ୍ଣ— ସାଧାରଣ ପୋଖରୀ ସବୁ ମଶା-ଉତ୍ପାଦକ କିମ୍ବା ମ୍ୟୁନିସିପାଲିଟି ମଇଳାରେ ପୋତା ହେଉଛି—କୋଣାର୍କ ପରି ମନ୍ଦିର ଦେଖିବାକୁ ଯିବାକୁ ହେଲେ ମୁହଁ ରଙ୍ଗା ପଡ଼ିଯାଏ—ସାତ ଥର ଗଙ୍ଗା ଯିବା ସିନା ସମ୍ଭବ ହୁଏ, ଥରେ ଚନ୍ଦ୍ରଭାଗା ଯାଇ ହୁଏ ନାହିଁ । ଏତେ ସୁନ୍ଦର ସୁନ୍ଦର ମନ୍ଦିର ଥିଲେ ସୁଦ୍ଧା ସେମାନଙ୍କର ଛବି

Digitized by PPRACHIN, SOA

କିଣିବାକୁ ମିଳେ ନାହିଁ—ତଥାପି ଆମେ କହୁ ସେ ଆମର ସଂସ୍କୃତି, ଆମର କଳାଜ୍ଞାନ, ଆମର ସାହିତ୍ୟ ପୃଥିବୀଶ୍ରେଷ୍ଠ । ଗୋଟିଏ ଦେଶର ସଭ୍ୟତା, ସଂସ୍କୃତି ସେହି ଦେଶର ଜନସାଧାରଣଙ୍କଠାରୁ ଜଣାଯାଏ—ସାମାନ୍ୟ କେତେ ଜଣ ଉଚ୍ଚପଦସ୍ଥ ରାଜସେବୀ କବି ପଣ୍ଡିତଙ୍କ ଲେଖାରୁ ନୁହେଁ । ଏ ପ୍ରକାର ମାପକାଠି ଅନୁସାରେ ଆମ ଦେଶର ସାଧାରଣ ସୌନ୍ଦର୍ଯ୍ୟଜ୍ଞାନ ଯେ ଇଂରେଜଙ୍କର ସୌନ୍ଦର୍ଯ୍ୟଜ୍ଞାନଠାରୁ ବହୁ ତଳେ, ଏଥିରେ ସନ୍ଦେହ ନାହିଁ । ସିନେମା, ଥିଏଟର, ଅପେରା, ଗୀତ, ନୃତ୍ୟ ପ୍ରଭୃତି ମଧ୍ୟ ସାଧାରଣ ଲୋକଙ୍କର ଖୁବ୍ ପ୍ରିୟ । ଗାଁ ଗଣ୍ଡାରେ ସୁଦ୍ଧା ଏହାର ବହୁ ପ୍ରଚଳନ ଅଛି । ଖୁବ୍ ଉଚ୍ଚଧରଣର ସଙ୍ଗୀତ ଓ ନୃତ୍ୟରେ ସାଧାରଣ ଲୋକଙ୍କର ବେଶ୍ ଆଗ୍ରହ ଦେଖାଯାଏ । ଉଦୟଶଙ୍କର ନୃତ୍ୟଦଳ ପରି ଆମ ଦେଶରେ ବା କେତେଟା ଅନୁଷ୍ଠାନ ଅଛି— ଯେ କେତେଟା ଅଛି, ତାହା ସାଧାରଣ ଲୋକଙ୍କର ବୁଦ୍ଧି ଓ ପସନ୍ଦର ବାହାରେ । ତେଣୁ କେତୋଟି ବଡ଼ ବଡ଼ ସହର ଛାଡ଼ିଦେଲେ ଏ ପ୍ରକାର ଉନ୍ନତ ଧରଣର କଳାର ପ୍ରସାର ବଡ଼ କମ୍ । ତାଙ୍କ ଦେଶରେ କିନ୍ତୁ ଏ ପ୍ରକାର ଉଚ୍ଚଧରଣର ନୃତ୍ୟ ଓ ସଙ୍ଗୀତ କଳା ବେଶ୍ ଆଦୃତ ହୋଇଥାଏ—ସମସ୍ତେ ଭଣା ଅଧିକେ କିଛି କିଛି ଗୀତ ଜାଣିଥାଆନ୍ତି— ବଡ଼ ବଡ଼ ଗାୟକ ଓ ନୃତ୍ୟ ବିଶାରଦମାନଙ୍କର ପ୍ରସିଦ୍ଧ ଗୀତ ଓ ନାଚ ବିଷୟରେ ଅନେକ ଖବର ରଖନ୍ତି । ମୋଟାମୋଟି ଜନସାଧାରଣଙ୍କର ସଂସ୍କୃତି ବେଶ୍ ଉଚ୍ଚଧରଣର ବୋଲି ମନେହୁଏ; ଅର୍ଥାତ୍ ତାଙ୍କ ଦେଶର ସଂସ୍କୃତି ଓ କଳାର ନଭସ୍ପର୍ଶୀ ଅଟ୍ଟାଳିକାର ସୁପ୍ରଶସ୍ତ ଭିତ୍ତି ଜନସାଧାରଣଙ୍କ ଠାରୁ ଆରମ୍ଭ ହୋଇ କ୍ରମଶଃ ସୂକ୍ଷ୍ମୀଭୂତ ହୋଇଯାଇଛି; କିନ୍ତୁ ଆମ ଦେଶ ସଂସ୍କୃତିର ଅତି ଉଚ୍ଚ ସୂକ୍ଷ୍ମ ଅଗ୍ରଭାଗ ଥିଲେ ସୁଦ୍ଧା ତା'ର ମୂଳଭିତ୍ତି ବଡ଼ ସଂକୀର୍ଣ୍ଣ ବୋଲି ମନେହୁଏ । ଏଥିଲାଗି ଅବଶ୍ୟ ଆମର ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ମୁଖ୍ୟତଃ ଦାୟୀ ।

■■■

Digitized by PPRACHIN, SOA

ତେର

ଛାତ୍ରଜୀବନ ଛାତ୍ର-ଶିକ୍ଷକ ସଂପର୍କ

ଯେ କୌଣସି ଦେଶର ଛାତ୍ର ସମାଜର ମତିଗତି ଓ ସାଧାରଣ ମନୋବୃତ୍ତି ଅନୁସାରେ ସେହି ଦେଶର ଭବିଷ୍ୟତ ନିର୍ଦ୍ଧାରିତ ହୋଇଥାଏ । ସେମାନେ ହିଁ ବିଭିନ୍ନ କ୍ଷେତ୍ରରେ କର୍ଣ୍ଣଧାର ହୋଇ ବାହାରନ୍ତି; ତେଣୁ ସେମାନଙ୍କର ଚରିତ୍ରଗଠନ ଜାତୀୟ ପୁନର୍ଗଠନ ପରିକଳ୍ପନାରେ ପ୍ରଥମ ସ୍ଥାନ ଅଧିକାର କରିବା ଉଚିତ । ଏହା କିନ୍ତୁ ଆମ ଦେଶରେ ଆମେ ଭୁଲିଯାଉଁ । ଶିକ୍ଷା ଓ ଛାତ୍ରମାନଙ୍କ ଲାଗି ବହୁତ କମ୍ ଦୃଷ୍ଟି ଆମେମାନେ ଦେଉଥାଉଁ । ସେମାନଙ୍କୁ ଆମ ସମାଜ ଓ ଦେଶସେବୀ ନେତାମାନେ କୌଣସି ପ୍ରେରଣା ବା ଉତ୍ସାହ ନ ଦେଇ ପାରିବାରୁ ଅଧିକାଂଶ ଛାତ୍ର ଜାତୀୟ ଉନ୍ନତି, ଆନ୍ତର୍ଜାତିକ ଭ୍ରାତୃଭାବ ଓ ମନୁଷ୍ୟ ସମାଜର ସାଧାରଣ ମଙ୍ଗଳ ପ୍ରଭୃତି ମହତ୍ ଆଦର୍ଶରେ ଅନୁପ୍ରାଣିତ ହୋଇପାରନ୍ତି ନାହିଁ; ତେଣୁ ସେମାନେ ହତୋତ୍ସାହୀ, ସଂକୀର୍ଣ୍ଣମନା, ଦୁର୍ବଳ ମନୋଭାବ ସମ୍ପନ୍ନ ଓ ବିଶ୍ୱନିନ୍ଦୁକ ହୋଇପଡ଼ନ୍ତି । 'ଜଗତ୍ ଦୁଃଖମୟ' ଏହି ଦର୍ଶନ ଯୁବକ ମନକୁ ନିଷ୍କ୍ରିୟ କରିଦିଏ । କୌଣସିମତେ ଚାକିରିଟିଏ କରି ଜୀବନଟାକୁ ଯେ କୌଣସି ପ୍ରକାରେ ଚଳାଇଦେବା ଛଡ଼ା ଆଉ କିଛି କରିବାର ଥାଇପାରେ ବୋଲି ସେମାନେ ଭାବିପାରନ୍ତି ନାହିଁ । ମୋ ମତରେ ଆମ ଦେଶର ଅଧିକାଂଶ ଛାତ୍ର ଓ ଯୁବକଙ୍କର ଏ ପ୍ରକାର ଦୁର୍ବଳ ମନୋଭାବ ଆମର ସମାଜକୁ ଏପରି ନିମ୍ନଗାମୀ କରି ପକାଇଛି । ଅନ୍ୟ ଦେଶର ଛାତ୍ରମାନଙ୍କୁ ଦେଖିଲେ ବଡ଼ ଆନନ୍ଦ ହୁଏ ଏବଂ ଆମ ଦେଶ ସହିତ ତୁଳନା କରି ମନ ଦୁଃଖରେ ଦବିଯାଏ ।

ବିଲାତ ତଥା ଅନ୍ୟାନ୍ୟ ଉନ୍ନତ ଦେଶର ଛାତ୍ରସମାଜ ବଡ଼ ଉଦାର ଏବଂ ଜାଗ୍ରତ । ବ୍ୟର୍ଥତାର ଆତ୍ମଘାତୀ ବିଷରେ ସେମାନଙ୍କର ପ୍ରାଣ ରୁଗ୍ଣ ଓ ପଶ୍ଚାଦ୍‌ମୁଖୀ ହୋଇ ନଥାଏ । ସମସ୍ତଙ୍କର ଉଦାର ଆନ୍ତର୍ଜାତିକ ପ୍ରବୃତ୍ତି ନ ଥିଲେ ସୁଦ୍ଧା ଅନ୍ତତଃ ସେମାନେ ନିଜ ଜାତି ତଥା ବ୍ୟକ୍ତିଗତ ମଙ୍ଗଳ କାମନାରେ ଅନୁପ୍ରାଣିତ । ଏ ପ୍ରକାର ମନୋଭାବ ଶିକ୍ଷା, ଶାସନ ପ୍ରଭୃତି ସାମାଜିକ ଅନୁଷ୍ଠାନ ଭିତର ଦେଇ ବାଲ୍ୟାବସ୍ଥାରୁ ସେମାନଙ୍କ ମନରେ ଅନ୍ତର୍ନିହିତ କରାଯାଇଥାଏ । ତେଣୁ କାର୍ଯ୍ୟକ୍ଷେତ୍ରରେ ସାମାନ୍ୟ କେତେଜଣ ରୁଗ୍ଣ ଭାବାପନ୍ନ ଯୁବକଙ୍କୁ ଛାଡ଼ି ଦେଲେ ଅଧିକାଂଶ ଯୁବକ ଅଯଥା ଶକ୍ତି ବିନଷ୍ଟକାରୀ ଓ ଉଦ୍ଦେଶ୍ୟହୀନ ବାକ୍ ବିତଣ୍ଡାରେ ସମୟ ବ୍ୟୟ ନ କରି ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଓ ଫଳବତୀ ଗବେଷଣାରେ ସମୟ ବ୍ୟୟ କରିଥାଆନ୍ତି ।

ସେମାନଙ୍କର ସବୁ ଦିଗରେ ଜାଣିବାର ଇଚ୍ଛା ଓ ଉତ୍ସାହ ଖୁବ୍ ବେଶି । ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କ ସଙ୍ଗେ କଥାବାର୍ତ୍ତା କଲେ ଜଣାଯାଏ ସେମାନେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଗବେଷଣା କରୁଥିଲେ ସୁଦ୍ଧା ଅନ୍ୟାନ୍ୟ ବିଷୟରେ ବହୁତ କିଛି ଜାଣିଥାଆନ୍ତି । ଦୈନନ୍ଦିନ, ଅର୍ଥନୈତିକ ଓ ରାଜନୈତିକ ଘଟଣାରୁ ଆରମ୍ଭ କରି ଭିନ୍ନ ଭିନ୍ନ ବୈଜ୍ଞାନିକ ମତାମତର ଗୋଟିଏ ମୋଟାମୋଟି ଧାରଣା ଅଧିକାଂଶ ଛାତ୍ରମାନଙ୍କର ଥାଏ । ଅବଶ୍ୟ ଶିକ୍ଷା ପ୍ରଣାଳୀ ଓ ପୁସ୍ତକାଳୟର ବହୁଳ ପ୍ରଚାର

Digitized by PPRACHIN, SOA

ଏଥିରେ ଅନେକ ସାହାଯ୍ୟ କରିଥାଏ । କଲେଜର ଯେ କୌଣସି ଶାଖାର ଆଲୋଚନା ସଭା ହେଲେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନେ ଯୋଗ ଦେଇଥାଆନ୍ତି । ବହି କିଣିବା ଇଚ୍ଛା ଏମାନଙ୍କର ଖୁବ୍ ପ୍ରବଳ । ପ୍ରତ୍ୟେକ ଛାତ୍ରର ଗୋଟିଏ ଛୋଟ ଛୋଟ ଘରୋଇ ଲାଇବ୍ରେରୀ ଥାଏ ।

ଏଠାକାର ଛାତ୍ରମାନେ ଯେ ଖାଲି ପଢୁ ଥାଆନ୍ତି, ତା ନୁହେଁ । ଅଧିକାଂଶ ଛାତ୍ର ନିୟମିତ ରୂପେ ପ୍ରାୟ ସାଢ଼େ ନଅଟା ଦଶଟାଠାରୁ ପାଞ୍ଚଟା-ଛଅଟା ପର୍ଯ୍ୟନ୍ତ କଲେଜକୁ ଆସି କ୍ଲାସ୍ କରନ୍ତି ଏବଂ କ୍ଲାସ୍ ନଥିବା ସମୟରେ ଲାଇବ୍ରେରୀରେ ବସି ପଢ଼ନ୍ତି । ତାପରେ ସନ୍ଧ୍ୟାରେ କ୍ଲବ୍, ସିନେମା ପ୍ରଭୃତି ଆମୋଦକର ବିଷୟରେ ସମୟ କଟାନ୍ତି । ହପ୍ତା ଶେଷ ଶନିବାର ସନ୍ଧ୍ୟା ଓ ରବିବାର ଦିନ ଖୁବ୍ କମ୍ ଛାତ୍ର ପଢ଼ନ୍ତି । ସାରା ହପ୍ତା ଏପରି ନିୟମିତ ଭାବେ କାମ କରନ୍ତି ଯେ ଶନିବାର ରବିବାର ଦିନ ପଢ଼ିବା ଦରକାର ହୁଏ ନାହିଁ । ଏମାନେ ହିଁ ବିଶ୍ରାମର ମଜା ବୁଝନ୍ତି । ଛାତ୍ରମାନଙ୍କର ବଣଭୋଜି ଓ ପଦଭ୍ରମଣ ଅତି ପ୍ରିୟ । ଖରାଦିନେ ଏହାର ପ୍ରଚଳନ ଖୁବ୍ ବେଶୀ । ନିୟମିତ ଭାବେ ପଢ଼ିବା ଓ ଆମୋଦପ୍ରମୋଦ କରିବା ଛଡ଼ା ଏମାନେ ଅନ୍ୟାନ୍ୟ ସାମାଜିକ ଓ ରାଜନୈତିକ କାର୍ଯ୍ୟକଳାପରେ ମଧ ଭାଗ ନେଇଥାଆନ୍ତି । ଆମ ଦେଶରେ ଆଜିକାଲି ଏ ବିଷୟରେ ଖୁବ୍ ବାଦାନୁବାଦ ଲାଗିଛି । କେତେକ କହନ୍ତି ଯେ ଛାତ୍ରମାନଙ୍କର ପଢ଼ିବା ଛଡ଼ା ଆଉ କୌଣସି ସକ୍ରିୟ ରାଜନୈତିକ ଓ ସାମାଜିକ କାମରେ ଯୋଗ ଦେବା ଉଚିତ୍ ନୁହେଁ— ଆଉ ଅନେକେ ଛାତ୍ରମାନଙ୍କୁ ଏ ବିଷୟରେ ଅନୁପ୍ରାଣିତ କରୁଛନ୍ତି । ଏହା ଯେ ଗୋଟିଏ ଜଟିଳ ସମସ୍ୟା— ଏଥିରେ ସନ୍ଦେହ ନାହିଁ; କିନ୍ତୁ ଆମ୍ଭେମାନେ ଏ ବିଷୟରେ କୌଣସି ମାତ୍ରା ଅମାତ୍ରାର ବିଚାର ନକରି ସିଧାସଳଖ ହିଁ ନାହିଁ କରିବା ଭୁଲ୍ । ଛାତ୍ରମାନେ କେତେକ ପରିମାଣରେ ଏସବୁ ଜଟିଳ ସମସ୍ୟାରେ ଛାତ୍ରାବସ୍ଥାରୁ ଯୋଗ ନ ଦେଲେ ଭବିଷ୍ୟତ କାର୍ଯ୍ୟକ୍ଷେତ୍ରରେ ସେମାନେ ଉତ୍ସାହ ଓ ଅଭିଜ୍ଞତାର ସହ କାମ ତୁଲାଇ ପାରିବେ ନାହିଁ । ଛୋଟ ଛୋଟ ପିଲାମାନଙ୍କର ଖେଳ ଯେପରି ପର ଜୀବନର ପୂର୍ବାଭିନୟ, ଛାତ୍ରମାନଙ୍କର ନାଗରିକ ଦାୟିତ୍ୱର ଏହା ଉତ୍କୃଷ୍ଟ ଶିକ୍ଷାକ୍ଷେତ୍ର କହିଲେ ଅତ୍ୟୁକ୍ତି ହେବନାହିଁ । ଲଣ୍ଡନ ବିଶ୍ୱବିଦ୍ୟାଳୟ ପ୍ରଭୃତି ଶିକ୍ଷାକେନ୍ଦ୍ରମାନ ବଡ଼ ବଡ଼ ସହର ଭିତରେ ରଖିବାର ଉଦ୍ଦେଶ୍ୟ ହେଉଛି ଛାତ୍ରମାନଙ୍କୁ ସମାଜର ସମସ୍ତ ପରିବର୍ତ୍ତନ ସ୍ପର୍ଶରେ ଆଣିବା । ପୂର୍ବକାଳରେ ଯେତେବେଳେ ସମାଜ ସରଳ ଓ ଲୋକମାନେ ରକ୍ଷଣଶୀଳ ଥିଲେ, ସେତେବେଳେ କେମ୍ବ୍ରିଜ୍, ଅକ୍ସଫୋର୍ଡ଼ ପ୍ରଭୃତି ଅନୁଷ୍ଠାନ ଭିତରେ ଛାତ୍ରମାନଙ୍କୁ ସାଧାରଣ ସମାଜଠାରୁ ବିଚ୍ଛିନ୍ନ କରି ଅଲଗା ଭାବରେ ରଖାଯିବାର ବ୍ୟବସ୍ଥା କରାହୋଇଥିଲା । କିନ୍ତୁ ଏ ପ୍ରକାର ବିଚ୍ଛେଦ ଯେ ଯୁଗୋପଯୋଗୀ ନାଗରିକ ଜ୍ଞାନ ବିତରଣରେ ଅନୁପଯୁକ୍ତ, ଏଥିରେ ସନ୍ଦେହ ନାହିଁ ।

ତେବେ ଆମ ଦେଶରେ ଏ ପ୍ରକାର ସହଯୋଗ ସମୟେ ସମୟେ ଖୁବ୍ ବିଷମୟ ଓ ଶିକ୍ଷା ଦିଗରୁ ଖୁବ୍ କ୍ଷତିକାରକ ହୋଇପଡୁଥିବାରୁ ଅନେକେ ଏହାକୁ ଅପସନ୍ଦ କରିଥାଆନ୍ତି । ଆମ ଦେଶରେ ଶାସକ ଓ ଶାସିତ ଭିତରେ ତାରତମ୍ୟ ବେଶୀ ଥିବାରୁ ସବୁ ପ୍ରକାର ସାମାଜିକ ଓ ରାଜନୈତିକ କାର୍ଯ୍ୟକଳାପ ଭିତରେ ଶତ୍ରୁତା ବେଶୀ ଦେଖା ଦେଇଥାଏ । ସାମାନ୍ୟ ସାମାନ୍ୟ କଥାରେ ଅତ୍ୟାଚାର ଓ ନିଷ୍ପେଷଣ ହୁଏ; ତେଣୁ ଛାତ୍ରମାନେ ଏ ପ୍ରକାର ରକ୍ତାକ୍ତ ବାତ୍ୟାବର୍ତ୍ତ ଭିତରକୁ ଆସି ବହୁତ କ୍ଷତିଗ୍ରସ୍ତ ହୋଇପଡ଼ନ୍ତି । କିନ୍ତୁ ସେମାନଙ୍କ ଦେଶରେ ଏ ପ୍ରକାର ତିକ୍ତ ସମ୍ପର୍କ ନଥିବାରୁ ଏବଂ ରାଜନୈତିକ ଓ ସାମାଜିକ ଆନ୍ଦୋଳନରେ ଏ ପ୍ରକାର ଦ୍ୱନ୍ଦ୍ୱ ଓ ତୀବ୍ର ଅସହିଷ୍ଣୁତା ଏତେ ବେଶୀ ନଥିବାରୁ ଛାତ୍ରମାନେ ନିଜ ଇଚ୍ଛାନୁସାରେ ସେମାନଙ୍କର ଅବସର ସମୟରେ ଆନନ୍ଦର ସହ ଏସବୁ ପରୀକ୍ଷା କରି ଦେଖିଥାଆନ୍ତି ଏବଂ ଏହା ସେମାନଙ୍କର ଅସଲ ଶିକ୍ଷା ଦିଗରେ ଯେପରି ସାହାଯ୍ୟ କରେ, ସମାଜକୁ ମଧ ସେପରି ସାହାଯ୍ୟ କରିଥାଏ । ଗ୍ରହଣେଚ୍ଛୁ ଯୁବକର ଉତ୍ସୁକ ମନକୁ ସକ୍ରିୟ ସାମାଜିକ କାର୍ଯ୍ୟାବଳୀ ଅନୁପ୍ରାଣିତ କରେ ଓ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ିବା ସଙ୍ଗେ ସଙ୍ଗେ

Digitized by PPRACHIN, SOA

ଭବିଷ୍ୟତ କାର୍ଯ୍ୟପନ୍ଥାରେ ଉତ୍ସାହ ଆସେ । ସେମାନେ ଶିକ୍ଷା ଶେଷ ହେବା ପରେ ଅନଭିଜ୍ଞ ଆଗନ୍ତୁକ ହିସାବରେ ନିଜ ଦେଶ ଲୋକଙ୍କ ଆଗରେ ଆସି ଠିଆ ହୁଅନ୍ତି ନାହିଁ ।

ଛାତ୍ରମାନଙ୍କର ଏ ପ୍ରକାର ସୁସ୍ଥ ଓ ସତେଜ ମନୋଭାବର ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଇଂଲଣ୍ଡରେ ୧୯୪୭ର ପ୍ରଚୁର ବରଫ ବୃଷ୍ଟି ଯୋଗୁଁ କୋଇଲାର ଖୁବ୍ ଅଭାବ ପଡ଼ିଲା; ସହସ୍ରାଧିକ ଛାତ୍ର ଖରା ଛୁଟିରେ କୋଇଲାଖଣିରେ ଯାଇ କାମ କରିବା ପାଇଁ ସ୍ୱେଚ୍ଛାରେ ବାହାରି ପଡ଼ିଲେ । ଛୁଟିରେ ଅସଂଖ୍ୟ ଛାତ୍ର ଗାଁ'ଗହଳକୁ ଯାଇ କୃଷକମାନଙ୍କୁ ସାହାଯ୍ୟ କରିଥାନ୍ତି । ଦିନସାରା ସେମାନଙ୍କ ସାଙ୍ଗରେ କାମ କରି ସନ୍ଧ୍ୟାରେ ଗୀତନୃତ୍ୟ ପ୍ରଭୃତି ନାନା ପ୍ରକାର ଆମୋଦପ୍ରମୋଦରେ ଗାଁ'ଲୋକମାନଙ୍କୁ ଖୁସି କରାଇଥାଆନ୍ତି ।

ଖାଲି ଇଂଲଣ୍ଡରେ ନୁହେଁ, ୟୁରୋପର ଅନ୍ୟାନ୍ୟ ଦେଶରେ ମଧ୍ୟ ଛାତ୍ରଛାତ୍ରୀମାନଙ୍କର ଏ ପ୍ରକାର ସ୍ୱେଚ୍ଛା ସହଯୋଗ ଦେଖାଯାଏ । ପୂର୍ବ ୟୁରୋପରେ ସାମ୍ୟବାଦୀ ଦେଶମାନଙ୍କରେ ଛାତ୍ର ଓ ଯୁବକମାନଙ୍କର ସାମାଜିକ କାର୍ଯ୍ୟରେ ଉତ୍ସାହ କଳ୍ପନାତୀତ । ଯୁଗୋସ୍ଲୋଭିଆ, ବୁଲଗେରିଆ ପ୍ରଭୃତି ଦେଶରେ ଲମ୍ବା ଲମ୍ବା ରେଳରାସ୍ତା ଓ ସଡ଼କସବୁ ଗ୍ରୀଷ୍ମ ଛୁଟି ମଧ୍ୟରେ ଯୁବକମାନଙ୍କ ଦ୍ୱାରା ତିଆରି ହୋଇଛି । ଏଥିଲାଗି ବିଭିନ୍ନ ଦେଶର ଯୁବକମାନେ ଯୋଗ ଦେଇଥାଆନ୍ତି । ଏତେ ବେଶୀ ଦରଖାସ୍ତ ପଡ଼େ ଯେ ସେଥିଲାଗି କେତେକଙ୍କୁ ବାଛିବା ଦରକାର ପଡ଼େ । ବିଭିନ୍ନ ଦେଶର ହଜାର ହଜାର ଯୁବକ-ଯୁବତୀ ଏକାଠି ହସିଖେଳି ଗୀତ ଗାଇ କାୟିକ ପରିଶ୍ରମ କରି ରାସ୍ତା ତିଆରି କରିବାରେ ଲାଗିଥାଆନ୍ତି । ଦୁଇ-ତିନି ମାସରେ ଚମତ୍କାର ରାସ୍ତା, ରେଳଲାଇନ୍, ସ୍କୁଲ ଓ କ୍ଲବ ଘର ପ୍ରଭୃତି ଖୁବ୍ କମ୍ ଖର୍ଚ୍ଚରେ ତିଆରି ହୋଇଥାଏ । ବିଭିନ୍ନ ଦେଶର ଯୁବକମାନେ ପରସ୍ପରକୁ ଜାଣିବାର ସୁବିଧା ପାଆନ୍ତି । କାମ ହେଉଥିବା ଦେଶର ଐତିହାସିକ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତି । ସେମାନଙ୍କର ଅର୍ଥନୈତିକ ଓ ସାମାଜିକ ସମ୍ପର୍କ ବିଷୟରେ ପ୍ରକୃତ ଶିକ୍ଷା ଲାଭ କରନ୍ତି । ଅଥଚ ନିଜକୁ ବେଶୀ କିଛି ପଇସା ଖର୍ଚ୍ଚ କରିବାକୁ ପଡ଼େ ନାହିଁ । ବାସ୍ତବିକ ଛୁଟି କଟାଇବାର କି ଚମତ୍କାର ପ୍ରଣାଳୀ ! ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଏଠାରେ ବିଭିନ୍ନ ଦେଶର ବଡ଼ ବଡ଼ ପଣ୍ଡିତମାନେ ଆସି ବକ୍ତୃତା ଦେଇଥାଆନ୍ତି ।

ଯୁଗୋସ୍ଲୋଭିଆରେ ଏପରି ଗୋଟିଏ କର୍ମଶାଳାରେ ଯୋଗଦେଇ ମୁଁ ବହୁତ ଉପକୃତ ହୋଇଥିଲି । ଜୀବନସାରା ଏହି ଆନନ୍ଦଦାୟକ ଅନୁଭୂତି ଜାଗରୂକ ରହିଥିବ । ଅବଶ୍ୟ ଛାତ୍ର ତଥା ଜନସାଧାରଣଙ୍କର କାୟିକ ପରିଶ୍ରମରେ ଲଜ୍ଜାବୋଧ ନଥିବାରୁ ଓ ଏହାର ଉପଯୁକ୍ତ ମର୍ଯ୍ୟାଦା ଏମାନେ ସ୍ୱୀକାର କରୁଥିବାରୁ ଏ ପ୍ରକାର ସହଯୋଗ ସମ୍ଭବ ହୋଇପାରେ । ଆମ ଦେଶର ବିଭିନ୍ନ ପ୍ରକାର ସାମାଜିକ ଶ୍ରେଣୀ ବିଭାଗ ଯୋଗୁଁ ଦଳେ କାୟିକ ପରିଶ୍ରମ କରିବା ପାଇଁ ଜନ୍ମ ହୋଇଥାଆନ୍ତି ଓ ଆଉ ଦଳେ ବସି ସେମାନଙ୍କର ସ୍ୱେଦୋପାର୍ଜିତ ଫଳ ଭୋଗ କରନ୍ତି ଓ ଯେଉଁମାନଙ୍କର ପରିଶ୍ରମର ରକ୍ତରେ ଟିଙ୍କ ପରି ଫୁଲି ରହିଥାଆନ୍ତି, ସେହିମାନଙ୍କୁ ଘୃଣା ଓ ସେମାନଙ୍କର ପରିଶ୍ରମକୁ ହେୟ ମନେକରନ୍ତି । ତେଣୁ ଏ ପ୍ରକାର ସହଯୋଗ ଆମ୍ଭମାନଙ୍କର କଳ୍ପନାତୀତ ।

ସ୍ନିଗ୍ଧ ଓ ଶାନ୍ତିଦାୟକ କାୟିକ ପରିଶ୍ରମର କୋମଳତା ଓ ବାହାର ଜଗତର ସଂସ୍ପର୍ଶ ଅଭାବରୁ ଆମମାନଙ୍କର ଯୁବକମାନେ ବିଶ୍ୱନିନ୍ଦୁକ ଓ ଶୂନ୍ୟବାଦୀ ହୋଇ ପଡ଼ିଛନ୍ତି । ମାନବ ଜାତିର ଉନ୍ନତି— ଆନ୍ତର୍ଜାତିକ ଶାନ୍ତି ଓ ସହଯୋଗରେ ସେମାନଙ୍କର କୌଣସି ବିଶ୍ୱାସ କିମ୍ବା ଉତ୍ସାହ ଥିଲା ପରି ମନେହୁଏ ନାହିଁ । ମନର ଅବସାଦ ଘୁଞ୍ଚାଇବା ଛୁଟିର ଉଦ୍ଦେଶ୍ୟ ହେଲେ ହେଁ ଛାତ୍ରମାନେ ଆଳସ୍ୟର ଜଡ଼ତାରେ ବରଂ ଆହୁରି ବେଶି କ୍ଲାନ୍ତ ହୋଇ ଶିକ୍ଷାକ୍ଷେତ୍ରକୁ ଫେରି ଆସନ୍ତି । କିନ୍ତୁ ସେ ଦେଶର ଛାତ୍ରମାନେ ଛୁଟି ପରେ କଲେଜକୁ ଫେରି ସେମାନଙ୍କର ଅଭିଜ୍ଞତା ସବୁ ବିଶଦ ଭାବରେ ବର୍ଣ୍ଣନା କରି ଆନନ୍ଦ ପାଇଥାନ୍ତି ! ନବ ଉତ୍ସାହ ଓ ନବ ପ୍ରେରଣାରେ ସେମାନେ ଆହୁରି ଅନୁପ୍ରାଣିତ ହୋଇ ଫେରିଆସନ୍ତି । କାରଣ ମନୁଷ୍ୟର ସର୍ବପ୍ରକାର ସନ୍ତୋଷ ଓ ସର୍ବବିଧ ବିକାଶ ଲାଗି ମାନସିକ ପରିଶ୍ରମ ଯଥେଷ୍ଟ ନୁହେଁ । ଶାରୀରିକ ଶ୍ରମ ମାନସିକ ପରିଶ୍ରମର ପରିପୂରକ ।

Digitized by PPRACHIN, SOA

ଏମାନଙ୍କର ଏ ପ୍ରକାର ସାମାଜିକ କାର୍ଯ୍ୟପନ୍ଥା ଛଡ଼ା କଲେଜ ଭିତରେ ମଧ୍ୟ ନାନା ପ୍ରକାରର କାର୍ଯ୍ୟକଳାପ ଦେଖାଯାଏ । ବିଭିନ୍ନ ପ୍ରକାର ସମିତିର କାର୍ଯ୍ୟନିର୍ଘଣ୍ଟ ସଙ୍ଗେ ସଙ୍ଗେ ଥିଏଟର, ନାଚ, ଗୀତ, ଚା' ଭୋଜି ପ୍ରଭୃତି ଅନେକ ରକମର ଆମୋଦକର ଉଦ୍ୟୋଗରେ ଏମାନେ ଖୁବ୍ ଉତ୍ସାହର ସହିତ ଯୋଗ ଦେଇଥାଆନ୍ତି । ଛାତ୍ରମାନେ ସବୁ ନିଜେ ନିଜେ କରନ୍ତି । ଆମ କଲେଜର ପ୍ରତ୍ୟେକ କଥାରେ ପ୍ରଫେସରମାନଙ୍କୁ ନିଯୁକ୍ତ କଲା ପରି ଏ ଦେଶରେ ପ୍ରଫେସରମାନେ ଏସବୁ କାର୍ଯ୍ୟରେ ନିଯୁକ୍ତ ହୁଅନ୍ତି ନାହିଁ । ବର୍ଷସାରା କିଛି ନା କିଛି ଲାଗି ରହିଥାଏ, ଅଥଚ ପଢ଼ାପଢ଼ି ଠିକ୍ ନିୟମିତ ଭାବରେ ହେଉଥାଏ । ମୁଁ ଅନେକ ଛାତ୍ର ଦେଖିଛି, ଯେଉଁମାନେ ପଢ଼ାପଢ଼ିରେ ଯେପରି ଭଲ ଏସବୁ କାର୍ଯ୍ୟରେ ମଧ୍ୟ ସେପରି ନିପୁଣ । ଆମ ଦେଶ ଛାତ୍ରମାନଙ୍କ ମଧ୍ୟରେ ଯେପରି ମସ୍ତବଡ଼ ଗୋଟାଏ ବ୍ୟବଧାନ ରହିଯାଇଛି ଏ ଦୁଇ କ୍ଷେତ୍ରରେ । ଯେ ଭଲ ପଢ଼େ ସେ ରୁଗ୍ଣ, କୁଜା ଓ ଅଧାଅଧି ଅନ୍ଧ । କହିପାରେ ନାହିଁ ଗତ ପୃଥିବୀ ଯୁଦ୍ଧ କାହା କାହା ମଧ୍ୟରେ ହୋଇଥିଲା । କିନ୍ତୁ ଯେ ଖେଳାଳି କିମ୍ବା ଦୁଇ ଚାରିଟା ସମିତିର ସମ୍ପାଦକ ସେ ବହି ବିଷୟରେ ଧାର ଧାରେ ନାହିଁ ।

ଛାତ୍ରମାନଙ୍କ ବିଷୟରେ କହିବାକୁ ଯାଇ ଛାତ୍ର ଓ ଶିକ୍ଷକ ସମ୍ପର୍କ ବିଷୟରେ ପଦେ ନ କହିଲେ ଆଲୋଚନା ଅପୂର୍ଣ୍ଣ ରହିଯିବ । ଏହା ଆମ ଦେଶରେ ଗୋଟିଏ ପ୍ରଧାନ ଜଟିଳ ସମସ୍ୟା । ସେଠାରେ ଛାତ୍ର ଓ ଶିକ୍ଷକଙ୍କ ମଧ୍ୟରେ ଖୁବ୍ ମଧୁର ସମ୍ପର୍କ ଦେଖାଯାଏ । ସେମାନେ ପରସ୍ପରକୁ ବନ୍ଧୁ ପରି ଦେଖିଥାଆନ୍ତି । ସେମାନଙ୍କ ଭିତରେ କୌଣସି ପ୍ରକାର କୃତ୍ରିମ ବ୍ୟବଧାନ ନଥାଏ । ଆମ ଦେଶରେ ଯେପରି ଗୋଟାଏ ତିକ୍ତ ଶାସକ ଶାସିତ ଭାବ ରହିଛି, ସେ ଦେଶରେ ଏହା ସମ୍ପୂର୍ଣ୍ଣ ଅସମ୍ଭବ । ତା'ର କାରଣ ହେଉଛି, ଛାତ୍ରମାନଙ୍କୁ ପ୍ରଫେସରମାନେ ପୁରାପୁରି ସ୍ୱାଧୀନତା ଦେଇଥାଆନ୍ତି । ସେମାନେ ନିଜ ନିଜ କାମ ନିଜେ ଚଳାନ୍ତି । ସାମାଜିକ ଜୀବନରେ ଶାସକ ଦଳଭୁକ୍ତ ହୋଇ ଛାତ୍ରମାନଙ୍କୁ ଶାସନ କରିବାକୁ ଚେଷ୍ଟା କରନ୍ତି ନାହିଁ । ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତା ଏତେ ବେଶୀ ତୀବ୍ର ଭାବରେ ନଥିବାରୁ ଛାତ୍ରମାନେ କେବେ ଧର୍ମଘଟର ଆଶ୍ରୟ ନିଅନ୍ତି ନାହିଁ; ତେଣୁ ଶିକ୍ଷା କ୍ଷେତ୍ରରେ ପରସ୍ପର ଭିତରେ ସହଯୋଗ ଓ ସାଧାରଣ କ୍ଷେତ୍ରରେ ସୌହାର୍ଦ୍ଦ୍ୟ ଥାଏ । ଆମ ଦେଶରେ କଲେଜ ଶିକ୍ଷକମାନଙ୍କୁ ଗୋଇନ୍ଦା ଓ ପୋଲିସ୍ ପରି ଛାତ୍ରମାନଙ୍କ ଉପରେ ଆଖି ରଖି ସରକାରଙ୍କୁ ଜଣାଇବା ପାଇଁ କୁହାଯାଏ ଓ ଶିକ୍ଷକମାନେ କଚେରୀରେ ଛାତ୍ରମାନଙ୍କ ବିରୁଦ୍ଧରେ ସାକ୍ଷୀ ରୂପେ ଠିଆ ହୁଅନ୍ତି । ସରକାରଙ୍କ ବିଶେଷ ପ୍ରିୟପାତ୍ର ହେବା ହିଁ ଜୀବନର ମୁଖ୍ୟ କାମ୍ୟ ବୋଲି ମନେକରନ୍ତି । ତେବେ ଛାତ୍ରମାନେ କିପରି ଶିକ୍ଷକମାନଙ୍କୁ ବନ୍ଧୁଭାବେ ଦେଖିପାରିବେ ଓ ଶିକ୍ଷକମାନେ ବା କିପରି ଉଭୟ କାର୍ଯ୍ୟ ତୁଲାଇପାରିବେ ? ଯେଉଁ ଶିକ୍ଷକମାନେ ଉପରିସ୍ଥ ହାକିମମାନଙ୍କୁ ତୋଷାମଦ କରି ରଖିପାରନ୍ତି, ସେମାନଙ୍କର ଉତ୍ତରୋତ୍ତର ଉନ୍ନତି ହୁଏ । ବରଂ ଯେଉଁମାନେ ଛାତ୍ରମାନଙ୍କର ପ୍ରିୟ, ସେହିମାନଙ୍କ ଉପରେ ସରକାରଙ୍କ କୋପଦୃଷ୍ଟି ପଡ଼ିବାର ସମ୍ଭାବନା ଥାଏ । ଏ ଦୁଇ ଦଳର ସ୍ୱାର୍ଥ ଯେପରି ପରସ୍ପର ବିରୋଧୀ । ତେଣୁ ଅନେକେ ପଢ଼ାପଢ଼ି ବା ଗବେଷଣାରେ ମନ ନ ଦେଇ ଚାକିରି ଦିଗରେ ଉନ୍ନତି କରିବାର ସହଜସାଧ୍ୟ ପନ୍ଥା ଅବଲମ୍ବନ କରିଥାଆନ୍ତି । ଇଂଲଣ୍ଡରେ ପ୍ରଫେସର ଚାକିରି ଅନ୍ୟସବୁ ଚାକିରିଠାରୁ ବେଶୀ ସମ୍ମାନାସ୍ପଦ; କିନ୍ତୁ ଆମ ଦେଶରେ ପୋଲିସ୍ ଓ ମାଜିଷ୍ଟ୍ରେଟ ଅନ୍ୟ ସମସ୍ତଙ୍କଠାରୁ ଶକ୍ତିଶାଳୀ ଓ ସରକାରଙ୍କ ଦ୍ୱାରା ଆଦୃତ ହୋଇଥିବାରୁ ଅଧିକାଂଶ ଶିକ୍ଷକ ସେମାନଙ୍କୁ ଈର୍ଷା କରିଥାଆନ୍ତି ଓ ଅଜ୍ଞାତସାରରେ ସେମାନଙ୍କୁ ଅନୁକରଣ ମଧ୍ୟ କରନ୍ତି । ଆମ ଦେଶର ବର୍ତ୍ତମାନ ପରିସ୍ଥିତିରେ ଦେଶର ଶିକ୍ଷକ ଓ ଛାତ୍ରମାନଙ୍କ ପକ୍ଷରେ ମୌଳିକ ଗବେଷଣା ଓ ଜ୍ଞାନ ଚର୍ଚ୍ଚାରେ ଜୀବନଯାପନ ନିଷ୍ଠା ସମ୍ଭବ ନୁହେଁ । ତାହାର କାରଣ ପ୍ରତ୍ୟେକ ଶିକ୍ଷାବିତ୍ ଜାଣନ୍ତି । ଯେତେଦିନ ପର୍ଯ୍ୟନ୍ତ ଏ ପ୍ରକାର ଅବସ୍ଥା ନ ବଦଳିଛି, ଛାତ୍ର-ଶିକ୍ଷକ ସମ୍ପର୍କ ତଥା ଜାତିର ବହୁମୂଲ୍ୟ ଶିକ୍ଷାର ଉନ୍ନତି ଅସମ୍ଭବ । ବହୁ ଶିକ୍ଷକ ସରକାରୀ ଚାକିରିଆ ହେବାକୁ ପସନ୍ଦ କରନ୍ତି ଏବଂ ଅଧିକାଂଶ ଶିକ୍ଷକ ସଂଘର ଏହା ମୌଳିକ ଲକ୍ଷ୍ୟ ।

■■■

Digitized by PPRACHIN, SOA

ଚଉଦ

ନାରୀ ଶିକ୍ଷା ସ୍ୱାଧୀନତା- କର୍ମକୁଶଳତା

ମାନବ ସମାଜରେ ଯଦି ଅର୍ଦ୍ଧେକ ନାରୀ ଓ ଅର୍ଦ୍ଧେକ ପୁରୁଷ, ତା' ହେଲେ ସମାଜର ସର୍ବାଙ୍ଗୀଣ ଉନ୍ନତି ଉଭୟଙ୍କର ଶିକ୍ଷା, ସ୍ୱାଧୀନତା ଉପରେ ନିର୍ଭର କରେ । ଯେଉଁ ସଭ୍ୟତାରେ ମାତୃଜାତିର ସ୍ୱାଧୀନତା ଓ ଅବଦାନ ନାହିଁ, ସେ ସଭ୍ୟତାର ମୂଲ୍ୟ ବଡ଼ କମ୍ ଏବଂ ତାହା ଖୁବ୍ କ୍ଷଣସ୍ଥାୟୀ । ତେଣୁ ଅତି ପୁରାତନ କାଳରୁ ସ୍ୱାଧୀନଚେତା ମନୀଷୀମାନେ ନାରୀ ସ୍ୱାଧୀନତା ଓ ନାରୀଶିକ୍ଷା ଉପରେ ବହୁତ ଗୁରୁତ୍ୱ ଦେଇ ଆସିଛନ୍ତି ଏବଂ ବର୍ତ୍ତମାନ ଯୁଗର ପ୍ରଗତିଶୀଳ ରାଜନୀତିକ ଦଳ ସବୁ ବିନା ସର୍ତ୍ତରେ ତାହା ଗ୍ରହଣ କରୁଛନ୍ତି । ଦେଶର ଅର୍ଦ୍ଧାଂଶ ନାରୀ ଓ ଅନ୍ୟ ଏକ-ଚତୁର୍ଥାଂଶ ବାଳକ ଓ ବୃଦ୍ଧ ଯଦି ଅକର୍ମଣ୍ୟ ଓ ପରନିର୍ଭରଶୀଳ ହୁଅନ୍ତି, ତାହେଲେ ପ୍ରତ୍ୟେକ କାର୍ଯ୍ୟକ୍ଷମ ପୁରୁଷକୁ ନିଜ ଛଡ଼ା ଆଉ ତିନିଜଣଙ୍କର ସମସ୍ତ ଭାର ନେବାକୁ ହେବ । ଆମ ଦେଶର ଅବସ୍ଥା ଯାହା, ସେଥିରେ ଏହା ବୁଝିବାକୁ କଷ୍ଟ ହେବ ନାହିଁ । ଜଣେ ଲୋକ ଯେ ଖାଲି ଉପାର୍ଜନ କରେ ତା ନୁହେଁ, ଘରର ଅନ୍ୟାନ୍ୟ ସବୁ ଖବର ମଧ ତାକୁ ବୁଝିବାକୁ ପଡ଼େ । ସାରାଦିନର ଅକ୍ଳାନ୍ତ ପରିଶ୍ରମ ପରେ ଘରକୁ ସନ୍ଧ୍ୟାବେଳେ ଫେରିଆସିଲା ପରେ ମଧ ଶାନ୍ତି ନଥାଏ । ଘରେ କାହାର ଦେହ ଖରାପ ହୋଇଛି ତ ଡାକ୍ତର ଡାକିବାକୁ ହେବ—ଔଷଧ ଆଣିବାକୁ ହେବ—ବଜାରକୁ ଯାଇ ପରିବା କିଣିବା ଦରକାର, ତା'ଛଡ଼ାନିଜ ଛୁଆପିଲାଙ୍କର ଶିକ୍ଷା ବିଷୟରେ ମଧ ଦୃଷ୍ଟି ଦେବାକୁ ହେବ । ପର୍ଦ୍ଦା ଯୋଗୁଁ ସ୍ତ୍ରୀର ବାହାରକୁ ଯିବାର ଉପାୟ ନାହିଁ, ଶିକ୍ଷା ଅଭାବରୁ ପିଲାମାନଙ୍କର ସମସ୍ତ ଭାର ନେବାର କ୍ଷମତା ତା'ର ନାହିଁ । ତେଣୁ ବିଚରା ଗୃହକର୍ତ୍ତାଙ୍କୁ ସବୁ କରିବାକୁ ହୁଏ ଓ ଏଥିଲାଗି ଅଧିକାଂଶ ସମୟରେ ପରସ୍ପର ଭିତରେ ସଂଘର୍ଷ ଦେଖା ଦେଇଥାଏ—ପିଲାମାନଙ୍କର କୋମଳ ପ୍ରାଣରେ ଏ ପ୍ରକାର ଦ୍ୱନ୍ଦ୍ୱ ଖୁବ୍ ଖରାପ ପ୍ରଭାବ ପକାଇଥାଏ—ସେମାନେ ବଡ଼ ହେଲେ ଠିକ୍ ସେହିପରି ବ୍ୟବହାର କରିଥାଆନ୍ତି ।

ନିମ୍ନ ଶ୍ରେଣୀର ସ୍ତ୍ରୀ ଲୋକମାନେ ବାହାରକୁ ଯାଇ କାମ କଲେ ସୁଦ୍ଧା ସେମାନଙ୍କର ନାଗରିକ ସ୍ୱାଧୀନତା ଖୁବ୍ କମ୍ । ଖାଲି ସେତିକି ନୁହେଁ, ଶିକ୍ଷା ଓ ସ୍ୱାଧୀନତା ଅଭାବରୁ ସ୍ତ୍ରୀ ଲୋକମାନଙ୍କର କୌଣସି ପ୍ରକାର ମାନସିକ ବିକାଶ କିମ୍ବା ଶାରୀରିକ ଉନ୍ନତି ହୁଏ ନାହିଁ । ମଣିଷ ମନ ଜାଗ୍ରତ ଅବସ୍ଥାରେ ସର୍ବଦା ସକ୍ରିୟ; ସବୁବେଳେ କିଛି ନା କିଛି ଗୋଟାଏ ବିଷୟ ନେଇ ମୁଣ୍ଡ ଘୂରାଇବାକୁ ହୁଏ । ବାହାର ଜଗତର ସମ୍ପର୍କ ଅଭାବରୁ ସେମାନଙ୍କ ଭାବନାର ପରିସର କ୍ଷୁଦ୍ର ବୃତ୍ତ ମଧ୍ୟରେ ଖାଲି ଘୂରି ବୁଲୁଥାଏ । ତଦ୍ୱାରା ସେମାନେ ସବୁବେଳେ ସେହି କେତୋଟି କଥା କହିଥାନ୍ତି ଓ କଳହପ୍ରିୟ ହୋଇପଡ଼ନ୍ତି । ତା ସଙ୍ଗେ ସଙ୍ଗେ ଶାରୀରିକ ଦୁର୍ବଳତା ମଧ ଦେଖା ଦେଇଥାଏ । ପୁଷ୍ଟିକାରକ ଖାଦ୍ୟ ତଥା ବାହାରର ମୁକ୍ତବାୟୁ ସେବନ ଅଭାବରୁ ସେମାନଙ୍କର ରୋଗ ପ୍ରତିରୋଧ କରିବାର ଶକ୍ତି କମିଯାଏ । ତେଣୁ ଆମ ଦେଶରେ ଏତେ ବେଶୀ ସୂତିକାମୃତ୍ୟୁ ଘଟିଥାଏ । ଇଂଲଣ୍ଡରେ

Digitized by PPRACHIN, SOA

ନବପ୍ରସୂତ ଶିଶୁ ମୃତ୍ୟୁ ହଜାରରୁ ପଚାଶ ହେଲେ ଆମ ଦେଶରେ ୧୬୭ । କ୍ରମେ କ୍ରମେ ଏ ପ୍ରକାର ମୃତ୍ୟୁ ସେ ଦେଶରେ କମିଆସୁଥିବା ସ୍ଥଳେ ଆମ ଦେଶରେ ପ୍ରାୟ ସେହିପରି ଅବସ୍ଥାରେ ରହିଛି । ଆର୍ଥିକ ଅନଟନ ଏହାର ଗୋଟିଏ ପ୍ରଧାନ କାରଣ ହେଲେ ହେଁ ଶିକ୍ଷାର ଅଭାବ କମ୍ ଦାୟୀ ନୁହେଁ । ଯେଉଁମାନେ ବଞ୍ଚନ୍ତି, ସେମାନଙ୍କର ନାଗରିକ ଶିକ୍ଷା ଠିକ୍ ଭାବେ ହୋଇପାରେ ନାହିଁ । ମା' ପିଲାକୁ ଯେପରି ଭାବରେ ଶିକ୍ଷା ଦେଇପାରିବ, ହଜାରେ ଘରୋଇ ଶିକ୍ଷକ ସେପରି ଶିକ୍ଷା ଦେଇପାରିବେ ନାହିଁ । ତେଣୁ ବର୍ତ୍ତମାନ ଯୁଗରେ କେତେଜଣ ରକ୍ଷଣଶୀଳ ଲୋକଙ୍କୁ ଛାଡ଼ିଦେଲେ ଆଉ ସମସ୍ତେ ଏ ବିଷୟରେ ତତ୍ପର ବୋଲି ମନେହୁଏ ।

ଇଂଲଣ୍ଡର ନାରୀମାନଙ୍କଠାରୁ ଅନେକ ଶିଖିବାର ଅଛି । ସେମାନେ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ପୁରୁଷ ସହିତ ବର୍ତ୍ତମାନ ପର୍ଯ୍ୟନ୍ତ ସମାନସ୍କନ୍ଧ ହୋଇ ପାରି ନଥିଲେ ସୁଦ୍ଧା ସାମାଜିକ କ୍ଷେତ୍ରରେ ଅନେକ ଆଗେଇ ପାରିଛନ୍ତି । ଇଂଲଣ୍ଡ ଶହ ଶହ ବର୍ଷ ଧରି ଗଣତାନ୍ତ୍ରିକ ଦେଶ ବୋଲି ଗର୍ବ କରି କହୁଥିଲେ ସୁଦ୍ଧା ୧୯୨୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସ୍ତ୍ରୀମାନଙ୍କୁ ଭୋଟ କ୍ଷମତା ଦେଇ ନଥିଲା । ପ୍ରଥମ ମହାଯୁଦ୍ଧ ପୂର୍ବେ ଓ ପରେ ସେମାନେ ଏଥିଲାଗି ଯେତେବେଳେ ଖୁବ୍ ଆନ୍ଦୋଳନ କରିଥିଲେ, ସେତେବେଳକାର ସରକାର ବଳପ୍ରୟୋଗପୂର୍ବକ ତାହା ଦବାଇବାକୁ ଚେଷ୍ଟା କରିଥିଲେ । ଅନେକେ ଥଟ୍ଟା କରୁଥିଲେ—ଆଜି ସ୍ତ୍ରୀ ଲୋକମାନଙ୍କୁ ଭୋଟ କ୍ଷମତା ଦେଲେ କାଲି ବିରାଡ଼ି କୁକୁରମାନଙ୍କୁ ମଧ୍ୟ ଭୋଟ କ୍ଷମତା ଦେବାକୁ ପଡ଼ିବ । ତଥାପି ଅକ୍ଳାନ୍ତ ପରିଶ୍ରମ ଓ ବିରାଟ ଆନ୍ଦୋଳନ ଫଳରେ ସେମାନେ କ୍ଷମତା ପାଇଲେ । କିନ୍ତୁ ବର୍ତ୍ତମାନ ସୁଦ୍ଧା ଇଂଲଣ୍ଡରେ ସେମାନେ ଅନ୍ୟାନ୍ୟ ସାମ୍ୟବାଦୀ ଦେଶ ତୁଳନାରେ କମ୍ କ୍ଷମତା ପାଇଛନ୍ତି । ବର୍ତ୍ତମାନର ମନ୍ତ୍ରିମଣ୍ଡଳରେ କେହି ଜଣେ ହେଲେ ନାରୀ ମନ୍ତ୍ରୀ ନାହାନ୍ତି—କୌଣସି ଉଚ୍ଚପଦ ସରକାରୀ ଚାକିରିରେ କିମ୍ବା ବାହାର ରାଜ୍ୟରେ ରାଜଦୂତ ରୂପେ କେହି ନାହାନ୍ତି । କଳ କାରଖାନାମାନଙ୍କରେ ଅନେକ ସ୍ତ୍ରୀଲୋକ କାମ କରୁଥିଲେ ସୁଦ୍ଧା ପୁରୁଷମାନଙ୍କଠାରୁ କମ୍ ମଜୁରି ପାଆନ୍ତି । ମୁଁ କେତେକ କାରଖାନା ପରିଚାଳକଙ୍କୁ ପଚାରି ବୁଝିଛି ଯେ ସେମାନେ ଅନେକ ସମୟରେ ପୁରୁଷଠାରୁ ବେଶୀ କାମ କରିଥାଆନ୍ତି । କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପୁରୁଷମାନେ ସ୍ତ୍ରୀମାନଙ୍କ ପରି କାମ କରିପାରିବେ ନାହିଁ—ତଥାପି ସେମାନେ ପୁରୁଷଙ୍କ ଅନୁପାତରେ କମ୍ ପାଇଥାନ୍ତି । ଅକ୍ସଫୋର୍ଡ଼ ଓ କେମ୍ବ୍ରିଜ୍‌ରେ ସେମାନେ ପରୀକ୍ଷାରେ ପ୍ରଥମ ହେଲେ ମଧ୍ୟ ପୁରୁଷ ଛାତ୍ରମାନଙ୍କ ପରି ସମସ୍ତ ସୁବିଧା ପାଆନ୍ତି ନାହିଁ ।

ତେବେ ଏ ପ୍ରକାର ଅନେକ ଅସୁବିଧା ଭୋଗ କରୁଥିଲେ ସୁଦ୍ଧା ସାଧାରଣ ନାରୀମାନଙ୍କର ସାମାଜିକ ଓ ନାଗରିକ ଚରିତ୍ର ଗଠନରେ ପ୍ରଭୂତ ଦାନ ଅଛି । ଅତି ଉଚ୍ଚସ୍ତରର ରାଜନୈତିକ କ୍ଷେତ୍ର ଛାଡ଼ିଦେଲେ ଅନ୍ୟାନ୍ୟ ସମସ୍ତ ଦିଗରେ ସେମାନେ ପୁରୁଷମାନଙ୍କ ପରି ସବୁପ୍ରକାର କାମ କରି ନିଜ ଜୀବିକା ଉପାର୍ଜନ କରିପାରନ୍ତି । ସେଥିଲାଗି ଅନେକ ଦିନ ପର୍ଯ୍ୟନ୍ତ ବିବାହ ନ କରି ମଧ୍ୟ ରହିପାରନ୍ତି । ସ୍କୁଲ କଲେଜରେ ସମାନ ଅଧିକାର ପାଇଥାଆନ୍ତି ଏବଂ ପୁଅମାନଙ୍କ ସହିତ ସ୍ୱାଧୀନ ଭାବରେ ମିଶିପାରନ୍ତି । ଆମ ଦେଶରେ ଯେପରି ସ୍କୁଲ କଲେଜମାନଙ୍କରେ ଅଲଗା ସ୍ଥାନରେ ଅସ୍ପୃଶ୍ୟା ହିସାବରେ ସେମାନେ ବସିଥାଆନ୍ତି ଓ ଟିକିଏ କଥାରେ ଅପମାନିତ ବୋଧ କରନ୍ତି, ତାହା ଏଠାରେ ନାହିଁ । ପୁରୁଷ ସ୍ତ୍ରୀ ସମସ୍ତେ ଏକାଠି ବସନ୍ତି—ଏକାଠି ଖାଆନ୍ତି—ମୁକ୍ତ ଭାବରେ ସମସ୍ତ ପ୍ରକାର ଆଲୋଚନାରେ ଯୋଗ ଦିଅନ୍ତି । ସମାନ ସମ୍ପର୍କ ଯୋଗୁଁ ଅଯଥା ଆତ୍ମଶ୍ଳାଘାର ବଶବର୍ତ୍ତୀ ହୋଇ ସାମାନ୍ୟ କଥାରେ ଅପମାନିତ ବୋଧ କରନ୍ତି ନାହିଁ କି ପ୍ରିନ୍‌ସିପାଲ ଆଗରେ ବୃଥା ଆପତ୍ତି ଅଭିଯୋଗ କରନ୍ତି ନାହିଁ । ପୁଅମାନେ ମଧ୍ୟ ଅଯଥା କୌତୂହଳର ବଶବର୍ତ୍ତୀ ହୋଇ ଟିକିଏ ଥଟ୍ଟା କରିଦେବା ପାଇଁ ସୁଯୋଗ ଖୋଜିବସନ୍ତି ନାହିଁ । ପରସ୍ପର ଭିତରେ ଚମତ୍କାର ସଦ୍‌ଭାବ ଦେଖାଯାଏ ।

Digitized by PPRACHIN, SOA

ଅନେକେ ହୁଏତ ପଢ଼ିବା ଅବସ୍ଥାରେ ପ୍ରେମରେ ପଡ଼ିଥାଆନ୍ତି ଓ ବିବାହ ମଧ୍ୟ କରନ୍ତି—ଏହା ଅଯଥା ଇଜ୍ଜା ଓ ନିନ୍ଦାର ସାମଗ୍ରୀ ହୋଇଉଠେ ନାହିଁ କି ସେମାନଙ୍କ ପଛରେ ଅନ୍ୟମାନେ ଫୁସ୍‌ଫୁସ୍ ହୁଅନ୍ତି ନାହିଁ । ଏକାଠି ମୁକ୍ତ ଭାବରେ ମିଶିବାକୁ ପରସ୍ପର ପରସ୍ପରକୁ ଜାଣିବାର ସୁବିଧା ପାଆନ୍ତି ଓ ଉପଯୁକ୍ତ ଶିକ୍ଷା ପାଇବାରୁ ଉଭୟଙ୍କର ମାନସିକ ବିକାଶ ହୁଏ । ଅର୍ଥନୈତିକ ସ୍ୱାଧୀନତା ଓ ଉଚ୍ଚଶିକ୍ଷାର ସୁବିଧା ଯୋଗୁଁ ଅନେକେ ଡେରିରେ ନିଜ ଇଚ୍ଛାନୁସାରେ ପାତ୍ର ଖୋଜି ବିବାହ କରନ୍ତି । ତଦ୍ୱାରା ଅଳ୍ପ ବୟସରେ ସନ୍ତାନ ପ୍ରସବ ଯୋଗୁଁ ଅଯଥା ସ୍ୱାସ୍ଥ୍ୟହାନି ଘଟେ ନାହିଁ ଏବଂ ସେମାନଙ୍କର ପିଲାପିଲି ସଂଖ୍ୟା ମଧ୍ୟ ଖୁବ୍ ବେଶୀ ବଢ଼ିପାରେ ନାହିଁ ।

ଗୃହକର୍ତ୍ତ୍ରୀ ହିସାବରେ ସେମାନେ ଅନେକ କାମ କରିଥାଆନ୍ତି । ସ୍ୱାମୀମାନେ ସକାଳୁ ଖିଆପିଆ କରି ନିଜ ନିଜ କାର୍ଯ୍ୟକ୍ଷେତ୍ରକୁ ବାହାରି ଯାଆନ୍ତି ଓ ଆସନ୍ତି ସନ୍ଧ୍ୟାବେଳକୁ । ଇତିମଧ୍ୟରେ ଘରର ଯାବତୀୟ କାମ ସ୍ତ୍ରୀ ତୁଲାଇଥାଏ । ସ୍ୱାମୀ ଫେରିଆସିଲା ପରେ ମଧ୍ୟ ପ୍ରାୟ ବିଶେଷ କିଛି ବୁଝେ ନାହିଁ । ସେଠାରେ ଚାକର-ଚାକରାଣୀ ରଖିବା ବ୍ୟୟସାପେକ୍ଷ; ତେଣୁ ଅଧିକାଂଶ ପରିବାର—ପ୍ରାୟ ଶତକଡ଼ା ପଞ୍ଚାନବେ ବିନା ଚାକରାଣୀରେ କାମ ତୁଲାନ୍ତି; ଅର୍ଥାତ୍ ଗୃହକର୍ତ୍ତ୍ରୀମାନେ ଘରର ସବୁ କାମ କରନ୍ତି । ରନ୍ଧାବଢ଼ା, ବଜାର ସଉଦା ଓ ଘର ସଫାଠାରୁ ଆରମ୍ଭ କରି ପିଲାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱାମୀମାନଙ୍କ ପାଇଁ କିଣାବିକା ମଧ୍ୟ କରିଥାଆନ୍ତି । ତେଣୁ ଦୋକାନମାନଙ୍କରେ ସ୍ତ୍ରୀ କିଣାଳୀଙ୍କ ସଂଖ୍ୟା ବହୁତ ବେଶୀ । ମାଛ, ମାଂସ, ପରିବା ଓ ଘରକରଣା ଜିନିଷ ଦୋକାନରେ ପୁରୁଷ କିଣାଳୀ ଦେଖିବା ବିରଳ । ପିଲାମାନଙ୍କୁ ହାତ ଗାଡ଼ି (Perambulator) ରେ ବସାଇ, ପରିଷ୍କାର ଜାମା କୋଟ ପିନ୍ଧି ହର୍ଷୋତ୍‌ଫୁଲ୍ଲ ମନରେ ଦୋକାନ ଦୋକାନ ବୁଲି ସଉଦା କରୁଥାଆନ୍ତି । ଏଠି ପ୍ରଶ୍ନ ଉଠିପାରେ ଯେ ଏମାନଙ୍କୁ ଏତେ କାମ କରିବାକୁ କିପରି ସମୟ ମିଳେ ? ଆମ ଦେଶରେ ତ ପରିବା କାଟି ରନ୍ଧାବଢ଼ା କରୁ କରୁ ସମୟ ଚାଲିଯାଏ; ତେଣୁ ବିନା ଚାକର ପୂଝାରୀରେ କିଛି କରି ହୁଏନା ।

ଏମାନଙ୍କର ରନ୍ଧାପ୍ରଣାଳୀ ଖୁବ୍ ସରଳ ଏବଂ ଗ୍ୟାସ୍ ଓ ବିଜୁଳିଶକ୍ତିର ସୁବିଧା ଥିବା ଯୋଗୁଁ କମ୍ ପରିଶ୍ରମରେ ଓ ଅଳ୍ପ ସମୟ ଭିତରେ ରନ୍ଧାକାମ ଶେଷ ହୁଏ । ସକାଳ ଭୋଜନ ପ୍ରସ୍ତୁତ କରିବାରେ ଅଧଘଣ୍ଟାଏ ଲାଗେ—ପ୍ରାୟ ଆଠଟା ନଅଟା ବେଳକୁ ସବୁ ଶେଷ ହୋଇଯାଏ । ତା'ପରେ ମଧ୍ୟାହ୍ନ ଭୋଜନ ସମସ୍ତେ ପ୍ରାୟ ବାହାରେ ଖାଇଥାଆନ୍ତି—ଘରେ ଖାଇଲେ ସୁଦ୍ଧା ଅଧଘଣ୍ଟାଏ ଘଣ୍ଟାଏରୁ ବେଶୀ ଲାଗେ ନାହିଁ—ତା'ଛଡ଼ା ସମସ୍ତେ ଠିକ୍ ସମୟରେ ଖାଇ ବସୁଥିବାରୁ ବଡ଼ ଶୀଘ୍ର ସବୁ କାମ ଶେଷ ହୋଇପାରେ । ଆମ ଦେଶରେ ତ ପିଲାପିଲି ଥିବା ଘରେ ସକାଳୁ ରାତି ୧୨ଟା ପର୍ଯ୍ୟନ୍ତ ରନ୍ଧା ଓ ବଢ଼ାବଢ଼ି ଚାଲିଥାଏ—ଅନ୍ୟାନ୍ୟ କାମ କରିବାକୁ ସମୟ କାହିଁ ? ତେଣୁ ସ୍ତ୍ରୀମାନଙ୍କୁ ଅନ୍ୟାନ୍ୟ ବିଷୟରେ ଶିକ୍ଷା ଦେବାକୁ ହେଲେ ପ୍ରଥମେ ଆମ୍ଭମାନଙ୍କର ରନ୍ଧାବଢ଼ା-ପ୍ରଣାଳୀକୁ ଖୁବ୍ ସରଳ କରିବାକୁ ହେବ ଓ ନିର୍ଦ୍ଦିଷ୍ଟ ସମୟରେ ସମସ୍ତ ଖିଆପିଆ ଶେଷ କରିବାକୁ ହେବ । ତା' ନହେଲେ ସେମାନେ ଅବସର ପାଇବେ ନାହିଁ ଅନ୍ୟ କିଛି କରିବା ଲାଗି । ଗୃହକର୍ତ୍ତ୍ରୀର ଦକ୍ଷତା ସ୍ୱାମୀକୁ ଅନେକ କାମରୁ ଅବ୍ୟାହତି ଦିଏ । ସମସ୍ତେ ଅବସର ପାଆନ୍ତି ଓ ସେହି ସମୟରେ ଯେ ଯାହାର ପ୍ରିୟ ଗବେଷଣାରେ ବା Hobbyରେ ଲାଗିପାରେ ।

ତେଣୁ ସ୍ତ୍ରୀମାନଙ୍କର ସ୍ୱାଧୀନତା ସମାଜର ସମୂହ ହିତସାଧନ କରେ । ଯୁଦ୍ଧ ସମୟରେ ସେଠାକାର ସ୍ତ୍ରୀ ଲୋକମାନେ ଯେପରି କାମ କରିଥିଲେ, ଆମେମାନେ କଳ୍ପନା କରିପାରିବୁ ନାହିଁ । ନିଆଁ ଲିଭାଇବା, ରାସ୍ତା ସଫା କରିବା, ରୋଗୀମାନଙ୍କୁ ଡାକ୍ତରଖାନାକୁ ନେବାଠାରୁ ଆରମ୍ଭ କରି ଯୁଦ୍ଧକ୍ଷେତ୍ର ପର୍ଯ୍ୟନ୍ତ ସମସ୍ତ ପ୍ରକାର କାମ ସ୍ତ୍ରୀ ଲୋକମାନେ କରିପାରୁଥିଲେ । ଆମ ଦେଶ ଏ ପ୍ରକାର ସହଯୋଗ ଅଭାବରୁ ଯେ ନିଶ୍ଚୟ ପରାସ୍ତ ହୋଇଥାଆନ୍ତା, ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

ଅନେକ ବିଖ୍ୟାତ ଗୁପ୍ତଚର କାର୍ଯ୍ୟ ଏମାନେ ଚଳାଇଛନ୍ତି । ୟୁରୋପର ପ୍ରତ୍ୟେକ ଦେଶରେ ଏମାନଙ୍କର ଯୁଦ୍ଧ ସମୟର କାର୍ଯ୍ୟକଳାପ ବଡ଼ ପ୍ରଶଂସନୀୟ । ଆଧୁନିକ ଯୁଗର ଯୁଦ୍ଧ ଦେଶର ସମସ୍ତ ପ୍ରକାର ସାମାଜିକ ଓ ଅର୍ଥନୈତିକ ଜୀବନକୁ ପଙ୍ଗୁ କରିଦେବାକୁ ଚେଷ୍ଟା କରେ । ଏ ପ୍ରକାର ସର୍ବଗ୍ରାସୀ ଯୁଦ୍ଧରେ ଦେଶର ଅର୍ଦ୍ଧେକ ଲୋକସଂଖ୍ୟା ନାରୀ ଯଦି ପୂର୍ଣ୍ଣ ମାତ୍ରାରେ ସାହାଯ୍ୟ ନକରେ, ତେବେ ଯୁଦ୍ଧରେ ଜୟଲାଭ କରିବା ଅସମ୍ଭବ । ଯଦି କୌଣସି ପାଶ୍ଚାତ୍ୟ ଜାତି ବିରୁଦ୍ଧରେ ଆମ ଦେଶ ଯୁଦ୍ଧ କରେ, ତାହେଲେ ଆମ ଦେଶ ଏତେ ବଡ଼ ହେଲେ ସୁଦ୍ଧା ଯେ ହାରିଯିବ, ଏଥିରେ ସନ୍ଦେହ ନାହିଁ । ତେଣୁ ବଞ୍ଚିରହିବା ସଂଗ୍ରାମ ସକାଶେ ସ୍ତ୍ରୀ ଶିକ୍ଷା ଓ ସ୍ତ୍ରୀ ସ୍ୱାଧୀନତା ନିହାତି ପ୍ରୟୋଜନ । ଗତ ମହାଯୁଦ୍ଧରେ ରୁଷିଆରେ ଗୋଟିଏ ଅଞ୍ଚଳ ପୂରାପୂରି ଭାବରେ ପୁରୁଷଶୂନ୍ୟ ହୋଇଯାଇଥିଲେ ସୁଦ୍ଧା ସ୍ତ୍ରୀଲୋକମାନେ ଚାଷକାମଠାରୁ ଆରମ୍ଭ କରି ଯୁଦ୍ଧ କରିବା ପର୍ଯ୍ୟନ୍ତ ସମସ୍ତ କାମ ଚଳାଇ ପାରିଥିଲେ । ରୁଷିଆର ନାରୀ ସ୍ୱାଧୀନତା ଓ ନାରୀଶିକ୍ଷା ଇଂଲଣ୍ଡଠାରୁ ବହୁତ ଉଚ୍ଚରେ ବୋଲି ଅନେକେ କହିଥାଆନ୍ତି । ସେଠାରେ ପ୍ରତ୍ୟେକ କ୍ଷେତ୍ରରେ ସ୍ତ୍ରୀମାନଙ୍କର ପୂର୍ଣ୍ଣ ସ୍ୱାଧୀନତା ରହିଛି । ଅନ୍ୟାନ୍ୟ ସାମ୍ୟବାଦୀ ଦେଶରେ ମଧ୍ୟ ଏ ପ୍ରକାର ଚେଷ୍ଟା ଚାଲିଛି ।

ବର୍ତ୍ତମାନ ପରିସ୍ଥିତିରେ ସ୍ତ୍ରୀ ସ୍ୱାଧୀନତା ଆଲୋଚନା ସଭାର ବସ୍ତୁ ହିସାବରେ ପରିଗଣିତ ହେବାର ଅବକାଶ ନାହିଁ । କୌଣସି ଆଧୁନିକ ଜାତିକୁ ବଞ୍ଚି ରହିବାକୁ ହେଲେ ସମସ୍ତଙ୍କର ସ୍ୱାଧୀନତାକୁ ପୂରାପୂରି ଗ୍ରହଣ କରିବାକୁ ହେବ; ଏହା ଗ୍ରହଣ ନକଲେ ସମାଜ ଭାଙ୍ଗିପଡ଼ିବ, ଲୋପ ପାଇଯିବ । ଏ କ୍ଷେତ୍ରରେ ତ ଆଉ ତୃତୀୟ ପନ୍ଥା ନାହିଁ; ତେଣୁ ବୃଥା ଯୁକ୍ତିତର୍କର ମୂଲ୍ୟ କଅଣ ?

ପରିଶିଷ୍ଟ—୧୯୩୮-୩୯ରେ ବିଶ୍ୱବିଦ୍ୟାଳୟର ମୋଟ ଛାତ୍ରଙ୍କ ସଂଖ୍ୟା ୫୦, ୨୪୬ରୁ ଛାତ୍ରୀଙ୍କ ସଂଖ୍ୟା ୧୧୬୮୯ ଏବଂ ତାହା ବଢ଼ି ୧୯୪୭କୁ ମୋଟ ସଂଖ୍ୟା ୭୬୭୬୪ରୁ ୧୯୨୪୪ ହୋଇଛି ଅର୍ଥାତ୍ ବିଶ୍ୱବିଦ୍ୟାଳୟରେ ଶତକଡ଼ା ୨୬ ହେଉଛନ୍ତି ଝିଅ । ଆଗ ଅପେକ୍ଷା ମାତ୍ର ଶତକଡ଼ା ୩ ବଢ଼ିଛି । ଇଂଲଣ୍ଡ ପରି ସ୍ୱାଧୀନ ଦେଶରେ ଏହା ଯଥେଷ୍ଟ ନୁହେଁ । ପୂରାପୂରି ଅର୍ଥନୈତିକ ସ୍ୱାଧୀନତାର ଅଭାବ ଏହାର କାରଣ ହୋଇପାରେ । ନିମ୍ନଲିଖିତ ହିସାବରୁ ଜଣାଯିବ, କିପରି ବିଭିନ୍ନ ବିଭାଗରେ ସେମାନଙ୍କର ପ୍ରବେଶ ଅଛି ।

	ପୁଅ	ଝିଅ	ଶତକଡ଼ା ଭାଗ
କଳା(Arts Subject)	୨୨୦୩୪	୧୨୧୦୬	୫୪.୮
ବିଜ୍ଞାନ (Pure Science)	୧୧୧୯୩	୩୩୩୨୭	୨୯.୭
ଡାକ୍ତରୀ	୧୨୩୮୯	୩୧୭୫	୨୫.୬
ଇଞ୍ଜିନିଅରିଂ ପ୍ରଭୃତି	୯୮୫୦	୨୯୩	୩.୦
କୃଷିଶିକ୍ଷା	୧୯୯୪	୩୪୩	୧୭.୨
ମୋଟ୍	୫୭୫୨୦	୧୯୨୪୪	୨୬.୦

■■■

Digitized by PPRACHIN, SOA

ପନ୍ଦର

ସାର୍ବଜନୀନ ଓ ଜୀବନବ୍ୟାପୀ ଶିକ୍ଷା

ଯେ କୌଣସି ଗଣତାନ୍ତ୍ରିକ ସରକାରର ପ୍ରଥମ କର୍ତ୍ତବ୍ୟ ହେଉଛି ଯେ, ଦେଶର ସମସ୍ତ ନରନାରୀ ବିଶେଷତଃ ବାଳକବାଳିକାମାନଙ୍କର ଶିକ୍ଷା ଲାଗି ସମସ୍ତ ପ୍ରକାର ସୁବିଧା କରିଦେବା । ଆମ ଦେଶରେ ଯାହାର ପଇସା ଅଛି, ସେ ପଢ଼ାଇ ପାରିବ ଓ ଅନ୍ୟମାନଙ୍କର ଅକ୍ଷର ଚିହ୍ନିବାର ବି ସୁଯୋଗ ନାହିଁ; ଅର୍ଥାତ୍ ଅନ୍ୟାନ୍ୟ ପଣ୍ୟଦ୍ରବ୍ୟ ପରି ଶିକ୍ଷା ମଧ୍ୟ ଟଙ୍କା ଦ୍ୱାରା କିଣା ହୋଇଥାଏ । ତେଣୁ ଶାସକଶ୍ରେଣୀ ଓ ଅନ୍ୟାନ୍ୟ ଉପରଶ୍ରେଣୀ ଲୋକମାନେ ହିଁ ଶିକ୍ଷାର ଯାହା କିଛି ସୁବିଧା ପାଇଥାଆନ୍ତି । ଆଉ ଶତକଡ଼ା ନବେ ପଞ୍ଚାନବେ ଲୋକ ଅକ୍ଷର ଚିହ୍ନନ୍ତି ନାହିଁ । ତଦ୍ୱାରା ଏହି ମୁଷ୍ଟିମେୟ ଲୋକଙ୍କ ଉପରେ ଅବାଧ ରାଜତ୍ୱ କରିବାରେ ସବୁ ସୁବିଧା ମିଳେ ଏବଂ ଏହା ଶହ ଶହ ବର୍ଷ ଧରି ଚାଲିଆସିଛି । ଇଂଲଣ୍ଡ ପ୍ରଭୃତି ଗଣତାନ୍ତ୍ରିକ ଦେଶମାନଙ୍କରେ ଶିକ୍ଷାକ୍ଷେତ୍ରରେ ଏତେ ବେଶି ତାରତମ୍ୟ ଦେଖାଯାଏ ନାହିଁ ।

ଇଂଲଣ୍ଡରେ ବର୍ତ୍ତମାନ ସୁଦ୍ଧା ପୂରାପୂରି ସାମ୍ୟବାଦ ନୀତି ଅନୁଯାୟୀ ସବୁକ୍ଷେତ୍ରରେ ସାର୍ବଜନୀନ ଶିକ୍ଷାର ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ନଥିଲେ ହେଁ ଯାହା ଅଛି ଏବଂ ପ୍ରତିବର୍ଷ ଯେପରି ଭାବରେ ତାର ବିକାଶ ହେଉଛି, ତାହା ଆମର ନିଶ୍ଚୟ ଅନୁକରଣୀୟ । ଜନ୍ମ ହେଲା ଦିନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ମଣିଷର ସମସ୍ତ ପ୍ରକାର ଶିକ୍ଷାର ସୁବନ୍ଦୋବସ୍ତ କରିବା ହେଉଛି ଏମାନଙ୍କର ପ୍ରଧାନ ଲକ୍ଷ୍ୟ । ବର୍ତ୍ତମାନ ଶିକ୍ଷାବିତ୍‌ମାନେ ସମ୍ପୂର୍ଣ୍ଣ ଭାବେ ଅନୁଭବ କରୁଛନ୍ତି ଯେ ଦେଶର ତଥା ପୃଥିବୀର ସର୍ବପ୍ରକାର ବିକାଶ ଲାଗି ଏ ପ୍ରକାର ଜୀବନବ୍ୟାପୀ ଶିକ୍ଷାର ବହୁତ ଆବଶ୍ୟକ ଓ ଏହାର ଅଭାବରେ ଗଣତନ୍ତ୍ର ଶାସନ ଅସମ୍ଭବ । ଇଂଲଣ୍ଡ, ଆମେରିକା, ରୁଷିଆ ପ୍ରଭୃତି ଦେଶମାନଙ୍କ ସହିତ ଆମର ଯେତେ ଆଦର୍ଶଗତ ପାର୍ଥକ୍ୟ ଥିଲେ ସୁଦ୍ଧା ଶିକ୍ଷା ଦିଗରେ ଯେ ଆମର ବହୁତ କିଛି ଶିଖିବାର ଅଛି,ସେଥିରେ ସନ୍ଦେହ ନାହିଁ ।

ଇଂଲଣ୍ଡ ଅନେକ ଦିନରୁ ଶିକ୍ଷା ଲାଗି ତତ୍ପର ଥିଲେ ସୁଦ୍ଧା ଅନ୍ୟାନ୍ୟ ସଭ୍ୟ ଦେଶ ତୁଳନାରେ ବହୁତ ପଛରେ ରହିଥିଲା । ପୁଞ୍ଜିପତି ଓ ରକ୍ଷଣଶୀଳ ଶାସକଶ୍ରେଣୀ ନିଜ ନିଜ ଲାଗି ଶିକ୍ଷାର ଯେପରି ସୁବିଧା କରୁଥିଲେ, ଦେଶର ସାଧାରଣ କୁଲି ମଜୁରିଆଙ୍କ ପାଇଁ ସେ ପ୍ରକାର ସୁବିଧା କରିବା ସକାଶେ ଆଦୌ ତତ୍ପର ନଥିଲେ । ଫଳରେ ଅନେକଦିନ ପର୍ଯ୍ୟନ୍ତ ଅକ୍ସଫୋର୍ଡ଼ ଓ କେମ୍ବ୍ରିଜ୍ ପରି ରକ୍ଷଣଶୀଳ ବିଶ୍ୱବିଦ୍ୟାଳୟ ଓ ହାରୋ, ଇଟନ ପ୍ରଭୃତି ପବ୍ଲିକ୍ (Public) ସ୍କୁଲର ପ୍ରାଧାନ୍ୟ ଖୁବ୍ ଥିଲା । ବର୍ତ୍ତମାନ ସୁଦ୍ଧା ଏସବୁ ଅନୁଷ୍ଠାନରେ କୁଳୀନ ଓ ଧନିକ ସମ୍ପ୍ରଦାୟର ପିଲାମାନେ ଅଧିକ ସୁବିଧା ପାଇଥାଆନ୍ତି । ଟୋରି ଦଳର ନେତା ଚର୍ଚ୍ଚିଲ ତାଙ୍କ My Early Life (ମୋର ପ୍ରଥମ ଜୀବନ) ନାମକ ବହିରେ ଲେଖିଛନ୍ତି ଯେ ହାରୋ ପବ୍ଲିକ୍ ସ୍କୁଲ ଲାଗି ପ୍ରବେଶିକା ପରୀକ୍ଷାଖାତାରେ ସେ ତାଙ୍କର ନାମ ଛଡ଼ା ଆଉ କିଛି ନ ଲେଖିଥିଲେ ସୁଦ୍ଧା ହେଡ୍‌ମାଷ୍ଟର ତାଙ୍କୁ

Digitized by PPRACHIN, SOA

ସ୍କୁଲରେ ନେଇଥିଲେ । ଏ ପ୍ରକାର ସ୍କୁଲରେ ସାଧାରଣ ଲୋକଙ୍କ ପାଇଁ କୌଣସି ସୁବିଧା ନଥିଲା । କିନ୍ତୁ ବର୍ତ୍ତମାନ ଯୁଗରେ ସାଧାରଣ ଲୋକେ ଯେପରି ଜାଗ୍ରତ ହୋଇଛନ୍ତି, ଏ ପ୍ରକାର ପାତରଅନ୍ତର ବ୍ୟବହାର ଇଂଲଣ୍ଡରେ ଆଉ ସମ୍ଭବ ନୁହେଁ । ୧୯୪୪ ମସିହାରେ ଶିକ୍ଷା ଆଇନ୍ ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ନୀତି ଅନୁସାରେ ପ୍ରସ୍ତୁତ ହୋଇଛି ।

ବର୍ତ୍ତମାନ ପାଞ୍ଚବର୍ଷଠାରୁ ପନ୍ଦରବର୍ଷ ପର୍ଯ୍ୟନ୍ତ ସବୁ ପ୍ରକାରର ଶିକ୍ଷା ବିନା ଦରମାରେ ଦେଶର ସମସ୍ତ ପିଲାଙ୍କ ପାଇଁ ବାଧ୍ୟତାମୂଳକ । ଦୁଇବର୍ଷଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ଛୋଟପିଲାଙ୍କ ପାଇଁ ମଧ୍ୟ ନର୍ସେରୀ ସ୍କୁଲର ବନ୍ଦୋବସ୍ତ ଅଛି । ତଦ୍ୱାରା ଛୋଟ ଛୋଟ ପିଲାମାନଙ୍କର କ୍ରୀଡ଼ା କୌତୁକ ଭିତର ଦେଇ ମାନସିକ ବିକାଶ ହୁଏ ଓ ମାଆମାନଙ୍କୁ ଯଥେଷ୍ଟ ସମୟ ମିଳେ ।

ଇଂଲଣ୍ଡରେ ଦୁଇବର୍ଷଠାରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ ବୟସର ବାଳକ ବାଳିକା ସଂଖ୍ୟା ପ୍ରାୟ ପଞ୍ଚାବନ ଲକ୍ଷ । ଦୁଇବର୍ଷଠାରୁ ପାଞ୍ଚବର୍ଷ ପର୍ଯ୍ୟନ୍ତ ନର୍ସେରୀ ସ୍କୁଲରେ ରହିଲା ପରେ ସମସ୍ତେ ପ୍ରାଥମିକ ଶିକ୍ଷା ପାଇବା ପାଇଁ ବିଭିନ୍ନ ସ୍କୁଲକୁ ଯାଇଥାଆନ୍ତି । ପ୍ରାଇମେରୀ ସ୍କୁଲରେ ଏଗାରବର୍ଷ ପର୍ଯ୍ୟନ୍ତ ରହି ତା'ପରେ ଛାତ୍ରଛାତ୍ରୀମାନଙ୍କର ରୁଚି ଓ ଯୋଗ୍ୟତା ଅନୁସାରେ ତିନୋଟି ବିଭିନ୍ନ ପ୍ରକାରର ସ୍କୁଲକୁ ପଠା ହୁଅନ୍ତି । ଯେଉଁମାନଙ୍କର ବୁଦ୍ଧି ସାଧାରଣ ପିଲାଙ୍କର ବୁଦ୍ଧିଠାରୁ ଟିକିଏ ବେଶି ଓ ଭବିଷ୍ୟତରେ ବିଶ୍ୱବିଦ୍ୟାଳୟକୁ ଯିବାର ଆଶା ଅଛି, ସେମାନଙ୍କୁ ଗ୍ରାମାର ସ୍କୁଲ(Grammar School)କୁ ପଠା ହୁଏ । ଏମାନଙ୍କ ସଂଖ୍ୟା ଶତକଡ଼ା ୧୫/୨୦ ହୋଇପାରେ । ଏମାନଙ୍କୁ ଆମ ଦେଶର ଉଚ୍ଚ ଇଂରାଜୀ ସ୍କୁଲ ଛାତ୍ରଙ୍କ ସହିତ ତୁଳନା କରାଯାଇପାରେ । ଯେଉଁମାନଙ୍କର ଯାନ୍ତ୍ରିକ ଓ ବ୍ୟବସାୟିକ ବୁଦ୍ଧି ଭଲ, ସେମାନଙ୍କୁ ବୈଷୟିକ ବା ଟେକ୍ନିକାଲ ସ୍କୁଲ (Technical School)କୁ ପଠାଯାଇଥାଏ । ଏଠାରେ ସାଧାରଣ ଶିକ୍ଷା ଛଡ଼ା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବୃତ୍ତି ବିଷୟରେ ବିଶେଷ ଶିକ୍ଷା ଦିଆଯାଏ । ଏମାନଙ୍କ ସଂଖ୍ୟା ମଧ୍ୟ ଖୁବ୍ ବେଶୀ ନୁହେଁ । ତା'ଛଡ଼ା ଆଉ ଯେଉଁମାନେ ରହିଲେ ସେମାନେ ଆଧୁନିକ ସ୍କୁଲ(Modern)କୁ ପଠା ହୁଅନ୍ତି । ଶତକଡ଼ା ୭୦ ଏ ପ୍ରକାର ସ୍କୁଲକୁ ଯାଆନ୍ତି । ଏଠାରେ ସମସ୍ତ ପ୍ରକାର ଶିକ୍ଷାର ବନ୍ଦୋବସ୍ତ ଥାଏ । ନାନା ବିଷୟରେ କିଛି କିଛି ଶିକ୍ଷା ହୁଏ—ଏମାନେ ହିଁ ସ୍କୁଲ ଶିକ୍ଷା ପରେ ବିଭିନ୍ନ କଳକାରଖାନାରେ ସାଧାରଣ ଶ୍ରମିକ ରୂପେ କାର୍ଯ୍ୟ କରିଥାଆନ୍ତି । ଉପରୋକ୍ତ ତିନିପ୍ରକାର ଶିକ୍ଷା ସାଧାରଣ ସେକେଣ୍ଡାରୀ ଶିକ୍ଷା ନାମରେ ଅଭିହିତ ।

ଏ ପ୍ରକାର ଶ୍ରେଣୀ ବିଭାଗ ଲାଗି ବହୁତ ସମାଲୋଚନା ରହିଛି । ତେଣୁ ବର୍ତ୍ତମାନ ସର୍ବପ୍ରକାର ଶିକ୍ଷାକୁ ଠୁଳ କରି ଗୋଟିଏ ସାର୍ବଜନୀନ ସ୍କୁଲ କରିବା ପାଇଁ ବହୁତ ଆନ୍ଦୋଳନ ଚାଲିଛି । ଏ ପ୍ରକାର ସ୍କୁଲକୁ Compreshensive School କୁହାଯାଏ । ଆମେରିକା, ରୁଷିଆ, ସ୍କଟଲାଣ୍ଡ ପ୍ରଭୃତି ଦେଶରେ ଏ ପ୍ରକାର ଶିକ୍ଷା ବହୁତ ପ୍ରସାର ଲାଭ କରିଛି ଏବଂ ଏମାନଙ୍କ ମତରେ ଏହା ଇଂଲଣ୍ଡର ଶିକ୍ଷାପ୍ରଣାଳୀଠାରୁ ଅନେକ ଭଲ ।

ଏହି ତିନି ପ୍ରକାର ସେକେଣ୍ଡାରୀ ସ୍କୁଲରେ ପନ୍ଦର ବର୍ଷ ପର୍ଯ୍ୟନ୍ତ ସମସ୍ତେ ବିନା ଖର୍ଚ୍ଚରେ ଶିକ୍ଷା ପାଇଥାଆନ୍ତି ଓ ଏହା ସମସ୍ତଙ୍କ ଲାଗି ବାଧ୍ୟତାମୂଳକ । ପନ୍ଦରବର୍ଷ ପରେ ସ୍କୁଲ ଛାଡ଼ି ବିଭିନ୍ନ କ୍ଷେତ୍ରରେ କାମ କଲା ପରେ ମଧ୍ୟ ଶିକ୍ଷା ପାଇଁ ବିଶେଷ ବନ୍ଦୋବସ୍ତ ଅଛି । ପନ୍ଦର ବର୍ଷଠାରୁ ଅଠରବର୍ଷ ପର୍ଯ୍ୟନ୍ତ ବୟସର ଯେଉଁମାନେ ଅନ୍ୟ କୌଣସି ସ୍ଥାୟୀ ଶିକ୍ଷାରେ ନିଯୁକ୍ତ ନୁହନ୍ତି, ସେମାନେ ଆସି ଏ ପ୍ରକାର ସ୍କୁଲରେ ପଢ଼ିଥାଆନ୍ତି । କାରଖାନା ମାଲିକମାନେ ଉପଯୁକ୍ତ ବୟସର ଯୁବକମାନଙ୍କୁ ହପ୍ତାରେ ଏକ ପୂରାଦିନ କିମ୍ବା ଓଳିଏ କରି ଦୁଇଦିନ ଛାଡ଼ି ଦିଅନ୍ତି । ଏମାନେ ସାଧାରଣ ଶିକ୍ଷା ଛଡ଼ା ନିଜ ନିଜର ବୈଷୟିକ ଶିକ୍ଷା ମଧ୍ୟ ପାଇଥାଆନ୍ତି । କ୍ରୀଡ଼ା କୌତୁକ ଭିତର ଦେଇ ସେମାନଙ୍କର ନାଗରିକ ଜୀବନ ଗଢ଼ିବା ଲାଗି ବିଶେଷ ଧ୍ୟାନ ଦିଆ ହୋଇଥାଏ । ଏ ପ୍ରକାର ଅନୁଷ୍ଠାନକୁ (Country

Digitized by PPRACHIN, SOA

College)ଆଞ୍ଚଳିକ ଗ୍ରାମ୍ୟ କଲେଜ କୁହାଯାଏ । ଶିକ୍ଷା ଛଡ଼ା ଏହା ସେହି ଅଞ୍ଚଳର ସାମାଜିକ ମିଳାମିଶା ପୀଠ ରୂପେ ବ୍ୟବହାର କରାଯାଏ ।

ପନ୍ଦର ବର୍ଷ ପରେ ବାଧ୍ୟତାମୂଳକ ଶିକ୍ଷା ଛାଡ଼ିଲା ପରେ ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟତୀତ ଆହୁରି ଅନେକ ପ୍ରକାର ଶିକ୍ଷାର ବନ୍ଦୋବସ୍ତ କରାଯାଇଅଛି । ଏ ପ୍ରକାର ବ୍ୟବସ୍ଥା ସାଧାରଣତଃ ବିଭିନ୍ନ ଅଞ୍ଚଳର ସୁବିଧା ଅସୁବିଧାକୁ ଦୃଷ୍ଟି ରେ ରଖି ହୋଇଥାଏ । ସାମୟିକ ସନ୍ଧ୍ୟା କ୍ଲାସଠାରୁ ଆରମ୍ଭ କରି ବିଭିନ୍ନ ଦିଗରେ ସୁସଙ୍ଗଠିତ ସ୍କୁଲ ପର୍ଯ୍ୟନ୍ତ ନାନା ପ୍ରକାର ଶିକ୍ଷାର ବ୍ୟବସ୍ଥା ଅଛି । ମୋଟାମୋଟି କୁହାଯାଇପାରେ ଯେ ବାଧ୍ୟତାମୂଳକ ଶିକ୍ଷା ଶେଷ ହେଲା ପରେ ପ୍ରତ୍ୟେକ ଲୋକର ଅବସର ସମୟରେ ନିଜ ନିଜ ରୁଚି ଅନୁଯାୟୀ ଶିକ୍ଷାଲାଭ କରିବାରେ ସମସ୍ତ ପ୍ରକାର ସୁଯୋଗ ଦେବା ଲାଗି ବର୍ତ୍ତମାନ ଶ୍ରମିକ ସରକାର ଯଥାସମ୍ଭବ ଚେଷ୍ଟା କରୁଛି ।

ମୁଁ ଆଗରୁ କହିଛି– ଦୁଇବର୍ଷଠାରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଶିକ୍ଷା ସମସ୍ତେ ବିନା ଖର୍ଚ୍ଚରେ ପାଇଥାଆନ୍ତି । ବହିପତ୍ରଠାରୁ ଆରମ୍ଭ କରି ଅନେକ ସମୟରେ ଯିବା ଆସିବା ଗାଡ଼ିଭଡ଼ା ପର୍ଯ୍ୟନ୍ତ ସବୁ ମିଳିଥାଏ । ବର୍ତ୍ତମାନ ସବୁ ସ୍କୁଲ ଛାତ୍ରଙ୍କ ପାଇଁ ବିନା ମୂଲ୍ୟରେ ଦୁଧ ଯୋଗାଇ ଦିଆହୁଏ । ପ୍ରାୟ ଅଧାଅଧି ଛାତ୍ର ବିନା ମୂଲ୍ୟରେ ମଧ୍ୟାହ୍ନ ଭୋଜନ ପାଇଥାଆନ୍ତି । ଯେଉଁମାନଙ୍କୁ ଦାମ୍ ଦେବାକୁ ପଡ଼େ, ତାହା ଖୁବ୍ ସାମାନ୍ୟ । ପିଲାମାନଙ୍କୁ ଉପଯୁକ୍ତ ପରିମାଣରେ ବିଭିନ୍ନ ପୁଷ୍ଟିକାରକ ଖାଦ୍ୟ ଦେବା ଲାଗି ଏ ପ୍ରକାର ବ୍ୟବସ୍ଥା ହୋଇଛି । ଯେଉଁଠି ନିୟମିତ ରୂପେ ଏହାର ବ୍ୟବସ୍ଥା ଅଛି, ସେଠାକାର ପିଲାମାନେ ଅନ୍ୟାନ୍ୟ ପିଲାଙ୍କଠାରୁ ଅଧିକ ସ୍ୱାସ୍ଥ୍ୟବାନ ବୋଲି ଜଣାଯାନ୍ତି । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଏପରି ବ୍ୟବସ୍ଥା ଥିବା ଅନୁଷ୍ଠାନମାନଙ୍କରେ ପିଲାମାନେ ସାଧାରଣ ପିଲାଙ୍କଠାରୁ ୪ ଇଞ୍ଚ ବେଶୀ ଉଚ୍ଚ ଥିବାର ଦେଖାଯାଇଛି । ସ୍କୁଲ ପିଲାମାନଙ୍କ ମଧ୍ୟରେ ମୃତ୍ୟୁହାର ଶତକଡ଼ା ୩୦ ଓ ଯକ୍ଷ୍ମାରୋଗ ଜନିତ ମୃତ୍ୟୁ ଶତକଡ଼ା ୬ କମିଯାଇଛି । ଏହାକୁ ହିଁ ସାମାଜିକ ଓ ସାଂସ୍କୃତିକ ବିପ୍ଳବ କୁହାଯାଇପାରେ ।

ସବୁ ଶ୍ରେଣୀର ଛାତ୍ରମାନଙ୍କୁ ବିନାମୂଲ୍ୟରେ ଚିକିତ୍ସା କରାହୁଏ । ସ୍କୁଲ ଡାକ୍ତରଠାରୁ ଆରମ୍ଭ କରି ବଡ଼ ବଡ଼ ବିଶେଷଜ୍ଞ ପ୍ରଭୃତି ଏମାନଙ୍କୁ ବିନାମୂଲ୍ୟରେ ଦେଖିଥାଆନ୍ତି । ସେମାନଙ୍କର ସାଧାରଣ ସ୍ୱାସ୍ଥ୍ୟ ବିଷୟ ଛଡ଼ା ଅନ୍ୟାନ୍ୟ ସାହାଯ୍ୟ ମଧ୍ୟ ଦିଆହୁଏ । ଯେଉଁ ପିଲାଙ୍କର ଅଭିଭାବକମାନେ ପୋଷାକପତ୍ର ଖର୍ଚ୍ଚ ତୁଲାଇ ପାରିବେ ନାହିଁ, ସେମାନଙ୍କୁ ପୋଷାକ ପ୍ରଭୃତି ଦିଆ ହୋଇଥାଏ । ଯିବା ଆସିବା ଲାଗି ଅନେକଙ୍କୁ ଗାଡ଼ିଭଡ଼ା ସୁଦ୍ଧା ଯୋଗାଇ ଦିଆ ହୋଇଥାଏ ।

ସାଧାରଣ ବୁଦ୍ଧି ଓ ଶାରୀରିକ ସ୍ୱାସ୍ଥ୍ୟସମ୍ପନ୍ନ ବାଳକ ବାଳିକା ବ୍ୟତୀତ ଅନ୍ଧ, କାଲ ଓ ଅନ୍ୟାନ୍ୟ ଶାରୀରିକ ଓ ମାନସିକ ଦୋଷଯୁକ୍ତ ପିଲାମାନଙ୍କ ପାଇଁ ଅଲଗା ବନ୍ଦୋବସ୍ତ ଅଛି । ଯେଉଁମାନଙ୍କର ବୁଦ୍ଧି କମ୍ ବା ଯେଉଁମାନେ ନାନା କାରଣରୁ ଅବ୍ୟବସ୍ଥିତ ଚିତ୍ତ, ସେମାନଙ୍କ ପାଇଁ ବିଭିନ୍ନ ଶିକ୍ଷା ପ୍ରଣାଳୀ ଖଞ୍ଜା ହୋଇଅଛି । ବାଧ୍ୟତାମୂଳକ ଶିକ୍ଷା ଦେବା ନିୟମ ଅନୁସାରେ ଏମାନଙ୍କୁ ମଧ୍ୟ ଶିକ୍ଷା ଦିଆହୋଇଥାଏ, ଯଦିଚ ଶିକ୍ଷା ପ୍ରଣାଳୀ ଭିନ୍ନ ଭିନ୍ନ ।

ଶିକ୍ଷାପ୍ରଣାଳୀ ବିଷୟରେ କହିବାକୁ ଯାଇ ଶିକ୍ଷକ ଓ ଅଭିଭାବକ ବିଷୟରେ କିଛି ନ କହିଲେ ଏହା ଅସମ୍ପୂର୍ଣ୍ଣ ରହିଯିବ । ଏଡ଼େବଡ଼ ଶିକ୍ଷାନୁଷ୍ଠାନର ଫଳାଫଳ ଶିକ୍ଷକ ଉପରେ ନିର୍ଭର କରେ । ତେଣୁ ଶିକ୍ଷକର ଶିକ୍ଷା, ମନର ସନ୍ତୋଷ ଓ ଅନ୍ୟାନ୍ୟ ସାମାଜିକ ସମ୍ପର୍କ ବିଷୟରେ ଖୁବ୍ ତୀକ୍ଷ୍ଣ ଦୃଷ୍ଟି ଦେବା ଦରକାର । ଆମ ଦେଶରେ ଶିକ୍ଷକଙ୍କୁ ସରକାର ଓ ଜନସାଧାରଣ ଯେପରି ଭାବରେ ଦେଖିଥାଆନ୍ତି, ସେଥିରୁ ଶିକ୍ଷା ପ୍ରତି କାହାରି ଆସ୍ଥା ଥିଲା ପରି ଜଣାଯାଏ ନାହିଁ । ପୋଲିସ୍ ଓ ଜେଲ୍ ଯେଉଁ ପରିମାଣରେ ଜାତୀୟ ପୁନର୍ଗଠନରେ ଉଚ୍ଚ ସ୍ଥାନ ଲାଭ କରିଛି, ଶିକ୍ଷା ସେହି ପରିମାଣରେ ନୀଚ ସ୍ଥାନ ପାଇଆସିଛି । ତାହାର ବ୍ୟତିକ୍ରମ ହେବାର ପ୍ରାୟ ଦେଖାଯାଉ ନାହିଁ ।

Digitized by PPRACHIN, SOA

ଶିକ୍ଷକ ସମସ୍ତଙ୍କଠାରୁ କମ୍ ସମ୍ମାନ ଓ ସୁବିଧା ପାଇଥାଏ । ଶିକ୍ଷକମାନେ ପିଲାପିଲି ନେଇ ଦିମୁଠା ଭଲ କରି ମଧ ଖାଇବାକୁ ପାଆନ୍ତି ନାହିଁ । ତେଣୁ ସେମାନେ ଅନ୍ୟ ଦିଗରୁ କିଛି କିଛି ରୋଜଗାର ନକଲେ ବଞ୍ଚିରହିବା ମୁସ୍କିଲ୍ । ଆଜି ପର୍ଯ୍ୟନ୍ତ ସରକାରଙ୍କର ଏମାନଙ୍କ ପ୍ରତି ଏପରି ପାତର ଅନ୍ତର ବ୍ୟବହାର ଯେ, ଯେତେ ଯୋଗ୍ୟତା ଥିଲେ ମଧ ଶିକ୍ଷକମାନେ ଅନ୍ୟମାନଙ୍କଠାରୁ ବହୁତ କମ୍ ଦରମା ଓ ଅନ୍ୟାନ୍ୟ ସୁବିଧା ପାଇଥାଆନ୍ତି । ପୋଲିସ୍ ଓ ମାଜିଷ୍ଟ୍ରେଟ୍‌ମାନେ ଯେତେ ଖରାପ ବ୍ୟବହାର କଲେ ସୁଦ୍ଧା ସବୁ ବିଷୟରେ ସେମାନେ ବିଶେଷ ସୁବିଧା ପାଇଥାଆନ୍ତି । ଏପରି ପରିସ୍ଥିତିରେ ଯେତେ ଲମ୍ବା ଲମ୍ବା ବକ୍ତୃତା କଲେ ମଧ ଶିକ୍ଷାର ଉନ୍ନତି ହେବ କୁଆଡୁ ?

ତାଙ୍କ ଦେଶର ସହକାରୀ ଶିକ୍ଷକଙ୍କ ଦରମାହାର ନିମ୍ନରେ ଦିଆଗଲା ।

ପ୍ରଥମ ବର୍ଷରୁ ୪,୦୦୦ ଟଙ୍କାରୁ ଆରମ୍ଭ କରି ପ୍ରତିବର୍ଷ ୨୦୦ଟଙ୍କା ବଢ଼ି ବଢ଼ି ଶେଷକୁ ୭,୦୦୦ ଟଙ୍କା ପର୍ଯ୍ୟନ୍ତ ହୁଏ । ହେଡ଼ମାଷ୍ଟରଙ୍କ ସର୍ବନିମ୍ନ ଦରମା ହାର ବର୍ଷରୁ ୭,୫୦୦ ଟଙ୍କାରୁ ଆରମ୍ଭ କରି ୧୦,୦୦୦ ପର୍ଯ୍ୟନ୍ତ ଯାଇଥାଏ । ଖାଲି ସେତିକି ନୁହେଁ, ବିଶ୍ୱବିଦ୍ୟାଳୟରୁ ବିଶେଷ ଯୋଗ୍ୟତା ଅର୍ଜନ କରିଥିଲେ ବା ଲଣ୍ଡନ ପ୍ରଭୃତି ଖର୍ଚ୍ଚିଆ ସ୍ଥାନରେ ରହିଲେ ବର୍ଷକୁ ପ୍ରାୟ ୭୦୦ଟଙ୍କାଠାରୁ ୧୪୦୦ ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ଭତ୍ତା ପାଇଥାନ୍ତି । ସେହି ଯୋଗ୍ୟତାର ଅନ୍ୟାନ୍ୟ ଚାକିରିଠାରୁ ଏହା କୌଣସି ଗୁଣରେ କମ୍ ହୋଇ ନଥିବାରୁ ଶିକ୍ଷକମାନେ ସୁବିଧାରେ ଚଳିପାରନ୍ତି । ତା'ଛଡ଼ା ସବୁ ଶ୍ରେଣୀର ଲୋକେ ଏମାନଙ୍କୁ ଉପଯୁକ୍ତ ଶ୍ରଦ୍ଧା ଓ ସମ୍ମାନ ଦେଖାଇ ଥାଆନ୍ତି । ଶିକ୍ଷକମାନେ ମଧ ଅଭିଭାବକମାନଙ୍କ ସହିତ ଛାତ୍ରଛାତ୍ରୀମାନଙ୍କ ବିଷୟରେ ଅଧିକ ଆଲୋଚନା କରି ସେମାନଙ୍କର ଭବିଷ୍ୟତ କର୍ମପନ୍ଥା ସ୍ଥିର କରିଥାଆନ୍ତି । ଏ ଦିଗରେ ବହୁତ ପ୍ରକାର ସୁବିଧା ଦିଆ ହୋଇଥାଏ । ରୁଷିଆରେ ଅଭିଭାବକମାନଙ୍କୁ ଛାତ୍ର ସମ୍ପ୍ରଦାୟ ସମ୍ପର୍କରେ ଉପଯୁକ୍ତ ଶିକ୍ଷା ଦେବା ଲାଗି ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟ ଅଛି । ଏ ଦେଶରେ ଏତେ ବେଶୀ ସୁବିଧା ନଥିଲେ ମଧ ପରସ୍ପର ଭିତରେ ବହୁତ ସହଯୋଗ ଦେଖାଯାଏ ।

ଇଂଲଣ୍ଡର ବିଶ୍ୱବିଦ୍ୟାଳୟ ଶିକ୍ଷା ଆମ ଦେଶ ଶିକ୍ଷା ତୁଳନାରେ ଖୁବ୍ ଉଚ୍ଚରେ ହେଲେ ସୁଦ୍ଧା ଅନ୍ୟାନ୍ୟ ଦେଶ ତୁଳନାରେ ବହୁତ ପଛରେ ପଡ଼ିଥିବାର ଦେଖାଯାଏ । ଯୁଦ୍ଧ ପୂର୍ବରୁ ଆମେରିକା ଯୁକ୍ତରାଷ୍ଟ୍ରରେ ଜନସଂଖ୍ୟାର ପ୍ରତି ୧୨୫ ଜଣରେ ଜଣେ ବିଶ୍ୱବିଦ୍ୟାଳୟ ଛାତ୍ର । ଫ୍ରାନ୍ସରେ ୪୮୦ରୁ ଜଣେ, ଇଟାଲୀରେ ୮୦୧ରୁ ଜଣେ ଏବଂ ଇଂଲଣ୍ଡରେ ୧୦୧୩ ଭିତରୁ ଜଣେ । ଯୁଦ୍ଧ ପରେ ଏହା ବଢ଼ି ପ୍ରତି ୬୦୦ରେ ଜଣେ ବିଶ୍ୱବିଦ୍ୟାଳୟ ଶିକ୍ଷା ପାଉଛି । ଅବଶ୍ୟ ସ୍କଟଲାଣ୍ଡର ଶିକ୍ଷା ପ୍ରଣାଳୀ ଇଂଲଣ୍ଡଠାରୁ ଅନେକ ଭଲ । ସ୍କଟଲାଣ୍ଡରେ ପ୍ରାଥମିକ ଶିକ୍ଷା ଯେପରି ଉନ୍ନତ ଧରଣର, ବିଶ୍ୱବିଦ୍ୟାଳୟ ଶିକ୍ଷା ମଧ ସେପରି ଉଚ୍ଚ ଆସନ ଲାଭ କରିଥାଏ । ସ୍କଟଲାଣ୍ଡ ଇଂଲଣ୍ଡଠାରୁ ଗରିବ ହେଲେ ସୁଦ୍ଧା ଇଂଲଣ୍ଡରେ ପ୍ରାୟ ହଜାରକେ ଜଣେ ବିଶ୍ୱବିଦ୍ୟାଳୟ ଛାତ୍ର ଥିବା ସ୍ଥଳେ ସ୍କଟଲାଣ୍ଡରେ ହଜାରରେ ଦୁଇଜଣ । ସ୍କଟଲାଣ୍ଡରେ ବହୁ ବ୍ୟୟ ସାପେକ୍ଷ ଅକ୍ସଫୋର୍ଡ, କେମ୍ବ୍ରିଜ୍ ପରି ବିଶ୍ୱବିଦ୍ୟାଳୟ ନଥିବାରୁ ଓ ସେମାନଙ୍କର ବିଶ୍ୱବିଦ୍ୟାଳୟ ଶିକ୍ଷା କମ୍ ଖର୍ଚ୍ଚରେ ସମ୍ଭବ ହୋଇପାରୁଥିବାରୁ ସେଠାକାର ଉଚ୍ଚଶିକ୍ଷା ଇଂରେଜୀମାନଙ୍କର ଶିକ୍ଷାଠାରୁ ଅନେକ ଉଚ୍ଚରେ । ଅନେକ ଗୁଣରେ ଇଂରେଜମାନେ ଆମର ଅନୁକରଣୀୟ ହେଲେ ହେଁ ବିଶ୍ୱବିଦ୍ୟାଳୟ ଶିକ୍ଷାରେ ଆଦୌ ଆଦର୍ଶ ସ୍ଥାନୀୟ ନୁହନ୍ତି । ଗୋଟିଏ ପ୍ରବାଦ ଅଛି ଯେ, "Scottish people have a passion for education whereas English people do not mind it." ସ୍କଟଲାଣ୍ଡ ଲୋକଙ୍କର ଶିକ୍ଷା ପ୍ରତି ବିଶେଷ ଅନୁରାଗ ଥିବା ସ୍ଥଳେ ଇଂରେଜମାନଙ୍କର ଉଦାସୀନତା ଦେଖାଯାଏ ।

କିଛିଦିନ ତଳେ ଇଂଲଣ୍ଡରେ କଲେଜ ଶିକ୍ଷା ବହୁ ବ୍ୟୟସାପେକ୍ଷ ଥିଲା । ତେଣୁ ସାଧାରଣ ଲୋକେ ତାର ସୁବିଧା ପାଉ ନଥିଲେ । ଆଗେ ଶିକ୍ଷା ବୃତ୍ତି ସଂଖ୍ୟା ଖୁବ୍ କମ୍ ଥିବା ହେତୁ

Digitized by PPRACHIN, SOA

ଯେଉଁମାନଙ୍କର ବହୁତ ପଇସା ଥିଲା ସେହିମାନେ ହିଁ ଏ ସୁବିଧା ପାଉଥିଲେ । ବର୍ତ୍ତମାନ ସମଗ୍ର ବିଶ୍ୱବିଦ୍ୟାଳୟ ଛାତ୍ରମାନଙ୍କ ଭିତରୁ ପ୍ରାୟ ଶତକଡ଼ା ପଚାଶ କୌଣସି ନା କୌଣସି ଦିଗରୁ ବୃତ୍ତି ପାଉଥାନ୍ତି । ସରକାରୀ ବୃତ୍ତି ବର୍ଷକୁ ପ୍ରତି ଛାତ୍ର ପାଇଁ ୧୮୫୦ ଟଙ୍କାଠାରୁ ଆରମ୍ଭ କରି ଖର୍ଚ୍ଚ ବହୁଳ ସ୍ଥାନ ପାଇଁ ୨୩୦୦/୨୪୦୦ ଟଙ୍କା ପର୍ଯ୍ୟନ୍ତ ମିଳିଥାଏ । ଏ ପ୍ରକାର ବୃତ୍ତି ଅଳ୍ପ ଉପାର୍ଜନ କରୁଥିବା ଲୋକଙ୍କର ପିଲାମାନଙ୍କୁ କେବଳ ମିଳିଥାଏ । ତଥାପି ଅନେକ ପ୍ରଗତିଶୀଳ ଲୋକେ ଏ ପ୍ରକାର ଶିକ୍ଷାକୁ ସମାଲୋଚନା କରିଥାନ୍ତି—ସେମାନଙ୍କ ମତରେ ଉପଯୁକ୍ତ ଯୋଗ୍ୟତାର ଲୋକଙ୍କ ପାଇଁ ବିଶ୍ୱବିଦ୍ୟାଳୟ ଶିକ୍ଷା ସଂପୂର୍ଣ୍ଣ ଅବୈତନିକ ହେବା ଉଚିତ୍ ଓ ସେମାନଙ୍କର ଆଉ ସମସ୍ତ ବ୍ୟୟ ସରକାର ବହନ କରିବା ଉଚିତ ।

ସମଗ୍ର ଗ୍ରେଟ୍ ବ୍ରିଟେନ୍‌ରେ ୨୧ଟି ବିଶ୍ୱବିଦ୍ୟାଳୟର ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୭୬୭୬୪ ଭିତରୁ ଖାଲି ଲଣ୍ଡନ ବିଶ୍ୱବିଦ୍ୟାଳୟରେ ୧୫,୭୮୯ ଜଣ ପଢ଼ନ୍ତି । କେମ୍ବ୍ରିଜ୍, ଅକ୍ସଫୋର୍ଡ଼ରେ ମୋଟ୍ ୧୪୪୪୩ ଜଣ ପଢ଼ନ୍ତି, ଏହି ଅର୍ଥାତ୍ ତିନୋଟି ବିଶ୍ୱବିଦ୍ୟାଳୟରେ ୩୦୨୩୨ ଜଣ ଛାତ୍ରଛାତ୍ରୀ—ଅବଶିଷ୍ଟାଂଶ ଅନ୍ୟ ୧୮ଟି ବିଶ୍ୱବିଦ୍ୟାଳୟରେ ପଢ଼ନ୍ତି । ଅନେକଙ୍କ ମତରେ ଏ ପ୍ରକାର ଛାତ୍ର ବିଭାଗ ଯୋଗୁ ଅଧିକାଂଶ ବିଶ୍ୱବିଦ୍ୟାଳୟ ଖୁବ୍ ଦୁର୍ବଳ ହୋଇପଡ଼ନ୍ତି; ତେଣୁ ଗବେଷଣା ଓ ଅନ୍ୟାନ୍ୟ ଅନେକ ପ୍ରକାର ଅସୁବିଧା ଦେଖାଯାଏ ।

ତଥାପି ଯେତୋଟି ଅନୁଷ୍ଠାନ ଅଛି, ସେମାନଙ୍କର ଶିକ୍ଷାପ୍ରଣାଳୀ, ଛାତ୍ର ଓ ଶିକ୍ଷକମାନଙ୍କ ଲାଗି ଗବେଷଣାର ସୁଯୋଗ ଏବଂ ବାହାରର ଅନ୍ୟାନ୍ୟ ବିଦ୍ୟୋତ୍ସାହୀ ନରନାରୀଙ୍କ ପାଇଁ ସାମୟିକ ଶିକ୍ଷା ପଦ୍ଧତି ବଡ଼ ପ୍ରଶଂସନୀୟ । ଗବେଷଣା ଲାଗି ଅନେକ ଖର୍ଚ୍ଚ ହୁଏ । ଛାତ୍ରମାନେ ସେଥିଲାଗି ବୃତ୍ତି ପାଇଥାନ୍ତି ଓ ସେମାନଙ୍କର ଭବିଷ୍ୟତ ଆମ ଛାତ୍ରମାନଙ୍କର ଭବିଷ୍ୟତ ପରି ଅନିଶ୍ଚିତ ନଥିବାରୁ ସେମାନେ ସ୍ୱଇଚ୍ଛାରେ ଅନେକଦିନ ପର୍ଯ୍ୟନ୍ତ ଗବେଷଣା କାମରେ ନିଯୁକ୍ତ ରହନ୍ତି । ପ୍ରଫେସରମାନେ ମଧ୍ୟ ବହୁତ ଅବସର ପାଇଥାନ୍ତି ଓ ଏ ପ୍ରକାର ଗବେଷଣାରେ ସାହାଯ୍ୟ କରିବା ପାଇଁ ବିଶ୍ୱବିଦ୍ୟାଳୟ ସରକାରୀ ଅନୁଦାନ ପାଇଲେ ସୁଦ୍ଧା ସରକାରଙ୍କ ଅଧୀନରେ ନଥାଏ । କଲେଜରେ ମଧ୍ୟ ବିଭାଗୀୟ ସ୍ୱାଧୀନତା ଖୁବ୍ ବେଶୀ । ଅଧ୍ୟାପକମାନେ ନିଜ ନିଜର ରୁଚି ଅନୁସାରେ ଗବେଷଣା କରିଥାନ୍ତି ଏବଂ ସେମାନଙ୍କ କାମରେ ଉପରୁ ଅଯଥା ହସ୍ତକ୍ଷେପ କରାହୁଏ ନାହିଁ । ଆମ ଦେଶରେ ପ୍ରତ୍ୟେକ ଅଧ୍ୟାପକଙ୍କ ଉପରେ ହଜାରେ ହାକିମ । ପୋଲିସ୍ ବିଭାଗରେ ଯେପରି ଉପର ତଳ ଶ୍ରେଣୀ ବିଭାଗ ଓ ଶାସନ ପ୍ରଣାଳୀ ଶିକ୍ଷା ବିଭାଗରେ ମଧ୍ୟ ସେହିପରି । ସାମାନ୍ୟ ଗୋଟିଏ କଥାରେ ହଜାରେ ସେଣାରେ ପାଣି ଉଠେ ଏବଂ ହଜାରେ ଲୋକଙ୍କୁ ସଲାମ ନ ବଜାଇଲେ ଚାକିରିରେ ଉନ୍ନତି ହୁଏ ନାହିଁ । ତେଣୁ ସବୁଠୁ କମ୍ ଶିକ୍ଷା ପାଇଥିବା ଲୋକ ଉପରକୁ ଉପରକୁ ଉଠିଯାନ୍ତି ଖୋସାମତ କରି ଏବଂ ଉପଯୁକ୍ତ ଯୋଗ୍ୟତା ଥିବା ଲୋକ ପଡ଼ିରହେ ସଲାମ ବଜାଇବାରେ ହେଳା ଓ ଅପାରଗତା ଯୋଗୁଁ । ଶିକ୍ଷା କ୍ଷେତ୍ରରେ ଏ ପ୍ରକାର ମନୋଭାବ ଭୟଙ୍କର ଭାବରେ ବିରକ୍ତି ଓ ଘୃଣାଜନକ । ଯଦି ଶିକ୍ଷକମାନଙ୍କୁ ଏପରି ଅମଲାତାନ୍ତ୍ରିକ ଓ ଖୋସାମତପ୍ରିୟ ହେବାକୁ ପଡ଼େ, ତାହେଲେ ଛାତ୍ରସମାଜ ସେମାନଙ୍କଠାରୁ ଶିଖିବେ ବା କ'ଣ ? ବୁଦ୍ଧିଜୀବୀ ଶିକ୍ଷକଶ୍ରେଣୀ ପକ୍ଷରେ ସ୍ୱାଧୀନ ଚିନ୍ତାଧାରା ଓ ଅବାଧ ଗବେଷଣା କିପରି ସମ୍ଭବ ହୋଇପାରିବ ! ଅବଶ୍ୟ ଦେଶ ସ୍ୱାଧୀନ ହେଲା ପରେ ଏ ପ୍ରକାର ମନୋବୃତ୍ତି କ୍ରମେ କ୍ରମେ ବଦଳିଯିବ ବୋଲି ଆଶା କରାଯାଏ—ଅନେକ କ୍ଷେତ୍ରରେ ତାର ସୂଚନା ମଧ୍ୟ ମିଳୁଛି ।

ଏଠାକାର କଲେଜମାନଙ୍କରେ ସ୍ଥାୟୀ ଛାତ୍ରଙ୍କ ଛଡ଼ା ଅନେକ ସାମୟିକ ଛାତ୍ର ମଧ୍ୟ ଯୋଗ ଦେଇଥାଆନ୍ତି । ଅନେକେ ବାହାରର ଛାତ୍ର ହିସାବରେ ପରୀକ୍ଷା ଦେଇ ଡିଗ୍ରୀ ପାଇଥାନ୍ତି । ମୋ ସାଙ୍ଗରେ ଅନେକ ଛାତ୍ର-ଛାତ୍ରୀ ମଝିରେ ମଝିରେ ଆସି ପଢୁଥିଲେ, ଯେଉଁମାନେ କି ଦିନସାରା

Digitized by PPRACHIN, SOA

ଅନ୍ୟ ଚାକିରି କରନ୍ତି ଓ ସନ୍ଧ୍ୟାରେ କିମ୍ବା ସେମାନଙ୍କ ସୁବିଧା ଅନୁସାରେ ଅନ୍ୟ ସମୟରେ ଆସି କ୍ଲାସ୍‌ରେ ଉପସ୍ଥିତ ହୁଅନ୍ତି କିମ୍ବା ଗବେଷଣା କରନ୍ତି । ଅନେକେ ଏପରି ଭାବରେ ବିଶେଷ ଶିକ୍ଷା ପାଇଥାନ୍ତି । ମୁଁ ଆଗରୁ କହିଛି, ଗ୍ରାମ୍ୟ କଲେଜର ଆଦର୍ଶ ହେଲା ଏ ପ୍ରକାର ଚାକିରିଆମାନଙ୍କ ପାଇଁ ଉଚ୍ଚଶିକ୍ଷାର ବନ୍ଦୋବସ୍ତ କରିଦେବା, ଅର୍ଥାତ୍ ଶିକ୍ଷାବିତ୍ ତଥା ଦେଶର ସରକାରଙ୍କର ପ୍ରାଣପଣ ଚେଷ୍ଟା ଯେ ଯେଉଁମାନେ କଲେଜକୁ ଆସି ପାରୁନାହାନ୍ତି, ସେମାନଙ୍କ ପାଖକୁ କଲେଜ ଶିକ୍ଷା ନେଇ ପହଞ୍ଚାଇ ଦେବା । କାରଣ ସେମାନେ ବୁଝୁଛନ୍ତି ଯେ ଯେଉଁମାନେ କଲେଜକୁ ଆସି ପାରୁନାହାନ୍ତି, ସେମାନେ ଯେ ନିଜ ଦୋଷରୁ ଆସୁନାହାନ୍ତି ତା ନୁହେଁ, ସେମାନଙ୍କର ଅକ୍ଲାନ୍ତ କାୟିକ ପରିଶ୍ରମ ଯୋଗୁଁ ଉଚ୍ଚଶିକ୍ଷା ସେମାନଙ୍କ ପକ୍ଷରେ ସମ୍ଭବ ହୋଇପାରୁନାହିଁ । ତେଣୁ ଦେଶର ଗଣତାନ୍ତ୍ରିକ ସରକାରର କର୍ତ୍ତବ୍ୟ ଯେ ଯେଉଁମାନଙ୍କର ଝାଳବୁହା ଧନରେ ସାରା ସମାଜ ବଂଚି ରହିଛି, ସେମାନଙ୍କର ପାଖରେ ଉଚ୍ଚ ଶିକ୍ଷାର ସମସ୍ତ ସୁବିଧା ପହଞ୍ଚାଇ ଦେବା । ଏ ପ୍ରକାର ଉଦ୍ୟମ ଖୁବ୍ ବେଶୀ ଆଗେଇ ନଥିଲେ ସୁଦ୍ଧା ଯେତେ ଦୂର ସମ୍ଭବ ଚେଷ୍ଟା ଚାଲିଛି—ଶିକ୍ଷା ପ୍ରତି ଏ ପ୍ରକାର ଗଣତାନ୍ତ୍ରିକ ମନୋବୃତ୍ତି ହିଁ ଖୁବ୍ ପ୍ରଶଂସନୀୟ । କିନ୍ତୁ ଆମ ଦେଶରେ କଲେଜ ଶିକ୍ଷା ମୁଷ୍ଟିମେୟ ପଇସା ଥିବା ଛାତ୍ରମାନଙ୍କ ଲାଗି ହିଁ ସମ୍ଭବ । ଯେଉଁମାନଙ୍କର ପ୍ରବଳ ଉତ୍ସାହ ଓ ଉପଯୁକ୍ତ ବୁଦ୍ଧି ଅଛି, ଅଥଚ ପଇସା ନାହିଁ, ସେମାନଙ୍କ ଲାଗି ବିଶେଷ ସୁବିଧା ନାହିଁ । ଯଦି ଜଣେ ଚାକିରି କରି ତାର ଅବସର ସମୟରେ ପଢ଼ାପଢ଼ି କରି କଲେଜ ପରୀକ୍ଷା ଦେବାକୁ ଚାହେଁ, ତାକୁ ବିଶ୍ୱବିଦ୍ୟାଳୟ ଅନୁମତି ଦିଏ ନାହିଁ । ଅନେକ ଉତ୍ସାହୀ ବୁଦ୍ଧିଆ ଛାତ୍ର ପଇସା ଅଭାବରୁ ମାଟ୍ରିକ୍ୟୁଲେସନ୍ ପରେ ଚାକିରି କରିଥାଆନ୍ତି । ସେମାନଙ୍କ ପରି ସନ୍ଧ୍ୟା କ୍ଲାସ ପ୍ରଥା ତ ଆମ ଦେଶରେ ନାହିଁ । ଯେଉଁଥିରେ ସନ୍ଧ୍ୟା କ୍ଲାସ୍ ଅଛି, ସେଥିପାଇଁ ମଧ ଚାକିରି କରୁଥିବା ଲୋକଙ୍କୁ ସହଜରେ ଅନୁମତି ମିଳେ ନାହିଁ । କିଛିଦିନ ଆଗେ ଚାକିରି କରି ଲୋକେ ଆଇନ୍ ପଢ଼ି ପାରୁଥିଲେ; କିନ୍ତୁ ବର୍ତ୍ତମାନ କେତେକ କ୍ଷେତ୍ରରେ ସେତକ ମଧ ବନ୍ଦ ହୋଇଯାଉଛି ।

ଏଠାକାର କଲେଜ ଶିକ୍ଷା ଆମ କଲେଜ ଶିକ୍ଷାଠାରୁ ଅନେକ ଉଚ୍ଚରେ । ଛାତ୍ରମାନେ ଖୁବ୍ ଉତ୍ସାହୀ ଓ ପରିଶ୍ରମୀ ଏବଂ ପ୍ରଫେସରମାନେ ମଧ ଖୁବ୍ ନ୍ୟାୟପରାୟଣ ଓ ସୁଯୋଗ୍ୟ । ମାଟ୍ରିକ୍ୟୁଲେସନ୍ ପରେ ଯେ କୌଣସି ଛାତ୍ର କଲେଜକୁ ଆସେନା—ଯେଉଁମାନଙ୍କର ବିଶ୍ୱବିଦ୍ୟାଳୟ ଶିକ୍ଷା ବିଷୟରେ ଉପଯୁକ୍ତ ଆଗ୍ରହ ଅଛି, ସେମାନେ ହିଁ ଆସନ୍ତି । ତେଣୁ ସେମାନଙ୍କର ପଢ଼ାପଢ଼ିରେ ବହୁତ ଉତ୍ସାହ ଥାଏ । ଆମ ଦେଶରେ ଛାତ୍ରମାନେ ଚାକିରି ଉଦ୍ଦେଶ୍ୟରେ କଲେଜକୁ ଆସିଥାଆନ୍ତି । ତା'ଛଡ଼ା ମାଟ୍ରିକ୍ୟୁଲେସନ୍ ଓ ବି.ଏ. ପାଶ୍ କରିଥିବା ଲୋକଙ୍କ ଭିତରେ ଅର୍ଥ ଉପାର୍ଜନ ଦିଗରେ ଏତେ ତଫାତ୍ ହୋଇଥାଏ ଯେ ପଢ଼ିବାରେ ଇଚ୍ଛା ନଥିଲେ ସୁଦ୍ଧା ଅନେକେ କଲେଜକୁ ଚାକିରିଟିଏ ପାଇବା ଆଶାରେ ଆସିଥାଆନ୍ତି । ସେଠାରେ ପନ୍ଦର ବର୍ଷ ବୟସରେ ବାଧ୍ୟତାମୂଳକ ପାଠ ଶେଷ କରି ନିଜ ରୁଚି ଅନୁସାରେ ବିଭିନ୍ନ ଦିଗରେ ଯିବାର ସୁବିଧା ଅଛି ଓ ବିଭିନ୍ନ ବିଭାଗର ଦରମାହାରର ତାରତମ୍ୟ ସେତେ ବେଶୀ ନଥାଏ; ତେଣୁ ଅଯଥା ପ୍ରତିଯୋଗିତାରେ ଜୀବନର ବହୁମୂଲ୍ୟ ସମୟ ଓ ଶକ୍ତି ନଷ୍ଟ ହୁଏନାହିଁ ।

ପ୍ରଫେସରମାନଙ୍କର ସାମାଜିକ ସମ୍ମାନ ଓ ଅନ୍ୟାନ୍ୟ ଚାକିରିଆଙ୍କ ତୁଳନାରେ ଆର୍ଥିକ ବୈଷମ୍ୟ ନଥିବାରୁ ସେମାନେ ମନର ଶାନ୍ତି ଓ ସନ୍ତୋଷର ସହିତ କାମ କରିଥାଆନ୍ତି । ଆମ ଦେଶ ପରି ଦିନକୁ ଚାରି ପାଞ୍ଚ ଘଣ୍ଟା ଚିତ୍କାର କରିବାକୁ ପଡ଼େ ନାହିଁ । ଯଥେଷ୍ଟ ଅବସର ପାଉଥିବାରୁ ପଢ଼ାପଢ଼ି ଓ ଅନ୍ୟାନ୍ୟ ଗବେଷଣା ସମ୍ଭବ ହୋଇପାରେ । ଆମ ଦେଶରେ ଏପରି କଲେଜ ଅଛି, ଯେଉଁଠାରେ ଜଣେ ଅଧ୍ୟାପକ ଆଇ.ଏ., ବି.ଏ.ର ଚାରି କ୍ଲାସର ସବୁ ବିଷୟ ପଢ଼ାନ୍ତି; କାରଣ ପିଲାଙ୍କ ସଂଖ୍ୟା କମ୍ ଥିବାରୁ ହପ୍ତାରେ ତାଙ୍କର ନିର୍ଦ୍ଦିଷ୍ଟ ପିରିଏଡ୍ ସଂଖ୍ୟା ପୂରଣ କରିବାକୁ ହେଲେ

Digitized by PPRACHIN, SOA

ସବୁ କ୍ଲାସ୍‌ରେ ପଢ଼ାଇବା ଦରକାର ପଡ଼େ । ଅନେକ ସମୟରେ ଉପରୁ ଯୁକ୍ତି ହୁଏ ଯେ ହପ୍ତାରେ ୨୦/୨୧ ଘଣ୍ଟା ଯଦି ପଢ଼ାଇ ହୁଏ ଆଉ ଚାରି ଘଣ୍ଟା ପଢ଼ାଇଦେଲେ କ୍ଷତି କ'ଣ ? ମୋ ପ୍ରଫେସର ଯେତେବେଳେ ଶୁଣିଲେ ଯେ ମୁଁ ହପ୍ତାରେ ୨୦/୨୧ ଘଣ୍ଟା ପଢ଼ାଏ, ସେ ଏକାବେଳେ ଅବାକ୍ ହୋଇ ପଚାରିଲେ—'ତୁମ ଦେଶରେ କ'ଣ ଏହା ବିଶ୍ୱବିଦ୍ୟାଳୟ ଶିକ୍ଷା !' ତାଙ୍କ ମତରେ ଯେ ୨୧ ଘଣ୍ଟା କଲେଜରେ ପଢ଼ାଏ, ସେ କିଛି ପଢ଼ାଏ ନାହିଁ । ସେମାନଙ୍କର ଆଗରେ ଆମ କଲେଜ କଥା କହିବାକୁ ପ୍ରକୃତରେ ଲାଜ ମାଡ଼େ ।

ପ୍ରଫେସର ଓ ଛାତ୍ରମାନଙ୍କ ସାଧୁତା ବଡ଼ ପ୍ରଶଂସନୀୟ । ପ୍ରଫେସରମାନେ ରେଜିଷ୍ଟ୍ରି ଖାତା ଧରି ନାଁ ଡାକନ୍ତି ନାହିଁ । କେତେ ଖଣ୍ଡ ସାଧା କାଗଜ କ୍ଲାସ୍ ବେଞ୍ଚ ଉପରେ ରଖାଯାଇଥାଏ । ଯେଉଁମାନେ ଆସିଥାଆନ୍ତି, ସେମାନେ ନିଜ ନିଜ ନାଁ ଲେଖି ଛାଡ଼ିଯାନ୍ତି । କେହି ନ ଆସି ବନ୍ଧୁ ଦ୍ୱାରା ନାଁ ଲେଖାଇବାର ଚେଷ୍ଟା କରେନାହିଁ । ସମସ୍ତେ ସ୍ୱେଚ୍ଛାରେ ଆଗ୍ରହର ସହିତ ପଢ଼ିବାକୁ ଆସୁଥିବାରୁ ଏ ପ୍ରକାର ଶଠତାର ଦରକାର ପଡ଼େନାହିଁ । ଆମ ଦେଶର ଛାତ୍ରଙ୍କ ପରି ତ ଖାଲି ଚାକିରି ଉଦ୍ଦେଶ୍ୟରେ ଏମାନେ କଲେଜ ଆସି ନଥାନ୍ତି, ପ୍ରକୃତ ବିଦ୍ୟାର୍ଜନ ଲାଗି ଏମାନେ କଲେଜରେ ଭର୍ତ୍ତି ହୋଇଥାନ୍ତି । ପ୍ରଫେସର ଏବଂ ଅନ୍ୟାନ୍ୟ କଲେଜ ଓ ବିଶ୍ୱବିଦ୍ୟାଳୟ କର୍ତ୍ତାମାନେ ମଧ୍ୟ ବଡ଼ ନିରପେକ୍ଷ ଭାବରେ କର୍ତ୍ତବ୍ୟ କରିଥାଆନ୍ତି । ଆମ ଦେଶରେ ତ ସବୁ ନିୟମକାନୁନ୍ କୋହଳ ହୋଇଥାଏ ବ୍ୟକ୍ତି ବିଶେଷର ପ୍ରତିପତ୍ତି ଅନୁସାରେ । ଆମ ଶିକ୍ଷାନୁଷ୍ଠାନମାନଙ୍କରେ ଯେପରି ଅନ୍ୟାୟ, ପକ୍ଷପାତ ଓ ଭଦ୍ରଚୋରି ଲାଗି ରହିଛି, ସେଥିରେ ମନ ବିଦ୍ରୋହୀ ହୋଇଉଠେ । ଦେଖାଯାଉ ସ୍ୱାଧୀନ ଭାରତର ଯୁବକମାନେ କିପରି ଏହାର ସମାଧାନ କରୁଛନ୍ତି ! ■■■

Digitized by PPRACHIN, SOA

ଷୋହଳ

ସ୍ୱାସ୍ଥ୍ୟ: ସମାଜ ମାଙ୍ଗଳି କାର୍ଯ୍ୟ

ଆମ ଦେଶରେ ଏକାନ୍ନ ପରିବାର ଭିତରେ କେହି ଜଣେ ଯଦି ରୋଗରେ ପଡ଼େ କିମ୍ବା କୌଣସି କାରଣ ଯୋଗୁଁ ତା'ର ଚାକିରି ଚାଲିଯାଏ, ସେ ତ ଆଉ ରାସ୍ତାକୁ ଯାଏନା ଭିକ ମାଗିବାକୁ—ତାକୁ ସମସ୍ତେ ସାହାଯ୍ୟ କରିଥାଆନ୍ତି । ଏକ ପରିବାରଭୁକ୍ତ ଥିବାରୁ ପରସ୍ପର ମଧ୍ୟରେ ସହଯୋଗ ଥାଏ । ଏ ପ୍ରକାର ଆଦର୍ଶରେ ଗଣତନ୍ତ୍ର ଶାସନର ଅସଲ ଭିତ୍ତି ପ୍ରତିଷ୍ଠା ହେବା ଉଚିତ୍ । ଇଂଲଣ୍ଡରେ ଗଲା ପଚାଶ ବର୍ଷ ହେଲା ଅନେକ ପ୍ରକାର ନିୟମ କାନୁନ୍ ହୋଇଆସୁଛି—ବିଧବା, ରୋଗୀ, ଆଘାତପ୍ରାପ୍ତ ଶ୍ରମିକ ପ୍ରଭୃତି ଅଭାବଗ୍ରସ୍ତ ଲୋକମାନଙ୍କର ସାହାଯ୍ୟ ଲାଗି । କିନ୍ତୁ ପ୍ରଥମେ ପ୍ରଥମେ ଏ ପ୍ରକାର ସାହାଯ୍ୟ ଶାସକଶ୍ରେଣୀ ତଥା ଉଦାରମନା ବ୍ୟକ୍ତିବିଶେଷ, ଧନିକର ଦୟା ଓ ସହାନୁଭୂତି ଉପରେ ନିର୍ଭର କରୁଥିଲା । ଦାନ କରିବା ଲୋକର ବଡ଼ିମା ଓ ଗ୍ରହଣ କରିବା ଲୋକର ହୀନତା ଏ ପ୍ରକାର ସାହାଯ୍ୟ ଭିତରେ ଲୁଚି ରହିଥିଲା । ବର୍ତ୍ତମାନ ଆମ ଦେଶର ବ୍ୟକ୍ତିବିଶେଷଙ୍କର ଦାନ ପଛରେ ଏପରି ଆତ୍ମ ଅହଂକାର ରହିଛି । କେତେକ ଲୋକଙ୍କୁ ନାନା ଉପାୟରେ ଠକି ଅପର୍ଯ୍ୟାପ୍ତ ଲାଭ କଲା ପରେ ସେଥିରୁ କିଛି ସ୍କୁଲ କଲେଜକୁ ଦାନ କରି କିମ୍ବା ଗୋଟାଏ କୁଷ୍ଠାଶ୍ରମ ବା ବିଧବାଶ୍ରମ, ଧର୍ମଶାଳା କରି ସମାଜରେ ବିଶେଷ ସମ୍ମାନ ପାଉଛନ୍ତି । ଏ ପ୍ରକାର ଦାନ ଯେ ଉଭୟ ପକ୍ଷକୁ ନୀଚ କରିଦିଏ, ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ଇଂଲଣ୍ଡରେ ଯେଉଁସବୁ ସାମାଜିକ ହିତକର କାର୍ଯ୍ୟ ସରକାର ତରଫରୁ ହେଉଛି, ସେସବୁ ପଛରେ ଏ ପ୍ରକାର ମାନହାନି ବା ଆତ୍ମଗରିମାର କୌଣସି ଚିହ୍ନ ନାହିଁ, ଗଣତାନ୍ତ୍ରିକ ମୂଳନୀତି ଅନୁଯାୟୀ ଲୋକଙ୍କର ଅସଲ ଦାବୀକୁ ସ୍ୱୀକାର କରାହେଉଛି ମାତ୍ର । ଏଥିଲାଗି ନବଜାଗ୍ରତ ଶ୍ରମିକ ଓ ଜନସାଧାରଣ ଦାୟୀ । ଧନି-ଦରିଦ୍ର-ନିର୍ବିଶେଷରେ ଏହା ସମାନ ଭାବରେ ସମସ୍ତଙ୍କ ପ୍ରତି ପ୍ରଯୁଜ୍ୟ । ଅବଶ୍ୟ ଧନିକର ଅନ୍ୟର ଝାଳବୁହା ଧନରୁ ଆତ୍ମସାତ୍ ଓ ତଜ୍ଜନିତ ଆତ୍ମଗରିମା ବର୍ତ୍ତମାନ ସୁଦ୍ଧା ପୂରାପୂରି ଇଂଲଣ୍ଡରେ ଲୋପ ନ ପାଇଥିଲେ ସୁଦ୍ଧା ଅନେକଟା କମି ଯାଇଛି । ସମାଜର ସାର୍ବଜନୀନ ହିତକର କାର୍ଯ୍ୟସବୁ ଯେପରି ହେବାର କଥା, ବର୍ତ୍ତମାନ ସୁଦ୍ଧା ଏମାନଙ୍କ ଯୋଗୁଁ ସେପରି ସମ୍ପୂର୍ଣ୍ଣଭାବେ ସମାହିତ ହୋଇପାରୁ ନଥିଲେ ମଧ୍ୟ ଯାହା ହେଉଛି ତାହା ଯେ ଖୁବ୍ ପ୍ରଶଂସନୀୟ, ଏଥିରେ ସନ୍ଦେହ ନାହିଁ ।

୧୯୪୬ ମସିହାର ସ୍ୱାସ୍ଥ୍ୟ ଆଇନ ଅନୁସାରେ ଇଂଲଣ୍ଡର ସମସ୍ତେ ବିନା ଖର୍ଚ୍ଚରେ ଯେ କୌଣସି ଚିକିତ୍ସା ପାଇପାରିବେ । ପ୍ରତ୍ୟେକେ ଜଣେ ଡାକ୍ତର ପାଖରେ ନିଜର ନାଁ ଲେଖାଇଲା ପରେ ଯେତେବେଳେ ଯାହା ହେବ, ସେ ଡ଼ାକ୍ତରଙ୍କଠାରୁ ବିନା ମୂଲ୍ୟରେ ସେବା ଶୁଶ୍ରୂଷାର ସୁବିଧା ପାଇ ପାରିବେ । ଔଷଧପତ୍ରଠାରୁ ଆରମ୍ଭ କରି ଚଷମା, ଦାନ୍ତବନ୍ଧା ପର୍ଯ୍ୟନ୍ତ ସମସ୍ତ ଜିନିଷ ମାଗଣା ପାଇବେ । ଖୁବ୍ ବଡ଼ ବଡ଼ ଅପରେସନ୍ ମଧ୍ୟ ସଙ୍ଗେ ସଙ୍ଗେ ବଡ଼ ଡାକ୍ତରଖାନାରେ ବିନାଖର୍ଚ୍ଚରେ ସମ୍ଭବ ହୋଇ ପାରିବ । ଏକ୍ସରେ, ମଳ, ମୂତ୍ର, ରକ୍ତପରୀକ୍ଷା, ରେଡ଼ିୟମ, ପେନିସିଲିନ୍ ପ୍ରଭୃତି

Digitized by PPRACHIN, SOA

ବହୁ ବ୍ୟୟସାପେକ୍ଷ ଚିକିତ୍ସା ଯେ କୌଣସି ଲୋକ ପକ୍ଷରେ ବର୍ତ୍ତମାନ ସମ୍ଭବ । କିଛି ଦିନ ଭିତରେ ପ୍ରତ୍ୟେକ ଅଂଚଳରେ ଗୋଟିଏ ସ୍ୱାସ୍ଥ୍ୟ ନିବାସ ତିଆରି ହେବ ଏବଂ ସେଥିରେ ଚିକିତ୍ସା, ପଢ଼ିବା ଘର, ପୁସ୍ତକାଗାର ପ୍ରଭୃତିର ସବୁ ପ୍ରକାର ବନ୍ଦୋବସ୍ତ କରାଯିବ । ସ୍ୱାସ୍ଥ୍ୟ ବିଷୟରେ ନିୟମିତ ଭାବରେ ବକ୍ତୃତା ଓ ସିନେମା ସାହାଯ୍ୟରେ ପ୍ରଚାର କାର୍ଯ୍ୟ ମଧ୍ୟ ସମ୍ପାଦିତ ହେବ । ଏ ପ୍ରକାର ବ୍ୟବସ୍ଥା ହେଲେ ଲୋକେ ଯେ ଖାଲି ସ୍ୱାସ୍ଥ୍ୟସମ୍ପନ୍ନ ହୋଇ ଅନେକ ଦିନ ବଞ୍ଚିପାରିବେ ତା’ ନୁହେଁ, ରୋଗ ସଂଖ୍ୟା ବି କମିଯିବ ।

ପଇସା ଅଭାବରୁ ଲୋକେ ଡାକ୍ତର ପାଖକୁ ନ ଯାଇପାରି ଦେହରେ ରୋଗ କିଛି ଦିନ ମାରିନିଅନ୍ତି—ନିହାତି ବେଶୀ ହେଲେ ଯାଇ ଡାକ୍ତର ପାଖକୁ ଯାଆନ୍ତି । ସେତେବେଳକୁ ରୋଗ ଏପରି ବଢ଼ିଯାଇଥାଏ ଯେ ଡାକ୍ତରକୁ ଯେତିକି ପରିଶ୍ରମ କରିବାକୁ ହୁଏ, ରୋଗୀର ମଧ୍ୟ ସେତିକି ବେଶୀ ଖର୍ଚ୍ଚ ହୋଇଥାଏ । ବର୍ତ୍ତମାନ ଅବସ୍ଥାରେ ସାମାନ୍ୟ ଟିକିଏ କିଛି ହେଲାକ୍ଷଣି ଡାକ୍ତର ସାହାଯ୍ୟ ନେଲେ ରୋଗ ଆଉ ଜଟିଳ ହୋଇ ପାରିବ ନାହିଁ । ତେଣୁ ଡାକ୍ତରଖାନାରେ ରୋଗୀଙ୍କ ସଂଖ୍ୟା ବଢ଼ିପାରେ; କିନ୍ତୁ ମାରାତ୍ମକ ରୋଗସଂଖ୍ୟା ନିଶ୍ଚୟ କମିଯିବ । ଏ ପ୍ରକାର ବ୍ୟବସ୍ଥା ଆରମ୍ଭ ହେବାର ଛଅମାସ ଭିତରେ ପ୍ରାୟ ୩୦ ଲକ୍ଷ ଚଷମା ଦରକାର ପଡ଼ିଛି । ଡାକ୍ତରଙ୍କ ମତରେ ଅଧିକାଂଶ ଲୋକେ ଭୁଲ ଚଷମା ଲଗାଉଥିଲେ— ଅନେକଙ୍କର ଆଖି ଖୁବ୍ ଖରାପ ଅବସ୍ଥାରେ ଥିଲେ ସୁଦ୍ଧା ସେମାନେ ପଇସା ଅଭାବରୁ ଚଷମା ଲଗାଇ ପାରୁ ନଥିଲେ । କିନ୍ତୁ କ୍ରମେ କ୍ରମେ ଏମାନଙ୍କ ସଂଖ୍ୟା ଯେ କମିଯିବ, ଏଥିରେ ସନ୍ଦେହ ନାହିଁ ।

ଖାଲି ଶାରୀରିକ ବ୍ୟାଧିର ଉପଶମ ଲାଗି ଯେ ଏ ପ୍ରକାର ବ୍ୟବସ୍ଥା ଅଛି ତା ନୁହେଁ, ମାନସିକ ବିକାରର ଦୂରୀକରଣ ଲାଗି ମଧ୍ୟ ସବୁ ପ୍ରକାର ବନ୍ଦୋବସ୍ତ ବିନା ଖର୍ଚ୍ଚରେ ହୋଇପାରିବ । ମୋ ପଡ଼ିଶାଘରେ ଗୋଟିଏ ମାନସିକ ବିକାରଗ୍ରସ୍ତା ସ୍ତ୍ରୀକୁ ଉପଯୁକ୍ତ ସ୍ୱାସ୍ଥ୍ୟନିବାସକୁ ପଠାଇବା ପାଇଁ ମୁଁ ଚେଷ୍ଟା କରିଥିଲି । ମୁଁ ଫୋନ କଲାକ୍ଷଣି ସେମାନେ ସଙ୍ଗେ ସଙ୍ଗେ ସମସ୍ତ ଠିକଣା ଟିପିନେଲେ ଏବଂ ପ୍ରାୟ ଦୁଇ ଘଣ୍ଟା ଭିତରେ ଦୁଇ ଜଣ ନର୍ସ ଆସି ପହଞ୍ଚିଲେ ରୋଗୀ ଓ ତାର ଘରର ଆର୍ଥିକ ଅବସ୍ଥା ପ୍ରଭୃତି ବିଷୟରେ ସମସ୍ତ ବିବରଣ ସଂଗ୍ରହ କରିବା ପାଇଁ । ରୋଗୀର ଆର୍ଥିକ ଅବସ୍ଥା ଭଲ ନଥିଲେ ତା ଉପରେ ନିର୍ଭର କରୁଥିବା ଲୋକଙ୍କୁ ସାହାଯ୍ୟ ମିଳିବାର ବନ୍ଦୋବସ୍ତ ଅଛି । ତା ପରଦିନ ଗାଡ଼ିରେ ରୋଗୀକୁ ଗୋଟିଏ ଚମତ୍କାର ସ୍ୱାସ୍ଥ୍ୟନିବାସରେ ନେଇ ରଖାଇ ଦିଆଗଲା । ଏତେ ଚମତ୍କାର ସ୍ୱାସ୍ଥ୍ୟନିବାସ ଦେଖି ମୁଁ ଏକାବେଳକେ ମୁଗ୍ଧ ହୋଇଗଲି । ଆମ ଦେଶର ରାଜାରାଜୁଡ଼ା ନଅର ମଧ୍ୟ ଏତେ ଚକ୍ ଚକ୍ ଓ ଏତେ ଜାକଜମକ ହୋଇ ନଥିବ । ଚାରିଆଡ଼େ ଫୁଲ ଓ ଫଳର ବଗିଚା— ପ୍ରତ୍ୟେକ ରୋଗୀ ପାଇଁ ଟେବୁଲ ଉପରେ ଫୁଲତୋଡ଼ା—ପ୍ରତ୍ୟେକ ରୋଗୀ ପାଇଁ ନର୍ସ—ଖାଇବା ପାଇଁ ଚମତ୍କାର ବ୍ୟବସ୍ଥା—ପିଆନୋ, ରେଡ଼ିଓ ଓ ଟେଲିଭିଜନ ରୋଗୀମାନଙ୍କ ପାଇଁ—ନାଚିବା ପାଇଁ ଚକ୍‌ଚକ୍ କରୁଥିବା ବିରାଟ ହଲ । ମୋର ମନେ ହେଲା ବିନା ଚିକିତ୍ସାରେ ତ ରୋଗୀ ଏ ପ୍ରକାର ପରିସ୍ଥିତିରେ ଅଧେ ଭଲ ହୋଇଯିବ । ମନେ ମନେ ଭାବିଲି, ଆମେ କେତେ ତଳେ ପଡ଼ିଛୁ—ଆମ ଦେଶର ଡାକ୍ତରଖାନାର କି ବୀଭତ୍ସ ଦୃଶ୍ୟ, କି କଦର୍ଯ୍ୟ ବ୍ୟବହାର—କି ଭୟଙ୍କର ଆବହାଓ୍ୱା । ସୁସ୍ଥ ଲୋକ ମଧ୍ୟ ଆମ ଦେଶର ତଥାକଥିତ ସ୍ୱାସ୍ଥ୍ୟ ନିବାସରେ ରୋଗୀ ହୋଇ ପଡ଼ିବ—ନର୍ସ ଡାକ୍ତର ସହିତ ଥଟ୍ଟା ପରିହାସ କରୁଛି—ଡାକ୍ତରର ସାଧାରଣ ରୋଗୀକୁ ବଡ଼ ବେଖାତିର । ରୋଗୀର ଖାଦ୍ୟରୁ ଅନେକ ସମୟରେ କଣ୍ଟ୍ରାକ୍ଟରମାନେ ମଧ୍ୟ କିଛି ଲାଭ କରି ନିଅନ୍ତି । ହାୟରେ ଅଭାଗା ଦେଶ—ତୋର ଉନ୍ନତି କ’ଣ ଏ ଯୁଗରେ ସମ୍ଭବ ନୁହେଁ ।...

ଏ ଦେଶରେ ରୋଗୀମାନଙ୍କ ପାଇଁ ଯେପରି ସୁବ୍ୟବସ୍ଥା ଅଛି, ସ୍ୱାସ୍ଥ୍ୟବାନ ନରନାରୀ ତିଆରି କରିବାରେ ମଧ୍ୟ ଅକ୍ଳାନ୍ତ ପରିଶ୍ରମ କରାହେଉଛି । ମାତୃମଙ୍ଗଳ କେନ୍ଦ୍ରରେ ନବପ୍ରସୂତ ଶିଶୁ ବିଷୟରେ

Digitized by PPRACHIN, SOA

ସମସ୍ତ ପ୍ରକାରର ପରାମର୍ଶ ଓ ତାର ଉପଯୁକ୍ତ ଖାଦ୍ୟ ବିନା ମୂଲ୍ୟରେ କିମ୍ବା ସାମାନ୍ୟ କିଛି ପଇସା ନେଇ ଦିଆଯିବାର ବନ୍ଦୋବସ୍ତ ହୋଇଛି । କଡ୍‌ମାଛ ତେଲ, ଅଣ୍ଡା, କମଳା ରସ ପ୍ରଭୃତି ପୁଷ୍ଟିକର ଖାଦ୍ୟ ଏମାନଙ୍କ ଲାଗି ଦିଆ ହୁଏ । ତେଣୁ ଗତ ଦୁଇ ତିନିବର୍ଷ ଭିତରେ ଇଂଲଣ୍ଡରେ ଶିଶୁମୃତ୍ୟୁ ସବୁଠାରୁ କମ୍ ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଖୁବ୍ ଭଲ । ଖାଦ୍ୟ ଅଫିସରୁ ଗର୍ଭବତୀ ସ୍ତ୍ରୀ ପିଲା ଜନ୍ମ ପୂର୍ବରୁ ଓ ପରେ ଅନେକ ଦିନ ଧରି ବିଶେଷ ରେସନ୍ କାର୍ଡ଼ ପାଇଥାଏ–ଅଣ୍ଡା, ଦୁଧ ପ୍ରଭୃତି ପୁଷ୍ଟିକାରକ ଖାଦ୍ୟ ତାକୁ ସର୍ବପ୍ରଥମେ ଯୋଗାଇ ଦିଆହୁଏ ।

ତାଙ୍କ ଦେଶରେ ସଂକ୍ରାମକ ରୋଗ ନାହିଁ କହିଲେ ଚଳେ । ଆମ ଦେଶରେ ଯେପରି ହଇଜା, ବସନ୍ତ, ଟାଇଫଏଡ୍ ଓ ମ୍ୟାଲେରିଆ ଅନବରତ ଲାଗି ରହିଛି, ସେଠାରେ କୌଣସି ରୋଗକୁ ଏପରି ଭାବରେ କ୍ରମାଗତ ସମାଜର ରକ୍ତ ଶୋଷଣ କରିବାକୁ ଦିଆହୁଏ ନାହିଁ । ପ୍ରାୟ ପଚାଶ ବର୍ଷ ତଳେ ଇଂଲଣ୍ଡରେ ମଧ ହଇଜା, ବସନ୍ତ, ଟାଇଫଏଡ୍ ଓ ପ୍ଲେଗ୍ ଖୁବ୍ ବ୍ୟାପକ ଭାବରେ ଦେଖା ଦେଉଥିଲା; କିନ୍ତୁ ଖାଦ୍ୟପେୟ ଓ ପ୍ରତିଷେଧକ ଇଞ୍ଜେକ୍ସନ ପ୍ରଭୃତି ସାହାଯ୍ୟରେ ଏପରି ଭାବରେ ସେ ସବୁ ଆୟତ୍ତ କରାହୋଇ ପାରିଛି ଯେ ଆଜିକାଲି ଏସବୁ ରୋଗ ଆଦୌ ନାହିଁ । ଉପରୋକ୍ତ ସଂକ୍ରାମକ ରୋଗ ସବୁକୁ ଯେ ମଣିଷ ଏକାବେଳେ ନିର୍ମୂଳ କରିଦେଇପାରେ, ଏହା ତାହାର ପ୍ରମାଣ । ବ୍ୟକ୍ତିବିଶେଷ ଅପେକ୍ଷା ଦେଶର ସରକାର ଏସବୁ ରୋଗ ପାଇଁ ସମ୍ପୂର୍ଣ୍ଣ ଦାୟୀ । ପାଣି, ଖାଦ୍ୟ, ପଚାନାଳ ପ୍ରଭୃତି କେତୋଟି ଜିନିଷ ଆୟତ୍ତ କରି ନେଲେ ଅନେକ ରୋଗ ଲୋପ ପାଇଯିବ । ଆମ ଦେଶର ପଚାନାଳ ଓ ଦୁର୍ଗନ୍ଧ ଖୋଲା ପାଇଖାନା ପରିବେଷ୍ଟିତ ଘରେ ରହି ମାଛି ଭଣ ଭଣ ବସୁଥିବା ପଚାନାଳ କଡ଼ ଜଳଖିଆ ଦୋକାନରେ ଖାଇ, ଗୋରୁ, ମଇଁଷି ଗାଧୋଉଥିବା ପୋଖରୀରୁ ପାଣି ପିଇ ଆମେମାନେ ଯେ କିପରି ବଞ୍ଚି ରହିଛୁ, ସେଇଯା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଅବଶ୍ୟ ଯେପରି ଭାବରେ ବଞ୍ଚି ରହିଛୁ, ତାହା ସମସ୍ତେ ଅନୁଭବ କରୁଛୁ ।

ରୋଗ ନ ହେବା ପାଇଁ ପ୍ରତିଷେଧମୂଳକ ବ୍ୟବସ୍ଥା ଓ ରୋଗ ହେଲା ପରେ ସୁଚିକିତ୍ସାର ବନ୍ଦୋବସ୍ତ କରିଦେଲେ ଯଥେଷ୍ଟ ହେବ ନାହିଁ, ଲୋକମାନଙ୍କର ଆର୍ଥିକ ଉନ୍ନତି ହେବା ଉଚିତ । ସେଥିଲାଗି ମଧ ଯଥାସମ୍ଭବ ବ୍ୟବସ୍ଥା କରାହୋଇଛି । ଇଂଲଣ୍ଡର ଲୋକେ ୧୯୨୯-୧୯୩୨ର ବ୍ୟବସାୟ ଓ ଉତ୍ପାଦିତ ବସ୍ତୁର ମୂଲ୍ୟହ୍ରାସଜନିତ ଯେଉଁ ବିରାଟ ବେକାର ସମସ୍ୟା ଦେଖା ଦେଇଥିଲା, ତାହା ଭୁଲିପାରି ନାହାନ୍ତି । ଲକ୍ଷ ଲକ୍ଷ ଲୋକ କାମ ନ ପାଇ ଘରଦ୍ୱାର ଛାଡ଼ି ହାହାକାର କରି ବୁଲୁଥିଲେ । ପୁଞ୍ଜିପତି ଦେଶମାନଙ୍କରେ ଏହା ଗୋଟିଏ ଚିରନ୍ତନ ବ୍ୟାଧି । ବର୍ତ୍ତମାନର ଶ୍ରମିକ ସରକାର ପ୍ରାଣପଣେ ଚେଷ୍ଟା କରୁଛି ଯେ ସେ ଅବସ୍ଥା ଯେପରି ଆଉ ଥରେ ଦେଖା ନ ଦିଏ । ବର୍ତ୍ତମାନର ଅର୍ଥନୈତିକ ପରିସ୍ଥିତିରେ–ଆମେରିକାର ପୁଞ୍ଜିପତିଙ୍କ ଉପରେ ନିର୍ଭର କରି ତାହା କେତେଦୂର ସମ୍ଭବ ହେବ କହିହେବ ନାହିଁ । ତେବେ ଯୁଦ୍ଧ ପରେ ସେମାନେ ପ୍ରତ୍ୟେକ କାର୍ଯ୍ୟକ୍ଷମ ଲୋକକୁ କାମ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି– ଯଦି କେହି କାମ ନ ପାଏ ସେଥିଲାଗି ହପ୍ତାକୁ ୧୬ ଟଙ୍କା କରି ଅକର୍ମା ଭତ୍ତାର ମଧ ବନ୍ଦୋବସ୍ତ ହୋଇଛି । ଅର୍ଥାତ୍ କେହି ଯେପରି କାମ ନ ପାଇ ଅଭାବଗ୍ରସ୍ତ ନ ହୁଏ, ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆ ହେଉଛି କିମ୍ବା କାମ କରିବା ସମୟରେ ଯଦି କେହି କୌଣସି ପ୍ରକାର ଆଘାତପ୍ରାପ୍ତ ହୁଏ, ତା'ହେଲେ ସେ ମଧ ବିଶେଷ ଭତ୍ତା ପାଏ । ପୁରୁଷମାନେ ୬୫ବର୍ଷ ବୟସରେ ଓ ସ୍ତ୍ରୀ ମାନେ ୬୦ବର୍ଷ ବୟସରେ ବୃଦ୍ଧ ବୟସ ଭତ୍ତା ପାଇଥାଆନ୍ତି । ଜଣକୁ ହପ୍ତାରେ ପ୍ରାୟ ୧୮ ଟଙ୍କା, ସ୍ୱାମୀ-ସ୍ତ୍ରୀ ଉଭୟଙ୍କୁ ହପ୍ତାରେ ୨୮ ଟଙ୍କା ପେନସନ୍ ମିଳିଥାଏ । ତା'ଛଡ଼ା ଗର୍ଭବତୀ ସ୍ତ୍ରୀକୁ ଏକକାଳୀନ ପ୍ରାୟ ୫୩ ଟଙ୍କା ଓ ପ୍ରାୟ ତେର ହପ୍ତା ପର୍ଯ୍ୟନ୍ତ ହପ୍ତାକୁ ୨୪ ଟଙ୍କା କରି ଦିଆହୁଏ । ବିଧବା ସ୍ତ୍ରୀ ପାଇଁ ମଧ ହପ୍ତାକୁ ୧୮ ଟଙ୍କା କରି ଭତ୍ତା ମିଳିଥାଏ । କାମ କରୁଥିବା ଲୋକର କ୍ରମେ କ୍ରମେ ପରିବାର ବୃଦ୍ଧି ଯୋଗୁ ଆର୍ଥିକ ଅସୁବିଧା

Digitized by PPRACHIN, SOA

ହେବାର ସମ୍ଭାବନା—ତଦ୍ୱାରା ପିଲାମାନଙ୍କର ସ୍ୱାସ୍ଥ୍ୟହାନି ମଧ୍ୟ ଘଟିପାରେ; ତେଣୁ ପ୍ରଥମ ସନ୍ତାନ ଛଡ଼ା ପ୍ରତ୍ୟେକ ସନ୍ତାନ ପାଇଁ ହପ୍ତାକୁ ପ୍ରାୟ ଟ.୫.୫୦ ଅଧିକ ଭତ୍ତା ମିଳିଥାଏ । ଶିକ୍ଷା, ଚିକିତ୍ସା ପ୍ରଭୃତି ସବୁ ବିନା ଖରଚରେ ହୋଇପାରୁଥିବାରୁ ଓ ସେମାନଙ୍କର ଖାଦ୍ୟପେୟ ପାଇଁ ଅଧିକା ଭତ୍ତା ମିଳୁଥିବାରୁ ପିତାମାତାଙ୍କର କୌଣସି ଅଭାବ ଅସୁବିଧା ହୁଏ ନାହିଁ । ଏ ପ୍ରକାର ସୁବିଧା ଦେଶର ଯେ କୌଣସି ଲୋକ ପାଇପାରିବେ । ତେଣୁ ଆମ ଦେଶ ପରି ସାମାଜିକ ଜୀବନର ଅନିଶ୍ଚିତତା ଓ ତା ସାଙ୍ଗେ ସାଙ୍ଗେ ନାନା ପ୍ରକାରର ବ୍ୟକ୍ତିଗତ ତ୍ରୁଟି ଓ ବିଶୃଙ୍ଖଳା ଦେଖାଯାଏ ନାହିଁ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଶିକ୍ଷା, ଚିକିତ୍ସା, କାମ କରିବାର ସୁବିଧା ଓ କାମ ନ କରିପାରିଲେ ମଧ୍ୟ ଜୀବନଧାରଣ କରିବାର ଉପାୟ ସମସ୍ତଙ୍କ ପାଇଁ ସମାନ ଭାବରେ ଏବଂ ସବୁ ପ୍ରକାର ଅବସ୍ଥାରେ ଖଞ୍ଜିବା ଏମାନଙ୍କର ଲକ୍ଷ୍ୟ ।

ଖାଇବା, ପିଇବା, କାମ କରିବା, ପାଠ ପଢ଼ିବା ଛଡ଼ା ତ ପେରେ ରହିବା ପାଇଁ ଘରର ଆବଶ୍ୟକ । ଯୁଦ୍ଧ ସମୟରେ ଅନେକ ଘର ଭାଙ୍ଗିଯାଇଛି ଓ ତା' ପୂର୍ବରୁ ଟାଠଦଳର ରାଜତ୍ୱରେ ଅନେକ ଶ୍ରମିକ ବଡ଼ ଖରାପ ଘରେ ବାସ କରୁଥିଲେ । ସେମାନଙ୍କ ପାଇଁ ଉପଯୁକ୍ତ ଘର ତିଆରି କରିବା ଶ୍ରମିକ ସରକାରର ଆଉ ଗୋଟିଏ ଉଦ୍ଦେଶ୍ୟ । ସେଥିଲାଗି ଘର ତିଆରି ବ୍ୟବସାୟ ଜାତୀୟ ବ୍ୟବସାୟରେ ପରିଣତ କରାହୋଇଛି । ସେଥିଲାଗି ଟାଠଦଳ ଲୋକଙ୍କର ଖୁବ୍ ରାଗ । ସେମାନଙ୍କର ଇଚ୍ଛା ଯେ ଧନୀମାନେ ଇଚ୍ଛାନୁସାରେ ଘର ତିଆରି କରି ଲୋକମାନଙ୍କୁ ଭଡ଼ା ଦିଅନ୍ତୁ ଏବଂ ଘର ତିଆରି ବ୍ୟବସାୟ ବ୍ୟକ୍ତି ବିଶେଷର ଏକଚାଟିଆ ବ୍ୟବସାୟ ରୂପେ ରହୁ । ଘରର ଆବଶ୍ୟକତା ଦୃଷ୍ଟିରୁ ସରକାର ଏହାକୁ ନିୟନ୍ତ୍ରଣ କରିଛନ୍ତି— ତେବେ ଶ୍ରମିକ ସରକାରର ରାଜନୈତିକ ରକ୍ଷଣଶୀଳତା ଓ ଆହୁରି କେତେକ ତ୍ରୁଟି ଯୋଗୁ ଏହା ଖୁବ୍ ବେଶୀ କାମ ଦେଇପାରୁ ନାହିଁ । ତଥାପି ଯୁଦ୍ଧ ପରଠାରୁ ପ୍ରାୟ ସାଢ଼େ ସାତ ଲକ୍ଷ ଘର ଇଂଲଣ୍ଡରେ ତିଆରି ହୋଇପାରିଛି । ଘର ତିଆରି ଓ ଅନ୍ୟାନ୍ୟ ସାମାଜିକ ହିତକର କାର୍ଯ୍ୟସବୁ, ଯାହା କି ପୂର୍ବେ ବର୍ଣ୍ଣନା କରାହୋଇଛି— ଆହୁରି ଭଲ ଭାବରେ କରାଯାଇପାରନ୍ତା ଯଦି ଇଂଲଣ୍ଡ ଆମେରିକାର ସାଙ୍ଗରେ ପଡ଼ି ଭବିଷ୍ୟତ ଯୁଦ୍ଧ ପାଇଁ ଏତେ ବେଶୀ ଖର୍ଚ୍ଚ ନ କରନ୍ତା । ଯୁଦ୍ଧ ପରେ ଇଂଲଣ୍ଡର ଏପରି କିଛି ସ୍ୱଚ୍ଛଳ ଅବସ୍ଥା ନାହିଁ ଯେ ଉଭୟ କାମ ଏକା ସାଙ୍ଗେ କରିପାରିବ । ତେଣୁ ଯଦିଚ ଉପରୋକ୍ତ ଜନହିତକର କାର୍ଯ୍ୟାବଳୀ ଖୁବ୍ ପ୍ରଶଂସନୀୟ, ତଥାପି ବୈଦେଶିକ ନୀତି ଓ ଅନ୍ୟାନ୍ୟ ରାଜନୈତିକ ଭୁଲ୍ କ୍ରମେ କ୍ରମେ ଏତେ ବେଶୀ ଉତ୍କଟ ହୋଇପଡୁଛି ଯେ ହୁଏତ ଖୁବ୍ ନିକଟରେ ସେସବୁ ଭୁଶୁଡ଼ି ପଡ଼ିବ । ଶ୍ରମିକ ସରକାରର ଘରୋଇ ନୀତି ଓ ବାହାର୍ ନୀତି ଭିତରେ-ଖୁବ୍ ବୈଷମ୍ୟ ରହିଛି । ସାମ୍ୟବାଦ ପ୍ରତିଷ୍ଠା କରିବା ଘରୋଇ ନୀତି ହେଲେ ସୁଦ୍ଧା ପୁଞ୍ଜିପତିମାନଙ୍କ କଳକୌଶଳକୁ ଦୃଢ଼ ଭାବରେ ଏଡ଼ି ଚାଲିବା ଏମାନଙ୍କ ପକ୍ଷରେ ସମ୍ଭବ ହେଉନାହିଁ । ଫେଡ଼େରେସନ୍ ଅଫ୍ ବ୍ରିଟିଶ୍ ଇଣ୍ଡଷ୍ଟ୍ରିଜ୍ ପରି ପୁଞ୍ଜିପତି ଅନୁଷ୍ଠାନର ଏ ଦେଶରେ ଖୁବ୍ ବେଶୀ ପ୍ରଭାବ ରହିଛି । ତେଣୁ ଏସବୁ ସାମାଜିକ କାର୍ଯ୍ୟ ଭବିଷ୍ୟତରେ କେତେ ଦୂର ସୁରୁଖୁରୁରେ ଚାଲିପାରିବ, ଦେଖିବାର ବାସନା ରହିଲା । ■■■

Digitized by PPRACHIN, SOA

ସତର

ଇଂଲଣ୍ଡର ଖବରକାଗଜ

ବିଲାତରେ ଖବରକାଗଜ ଗୋଟିଏ ପ୍ରଧାନ ବ୍ୟବସାୟ । ସମସ୍ତେ ଚଉଦ ପନ୍ଦର ବର୍ଷ ପର୍ଯ୍ୟନ୍ତ ବାଧ୍ୟତାମୂଳକ ଶିକ୍ଷା ପାଉଥିବାରୁ ଖବରକାଗଜ ପଢ଼ିବାରେ ଅସୁବିଧା ହୋଇ ନଥାଏ । ଜଣାଯାଏ ଯେ ଶତକଡ଼ା ନବେ ପଞ୍ଚାନବେ ଲୋକ ଖବରକାଗଜ କିଣନ୍ତି ଏବଂ ଗୋଟିଏ ପରିବାର ଏକାଧିକ କାଗଜ କିଣିଥାଆନ୍ତି । କାମ ଶେଷ କରି ସନ୍ଧ୍ୟାରେ ଘରକୁ ଫେରି ଆସିଲା ବେଳକୁ ସମସ୍ତଙ୍କ ହାତରେ ଖଣ୍ଡେ ଦି' ଖଣ୍ଡ କାଗଜ ଦେଖାଯାଏ । ଗୋଟିଏ ରେଳ ଡବାରେ ହୁଏତ ଶହେଜଣ ଭର୍ତ୍ତି ହୋଇଥିବେ ଅଥଚ ସମସ୍ତେ ଖବରକାଗଜ ଖୋଲି ବସିଛନ୍ତି କିମ୍ବା ଠିଆ ହୋଇଛନ୍ତି । ଅମିଳାପୀ ଉଦାସୀନ ଇଂରେଜମାନଙ୍କର ଖବରକାଗଜ ଯେପରି ଗୋଟିଏ ମସ୍ତବଡ଼ ଅବଲମ୍ବନ ହୋଇପଡ଼ିଥାଏ । ଅବଶ୍ୟ ଅଧିକାଂଶ ସନ୍ଧ୍ୟା କାଗଜର ଉପର ପୃଷ୍ଠାର ଖବର ପ୍ରାୟ ସମାନ ହୋଇଥିଲେ ହେଁ ଅନେକେ ଦୁଇ ତିନିଟା କରି କିଣିଥାଆନ୍ତି; କାରଣ ଭିତରେ ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ଅର୍ଦ୍ଧ ଉଲଗ୍ନ ନାରୀ, ଅତ୍ୟାଚାରୀ ଦମ୍ପତିଙ୍କର ବୀଭତ୍ସ ଛାଡ଼ପତ୍ର କାହାଣୀ, ବରୋଦା ମହାରାଜଙ୍କର ୧୦ ଲକ୍ଷ ଟଙ୍କାର ଘୋଡ଼ା ଓ ତାଙ୍କ ସ୍ତ୍ରୀଙ୍କର ଚକ୍‌ଚକିଆ ଶାଢ଼ିର ଧଡ଼ି ପ୍ରଭୃତି ବିବରଣୀ ବିଭିନ୍ନ କାଗଜରେ ଭିନ୍ନ ଭିନ୍ନ ପ୍ରକାରେ ଆଲୋଚିତ ହୋଇଥାଏ ।

ଆଧୁନିକ ସମାଜରେ ଗଣଶିକ୍ଷା ଲାଗି ଖବରକାଗଜର ପ୍ରସାର ନିହାତି ଆବଶ୍ୟକ । ସାରା ଦେଶର ମତାମତ ବୈଜ୍ଞାନିକ ପ୍ରଣାଳୀରେ ଗଢ଼ିବାକୁ ଖବରକାଗଜ ବହୁତ ସାହାଯ୍ୟ କରିଥାଏ । ଯେତେବେଳେ ବିଭିନ୍ନ ବୈଜ୍ଞାନିକ ଆବିଷ୍କାର, ଖବର ସଞ୍ଚାର ପ୍ରଣାଳୀ ଓ ଶିଳ୍ପବାଣିଜ୍ୟର ପ୍ରସାର ଯୋଗୁଁ ସାରା ପୃଥିବୀ ସମୟ ଓ ସ୍ଥାନ ଦୃଷ୍ଟିରୁ ସଂକୀର୍ଣ୍ଣ ହୋଇପଡ଼ିଛି, ସେତେବେଳେ ସାରା ପୃଥିବୀର ଖବର ଖୁବ୍ ଅଳ୍ପ ସମୟ ଭିତରେ ସମସ୍ତଙ୍କର ଦୃଷ୍ଟିଗତ କରିବାକୁ ହେଲେ ଖବରକାଗଜର ପ୍ରସାର ଖୁବ୍ ବିସ୍ତୃତ ଭାବେ ହେବା ଦରକାର । ଅଳ୍ପ ଖର୍ଚ୍ଚରେ ବହୁତ ପ୍ରକାର ଜ୍ଞାନ-ବିଜ୍ଞାନ, ଦେଶ-ବିଦେଶର ସାଧାରଣ ଖବର ଲୋକଙ୍କ ଆଗରେ ପହଞ୍ଚାଇ ଦେବା ଉଚିତ୍; କିନ୍ତୁ ଆଧୁନିକ ଜଗତରେ ସମସ୍ତ ପ୍ରକାର ବୈଜ୍ଞାନିକ ଉଦ୍ଭାବନ ମୁଷ୍ଟିମେୟ ଲୋକଙ୍କର ସ୍ୱାର୍ଥସିଦ୍ଧି ଲାଗି ବ୍ୟବହୃତ ହୋଇଥାଏ ।

ଇଂଲଣ୍ଡ ଆମେରିକା ପରି ପୁଞ୍ଜିପତି ଦେଶମାନଙ୍କରେ ମୁଷ୍ଟିମେୟ ପୁଞ୍ଜିପତିଙ୍କ ହାତରେ ଖବରକାଗଜ ଗୁଡ଼ିକ ରହିଛି । ସେମାନେ ଏହାକୁ ବ୍ୟବସାୟ ଓ ଲାଭ ଦୃଷ୍ଟିରୁ ଦେଖୁଥିବାରୁ ନାନା ଉପାୟରେ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଚେଷ୍ଟା କରିଥାଆନ୍ତି ଓ ତା ସଙ୍ଗେ ସଙ୍ଗେ ନିଜ ନିଜ ସ୍ୱାର୍ଥକୁ ସାହାଯ୍ୟ କଲା ଭଳି ଖବରମାନ କେବଳ ବାଛି ବାଛି ଦେଇଥାନ୍ତି । ଏଥିଲାଗି ମୋ ମତରେ ସାମାନ୍ୟ କେତେ ଖଣ୍ଡ କୁଳୀନ ଖବରକାଗଜ ଛାଡ଼ିଦେଲେ (ସେମାନଙ୍କର କାଟତି ଅବଶ୍ୟ ଜନପ୍ରିୟ କାଗଜ ତୁଳନାରେ ଖୁବ୍ କମ୍) ଆଉ ସବୁ କାଗଜ ବଡ଼ କଦର୍ଯ୍ୟ । ଏ ପ୍ରକାର

Digitized by PPRACHIN, SOA

କାଗଜ ସବୁ ଏପରି ଭାବରେ ସମ୍ବାଦସବୁ ବାଛନ୍ତି ଏବଂ ଏପରି ଭାବରେ ସଜାଡ଼ି ଦିଅନ୍ତି ଯେ ପ୍ରକୃତ ଘଟଣା ଅସମ୍ଭବ ଭାବରେ ବିକୃତ ହୋଇ ଦେଖାଦିଏ । ଆଧୁନିକ ମନୋବିଜ୍ଞାନ ସାହାଯ୍ୟରେ ଏମାନେ ସାଧାରଣ ଲୋକଙ୍କ ମନ ଭିତରେ ନିଜ ନିଜର ମତାମତ ବଡ଼ କୌଶଳର ସହିତ ପ୍ରବେଶ କରାଇଦିଅନ୍ତି । ଉଦାହରଣ ସ୍ୱରୂପ, ଭାରତବର୍ଷ ବିଷୟରେ ସାମ୍ପ୍ରଦାୟିକ ଗଣ୍ଡଗୋଳ ଛଡ଼ା ଆଉ ବିଶେଷ କିଛି ବାହାରେ ନାହିଁ । କାଗଜସବୁ ଦେଖାଇବାକୁ ଚାହାନ୍ତି ଯେ ଇଂରେଜମାନେ ଭାରତ ଛାଡ଼ିଲା ପରେ, ଅରାଜକତା ଛଡ଼ା ସେଠାରେ ଆଉ କିଛି ନାହିଁ । ୧୯୪୨ ଗଣ୍ଡଗୋଳ ପରେ ସେଠାକାର ପ୍ରଧାନ ଜନପ୍ରିୟ କାଗଜ 'ଡେଲି ଏକ୍ସପ୍ରେସ୍' ଲେଖିଥିଲେ ଯେ ଗାନ୍ଧୀ ପ୍ରଭୃତି ଅନ୍ୟାନ୍ୟ ଗଣ୍ଡଗୋଳକାରୀମାନଙ୍କୁ ଭାରତର ହିତ ଦୃଷ୍ଟିରୁ ଦେଶରୁ ଅତିଶୀଘ୍ର ନିର୍ବାସନ କରିବା ଉଚିତ । ଅନ୍ୟ ସମୟରେ ରାଜାମହାରାଜାଙ୍କ ପରି ଭାରତର ତଥାକଥିତ ବିଶିଷ୍ଟ ଲୋକଙ୍କର ଘୋଡ଼ା ଦୌଡ଼, କୋଠାବାଡ଼ି, ସମ୍ପତ୍ତିର ହିସାବ ପ୍ରଭୃତି ବିଷୟରେ ଛାଡ଼ିଦେଲେ ଆଉ ବିଶେଷକିଛି ବାହାରେ ନାହିଁ । ଭାରତ ସରକାରର ହାଇଦରାବାଦ ଅଭିଯାନ ସମୟରେ ନିଜାମ୍ ବିଷୟରେ ବହୁତ କରୁଣାତ୍ମକ ଖବର ବାହାରୁଥିଲା । ରୁଷିଆ ଓ ଅନ୍ୟାନ୍ୟ ବିଷୟରେ ତ ଅତି କଦର୍ଯ୍ୟ ଭାବରେ ଲେଖା ହୋଇଥାଏ । ଆମ ଦେଶର ଖବରକାଗଜମାନେ ମଧ ଏ ଦିଗରେ ସେମାନଙ୍କୁ ବହୁତ ଅନୁକରଣ କରୁଛନ୍ତି । ଚେକୋସ୍ଲୋଭାକିଆରେ ୧୯୪୮ ଫେବୃୟାରୀରେ ବିନା ରକ୍ତପାତରେ ଯେଉଁ ବିପ୍ଳବ ହୋଇଥିଲା, ସେ ବିଷୟରେ କେତେକ କାଗଜ ବଡ଼ ବଡ଼ ଅକ୍ଷରରେ ଲେଖିବାକୁ ଆରମ୍ଭ କଲେ ଯେ କିପରି ଛାତ୍ରମାନେ ପୋଲିସ୍ ମାଡ଼ରେ ରକ୍ତାକ୍ତ ହୋଇପଡ଼ିଛନ୍ତି– କିନ୍ତୁ 'ଟାଇମ୍ସ' କାଗଜରେ ବାହାରିଥାଏ ଯେ କେତେ ଜଣ ଛାତ୍ର ଶୋଭାଯାତ୍ରାରେ ଠେଲାପେଲାରେ ତଳେ ପଡ଼ି ସାମାନ୍ୟ ଆଘାତ ପାଇଛନ୍ତି ମାତ୍ର । 'ଟାଇମ୍ସ' ଖବରକାଗଜର ଖୁବ୍ ନାମ ଥିଲେ ସୁଦ୍ଧା ଖୁବ୍ କମ୍ ଲୋକ ପଢ଼ନ୍ତି; ତେଣୁ ବର୍ତ୍ତମାନ ସୁଦ୍ଧା ଲୋକେ ଏହି ଭୁଲ୍ ଖବର ଜାଣନ୍ତି ।

ପ୍ରଥମ କଥା, ଏମାନେ ଛାଡ଼ପତ୍ର, ଚୋରି-ଡକାୟତି, ସ୍ତ୍ରୀମାନଙ୍କର ସୁନ୍ଦର ଗୋଡ଼, ମୁହଁ ଓ ମୁଣ୍ଡର ବାଳ, ଅଶ୍ଳୀଳ ଓ ରୋମାଞ୍ଚକର ଖବର ସବୁକୁ ବେଶୀ ସ୍ଥାନ ଦେଇଥାଆନ୍ତି; ତା'ଛଡ଼ା ଆନ୍ତର୍ଜାତିକ ଓ ଅନ୍ୟାନ୍ୟ ଅର୍ଥନୈତିକ ଓ ରାଜନୈତିକ ଖବର ଯାହା ଦିଅନ୍ତି, ତାକୁ ଏପରି ଭାବରେ ଦିଅନ୍ତି ଯେ ଲୋକଙ୍କ ମନରେ ଭୁଲ୍ ଧାରଣା ହୋଇଥାଏ । ଉଦାହରଣ ସ୍ୱରୂପ, ଶ୍ରମିକ ଦଳର ମୁଖପତ୍ର 'ଡେଲି ହେରାଲଡ୍' ଯାହାର କାଟତି ଦିନକୁ ୨୧ ଲକ୍ଷ ୪୦ ହଜାର—ଗ୍ରୁପ୍ କ୍ୟାପ୍ଟେନ୍ ଡନାଲ୍ଡସନ (ଜଣେ ସାଧାରଣ ଲୋକ ମାତ୍ର)ର ଛାଡ଼ପତ୍ର କଳଙ୍କ ବିଷୟରେ ଏବଂ ତା'ର ପୂର୍ବ ଓ ପର ସ୍ତ୍ରୀର ଛବି ସହ ବିଶଦ ବିବରଣୀ ୧୨ ଇଞ୍ଚ (ସ୍ତମ୍ଭ ଧାଡ଼ିର ମାପ) ବାହାରିଥିବା ସ୍ଥଳେ ଚାଇନାର ଗୃହଯୁଦ୍ଧ ବନ୍ଦ ବିଷୟରେ ଚାଏଙ୍ଗ କାଇଶେକଙ୍କର ସନ୍ଧିପ୍ରସ୍ତାବ ବିଷୟରେ ଦେଢ଼ଇଞ୍ଚ (ସ୍ତମ୍ଭ ଧାଡ଼ି) ମାତ୍ର ସ୍ଥାନ ଦିଆଯାଇଥାଏ । 'ଡେଲି ଏକ୍ସପ୍ରେସ୍'ର ଦିନକୁ କାଟତି ୩୮ ଲକ୍ଷ ୬୦ ହଜାର । ହାରାହାରି ଶତକଡ଼ା ୩୩ ଭାଗ ସ୍ଥାନ ବୈଦେଶିକ, ଘରୋଇ, ଅର୍ଥନୈତିକ ପ୍ରଭୃତି ସବୁ ପ୍ରକାର ଦରକାରୀ ଖବର ଲାଗି ଦେଇଥିବା ସ୍ଥଳେ ଯୌନ, ଚୋରି ଡକାୟତି, ଖେଳ ଓ ଅନ୍ୟାନ୍ୟ ଖବର ପାଇଁ ଅନେକ ବେଶୀ ସ୍ଥାନ ଦିଆଯାଇଥାଏ । 'ଡେଲିମେଲ୍'ର ଦିନକୁ ୩୬ ଲକ୍ଷ ଓ ରବିବାର କାଗଜ 'ଦି ପିପୁଲ୍'ର ୪୬ ଲକ୍ଷ ଦଶ ହଜାର କାଟତି ହୋଇଥାଏ । କିନ୍ତୁ ଟାଇମସ୍, ମାଞ୍ଚେଷ୍ଟର ଗାଡ଼ିଆନ ପ୍ରଭୃତି କେତୋଟି ଉଚ୍ଚ ଧରଣର କାଗଜ ଛାଡ଼ିଦେଲେ ଆଉ ସମସ୍ତ କାଗଜ ଏପରି ବାଜେ ଧରଣର ଲେଖାରେ ଭର୍ତ୍ତି ହୋଇଥାଏ ।

ତେବେ ପ୍ରଶ୍ନ ହୁଏ ଯେ, ଇଂଲଣ୍ଡ ପରି ସଭ୍ୟ ଦେଶରେ ଏ ପ୍ରକାର କଦର୍ଯ୍ୟ ଧରଣର ଖବରକାଗଜ ସବୁ କାହିଁକି ଏତେ ବେଶୀ ପ୍ରଚଳିତ ? ଇଂରେଜମାନେ ନିଜ ଦେଶର ଖବରକାଗଜମାନଙ୍କର ସ୍ୱାଧୀନତା ଓ ଗଣତାନ୍ତ୍ରିକ କ୍ଷମତା ବିଷୟରେ ବହୁତ ବଡ଼ିମା କରିଥାଆନ୍ତି ।

Digitized by PPRACHIN, SOA

୧୯୪୮ ମାର୍ଚ୍ଚ ୨୩ରେ ଜେନିଭାରେ ବସିଥିବା ସ୍ୱାଧୀନ ମତପ୍ରକାଶ ବିଷୟରେ ଆନ୍ତର୍ଜାତିକ ସମ୍ମିଳନୀରେ ଇଂଲଣ୍ଡ ଓ ଆମେରିକା ପ୍ରତିନିଧିମାନେ ନିଜ ନିଜ ଦେଶର ଖବରକାଗଜମାନଙ୍କ ସ୍ୱାଧୀନତା ବିଷୟରେ ଲମ୍ବା ଲମ୍ବା ବକ୍ତୃତାମାନ ଦେଇଥିଲେ । ସେମାନଙ୍କ ମତରେ ତାଙ୍କ ଦେଶରେ ହିଁ ଖବରକାଗଜମାନେ ସ୍ୱାଧୀନ ଭାବରେ ଲୋକସେବା କରୁଛନ୍ତି । କିନ୍ତୁ ଖବରକାଗଜର ଆଲୋଚ୍ୟ ବିଷୟରୁ ଜଣାଯାଏ ଯେ ଏହା 'ଲୋକସେବା ପରିବର୍ତ୍ତେ ଲୋକଙ୍କର କି ଭୟଙ୍କର କ୍ଷତି କରୁଛି । ଇଂଲଣ୍ଡର ପ୍ରାୟ ସବୁ କାଗଜ ବଡ଼ ବଡ଼ ଧନୀ ବ୍ୟବସାୟୀଙ୍କର ଏକଚାଟିଆ ବ୍ୟବସାୟ ରୂପେ ରହିଛି । ଅନେକ ଖବରକାଗଜ ଗୋଟିଏ ଗୋଟିଏ ପୁଞ୍ଜିପତିଙ୍କ ଗୋଷ୍ଠୀରୁ ପ୍ରକାଶ ପାଇଥାଏ । ଏ ପ୍ରକାର ପ୍ରଧାନ ୫ଟି ଗୋଷ୍ଠୀ ଭିତରୁ ପ୍ରାୟ ୫୦ଟି ଖବରକାଗଜ ବାହାରିଥାଏ ଓ ସେମାନଙ୍କର ମୋଟାମୋଟି କାଟତି ପ୍ରାୟ ଅଢ଼େଇ କୋଟି । ଅର୍ଥାତ୍ ଦେଶର ଅଧିକାଂଶ ଖବରକାଗଜ ଏହି କେତେ ଜଣଙ୍କ ଦ୍ୱାରା ପରିଚାଳିତ ଓ ତା'ର ଲାଭାଂଶ ଏହିମାନେ ହିଁ ପାଇଥାଆନ୍ତି । ଲର୍ଡ଼ ରଥରମିଏରଙ୍କ ଆୟତ୍ତରେ ଲଣ୍ଡନ ସହରରେ କେବଳ ପାଞ୍ଚଟି ଦୈନିକ ଖବରକାଗଜ ଓ ମଫସଲରେ ଆଉ ଦଶଟା କାଗଜ ରହିଛି । ଏହା 'ଡେଲିମେଲ୍ ଗୋଷ୍ଠୀ' ନାମରେ ପରିଚିତ । ଲର୍ଡ଼ କେମ୍ସ୍ଲେ (Lord Kemsely) ଗୋଷ୍ଠୀ ଦ୍ୱାରା ଲଣ୍ଡନରେ ତିନୋଟି କାଗଜ ଓ ବାହାରେ ୨୦ଟି କାଗଜ ପ୍ରକାଶିତ ହୁଏ । ବେଭେରବ୍ରୁକ ଗୋଷ୍ଠୀରୁ ଚାରୋଟି ବଡ଼ ବଡ଼ କାଗଜ ବାହାରିଥାଏ । ପ୍ରାଦେଶିକ ଗୋଷ୍ଠୀ ମଧ୍ୟରୁ ସାର୍ ହାର୍ବର୍ଟ ଗ୍ରୋଟେନ୍ ଏଡିନ୍‌ବରାରୁ ଆଉ ଚାରୋଟି କାଗଜ ବାହାର କରନ୍ତି । ଜେ.ବି. ମୋରେଲ ନାମକ ଜଣେ ବଡ଼ ବ୍ୟବସାୟୀଙ୍କ ଆୟତ୍ତରେ ଆଉ ୧୪ଟି ପ୍ରାଦେଶିକ ଖବରକାଗଜ ବାହାରିଥାଏ । ଏମାନଙ୍କ ଛଡ଼ା ଆହୁରି ଅନେକ କମ୍ପାନୀ ଅଛନ୍ତି ଯେଉଁମାନେ ଅବଶିଷ୍ଟାଂଶ କାଗଜ ଚଳାନ୍ତି । ବର୍ତ୍ତମାନର ଶ୍ରମିକ ଦଳର ମୁଖପତ୍ର ଡେଲି ହେରାଲ୍ଡ ମଧ୍ୟ ସେପରି ଭାବରେ ବ୍ୟବସାୟୀଙ୍କ ଦ୍ୱାରା ଆୟତ୍ତ । ଏପରି ଗୋଷ୍ଠୀ ସବୁ ଥିବା ଯୋଗୁଁ ଛୋଟ ଛୋଟ ଖବରକାଗଜ ବାହାରି ପାରେନା; ଅର୍ଥାତ୍ ଯାହାର ଲକ୍ଷ ଲକ୍ଷ ଟଙ୍କା ଅଛି, ସେହି କେବଳ ଖବରକାଗଜ ପ୍ରକାଶ କରିପାରିବ । ଲର୍ଡ଼ ନର୍ଥକ୍ଲିଫ, ଯେ କି ତାଙ୍କ ଜୀବନରେ ନିଜେ ୭୦ଟି କାଗଜ ଚଳାଇଥିଲେ, ଲେଖିଛନ୍ତି ଯେ ଗୋଟିଏ ଖବରକାଗଜ ବାହାର କରିବା ଲାଗି ଅନ୍ୟୂନ ୨୦ ଲକ୍ଷ ପାଉଣ୍ଡ (ଅର୍ଥାତ୍ ପ୍ରାୟ ୨ କୋଟି ୬୭ ଲକ୍ଷ ଟଙ୍କା) ଦରକାର । ଏଥିରୁ ସହଜରେ ଅନୁମେୟ ଯେ ଖବରକାଗଜର ମାଲିକ କିଏ ? ତେବେ ମୁଷ୍ଟିମେୟ ପୁଞ୍ଜିପତିଙ୍କର ଯାହା ସ୍ୱାର୍ଥଗତ, ତାହା ଛଡ଼ା ଅନ୍ୟ ଜିନିଷ କିପରି ଏପରି କାଗଜରେ ବାହାରିବ ? ସାମାଜିକ ଗଣତାନ୍ତ୍ରିକ ସ୍ୱାଧୀନତା କ'ଣ ଏପ୍ରକାର କାଗଜରୁ ଆଶା କରାଯାଏ ?

ଖାଲି ସେତିକି ନୁହେଁ, ସାଧାରଣ ଲୋକଙ୍କର ଖବରକାଗଜ କିଣିବା ଖର୍ଚ୍ଚରୁ କାଗଜ ମାଲିକର ମୂଳଖର୍ଚ୍ଚ ମଧ୍ୟ ଉଠେନାହିଁ । ଖର୍ଚ୍ଚ ତୁଲାଇ ଲାଭ କରିବାକୁ ହେଲେ ବିଜ୍ଞାପନ ଉପରେ ନିର୍ଭର କରିବାକୁ ହେବ । ହିସାବ କରି ଦେଖାଯାଇଛି ଯେ କୌଣସି କାଗଜରେ ଯେବେ ୩୦ ଲକ୍ଷ ପାଉଣ୍ଡ ଖର୍ଚ୍ଚ ହୁଏ, କାଗଜ ବିକ୍ରିରୁ ଉଠେ ୧୫ ଲକ୍ଷ ଓ ବିଜ୍ଞାପନରୁ ଆଦାୟ ହୁଏ ୧୮ ଲକ୍ଷ । ତେଣୁ ସେମାନେ ବିଜ୍ଞାପନରେ ମାଲିକଙ୍କୁ ସନ୍ତୁଷ୍ଟ କରିବାକୁ ନିଶ୍ଚୟ ଚେଷ୍ଟା କରିବେ । ତେବେ ଲୋକସେବାର ସ୍ଥାନ ରହିଲା କେଉଁଠି ? ନିରପେକ୍ଷ ଭାବରେ ଆନ୍ତର୍ଜାତିକ ଖବର ଦେବାର ସ୍ୱାଧୀନତା ଆସିଲା କୁଆଡୁ ? ପ୍ରଗତିଶୀଳ ଶ୍ରମିକ ସାପ୍ତାହିକର ସମ୍ପାଦକ Kingsley Martin (ଯାହାଙ୍କର କାଗଜ ସମ୍ପାଦକ ହିସାବରେ ଆନ୍ତର୍ଜାତିକ ସୁଖ୍ୟାତି ଅଛି)– "The Press the Public wants" (୧୯୪୭) ନାମକ ବହିରେ ଲେଖିଛନ୍ତି— "Thus the freedom of Press, Still immensly important in the sense of the freedom, freely to inform, comment and criticise, has become in the sense of the right

Digitized by PPRACHIN, SOA

to start and run a daily news paper, as meaningless as the slum dweller's legal freedom to live in the Ritz or to spend his unempoyment pay in touring the Riviera in a Rolls-Royce." (P.32)

"About a dozen men are in a position to dictate what news and views shall be available in the press that is read by the vast majority of men and women in this country."(P.141)

ଅର୍ଥାତ୍ ''ବର୍ତ୍ତମାନ ସୁଦ୍ଧା ସ୍ୱାଧୀନ ଭାବରେ ଖବର ଯୋଗାଇବା, ମତବ୍ୟକ୍ତ କରିବା ଏବଂ ସମାଲୋଚନା କରିବା ଖୁବ୍ ଜରୁରୀ ହେଲେ ହେଁ କୁଟୀରବାସୀ ପକ୍ଷରେ ଖର୍ଚ୍ଚ ବହୁଳ ରିତ୍‌ସରେ ରହିବା କିମ୍ବା ଅକର୍ମାର ସାମାନ୍ୟ ଅକର୍ମା ଭତ୍ତାରେ ରୋଲ୍‌ସ-ରୟସ୍ ଗାଡ଼ିରେ ରିଭିୟୋରା (ଖର୍ଚ୍ଚବହୁଳ ବିଳାସର ସ୍ଥାନ) ବୁଲିଯିବା ଯେପରି ଅର୍ଥହୀନ, ଗୋଟିଏ ଦୈନିକ ଖବରକାଗଜ ବାହାର କରି ତାକୁ ଚଳାଇବା ବିଷୟରେ ସ୍ୱାଧୀନତା ସେପରି ଅର୍ଥହୀନ...?''

ଏହି ଦେଶର ଅଧିକାଂଶ ନରନାରୀ ଖବରକାଗଜରେ ଯେଉଁସବୁ ଖବର ଓ ମତାମତ ପଢ଼ନ୍ତି, ତାହା ପ୍ରାୟ ଦଶ ବାର ଜଣ ଲୋକଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

ଏଥିରୁ ଜଣାଯାଏ ଖବରକାଗଜରେ ଗଣତାନ୍ତ୍ରିକ ସ୍ୱାଧୀନତା ସଂକୁଚିତ । ଏପରିକି ସମ୍ପାଦକୀୟ ମଧ୍ୟ ଉପର କେତେ ଜଣଙ୍କ ଆଦେଶରେ ଲେଖା ହୋଇଥାଏ । ସେମାନଙ୍କୁ ବିସ୍ତର ଦରମା ଦେଇ ରଖା ହୋଇଥିବାରୁ ସେମାନେ ଚାକିରି ଛାଡ଼ିପାରନ୍ତି ନାହିଁ; ତେଣୁ ପୁଞ୍ଜିପତିଙ୍କ କଥା ଅନୁଯାରେ ଚାଳିତ ହୋଇଥାଆନ୍ତି । Kingsley Martin ଲେଖିଛନ୍ତି—

"They freely admit in private conversation that they despise much of the work they have to do." (P.21)

ଅର୍ଥାତ୍ ''ସେମାନେ ଘରୋଇ କଥାବାର୍ତ୍ତାରେ ସ୍ୱୀକାର କରିଥାନ୍ତି ଯେ ଯାହା ସେମାନଙ୍କୁ କରିବାକୁ ପଡ଼େ, ସେଥିରୁ ଅନେକ କାମ ସେମାନେ ଘୃଣା କରିଥାନ୍ତି ।''

ଅବଶ୍ୟ ଅଧିକାଂଶ ଖବରକାଗଜ ଏପରି ଭାବରେ ଧନୀ ଲୋକଙ୍କ ଦ୍ୱାରା ଆୟତ୍ତ ହୋଇ ମିଥ୍ୟା ଓ ଅତିରଞ୍ଜିତ ଖବରସବୁ ପ୍ରଚାର କରୁଥିଲେ ସୁଦ୍ଧା ଏବଂ ଏମାନଙ୍କର ଖୁବ୍ କାଟତି ହେଲେ ମଧ୍ୟ ଅନେକ ସମୟରେ ଲୋକେ ସ୍ୱାଧୀନ ଭାବରେ କାମ କରିଥାନ୍ତି । ତା ନ ହୋଇଥିଲେ ୧୯୪୫ରେ ଶ୍ରମିକ ଦଳ ଜାଠଦଳଙ୍କୁ ପରାସ୍ତ କରିପାରି ନଥାନ୍ତା । ତଥାପି ଏ ପ୍ରକାର ଖବର କାଗଜ ବ୍ୟବସାୟ ଜାତୀୟ ଓ ଆନ୍ତର୍ଜାତିକ ଦୃଷ୍ଟିରୁ ବଡ଼ ଗର୍ହିତ । ମୁଷ୍ଟିମେୟ ଲୋକଙ୍କର ଲାଭ ପାଇଁ ସାରା ସମାଜର ନରନାରୀଙ୍କ ମନରେ ବିଷ ବିଞ୍ଚି ଦେବାରେ ସ୍ୱାଧୀନତା କେତେଦୂର ବାଞ୍ଛନୀୟ, ଭାବିବାର ବିଷୟ ।

ସାମାନ୍ୟ କେତେ ଖଣ୍ଡ କାଗଜରେ ଖୁବ୍ ଭଲ ଭଲ ପ୍ରବନ୍ଧସବୁ ବାହାରିଥାଏ । 'ଟାଇମସ୍' ଜାଠଦଳର ଆୟତ୍ତ ହେଲେ ମଧ୍ୟ ପୃଥିବୀର ଅନ୍ୟାନ୍ୟ ଦେଶର ଖବର ଅନେକ ସମୟରେ ନିର୍ଭୁଲ ଭାବରେ ଦେଇଥାଏ । ଟାଇମ୍‌ସର ଖବର ଅଂଶ ଖୁବ୍ ଭଲ— ସମ୍ପାଦକୀୟ ରକ୍ଷଣଶୀଳ ମନୋବୃତ୍ତିର ପରିଚୟ ଦିଏ । ରୁଷିଆ ଓ ଅନ୍ୟାନ୍ୟ ସାମ୍ୟବାଦୀ ଦେଶମାନଙ୍କ ବିଷୟରେ ଅନେକ ପ୍ରବନ୍ଧ ବାହାରେ, ଯାହାକି ଅନେକ ସମୟରେ ବିଶ୍ୱାସଯୋଗ୍ୟ ହୋଇଥାଏ ।

'ଡେଲି ଓ୍ୱାର୍କର' ଉପରୋକ୍ତ କାଗଜଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ତା ବିଷୟରେ ପଦେ ଲେଖିବା ଉଚିତ । 'ଡେଲି ଓ୍ୱାର୍କର' ହେଉଛି ଏକମାତ୍ର କାଗଜ, ଯେଉଁଥିରେ ବ୍ରିଟିଶ ଶାସକମାନଙ୍କର ଅଧୀନସ୍ଥ ରାଜ୍ୟମାନଙ୍କରେ ଅତ୍ୟାଚାର ବିସ୍ତୃତ ଭାବେ ଦିଆଯାଇଥାଏ । ମାଳୟର ଜାତୀୟବାଦୀମାନଙ୍କୁ ଧରିବା ଲାଗି ପଠା ହେଉଥିବା କାମୁଡ଼ା ଆଲ୍‌ସେସିୟାନ୍ କୁକୁରର ଜାହାଜ ଉପରକୁ ଉଠିବାର ଛବି ବାହାରିଥାଏ । ବର୍ମାର କ୍ୟାରେନ୍‌ମାନଙ୍କୁ ସାହାଯ୍ୟ ଦେବା ଲାଗି ବଡ଼ ବଡ଼

Digitized by PPRACHIN, SOA

ସାମରିକ ଅଫିସରମାନଙ୍କର ଚିଠିସବୁ ଛାପା ହୋଇଥାଏ—ଗୋଲ୍ଡକୋଷ୍ଟରେ କିପରି ଭୋକିଲା ଆଦିବାସୀଙ୍କୁ ଗୁଳି କରି ମାରି ଦିଆହେଉଛି, ତାର ଛବି ପ୍ରଥମ ପୃଷ୍ଠାରେ ବାହାରିଥାଏ । ଭାରତ ବିଷୟରେ ମଧ୍ୟ ଅନେକ ଭଲ ଭଲ ଖବର ଥାଏ—ସାମ୍ପ୍ରଦାୟିକ ଗଣ୍ଡଗୋଳ ସମ୍ବନ୍ଧରେ ଆଦୌ ଉଲ୍ଲେଖ ନଥାଏ– ମୋଟାମୋଟି କେତେଗୁଡ଼ିଏ ଖବର ଯାହାକି ଅନ୍ୟ କୌଣସି କାଗଜରୁ ମିଳିବାର ସମ୍ଭାବନା ନାହିଁ, ତାହା ଏହି କାଗଜରେ ଦେଖିବାକୁ ମିଳେ । ପ୍ରତି ଗୁରୁବାର ଦିନ ସନ୍ଧ୍ୟାରେ ଯେ କୌଣସି ପାଠକ ଯାଇ ସମ୍ପାଦକଙ୍କ ସହିତ କାଗଜ ପରିଚାଳନା ବିଷୟରେ ମନ୍ତବ୍ୟ ପ୍ରକାଶ କରିପାରେ–ଆଲୋଚନାରେ ଯୋଗ ଦିଏ । ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ନୀତିରେ ଏହା ପରିଚାଳିତ ହୋଇଥାଏ । ପାଠକମାନେ ତାର ଅଂଶ କିଣନ୍ତି । ୨୦୦ ପାଉଣ୍ଡରୁ ବେଶୀ ଅଂଶ କାହାରି କିଣିବାର ନିୟମ ନାହିଁ । ପୃଥିବୀ ବିଖ୍ୟାତ ବୈଜ୍ଞାନିକ ପ୍ରଫେସର ହଲ୍‌ଡେନ୍ (Haldane) ଓ ପ୍ରସିଦ୍ଧ କ୍ୟାଣ୍ଟରବେରୀର ଧର୍ମଯାଜକ (Dean of Canterbury) ଏହାର ସମ୍ପାଦକୀୟ ବୋର୍ଡ଼ରେ କାମ କରୁଅଛନ୍ତି । ପ୍ରଫେସର ହଲ୍‌ଡେନ୍ ପ୍ରତି ସୋମବାର ଦିନ ବିଭିନ୍ନ ବିଷୟରେ ସୁଚିନ୍ତିତ ବୈଜ୍ଞାନିକ ପ୍ରବନ୍ଧ ଲେଖନ୍ତି; ମଝିରେ ମଝିରେ ବର୍ଣ୍ଣାଡ୍‌ଶଙ୍କର ମଧ୍ୟ ଲେଖା ବାହାରିଥାଏ । ବର୍ଣ୍ଣାଡ୍‌ଶ ଗତ ବର୍ଷ ୪୦ ହଜାର ଟଙ୍କା ଏହି କାଗଜ ଲାଗି ଦାନ କରିଥିଲେ । ମୋଟାମୋଟି ବିଶିଷ୍ଟ ସ୍ୱାଧୀନଚେତା ଲେଖକଙ୍କର ପୃଷ୍ଠପୋଷକତାର ଏହି କାଗଜ ବର୍ତ୍ତମାନ ସୁଦ୍ଧା ବ୍ରିଟିଶ ଅଧୀନ ଦେଶମାନଙ୍କ ସପକ୍ଷରେ ବଳିଷ୍ଠ ଜନମତ ସୃଷ୍ଟି କରୁଛି । ଏହି କାଗଜ ପରିଚାଳନାରେ କମ୍ୟୁନିଷ୍ଟମାନଙ୍କର ବିଶେଷ ପ୍ରଭାବ ଅଛି । ତେଣୁ ଦଳଗତ ପ୍ରଚାର ଅଂଶ ଛାଡ଼ିଦେଲେ ଆଉ ଅନ୍ୟାନ୍ୟ ଖବର ଭଲ ବାହାରେ ବୋଲି ମନେହୁଏ ।

ତେବେ ଏତିକି କୁହାଯାଇପାରେ ଯେ, ଯେକୌଣସି ଗୋଷ୍ଠୀ ବା ଦଳ ତରଫରୁ କାଗଜ ବାହାରିଲେ ସୁଦ୍ଧା ଖବର ସରବରାହ, ସମ୍ପାଦକୀୟ ଟିପ୍ପଣୀ ଓ ସମାଲୋଚନା ପ୍ରଭୃତି ବିଷୟରେ ସରକାର ତରଫରୁ ପୂର୍ଣ୍ଣ ସ୍ୱାଧୀନତା ମିଳେ । ବରଂ ଏ ପ୍ରକାର ସ୍ୱାଧୀନତାର ଅପବ୍ୟବହାର ହୋଇଥାଏ ନିଜ ନିଜର ସଂକୀର୍ଣ୍ଣ ସ୍ୱାର୍ଥସିଦ୍ଧି ଲାଗି । ■■■

Digitized by PPRACHIN, SOA

ଅଠର

ଇଂଲଣ୍ଡରେ ଭାରତୀୟ

ଇଂଲଣ୍ଡକୁ ଯା' ଆସ କରୁଥିବା ଅସ୍ଥାୟୀ ଛାତ୍ର, ବ୍ୟବସାୟୀ ଓ ସରକାରୀ ପ୍ରେରିତ ପ୍ରତିନିଧି ଦଳ ଛଡ଼ା ଅନେକ ଭାରତୀୟ ସ୍ଥାୟୀ ବାସିନ୍ଦା ମଧ୍ୟ ଅଛନ୍ତି । ବାସିନ୍ଦାମାନଙ୍କ ଭିତରୁ ଅଧିକାଂଶ ହେଉଛନ୍ତି ଡାକ୍ତର; ସେମାନଙ୍କ ପରେ ବ୍ୟବସାୟୀ ସମ୍ପ୍ରଦାୟ । ଏଠାରେ ଭାରତୀୟ ଡାକ୍ତରମାନଙ୍କର ଖୁବ୍ ଭଲ ନାମ ଅଛି । ଅନେକ ପରିବାରଙ୍କଠାରୁ ସେମାନଙ୍କ ବିଷୟରେ ବହୁତ ପ୍ରଶଂସା ଶୁଣିଛି । ସେମାନେ କୁଆଡ଼େ ବଡ଼ ଭଦ୍ର ଓ ପରିଶ୍ରମୀ । ଖୁବ୍ ଯତ୍ନ ସହକାରେ ରୋଗୀକୁ ଦେଖନ୍ତି ଏବଂ ଧୈର୍ଯ୍ୟ ଓ ସହାନୁଭୂତିର ସହିତ ସମସ୍ତ କଥା ଶୁଣନ୍ତି । ଏ ଦେଶରେ ଭଦ୍ର ଓ ସହାନୁଭୂତିପୂର୍ଣ୍ଣ ବ୍ୟବହାର ସର୍ବସାଧାରଣ ଦ୍ୱାରା ଅନୁମୋଦିତ ବୋଲି ବୋଧହୁଏ ଏମାନେ ଅନ୍ୟାନ୍ୟ ଇଂରେଜ ଡାକ୍ତରଙ୍କ ସହିତ ପ୍ରତିଯୋଗିତାରେ କୃତକାର୍ଯ୍ୟ ହେବା ଲାଗି ଏ ପ୍ରକାର ବ୍ୟବହାରରେ ସେମାନଙ୍କୁ ବଳିଯିବାକୁ ଚେଷ୍ଟା କରିଛନ୍ତି । ଏପରି ବ୍ୟବହାର ଏମାନଙ୍କର ମନ କିଣିନିଏ—ସହାନୁଭୂତିର ପ୍ରକୃତ ମର୍ଯ୍ୟାଦା ଏମାନେ ଦେଇପାରନ୍ତି । ତେଣୁ ଭାରତୀୟ ଡାକ୍ତରମାନଙ୍କର ଅର୍ଥୋପାର୍ଜନ ବେଶ୍ ହୁଏ । ଶୁଣାଯାଏ, ଖାଲି ଲଣ୍ଡନ ସହରରେ ଦୁଇଶହରୁ ବେଶୀ ଭାରତୀୟ ଡାକ୍ତର ସ୍ଥାୟୀ ଭାବରେ ବାସ କରନ୍ତି ।

କିନ୍ତୁ ସେଠାରେ ଥିବା ସ୍ଥାୟୀ ଭାରତୀୟ ବ୍ୟବସାୟୀଙ୍କର ଭଲ ଉପାର୍ଜନ ହେଲେ ହେଁ ସୁନାମ ଥିଲା ପରି ମନେ ହୁଏନା । ଜାହାଜରେ ମୋ ସଙ୍ଗରେ କେତେ ଜଣ ଭାରତୀୟ ବ୍ୟବସାୟୀ ଇଂଲଣ୍ଡରୁ ଆସୁଥାଆନ୍ତି । ମୁଁ ସେମାନଙ୍କୁ ପଚାରିଲି ଯେ ବ୍ୟବସାୟ କିପରି ଚାଲିଛି ? ଜଣେ କହିଲେ ଯେ ଚୋରାବଜାର କରି ବେଶ୍ ଲାଭ ହେଉଛି ଏବଂ ତା' ସାଙ୍ଗେ ସାଙ୍ଗେ ତା'ର ଯଥାର୍ଥତା ପ୍ରତିପାଦନ କରିବା ପାଇଁ ସେ କହିଲେ ଯେ ଆଜିଯାଏଁ ଇଂରେଜମାନେ ଆମ ଦେଶରୁ ବହୁତ ଠକି ନେଇଛନ୍ତି—ବର୍ତ୍ତମାନ ଆମେ ଯେତେ ପ୍ରକାର ଠକାମି ଓ ଚୋରାବଜାର କରି ତାଙ୍କ ଦେଶରୁ ଧନ ବୋହିଆଣିବା ସେତେ ଭଲ । ମୁଁ ପଚାରିଲି ଯେ ସମସ୍ତେ କ'ଣ ଏଇୟା କରନ୍ତି ? ସେ କହିଲେ, କେତେ ଜଣ ଖୁବ୍ ବଡ଼ ବଡ଼ ଭାରତୀୟ ବ୍ୟବସାୟୀଙ୍କୁ (ଯେଉଁମାନଙ୍କ ସଂଖ୍ୟା ବହୁତ କମ୍) ଛାଡ଼ିଦେଲେ ଆଉ ଛୋଟକାଟରେ ବ୍ୟବସାୟୀମାନେ ଚୋରାବଜାର କରିବାରେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ ।

ଏହା କେତେଦୂର ସତ୍ୟ, ମୋ ପକ୍ଷରେ କହିବା ସମ୍ଭବ ନୁହେଁ । କିନ୍ତୁ ମୋଟାମୋଟି କୁହାଯାଇପାରେ ଯେ ଭାରତୀୟ ବ୍ୟବସାୟୀମାନଙ୍କର ସାଧୁତା ପ୍ରତି ଏଠା ଲୋକଙ୍କର ଖୁବ୍ ବେଶୀ ଆସ୍ଥା ଥିଲା ପରି ମନେ ହୁଏନା । ଭାରତୀୟ ହୋଟେଲରେ ସବୁଠୁ ବେଶୀ ଦାମ୍ ଦେବାକୁ ହୁଏ—କିନ୍ତୁ ସେହି ଅନୁପାତରେ ଖାଦ୍ୟ ସେତେ ଭଲ ନୁହେଁ—ଅଥଚ ଚାଇନା ହୋଟେଲସବୁ ସେ ତୁଳନାରେ ଖୁବ୍ ଭଲ । ମୋର କେତେକ ଇଂରେଜୀ ବନ୍ଧୁଙ୍କ ମତରେ ଚାଇନିଜ ହୋଟେଲ ସବୁ ଖୁବ୍ ପରିଷ୍କାର,

Digitized by PPRACHIN, SOA

ପରିଚ୍ଛନ୍ନ ଓ ପରିଚାରକମାନେ ଖୁବ୍ ଭଦ୍ର । ସେମାନଙ୍କ ମୁହଁରୁ ଯେପରି ଜଣାପଡ଼େ ଯେ ସେମାନଙ୍କର ଗୋଟିଏ ସଭ୍ୟତା ଓ ସଂସ୍କୃତି ଅଛି । ସେହି ବନ୍ଧୁମାନେ କହିଥାଆନ୍ତି ଯେ ଭାରତୀୟ ହୋଟେଲର ରନ୍ଧାଘର ବହୁତ ଅପରିଷ୍କାର । ମୁଁ ମନେ ମନେ ଏହାର ସତ୍ୟତା ଅନୁଭବ କଲେ ସୁଦ୍ଧା ବାହାରେ କିଛି କହେନା । ଆମ ଦେଶର ଚାକର ପୂଝାରୀ ଓ ରନ୍ଧାଘର ମୋ ଆଖି ଆଗରେ ନାଚିଯାଏ ।

ଚାଉଳ ଏ ଦେଶରେ ମିଳିବାର କଥା ନୁହେଁ; କିନ୍ତୁ ଅଧିକାଂଶ ଭାରତୀୟ ହୋଟେଲରେ ଚୋରାବଜାରରେ ଭାତ ମିଳେ । ଲଣ୍ଡନରେ ଭାରତୀୟମାନଙ୍କର କେତୋଟି ଡାଲି ମସଲା ପ୍ରଭୃତି ଦୋକାନ ଅଛି । ଯେଉଁମାନେ ଭାରତୀୟ ଖାନା ମଝିରେ ମଝିରେ କରନ୍ତି, ସେମାନେ ସେଠାରୁ ସବୁ ଜିନିଷ କିଣି ଆଣିଥାଆନ୍ତି । କିନ୍ତୁ ସେଥିରେ ମଧ ଠକାମି । ଦୋକାନମାନଙ୍କରେ ଦରର ତାରତମ୍ୟ ଅନେକ ସମୟରେ ଦେଖାଯାଏ । ଜିନିଷରେ ମଧ ଠକିଥାଆନ୍ତି । ଅଧେ ଭଲ ଅଳଇଚ ଥିବ ତ ଆଉ ଅଧେ ଖାଲି ଫମ୍ପା-ଜିରାରେ ଅନେକ ବାଲି-ଡାଲିରେ ଅନ୍ୟାନ୍ୟ ଜିନିଷ ମିଶିଥିବ । ମୁଁ ଯାହାଙ୍କ ଘରେ ଥାଏ, ସେମାନେ ମଝିରେ ମଝିରେ ଏସବୁ କିଣିଆଣି ମୋତେ ଦେଖାନ୍ତି । ଅନେକଥର ମୁଁ ଏମାନଙ୍କ ପାଇଁ ଏସବୁ କିଣିଆଣିଲା ପରେ ଯେତେବେଳେ ଦେଖେ ଯେ ଅତ୍ୟନ୍ତ ଖରାପ ଜିନିଷ, ସେସବୁ ପୋପାଡ଼ି ଦେଇ କହେ ଯେ ଜିନିଷ ନାହିଁ । ଦୋକାନରେ ଦୋକାନୀକୁ କହିଲେ ସେ ବେଶି ବିରକ୍ତ ହୁଏ । ଏସବୁ ଜିନିଷ ନିଜେ କିଣିବା ବା ସେମାନଙ୍କ ସାଙ୍ଗରେ ଯାଇ କିଣେଇ ଆଣିବା ଗୋଟାଏ ବିଷମ ସମସ୍ୟା ହୋଇପଡ଼େ ମୋ ପକ୍ଷରେ । ମୋତେ ଏତେ ଖରାପ ଲାଗେ ଯେ ମୁଁ ବରାବର ସେ ବିଷୟରେ କରଛଡ଼ା ଦେବାକୁ ଚେଷ୍ଟା କରେ ।

ଅସ୍ଥାୟୀ ବାସିନ୍ଦାଙ୍କ ଭିତରୁ ଛାତ୍ରସଂଖ୍ୟା ସବୁଠୁ ବେଶୀ । ଗତବର୍ଷ ସାରା ଲଣ୍ଡନରେ ଦୁଇ ହଜାରରୁ ବେଶୀ ଛାତ୍ର ଥିଲେ । ଅଧିକାଂଶ ଭାରତୀୟ ଛାତ୍ରଙ୍କର ଖୁବ୍ ସୁନାମ ଅଛି । ବିଶ୍ୱବିଦ୍ୟାଳୟରେ ଏମାନେ ପ୍ରାୟ ଭଲ କରିଥାଆନ୍ତି– ବିଶେଷତଃ ସରକାରଙ୍କ ଦ୍ୱାରା ପ୍ରେରିତ ଛାତ୍ରମାନେ । ଘରୋଇ ଛାତ୍ରମାନଙ୍କ ଭିତରୁ ଅଧିକାଂଶ ଡାକ୍ତରୀ ଓ ବାରିଷ୍ଟରୀ ପଢ଼ିବାକୁ ଯାଇଥାଆନ୍ତି । ଡାକ୍ତରୀ ପରୀକ୍ଷା ଖୁବ୍ କଷ୍ଟ ଓ ଉଭୟ ଦେଶର ଶିକ୍ଷା ପ୍ରଣାଳୀରେ ତାରତମ୍ୟ ବେଶୀ; ତେଣୁ ଖୁବ୍ କମ୍ ଛାତ୍ର ପାଶ୍ କରନ୍ତି । ତା'ଛଡ଼ା ଉପଯୁକ୍ତ ଯୋଗ୍ୟତା ନଥିଲେ ସୁଦ୍ଧା ଅନେକେ ନିଜର ଟଙ୍କା ଥିବାରୁ ବିଲାତ ଆସିଥାଆନ୍ତି; ତେଣୁ ଏହା ବି ଗୋଟିଏ କାରଣ ହୋଇପାରେ । କିନ୍ତୁ ବାରିଷ୍ଟରୀ ବିଭାଗରେ ଏହା ଗୋଟିଏ ପ୍ରଧାନ କାରଣ ବୋଲି ମନେହୁଏ । ବାରିଷ୍ଟରୀ ପରୀକ୍ଷା ବେଶ୍ ସହଜ ହେଲେ ସୁଦ୍ଧା ଓ ଅନେକ ଇଂରେଜ ଛାତ୍ର ପାଶ କରୁଥିଲେ ମଧ ବହୁତ ଭାରତୀୟ ଫେଲ୍ ହୁଅନ୍ତି ।

ଛାତ୍ରମାନଙ୍କୁ ତିନି ଶ୍ରେଣୀରେ ଭାଗ କରାଯାଇପାରେ । ଦଳେ ଖାଲି ପଢ଼ନ୍ତି—ପଢ଼ିବା ଛଡ଼ା ଯେପରି ସେମାନଙ୍କର ଆଉ କିଛି ନାହିଁ । ସେଠାକାର ଲୋକଙ୍କ ସହିତ ମିଶନ୍ତି ନାହିଁ କି ସେମାନଙ୍କର କ୍ଲବ୍ ପ୍ରଭୃତି ସାମାଜିକ ଅନୁଷ୍ଠାନରେ ଯୋଗ ଦିଅନ୍ତି ନାହିଁ । ମୁଁ ଅନେକ ଛାତ୍ରଙ୍କୁ ଜାଣେ, ଯେଉଁମାନେ କି ଲଣ୍ଡନରେ ଦୁଇବର୍ଷ କାଳ ରହି ସୁଦ୍ଧା ଥରେ ବି ଲଣ୍ଡନ ବାହାରକୁ ଯାଇନାହାନ୍ତି କି କୌଣସି ଥିଏଟର, ବାଇସ୍କୋପ ବା ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନସବୁ ଦେଖି ନାହାନ୍ତି । ଦିନରାତି ପଢ଼ନ୍ତି ଓ ପାଶ କଲା ପରେ ଘରକୁ ଫେରନ୍ତି । ମୋର ମନେ ହୁଏନା ଯେ ପଢ଼ିବା ଛଡ଼ା ଏମାନେ ସେ ଦେଶ ବିଷୟରେ ଆଉ କିଛି ଜାଣନ୍ତି । ତାହାହେଲେ ମିଛେ ମିଛେ ଏତେ ଦୂରକୁ ଏତେ ଟଙ୍କା ଖର୍ଚ୍ଚ କରି ଯେ କାହିଁକି ଯାଆନ୍ତି ବୁଝିହୁଏନା । ଏମାନଙ୍କର କୌତୂହଳ ବୋଲି ଯେପରି କିଛିନାହିଁ । ଯେଉଁ ବିଷୟରେ ପଢୁଥାଆନ୍ତି, ସେ ବିଷୟରେ ଯେ ସବୁ ସମ୍ମିଳନୀ ହୁଏ, ସେଠାକୁ ମଧ ଅଧିକାଂଶ ଯାଆନ୍ତି ନାହିଁ । ଏ ପ୍ରକାର ସମ୍ମିଳନୀକୁ ଯିବା ଲାଗି ସରକାରୀ ବୃତ୍ତିପ୍ରାପ୍ତ ଛାତ୍ରମାନଙ୍କୁ ଗାଡ଼ିଭଡ଼ା ଓ ଅଧିକା ଦୈନିକ ଖୋରାକି ମିଳିବାର ବନ୍ଦୋବସ୍ତ ଥିଲେ ମଧ ସମ୍ମିଳନୀକୁ ଖୁବ୍ କମ୍ ଭାରତୀୟ ଯାଆନ୍ତି ।

Digitized by PPRACHIN, SOA

ଆଉ ଦଳେ ଅଛନ୍ତି ଯେଉଁମାନେ କି କିଛି ପଢ଼ନ୍ତି ନାହିଁ—ଖାଲି ଫୂର୍ତ୍ତି କରନ୍ତି—ଇଂରେଜମାନଙ୍କର ସବୁ କିଛି ଏମାନଙ୍କୁ ଭଲ ଲାଗେ । ନିଜ ଦେଶରେ ଯେପରି ଜେଲ୍ ଭିତରେ ଆବଦ୍ଧ ଥିଲେ—ସେଠି ମୁକ୍ତ ପକ୍ଷୀ ପରି ସବୁଆଡ଼େ ଖାଲି ଉଡ଼ି ବୁଲନ୍ତି । ଏମାନଙ୍କର ସମସ୍ତ ଜିନିଷ ଭଲ ଓ ଆମର ସବୁ କିଛି ଖରାପ ବୋଲି ମନେ କରୁଥିବାରୁ ଏମାନେ ଖୁବ୍ ଫୂର୍ତ୍ତିବାଜ ହୋଇପଡ଼ନ୍ତି—ଭାରତୀୟମାନଙ୍କୁ ବିଶେଷ ଖାତିର କରନ୍ତି ନାହିଁ—ସେଠାକାର ଫୂର୍ତ୍ତିବାଜ ଯୁବକମାନଙ୍କୁ ମଧ୍ୟ ବଳିଯାଆନ୍ତି । ଅଯଥା କୃତ୍ରିମତାରେ ଏତେ ବେଶି ଦକ୍ଷ ହୋଇଯାଆନ୍ତି ଯେ କଥାକଥାରେ ବହୁତ କିଛି ଆଦବକାୟଦା ଦେଖାଇ ଥାଆନ୍ତି । ଏମାନେ ନିଜ ଦେଶ ଲୋକଙ୍କ ସହିତ କଥାବାର୍ତ୍ତା କରୁଥିଲା ବେଳେ ମଧ୍ୟ ପେଣ୍ଟ ପକେଟରେ ହାତ ପୂରାଇ ଅଣ୍ଟା ହଲାଇ ହଲାଇ ଦାନ୍ତରେ ପାଇପ୍ କାମୁଡ଼ି ଧୂମୋଦ୍‌ଗାରଣ କରୁ କରୁ କୃତ୍ରିମ ଦରହାସ୍ୟ ସହିତ ଯେ ପ୍ରକାର 'ଧନ୍ୟବାଦ', 'ଦୁଃଖପ୍ରକାଶ' ଓ 'ପାଣିପାଗ' ବିଷୟରେ କଥାବାର୍ତ୍ତା ଆରମ୍ଭ କରନ୍ତି, ତାହା ଦେଖିଲେ ଆଦୌ ଭଲ ଲାଗେନା । ଭାରତୀୟଙ୍କଠାରେ ଏତେ ବେଶୀ କୃତ୍ରିମତା ଆଦୌ ଶୋଭା ପାଏନା । ଇଂରେଜମାନେ ଏହାକୁ ଯେ ଖୁବ୍ ବେଶୀ ପସନ୍ଦ କରନ୍ତି ତା ନୁହେଁ, କାରଣ ଏ ଶ୍ରେଣୀର ଛାତ୍ରମାନେ ହିଁ ସବୁ କ୍ଷେତ୍ରରେ ଟିକିଏ ମାତ୍ରାଧିକ୍ୟ କରିଥାଆନ୍ତି । ଅନେକ ସମୟରେ ସେମାନେ କିଂଭୂତକିମାକାର ହୋଇପଡ଼ନ୍ତି । ଇଂରେଜ କିମ୍ବା ଭାରତୀୟମାନଙ୍କ ସଙ୍ଗରେ ଠିକ୍ ଭାବରେ ତାଳ ପକାଇ ଚାଲିପାରନ୍ତି ନାହିଁ । ସାଧାରଣତଃ ଅଳ୍ପବୟସ୍କ ଓ ଅପରିପକ୍ୱ ମସ୍ତିଷ୍କର ଯୁବକମାନେ ଏପରି ହୋଇପଡ଼ନ୍ତି । ଏମାନେ ଇଂରେଜ କିମ୍ବା ଭାରତୀୟମାନଙ୍କ ସଙ୍ଗରେ ଠିକ୍ ଭାବରେ ତାଳ ପକାଇ ଚାଲିପାରନ୍ତି ନାହିଁ । ସେମାନେ ହଠାତ୍ ସଂପୂର୍ଣ୍ଣ ନୂତନ ପରିସ୍ଥିତିରେ ପହଞ୍ଚି ଏକାବେଳକେ ତାଳଜ୍ଞାନ ହରାଇବସନ୍ତି । ଝିଅମାନଙ୍କ ସାଙ୍ଗରେ ମୁକ୍ତ ଭାବରେ ମିଶିବାର ସୁବିଧା ପାଇବାରେ ନିଜକୁ ବଡ଼ ଭାଗ୍ୟବାନ ମନେ କରନ୍ତି ଓ ଅନେକ ସମୟରେ ବଡ଼ ନିର୍ଲଜ୍ଜ ଭାବରେ ସେମାନଙ୍କ ସହିତ ବ୍ୟବହାର କରିଥାଆନ୍ତି । ଉଚ୍ଚଶ୍ରେଣୀର ଶିକ୍ଷିତ ଝିଅମାନେ ଏହା କେବେ ପସନ୍ଦ କରନ୍ତି ନାହିଁ । କ୍ଲବ୍‌ରେ ଏପରି କେତେକ ଭାରତୀୟଙ୍କ ବ୍ୟବହାର ଦେଖିଲେ ପ୍ରକୃତରେ ବଡ଼ ଲାଜ ଲାଗେ । କ୍ଲବ୍‌ରେ ମୋର ଅନେକ ଇଂରେଜ ବନ୍ଧୁ ମଧ୍ୟ ଏ ବିଷୟରେ ମୋତେ କହିଛନ୍ତି । ଏମାନେ କ୍ଲବ୍‌ରେ ହିଁ ଅଧିକାଂଶ ସମୟ ବ୍ୟୟ କରନ୍ତି । ଏମାନଙ୍କ ସଂଖ୍ୟା ବହୁତ କମ୍ ହେଲେ ମଧ୍ୟ ଆଖିରେ ବେଶ୍ ପଡ଼େ ।

ସୁଖର ବିଷୟ ଯେ ଉପରୋକ୍ତ ଦୁଇ ଶ୍ରେଣୀର ଭାରତୀୟଙ୍କ ସଂଖ୍ୟା ଆଜିକାଲି ଖୁବ୍ ବେଶୀ ନୁହେଁ । ଏମାନଙ୍କ ଛଡ଼ା ଅନ୍ୟାନ୍ୟ ଛାତ୍ରମାନଙ୍କର ସୁଖ୍ୟାତି ଅଛି । ଏମାନେ ସଂଯତ । ଏମାନେ ପଢ଼ିବା ସମୟରେ ପଢ଼ନ୍ତି ଓ ଅନ୍ୟାନ୍ୟ ସମୟରେ ସେଠାକାର ରୁଚି ଉପଯୋଗୀ କାର୍ଯ୍ୟକଳାପରେ ଯୋଗ ଦେଇଥାଆନ୍ତି । ଭଦ୍ରତାର ଯେତିକି ଆବଶ୍ୟକ, ସେତିକି ହାସଲ କରି ଶିଷ୍ଟ ଓ ସଂଯତ ଭାବରେ ଝିଅପୁଅଙ୍କ ସାଙ୍ଗରେ ମିଶିଯାଆନ୍ତି । ତେଣୁ ଏମାନଙ୍କ ପ୍ରତି ପ୍ରକୃତରେ ଇଂରେଜମାନଙ୍କର ଶ୍ରଦ୍ଧା ଓ ସମ୍ମାନ ଦେଖାଯାଇଥାଏ । ମୁଁ ଶୁଣିଲି ଆଜିକାଲି ଏମାନଙ୍କର ସଂଖ୍ୟା ବଢ଼ିଛି । ତା'ର କାରଣ ଆଜିକାଲିକାର ଅଧିକାଂଶ ଛାତ୍ର ଉପଯୁକ୍ତ ଭାବରେ ବଛା ହୋଇଛନ୍ତି ଓ ସେମାନଙ୍କର ବୟସ ସେତେ କମ୍ ହୋଇ ନଥିବାରୁ ସେମାନଙ୍କର ଭଲ ମନ୍ଦ ବିଚାର କରିବାର ଶକ୍ତି ଅଛି । ତା'ଛଡ଼ା ଭାରତର ରାଜନୈତିକ ଅବସ୍ଥାର ଉନ୍ନତି ସଙ୍ଗେ ସଙ୍ଗେ ଛାତ୍ରମାନଙ୍କର ମନୋଭାବ ବଦଳିଯାଇଛି । ଅନ୍ଧ ଭାବରେ ସବୁ ଶିଖିବାର ଅଭିଳାଷ ନାହିଁ । ନିଜକୁ ପ୍ରତିପାଦନ କରିବାର ମାନସିକ ବଳ ଆସିଯାଇଛି—ଇଂରେଜମାନଙ୍କୁ ସମାଲୋଚନା କରିବାରେ କୁଣ୍ଠା ନାହିଁ । ମୋଟାମୋଟି ଆତ୍ମସମ୍ମାନ ଜ୍ଞାନର ବୃଦ୍ଧି ସାଙ୍ଗେ ସାଙ୍ଗେ ଏ ପ୍ରକାର ଛାତ୍ରମାନଙ୍କର ସଂଖ୍ୟା ଯେ ବୃଦ୍ଧି ହେବ, ଏଥିରେ ସନ୍ଦେହ ନାହିଁ । ଆଗେ ଯେପରି ଲୋକେ ଭାବୁଥିଲେ ଯେ ଇଂଲଣ୍ଡ ଆସିଗଲେ ଯେପରି କିଛି ଗୋଟାଏ ହୋଇଗଲା—ପ୍ରଗତିର ଶେଷ ସୋପାନକୁ ମଣିଷ ଉଠିଗଲା—କିନ୍ତୁ ଆଜିକାଲି ସେ

Digitized by PPRACHIN, SOA

ପ୍ରକାର ମନୋଭାବ ବେଶୀ ଲୋକଙ୍କଠାରେ ନଥିବାରୁ ଏ ଶ୍ରେଣୀର ଛାତ୍ରସଂଖ୍ୟା ବେଶୀ ହେବା ସ୍ୱାଭାବିକ । ଏ ଦଳର ଛାତ୍ରଙ୍କର ମଧୁର ବ୍ୟବହାର ଓ ନମ୍ରତା ଦେଖିଲେ ବଡ଼ ଆନନ୍ଦ ହୁଏ— ଇଂରେଜମାନେ ମଧ୍ୟ ଏମାନଙ୍କର ପ୍ରଶଂସା କରିଥାଆନ୍ତି । ତେବେ ଠିକ୍ ଏହିମାନେ ଭାରତର ଭିନ୍ନ ପରିସ୍ଥିତିରେ କିପରି ବ୍ୟବହାର କରିବେ ତା ଉପରେ ଅନେକଟା ନିର୍ଭର କରେ । ସେଠି ଖୁବ୍ ପ୍ରଶଂସାର ପାତ୍ର ହୋଇ ଅନେକ ସମୟରେ ଭାରତକୁ ଫେରିଲା ପରେ ସେମାନେ ସମ୍ପୂର୍ଣ୍ଣ ବଦଳିଯାଆନ୍ତି ।

ଅନେକେ ଭାରତୀୟ ଇଂରେଜୀ ସ୍ତ୍ରୀ ବିବାହ କରିଥାଆନ୍ତି । ଯଦି ପ୍ରକୃତ ସ୍ନେହ ଥାଇ ବିବାହ ହୋଇଥାଏ ଓ ପାତ୍ରୀ ଉପଯୁକ୍ତା ହୋଇଥାଏ, ତାହାହେଲେ ଆପତ୍ତି କରିବାର କିଛି ନାହିଁ । କିନ୍ତୁ ଅନେକ ସମୟରେ ଆତ୍ମବଡ଼ିମାର ବୃଦ୍ଧି ଲାଗି ବା ଘଟଣାଚକ୍ରରେ ପଡ଼ି ଯେଉଁମାନେ ବିବାହ କରନ୍ତି, ସେମାନେ କେବେ ସୁଖୀ ହୋଇପାରିବେ ନାହିଁ । ତା'ଛଡ଼ା ଇଂରେଜ ସ୍ତ୍ରୀ ଆସି ଯଦି ଆମ ଦେଶର ଅବସ୍ଥା ସାଙ୍ଗରେ ତାଳ ପକାଇ ଚାଲି ନପାରେ, ତା ହେଲେ ବିବାହ ଜୀବନ ନିଶ୍ଚୟ ଦୁଃଖମୟ ହେବ । ଆଗେ ଯେଉଁମାନେ ବିବାହ କରୁଥିଲେ—ଆସିଲା ପରେ ଅନେକ ଦରମା ପାଇ ଉପର ଶ୍ରେଣୀ ଲୋକଙ୍କ ସାଙ୍ଗରେ ମିଶି—ବଙ୍ଗଳାରେ ରହି ସାଧାରଣ ମଧ୍ୟବିତ୍ତ ପରିବାରଙ୍କଠାରୁ ଅଲଗା ରହୁଥିଲେ; ତେଣୁ ଇଂରେଜୀ ସ୍ତ୍ରୀ ପକ୍ଷରେ ବିଶେଷ ଅସୁବିଧା ହେଉନଥିଲା; କିନ୍ତୁ ଆଜିକାଲି ଯେତେବେଳେ ଏହା ସମ୍ଭବ ହୋଇପାରିବ ନାହିଁ, ଭଲ କରି ବୁଝି ବିବାହ କରିବା ଉଚିତ । ସେମାନେ ଯଦି ସଂପୂର୍ଣ୍ଣ ରୂପେ ସେମାନଙ୍କର ଚାଲିଚଳଣ, ଆଦବକାୟଦା ବଦଳାଇ ପାରିବେ ଭାରତ ଆସିଲା ପରେ, ତାହେଲେ ବିବାହ କରିବା ଉଚିତ୍; ତା ନହେଲେ ସେମାନେ କେବେ ଆମ ଦେଶରେ ସାଧାରଣ ଲୋକଙ୍କ ସହିତ ଶାନ୍ତିରେ ମିଶିପାରିବେ ନାହିଁ । ଦୁଇଦେଶର ସାମାଜିକ ଓ ଅର୍ଥନୈତିକ ଅବସ୍ଥା ଏତେ ଫରକ ଯେ ସହଜରେ ସେମାନେ ନିଜକୁ ଏ ଅବସ୍ଥାରେ ଚଳାଇ ପାରିବେ ବୋଲି ମୋର ବିଶ୍ୱାସ ନୁହେଁ । ତେଣୁ ଏହା ଏକ ଜଟିଳ ସମସ୍ୟା । କିନ୍ତୁ ଯେଉଁମାନେ ବିବାହ କରି ସେଠି ରହନ୍ତି, ସେମାନଙ୍କର ଖୁବ୍ ବେଶୀ ଅସୁବିଧା ହୁଏ ନାହିଁ । ଯଦିଚ ଅନେକ ସମୟରେ ପିଲାମାନଙ୍କ ଭିତରେ ସ୍କୁଲରେ ଟିକିଏ ମନୋମାଳିନ୍ୟ ଓ ପାତରଅନ୍ତର ବ୍ୟବହାର ହୋଇଥାଏ ଓ ଚାକିରିରେ ସାମାନ୍ୟ ଅସୁବିଧା ହୋଇପାରେ; ତଥାପି ଏହା ଖୁବ୍ ବେଶୀ ନୁହେଁ । ଯଦି ଉପଯୁକ୍ତା ଇଂରେଜୀ ସ୍ତ୍ରୀ ମିଳିପାରେ ଯେ କି ସବୁ ଅବସ୍ଥାରେ ନିଜକୁ ଚଳାଇ ପାରିବ, ତାହେଲେ ମୋର ମନେହୁଏ ଦାମ୍ପତ୍ୟ ଜୀବନ ଖୁବ୍ ସୁଖମୟ ହେବ ।

ଭାରତୀୟ ଛାତ୍ର ଓ ଅନ୍ୟାନ୍ୟ ସାଧାରଣ ଲୋକଙ୍କ ଛଡ଼ା ବଡ଼ ବଡ଼ ଧନୀ ବ୍ୟବସାୟୀ ଓ ରାଜାମହାରାଜାଙ୍କ ବିଷୟରେ ପଦେ ଅଧେ ଲେଖିବା ଉଚିତ । ଏମାନେ ଏଠାରେ ଖୁବ୍ ଜଣାଶୁଣା । ଭାରତୀୟ ରାଜାମହାରାଜାଙ୍କର ପ୍ରଭୂତ ଧନ ଓ ବିଳାସବ୍ୟସନ ବିଷୟରେ ବହୁତ ଗପ ଶୁଣିବାକୁ ମିଳେ । ଗୋଟିଏ ବାଳକଟା ସେଲୁନ୍‌ରେ ବାଳ କାଟୁଥିବା ଲୋକ ମୋତେ ପଚାରିଲା—'ଆଚ୍ଛା, ହାଇଦାରାବାଦ ନିଜାମଙ୍କର କୁଆଡ଼େ ଏତେ ହୀରା ଅଛି ଯେ ସେସବୁ ଯଦି ଏକାବେଳେ ବଜାରରେ ବିକ୍ରି ସକାଶେ ପଠାହୁଏ, ତାହେଲେ ହୀରା ଖଣ୍ଡକର ମୂଲ୍ୟ ଦୁଇ ଅଣା ଚାରି ଅଣା ହୋଇଯିବ ?' ଆହୁରି ଅନେକେ ଆଶ୍ଚର୍ଯ୍ୟ ହୋଇ ପଚାରନ୍ତି ଯେ ଭାରତର ସାଧାରଣ ଲୋକେ ଖାଇବାକୁ ନ ପାଇ ସୁଦ୍ଧା ଏପରି ଶୋଷକମାନଙ୍କୁ କିପରି ବରଦାସ୍ତ କରିପାରନ୍ତି ? ଅନେକ ଖବରକାଗଜରେ ରାଜାମହାରାଜାମାନଙ୍କର ଛବିସବୁ ବାହାରେ । ବରୋଦାର ମହାରାଜା ଯେତେବେଳେ ଦଶ ଲକ୍ଷ ଟଙ୍କା ଦେଇ ଘୋଡ଼ଦୌଡ଼ ପାଇଁ ଗୋଟିଏ ଘୋଡ଼ା କିଣିଲେ—ତାର ବିଶଦ ବିବରଣୀ ସହିତ ତାଙ୍କର ଛବି ଅନେକ କାଗଜରେ ବାହାରିଥାଏ । ଆଉ ଜଣେ ରାଜକୁମାରୀଙ୍କୁ ମଦ ଖାଇ ରାତିରେ ମଟର ଚଳାଉଥିବା ଅବସ୍ଥାରେ ପୋଲିସ୍ ଧରିଥିଲା— କାଗଜରେ ତାର ଅନେକ ଆଲୋଚନା । ଆଗା

Digitized by PPRACHIN, SOA

ଝିଁଙ୍କ ପୁଅ କେତେଟା ବାହା ହୋଇପାରିବ ଓ ତାର କେତେ ସଂପତ୍ତି—କ'ଣ କରେ ଇତ୍ୟାଦି ବିଷୟରେ ଅନେକ ଖବର ବାହାରେ । ହୋଟେଲରେ ଏମାନଙ୍କର ପ୍ରତିପତ୍ତି ଖୁବ୍ ବେଶୀ । ଏମାନେ ଏତେ ମୁକ୍ତହସ୍ତରେ ଖରଚ କରନ୍ତି ଯେ, ହୋଟେଲର କର୍ମଚାରୀମାନେ ମହା ଆଗ୍ରହର ସହିତ ଏମାନଙ୍କୁ ଅପେକ୍ଷା କରିଥାଆନ୍ତି । ଥରେ ବମ୍ବେର ଜଣେ ଧନୀ ବ୍ୟବସାୟୀଙ୍କ ସହିତ ମୋର ଦେଖା ହୋଇଗଲା । ଗୋଟିଏ ହୋଟେଲରେ ଅଧଘଣ୍ଟାଏ ଭିତରେ ସେ ପ୍ରାୟ ୪୦/୫୦ ଟଙ୍କା ବକ୍ସିସ୍ ଦେଇଥିବେ । ଜଣେ ପାଣି ଗ୍ଲାସେ ଆଣିଦେଲା ତ ପାଞ୍ଚ ସାତ ଟଙ୍କା ସାଙ୍ଗେ ସାଙ୍ଗେ ମିଳିଗଲା । ଏମାନେ ଭାରତର ଶ୍ରମିକମାନଙ୍କଠାରୁ ରକ୍ତ ଶୋଷି ନିଜ ନିଜକୁ ମୋଟା କରୁଛନ୍ତି; କିନ୍ତୁ ଏଠାରେ ଆସି ବଡ଼ ଉଦାର ଓ ଦାନଶୀଳ ହୋଇପଡ଼ନ୍ତି । ସେ ଭଦ୍ରଲୋକଙ୍କର ଖର୍ଚ୍ଚ ଦେଖି ମୁଁ ଅବାକ୍ ହୋଇଗଲି । ହପ୍ତାଏ ଭିତରେ ବୋଧହୁଏ ଦଶ-ପନ୍ଦର ହଜାର ଟଙ୍କା ଖରଚ କରିଥିବେ । ବିଶେଷ ଖବର ନେବାରେ ଜାଣିପାରିଲି ଯେ ଉପରୋକ୍ତ ଭଦ୍ରଲୋକଙ୍କ ନାଁରେ ଗୁଜରାଟି ଖବରକାଗଜରେ ଚୋରା ବଜାର ନେଇ ଅନେକ ଖବର ବାହାରିଥାଏ ସେ ସମୟରେ । ସେ ପୁଣି ଆଖି ଛଳ ଛଳ କରି ଗାନ୍ଧୀଙ୍କ ବିଷୟରେ କଥା କହୁଥାଆନ୍ତି; ଅର୍ଥାତ୍ ଏମାନେ ଭାରତ ସ୍ୱାଧୀନ ହେଲା ପରେ ବାହାରେ ଗାନ୍ଧୀ ଓ ଜାତୀୟତା ନାମରେ ମଧ୍ୟ ଅବାଧରେ ଚୋରାବଜାର କରିବାକୁ କୁଣ୍ଠାବୋଧ କରନ୍ତି ନାହିଁ । ମୁଁ ତାଙ୍କୁ ପଚାରିଥିଲି ଯେ, ସେ ଏତେ ଟଙ୍କା କିପରି ପାଉଛନ୍ତି ? ସେ କହିଲେ ଯେ ଶ୍ରମିକଙ୍କୁ ସେ ପୁଅ ପରି ଦେଖନ୍ତି ଓ ବହୁତ ମଜୁରି ଦିଅନ୍ତି । ତାପରେ ମଧ୍ୟ ତାଙ୍କର ଏତେ ଟଙ୍କା ଯେ ସେ ଜାଣନ୍ତି ନାହିଁ କ'ଣ କରିବେ ।

ଏପ୍ରକାର ଅନେକ ଲୋକ ୟୁରୋପ ଆସନ୍ତି ଓ ବିଳାସବ୍ୟସନରେ ଅଜସ୍ର ଟଙ୍କା ବିଞ୍ଚି ଦିଅନ୍ତି । ପ୍ରକୃତରେ ସେମାନଙ୍କର ଏତେ ଟଙ୍କା ଯେ ସେ ବୁଝିପାରନ୍ତି ନାହିଁ କପରି ଖର୍ଚ୍ଚ କରିବେ । ଏପରି କିଛି ଜଘନ୍ୟ କାର୍ଯ୍ୟ ନାହିଁ, ଯାହା କି ସେମାନେ କରି ନ ପାରିବେ । ଭାରତର ସମ୍ମାନ ଏମାନଙ୍କ ଲାଗି ବହୁତ ତଳକୁ ହୋଇଯାଏ—ତଥାପି ଗଣତନ୍ତ୍ର ନାମରେ— ବ୍ୟକ୍ତିଗତ ସ୍ୱାଧୀନତା ନାମରେ ଆମେ ସେମାନଙ୍କୁ ସହ୍ୟ କରିଥାଉଁ । ପାରିସରେ ଏମାନଙ୍କର ପ୍ରକୃତ ସ୍ୱରୂପ ଦେଖାଯାଏ ଓ ସେଥିଲାଗି ମଧ୍ୟ ସେମାନେ ଖୁବ୍ ଜଣାଶୁଣା । ଜଣେ ଫରାସୀ ପ୍ରଫେସର ମୋତେ କହିଲେ ଯେ ପାରିସରେ ଭାରତୀୟଙ୍କୁ ଖୋଜି ବାହାର କରିବା ଖୁବ୍ ସହଜ । ମୁଁ ପ୍ରଥମେ ବୁଝିପାରିଲି ନାହିଁ— ତାପରେ ବୁଝିଲି ଯେ ଭାରତୀୟମାନେ ସେ ଏମାନଙ୍କୁ ବୁଝୁଛନ୍ତି ଏବଂ ଏମାନଙ୍କର ପ୍ରିୟ କେତେକ ନିର୍ଦ୍ଦିଷ୍ଟ 'ରାତ୍ରି କ୍ଲବ୍' କଥା କହୁଛନ୍ତି । ସରକାର ତରଫରୁ ଏମାନଙ୍କର ଅଯଥା ବ୍ୟୟ ଲାଗି କିଛି ହେବା ଉଚିତ ।

■■■

Digitized by PPRACHIN, SOA

ଦଳଗତ ରାଜନୀତି

ଏଠାକାର ସାଧାରଣ ଲୋକଙ୍କର ରାଜନୀତି କ୍ଷେତ୍ରରେ ବେଶ୍ ପରିଷ୍କାର ଧାରଣା ଥିଲା ପରି ମନେହୁଏ । ଆମ ଦେଶର ଗାଁ ଗହଳର ଲୋକଙ୍କ ପରି କିଛି ନ ବୁଝି ଭୋଟ ଦିଅନ୍ତି ନାହିଁ । ଏପରିକି ଦୈନନ୍ଦିନ ଜୀବନରେ ମଧ୍ୟ ବିଭିନ୍ନ ରାଜନୈତିକ ଦଳର ଲୋକେ ସେମାନଙ୍କର ଦଳଗତ ନୀତି ଦ୍ୱାରା ପରିଚାଳିତ ହୋଇଥାନ୍ତି ଏବଂ ଅନେକେ ଦଳ ମନୋନୀତ ବା ଦଳ ପରିଚାଳିତ ଖବରକାଗଜ ସବୁ ପଢ଼ିଥାଆନ୍ତି । ଅବଶ୍ୟ ଅଧିକାଂଶ କାଗଜ ଜାଠଦଳଭୁକ୍ତ କୋଟିପତିଙ୍କ ଦ୍ୱାରା ଚାଳିତ ହେଉଥିବାରୁ ସାଧାରଣ ଲୋକେ ଅନ୍ୟ ଦଳର ଅନ୍ତର୍ଗତ ହୋଇଥିଲେ ସୁଦ୍ଧା ସେସବୁ ପଢ଼ିବାକୁ ବାଧ୍ୟ ହୁଅନ୍ତି । ତେଣୁ କୌଣସି ଗୋଟିଏ କାଗଜର କାଟତି ତାର ରାଜନୈତିକ ପ୍ରଭାବର ପରିମାପକ ନୁହେଁ ।

ଲୋକଙ୍କ ସାଧାରଣ ଶିକ୍ଷା ଓ ଅନ୍ୟାନ୍ୟ ରାଜନୈତିକ ପ୍ରଚାର ଲୋକଙ୍କ ମତକୁ ବିଭିନ୍ନ ସାମାଜିକ ଓ ସମସ୍ୟା ସମାଧାନ ବିଷୟରେ ପ୍ରଭାବିତ କରିଥାଏ । ସେମାନଙ୍କର ମତସବୁ ଏତେ ପ୍ରାଞ୍ଜଳ ଓ ସୁସଂଯତ ଯେ ପାଞ୍ଚ ମିନିଟ୍ ସାଧାରଣ କଥା ଭାଷାରେ ଜଣାପଡ଼ିଯିବ ସେମାନେ କେଉଁ ରାଜନୈତିକ ଦଳ ଅନ୍ତର୍ଭୁକ୍ତ ଅଟନ୍ତି । ଉଦାହରଣ ସ୍ୱରୂପ–ମୁଁ ଯଦି ଜଣକୁ ପଚାରେ ଭାରତର ସ୍ୱାଧୀନତା ବିଷୟରେ ତୁମର ମତ କ'ଣ ଏବଂ ସେ ଯଦି କହିବ ଯେ ବର୍ତ୍ତମାନ ଅବସ୍ଥାରେ ଭାରତର ସ୍ୱାଧୀନତା ପାଇବା ଉଚିତ ହୋଇନାହିଁ–ଦେଖ କେତେ ଗଣ୍ଡଗୋଳ ହୋଇଗଲା ସ୍ୱାଧୀନତା ପାଇବା ମାତ୍ରେ... ଇତ୍ୟାଦି–ତାହେଲେ ସାଙ୍ଗେ ସାଙ୍ଗେ ବୁଝିନେବାକୁ ହେବ ଯେ ଭଦ୍ରଲୋକଟି ନିଶ୍ଚୟ ଜାଠଦଳଭୁକ୍ତ । କିନ୍ତୁ ଯଦି ଜଣେ କହେ ଯେ ଭାରତକୁ ଆମ ସରକାର ସ୍ୱାଧୀନତା ଦେଇ ଖୁବ୍ ଭଲ କରିଛି—ଭାରତ ପ୍ରତି ନ୍ୟାୟ ବିଚାର କରାହୋଇଛି, ତାହେଲେ ଭାବିନେବାକୁ ହେବ ଯେ ଲୋକଟି ଶ୍ରମିକଦଳ ଅନ୍ତର୍ଗତ । ତା'ଛଡ଼ା ଦଳେ କହିବେ ଯେ–ଭାରତର ତଥାକଥିତ ସ୍ୱାଧୀନତାର କିଛି ଅର୍ଥ ନାହିଁ–ଦେଖ ନା ବର୍ତ୍ତମାନ ସୁଦ୍ଧା ଇଂରେଜମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଆଗ ପରି ହାତମୁଠାରେ ରଖିଛନ୍ତି–କୋଟି କୋଟି ପାଉଣ୍ଡ ମୂଳଧନ ରୂପେ ଖଟାଇଥିବା ଇଂରେଜ ବ୍ୟବସାୟୀମାନେ ବର୍ତ୍ତମାନ ସୁଦ୍ଧା ପୂର୍ବପରି ଲାଭ ଶୋଷି ନେଉଛନ୍ତି ଏବଂ ସେସବୁକୁ ଜାତୀୟ ସମ୍ପତ୍ତିରେ ପରିଣତ କରିବାର କୌଣସି ସୂଚନା ନାହିଁ–ଇଂରେଜ ଓ ଆମେରିକାନ୍‌ମାନେ ଯାହା କହୁଛନ୍ତି ଭାରତ ସେଇୟା କରୁଛି... ଇତ୍ୟାଦି, ତାହେଲେ ବୁଝିବାକୁ ହେବ ଯେ ସେମାନେ ହେଉଛନ୍ତି କମ୍ୟୁନିଷ୍ଟ । ଏପରି ଅନେକ ପ୍ରକାର ସମସ୍ୟା ନେଇ ବେଶ୍ ସହଜରେ ବୁଝିହେବ ଯେ କିଏ କେଉଁ ରାଜନୈତିକ ଦଳର ଲୋକ ।

Digitized by PPRACHIN, SOA

ଇଂଲଣ୍ଡରେ ଚାରୋଟି ରାଜନୈତିକ ଦଳ—ରକ୍ଷଣଶୀଳ ଟୋରି, ଶ୍ରମିକ, ଲିବରାଲ୍ ଓ କମ୍ୟୁନିଷ୍ଟ ଦଳ । *ଗତ ନିର୍ବାଚନରେ ନିମ୍ନଲିଖିତ ହିସାବରେ ବିଭିନ୍ନ ଦଳ ଭୋଟ ପାଇଥିଲେ ।

(୧୯୪୫ ନିର୍ବାଚନ)

ଶ୍ରମିକଦଳ ୧୧,୯୯୨,୨୯୨
ଟୋରିଦଳ ୯,୯୬୦,୮୦୯
ଲିବରାଲଦଳ ୨,୧୩୯, ୬୬୮

କମ୍ୟୁନିଷ୍ଟ ଦଳ ଭୋଟ ଶ୍ରମିକ ଦଳ ସହିତ ମିଶିଥିଲା । ସେ ସମୟରେ ଲିବରାଲ ଏତେ ଭୋଟ ପାଇଥିଲେ ମଧ ୩୦୭ ପ୍ରାର୍ଥୀଙ୍କ ମଧରୁ ମାତ୍ର ୧୨ଜଣ ନିର୍ବାଚିତ ହୋଇଥିଲେ । ପାର୍ଲିଆମେଣ୍ଟରେ ବର୍ତ୍ତମାନର ଦଳଗତ ଶକ୍ତି ଏହିପରି —

(ସରକାରୀ ଦଳ) ଶ୍ରମିକ ଦଳ	୩୯୬
(ବିରୁଦ୍ଧ ଦଳ) ଟୋରି ଦଳ	୨୨୦
ଉଦାର ରାଜନୀତି ଦଳ	୧୨
ସ୍ୱାଧୀନ ଦଳ	୧୦
କମ୍ୟୁନିଷ୍ଟ ଦଳ	୨
ମୋଟ	୬୪୦

ମୋଟାମୋଟି ଦେଖିବାକୁ ଗଲେ ଶ୍ରମିକ ଓ ଟୋରି ହେଉଛନ୍ତି ଦୁଇଟି ପ୍ରଧାନ ରାଜନୈତିକ ଦଳ ।

ଟୋରି ଦଳର ଲୋକେ ବଡ଼ ରକ୍ଷଣଶୀଳ ଓ ଖୁବ୍ ପ୍ରତିକ୍ରିୟାଶୀଳ ଜାତୀୟବାଦୀ । ଅବଶ୍ୟ ରକ୍ଷଣଶୀଳତା ଓ ସଂକୀର୍ଣ୍ଣ ଜାତୀୟତା ବିଷୟରେ ଦେଖିବାକୁ ଗଲେ କମ୍ୟୁନିଷ୍ଟମାନଙ୍କ ଛଡ଼ା ଆଉ ସମସ୍ତେ ସମାନ । ଏ ବିଷୟରେ ଶ୍ରମିକଦଳ କିମ୍ବା ଲିବରାଲ୍ ଦଳର ଲୋକଙ୍କୁ ଟୋରିଦଳ ଲୋକଙ୍କଠାରୁ ପୃଥକ କରିବା କଷ୍ଟକର ହେବ । ତେଣୁ ମୁଷ୍ଟିମେୟ କେତେକ ଲୋକଙ୍କୁ ଛାଡ଼ିଦେଲେ ଅଧିକାଂଶ ଇଂରେଜମାନେ ଭାବନ୍ତି ଯେ ସେମାନଙ୍କ ପରି ବୁଦ୍ଧିମାନ, କର୍ମକୁଶଳ ଓ ସଭ୍ୟ ଜାତି ପୃଥିବୀରେ ଆଉ କେହି ନାହାନ୍ତି । ସେମାନେ ନ୍ୟାୟ, ଅତିଥି ସତ୍କାର ପ୍ରଭୃତି ସର୍ବପ୍ରକାର ବାଞ୍ଛନୀୟ ଗୁଣରେ ଭୂଷିତ; ତେଣୁ ଅନ୍ୟାନ୍ୟମାନଙ୍କର ସେମାନଙ୍କଠାରୁ ବହୁତ ଶିଖିବାର ଅଛି ଇତ୍ୟାଦି । ଏପରି ଆତ୍ମ-ଅଭିମାନ ଯୋଗୁଁ ସେମାନେ କେବେ ଭାବିପାରନ୍ତି ନାହିଁ ଯେ, ଭାରତ ଓ ଅନ୍ୟାନ୍ୟ ଅଧୀନସ୍ଥ ଦେଶରେ ସେମାନେ କେବେ ଭୁଲ୍ କରିପାରନ୍ତି । ଅଧିକାଂଶ ପ୍ରକୃତରେ ବିଶ୍ୱାସ କରନ୍ତି ଯେ, ଏସବୁ ଦେଶରେ ସେମାନେ ଅଛନ୍ତି ଖାଲି ଅନୁନ୍ନତ ଦେଶର ଲୋକଙ୍କୁ ସଭ୍ୟ କରାଇବା ପାଇଁ । ଅବଶ୍ୟ ଏ ପ୍ରକାର ଭୁଲ୍ ଧାରଣା ଖବରକାଗଜ ଓ ଅନ୍ୟାନ୍ୟ ପ୍ରଚାର ଦ୍ୱାରା ଲୋକଙ୍କ ମନରେ ବଦ୍ଧମୂଳ କରି ଦିଆ ହୋଇଛି । ତେଣୁ ସେମାନେ ପ୍ରକୃତରେ ଏହା ବିଶ୍ୱାସ କରନ୍ତି । କମ୍ୟୁନିଷ୍ଟ ଓ ଆଉ କେତେକ ମୁଷ୍ଟିମେୟ ଲୋକଙ୍କର ଏପରି ଭ୍ରମ ଧାରଣା ନାହିଁ ବୋଲି ମନେହୁଏ । କମ୍ୟୁନିଷ୍ଟମାନଙ୍କ ସହିତ ମୁଁ ମନ ଖୋଲି ଇଂରେଜଙ୍କ ବିରୁଦ୍ଧରେ—ସେମାନଙ୍କର ଅତୀତ କାର୍ଯ୍ୟକଳାପ ବିଷୟରେ—କଥାବାର୍ତ୍ତା କରିପାରିଛି, ଏ ବିଷୟରେ ସେମାନେ ଜାଣିଥିଲେ ଅନୁମୋଦନ କରନ୍ତି; ଜାଣି ନଥିଲେ ସହାନୁଭୂତି ସହ ଶୁଣିଥାନ୍ତି । ଠିକ୍ ସେ ପ୍ରକାର ଆଲୋଚନାରେ ଟୋରିଦଳର ଲୋକେ ଏକାବେଳକେ ରାଗି ଖଡ୍ଗହସ୍ତ ହୋଇପଡ଼ିବେ । ଶ୍ରମିକ ଦଳର ଲୋକେ ଭାରତ ବିଷୟରେ ସହାନୁଭୂତି ପ୍ରକାଶ କରିଥାନ୍ତି ସତ, କିନ୍ତୁ ତା' ପଛରେ ଗୋଟିଏ ଲୁକ୍କାୟିତ ଆତ୍ମବଡ଼ିମା ରହିଥାଏ । ସବୁବେଳେ ଦେଖାଇବାକୁ ଚାହାନ୍ତି ଯେ ଶ୍ରମିକ ସରକାର ଭାରତବର୍ଷକୁ ସ୍ୱାଧୀନତା ଦେଇ ଖୁବ୍

*୧୯୪୫ ନିର୍ବାଚନ । ନୂତନ ନିର୍ବାଚନ ବେଳକୁ ବହିଲେଖା ସରିଥିଲା ।

Digitized by PPRACHIN, SOA

ଉଦାରତାର ପରିଚୟ ଦେଇଛନ୍ତି । ମନେହୁଏ ସେମାନେ ସେ ବିଷୟ ମନେ ପକାଇ ସବୁବେଳେ ଗୋଟାଏ ବାହାଦୁରି ନେବାକୁ ଚାହାନ୍ତି । ମୁଁ ସେମାନଙ୍କୁ ଷ୍ଟାଫୋର୍ଡ଼ କ୍ରିପ୍‌ସଙ୍କ ପାର୍ଲିଆମେଣ୍ଟରେ ଘୋଷଣା କଥା ମନେ କରାଇ କହିଥାଏ ଯେ ଶ୍ରମିକ ସରକାରର ଅନ୍ୟ କିଛି ଉପାୟ ନଥିବାରୁ ଭାରତକୁ ସ୍ୱାଧୀନତା ଦେବାକୁ ବାଧ ହୋଇଛନ୍ତି ।

ଷ୍ଟାଫୋର୍ଡ଼ କ୍ରିପ୍‌ସ ଭାରତ ବିଷୟ ଆଲୋଚନାରେ ପାର୍ଲିଆମେଣ୍ଟରେ କହିଥିଲେ ଯେ, ବ୍ରିଟେନ୍‌ର ବର୍ତ୍ତମାନ ଯାହା ଅବସ୍ଥା ସେଥିରେ ସେ ଗୋଟିଏ ବିରାଟ ଫୌଜ ପଠାଇ ଭାରତକୁ ଆୟତ୍ତାଧୀନ କରିପାରେନା; ତେଣୁ ଭାରତକୁ ସ୍ୱାଧୀନତା ଦେବା ଛଡ଼ା ଅନ୍ୟ କୌଣସି ଉପାୟ ନାହିଁ । ଯେଉଁ ସରକାର ପ୍ରାୟ ୧୬୦୦ କୋଟି ଟଙ୍କା ଭାରତରୁ ଧାର କରିଛନ୍ତି ଏବଂ ନିଜ ଦେଶର ସାଧାରଣ ଖର୍ଚ୍ଚ ତୁଲାଇବା ପାଇଁ କୋଟି କୋଟି ଟଙ୍କା ଧାର କରୁଛନ୍ତି, ସେମାନେ କିପରି ୪୦ କୋଟି ଲୋକଙ୍କୁ ପରାଧୀନ କରି ରଖିଥାନ୍ତେ ? ଯଦି ସେମାନଙ୍କର ଏତେ ବେଶୀ ଦୟା ଓ ମହାନୁଭବତା ଅଧୀନସ୍ଥ ରାଜ୍ୟମାନଙ୍କ ପ୍ରତି, ତାହାହେଲେ ମାଳୟ ପ୍ରଭୃତି ଅନ୍ୟାନ୍ୟ ରାଜ୍ୟସବୁ ଛାଡ଼ି ଦେଉ ନାହାନ୍ତି କାହିଁକି ? ତାର ଉତ୍ତରରେ ଶ୍ରମିକ ଦଳର ଲୋକେ ଟିକିଏ ହସି କହିବେ ଯେ ଯୁକ୍ତି କରି ଏତେ ବଡ଼ ଉଦାରତାର କାର୍ଯ୍ୟକୁ ବୁଝିବା କଷ୍ଟକର । ମାଳୟ ପ୍ରଭୃତି ଦେଶର ଲୋକେ ବର୍ତ୍ତମାନ ସୁଦ୍ଧା ଗଣତାନ୍ତ୍ରିକ ଶାସନ ଲାଗି ପ୍ରସ୍ତୁତ ନୁହନ୍ତି । ତା'ଛଡ଼ା ବର୍ତ୍ତମାନ ଯେଉଁ ଗଣ୍ଡଗୋଳ ଲାଗିଛି, ଯାହା କେବଳ କେତେକ ମୁଷ୍ଟିମେୟ ଦସ୍ୟୁଙ୍କ କାର୍ଯ୍ୟ । ତେଣୁ ସେମାନଙ୍କୁ ଦେଶର ଶାନ୍ତି ଓ ସମୃଦ୍ଧି ଲାଗି ଦବାଇବା ଉଚିତ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଅଳ୍ପ କେତେକ ଦସ୍ୟୁଙ୍କୁ ଦବାଇବା ପାଇଁ ପ୍ରାୟ ପଚାଶ ହଜାର ବ୍ରିଟିଶ ସୈନ୍ୟ, ଆଉ ୫୦ ହଜାର ସ୍ଥାନୀୟ ପୋଲିସ୍, ୭୦ ହଜାର ଟନ୍ ଆମେରିକାନ୍ ଗୋଳା ବାରୁଦ, ଅଜସ୍ର ଉଡ଼ାଜାହାଜ । ଇଣ୍ଡୋନେସିଆର ମଣିଷମାଂସ ଭକ୍ଷକ ଶିକାର ଦକ୍ଷ ବଣ ମଣିଷ ଓ ଭୟଙ୍କର ଆଲ୍‌ସେସିଆନ୍ କୁକୁରର ସାହାଯ୍ୟ ନେଇ ସୁଦ୍ଧା ଏତେ ଦିନ ଲାଗିଗଲାଣି, ତଥାପି ତାର କିଛି ଫଳ ହେଲା ପରି ଲାଗୁନି । ୧୯୪୨ରେ କଂଗ୍ରେସ ନେତାମାନଙ୍କୁ ମଧ ଦସ୍ୟୁ ବୋଲି ଏମାନେ କହୁଥିଲେ । ଏସବୁ ବୈଦେଶିକ ନୀତି ବିଷୟରେ କିନ୍ତୁ ଟାଠ ଓ ଶ୍ରମିକ ଦଳର ଲୋକେ ପ୍ରାୟ ଏକମତ ।

ଶ୍ରମିକ ସରକାରଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟକଳାପକୁ ଟାଠ ଓ କମ୍ୟୁନିଷ୍ଟମାନେ ସମ୍ପୂର୍ଣ୍ଣ ବିପରୀତ କାରଣ ଯୋଗୁଁ ଦୋଷ ଦେଇଥାଆନ୍ତି । ଟାଠ ଦଳର ଲୋକେ କହିବେ ଯେ ଶ୍ରମିକ ସରକାର ପୁଞ୍ଜିପତିଙ୍କ ବିରୁଦ୍ଧରେ କାମ କରି ଦେଶର ଅତି ପୁରାତନ ଜାତୀୟ ସଂସ୍କୃତି ଓ ପାଶ୍ଚାତ୍ୟ ସଭ୍ୟତାକୁ ନଷ୍ଟ କରିଦେବାରେ ବସିଛି; ଦେଶର ଅର୍ଥନୈତିକ ସମୃଦ୍ଧିର ବୃଦ୍ଧି ଲାଗି ସେମାନଙ୍କର କୌଣସି ପ୍ରେରଣା ନାହିଁ ଇତ୍ୟାଦି । କମ୍ୟୁନିଷ୍ଟମାନେ କହନ୍ତି ଯେ ଶ୍ରମିକ ସରକାର ପୁଞ୍ଜିପତିଙ୍କ 'ହାତମୁଠାରେ ରହି ସାଧାରଣ ଶ୍ରମିକଙ୍କର ଯେତେ ସୁବିଧା କରିବା ଉଚିତ, ସେତେ କରିପାରୁ ନାହାନ୍ତି । ପୃଥିବୀର ଚରମ ପ୍ରତିକ୍ରିୟାଶୀଳ ଆମେରିକାର ପୁଞ୍ଜିପତିଙ୍କ ଦ୍ୱାରା ନିୟନ୍ତ୍ରିତ ହେବାରେ ନିଜ ଦେଶ ତଥା ଆନ୍ତର୍ଜାତିକ ଶ୍ରମିକ ସ୍ୱାର୍ଥ ପ୍ରତି ବିଶ୍ୱାସଘାତକତା କରାହେଉଛି । ନିଜର ପ୍ରଭୁତ୍ୱ ସାମ୍ରାଜ୍ୟବାଦୀ ଆମେରିକାର ଡଲାର ସାହାଯ୍ୟରେ ଯେକୌଣସି ପ୍ରକାରରେ ବଜାୟ ରଖିବାକୁ ଚାହୁଁଛି' ଇତ୍ୟାଦି । ଅନେକ ସ୍ୱାଧୀନ ମତାବଲମ୍ବୀମାନେ ମଧ ଉପରୋକ୍ତ ଯୁକ୍ତିକୁ ସମର୍ଥନ କରିଥାଆନ୍ତି । ଏମାନଙ୍କ ମତରେ ଇଂଲଣ୍ଡ ଆମେରିକାର ହାତମୁଠାରୁ ଆସି ପ୍ରାଚ୍ୟ ପାଶ୍ଚାତ୍ୟ କଳହରେ ନିରପେକ୍ଷ ରହିବା ଉଚିତ ଏବଂ ତାହେଲେ ଯାଇ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ।

ଏ ସମ୍ପର୍କରେ ଜଣେ ଖ୍ୟାତନାମା ମନସ୍ତତ୍ତ୍ୱବିତଙ୍କର ଗୋଟିଏ ଗବେଷଣା ବିଷୟରେ ପଦେ ନ କରି ରହିପାରୁନି । ସେ ବିଭିନ୍ନ ରାଜନୈତିକ ଦଳର ଅନେକ ଲୋକଙ୍କୁ ବିଭିନ୍ନ ଉପାୟରେ ପରୀକ୍ଷା କରି ଦର୍ଶାଇଛନ୍ତି ଯେ ଟାଠଦଳର ଲୋକେ ସବୁଠାରୁ ବେଶୀ ଜୁ'ମାନଙ୍କୁ ଘୃଣା କରନ୍ତି ।

Digitized by PPRACHIN, SOA

ତା ତଳକୁ ଶ୍ରମିକ ଦଳର ଲୋକେ ଏବଂ ସବୁ ନିମ୍ନରେ ସ୍ୱାଧୀନ ମତାବଲମ୍ବୀ ରାଜନୈତିକମାନେ । କମ୍ୟୁନିଷ୍ଟମାନଙ୍କଠାରେ କୁ'ଘୃଣା ପରିବର୍ତ୍ତେ କୁ'ମାନଙ୍କ ପ୍ରତି ଶ୍ରଦ୍ଧା ଓ ସହାନୁଭୂତି ଦେଖିବାକୁ ମିଳେ ।

ମୋଟାମୋଟି କୁହାଯାଇପାରେ ଯେ, ରାଜନୈତିକ ଦଳ ଅନୁଯାୟୀ ଲୋକମାନଙ୍କର ମନୋଭାବ ଗୋଟିଏ ନିର୍ଦ୍ଦିଷ୍ଟ ଦିଗରେ ପ୍ରଭାବିତ ହୋଇଥାଏ । ବିଶେଷତଃ ଦେଶର ପ୍ରଧାନ ପ୍ରଧାନ ସମସ୍ୟାରେ ସେମାନେ ଯେପରି ମନୋଭାବ ବ୍ୟକ୍ତ କରିଥାଆନ୍ତି, ସେଥିରୁ ଖୁବ୍ ସହଜରେ ବୁଝିହେବ ଯେ, ସେମାନେ କେଉଁ ରାଜନୈତିକ ଦଳର ଅନ୍ତର୍ଭୁକ୍ତ । ମୁଁ ନିଜେ ଅନେକ ଲୋକଙ୍କୁ ଏପରି ଭାବରେ ପରୀକ୍ଷା କରି ଦେଖିଛି ।

ମୁଁ ଆଗରୁ କହିଛି ଯେ ବିଲାତର ଅଧିକାଂଶ ଖବରକାଗଜ ଜାଠ ଦଳଭୁକ୍ତ ପୁଞ୍ଜିପତିଙ୍କ ହାତରେ ରହିଛି—ବି.ବି.ସି., ବେତାର ଖବର ସରବରାହ ମଧ୍ୟ ଅନେକଟା ଏମାନଙ୍କ ହାତରେ । ତେଣୁ ଶ୍ରମିକ ସରକାର ବଡ଼ ଅସୁବିଧାରେ ପଡ଼ୁଛି । ଲୋକମାନେ ଏସବୁ ଖବରରେ ସବୁବେଳେ ଭାସି ନଗଲେ ସୁଦ୍ଧା (ତା ନ ହେଲେ ଗତ ନିର୍ବାଚନରେ ଶ୍ରମିକଦଳ ସଂଖ୍ୟାଧିକ ଭାବରେ ନିର୍ବାଚିତ ହୋଇପାରି ନଥାନ୍ତା) । ଅନେକ ଘଟଣା ବଡ଼ ଭୁଲ ଭାବରେ ଲୋକଙ୍କ ଆଗରେ ଉପସ୍ଥାପିତ କରାହୋଇଥାଏ । ସକାଳୁ ରାତିଯାଏ ଯଦି ଲୋକମାନେ ଗୋଟିଏ କଥା ଖବରକାଗଜ, ବେତାର ପ୍ରଭୃତିରେ ବାରମ୍ବାର ଶୁଣନ୍ତି, ତାହେଲେ ନିଶ୍ଚୟ ସେ ପ୍ରକାର ଧାରଣା ମନ ଭିତରେ ଆସିଯିବାର କଥା । ତେଣୁ ପ୍ରକୃତରେ ଗଣତନ୍ତ୍ର ପ୍ରତିଷ୍ଠା ଲାଗି ଏ କ୍ଷେତ୍ରରେ ବହୁତ କିଛି ପରିବର୍ତ୍ତନ ହେବା ଉଚିତ ବୋଲି ମନେହୁଏ । ସମାଜର ସାମାନ୍ୟ କେତେ ଜଣଙ୍କ ହାତରେ ଏତେ ବେଶୀ ସୁବିଧା ରହିବା ବିପଦଜନକ—ବିଶେଷତଃ ପୁଞ୍ଜିପତିଙ୍କ ପରି ନ୍ୟସ୍ତସ୍ୱାର୍ଥ ଶାସକବର୍ଗଙ୍କ ହାତରେ । ତଥାପି ଗଣତାନ୍ତ୍ରିକ ସଂସ୍ଥା ଏ ଦିଗରେ ଅତ୍ୟନ୍ତ ଶକ୍ତିଶାଳୀ ହୋଇପାରିଛି । ■■■

Digitized by PPRACHIN, SOA

ଶ୍ରମିକ ସରକାରର ଘରୋଇ ନୀତି

ମୁଁ ପୂର୍ବ ଲେଖାରେ ଦେଖାଇଛି ଯେ ଶ୍ରମିକ ସରକାର ଅମଳରେ କିପରି ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟସବୁ ଆଗେଇ ଚାଲିଛି । ଇଂଲଣ୍ଡର ଏହି ପ୍ରଥମ ଶ୍ରମିକ ସରକାର ଯେ କି ସାହସର ସହିତ ଏତେ ବଡ଼ ବଡ଼ କାର୍ଯ୍ୟପନ୍ଥା ହାତକୁ ନେଇପାରିଛି । ୧୯୩୧ରେ ମାକ୍‌ଡୋନାଲ୍‌ଡ ସରକାର ଯେପରି ଭାବରେ କୃତଘ୍ନତା କରିଥିଲା ଏମାନେ ଭୁଲି ନାହାନ୍ତି । ସାମାଜିକ ଅନୁଷ୍ଠାନ ସବୁ ସମାଜବାଦ ନୀତି ଅନୁସାରେ ଗଢ଼ିବା ପାଇଁ ଅନେକଗୁଡ଼ିଏ ବ୍ୟବସ୍ଥା ଯେ ହୋଇଛି, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଅର୍ଥନୈତିକ କ୍ଷେତ୍ରରେ ଏମାନେ ସମ୍ପୂର୍ଣ୍ଣ ରୂପେ କୃତକାର୍ଯ୍ୟ ହୋଇପାରି ନାହାନ୍ତି । ପ୍ରକୃତ ସାମ୍ୟବାଦ ଓ ପୁଞ୍ଜିବାଦ ଭିତରେ ଗୋଟିଏ ତୃତୀୟ ପନ୍ଥା ଅବଲମ୍ବନ କରିବା ହେଉଛି ଏମାନଙ୍କର ଉଦ୍ଦେଶ୍ୟ । ୟୁରୋପର ଅନ୍ୟାନ୍ୟ ଦେଶର ସୋସାଲ ଡିମୋକ୍ରାଟିକ୍ ଦଳମାନଙ୍କର ମଧ୍ୟ ସେଇଆ ଇଚ୍ଛା । କିନ୍ତୁ ଏମାନେ କେତେଦୂର ଏ ପ୍ରକାର ତୃତୀୟ ରାସ୍ତା ନେଇ ତିଷ୍ଠି ପାରିବେ, କହିବା କଷ୍ଟକର । ଏତା ନିଶ୍ଚୟ ଯେ ଏ ଦଳର ଲୋକେ ନିଜ ଦେଶରେ ଯାହା କିଛି ସାମାଜିକ ଉନ୍ନତି କରିବାକୁ ଚେଷ୍ଟା କରନ୍ତି, କିନ୍ତୁ ଅଧୀନସ୍ଥ ରାଜ୍ୟମାନଙ୍କ ସମ୍ପର୍କରେ ଏମାନେ ପୂରା ପୂରି ସାମ୍ରାଜ୍ୟବାଦୀ । ବାହାର ନୀତିରେ ବ୍ରିଟିଶ୍ ଶ୍ରମିକଦଳ ଓ ଜାତିଦଳ ଭିତରେ ସେପରି କିଛି ତଫାତ୍ ନାହିଁ ।

ନିର୍ବାଚନ ସମୟରେ ଏମାନେ କେତେଗୁଡ଼ିଏ ପ୍ରଧାନ ଶିଳ୍ପ ଅନୁଷ୍ଠାନକୁ ଜାତୀୟ ସମ୍ପତ୍ତିରେ ପରିଣତ କରିବା ପାଇଁ କଥା ଦେଇଥିଲେ । କ୍ଷମତାକୁ ଆସିଲା ପରେ ପ୍ରଥମେ କୋଇଲାଖଣି ଗୁଡ଼ିକର ଅବସ୍ଥା ଏତେ ଖରାପ ଥିଲା ଯେ, ସେସବୁ ସରକାରଙ୍କ ଦ୍ୱାରା ପରିଚାଳିତ ନ ହେଲେ କାମ ଚାଲିବା ଅସମ୍ଭବ ହୋଇପଡ଼ିଥାନ୍ତା । କୋଇଲା ଭୂଗର୍ଭରୁ ବାହାର କରିବା ପାଇଁ ନୂତନ କଳ ଅଭାବରୁ ବହୁ ପରିଶ୍ରମ କରିବାକୁ ପଡୁଥିଲା ଏବଂ ବର୍ତ୍ତମାନ ସୁଦ୍ଧା ଜଣେ ଆମେରିକାନ୍ ଶ୍ରମିକ ଦିନରେ ଯେତେ କୋଇଲା କାଟିପାରେ ଓ ଉପରକୁ ଉଠାଇପାରେ, ବ୍ରିଟିଶ୍ ଶ୍ରମିକ ତାର ପ୍ରାୟ ଅଧାଅଧି କରିଥାଏ । କୋଇଲାଖଣି ଶ୍ରମିକମାନଙ୍କ ପାଇଁ ଯଥେଷ୍ଟ ସୁବିଧା ମଧ୍ୟ ଦିଆଯାଉ ନଥିଲା; ତେଣୁ ଲୋକମାନେ ସେଥିପ୍ରତି ବିମୁଖ ହୋଇ ଅନ୍ୟାନ୍ୟ କାମ ପାଇଁ ଚେଷ୍ଟା କରୁଥିଲେ । ଅଧିକାଂଶ କୋଇଲାଖଣି ମଧ୍ୟ ଖୁବ୍ ଗଭୀର ହୋଇପଡ଼ିଛି । କୋଇଲା ଏମାନଙ୍କର ଗୋଟାଏ ପ୍ରଧାନ ବ୍ୟବସାୟ । ତେଣୁ ଏହାକୁ ପ୍ରଥମେ ସରକାର ହାତକୁ ନେଲେ । ଜାତିଦଳ ଏଥିଲାଗି ଖୁବ୍ ବେଶୀ ଆପତ୍ତି ମଧ୍ୟ କରି ନଥିଲେ । ତା'ଛଡ଼ା ଖଣିର ମାଲିକମାନଙ୍କୁ କ୍ଷତିପୂରଣ ପ୍ରଭୃତିରେ ଯେପରି ସୁବିଧା ଦିଆହେଲା, ସେଥିରେ ସେମାନେ ବେଶ୍ ଖୁସୀ । କାରଣ କୋଇଲାଖଣି ସବୁର ଯେପରି ଅବସ୍ଥା ଥିଲା, ଯୁଦ୍ଧ ପରେ ପୁଣି ସେସବୁ ଭଲ ଭାବେ ଚାଲୁ କରିବା ଲାଗି ବହୁତ ଖରଚ ହୋଇଥାଆନ୍ତା । ମାଲିକମାନେ ପ୍ରାୟ ଦେବାଳିଆ ହେବା ଉପରେ ଥିଲେ । ତା ପରିବର୍ତ୍ତେ ସେମାନେ

Digitized by PPRACHIN, SOA

୨୨୦ କୋଟି ଟଙ୍କାର ମୂଳଧନ ଉପରେ ଶତକଡ଼ା ଅଢ଼େଇ ଟଙ୍କା ହିସାବରେ ସୁଧ ପାଇବେ। ଏହାର ପରିଚାଳନା ପାଇଁ ଏମାନଙ୍କ ଭିତରୁ ଅନେକେ ବେଶ୍ ବଡ଼ ବଡ଼ ଚାକିରି ପାଇଲେ। ଅବଶ୍ୟ ଶ୍ରମିକମାନଙ୍କ ଲାଗି ମଧ ବହୁତ ସୁବିଧା କରି ଦିଆଗଲା। ସେମାନଙ୍କ ଲାଗି ଦୁଇ ଗୁଣ ଖାଦ୍ୟପଡ଼ି ଦିଆଗଲା। କୋଇଲା ଛଡ଼ା ବିଦ୍ୟୁତ୍ ଶକ୍ତି ଓ ଗ୍ୟାସ୍ ମଧ ସରକାର ହାତକୁ ନେଲେ। ବିଦ୍ୟୁତ୍ ଶକ୍ତି ସରକାର ହାତକୁ ଆସିବା ପୂର୍ବରୁ ଏତେ ବେଶୀ ମଧ୍ୟସ୍ଥ ବିଭାଗ ଓ ଜଟିଳତା ଦେଇ ଆସେ ଯେ ଶସ୍ତା ଦରରେ ଏହା ଯୋଗାଇବା ଅସମ୍ଭବ ହୋଇପଡ଼େ। ତେଣୁ ଏହାକୁ ସରକାରଙ୍କର ହାତକୁ ନେବା ବହୁତ ଦରକାର ଥିଲା। ସେହି କାରଣରୁ ଯାତାୟତ ବିଭାଗକୁ ମଧ ଜାତୀୟ ସଂପତ୍ତିରେ ପରିଣତ କରାହେଲା। ଅବଶ୍ୟ ଏଥିଲାଗି ଜାଠଦଳରୁ ବହୁତ ଆପତ୍ତି ଉଠିଥିଲା। ତା'ପରେ ଇଂଲଣ୍ଡର ପ୍ରଧାନ ବ୍ୟାଙ୍କ୍ ମଧ ସରକାର ହାତକୁ ଗଲା। ସାଧାରଣତଃ ଅନ୍ୟାନ୍ୟ ଦେଶରେ ସରକାର ହାତରେ କେନ୍ଦ୍ର ବ୍ୟାଙ୍କ ଥାଏ; କିନ୍ତୁ ଏଠାରେ ଏହା ଗୋଟିଏ ମସ୍ତବଡ଼ ବ୍ୟତିକ୍ରମ ଥିଲା। ମୋଟାମୋଟି ଉପରୋକ୍ତ ଚାରୋଟି ବ୍ୟବସାୟ ଜାତୀୟ ସମ୍ପତ୍ତିରେ ପରିଣତ କରିବାରେ ସରକାରଙ୍କୁ ପ୍ରାୟ ୨୧୦୦ କୋଟି ଟଙ୍କା ଉପରେ ଶତକଡ଼ା ଅଢ଼େଇଠାରୁ ତିନି ପର୍ଯ୍ୟନ୍ତ ସୁଧ ଦେବାକୁ ପଡ଼ିଲା। ଅନେକ ମତରେ ସେମାନେ ଯଦି ସମ୍ପତ୍ତି ରଖିଥାଆନ୍ତେ, ତାହାହେଲେ ଏହାଠାରୁ ଅନେକ ବେଶୀ କ୍ଷତି ହୋଇଥାଆନ୍ତା। ଯୁଦ୍ଧପର ପରିସ୍ଥିତିରେ ଅସମ୍ଭବ ରକମର କ୍ଷତିପୂରଣ ଓ ସେସବୁ ନୂତନ ପ୍ରକାରେ ସଂଘଟିତ କରିବାରେ ବିରାଟ ଖର୍ଚ୍ଚ ଯୋଗୁଁ ସାଧାରଣଙ୍କ ପାଇଁ କୋଇଲା ପ୍ରଭୃତି ଜିନିଷର ଦର ବହୁତ ବଢ଼ିଗଲା। ସେଥିଲାଗି ଅନେକ ଲୋକ ଜାତୀୟକରଣର ମୂଳନୀତିକୁ ନିନ୍ଦା କରୁଛନ୍ତି।

ଲୁହା ଓ ଇସ୍ପାତ ବ୍ୟବସାୟକୁ ଜାତୀୟକରଣ କରିବା ଲାଗି ଚେଷ୍ଟା କରାହେଉଛି ସତ, କିନ୍ତୁ ସେଥିଲାଗି ଉଭୟଙ୍କର ଆପତ୍ତି ହେବ। ଜାଠଦଳର କେତେକ ବିଶିଷ୍ଟ ଲୋକଙ୍କର ବିରାଟ ସ୍ୱାର୍ଥ ଏ ବ୍ୟବସାୟରେ ରହିଛି। ଏହା ଗୋଟିଏ ପ୍ରଧାନ ଏକଚାଟିଆ ବ୍ୟବସାୟ ଏବଂ ସରକାରଠାରୁ ଏମାନେ ନାନା ପ୍ରକାରର ସୁବିଧା ଆଦାୟ କରିଥାଆନ୍ତି— ମୂଲ୍ୟ ବଢ଼ାଇ ରଖି ଅତ୍ୟଧିକ ଲାଭ ପାଇବା ଲାଗି। ବଲଡୁଇନ୍, ଚେମ୍ବରଲିନ୍ ଓ ଅନ୍ୟାନ୍ୟ ଅନେକ ବିଶିଷ୍ଟ ଜାଠଦଳ କର୍ତ୍ତାଙ୍କର ପରିବାର ଏ ବ୍ୟବସାୟ ସହିତ ଘନିଷ୍ଠ ଭାବେ ସଂପୃକ୍ତ। ଏଥିଲାଗି ଏହାକୁ ଜାତିଗତ କରିବାରେ ଜାଠଦଳରୁ ଭୟଙ୍କର ଆପତ୍ତି ହେବ। ସରକାର ମଧ ଏ କାରଣରୁ ଟିକିଏ ଦବିଲା ପରି ଜଣାଯାଉଛି। ଏହା ଦେଶର ପ୍ରଧାନ ବ୍ୟବସାୟ ଥିବାରୁ ଅତିଶୀଘ୍ର ସାଧାରଣ ସମ୍ପତ୍ତି ରୂପେ ସରକାର ହାତକୁ ଯିବା ଉଚିତ ଥିଲା।

ଶ୍ରମିକ ସରକାରଙ୍କ ଉଦ୍ଦେଶ୍ୟ ଭଲ ଥିଲେ ହେଁ ଯେ, ଉପାୟରେ ଏ ସବୁ ହସ୍ତଗତ କରାଗଲା, ସେଥିଲାଗି ବହୁତ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ମାଲିକମାନଙ୍କୁ କ୍ଷତିପୂରଣ ଯେଉଁ ପରିମାଣରେ ଦିଆଯାଉଛି, ସେଥିରେ ଅନେକେ ଅସନ୍ତୁଷ୍ଟ। ଉପଯୁକ୍ତ ଲୋକ ହାତରେ ପରିଚାଳନାର ଭାର ଦିଆ ହୋଇ ନଥିବାରୁ ଉତ୍ସାହର ଅଭାବ ଘଟୁଛି। ଅନେକ ସମୟରେ ସରକାରକୁ ଏ ବିଷୟରେ କ୍ଷତି ସହିବାକୁ ହୁଏ। ବାଣିଜ୍ୟ ବ୍ୟବସାୟ ବିଷୟରେ ମଧ କଳକାରଖାନା ମାଲିକମାନଙ୍କ ଦ୍ୱାରା ଚାଳିତ ବ୍ରିଟିଶ ଫେଡ଼ରେଶନ୍ ଅଫ୍ ଇଣ୍ଡଷ୍ଟ୍ରିଜ୍ (British Federation of Industries—F.B.I.)କଥାରେ ସରକାର ବହୁତ ବେଶୀ ପ୍ରଭାବିତ। ସେଥିଲାଗି ରୁଷିଆ ସହିତ ଖୁବ୍ ଭଲ ଭାବରେ ବାଣିଜ୍ୟ ହୋଇପାରେ ନାହିଁ। ରୁଷିଆରୁ ଗହମ ଓ ଅନ୍ୟାନ୍ୟ ମୋଟା ଶସ୍ୟ ବହୁ ପରିମାଣରେ ଓ ଶସ୍ତାରେ ମିଳିବାର ସମ୍ଭାବନା ଥିଲେ ସୁଦ୍ଧା ଏମାନଙ୍କ ପ୍ରଭାବରୁ ଆଣି ହୁଏ ନାହିଁ। ଗତବର୍ଷ ରୁଷିଆ ଠିକ୍ ସମୟରେ ପ୍ରତିଶ୍ରୁତି ଅନୁସାରେ ଉପଯୁକ୍ତ ପରିମାଣରେ ଶସ୍ୟ ଯୋଗାଇଥିଲେ ସୁଦ୍ଧା ଏମାନେ ନିର୍ଦ୍ଦିଷ୍ଟ ସର୍ତ୍ତ ଅନୁସାରେ କଳକବ୍ଜା ଯୋଗାଇ ପାରି ନଥିଲେ। ରୁଷିଆର ବାଣିଜ୍ୟ

Digitized by PPRACHIN, SOA

ବ୍ୟବସାୟ ଓ ଆମଦାନୀ ରପ୍ତାନି ନିର୍ଦ୍ଦିଷ୍ଟ ପଦ୍ଧତିରେ ହେଉଥିବାରୁ ଏପ୍ରକାର ବିଳମ୍ବରେ ବହୁତ ଅସୁବିଧା ଘଟେ । ଅନେକ ସମୟରେ ସରକାର ତରଫରୁ ଇଚ୍ଛା ଥିଲେ ମଧ ପୁଞ୍ଜିପତିମାନେ ସେଥିରେ ଅସୁବିଧା ସୃଷ୍ଟି କରିଦିଅନ୍ତି ।

ଖାଲି ସେତିକି ନୁହେଁ, ଏମାନଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ମାଲିକମାନଙ୍କର ଲାଭାଂଶକୁ ସରକାର ଭଲଭାବେ ଆୟତ୍ତ କରିପାରନ୍ତି ନାହିଁ । ଶ୍ରମିକମାନଙ୍କର ମଜୁରି ହାର ବଜାର ଦର ଅନୁପାତରେ କମିଯାଏ । ସରକାର ଲୋକମାନଙ୍କର ସୁବିଧା ଲାଗି ଅଧିକାଂଶ ଗୃହ ବ୍ୟବହୃତ ଜିନିଷର ଦାମ୍ ଆୟତ୍ତ କରିଛନ୍ତି । ପରିବା, ଫଳ ଓ ମାଛ ଛଡ଼ା ଆଉ ପ୍ରାୟ ସବୁ ପ୍ରକାର ଖାଇବା ଜିନିଷ ନିର୍ଦ୍ଦିଷ୍ଟ ପରିମାଣରେ ଓ ସମାନ ଭାବରେ ସମସ୍ତଙ୍କୁ ମିଳିଥାଏ—ଦାମ୍ ମଧ ଆଗରୁ ଠିକ୍ କରାଯାଇଥାଏ । ଖାଇବା ଜିନିଷ ଓ ଲୁଗାପଟାର ଦାମ୍ ସାଧାରଣ ଲୋକଙ୍କ କିଣିବା ଭଳି ଗୋଟିଏ ସୀମା ଭିତରେ ରଖିବା ଲାଗି ସରକାର ତରଫରୁ ଉପଯୁକ୍ତ ଅର୍ଥ ସାହାଯ୍ୟ ଦେଉଥିଲେ ସୁଦ୍ଧା ଲୋକଙ୍କର ଜୀବିକାନିର୍ବାହ ଖର୍ଚ୍ଚ ବଢ଼ିଯାଏ । ଅବଶ୍ୟ ଆମ ଦେଶ ପରି ହୁ ହୁ ହୋଇ କେଇଟା ଦିନ ଭିତରେ ତିନି ଚାରିଗୁଣ ବଢ଼େ ନାହିଁ । ତଥାପି ସାମ୍ୟବାଦୀ ଦେଶରେ ଏ ପ୍ରକାର ଖର୍ଚ୍ଚ ବଢ଼ିବା ଅପେକ୍ଷା କମିବା ଉଚିତ୍ ଏବଂ ତା ସଙ୍ଗେ ସଙ୍ଗେ ଧନୀମାନଙ୍କର ଲାଭ ବହୁତ କମିଯିବା ଉଚିତ । ଉଦାହରଣ ସ୍ୱରୂପ ନିମ୍ନରେ ଲଣ୍ଡନ ଓ କେମ୍ବ୍ରିଜ୍ ଇକନମିକ୍ ସର୍ଭେର ହିସାବ ଦିଆଗଲା—

	୧୯୪୬	୧୯୪୭	୧୯୪୮ (ଜୁନ୍)
ଉତ୍ପାଦନ	୧୦୦	୧୦୮	୧୨୨
ମଜୁରି	"	୧୦୦	୧୦୬
ଖାଦ୍ୟ	"	୧୦୦	୧୦୮
ଅନ୍ୟାନ୍ୟ ଜିନିଷ	"	୧୦୦	୧୧୦
	୧୯୪୫	୧୯୪୭	୧୯୪୮
ପ୍ରାପ୍ତ ଲାଭାଂଶ	୧୦୦	୧୨୮	୧୬୫
ଗଚ୍ଛିତ ଲାଭାଂଶ	୧୦୦	୧୬୫	୨୯୨
ସୁଧ ଓ ଡିଭିଡେଣ୍ଡ	୧୦୦	୧୧୬	୧୨୪

ଆୟକର ବାଦ ଦେଲା ପରେ ମଧ ଲାଭାଂଶ ୧୯୪୬-୪୭ରେ ୨୨ କୋଟି ୫୩ ଲକ୍ଷ ପାଉଣ୍ଡ ଥିଲା ଏବଂ ୧୯୪୭-୪୮ରେ ତାହା ବଢ଼ି ୨୬ କୋଟି ୧୦ ଲକ୍ଷ ପାଉଣ୍ଡ ହେଲା ।

ସରକାରର ଅନେକ ଦୁର୍ବଳତା ଥିଲେ ମଧ ସାଧାରଣ ଲୋକେ ବର୍ତ୍ତମାନ ଯେ ଭଲ ଅବସ୍ଥାରେ ଅଛନ୍ତି, ଏଥିରେ ସନ୍ଦେହ ନାହିଁ । ଖାଦ୍ୟ ଜିନିଷର ସମପରିମାଣରେ ବଣ୍ଟନର ସୁବିଧା ଥିବାରୁ ଏବଂ ଚୋରାବଜାର ବଡ଼ କମ୍ ଥିବାରୁ ଦେଶର ସାଧାରଣ ସ୍ୱାସ୍ଥ୍ୟ ଖୁବ୍ ଉନ୍ନତି କରିଛି । ଲୋକେ ଖାଦ୍ୟ ପରିମାଣର ସ୍ୱଳ୍ପତା ବିଷୟରେ ଯେତେବେଳେ ଓଜର ଆପତ୍ତି କରିଥାନ୍ତି, ମୁଁ ମନେ ମନେ ଭାବେ ଯେ ଏତିକି ଆମ ଦେଶରେ କେତେଟା ଲୋକ ପାଆନ୍ତି ? ହାୟ ! ଏହାର ଅଧା ଆମ ଦେଶରେ ସମସ୍ତେ ପାଇପାରନ୍ତେ କି ? ଏ ବିଷୟରେ ଶ୍ରମିକ ସରକାରଙ୍କୁ ଧନ୍ୟବାଦ ନ ଦେଇ ରହି ହେବ ନାହିଁ । ଆମ ଦେଶର କାରଖାନା ମାଲିକ ଓ ରାଜା ଜମିଦାରମାନଙ୍କର କୁକୁର ଯାହା ଖାଇବାକୁ ପାଉଥାଏ, ଆମ ଦେଶର ଅଧିକାଂଶ ଲୋକେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରିପାରିବେ ନାହିଁ । ଏମାନେ ଘୋଡ଼ାଦୌଡ଼ ଓ ପାରିସ ନାଚ ଘରେ ଯେତେ ଟଙ୍କା ଖର୍ଚ୍ଚ କରନ୍ତି, ସେଥିରେ ହଜାର ହଜାର ଲୋକ ମୁଠାଏ ଖାଇପାରନ୍ତେ କିମ୍ବା ରୋଗକ୍ଲିଷ୍ଟ ମୁମୂର୍ଷୁ ନରନାରୀମାନେ ଟୋପାଏ

Digitized by PPRACHIN, SOA

ଔଷଧ ପାଣି ପାଇପାରନ୍ତେ—ଯେଉଁମାନେ ହାହାକାରଗ୍ରସ୍ତ ଭୋକିଲା ଲୋକଙ୍କର ଶ୍ରମ-ରକ୍ତରେ ଧନୀ ଏବଂ ଯେଉଁମାନେ ଦେଶର ନରକଙ୍କାଳ ଉପରେ ବିଳାସବ୍ୟସନ ଲାଗି ନଭସ୍ପର୍ଶୀ ପ୍ରାସାଦ ଗଢୁଛନ୍ତି, ସେହି ରାଜାମହାରାଜାଙ୍କର ସ୍ୱାର୍ଥତ୍ୟାଗ ବିଷୟରେ ଆମ ଦେଶର ପୂଜ୍ୟ ନେତାମାନେ ଶତମୁଖରେ ଜୟଗାନ କରୁଛନ୍ତି । ତେଣୁ ଆମ ଦେଶ ତୁଳନାରେ ଇଂଲଣ୍ଡ ଯେ ଅନେକ ଭଲ, ଏଥିରେ ସନ୍ଦେହ ନାହିଁ, ଯଦିଚ ଅସଲ ମୂଳ ସାମ୍ୟବାଦୀ ନୀତିର ଏହା ବହୁତ ତଳେ ।

ଏ ପ୍ରକାର ବ୍ୟତିକ୍ରମର କାରଣ ଅଛି । ଏମାନଙ୍କର ସାମ୍ରାଜ୍ୟବାଦୀ ବୈଦେଶିକ ନୀତି ଏଥିପାଇଁ ଦାୟୀ । ଅଧିକାଂଶ ବ୍ରିଟିଶ ଶ୍ରମିକନେତା ଘରେ ସାମ୍ୟବାଦୀ ନୀତି ପ୍ରଚାର କଲେ ସୁଦ୍ଧା ବାହାର ପାଇଁ ସାମ୍ରାଜ୍ୟବାଦୀ । ଗତ ଯୁଦ୍ଧ ପରେ ଏମାନଙ୍କର ଅର୍ଥନୈତିକ ଅବସ୍ଥା ବହୁତ ଖରାପ ହୋଇଥିଲେ ସୁଦ୍ଧା ଏମାନେ ଯୁଦ୍ଧପୂର୍ବ ସାମ୍ରାଜ୍ୟବାଦୀ ରାଜତ୍ୱର ବଡ଼ିମା ଆହୁରି ଛାଡ଼ି ନାହାନ୍ତି । ଯୁଦ୍ଧ ଯୋଗୁଁ ଅନ୍ୟାନ୍ୟ ବାହାର ରାଜ୍ୟଠାରୁ ଏମାନେ କୋଟି କୋଟି ପାଉଣ୍ଡ ଧାର କରିଛନ୍ତି । ଏବଂ ଅନ୍ୟାନ୍ୟ ଦେଶରେ ଯେତେ ମୂଳଧନ ଖଟାଇଥିଲେ ତାହା ବହୁତ କମିଯାଇଛି । ଅନେକ ବାହାର ବ୍ୟବସାୟ ଅନ୍ୟକୁ ବିକ୍ରି କରି ଦିଆହୋଇଛି । ଖାଦ୍ୟ ଓ ଅନ୍ୟାନ୍ୟ କଞ୍ଚାମାଲ କିଣିବା ନିହାତି ଦରକାର । ବରଂ ଯୁଦ୍ଧ ପରେ ଏହାର ରପ୍ତାନି ପରିମାଣ ଖୁବ୍ ବଢ଼ିଛି—ଶିଳ୍ପଜାତ ଜିନିଷ ନିଜ ସାମ୍ରାଜ୍ୟରେ ବିକି ବେଶୀ ଲାଭ ପାଉଥିବାରୁ ନିଜ ଦେଶରେ କୃଷିର ପ୍ରସାର ବହୁତ କମ୍ । ଆଜି ପର୍ଯ୍ୟନ୍ତ ସରକାର ତଥା ସାଧାରଣ ଲୋକେ ଏହାକୁ ଅବହେଳା କରିଛନ୍ତି । ତେଣୁ ଲୋକ ସଂଖ୍ୟା ବୃଦ୍ଧି ଓ ସାଧାରଣ ଲୋକଙ୍କର ଉନ୍ନତି ସଙ୍ଗେ ସଙ୍ଗେ ଖାଦ୍ୟ ଜିନିଷ କିଣିବା ପରିମାଣ ବଢ଼ିଯାଇଛି । ଅଥଚ ଏହା କିଣିବା ପାଇଁ ଦେଶରେ ଯଥେଷ୍ଟ ମୂଳଧନ ଖଟା ହୋଇପାରୁନାହିଁ । ତେଣୁ ଆୟ ସେହି ପରିମାଣରେ କମିଯାଇଛି ।

ତା'ଛଡ଼ା ଯୁଦ୍ଧ ସମୟର ଋଣରୁ କିଛି କିଛି ଶୁଝିବା ଦରକାର । ଏସବୁ କାରଣରୁ ଏମାନଙ୍କର ଅର୍ଥନୈତିକ ଅବସ୍ଥା ଭୟଙ୍କର ଭାବରେ ଖରାପ ହୋଇପଡ଼ିଛି । ଏ ପରିସ୍ଥିତିରେ ସେମାନେ ଯେତେ ବେଶୀ ଉତ୍ପାଦନ କରିପାରିବେ, ସେତେ ଭଲ । ବର୍ତ୍ତମାନ ଆୟ ଅପେକ୍ଷା ବ୍ୟୟ ବେଶୀ ଅର୍ଥାତ୍ ଯେତିକି କିଣୁଛନ୍ତି ତାଠାରୁ କମ୍ ବିକ୍ରି କରିପାରୁଛନ୍ତି । ଏପରି ଅବସ୍ଥାରେ ଉତ୍ପାଦନ ବୃଦ୍ଧି ହିଁ ଏକମାତ୍ର ଭରସା; କିନ୍ତୁ ସେଥିଲାଗି ଉପଯୁକ୍ତ କଳକାରଖାନା ଓ ଯଥେଷ୍ଟ ଶ୍ରମିକ ଦରକାର । କଳକାରଖାନା ଲାଗି ଆମେରିକାଠାରୁ ସାହାଯ୍ୟ ଚାହିଁଛନ୍ତି । କିନ୍ତୁ ସେଥିରେ ବିଶେଷ ଉନ୍ନତି ହେଲା ପରି ଦେଖାଯାଉ ନାହିଁ । ତା'ଛଡ଼ା ଆଫ୍ରିକା ଓ ମାଳୟ ପ୍ରଭୃତି ଅଧୀନସ୍ଥ ଦେଶମାନଙ୍କରେ ବର୍ତ୍ତମାନ ସୁଦ୍ଧା ବହୁତ ସୈନ୍ୟ ରଖାହୋଇଛି । ସୁସ୍ଥ ସବଳ ଲୋକଙ୍କ ଭିତରୁ ପ୍ରାୟ ୨୫ ଲକ୍ଷ ଲୋକ ସକ୍ରିୟ ସାମରିକବାହିନୀ କିମ୍ବା ସେମାନଙ୍କୁ ଯୋଗାଇବା ଭଳି ଅଣଲାଭଜନକ ଶ୍ରମରେ ବ୍ୟାପୃତ । ସେମାନଙ୍କ ଭିତରୁ ଯଦି ଅଧିକାଂଶଙ୍କୁ ଉତ୍ପାଦନ ଲାଗି ନିଯୁକ୍ତି କରାଯାନ୍ତା, ତାହେଲେ ଅର୍ଥନୈତିକ ପରିସ୍ଥିତି ଅନେକ ସୁଧୁରିଯାଆନ୍ତା । ବର୍ତ୍ତମାନର ପୃଥିବୀ ପରିସ୍ଥିତିରେ ବ୍ରିଟିଶ୍ ଯଦି ସାମ୍ରାଜ୍ୟବାଦର ଆତ୍ମଗାରିମା ଛାଡ଼ି ସୁଇଜରଲାଣ୍ଡ ପରି ଖାଲି ବ୍ୟବସାୟ ଦିଗରେ ଦୃଷ୍ଟି ଦିଅନ୍ତା, ତାହେଲେ ପୁଣି ସମୃଦ୍ଧଶାଳୀ ହୋଇପାରନ୍ତା । ଋଷିଆ କିମ୍ବା ଆମେରିକା ରାଜନୀତିରେ ଯୋଗ ନଦେଇ ଖାଲି ଯଦି ନିରପେକ୍ଷ ରହିପାରିବ, ତାହେଲେ ଯାଇ ଏହା ସମ୍ଭବ ହୋଇପାରିବ ।

ଶିଳ୍ପ ଜଗତରେ ବ୍ରିଟିଶମାନଙ୍କର ଖୁବ୍ ନାମ ଅଛି । ଅନେକ ଦେଶରେ ମଧ୍ୟ ସେମାନଙ୍କର ବେଶ ପ୍ରତିପତ୍ତି ଅଛି । ସମସ୍ତ ଅଧୀନସ୍ଥ ରାଜ୍ୟକୁ ସ୍ୱାଧୀନତା ଦେଲା ପରେ ମଧ୍ୟ ସେମାନେ ବ୍ରିଟିଶର ବହୁତ ସାହାଯ୍ୟ ନେବେ । ପରସ୍ପରକୁ ବନ୍ଧୁ ସୂତ୍ରରେ ଆବଦ୍ଧ କରି ବାଣିଜ୍ୟ ବ୍ୟବସାୟ ଦିଗରେ ପରସ୍ପରକୁ ସାହାଯ୍ୟ କଲେ ଉଭୟଙ୍କର ମଙ୍ଗଳ ହେବ । କିନ୍ତୁ ତା ନ କରି ଆମେରିକା

Digitized by PPRACHIN, SOA

ସହିତ ପୂରାପୂରି ମେଣ୍ଟ ବାନ୍ଧି ଆମେରିକାର ଡଲାର ସାମ୍ରାଜ୍ୟ ବିସ୍ତାର ଲାଗି ଚାରିଆଡ଼େ ପୁଣି ସେହି ପୁରୁଣା କୂଟନୀତିର ବିଷ ପ୍ରୟୋଗ କଲେ ସାମ୍ରାଜ୍ୟବାଦର କୁଟିଳ ଆବର୍ତ୍ତ ଭିତରେ ହିଁ ବୁଡ଼ିଯିବ । ଇଂଲଣ୍ଡ ନିରପେକ୍ଷ ରହିଲେ ଯେ ଖାଲି ତା'ର ମଙ୍ଗଳ ହେବ ତା ନୁହେଁ, ପୃଥିବୀରେ ମଧ୍ୟ ଶାନ୍ତି ସୁରକ୍ଷିତ ହେବ । ଇଂଲଣ୍ଡ ବିନା ତୃତୀୟ ମହାଯୁଦ୍ଧ ସମ୍ଭବ ନୁହେଁ । ଏ ବିଷୟରେ ପରବର୍ତ୍ତୀ ଲେଖାରେ କିଛି ଆଲୋଚନା କରାହେବ । ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି ଅନ୍ୟାନ୍ୟ ସାମାଜିକ କ୍ଷେତ୍ରରେ ଶ୍ରମିକ ସରକାରର ଉଦ୍ୟମ ବଡ଼ ପ୍ରଶଂସନୀୟ ।

ମୋଟାମୋଟି କହିବାକୁ ଗଲେ ଶ୍ରମିକ ସରକାରର ଘରୋଇ ନୀତିର ଉଦ୍ଦେଶ୍ୟ ଖୁବ୍ ଭଲ ଓ ବର୍ତ୍ତମାନର ପରିସ୍ଥିତି ଅନ୍ୟ ଦେଶ ତୁଳନାରେ ଖୁବ୍ ଖରାପ ହୋଇନଥିଲେ ସୁଦ୍ଧା ତାହା ଭବିଷ୍ୟତ ରାଜନୀତି ଉପରେ ବିଶେଷ ଭାବରେ ନିର୍ଭର କରେ । ବିରାଟ ସାମାଜିକ ଅନୁଷ୍ଠାନର ମୂଳଭିତ୍ତି ସ୍ଥାପିତ ହୋଇଛି; ମାତ୍ର ଖୁବ ବିଜ୍ଞତାର ସହିତ ଯଦି ଏମାନେ ଅଗ୍ରସର ନ ହୁଅନ୍ତି, ତାହେଲେ ପ୍ରତିକ୍ରିୟାଶୀଳ ଲୋକଙ୍କ କୁଚକ୍ରରେ ତାହା କେବେହେଲେ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ବ୍ରିଟିଶ ଜାତି ପକ୍ଷରେ ଏହା ଗୋଟିଏ ଚରମ ପରୀକ୍ଷାର ସମୟ । କେତେ ଦୂର ସେମାନେ ସାମ୍ରାଜ୍ୟବାଦ ଦୁଷ୍କର୍ମର ବ୍ୟୂହରୁ ନିଜକୁ ମୁକ୍ତ କରି ନିଜର ଅସ୍ତିତ୍ୱ ନିଷ୍କଳଙ୍କ ଭାବରେ ବଜାୟ ରଖିପାରିବେ, ତାହା ହିଁ ଦେଖିବାର କଥା । ■■■

Digitized by PPRACHIN, SOA

ଏକୋଇଶ

ବୈଦେଶିକ ଓ ଉପନିବେଶ ନୀତି

ଘରୋଇ ନୀତି ବହୁ ପରିମାଣରେ ବୈଦେଶିକ ନୀତି ଉପରେ ନିର୍ଭର କରେ । ବାହାର ରାଜ୍ୟର ରାଜନୀତି ସହିତ ଯେଉଁ ଦେଶର ଯେତେ ବେଶୀ ସମ୍ପର୍କ ରହେ, ସେ ଦେଶରେ ସେତେ ବେଶୀ ଜଟିଳତା ବଢ଼େ । ଆଧୁନିକ ଯୁଗରେ ପ୍ରତ୍ୟେକ ଦେଶର ସାଧାରଣ ଲୋକଙ୍କ ଭିତରେ ରାଜନୈତିକ ଜାଗରଣ ଖୁବ୍ ବେଶୀ ଦେଖାଦେଇଛି ଏବଂ ସମସ୍ତଙ୍କର ପ୍ରାଣପଣ ଚେଷ୍ଟା ନିଜ ରାଜ୍ୟକୁ ନିଜେ ଚଳାଇବା ପାଇଁ । ସେପରି ଅବସ୍ଥାରେ ଗୋଟିଏ ରାଜ୍ୟ ନିଜର ସ୍ୱାର୍ଥସିଦ୍ଧି ସକାଶେ ଅନ୍ୟ ରାଜ୍ୟକୁ ଦବାଇ ଦେବାକୁ ଚେଷ୍ଟା କଲେ ବହୁତ ଖର୍ଚ୍ଚାନ୍ତ ହେବାକୁ ପଡ଼େ । ସେହି ଅନୁପାତରେ ଘରୋଇ ନୀତି ଉପରେ ତାର ପ୍ରଭାବ ପଡ଼ିଥାଏ । ବର୍ତ୍ତମାନ ବ୍ରିଟିଶ ସରକାରର ସମସ୍ତ ସାମାଜିକ ଓ ଅର୍ଥନୈତିକ ପଦ୍ଧତି ଏପ୍ରକାର ବୈଦେଶିକ ନୀତି ଉପରେ ବହୁତ ନିର୍ଭର କରୁଛି । ମାଳୟ, ଗୋଲ୍ଡକୋଷ୍ଟ ପ୍ରଭୃତି ଅଧୀନସ୍ଥ ରାଜ୍ୟକୁ ଜବରଦସ୍ତ ରଖିବାରେ ଯେପରି ଖର୍ଚ୍ଚ ହେଉଛି, ଆମେରିକା ଦ୍ୱାରା ପରିଚାଳିତ ହେବାରେ ମଧ୍ୟ ସେହିପରି ନାନା ଅସୁବିଧାରେ ପଡୁଛି ।

ବିପଦ ସମୟରେ ଯେପରି ହଠାତ୍ କିଛି ସମୟ ପାଇଁ ଲୋକେ ଭଗବାନଙ୍କ ଭକ୍ତ ହୋଇପଡ଼ନ୍ତି–ଅତୀତ ଜୀବନର ସମସ୍ତ ପାପକାର୍ଯ୍ୟ ପାଇଁ ଅନୁତାପ କରି ଭବିଷ୍ୟତରେ ଆଉ କେବେ ସେପରି କରିବେ ନାହିଁ ବୋଲି ପ୍ରତିଜ୍ଞା କରନ୍ତି, କିନ୍ତୁ ବିପଦ ସରିଯିବା ପରେ ପୁଣି ଯେଉଁ କଥାକୁ ସେହି କଥା; ଅନୁତାପ ଓ ପ୍ରତିଶ୍ରୁତି ଭୁଲି ବି ଯାଆନ୍ତି । ସେହିପରି ଇଂଲଣ୍ଡ ଓ ଆମେରିକା ସରକାର ମିଶି ଯୁଦ୍ଧ ସମୟରେ 'ଆଟଲାଣ୍ଟିକ୍ ଚୁକ୍ତି' ନାମକ ଗୋଟିଏ ସାଧୁ ପ୍ରତିଶ୍ରୁତି ଜଗତକୁ ଦେଇଥିଲେ । ହିତୋପଦେଶର ବୃଦ୍ଧ ବ୍ୟାଘ୍ର ଗଳିତ ନଖଦନ୍ତ ଅବସ୍ଥାରେ ଦରିଦ୍ର ପଥିକକୁ ସୁନାଖଡ଼ୁ ଯାଚିଲା ପରି ବର୍ତ୍ତମାନ ଆଟଲାଣ୍ଟିକ୍ ଚୁକ୍ତି ବିଷୟରେ କାହାର ମନେ ବି ନାହିଁ । ଏପରିକି ଏ ପ୍ରକାର ଗୋଟିଏ ଚୁକ୍ତି ହୋଇଥିଲା କି ନାହିଁ ସେ ବିଷୟରେ ଅନେକେ ସନ୍ଦେହ କରନ୍ତି । ସମସ୍ତେ ଭାବିଥିଲେ ଯେ ଯୁଦ୍ଧ ପରେ ଅଧୀନସ୍ଥ ରାଜ୍ୟମାନେ ନିଶ୍ଚୟ ସ୍ୱାଧୀନ ହେବେ । ଇଂଲଣ୍ଡ ଶ୍ରମିକ ସରକାର ଉପରେ ମଧ୍ୟ ସମସ୍ତେ ଆଶା ରଖିଥିଲେ; କିନ୍ତୁ ଯାହା ଦେଖାଯାଉଛି, ବୈଦେଶିକ ନୀତିରେ ଶ୍ରମିକ ସରକାର ଜାତୀୟଦଳ ସରକାରଠାରୁ କୌଣସି ଗୁଣରେ ତଫାତ୍ ନୁହେଁ ।

ଅନେକ କହନ୍ତି, ଭାରତ, ବର୍ମା ଓ ସିଂହଳକୁ ସ୍ୱାଧୀନତା ଦେବାରେ କ'ଣ ସେମାନଙ୍କର ମହତ୍ତ୍ୱ ଜଣାଯାଏ ନାହିଁ ? ପ୍ରଥମତଃ କୌଣସି ଜାତି ଆଜିଯାଏଁ ଆଉ ଗୋଟିଏ ରାଜ୍ୟକୁ ସ୍ୱଇଚ୍ଛାରେ ସ୍ୱାଧୀନତା ଦେଇନାହିଁ । ସ୍ୱାଧୀନତା ହାସଲ କରା ହୋଇଥାଏ । ତା'ଛଡ଼ା ଯୁଦ୍ଧ ପରେ ଇଂଲଣ୍ଡର ଏପରି ଅବସ୍ଥା ନଥିଲା ଯଦ୍ଦ୍ୱାରା ଭାରତକୁ ଆଉ ବେଶୀ ଦିନ ଜବରଦସ୍ତ ରଖିପାରି ନଥାଆନ୍ତା । ମୁଁ ଆଗରୁ କହିଛି ଯେ ବାହାରୁ ଜିନିଷ କିଣିବା ଲାଗି ନିଜ ଦେଶରେ ଯଥେଷ୍ଟ ଉତ୍ପନ୍ନ କରିପାରୁଥିବା

Digitized by PPRACHIN, SOA

କାର୍ଯ୍ୟକ୍ଷମ ଲୋକଶକ୍ତିର ବହୁତ ଅଭାବ । ତା'ଛଡ଼ା ମଧ୍ୟ ଆନ୍ତର୍ଜାତିକ, ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ଏପରି ଜଟିଳ ହୋଇପଡ଼ିଛି ଯେ ଭାରତବର୍ଷ ପରି ଏତେ ବଡ଼ ଦେଶକୁ ପୂର୍ବ ପରି ଉପନିବେଶ ହିସାବରେ ରଖିବା ଅସମ୍ଭବ ହୋଇପଡ଼ନ୍ତା । ତା' ନ ହୋଇଥିଲେ ସେମାନେ କେବେ ଭାରତକୁ ଛାଡ଼ି ନଥାନ୍ତେ । ଏଥିରେ ଶ୍ରମିକ ସରକାରର ଆଦୌ ଉଦାରତା ଦେଖାଯାଉନାହିଁ । ଯଦି ଏମାନେ ସମସ୍ତ ପରାଧୀନ ଜାତିକୁ ସ୍ୱାଧୀନତା ଦେବା ଲାଗି ଏତେ ବ୍ୟଗ୍ର, ତାହାହେଲେ ମାଳୟ ପ୍ରଭୃତି ଦେଶକୁ କାହିଁକି ବନ୍ଧୁକ ମୁନରେ ବର୍ତ୍ତମାନ ସୁଦ୍ଧା ଶାସନ କରୁଛନ୍ତି ? ତାର ମାନେ ଯେତେକ ରଖିପାରିବେ ନିଜ ହାତମୁଠାରେ, ସେତେକ ରଖି ଆଉ ସବୁ ଛାଡ଼ି ଦେଉଛନ୍ତି । ପଚାରିଲେ କହନ୍ତି ଯେ ସେମାନେ ଗଣତନ୍ତ୍ର ଶାସନ ପାଇଁ ପ୍ରସ୍ତୁତ ନୁହନ୍ତି । ଭାରତ ପ୍ରତି ମଧ୍ୟ ଠିକ୍ ସେହିପରି ଯୁକ୍ତି ହେଉଥିଲା ।

ତା'ଛଡ଼ା ଇଂରେଜ ଅଧିକୃତ ଦେଶମାନଙ୍କରେ ଯେପରି ଭାବରେ ଶିକ୍ଷାର ପ୍ରସାର ହେଉଛି, ଆସନ୍ତା ପାଞ୍ଚଶହ ବର୍ଷ ଭିତରେ ମଧ୍ୟ ନିରକ୍ଷରତା ଦୂର ହେବାର କୌଣସି ଲକ୍ଷଣ ନାହିଁ । ୧୯୪୪ ଆକ୍ଟ ଅନୁସାରେ ସମସ୍ତ ଅଧୀନସ୍ଥ ଦେଶ ପାଇଁ ଗୋଟିଏ ଉନ୍ନତିକର କାର୍ଯ୍ୟ ଯୋଜନା କରାହୋଇଛି । ଏହା ଦଶ ପନ୍ଦରବର୍ଷ ବ୍ୟାପୀ କାର୍ଯ୍ୟକାରୀ ହେବାର କଥା । ଉଦାହରଣ ସ୍ୱରୂପ ନାଇଜେରିଆରେ ପ୍ରତ୍ୟେକ ଲୋକଙ୍କ ପାଇଁ ପନ୍ଦରବର୍ଷ ଭିତରେ ୨୬ ଟଙ୍କା ଖର୍ଚ୍ଚ କରାଯିବ । ଏଥିରୁ ବୁଝାଯିବ ଲୋକହିତକର କାର୍ଯ୍ୟର ପରିସର ଓ ଉତ୍ସାହ । ସେସବୁ ଦେଶର ଅର୍ଥନୈତିକ ଅବସ୍ଥା ଏତେ ଖରାପ ଯେ ମୁଷ୍ଟିମେୟ ଧଳା ସାହେବଙ୍କ ପ୍ରଚୁର ସମ୍ପତ୍ତି ଛାଡ଼ିଦେଲେ ସେଠାକାର ବାସିନ୍ଦାମାନେ ଖୁବ୍ ଗରିବ । ପ୍ରତ୍ୟେକ କଲୋନୀରେ ସାମାନ୍ୟ କେତେ ଜଣ ଇଉରୋପୀୟାନ୍ ଗୋଟିଏ କିଛି ଲାଭଜନକ ବ୍ୟବସାୟରେ ସମସ୍ତ ଦେଶବାସୀଙ୍କୁ ଖଟାଇଥାନ୍ତି । ଖାଦ୍ୟଦ୍ରବ୍ୟ କମ୍ ଉତ୍ପନ୍ନ ହୁଏ; କାରଣ ସେଥିରେ ସେମାନଙ୍କର ବିଶେଷ କିଛି ଲାଭ ହେବନାହିଁ; ତେଣୁ ଏ ପ୍ରକାର ଏକାଚାଟିଆ ବ୍ୟବସାୟ ମୁଷ୍ଟିମେୟ ଲୋକଙ୍କ ହାତରେ ରହିଥିବାରୁ ଓ ଅନ୍ୟାନ୍ୟ ବିଷୟରେ ନିଅଣ୍ଟିଆ ଦେଶ ହୋଇଥିବାରୁ ସାଧାରଣ ଲୋକଙ୍କର ଅବସ୍ଥା ଖୁବ୍ ଖରାପ ।

କୁଲି ମଜୁରିଆଙ୍କ ଭିତରେ ଅସନ୍ତୋଷ ଦେଖାଗଲେ ବଡ଼ ନିର୍ଦ୍ଦୟ ଭାବେ ଏମାନଙ୍କୁ ବନ୍ଧୁକମୁନରେ ଦବାଇ ରଖନ୍ତି । ବର୍ତ୍ତମାନ ସୁଦ୍ଧା ମାଳୟ, ଗୋଲ୍ଡକୋଷ୍ଟ, ନାଇଜେରିଆ ପ୍ରଭୃତିରେ ଯେପରି ଅତ୍ୟାଚାର ହେଉଛି, ଏହା ହିଟଲରର ରାଜତ୍ୱଠାରୁ କୌଣସି ଗୁଣରେ କମ୍ ନୁହେଁ । ଏସବୁ ଦେଶର ଅନେକ ଛାତ୍ର ଲଣ୍ଡନରେ ପଢ଼ନ୍ତି । ସେମାନଙ୍କଠାରୁ ମୁଁ ଯେଉଁ ହୃଦୟ ବିଦାରକ କାହାଣୀ ଶୁଣିଛି, ତାହା ଯେ କୌଣସି ଲୋକର ମନକୁ ଇଂରେଜଙ୍କ ବିରୁଦ୍ଧରେ ବିଦ୍ରୋହୀ କରି ପକାଇବ । କିନ୍ତୁ ଭାରତବର୍ଷ ଏତେ ଦିନକାଳ ଅତ୍ୟାଚାରୀ ଇଂରେଜ ବିରୁଦ୍ଧରେ ଠିଆ ହୋଇ ସୁଦ୍ଧା ବର୍ତ୍ତମାନ ସ୍ୱାଧୀନତା ପାଇ ଏସବୁ ସମ୍ପୂର୍ଣ୍ଣ ଭୁଲିଗଲା ପରି ଜଣାଯାଉଛି । ବ୍ରିଟିଶ୍‌ମାନଙ୍କର ଉଦାରତାରେ ଏତେ ବେଶୀ ମୁଗ୍ଧ ହୋଇ ଯାଇଛି ଯେ ଏମାନଙ୍କ ପରି ଆତ୍ମୀୟ ଆଉ କେହି ଏ ଦୁନିଆରେ ନାହିଁ ବୋଲି ଭାବୁଛି । ଆଫ୍ରିକାବାସୀଙ୍କ ଠାରୁ କରୁଣ କାହାଣୀ ଶୁଣିବାର ତାର ଅବସର ନାହିଁ; ଅଥଚ ମୁଁ ଯେତେ ଆଫ୍ରିକାବାସୀଙ୍କ ସହିତ ଆଲୋଚନା କରି ଦେଖିଛି; ସମସ୍ତେ ଆଶା ପ୍ରକାଶ କରିଥାଆନ୍ତି ଯେ ଭାରତ ସେମାନଙ୍କୁ ସାହାଯ୍ୟ କରିବ ।

ଅବଶ୍ୟ ଅନେକ ପ୍ରଗତିଶୀଳ ଆଫ୍ରିକାବାସୀ କହନ୍ତି ଯେ ଭାରତ ତ ସାମ୍ରାଜ୍ୟ ଭିତରେ ଉପନିବେଶ ହୋଇରହିବ– ସେ ଅବସ୍ଥାରେ ତାହାଠାରୁ ବେଶୀ କ'ଣ ଆଶା କରାଯାଇପାରେ ! ମୁଁ ଅବଶ୍ୟ ଜୋର କରି କହେ ଯେ ଭାରତ କେବେହେଲେ ବ୍ରିଟିଶ ସାମ୍ରାଜ୍ୟରେ ରହିବ ନାହିଁ; କିନ୍ତୁ ସେହିମାନଙ୍କ କଥା ହିଁ ଶେଷରେ ହେଲା । ଏହାଦ୍ୱାରା କେତୋଟି ରକ୍ତପିପାସୁ ପାଶ୍ଚାତ୍ୟ

Digitized by PPRACHIN, SOA

ଦେଶ ଛଡ଼ା ପୃଥିବୀରେ ଆଉ କେହି ଆନନ୍ଦିତ ହୋଇଥିବେ ବୋଲି ମନେହୁଏନା । ଭାରତ ବ୍ରିଟିଶ୍ ସାମ୍ରାଜ୍ୟରେ ରହିବା ଦ୍ୱାରା ପରାଧୀନ ଦେଶମାନଙ୍କର ସ୍ୱାଧୀନତା ବିଷୟରେ କିଛି କହିବାର ଅଧିକାର ହରାଇ ବସିଲା । ଯେଉଁ ବ୍ରିଟିଶ୍ ପୃଥିବୀର ଏତେଗୁଡ଼ିଏ ରାଜ୍ୟକୁ ନିର୍ଦ୍ଦୟ ଭାବରେ ଶୋଷଣ କରୁଛି, ତାର ବନ୍ଧୁ ଭାରତ ସେଥିଲାଗି ଦାୟୀ ନୁହେଁ କି ? ଭାରତ ଯଦି ସ୍ୱେଚ୍ଛାରେ ଏପରି ଏକ ଅତ୍ୟାଚାରୀ ରାଜ୍ୟର ବନ୍ଧୁତ୍ୱ ଗ୍ରହଣ କଲା, ତାହାହେଲେ ଇଣ୍ଡୋନେସିଆରେ ଡଚ୍ ଓ ଇଣ୍ଡୋଚାଇନାରେ ଫରାସୀ ଅତ୍ୟାଚାର ବିଷୟରେ କହିବାର ତା'ର କି ଅଧିକାର ଅଛି ? ଡଚ୍, ଫରାସୀ ଓ ଇଂରେଜ ଦେଶମାନଙ୍କ ଭିତରେ ବନ୍ଧୁତା ଖୁବ୍ ବେଶୀ—ଏପରିକି ସମସ୍ତ ପାଶ୍ଚାତ୍ୟ ଦେଶକୁ ନେଇ ଗୋଟିଏ ଫେଡ଼େରେସନ୍ କରିବାର କଳ୍ପନା ଅନେକ ବିଶିଷ୍ଟ ରାଜନୀତିକମାନେ କହୁଛନ୍ତି । ପାଶ୍ଚାତ୍ୟ ସଭ୍ୟତା ନେଇ ସେମାନେ ପାଗଳ । କିନ୍ତୁ ଆମମାନଙ୍କ ସମ୍ପର୍କରେ ସେ ସଭ୍ୟତାର କି ଭୟାବହ ରୂପ ତା ତ ସମସ୍ତଙ୍କୁ ଜଣା—ଏପରି ଅବସ୍ଥାରେ ଭାରତ ବ୍ରିଟିଶ୍ ସାମ୍ରାଜ୍ୟରେ ରହି ମସ୍ତବଡ଼ ଭୁଲ୍ କରିଛି ବୋଲି ମନେହୁଏ । ଏହାଦ୍ୱାରା ଆନ୍ତର୍ଜାତିକ କ୍ଷେତ୍ରରେ ମଧ ଭାରତର ବହୁତ ସମ୍ମାନହାନି ହେଲା । ଭବିଷ୍ୟତରେ ମଧ୍ୟ ଏହା ବିଶେଷ ଭାବରେ ଫଳ ପ୍ରଦ ହେବ ନାହିଁ ବୋଲି ମନେ ହୁଏ ।

ବ୍ରିଟିଶ ଅଧୀନରେ ଥିବା ଦେଶମାନଙ୍କ ବିଷୟରେ ବାହାରକୁ ବିଶେଷ କିଛି ଖବର ମିଳେନାହିଁ । ସେଠାକାର ସରକାର ସବୁ ଏତେ କଡ଼ା ଭାବରେ ଖବର ଯିବା ଆସିବା ଆୟତ୍ତ କରିଥାଆନ୍ତି ଯେ ସେଠାକାର ବାସିନ୍ଦାଙ୍କ ଛଡ଼ା ଆଉ କେହି ସଠିକ୍ ଖବର ଦେଇପାରନ୍ତି ନାହିଁ । ଅନେକ ସମୟରେ ଇଂଲଣ୍ଡର କମ୍ୟୁନିଷ୍ଟ କାଗଜରେ ଏ ପ୍ରକାର ଖବରସବୁ ବାହାରିଥାଏ । ତେଣୁ ଏମାନେ 'ଡେଲି ଓ୍ୱାର୍କର' ଓ କମ୍ୟୁନିଷ୍ଟ ଦଳକୁ ଅଣବ୍ରିଟିଶ୍ ବୋଲି ଗାଳି ଦେଇଥାନ୍ତି । ଅଧିକାଂଶ ଆଫ୍ରିକାର ଛାତ୍ର ବାମପନ୍ଥୀ ବୋଲି ଜଣାଯାଆନ୍ତି । ସାମାନ୍ୟ କେତେକ ଧନୀ ଛାତ୍ରଙ୍କୁ ଛାଡ଼ିଦେଲେ ସମସ୍ତେ ପ୍ରାୟ ବ୍ରିଟିଶ୍ ବିରୁଦ୍ଧରେ ଅନର୍ଗଳ କହିଥାଆନ୍ତି । ଆମମାନଙ୍କୁ ଧାରଣା କରାଇ ଦିଆଯାଇଛି ଯେ ସେମାନେ ଅସଭ୍ୟ, ନିର୍ବୁଦ୍ଧିଆ ଇତ୍ୟାଦି; କିନ୍ତୁ ପ୍ରକୃତରେ ସେମାନେ ଭାରି ଭଦ୍ର ଓ ବିଶ୍ୱବିଦ୍ୟାଳୟରେ ଖୁବ୍ ଭଲ କରନ୍ତି । ଅନେକ କ୍ଷେତ୍ରରେ ମୁଁ ଲକ୍ଷ୍ୟ କରି ଦେଖିଛି ଯେ ଭାରତୀୟଙ୍କ ଅପେକ୍ଷା ସେମାନେ ଖୁବ୍ ବେଶୀ ପ୍ରଗତିଶୀଳ । ଏମାନଙ୍କର ସ୍ୱାଧୀନତା ଲାଗି ଅଦମ୍ୟ ଉତ୍ସାହ ଓ ଆଗ୍ରହ ଦେଖିଲେ ମନେହୁଏ ଖୁବ୍ ନିକଟରେ ଏମାନେ ମୁଷ୍ଟିମେୟ ଅତ୍ୟାଚାରୀ ଇଂରେଜଙ୍କ କବଳରୁ ରକ୍ଷା ପାଇପାରିବେ ।

ପୃଥିବୀ ତମାମ ସାଧାରଣ ଲୋକଙ୍କର ଏ ଅପୂର୍ବ ଜାଗରଣ ନୂତନ ଆଲୋକର ଆଭାସ ଦେଉଛି । ସତେ ସେଦିନ କଣ ଆସିବ, ଯେଉଁଦିନ ଭାରତ, ଆଫ୍ରିକା, ଆରବ, ଚାଇନା, ଜାପାନ, ଇଣ୍ଡୋନେସିଆ, ବର୍ମା ପ୍ରଭୃତି ନିଷ୍ପେଷିତ ଜାତିମାନେ କାନ୍ଧକୁ କାନ୍ଧ ମିଶାଇ ଜାତି- ଧର୍ମ ନିର୍ବିଶେଷରେ ପ୍ରଗତିପଥରେ ଆଗେଇ ଚାଲିବେ ! ମୋ ମତରେ ସେହିଦିନ ହିଁ ବିଶ୍ୱଶାନ୍ତି ପ୍ରତିଷ୍ଠିତ ହେବ ।

ବର୍ତ୍ତମାନ ବ୍ରିଟିଶ୍ ରାଜ୍ୟଗୋଷ୍ଠୀ ଉପନିବେଶମାନଙ୍କ ବିଷୟରେ କିଛି କହିବା ଉଚିତ । ଦକ୍ଷିଣ ଆଫ୍ରିକା ଓ ଆୟାରଲାଣ୍ଡ ଛଡ଼ା କାନାଡ଼ା, ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡ ଇଂଲଣ୍ଡ କୁ ମାତୃଭୂମି ହିସାବରେ ଶ୍ରଦ୍ଧା ଦେଖାଇଥାନ୍ତି । କାନାଡ଼ାର ଅଧିକାଂଶ ଲୋକ ଇଂଲଣ୍ଡରୁ ଯାଇଛନ୍ତି । ତେଣୁ ଇଂଲଣ୍ଡ ପ୍ରତି ସେମାନଙ୍କର ବିଶେଷ ମମତା ଅଛି । ଅନେକ ଫରାସୀୟ ଏଠାରେ ଥିଲେ ସୁଦ୍ଧା ଆମେରିକାର ପ୍ରଭାବ କୁ ଏଡ଼ାଇ ବା ପାଇଁ ଏମାନେ ବ୍ରିଟିଶ୍ ରାଜ୍ୟଗୋଷ୍ଠୀରେ ରହିବା ପାଇଁ ଅନିଚ୍ଛୁକ ନୁହନ୍ତି । ଅଷ୍ଟ୍ରେଲିଆ ଓ ନିଉଜିଲାଣ୍ଡର ଅଧିବାସୀ ପୂରାପୂରି ଇଂଲିଶ୍ । ତେଣୁ ସେମାନଙ୍କର

Digitized by PPRACHIN, SOA

ମଧ୍ୟ ମାତୃଭୂମିର ରୀତିନୀତି ପ୍ରତି ବିଶେଷ ଆଗ୍ରହ ଦେଖାଯାଏ । ତେଣୁ ଏହି ତିନୋଟି ରାଜ୍ୟ ବ୍ରିଟିଶ୍ ରାଜ୍ୟଗୋଷ୍ଠୀ ଓ ରାଜାଙ୍କର ବଡ଼ କୃତଜ୍ଞ ।

ଅଷ୍ଟ୍ରେଲିଆ ପରି ଏତେ ବଡ଼ ବିରାଟ ଦେଶର ଜନସଂଖ୍ୟା ମୋଟେ ୭୪ ଲକ୍ଷ । ଦେଶର ସମୂହ ଉନ୍ନତି ଓ ବାହାର ଆକ୍ରମଣର ପ୍ରତିରୋଧ ଲାଗି ଯଥେଷ୍ଟ ଲୋକ ନଥିଲେ ସୁଦ୍ଧା ସେମାନେ ଜନବହୁଳ ପ୍ରାଚ୍ୟ ଦେଶମାନଙ୍କରୁ ଲୋକଙ୍କୁ ନେବାକୁ ରାଜି ନୁହନ୍ତି । ସେହି ଇଂଲଣ୍ଡରୁ ହିଁ ଲୋକ ଆଣିବା ପାଇଁ ଚାହିଁ ବସିଥାନ୍ତି । ଇଂଲଣ୍ଡର ଯଥେଷ୍ଟ ଲୋକସଂଖ୍ୟା ନଥିବାରୁ ବର୍ତ୍ତମାନ ପୋଲାଣ୍ଡ ପ୍ରଭୃତି ଦେଶର ଅନ୍ୟାନ୍ୟ ୟୁରୋପୀୟାନ ମାନଙ୍କୁ ନେବେ ସିନା କୃଷ୍ଣ କାୟ ଲୋକଙ୍କୁ ନେବେ ନାହିଁ । ଅଷ୍ଟ୍ରେଲିଅରର ଆଦିବାସୀଙ୍କ ପ୍ରତି ଏମାନେ ଏପରି ଖରାପ ବ୍ୟବହାର କଲେଯେ ବର୍ତ୍ତମାନ ସାରା ଦେଶରେ ସେମାନ୍ଙ୍କ ସଂଖ୍ୟା ୪୭ ହଜାରରୁ ବେଶୀ ନୁହେଁ ଏବଂ କ୍ରମେ କ୍ରମେ ସେମାନେ ଲୋପ ହୋଇଯାଉଛନ୍ତି । ନିଉଜିଲାଣ୍ଡର ସାଢ଼େ ଷୋଳଲକ୍ଷ ଲୋକସଂଖ୍ୟାରୁ ମାୟୋରି ଅଧିବାସୀ ପ୍ରାୟ ଲକ୍ଷେ ହେବେ । ଏମାନଙ୍କ ଅବସ୍ଥା ସେତେ ଖରାପ ନୁହେଁ ବୋଲି ଜଣାପଡ଼େ । ଏ ଦେଶରେ ମଧ୍ୟ ଅଧିକା ଲୋକଙ୍କର ବସତି ପାଇଁ କ୍ଷେତ୍ର ଥିଲେ ସୁଦ୍ଧା ଧଳାଲୋକ ଛଡ଼ା ଆଉ କାହାକୁ ନେବା ପାଇଁ ଏମାନେ ରାଜି ନୁହନ୍ତି । କାନାଡ଼ାରେ ସମଗ୍ର ଜନସଂଖ୍ୟା ୧ କୋଟି ୨୩ ଲକ୍ଷ ଭିତରୁ ଆଦିବାସୀ ରେଡ୍ ଇଣ୍ଡିଆନଙ୍କ ସଂଖ୍ୟା ମାତ୍ର ଲକ୍ଷେ ୨୦ ହଜାର । ଏମାନଙ୍କର ଅବସ୍ଥା ଭାରି ଖରାପ—କ୍ରମେ କ୍ରମେ ଏମାନଙ୍କର ସଂଖ୍ୟା ମଧ୍ୟ କମିଆସୁଛି ।

ଆୟାରଲାଣ୍ଡ ବ୍ରିଟିଶ ରାଜ୍ୟଗୋଷ୍ଠୀ ଭିତରେ ଥିଲେ ସୁଦ୍ଧା ପରସ୍ପର ଭିତରେ ସଦ୍‌ଭାବ ନଥାଏ । ପରିଣାମ ହେଲା ଯେ ଡି-ଭେଲେରା ପରାସ୍ତ ହୋଇଗଲା ପରେ ଆୟାର୍‌ଲାଣ୍ଡ ବ୍ରିଟିଶ୍ ରାଜ୍ୟଗୋଷ୍ଠୀରୁ ଅଲଗା ହୋଇଗଲା । ଆୟାରଲାଣ୍ଡର ବ୍ରିଟିଶ୍ ରାଜା ପ୍ରତି କେବେହେଲେ ଅନୁରକ୍ତି ନଥିଲା । ସେମାନଙ୍କର ରାଜନୀତି ପୃଥକ ହୋଇଥିବାରୁ ଏମାନଙ୍କ ପ୍ରତି ବିଶେଷ ଶ୍ରଦ୍ଧା ନାହିଁ । ବିଶେଷତଃ ଆୟାରଲାଣ୍ଡ ବିଭକ୍ତ ହେଲା ଦିନଠାରୁ ବ୍ରିଟିଶ୍ ପ୍ରତି ଭିତରେ ଭିତରେ ସେମାନଙ୍କର ଶତ୍ରୁତା ରହିଛି । ଉତ୍ତର ଆୟାରଲାଣ୍ଡରେ ଇଂରେଜ ପ୍ରଭାବ ଯେ ଏହା ମୂଳରେ ରହିଛି, ଏହା ଏମାନେ ହୃଦୟଙ୍ଗମ କରୁଛନ୍ତି । ତେଣୁ ଆତ୍ମସମ୍ମାନ ବଜାୟ ରଖିବା ଲାଗି ବ୍ରିଟିଶ୍‌ଗୋଷ୍ଠୀରୁ ଚାଲିଗଲେ ।

ଦକ୍ଷିଣ-ଆଫ୍ରିକାର ୧ କୋଟି ୧୩ ଲକ୍ଷ ବାସିନ୍ଦାଙ୍କ ଭିତରୁ ସାହେବଙ୍କ ସଂଖ୍ୟା ମାତ୍ର ୨୩ ଲକ୍ଷ । ସାହେବଙ୍କ ଭିତରେ ଦୁଇଦଳ ଅଛନ୍ତି—ଦଳେ ଇଂରେଜଭାଷୀ, ଆଉ ଦଳେ ଆଫ୍ରିକାନ୍‌ଭାଷୀ । ଏମାନଙ୍କ ଛଡ଼ା ୨ ଲକ୍ଷ ୮୦ ହଜାର ଭାରତୀୟ ଅଛନ୍ତି । ଇଂରେଜଭାଷୀ ଓ ଆଉ ଆଫ୍ରିକାନ୍ ଦଳର ଲୋକେ ଜେନେରାଲ୍ ସ୍ମଟସ୍‌ଙ୍କ ନେତୃତ୍ୱରେ ଚାଳିତ ହୋଇ ବ୍ରିଟିଶ୍ ଗୋଷ୍ଠୀରେ ରହିବାକୁ ଚାହାନ୍ତି । ଦକ୍ଷିଣ-ଆଫ୍ରିକାରେ ସାହେବଙ୍କ ସଂଖ୍ୟା ଏତେ କମ୍ ହେଲେ ସୁଦ୍ଧା ସେମାନେ ସେଠାକାର ବାସିନ୍ଦା ତଥା ଭାରତୀୟଙ୍କ ଉପରେ ଭୟଙ୍କର ଅତ୍ୟାଚାର କରନ୍ତି । ସାହେବଙ୍କ ଛଡ଼ା ଆଉ କାହାର ଭୋଟ୍ କ୍ଷମତା ନାହିଁ । ସବୁ କ୍ଷେତ୍ରରେ ସାହେବମାନେ ଅନ୍ୟମାନଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା ରହନ୍ତି । ଗାଡ଼ି, ପାର୍କ ପ୍ରଭୃତିରେ ଅଲଗା ସ୍ଥାନ ଥାଏ କଳା ଲୋକମାନଙ୍କ ପାଇଁ । କଳାଗୋରା ମଜୁରିଆଙ୍କ ଭିତରେ ମଜୁରିହାର ବହୁତ ତଫାତ୍ । ଏପରି କି କଳା ଲୋକଙ୍କୁ କେତେକ ସହର ଭିତରୁ ଆସିବାକୁ ହେଲେ ଅନୁମତି ନେବାକୁ ହୁଏ ଏବଂ ବାରମ୍ବାର ପୋଲିସ୍ ଆସି ଅନୁମତିପତ୍ର ଦେଖିବାକୁ ମାଗେ । ମୋଟାମୋଟି କଳା ଲୋକଙ୍କ ପ୍ରତି ସାହେବଙ୍କ ବ୍ୟବହାର ଅତି ଜଘନ୍ୟ । ଏ ପ୍ରକାର କଦର୍ଯ୍ୟ ବ୍ୟବହାର କିଛି ଲୁଚାଚୋରାରେ ହୁଏନା । ପୃଥିବୀର ସବୁ ସଭ୍ୟ ଦେଶମାନେ ଜାଣନ୍ତି; ତଥାପି ଦକ୍ଷିଣ-ଆଫ୍ରିକା ବ୍ରିଟିଶ୍ ସାମ୍ରାଜ୍ୟଭୁକ୍ତ ଏବଂ ଇଂରେଜ ପ୍ରତିନିଧି ଅନେକ ସମୟରେ

Digitized by PPRACHIN, SOA

କଳାଗୋରା ଭେଦ ବିଷୟରେ ପୃଥିବୀ ପଞ୍ଚାୟତରେ ଆଲୋଚନା ହେଲାବେଳେ କରଛଡ଼ା ଭାବ ଦେଖାନ୍ତି । ଆମେରିକାରେ ଏପରି ଭେଦଭାବ ବହୁତ ପରିମାଣରେ ଥିବାରୁ ଆମେରିକା ଅବା କି ଜୋର୍‌ରେ କହିବ ! ରୁଷିଆ ମୂଳରୁ ଶେଷ ପର୍ଯ୍ୟନ୍ତ ଖୁବ୍ କଡ଼ା ଭାବରେ କହିଆସିଛି ଏବଂ ବରାବର ଭାରତକୁ ଏ ଦିଗରେ ସାହାଯ୍ୟ କରିଆସିଛି; ତେଣୁ ଦକ୍ଷିଣ ଆଫ୍ରିକା ସରକାରଙ୍କର ରୁଷିଆ ପ୍ରତି ଖୁବ୍ ଘୃଣା ।

ଆୟାରଲାଣ୍ଡ ଓ ଦକ୍ଷିଣ-ଆଫ୍ରିକା ସହିତ ଇଂରେଜଙ୍କର ବିଶେଷ ସଂସ୍କୃତିଗତ ସମ୍ପର୍କ ନଥିବାରୁ ସେମାନେ ଚାହୁଁଛନ୍ତି ବ୍ରିଟିଶ ରାଜ୍ୟଗୋଷ୍ଠୀରୁ ଅଲଗା ହେବା ପାଇଁ । ଅଥଚ ଭାରତର-ଯାହାର ପ୍ରତ୍ୟେକ ପୂଜ୍ୟ ନେତାଙ୍କର ପିଠିରୁ ବ୍ରିଟିଶ୍ ସାମ୍ରାଜ୍ୟବାଦର କଷାଘାତ ବର୍ତ୍ତମାନ ସୁଦ୍ଧା ଲିଭିନାହିଁ—ସେ ବ୍ରିଟିଶ୍ ରାଜ୍ୟଗୋଷ୍ଠୀର ସଦସ୍ୟ ହେବାକୁ ଯାଉଛି । ଏହାର ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିବାର କ୍ଷେତ୍ର ଏ ନୁହେଁ; ମୋଟାମୋଟି କୁହାଯାଇପାରେ ଯେ ଯେଉଁ ଦେଶର ଲୋକେ ଅତୀତରେ ଇଂଲଣ୍ଡରୁ ଆସି ବସବାସ କରିଛନ୍ତି ଏବଂ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଭିତରେ ସାଂସ୍କୃତିକ ଓ ଶିକ୍ଷାଗତ ସମ୍ପର୍କ ଖୁବ୍ ଭଲ ଭାବରେ ଅଛି, ସେହି ଦେଶଗୁଡ଼ିକର ବ୍ରିଟିଶ୍ ରାଜ୍ୟଗୋଷ୍ଠୀ ପ୍ରତି ବିଶେଷ ଶ୍ରଦ୍ଧା ଓ ଉତ୍ସାହ ଅଛି । ତା'ଛଡ଼ା ଅନ୍ୟ ଦେଶମାନଙ୍କ ବିଶେଷ ଆଗ୍ରହ ଥିଲା ପରି ଜଣାଯାଏ ନାହିଁ । ■■■

Digitized by PPRACHIN, SOA

ବୈଦେଶିକ ନୀତି ଓ ଆନ୍ତର୍ଜାତିକ ସମ୍ପର୍କ

ଆନ୍ତର୍ଜାତିକ ରାଜନୈତିକ କ୍ଷେତ୍ରରେ ବର୍ତ୍ତମାନ ଦୁଇଟି ପ୍ରବଳ ପରାକ୍ରମଶାଳୀ ଶକ୍ତି ଦେଖାଦେଇଛି—ରାଜନୈତିକ, ସାମାଜିକ, ଅର୍ଥନୈତିକ ତଥା ଆଦର୍ଶଗତ ରୀତିନୀତିରେ ଏ ଦୁଇଟି ସମ୍ପୂର୍ଣ୍ଣ ବିପରୀତ । ଏକ ଦିଗରେ ପୁଂଜିପତି ଆମେରିକା, ଅନ୍ୟ ଦିଗରେ ସାମ୍ୟବାଦୀ ରୁଷିଆ । ପୃଥିବୀର ଅନ୍ୟାନ୍ୟ କ୍ଷୁଦ୍ର ରାଜ୍ୟମାନେ ଏପାଖ କିମ୍ବା ସେପାଖ ଟଳୁଥିବାର ଦେଖାଯାଉଛି । ଆମେରିକା ଟଙ୍କା ଦେଇ ନିଜ ଆଡ଼କୁ ଟାଣୁଛି । ରୁଷିଆର ସାମାଜିକ ଆଦର୍ଶ ଓ ଅର୍ଥନୈତିକ ପୁନର୍ଗଠନ ନୀତି ଅନୁନ୍ନତ ଓ ସର୍ବହରା ଶ୍ରେଣୀକୁ ଆକର୍ଷଣ କରୁଛି । ତେଣୁ ପ୍ରତ୍ୟେକ ଦେଶରେ ବର୍ତ୍ତମାନ ମଧ୍ୟ ପ୍ରାୟ ଦୁଇଟି ଦଳ ଦେଖାଗଲେଣି । ଧନୀ, ବ୍ୟବସାୟୀ ଓ ପୁଞ୍ଜିପତିମାନେ ଆମେରିକା ଆଡ଼େ ଗଲେ—ଶ୍ରମିକ, ଚାଷୀ-ମୂଲିଆ ରୁଷିଆ ଆଡ଼େ ଢଳୁଛନ୍ତି । ମଧ୍ୟବିତ୍ତ ଶ୍ରେଣୀର ଲୋକେ ଏପାଖ ସେପାଖ ହେଉଛନ୍ତି । ମୋଟାମୋଟି ସାରା ମାନବସମାଜର ଏପ୍ରକାର ଆଦର୍ଶଗତ ଟଣାଓଟରା ଖୁବ୍ ଦ୍ରୁତ ଗତିରେ ଚାଲିଛି ।

ଗତ ଯୁଦ୍ଧ ପରେ ଇଂଲଣ୍ଡ ପୃଥିବୀର ଅର୍ଥନୈତିକ କ୍ଷେତ୍ରରେ ଭୟଙ୍କର ଭାବେ ପରାସ୍ତ ହୋଇଛି—ତାର ଅର୍ଦ୍ଧ ପୃଥିବୀବ୍ୟାପୀ ସାମ୍ରାଜ୍ୟ ଖୁବ୍ ଦୁର୍ବଳ ହୋଇପଡ଼ିଛି; କିନ୍ତୁ ତଥାପି ଇଂଲଣ୍ଡ ତାର ପୂର୍ବଗୌରବ ଭୁଲିବାକୁ ଚାହେଁନା । ଆଫ୍ରିକା ଓ ଦକ୍ଷିଣ-ପୂର୍ବ ଏସିଆରେ ଯାହା କିଛି ଅଛି, ତାକୁ କୌଣସି ଉପାୟରେ ହେଲେ ରଖିବାକୁ ଚାହୁଁଛି; କିନ୍ତୁ ସେ ସବୁ ଦେଶରେ ମଧ୍ୟ ଜାତୀୟ ଜାଗରଣ ଦେଖା ଦେଇଥିବାରୁ ତାକୁ ଆୟତ୍ତ କରିବା ବହୁ ବ୍ୟୟସାପେକ୍ଷ ହୋଇପଡୁଛି । ଏଥିଲାଗି ବିନା ଆମେରିକା ସାହାଯ୍ୟରେ କିଛି କରିବା ସମ୍ଭବ ହୋଇପାରୁନାହିଁ । ତେଣୁ ଅର୍ଥନୈତିକ କ୍ଷେତ୍ରରେ ଆମେରିକାର କର୍ତ୍ତୃତ୍ୱ ଇଂଲଣ୍ଡ ଉପରେ ପ୍ରତିଷ୍ଠିତ ହୋଇଛି ଏବଂ ଏହାର ରାଜନୈତିକ ନୀତିକୁ ମଧ୍ୟ ଆୟତ୍ତ କରୁଛି ।

ଆମେରିକାର ମଧ୍ୟ ଇଂଲଣ୍ଡ ବହୁତ ଦରକାର—କାରଣ ଭବିଷ୍ୟତ ଯୁଦ୍ଧରେ ଇଂଲଣ୍ଡ ଗୋଟିଏ ପ୍ରଧାନ ସାମରିକଘାଟୀ ହିସାବରେ ବ୍ୟବହୃତ ହୋଇପାରିବ । ଆମେରିକା ୧୯୪୫ ଶ୍ରମିକ ସରକାର ଆସିବାରେ ବିଶେଷ ପ୍ରୀତ ହୋଇ ନଥିଲା; କିନ୍ତୁ କ୍ରମେ କ୍ରମେ ଦେଖିଲା ଯେ ଶ୍ରମିକ ସରକାର ଜାତୀୟ ସରକାରଠାରୁ ବୈଦେଶିକ ନୀତିରେ ଅନ୍ତତଃ କୌଣସି ଗୁଣରେ ପୃଥକ୍ ନୁହେଁ । ପ୍ରକୃତରେ ଚର୍ଚ୍ଚିଲ ଯାହା କହନ୍ତି, କିଛିଦିନ ପରେ ଶ୍ରମିକ ସରକାର ତାହା କରନ୍ତି । ପାଶ୍ଚାତ୍ୟ ଶକ୍ତିମାନଙ୍କର ମେଣ୍ଟ ବାନ୍ଧିବା ବିଷୟରେ ଚର୍ଚ୍ଚିଲ ୧୯୪୬ରେ ପ୍ରଥମେ କହିଥିଲେ । କିଛିଦିନ ଶ୍ରମିକ ସରକାର ତାର କୌଣସି ଜବାବ ଦେଲେ ନାହିଁ; କିନ୍ତୁ ପରିଶେଷରେ ସେହି ଜାଲରେ ପଡ଼ିଲେ । ପାର୍ଲିଆମେଣ୍ଟରେ ଜାତୀୟ ଶ୍ରମିକ ସରକାରର ବୈଦେଶିକ ନୀତିକୁ ବରାବର ପ୍ରଶଂସା କରିଥାଆନ୍ତି । ପାଶ୍ଚାତ୍ୟ ଜାତିମାନଙ୍କ ମଧ୍ୟରୁ ପ୍ରଧାନ ହେଉଛି ଫ୍ରାନ୍ସ, ହଲାଣ୍ଡ, ବେଲଜିୟମ୍ ଓ

Digitized by PPRACHIN, SOA

ଇଟାଲୀ । ଫ୍ରାନ୍ସ, ହଲାଣ୍ଡ ଓ ବେଲଜିୟମ୍ ସାଙ୍ଗରେ ତ ଇଂଲଣ୍ଡର ବନ୍ଧୁତା ହେବା କଥା—ସମସ୍ତେ ମେଣ୍ଟ ବାନ୍ଧି ଅଧୀନସ୍ଥ ରାଜ୍ୟଗୁଡ଼ିକୁ ଆୟତ୍ତ କରିଥାଆନ୍ତି; ତେଣୁ ଫ୍ରାନ୍ସର ଇଣ୍ଡୋଚାଇନା ଓ ଡଚ୍‌ର ଇଣ୍ଡୋନେସିଆ ନୀତି ବିଷୟରେ ଏମାନେ ନୀରବ । ଏପରିକି ପ୍ରମାଣ ମିଳିଛି ଯେ ଏହି ତିନୋଟି ରାଜ୍ୟ ଦକ୍ଷିଣ-ପୂର୍ବ ଏସିଆ ସମ୍ବନ୍ଧରେ ପରସ୍ପର ସାହାଯ୍ୟ ନେଇଥାଆନ୍ତି ସୈନ୍ୟ ଓ ଯୁଦ୍ଧ ସରଞ୍ଜାମ ପ୍ରଭୃତିରେ । ଆମେରିକା ମଧ୍ୟ ଏମାନଙ୍କୁ ଗୋଳା ବାରୁଦ ସାହାଯ୍ୟ ଦେଇଥାଏ । ମାଲୟ ପାଇଁ ଗତବର୍ଷ (୧୯୪୮) ଆମେରିକା ୭୦ ହଜାର ଟନ୍ ଯୁଦ୍ଧ ସରଞ୍ଜାମ ଦେଇଥିବାର ଜଣାଯାଏ । ଇଣ୍ଡୋନେସିଆରୁ ମଧ୍ୟ ଭୀଷଣକାୟ ହେଡ୍ ହଣ୍ଟର ନାମକ ନିର୍ଦ୍ଦୟ ନରରକ୍ତ ପିପାସୁ ଆଦିବାସୀମାନଙ୍କୁ ଅଣା ହୋଇଛି ସେଠାକାର ଜାତୀୟ ଆନ୍ଦୋଳନ ଦବାଇବା ପାଇଁ—ସେଥି ସାଙ୍ଗକୁ ଇଂଲଣ୍ଡରୁ ଭୟଙ୍କର ମଣିଷ ଶିକାରୀ କୁକୁର ମଧ୍ୟ ପଠାଯାଇଥିବାର ବିବରଣୀ ମିଳେ; ତେଣୁ କିଏ କହିବ ଯେ ଡଚ୍‌ମାନଙ୍କ ଆକ୍ରମଣରେ ଏମାନଙ୍କର ମଧ୍ୟ ପ୍ରତ୍ୟକ୍ଷ ସାହାଯ୍ୟ ନାହିଁ ? ଆମେରିକା ଓ ପାଶ୍ଚାତ୍ୟ ଶକ୍ତିମାନଙ୍କଠାରୁ ସଂଖ୍ୟାଧିକ ଭାବରେ ଆୟତ୍ତ ଜାତି ସଂଘରେ ଡଚ୍‌ମାନଙ୍କ ବିରୁଦ୍ଧରେ ଆଲୋଚନା ଶୁଣି ହସ ମାଡ଼େ । ପ୍ରତ୍ୟେକେ ସ୍ତୂପୀକୃତ ସ୍ୱ-ହସ୍ତନିହିତ ମଣିଷ ଶବ ଉପରେ ବସି ଗମ୍ଭୀର ଭାବରେ ନ୍ୟାୟ, ଧର୍ମ, ମୁକ୍ତି, ଗଣତନ୍ତ୍ର, ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ପ୍ରଭୃତି ମହତ ଗୁଣ ବିଷୟରେ ଆଲୋଚନା ଚଳାଇଛନ୍ତି । ମନେହୁଏ ଭାରତ, ରୁଷିଆ ଓ ଅନ୍ୟାନ୍ୟ ରାଜ୍ୟମାନେ ଏମାନଙ୍କ ବିରୁଦ୍ଧରେ ଆପତ୍ତି କରି ଯେପରି ବୃଥା ସମୟ ନଷ୍ଟ କରୁଛନ୍ତି । ଇଂଲଣ୍ଡ ଗରିବ ହେଲେ ହେଁ ନିଜର ପୁରୁଣା ଅଭିଜ୍ଞତା ଯୋଗୁ ଏ ମେଣ୍ଟ ଭିତରେ ଖୁବ୍ ଉଚ୍ଚ ସ୍ଥାନ ଅଧିକାର କରିଛି ।

ଏହାଛଡ଼ା ପାଶ୍ଚାତ୍ୟ ରାଜ୍ୟଗୋଷ୍ଠୀ ଓ ଆମେରିକାର ଅନ୍ୟାନ୍ୟ ସ୍ୱାର୍ଥ ଅଛି, ଯାହାକି ଏପ୍ରକାର ସଂଘବଦ୍ଧ ନ ହେଲେ ସମ୍ପାଦିତ ହୋଇପାରିବ ନାହିଁ । ଏମାନେ ହେଲେ ପୁଞ୍ଜିପତି ଦେଶ । ଶ୍ରମିକ ଓ ସରକାର ଭିତରେ ବରାବର ସଂଘର୍ଷ ଲାଗି ରହିଛି । ଫ୍ରାନ୍ସ, ଇଟାଲୀରେ ଅଧିକାଂଶ ଶ୍ରମିକ କମ୍ୟୁନିଷ୍ଟଙ୍କ ଦ୍ୱାରା ପରିଚାଳିତ । ଫ୍ରାନ୍ସ ଓ ଇଟାଲୀରେ ଏକ ତୃତୀୟାଂଶ ସାଧାରଣ ଭୋଟ କମ୍ୟୁନିଷ୍ଟମାନେ ପାଇଛନ୍ତି । ଆଉ ଦୁଇ-ତୃତୀୟାଂଶ ଭୋଟ ବିଭିନ୍ନ ରାଜନୀତିକ ଦଳ ଭିତରେ ବାଣ୍ଟିହୋଇ ରହିଛି । କମ୍ୟୁନିଷ୍ଟମାନେ ଚାହାନ୍ତି—ପୁଞ୍ଜିପତିଙ୍କର ସମୂଳ ବିନାଶ । ତା'ଛଡ଼ା ପ୍ରାଚ୍ୟ ୟୁରୋପୀୟ ଦେଶ ସବୁରେ ଲୋକପ୍ରିୟ ସାମ୍ୟବାଦ ଶାସନ ଯୁଦ୍ଧ ପରେ ପରେ ଚାଲୁ ହୋଇଯାଇଛି । ତେଣେ ଯୁଦ୍ଧ ପରେ ରୁଷିଆ ଖୁବ୍ ଶକ୍ତିଶାଳୀ ହୋଇଉଠିଛି । ଅନ୍ୟ ଦିଗରେ ଆମେରିକାର ଉତ୍ପାଦନ-ଶକ୍ତି ଯୁଦ୍ଧ ପରେ ଅନେକ ପରିମାଣରେ ବଢ଼ିଯାଇଛି; କିନ୍ତୁ ପୁଞ୍ଜିବାଦର ଶ୍ରେଣୀଗତ ବୈଷମ୍ୟ ଥିବାରୁ ଓ ପୃଥିବୀର ଅନ୍ୟାନ୍ୟ ଦେଶମାନଙ୍କର ଏସବୁ କିଣିବା ପାଇଁ ଶକ୍ତି ନଥିବାରୁ ଜିନିଷପତ୍ରର ହଠାତ୍ ଦରଦାମ୍ କମି ଭୟଙ୍କର କ୍ଷତି ହେବାର ଭୟ ସେଠାରେ ବରାବର ରହିଛି । ତାହାହେଲେ ଅକର୍ମା ସଂଖ୍ୟା ମଧ୍ୟ ଦ୍ରୁତଗତିରେ ବଢ଼ି ଚାଲିବ ।

୧୯୨୯-୩୨ କଥା ଏମାନେ ଭୁଲି ନାହାନ୍ତି । ନିୟମ ପ୍ରଣୟନ ଦ୍ୱାରା ଏହା ସମାଧାନ କରିବାକୁ ହେଲେ ସାମ୍ୟବାଦର ଆଶ୍ରୟ ନେବାକୁ ହେବ; କିନ୍ତୁ ସେଥିଲାଗି ଶାସକ ବର୍ଗ ରାଜି ନଥିବାରୁ ଅନ୍ୟ ଉପାୟରେ ଏ ପ୍ରକାର ପରିସ୍ଥିତିକୁ ଏଡ଼ିବାର କଳ୍ପନା କରାଯାଉଛି । ୧୯୩୨ର ଅକର୍ମା ସମସ୍ୟା ହିଟଲର ସମାଧାନ କରିଥିଲା ଅସଲ ସାମ୍ୟବାଦ ସାହାଯ୍ୟରେ ନୁହେଁ— ଯୁଦ୍ଧ ସରଞ୍ଜାମ ତିଆରି କରି । ଆଉ ଗୋଟିଏ ଯୁଦ୍ଧ ପାଇଁ ଆୟୋଜନ ଯୋଗୁଁ ଅକର୍ମାମାନେ କାମ କରିପାରିଥିଲେ । ଆମେରିକା ମଧ୍ୟ ଏହାର ଆଶ୍ରୟ ନେଲା ପରି ଜଣାଯାଉଛି । ଅବଶ୍ୟ ଏହାକୁ ଆକ୍ରମଣର ପ୍ରତିରୋଧମୂଳକ ବ୍ୟବସ୍ଥା ମାତ୍ର ବୋଲି କୁହାଯାଉଛି । କିନ୍ତୁ ପ୍ରଶ୍ନ ହେଉଛି ଯେ ଆକ୍ରମଣକାରୀ କିଏ ? ସେମାନେ ଯେ ରୁଷିଆକୁ ଲକ୍ଷ୍ୟ କରି କହୁଛନ୍ତି, ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

ଗଲା ମହାଯୁଦ୍ଧରେ ରୁଷିଆର ଯେତେ କ୍ଷତି ହୋଇଛି, ଆମେରିକା ଓ ଇଂଲଣ୍ଡର କ୍ଷତି ତା ତୁଳନାରେ ବହୁତ କମ୍ । ନିମ୍ନଲିଖିତ ହିସାବରୁ ତାହା ସହଜେ ପ୍ରମାଣିତ ହେବ ।

ଦେଶ	ହତାହତ ସଂଖ୍ୟା	ଲୋକସଂଖ୍ୟା	ଲୋକସଂଖ୍ୟାର ଶତକଡ଼ା ଅନୁପାତରେ
ଆମେରିକା	୧୦ ଲକ୍ଷ ୪୦ହଜାର	୧୩ କୋଟି ୭୦ଲକ୍ଷ	୦.୮
ଗ୍ରେଟ୍‌ବ୍ରିଟେନ୍	୫ ଲକ୍ଷ ୭୦ ହଜାର	୪ କୋଟି ୫୦ ଲକ୍ଷ	୧.୩
ଫ୍ରାନ୍ସ	୭ ଲକ୍ଷ ୫୦ ହଜାର	୪ କୋଟି ୧୦ ଲକ୍ଷ	୧.୮
ଜର୍ମାନୀ	୯୫ ଲକ୍ଷ	୬ କୋଟି ୬୦ ଲକ୍ଷ	୧୪.୩
ଜାପାନ	୬୫ ଲକ୍ଷ	୮ କୋଟି ୪୦ ଲକ୍ଷ	୭.୭
ପୋଲାଣ୍ଡ	୫୬ ଲକ୍ଷ	୩ କୋଟି ୨୦ ହଜାର	୧୭.୫
ଚେକୋସ୍ଲୋଭାକିଆ	୫ ଲକ୍ଷ ୧ ହଜାର	୪୭ ଲକ୍ଷ	୩.୪
ଯୁଗୋସ୍ଲୋଭିଆ	୧୭ ଲକ୍ଷ ୧ ହଜାର	୪ କୋଟି	୧୨.୦
ରୁଷିଆ	୧ କୋଟି ୩୫ ଲକ୍ଷ	୧୬ କୋଟି ୨୦ ଲକ୍ଷ	୮.୩

(World Almanack 1948)

ରୁଷିଆର ୧୭୧୦ଟି ସହର ଏବଂ ୭୦,୦୦୦ ଗ୍ରାମ ନଷ୍ଟ ହୋଇଛି ଓ ୨ କୋଟି ୫୦ ଲକ୍ଷ ଲୋକ ଗୃହହୀନ ହୋଇଛନ୍ତି ଯୁଦ୍ଧ ସମୟରେ । ୧୮୮୫ କୋଇଲାଖଣି, ୨୪୦୦ ଇଲେକ୍‌ଟ୍ରିକ୍ କଳ, ୧୫୦୦୦ ଡ୍ରିଲ୍, ୫୦୦୦ ପମ୍ପ, ୧୬୦୦୦୦ ରେଳଡବା ଜର୍ମାନୀକୁ ନିଆଯାଇଛି । ୩୭ଟି ଲୁହା ଓ ଇସ୍ପାତ୍ କାରଖାନା, ୭୪୯ଟି ଇଞ୍ଜିନିୟରିଂ ପ୍ଲାଣ୍ଟ, ୬୦୫ଟି ବୈଜ୍ଞାନିକ ଗବେଷଣା କେନ୍ଦ୍ର ଓ ୬୦୦୦ ଡାକ୍ତରଖାନା ନଷ୍ଟ ହୋଇଛି । ମୋଟାମୋଟି କୋଟି କୋଟି ଟଙ୍କାର ଜିନିଷ ରୁଷିଆର ନଷ୍ଟ ହୋଇଥିବା ସ୍ଥଳେ ଆମେରିକାର ପ୍ରଚୁର ଲାଭ ହୋଇଛି ଯୁଦ୍ଧ ସମୟରେ । ତେଣୁ ଅନେକ ବଡ଼ ବଡ଼ ଅର୍ଥନୀତିଜ୍ଞ ଓ ରାଜନୀତିଜ୍ଞ ମତରେ ରୁଷିଆ ଚାହୁଁଛି ଶାନ୍ତି । ଯେପରି ଭାବରେ ରୁଷିଆ ନଷ୍ଟ ହୋଇଛି, ସେଥିରେ ସେ ଆକ୍ରମଣମୂଳକ ଅଭିଯାନ କରିପାରେ ନାହିଁ । ତା'ଛଡ଼ା ଆକ୍ରମଣମୂଳକ ଅଭିଯାନରେ ତାର ବା ଲାଭ ହେବ କ'ଣ ? ରୁଷିଆ ଦେଖୁଛି ଯେ କ୍ରମେ କ୍ରମେ ପୁଞ୍ଜିପତି ଦେଶମାନେ ନିଜ ନିଜ ଦୋଷରୁ କ୍ଷୟ ପାଇଯିବେ । ଅକର୍ମା ଓ ଶ୍ରମିକମାଲିକ ସଂଘର୍ଷ ସେମାନେ କୌଣସିମତେ ଏଡ଼ି ପାରିବେ ନାହିଁ । ତା'ଛଡ଼ା ରୁଷିଆ ଦେଶଜୟ କରି କ'ଣ କରିବ ? ସେ ତ ଅନ୍ୟମାନଙ୍କ ପରି ସାମ୍ରାଜ୍ୟବାଦୀ ନୁହେଁ । ସାମ୍ୟବାଦ ଓ ସାମ୍ରାଜ୍ୟବାଦ ସମ୍ପୂର୍ଣ୍ଣ ବିପରୀତ । ରୁଷିଆ ପରମାଣୁ ବୋମା ତିଆରି କୌଶଳ ଜାଣିଥିବାର ଅନୁମାନ ହେଉଥିଲେ ସୁଦ୍ଧା ବର୍ତ୍ତମାନ ବହୁ ପରିମାଣରେ ଏପରି ବୋମା ତିଆରି କରିବା ସମ୍ଭବ ନୁହେଁ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରୁଛନ୍ତି । ତା'ଛଡ଼ା ଆମେରିକାର ପାଖେ ଆଖେ ରୁଷିଆର ଏପରି ସାମରିକ ଘାଟୀ ନାହିଁ, ଯେଉଁଠାରୁ ରୁଷିଆ ଆମେରିକା ଉପରେ ହଠାତ୍ ଆକ୍ରମଣ କରିବ । ଏସବୁ କାରଣରୁ ରୁଷିଆ ଯେ ଆକ୍ରମଣମୂଳକ ଅଭିଯାନ ଆରମ୍ଭ କରିପାରିବନି, ଏଥିରେ ସନ୍ଦେହ ନାହିଁ ।

କିନ୍ତୁ ଅପର ପକ୍ଷରେ ଆମେରିକାର ଅର୍ଥନୈତିକ, ବୈଦେଶିକ ଓ ରାଜନୈତିକ କାର୍ଯ୍ୟକଳାପ ପ୍ରମାଣ କରୁଛି ଯେ ଆମେରିକା ରୁଷିଆକୁ ଦବାଇବାକୁ ଚାହେଁ । ଅନେକ ବିଶିଷ୍ଟ ଆମେରିକାନ୍ ଓ ଇଂରେଜ ରାଜନୀତିଜ୍ଞ ପ୍ରକାଶ୍ୟରେ କହିଥାଆନ୍ତି ଯେ ରୁଷିଆ ତାର ନଷ୍ଟ ଶକ୍ତି ପୁନରୁଦ୍ଧାର କରିବା ପୂର୍ବରୁ ଓ ପରମାଣୁ ବୋମା ତିଆରି କରିବାରେ ସମର୍ଥ ହେବା ପୂର୍ବରୁ ଆମେରିକା ହାତରେ ଥିବା ପରମାଣୁ ବୋମା ପକାଇ ତାକୁ ଧ୍ୱଂସ କରିଦେବା ଉଚିତ । ସାମ୍ୟବାଦର ପ୍ରସାର

Digitized by PPRACHIN, SOA

ଯେପରି ବ୍ୟାପି ଚାଲିଛି, ସେଥିରେ ଆମେରିକା ପରି ଉତ୍କଟ ପୁଞ୍ଜିବାଦୀ ଦେଶରେ ଆତଙ୍କ ସୃଷ୍ଟି ହୋଇଛି । ପୃଥିବୀରେ ସାମ୍ୟବାଦର ଯେପରି ପ୍ରସାର ନହୁଏ, ସେଥିଲାଗି ରୁଷିଆ ପ୍ରଭୃତି ସାମ୍ୟବାଦ ଦେଶଗୁଡ଼ିକୁ ଆମେରିକା ଆଗ ନଷ୍ଟ କରିଦେବାକୁ ଚାହୁଁଛି । ପ୍ରାଚ୍ୟ ୟୁରୋପର ଦେଶଗୁଡ଼ିକରେ ବ୍ରିଟିଶ୍-ଫ୍ରାନ୍ସ ଯେପରି ଭାବରେ ଶୋଷଣ କରୁଥିଲେ, ଆଉ କରିପାରୁ ନାହାନ୍ତି । ଅନ୍ୟାନ୍ୟ ଅଧୀନସ୍ଥ ରାଜ୍ୟରେ ମଧ୍ୟ ସର୍ବହରା ଶ୍ରମିକ ରୁଷିଆର ସାମାଜିକ ପରିବର୍ତ୍ତନରେ ଅନୁପ୍ରାଣିତ ହୋଇପଡୁଛି । ତେଣୁ ଏମାନଙ୍କର ଉଦ୍ଦେଶ୍ୟ ଯୁଦ୍ଧ କରି ଅନ୍ୟ ଦେଶମାନେ ଶକ୍ତିଶାଳୀ ହେବା ପୂର୍ବରୁ ସେମାନଙ୍କୁ ଯେପରି ଦବାଇ ଦେବେ ।

ତେବେ ପ୍ରଭୂତ ଅର୍ଥ ଓ ପ୍ରଚୁର ଯୁଦ୍ଧ ସରଞ୍ଜାମ ଦ୍ୱାରା ଯୁଦ୍ଧରେ ଜୟଲାଭ ହୁଏ ନାହିଁ । ଯୁଦ୍ଧ ପାଇଁ ଅସଲ ସାମରିକ ଘାଟୀଜାଗାମାନ ଦରକାର । ୟୁରୋପରେ ଇଂଲଣ୍ଡ, ଫ୍ରାନ୍ସ ଓ ଇଟାଲୀ ବିନା ଆମେରିକା ଯୁଦ୍ଧ ଆରମ୍ଭ କରିପାରିବ ନାହିଁ । କିନ୍ତୁ ଫ୍ରାନ୍ସ ଓ ଇଟାଲୀରେ ଅଧିକାଂଶ ଶ୍ରମିକ କମ୍ୟୁନିଷ୍ଟମାନଙ୍କ ହାତରେ ଏବଂ ଏମାନେ ପରିଷ୍କାର କହିଦେଲେଣି ଯେ ରୁଷିଆ ବିରୁଦ୍ଧରେ ସେମାନେ ଯୁଦ୍ଧ କରିବେ ନାହିଁ, ବରଂ ସେମାନଙ୍କୁ ସାହାଯ୍ୟ କରିବେ ଯୁଦ୍ଧ ହେଲେ । ତା’ଛଡ଼ା ଯୁଦ୍ଧ ହେଲା କ୍ଷଣି ରୁଷିଆର ସୈନ୍ୟବାହିନୀ ଖୁବ୍ ଶୀଘ୍ର ସାରା ୟୁରୋପକୁ ଅଧିକାର କରିଦେଇ ପାରିବ ଓ ଯଦି କିଛି ପରମାଣୁ ବୋମା ପାଇଥାଏ, ଆମେରିକାର ଯୁଦ୍ଧଘାଟୀ ଇଂଲଣ୍ଡ ଉପରେ ଆଣି ପକାଇବ । ଆମେରିକାନ ଓ ଇଂଲିଶ ସୈନ୍ୟମାନେ ପୁଣି ୟୁରୋପକୁ ମୁକ୍ତ କରିବାକୁ ଚେଷ୍ଟା କରିବେ । ଏ ପ୍ରକାର ଅନ୍ଧକାରମୟ ଭବିଷ୍ୟତ ୟୁରୋପର ଲୋକମାନେ କେବେ ପସନ୍ଦ କରିବେ ନାହିଁ । ତେଣୁ ଯୁଦ୍ଧ ହେବାରେ ଡେରି ହେଉଛି । ତା’ ନହେଲେ ଅନେକ ଦିନ ଆଗରୁ ଯୁଦ୍ଧ ହୋଇ ସାରନ୍ତାଣି । ଆମେରିକା ଯେ ଏତେ ଦିନ ହେଲା ଧୈର୍ଯ୍ୟ ଧରି ଯୁଦ୍ଧ ନ କରି ବସିଛି, ତାହା ତା’ର ବିଶ୍ୱଶାନ୍ତି ପ୍ରତିଷ୍ଠାର ଆଦର୍ଶ କିମ୍ୱା ଉଦାରତା ଯୋଗୁଁ ନୁହେଁ ।

ୟୁରୋପରେ ଏପରି ବଡ଼ ଶକ୍ତି ନାହିଁ ବର୍ତ୍ତମାନ ଯେ କି ରୁଷିଆ ବିରୁଦ୍ଧରେ ଠିଆ ହୋଇପାରିବ । ଫ୍ରାନ୍ସ, ଇଂଲଣ୍ଡ ଓ ଇଟାଲୀର ଅର୍ଥନୈତିକ ଅବସ୍ଥା ବହୁତ ଖରାପ । ହଲାଣ୍ଡ, ବେଲ୍‌ଜିୟମ୍, ନରଓୟେ ପ୍ରଭୃତି ଦେଶ ତ ବଡ଼ ନଗଣ୍ୟ ସାମରିକ ଦୃଷ୍ଟିରୁ । ତେଣୁ ଆମେରିକା ଜର୍ମାନୀକୁ ପୁଣି ଆଉଥରେ ଶକ୍ତିଶାଳୀ କରିବାକୁ ଚେଷ୍ଟା କରୁଛି । ଯୁଦ୍ଧ ଭିତରେ ସମସ୍ତ ବଡ଼ ବଡ଼ ଶକ୍ତି ଜର୍ମାନୀର ପ୍ରଧାନ ପ୍ରଧାନ ଶିଳ୍ପକୁ ଜାତୀୟ ସମ୍ପତ୍ତିରେ ପରିଣତ କରିବାକୁ ରାଜି ହୋଇଥିଲେ ସୁଦ୍ଧା ବର୍ତ୍ତମାନ ସେସବୁ ପୂର୍ବ ମାଲିକମାନଙ୍କ ହାତରେ ଦେଇ ଦିଆଯାଉଛି; ଜର୍ମାନୀରେ ପୁଞ୍ଜିପତିମାନଙ୍କର ପୁନଃ ପ୍ରତିଷ୍ଠା କରାହେଉଛି । ଫ୍ରାନ୍ସ ମଝିରେ ମଝିରେ ପ୍ରତିବାଦ ଏହା ବିରୁଦ୍ଧରେ କଲେ ସୁଦ୍ଧା ବିଶେଷ କିଛି ଲାଭ ହେଉନାହିଁ । ଆମେରିକା ଜର୍ମାନୀର ପୁଞ୍ଜିପତିଙ୍କ ଉପରେ ବହୁତ ଆଶା ରଖିଥିଲା ପରି ଜଣାଯାଉଛି । ତଥାକଥିତ ସାମ୍ୟବାଦୀ ଇଂଲଣ୍ଡ ଆମେରିକାର କୌଣସି କଥାରେ ଅନ୍ୟମତ ହେବାର ପ୍ରାୟ ଦେଖାଯାଏନା । ଅନ୍ୟାନ୍ୟ ଦେଶସବୁ ତ ପୂରାପୂରି ଆମେରିକା ହାତମୁଠାରେ । ଗ୍ରୀସ୍‌ରେ ଆମେରିକା, ଇଂଲଣ୍ଡ ଓ ଅନ୍ୟାନ୍ୟ ଦେଶର ହସ୍ତକ୍ଷେପ ହେଉ ନଥିଲେ ଅନେକ ଦିଗରୁ ଗ୍ରୀସ୍ ଗୃହଯୁଦ୍ଧ ଶେଷ ହୋଇ ଯାଆନ୍ତାଣି । ଅଜସ୍ର ଟଙ୍କା ବ୍ୟୟ କରି ସୁଦ୍ଧା କିଛି ଫଳ ହେଉନି । ତୁର୍କୀକୁ ବହୁତ ସାହାଯ୍ୟ କରି ଆମେରିକା ନିଜ ଆୟତ୍ତରେ ରଖିଛି । ଆମେରିକାର ସାମରିକ ବିଶେଷଜ୍ଞମାନେ ଏମାନଙ୍କୁ ଯୁଦ୍ଧ ଶିକ୍ଷା ଦେଉଛନ୍ତି । ଶେଷରେ ସ୍ପେନ ପରି ଫାସିଷ୍ଟ ରାଜ୍ୟ ସହିତ ମେଣ୍ଟ ବାନ୍ଧିବାକୁ ସମସ୍ତେ ପ୍ରାୟ ରାଜି ହେବା ଉପରେ । ଏଥିରୁ ସହଜେ ଜଣାଯାଉଛି ଯେ, ଦରକାର ପଡ଼ିଲେ ଏମାନେ ଫାସିଷ୍ଟ ରାଜ୍ୟର ମଧ୍ୟ ଯେ ସାହାଯ୍ୟ ନେବେ— ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

ମଧ ପ୍ରାଚ୍ୟରେ ବ୍ରିଟିଶ୍ ଓ ଆମେରିକା ମିଳି ପ୍ରଭୁତ୍ୱ କରିବା ପାଇଁ ମଧ ମେଣ୍ଟ ରହିଛି । ବ୍ରିଟିଶ୍ ସରକାରର ପାଲେଷ୍ଟାଇନ୍ ନୀତି ଭୟାନକ ଭାବରେ ପରାସ୍ତ ହୋଇଗଲା । ଜୁମାନଙ୍କ ବିରୁଦ୍ଧରେ ଯେତେ ଚେଷ୍ଟା କଲେ ସୁଦ୍ଧା ପାରିଲେ ନାହିଁ । ମୁଷ୍ଟିମେୟ ଜୁ ଇଂରେଜ ଓ ଅନ୍ୟାନ୍ୟ ଆରବଶକ୍ତି ବିରୁଦ୍ଧରେ ଲଢ଼ି ଶେଷରେ ଜୁମାନଙ୍କ ପାଇଁ ସ୍ୱାଧୀନ ପାଲେଷ୍ଟାଇନ୍ ପ୍ରତିଷ୍ଠିତ କଲେ । ଆମେରିକାରେ ଜୁ ପ୍ରଭାବ ବେଶୀ ଥିବାରୁ ଆମେରିକାର ଜୁମାନେ ଏମାନଙ୍କୁ ସାହାଯ୍ୟ କରିଥିଲେ । ପାଲେଷ୍ଟାଇନ୍ ନେଇ ଆମେରିକା ଓ ଇଂଲଣ୍ଡ ଭିତରେ ସାମାନ୍ୟ ମନୋମାଳିନ୍ୟ ଦେଖାଦେଇଥିଲେ ସୁଦ୍ଧା ବର୍ତ୍ତମାନ ପୁଣି ଏକମତ ହୋଇଗଲେଣି । ମଧ ପ୍ରାଚ୍ୟର ତେଲଖଣି ଓ ସାମରିକ ଘାଟୀ ଜାଗା ପ୍ରତିଷ୍ଠାରେ ଏମାନେ ପ୍ରତିକ୍ରିୟାଶୀଳ ଆରବ ଶାସକବର୍ଗଙ୍କର ସାହାଯ୍ୟ ନେବାର ଦେଖାଯାଏ । ଇଜିପ୍ଟରେ ଯୁଦ୍ଧ ପରେ ପରେ ସୁଏଜ୍ କେନାଲ୍ ଓ ସୁଦାନ ସମସ୍ୟା ନେଇ ବ୍ରିଟିଶ୍ ବିଦ୍ୱେଷ ଖୁବ୍ ବେଶି ଦେଖାଦେଇଥିଲେ ସୁଦ୍ଧା ଇଂରେଜମାନଙ୍କର ରାଜନୈତିକ କୂଟନୀତି ବ୍ୟୂହଭିତରେ ସେମାନେ ଛନ୍ଦି ହୋଇପଡ଼ିଲେ । ଏସବୁ କ୍ଷେତ୍ରରୁ ସେମାନଙ୍କର ମନ ଟାଣିଆଣିବା ଲାଗି ସେମାନଙ୍କୁ ଜୁମାନଙ୍କ ବିରୁଦ୍ଧରେ ଲଗାଇ ଦିଆଗଲା । ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ବ୍ରିଟିଶ୍ ଆରବମାନଙ୍କର ପରମ ବନ୍ଧୁ କହିଲେ ଚଳେ । ତଥାପି ଟ୍ରାନ୍ସଜୋର୍ଡ଼ାନର ସଖୀକୁଣ୍ଢେଇ ରାଜା ଅବଦୁଲ୍ଲାଙ୍କ ଦ୍ୱାରା ଏମାନେ ସିରିଆ ଓ ପାଲେଷ୍ଟାଇନର ଅଧେ ନେଇ ଗୋଟିଏ ବିରାଟ ରାଜ୍ୟ ଗଢ଼ି ନିଜ ହାତ ମୁଠାରେ ରଖିପାରିଲେ ନାହିଁ । ସିରିଆର ବର୍ତ୍ତମାନ ଏକଛତ୍ର ସାମରିକ ଶାସନ ଏ ପ୍ରକାର କଳ୍ପନା ବିରୁଦ୍ଧରେ କାର୍ଯ୍ୟ କରୁଥିବାର ଜଣାଯାଏ । ସୁଦାନରେ ଏମାନଙ୍କର କୁଟିଳ ଭେଦନୀତି ଉମ୍ମା ଓ ଆସିଗା ଦଳ ଭିତରେ କାମ କରୁଥିଲେ ସୁଦ୍ଧା ସ୍ୱାର୍ଥପର ଆରବ ଶାସକବର୍ଗ ଏ କ୍ଷେତ୍ରରେ ନିଷ୍କ୍ରିୟ ଥିଲା ପରି ମନେହୁଏ । ମଧ୍ୟପ୍ରାଚ୍ୟରେ ଥିବା ଅନେକ ବଡ଼ ବଡ଼ ଇଂରେଜ ସାମରିକ ଅଫିସରଙ୍କର ଆରବପ୍ରୀତି ଶୁଣିଲେ ବାଘ ମାଉସୀର ଛାଗଳପ୍ରୀତି ପରି ଜଣାଯାଏ ।

ଭାରତ ବ୍ରିଟିଶ୍ ରାଜ୍ୟଗୋଷ୍ଠୀ ରହିବା ଦ୍ୱାରା ଏମାନଙ୍କ ରାଜନୈତିକ କୁଟିଳ ବ୍ୟୂହ ଭିତରେ ପଡ଼ିବାର ସମ୍ଭାବନା ଅଛି । ଭାରତ କାଳେ ସାମ୍ରାଜ୍ୟ ବାହାରକୁ ଚାଲି ଯାଇପାରେ, ତେଣୁ କାଶ୍ମୀର ପାକିସ୍ଥାନକୁ ଯିବାରେ ଏମାନଙ୍କର ସମ୍ପୂର୍ଣ୍ଣ ଇଚ୍ଛା ଥିଲା । ଅନ୍ତତଃପକ୍ଷେ ଗିଲଗିଟ୍ ଏମାନଙ୍କର ନିହାତି ଦରକାର । ରୁଷିଆ ବିରୁଦ୍ଧରେ ଅଭିଯାନ ଗିଲଗିଟ୍ ଘାଟୀଠାରୁ ସହଜେ କରିହେବ । ଭାରତରେ ଗିଲଗିଟ୍ ରହିଲେ ହୁଏତ ଏମାନଙ୍କର ପୂରା ହାତ ନ ରହିପାରେ—ଏହି ଭୟ ଏମାନଙ୍କର ଥିଲା । ତେବେ ସେ ଭୟ ବର୍ତ୍ତମାନ ଦୂର ହୋଇପାରେ । ଅନୁନ୍ନତ ଭାରତବର୍ଷରେ ତ କ୍ରମେ କ୍ରମେ ବ୍ରିଟିଶ ଓ ଆମେରିକାର ପୁଞ୍ଜି ଅବାଧରେ ମାଡ଼ିଚାଲିବ—ରାଜନୈତିକ ସୂତ୍ର କଟିଗଲେ କ'ଣ ହେବ, ଅର୍ଥନୈତିକ ନିଷ୍ପେଷଣ ଦେଶକୁ ସର୍ବହରା କରିଦେଇପାରେ ।

ଦକ୍ଷିଣ ପୂର୍ବ ଏସିଆ କଥା ତ ଆଗେ କୁହାହୋଇଛି । ମାଲୟ, ଇଣ୍ଡୋନେସିଆ ଓ ଇଣ୍ଡୋଚାଇନାର ବର୍ତ୍ତମାନ ଗଣ୍ଡଗୋଳିଆ ପରିସ୍ଥିତି ଏମାନଙ୍କର କୂଟନୀତିର ଫଳ ମାତ୍ର । ସୁଦୂର ପ୍ରାଚ୍ୟ ଦେଶ—ଚାଇନା, ଜାପାନରେ ମଧ ଦଳଗତ ରାଜନୀତି ଦ୍ରୁତଗତିରେ କାମ କରୁଛି । ଅଜସ୍ର ଅର୍ଥବ୍ୟୟ କରି ସୁଦ୍ଧା ଆମେରିକା ଆଉ ବେଶୀ ଦିନ ଚାଇନାରେ ଗୃହଯୁଦ୍ଧ ଚାଲୁ ରଖିପାରିବ ନାହିଁ । ସମଗ୍ର ଚାଇନା କମ୍ୟୁନିଷ୍ଟଙ୍କ ହାତରେ ପଡ଼ିବ । ଏଥିରେ ରୁଷିଆର ଜୟ ହେଲା ପରି ଜଣାଯାଉଛି । ୟୁରୋପରେ ଯେପରି ଜର୍ମାନୀକୁ ପୁଣି ଶକ୍ତିଶାଳୀ କରିବାର ଉଦ୍ୟମ ହେଉଛି, ସୁଦୂର ପ୍ରାଚ୍ୟରେ ମଧ ଜାପାନକୁ ପୁଣି ସେହିପରି ଗଢ଼ିବାର ଚେଷ୍ଟା କରାହେଉଛି । ଅନେକ ନରମପନ୍ଥୀ ରାଜନୀତିଜ୍ଞମାନେ ମଧ ଆମେରିକାର ଜାପାନୀ ନୀତି ପସନ୍ଦ କରୁନାହାନ୍ତି । ଅବଶ୍ୟ ଜାପାନ ବିଷୟରେ ବିଶେଷ କିଛି ଜାଣିବାର ଉପାୟ ନାହିଁ; ତଥାପି ଯାହା ଖବର ମିଳେ ସେଥିରୁ ଅନୁମାନ କରାଯାଏ ଯେ ଜାପାନୀମାନେ ଖୁବ୍ ନିଷ୍ପେଷିତ ହୋଇପଡ଼ିଛନ୍ତି । ଗତ ନିର୍ବାଚନରେ

Digitized by PPRACHIN, SOA

ଜାପାନ ପରି ରାଜତନ୍ତ୍ର ଓ ଫାସିଷ୍ଟ ଦେଶରେ ୩ କୋଟି ଭୋଟରୁ ୩୦ ଲକ୍ଷ ଭୋଟ୍ କମ୍ୟୁନିଷ୍ଟମାନେ ପାଇଥିଲେ । ଟୋକିଓ ସହରର ଅଧିକାଂଶ କମ୍ୟୁନିଷ୍ଟମାନଙ୍କୁ ଭୋଟ ଦେଇଥିଲେ ।

ଇଂଲଣ୍ଡ ଗରିବ ହୋଇପଡୁଥିଲେ ହେଁ ସାମରିକ ଦୃଷ୍ଟିରୁ ଗୋଟିଏ ପ୍ରଧାନ ଘାଟୀ ହୋଇଥିବାରୁ ଭବିଷ୍ୟତ ଯୁଦ୍ଧ ଏହା ଉପରେ ଅନେକଟା ନିର୍ଭର କରେ । ଇଂଲଣ୍ଡ ଯଦି ନିରପେକ୍ଷ ରହିଥାଆନ୍ତା– ଆମେରିକା ଓ ରୁଷିଆ ଉଭୟଠାରୁ ସୁବିଧା ପାଇବାକୁ ଚେଷ୍ଟା କରି– ଯୁଦ୍ଧ ଆୟୋଜନରେ ଭାଗ ନିଅନ୍ତା ନାହିଁ, ତାହେଲେ ଖୁବ୍ ସମ୍ଭବ ଯୁଦ୍ଧ ହୋଇପାରନ୍ତା ନାହିଁ । କିନ୍ତୁ ଇଂଲଣ୍ଡ-ଆମେରିକାର ପ୍ରିୟପାତ୍ର ହିସାବରେ ଯେପରି ଭାବରେ ଯୁଦ୍ଧ ଆୟୋଜନରେ ଲାଗିପଡ଼ିଛି ଏବଂ ଉଚ୍ଚ ସରକାରୀ ମୁଖପାତ୍ରଙ୍କ ଠାରୁ ଆରମ୍ଭ କରି ଜାଠଦଳ ପରିଚାଳିତ ସମସ୍ତ ଖବରକାଗଜ ଓ ରେଡ଼ିଓ ଯେପରି ରୁଷିଆ ବିରୁଦ୍ଧରେ ବିଷ ଉଦ୍‌ଗୀରଣ କରି ଯୁଦ୍ଧର ଆବହାଓ୍ୱା ସୃଷ୍ଟି କରୁଛନ୍ତି, ସେଥିରୁ ମନେହୁଏନା ଯେ ଇଂଲଣ୍ଡର ସେ ସୁବୁଦ୍ଧି ହେବ । ଇଂଲଣ୍ଡରେ ରହିଲେ ମନେହୁଏ, ଯୁଦ୍ଧ ଯେପରି ଖୁବ୍ ନିକଟ ହୋଇ ଆସିଲାଣି; କିନ୍ତୁ ଯୁଦ୍ଧ ହେଲେ ଇଂଲଣ୍ଡର ସବୁଠୁ ବେଶୀ କ୍ଷତି ହେବ । ଇଂଲଣ୍ଡର କେନ୍ଦ୍ରୀଭୂତ ଶିଳ୍ପକାରଖାନା ସବୁ ପରମାଣୁ ବୋମାରେ ବିଶେଷ କ୍ଷତିଗ୍ରସ୍ତ ହେବ । ରୁଷିଆର ବିଶାଳ ଭୂଖଣ୍ଡରେ ଏପରି ବିସ୍ତାରିତ ଭାବରେ ଶିଳ୍ପକାରଖାନା ସବୁ ବିଞ୍ଛି ହୋଇ ରହିଛି ଯେ ପରମାଣୁ ବୋମା ଦ୍ୱାରା ତାକୁ ପରାସ୍ତ କରାଯାଇ ପାରେନା । ଯଦି ଯୁଦ୍ଧ ନ ହୁଅନ୍ତା, ତାହେଲେ ପରମାଣୁ ଶକ୍ତିକୁ ଶାନ୍ତି ଦିଗରେ ଲଗାଇ ମନୁଷ୍ୟ ସମାଜର—ବିଶେଷତଃ ଅନୁନ୍ନତି ଭାରତ, ଚାଇନା ଓ ଅପେକ୍ଷାକୃତ ଅନୁନ୍ନତ ରୁଷିଆର ବହୁତ ଉପକାର ହୁଅନ୍ତା । ଆମେରିକାରେ ଯଥେଷ୍ଟ ବିଦ୍ୟୁତ୍ ଓ ଅନ୍ୟାନ୍ୟ ପ୍ରକାର ଶକ୍ତି ରହିଥିବାରୁ ଓ ଏସବୁ କେତେଜଣ ପୁଞ୍ଜିପତିଙ୍କର ଏକଚାଟିଆ ବାଣିଜ୍ୟ ରୂପେ ଥିବାରୁ ପରମାଣୁ ଶକ୍ତିକୁ ଶାନ୍ତିମାର୍ଗରେ ନିୟୋଗ କରିବା ପାଇଁ ସେଠାରେ କାହାରି ସେପରି ଇଚ୍ଛା ନାହିଁ; ତେଣୁ ସେମାନେ ପରମାଣୁ ଶକ୍ତିକୁ ଧ୍ୱଂସ ଦିଗରେ ଲଗାଉଛନ୍ତି । ତେବେ ପୃଥିବୀରେ ଚାରିଆଡ଼େ ସାଧାରଣ ମନୁଷ୍ୟ ଯେପରି ଭାବରେ ଜାଗ୍ରତ ହେଉଛନ୍ତି, ମୁଷ୍ଟିମେୟ ଦୁଷ୍ଟ ପ୍ରକୃତି ଓ ସ୍ୱାର୍ଥପର ଲୋକ ଏବଂ ରାଜନୀତିଜ୍ଞଙ୍କର କୁଟିଳ ଆବର୍ତ୍ତ ସାରା ପୃଥିବୀକୁ ଧ୍ୱଂସଲୀଳାରେ ପକାଇବାକୁ ସମର୍ଥ ହୋଇନପାରେ ।

■■■

Digitized by PPRACHIN, SOA

ବିଦାୟ

ସୁଖଦୁଃଖ ଭିତର ଦେଇ ଅଢ଼େଇଟି ବର୍ଷ କଟିଗଲା ଲଣ୍ଡନ ସହରରେ । ଅଢ଼େଇ ବର୍ଷ ପୂର୍ବେ ଯେତେବେଳେ ଲଣ୍ଡନ ସହରର ୯୦ଲକ୍ଷ ଅଧିବାସୀଙ୍କ ଭିତରେ ହଠାତ୍ ଆସି ପହଞ୍ଚିଲି, ନିଜକୁ ବଡ଼ ଅସହାୟ ମନେ ହେଉଥିଲା—ବ୍ୟକ୍ତିତ୍ୱର ସତ୍ତା ପର୍ଯ୍ୟନ୍ତ ଲିଭିଗଲା ପରି ମନେ ହେଉଥିଲା—ପ୍ରାଣ ବ୍ୟାକୁଳ ହୋଇଥିଲା—ସେହି ଧୂଳିଧୂସର କାଦୁଅପାଣି କଟକ ରାସ୍ତା ଓ ପଚାନାଳ ପରିବେଷ୍ଟିତ ଭଙ୍ଗା ଭଙ୍ଗା ଘରକୁ ଫେରିଯିବା ପାଇଁ ମନଟା କେମିତିକା କେମିତିକା ଲାଗୁଥିଲା । କିନ୍ତୁ କ୍ରମେ କ୍ରମେ ଏ ପଶ୍ଚାତମୁଖୀ ମନୋଭାବ କଟିଗଲା । ଯାହା ପ୍ରାଣହୀନ ଯନ୍ତ୍ରବତ୍ ଦେଖାଯାଉଥିଲା, ତାର ଅନ୍ତରର ମଧୁର ସ୍ପନ୍ଦନ ମୋତେ ସ୍ପର୍ଶ କରିପାରିଥିଲା । ବାହାରର ଚାଲିଚଳଣ, ଆଚାର ବ୍ୟବହାରରେ ହଜାରେ ପାର୍ଥକ୍ୟ ଥିଲେ ସୁଦ୍ଧା ଆଦିମଯୁଗରୁ ଚାଲି ଆସିଥିବା ମନୁଷ୍ୟ ହୃଦୟର ଚିରନ୍ତନ ଐକ୍ୟର ଆଭାସ କ୍ରମେ ସାଧାରଣ ଲୋକଙ୍କ ସୁଖଦୁଃଖ ସହିତ ମୋତେ ବାନ୍ଧି ପାରିଥିଲା । ଶାସକ ଶ୍ରେଣୀର କୌଶଳପୂର୍ଣ୍ଣ ମିଥ୍ୟା ପ୍ରଚାରର ବେଷ୍ଟନୀ ଭିତରେ ରହି ସୁଦ୍ଧା ଅନେକ ଉଦାରମନା ଇଂରେଜ ଅଛନ୍ତି, ଯେଉଁମାନଙ୍କର କି ଆମ ପ୍ରତି, ଆମ ଦେଶ ପ୍ରତି ଯଥେଷ୍ଟ ସ୍ନେହ ଓ ସହାନୁଭୂତି ଅଛି । କ୍ରମେ ଏପରି ଅନେକଙ୍କ ସହିତ ବନ୍ଧୁତା ହୋଇଥିଲା । ଏମାନଙ୍କୁ ଛାଡ଼ି ଆସିବାରେ ପ୍ରକୃତରେ ବଡ଼ କଷ୍ଟ ହେଲା । ଯେଉଁ ସ୍ଥାନରେ ଦିନ ଦିନ, ମାସ ମାସ ଧରି ଅଢ଼େଇ ବର୍ଷ ଚଳିଆସିଛି, ସେସବୁ ପ୍ରତି ଗୋଟାଏ ମମତା ଜାଗି ଉଠିଥିଲା । ଦେଶକୁ ଫେରି ଆସିବାରେ ପ୍ରବଳ ଇଚ୍ଛା ଥିଲେ ହେଁ ଲଣ୍ଡନ ଛାଡ଼ିବା କଥା ଭାବିଲେ ମନ ଦୁଃଖରେ କମ୍ ଅଭିଭୂତ ହେଉ ନଥିଲା । ଯେଉଁମାନଙ୍କ ସହିତ ଏତେ ଆପଣା ପରି ଚଳି ଆସିଥିଲି, ସେମାନଙ୍କୁ ଚିରଦିନ ଲାଗି ଛାଡ଼ି ଆସିବାରେ ଦୁଃଖ ତ ହେବା ସ୍ୱାଭାବିକ । ଚିଠି ଛଡ଼ା ଆଉ କେବେ ସେମାନଙ୍କ ସହିତ ଦେଖା ହେବାର ସମ୍ଭାବନା ନାହିଁ କିନା !

ଆସିବାର ପ୍ରାୟ ସପ୍ତାହକ ପୂର୍ବରୁ ମୋର ପରିଚିତ ବନ୍ଧୁମାନଙ୍କଠାରୁ କ୍ରମେ କ୍ରମେ ବିଦାୟ ଆଣିଲି । ପ୍ରତ୍ୟେକ ବିଦାୟ ପରେ ମନଟା ବଡ଼ ଭାରୀ ଭାରୀ ଲାଗେ । ଅନେକେ କହନ୍ତି ଯେ ଇଂରେଜମାନେ ବଡ଼ ଉଦାସୀନ ଓ ଅମିଳାପୀ । କିନ୍ତୁ ସେମାନଙ୍କ ସହିତ ଅନେକ ଦିନ ଧରି ଯେ ଭଲଭାବେ ମିଶିପାରିଛି, ସେ ବୁଝିବ ଯେ ଏହା କେତେଦୂର ଭୁଲ । ଅବଶ୍ୟ ପ୍ରଥମେ ପ୍ରଥମେ ସେମାନେ ପ୍ରକୃତରେ ଅମିଳାପୀ ଓ Formal; କିନ୍ତୁ କୌଣସି ସଂକୀର୍ଣ୍ଣତା ନ ରଖି ଯଦି କେହି ଖୋଲାଖୋଲି ଭାବରେ ମିଶିପାରେ, ତାହାହେଲେ ସେମାନେ ଖୁବ୍ ଭଲ ବ୍ୟବହାର କରନ୍ତି । ଯେଉଁ ଅଞ୍ଚଳରେ ମୁଁ ଏକାଦିକ୍ରମେ ଅଢ଼େଇ ବର୍ଷ ରହିଥିଲି, ସେଠାକାର ରାସ୍ତାର ଝାଡୁଦାରଠୁଁ ଆରମ୍ଭ କରି ଖବରକାଗଜ ଦୋକାନ, ଔଷଧ ଦୋକାନ, ପନିପରିବା ବିକାଳି, ପୋଷ୍ଟ ପିଅନ, କ୍ଲର୍କ, ସେ ସାହିର ଛୋଟ ଛୋଟ ପିଲା ଓ ସେମାନଙ୍କର ବାପା ମା' ପର୍ଯ୍ୟନ୍ତ ସମସ୍ତଙ୍କର ସ୍ମିତ ହାସ ଓ "Hallow how are you ?"—(ହାଲୋ, କିପରି ଅଛ ?) ସମ୍ବୋଧନ କେବେ ଭୁଲିବାର

Digitized by PPRACHIN, SOA

ନୁହେଁ । ରାସ୍ତାରେ ବାହାରିଲେ ଛୋଟଛୋଟ ପିଲାମାନେ ଖେଳ ଛାଡ଼ି Uncle, Uncle, କହି ଦୌଡ଼ି ଆସନ୍ତି ପାଖକୁ—କେତେ କଥା ପଚାରନ୍ତି—ପିଲାଙ୍କର ସେହି ଅସରନ୍ତି ପ୍ରଶ୍ନବାଣ– "କୁଆଡ଼େ ଯାଉଛ"—"କାହିଁକି ଯାଉଛ ?" ଇତ୍ୟାଦି ଅନେକ ଅତି ଆପଣାର ପ୍ରଶ୍ନ ସବୁ— ଖୁବ୍ ଭଲ ଲାଗେ । କାହିଁ ସେମାନଙ୍କ ମନରେ ତ କୌଣସି ଆବିଳତା ପଶି ନାହିଁ ? ଅନ୍ୟ ଦେଶ ଲୋକଙ୍କୁ ଘୃଣା କରିବାର ପ୍ରବୃତ୍ତି ହୋଇନାହିଁ—ଅନ୍ୟ ଦେଶ ଲୋକଙ୍କର ରକ୍ତରେ ନିଜକୁ ଫୁଲାଇବାର ଦୁରାଶା ହୋଇନାହିଁ–ତେବେ ଚେଷ୍ଟା କଲେ ଏହିମାନଙ୍କୁ ଅଖଣ୍ଡ ପୃଥିବୀର ହିଂସାଦ୍ୱେଷହୀନ ଉପଯୁକ୍ତ ନାଗରିକ ରୂପେ କାହିଁକି ଗଢ଼ାଯାଇ ପାରିବ ନାହିଁ ? ସେମାନେ ବଡ଼ ହେଲେ ସଂକୀର୍ଣ୍ଣ ସ୍ୱଜାତିଭକ୍ତ ଓ ପରଦେଶଦ୍ୱେଷୀ ହୋଇପଡ଼ନ୍ତି କାହିଁକି ? ଏଟା କ'ଣ ବର୍ତ୍ତମାନ ସମାଜର ଦୋଷ ନୁହେଁ ? ଉପଯୁକ୍ତ ଯୋଜନା ଅନୁସାରେ କ'ଣ ସେମାନଙ୍କୁ ବିଶ୍ୱପ୍ରେମୀ ନାଗରିକ ରୂପେ ଗଢ଼ାଯାଇ ପାରିବ ନାହିଁ ? ନିଶ୍ଚୟ ହୋଇପାରିବ ! ସେଥିଲାଗି କିନ୍ତୁ ପୃଥିବୀର ସବୁ ଦେଶରେ ଗୋଟାଏ ଆମୂଳଚୂଳ ସାଂସ୍କୃତିକ, ମାନସିକ ତଥା ରାଜନୈତିକ ବିପ୍ଳବ ଆବଶ୍ୟକ ଏବଂ ଏପରି ବିପ୍ଳବ ଅବଶ୍ୟାମ୍ଭାବୀ ବୋଲି ମନେହୁଏ । ବର୍ତ୍ତମାନ ପରିସ୍ଥିତିରେ ଏ ପ୍ରକାର ବିପ୍ଳବ ନ ହେଲେ ମାନବସଭ୍ୟତାର ଅସ୍ତିତ୍ୱ ରହିବ ନାହିଁ ।

ଯେତିକି ଯେତିକି ଲଣ୍ଡନ ଛାଡ଼ିବାର ସମୟ ପାଖେଇ ଆସିଲା, ସେତିକି ମନ ଭାରୀ ହୋଇଉଠିଲା । ପିଟର, ଜେକି, ମେରୀ, ଏଲିଜାବେଥ୍ ପ୍ରଭୃତି ଛୋଟ ଛୋଟ ପିଲାମାନଙ୍କୁ ଗୋଟିଏ ଗୋଟିଏ ଚକୋଲେଟ ହାତରେ ଦେଇ ମୁଣ୍ଡ ଆଉଁସି କହିଲି—"ଦେଖ ପିଲାମାନେ, ମୁଁ ମୋ ଦେଶକୁ ଫେରିଯାଉଛି ।"

ସମସ୍ତେ କହିଉଠିଲେ–"ଆମେ ଯିବୁ ତୁମ ଦେଶକୁ–ଦେଖିବୁ ବାଘ, ସାପ, ପାହାଡ଼ ପର୍ବତ"—"ଆଚ୍ଛା, ତୁମେ ଏଠିକି ପୁଣି କେବେ ଫେରିଆସିବ ?"—ମୋ ଆଖିରେ ଲୁହ ଆସିଲା । ମୁଁ କହିଲି—"ନା, ଆଉ କେବେ ଆସିବି ନାହିଁ ।"***

ମୋ ସାହିର ଆଉ ଜଣେ ବୁଢ଼ୀ ଖରାଦିନେ ତା ଘର ସାମନା ବଗିଚାରେ ଫୁଲ ତୋଳୁଥିଲା ବେଳେ ମୁଁ ଯଦି ସେ ରାସ୍ତାରେ ଯାଉଥାଏ, ତାହାହେଲେ ତାକୁ ଫୁଲ ତୋଳିବାରେ ସାହାଯ୍ୟ କରିଥାଏ–ସେ ବହୁତ ଖୁସି ହୋଇ ମୋ ବସାକୁ ତୋଡ଼ାଏ ଫୁଲ ପଠାଇଦିଏ–ତାଠାରୁ ବିଦାୟ ନେଇ ଆସିଲାବେଳେ ସେ କହିଲା– "Rath, I will miss you very much" ଆଉ ଥରେ ଯଦି କେବେ ଆସ ଏଠାକୁ ତାହେଲେ ନିଶ୍ଚୟ ମୋ ବସାକୁ ଆସିବ—ହୁଏତ ମୁଁ ସେତେବେଳକୁ ମରିଯାଇଥିବି ।" ତାର ସ୍ନେହ ମୁଁ କେବେ ଭୁଲି ପାରିବିନି । ପଡ଼ିଶାଘରୁ, ଆଗ ସାମନା ଘରୁ, ଖବରକାଗଜବିକାଳି, ପନିପରିବା ବିକାଳିମାନଙ୍କ ଠାରୁ–ଏପରି ଅନେକ ଲୋକଙ୍କଠାରୁ ବିଦାୟ ନେଲି । ସମସ୍ତଙ୍କଠାରୁ ଶୁଣିଲି ଶୁଭକାମନା ଓ ଚାଲିଆସିବାରେ ଦୁଃଖ ପ୍ରକାଶ ।

ମୁଁ ଯାହାଙ୍କ ଘରେ ଅଢ଼େଇବର୍ଷ କାଳ ଅତିଥି ହୋଇଥିଲି, ସେମାନେ ଓ ସେମାନଙ୍କର କେତେକ ବନ୍ଧୁବାନ୍ଧବ ମୋତେ ଆସିଥିଲେ ଛାଡ଼ି ଷ୍ଟେସନକୁ । କି କରୁଣ ଓ କି ବିଷଦଭରା ହୋଇଥିଲା ସେହି ମୁହୂର୍ତ୍ତଟି ! ଯେତେବେଳେ କରମର୍ଦ୍ଦନ କରି ମୁଁ ଗାଡ଼ିରେ ଉଠିବାକୁ ଗଲି–ସମସ୍ତଙ୍କ ଆଖିରେ ଲୁହ–ମୁହଁରେ ହସ–ଘର ଛାଡ଼ିଲା ବେଳେ ମୋର ଯେପରି ଦୁଃଖ ହୋଇଥିଲା, ଠିକ୍ ସେପରି ଦୁଃଖ ହେଲା—ବରଂ ତାଠାରୁ ଟିକିଏ ବେଶୀ— ଯେତେବେଳେ ମୁଁ ଭାବିଲି ଆଉ ଜୀବନରେ କେବେ ଏମାନଙ୍କ ସଙ୍ଗରେ ଦେଖା ହେବନାହିଁ । ମନୁଷ୍ୟର ମମତା ଓ ସ୍ନେହ ଆକର୍ଷଣ କେତେ ଉଚ୍ଚରେ ତା ମୁଁ ସେଦିନ ବୁଝିଲି–ସ୍ନେହ ମମତା ଆଗରେ ଜାତି, ଧର୍ମ, ଦେଶ, ବର୍ଣ୍ଣଭେଦ ନାହିଁ– ହୃଦୟ ଏକ–ସ୍ନେହ ଅଖଣ୍ଡ–ଆକର୍ଷଣ ସନାତନ; କିନ୍ତୁ ତାହା ସମ୍ଭବ ହୋଇପାରୁ ନାହିଁ କେତେ ଜଣଙ୍କର ଚକ୍ରାନ୍ତରେ । ଧର୍ମ ନାମରେ, ଦେଶ ନାମରେ ଏମାନେ ଦେଶ ଦେଶରେ ଧ୍ୱଂସଲୀଳା

Digitized by PPRACHIN, SOA

ରଚନା କରୁଛନ୍ତି—ହୃଦୟରେ ସନାତନ ଆକର୍ଷଣକୁ ବିଷଯୁକ୍ତ କରିଦେଉଛନ୍ତି । ତେଣୁ ଚାରିଆଡ଼େ ଶତ୍ରୁତା—ପୃଥିବୀବ୍ୟାପୀ ନିର୍ମମତା ଛାଇ ହୋଇଯାଇଛି । ମନୁଷ୍ୟ ହୃଦୟ ଏହି ବିଷଜାଲ ମଧ୍ୟରେ ଛଟପଟ ହୋଇ ତାହାର ସ୍ୱଭାବ ନଷ୍ଟ ହୋଇଯାଉଛି । କିନ୍ତୁ ଏ ପ୍ରକାର କୃତ୍ରିମ ଆବରଣ ଛିଣ୍ଡାଇ ଦେଖିବସିଲେ ତାର ଅସଲ ସ୍ୱଭାବ ପରିସ୍ଫୁଟ ହୋଇପଡ଼େ ଏବଂ ତାର ଉପଯୁକ୍ତ ସଦ୍‌ବ୍ୟବହାର କରିପାରିଲେ ପୃଥିବୀ ଯେ ସମ୍ପୂର୍ଣ୍ଣ ବଦଳିଯିବ, ଏଥିରେ ସନ୍ଦେହ ନାହିଁ । ସୁଖର ବିଷୟ ଯେକୌଣସି ଜାତି ଦୁଷ୍ଟ ଲୋକଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ପରିଚାଳିତ ନୁହେଁ । କିଏ କହିବ ଯେ ଇଂରେଜ ଜାତି ଆମ ଦେଶର ଇଂରେଜ ଶାସନବର୍ଗଙ୍କ ପରି ଅତ୍ୟାଚାରୀ ଓ ଉଦ୍ଧତ ? ସେହି ଦେଶର କେତେକ ଲୋକ ତ ଫେରେ ଏପରି ସ୍ନେହପୂର୍ଣ୍ଣ, ଲୋତକଭରା ଆଖିରେ ଆମ୍ଭମାନଙ୍କୁ ବିଦାୟ ଦିଅନ୍ତି !

ରେଳ ଲଣ୍ଡନର ଲିଭରପୁର ଷ୍ଟେସନ ଛାଡ଼ିଲା—କ୍ରମେ କ୍ରମେ ସମସ୍ତେ ଅଦୃଶ୍ୟ ହୋଇଗଲେ । ରବି ଠାକୁରଙ୍କର ଗୋଟିଏ କବିତା ମନେ ପଡ଼ିଲା । ''ଯେତେ ନାଇ ଦିବ... ଯେତେ ଦିତେ ଇଚ୍ଛା ନାହିଁ... ହାୟ ତବୁ ଯେତେ ଦିତେ ହୟ, ତବୁ ଚଲେ ଯାଏ...।''

ରାସ୍ତା ଦି କଡ଼ର ସେଇ ପୁରୁଣା ଜାଗାସବୁ— "Lyon's ହୋଟେଲର ସେହି ହଳଦିଆ ଅକ୍ଷରଗୁଡ଼ିକ 'Burton', 'Express diary' ପ୍ରଭୃତି ପରିଚିତ ଘରଗୁଡ଼ିକ, ଲମ୍ୱା ଲମ୍ୱା ଦୋତାଲା ବାସଗୁଡ଼ାକ ସବୁ ସେପରି କହୁଛନ୍ତି, ''ଯେତେ ଆମି ଦିବ ନା ତୋମାୟ...।'' ତଥାପି ମିନିଟ୍ ପରେ ମିନିଟ୍ ଗାଡ଼ିର ଗତି ବଢ଼ିଚାଲିଛି । ଗାଡ଼ି ଏକ୍ ନିଃଶ୍ୱାସରେ ଏସବୁର ମାୟାମମତା କଟାଇ ଯେପରି ଆଗେଇ ଚାଲିଛି କର୍ତ୍ତବ୍ୟର ଇସ୍ପାତ ଯାଂତ୍ରିକ ମହାରଥ ପରି । ଅତୀତର ସ୍ନେହ, ମମତା ଓ କରୁଣ ମଧୁର ସ୍ମୃତିର ଜମାଟବନ୍ଧା କୋହ ଭବିଷ୍ୟତର କୁହେଳିକାଚ୍ଛନ୍ନ ଅନିର୍ଦ୍ଦିଷ୍ଟତାର ତୀରଦେଶରେ ନୀରବ ନିଶ୍ଚଳ ଭାବେ ଥମକି ବସିଛି ବର୍ତ୍ତମାନର ସେକେଣ୍ଡ କଣ୍ଟାର ଟିକ୍ ଟିକ୍ ଟିକ୍ ଶବ୍ଦର ତାଳରେ ଜୀବନର ରଥଚକ୍ର ଭବିଷ୍ୟତର ସେହି ଅସ୍ପଷ୍ଟ ରାଜପଥ ଉପରେ ଆଗକୁ ଆଗକୁ ମାଡ଼ିଚାଲିଛି........ ■■■

Digitized by PPRACHIN, SOA

Digitized by PPRACHIN, SOA

ଆମେରିକା ଅନୁଭୂତି

Digitized by PPRACHIN, SOA

१६७

Digitized by PPRACHIN, SOA

ଆମେରିକା ଅନୁଭୂତି ସମ୍ପର୍କରେ

ବର୍ତ୍ତମାନର ଯୁକ୍ତରାଷ୍ଟ୍ର ଆମେରିକାକୁ ଜାଣିବାକୁ ହେଲେ- ଏହାର ଅତୀତର ସାମାଜିକ ଓ ରାଜନୈତିକ ପରିସ୍ଥିତି ଓ କ୍ରିୟାପ୍ରକ୍ରିୟା ବିଷୟରେ ସମ୍ୟକ୍ ଧାରଣା ହେବା ଉଚିତ । ଏହା ଉଦ୍ଦେଶ୍ୟରେ ଗତ ଚାଳିଶି ବର୍ଷ ତଳେ ଏହି ସମାଜ ଯେପରି ଭାବରେ ଗତି କରିଥିଲା, ତାର ଗୋଟିଏ ସ୍ଥୂଳ ବିବରଣୀ 'ଆମେରିକା ଡାଏରି' ବହିରେ ଦିଆଯାଇଥିଲା । ବର୍ତ୍ତମାନର ଆମେରିକା ଉପଭୋକ୍ତା ଆଧାର ଉପରେ ପରିବର୍ତ୍ତିତ ହୋଇଚାଲିଛି ।

ସେତେବେଳେ ଯେପରି ସାମାଜିକ ଓ ପାରିବାରିକ ବିଭ୍ରାଟ ଦେଖା ଦେଇଥିଲା, ତାହା ବର୍ତ୍ତମାନ ଆହୁରି କ୍ଷିପ୍ରତର ହୋଇ ଚାଲିଛି ଏବଂ ଏହାର ପ୍ରଭାବ ଭାରତର ଗୋଟିଏ ଅତିକ୍ଷୁଦ୍ର ଗୋଷ୍ଠୀ ଉପରେ ପଡୁଛି । ଭାରତର କେତେକ ଲୋକ ଆମେରିକାର ଚାଲି ଚଳଣିକୁ ଆଧୁନିକୀକରଣ ନୀତିରେ ଅନୁକରଣ କରୁଛନ୍ତି । ସେତେବେଳେ ଆମରିକାର ରେଡ଼ିଓ ଓ ଦୂରଦର୍ଶନରେ ଯେପରି ଘନ ଘନ ବିଜ୍ଞାପନ କଥା ଏଠାରେ ଉଲ୍ଲେଖ କରା ହୋଇଛି ଏବଂ ସେହି ପରିପ୍ରେକ୍ଷୀରେ ଭାରତର ରେଡ଼ିଓ ପ୍ରସାରଣ ଜଥାବସ୍ତୁକୁ ପ୍ରଶଂସା କରା ହେଉଥିଲା– ବିବିସିର କେତୋଟି ପ୍ରସାରଣରେ ବର୍ତ୍ତମାନ ସୁଦ୍ଧା ସାଂସ୍କୃତିକ ଓ ସାମାଜିକ ବିବରଣୀ ବିଜ୍ଞାପନ ଦ୍ଵାରା କବଳିତ ନ ହୋଇ ମୁକ୍ତ ରହିଛି । ଭାରତରେ କିଂତୁ ଏହି ଆମେରିକୀୟ ଉପଭୋକ୍ତା ବିଜ୍ଞାପନ ବ୍ୟାଧି ଅତି ପ୍ରବଳ ଭାବରେ ଆମର ଦୂରଦର୍ଶନ ଓ ରେଡ଼ିଓ ପ୍ରସାରଣକୁ ପ୍ରଭାବିତ କରି ଚାଲିଛି । ଲେଖକ ଆମେରିକାର ଦୂରଦର୍ଶନରେ ରୋମିଓ ଜୁଲିଏଟରେ ରସମୟ ନିବେଦନକୁ ମଝିରେ ଅଟକାଇ ସାବୁନ ତେଲ ବିଜ୍ଞାପନ ଥିବା କଥାକୁ ସାଂସ୍କୃତିକ ଅବକ୍ଷୟ ବୋଲି ସେତେବେଳେ ହୃଦୟଙ୍ଗମ କରିଥିଲେ । ବର୍ତ୍ତମାନ ଏହା ସଂପୂର୍ଣ୍ଣ ରୂପେ ଆମର ସଂସ୍କୃତିକୁ ବିକଳାଂଗ କରି ଦେଇଛି । ସନ୍ତାନହରା ମାଆର କାନ୍ଦଣା ଭିତରେ ସାବୁନ ତେଲର ବିଜ୍ଞାପନ ଖୁନ୍ଦି ଦିଆଯାଉଛି । ଘଣ୍ଟାଏ ଭିତରେ

Digitized by PPRACHIN, SOA

ସେହି କେତୋଟି ବିଜ୍ଞାପନକୁ ବାରମ୍ବାର ଦେଖିବା ଦର୍ଶକମାନଙ୍କ ପାଇଁ ତୀବ୍ର ଅରୁଚିକର ହେଲେ ମଧ୍ୟ ତାହା ପୁଞ୍ଜିପତିମାନଙ୍କର ଲାଭ ପାଇଁ ଅତ୍ୟନ୍ତ ଆବଶ୍ୟକ ସାମାଜିକ ପ୍ରସାରଣ ବୋଲି ଧରାଯାଉଛି

ସେତେବେଳେ ଯେପରି ଭିଏତନାମ ଯୁଦ୍ଧ ଘଟାଇ ଆମେରିକା ସରକାର ସେଠାରେ ଲକ୍ଷ ଲକ୍ଷ ନିରୀହ ଲୋକଙ୍କୁ ହତ୍ୟା କରୁଥିଲେ, ଗତ ଚାଳିଶି ବର୍ଷ ଭିତରେ ଇରାକ, ସୋମାଲିଆ, ଇରାନ, ବାଙ୍ଗ୍ଲାଦେଶ ପ୍ରଭୃତି ଦେଶରେ ସାମାଜିକ ବିଦ୍ରୋହର ସହଯୋଗୀ ହିସାବରେ ଆମେରିକା ସରକାର ନାରକୀୟ ହତ୍ୟାକାଣ୍ଡମାନ କରି ଚାଲିଛି । ବିଶେଷତଃ ସୋଭିଏତ ରୁଷର ପତନ ପରେ ବର୍ତ୍ତମାନ ଆମେରିକା ପୃଥିବୀରେ ବହୁ ପରମାଣୁ ବୋମାର ଅଧିକାରୀ ହୋଇ ସବୁ ଦେଶରେ ତଥାକଥିତ ଶାନ୍ତି ପ୍ରତିଷ୍ଠା ଲାଗି ନିଜର ସାମରିକ ପ୍ରଭାବ ବିସ୍ତାର କରି ଚାଲିଛି । ଏ ପ୍ରକାର ରାଜନୈତିକ ଆଧିପତ୍ୟକୁ ବୁଝିବାକୁ ହେଲେ ଗତ ଅର୍ଦ୍ଧଶତାବ୍ଦୀର ଆମେରିକୀୟ ଯୁଦ୍ଧ ବିଭାଗ ଓ ପୁଞ୍ଜିପତି ଚରିତ୍ରର ବୈଶିଷ୍ଟ୍ୟ ବିଷୟରେ ଧାରଣା ହେବା ଉଚିତ ।

ଆମ ଦେଶରେ ବର୍ତ୍ତମାନ ଘଟି ଯାଉଥିବା ବହୁ ଘଟଣା ଆମେରିକାରେ ଗତ ପଚାଶ ବର୍ଷ ଧରି ଚାଲି ଆସିଛି । ଉଦାହରଣ ସ୍ୱରୂପ ଆମର ଚଳଚିତ୍ର ଓ ଦୂରଦର୍ଶନରେ ହିଂସା, ଧର୍ଷଣ, ଷଡ଼ଯନ୍ତ୍ର, ମାଡ଼ପିଟ ପ୍ରଭୃତି ହିଂସାତ୍ମକ ଦୃଶ୍ୟ ଯେପରି ଭାବରେ ବଢ଼ି ଯାଇଛି, ତାହା ହଲିଉଡ଼ର କାଉବୟ ଛବି ଅନୁକରଣରେ ହୋଇ ଚାଲିଛି । ଆମେରିକାର ଅତୀତ ଇତିହାସ ଏପ୍ରକାର ହିଂସାତ୍ମକ ଘଟଣା ଲାଗି ପ୍ରସିଦ୍ଧ- ଅଥଚ ଆମର ଐତିହ୍ୟ ଏହାର ବିପରୀତ । ତଥାପି ପୁଞ୍ଜିପତିଙ୍କର ଲାଭଖୋର ମନୋବୃତ୍ତି ଆମକୁ ଏପରି ଗ୍ରାସି ଚାଲିଛି ଯେ ସମାଜର ପ୍ରଭୂତ କ୍ଷତି ହେଲେ ସୁଦ୍ଧା କେତେ ସିନେମା ନିର୍ମାତା ଓ ଚଳଚିତ୍ର ତାରକାମାନଙ୍କର ଲାଭ ପାଇଁ ଏସବୁ କରାଯାଉଥିବାର ଉଦାହରଣ ଆମେରିକାରୁ ଆମଦାନୀ ହୋଇଛି । ଅଥଚ ହଲିଉଡ଼ର ବିଶ୍ୱବିଖ୍ୟାତ ଚଳଚ୍ଚିତ୍ର ନିର୍ମାତାଙ୍କୁ ଅନୁକରଣ କରିବା ଆମ କ୍ଷମତାର ବାହାରେ ।

ଅନ୍ୟ ଦେଶରେ ପ୍ରଚଳିତ ଅତି ସହଜ ଓ ତଥାକଥିତ ରୋମାଞ୍ଚକର ଘଟଣାବଳୀକୁ ଆମେ ଗ୍ରହଣ କରିନେଉଛୁ । ଭିଏତନାମ ଯୁଦ୍ଧ ବିରୁଦ୍ଧରେ ଆମେରିକାର ଯୁବ ସଂପ୍ରଦାୟ ବିଦ୍ରୋହ କରି ଲମ୍ବା ବାଳ ରଖିଲେ- ପୁଅଝିଅଙ୍କ ଭିତରେ ସାମ୍ୟ ପ୍ରତିଷ୍ଠା ଲାଗି ସେମାନଙ୍କର ପୋଷାକ ବଦଳିଲା- ଅଥଚ ଆମ ଦେଶର ଗୁଣ୍ଡା ଶ୍ରେଣୀର ଯୁବକମାନେହିଁ ଲମ୍ବା ବାଳ ରଖିବାକୁ ଆରମ୍ଭ କଲେ । ସେହିପରି ଝିଅମାନଙ୍କର ଅର୍ଦ୍ଧ ଉଲଗ୍ନ ବେଶ ଓ

Digitized by PPRACHIN, SOA

ଯୌନାଙ୍ଗ ନଚାଇ ନୃତ୍ୟ ପ୍ରଦର୍ଶନ ଆମେ ସେମାନଙ୍କଠାରୁ କ୍ରମେ ଶିଖିଗଲେ । ଏହା ଭାରତ ପରି ପ୍ରାଚୀନ ସମାଜରେ କି ଭୟଙ୍କର ସମସ୍ୟା ସୃଷ୍ଟି କରୁଛି, ସେ ବିଷୟରେ ଆମେ ଚିନ୍ତିତ ଥିବା ପରି ଦେଖାଯାଉନାହିଁ ।

ସେହିପରି ଭାବରେ କାଗଜରେ କେବଳ ଚାଞ୍ଚଲ୍ୟକର ଘଟଣାର ଚିତ୍ର, ଯୌନଗତ ବ୍ୟତିକ୍ରମର ସବିସ୍ତାର ଆଲୋଚନା ପ୍ରସାରିତ ହୋଇ ଚାଲିଛି । ଆମ ଦେଶର ସୁନ୍ଦରୀମାନଙ୍କୁ କେବଳ ବିଜ୍ଞାପନର ମାଧ୍ୟମ କରି ବହୁଦେଶୀୟ କଂପାନୀମାନଙ୍କର ଜିନିଷ ବିକ୍ରୀ କରିବା ହେଉଛି କୁଆଡ଼େ ଆଧୁନିକୀକରଣ ! ଆମେରିକାର ଏସବୁ ସାମାଜିକ ଚିତ୍ର ଆମେ ଅନୁକରଣ କରି ଚାଲିଛୁ । ଅଥଚ ସେମାନଙ୍କର ମୌଳିକ ଶିକ୍ଷା ପଦ୍ଧତିକୁ ଆମେ ଅନୁକରଣ କରିପାରିଲୁ ନାହିଁ । ସେମାନଙ୍କର ସ୍ୱାଭିମାନ, କାର୍ଯ୍ୟଦକ୍ଷତା, ସାଧାରଣ ସାଧୁତା ବିଷୟରେ ଆମେ ପ୍ରାୟ ଅଜ୍ଞ ।

ଆମ ଦେଶର ଖର୍ଚ୍ଚବହୁଳ ଶିକ୍ଷାନୁଷ୍ଠାନମାନଙ୍କରୁ କୃତିତ୍ୱ ସହ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରଛାତ୍ରୀମାନେ ଆମ ଦେଶର ଉନ୍ନତିରେ ସାହାଯ୍ୟ ନ କରି ଆମେରିକା ଯାଇ ସେଦେଶରେ ଉତ୍ପାଦନଶୀଳ କାର୍ଯ୍ୟରେ ସାହାଯ୍ୟ କରନ୍ତି । ଏଥିରେ ଲଜ୍ଜିତ ନ ହୋଇ ସେମାନେ ଭାରତରେ ଆସି ନିଜକୁ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଓ ବିଜ୍ଞ ଲୋକ ବୋଲି ବାହାବା ନିଅନ୍ତି । ଆମେ ମଧ୍ୟ ଏମାନଙ୍କୁ ହିଁ ଆମର ଆଦର୍ଶ ବୋଲି ଧରିନେଉ, ଏହାର ସୂଚନା 'ଆମେରିକା ଡ଼ାଏରି'ରେ ରହିଛି । କିଂତୁ ତାହା ବର୍ତ୍ତମାନ ପରିସ୍ଥିତିରେ ଭାରତରେ କିପରି ବ୍ୟାପକ ହୋଇ ଯାଇଛି, ତାହା ଆମେ ଅଧିକରୁ ଅଧିକ ଅନୁଭବ କରିପାରିବା ।

ମୋଟାମୋଟି ଭାବରେ ଗତ ଚାଳିଶି ବର୍ଷ ଭିତରେ ଯୁକ୍ତରାଷ୍ଟ୍ର ଆମେରିକାର ସାମାଜିକ ପରିବର୍ତ୍ତନ କିପରି କେତେକ ମୌଳିକ ଚରିତ୍ର ଉପରେ ପର୍ଯ୍ୟବସିତ, ତାହାର ଧାରଣା ସହଜରେ କରିହେବ । ଏହି ଉଦ୍ଦେଶ୍ୟରେ ମୋର ଆମେରିକା ଅନୁଭୂତିକୁ ପୁଣିଥରେ ଆଲୋଚନା କରା ହୋଇଛି ।

Digitized by PPRACHIN, SOA

Digitized by PPRACHIN, SOA

ଏକ

ଶିକ୍ଷାବିତ୍‌ର ଦୃଷ୍ଟିରେ ଆମେରିକା

'ଗାଁ ପରିମଳ ଧୋବା ତୁଠରୁ ଜଣାଯାଏ ।' ଏହି ପ୍ରବଚନଟି ପଛରେ ଗୋଟିଏ ମୂଳ ସମାଜତତ୍ତ୍ୱ ରହିଛି । ଗାଁ'କୁ ପଶିଗଲା ବେଳକୁ ପ୍ରଥମେ ଧୋବା ତୁଠଟି ଦେଖାଯାଏ ଏବଂ ଏହି ସ୍ଥାନଟି ଯଦି ଖୁବ୍ ପରିଷ୍କାର ପରିଚ୍ଛନ୍ନ ଥାଏ, ତା'ହେଲେ ଗାଁ'ଟି ପରିଷ୍କାର ରହିବାର ସମ୍ଭାବନା ବେଶି । ସେହିପରି ଗୋଟିଏ ଦେଶକୁ ପ୍ରଥମ କରି ଗଲେ ଏବଂ କିଛି ସମୟ କଟାଇଲା ପରେ କେତେଗୁଡ଼ିଏ ସାମାଜିକ ଓ ସାଂସ୍କୃତିକ ବୈଶିଷ୍ଟ୍ୟ ଆଖିରେ ପଡ଼େ । ଏଗୁଡ଼ିକ ପଛରେ ମଧ୍ୟ କେତେକ ବିଶିଷ୍ଟ ସାମାଜିକ କାରଣ ରହିଥାଏ । ଅତି ସାବଧାନତାର ସହିତ ସେଗୁଡ଼ିକୁ ଲକ୍ଷ୍ୟ କଲେ, କେତେକ ସାଧାରଣ ନୀତି ମଧ୍ୟ ଦୃଷ୍ଟିଗୋଚର ହୁଏ । ଏହାର ବିଶଦ ବିବରଣୀ ଦେବା ପାଇଁ ଆହୁରି ବେଶି ଗବେଷଣା ଓ ପର୍ଯ୍ୟବେକ୍ଷଣର ଆବଶ୍ୟକତା ରହିଛି । ତଥାପି ଏ ଦେଶ ବିଷୟରେ ଗୋଟିଏ ମୋଟାମୋଟି ସ୍ଥୂଳଚିତ୍ର ମନ ଭିତରେ ଆସିଥାଏ । ନାନା ଦେଶକୁ ଯିବା ପରେ ପ୍ରତ୍ୟେକ ଦେଶ ବିଷୟରେ ଏ ପ୍ରକାର ମୋଟାମୋଟି ଚିତ୍ର ଓ ମୋର ବ୍ୟକ୍ତିଗତ ଅଭିଜ୍ଞତା ବିଷୟରେ ଲେଖିଚି ।

୧୯୫୭ ମସିହାରେ ଭାରତ ସରକାର ଶିକ୍ଷାବିତ୍‌ମାନଙ୍କର ଗୋଟିଏ ୩୦ଜଣିଆ ପ୍ରତିନିଧି ଦଳ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଚଳିତ ଉଚ୍ଚଶିକ୍ଷା ପ୍ରଣାଳୀର ଆଭିମୁଖ୍ୟ ବିଷୟରେ ଜ୍ଞାନ ଆହରଣ ପାଇଁ ପଠାଇବା ସ୍ଥିର କରିଥିଲେ । ଆମେରିକାର କଲେଜମାନଙ୍କରେ କଳା ବିଭାଗ ପିଲାଙ୍କୁ ସାଧାରଣ ବିଜ୍ଞାନ ଓ ବିଜ୍ଞାନ ଛାତ୍ରଙ୍କୁ କଳା ଓ ସମାଜ ବିଜ୍ଞାନ ବିଷୟରେ କିଛି ଶିକ୍ଷା ଦିଆଯାଏ । ଇଞ୍ଜିନିୟରିଂ ଓ ମେଡ଼ିକାଲ କଲେଜରେ ମଧ୍ୟ ବୈଷୟିକ ଶିକ୍ଷା ବ୍ୟତୀତ ଅନ୍ୟାନ୍ୟ ବିଷୟ ପାଠ୍ୟକ୍ରମର ଗୁରୁତ୍ୱ ରହିଛି । ଗୋଟିଏ ଶିକ୍ଷାର୍ଥୀକୁ ଆଧୁନିକ ଦୁନିଆର ପୂର୍ଣ୍ଣାଙ୍ଗ ବ୍ୟକ୍ତିରୂପେ ଗଢ଼ିବା ଉଦ୍ଦେଶ୍ୟରେ ଏ ପ୍ରକାର ବିଶେଷ ଶିକ୍ଷା ବ୍ୟବସ୍ଥା ସେଠାରେ ରହିଛି । ଜଣେ କେବଳ ଇଞ୍ଜିନିୟରିଂ କିମ୍ବା ଭେଷଜ ବିଦ୍ୟାରେ ପାରଙ୍ଗମ ହୋଇଗଲେ ଯଥେଷ୍ଟ ହେବ ନାହିଁ । ତାକୁ ଆଧୁନିକ ଜଟିଳ ସମାଜ ସହିତ କୃତକାର୍ଯ୍ୟତା ସହ ପ୍ରତିଯୋଜନ କରିବାକୁ ହେଲେ ସମାଜ ବିଜ୍ଞାନ, ମନୋବିଜ୍ଞାନ, ରାଜନୀତି ଓ ତଥ୍ୟ ଆହରଣ ପ୍ରଣାଳୀ ପ୍ରଭୃତି ବିଷୟରେ ମଧ୍ୟ ତାର ମୋଟାମୋଟି ଜ୍ଞାନ ଥିବା ଦରକାର ବୋଲି ଆମେରିକାର ଶିକ୍ଷାବିତ୍‌ମାନେ ଭାବନ୍ତି । ଶିକ୍ଷା ପ୍ରଣାଳୀର ଏହି ଆଭିମୁଖ୍ୟ ଭାରତୀୟ ବିଶ୍ୱବିଦ୍ୟାଳୟମାନଙ୍କରେ କିପରି ପ୍ରବର୍ତ୍ତନ କରାଯାଇ ପାରିବ, ସେ ବିଷୟରେ ଅନୁଧ୍ୟାନକରି ଭାରତ ସରକାରଙ୍କୁ ଗୋଟିଏ ବିବରଣୀ ଦେବା ପାଇଁ ଏହି ପ୍ରତିନିଧିଦଳକୁ ପଠାହୋଇଥିଲା । ସେମାନଙ୍କ ଭିତରୁ ମୁଁ ଥିଲି ଜଣେ । ୩୦ ଜଣ ଶିକ୍ଷାବିତ୍ ଦିଲ୍ଲୀରେ କିଛି ଦିନ ରହି ଆମେରିକା ଅଭିମୁଖେ ଯାତ୍ରା କରିବା କଥା । ଶେଷଦିନ ଉଡ଼ାଜାହାଜରେ ବସିଲା-ବେଳକୁ ଦେଖାଗଲା ଆମ ଭିତରୁ ତିନିଜଣ ଅଧ୍ୟାପକଙ୍କୁ ଆମେରିକା ଦୂତାବାସ ତାଙ୍କ ଦେଶ ପାଇଁ ପ୍ରବେଶପତ୍ର ନ ଦେବାରୁ

Digitized by PPRACHIN, SOA

ସେମାନେ ଆମ ସାଙ୍ଗରେ ଯାଇ ପାରିଲେ ନାହିଁ । ଏହି ତିନିଜଣଙ୍କ ଭିତରୁ ଜଣେ ଥିଲେ ଓଡ଼ିଶା ଓ ପଶ୍ଚିମ ବଙ୍ଗଳାର ପୂର୍ବତନ ଗଭର୍ଣ୍ଣର ଅଧ୍ୟାପକ ନୁରୁଲ ହୁସେନ୍ । ବୁଝିବାରେ ଜଣାଗଲା ଯେ ଏହି ତିନିଜଣଯାକ ଶିକ୍ଷାବିତ୍ ଆଲିଗଡ଼ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଏବଂ ଏମାନେ ହେଉଛନ୍ତି ବାମପନ୍ଥୀ ବୁଦ୍ଧିଜୀବୀ । ଭାରତ ସରକାର ଯାହାଙ୍କୁ ପ୍ରତିନିଧି ହିସାବରେ ଆମେରିକା ପଠାଇବା ସ୍ଥିର କଲେ ତାଙ୍କୁ ଆମେରିକା ସରକାର ଭିସା ନ ଦେବା ନିଶ୍ଚିତ ଭାବରେ ଏକ ଗୁରୁତର ରାଜନୈତିକ ଘଟଣା; କିନ୍ତୁ କାହିଁକି କେଜାଣି ଭାରତ ସରକାର ଏହାର ପ୍ରତିବାଦ କରି ନ ଥିଲେ ।

ଦିଲ୍ଲୀରୁ ଉଡ଼ାଜାହାଜରେ ସିଧା ୱାଶିଂଟନ ଗଲୁ । ମଝିରେ କେବଳ ଦୁଇ ତିନି ଯାଗାରେ ଉଡ଼ାଜାହାଜ ଅଟକି ଥିଲା । ସେତେବେଳେ ଉଡ଼ାଜାହାଜର ଗତି ଏତେ ବେଶି ନ ଥିଲା । ତେଣୁ ଏକାଦିକ୍ରମେ ୨୬ଘଣ୍ଟା ଯାଏଁ ଆମମାନଙ୍କୁ ଉଡ଼ାଜାହାଜରେ ବସିବାକୁ ପଡ଼ିଥିଲା । ଆମର ବିରାଟ ଉଡ଼ାଜାହାଜଟି ବହୁପଥ ଅତିକ୍ରମ କରି ଶେଷରେ ଆଟଲାଣ୍ଟିକ୍ ମହାସାଗର ଉପରେ ଏକାଦିକ୍ରମେ ୧୨ ଘଣ୍ଟା ଯାଏଁ ଅବିରାମ ଗତିରେ ଘୁଁ ଘୁଁ ଶବ୍ଦ କରି ଉଡ଼ି ଚାଲିଥାଏ ଆଦିକବି ବାଲ୍ମୀକିଙ୍କର କଳ୍ପନାପ୍ରସୂତ ପୁଷ୍ପକ ବିମାନ ବର୍ତ୍ତମାନ ବାସ୍ତବରେ ପରିଣତ ହୋଇଛି । ଦେବଯାନ ପୁଷ୍ପକ ବିମାନରେ କେବଳ ଦେବତାମାନେ ବସି ପାରୁଥିଲେ; କିନ୍ତୁ ଆଜିକାଲି ଯେ କୌଣସି ଲୋକ ବସି ଆକାଶମାର୍ଗରେ ଘଣ୍ଟାରେ ଆଠଶହ କିଲୋମିଟର ବେଗରେ ଗତି କରି ପାରୁଛି । ଆମର ଉଡ଼ାଜାହାଜଟି ସେହିପରି ଗତିରେ ପ୍ରାୟ ୨୦ ହଜାର ମିଟର ଉଚ୍ଚରେ ଉଡୁଥାଏ । ରାତିରେ କେତେ ଘଣ୍ଟା ଏପରି ଭାବରେ ଚାଲିଲା ପରେ ସକାଳ ହେଲା । ସୂର୍ଯ୍ୟୋଦୟ ବେଳେ ଆକାଶ ମାର୍ଗରେ ମେଘ ଉପର ଦେଇ ଗଲାବେଳେ କି ଅପୂର୍ବ ଦୃଶ୍ୟ ! ବହୁତ ତଳେ ମେଘଖଣ୍ଡମାନ ବିରାଟ ବିରାଟ ତୁଳାର ପାହାଡ଼ ପରି ଜମା ହୋଇଥାଏ, ତା' ଉପରେ ଉଡ଼ାଜାହାଜଟି ଚାଲିଥାଏ; କିନ୍ତୁ ପାଖରେ କୌଣସି ଗତିଶୀଳ ବା ସ୍ଥାଣୁ ବସ୍ତୁ ନ ଥିବାରୁ ବିମାନଟି ଏତେ ବେଗରେ ଉଡୁଥିଲେ ସୁଦ୍ଧା ଭିତରେ ବସିଥିବା ଲୋକଙ୍କୁ ଏହାର ଗତି ଆଦୌ ଜଣା ପଡୁନଥାଏ ।

ଉପରେ ସୀମାହୀନ ଗାଢ଼ ନୀଳ ଆକାଶ- ତଳେ ଅପରିମିତ ମେଘମାଳା ଧଳା ଧଳା ତୁଳା ପାହାଡ଼ ପରି ଦିଗ୍‌ବଳୟ ପର୍ଯ୍ୟନ୍ତ ଆଚ୍ଛାଦି ରହିଥାଏ । ସେ ଅଦ୍ଭୁତ ଦୃଶ୍ୟ ଭିତରେ ସୂର୍ଯ୍ୟ ହଠାତ୍ ମେଘମାଳା ଭିତରୁ ଉଙ୍କି ମାରିବାକୁ ଆରମ୍ଭ କଲା । ସାରା ମେଘମଣ୍ଡଳ ଅଦ୍ଭୁତ ଆଲୋକରେ ଉଦ୍‌ଭାସିତ ହୋଇ ଉଠିଲା । ବିଭିନ୍ନ ତୁଳାକୁଢ଼ ସବୁ ନାନାରଙ୍ଗରେ ରଞ୍ଜିତ ହୋଇ ଉଠିଲା । ଉପରେ ମେଘହୀନ ଆକାଶର ସୀମାହୀନ ନୀଳିମା ତଳେ ବିଭିନ୍ନ ରଙ୍ଗର ତୁଳା ପାହାଡ଼ର ଲହରୀ– ତା' ମଝିରେ ଆମର ପାର୍ଥିବ ବିମାନଟି । ଏ ସମସ୍ତ ଯେପରି ଦିଗ୍‌ମଣ୍ଡଳବ୍ୟାପୀ ଗୋଟିଏ ବିରାଟ ଛବି–ଉପରେ ଆକାଶ ଯେପରି ସ୍ଥିର-ତଳର ରଙ୍ଗବେରଙ୍ଗୀ ମେଘମାଳା ସେହିପରି ଅଚଞ୍ଚଳ- ମେଘ ଫାଙ୍କଦେଇ ଠାଏ ଠାଏ ନୀଳ ସମୁଦ୍ର ଦେଖାଯାଉଛି- ତା'ର ପାଣି ମଧ୍ୟ ନିସ୍ତବ୍ଧ ଓ ନିଶ୍ଚଳ । ପ୍ରଶାନ୍ତ ମହାସାଗରର ଫେନାୟିତ ଉତ୍ତାଳ ଲହରୀମାଳା ଯେପରି ହଠାତ୍ ଥମକି ପଡ଼ି ସୁନୀଳ ଆକାଶ ଆଡ଼କୁ ନିର୍ନିମେଷ ନୟନରେ ଚାହିଁ ରହିଛି । ଅସୀମ ପ୍ରକୃତିର ମୁଗ୍ଧତା ଓ ଆତ୍ମବିଭୋରତା ଭିତରେ ଯେପରି କୌଣସି ଚଞ୍ଚଳତା ନାହିଁ । ଏହି ବିରାଟ ନୈସର୍ଗିକ ପ୍ରଚ୍ଛଦପଟ ଭିତରେ ଆମର ଆପାତତଃ ଗତିହୀନ ବିମାନଟି ମଧ୍ୟ ଗୋଟିଏ ସ୍ପନ୍ଦନହୀନ କ୍ଷୁଦ୍ର ବିନ୍ଦୁ । ସେହି କ୍ଷୁଦ୍ର ବିନ୍ଦୁଟି ଭିତରେ ମୋର ନିଜର ସତ୍ତା ଅନୁଭବ କରିବା ଅସମ୍ଭବ । ବିସ୍ମୟ ଓ ବିମୋହନର ମୁଁ ଯେପରି ଗୋଟିଏ ଜମାଟବନ୍ଧା ବିନ୍ଦୁ ! ଏହି ନୈସର୍ଗିକ ବିରାଟ ସୌନ୍ଦର୍ଯ୍ୟ ଯୋଗୁହିଁ କବିମାନେ ମେଘଲୋକକୁ ଦେବତାମାନଙ୍କର ବାସସ୍ଥାନ ବୋଲି କଳ୍ପନା କରିଥିଲେ । ପିଲାଦିନେ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ ସମୟରେ ଯେଉଁ ବିଚିତ୍ର ମେଘମାଳାକୁ ବହୁ ସମୟ ଧରି ଚାହିଁ ଚାହିଁ କଳ୍ପନା କରି

Digitized by PPRACHIN, SOA

ଆସୁଥିଲି, ଆଜି ସେହି ମେଘଲୋକରେ ନିଜକୁ ଏପରି ଭାସମାନ ଅନୁଭବ କରି ଅଭୂତପୂର୍ବ ଆନନ୍ଦ ମନପ୍ରାଣକୁ ଆଲୋଡ଼ିତ କରିଥିଲା ।

କେତେବେଳେ ବିମାନଟି ବିରାଟ ବରଫାବୃତ ପ୍ରାନ୍ତର ଉପରେ ବିଶାଳ କଳା ଲଙ୍ଗଳରେ ଶିଆର କାଟିଲା ପରି ଧଳାମେଘ ପାହାଡ଼ମାଳାର ଅସୀମ ବିସ୍ତୃତି ଭିତରେ ଛୁଟିଛି ତ ହଠାତ୍ କେତେବେଳେ ମେଘ ପାହାଡ଼ ଭେଦ କରି ତୀର ପରି ହଠାତ୍ ନିଜକୁ ମୁକ୍ତ କରି ନୀଳ ଆକାଶ ଆଡ଼କୁ ମୁହାଁଉଛି । କେତେବେଳେ ଆଗପଛ, ଉପର ତଳସବୁ ସମାନ । ଗୋଟିଏ ଅନିର୍ଦ୍ଦିଷ୍ଟ ଦିଗନ୍ତବ୍ୟାପୀ ତରଳ ଆଲୋକ– ଉପରେ ମହାଶୂନ୍ୟ ତଳେ ମଧ ପ୍ରଶାନ୍ତ ମହାସାଗରର ଗଭୀର ଶୂନ୍ୟତା । ଏହି ଅନନ୍ତ ଶୂନ୍ୟତା ଭିତରେ ମନୁଷ୍ୟ- ତିଆରି ଯନ୍ତ୍ରଟି ଗୋଟିଏ ଧୂଳିକଣା ପରି ଭାସି ଭାସି ଚାଲିଛି । ତା' ଭିତରେ କେତୋଟି ନିରାଶ୍ରୟ ମନୁଷ୍ୟ । ବିମାନଟିର ସାମାନ୍ୟ ଗୋଟିଏ ପ୍ରକାର ଘର୍ଘର ଶବ୍ଦ ଛଡ଼ା ଜୀବନର ଅନ୍ୟ କୌଣସି ଚିହ୍ନ ନାହିଁ– ଯେପରି ସମଗ୍ର ମାନବ ଜାତିର ଆଗେଇ ଯିବାର ଦୃଢ଼ ଉଦ୍ୟମ ଏହି ସାମାନ୍ୟ ଶବ୍ଦ ଭିତର ଦେଇ ପ୍ରକାଶ ପାଉଛି । ଏହି ନିରାଶ୍ରୟ ମନୁଷ୍ୟ ନିଜ ବୁଦ୍ଧି ବଳରେ କିପରି ଦୁର୍ଦ୍ଧର୍ଷ ଓ ବଳୀୟାନ ହୋଇ ପାରିଛି ଭାବି ଆଶ୍ଚର୍ଯ୍ୟ ଲାଗିଲା । ମାନବ ଜାତିର ବିଜୟ ଗୌରବରେ ପ୍ରାଣ ଉଲ୍ଲସି ଉଠିଲା ।

ଯୁକ୍ତରାଷ୍ଟ୍ର ଆମେରିକାରେ ଆମେ ସମସ୍ତେ ଓ୍ୱାଶିଂଟନରେ ଏକ ସପ୍ତାହ କଟାଇ ଶିକ୍ଷା ବିଷୟରେ ବହୁତ ପ୍ରକାର ସେମିନାରରେ ଯୋଗ ଦେଲୁ । ତାପରେ ଠିକ୍ ହେଲା ସମସ୍ତେ ଗୋଟିଏ ଗୋଟିଏ ଛୋଟିଆ ଦଳରେ ଭିନ୍ନ ଭିନ୍ନ ବିଶ୍ୱ ବିଦ୍ୟାଳୟରେ ପ୍ରାୟ୬ ମାସ ଯାଏଁ ବୁଲି ଅଭିଜ୍ଞତା ହାସଲ କରିବୁ । ପ୍ରତ୍ୟେକ ଦଳ ଗୋଟିଏ ବିଶିଷ୍ଟ ବିଦ୍ୟାଳୟରେ ୬ ସପ୍ତାହ କଟାଇ ଶିକ୍ଷା କାର୍ଯ୍ୟକୁ ଖୁବ୍ ଭଲ ଭାବରେ ଅଧୟନ କଲା ପରେ, ସେମାନଙ୍କ ଇଚ୍ଛା ଅନୁସାରେ ଆଉ ପ୍ରାୟ ୫ମାସ ଆମେରିକାର ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଯାଇପାରିବେ । ଆମର ସମସ୍ତ ରହିଣି କାଳ ଥିଲା ୬ମାସ– ଶେଷ ସପ୍ତାହରେ ଆମେ ସମସ୍ତେ ଓ୍ୱାଶିଂଟନ ଫେରି ଆସିବୁ ଏବଂ ଶେଷ ରିପୋର୍ଟ ତିଆରି କରି ଭାରତ ଫେରିବୁ ।

ମୁଁ ଠିକ୍ କଲି ଯେ ମୁଁ ଏକା ଚାରିଆଡ଼େ ବୁଲିବି । ଅନ୍ୟ କାହାରି ସାଙ୍ଗରେ ଯିବାକୁ ମୁଁ ପସନ୍ଦ କଲିନାହିଁ । କାରଣ ଆମ ପ୍ରତିନିଧି ଦଳରେ ବହୁ ଅଦ୍ଭୁତ ଧରଣର ଲୋକ ଥିଲେ । ସେମାନଙ୍କୁ ସାଙ୍ଗରେ ନେଇ ବିଶ୍ୱବିଦ୍ୟାଳୟମାନଙ୍କରେ ମନଖୋଲା କଥା ସମ୍ଭବ ନଥିଲା । ସେମାନଙ୍କ ଭିତରୁ ଅଧିକାଂଶ ଆମେରିକାର କୋଠାବାଡ଼ି, ରାସ୍ତାଘାଟ ଦେଖି ଏପରି କୃତ୍ୟକୃତ୍ୟ ହୋଇ ଯାଉଥିଲେ ଯେ ସେ ଦେଶର ମାଟିକୁ ଚୁମ୍ବନ ଦେବା ଲାଗି ସେମାନେ ଯେପରି ପ୍ରସ୍ତୁତ ଥିଲେ । ମୋର ବ୍ୟକ୍ତିଗତ ସ୍ୱାଧୀନତାରେ ଏମାନେ ପ୍ରତିବନ୍ଧକ ହେବେ ଭାବି ମୁଁ ଏକା ଏକା ପାଞ୍ଚମାସ କାଳ ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବ ସମୁଦ୍ର କୂଳଠାରୁ ପଶ୍ଚିମ ଭାଗର ଶେଷସୀମା ପର୍ଯ୍ୟନ୍ତ ଯାଇଥିଲି । ମୋର ଏହି ଭ୍ରମଣ ସମୟରେ ଏମାନଙ୍କ ସମାଜକୁ ଘନିଷ୍ଠଭାବରେ ଆବିଷ୍କାର କରିବାର ସୁଯୋଗ ମିଳିଥିଲା । ମୋର ମୌଳିକ ମାନବୀୟ ତତ୍ତ୍ୱ ଥିଲା ଯେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମନୁଷ୍ୟମାନଙ୍କଠାରେ ଆଦି ମାନବୀୟ ଐକ୍ୟ ଅନ୍ୟାନ୍ୟ ପାର୍ଥକ୍ୟ ତୁଳନାରେ ବହୁତ ଆକର୍ଷଣୀୟ ତଥ୍ୟ ମୂଲ୍ୟବାନ । ଏହି ଆଭିମୁଖ୍ୟ ନେଇ ତୁମେ ପୃଥିବୀର ଯେକୌଣସି ସ୍ଥାନକୁ ଗଲେ ମଧ ଏବଂ ତୁମର ସେମାନଙ୍କର ସହିତ ଭାଷା, ସଂସ୍କୃତି ଓ ଶିକ୍ଷାଗତ ବହୁତ ପ୍ରଭେଦ ଥିଲେ ମଧ ତୁମେ ସେମାନଙ୍କ ଭିତରେ ଆନନ୍ଦରେ ଚଳିପାରିବ । ଏହି ମୌଳିକ ମାନବୀୟ ଐକ୍ୟ ଯୋଗୁଁ ପରସ୍ପରକୁ ଭଲ ପାଇପାରିବ । ଏହି ତତ୍ତ୍ୱର ପରୀକ୍ଷଣ ଉଦ୍ଦେଶ୍ୟରେ ବାହାରିଥିବା ଲୋକ ପକ୍ଷରେ ଅନ୍ୟର ଉପର ଠାଉରିଆ ଅନୁଭୂତି ବିରାଟ ପ୍ରତିବନ୍ଧକ ହେବ ଭାବି ମୁଁ ଏକା ଏକା ବାହାରିଲି ।

Digitized by PPRACHIN, SOA

ସେହି ସମୟରେ ଆମେରିକାରେ ମାକାର୍ଥିଙ୍କ ରାଜନୈତିକ ପ୍ରଭାବ ଏପରି ସାଙ୍ଘାତିକ ଥିଲା ଯେ ବାମପନ୍ଥୀ ଚିନ୍ତାଧାରା ତେଣେ ଥାଉ ତୁମେ ଯଦି ବିଶ୍ୱଶାନ୍ତି, ସାର୍ବଜନୀନ ଭ୍ରାତୃଭାବ, ମାନବୀୟ ଐକ୍ୟ ପ୍ରଭୃତି କଥା କହିବ ତେବେ ତୁମେ ତାଙ୍କ ଗୁପ୍ତ ବିଭାଗ ଲୋକଙ୍କ ସନ୍ଦେହରେ ପଡ଼ିବ । ମୁଁ କଲେଜମାନଙ୍କରେ ଶିକ୍ଷକ ଓ ପିଲାମାନଙ୍କ ସହିତ ମିଶିଥିଲି ଏବଂ ଏହି ଆନ୍ତର୍ଜାତିକ ଭ୍ରାତୃଭାବ ଆମ ଭାରତର ବେଦାନ୍ତିକ ଦର୍ଶନ 'ସର୍ବେ ଭବନ୍ତୁ ସୁଖିନଃ' ତଥା ବୁଦ୍ଧଙ୍କ କରୁଣା, ମୈତ୍ରୀ, ମହାମାନବୀୟତା, ଭାରତୀୟ ପାରିବାରିକ ସଂସ୍ଥାର ମୌଳିକ ମନସ୍ତାତ୍ତ୍ୱିକ ତୃପ୍ତି, ଭାରତୀୟ ଗଣତାନ୍ତ୍ରିକ ସଂସ୍ଥା ପ୍ରଭୃତି ବିଷୟରେ କଥାବାର୍ତ୍ତା ଓ ବକ୍ତୃତା ଆରମ୍ଭ କରି ଦେଇଥିଲି। କଲେଜ ପିଲାଏ ସାଧାରଣତଃ ଏ ପ୍ରକାର କଥା ଶୁଣିବାର ସୁଯୋଗ ପାଆନ୍ତି ନାହିଁ । ତେଣୁ ସେମାନେ ବହୁ ଆଗ୍ରହର ସହିତ ମୋ କଥା ଶୁଣନ୍ତି । ରାତି ବାରଟା-ଗୋଟାଏ ଯାଏ ସେମାନଙ୍କ ହଷ୍ଟେଲରେ, କାହାରି ଫ୍ଲାଟ୍‌ରେ ଏପରି କଥା ଜମେ । ସେମାନେ ମଧ୍ୟ କିଛି ମଦ୍ୟପାନ ପରେ ବହୁତ ଖୋଲାଖୋଲି ଭାବରେ ସେମାନଙ୍କର ସାମାଜିକ ବିଭ୍ରାଟ ତଥା ସରକାରଙ୍କର ରାଜନୈତିକ ଅସହିଷ୍ଣୁତା ଓ ସଂକୀର୍ଣ୍ଣ ମନୋଭାବ, କଳା ଗୋରା ବୈଷମ୍ୟ, ପ୍ରାଚୁର୍ଯ୍ୟ ଭିତରେ ଦାରିଦ୍ର୍ୟର ବୀଭତ୍ସତା ପ୍ରଭୃତି ବିଷୟରେ ଅନର୍ଗଳ କହିଯା'ନ୍ତି । ଆମମାନଙ୍କ ଭିତରେ ଗଭୀର ଆନ୍ତରିକତା ବଢ଼ିଉଠେ । ମୁଁ ପ୍ରତି ସଂଧ୍ୟାରେ କାହାରି ନା କାହାରି ଘରେ ରାତ୍ରି ଭୋଜନ କରେ । ଗୋଟିଏ କଲେଜରେ ମୁଁ ଏପରି ଜନପ୍ରିୟ ହୋଇଗଲି ଯେ ତାଙ୍କ କଲେଜ କାଗଜରେ ମୋର ଫଟୋ ଓ ମତାମତ ପ୍ରକାଶ ପାଇଲା । କଲେଜର ଶାସନ ମୁଖ୍ୟ 'ପ୍ରେସିଡେ଼ଣ୍ଟ' ଥରେ ମୋତେ ଥଟ୍ଟାରେ କହିଥିଲେ—'ଦେଖ, ତୁମେ ଏଠାରେ କଲେଜ ଛାତ୍ରଙ୍କ ସଭାପତି ହିସାବରେ ନିର୍ବାଚିତ ହୋଇଯାଇପାର ।'

ଏ ସଂପର୍କରେ ଦୁଇଟି ଅଦ୍ଭୁତ ଘଟଣା ଘଟିଥିଲା । ଥରେ ବହୁଦିନ ଧରି ମୋ ସହିତ ବନ୍ଧୁତା କରିଥିବା ଜଣେ ଛାତ୍ର ମୋତେ ଦେଖା କଲେ ଏବଂ କହିଲେ ଯେ ସେ ଜାପାନ୍‌ରେ କିଛି ଦିନ ଯୁଦ୍ଧ ସମୟରେ ସୈନ୍ୟବାହିନୀରେ ଥିଲେ । ତେଣୁ ବୁଦ୍ଧଙ୍କ ବିଷୟରେ ଶୁଣିବାକୁ ତାଙ୍କୁ ବହୁତ ଭଲ ଲାଗୁଥିଲା । ମୁଁ ଯେହେତୁ ବୁଦ୍ଧଙ୍କ ବିଷୟରେ କହୁଥିଲି, ମୋ ପ୍ରତି ତାଙ୍କର ଶ୍ରଦ୍ଧା ହେଲା । ତେଣୁ ସେ ଆସି ମୋତେ ସାବଧାନ କରିଦେଲେ ଯେ ମୋ ବିରୁଦ୍ଧରେ ତାଙ୍କର ରିପୋର୍ଟ କରିବା କଥା; କାରଣ ସେ ହେଉଛନ୍ତି ଜଣେ ଗୁପ୍ତ ସମ୍ବାଦ ଦାତା । କିନ୍ତୁ ତାଙ୍କୁ ମୋ କଥା ଏତେ ଭଲ ଲାଗିଥିଲା ଯେ ସେ ମୋ ବିରୁଦ୍ଧରେ ରିପୋର୍ଟ ନ କରି ମୋତେ ସାବଧାନ କରାଇ ଦେଲେ । ମୁଁ ଏ ବିଷୟରେ ବେଶିଦିନ ଏପରି ଭାବରେ ବକ୍ତୃତା କରି ଚାଲିଲେ ମୋତେ ସେ ଦେଶରୁ ବହିଷ୍କାର କରି ଦିଆଯାଇ ପାରେ । ମୁଁ ଆଶ୍ଚର୍ଯ୍ୟ ହେଲି ଏବଂ କହିଲି— ଏହି କଥା ଲାଗି ଯଦି ଯଦି ମୋତେ ତୁମ ଦେଶରୁ ବହିଷ୍କୃତ ହେବାକୁ ପଡ଼େ ମୁଁ ସେଥିରେ ବହୁତ ଖୁସି ହେବି । ମୋ ବିଷୟରେ ତୁମେ ତୁମର କର୍ତ୍ତବ୍ୟ କର । ସେ କିନ୍ତୁ ନାହିଁ କଲେ ଏବଂ ସେ ସ୍ଥାନ ଛାଡ଼ିବା ପର୍ଯ୍ୟନ୍ତ ମୋ ସହିତ ଅତି ଘନିଷ୍ଠତା ରଖିଥିଲେ । ସାର୍ବଜନୀନ ମାନବୀୟ ଐକ୍ୟ ଓ ସୌହାର୍ଦ୍ଦ୍ୟର ଗଭୀର ଆକର୍ଷଣ ଯୋଗୁ ସେ ଭଦ୍ରଲୋକ ମୋ ପାଖରେ ଆସି ଏପରି ଖୋଲାଖୋଲି ଭାବରେ କଥା କହି ପାରିଥିଲେ ।

ତାର କିଛି ଦିନ ପରେ ଭାରତୀୟ ଦୂତାବାସର ଜଣେ ପୁରୁଣା ଶିକ୍ଷା ଅଫିସର ଶ୍ରୀଯୁକ୍ତ ସୁନ୍ଦରମ୍‌ଙ୍କ ସହିତ ଗୋଟିଏ ବିଶ୍ୱବିଦ୍ୟାଳୟରେ ମୋର ଦେଖା ହୋଇଥିଲା । ସେ ମୋ ନାଁ ଶୁଣି ସାଙ୍ଗେ ସାଙ୍ଗେ ପଚାରିଥିଲେ, 'ଆପଣ ସେହି ଡକ୍ଟର ରଥ ଯେ କି ସବୁ ବିଶ୍ୱବିଦ୍ୟାଳୟରେ ପିଲାଙ୍କ ସହିତ ବହୁତ ମିଶନ୍ତି ?'

ମୁଁ ପଚାରିଥିଲି— 'ଆପଣଙ୍କୁ ମୋ ବିଷୟରେ ଏ ପ୍ରକାର ସାଧାରଣ ଖବର ଏତେ ବଡ଼ ଦେଶରେ କିପରି ମିଳିଲା ?'

Digitized by PPRACHIN, SOA

ସେ ଅବଶ୍ୟ ମୋର ଏହି ପ୍ରଶ୍ନରେ ଅପ୍ରତିଭ ହୋଇଗଲେ । କହିଲେ– 'ନାହିଁ ମୁଁ ଏମିତି ପଚାରୁଥିଲି ।'

ତା'ପରେ ସେ ମୋ ପାଖରୁ ତରତର ହୋଇ ଚାଲି ଯାଇଥିଲେ । ତା ଅର୍ଥ ଆମେରିକାର ଗୁପ୍ତ ବିଭାଗ ମୋ ବିଷୟରେ ଭାରତୀୟ ଦୂତାବାସକୁ ଖବର ଦେଉଥିଲା । ଅଥଚ ମୁଁ ରାଜନୀତି କଥା ଜାଣି ଜାଣି ଆଲୋଚନା କରୁ ନଥିଲି । ମାକ୍‌ଆର୍ଥିଙ୍କ ଅସହିଷ୍ଣୁ ରାଜନୈତିକ ଆଭିମୁଖ୍ୟ ଯୋଗୁ ସେତେବେଳେ ଆମେରିକାରେ ବିଶେଷତଃ ବୁଦ୍ଧିଜୀବୀଙ୍କ ମଧ୍ୟରେ ଗୋଟିଏ ପ୍ରକାର ଆତଙ୍କ ଖେଳି ଯାଇଥିଲା । ବହୁ ଅଧ୍ୟାପକ ଭୀତତ୍ରସ୍ତ ଅବସ୍ଥାରେ ଥିଲେ ଏବଂ ଏ କଥା ସେମାନେ ଘରେ ଖାଇଲାବେଳେ ଚୁପ୍ ଚୁପ୍ କରି କହନ୍ତି । ମୁଁ ନିଗ୍ରୋମାନଙ୍କ ବାସସ୍ଥାନ, ଚାକିରି ପ୍ରଭୃତି ବିଷୟରେ ପଚାରିଲେ ସେମାନେ ବିବ୍ରତ ହୋଇ ପଡ଼ନ୍ତି । ପରେ ନିକାଞ୍ଚନରେ ସେମାନଙ୍କ ପ୍ରତି ଘଟିଯାଉଥିବା ବହୁତ ଅତ୍ୟାଚାର କଥା କହନ୍ତି । ୧୯୭୩ରେ ମୁଁ ଯେତେବେଳେ ପୁଣିଥରେ ଆମେରିକା ଯାଇଥିଲି ସେତେବେଳକୁ ଏପରି ରାଜନୈତିକ ବାତାବରଣ ନଥିଲା । ବିଶ୍ୱବିଦ୍ୟାଳୟମାନଙ୍କରେ ବହୁତ ସ୍ୱାଧୀନତା ଦେଖାଦେଇଥିଲା । ଆମେରିକା ପରି ଗଣତାନ୍ତ୍ରିକ ସଂସ୍ଥାରେ ଯେଉଁଠି ମାନବିକ ଅଧିକାର, ସ୍ୱାଧୀନ ଚିନ୍ତା ପ୍ରଭୃତି ବିଷୟରେ ଏତେ ବେଶି ଗର୍ବ କରାଯାଉଛି, ମାକ୍‌ଆର୍ଥି ସମୟରେ ଯେ ଏପରି ଆତଙ୍କଜନକ ପରିସ୍ଥିତି ସୃଷ୍ଟି ହୋଇ ପାରିଥିଲା, ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଯାହା ହେଉ, ଆମେରିକାରେ ମୋର ଅଣଆମେରିକୀୟ ବ୍ୟବହାର ଠିକ୍ ଠିକ୍ ଭାବରେ ଆମେରିକାରୁ ଦିଲ୍ଲୀ ଦୂତାବାସକୁ ଆସି ଯାଇଥିଲା । କାରଣ ତା'ପରେ ଦୂତାବାସରୁ ଆଗରୁ ମୋ ପାଖକୁ ଆସୁଥିବା ସମସ୍ତ ପ୍ରକାର କାଗଜପତ୍ର, ବହି, କ୍ୟାଲେଣ୍ଡର ଆଉ ଆସିଲା ନାହିଁ । ଆଜି ପର୍ଯ୍ୟନ୍ତ ବନ୍ଦ ଅଛି ।

ତାପରେ ଆଉ ଗୋଟିଏ କୌତୂହଳପ୍ରଦ ଘଟଣା ଘଟିଥିଲା । ମୁଁ ରେଭେନ୍‌ସା କଲେଜ ପ୍ରିନ୍‌ସପାଲ ଡକ୍ଟର ସଦାଶିବ ମିଶ୍ରଙ୍କ ଅଫିସରେ ବସିଥାଏ । ସେଠାରେ ଦେଖାହେଲା ଆମେରିକା କଲିକତା ଦୂତାବାସ ଭାଇସ୍ କନସଲଙ୍କ ସାଙ୍ଗରେ । ଡକ୍ଟର ମିଶ୍ର ମୋତେ ଚିହ୍ନାଇ ଦେଲେ ଏବଂ କହିଲେ ଯେ ମୁଁ ଆମେରିକା ଯାଇଥିଲି ଅଳ୍ପଦିନ ତଳେ । ଭାଇସ୍ କନସଲ୍ ଏ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଗଲେ । କାରଣ ସେଦିନ ସନ୍ଧ୍ୟାରେ କଟକ ହୋଟେଲରେ ଯେତେଜଣ କଟକ, ଭୁବନେଶ୍ୱରରୁ ଆମେରିକା ଯାଇଥିଲେ ସେମାନଙ୍କ ପାଇଁ ଗୋଟିଏ ରାତ୍ରି ଭୋଜନର ବନ୍ଦୋବସ୍ତ ହୋଇଥାଏ । ସେଥିରେ ସେ ମୋ ନାଆଁ ଦେଖି ନଥିଲେ । ତେଣୁ ଖାଲି ବାରମ୍ବାର ପଚାରୁଥାନ୍ତି, ମୁଁ କେବେ ଯାଇଥିଲି, କେବେ ଫେରିଲି । ପରେ ଶୁଣିଲି ଯେ ଏ ପ୍ରକାର ଭୋଜି ବର୍ଷରେ ଥରେ ଦୁଇଥର ଆମେରିକା ଫେରନ୍ତା ଲୋକଙ୍କ ପାଇଁ କଟକରେ ହୁଏ । କିନ୍ତୁ ମୁଁ ସେଥିରୁ ବାଦ୍ ପଡ଼ିଥିଲି । ଗଣତାନ୍ତ୍ରିକ ଯୁକ୍ତରାଷ୍ଟ୍ରରେ ଏ ପ୍ରକାର ଅସହିଷ୍ଣୁତା ଓ ସଂକୀର୍ଣ୍ଣ ମନୋଭାବ ରହିଛି ଭାବି ମୋତେ କେବଳ ମଜା ଲାଗିଥିଲା । ମୁଁ ସେ ଭୋଜିରେ ଯୋଗ ଦେବା ପାଇଁ ଉପଯୁକ୍ତ ଭକ୍ତ ହୋଇପାରି ନଥିଲି ।

ବହୁ ସହର, ବହୁ ବିଶ୍ୱବିଦ୍ୟାଳୟରେ ଏକା ଏକା ବୁଲିବା ସମୟରେ ଅନେକ ପ୍ରକାରର ଅଦ୍ଭୁତ ଅଭିଜ୍ଞତା ଓ ମଧୁର ଅନୁଭୂତି ହୋଇଥିଲା । ସାନ୍‌ଫ୍ରାନ୍‌ସିସ୍କୋ ସହରର ଅନତି ଦୂରରେ ଗୋଟିଏ ଧନୀ ପରିବାରର ଅତି ସୁନ୍ଦର ଘରେ ମୋତେ ଅତିଥି ହେବାର ସୁଯୋଗ ମିଳିଥିଲା । ଘର ଚାରିଆଡ଼େ ବିରାଟ ବଗିଚା—ଫୁଲ ଫଳଭରା ଗଛ—ସନ୍ତରଣ ପୋଖରୀ, ଟେନିସ୍ ଓ ଅନ୍ୟାନ୍ୟ ଖେଳ ପାଇଁ ସୁବିଧା । ତାଙ୍କର ଦୁଇଟି ଛୋଟ ଛୋଟ ଝିଅ ମୋତେ ସବୁ ବୁଲାଇ ଦେଖାଉଥା'ନ୍ତି । ମୋତେ ଅଙ୍କଲ୍ ବୋଲି ଡାକୁଥିଲେ । ମୋ ଝିଅ ପାଖକୁ ବହୁଦିନ ଧରି ଚିଠି ଲେଖୁଥିଲେ । ଏହି

Digitized by PPRACHIN, SOA

ପରିବାରର ଲୋକ ମୋତେ ସେଠାରେ ମାସେ ରହିବା ପାଇଁ ଅନୁରୋଧ କରିଥିଲେ । କିନ୍ତୁ ମୋ କାର୍ଯ୍ୟ ନିର୍ଘଣ୍ଟ ଏପରି ଥିଲା ଯେ ତାଙ୍କ ଘରେ ଦିନେ ଦୁଇ ଦିନରୁ ବେଶି ରହିବା ସମ୍ଭବ ହୋଇ ନଥିଲା । କି ସୁନ୍ଦର ଭାବରେ ସେ ମୋତେ ନିଜର କରି ପାରିଥିଲେ !

ୟୁଶୋମିଟ୍ ପାର୍କର ଘନ ପାଇନ୍ ଜଙ୍ଗଲରେ ମୁଁ ସପ୍ତାହର ଶେଷ ଶନି ରବିବାର କଟାଇବା ପାଇଁ ଯାଇଥାଏ । ଜଙ୍ଗଲ ଭିତରେ ଝରଣା ପାଖରେ ଛୋଟ ଛୋଟ କୁଟୀର କାଠଗଣ୍ଡିରେ ତିଆରି । ସେଥିରୁ ଗୋଟିଏ କୁଟୀରରେ ମୁଁ ଥାଏ । ମୋ ଘରର ଗୋଟିଏ ପାର୍ଶ୍ୱରେ ଆକାଶଛୁଆଁ ତୀକ୍ଷ୍ଣ ପାହାଡ଼ । ଲହୁଣୀ ଗଦାକୁ ଛୁରୀରେ କାଟିଦେଲେ ଯେପରି ସିଧାସଳଖ କଟା ଅଂଶ ରହିବ, ବରଫ ଉପରେ ବରଫର ଓଜନିଆ ସ୍ରୋତ ଦୁଇକଡ଼ର ପାହାଡ଼କୁ ସେହିପରି ସିଧାସଳଖ ଭାବେ କାଟି ବୋହି ଯାଇଥିବା ଯୋଗୁ ପାହାଡ଼ର ପାଦଦେଶରୁ ଶିଖର ପର୍ଯ୍ୟନ୍ତ ସିଧାସଳଖ କଟା ହୋଇଥିଲା ପରି ଦେଖାଯାଏ ।

ସନ୍ଧ୍ୟାରେ ପାହାଡ଼ର ଶିଖର ଦେଶରେ ରହୁଥିବା ବଣଭୋଜି ଯାତ୍ରୀଦଳ ଗୋଟିଏ ବିରାଟ ନିଆଁ ହୁଳା ପାହାଡ଼ର ଶିଖର ଦେଶରୁ ସେହି ସିଧାସଳଖ ପାହାଡ଼ ଧାରରେ ଆଣି ଛାଡ଼ନ୍ତି ଏବଂ ଏହି ନିଆଁ ହୁଳାଟି ଶୂନ୍ୟ ଶୂନ୍ୟରେ ପାହାଡ଼ କଡ଼ ଦେଇ ଉଲ୍କା ପରି ତଳକୁ ଖସେ । ପାହାଡ଼ ତଳେ କାଠ କୁଟୀରରେ ଥିବା ଲୋକେ ରାତ୍ରୀ ଭୋଜନ ପରେ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଆସି ରୁଣ୍ଡ ହୁଅନ୍ତି ଏହି ନିଆଁ ହୁଳା ଦେଖିବା ପାଇଁ । ଏହା ଗୋଟିଏ ଅଭିନବ ଦୃଶ୍ୟ । ନିଆଁହୁଳା ଖସିଲା ପରେ ସମସ୍ତେ ତାଳିମାରି ଗୀତ ଗାଇବାକୁ ଲାଗିଲେ । ତା'ପରେ ଜହ୍ନପକ୍ଷ ରାତିରେ ସମସ୍ତେ ଚାରିଆଡ଼େ ବିକ୍ଷିପ୍ତ ଭାବରେ ବୁଲି ବାହାରିଲେ । କିଛି ସମୟ ପରେ ମୁଁ ଗୋଟିଏ ବଡ଼ ପଥର ଉପରେ ବସି ପ୍ରାକୃତିକ ଦୃଶ୍ୟ ଉପଭୋଗ କରୁଥାଏ । ନିଘଞ୍ଚ ପାଇନ୍ ଗଛର ଅରଣ୍ୟ ଜହ୍ନ ଆଲୁଅରେ ବଡ଼ ଅଦ୍ଭୁତ ଭାବରେ ରହସ୍ୟମୟ ଦେଖାଯାଉଥାଏ । କଳ୍ପନାର ପରୀରାଜ୍ୟ ପରି ଦେଖାଯାଉଥିବା ଏହିପରି ପରିବେଶ ଭିତରେ ହଠାତ୍ ଅନତିଦୂରରେ ଗୋଟିଏ ରମଣୀର ସଙ୍ଗୀତ ଲହରୀ ଭାସି ଆସିଲା । ମୁଁ ବସି ଶୁଣିଲି । ସଙ୍ଗୀତ ପରେ ସଙ୍ଗୀତ । ପ୍ରତ୍ୟେକ ଗୀତଟି ଅନ୍ୟଠାରୁ ଯେପରି ଆହୁରି ବେଶି ମଧୁର ଓ ବିଷାଦପୂର୍ଣ୍ଣ ଶୁଣାଯାଉଥାଏ । ସେ ମୋଠାରୁ ଅତି ଅଳ୍ପ ଦୂରରେ ବସିଥାଏ । କିନ୍ତୁ ଗଛଲତା ଯୋଗୁ ଆମେ ପରସ୍ପରକୁ ଦେଖି ପାରୁ ନଥିଲୁ । ଚାରିଆଡ଼ ଜନହୀନ । କେବଳ ଗଛ, ଜହ୍ନ ଓ ତାର ପ୍ରାଣମୂର୍ଚ୍ଛା ସଙ୍ଗୀତର କରୁଣ ରାଗିଣୀ । ପ୍ରାୟ ଘଣ୍ଟାଏ ଯାଏ ସେ ଏପରି ଗାଇ ଚାଲିଥାଏ । ମୁଁ ନୀରବ, ନିଶ୍ଚଳ ଭାବରେ ଶୁଣୁଥାଏ । ଯେତେବେଳେ ତା'ର ସଙ୍ଗୀତ ଲହରୀ ବନ୍ଦ ହୋଇଗଲା ମୁଁ ତା' ପାଖକୁ ଗଲି । ତା'ର ଗୀତକୁ ବହୁତ ତାରିଫ୍ କରି ପଚାରିଲି ଯେ ସେ ଏପରି ନିର୍ଜନ ସ୍ଥାନରେ ନିଃସଙ୍ଗ ଭାବରେ ବିଷାଦର ସଙ୍ଗୀତ କାହିଁକି ଗାଉଛି ? ସ୍ୱର୍ଗ ପରି ଏପରି ମନୋମୁଗ୍ଧକର ପାର୍କରେ ସେ ଏକୁଟିଆ କାହିଁକି ? ଆମେରିକା ପରି ଦେଶରେ ତ ଏପରି ନିଃସଙ୍ଗ ଜୀବନ ବଡ଼ ବିରଳ । ସେ ଥିଲା ଜଣେ ୨୫-୨୬ବର୍ଷୀୟା ତରୁଣୀ । ମୋ କଥା ଶୁଣି ତାକୁ ହଠାତ୍ କାନ୍ଦ ଲାଗିଲା । ଆମେ ଦୁହେଁ ମୁହାମୁହିଁ ହୋଇ କିଛି ସମୟ ଠିଆ ହେଲୁ । ତା' ପରେ ଜଙ୍ଗଲ ଭିତରେ କିଛି ସମୟ ନୀରବରେ ଚାଲିଲୁ ।

ତାପରେ ସେ ମୋତେ ପଚାରିଲା– 'ଆପଣ କଣ ଭାରତରୁ ଆସିଛନ୍ତି ?'

ମୁଁ କହିଲି ହଁ ।

ସେ ପୁଣି କହିଲା– 'ଭାରତୀୟମାନେ ବହୁତ ବିଜ୍ଞ ବୋଲି ଶୁଣିଛି । ଆପଣ ମୋତେ ଗୋଟିଏ ବିଷୟରେ ପରାମର୍ଶ ଦେଇ ପାରିବେ ?' ତା' ପରେ ସେ କହିଲା– 'ମୁଁ ଯାହାକୁ ଭଲ ପାଏ ସେ ମୋ'ଠାରୁ ଚାରିବର୍ଷ ସାନ ଓ ସେ ଟିକେ ମଦ୍ୟପ । ମୁଁ କିନ୍ତୁ ତାଙ୍କୁ ବହୁତ ଭଲ ପାଏ । ଆମ ଘରେ ତାଙ୍କ ସହିତ ମୋର ବିବାହ ଲାଗି କେହି ରାଜି ନୁହନ୍ତି । ମୁଁ ବାପା ମାଆଙ୍କୁ ଏତେ ଭଲ ପାଏ ଯେ

Digitized by PPRACHIN, SOA

ସେମାନଙ୍କ ମତ ବିରୁଦ୍ଧରେ ଯିବାକୁ ମୋର ଇଚ୍ଛା ନାହିଁ । ମୁଁ କିନ୍ତୁ ମୋ ପ୍ରେମିକଙ୍କୁ ଛାଡ଼ି ପାରୁ ନାହିଁ କି ତାଙ୍କୁ ମଧ୍ୟ ମଦ୍ୟପାନରୁ ନିବୃତ୍ତ କରାଇ ପାରୁ ନାହିଁ । ଏହି ସଂଘର୍ଷମୟ ଜୀବନରୁ ମୁଁ ଏଠାକୁ ଚାଲି ଆସିଛି । ଏଠାକାର ରେଷ୍ଟୋରାଁରେ ସାମୟିକ କାମ କରି ନିଜର ଖର୍ଚ୍ଚ ଚଳାଉଛି । ଦୁଇମାସ ପରେ ଫେରି ଏ ବିଷୟରେ ସିଦ୍ଧାନ୍ତ ନେବି । ଆପଣଙ୍କର ପରାମର୍ଶ କ'ଣ ?'

ମୁଁ କିଛି ସମୟ ଭାବି କହିଥିଲି– ''ତୁମେ ଗୋଟିଏ ବର୍ଷଯାଏ ଏହି ବିବାହ ସିଦ୍ଧାନ୍ତକୁ ଡେରି କରିଦିଅ, ତା'ପରେ ଦେଖିବ ଅନେକ କଥା ଠିକ୍ ହୋଇଯିବ । ଏତେ ବଡ଼ କଠିନ ସମସ୍ୟାର ସମାଧାନ ଏତେ ଶୀଘ୍ର କରିବା ହୁଏତ ଠିକ୍ ହେବ ନାହିଁ । ତୁମର ପ୍ରେମିକକୁ ସମୟ ଦେଇ ଦେଖ, କମ୍ ବୟସର ଯୁବକର ତୁମକୁ ନ ପାଇ ବର୍ଷକ ପରେ ସିଦ୍ଧାନ୍ତ କ'ଣ ହେଉଛି ।'

ତା'ପରେ ବୁଲି ବୁଲି ବହୁତ କଥା ହେଲା । ସାପ, ବାଘର ତ ଭୟ ନାହିଁ । ତେଣୁ ଅମଡ଼ା ଜଙ୍ଗଲରେ ନିର୍ଭୟରେ ଏଣେ ତେଣେ ବୁଲି ପାରିଲୁ । ତା' ପରେ ମଧ୍ୟ ସେ ଦୁଇ ତିନୋଟି ଗୀତ ଗାଇଲା । ଅସମ୍ଭବ ଧରଣର ମଧୁର ସ୍ୱର ତା'ର ଥିଲା । ସେ ରହସ୍ୟମୟ ପରିବେଶକୁ ଏହି ରମଣୀର ସ୍ୱର ଆହୁରି ବେଶି ରମଣୀୟ ଓ ରହସ୍ୟମୟ କରି ପକାଉଥିଲା ।

ତା' ଆରଦିନ ସକାଳ ଖାଇବାବେଳେ ଭୋଜନ ହଲର ଅନ୍ୟ ଦିଗରୁ ମୋତେ ଲକ୍ଷ୍ୟ କରି ସେହି ତରୁଣୀଟି ମୋ ଟେବୁଲ୍ ପାଖକୁ ଆସିଥିଲା ଏବଂ ମୋ ସାମନାରେ ପ୍ରଚୁର ବଛା ବଛା ଖାଦ୍ୟ ସାମଗ୍ରୀ ଆଣି ଥୋଇଦେଲା । ତା'ର ଏପରି ଅପ୍ରତ୍ୟାଶିତ ଅତିଥି ସତ୍କାରରେ ମୁଁ ଅପ୍ରତିଭ ହୋଇ ପଡ଼ିଥିଲି । ସେ କହିଲା– 'ଦୟା କରି ସବୁ ଖାଇ ଦିଅନ୍ତୁ, ରାସ୍ତାରେ ଭୋକ ହେବ ।' ମୋର ଠିକଣା ନେଲା । ମୁଁ ଖାଇବା ପରେ ସେହି ସ୍ଥାନ ଛାଡ଼ିଥିଲି । ପ୍ରାୟ ବର୍ଷକ ପରେ ତା'ଠାରୁ ଗୋଟିଏ ଛୋଟିଆ ଦୁଇଧାଡ଼ି ଚିଠି ପାଇଥିଲି 'ମୋର ବିବାହ ହେଲା, କିନ୍ତୁ ଆଉ ଜଣକ ସାଙ୍ଗରେ । ଆପଣ ସତରେ ଜଣେ ବିଜ୍ଞ ବ୍ୟକ୍ତି ।' ମାତ୍ର ଏତିକି । ତା'ପରେ ମନୁଷ୍ୟର ଜୀବନ ଯାତ୍ରାର ଦୀର୍ଘ ରାଜପଥର ବାଲୁକା ରାଶି ଭିତରେ ତା'ପରି ବହୁ ସାମୟିକ ଚିହ୍ନା ନରନାରୀଙ୍କର ପଦଚିହ୍ନ ସହିତ ତା' ସ୍ମୃତି ବିଲୀନ ହୋଇ ଯାଇଥିଲା । ଯଦିଚ ସ୍ମୃତିର ମଧୁର ଆଭାସ ଜୀବନ ସାରା ମନ ଭିତରେ ରହି ଯାଇଛି– ମାନବୀୟ ଆଦିମ ଐକ୍ୟ ଓ ସହୃଦୟତାର ସାର୍ବଜନୀନ ଅଭୁଲା ଅନୁଭୂତି ଫୁଲର ସୁଗନ୍ଧି ପରି ମନ ଆକାଶରେ ସଞ୍ଚରି ଯାଉଛି । ■■■

Digitized by PPRACHIN, SOA

ଦୁଇ

ପୃଥିବୀ ପରିକ୍ରମା

୧୯୭୩ ମସିହା ଜାନୁୟାରୀ ୨୩ ତାରିଖରେ ମୁଁ ହାୱାଇ ଦ୍ୱୀପପୁଞ୍ଜର ରାଜଧାନୀ ହନୋଲୁଲୁ ଯିବା ଉଦ୍ଦେଶ୍ୟରେ କଲିକତାରେ ଉଡ଼ାଜାହାଜ ଚଢ଼ିଲି । ହାୱାଇ ଦ୍ୱୀପପୁଞ୍ଜ ଯୁକ୍ତରାଷ୍ଟ୍ର ଆମେରିକାର ପଚାଶଟି ଷ୍ଟେଟ୍ ଭିତରୁ ଗୋଟିଏ ଷ୍ଟେଟ୍ । ପ୍ରଶାନ୍ତ ମହାସାଗର ବକ୍ଷରେ ଅବସ୍ଥିତ ରୋମାଞ୍ଚକର ହାୱାଇ ଦ୍ୱୀପପୁଞ୍ଜର ଖୁବ୍ ପ୍ରଶସ୍ତି ଆଗରୁ ଶୁଣିଛି । ବହୁତ ଉପନ୍ୟାସ ଓ ପର୍ଯ୍ୟଟକମାନଙ୍କର ଭ୍ରମଣ କାହାଣୀରେ ଏହାର ଚିତ୍ତାକର୍ଷକ ଦୃଶ୍ୟ, ଏଠାକାର ଆଦିମ ବାସିନ୍ଦାଙ୍କର ସରଳ ଓ ସରସ ଜୀବନ, ପ୍ରାଣଖୋଲା ହସଖୁସି ଭାବ ବିଷୟରେ ବହୁତ ପଢ଼ିଛି । ତେଣୁ ହନୋଲୁଲୁ ଯିବା ପାଇଁ ମୋର ଅସୀମ ଆଗ୍ରହ ହେବା ସ୍ୱାଭାବିକ ।

ହନୋଲୁଲୁରେ ଥିବା ଇଷ୍ଟୱେଷ୍ଟ ସାଂସ୍କୃତିକ କେନ୍ଦ୍ରରେ ଗୋଟିଏ ଆନ୍ତର୍ଜାତିକ ଆଲୋଚନା ସଭାରେ ଯୋଗ ଦେବା ପାଇଁ ମୁଁ ନିମନ୍ତ୍ରଣ ପାଇଥାଏ । ଏହି ସଭାରେ ବିଭିନ୍ନ ସାଂସ୍କୃତିକ ପରିବେଶରୁ ଆସିଥିବା ଲୋକଙ୍କ ଭିତରେ କିପରି ଶିକ୍ଷା ଓ ସଂସ୍କୃତିର ଆଦାନ ପ୍ରଦାନ କ୍ଷେତ୍ରରେ ଅସୁବିଧା ଉପୁଜେ, ସେ ବିଷୟରେ ଗବେଷଣାପ୍ରସୂତ ପ୍ରବନ୍ଧମାନ ଆଲୋଚିତ ହେବା କଥା । ପୃଥିବୀର ବିଭିନ୍ନ ଦେଶରୁ ୨୨ଜଣ ଗବେଷକ ନିମନ୍ତ୍ରିତ ହୋଇଥିଲେ । ସେ ଭିତରୁ ମୁଁ ଜଣେ । ମୁଁ ମଧ ଗୋଟିଏ ପ୍ରବନ୍ଧ ପଠାଇଥିଲି । ଆମର ପ୍ରାଥମିକ ସ୍କୁଲ ଶିକ୍ଷଣରେ ଆଦିବାସୀ ଓ ହରିଜନ ପିଲାଙ୍କର ବୌଦ୍ଧିକ ବିକାଶ ଓ ଶିକ୍ଷାଗତ ଅସୁବିଧା ବିଷୟରେ ମୋର ଗବେଷଣା ପ୍ରସୂତ ପ୍ରବନ୍ଧ ଏଥିପାଇଁ ପଠାଇଥିଲି ।

ହନୋଲୁଲୁରେ ମୋର ଦଶଦିନ ରହିବା କଥା । ପୃଥିବୀ ଗୋଲାର୍ଦ୍ଧର ଏକ ତୃତୀୟାଂଶରୁ କିଛି ବେଶି ଦୂରତ୍ୱ ଅତିକ୍ରମ କରି ହନୋଲୁଲୁ ଯିବା ସୁବିଧା ମିଳିଲା ପରେ ମୁଁ ଏଇ ସୁଯୋଗରେ ପୂର୍ବଦିଗ ଦେଇ ଏହି ଗୋଲ ପୃଥିବୀର ଚତୁଃପାର୍ଶ୍ୱରେ ଥରେ ସଂପୂର୍ଣ୍ଣ-ରୂପେ ପରିକ୍ରମା କରି ପୁଣି ପଶ୍ଚିମ ଦିଗବାଟେ କଲିକତାରେ ପହଞ୍ଚିବା ପାଇଁ ଗୋଟିଏ ଉଡ଼ାଜାହାଜ ଟିକେଟ୍ କିଣିଥାଏ । ହନୋଲୁଲୁ ଯିବା ବାଟରେ ହଙ୍ଗକଙ୍ଗ୍ ଓ ଟୋକିଓରେ କିଛି ଦିନ ରହିବା ପାଇଁ ସ୍ଥିର କରିଥାଏ । ଯଦିଚ ୧୯୭୨ ମସିହା ଅଗଷ୍ଟ ମାସରେ ମୁଁ ହଙ୍ଗ୍‌କଙ୍ଗରେ ଦଶଦିନ ଓ ଟୋକିଓରେ ତିନିହପ୍ତା ରହିଥିଲି, ତଥାପି ହଙ୍ଗ୍‌କଙ୍ଗ୍‌ରୁ ଅତି ଶସ୍ତାରେ ମିଳୁଥିବା କିଛି ଜାମାପଟା କିଣି ଓ ବିଭବଶାଳୀ ଜାପାନର ସର୍ବଶ୍ରେଷ୍ଠ ସହର ଟୋକିଓରେ ପୁଣି ଥରେ କେତେ ଦିନ ରହି ହନୋଲୁଲୁ ଯିବା ପାଇଁ ଠିକ୍ କରିଥାଏ । ହନୋଲୁଲୁ ପରେ ଆମେରିକାର କାଲିଫର୍ଣ୍ଣିଆ ଷ୍ଟେଟ୍‌ରେ ଥିବା ପୃଥିବୀ ବିଖ୍ୟାତ ବାର୍କଲେ ବିଶ୍ୱବିଦ୍ୟାଳୟରେ ଏକମାସ କଟାଇବା ପାଇଁ ନିମନ୍ତ୍ରଣ ମଧ ପାଇଥାଏ । ସେଠାରୁ ସିକାଗୋ ବାଟ ଦେଇ ହାରଭାର୍ଡ୍ ବିଶ୍ୱବିଦ୍ୟାଳୟରେ କିଛିଦିନ କଟାଇ ନିଉୟର୍କରେ ଦୁଇହପ୍ତା ରହିବା ପାଇଁ ମଧ ନିମନ୍ତ୍ରଣ ମିଳିଥାଏ । ତା' ପରେ ଲଣ୍ଡନରେ ବ୍ରିଟିଶ କାଉନସିଲ୍‌ର ଅତିଥି

Digitized by PPRACHIN, SOA

ହିସାବରେ ଦୁଇହପ୍ତା ରହିବା କଥା—ତାପରେ ମଧ୍ୟ-ପ୍ରାଚ୍ୟର ବେରୁଟ୍, ବାଗ୍‌ଦାଦ୍ ଓ ବେବିଲୋନ୍ ପରିଦର୍ଶନ କରି ପଶ୍ଚିମ ଦିଗରୁ ପ୍ରାୟ ଅଢ଼େଇମାସ ପରେ କଲିକତାରେ ପହଞ୍ଚିବା ପାଇଁ ଗୋଟିଏ ବିଶ୍ୱପରିକ୍ରମା ପର୍ଯ୍ୟାୟଭୁକ୍ତ ଟିକେଟ କିଣିଥିଲି ।

ବିଂଶ ଶତାବ୍ଦୀର ଅତିଦ୍ରୁତଗାମୀ ଉଡ଼ାଜାହାଜ ଯୋଗୁ ଆମର ଏହି ବିରାଟ ପୃଥିବୀଟି ଯେପରି ଗୋଟିଏ କ୍ଷୁଦ୍ରଗୋଲକରେ ପରିଣତ ହୋଇଯାଇଛି । ପୃଥିବୀ ଗୋଲ ବୋଲି ଭୂଗୋଳରେ ପଢ଼ିଥିବା ଏହି ତଥ୍ୟଟିକୁ ବାସ୍ତବରେ ହୃଦୟଙ୍ଗମ କରିବା ପାଇଁ ଏବଂ ପୃଥିବୀକୁ ପରିକ୍ରମା କରିବାର ଆନନ୍ଦ ଅନୁଭବ କରିବା ପାଇଁ ଅତ୍ୟଧିକ ଆଗ୍ରହ ଦେଖାଦେବା ସ୍ୱାଭାବିକ । ପୂର୍ବଦିଗକୁ ମୁହଁ କରି ଉଡ଼ି ଉଡ଼ି ଗଲେ ପୁଣି ଥରେ ଯେଉଁ ସ୍ଥାନରୁ ବାହାରିବ, ଠିକ୍ ସେହି ସ୍ଥାନରେ ପଶ୍ଚିମ ଦିଗ ବାଟେ ଆସି ପହଞ୍ଚିଯିବ— ଏ କଥା ଅଙ୍ଗେ ନିଭାଇବା ପାଇଁ ସୁବିଧା ପାଇବା ନିଶ୍ଚୟ ଗୋଟିଏ ରୋମାଞ୍ଚକର ଅନୁଭୂତି । ତା'ଛଡ଼ା ୧୯୫୭ରେ ଦେଖିଥିବା ଯୁକ୍ତରାଷ୍ଟ୍ର ଆମେରିକା ଦେଖିବାର ଅଭିଳାଷ ପୂର୍ଣ୍ଣ ହେବାର ସମ୍ଭାବନା ଯୋଗୁ ମନ ଆନନ୍ଦରେ ଉଲ୍ଲସିତ ହୋଇ ଉଠୁଥିଲା ।

ପୃଥିବୀ ପରିକ୍ରମାର ଏହି ବିରାଟ ରୋମାଞ୍ଚକର ପରିକଳ୍ପନାର ବୁଢ଼ିଆଣୀ ଜାଲ ମୋ ମନ ଭିତରେ ନାନାଭାବରେ ପ୍ରସାରିତ ହୋଇ ଚାଲିଥାଏ । ମୁଁ ୧୯୭୩ ମସିହା ଜାନୁୟାରୀ ୨୩ ତାରିଖରେ କଲିକତାରେ ଉଡ଼ାଜାହାଜ ଚଢ଼ିଲି ହଙ୍ଗ୍‌କଙ୍ଗ୍ ଉଦ୍ଦେଶ୍ୟରେ । ବିରାଟ ବୋଇଙ୍ଗ୍ ଉଡ଼ାଜାହାଜ— ପ୍ରାୟ ଚାରିଶହ ଲୋକ ବସିପାରିବା ଭଳି ବିରାଟକାୟ ଆକାଶଯାନକୁ ଦେଖିଲାକ୍ଷଣି ହଠାତ୍ ମନରେ ଭୟ ହେଲା ଯେ ଏତେ ବଡ଼ ଜିନିଷଟି କିପରି ଘଣ୍ଟାରେ ଆଠଶହ କିଲୋମିଟର ବେଗରେ ପ୍ରାୟ ଦଶହଜାର ମିଟର ଉଚ୍ଚରେ ଉଡ଼ିବ ? ଉଡ଼ାଜାହାଜଟିର ପ୍ରତ୍ୟେକ ଧାଡ଼ିରେ ଦଶଟି ଲେଖାଏ ସ୍ଥାନ, ଏହିପରି ତିରିଶ ଚାଳିଶ ଧାଡ଼ି ଆଗରୁ ପଛଯାଏଁ ଲମ୍ବିଛି । ସେ ଭିତରେ ଖାଇବା, ପିଇବା, ସିନେମା ଦେଖିବା ପାଇଁ ସମସ୍ତ ପ୍ରକାର ଆୟୋଜନ କରାଯାଇଛି । ଅତି ଭଲ ଧରଣର ଖାଦ୍ୟପେୟ ଯୋଗାଇ ଦିଆଯାଏ । ସେ ଭିତରେ ବସି ଆକାଶରେ ଉଡ଼ିଲାବେଳେ ଅଧିକାଂଶ ସମୟରେ ତୁମେ ଉଡୁଛ ବୋଲି ଜଣାଯାଏ ନାହିଁ । ଏହା ଏପରି ସ୍ଥିର ରହି ଉଡ଼େ ଯେ ଦେହ ହଲିବାର ସମ୍ଭାବନା ନାହିଁ । ଖାଇପିଇ ସିନେମା ଦେଖୁଁ ଦେଖୁଁ ପ୍ରାୟ ପାଞ୍ଚଘଣ୍ଟା ଭିତରେ ଉଡ଼ାଜାହାଜଟି ହଙ୍ଗ୍‌କଙ୍ଗରେ ପହଞ୍ଚିଲା । ମୁଁ ଗୋଟିଏ ଆଧୁନିକ ହୋଟେଲରେ ଯାଇ ରହିଲି । ତା' ଆରଦିନ ମୋ ପୂର୍ବପରିଚିତ ଦୋକାନକୁ ଯାଇ କିଛି ଜାମାପଟା କିଣିଲି । ଏଠାରେ ସବୁ ଜିନିଷ ଅତ୍ୟନ୍ତ ଶସ୍ତାରେ ମିଳେ । ଟାକ୍‌ସମୁକ୍ତ ଏହି ସହରଟି ପ୍ରାଚ୍ୟ ଅଞ୍ଚଳରେ ବାଣିଜ୍ୟ ପାଇଁ ପ୍ରସିଦ୍ଧ । ଆମେରିକା ଓ ଜାପାନରେ ତିଆରି ଜିନିଷ ଏଠାରେ ସେ ଦେଶ ଅପେକ୍ଷା ଶସ୍ତାରେ ମିଳେ- ତେଣୁ ଲୋକେ କେବଳ କିଣାବିକା କରିବାକୁ ହଙ୍ଗକଙ୍ଗ ଯାଆନ୍ତି । ଏଠାରେ ବହୁତ ଭାରତୀୟ ବ୍ୟବସାୟୀ ଅଛନ୍ତି— ଏମାନଙ୍କର ବହୁ ଦୋକାନ ହଙ୍ଗ୍‌କଙ୍ଗ୍ ସହରରେ ଦେଖିବାକୁ ମିଳେ ।

ତା' ଆରଦିନ ଟୋକିଓ ଅଭିମୁଖେ ଯାତ୍ରା କଲି— ଗତଥର ଟୋକିଓରେ ତିନିହପ୍ତା ଥିଲି— ତେଣୁ ଏଥର ମୋଟେ ଦୁଇଦିନ ରହିବା ପାଇଁ ସ୍ଥିର କରିଥିଲି । ଟୋକିଓ ପୃଥିବୀର ଯେ ସର୍ବବୃହତ୍ ସହର ତାହା ନୁହେଁ, ଏହା ମଧ୍ୟ ଖୁବ୍ ସୁନ୍ଦର ସହର । ସହରର ଚାକଚକ୍ୟ, ସାଜସଜ୍ଜା, ଦୋକାନ ବଜାରର ଆଲୋକସଜ୍ଜା ପୃଥିବୀର ଅନ୍ୟାନ୍ୟ ସହରଠାରୁ ମଧ୍ୟ ବଳି ପଡ଼ିବ । ଏଠାକାର ହୋଟେଲ, ସିନେମା ଓ ଅନ୍ୟାନ୍ୟ ସାଂସ୍କୃତିକ ଅନୁଷ୍ଠାନ ସବୁ ଦେଖିବାର କଥା । ଟୋକିଓ ସହରର ଜୀବନଯାପନ ବହୁତ ବ୍ୟୟବହୁଳ । ତା ସାଙ୍ଗକୁ କଳକାରଖାନାରୁ ବାହାରୁଥିବା ଧୂଆଁ ଓ ଅସଂଖ୍ୟ ଗାଡ଼ି ମଟରରୁ ଉଦ୍‌ଗାରିତ ବାଷ୍ପ ଯୋଗୁ ଏହି ସହରଟିର ବାୟୁମଣ୍ଡଳ ଅତ୍ୟନ୍ତ ଦୂଷିତ । ଏହା ଏତେ ଦୂଷିତ ଯେ ବର୍ତ୍ତମାନ ଟୋକିଓର କେତେକ ସ୍ଥାନରେ ଶୁଦ୍ଧ ବାୟୁ ମୁଣି ବିକ୍ରି ହେବା ପାଇଁ ଆୟୋଜନ ହେଲାଣି । ରାସ୍ତାରକ୍ଷକ ପୋଲିସ୍‌ମାନେ ମଝିରେ ମଝିରେ କୁଆଡ଼େ ଏପରି ଶୁଦ୍ଧ ବାୟୁମୁଣିରୁ କିଛି କିଛି ବାୟୁ

Digitized by PPRACHIN, SOA

ସେବନ ନ କଲେ ଖୁବ୍ ଶୀଘ୍ର କ୍ଳାନ୍ତ ହୋଇ ପଡ଼ନ୍ତି । ଏତେ ସୁନ୍ଦର ସହର ଭିତରେ ଅତ୍ୟଧିକ ଶିଳ୍ପ ପ୍ରସାର ଯୋଗୁ କିପରି ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୋଇପାରେ– ତାହା ଟୋକିଓ, ଲସ୍ଅଞ୍ଜେଲେସ୍, ନିୟୁୟର୍କ ପ୍ରଭୃତି ସହର ନ ଦେଖିଲେ କଳ୍ପନା କରିହେବ ନାହିଁ । ଅବଶ୍ୟ ବର୍ତ୍ତମାନ ଦିଲ୍ଲୀ, କଲିକତା, ବମ୍ବେ ସହର ଏହା ସହିତ ସମକକ୍ଷ ହେଲେଣି ।

ତଥାପି ପୃଥିବୀର ସର୍ବବୃହତ୍ ଓ ମନୋରମ ସହରଟିରେ କିଛିଦିନ କଟାଇବାର ଲୋଭ ସମ୍ବରଣ କରିହେଲା ନାହିଁ । ମୋର ପୂର୍ବ ପରିଚିତ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନା ପରେ ଦୁଇଦିନ ମଧ୍ୟରେ ବାହାରିଲି ହାୱାଇ ଦ୍ୱୀପପୁଞ୍ଜର ରାଜଧାନୀ ହନୋଲୁଲୁ ଅଭିମୁଖେ । ଜାନୁୟାରୀ ୨୭ ତାରିଖ ସଂଧ୍ୟା ଆଠଟାରେ ଟୋକିଓ ଛାଡ଼ିଲି ଏବଂ ସେହି ୨୭ ତାରିଖ ଦିନ ଦଶଟାରେ ସେଠାରୁ ପ୍ରାୟ ଦଶହଜାର କିଲୋମିଟର ପୂର୍ବରେ ଥିବା ହନୋଲୁଲୁ ସହରରେ ପହଞ୍ଚିଲି । ତା ଅର୍ଥ ପୂରା ଗୋଟିଏ ଦିନ ଆଗରୁ ଏତେ ବାଟ ଅତି୍ ..। କରି ହନୋଲୁଲୁରେ ଯାଇ ପହଞ୍ଚିଲି- ଏହା ସମ୍ଭବ ହେଲା ପୃଥିବୀର ପୂର୍ବ-ପଶ୍ଚିମ ସୀମାରେଖା ଧାର୍ଯ୍ୟ କରୁଥିବା ଆନ୍ତର୍ଜାତିକ ଦିବସ (ତାରିଖ)ରେଖା ପାର ହେବା ଯୋଗୁ ।

ହାୱାଇ ଦ୍ୱୀପପୁଞ୍ଜ ଯୁକ୍ତରାଷ୍ଟ୍ର ଆମେରିକାର ପଚାଶଟି ରାଷ୍ଟ୍ର ଭିତରୁ ଗୋଟିଏ ରାଷ୍ଟ୍ର । ପ୍ରଶାନ୍ତ ମହାସାଗର ବକ୍ଷରେ ଏହି ଦ୍ୱୀପପୁଞ୍ଜ ଅତ୍ୟନ୍ତ ମନୋହର । ଜାନୁୟାରୀ ମାସରେ ଆମ ପୁରୀର ଜଳବାୟୁଠାରୁ ସାମାନ୍ୟ ଥଣ୍ଡାକିନ୍ତୁ ସମସ୍ତେ ଖରାଦିନର ପୋଷାକ ପିନ୍ଧନ୍ତି । ହନୋଲୁଲୁ ସହରଟି ସମୁଦ୍ରକୂଳରେ ଅବସ୍ଥିତ । ଚାରିଆଡ଼େ ଧାଡ଼ି ଧାଡ଼ି ନଡ଼ିଆଗଛ ସଜା ହୋଇ ଲଗାହୋଇଛି । ନଡ଼ିଆଗଛ ସାହାଯ୍ୟରେ ସହରଟିକୁ କିପରି ସୁନ୍ଦର କରି ସଜା ଯାଇପାରେ, ତାହା ହନୋଲୁଲୁ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଆମ ଦେଶର ସମୁଦ୍ର କୂଳେ ନଡ଼ିଆଗଛର ଦେଖାନାହିଁ । ପୁରୀ ସମୁଦ୍ରକୂଳ ରାସ୍ତାରେ ନଡ଼ିଆଗଛକୁ କଅଣ ଏପରି ଭାବରେ ଲଗାଯାଇ ପାରନ୍ତା ନାହିଁ ? ଆମମାନଙ୍କର ସୌନ୍ଦର୍ଯ୍ୟବୋଧ ଓ ସାଂସ୍କୃତିକ ମନୋବୃତ୍ତି ଅଭାବରୁ ଏହା ସଂଭବ ହୋଇପାରୁ ନାହିଁ । ଏମାନଙ୍କର ଗଛପତ୍ର ଲଗାଇବାରେ ଯେତେ ଆଗ୍ରହ, ଆମ ଦେଶରେ ପ୍ରତିବର୍ଷ ବନମହୋତ୍ସବ ସତ୍ତ୍ୱେ ଏ ପ୍ରକାର ଆଗ୍ରହ ଗତ ପଚାଶବର୍ଷ ଭିତରେ ସୃଷ୍ଟି ହୋଇପାରିଲା ନାହିଁ; ଅଥଚ ପ୍ରାଚୀନ ଭାରତର ଗୋଟିଏ ପ୍ରଧାନ ଐତିହ୍ୟ ହେଲା ରାସ୍ତାକଡ଼ରେ ବୃକ୍ଷ ରୋପଣ କରିବା । ଭାରତୀୟ ଐତିହ୍ୟ ବିଷୟରେ ଅନର୍ଗଳ ବକ୍ତୃତାକାରୀମାନେ ଏ ବିଷୟରେ ଆଗ୍ରହ ଦେଖାଇବାର ଦୃଷ୍ଟାନ୍ତ ଅତ୍ୟନ୍ତ ବିରଳ ।

ବିଭବଶାଳୀ ଆମେରିକାର ଏହା ଗୋଟିଏ ସହର ହୋଇଥିବାରୁ ଅନ୍ୟାନ୍ୟ ଆମେରିକାନ ସହର ପରି ଏଠାରେ ମଧ୍ୟ ନଭଶ୍ଚୁମ୍ବୀ ପ୍ରାସାଦମାନ ଦେଖିବାକୁ ମିଳେ । ବହୁତ ସୁନ୍ଦର ସୁନ୍ଦର ହୋଟେଲ ସମୁଦ୍ର କୂଳରେ ଅବସ୍ଥିତ । ହଜାର ହଜାର ଲୋକ ସବୁଦିନ ସମୁଦ୍ରରେ ଗାଧୋଉଥାନ୍ତି କିଂବା ସମୁଦ୍ରକୂଳ ବାଲିରେ ଖରାରେ ପଡ଼ିଥାଆନ୍ତି । ପାଶ୍ଚାତ୍ୟ ଦେଶର ସାଧାରଣ ଲୋକେ ଜୀବନକୁ ଯେପରି ଭାବରେ ଉପଭୋଗ କରିପାରନ୍ତି, ତାହା ଆମ ଦେଶର ଧନୀ ଓ ଶିକ୍ଷିତ ଲୋକଙ୍କ ପକ୍ଷରେ ମଧ୍ୟ ସଂଭବ ହୁଏ ନାହିଁ । ହନୋଲୁଲୁ ସହର ଭିତରେ କେତୋଟି ସୁନ୍ଦର ଛୋଟ ଛୋଟ ପାହାଡ଼— ସବୁଜ ଗାଢ଼ ବନାନୀରେ ପାହାଡ଼ଗୁଡ଼ିକ ପରିପୂର୍ଣ୍ଣ । ହନୋଲୁଲୁର ଚାରିଆଡ଼େ ଗଛ ଓ ପାହାଡ଼—ସେ ଭିତରେ ସୁନ୍ଦର ସୁନ୍ଦର ଘର—ସହରଟି ଏପରି ମନୋରମ ଯେ ପର୍ଯ୍ୟଟକମାନେ ବହୁ ସଂଖ୍ୟାରେ ବର୍ଷସାରା ଏଠାକୁ ଆସନ୍ତି ।

ହାୱାଇ ଦ୍ୱୀପପୁଞ୍ଜର ପୁରାତନ ଅଧିବାସୀଙ୍କୁ ପଲିନେସିଆନ୍ ବୋଲି କୁହାଯାଏ । ସେମାନେ ଅଷ୍ଟ୍ରେଲିଆ, ନିଉଜିଲାଣ୍ଡ, ଦକ୍ଷିଣ-ପୂର୍ବ ଏସିଆ ଏବଂ ଚୀନରୁ ଆସି ବହୁ ପୂର୍ବେ ଏହି ଦ୍ୱୀପପୁଞ୍ଜ ଅଧିକାର କରି ରହିଥିଲେ । ଏମାନଙ୍କର ସଭ୍ୟତା ବହୁତ ପୁରୁଣା । ଏମାନେ ଏବେ ସୁଦ୍ଧା ସେଠାକାର

Digitized by PPRACHIN, SOA

ସ୍ଥାୟୀ ବାସିନ୍ଦା; କିନ୍ତୁ ଆମେରିକାନ୍‌ମାନଙ୍କ ତୁଳନାରେ ଏମାନେ ଗରିବ । ସହରରେ ଏମାନଙ୍କ ସଂଖ୍ୟା ବହୁତ କମ୍—ମଫସଲ୍ ଅଞ୍ଚଳରେ ଆଖୁ ଓ ସପୁରି ଚାଷ ଏମାନେ ବହୁତ କରନ୍ତି । ସେଠାରେ ମଧ୍ୟ ମାଲିକମାନେ ଆମେରିକାର ଧନିକଶ୍ରେଣୀର ଲୋକ । ପଲିନେସିଆନଙ୍କ ଭିତରୁ ଅଧିକାଂଶ ଶ୍ରମିକ ଶ୍ରେଣୀର ଲୋକ । ଆମେରିକାନ ଓ ପଲିନେସିଆନମାନଙ୍କ ମଧ୍ୟରେ ଅର୍ଥନୈତିକ ବୈଷମ୍ୟ ବର୍ତ୍ତମାନ ସୁଦ୍ଧା ବହୁ ପରିମାଣରେ ରହିଛି । ସେଥିପାଇଁ ମଝିରେ ମଝିରେ ସଂଘର୍ଷ ଓ ମନୋମାଳିନ୍ୟ ମଧ୍ୟ ଦେଖାଯାଏ ।

ଏହି ପଲିନେସିଆନମାନେ ବର୍ତ୍ତମାନ ସୁଦ୍ଧା ବଡ଼ ସରଳ ଜୀବନଯାପନ କରନ୍ତି । ପ୍ରକୃତିକୁ ସେମାନେ ଖୁବ୍ ଭଲ ପାଆନ୍ତି । ଏମାନଙ୍କ ମୁହଁରେ ସବୁବେଳେ ହସ ଲାଗି ରହିଥାଏ । ସ୍ତ୍ରୀ ପୁରୁଷମାନେ ସବୁବେଳେ ଫୁଲ ବ୍ୟବହାର କରନ୍ତି । ପର୍ଯ୍ୟଟକମାନଙ୍କୁ ଡଙ୍ଗାରେ ବସାଇ ବୁଲାନ୍ତି । ନାନାପ୍ରକାର ଜିନିଷ ହାତରେ ତିଆରି କରି ବିକନ୍ତି । ଏମାନେ ଗୋଟିଏ ଉତ୍କୃଷ୍ଟ ଧରଣର ସାଂସ୍କୃତିକ କେନ୍ଦ୍ର ସ୍ଥାପନ କରିଛନ୍ତି । ଏହା ଗୋଟିଏ ବିସ୍ତୃତ ଅଞ୍ଚଳରେ ପ୍ରତିଷ୍ଠିତ । ଏମାନଙ୍କର ପୁରାତନ ଯୁଗର ସମସ୍ତ ପ୍ରକାର ଜୀବନଯାପନ ପ୍ରଣାଳୀ ଏଠାରେ ସ୍ଥାୟୀ ଭାବରେ ପ୍ରଦର୍ଶିତ ହୋଇଛି । ପୂର୍ବ କାଳରେ ସେମାନେ ଯେପରି ଘରେ ରହୁଥିଲେ, ଯେଉଁ ପ୍ରକାରର ଲୁଗା ବୁଣୁଥିଲେ- ଯେଉଁ ପ୍ରକାରର ହାତତିଆରି ଜିନିଷ ତିଆରି କରୁଥିଲେ- ଯେଉଁ ପ୍ରକାର ଡଙ୍ଗାରେ ଚଢ଼ି ମାଛ ଧରୁଥିଲେ, ସେସବୁ ଠିକ୍ ସେହିପରି ପ୍ରାକୃତିକ ପରିବେଶ ଭିତରେ ରଖାହୋଇଛି । ସେ ଭିତରେ କେନାଲ୍ ତିଆରି ହୋଇଛି— ଡଙ୍ଗା ଚାଲିଛି— ଠିକ୍ ସେହିପରି ଘରେ ଲୋକେ କାମ କରୁଛନ୍ତି । ନଡ଼ିଆଗଛ ଓ ଅନ୍ୟାନ୍ୟ ଗଛ ଲଗା ହୋଇଛି । ପର୍ଯ୍ୟଟକମାନେ ଏ ଭିତରେ ଘଣ୍ଟା ଘଣ୍ଟା ଧରି ବୁଲନ୍ତି— ଫଟୋ ଉଠାନ୍ତି- ପଲିନେସିଆନ୍ ସ୍ୱେଚ୍ଛାସେବକ ଓ ସ୍ୱେଚ୍ଛାସେବିକାମାନେ ଏମାନଙ୍କୁ ହସ ହସ ମୁହଁରେ ସବୁ ବୁଲାଇ ଦେଖାନ୍ତି । ପୂରା ଗୋଟିଏ ଦିନ ଏହି କଲୋନୀ ଭିତରେ କଟାଇ ପାରିବା ଭଳି ଦର୍ଶନୀୟ ସ୍ଥାନମାନ ରହିଛି ।

ତାପରେ ସଂଧ୍ୟାରେ ପଲିନେସିଆନମାନଙ୍କର ଗୀତ ଓ ଗଣନୃତ୍ୟ ପ୍ରଦର୍ଶିତ ହୁଏ । ଏହା ଏତେ ବେଶି ମନୋମୁଗ୍ଧକର ଯେ ମୁକ୍ତାକାଶ ତଳେ ଗୋଟିଏ ବିରାଟ ଦର୍ଶକ ମଂଚ ସବୁବେଳେ ଦର୍ଶକରେ ଭରପୂର । ପ୍ରାୟ ଦଶହଜାର ଲୋକ ବସିପାରିବା ଭଳି ଦର୍ଶକ ମଞ୍ଚ ଲୋକରେ ଭର୍ତ୍ତି ହୋଇଯାଏ- ତା ଆଗରେ ଗୋଟିଏ ବିରାଟ ମୁକ୍ତାକାଶ ରଙ୍ଗମଞ୍ଚ । ତା ପଛରେ କୃତ୍ରିମ ଉପାୟରେ ଜଳପ୍ରପାତ ଅହରହ ବିରାଟ ଜଳଧାରା ସୃଷ୍ଟି କରି ଚାଲିଛି । ସେଥିରେ ଡଙ୍ଗାରେ ଚଢ଼ି କଳାକାରମାନେ ରଙ୍ଗମଞ୍ଚକୁ ଆସନ୍ତି । ମୁକ୍ତାକାଶ ତଳ ରଙ୍ଗମଞ୍ଚରେ ଏମାନେ ବହୁ ସଂଖ୍ୟାରେ ଗଣନୃତ୍ୟ ପ୍ରଦର୍ଶନ କରନ୍ତି- ସେହି ଅତୀତ ଯୁଗର ରଙ୍ଗବେରଙ୍ଗର ପୋଷାକ ପିନ୍ଧି । ଭିନ୍ନ ଭିନ୍ନ ରଙ୍ଗିନ ଆଲୋକରେ ପ୍ରତିଫଳିତ ଜଳପ୍ରପାତକୁ ପୃଷ୍ଠଭୂମିରେ ରଖି ଏମାନେ ଯେପରି ଭାବରେ ମନମତାଣିଆ ସଙ୍ଗୀତର ମୂର୍ଚ୍ଛନାରେ ନୃତ୍ୟବିଭୋର ହୋଇଯାନ୍ତି, ତାହା ଦେଖିଲେ ଦର୍ଶକ ଦେହରେ ଶିହରଣ ସୃଷ୍ଟି ହୁଏ- ଗୋଟିଏ ଅଦ୍ଭୁତ ଧରଣର କାଳ୍ପନିକ ରାଜ୍ୟ ଭିତରକୁ ଦର୍ଶକମଣ୍ଡଳୀ ଯେପରି ଭାସିଯାଆନ୍ତି । ଆଧୁନିକ ବୈଜ୍ଞାନିକ କଳାକୌଶଳ ସହିତ ସେମାନଙ୍କର ସାବଲୀଳ ନୃତ୍ୟକଳା ମିଶି ଏପରି ଏକ ଅଭୂତପୂର୍ବ ରୋମାଂଚକର ପରିବେଶ ସୃଷ୍ଟି କରେ ଯେ ଏତେ ବଡ଼ ଦର୍ଶକ ମଣ୍ଡଳୀ ବିସ୍ମୟ ବିସ୍ଫାରିତ ଚକ୍ଷୁରେ ନୀରବ ନିଶ୍ଚଳ ଭାବରେ ବସିରହି ଏହି ନୈସର୍ଗିକ ଦୃଶ୍ୟ ଉପଭୋଗ କରୁଥାଆନ୍ତି । ଆମର ପୁରାଣବର୍ଣ୍ଣିତ ସ୍ୱର୍ଗରାଜ୍ୟରେ ଅପ୍‌ସରାମାନଙ୍କ ନୃତ୍ୟ ନିଶ୍ଚୟ ଏପରି କଳ୍ପନା-ଚକ୍ଷୁରେ ସୃଷ୍ଟି ହୋଇଥିବ । ମୋର ମନେହେଲା, କେବଳ ଏହି ଗୋଟିକ ଅନୁଭୂତି ଯୋଗୁ ଯେପରି ମୋ ହାୱାଇ ଯାତ୍ରା ସମ୍ପୂର୍ଣ୍ଣ ରୂପେ ସଫଳ ହୋଇଗଲା । ସୁବିଧା ପାଇଥିଲେ ମୁଁ ବୋଧହୁଏ ବହୁଥର ଏହି ମନୋରମ ଦୃଶ୍ୟ ଦେଖିବାକୁ ଯାଇଥାଆନ୍ତି ।

Digitized by PPRACHIN, SOA

ଜୀବନର ଫେନାୟିତ ଅଗ୍ରଗାମୀ ସମୟର ସ୍ରୋତ ଭିତରେ କାଳହୀନ ଓ ଛନ୍ଦମୟ ଆଦି-ଜୀବନର ମଦିରାରେ ଆତ୍ମବିଭୋର ପଲିନେସିଆନ ଯୁବକ ଯୁବତୀଙ୍କର ସଂଗୀତ ମୂର୍ଚ୍ଛନା ଓ ସେମାନଙ୍କର ଗଣନର୍ତ୍ତନର ଚଳଚଞ୍ଚଳ ପଦଧ୍ୱନି କ୍ରମେ ଲିଭିଆସିଲା । ମୁଁ ଏହି ମନୋରମ ଦ୍ୱୀପ ଛାଡ଼ି ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆ ଷ୍ଟେଟର ରାଜଧାନୀ ସାନ୍‌ଫ୍ରାନ୍ସିସ୍କୋ ସହର ଅଭିମୁଖେ ଯାତ୍ରା ଆରମ୍ଭ କଲି । ପ୍ରଶାନ୍ତ ମହାସାଗର ଉପରେ ପ୍ରାୟ ଛଅହଜାର କିଲୋମିଟର ଆକାଶପଥ ଅତିକ୍ରମ କଲେ ସାନ୍‌ଫ୍ରାନ୍‌ସିସ୍କୋରେ ଯାଇ ପହଞ୍ଚିବାକୁ ହେବ ।

ପ୍ରଶାନ୍ତ ମହାସାଗର, ନିଃଶବ୍ଦ, ନିଃସଙ୍ଗ ତରଙ୍ଗାୟିତ ମେଘମାଳା ଭିତରେ ଉଡ଼ାଜାହାଜରେ ବସି କେବଳ ଆକାଶକୁ ଚାହିଁ ଚାହିଁ ମୁଁ ଦ୍ରୁତ ଗତିରେ ଉଡ଼ି ଚାଲିଥାଏ । ଏହି ବିଭୋରତା ଭିତରେ କେତେ ସମୟ କଟିଗଲା, ତାହା କଳନା କରିବା କଷ୍ଟ । ହଠାତ୍ ମଣିଷ ସ୍ୱର ଶୁଣାଗଲା, ''ସୌକି ବେଲ୍ଟ ବାନ୍ଧ- ଆମ ବିମାନଟି ସାନ୍‌ଫ୍ରାନ୍ସିସ୍କୋ ବିମାନ ବନ୍ଦରରେ ଅଳ୍ପ ସମୟ ପରେ ଓହ୍ଲାଇବ ।'' ଦଶ ମିନିଟ୍ ପରେ ଆମେ ଉଡ଼ାଜାହାଜରୁ ଓହ୍ଲାଇଲୁ । ମୁଁ ବିଶ୍ରାମ-କକ୍ଷକୁ ଯାଉ ଯାଉ ଦେଖିଲି ମୋର ବଡ଼ପୁଅ ଯେ କି ବାର୍କଲେ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂ ବିଭାଗର ଅପରେଶନ ରିସର୍ଚ୍ଚରେ ଡକ୍ଟରେଟ୍ କରୁଛି- ମୋ ପାଇଁ ଅପେକ୍ଷା କରିଛି । ଆମେ ଦୁହେଁ ତା ଗାଡ଼ିରେ ବସି ସାନ୍‌ଫ୍ରାନ୍ସିସ୍କୋ ସହର ପାର ହୋଇ ବାର୍କଲେ ଗଲୁ । ତା ପାଖରେ ମାସେ ରହିବାର କଥା— ବାର୍କଲେ ବିଶ୍ୱବିଦ୍ୟାଳୟରେ ମୁଁ ଏକମାସ ପାଇଁ ଅତିଥି- ଅଧ୍ୟାପକ ଭାବରେ ବକ୍ତୃତା ଦେବା ପାଇଁ ନିମନ୍ତ୍ରଣ ପାଇଥାଏ ।

ବାର୍କଲେ ସହରଟି ଅତ୍ୟନ୍ତ ସୁନ୍ଦର- ସମୁଦ୍ରକୂଳଠାରୁ ଆରମ୍ଭ କରି ଗୋଟିଏ ପାହାଡ଼ର ଶିଖର ପର୍ଯ୍ୟନ୍ତ ସହରଟି ବ୍ୟାପିରହିଛି । ପ୍ରାୟ ଦୁଇହଜାର ଫୁଟ ଉଚ୍ଚ ପାହାଡ଼ର ଶୀର୍ଷ ଦେଶରେ ଥିବା ଗୋଟିଏ ଅତି ରମଣୀୟ ଅଞ୍ଚଳରେ ମୋ ପୁଅର ବସାଘର । ସେ ଘର ଆଗରେ ଥିବା ରାସ୍ତା ଆରପାଖ ନିଘଞ୍ଚ ବୃକ୍ଷରାଜି ଭିତରେ ମେଘସବୁ ଭାସୁଥାଏ— ଘର ଛାତରେ ନରମ ସୂର୍ଯ୍ୟକିରଣ ଝଲମଲ୍ କରୁଥାଏ- ଚାରିଆଡ଼େ ଛୋଟିଆ ଛୋଟିଆ ବଗିଚାଘେରା ଘରଟିମାନ ଅତି ଲୋଭନୀୟ ଦେଖାଯାଉଥାଏ । ଏପରି ଏକ ମନୋରମ ପରିବେଶ ଭିତରେ ଗୋଟିଏ ମାସ କଟାଇବା କଥା ଭାବି ମନ ଉତ୍‌ଫୁଲ୍ଲିତ ହୋଇ ଉଠିଲା ।

ମୋ ପୁଅ ଏପରି ଗୋଟିଏ ଚିତ୍ତାକର୍ଷକ ସ୍ଥାନରେ ଘରଟିଏ ନେଇଥିବା ଯୋଗୁ ମୋ ନିଜର ଏପରି ସ୍ୱପ୍ନକୁ ସାକାର କରୁଥିବାର ଉପଲବ୍ଧି ମୋତେ ବହୁତ ଆନନ୍ଦ ଦେଇଥିଲା । ତା ମାଧ୍ୟମରେ ମୁଁ ନିଜକୁ ଯେପରି ପ୍ରକାଶ କରୁଥିଲି । ସାନ୍‌ଫ୍ରାନ୍ସିସ୍କୋରୁ ସିକାଗୋ ଗଲି, ସେଠାରେ ଏବଂ ତାପରେ ନିୟୁୟର୍କ ବିଶ୍ୱବିଦ୍ୟାଳୟରେ କିଛିଦିନ ରହି ଆଲୋଚନା ଓ ସେମିନାର ସଭାରେ ଯୋଗ ଦେଲି, ଆଉ କେତୋଟି ସ୍ଥାନ ମଧ୍ୟ ବୁଲିଲି । ତାପରେ ଲଣ୍ଡନ, ତେହେରାନ, ବାଗଦାଦ ଓ ବେରୁଟରେ କିଛିଦିନ କଟାଇ ଭାରତ ଫେରିଲି ।

■■■

Digitized by PPRACHIN, SOA

ତିନି

ମାର୍କିନ୍ ଗଣତନ୍ତ୍ରର ସାମର୍ଥ୍ୟ ଓ ଦୁର୍ବଳତା

■ କ ■

ଯୁକ୍ତରାଷ୍ଟ୍ର ଆମେରିକାର ଗଣତାନ୍ତ୍ରିକ ସଂସ୍ଥା ଯେ ଗୋଟିଏ ବଳିଷ୍ଠ ଆଦର୍ଶ ଉପରେ ପ୍ରତିଷ୍ଠିତ, ଏଥିରେ ସନ୍ଦେହ ନାହିଁ । ବ୍ୟକ୍ତିଗତ ଜୀବନର ଅନିୟନ୍ତ୍ରିତ ପରିପ୍ରକାଶରେ ଅଖଣ୍ଡ ଅଧିକାର, ମତାମତ ପ୍ରକାଶ କରିବାରେ ପ୍ରଭୂତ ସ୍ୱାଧୀନତା, ବାଧାହୀନ ଜୀବନଯାପନ କରିବାର ମାଧୁର୍ଯ୍ୟ ଏଠାକାର ଜନସାଧାରଣ ଅନେକ ପରିମାଣରେ ନିଶ୍ଚୟ ଉପଭୋଗ କରୁଛନ୍ତି । ଏପରିକି ଅନ୍ୟ ଦେଶର ଲୋକେ ସେ ଦେଶରେ ପହଞ୍ଚିଗଲା ପରେ ଅବାଧରେ ଯେକୌଣସି ହୋଟେଲରେ ରହିପାରନ୍ତି, ଯେ କୌଣସି ଲୋକ ସହିତ ବିନା ସଂକୋଚରେ କଥାବାର୍ତ୍ତା କରିପାରନ୍ତି । ପାସପୋର୍ଟ ହୋଟେଲରେ ଦେଖାଇବା ଦରକାର ନାହିଁ କି ସବୁବେଳେ ପକେଟରେ ନେଇ ବାହାରିବା ଦରକାର ନାହିଁ । ହପ୍ତାକୁ ବା ମାସକୁ ଥରେ ପୋଲିସ୍ ପାଖରେ ଯାଇ ନିଜର ପରିଚୟ ଦେବାର ଆବଶ୍ୟକତା ନାହିଁ । ବିଦେଶୀ ହୋଇ ସୁଦ୍ଧା ଆମେରିକା ସରକାରକୁ ସମାଲୋଚନା କରିପାର । ଅନେକ କ୍ଷେତ୍ରରେ ବହୁ କଟୁ ସମାଲୋଚନା କଲାବେଳେ ଶ୍ରୋତା ଛାତ୍ରମାନଙ୍କ ଦ୍ୱାରା ସମର୍ଥନସୂଚକ କରତାଳି ଧ୍ୱନି ହୋଇଥାଏ । ଉଦାହରଣ ସ୍ୱରୂପ ଲେଖକ ଆମେରିକା ସରକାରଙ୍କ ଭିଏତ୍‌ନାମ ଯୁଦ୍ଧନୀତିର ସମାଲୋଚନା ଓ ଭାରତକୁ ସପ୍ତମ ନୌବେଡ଼ା ପଠାଇବା ବିଷୟରେ ଉଲ୍ଲେଖ କଲାବେଳେ ବହୁ ସ୍ଥାନରେ ଛାତ୍ର ଓ ଅଧ୍ୟାପକମାନଙ୍କଠାରୁ କରତାଳି ଧ୍ୱନି ହୋଇଛି । ଆମେରିକା ସରକାର କିପରି ଗତପଚିଶ ବର୍ଷ ହେଲା କେବଳ ଏକଛତ୍ରପତିମାନଙ୍କୁ ଭଲପାଇ ଆସିଛି- ଭାରତ ପରି ଗଣତାନ୍ତ୍ରିକ ଦେଶକୁ ହିଂସା କରିଆସିଛି-ସେ ବିଷୟରେ କହିଲାବେଳେ ଅଧିକାଂଶ ଛାତ୍ରଛାତ୍ରୀ, ଅଧ୍ୟାପକ ଏକମତ ହୋଇଛନ୍ତି । ଆମେରିକାର ସାମାଜିକ ଦୋଷ ଦୁର୍ବଳତା ବିଷୟରେ ଆଲୋଚନା ବେଳେ ତୁମୁଳ ଯୁକ୍ତିତର୍କ ହୋଇଛି- ଶେଷରେ ନିଜର ଦୋଷ ଦୁର୍ବଳତା ବିଷୟରେ ଏମାନେ ସ୍ୱୀକାର କରିଛନ୍ତି । ଏପରି ସ୍ୱୀକାର କଲାବେଳେ ଏମାନଙ୍କଠାରେ କୌଣସି ଗ୍ଳାନି କିମ୍ବା କ୍ରୋଧ ପ୍ରକାଶ ପାଇନାହିଁ । ଆମ ଦେଶରେ କ'ଣ ଏ ପ୍ରକାର ଆଲୋଚନା ସମ୍ଭବ ? ଜଣେ ବିଦେଶୀ ଯଦି ଆମ ସାଂସ୍କୃତିକ ଓ ସାମାଜିକ ଦୋଷ-ଦୁର୍ବଳତା ଦେଖାଏ, ତା'ହେଲେ ତାର ଅବସ୍ଥା କ'ଣ ହେବ, ସହଜରେ ଅନୁମେୟ । ଆମର ଦୋଷ-ଦୁର୍ବଳତା ବହୁତ କମ୍ କି ନା ? ତେଣୁ ମିଥ୍ୟାବାଦୀକୁ ଶାସ୍ତି ଦେବାରେ ଆମେ ପଛେଇବା ନାହିଁ । ଏ ବିଷୟରେ ଜନସାଧାରଣଙ୍କୁ ଧ୍ୱଂସାତ୍ମକ ପ୍ରେରଣା ଦେବା ପାଇଁ ନେତାମାନଙ୍କର ମଧ୍ୟ ଅଭାବ ରହିବ ନାହିଁ । ଆମେରିକାରେ ଦଳେ ଲୋକ ଖ୍ରୀଷ୍ଟିୟାନ ନୀତିକୁ ମାନିବା ଲାଗି ବକ୍ତୃତା କଲାବେଳେ ଆଉ ଦଳେ ଅତି କଟୁ ଭାବରେ ସେହି ସଭାସ୍ଥାନରେ ଖ୍ରୀଷ୍ଟଧର୍ମ ବିରୁଦ୍ଧରେ ମନ୍ତବ୍ୟ ପ୍ରକାଶ କରୁଛନ୍ତି । ଦଳେ ଚାଇନା ସପକ୍ଷରେ କହୁଛନ୍ତି ତ ଆଉ ଦଳେ ନାନା ପ୍ରଶ୍ନ ପଚାରି ବକ୍ତାଙ୍କୁ ବିବ୍ରତ କରିପକାଉଛନ୍ତି, ଆଉ ଦଳେ ଗେରୁଆ ଲୁଗା ପିନ୍ଧି, ମୁଣ୍ଡ ଲଣ୍ଡା କରି,

Digitized by PPRACHIN, SOA

ପୁରୀ ପଣ୍ଡାଙ୍କ ପରି ବୁଟି ରଖି, ବେକରେ କାଠମାଳି ପିନ୍ଧି ହରେକୃଷ୍ଣ କୀର୍ତ୍ତନ କରୁଛନ୍ତି-କେତେ ଲୋକ ସେମାନଙ୍କ ପାଖରେ ଠିଆ ହୋଇ ଶୁଣୁଛନ୍ତି ।

ମୋଟାମୋଟି ଭାବରେ ଗତ କେତେ ଶହ ବର୍ଷର ଗଣତାନ୍ତ୍ରିକ ପରମ୍ପରା ଯୋଗୁ ଜନସାଧାରଣଙ୍କଠାରେ ନିଜ ନିଜ ମତ ବ୍ୟକ୍ତ କରିବାରେ କିମ୍ୱା ଅନ୍ୟର ମତାମତ ପ୍ରତି ସମ୍ମାନ ଦେଖାଇବାରେ ବଳିଷ୍ଠ ଆଦର୍ଶଗତ ଅଭ୍ୟାସ ଗଢ଼ିଉଠିଛି । ବାପ-ମା' ପାଖରେ ପୁଅଝିଅ, ଅଧ୍ୟାପକ ପାଖରେ ଛାତ୍ରଛାତ୍ରୀ, ରାଜନୀତିକ ପାଖରେ ଜନସାଧାରଣ ଅତି ମୁକ୍ତଭାବରେ ମିଶିପାରନ୍ତି– ଯୁକ୍ତି କରିପାରନ୍ତି– ବିନାଦ୍ୱିଧାରେ ଯେକୌଣସି ପ୍ରଶ୍ନ ପଚାରିପାରନ୍ତି । ମତଦ୍ୱୈଧ ଯୋଗୁ ଅତ୍ୟଧିକ ମାନସିକ ଉତ୍ତେଜନା, ବିରକ୍ତି ବା ଶତ୍ରୁତା ଗଢ଼ିଉଠେ ନାହିଁ । କାରଣ ଏ ପ୍ରକାର ମତଦ୍ୱୈଧ ପାଇଁ ସେମାନେ ଯେପରି ସବୁବେଳେ ପ୍ରସ୍ତୁତ ।

ଏହି ଗୋଟିଏ ପ୍ରଧାନ ଆଦର୍ଶଗତ କାରଣ ଯୋଗୁଁ ସେମାନେ ପୋଷାକ ପରିଧାନରେ, ବନ୍ଧୁତା ବାନ୍ଧିବାରେ, କଥାବାର୍ତ୍ତା କରିବାରେ ଏବଂ ଦୈନନ୍ଦିନ ଜୀବନଯାପନ କରିବାରେ ବହୁ ପରିମାଣରେ ଅକୃତ୍ରିମ । ସବୁ କ୍ଷେତ୍ରରେ ଅନ୍ୟର ରୁଚି, ଆଗ୍ରହ ଓ ଚାଲିଚଳଣ ସମ୍ପୂର୍ଣ୍ଣ ଅଲଗା ହେଲେ ମଧ୍ୟ ଏମାନଙ୍କର ଗଣତାନ୍ତ୍ରିକ ସହନଶୀଳତା ଯୋଗୁ ଏସବୁ ପ୍ରତି ସହାନୁଭୂତି ଥାଏ; ଅର୍ଥାତ୍ ଜନସାଧାରଣଙ୍କଠାରେ ପରସ୍ପର ପ୍ରତି ସହନଶୀଳତା ବହୁତ ବେଶି । ପରସ୍ପର ପ୍ରତି ଶ୍ରଦ୍ଧା ଓ ସମ୍ମାନ ଗଣତାନ୍ତ୍ରିକ ପରମ୍ପରାର ଗୋଟିଏ ପ୍ରଧାନ ବ୍ୟାବହାରିକ ଦିଗ । ଏ କ୍ଷେତ୍ରରେ ଆମେରିକା, ଇଂଲଣ୍ଡ ଓ ଅନ୍ୟାନ୍ୟ ୟୁରୋପୀୟ ଜାତିର ଲୋକମାନେ ମଧ୍ୟ ବହୁତ ସଚେତନ । ଭାରତ ନୂଆକରି ଗଣତାନ୍ତ୍ରିକତା ଶିଖୁଥିବାରୁ ଯେ କୌଣସି କ୍ଷେତ୍ରରେ ଅନ୍ୟର ରୁଚି ଓ ମତାମତ ପ୍ରତି ଖାତିରି ନ କରି ନିଜ ଇଚ୍ଛାମତ କାମ କରିବାରେ ପୂର୍ଣ୍ଣ ସ୍ୱାଧୀନତା ଗଣତାନ୍ତ୍ରିକ ଅଧିକାରର ଅଭିବ୍ୟକ୍ତି ବୋଲି ଅନେକ ଭାରତୀୟ ଭାବନ୍ତି । ବିବାହ-ବ୍ରତବେଳେ କିମ୍ୱା ପର୍ବପର୍ବାଣୀରେ, ଏପରିକି ପ୍ରାର୍ଥନା ସଭାରେ ମଧ୍ୟ ବିରାଟ ଚିତ୍କାର କରୁଥିବା ଡାକବାଜି ଯନ୍ତ୍ର ରାତିସାରା ଲଗାଇବାରେ ଅନ୍ୟର ଅସୁବିଧା ହୋଇପାରେ– ଏ ବିଚାର ଆମମାନଙ୍କ ଧାରଣାର ବାହାରେ । ଏ ପ୍ରକାର ବ୍ୟକ୍ତିଗତ ଔଦ୍ଧତ୍ୟରୁ ଅତି ଶିକ୍ଷିତ ବା ଅତି ଗଣ୍ୟମାନ୍ୟ ବ୍ୟକ୍ତିମାନେ ମଧ୍ୟ ମୁକ୍ତ ନୁହନ୍ତି ।

ଏ ପ୍ରକାର ବଳିଷ୍ଠ ଗଣତାନ୍ତ୍ରିକ ପରମ୍ପରା ଯୋଗୁ ହିଁ ଆମେରିକା ସରକାରଙ୍କର ଭିଏତ୍‌ନାମ୍ ଯୁଦ୍ଧନୀତି ବିରୁଦ୍ଧରେ ଏତେ ବେଶି ବିକ୍ଷୋଭ ସମ୍ଭବ ହୋଇପାରିଥିଲା । ଏଠାକାର କେତେକ ବିଖ୍ୟାତ ବୈଜ୍ଞାନିକ ଭିଏତନାମ ଯୁଦ୍ଧ ସଂକ୍ରାନ୍ତୀୟ କୌଣସି ଗବେଷଣାରେ ନିଯୁକ୍ତ ହେବେନାହିଁ ବୋଲି ପ୍ରସ୍ତାବ ଗ୍ରହଣ କରିପାରିଥିଲେ । ଜାକ୍ ଆଣ୍ଡରସନଙ୍କ ପରି ସାଂବାଦିକ ଯୁଦ୍ଧ ବିଭାଗରୁ ଏତେ ଗୁରୁତର କାଗଜପତ୍ର ଅତି ଗୁପ୍ତଭାବରେ ହସ୍ତଗତ କରି ଖବରକାଗଜମାନଙ୍କରେ ପ୍ରକାଶ କରିଥିଲେ ଏବଂ ସେଥିଯୋଗୁ ତାଙ୍କୁ ଉଚ୍ଚ ସାମାଜିକ ସମ୍ମାନ ମଧ୍ୟ ଦିଆହୋଇଥିଲା । ବର୍ତ୍ତମାନ ସେ ଅନେକ କାଗଜରେ ତାଙ୍କର ନିର୍ଭୀକ ମତାମତ ପ୍ରକାଶ କରୁଛନ୍ତି । ପ୍ରେସିଡେଣ୍ଟ ନିକ୍‌ସନ୍ ଓ ଅତି ଶକ୍ତିଶାଳୀ ମାର୍କିନ ଯୁଦ୍ଧ-ବିଭାଗ ତାଙ୍କ ଉପରେ ଯେତେ ବିରକ୍ତ ହେଲେ ସୁଦ୍ଧା ସେ ସାମାଜିକ ସମ୍ମାନ ପାଉଛନ୍ତି । ଅବଶ୍ୟ କେଉଁ ମୁହୂର୍ତ୍ତରେ ତାଙ୍କୁ କିଏ ଗୁଳି କରିଦେଇ ପାରେ, ସେ ଆଶଙ୍କା ମଧ୍ୟ ରହିଛି । ଏହି ସମାଜର ଆଉ ଗୋଟିଏ ଅଂଶରେ ବଢ଼ି ଉଠୁଥିବା କାନ୍‌ସର ଘା'ପରି କୁତ୍ସିତ ଦିଗ ମଧ୍ୟ ରହିଛି । ତାର ଆଲୋଚନା ପରେ ହେବ ।

ମୋଟାମୋଟି ଭାବରେ କହିବାକୁ ଗଲେ ଯୁକ୍ତରାଷ୍ଟ୍ର ଆମେରିକାର ଗଣତାନ୍ତ୍ରିକ ପରମ୍ପରା ଏ ଦେଶର ଲୋକଙ୍କର ସାମାଜିକ, ସାଂସ୍କୃତିକ ଓ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣକୁ ଯେ ଅତି ନିବିଡ଼ ଭାବରେ ନିୟନ୍ତ୍ରଣ କରୁଛି, ଏଥିରେ ସନ୍ଦେହ ନାହିଁ । ସାହିତ୍ୟ, କଳା, ରଙ୍ଗମଞ୍ଚ, ଅଧ୍ୟୟନ, ଅଧ୍ୟାପନା, ସାଧାରଣ କଥାବାର୍ତ୍ତା, ରୁଚି-ଅରୁଚି, ଢଙ୍ଗଢାଙ୍ଗ ଭିତରେ ଏହି ଗଣତାନ୍ତ୍ରିକ ଦିଗ୍‌ଦର୍ଶନ ଯେ ଅତି

Digitized by PPRACHIN, SOA

ପରିସ୍ଫୁଟ ଭାବରେ ଅଭିବ୍ୟକ୍ତ ହେଉଛି, ଏହା ଯେକୌଣସି ଆଗନ୍ତୁକ ଲକ୍ଷ୍ୟ କରିପାରିବେ; କିନ୍ତୁ ଗଣତାନ୍ତ୍ରିକ ଦର୍ଶନାନୁପ୍ରାଣିତ ଏହି ବିରାଟ ଜୀବନୀଶକ୍ତିର ସ୍ୱଚ୍ଛନ୍ଦ ପ୍ରବାହ ନାନା ଭାବରେ ମନ୍ଥିତ ତଥା କଳୁଷିତ ହୋଇ ପଡୁଛି । ମାର୍କିନ୍ ସମାଜରେ ସମାନ୍ତରାଳ ଭାବରେ ଚାଲୁଥିବା ଆଉ ଗୋଟିଏ ଅତି ଶକ୍ତିଶାଳୀ ସାମାଜିକ ଶକ୍ତି ଯୋଗୁଁ ଏହି ଗଣତାନ୍ତ୍ରିକ ଜୀବନୀଶକ୍ତି ରୋଗାକ୍ରାନ୍ତ ତଥା ପଥଭ୍ରଷ୍ଟ ହୋଇପଡୁଛି । ଯେଉଁ ବ୍ୟକ୍ତି-ସ୍ୱାଧୀନତା ଯୋଗୁ ବ୍ୟକ୍ତିର ଚରମ ବିକାଶ ଓ ସୁପ୍ତମାନବିକ ଶକ୍ତିର ଅପରିମିତ ଅଭିବ୍ୟକ୍ତି ସମ୍ଭବ ହୋଇପାରନ୍ତା, ତାହା ଦିଗଭ୍ରଷ୍ଟ ହୋଇପଡୁଛି । ମନୁଷ୍ୟ ସମାଜର ଐତିହାସିକ ସ୍ୱପ୍ନାୟିତ ଆଶା-ଆକାଙ୍କ୍ଷା ସାମାଜିକ ହା-ହୁତାଶାର ଦୀର୍ଘଶ୍ୱାସରେ ପରିଣତ ହୋଇପଡୁଛି । ବ୍ୟକ୍ତିଗତ ତଥା ସାମାଜିକ ଜୀବନ ବ୍ୟର୍ଥତାରେ ବିଦୀର୍ଣ୍ଣ ହୋଇଯାଉଛି ।

■ ଖ ■

ମାର୍କିନ୍ ଗଣତାନ୍ତ୍ରିକ ସଂସ୍ଥା ଯୋଗୁ ସେ ଦେଶର ସାମାଜିକ ଜୀବରେ ଗଣତାନ୍ତ୍ରିକ ଚେତନା, ବ୍ୟକ୍ତିଗତ ଜୀବନରେ ଗଣତାନ୍ତ୍ରିକ ସ୍ୱାଧୀନତା କିପରି ପ୍ରତିଫଳିତ ହେଉଛି, ସେ ବିଷୟରେ ଏ ପ୍ରବନ୍ଧର ପୂର୍ବାର୍ଦ୍ଧରେ ଆଲୋଚନା ହୋଇଛି; କିନ୍ତୁ ଏପ୍ରକାର ଗଣତାନ୍ତ୍ରିକ ସଂସ୍ଥାର ସର୍ବପ୍ରସାରୀ ବିକାଶ ପୁଂଜିପତି ଦେଶର କେତେଗୁଡ଼ିଏ ଅତି ମାରାତ୍ମକ ସାମାଜିକ ଅନୁଷ୍ଠାନ ଯୋଗୁ ସମ୍ଭବ ହୋଇପାରୁନାହିଁ । ସର୍ବସାଧାରଣଙ୍କର କଲ୍ୟାଣ ଲାଗି ସରକାରୀ କଳ ଯେପରି ଭାବରେ ପରିଚାଳିତ ହେବା କଥା, ତାହା ମୁଷ୍ଟିମେୟ କେତେକ କୋଟିପତିଙ୍କର ପ୍ରଭୂତ ପୁଞ୍ଜି, ଅପରିସୀମ ରାଜନୈତିକ କ୍ଷମତା ତଥା ସୁଦୂରପ୍ରସାରୀ ପ୍ରଭାବ ଯୋଗୁଁ ସମ୍ଭବ ହୋଇପାରୁ ନାହିଁ । ସରକାର ଏମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଥିବାରୁ ଜନସାଧାରଣଙ୍କ ସ୍ୱାର୍ଥ ସହିତ ଏମାନଙ୍କର ସ୍ୱାର୍ଥର ସଂଘର୍ଷ ହେଲାକ୍ଷଣି ଏହି କେତେକ ପୁଂଜିପତିଙ୍କର ସ୍ୱାର୍ଥରକ୍ଷା ଲାଗି ଅଧିକାଂଶ କ୍ଷେତ୍ରରେ ସରକାର କାର୍ଯ୍ୟ କରନ୍ତି ଏବଂ ଅନେକ ସମୟରେ ସରକାରଙ୍କର ଏହା କରିବା ଛଡ଼ା ଅନ୍ୟ ଉପାୟ ନ ଥାଏ; ଅର୍ଥାତ୍ ଯେତେଦିନଯାଏ ଏବଂ ଯେଉଁସବୁ କ୍ଷେତ୍ରରେ ପୁଂଜିପତିଙ୍କ ପୁଞ୍ଜିଲାଭରେ କୌଣସି ଆଞ୍ଚ ଆସେନାହିଁ, ସେତେବେଳଯାଏ ଜନସାଧାରଣଙ୍କ ମତାମତର ମୂଲ୍ୟ ଅଛି; କିନ୍ତୁ ଜନସାଧାରଣ ଯଦି ଏହି ପୁଞ୍ଜିପତିଙ୍କୁ ନିୟନ୍ତ୍ରଣ କରିବାକୁ ଚାହିଁବେ, ତା'ହେଲେ ତାହା କେବେ ସମ୍ଭବ ହେବନାହିଁ ।

ଖବରକାଗଜ ସବୁ ବଡ଼ ବଡ଼ ପୁଞ୍ଜିପତିଙ୍କ ଦ୍ୱାରା ନିୟନ୍ତ୍ରିତ । ତେଣୁ ସେମାନଙ୍କୁ ସୁହାଇଲା ଭଳି ଖବର ବେଶି ବାହାରେ । ଅବଶ୍ୟ ଗଣତାନ୍ତ୍ରିକ ପରମ୍ପରାନୁଯାୟୀ ଅନ୍ୟାନ୍ୟ ଖବର ମଧ ବାହାରେ; କିନ୍ତୁ ସେ ସବୁ ଏପରି ଭାବରେ ବିଜ୍ଞାପନଭରା ପୃଷ୍ଠାରେ ଦିଆହୋଇଥାଏ ଯେ ସାଧାରଣ ଲୋକଙ୍କ ପକ୍ଷରେ ତାକୁ ଖୋଜି ବାହାର କରିବା ସହଜ ନୁହେଁ । ତିରିଶ ଚାଳିଶ ପୃଷ୍ଠାର ଖବରକାଗଜ ବିଜ୍ଞାପନରେ ଭରପୂର । ଗୋଟିଏ ପୂରା ପୃଷ୍ଠାରେ ଗୋଟିଏ ସ୍ତମ୍ଭରୁ କମ୍ ଖବର ହୁଏତ ଥାଏ- ଆଉ ସବୁ ବିଜ୍ଞାପନ । ସାଧାରଣ ଲୋକଙ୍କର ଏସବୁ ପୃଷ୍ଠା ଲେଉଟାଇ ଲେଉଟାଇ ସେହି ଟିକକ ଖବର ପଢ଼ିବା ପାଇଁ ଧୈର୍ଯ୍ୟ ଓ ସମୟ ନଥାଏ । ଏସବୁ କାଗଜରେ ଆନ୍ତର୍ଜାତିକ ଖବର ମଧ ବହୁତ କମ୍ । ବିଶେଷତଃ ଭାରତ ପରି ଦେଶ ବିଷୟରେ କିଛି ଖବର ନଥାଏ । 'ନ୍ୟୁୟର୍କ ଟାଇମ୍ସ'ରେ ମଝିରେ ମଝିରେ ଭାରତ ବିଷୟରେ କିଛି ଖବର ବାହାରେ; କିନ୍ତୁ ଏହି କାଗଜକୁ ସର୍ବସାଧାରଣଙ୍କ ଭିତରୁ ବହୁତ କମ୍ ଲୋକ ପଢ଼ନ୍ତି । ଆମ ଦେଶର ଛୋଟ ଛୋଟ କାଗଜରେ ଆନ୍ତର୍ଜାତିକ ଖବର ଯେତେ ବାହାରେ, ତା ତୁଳନାରେ ଆମେରିକାର ଅତି ପୃଥୁଳକାୟ ଖବରକାଗଜମାନଙ୍କରେ ଏ ପ୍ରକାର ଖବର ବହୁତ କମ୍ । ଅର୍ଥାତ୍ ଖବରକାଗଜର ଅଧିକାରୀ ପୁଞ୍ଜିପତିମାନେ ଯେ ପ୍ରକାର ଖବର ଦେବାକୁ ଚାହାନ୍ତି, ଯେପରି ଭାବରେ ଲୋକଙ୍କୁ ଅଜ୍ଞ କରି

Digitized by PPRACHIN, SOA

ରଖିବାକୁ ଚାହାନ୍ତି, ତାହା ଏ ଦେଶରେ ଅତିମାତ୍ରାରେ ସମ୍ଭବ । ଫଳରେ ଲୋକମାନଙ୍କର ଦେଶବିଦେଶ ବିଷୟରେ ସଠିକ୍ ଖବର ଜାଣିବାର ଯେଉଁ ଗଣତାନ୍ତ୍ରିକ ସ୍ୱାଧୀନତା ରହିଛି, ତାହା ବାଧାପ୍ରାପ୍ତ ହୁଏ । ଅବଶ୍ୟ ଅନେକ କାଗଜରେ ସରକାରଙ୍କ ନୀତି ବିରୁଦ୍ଧରେ ବିଶେଷତଃ ଭିଏତନାମ ଯୁଦ୍ଧ ବିରୁଦ୍ଧରେ ଯେପରି ଖବର ସବୁ ପ୍ରକାଶିତ ହୁଏ, ତାହା ଯେ କୌଣସି ଦେଶ ପକ୍ଷରେ ନିଶ୍ଚୟ ଗର୍ବ ଓ ଗୌରବର କଥା ।

ଖବରକାଗଜ ପରି ରେଡ଼ିଓ ଓ ଟେଲିଭିଜନ ମଧ୍ୟ ବହୁତ ବେଶି ପୁଞ୍ଜିପତିଙ୍କର ଲାଭଖୋର ମନୋବୃତ୍ତି ଦ୍ୱାରା ପ୍ରଭାବିତ । ଦଶ ପନ୍ଦର ମିନିଟ୍ ଧରି ଦେଶ ବିଦେଶ ଖବର ଧାରାବାହିକ ଭାବରେ ଶୁଣିବାର ଉପାୟ ନାହିଁ । ଅଳ୍ପ ସମୟ ଖବର ଦେଲା ପରେ ରେଡ଼ିଓ ଓ ଟେଲିଭିଜନରେ ଦୁଇ ତିନୋଟି ବିଜ୍ଞାପନ ଘୋଷଣା କରାଯାଏ– ତା'ପରେ ପୁଣି କିଛି ସମୟ ଖବର–ତା'ପରେ ପୁଣି ସେହି ବିଜ୍ଞାପନ । ଯେ କୌଣସି ବିଖ୍ୟାତ ଡ୍ରାମା ବା ବାଲେ ନାଚ ମୂଳରୁ ଶେଷଯାଏ ଟେଲିଭିଜନରେ ଦେଖିବାର ଉପାୟ ନାହିଁ । ବହୁଥର ମଝିରେ କଟିଯିବ, ତା ଭିତରେ ସାବୁନ କିମ୍ବା ପୋଷାକ ବା ଅନ୍ୟାନ୍ୟ ଜିନିଷ ବିଷୟରେ ବିଜ୍ଞାପନ ଦେଖିବାକୁ ମିଳିବ । ଆମ ଦେଶରେ ରେଡ଼ିଓ କିମ୍ବା ଲଣ୍ଡନର ବି.ବି.ସି.ରୁ ଯେପରି ଗୋଟିଏ ଆଲୋଚନା ଧାରାବାହିକ ଭାବରେ ପନ୍ଦର କୋଡ଼ିଏ ମିନିଟ୍ ଯାଏ ଶୁଣିହେବ, ତାହା ଆମେରିକାରେ ହୋଇପାରିବ ନାହିଁ । ତା ଅର୍ଥ ଲୋକଶିକ୍ଷା ବା ସାଂସ୍କୃତିକ କାର୍ଯ୍ୟକ୍ରମ ଅପେକ୍ଷା ପୁଞ୍ଜିପତିଙ୍କ ଦ୍ୱାରା ପରିଚାଳିତ ବ୍ୟବସାୟଗତ ବିଜ୍ଞାପନ ମୂଲ୍ୟ ବେଶି । ସକାଳୁ ସନ୍ଧ୍ୟାଯାଏ- ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଲୋକେ କ'ଣ ଖାଇବେ, କି ଗାଡ଼ି କିଣିବେ, କି ପ୍ରକାର ଘର କିଣିବା ଉଚିତ, କେଉଁ ସାମାଜିକ ସ୍ତରର ଲୋକେ କ'ଣ କରିବା ଉଚିତ– ସେ ବିଷୟରେ ଅନବରତ ପୁଞ୍ଜିପତିମାନେ ଲୋକଙ୍କୁ କହିବାରେ ଲାଗିଛନ୍ତି । କେତେକ ବୈଜ୍ଞାନିକଙ୍କ ମତରେ ଏପ୍ରକାର ଧାରାବାହିକ ଓ ଦ୍ୱନ୍ଦ୍ୱାତ୍ମକ ପ୍ରଚାର ଫଳରେ ଲୋକଙ୍କ ମନରେ ବହୁପ୍ରକାର ମାନସିକ ବିଭ୍ରାଟ ଦେଖାଦେଉଛି । ଲୋକଙ୍କର ସ୍ୱାଧୀନ ଚିନ୍ତାବିକାଶରେ ବହୁତ ବାଧା ସୃଷ୍ଟି ହେଉଛି– ଲୋକେ ଏ ପ୍ରକାର ଦ୍ୱନ୍ଦ୍ୱାତ୍ମକ ପ୍ରଚାର ଫଳରେ ପ୍ରତ୍ୟେକ ବିଷୟରେ ନିଜକୁ ଅସହାୟ ମନେ କରୁଛନ୍ତି । ଭାରତରେ ଜାଗତୀ କରଣ ପ୍ରକ୍ରିୟା ଯୋଗୁ ବିଜ୍ଞାପନର ବହୁଳ ପ୍ରସାର ଆମ ଟେଲିଭିଜନରେ ମଧ୍ୟ ବଢ଼ି ବଢ଼ି ଚାଲିଛି ।

ମାର୍କିନ୍ ଗଣତନ୍ତ୍ରର ଗୋଟେ ପ୍ରଧାନ ଦିଗ୍‌ଦର୍ଶନ ହେଲା ଲୋକଙ୍କର ଯେକୌଣସି କ୍ଷେତ୍ରରେ ପୁଞ୍ଜି ଖଟାଇବାରେ ଅନିୟନ୍ତ୍ରିତ ସ୍ୱାଧୀନତା । ଏହା ଏପରି ଚରମ ସୀମାରେ ପହଞ୍ଚିଲାଣି ଯେ ବର୍ତ୍ତମାନ ଏହି କାରଣ ଯୋଗୁଁ ଏଠାରେ ବହୁ ସାମାଜିକ ବିଭ୍ରାଟ ଦେଖାଦେଲାଣି । ବହୁ ପୁଞ୍ଜିପତି ବର୍ତ୍ତମାନ ଅସାମାଜିକ ଯୌନ-ଚିତ୍ର ଉତ୍ପାଦନ କରୁଛନ୍ତି । ସହରମାନଙ୍କରେ ଏ ପ୍ରକାର ଯୌନଚିତ୍ର ଏତେ ବ୍ୟାପକ ଭାବରେ ସିନେମା ଘରମାନଙ୍କରେ ଦେଖାଯାଉଛି ଯେ କ୍ରମେ ଏହି କାରଣ ଯୋଗୁଁ ସମାଜରେ ଅନ୍ୟାନ୍ୟ ବ୍ୟଭିଚାର ଦେଖାଦେଲାଣି । ଏ ପ୍ରକାର ସିନେମା-ଚିତ୍ରରେ କଳା-ସୌନ୍ଦର୍ଯ୍ୟ, କଥାବସ୍ତୁ କିମ୍ବା ଅଭିନୟ ଶୈଳୀର କୌଣସି ସ୍ଥାନ ନାହିଁ ।

ଦୁଇଘଣ୍ଟା ଧରି ସ୍ତ୍ରୀ-ପୁରୁଷମାନେ ନାନାଭାବରେ ଯୌନକ୍ରିୟାରେ ଲିପ୍ତ ଥିବାର ଛବି ଦେଖାଯାଉଛି । ଯେତେପ୍ରକାର ବିକୃତ ଯୌନ ସଂପର୍କ ମନସ୍ତତ୍ତ୍ୱ ବହିମାନଙ୍କରେ ପଢ଼ିବାକୁ ମିଳେ; ସେ ସବୁ ଛବିରେ ଦେଖାଯାଉଛି । ଏପରି ସିନେମା ଘର ଦର୍ଶକମାନଙ୍କ ଦ୍ୱାରା ଭରପୂର । ଏ ପ୍ରକାର ଛବିର ନିର୍ମାତା ଓ ନିର୍ଦ୍ଦେଶକମାନେ ବହୁ ଅର୍ଥ ରୋଜଗାର କରନ୍ତି । ଖବରକାଗଜରେ ଏପରି ଜଣେ ଛବି-ନିର୍ମାତାଙ୍କର ବିବୃତି ଓ ତାଙ୍କର ଫଟୋ ବାହାରିଥିଲା ଯେ ସେ ନିଛକ ଭାବରେ ଜଣେ ବ୍ୟବସାୟୀ । ତାଙ୍କର ଏ ବ୍ୟବସାୟରେ ଚାରି ମିଲିୟାନ୍ ଡଲାର ବର୍ଷକୁ ଲାଭ ହୁଏ । ତେଣୁ ସେ ପ୍ରକାର ବ୍ୟବସାୟ କରିବାରେ ତାଙ୍କର ନିଶ୍ଚୟ ଯଥାର୍ଥତା ରହିଛି; ସେ ସେଥିପାଇଁ ଲଜ୍ଜିତ

Digitized by PPRACHIN, SOA

ହେବାର କୌଣସି କାରଣ ନାହିଁ । ବହୁ ପୁଞ୍ଜିପତି ଏପ୍ରକାର ବିକୃତ ରୋମାଞ୍ଚକର ବ୍ୟାପାରରେ ବହୁ ଅର୍ଥ ଉପାର୍ଜନ କରୁଛନ୍ତି । ଫଳରେ ଅସାମାଜିକ କାର୍ଯ୍ୟକଳାପ କ୍ରମେ ବଢ଼ି ବଢ଼ି ଚାଲିଛି ।

ତା'ଛଡ଼ା ଗୋଟିଏ ଗଣତାନ୍ତ୍ରିକ ଦେଶରେ ମୁଷ୍ଟିମେୟ ଲୋକଙ୍କ ହାତରେ ଯଦି ଅସମ୍ଭବ ଭାବରେ ପୁଞ୍ଜି ଠୁଳହୋଇ ରହେ, ତା'ହେଲେ ରାଜନୈତିକ କ୍ଷେତ୍ରରେ ଜନ ସାଧାରଣଙ୍କର ସ୍ୱାଧୀନତା କିପରି ଭାବରେ ସଙ୍କୁଚିତ ହୋଇଯାଏ, ତାହା ଆଧୁନିକ ଯୁକ୍ତରାଷ୍ଟ୍ର-ଆମେରିକାରେ ଦେଖିବାକୁ ମିଳିବ । ଆମେରିକାର ରାଷ୍ଟ୍ରପତି ଜଣେ କୋଟିପତି ହେବାକୁ ବାଧ । ଏପରିକି ପଚାଶଟି ଷ୍ଟେଟର ଗଭର୍ଣ୍ଣରମାନେ ମଧ୍ୟ ଏହି ଧନିକଶ୍ରେଣୀର ଲୋକ । ସିନେଟକୁ ଆସିବାକୁ ହେଲେ ପ୍ରଭୂତ ଧନ ଖର୍ଚ୍ଚ କରିବାକୁ ହେବ । ଆମେରିକାର ବୁଦ୍ଧିଜୀବୀମାନେ ଦୁଃଖପ୍ରକାଶ କରି କହନ୍ତି ଯେ ଆମେରିକାର ଯେଉଁ ଧରଣର ଲୋକେ ରାଷ୍ଟ୍ରପତି ହେବା କଥା ସେମାନଙ୍କ ଭିତରୁ ଉପଯୁକ୍ତ ଲୋକ ପାଇବା ବହୁତ କଷ୍ଟକର ବ୍ୟାପାର ହେଲାଣି; ନିମ୍ନ ଅର୍ଥନୈତିକ ସ୍ତରର ଲୋକେ କଦାପି ପ୍ରେସିଡେଣ୍ଟ ହୋଇପାରିବେ ନାହିଁ । ଜଣେ ବିଜ୍ଞାନୀ କିମ୍ବା ବିଶିଷ୍ଟ ବୁଦ୍ଧିଜୀବୀ ଯେ'କି କୋଟିପତି ନୁହେଁ ସେ କଦାପି ପ୍ରେସିଡେଣ୍ଟ ହୋଇପାରିବ ନାହିଁ । ତା'ହେଲେ ଏ ଦେଶର ରାଜନୈତିକ ଅଧିକାର କେତେ ବେଶି ସଂକୁଚିତ, ତାହା ସହଜରେ ଅନୁମେୟ ।

ପ୍ରେସିଡେଣ୍ଟ ନିକ୍ସନ ଯେପରି ଭାବରେ ଅର୍ଥବଳରେ ନାନା ଅସଦ୍ ଉପାୟ ଅବଲମ୍ବନ କରି ଦ୍ୱିତୀୟଥର ପାଇଁ ପ୍ରେସିଡେଣ୍ଟ ହେଲେ, ବର୍ତ୍ତମାନ ସେ ବିଷୟରେ ବହୁ ତଥ୍ୟ ଉଦ୍‌ଘାଟିତ ହେଉଛି । ନିକ୍ସନଙ୍କର ବହୁ ଅନ୍ତରଙ୍ଗ ବନ୍ଧୁ ଏଥିଲାଗି ଜେଲବରଣ କଲେଣି । ପୁଞ୍ଜିପତିମାନେ ଠିକ୍ କରନ୍ତି କିଏ ପ୍ରେସିଡେଣ୍ଟ ହେବ । ଭୋଟ ଦିଆନିଆ ଏହି ପୁଞ୍ଜି ବଳରେ ବହୁ ପରିମାଣରେ ନିୟନ୍ତ୍ରିତ ହୁଏ । ତେଣୁ ଆମେରିକା ସମାଜରେ ଅର୍ଥନୈତିକ କ୍ଷେତ୍ରରେ ଯେ ପ୍ରକାର ଆକାଶ ପାତାଳ ପ୍ରଭେଦ ରହିଛି, ତା ଫଳରେ ଲୋକଙ୍କର ଗଣତାନ୍ତ୍ରିକ ସ୍ୱାଧୀନତା ବହୁ ପରିମାଣରେ ବ୍ୟାହତ ହୋଇଛି । ଆମ ଦେଶରେ ଜଣେ ଭିକାରି କାଶ୍ମୀରରେ ଖରାଦିନ କଟାଇବାର ସ୍ୱାଧୀନତା ଥିଲା ପରି ଯେ କୌଣସି ଆମେରିକାବାସୀର ପ୍ରେସିଡେଣ୍ଟ ହେବାର ସ୍ୱାଧୀନତା ସେହିପରି । ଏତେ ବଡ଼ ଗଣତାନ୍ତ୍ରିକ ଦେଶର ଗଣ୍ଡି ଭିତରେ ଅତି ପରାକ୍ରମଶାଳୀ ପୁଞ୍ଜିପତିଗୋଷ୍ଠୀ ଗୋଟିଏ କାନ୍‌ସର ଘା' ପରି ସାରା ସମାଜକୁ ଦୂଷିତ ତଥା ରୋଗାକ୍ରାନ୍ତ କରିପକାଉଛି । ଆମ ଦେଶର ନିର୍ବାଚନ ପ୍ରକ୍ରିୟାକୁ ବିଶ୍ଳେଷଣ କଲେ ଏପ୍ରକାର ଦୂଷିତ ପ୍ରଭାବ ବିଷୟରେ ମଧ୍ୟ ଉପଲବ୍ଧ କରିହୁଏ । ଆମେରିକା ଭଳି ବିରାଟ ଗଣତାନ୍ତ୍ରିକ ଦେଶର ରାଜନୈତିକ ବିଭ୍ରାଟ ବିଷୟରେ ସଠିକ୍ ଜ୍ଞାନ ଅର୍ଜନ କଲା ପରେ ମଧ୍ୟ ଆମେ ଆମର ଗଣତାନ୍ତ୍ରିକ ସଂସ୍ଥାକୁ କିପରି ଭାବରେ ଗଢ଼ିବାକୁ ଯାଉଛୁ, ତାହା ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତିର ଭାବିବାର କଥା ।

■ ଗ ■

ପ୍ରେସିଡେଣ୍ଟ ନିକ୍ସନ୍ ଦ୍ୱିତୀୟଥର ପାଇଁ ପ୍ରେସିଡେଣ୍ଟ ନିର୍ବାଚିତ ହେଲା ପରେ ଯେପରି ଏକଛତ୍ରବାଦୀ ପରି ବ୍ୟବହାର କରୁଛନ୍ତି, ସେଥିରେ ଆମେରିକାର ବୁଦ୍ଧିଜୀବୀ ତଥା କଂଗ୍ରେସ (ବିଧାୟକ ସଭା) ସଭ୍ୟମାନେ ମଧ୍ୟ ବଡ଼ ବିଚଳିତ ହୋଇପଡ଼ିଛନ୍ତି । ସେ ଏପରି ଭାବରେ ତାଙ୍କର ରାଜନୈତିକ କ୍ଷମତା ବ୍ୟବହାର କରୁଛନ୍ତି ଯେ ଅନ୍ୟାନ୍ୟ ଲୋକ ପ୍ରତିନିଧିମୂଳକ ସଂସ୍ଥାର ସଭ୍ୟମାନେ ଅସହାୟ ହୋଇପଡ଼ିଛନ୍ତି । କଂଗ୍ରେସ ଓ ପ୍ରେସିଡେଣ୍ଟ ନିକସନଙ୍କ ଭିତରେ ଐତିହାସିକ ସଙ୍କଟ ଦେଖା ଦେବାକୁ ଯାଉଛି । ଏହି ଗଣତାନ୍ତ୍ରିକ ସଂଗ୍ରାମରେ ନିକସନଙ୍କ ନିଜ ରିପବ୍ଲିକାନ ଦଳର ସଭ୍ୟମାନେ ମଧ୍ୟ ନିକସନ୍‌ଙ୍କ ବିରୁଦ୍ଧରେ କହିବାକୁ ଆରମ୍ଭ କରିଛନ୍ତି । ଲୋକପ୍ରତିନିଧିମୂଳକ କଂଗ୍ରେସ

Digitized by PPRACHIN, SOA

ଏବଂ ସିନେଟ୍ ଯେଉଁ ଖର୍ଚ୍ଚ ସବୁ ମଞ୍ଜୁର କରୁଛନ୍ତି, ନିକସନ ତାଙ୍କ ନିଜର ଭିଟୋ ବଳରେ ସେସବୁ କାଟିଦେଉଛନ୍ତି । ଯେଉଁସବୁ ଖର୍ଚ୍ଚ କଂଗ୍ରେସରେ ମଞ୍ଜୁରୀ ପାଉନାହିଁ, ସେ ପ୍ରକାର ଖର୍ଚ୍ଚ ସେ ନିଜ ଇଚ୍ଛା ଅନୁସାରେ କରିଯାଉଛନ୍ତି । ଗତବର୍ଷ ଗ୍ରାମାଞ୍ଚଳରେ ବିଦ୍ୟୁତ୍ ପ୍ରସାରଣ ଓ ଦୂଷିତ ବାୟୁମଣ୍ଡଳ ବିଶୋଧନ, ଚିକିତ୍ସା ଓ ଅନ୍ୟାନ୍ୟ ଲୋକହିତକର ଯୋଜନା ପାଇଁ ମଞ୍ଜୁର ହୋଇଥିବା ଖର୍ଚ୍ଚ କଲେନାହିଁ । ଏ ବର୍ଷ ସେସବୁ ଦିଗରେ ଖର୍ଚ୍ଚ ନ କରି ପ୍ରତିରକ୍ଷା ପାଇଁ ଆହୁରି ଅଧିକରୁ ଅଧିକ ଖର୍ଚ୍ଚ କରିବା ପାଇଁ ସେ ଘୋଷଣା କରିଛନ୍ତି ଏବଂ କଂଗ୍ରେସ ଏହା ବିରୁଦ୍ଧରେ ବିରାଟ ଅଭିଯାନ ଆରମ୍ଭ କରିଛି । ପ୍ରେସିଡେଣ୍ଟ ନିକ୍ସନ୍ କହନ୍ତି ଯେ ସେ କଂଗ୍ରେସ ଓ ସିନେଟ୍‌କୁ ଖାତିର କରନ୍ତି ନାହିଁ । ଯେତେବେଳ ଯାଏ ଏକ ତୃତୀୟାଂଶଠାରୁ ଗୋଟିଏ ଅଧିକ ଭୋଟରେ ଖର୍ଚ୍ଚ ମଞ୍ଜୁରୀ ପାଉଥିବ, ସେ ତାଙ୍କ ଇଚ୍ଛାନୁସାରେ ଖର୍ଚ୍ଚ କରିବେ । ଦୁଇ ତୃତୀୟାଂଶ ଭୋଟରେ କୌଣସି ଖର୍ଚ୍ଚ ମଞ୍ଜୁରୀ ହେଲେ ଯାଇ ସେ ଗ୍ରହଣ କରିବାକୁ ବାଧ ହେବେ । ସେଥିରେ ମଧ ଅନେକ ବିଭାଗ ସବୁ ଖର୍ଚ୍ଚ ନ କରି ବଳକା ରଖିଦେବାର ଜଣାଯାଏ । ଆଜି ପର୍ଯ୍ୟନ୍ତ କୁଆଡ଼େ ଆମେରିକାର କୌଣସି ପ୍ରେସିଡେଣ୍ଟ ମନୋମତ କାରବାର ଏପରି ଖୋଲାଖୋଲି ଭାବରେ କରିନଥିଲେ । ଭିଏତନାମ୍ ଯୁଦ୍ଧ ବନ୍ଦ ହେଲା ପରେ ମଧ ପ୍ରତିରକ୍ଷା ବିଭାଗ ପାଇଁ ସେ ଗତ ବର୍ଷ ଅପେକ୍ଷା ଏ ବର୍ଷ ଆଠ ବିଲିୟାନ୍ ଡଲାର, ଅର୍ଥାତ୍ ପ୍ରାୟ ଛଅ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାକୁ ଘୋଷଣା କରିଛନ୍ତି । ଯା ଫଳରେ ସ୍କୁଲ କଲେଜ ସ୍ୱାସ୍ଥ୍ୟସେବା ଓ ଅନ୍ୟାନ୍ୟ ଲୋକହିତକର କାର୍ଯ୍ୟ ବହୁତ ବ୍ୟାହତ ହେବ । ତଥାପି ସେ ଏ ଖର୍ଚ୍ଚ ଚାହାନ୍ତି । କଂଗ୍ରେସ ଏହା ବିରୁଦ୍ଧରେ ।

ପୁଞ୍ଜିବାଦୀ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରତିରକ୍ଷା ବ୍ୟୟ ପୁଞ୍ଜିବାଦୀଙ୍କୁ ଭଲ ପୋଷାଏ । ଏମାନେ ଯୁଦ୍ଧ ସରଞ୍ଜାମ ଯୋଗାଇବାର ଠିକା ପାଆନ୍ତି—ସେଥିରେ ସେମାନଙ୍କର ବହୁତ ଲାଭ ହୁଏ; କିନ୍ତୁ ଏ ବାବଦରେ ଯେତେ ବେଶି ଖର୍ଚ୍ଚ ହେବ, ଅନ୍ୟାନ୍ୟ ଲୋକହିତକର କାର୍ଯ୍ୟରେ କମ୍ ଖର୍ଚ୍ଚ ହେବ । ପ୍ରେସିଡେଣ୍ଟ ନିକସନ୍ ଖୋଲାଖୋଲି ଭାବରେ କହୁଛନ୍ତି ଯେ ଲୋକହିତକର କାମରେ ଅଯଥା ବ୍ୟୟ କରିବା ଆଦୌ ଉଚିତ ନୁହେଁ । ଫଳରେ ବହୁତ ନିମ୍ନ ମଧବିତ୍ତ ଓ ଗରିବ ଶ୍ରେଣୀର ଛାତ୍ର ବିଶ୍ୱବିଦ୍ୟାଳୟରେ ପଢ଼ିପାରିବେ ନାହିଁ । ଚିକିତ୍ସା ବ୍ୟବସ୍ଥା ଏ ଦେଶରେ ବର୍ତ୍ତମାନ ବହୁତ ବ୍ୟୟବହୁଳ । କ୍ରମେ ଚିକିତ୍ସା ବ୍ୟବସ୍ଥା ଆହୁରି ଖରାପ ହୋଇଯିବ ।

ସବୁଠୁ ଆଶ୍ଚର୍ଯ୍ୟର କଥା ଯେ, ଗଣତନ୍ତ୍ରର ବଡ଼ପଣ୍ଡା ବୋଲାଉଥିବା ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରେସିଡେଣ୍ଟଙ୍କର ମୁକ୍ତ ଏକଛତ୍ରବାଦୀ ମନୋବୃତ୍ତି କିପରି ସମ୍ଭବ ହେଉଛି ? ପ୍ରେସିଡେଣ୍ଟଙ୍କ ହାତରେ ଅନେକ କ୍ଷମତା ରହିଛି ଏବଂ ପୁଞ୍ଜିପତିଙ୍କ କ୍ଷମତାରେ ବାଧା ଆସିଲାକ୍ଷଣି ପ୍ରେସିଡେଣ୍ଟ ଏହି କ୍ଷମତାର ଆଶ୍ରୟ ନିଅନ୍ତି । ଏମାନଙ୍କ ଖବରକାଗଜରେ ପ୍ରେସିଡେଣ୍ଟ କିପରି ଏହି କ୍ଷମତା ବ୍ୟବହାର କରୁଥିଲେ ସେ ବିଷୟରେ ବହୁତ ଆଲୋଚନା ହେଉଛି । କିନ୍ତୁ ଅଧିକାଂଶଙ୍କ ମତରେ ନିକସନଙ୍କ ପରି କେହି ଏପରି ଖୋଲାଖୋଲି ଭାବରେ କ୍ଷମତା ବ୍ୟବହାର (ବା ଅପବ୍ୟବହାର) କରୁନଥିଲେ । ତା'ହେଲେ ସେ କାହିଁକି ଏପରି କରିବାକୁ ଯାଉଛନ୍ତି ? ତାର କାରଣ ହେଲା ଭିଏତନାମ ଯୁଦ୍ଧ ଏବଂ ତାର ଅବସାନ ସାଙ୍ଗକୁ ପୁଞ୍ଜିବାଦୀ ଜାପାନ ଓ ଜର୍ମାନୀର ଅଭ୍ୟୁଦୟ ଫଳରେ ପୁଞ୍ଜିବାଦୀ ଆମେରିକାରେ ଯେଉଁ ଅର୍ଥନୈତିକ ସଂକଟ ଦେଖାଦେଇଛି, ତାର ମୁକାବିଲା କରିବା ପାଇଁ ପ୍ରେସିଡେଣ୍ଟ ନିକସନ ତାଙ୍କର ପରମ ବନ୍ଧୁ ପୁଞ୍ଜିପତିମାନଙ୍କୁ ସାହାଯ୍ୟ କରିବାକୁ ଯାଉଛନ୍ତି । ଡଲାର ପୃଥିବୀ ବଜାରରେ ଯେପରି ନିମ୍ନଗାମୀ ଅବସ୍ଥାରେ ରହିଛି, ତା ଫଳରେ ଆମେରିକାର ପୁଞ୍ଜିପତିମାନେ ଡରି ଯାଇଛନ୍ତି । ତେଣୁ ପ୍ରେସିଡେଣ୍ଟ ନିକସନ୍ ଯେ କୌଣସି ଉପାୟରେ ଏମାନଙ୍କ ପାଣିକୁ ବଞ୍ଚାଇବା ପାଇଁ ଉଦ୍ୟମ କରୁଛନ୍ତି । ଏଣେ ଦରଦାମ ବୃଦ୍ଧି ଯୋଗୁଁ ଜନସାଧାରଣଙ୍କର ଯେତେ ଅସୁବିଧା ହେଉ ପଛେ, ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଯେତେ ସଂକଟ ଦେଖାଦେଉ ପଛେ, ସେଥିଲାଗି

Digitized by PPRACHIN, SOA

ଲୋକପ୍ରତିନିଧିମାନେ ଯେତେ ଚିତ୍କାର କରନ୍ତୁ ପଛେ, ପ୍ରେସିଡେଣ୍ଟ ନିକସନ୍ ଯେଉଁମାନଙ୍କ ଖର୍ଚ୍ଚରେ ଜିତିଛନ୍ତି, ସେମାନଙ୍କୁ ବଞ୍ଚାଇବେ ନିଶ୍ଚୟ । ଏହା ହେଉଛି ପୁଞ୍ଜିବାଦୀ ଦେଶର ପ୍ରଧାନ ଗଣତାନ୍ତ୍ରିକ ସଂକଟ ।

ଅର୍ଥନୈତିକ ସଂସ୍ଥା ଉପରେ ରାଜନୈତିକ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଥିବାରୁ ପ୍ରେସିଡେଣ୍ଟ ନିକ୍ସନ୍ ଏକଛତ୍ରପତି ହୋଇପଡ଼ିଛନ୍ତି । ବଳୀୟାନ ପୁଞ୍ଜିପତିଙ୍କ ସ୍ୱାର୍ଥ ଆଗରେ ଜନସାଧାରଣଙ୍କ ସ୍ୱାର୍ଥର ମୂଲ୍ୟ ଏ ପ୍ରକାର ଗଣତାନ୍ତ୍ରିକ ପଦ୍ଧତିରେ କିପରି କିଛି ନୁହେଁ, ତାହା ବର୍ତ୍ତମାନ ପ୍ରମାଣିତ ହେବାକୁ ଯାଉଛି । ଅନେକ ବୁଦ୍ଧିଜୀବୀଙ୍କ ମତରେ ଆମେରିକାର ଗଣତନ୍ତ୍ର ବର୍ତ୍ତମାନ ଘୋର ସଙ୍କଟ ମଧ୍ୟ ଦେଇ ଯାଉଛି । ନିକସନ୍ ଆଉଥରେ ନିର୍ବାଚନ ଲଢ଼ିପାରିବେ ନାହିଁ । ତେଣୁ ସେ ଏହି ଚାରିବର୍ଷ ନିଜ ଇଚ୍ଛାନୁସାରେ ଯା ଚାହିଁବେ ତା କରୁଛନ୍ତି ଏବଂ ଏପରି ଏକଛତ୍ରପତି ହିସାବରେ କୁଆଡ଼େ ଆମେରିକାର କୌଣସି ସଭାପତି ଅତୀତର ବ୍ୟବହାର କରିନଥିଲେ । ଖବରକାଗଜ, ରେଡ଼ିଓ ଓ ଟେଲିଭିଜନ ନିକ୍ସନଙ୍କୁ ସମାଲୋଚନା କରୁଥିବାରୁ ସେ ସେମାନଙ୍କ ବିରୁଦ୍ଧରେ ଅତି କଟୁଭାବରେ କହୁଛନ୍ତି । ସେମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ଚେଷ୍ଟା କରୁଛନ୍ତି । ତାଙ୍କର ଅତି ନିଜର ଜଣେ ଲୋକଙ୍କୁ ଏଫ୍.ବି.ଆଇ. (ଆମେରିକାର ଗୋଇନ୍ଦା ବିଭାଗ)ର ଡିରେକ୍ଟର ରୂପେ ନିଯୁକ୍ତି ଦେଇଛନ୍ତି । କଂଗ୍ରେସ ସଭ୍ୟମାନେ ଏହି ଭଦ୍ରବ୍ୟକ୍ତିଙ୍କ ବିରୁଦ୍ଧରେ ବହୁ ଅଭିଯୋଗ ଆଣୁଛନ୍ତି । ତଥାପି ପ୍ରେସିଡେଣ୍ଟ ନିକସନ୍ ଆଗେଇ ଚାଲିଛନ୍ତି ।

ଆହୁରି ଗୋଟିଏ ଅଦ୍ଭୁତ ଘଟଣା ଘଟୁଛି । ଏପ୍ରକାର ଏକଛତ୍ରବାଦୀ ପ୍ରେସିଡେଣ୍ଟଙ୍କୁ ଆଇନ ବଦଳାଇ ପୁଣି ଥରେ ସଭାପତି କରିବା ପାଇଁ ସୁବିଧା କରିବା ପାଇଁ ପୁଞ୍ଜିପତିମାନଙ୍କର ଗୋଟିଏ କମିଟି ବସିଲାଣି, କୋଟି କୋଟି ଟଙ୍କା ସେମାନେ ସଂଗ୍ରହ କଲେଣି । ବର୍ତ୍ତମାନ ପରିସ୍ଥିତିରେ ସେମାନଙ୍କ ପକ୍ଷରେ ଆଇନ ବଦଳାଇବା ସମ୍ଭବ ହୋଇ ନପାରେ । ତଥାପି ନିକସନ୍‌ଙ୍କ ସପକ୍ଷରେ ତ ଅନ୍ତତଃ ପ୍ରଚାର ଚାଲିପାରିବ, ନାନା ଉପାୟରେ ଲୋକଙ୍କୁ ବିଭ୍ରାନ୍ତ କରାଯାଇପାରିବ । ପ୍ରେସିଡେଣ୍ଟ ନିକ୍ସନ ଯେଉଁ ଭୟାବହ କାମ ସବୁ କରିବାକୁ ଯାଉଛନ୍ତି ତାହା ସପକ୍ଷରେ ଲୋକମତ କିଛି ପରିମାଣରେ ସୃଷ୍ଟି କରିବା ପାଇଁ ଏହି କମିଟି ବସୁଥିବା ଜଣାଯାଏ ।

ବିରାଟ ପୁଞ୍ଜିପତି ଦେଶରେ ଜନସାଧାରଣଙ୍କର ମତାମତ କିପରି ଦୁର୍ବଳ ଏବଂ ଗଣତାନ୍ତ୍ରିକ ନୀତିର କି ବିରାଟ ପ୍ରହସନ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାରେ ଘଟୁଛି, ସେ ବିଷୟରେ ବହୁ ଅଧ୍ୟାପକ, ସମାଜସେବୀ ଓ ସାମ୍ବାଦିକଙ୍କ ସହିତ ଲେଖକର ଆଲୋଚନା ହୋଇଛି । ପ୍ରାୟ ସମସ୍ତେ ଏ ବିଷୟରେ ବିବ୍ରତ ହୋଇପଡ଼ିଛନ୍ତି ଏବଂ ଏମାନେ ନିଜକୁ ବହୁତ ଅସହାୟ ମନେକରୁଛନ୍ତି । ଖବରକାଗଜ ପଢ଼ିଲେ ମଧ୍ୟ ପରିଷ୍କାର ଭାବରେ ଜଣାଯାଏ, ଏମାନେ କିପରି ଭାବରେ ବିବ୍ରତ ହୋଇପଡ଼ିଛନ୍ତି । ଲେଖକ ଏହି ବିଷୟରେ କୌଣସି ସଭାରେ ପ୍ରଶ୍ନ ଉଠାଇଲା ବେଳେ ଛାତ୍ର ଓ ଅଧ୍ୟାପକମାନଙ୍କ ମଧ୍ୟରେ ବିପୁଳ ଆଗ୍ରହ ପ୍ରକାଶ ପାଇଛି । ଏପରି ଗଣତାନ୍ତ୍ରିକ ସଂସ୍ଥା ଭାରତ ଚାହେଁ ନାହିଁ ଏବଂ ପୃଥିବୀ ପକ୍ଷରେ ଏହା ବିରାଟ ବିପଦ ବୋଲି କହିଲା ବେଳେ ଛାତ୍ରମାନଙ୍କଠାରୁ କରତାଳି ହେବାର ଦେଖାଯାଇଛି । ଆମେରିକା ପରିସ୍ଥିତି ଦେଖିଲେ ଆମ ଦେଶର ଗଣତାନ୍ତ୍ରିକ ସଂସ୍ଥା କେତେ ଭଲ, ତାହା ଅନୁଭବ କରିହୁଏ । ପ୍ରେସିଡେଣ୍ଟ ନିକସନଙ୍କର ପରବର୍ତ୍ତୀ ଦୁରବସ୍ଥା ଯେ ଆମେରିକାର ଗଣତାନ୍ତ୍ରିକ ସଂସ୍ଥାର ସମାନ୍ତରାଳ ଭାବେ ଚାଲିଥିବା ଲୋକଶକ୍ତି ଦ୍ୱାରା ସଂଭବ— ଏଥିରେ ସଂଦେହ ନାହିଁ । ■■■

Digitized by PPRACHIN, SOA

ଚାରି

ଆମେରିକାର ବିଭବ

ଆଧୁନିକ ଯୁଗରେ ଆମେରିକା ପୃଥିବୀର ସବୁଠାରୁ ବଡ଼ ଧନଶାଳୀ ଦେଶ । ଜାତୀୟ ଆୟ ବ୍ୟୟ, ବ୍ୟବସାୟ ବାଣିଜ୍ୟ, ଉତ୍ପାଦନ, ରପ୍ତାନି ପ୍ରଭୃତି ଦୃଷ୍ଟିରୁ ଆମେରିକା ପୃଥିବୀରେ ଅଗ୍ରଣୀ । ଜନସାଧାରଣଙ୍କର ଜୀବନଧାରଣ ମାନ ମଧ୍ୟ ଖୁବ୍ ଉଚ୍ଚରେ । ଖାଇବା, ପିନ୍ଧିବା, ପ୍ରଭୃତି ଅତ୍ୟାବଶ୍ୟକୀୟ ଓ ମଟରକାର୍, ରେଡ଼ିଓ, ଟେଲିଭିଜନ, ଟେଲିଫୋନ୍ ପ୍ରଭୃତି ଆଧୁନିକ ସୌଖୀନ ଦ୍ରବ୍ୟର ପ୍ରାଚୁର୍ଯ୍ୟ ଫଳରେ ପ୍ରାୟ ସମସ୍ତେ ଏସବୁର ଭାଗୀଦାର ହୋଇପାରିଛନ୍ତି । ଏ ସବୁଥିରେ ସେମାନଙ୍କ ସହିତ ଆମର ଆକାଶ ପାତାଳ ତଫାତ୍ । ସେମାନେ ସ୍ୱାସ୍ଥ୍ୟବାନ, ଆମେମାନେ ରୁଗ୍ଣ । ସେମାନେ ହୃଷ୍ଟପୁଷ୍ଟ, ଆମେମାନେ ଜୀର୍ଣ୍ଣଶୀର୍ଣ୍ଣ । ସେମାନଙ୍କଠାରେ ଅପରିସୀମ ଶାରୀରିକ ଶକ୍ତି ଥିଲାପରି ଜଣାଯାଏ । କିନ୍ତୁ ଆମମାନଙ୍କଠାରେ ଜୀବନୀ ଶକ୍ତି ଅତି କଷ୍ଟରେ ତିଷ୍ଠି ରହିଲାପରି ଦେଖାଯାଏ । ଫଳରେ ସେମାନଙ୍କର ଚଲାବୁଲା, କଥାବାର୍ତ୍ତାରେ ଯେପରି ଦୁର୍ଦ୍ଦମ ଶକ୍ତି ଓ ସ୍ଫୁର୍ତ୍ତି ପ୍ରକାଶ ପାଇଥାଏ– ଆମମାନଙ୍କ ଚାଲିଚଳଣରେ ସେପରି ନିସ୍ତ୍ରଭ ମ୍ରିୟମାଣତା ଦେଖାଦେଇଥାଏ । ଆମେରିକାରୁ ହଠାତ୍ ଆସି କଟକରେ ପହଞ୍ଚିଗଲେ ଜଣାଯାଏ ଯେପରି ରାସ୍ତାରେ, ଅଫିସରେ, ମଟରକାର ଭିତରେ ସମସ୍ତେ ଢୁଳେଇ ଢୁଳେଇ ଚାଲିଛନ୍ତି । ସେମାନେ ପ୍ରତିଦିନ ଖାଆନ୍ତି ଏଣ୍ଡୁରିପିଠା ପରି ଖଣ୍ଡ ଖଣ୍ଡ ମାଂସ, ଅଣ୍ଡା, ଖାଣ୍ଟି ବହଳ ଦୁଧ, ଫଳରସ; ଆଉ ଆମେ ମାଂସ ବୋଲି ଚାଟୁହାଡ଼, ଦୁଧ ବୋଲି ପିଉ ଧଳାପାଣି, ଫଳରସ ପରିବର୍ତ୍ତେ ଖାଉ ଜହ୍ନି ଭେଣ୍ଡି କଖାରୁ ତରକାରୀ । ଇଜିପ୍ଟର ପିରାମିଡ୍ ଭିତରୁ ବାହାରିଥିବା ତିନିହଜାର ବର୍ଷର ପୁରୁଣା ସାଙ୍କୁଡ଼ା ମୁର୍ଦ୍ଦାର ଯେପରି ଜୀବନ୍ତ ମଣିଷର ସଙ୍କୁଚିତ ସଂସ୍କରଣ, ଆମର ଦୋକାନରେ ଥୁଆହୋଇଥିବା କମଳା ଆପେଲ୍‌ର ଚେହେରା ସେହିପରି ଏହାର ଦାମ୍ ସୁନା ସହିତ ତୁଳନା କରାଯାଇପାରେ । ତଥାପି ଆମ ଡାକ୍ତରମାନେ ରୋଗୀକୁ ଫଳରସ ଖାଇବା ପାଇଁ ପରାମର୍ଶ ଦେଇ ହାସ୍ୟରସ ସୃଷ୍ଟି କରିଥାଆନ୍ତି ।

ସେମାନଙ୍କର ସାଧାରଣ ଜୀବନ ଆଶା ପ୍ରାୟ ସତୁରୀ ବାସ୍ତରୀ ବର୍ଷ- ଆମର କୁଆଡ଼େ ଗତ କେତେ ବର୍ଷର ସ୍ୱାଧୀନତା ପରେ ସତେଇଶ ବର୍ଷରୁ ବଢ଼ି ବଢ଼ି ପଚାଶଯାଏ ଗଲାଣି । ସେଠାରେ କଲେରା, ଟାଇଫଏଡ୍, ବସନ୍ତ ପ୍ରଭୃତି ସଂକ୍ରାମକ ରୋଗ ନାହିଁ, ଆମର କିନ୍ତୁ ଏହା ସାଧାରଣ ଜୀବନର ଗୋଟିଏ ପ୍ରଧାନ ଅଙ୍ଗ । ଗତ କେତେବର୍ଷ ହେଲା ଆମର ସ୍ୱାଧୀନତା ପରେ ଏସବୁ ଜୀବାଣୁଙ୍କର ମଧ୍ୟ ବଳିଷ୍ଠତା ଓ ସଂଖ୍ୟା ବଢ଼ି ଚାଲିଛି । ତଥାପି ଆମେ କହିବୁ ଯେ ଆମେ ଜୀର୍ଣ୍ଣଶୀର୍ଣ୍ଣ, ଶହେ ରୋଗରେ ରୋଗୀ, ଅଳ୍ପାୟୁ ଓ ଦିନରାତି ଅର୍ଦ୍ଧସୁଷୁପ୍ତି ଅବସ୍ଥାରେ ଥିଲେ ସୁଦ୍ଧା ପୃଥିବୀରେ ଆମେ ସମସ୍ତଙ୍କ ଅପେକ୍ଷା ବେଶି ଆଧ୍ୟାତ୍ମିକ ଶକ୍ତିରେ ବଳୀୟାନ୍ । ନିର୍ବାଚନ ସମୟ ଛଡ଼ା ଅନ୍ୟ ସମୟରେ ବୋଧହୁଏ ଏ ପ୍ରକାର ବାହାବାର ମୂଲ୍ୟ କମ । ତେବେ ଯାହାହେଉ, ଆଧ୍ୟାତ୍ମିକ ଶକ୍ତିର ମର୍ଯ୍ୟାଦା ଆମ ଜନସାଧାରଣଙ୍କ ପକ୍ଷରେ ବୁଝିବା କଠିନ । ଅବଶ୍ୟ ତା ଅର୍ଥ ନୁହେଁ ଯେ ହୃଷ୍ଟପୁଷ୍ଟ

Digitized by PPRACHIN, SOA

ଆମେରିକାବାସୀର ମାଂସପେଶୀର ଶକ୍ତି, ଦେହର ଓଜନ ଅନୁପାତରେ ଆଧାତ୍ମିକ ଶକ୍ତି ବଢ଼ି ଚାଲିଛି । କିନ୍ତୁ ସୁସ୍ଥ ଦେହରେ ଆଧାତ୍ମିକ ଶକ୍ତିର ସମ୍ଭାବନା ନିଶ୍ଚୟ ବେଶି । ରୁଗ୍ଣ ଓ ଦୁର୍ବଳ ଦେହରେ ଅସହାୟର କରୁଣ ଚିତ୍କାର ଦେଖାଯିବା ସ୍ୱାଭାବିକ । ତେଣୁ ଆଧାତ୍ମିକ ଶକ୍ତିର ସମ୍ଭାବନା କମ୍ ।

ତେବେ ଯାହାହେଉ, ଖାଦ୍ୟପେୟ ଓ ଆଧୁନିକ ଦୁନିଆରେ ଯେତେ ପ୍ରକାର ସୌଖୀନ ଜିନିଷ ଜୀବନକୁ ଏହି ପୃଥିବୀରେ ସୁଖମୟ କରିବାରେ ଅତି ଆବଶ୍ୟକ, ସେସବୁ ଆମେରିକାର ଜନସାଧାରଣଙ୍କ ଠାରେ ଦେଖାଯାଏ । ଆମର ଅଧିକାଂଶ ଡାକ୍ତରଖାନାରେ ରୋଗୀ ୧୦୭° ଜ୍ୱରରେ ଚିତ୍କାର କରୁଥିବାବେଳେ ଖଣ୍ଡେ ବରଫ ତା ମୁଣ୍ଡରେ ଥୋଇବା ଲାଗି ମିଳେନା । ଅଥଚ ଆମେରିକାର ଅଧିକାଂଶଙ୍କ ଘରେ ଖୁବ୍ ଉନ୍ନତ ଧରଣର ରେଫ୍ରିଜେରେଟର୍‌ରୁ ଯେକୌଣସି ମୁହୂର୍ତ୍ତରେ ବରଫ ଟେଳାଏ ମିଳିପାରିବ । ପ୍ରାୟ ସମସ୍ତଙ୍କ ଘରେ ରେଡ଼ିଓ, ଟେଲିଭିଜନ, ଟେଲିଫୋନ; ପ୍ରାୟ ପ୍ରତ୍ୟେକଙ୍କ ଘରେ ମଟରଗାଡ଼ି । ଏଥିରୁ ସେମାନଙ୍କ ଜୀବନଯାପନର ମାନଦଣ୍ଡ ବିଷୟରେ ସହଜରେ ଅନୁମିତ ହୁଏ । ଦୈନିନ୍ଦିନ ବ୍ୟବହାର୍ଯ୍ୟ ପଦାର୍ଥ ସବୁ ବହୁ ପରିମାଣରେ ଦୋକାନରେ ମିଳେ– କୌଣସି ଦୋକାନ ଆଗରେ ଲୋକେ ଧାଡ଼ି ବାନ୍ଧି ଠିଆ ହୋଇଥିବାର ଦେଖାଯାଏ ନାହିଁ । ଏସବୁ ଜିନିଷ ମଧ୍ୟ ଶସ୍ତା । ଦୁଧ, ଦହି, ପନିପରିବା, ମାଛ ମାଂସ ଭାରତ ତୁଳନାରେ ମଧ୍ୟ ଶସ୍ତା ବୋଲି ଧରାଯାଇପାରେ ।

କଳକାରଖାନାରେ ତିଆରି ସୌଖୀନ ଜିନିଷର ଦାମ ମଧ୍ୟ ବେଶି ନୁହେଁ । ବହୁ ପ୍ରକାରର ଜିନିଷ ଦେଖିବାକୁ ମିଳେ । ତୀବ୍ର ପ୍ରତିଯୋଗିତା ଉତ୍ପାଦନ କ୍ଷେତ୍ରରେ ଲାଗି ରହିଥିବାରୁ ଜିନିଷଗୁଡ଼ିକ ଦେଖିବାକୁ ସୁନ୍ଦର, ମଜଭୁତ୍ ଏବଂ ଶସ୍ତା ହୁଏ । ନାନା ଧରଣର ଖେଳଣା, କ୍ଷୌର ଯନ୍ତ୍ର, ସାବୁନ, ଘର ସଫା କରିବା ଜିନିଷ ପ୍ରଭୃତି ଅତି ଶସ୍ତାରେ ମିଳେ । ମଟରଗାଡ଼ି ତ ଅତି ଶସ୍ତା । ପେଟ୍ରୋଲ୍ ଦାମ୍ ବହୁତ କମ୍-ମଧ୍ୟ-ପ୍ରାଚ୍ୟରେ ଏହାର ଦାମ୍ ଏତେ ବଢ଼ିଥିଲେ ସୁଦ୍ଧା ଏଠାରେ ସେହି ପରିମାଣରେ ଦାମ୍ ବଢ଼ିନାହିଁ । ଜାମା, ସାର୍ଟ ଦାମ୍ ତ ବହୁତ କମ୍ । ଏଠାରେ ଯେଉଁ ସାର୍ଟଟି ଶହେଟଙ୍କା ହେବ, ସେଠାରେ ଦୁଇ ତିନି କିମ୍ବା ପାଞ୍ଚ ଛଅ ଡଲାରରେ ମିଳିପାରିବ । ଲୋକମାନଙ୍କ ଠାରେ କ୍ରୟ କରିବା ଶକ୍ତି ଏତେ ବେଶି ଯେ ପ୍ରତ୍ୟେକ ସହରରେ ନୂଆ ନୂଆ ଅଞ୍ଚଳରେ ବହୁତ ବଡ଼ ବଡ଼ ଦୋକାନ ଘର ତିଆରି ହୋଇଛି । କେତେକ ଦୋକାନ ଏତେ ବଡ଼ ଯେ ଏକ ସମୟରେ ହଜାର ହଜାର ଲୋକ ସେ ଭିତରେ ପଶି ଜିନିଷ କିଣି ପାରିବେ । ଜିନିଷ କିଣି ଘରକୁ ନେଲା ପରେ ପସନ୍ଦ ନ ହେଲେ ପୁରି ଫେରାଇ ଦେବା ସମ୍ଭବ, ଅବଶ୍ୟ ସେତିକି ଦାମ୍‌ରେ ଅନ୍ୟ ଜିନିଷ କିଣିବାକୁ ପଡ଼ିବ, କାରଣ ଦାମ୍ ତ ଆଗରୁ ଯନ୍ତ୍ର ସାହାଯ୍ୟରେ ହିସାବରେ ଚଢ଼ିଯାଇଛି- ତାହା ଆଉ ଫେରସ୍ତ ପାଇବା ସମ୍ଭବ ନୁହେଁ ।

ତା ଛଡ଼ା ଦୋକାନ ବଜାରରେ ଜିନିଷ କିଣିବା ପାଇଁ ଆଉ ଗୋଟିଏ ସୁବିଧା କରାହୋଇଛି- ତୁମେ ହାତରେ ଟଙ୍କା ନେଇ ବଜାରକୁ ଯିବା ଦରକାର ନାହିଁ । ବ୍ୟାଙ୍କରୁ ତୁମ ନାଁରେ ଗୋଟିଏ କ୍ରେଡ଼ିଟ୍ କାର୍ଡ଼ ଦିଆଯାଏ- ସେହି କାର୍ଡ଼ ଦେଖାଇ ତୁମେ ଯେତେ ଜିନିଷ କିଣିପାର, ତୁମର ବ୍ୟାଙ୍କ ତା ପାଇଁ ଦାୟୀ ହେବ । ତେଣୁ ତୁମେ ହାତରେ ପଇସାଟିଏ ନ ଧରି ମଧ୍ୟ ବହୁ ଜିନିଷ କିଣି ପାରିବ । ଯେହେତୁ ଏଠାରେ ଦୋକାନ ବଜାର କିଣାଳିଙ୍କ ପାଇଁ ତିଆରି ହୋଇଛି, ବିକ୍ରେତାମାନେ କିଣାଳିକୁ ଖୁବ୍ ଖାତିର କରନ୍ତି । ଭାରତବର୍ଷରେ ଠିକ୍ ଓଲଟା । ବିକାଳିମାନେ କିଣାଳିକୁ ହତାଦର କରନ୍ତି । କିନ୍ତୁ ଉପାୟ କ'ଣ ? ଭାରତ ବିକାଳିଙ୍କର ସ୍ୱର୍ଗ । କିଣାଳିକୁ ଦୂର୍ ଦୂର୍ କରିବା ଏମାନଙ୍କର ଅଭ୍ୟାସ ।

Digitized by PPRACHIN, SOA

କେବଳ ଶିକ୍ଷା ଓ ସ୍ୱାସ୍ଥ୍ୟ ଏଠାରେ ବ୍ୟୟବହୁଳ । ଏଥିପାଇଁ ଲୋକଙ୍କୁ ବହୁତ ଖର୍ଚ୍ଚ କରିବାକୁ ହୁଏ । ପୁଞ୍ଜିପତି ଦେଶର ଏହି ଗୋଟିଏ ବିରାଟ ଦୁର୍ବଳତା । ଅବଶ୍ୟ ଶିକ୍ଷା ପାଇଁ ବହୁତ ବୃତ୍ତି ରହିଛି- କାମ କରି ପଢ଼ିବା ସୁବିଧା ରହିଛି, ତଥାପି ଶିକ୍ଷା ଖର୍ଚ୍ଚ ବହୁତ ବେଶି ବଢ଼ି ଯାଉଛି । ସେହିପରି ସ୍ୱାସ୍ଥ୍ୟ ପାଇଁ ବୀମା ପଦ୍ଧତି ଥିଲେ ସୁଦ୍ଧା ଏଠାକାର ଲୋକେ ଏଥିଲାଗି ବହୁତ ଅସୁବିଧାରେ ପଡ଼ନ୍ତି । ଡାକ୍ତରମାନଙ୍କର ବହୁତ ରୋଜଗାର- ଔଷଧ ଦାମ୍ ବହୁତ ବେଶି । ଚିକିତ୍ସା ପାଇଁ ଅତ୍ୟନ୍ତ ବେଶି ଖର୍ଚ୍ଚାନ୍ତ ହେବାକୁ ପଡ଼େ । ଏ ସଂପର୍କରେ ବହୁତ ସମାଲୋଚନା ଖବରକାଗଜମାନଙ୍କରେ ବାହାରେ ।

ଆମେରିକାର କଳକାରଖାନାମାନ ଦେଖିଲେ ମନୁଷ୍ୟ ଆଶ୍ଚର୍ଯ୍ୟରେ ସ୍ତମ୍ଭୀଭୂତ ହୋଇ ପଡ଼ିବ । ପ୍ରତ୍ୟେକ ମଟର କାରଖାନାରେ ପ୍ରାୟ ପ୍ରତି ମିନିଟରେ ଗୋଟିଏ ଲେଖାଏଁ ମଟରଗାଡ଼ି ତିଆରି ହୋଇଯାଏ ଏବଂ ଜଣେ ସେ ମଟରଗାଡ଼ିଟିରେ ବସି ମଟର ଜମାହୋଇଥିବା ଗୋଦାମକୁ ଚଳାଇ ନେଇଯାଏ । ବହୁ କମ୍ପାନୀ ଏହିପରି ଭାବରେ ଦିନକୁ ହଜାର ହଜାର ସଂଖ୍ୟାରେ ମଟର ଉତ୍ପାଦନ କରନ୍ତି । ଏହିପରି ଭାବରେ ମଧ୍ୟ ଅନ୍ୟାନ୍ୟ ଜିନିଷ ପ୍ରଚୁର ପରିମାଣରେ କାରଖାନାରୁ ଉତ୍ପାଦିତ ହୁଏ । ବିଥଲହାମ୍ ଇସ୍ପାତ୍ କାରଖାନା ଆମେ ଦେଖିବାକୁ ଯାଇଥିଲୁ । ସେହି ଗୋଟିଏ କାରଖାନାରେ କେବଳ ବର୍ଷକୁ ଦୁଇକୋଟି ପନ୍ଦର ଲକ୍ଷ ଟନ ଇସ୍ପାତ୍ ଉତ୍ପାଦନ କରାହୁଏ ।

ପ୍ରଚୁର ଇସ୍ପାତ୍, କୋଇଲା, ପେଟ୍ରୋଲ ଓ ବିଦ୍ୟୁତ୍‌ଶକ୍ତି ଯୋଗୁଁ ମଟର ଛଡ଼ା ଅନ୍ୟାନ୍ୟ ବିଦ୍ୟୁତ୍‌ଶକ୍ତି ଓ ପେଟ୍ରୋଲ ଚାଳିତ ଗାଡ଼ି ଖୁବ୍ ବେଶି ଦେଖାଯାଏ । ଉଡ଼ାଜାହାଜରେ ଯିବାଆସିବା ଗୋଟିଏ ସାଧାରଣ କଥା ହୋଇଗଲାଣି । ସେଠାରେ ପ୍ରତି ପାଞ୍ଚ ମିନିଟରେ ଗୋଟିଏ କରି ଛୋଟ ଉଡ଼ାଜାହାଜ ଆସି ପହଞ୍ଚେ କିମ୍ବା ଉପରକୁ ଉଠେ । ଏସବୁ ଉଡ଼ାଜାହାଜରେ ଜଣେ କିମ୍ବା ଦୁଇ ଜଣ ବସିଥାଆନ୍ତି । ସେମାନେ ବିଭିନ୍ନ ସ୍ଥାନରେ ନିଜ ନିଜର କାମ ଦେଖିବା ପାଇଁ ନିଜ ଉଡ଼ାଜାହାଜରେ ଯିବା ଆସିବା କରନ୍ତି ।

ରାସ୍ତାଘାଟ ଖୁବ୍ ଚମତ୍କାର ଏବଂ ପ୍ରଶସ୍ତ । ଜାତୀୟପଥରେ ଏକାସାଙ୍ଗରେ ଅନ୍ତତଃ ଚାରୋଟି ମଟର ଯିବା ପାଇଁ ଏବଂ ଚାରୋଟି ମଟର ଆସିବା ପାଇଁ ଦୁଇଟି ଅଲଗା ଅଲଗା ରାସ୍ତା ହୋଇଥାଏ । ହଜାର ହଜାର ମଟରଗାଡ଼ି ଘଣ୍ଟାକେ ଷାଠିଏ ·ସତୁରୀ ମାଇଲ ବେଗରେ ଛୁଟୁଥାନ୍ତି । ଅନେକ ରାସ୍ତାରେ ଷାଠିଏ ମାଇଲରୁ କମ୍ ବେଗରେ ଗାଡ଼ି ଚଳାଇଲେ ପୋଲିସ ଧରେ । ରାସ୍ତାରେ କେହି ଚାଲିବାର ଦେଖାଯାଆନ୍ତି ନାହିଁ- ସମସ୍ତେ ଗାଡ଼ି ଭିତରେ । ଗୋଟିଏ ସହର ଅନେକ ସମୟରେ ଜନ-ମାନବହୀନ ଗୋଟିଏ ଯନ୍ତ୍ରଚାଳିତ ଭୂତ ସହର ପରି ଦେଖାଯାଏ । ଆମ କଟକ ସହରର ସଂକୀର୍ଣ୍ଣ ରାଜପଥ ମଝିରେ ଯେପରି ମହାଶାନ୍ତିରେ ଠିଆ ହୋଇ ଗାଈମାନେ ଆଖି ବୁଜି ଖାଦ୍ୟ ପାକୁଳାଉଥାନ୍ତି, କୁକୁରମାନେ ଖେଳୁଥାନ୍ତି, ସ୍କୁଲ କଲେଜ ପିଲା ଦଳଦଳ ହୋଇ ସାଇକେଲ ଧରି ଠିଆହୋଇ ନାନା ବିଷୟରେ ଗପ ଜମେଇଥାନ୍ତି, ପିଲାମାନେ ବଲ୍ ଖେଳୁଥାନ୍ତି ଓ ପୋଲିସବାଲା ଠିଆ ହୋଇ ନିର୍ବିକାର ଚିତ୍ତରେ ଆକାଶର ସୌନ୍ଦର୍ଯ୍ୟ ଉପଭୋଗ କରୁଥାଆନ୍ତି କିମ୍ବା ସେମାନଙ୍କର ଭୋକିଲା ପିଲାପିଲିଙ୍କ କଥା ଭାବୁଥାଆନ୍ତି, ସେଠାରେ ତାହା ସ୍ୱପ୍ନରେ ସୁଦ୍ଧା କଳ୍ପନା କରାଯାଇପାରେନା । ସମସ୍ତେ କାମ କରନ୍ତି—ଅବିଶ୍ରାନ୍ତ କାମରେ ସାରା ଦେଶ ଅନବରତ ବ୍ୟସ୍ତ— କିନ୍ତୁ ଆମର ଯେପରି ଅସରନ୍ତି ସମୟ ପଡ଼ିଛି ଆଗରେ ବିଶ୍ରାମ ପାଇଁ—ଖୁସି ଗପ ପାଇଁ କିମ୍ବା ହରିନାମ କହି କହି ଢୁଳେଇବା ପାଇଁ !

ଅଦମ୍ୟ ପରିଶ୍ରମ ଯୋଗୁ ଗତ ଶହେ ବର୍ଷ ଭିତରେ ଏମାନଙ୍କର ସମ୍ପତ୍ତି ବହୁପରିମାଣରେ ବଢ଼ିଯାଇଛି । ଗୋଟିଏ ମୂଲିଆର ମାସକୁ ହାରାହାରି ପାଞ୍ଚହଜାର ଟଙ୍କା ରୋଜଗାର- ଆମ ଖର୍ଚ୍ଚ ଅନୁସାରେ ହିସାବ କଲେ ମଧ୍ୟ ଅନ୍ତତଃ ଏକହଜାର ଟଙ୍କାରୁ କମ୍ ହେବ ନାହିଁ । ଏତେ ବେଶି ଧନୀ

Digitized by PPRACHIN, SOA

ହେବାର କାରଣ—ଆମେରିକା ଗୋଟିଏ ପ୍ରକାଣ୍ଡ ଦେଶ— ଆକାରରେ ଆମ ଭାରତବର୍ଷଠାରୁ ପ୍ରାୟ ଦୁଇଗୁଣ ବେଶି । ଲୁହା, କୋଇଲା, ପେଟ୍ରୋଲ ପ୍ରଭୃତି ଆଧୁନିକ ଅତ୍ୟାବଶ୍ୟକୀୟ ଖଣିଜପଦାର୍ଥରେ ଭରପୂର । ଗତ ତିନିଶହ ବର୍ଷ ଧରି ୟୁରୋପର ବିଭିନ୍ନ ଦେଶରୁ ଦଳଦଳ ଲୋକେ ନୂତନ ଆଶା ଓ ଅଦମ୍ୟ ଉତ୍ସାହ ନେଇ ଏ ଦେଶରେ ବସତି ସ୍ଥାପନ କରିଛନ୍ତି । ଅଧିକାଂଶଙ୍କର ପ୍ରଧାନ ଲକ୍ଷ୍ୟ ହେଲା— କିପରି ବହୁ ରୋଜଗାର କରି ଧନଶାଳୀ ହେବା । ସେଥିଲାଗି ସେମାନଙ୍କୁ ପ୍ରଶସ୍ତ କ୍ଷେତ୍ର ମଧ୍ୟ ମିଳିଗଲା । ସେମାନଙ୍କ ଇଚ୍ଛାନୁରୂପ ଅଗ୍ରଗତି ରୋକିବାକୁ ପୁରାତନ ସମାଜର କୌଣସି ବଂଧନ ନଥିଲା- ଅତି ଶୀଘ୍ର ନୂତନ ସମାଜର ସୃଷ୍ଟି ହେଲା । ଜଣକୁ ହଜାରେ ଏକର ଜମି ଚାଷ କରିବା ପାଇଁ ମିଳିବାରେ ଅସୁବିଧା ହେଲାନାହିଁ । ଜଣେ ଗୋଟିଏ ବିରାଟ କୋଇଲାଖଣିର ମାଲିକ ଅତି ସହଜରେ ହୋଇପାରିଲା । ନିଗ୍ରୋମାନଙ୍କର ଶ୍ରମ ଅତି ଶସ୍ତା ଓ ସୁବିଧାରେ ବ୍ୟବହାର କରିବାର ସୁବିଧା ହେଲା । ଏହିପରି ନାନା ଐତିହାସିକ ଓ ପ୍ରାକୃତିକ କାରଣ ଯୋଗୁ ଅତି ଅଳ୍ପ ସମୟ ଭିତରେ ଦେଶର ଧନ ସମ୍ପତ୍ତି, ବାଣିଜ୍ୟ ବ୍ୟବସାୟ, ଉତ୍ପାଦନ, ରପ୍ତାନୀ ହୁ ହୁ ହୋଇ ବଢ଼ି ଉଠିଲା । ପୁଞ୍ଜିବାଦର ପ୍ରସାର ଅନିୟନ୍ତ୍ରିତ ଭାବରେ ଅତି ଦ୍ରୁତ ଗତିରେ ଚାଲିଲା । ବିଭିନ୍ନ ଦେଶର ଭିନ୍ନ ଭିନ୍ନ ଭାଷାଭାଷୀ ଦଳମାନଙ୍କ ଭିତରେ ଅନିୟନ୍ତ୍ରିତ ପ୍ରତିଯୋଗିତା ହିଁ ଦେଖାଯିବା ସ୍ୱାଭାବିକ । ଏହା ଆଧୁନିକ ଆମେରିକାନ୍ ସମାଜର ଅତ୍ୟଧିକ ବ୍ୟକ୍ତିବାଦ ପାଇଁ ମୁଖ୍ୟତଃ ଦାୟୀ ହୋଇପାରେ । କ୍ରମେ ଦଳେ ଅତି ଶକ୍ତିଶାଳୀ ଓ ଧନୀ ପୁଞ୍ଜିପତି ଦେଖାଦେଲେ । ଏମାନଙ୍କ ଭିତରେ ଅତିରିକ୍ତ ପ୍ରତିଯୋଗିତା ଯୋଗୁ ଦେଶର ଉତ୍ପାଦନ ଶକ୍ତି ବହୁ ପରିମାଣରେ ବଢ଼ିପାରିଲା । ଅନ୍ୟ ଦେଶରେ ଯୁଦ୍ଧ ହେଲେ ଏବଂ ଅତୀତର ଦୁଇଟି ବିଶ୍ୱଯୁଦ୍ଧ ସମୟରେ ଆମେରିକାର ଭୌତିକ ବିଭବ ଅତି ମାତ୍ରାରେ ବଢ଼ି ଯାଇଥିଲା ।

ଦେଶର ଧନ ସମ୍ପତ୍ତି ବଢ଼ିବା ଉଚିତ—କିନ୍ତୁ କେବଳ ଧନ ସମ୍ପତ୍ତି ଯେ ବ୍ୟକ୍ତି ଓ ସମାଜର ଏକମାତ୍ର କାମ୍ୟ ତା ନୁହେଁ—ଧନ ସମ୍ପତ୍ତି, ଆଧୁନିକ ଯନ୍ତ୍ରପାତି, କଳକାରଖାନା ମନୁଷ୍ୟର ସୁଖ ଶାନ୍ତିର ଉପାୟ ମାତ୍ର । କିନ୍ତୁ ଏସବୁ ଯଦି ମନୁଷ୍ୟର ମୁଖ୍ୟ କାମ୍ୟ ବୋଲି କୌଣସି କାରଣରୁ ପ୍ରତିପାଦିତ ହୁଏ, ତାହାହେଲେ ବ୍ୟକ୍ତି ତଥା ସାମାଜିକ ଜୀବନରେ ବହୁ ବିଭ୍ରାଟ ଦେଖାଯାଏ । ସୁଖପ୍ରାପ୍ତିର ଉପାୟଗୁଡ଼ିକ ଯଦି ମନୁଷ୍ୟର ପ୍ରଧାନ କାମ୍ୟରେ ପରିଣତ ହୁଏ ତାହାହେଲେ ମନୁଷ୍ୟ ଜୀବନରେ ସୁଖଶାନ୍ତି ରହେନାହିଁ । ଆମ ଦେଶରେ ଆର୍ଥିକ ଅନଟନ ଓ ଅତ୍ୟାବଶ୍ୟକୀୟ ଜିନିଷର ଅଭାବ ଫଳରେ ନାନାରକମର ବ୍ୟକ୍ତିଗତ ଅଶାନ୍ତି, ଦୁଃଖ କଷ୍ଟ ଓ ଅସାମାଜିକ କାର୍ଯ୍ୟାବଳୀ ଦେଖାଯାଉଛି । ତେଣୁ ଆମେରିକାର ଏତେ ବଡ଼ ବିଭବଶାଳୀ ସମାଜରେ ଏ ପ୍ରକାର ସାମାଜିକ ବିଭ୍ରାଟ ଦେଖାଯିବା ଉଚିତ ନୁହେଁ । ଜନସାଧାରଣ ପରମ ସୁଖରେ ଜୀବନଯାପନ କରିବା ଉଚିତ; କିନ୍ତୁ ପ୍ରକୃତରେ ତାହା ସତ୍ୟ କି ? ଯଦି ପ୍ରକୃତରେ ସୁଖଶାନ୍ତି ନାହିଁ, ତାହାହେଲେ ତା'ର କାରଣ କ'ଣ ?

■■■

Digitized by PPRACHIN, SOA

ପାଞ୍ଚ

ଅନିୟନ୍ତ୍ରିତ ଉତ୍ପାଦନର ସୁଫଳ ଓ କୁଫଳ

■ କ ■

ପୁଞ୍ଜିପତି ଦେଶର ଉତ୍ପାଦନ କ୍ଷେତ୍ରରେ ସରକାରୀ ବା ସାମାଜିକ ନିୟନ୍ତ୍ରଣ ପ୍ରାୟ ନାହିଁ କହିଲେ ଚଳେ । ଲାଭ ପାଇଁ ଉତ୍ପାଦନ ବଢ଼ାଇବାରେ ବା ଯେ କୌଣସି କ୍ଷେତ୍ରରେ ବ୍ୟବସାୟ ବାଣିଜ୍ୟ ବା ଶିଳ୍ପ ପ୍ରସାରରେ ଅଗ୍ରଧର୍ଷୀ କାର୍ଯ୍ୟକ୍ରମ ଏ ଦେଶର ଜୀବନ ଦର୍ଶନର ଗୋଟିଏ ପ୍ରଧାନ ଅଙ୍ଗ । ବଜାରର ଚାହିଦା ଅନୁସାରେ ଅଳ୍ପ ଖର୍ଚ୍ଚରେ ଉତ୍ପାଦନ ବଢ଼ାଇ ପାରିଲେ ଲାଭ ହେବ । ଲୋକମାନଙ୍କଠାରେ ନାନା ରକମର ଦ୍ରବ୍ୟ ପ୍ରତି ଚାହିଦା ସୃଷ୍ଟି କରିବା ପାଇଁ ନାନା ପ୍ରକାର ବୈଜ୍ଞାନିକ ଉପାୟ ଅବଲମ୍ବନ କରାହୁଏ । ରେଡ଼ିଓ, ଟେଲିଭିଜନ, ଖବରକାଗଜ ଓ ଅନ୍ୟାନ୍ୟ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦିତ ଜିନିଷ ପ୍ରତି ଲୋକଙ୍କଠାରେ ଆଗ୍ରହ ସୃଷ୍ଟି କରିବା ପାଇଁ ମଧ୍ୟ କୋଟି କୋଟି ଡଲାର ଖର୍ଚ୍ଚ ହୁଏ । ପ୍ରତ୍ୟେକ ବ୍ୟବସାୟୀ ନିଜର ଜିନିଷ ଯେତେ ଶସ୍ତାରେ ତିଆରି କରି ବଜାରରେ ବିକ୍ରି କରିପାରିବ ତା'ର ସେତେ ଲାଭ ହେବ । କିନ୍ତୁ ଖାଲି ଶସ୍ତା ହେଲେ ତ ଚଳିବ ନାହିଁ, ବଜାରରେ ସେହି ଗୋଟିଏ ପ୍ରକାର ଜିନିଷ ଆହୁରି ଅନେକ ଲୋକ ତିଆରି କରୁଛନ୍ତି । ତେଣୁ ତା'ର ଜିନିଷ ଉତ୍କୃଷ୍ଟ ମଧ୍ୟ ହେବା ଦରକାର । ତେଣୁ ପୁଞ୍ଜିପତି ଦେଶରେ ପରସ୍ପର ଭିତରେ ଭୟାନକ ଭାବରେ ପ୍ରତିଯୋଗିତା ଦେଖାଦେବାକୁ ବାଧ୍ୟ; ଫଳରେ ବହୁ ଉତ୍ପାଦିତ ବସ୍ତୁ ଲାଭ ହୁଏ ଏବଂ ଶସ୍ତାରେ ମିଳେ । ଏହି ପ୍ରତିଯୋଗିତା ଯୋଗୁଁ ଆମେରିକାର ମଟରଗାଡ଼ି ସବୁ ଏତେ ଶସ୍ତା ଏବଂ ମଜବୁତ୍ । କ୍ରମେ କ୍ରମେ ନୂଆ ଉଦ୍‌ଭାବନ ଗାଡ଼ିମାନଙ୍କରେ ଖଞ୍ଜା ହୁଏ, ଅଥଚ ଦାମ୍ ବଢ଼େ ନାହିଁ ।

ଆମ ଦେଶରେ ପୁଞ୍ଜିପତିମାନେ ମଟରଗାଡ଼ି ତିଆରି କରନ୍ତି; କିନ୍ତୁ ସରକାର ସେମାନଙ୍କୁ ଘଣ୍ଟ ଘୋଡ଼ାଇ ରଖିଥିବା ଯୋଗୁଁ ପ୍ରତିବର୍ଷ ଗାଡ଼ି ଦାମ୍ ବଢ଼ି ବଢ଼ି ଚାଲେ ଏବଂ ସେହି ଅନୁପାତରେ ତା'ର ଉତ୍କର୍ଷ ମଧ୍ୟ କମି କମି ଆସେ । ତଥାକଥିତ ସମାଜବାଦୀ ଭାରତରେ ଏହା ଗୋଟିଏ ଅଦ୍ଭୁତ ଘଟଣା । ପୁଞ୍ଜିପତିଙ୍କ ଭିତରେ ପ୍ରତିଯୋଗିତା ନ ହେବା ଏବଂ ସେମାନଙ୍କୁ ବେଶି ଲାଭ ଦେବା ବୋଧହୁଏ ଭାରତୀୟ ସମାଜବାଦର ଗୋଟିଏ ନୂତନ ଦିଗ୍‌ଦର୍ଶନ । ଅବଶ୍ୟ ସରକାର ବୋଇଲେ ଯେଉଁମାନଙ୍କୁ ବୁଝାଏ, ସେମାନେ ଗାଡ଼ିର ଦାମ୍ ବଢ଼ିବାରେ ବିଶେଷ ଭାବରେ ଅସୁବିଧାରେ ପଡ଼ନ୍ତି ନାହିଁ । ଏମାନଙ୍କୁ ମଟରଗାଡ଼ି ଯଥା ସମୟରେ ଯୋଗାଇ ଦେବାରେ ସରକାର ସବୁବେଳେ ନଜର ଦେଇଥାନ୍ତି । ଫଳରେ ସେମାନେ ସବୁବେଳେ ବେଶି ଦରରେ ପୁରୁଣା ଗାଡ଼ି ବିକି ବିକି ଚାଲିଥାଆନ୍ତି; ତେଣୁ ଦାମ୍ ବଢ଼ିଲେ ସେମାନଙ୍କର କ୍ଷତି କ'ଣ ? ମୋଟାମୋଟି ଭାବରେ ଆମର ଶିଳ୍ପଜାତ ଦ୍ରବ୍ୟର ଦାମ୍ ବଢ଼ି ବଢ଼ି ଚାଲିଛି ଏବଂ ତା'ର ଗୁଣାତ୍ମକ ଉତ୍କର୍ଷ କମି କମି

Digitized by PPRACHIN, SOA

ଆସୁଛି । ଅଥଚ ଆମେରିକାରେ ଏହା ସଂପୂର୍ଣ୍ଣ ବିପରୀତ । ଲୁଗାପଟା, ରେଡ଼ିଓ, ଟେଲିଭିଜନ, ଖାଦ୍ୟଦ୍ରବ୍ୟ ଓ ପ୍ରତିଦିନ ବ୍ୟବହାର୍ଯ୍ୟ ଜିନିଷପତ୍ରର ଉତ୍କର୍ଷ ବଢ଼ି ବଢ଼ି ଚାଲିଛି । ଫଳରେ ସାଧାରଣ ଲୋକେ ଏ ସବୁ ଜିନିଷ ଉପଭୋଗ କରିପାରୁଛନ୍ତି । ଆମେରିକାରେ ପୁଞ୍ଜିପତିଙ୍କ ଭିତରେ ତୀବ୍ର ପ୍ରତିଯୋଗିତା ଯୋଗୁ ଯେ ଏହା ସମ୍ଭବ ହୋଇଛି– ଏଥିରେ ସଂଦେହ ନାହିଁ । ତା' ଫଳରେ ଲୋକଙ୍କର ଉତ୍ପାଦିକା ଶକ୍ତି ମଧ୍ୟ ଅତ୍ୟନ୍ତ ବେଶି । ପ୍ରତିଯୋଗିତା ଯୋଗୁ ନାନା କ୍ଷେତ୍ରରେ ଗବେଷଣା ଚାଲିଛି ଏବଂ ସମସ୍ତଙ୍କର କାର୍ଯ୍ୟଦକ୍ଷତା ଏବଂ ଉତ୍ପାଦନ କ୍ଷେତ୍ରରେ ପ୍ରାଚୁର୍ଯ୍ୟ ଯୋଗୁ ଲୋକଙ୍କର ଜୀବନ ନିର୍ବାହ ମାନ ବଢ଼ି ବଢ଼ି ଚାଲିଛି ।

ଉଦାହରଣ ସ୍ୱରୂପ ଯୁକ୍ତରାଷ୍ଟ୍ର-ଆମେରିକାର ଟେଲିଫୋନ୍ ବ୍ୟବସ୍ଥା ନିଆଯାଉ । ଏତେ ବଡ଼ ପ୍ରକାଣ୍ଡ ଭୂଖଣ୍ଡରେ–ଭାରତଠାରୁ ଆକାରରେ ଅନେକ ବଡ଼ ଏହି ଦେଶର ଗୋଟିଏ ସ୍ଥାନରୁ ଅନ୍ୟ ଯେକୌଣସି ସ୍ଥାନକୁ ଡାଏଲ କରି ଟେଲିଫୋନ୍ କରାଯାଇପାରେ । ଡାଏଲ୍ କଲାକ୍ଷଣି ତିନି ହଜାର ମାଇଲ୍ ଦୂରରେ ଥିବା ଲୋକ ସହିତ ଅତି ପ୍ରାଞ୍ଜଳ ଭାବରେ ସେହିକ୍ଷଣି କଥାବାର୍ତ୍ତା କରିପାରିବ । ଖାଲି ଆମେରିକାରେ କାହିଁକି, ଆମେରିକାରୁ ଇଂଲଣ୍ଡ ବା ୟୁରୋପର ଯେ କୌଣସି ସ୍ଥାନକୁ କିମ୍ବା ଜାପାନକୁ ସେହି ମୁହୂର୍ତ୍ତରେ ଡାଏଲ୍ କରି କଥାବାର୍ତ୍ତା କରିହେବ । ଦାମ୍ ମଧ୍ୟ ବହୁତ କମ୍ । ସନ୍ଧ୍ୟା ପାଞ୍ଚଟାରୁ ସକାଳ ସାତଟା ଯାଏଁ ଏବଂ ଶନିବାର ରବିବାର ଦିନ ଆମେରିକାର ଯେ କୌଣସି ଦୂର ସ୍ଥାନକୁ ଟେଲିଫୋନ୍ କଲେ ତିନିମିନିଟ୍‌କୁ ପ୍ରାୟ ପଞ୍ଚାଅଶୀ ସେଣ୍ଟ୍ ଖରଚ ହୁଏ– ଆମ ଟଙ୍କାରେ ପ୍ରାୟ ଛଅଟଙ୍କା । କିନ୍ତୁ ସେମାନଙ୍କର ଆୟ ତୁଳନାରେ ଏହା ପଞ୍ଚାଅଶୀ ପଇସା ବୋଲି ଧରାଯାଇପାରେ । ମୁଁ ନିୟୁୟର୍କ ଛାଡ଼ିବାର ଦଶମିନିଟ୍ ପୂର୍ବରୁ ପ୍ରାୟ ତିନିହଜାର ମାଇଲ୍ ଦୂରରେ ଥିବା ମୋ ପୁଅ ସହିତ ପାଞ୍ଚମିନିଟ କଥା କହିଥିଲି । ବାହାରେ ଅପେକ୍ଷା କରିଥିବା ମଟରକୁ ଯାଉଯାଉ ଡାଏଲ୍ କଲି ଏବଂ କଥାବାର୍ତ୍ତା ହେଲି । ଭାରତରେ ଏହା ଏକାବେଳକେ ଅସମ୍ଭବ । ଆମର ଟେଲିଫୋନ୍ କର୍ତ୍ତା ଲୋକଙ୍କର ଆଧ୍ୟାତ୍ମିକ ଉନ୍ନତି ଲାଗି ବୋଧହୁଏ ବେଶି ବ୍ୟଗ୍ର–ଏ ସାଧାରଣ ନାଗରିକଙ୍କ ସୁବିଧା କଥା କିଏ ଭାବୁଛି ? ତା'ଛଡ଼ା ଏଠାରେ ସମାଜବାଦ ପ୍ରସାର ଅର୍ଥ କେବଳ ନିର୍ମମ ସରକାରୀ କଳ ହାତରେ ଲୋକଙ୍କୁ ସମର୍ପଣ କରିଦେବା । ଟେଲିଫୋନ୍ ବ୍ୟବସାୟର କର୍ତ୍ତା ହେଲେ ସବୁଠୁଁ ବଡ଼ ସାହେବ । ତାଙ୍କର ମିଜାସ ବଡ଼ କଡ଼ା ହେବା କଥା । ତେଣୁ ଟଙ୍କା ଦେଇ ଟେଲିଫୋନ୍ କିଣିଲେ ସୁଦ୍ଧା ଲୋକଙ୍କର ସୁବିଧା କଥା କିଏ ଶୁଣେ ?

ଏହ ଟେଲିଫୋନ୍ ବ୍ୟବସ୍ଥା ମଧ୍ୟ ବ୍ୟବସାୟ ସୂତ୍ରରେ ପୁଞ୍ଜିପତିମାନେ ଚଳାନ୍ତି । ବହୁ ଗବେଷଣା ଫଳରେ ଏହା ଅତ୍ୟନ୍ତ କାର୍ଯ୍ୟକ୍ଷମ । ହିସାବ କରି ଦେଖାଯାଇଛି ଯେ, ଆମ ଭାରତରେ ଥିବା ଟେଲିଫୋନ୍ ବ୍ୟବସ୍ଥା ଯଦି ଏଠାରେ ପ୍ରଚଳନ କରାଯାଆନ୍ତା, ତା'ହେଲେ ସେମାନଙ୍କର ଟେଲିଫୋନ୍ ସଂସ୍ଥାରେ ଆମେରିକାର ଆବାଳବୃଦ୍ଧବନିତା ସମସ୍ତେ କାମ କଲେ ଏହି କୋଟି କୋଟି ଟେଲିଫୋନ୍ ଯାଇ କାର୍ଯ୍ୟକାରୀ ହୋଇପାରନ୍ତା । ଅର୍ଥାତ୍ କେବଳ ଅତି ନିପୁଣ ଯନ୍ତ୍ରପାତି ଯୋଗୁଁ ହିଁ ଏ ପ୍ରକାର କାର୍ଯ୍ୟଦକ୍ଷତା ସମ୍ଭବ ହୋଇଛି । କମ୍ ଖର୍ଚ୍ଚରେ ଲୋକମାନେ ଏତେ ସୁବିଧା ପାଇ ପାରୁଛନ୍ତି ।

ଏହିପରି ଭାବରେ ମଟରଗାଡ଼ି, ଟେଲିଭିଜନ, ରନ୍ଧାଘରେ ଲଗା ହୋଇଥିବା ବହୁ ପ୍ରକାର ସୁବିଧାଜନକ ଯନ୍ତ୍ରପାତି, ଲୁଗାପଟା, ଖାଦ୍ୟଦ୍ରବ୍ୟ ପ୍ରଭୃତି ସୁଲଭ ଦରରେ ମିଳେ । ବହୁଦିନ ଧରି ଏ ସବୁ ବ୍ୟବହାର କରାଯାଏ । ଛୋଟଛୋଟ ଜିନିଷ ଟିକିଏ ଖରାପ ହେଲେ ଲୋକେ ଫୋପାଡ଼ି ଦିଅନ୍ତି । ନୂଆ ଜିନିଷ କିଣନ୍ତି । ଏହି କାରଣରୁ ଏଠାରେ ଏତେ ସଂଖ୍ୟାରେ ମଟରଗାଡ଼ି । ପ୍ରତି ଦୁଇ ଜଣରେ ଗୋଟିଏ ଗାଡ଼ି । ସ୍ୱାମୀସ୍ତ୍ରୀ ଦୁଇଜଣଙ୍କର ଦୁଇଟି ଗାଡ଼ି । ପେଟ୍ରୋଲ ଦାମ୍ କମ୍ ଥିବାରୁ ଏହା ସମ୍ଭବ ହୁଏ । ଗାଲନ୍ ଆମ ଟଙ୍କାରେ ଦେଢ଼ ଟଙ୍କା ଏବଂ ସେମାନଙ୍କ ପକ୍ଷରେ ଏହା କିଛି ନୁହେଁ । ପ୍ରାୟ ସମସ୍ତଙ୍କ ଘରେ ଟେଲିଭିଜନ–ଅଧିକାଂଶଙ୍କ ଘରେ ଲୁଗାଧୁଆ, ଲୁଗାଶୁଖା

Digitized by PPRACHIN, SOA

ବିଦ୍ୟୁତ୍ ଯନ୍ତ୍ର । ଯେଉଁମାନଙ୍କର ନାହିଁ, ସେମାନଙ୍କ ପାଇଁ ଗୋଟିଏ ଗୋଟିଏ ଅଞ୍ଚଳରେ ବହୁତଗୁଡ଼ିଏ ଏ ପ୍ରକାରର ଯନ୍ତ୍ର ଗୋଟିଏ ଘରେ ରଖାହୋଇଥାଏ । ଲୋକେ ରବିବାର ଦିନ ଯାଇ ଖୁବ୍ କମ୍ ଖର୍ଚ୍ଚରେ ଲୁଗାପଟା ଧୋଇ ଶୁଖାଇ ଘରକୁ ନେଇ ଆସନ୍ତି ।

ଲୋକଙ୍କର ଆୟ ଅନୁଯାୟୀ ଖାଦ୍ୟପେୟ ସାମଗ୍ରୀର ଦାମ୍ ବେଶି ନୁହେଁ । ଆମ ଦେଶର ଖାଦ୍ୟପଦାର୍ଥ ଅପେକ୍ଷା ଏଠାରେ ଅତ୍ୟନ୍ତ ଭଲ ଧରଣର ଖାଦ୍ୟଦ୍ରବ୍ୟ ମିଳେ । ଦୁଧ ସବୁବେଳେ ଖାଣ୍ଟି—ଫଳ, ପନିପରିବା ପ୍ରଚୁର—ଅଣ୍ଡା, ମାଛ, ମାଂସ ସମସ୍ତେ ଖାଆନ୍ତି—ମାଂସ ଦର ଟିକିଏ ବେଶି ବଢ଼ିଯିବାରୁ ଏବଂ ସରକାର ଏ ବିଷୟରେ କୌଣସି ପ୍ରତିକାର ନ କରିବାରୁ ଜନସାଧାରଣ ଅନେକ ଦିନ ଯାଏ ବଜାରରୁ ମାଂସ କିଣିଲେ ନାହିଁ । ଆମ ଦେଶରେ କେବଳ ବକ୍ତୃତାରେ ଦାମ୍ କମାଯାଏ, କାର୍ଯ୍ୟରେ ନୁହେଁ । ଅନର୍ଗଳ ବକ୍ତୃତା ଛଡ଼ା ଆଉ କୌଣସି ଜିନିଷ ଆମ ଦେଶରେ ଶସ୍ତା ନୁହେଁ ।

ଏ ଦେଶର ରାସ୍ତାଘାଟ, ପୋଲ, ରେଳ, ବସ୍, ଉଡ଼ାଜାହାଜ, ଏପରିକି ଡାକତାର ଟେଲିଫୋନ୍ ବ୍ୟବସ୍ଥା ମଧ୍ୟ ପୁଞ୍ଜିପତିଙ୍କ ବ୍ୟକ୍ତି ବା ଗୋଷ୍ଠୀଗତ ବ୍ୟବସାୟ । ଏମାନଙ୍କର ଲାଭ ମନୋବୃତ୍ତି ପରସ୍ପର ପ୍ରତିଯୋଗିତା ଭିତରଦେଇ ଚରିତାର୍ଥ ହୁଏ । ଫଳରେ ଅଳ୍ପ କେତେଜଣ ବହୁ କୋଟି ଡଲାରର ଅଧିକାରୀ ତ ଆଉ ଅନେକ ଲୋକ ଛୋଟ ଛୋଟ ବ୍ୟବସାୟରେ ପାଣ୍ଠି ବିନିଯୋଗ କରନ୍ତି । ଅଳ୍ପ ପୁଞ୍ଜି ଥିବା ବ୍ୟବସାୟୀଙ୍କ ଭିତରେ ଯେପରି ତୀବ୍ର ପ୍ରତିଯୋଗିତା ଅହରହ ଲାଗିରହିଛି, କୋଟିପତିଙ୍କ ଭିତରେ ସେ ପ୍ରକାର କଠୋର ପ୍ରତିଯୋଗିତା ନାହିଁ । କାରଣ ସେମାନେ ସେମାନଙ୍କର ପ୍ରଭୂତ ପୁଞ୍ଜି ଫଳରେ ସମାଜରେ ଏକଚାଟିଆ ବ୍ୟବସାୟ ବା ଶିଳ୍ପପ୍ରତିଷ୍ଠା କରିବାରେ ସମର୍ଥ ହୁଅନ୍ତି । ପୁଞ୍ଜିବାଦୀ ପ୍ରତିଯୋଗିତାର ସାମାଜିକ ସୁଫଳ ବିଷୟରେ ଆଲୋଚନା ହେଲା; କିନ୍ତୁ ଏହାର ବିଷମୟ ଫଳ ବିଷୟରେ ବର୍ତ୍ତମାନ ଆଲୋଚନା କରାଯାଉ ।

■ ଖ ■

ଯୁକ୍ତରାଷ୍ଟ୍ର ଆମେରିକା ବର୍ତ୍ତମାନ ପୃଥିବୀର ସର୍ବଶ୍ରେଷ୍ଠ ଧନଶାଳୀ ଦେଶ । ବ୍ୟକ୍ତିଗତ ଓ ଜାତୀୟ ଆୟ ଏବଂ ସାମଗ୍ରିକ ଉତ୍ପାଦନ ଦୃଷ୍ଟିରୁ ଏହା ଅଦ୍ୱିତୀୟ । ବିଦ୍ୟୁତ୍‌ଶକ୍ତି, ପେଟ୍ରୋଲ୍ ଓ ଅନ୍ୟାନ୍ୟ ଶିଳ୍ପଜାତୀୟ ପଦାର୍ଥ ବ୍ୟବହାରରେ ମଧ୍ୟ ଏହା ସର୍ବପ୍ରଥମ । ଏମାନେ ବିଦ୍ୟୁତ୍ ଶକ୍ତି, ପେଟ୍ରୋଲ୍ ପ୍ରଭୃତି ଜାଳେଣିଶକ୍ତି ଏତେ ପରିମାଣରେ ବ୍ୟବହାର କରୁଛନ୍ତି ଏବଂ ଏହାର ଚାହିଦା ପ୍ରତିବର୍ଷ ଏତେ ବେଶି ବଢ଼ୁଛି ଯେ, ଆସନ୍ତା ଦଶବର୍ଷ ମଧ୍ୟରେ ଏହାର ଚାହିଦା ଦୁଇଗୁଣ ବଢ଼ିଯିବ—ପୁଣି ଆସନ୍ତା କୋଡ଼ିଏ ବର୍ଷ ମଧ୍ୟରେ ଚାରିଗୁଣ ବଢ଼ିଯିବ । କିନ୍ତୁ ଏ ପ୍ରକାର ବିରାଟ ଚାହିଦା ତୁଳନାରେ ପ୍ରାକୃତିକ ସମ୍ପତ୍ତିର ଅଭାବ ଦେଖା ଦେବାକୁ ବାଧ୍ୟ । ତା ସହିତ ଜଳ, ସ୍ଥଳ, ଆକାଶ ଏବଂ ସମସ୍ତ ପରିବେଶ କ୍ରମେ ଏପରି ବିଷାକ୍ତ ହୋଇପଡୁଛି ଯେ ଲୋକଙ୍କର ରୋଗ ବଢ଼ିବାକୁ ଆରମ୍ଭ କଲାଣି । ଗତ କେତେବର୍ଷ ଭିତରେ ଏମାନଙ୍କର ଆୟୁଷ ସାମାନ୍ୟ କମିବାକୁ ଆରମ୍ଭ କରିଛି । ନିୟୁୟର୍କ, ଲସ୍‌ଆଞ୍ଜେଲସ୍, ସିକାଗୋ ପ୍ରଭୃତି ସହରର ପରିବେଶ ଅତ୍ୟନ୍ତ ବେଶି କଳୁଷିତ ହୋଇପଡ଼ିଛି । ବର୍ତ୍ତମାନ ହିସାବ କରି ଦେଖାଯାଇଛି, ଲସ୍ ଆଞ୍ଜେଲସ୍ ସହରର ବାୟୁମଣ୍ଡଳ ଏତେ ବିଷାକ୍ତ ହୋଇପଡ଼ିଛି ଯେ, ଅତି ଶୀଘ୍ର ଏଠାରେ ବ୍ୟବହୃତ ହେଉଥିବା ଗାଡ଼ି ସଂଖ୍ୟା ଯଦି ଶତକଡ଼ା ପଞ୍ଚାଅଶୀ କମାଇ ଦିଆ ନ ଯାଏ, ସ୍ୱାସ୍ଥ୍ୟ ଦୃଷ୍ଟିରୁ ନିରାପଦ ଏବଂ ସହନଶୀଳ ବାୟୁମଣ୍ଡଳ ଏଠାରେ ସମ୍ଭବ ହୋଇପାରିବ ନାହିଁ । କଳକାରଖାନା ସବୁ ଅଧାଅଧି ବନ୍ଦ ନ ହେଲେ ବାୟୁମଣ୍ଡଳ

Digitized by PPRACHIN, SOA

ନିରାପଦ ହୋଇପାରିବ ନାହିଁ । ମଟରଗାଡ଼ି ସବୁ ଦୂଷିତ ଗ୍ୟାସ ପରିଶୋଧନ ଯନ୍ତ୍ର ବ୍ୟବହାର କରିବାକୁ ବାଧ୍ୟ ବୋଲି ଘୋଷଣା କରାଯାଇଛି । କିନ୍ତୁ ମଟରଗାଡ଼ି କମ୍ପାନୀମାନେ ମଧ୍ୟ ଘୋଷଣା କଲେଣି ଯେ, ଖର୍ଚ୍ଚ ଦୃଷ୍ଟିରୁ ସେମାନଙ୍କ ପକ୍ଷରେ ୧୯୭୫ ସୁଦ୍ଧା ଏହା କରିବା ସମ୍ଭବ ନୁହେଁ । ମଟର କମ୍ପାନୀମାନେ ବହୁତ ଶକ୍ତିଶାଳୀ, କୋଟିପତି । ତେଣୁ ସେମାନଙ୍କୁ ବାଧ୍ୟ କରିବା ସମ୍ଭବ ବୋଲି ଜଣାଯାଉନାହିଁ ।

ଶିଳ୍ପ ବିକାଶ ଯେଉଁ ପୁଞ୍ଜିପତିଙ୍କ ହାତରେ ରହିଛି, ସେମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ରାଜନୈତିକ ପ୍ରଭାବ ଏତେ ବେଶି ଯେ, ସେମାନଙ୍କର ଲାଭ ପାଇଁ ସେମାନେ ଯାହା କରିବେ ତାକୁ ରୋକିବା ଶକ୍ତି ସରକାରଙ୍କର ନାହିଁ; ବରଂ ସରକାରୀ କଳ ସେମାନଙ୍କ ହାତରେ । କିନ୍ତୁ ଜନସାଧାରଣ ଏ ବିଷୟରେ ଜାଗ୍ରତ ଥିବାରୁ ଲୋକଙ୍କୁ ଅସ୍ୱାସ୍ଥ୍ୟକର ପରିସ୍ଥିତିରୁ ରକ୍ଷା କରିବା ପାଇଁ ବହୁତ ଆନ୍ଦୋଳନ କଂଗ୍ରେସ ଭିତରେ ଏବଂ ବାହାରେ ହେଉଛି । ଏହା ଗୋଟିଏ ପ୍ରଧାନ ସମସ୍ୟାରେ ପରିଣତ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ବିଜ୍ଞାନୀ ତଥା ଜନସାଧାରଣ ଏ ସମ୍ପର୍କରେ ବହୁତ ବିବ୍ରତ ହୋଇପଡ଼ିଛନ୍ତି । ବିଷାକ୍ତ ବାୟୁମଣ୍ଡଳ ଯୋଗୁ ହୃଦ୍‌ରୋଗ ଏବଂ କ୍ୟାନସର ରୋଗୀ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଲୋକଙ୍କର ପଚାଶବର୍ଷ ବୟସ ବେଳକୁ ହୃଦ୍‌ରୋଗ ଆକ୍ରମଣର ସମ୍ଭାବନା ଥିଲା; ମାତ୍ର ଏବେ ଏହି ସମ୍ଭାବନା ୩୫ବର୍ଷକୁ ଖସିଆସିଛି ।

ବର୍ତ୍ତମାନ ସାଧାରଣଙ୍କ ପକ୍ଷରୁ ଦାବୀ ହେଉଛି, ସହରମାନଙ୍କରେ ବେଶି ପରିମାଣରେ ବସ୍ ଓ ବିଦ୍ୟୁତ୍ ରେଳଗାଡ଼ି ବ୍ୟବହାର ପାଇଁ । ବସ୍ ଓ ସହରତଳି ରେଳଗାଡ଼ି ବ୍ୟବସ୍ଥା ଅତ୍ୟନ୍ତ ଖରାପ । ସମସ୍ତଙ୍କ ଗାଡ଼ି ଥିବାରୁ ବସ୍ ଓ ଟ୍ରେନ୍ ପ୍ରଭୃତିରେ ବେଶି ଲାଭ ହୁଏ ନାହିଁ । ଲାଭ ନ ହେଲେ ପୁଞ୍ଜିପତି ଦେଶରେ କୌଣସି ବ୍ୟବସ୍ଥା ତିଷ୍ଠିପାରିବ ନାହିଁ । ତେଣୁ କେତେକ ଅଞ୍ଚଳରେ ଯିବାଆସିବା ବ୍ୟବସ୍ଥା ଅତ୍ୟନ୍ତ ଶୋଚନୀୟ ଅବସ୍ଥାରେ ଥିବାଯୋଗୁଁ ପ୍ରତ୍ୟେକ ପରିବାରକୁ ଦୁଇଟି ମଟର କିଣିବାକୁ ପଡୁଛି । ସ୍ୱାମୀ ସ୍ତ୍ରୀ ବିଭିନ୍ନ ସ୍ଥାନରେ କାମ କରନ୍ତି କିମ୍ବା ସ୍ତ୍ରୀକୁ ଘର ଚଳାଇବା ପାଇଁ ବିଭିନ୍ନ ସ୍ଥାନକୁ ଯିବାକୁ ପଡ଼େ । ବସ୍‌ରେ ଘଣ୍ଟା ଘଣ୍ଟା ସମୟ ବ୍ୟୟ କରିବାକୁ ହୁଏ । ତେଣୁ ତାକୁ ମଧ୍ୟ ମଟର ଗାଡ଼ି କିଣିବାକୁ ପଡ଼େ— ଫଳରେ ମଟରଗାଡ଼ି ସଂଖ୍ୟା ବଢ଼ିବାରେ ଲାଗେ— ପେଟ୍ରୋଲ ବେଶି ଦରକାର ହୁଏ— ରାସ୍ତାଘାଟ ମଟରରେ ପୂରିଯାଏ । ଅନେକ ସମୟରେ ବହୁ ଚଉଡ଼ା ରାସ୍ତା ସବୁ— ପ୍ରତ୍ୟେକ ରାସ୍ତାରେ ଏକମୁହାଁ ଚାରିଧାଡ଼ି ଗାଡ଼ି ଚାଲିବାର ସୁବିଧା ଥିଲେ ମଧ୍ୟ— ରାସ୍ତା ଏପରି ଭାବରେ ଗାଡ଼ିରେ ରୁନ୍ଧି ହୋଇଯାଏ ଯେ, ଗୋଟିଏ ଗାଡ଼ି ଅଟକିଗଲେ ମାଇଲ ମାଇଲ ଧରି ଗାଡ଼ି ଅଟକିଯାଏ । ଗୋଟିଏ ଗାଡ଼ି ରାସ୍ତାରେ ଓଲଟିଗଲେ ଆଉ କୋଡ଼ିଏଟି ଗାଡ଼ି ତା' ଉପରେ ତା ଉପରେ ଆସି ଅଜାଡ଼ି ହୋଇପଡ଼େ । ଷାଠିଏ-ସତୁରିମାଇଲ ବେଗରେ ଗାଡ଼ି ଚାଲେ । ତେଣୁ ଗାଡ଼ିକୁ ହଠାତ୍ ଅଟକାଇବା ସମ୍ଭବ ନୁହେଁ ।

ନିୟୁୟର୍କ ଭଳି ସହରରେ ମାଇଲିଏ ଦୁଇ ମାଇଲ ରାସ୍ତା ଯିବାକୁ ଘଣ୍ଟାଏ ଲାଗେ । ଲୋକେ ଚାଲି ଚାଲି ଯାଇ ଜଲଦି ପହଞ୍ଚନ୍ତି । ଗାଡ଼ି ରଖିବା ପାଇଁ ଜାଗା ମିଳେନାହିଁ । ସହରରେ ଅତ୍ୟଧିକ ପରିମାଣରେ ମଟରଗାଡ଼ି ଯାତାୟତ ଯୋଗୁଁ ବାୟୁମଣ୍ଡଳ ଅଧିକରୁ ଅଧିକ ଦୂଷିତ ହୋଇପଡୁଛି । ପୃଥିବୀର ପେଟ୍ରୋଲ ଭଣ୍ଡାର କମି କମି ଆସୁଛି । ବର୍ତ୍ତମାନ ଯୁକ୍ତରାଷ୍ଟ୍ର-ଆମେରିକାର ମଟରଗାଡ଼ି ଏକ ବିରାଟ ଅନ୍ତର୍ଘାତୀ ସଙ୍କଟ ସୃଷ୍ଟି କରିଛି । ରେଡ଼ିଓ, ଟେଲିଭିଜନ ଓ ଖବରକାଗଜରେ ଏ ବିଷୟରେ ବହୁ ଆଲୋଚନା ଚାଲିଛି । ସମସ୍ତେ ବିବ୍ରତ ।

ପୁଞ୍ଜିପତି ଦେଶର ଅନିୟନ୍ତ୍ରିତ ଶିଳ୍ପ ପ୍ରସାରର ବିଷମ ପରିଣତି କେବଳ ମଟର ଗାଡ଼ିର ଉତ୍ପାଦନରେ ନୁହେଁ— ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ତାହା ଅତି ଭୟଙ୍କର ଭାବରେ ଅନୁଭୂତ ହେଉଛି । ଖାଦ୍ୟସାମଗ୍ରୀ ତିଆରି ଏବଂ ସଂରକ୍ଷଣରେ ମଧ୍ୟ ଅତ୍ୟନ୍ତ ଉଦ୍‌ବେଗଜନକ ପରିସ୍ଥିତି ସୃଷ୍ଟି ହୋଇଛି ।

Digitized by PPRACHIN, SOA

ଲାଭ ଆଶାରେ ଅତି ଶୀଘ୍ର ଏବଂ ଅତି ବେଶି ସବୁ ପ୍ରକାର ଖାଦ୍ୟବସ୍ତୁ ତିଆରି କରିବା ଏବଂ ବଜାରକୁ ପଠାଇବା ପାଇଁ ବ୍ୟବସ୍ଥା ହେଉଛି । ଏହାର ଗୋଟିଏ ଭଲ ଦିଗ ରହିଛି ଯେ କ୍ଷିପ୍ର ଉତ୍ପାଦନ ଓ ବଣ୍ଟନ ଫଳରେ ଖାଇବା ଜିନିଷ ଅତ୍ୟନ୍ତ ଶସ୍ତା ହୋଇଯାଉଛି, ଅଳ୍ପ ଖର୍ଚ୍ଚରେ ବହୁ ଖାଦ୍ୟ ମିଳି ପାରୁଛି । ମାତ୍ର ସେଠାକାର ବୈଜ୍ଞାନିକଙ୍କ ମତରେ ସ୍ୱାସ୍ଥ୍ୟ ପକ୍ଷରେ ଏହାର ବିଷମ ପରିଣତି କ୍ରମେ ଦେଖାଯାଉଛି । ଯେଉଁସବୁ ରାସାୟନିକ ପ୍ରକ୍ରିୟା ଅଧିକରୁ ଅଧିକ ବ୍ୟବହୃତ ହେଉଛି, ତାହା ସ୍ୱାସ୍ଥ୍ୟ ପକ୍ଷରେ ଭୀଷଣ କ୍ଷତିକର ପ୍ରଭାବ ପକାଉଛି । କ୍ୟାନସର, ହୃଦ୍‌ରୋଗ ପ୍ରଭୃତି ମାରାତ୍ମକ ରୋଗ ସୃଷ୍ଟି କରିବାରେ ଏବଂ ଆୟୁ କ୍ଷୟ ଲାଗି ଏହି ରାସାୟନିକ ପ୍ରକ୍ରିୟା ଦାୟୀ ବୋଲି ବୈଜ୍ଞାନିକମାନେ ଘୋଷଣା କରିଛନ୍ତି । ଆମେରିକାର ଚିକିତ୍ସା ବିଜ୍ଞାନ ବିଶେଷଜ୍ଞମାନେ ଲୋକଙ୍କୁ ପରାମର୍ଶ ଦିଅନ୍ତି ଅତି ବେଶି ପରିମାଣରେ ଚର୍ବିଥିବା ମାଂସ ବ୍ୟବହାର ନ କରିବା ଲାଗି ଓ ସେ ପ୍ରକାର ମାଂସର ଉତ୍ପାଦନ ବନ୍ଦ ଲାଗି ମଧ୍ୟ ଆଇନ କରିବା ପାଇଁ ଏମାନେ ଅନୁରୋଧ କରୁଛନ୍ତି । କିନ୍ତୁ ମୁକ୍ତ ପୁଞ୍ଜି ପ୍ରସାରଣ ଓ ଅନିୟନ୍ତ୍ରିତ ଲାଭଖୋର ସମାଜରେ ଏହା ଅରଣ୍ୟରୋଦନରେ ପରିଣତ ହୋଇଛି । ତେଣୁ ଆମେରିକାର ବହୁ ସହରରେ ପ୍ରାକୃତିକ ଖାଦ୍ୟ ଖାଇବାକୁ ଲୋକଙ୍କୁ ପରାମର୍ଶ ଦିଆହୁଏ । ଅନେକ ବହି ଲେଖାହୋଇଛି—କିପରି ଲୋକେ ପ୍ରାକୃତିକ ଖାଦ୍ୟ ବାଛିବେ । ବହୁତ ସମବାୟ ସଂସ୍ଥା ଦେଖାଦେଇଛି ଏ ପ୍ରକାର ଖାଦ୍ୟ ବିକ୍ରି କରିବା ପାଇଁ । ଲେଖକ ୧୯୫୭ରେ ଆମେରିକାରେ ଥିଲାବେଳେ ସମବାୟ ସଂସ୍ଥାଗୁଡ଼ିକ ଆରମ୍ଭ ହୋଇଥିଲା । କିନ୍ତୁ ସେଗୁଡ଼ିକୁ କମ୍ୟୁନିଷ୍ଟ ସଂସ୍ଥା ବୋଲି ଲୋକମାନେ ହେୟ ଦୃଷ୍ଟିରେ ଦେଖୁଥିଲେ । ବର୍ତ୍ତମାନ ଅନ୍ତତଃ ଖାଦ୍ୟଦ୍ରବ୍ୟ ଓ ଜିନିଷପତ୍ର ବିକ୍ରି କରିବା ପାଇଁ ବହୁ ବିରାଟ ସମବାୟ ସଂସ୍ଥା ଦେଖାଦେଇଛି । ଏମାନେ ମଧ୍ୟ କୋଟି କୋଟି ଟଙ୍କାର ବ୍ୟବସାୟ କରିଛନ୍ତି । କିନ୍ତୁ ଏକଚାଟିଆ ପୁଞ୍ଜିପତି ସଂସ୍ଥା ତୁଳନାରେ ଏମାନଙ୍କର ସଂଖ୍ୟା ଅତି ନଗଣ୍ୟ ।

ଅବଶ୍ୟ ଅନିୟନ୍ତ୍ରିତ ପୁଞ୍ଜି ପ୍ରସାରଣ ଓ ଲାଭ ମନୋବୃତ୍ତି ଯୋଗୁଁ ନାନା କ୍ଷେତ୍ରରେ ଖୁବ୍ କମ୍ ଖର୍ଚ୍ଚରେ ବହୁତ ସୁବିଧା ସମ୍ଭବ ହୋଇପାରୁଚି । ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦାମ୍ ଖୁବ୍ କମ୍ । ଶିଳ୍ପଜାତ ଦ୍ରବ୍ୟଗୁଡ଼ିକର ଦାମ୍ ସବୁଠୁଁ କମ୍ । ରେଡ଼ିଓ, ଟେଲିଭିଜନ, ମଟରଗାଡ଼ି, ବିଦ୍ୟୁତ୍‌ଚାଳିତ ଯନ୍ତ୍ରପାତି, ଲୁଗାପଟା ପ୍ରଭୃତି ଲୋକଙ୍କର ଆୟ ତୁଳନାରେ ଖୁବ୍ ଶସ୍ତା । ଲୋକଙ୍କର ମଜୁରୀ ବହୁତ ବଢ଼ି ବଢ଼ି ଚାଲିଥିବାରୁ ପୁଞ୍ଜିପତିମାନେ ଅଧିକରୁ ଅଧିକ ସ୍ୱୟଂଚାଳିତ ଯନ୍ତ୍ର ବ୍ୟବହାର କରୁଛନ୍ତି । ଅବଶ୍ୟ ଏ କ୍ଷେତ୍ରରେ ଜାପାନର ଅଗ୍ରଗତି ଅତ୍ୟନ୍ତ ବେଶି । ସୋଭିଏତ୍ ରୁଷରେ ଲୋକଙ୍କର ପେଶୀଚାଳିତ ଶ୍ରମର ଲାଘବ ପାଇଁ ମଧ୍ୟ ଏହାର ବ୍ୟବହାର ଅତି ଦ୍ରୁତଗତିରେ ବଢ଼ିଚାଲିଛି ।

ଯୁକ୍ତରାଷ୍ଟ୍ର-ଆମେରିକା ଗୋଟିଏ ବିରାଟ ଧନଶାଳୀ ଦେଶ ହେଲେ ମଧ୍ୟ ଅନିୟନ୍ତ୍ରିତ ଉତ୍ପାଦନ ଯୋଗୁଁ ଓ ଏକଚାଟିଆ ପୁଞ୍ଜିପତିଙ୍କ ଅଗାଧ ସମ୍ପତ୍ତି ଓ ଅପରିମେୟ ରାଜନୈତିକ କ୍ଷମତା ଯୋଗୁଁ ଯେଉଁ ପ୍ରକାର ସାମାଜିକ ବିଭ୍ରାଟ ଓ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହୋଇଛି, ତାହା ଏମାନଙ୍କର ସାମାଜିକ ଜୀବନକୁ କଳୁଷିତ କରିଚାଲିଛି । ଏହି ପୁଞ୍ଜିପତି ଦେଶ ଏ ପ୍ରକାର ବିରାଟ ସଙ୍କଟକୁ କିପରି ଭାବରେ ନିୟନ୍ତ୍ରଣ କରିବ ଦେଖିବାର କଥା ।

■■■

Digitized by PPRACHIN, SOA

ଛଅ

ଅସାମାଜିକ କାର୍ଯ୍ୟରେ ପୁଞ୍ଜିଲାଭ

ଯୁକ୍ତରାଷ୍ଟ୍ର ଆମେରିକାରେ ପୁଞ୍ଜି-ବିନିଯୋଗ, ପୁଞ୍ଜି ପ୍ରସାରଣ ଓ ପୁଞ୍ଜିଲାଭରେ ସାମାଜିକ ଦିଗ୍‌ଦର୍ଶନ ଓ ବ୍ୟକ୍ତିଗତ ଜୀବନର ଚରମ ଉପଲବ୍ଧି ସାଧିତ ହୁଏ । କେତେକ ଐତିହାସିକ କାରଣରୁ ଏଠାରେ ସମାଜ ଏହି ମୌଳିକ ତତ୍ତ୍ୱ ଉପରେ ଗଢ଼ି ଉଠିଛି । ଇଉରୋପରୁ ଯେଉଁମାନେ ଆମେରିକାକୁ ଯାଇ ବସବାସ କଲେ, ପ୍ରଥମରୁ ଏହି ଉଦ୍ଦେଶ୍ୟ ନେଇ ଆମେରିକାରେ ପହଞ୍ଚିଲେ । ତେଣୁ ଏଠାରେ ପୁଞ୍ଜିପତି ସମାଜ ଗଢ଼ିଉଠିଲା, ଏଠା ଅଧିବାସୀଙ୍କର ଏହି ଚରମ ଲକ୍ଷ୍ୟ ସାଧନ ଉଦ୍ଦେଶ୍ୟରେ । ଗଣତାନ୍ତ୍ରିକ ପରମ୍ପରା, ବ୍ୟକ୍ତିଗତ ସ୍ୱାଧୀନତା, ସରକାରୀ ସଂସ୍ଥା, ସାମାଜିକ ଜୀବନ—ସବୁ ଏହି ଗୋଟିଏ ମୌଳିକ ଦିଗ୍‌ଦର୍ଶନର ବାସ୍ତବ ରୂପାୟନ ମାତ୍ର । ସବୁବେଳେ, ସବୁ କଥାରେ, ପ୍ରତ୍ୟେକ ସାମାଜିକ ଓ ବ୍ୟକ୍ତିଗତ ଉଦ୍ୟମ ପଛରେ ଅର୍ଥ ଉପାର୍ଜନର ପନ୍ଥା ଦେଖିବାକୁ ମିଳିବ । ଅବଶ୍ୟ ସବୁ ଦେଶରେ ଅର୍ଥନୈତିକ ପ୍ରଭାବ ପ୍ରତ୍ୟେକ ସାମାଜିକ ସଂସ୍ଥାକୁ ନିଶ୍ଚୟ ପ୍ରଭାବିତ କରୁଛି; କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତ୍ୟେକ କ୍ଷେତ୍ରରେ ପୁଞ୍ଜିର ପ୍ରଭାବ ବିଷୟରେ ଅତି ବାସ୍ତବ ଓ ସୁସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିବ ।

ସେହି କାରଣରୁ ଜଣେ ପୁଞ୍ଜିପତି ଯେ କୌଣସି ଉପାୟରେ ପୁଞ୍ଜି ପ୍ରସାର କଲେ ମଧ୍ୟ ସେ ଆଦୃତ ହେବ । ବହୁ ଅସତ୍ ଉପାୟରେ ପୁଞ୍ଜିଲାଭ ହେଲେ ମଧ୍ୟ ତାକୁ ନିୟନ୍ତ୍ରଣ କରିବା ପାଇଁ ସରକାରୀ କିମ୍ବା ସାମାଜିକ ଅନୁଷ୍ଠାନର କୌଣସି ବଳିଷ୍ଠ ପ୍ରଭାବ ନାହିଁ । ଅସାମାଜିକ କାର୍ଯ୍ୟକଳାପର ନିୟନ୍ତ୍ରଣ ଲାଗି ନିୟମକାନୁନ ମଧ୍ୟ ସେହିପରି ଭାବରେ ହୁଗୁଳା । ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାରେ ନଗ୍ନ ଯୌନ ଚିତ୍ର ସିନେମାରେ ବହୁତ ଦେଖାଯାଉଛି । ବଡ଼ ବଡ଼ ସହରର ବହୁ ସିନେମା ଘରେ ନିୟମିତ ଭାବରେ ବିଜ୍ଞାପିତ ହୋଇ ଅତି ଅଶ୍ଳୀଳ ଚିତ୍ର ସବୁ ଦେଖାଯାଉଛି । ଏ ପ୍ରକାର ଚିତ୍ରରେ କଥାବସ୍ତୁ ବିଶେଷ କିଛି ନଥାଏ । କେବଳ ନାରୀ ପୁରୁଷ ଭିତରେ ଯୌନକ୍ରିୟା ଅତି ବିଶଦ ଭାବରେ ଦେଖାହୁଏ । ଜଣେ ନାରୀ ଜଣେ ପୁରୁଷ କିମ୍ବା ବହୁ ନାରୀ ଏକ ପୁରୁଷ ସଙ୍ଗେ କିମ୍ବା ସ୍ତ୍ରୀମାନଙ୍କ ଭିତରେ ଚାଲୁଥିବା ପାରସ୍ପରିକ ବିକୃତ ଯୌନକ୍ରିୟା ଘଣ୍ଟା ଘଣ୍ଟା ଧରି ସିନେମାରେ ଦେଖାଯାଏ । ଏ ପ୍ରକାର ସିନେମାଘର ଦର୍ଶକରେ ଭରପୂର । ଏ ପ୍ରକାର ଯୌନ ସିନେମାର ନିର୍ଦ୍ଦେଶକ, ପରିଚାଳକ ଓ ଚିତ୍ରତାରକାମାନେ ପ୍ରଚୁର ଅର୍ଥ ଉପାର୍ଜନ କରନ୍ତି । ବିଶିଷ୍ଟ ନିର୍ଦ୍ଦେଶକମାନଙ୍କର ଫଟୋ ବଡ଼ ବଡ଼ କାଗଜରେ ବାହାରିଥାଏ । ଯେହେତୁ ସେମାନେ ପ୍ରଭୂତ ଅର୍ଥ ଉପାର୍ଜନ କରନ୍ତି, ତେଣୁ ବୋଧହୁଏ ସେମାନଙ୍କର ବ୍ୟବସାୟରେ କୌଣସି ଅସାମାଜିକତାର ପ୍ରଶ୍ନ ନାହିଁ ।

ସେହିପରି ଜୀବନ୍ତ ଯୌନକ୍ରିୟା ପ୍ରଦର୍ଶନ ପାଇଁ ମଧ୍ୟ ବହୁ ଥିଏଟର ଅଛି । ଏହା ରାତିସାରା ଚାଲିଥାଏ । ଏ ପ୍ରକାରର ଥିଏଟରର ପ୍ରବେଶ ଦ୍ୱାରରେ ନଗ୍ନ ନରନାରୀଙ୍କର ଚିତ୍ର ଆଲୋକରେ ଝପଝପ୍ କରୁଥାଏ । ଏ ପ୍ରକାର ଥିଏଟର ମଧ୍ୟ ଦର୍ଶକରେ ଭର୍ତ୍ତି ହୋଇଯାଏ । ଯୌନକ୍ରିୟା ସମ୍ପର୍କୀୟ

Digitized by PPRACHIN, SOA

ଏ ପ୍ରକାର ଯେଉଁ ବ୍ୟବସାୟ ପ୍ରତିଷ୍ଠା ଗଢ଼ି ଉଠିଛି, ତା ସାଙ୍ଗକୁ ବହୁ ପ୍ରକାର ଆନୁଷଙ୍ଗିକ ବ୍ୟବସାୟ ମଧ୍ୟ ଗଢ଼ିଉଠୁଛି । ଏହି ସିନେମାଘର ପାଖରେ କୃତ୍ରିମ ଉପାୟରେ ଯୌନକ୍ରିୟା ସାଧନ ପାଇଁ ବହୁ ପ୍ରକାର ଯନ୍ତ୍ରପାତି ବିକ୍ରି ପାଇଁ ଦୋକାନମାନଙ୍କରେ ଦେଖିବାକୁ ମିଳେ । ଏହାର ଦାମ ବହୁତ ବେଶି । ଲୋକେ ଏତେ ଦାମ୍ ଦେଇ ସେ ସବୁ ଜିନିଷ କିଣୁଛନ୍ତି ବୋଲି ତ ଏସବୁ ବ୍ୟବସାୟ ପ୍ରତିଷ୍ଠାନ ଗଢ଼ିଉଠିଛି । ତା ସାଙ୍ଗକୁ ବହୁ ସାପ୍ତାହିକ ଓ ମାସିକ କାଗଜ ବାହାରେ— ଯେଉଁଥିରେ କି ଏ ପ୍ରକାର ସିନେମା, ଥିଏଟର ଓ ଦୋକାନମାନଙ୍କର ବିଜ୍ଞାପନ ଦିଆଯାଏ । ଲୋକମାନଙ୍କୁ ଚିରାଚରିତ ଯୌନ ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ଏସବୁ କାଗଜ ଧାରାବାହିକ ଲେଖା ପ୍ରକାଶ କରନ୍ତି । ଗୋଷ୍ଠୀଗତ ଯୌନ ପ୍ରକ୍ରିୟାରେ କି ପ୍ରକାର ସାମଗ୍ରିକ ଭାବରେ ଶାରୀରିକ ଶିହରଣ ସୃଷ୍ଟି କରାଯାଇପାରେ ସେ ବିଷୟରେ ବହୁତ ଲେଖା, ବିଜ୍ଞାପନ ଓ କେଉଁଠାରେ ଏହା ସମ୍ଭବ ତା'ର ସଠିକ୍ ଠିକଣା ଏସବୁ କାଗଜରେ ପ୍ରକାଶ ପାଏ । ଯେତେ ପ୍ରକାର ବିକୃତ ଯୌନକ୍ରିୟା ସମ୍ଭବ ସେ ସବୁ କିପରି ମନୁଷ୍ୟର ଚରମ ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ବ୍ୟବହୃତ ହୋଇପାରେ, ସେ ବିଷୟରେ ବହୁ ଲେଖା ବାହାରେ । କେଉଁଠି ଏକେଲା ସ୍ତ୍ରୀ ବା ଏକେଲା ପୁରୁଷ ଯୌନ ସାଥୀ ଚାହାନ୍ତି— ସେ ସବୁର ବିଜ୍ଞାପନ, ଠିକଣା ଓ ଟେଲିଫୋନ୍ ନମ୍ବର ଏ ସବୁ କାଗଜରେ ବାହାରେ ।

ମୋଟାମୋଟି ଭାବରେ ଏହା ଏକପ୍ରକାର ବିରାଟ ବ୍ୟବସାୟ ଧାରାରେ ପରିଣତ ହୋଇଗଲାଣି । ଜଣେ ବିଶିଷ୍ଟ ଚିତ୍ର ନିର୍ମାତା ଏ ବ୍ୟବସାୟରେ ବର୍ଷକୁ ଚାଳିଶି ଲକ୍ଷ ଡଲାର ଲାଭ କରନ୍ତି ବୋଲି ତାଙ୍କର ଫଟୋ ପ୍ରତିଷ୍ଠିତ କାଗଜମାନଙ୍କରେ ବାହାରିଥିଲା—ତାଙ୍କର ଜୀବନୀ ଓ ଚିତ୍ର ପ୍ରକାଶ ପାଇଥିଲା । ଅର୍ଥାତ୍ ଯେହେତୁ ଏମାନେ ବ୍ୟବସାୟରେ ଲାଭ କରୁଛନ୍ତି ଏ ଦେଶର ସମାଜ ସେମାନଙ୍କୁ ଯଥେଷ୍ଟ ସାମାଜିକ ଓ ଅଶ୍ଳୀଳ ବୋଲି କହୁଥିଲେ ସୁଦ୍ଧା ମାର୍କିନ ଗଣତନ୍ତ୍ରର ଅବାଧ ପୁଞ୍ଜି ପ୍ରସାର ନୀତି ଯୋଗୁଁ ଏସବୁକୁ ନିୟନ୍ତ୍ରଣ କରିବା ସହଜ ନୁହେଁ । ଅସାମାଜିକ କାର୍ଯ୍ୟ ଏପରି ଭାବରେ ହୁ-ହୁ- ହୋଇ ବ୍ୟାପିଯାଉଥିଲାବେଳେ ସରକାରୀ ଆଇନ୍ ବା ସାମାଜିକ ମତାମତର ମୂଲ୍ୟ କିଛି ନାହିଁ କହିଲେ ଚଳେ । ୧୯୫୭ରେ ଲେଖକ ଆମେରିକାରେ ଥିଲାବେଳେ ଏ ପ୍ରକାର ନଗ୍ନ ଚିତ୍ର ଏପରିଭାବରେ ପ୍ରଦର୍ଶିତ ହେଉ ନ ଥିଲା । ଗତ କେତେ ବର୍ଷ ଭିତରେ ଏହାର ପ୍ରସାର ବହୁତ ବଢ଼ିଯାଇଛି ।

ଅବାଧ ଯୌନକ୍ରିୟା ପ୍ରଦର୍ଶନ ବ୍ୟବସାୟ ପରି ଆଉ ଗୋଟିଏ ଅସାମାଜିକ ବ୍ୟବସାୟ ବହୁତ ବେଶି ପ୍ରସାର ଲାଭ କରୁଛି । ତା ହେଲା ମାଦକଦ୍ରବ୍ୟ ବ୍ୟବସାୟ । ବର୍ତ୍ତମାନ ଏଠାକାର ସମାଜରେ ନାନାପ୍ରକାର ମାଦକଦ୍ରବ୍ୟ ବ୍ୟବହାର ବହୁତ ବେଶି ବଢ଼ି ବଢ଼ି ଚାଲିଛି । ଏସବୁ ମାଦକଦ୍ରବ୍ୟ ବିକ୍ରି ବେଆଇନ ହେଲେ ମଧ୍ୟ ଏହା ଗୋଟିଏ ଅତ୍ୟନ୍ତ ଲାଭଜନକ ବ୍ୟବସାୟ ହୋଇଥିବାରୁ ଏହା ଅତିମାତ୍ରାରେ ବ୍ୟାପିଯାଉଛି । ମାଦକ ଦ୍ରବ୍ୟର କଳା ବଜାରରେ ଲିପ୍ତ ଥିବା ବହୁ ବ୍ୟକ୍ତି କୋଟିପତି । ସେମାନଙ୍କର କଳାବଜାର ସାମ୍ରାଜ୍ୟ ସାରା ପୃଥିବୀରେ କାମ କରୁଛି । ଜାହାଜ, ଉଡ଼ାଜାହାଜ ଓ ଅନ୍ୟାନ୍ୟ ପରିବହନ ସଂସ୍ଥା ଦ୍ୱାରା ଏ ବ୍ୟବସାୟ ବହୁତ ବେଶି ପ୍ରସାରିତ ହୋଇ ଚାଲିଛି । ନିକଟରେ ଏ ପ୍ରକାର ବ୍ୟବସାୟରେ ସଫଳତା ସହ କାମ କରୁଥିବା ଜଣେ ବିଶିଷ୍ଟ ଲୋକର ମୃତ୍ୟୁ ପରେ ତାର ଫଟୋ କାଗଜମାନଙ୍କରେ ବାହାରିଥିଲା । ଏମାନେ କୁଆଡ଼େ କୋଟି କୋଟି ଟଙ୍କା ରାଜନୈତିକ ଦଳମାନଙ୍କୁ ଦିଅନ୍ତି । ସେ ସବୁର ହିସାବ ନ ଥାଏ । ବର୍ତ୍ତମାନ ଚାଲିଥିବା ଓ୍ୱାଟରଗେଟ୍ ମୋକଦ୍ଦମାରେ ଏ ପ୍ରକାର ବହୁ ରହସ୍ୟ ଉଦ୍‌ଘାଟିତ ହେବ ବୋଲି ଆଶାକରାଯାଏ । କିନ୍ତୁ ସରକାରୀ ତରଫରୁ ବହୁ ରହସ୍ୟ ଯେପରି ଭାବରେ ଚାପି ଦିଆଯାଇଛି, ତା' ଫଳରେ ସବୁ ଘଟଣା ବାହାରକୁ ଜଣା ନ ପଡ଼ିପାରେ ।

Digitized by PPRACHIN, SOA

ଲେଖକ ବୋଷ୍ଟନରେ ଥିଲାବେଳେ କେତେକ ସାମ୍ବାଦିକ ବୋଷ୍ଟନର ପୋଲିସ କର୍ତ୍ତାଙ୍କୁ ପଚାରିଲେ ଯେ ବୋଷ୍ଟନର ସମ୍ବାଦିକମାନେ ବୋଷ୍ଟନ ସହର ଭିତରେ ଥିବା ପ୍ରାୟ ଅଶୀଟି ବ୍ୟବସାୟ ସଂସ୍ଥାକୁ ଜାଣନ୍ତି– ଯେଉଁମାନେ ଏ ପ୍ରକାର ମାଦକ ଦ୍ରବ୍ୟ ବ୍ୟବସାୟରେ ଲିପ୍ତ ଅଛନ୍ତି; କିନ୍ତୁ ପୋଲିସ୍ କର୍ତ୍ତୃପକ୍ଷ କିପରି ଏହା ଜାଣି ପାରୁନାହାନ୍ତି ? ପୋଲିସ୍ କର୍ତ୍ତା ଏ ବିଷୟରେ କୌଣସି ଯୁକ୍ତିଯୁକ୍ତ ଉତ୍ତର ନ ଦେଇ ପାରି ଏଆଡୁ ସେଆଡୁ କହିଲେ । ତା' ଅର୍ଥ ଆମେରିକାର ଜନସାଧାରଣ ବର୍ତ୍ତମାନ ହୃଦୟଙ୍ଗମ କରୁଛନ୍ତି ଯେ ମାଦକ ଦ୍ରବ୍ୟ ବ୍ୟବସାୟୀଙ୍କୁ ପୋଲିସ୍ ମଧ୍ୟ ସାହାଯ୍ୟ କରୁଛି– ସେଥିପାଇଁ ପୋଲିସ ବହୁ ଅର୍ଥ ଲାଞ୍ଚ ଆକାରରେ ପାଆନ୍ତି । ପୋଲିସ୍ ଓ ସରକାରୀ ଅଫିସର ଲାଞ୍ଚ ନେବା ବିଷୟରେ ଲେଖକ ବହୁ ଲୋକଙ୍କଠାରୁ ଶୁଣିବାକୁ ପାଇଛି । ବଡ଼ ଆଶ୍ଚର୍ଯ୍ୟ ଲାଗିଲା ଯେ ଆମେରିକା ପରି ସଭ୍ୟ ଓ ଶିକ୍ଷିତ ଦେଶରେ ମଧ୍ୟ ପୋଲିସ୍ ଏପରି ଭାବରେ ଲାଞ୍ଚଖୋର ହୋଇପଡ଼ିଛନ୍ତି । ପୋଲିସ ଓ ବହୁ ବଡ଼ ବଡ଼ ଅଫିସର ନାନା କ୍ଷେତ୍ରରେ ମୋଟା ପରିମାଣ ଲାଞ୍ଚ ନେବାର ବହୁ ଅଭିଯୋଗ ଏଠା କାଗଜରେ ବାହାରେ । ଲୋକେ କହନ୍ତି ଯେ ଗଲା ଦଶବର୍ଷ ଭିତରେ ଏ ପ୍ରକାର ଲାଞ୍ଚ ଗ୍ରହଣ ବହୁତ ବେଶି ବଢ଼ିଯାଇଛି ।

ଅଶ୍ଳୀଳ ଯୌନ ଚିତ୍ର ହେଉ ବା ମାଦକଦ୍ରବ୍ୟ ବ୍ୟବସାୟ ହେଉ, ଲାଭ ହେଲେ ବ୍ୟବସାୟୀର ବ୍ୟକ୍ତିଗତ ତଥା ସାମାଜିକ ସାର୍ଥକତା ହେଲା ବୋଲି ଯେପରି ଧରିନିଆ ହେଉଛି । ଆଉ ଗୋଟିଏ ମାରାତ୍ମକ ଆଇନସିଦ୍ଧ, କୋଟି କୋଟି ଡଲାର ରୋଜଗାର ହେଉଥିବା ବ୍ୟବସାୟ ହେଉଛି ପିସ୍ତଲ, ବନ୍ଧୁକ ଓ ଅନ୍ୟାନ୍ୟ ମାରଣାସ୍ତ୍ର ପ୍ରଭୃତି । ଆମେରିକାରେ ଡାକ ପାର୍ଶଲ ଦ୍ୱାରା ଯେକୌଣସି ମାରଣାସ୍ତ୍ର କିଣାଯାଇପାରେ । ଏଥିପାଇଁ କୌଣସି ଲାଇସେନ୍ସର ଦରକାର ନାହିଁ । ଜଣେ ଗୋଟିଏ ଷ୍ଟେନଗନ୍ କିଣିଆଣି ସାଙ୍ଗେ ସାଙ୍ଗେ ଜଣକୁ ମାରିଦେଇପାରେ । ଯେତେବେଳେ କୌଣସି ବିଶିଷ୍ଟ ଲୋକ ଏପରି ଭାବରେ ମୃତ୍ୟୁମୁଖରେ ପଡ଼ନ୍ତି- ଯଥା ପ୍ରେସିଡେଣ୍ଟ କେନେଡ଼ି ବା ସିନେଟ୍‌ର କେନେଡ଼ି ବା ମାର୍ଟିନ ଲୁଥର କିଙ୍ଗ୍- ସାଙ୍ଗେ ସାଙ୍ଗେ ଚାରିଆଡ଼େ ପ୍ରବଳ ଦାବି ହୁଏ ଯେ ମାରଣାସ୍ତ୍ର କିଣିବାରେ ଆଇନଗତ କଟକଣା ଜାରି କରିବା ପାଇଁ । କିନ୍ତୁ ମାରଣାସ୍ତ୍ର ବ୍ୟବସାୟୀମାନେ ଏଠାରେ ଏତେ ଶକ୍ତିଶାଳୀ ଯେ ଏହାର ନିୟନ୍ତ୍ରଣ ପାଇଁ କୌଣସି ପ୍ରକାର କଟକଣା ଜାରି କରିବା ସମ୍ଭବ ହୁଏନାହିଁ । ସାଧାରଣ ଲୋକେ ଏ ବିଷୟ ନେଇ ବହୁତ ବିଚଳିତ; କିନ୍ତୁ ସେମାନଙ୍କ କଥା ଶୁଣୁଛି କିଏ ? ଯେ କୌଣସି ପ୍ରକାର ବ୍ୟବସାୟର ହେଉ ନା କାହିଁକି- ସାମାଜିକ ହେଉ ବା ଅସାମାଜିକ ହେଉ- ଦେଶର ମଙ୍ଗଳ ପାଇଁ ହେଉ ବା ଲୋକଙ୍କର ଚରମ ଅମଙ୍ଗଳ ପାଇଁ ହେଉ- ତା ବିରୁଦ୍ଧରେ କୌଣସି ପ୍ରକାର କଡ଼ା ଆଇନ ଜାରି ହୋଇପାରିବ ନାହିଁ । ଏହା ହେଲା ଏମାନଙ୍କର ଚରମ ବ୍ୟକ୍ତିସ୍ୱାଧୀନତା ନୀତି ।

ପ୍ରତ୍ୟେକ ହିତକର ସାମାଜିକ ପ୍ରଥାର ଉପକାରିତାର ସୀମା ଅଛି; କିନ୍ତୁ ତାହା ସୀମାତିକ୍ରମ କଲେ ସେଥିଯୋଗୁଁ ଉପକାର ପରିବର୍ତ୍ତେ ସମାଜରେ ଭୟଙ୍କର ଅପକାର ଘଟେ । ଏହା ହେଉଛି ଗୋଟିଏ ମୌଳିକ ସମାଜ-ବୈଜ୍ଞାନିକ ତତ୍ତ୍ୱ । ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ମୌଳିକ ତତ୍ତ୍ୱର ବହୁ ନିଦର୍ଶନ ଦେଖିବାକୁ ମିଳେ । ଫଳରେ ଏହି ସମାଜରେ ନାନା ପ୍ରକାର ଅସାମାଜିକ ଓ ଆତ୍ମଘାତୀ ବିଭ୍ରାଟ ଦେଖାଦେବାକୁ ବାଧ୍ୟ । ଏହି ବିଶେଷ କାରଣରୁ ଯୁକ୍ତରାଷ୍ଟ୍ର ଆମେରିକା ଗୋଟିଏ ପ୍ରଚଣ୍ଡ ସାମାଜିକ ଆନ୍ଦୋଳନ ତଥା କ୍ରମବର୍ଦ୍ଧିଷ୍ଣୁ ବିଭ୍ରାଟ ଭିତର ଦେଇ ଗତି କରୁଥିବାର ଲକ୍ଷଣ ଯେକୌଣସି ଚିନ୍ତାଶୀଳ ବ୍ୟକ୍ତି ଉପଲବ୍ଧ କରିପାରିବେ । ■■■

Digitized by PPRACHIN, SOA

ସାତ

ନିଃସହାୟତା ଯୋଗୁଁ ସାମାଜିକ ବିଭ୍ରାଟ

କିଛି ବର୍ଷ ତଳେ ଯୁକ୍ତରାଷ୍ଟ୍ର ଆମେରିକାର ବିଶ୍ୱବିଦ୍ୟାଳୟମାନଙ୍କରେ ଛାତ୍ର ଉତ୍ତେଜନା ବହୁତ ବେଶି ଦେଖାଦେଇଥିଲା । ଭିଏତ୍‌ନାମ ଯୁଦ୍ଧ ନେଇ ସେତେବେଳକାର ରାଷ୍ଟ୍ରପତି ଜନ୍‌ସନ୍‌ଙ୍କ ବିରୁଦ୍ଧରେ ପ୍ରବଳ ବିକ୍ଷୋଭ ଚାରିଆଡ଼େ ଲାଗି ରହିଥିଲା । ବାର୍କଲେ ବିଶ୍ୱବିଦ୍ୟାଳୟ, ଯାହାକି ଯୁକ୍ତରାଷ୍ଟ୍ର ଆମେରିକାର ଗୋଟିଏ ବୃହତ୍ ଏବଂ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ, ସେଠାରେ ହପ୍ତା ହପ୍ତା ଧରି ପୋଲିସ୍ ଷ୍ଟେନଗନ୍ ଓ ବେୟୋନେଟ୍ ଧରି ବିଶ୍ୱବିଦ୍ୟାଳୟ ହତାକୁ ଜଗିରହିଥିଲେ । ଗୋଟିଏ ସାଧାରଣ ପାର୍କକୁ ଛାତ୍ରମାନେ ନିଜ ଅକ୍ତିଆରରେ ରଖିବାକୁ ଚାହିଁଥିଲେ, କିନ୍ତୁ ସରକାର ସେଥିରେ ରାଜି ହୋଇନଥିଲେ । ସେଥିଲାଗି ଏକମାସ କାଳ ବିରାଟ ଆନ୍ଦୋଳନ ତେଜି ଉଠିଥିଲା ଛାତ୍ର-ପୋଲିସ୍ ଭିତରେ । ବିଶେଷତଃ ଭିଏତ୍‌ନାମ ଯୁଦ୍ଧ ବିରୁଦ୍ଧରେ ଯେଉଁ ଦେଶବ୍ୟାପୀ ବିକ୍ଷୋଭ ଏବଂ ଯୁବକମାନଙ୍କୁ ଯୁଦ୍ଧରେ ଭର୍ତ୍ତି ହେବା ପାଇଁ ଯେଉଁ ବାଧ୍ୟତାମୂଳକ ଆଇନ ଥିଲା, ତା ବିରୁଦ୍ଧରେ ଯେଉଁ ଆନ୍ଦୋଳନ ଦେଖା ଦେଇଥିଲା– ତାହା ବିଶ୍ୱବିଦ୍ୟାଳୟ ଜୀବନକୁ ଦୋହଲାଇ ଦେଇଥିଲା ।

ଡା’ ସାଙ୍ଗକୁ କଳା ଲୋକଙ୍କ ବିଦ୍ରୋହ ଯୋଗୁଁ ସହରମାନଙ୍କରେ ରକ୍ତାକ୍ତ ଲଢ଼େଇର ସୂତ୍ରପାତ ଘଟିଥିଲା । ଖରାଦିନ ହେଲେ ସହରମାନଙ୍କରେ କେଉଁ ମୁହୂର୍ତ୍ତରେ ରକ୍ତାକ୍ତ ଖଣ୍ଡ ଯୁଦ୍ଧ ସାହିମାନଙ୍କରେ ଘଟିବ, ସେ ବିଷୟରେ ପୋଲିସ୍ ସଦାସର୍ବଦା ତତ୍ପର ରହିଥାଏ । କିନ୍ତୁ ଗତ କେତେବର୍ଷ ହେଲା ଏ ପ୍ରକାର ରକ୍ତାକ୍ତ ବିଦ୍ରୋହ ସେପରି ତୀବ୍ର ଭାବରେ ଦେଖା ଯାଇନାହିଁ । ଏ ସମ୍ପର୍କରେ ଲେଖକ କେତେକ ଛାତ୍ରନେତା ଏବଂ ଅନ୍ୟାନ୍ୟ ଲଘୁ ସମ୍ପ୍ରଦାୟର ନେତାମାନଙ୍କ ସହିତ ଆଲୋଚନା କରିଥିଲା । ହଠାତ୍ କାହିଁକି ଏବଂ କିପରି ଏ ପ୍ରକାର ତୀବ୍ର ଉତ୍ତେଜନା ହ୍ରାସ ପାଇଲା, ଏହି ପ୍ରଶ୍ନର ଉତ୍ତରରୁ ଜଣାପଡ଼ିଲା ଯେ ଯୁବକ ବିଦ୍ରୋହୀମାନେ କିଛି ଦିନ ସରକାରୀ ନୀତି ବିରୁଦ୍ଧରେ ସଂଗ୍ରାମ କରି କ୍ଲାନ୍ତ ହୋଇପଡ଼ିଲେ । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଯେ ସେମାନେ କ୍ରମେ ନିଜକୁ ବହୁତ ବେଶି ନିଃସହାୟ ମନେ କଲେ । ଏ ପ୍ରକାର ବୈପ୍ଳବିକ କାର୍ଯ୍ୟପନ୍ଥାର ପରିଣତି କିଛି ହେଲାନାହିଁ ବୋଲି ସେମାନଙ୍କର ଅସହାୟତା । ଯୁକ୍ତରାଷ୍ଟ୍ର ଆମେରିକାର ଅତି ଶକ୍ତିଶାଳୀ ସରକାରୀ ସଂସ୍ଥାର ଅସାମାଜିକ, ଲୋକ ଅହିତକର ବା ଅଗଣତାନ୍ତ୍ରିକ କାର୍ଯ୍ୟ ବିରୁଦ୍ଧରେ ସଂଗ୍ରାମ କରିବାରେ କୌଣସି ପ୍ରକାର ପରିବର୍ତ୍ତନ ସମ୍ଭବ ହେଲାନାହିଁ ବୋଲି ଏମାନଙ୍କଠାରେ ନିଃସହାୟତା ପ୍ରକାଶ ପାଇଲା । କିନ୍ତୁ ପରସ୍ପର ଆଲୋଚନା ବେଳେ, ଯୁକ୍ତିତର୍କ ମଧ୍ୟରେ, ଛୋଟ ଛୋଟ ବକ୍ତୃତା ସଭାରେ ଏହି ବିରାଟ ଅମାନୁଷିକ ସରକାରୀ କଳ ବିରୁଦ୍ଧରେ ଛାତ୍ର, ବୁଦ୍ଧିଜୀବୀ, ନିଗ୍ରୋ, ଇଣ୍ଡିଆନ୍ ପ୍ରଭୃତି ଲଘୁ ସମ୍ପ୍ରଦାୟର ଲୋକଙ୍କର ତୀବ୍ର ଘୃଣା ଓ ବିଦ୍ରୋହ ପ୍ରକାଶ ପାଏ । ସେଥିଲାଗି ବହୁ ଦାୟିତ୍ୱ ସମ୍ପନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ବହୁତ ବିବ୍ରତ । ଏମାନଙ୍କର ମତରେ ଯୁବ ସମ୍ପ୍ରଦାୟର ଏ ପ୍ରକାର ନିଃସହାୟ ମନୋଭାବ ସମାଜ ପକ୍ଷରେ ଭୟଙ୍କର କ୍ଷତିକାରକ ।

Digitized by PPRACHIN, SOA

ଏହା ପ୍ରକୃତରେ ଭୟଙ୍କର ବିପଜ୍ଜନକ । କାରଣ ରାସ୍ତାଘାଟରେ ଆନ୍ଦୋଳନ ନହୋଇ ମନ ଭିତରେ, ଅନୁଷ୍ଠାନ ଭିତରେ ଅସନ୍ତୋଷ କୁହୁଳୁଥିଲେ ସମାଜରେ ନିଷ୍ଚୟ ବିଷାକ୍ତ ଆବହାଓ୍ୱା ସୃଷ୍ଟି ହେବାକୁ ବାଧ । ଏହି ନିଃସହାୟତା ଯୋଗୁଁ ଯେଉଁ ବିଦ୍ରୋହାତ୍ମକ ମନୋଭାବ ସୃଷ୍ଟି ହୋଇଛି, ତାହା ନାନା ଭାବରେ ଏହି ସମାଜରେ ଦେଖାଦେଉଛି ।

ଯାହା ଗତାନୁଗତିକ, ଯାହା ସମାଜର ଅଭିଭାବକମାନେ ସାମାଜିକ ନୀତି ବୋଲି ଗ୍ରହଣ କରୁଛନ୍ତି, ତା' ବିରୁଦ୍ଧରେ ଯୁବ ସଂପ୍ରଦାୟ ବିଦ୍ରୋହ କରୁଛନ୍ତି । ଅତି ଭଦ୍ର ଓ ରକ୍ଷଣଶୀଳ ବ୍ୟକ୍ତିମାନେ ଭଲ ପୋଷାକ ପିନ୍ଧନ୍ତି । ଛୋଟ ଛୋଟ ବାଳ ରଖନ୍ତି । ସାମାଜିକତା ଲାଗି କେତେଗୁଡ଼ିଏ ଭଦ୍ର ବ୍ୟବହାର ଦେଖାଇବାର କଥା । କିନ୍ତୁ ଯୁବ ସମ୍ପ୍ରଦାୟ ସେମାନଙ୍କ ବିରୁଦ୍ଧରେ କାମ କରିବାକୁ ଯେପରି ବଦ୍ଧପରିକର । ଠିକ୍ ସେହି କାରଣରୁ ଯୁବ ସଂପ୍ରଦାୟ ସେମାନଙ୍କ ପରି ବ୍ୟବହାର କରିବାକୁ ନାରାଜ । ଯୁବକମାନେ ଲମ୍ବା ବାଳ ରଖନ୍ତି । ଅନେକ ସମୟରେ ବାଳ ଏତେ ଲମ୍ବା ହୁଏ ଯେ ବେଣୀ ପକାଇବା କିମ୍ବା ଜୁଡ଼ା ବାନ୍ଧିବା ଦରକାର ହୁଏ । ପୋଷାକପତ୍ରର କୌଣସି ଧରାବନ୍ଧା ନିୟମ ନାହିଁ- ଯିଏ ଯାହା ପିନ୍ଧିଲା । ଛିଣ୍ଡା ପେଣ୍ଟ ଉପରେ ଖାଲି ଗୋଟିଏ ସାର୍ଟ, କିମ୍ବା କେବଳ ଗୋଟିଏ ଗେଞ୍ଜି ହାଫ୍ ପେଣ୍ଟ୍ ପିନ୍ଧି ଛାତ୍ରମାନେ କଲେଜକୁ ଆସନ୍ତି । ବେଳେ ବେଳେ ଅତି ଛୋଟ ପେଣ୍ଟ କିମ୍ବା ଛିଣ୍ଡା ପେଣ୍ଟ ପିନ୍ଧି ଅନେକେ । ଫୁଟ୍‌ପାଥରେ ବସିଥାନ୍ତି—ପ୍ରେମ କରନ୍ତି, କେତେକ ଏଠିସେଠି ଶୋଇ ବି ପଡ଼ନ୍ତି । ଯେକୌଣସି ଅଦ୍ଭୁତ ପ୍ରକାର ପୋଷାକ ପିନ୍ଧିଲେ ଚଳେ । ନାନା ପ୍ରକାର ଅଦ୍ଭୁତ ବ୍ୟବହାର କଲେ ମଧ କାହାର କୌଣସି ଆପତ୍ତି ନାହିଁ । ମୋଟାମୋଟି ଭାବରେ କହିବାକୁ ଗଲେ ଯେଉଁସବୁ ବ୍ୟବହାର ଓ ରୀତିନୀତି ସମାଜ ଅନୁମୋଦିତ ବୋଲି ଧରାଯାଉଥିଲା, ତା ବିରୁଦ୍ଧରେ ଯୁବ ସଂପ୍ରଦାୟର ଭୟଙ୍କର ବିଦ୍ରୋହ । କେବଳ ଯେ ଯୁବକମାନ ଏପରି କରନ୍ତି ତା ନୁହେଁ, ଯେଉଁ ବୟସ୍କ ଅଧ୍ୟାପକମାନେ ନିଜକୁ ପ୍ରଗତିଶୀଳ ବୋଲି ଭାବନ୍ତି, ସେମାନେ ମଧ ଲମ୍ବା ବାଳ, ଲମ୍ବା ଦାଢ଼ି ରଖନ୍ତି ଏବଂ ଇଚ୍ଛାନୁସାରେ ପୋଷାକ ପିନ୍ଧନ୍ତି । ଛୋଟ ବାଳ ରଖିବା ହେଉଛି ପ୍ରତିକ୍ରିୟାଶୀଳ ମନୋବୃତ୍ତିର ଚିହ୍ନ । ହିପ୍‌ପି ପୋଷାକ ଏ ପ୍ରକାର ପ୍ରଗତିଶୀଳ ମନୋବୃତ୍ତିର ଲକ୍ଷଣ ବୋଲି ଧରାଯାଏ । ପୋଷାକ ଓ ବ୍ୟକ୍ତିଗତ ସାଜସଜ୍ଜାରେ ଅଯତ୍ନ-ଯାହା ଗତାନୁଗତିକ ତାହା ଅଗ୍ରହଣୀୟ- ଯାହା ଅଭିଜାତ ସଂପ୍ରଦାୟର ରୁଚିସମ୍ପନ୍ନ ତାହା ରକ୍ଷଣଶୀଳତାର ଚରମ ନିଦର୍ଶନ ଏବଂ ସର୍ବଥା ବର୍ଜନୀୟ— ଏହା ହେଲା ପ୍ରଗତିଶୀଳ ଗୋଷ୍ଠୀଙ୍କର ଜୀବନ ଦର୍ଶନ ।

ତା'ଛଡ଼ା ବିଶ୍ୱବିଦ୍ୟାଳୟମାନଙ୍କରେ ଛାତ୍ରମାନଙ୍କ ପାଇଁ ଯେତେ ପ୍ରକାର ଆଇନ କାନୁନ ରହିଛି, ତା' ବିରୁଦ୍ଧରେ ମଧ ଏମାନେ ବରାବର ଯୁକ୍ତି କରନ୍ତି । ବହୁ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଏସବୁ ଆଇନ ମାନୁନାହାନ୍ତି ।

ବହୁବର୍ଷ ଧରି ଯେଉଁ ସାମାଜିକ ରୀତିନୀତି ଗଢ଼ିଉଠିଥିଲା, ତା' ବିରୁଦ୍ଧରେ ତୀବ୍ର ବିଦ୍ରୋହ ଯୋଗୁଁ ସମାଜରେ ବିଶୃଙ୍ଖଳା ଗଢ଼ି ଉଠିବାକୁ ବାଧ । କେତେକ କ୍ଷେତ୍ରରେ ଏ ପ୍ରକାର ବିଦ୍ରୋହ ଅସାମାଜିକ କାର୍ଯ୍ୟରେ ମଧ ପରିଣତ ହେଉଛି । ଅବଶ୍ୟ ବହୁ କ୍ଷେତ୍ରରେ ବିପ୍ଳବାତ୍ମକ ପରିବର୍ତ୍ତନ ଦେଖାଦେବାର ଲକ୍ଷଣ ବହୁତ ବେଶି । ଏହା ଫଳରେ ଏ ସମାଜରେ ନୂତନ ଜୀବନଦର୍ଶନ ଗଢ଼ିଉଠିପାରେ । ପ୍ରଚଳିତ ପ୍ରଥାକୁ ପ୍ରଶ୍ନ କରିବା ଯୋଗୁଁ ପୃଥିବୀର ଅନ୍ୟାନ୍ୟ ସଂସ୍କୃତି ଓ ଜୀବନଦର୍ଶନ ପ୍ରତି ଏମାନଙ୍କର ଗଭୀର ଶ୍ରଦ୍ଧା ଓ ଆକର୍ଷଣ ଦେଖାଦେଇଛି । ଭାରତୀୟ, ଚୀନା ପ୍ରଭୃତି ପ୍ରାଚ୍ୟ ଦର୍ଶନ ପ୍ରତି ବିଶ୍ୱବିଦ୍ୟାଳୟମାନଙ୍କରେ ବହୁତ ଆଗ୍ରହ ପ୍ରକାଶ ପାଇଛି । ଏପରିକି 'ହରେକୃଷ୍ଣ' ସଂକୀର୍ତ୍ତନ କରି କେତେକ ଯୁବକ ରାସ୍ତାଘାଟରେ ବୁଲିଲାବେଳେ ଲୋକେ ଆଗ୍ରହର ସହିତ ଦେଖନ୍ତି । ଏମାନଙ୍କ ପ୍ରତି କୌଣସି ଅବଜ୍ଞା ପ୍ରକାଶ ପାଏନାହିଁ । ଯୋଗ ସ୍କୁଲ ଚାରିଆଡ଼େ

Digitized by PPRACHIN, SOA

ଦେଖିବାକୁ ମିଳୁଛି । ମହର୍ଷି ମହେଶ ଯୋଗୀଙ୍କର ଅତୀନ୍ଦ୍ରିୟ ଧ୍ୟାନ ବଡ଼ ଲୋକପ୍ରିୟ ହୋଇଉଠିଛି । ଏପ୍ରକାର ପ୍ରାଚ୍ୟ ରୀତିନୀତି ପ୍ରଚାର କରି ଅନେକ ଲୋକ ବହୁତ ଟଙ୍କା ଲାଭ କରନ୍ତି ।

ତେଣୁ ଏ ପ୍ରକାର ବିଦ୍ରୋହୀ ମନୋଭାବ ଯୋଗୁଁ କେତେଗୁଡ଼ିଏ ନୂତନ ବିଚାରଧାରା ଏମାନଙ୍କଠାରେ ଦେଖାଦେଇଛି । ନିଜ ସମାଜ ବିରୁଦ୍ଧରେ ଏପରି ବିଦ୍ରୋହ ଯୋଗୁଁ ଅନ୍ୟ ସମାଜ ପ୍ରତି ଆଦର ବଢ଼ିଛି । ଅନ୍ୟମାନଙ୍କର ବିଚାରଧାରା ପ୍ରତି ଶ୍ରଦ୍ଧା ଓ ସହାନୁଭୂତି ଦେଖା ଦେଉଛି; କିନ୍ତୁ ତା ସହିତ ଆହୁରି କେତୋଟି ଚରମ ଚିନ୍ତାଧାରା ମଧ୍ୟ ସମାଜରେ ବିଭ୍ରାଟ ସୃଷ୍ଟି କରୁଛି । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଯୌନ ସମ୍ପର୍କ ନେଇ ଏଠାରେ ଅତି ଉତ୍କଟ ଚିନ୍ତାଧାରା ଦେଖାଦେଇଛି । ଯୌନ ସମ୍ପର୍କକୁ ପୂରାପୂରି ଭାବରେ ସାମାଜିକ ବନ୍ଧନରୁ ବିମୁକ୍ତ କରିଦେବା ପାଇଁ ଏମାନେ ବଦ୍ଧପରିକର । ଯୌନ ସ୍ୱାଧୀନତା ଆନ୍ଦୋଳନ ଏପରି ଭାବରେ ସର୍ବପ୍ରସାରୀ ହୋଇପଡ଼ିଛି ଯେ ପାରିବାରିକ ବନ୍ଧନ କ୍ରମେ କ୍ରମେ ଭାଙ୍ଗିପଡୁଛି ।

ଅବାଧ ଯୌନ ମିଳନ ଲାଗି ବ୍ୟାପକ ସୁଯୋଗ ରହିଥିବା ଯୋଗୁଁ ଅନ୍ୟାନ୍ୟ ନାନା ପ୍ରକାର ଅସାମାଜିକ ପ୍ରକ୍ରିୟା ଦେଖାଦେଉଛି । ପିଲାଦିନରୁ ଯୌନ ମିଳନରେ ସ୍ୱାଧୀନତା ଯୋଗୁଁ ତିରିଶ ପଞ୍ଚତିରିଶ ବର୍ଷବେଳକୁ ପୁରୁଷମାନଙ୍କଠାରେ ଯୌନ ମନ୍ଥରତା ପ୍ରକାଶ ପାଉଛି; ଅଥଚ ସ୍ତ୍ରୀମାନଙ୍କଠାରେ ସ୍ୱାଭାବିକ ଭାବରେ ଯୌନ ଲାଳସା ରହୁଛି । ଫଳରେ ବହୁ ପ୍ରକାର ସାମାଜିକ ବିଭ୍ରାଟ ଦେଖାଦେଉଛି । ଏଠାକାର ମନସ୍ତତ୍ତ୍ୱବିତ୍‌ମାନେ ଏ ବିଷୟ ନେଇ ବଡ଼ ଚିନ୍ତିତ ।

ଜନସାଧାରଣଙ୍କର ଏ ପ୍ରକାର ବିଦ୍ରୋହାତ୍ମକ ମନୋଭାବର ସୁବିଧା ନେଇ ପୁଞ୍ଜିପତିମାନେ ଲାଭ ଉଠାଇବା ଲାଗି ନଗ୍ନ ଯୌନ ସିନେମା ଚିତ୍ର କରିବାରେ ବ୍ୟସ୍ତ । ବଡ଼ ବଡ଼ ସହରରେ ଏ ପ୍ରକାର ଚିତ୍ରଘର ବହୁତ ବେଶି । ଏ ସମ୍ପର୍କରେ ଗୋଟିଏ ପ୍ରଧାନ ପ୍ରଶ୍ନ ଉଠେ ଯେ ଅବାଧ ଯୌନ ସମ୍ପର୍କ ଯଦି ଲୋକମାନଙ୍କୁ ଅସ୍ୱାଭାବିକ ଯୌନ ଦମନରୁ ମୁକ୍ତ କରି ଅନ୍ୟାନ୍ୟ ସାଂସ୍କୃତିକ ଓ ବୈଜ୍ଞାନିକ କାର୍ଯ୍ୟରେ ନିୟୋଜିତ କରିପାରିବ ବୋଲି ଧରି ନିଆଯାଏ, ତା'ହେଲେ ବିକୃତ ଯୌନ ପ୍ରଚାର ଏତେ ଅଧିକ ଭାବରେ କାହିଁକି ପ୍ରସାରଲାଭ କରୁଛି ?

ତା'ଛଡ଼ା ଆଉ ଗୋଟିଏ ପ୍ରଶ୍ନ ଲେଖକ ଏମାନଙ୍କ ଆଗରେ ସଭାସମିତିରେ ଉଠାଇଥିଲା ଯେ ସାଧାରଣ ଲୋକେ ଯଦି ଯୌନ-କ୍ରିୟା ବିଷୟରେ ଏତେ ବେଶି ମଗ୍ନ ରହନ୍ତି, ତାହେଲେ ଅତି ଗୁରୁତ୍ୱପୂର୍ଣ୍ଣ ସାମାଜିକ ଓ ରାଜନୈତିକ ସମସ୍ୟାବଳୀର ସମାଧାନ ଲାଗି ହୁଏତ ଏମାନଙ୍କର ଆଉ ଧୈର୍ଯ୍ୟ ବା ଉତ୍ସାହ ରହିବ ନାହିଁ । ହୁଏତ ଠିକ୍ ଏହି କାରଣରୁ ଅତି ପରାକ୍ରମଶାଳୀ ପୁଞ୍ଜିପତିମାନେ ମନେମନେ ନିଜକୁ ନିରାପଦ ମନେ କରୁଥିବେ; କାରଣ ଲୋକମାନଙ୍କର ଦୃଷ୍ଟି ସେମାନଙ୍କର ଅସାମାଜିକ କାର୍ଯ୍ୟ ପ୍ରତି ରହିବ ନାହିଁ, ଅନ୍ୟାନ୍ୟ ଛୋଟ ଛୋଟ କଥାରେ ଲୋକଙ୍କର ଶକ୍ତି କ୍ଷୟ ହେଉଥିବ— ଆମ ଦେଶରେ ଯୁବ ସଂପ୍ରଦାୟ ଛୋଟ ଛୋଟ କଥାରେ ଲିପ୍ତ ରହି ବସ୍ କଣ୍ଡକ୍ଟର, ଚପରାସୀ, କିରାଣୀକୁ ମାଡ଼ ମାରିବାରେ କିଂବା ସ୍କୁଲ କଲେଜ ବଂଦ କରିବାରେ ବ୍ୟସ୍ତ ରହିଲେ ଶାସକଗୋଷ୍ଠୀ ଯେପରି ଆରାମରେ ନିଃଶ୍ୱାସ ମାରନ୍ତି । ଯେକୌଣସି ସମାଜର ଯୁବସଂପ୍ରଦାୟର ଶକ୍ତି ଓ ଆଗ୍ରହ ଯଦି ଏପରି ଭାବରେ ଅଯଥା କାମରେ ନିୟୋଜିତ ହୋଇ ରହେ, ତାହେଲେ ସେ ଦେଶର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଲାଗି ସେହି ଅନୁପାତରେ କମ୍ ଲୋକଶକ୍ତି ମିଳିପାରିବ । ଯୁକ୍ତରାଷ୍ଟ୍ର ଆମେରିକାରେ ଏ ବିଷୟ ନେଇ ମଧ୍ୟ ବହୁ ଚିନ୍ତାଶୀଳ ବ୍ୟକ୍ତି ଚିନ୍ତିତ ଥିବାର ଦେଖାଯାଏ ।

■■■

Digitized by PPRACHIN, SOA

ଆଠ

ଅସହାୟତାରୁ ଅସାମାଜିକ କାର୍ଯ୍ୟ

ଚୋରି, ଡକାଏତି, ନାରୀଧର୍ଷଣ ପ୍ରଭୃତି ଅସାମାଜିକ କାର୍ଯ୍ୟସବୁ ପ୍ରତ୍ୟେକ ସମାଜରେ ରହିଛି । କିନ୍ତୁ କେତେକ ସମାଜରେ ଏହା କମ୍ ପରିମାଣରେ ଘଟେ ଅଥବା ଆଉ କେଉଁ କେଉଁ ସମାଜରେ ଏହାର ମାତ୍ରା ଅତି ବେଶି । ତେବେ କୌଣସି ସମାଜରୁ ଏହା ସମ୍ପୂର୍ଣ୍ଣ ରୂପେ ଦୂର କରିବା ସମ୍ଭବ ନୁହେଁ । ତଥାପି ସାମାଜିକ ଅସ୍ଥିରତା, ସରକାରୀ ସଂସ୍ଥାର ଅଯୌକ୍ତିକ ଚାପ ବା ଅତ୍ୟାଚାର, ବ୍ୟକ୍ତିଗତ ନିଃସହାୟତା ଓ ବ୍ୟର୍ଥତାର ପରିମାଣ ଅନୁସାରେ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପ ଯେଉଁ ସମାଜରେ ଯେତେ ବେଶି ଦେଖାଯାଏ, ସେହି ସମାଜ ସେତେ ବେଶି ଅସ୍ୱାଭାବିକ ପରିସ୍ଥିତି ଭିତରେ ଦେଇ ଯାଉଛି ବୋଲି ଧରିନିଆଯାଏ ।

ଗତ କେତେବର୍ଷ ହେଲା ଯୁକ୍ତରାଷ୍ଟ୍ର ଆମେରିକାରେ ବିଭିନ୍ନ ଧରଣର ଅସାମାଜିକ କାର୍ଯ୍ୟକଳାପ ବହୁତ ବେଶି ବଢ଼ିଯାଇଛି । ସରକାରୀ ହିସାବରୁ ଜଣାଯାଏ ଯେ, ପ୍ରତିବର୍ଷ ଏସବୁ କାର୍ଯ୍ୟ ଜନସଂଖ୍ୟା ବୃଦ୍ଧିହାରଠାରୁ ବହୁତ ବେଶି ହାରରେ ବଢ଼ି ବଢ଼ି ଚାଲିଛି । ଆଉ କେତେକ ଉନ୍ନତ ଦେଶରେ ଏହାର ସଂଖ୍ୟା ସାମାନ୍ୟ ପରିମାଣରେ ବୃଦ୍ଧି ପାଇଥାଇପାରେ; କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାରେ ଏ ପ୍ରକାର କାର୍ଯ୍ୟ ସବୁଠୁ ବେଶି ବୃଦ୍ଧି ପାଇଛି । ହିସାବରୁ ଜଣାଯାଏ, ନିଉୟର୍କ ପରି ସହରରେ ପ୍ରତ୍ୟେକ ଲୋକ ପାଞ୍ଚ ବର୍ଷରେ ଥରେ ଏପରି କୌଣସି ନା କୌଣସି ବିପଦର ସମ୍ମୁଖୀନ ହେବାର ସମ୍ଭାବନା ରହିଛି । ବଡ଼ ବଡ଼ ସହରରେ ରାତି ନଅ ଦଶଟା ପରେ କେତେକ ଅଞ୍ଚଳକୁ ଯିବା ଆଦୌ ନିରାପଦ ନୁହେଁ । ବାର୍କଲେ ପରି ବିଶ୍ୱବିଖ୍ୟାତ ବିଶ୍ୱବିଦ୍ୟାଳୟ ହତା ଭିତରେ ସନ୍ଧ୍ୟା ପରେ କୌଣସି ସ୍ତ୍ରୀ ଲୋକ ଏକେଲା ଲାଇବ୍ରେରୀକୁ ଯିବା ପାଇଁ ସାହସ କରୁନାହାନ୍ତି । ସେମାନେ ଦଳ ବାନ୍ଧି ବାହାରନ୍ତି କିମ୍ବା ପୁରୁଷ ଲୋକକୁ ନେଇ ଲାଇବ୍ରେରୀକୁ ଯାଆନ୍ତି । ସନ୍ଧ୍ୟା ପରେ ନାରୀଧର୍ଷଣ କାର୍ଯ୍ୟ ବିଶ୍ୱବିଦ୍ୟାଳୟ ହତା ଭିତରେ ମଧ୍ୟ ସମ୍ଭବ । ଅଥଚ ଲେଖକ ଲଣ୍ଡନରେ ରହିଥିବା ବେଳେ ରାତି ଗୋଟାଏ ଦି'ଟାରେ ମଧ୍ୟ ଲଣ୍ଡନ ରାସ୍ତାରେ ସ୍ତ୍ରୀଲୋକ ଏକେଲା ଯିବାର ଦେଖିଛି । ଲଣ୍ଡନ, ପ୍ୟାରିସ୍ ପ୍ରଭୃତି ୟୁରୋପୀୟ ସହରରେ ସ୍ତ୍ରୀଲୋକମାନଙ୍କ ପ୍ରତି ଏ ପ୍ରକାର ବିପଦର ସମ୍ଭାବନା ଯଥେଷ୍ଟ କମ୍ ।

ଏଠାରେ ଚୋରି ଡକାଏତି ସଂଖ୍ୟା ମଧ୍ୟ ବହୁତ ବଢ଼ିଯାଇଛି । ଲେଖକର ପୁଅ ବାର୍କଲେ ବିଶ୍ୱବିଦ୍ୟାଳୟ ହତା ପାଖରେ ମଟର ଗାଡ଼ିଟିଏ ରଖି ଲାଇବ୍ରେରୀକୁ ଯାଇଥିଲା । ଦିନ ଦୁଇଟାଠାରୁ ଚାରିଟା ଭିତରେ ସେହି ମଟରଗାଡ଼ି ଭିତରୁ ଗୋଟିଏ ମୂଲ୍ୟବାନ୍ ମଟର ରେଡ଼ିଓ ଚୋରି ହୋଇଗଲା । ପୋଲିସକୁ ଖବର ଦେବାରେ କିଛି ଲାଭ ହେଲାନାହିଁ- ଇନ୍ସୁରାନ୍ସରୁ କ୍ଷତିପୂରଣ ପାଇବା ପାଇଁ ପୋଲିସକୁ ଯାହା ଖବର ଦିଆ ହୋଇଥିଲା । ଏସବୁ ଚୋରି ଧରିବା ପାଇଁ ପୋଲିସ ସମ୍ପୂର୍ଣ୍ଣ ରୂପେ

Digitized by PPRACHIN, SOA

ଅପାରଗ ବୋଲି ଶୁଣିବାକୁ ମିଳିଲା । ଆଉ ଜଣେ ଭଦ୍ରମହିଳା ଲେଖକଙ୍କୁ କହିଲେ ଯେ ସେ ଗୋଟିଏ ରଙ୍ଗିନ ଟେଲିଭିଜନ କିଣି ଆଣିବାର ଏକ ହପ୍ତା ଭିତରେ ତାଙ୍କର କାଚ ଝରକା ଭାଙ୍ଗି କେହି ସେହି ରଙ୍ଗିନ ଟେଲିଭିଜନଟିକୁ ଚୋରି କରି ନେଇଯାଇଛି । ତା'ପରେ ଯେତେବେଳେ ସେ ଆଉ ଗୋଟିଏ ଟେଲିଭିଜନ କିଣିଲେ ତାକୁ କମ୍ପାନୀ ଗାଡ଼ିରେ ନ ଆଣି ନିଜ ମଟରଗାଡ଼ିରେ ଦୋକାନରୁ ଆଣିଥିଲେ । ତା'ପରେ ବହୁମାସ ହେଲା ତାହା ଚୋରି ଯାଇନଥିଲା । ଆଉ ଜଣେ ଭଦ୍ରମହିଳା କହୁଥିଲେ ଯେ କୌଣସି ଅଞ୍ଚଳରୁ ଚୋରି ଗଲେ ସେଠାକାର ଲୋକେ ବାଧା ଦେବାକୁ ସାହସ କରନ୍ତି ନାହିଁ; କାରଣ ଚୋରଙ୍କ ହାତରେ ଭୟଙ୍କର ମାରଣାସ୍ତ୍ରସବୁ ଥାଏ । ତା'ଛଡ଼ା ସ୍ତ୍ରୀ-ପୁରୁଷ ସମସ୍ତେ କାମକୁ ଯାଇଥିବାବେଳେ ବହୁ ଅଞ୍ଚଳ ପ୍ରାୟ ଜନଶୂନ୍ୟ ହୋଇଯାଏ- ସେତିକିବେଳେ ଲୋକେ ଗାଡ଼ି ଧରି ଆସି କବାଟ ଭାଙ୍ଗି ଜିନିଷ ନେଇଯାଆନ୍ତି । ଏତେ ବଡ଼ ଧନୀ ଦେଶରେ ମଧ୍ୟ ଏ ପ୍ରକାର ଚୋରିସଂଖ୍ୟା ବଢ଼ି ବଢ଼ି ଚାଲିଛି କାହିଁକି ?

ଲେଖକଙ୍କୁ କେହି ପରାମର୍ଶ ଦେଇଥିଲେ ଯେ ଯଦି କେହି ଦୁର୍ଦ୍ଧର୍ଷ ଲୋକ ଜୋରଜବରଦସ୍ତ ପଇସା ଦାବି କରେ, ତା'ହେଲେ ସାଙ୍ଗେ ସାଙ୍ଗେ ପକେଟରେ ଯାହା ଥିବ ଦେଇଦେବା ଉଚିତ; ତା'ନହେଲେ ପ୍ରାଣ ଯିବାର ଆଶଙ୍କା ରହିଛି । ଯେ କୌଣସି ଲୋକର ବିନା ଲାଇସେନ୍ସରେ ଯେକୌଣସି ମାରଣାସ୍ତ୍ର କିଣିବାର ଅଧିକାର ଥିବାରୁ ଏପ୍ରକାର ଦୁର୍ଦ୍ଧର୍ଷ ପ୍ରକୃତିର ଲୋକଙ୍କ ହାତରେ ବହୁ ପ୍ରକାରର ମାରଣାସ୍ତ୍ର ରହିଥିବା ସ୍ୱାଭାବିକ ।

ଲେଖକ ଯେତେବେଳେ ଏ ସବୁର ସାମାଜିକ କାରଣ ବିଷୟରେ ବିଶିଷ୍ଟ ଲୋକମାନଙ୍କ ସହିତ ଆଲୋଚନା କରିଥିଲା, ସେତେବେଳେ ସେମାନଙ୍କଠାରୁ ମୋଟାମୋଟି ଭାବରେ ଗୋଟିଏ ପ୍ରକାର ମତ ପ୍ରକାଶ ପାଇଥିଲା ଯେ ଯୁବ ସଂପ୍ରଦାୟର ଅନ୍ତର୍ନିହିତ ବ୍ୟର୍ଥତା ଓ ନିଃସହାୟତା ଯୋଗୁଁ ଏପରି ଉପାୟରେ ଏମାନେ ସମାଜ ବିରୁଦ୍ଧରେ ପ୍ରତିଶୋଧ ନେଉଛନ୍ତି । କେହି କେହି ଓ୍ୱାଟରଗେଟ୍ ଘଟଣାର ଉଲ୍ଲେଖ କରି କହିଲେ ଯେ ଯେଉଁ ସମାଜରେ ସର୍ବୋଚ୍ଚ ସରକାରୀ ସଂସ୍ଥା ପ୍ରେସିଡେଣ୍ଟଙ୍କ ଦପ୍ତରରେ, ପ୍ରେସିଡେଣ୍ଟଙ୍କ ବିଶ୍ୱସ୍ତ କର୍ମଚାରୀଙ୍କ ଦ୍ୱାରା ଏପରି କଳଙ୍କମୟ ଅସାମାଜିକ କାର୍ଯ୍ୟ ସମ୍ଭବ, ଯେଉଁ ଦେଶରେ କାଲିଫର୍ଣ୍ଣିଆର ଗଭର୍ଣ୍ଣର ରିଗାନ୍‌ଙ୍କ ପରି କୋଟିପତି ବ୍ୟବସାୟୀ ନାନା ପ୍ରକାର ହିସାବ ଦେଖାଇ ଗତ କେତେବର୍ଷ ହେଲା ଆୟକର ଦେଉନାହାନ୍ତି ଏବଂ ସେଥିଲାଗି ବାରମ୍ବାର ଆଲୋଚନା ଚାଲିଛି, ତଥାପି ଲୋକଙ୍କ ପ୍ରତି ତାଙ୍କର କୌଣସି ଭ୍ରୂକ୍ଷେପ ନାହିଁ, ସେଠାରେ ଏ ପ୍ରକାର ଅସାମାଜିକ କାର୍ଯ୍ୟର ମାତ୍ରା ବଢ଼ିବାକୁ ବାଧ୍ୟ । ଯୁବନେତାଙ୍କ ମତରେ ଯୁକ୍ତରାଷ୍ଟ୍ର ଆମେରିକା ସରକାରର ନୀତି ବିରୁଦ୍ଧରେ ଯୁବସଂପ୍ରଦାୟ ବହୁତ ଲଢ଼ିଲେ । ଆମେରିକା ସରକାରର ଭିଏତ୍‌ନାମ ଯୁଦ୍ଧରେ ଅମାନୁଷିକ ଅତ୍ୟାଚାର ବିରୁଦ୍ଧରେ ଛାତ୍ରମାନେ ବହୁ ଆନ୍ଦୋଳନ କଲେ । ଲକ୍ଷ ଲକ୍ଷ ଯୁବକ ଆମେରିକାରେ ଶିକ୍ଷା ପାଇପାରୁନଥିବାବେଳେ, ଲକ୍ଷ ଲକ୍ଷ ନିଗ୍ରୋଙ୍କ ଜୀବନଧାରଣ ମାନ ଅତ୍ୟନ୍ତ ନିମ୍ନ ଧରଣର ହୋଇଥିବା ବେଳେ କୋଟି କୋଟି ଡଲାର ଭିଏତନାମର ଲୋକଙ୍କୁ ମାରିବାରେ ବ୍ୟୟ ହେଉଛି । ଏଥିପାଇଁ ଦେଶର ସବୁ ଯୁବକଙ୍କୁ ସାମରିକ ବିଭାଗରେ ବାଧ୍ୟବାଧକତାରେ ଭର୍ତ୍ତି କରାହେଉଛି । ଏହା ବିରୁଦ୍ଧରେ ଯୁବ ସଂପ୍ରଦାୟ ବହୁ ଆନ୍ଦୋଳନ କଲେ । ତଥାପି ସରକାରଙ୍କୁ କୌଣସି ଉପାୟରେ ବି ପ୍ରଭାବିତ କରିପାରିଲେ ନାହିଁ । ଖାଲି ସେତିକି ନୁହେଁ, ଯୁକ୍ତରାଷ୍ଟ୍ର ଆମେରିକା ସମାଜରେ ଯେଉଁ ଚରମ ଆର୍ଥିକ ପାର୍ଥକ୍ୟ ଦେଖାଦେଉଚି, ଅନିୟନ୍ତ୍ରିତ ଶିଳ୍ପ ପ୍ରସାର ଯୋଗୁଁ ଯେଉଁ ପ୍ରକାର ଦୂଷିତ ବାୟୁମଣ୍ଡଳ ସୃଷ୍ଟି ହେଉଛି, ତା'ର ବିଶୋଧନ ପାଇଁ ପୁଂଜି ବିନିଯୋଗ ନିମନ୍ତେ କଂଗ୍ରେସ ପ୍ରସ୍ତାବ ଗ୍ରହଣ କରୁଥିଲେ ସୁଦ୍ଧା ପ୍ରେସିଡେଣ୍ଟମାନେ ଖର୍ଚ୍ଚ କରୁନାହାନ୍ତି; ଅଥଚ ଯୁଦ୍ଧ ଲାଗି ବେଶି ଖର୍ଚ୍ଚ କରୁଛନ୍ତି । ତଥାପି କେହି ତାଙ୍କୁ ଅଟକାଇ ପାରୁନାହାନ୍ତି । ତେଣୁ ଗତ କେତେବର୍ଷ ହେଲା ଯୁବସଂପ୍ରଦାୟଙ୍କଠାରେ ଗଭୀର ବ୍ୟର୍ଥତା ଓ ନିଃସହାୟତା ଦେଖାଦେଇଛି ।

Digitized by PPRACHIN, SOA

ସେମାନେ ଏ ପ୍ରକାର ବିରାଟ ନ୍ୟସ୍ତସ୍ୱାର୍ଥ ସରକାରୀ କଳକୁ ବଦଳାଇ ନପାରି ନିଃସହାୟ ଭାବରେ ନାନା ଅସାମାଜିକ କାର୍ଯ୍ୟରେ ନିଜକୁ ଲିପ୍ତ କରୁଛନ୍ତି ।

ଆହୁରି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅସାମାଜିକ ଘଟଣା ଏ ପ୍ରକାର ବ୍ୟର୍ଥତାର ଚରମ ନିଦର୍ଶନ ବୋଲି ଜଣାଯାଏ । ଭିଏତ୍‌ନାମ ଯୁଦ୍ଧକ୍ଷେତ୍ରକୁ ବହୁ ଯୁବକଙ୍କୁ ସେମାନଙ୍କର ଅନିଚ୍ଛାସତ୍ତ୍ୱେ ପଠାଗଲା । ଏହି ଯୁଦ୍ଧରେ ଲଢ଼ିବା ପାଇଁ ସେମାନେ କୌଣସି ରାଜନୈତିକ ଆଦର୍ଶ କିମ୍ବା ଦେଶାତ୍ମବୋଧକ ପ୍ରେରଣାରେ ଅନୁପ୍ରାଣିତ ହୋଇପାରିଲେ ନାହିଁ । ମାର୍କିନ୍ ସରକାରର ଖାମଖିଆଲି ଯୁଦ୍ଧ ବିଭାଗର ଆଦେଶରେ ସେମାନେ ନିରୀହ ଲୋକଙ୍କ ଉପରେ ଲକ୍ଷ ଲକ୍ଷ ଟନ୍ ବୋମା ବର୍ଷଣ କରିବାକୁ ବାଧ ହେଲେ । ସେମାନଙ୍କର ଧାନକ୍ଷେତ, ଜଙ୍ଗଲ ରାସାୟନିକ ଉପାୟରେ ପୋଡ଼ିଦେବାକୁ କୁହାଗଲା । ଅଥଚ ଏସିଆ ମହାଦେଶର ଏହି କ୍ଷୁଦ୍ର ରାଜ୍ୟଟି ବିରୁଦ୍ଧରେ କାହିଁକି ଏସବୁ କରାଯାଉଥିଲା, ତା'ର କୌଣସି ଯୁକ୍ତିଯୁକ୍ତ କାରଣ ଯୁବ ସଂପ୍ରଦାୟ ଖୋଜି ପାଉନଥିଲେ । ସେଥିଲାଗି ବିକ୍ଷୋଭ କଲେ । ସାମରିକ ବିଭାଗରେ ଭର୍ତ୍ତି ନ ହେବା ଲାଗି ଜିଦ୍ ଧରି ବସିଲେ । ବହୁ ଯୁବକ ଦେଶ ଛାଡ଼ି ଚାଲିଗଲେ । ଲୋକ-ପ୍ରତିନିଧି କଂଗ୍ରେସ ସଭାରେ ମଧ ଏହା ବିରୁଦ୍ଧରେ ପ୍ରତିବାଦ ହେଲା । ତଥାପି ଯୁଦ୍ଧ ଚାଲିଲା । ଯୁବକମାନେ ବିଶ୍ୱବିଦ୍ୟାଳୟ ଶିକ୍ଷା ବନ୍ଦ କରି ଏ ପ୍ରକାରର ଯୁକ୍ତିହୀନ ଅମାନୁଷିକ କାର୍ଯ୍ୟରେ ନିଯୁକ୍ତ ହେଲେ । ଫଳରେ ଭିଏତ୍‌ନାମରେ ଥିବା ସୈନ୍ୟବାହିନୀର ସଂଖ୍ୟାଧିକ ଲୋକ ନାନା ପ୍ରକାର ମାଦକଦ୍ରବ୍ୟ ସେବନ କଲେ । ନିଶାରେ ବିଭୋର ହୋଇ ଏମାନେ ଯନ୍ତ୍ରବତ୍ ନିଜ ବିବେକ ବିରୁଦ୍ଧରେ କାମ କରିଗଲେ । ହିସାବରୁ ଜଣାଯାଏ, ଆଜି ପର୍ଯ୍ୟନ୍ତ କୌଣସି ସେନାବାହିନୀରେ ଏତେ ସଂଖ୍ୟାରେ ମାଦକସେବୀ ସୈନ୍ୟ ନଥିଲେ । ବହୁଦିନ ଧରି ଭିଏତ୍‌ନାମରେ ମାଦକଦ୍ରବ୍ୟ ସେବନରେ ଅଭ୍ୟସ୍ତ ହୋଇଯାଇଥିବା ଲୋକେ ଯେତେବେଳେ ନିଜ ଦେଶକୁ ଫେରିଆସିଲେ, ବହୁ ଅସାମାଜିକ କାର୍ଯ୍ୟ ଦେଖାଗଲା । ଯେଉଁମାନେ ଭିଏତନାମ ଯାଇ ନଥିଲେ, ସେମାନେ ମଧ ଏ ପ୍ରକାର ରାଜନୈତିକ ଆଦର୍ଶ-ହୀନତା ଓ ସାମାଜିକ ବ୍ୟର୍ଥତାଜନିତ ଦୁଶ୍ଚିନ୍ତା ଓ ମାନସିକ ଉଦ୍‌ବେଗରୁ ରକ୍ଷା ପାଇବା ଲାଗି ବହୁପ୍ରକାର ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିଲେ ।

ତା'ଛଡ଼ା କେତେକ ଅତ୍ୟନ୍ତ ଧନଶାଳୀ ଲୋକ ୱାଟରଗେଟ୍ ପରି ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟରେ ଲିପ୍ତ ଥିବାର ଜଣାଯାଏ । ଏପରି ସଂସ୍ଥା ସବୁ ରହିଛି, ଯାହାକୁ ଟଙ୍କା ଦେଲେ ସେମାନେ ଯେକୌଣସି ବେନିୟମ କାର୍ଯ୍ୟ କରାଇଦେବେ । କୌଣସି ଲୋକକୁ ପ୍ରାଣରେ ମାରିଦେବାକୁ ହେଲେ ଏପରି ଏକ ସଂସ୍ଥାର ସାହାଯ୍ୟ ନିଆଯାଇପାରେ । ଏଠାରେ ବହୁ ମାରାତ୍ମକ ଘଟଣା ଏମାନଙ୍କ ସାହାଯ୍ୟରେ ସାଧିତ ହୁଏ । ତା'ର ବିଭିନ୍ନ ବିବରଣୀ କାଗଜରେ ମଝିରେ ମଝିରେ ବାହାରେ— ସିନେମାର କଥାବସ୍ତୁ ଏମାନଙ୍କୁ ନେଇ ରଚିତ ହୁଏ । ତେଣୁ ଏ ପ୍ରକାର କାର୍ଯ୍ୟରେ ବାହାଦୁରୀ ମଧ ରହିଛି ।

ମାର୍କିନ୍ ସମାଜରେ ଯୌନ ସ୍ୱାଧୀନତା ବ୍ୟାପକ ହେଉଥିବାବେଳେ ନାରୀଧର୍ଷଣ ଅପରାଧ ସଂଖ୍ୟା କାହିଁକି ବଢ଼ୁଛି ବୋଲି ପ୍ରଶ୍ନ କରିବାରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କାରଣ ବିଷୟରେ ଶୁଣିବାକୁ ମିଳିଥିଲା । କେତେକେ କୁଆଡ଼େ ବାହାଦୂରୀ ନେବା ପାଇଁ କିମ୍ବା ସେମାନଙ୍କର ପୁରୁଷତ୍ୱ ପ୍ରଦର୍ଶନ କରିବା ପାଇଁ ନାରୀ ଧର୍ଷଣ କରିଥାଆନ୍ତି—ଯୌନ ଉଚ୍ଛୃଙ୍ଖଳତା ଯୋଗୁ ନୁହେଁ । ତା'ଛଡ଼ା ମଧ ଅତି ଭୀଷଣ ଅମାନୁଷିକ କାର୍ଯ୍ୟ ପଛରେ ଆଉ ଗୋଟିଏ କାରଣ ମଧ ଥାଇପାରେ । ସମାଜର ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟର୍ଥତାର ଚରମ ସୀମାରେ ପହଞ୍ଚିଲା ପରେ ସମାଜର ଦୃଷ୍ଟି ଆକର୍ଷଣ କରିବା ପାଇଁ- ସମାଜର ଗୋଟିଏ ସ୍ୱନାମଧନ୍ୟ ବୀରପୁରୁଷ ହେବା ପାଇଁ ବହୁ ପ୍ରକାର ଅମାନୁଷିକ କାର୍ଯ୍ୟରେ କେତେକ ଲିପ୍ତ ରହନ୍ତି । ଧରା ପଡ଼ିଲା ପରେ ସେମାନଙ୍କର ଛବି, ସେମାନଙ୍କର ଜୀବନୀ, ସେମାନଙ୍କର ଅତି ଦୁର୍ଦ୍ଧର୍ଷ କାର୍ଯ୍ୟାବଳୀ ବିଷୟରେ ବିଶଦ ବିବରଣୀ କାଗଜମାନଙ୍କରେ ବର୍ଣ୍ଣିତ

Digitized by PPRACHIN, SOA

ହୁଏ । ସେମାନେ ବହୁପ୍ରକାର ନାଟକୀୟ ରୀତିରେ ନିଜର କୁଖ୍ୟାତ କାର୍ଯ୍ୟକଳାପ ବର୍ଣ୍ଣନା କରନ୍ତି । ଏହି ଦଶନ୍ଧି ବା ଶତାବ୍ଦୀର ଅତି ଦୁର୍ଦ୍ଧର୍ଷ ବା ଅତି ଅମାନୁଷିକ ଘଟଣାର ମୁଖ୍ୟ ନାୟକ ହିସାବରେ ସେମାନେ ପରିଗଣିତ ହେବାର ଗୌରବ ଲାଭ କରିବା ପାଇଁ ଲାଳାୟିତ । ଏହିପରି ଏକ କୁଖ୍ୟାତ ଦୁର୍ଦ୍ଧର୍ଷ ଲୋକ ପନ୍ଦରଟି ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ମାରିଥିବା ଅଭିଯୋଗରେ ଲେଖକ ଏଠାରେ ଥିଲାବେଳେ ଧରାହୋଇଥିଲା । ସେ କୋର୍ଟରେ ମନ୍ଦ ମନ୍ଦ ହାସ ଶୋଭିତ ବଦନରେ ସ୍ୱୀକାର କରିଥିଲା ଯେ ସେ ଏ ସମସ୍ତ ଛାତ୍ରଛାତ୍ରୀଙ୍କୁ ନିଜ ହାତରେ ମାରିଛି । ତା ଜୀବନରୁ ଜଣାଗଲା ଯେ ସେ କୁଆଡ଼େ ବହୁବର୍ଷ ଧରି ପ୍ରାଚ୍ୟ ରହସ୍ୟବାଦୀ ଦର୍ଶନରେ ଆଗ୍ରହୀ ଥିଲା । ଏହି ଦଶନ୍ଧିର ସେ ବୋଧହୁଏ ସର୍ବଶ୍ରେଷ୍ଠ ଦୁର୍ଦ୍ଧର୍ଷ ଓ ଅମାନୁଷିକ ଲୋକ ବୋଲି ପରିଗଣିତ ହୋଇପାରେ ।

ଏ ପ୍ରକାର ବିଭିନ୍ନ ଧରଣର ଅସାମାଜିକ କାର୍ଯ୍ୟକଳାପ ବିଶ୍ଳେଷଣ କଲେ ଜଣାଯାଏ ଯେ ମାର୍କିନ୍ ସମାଜର ଅନ୍ତର୍ନିହିତ ଦ୍ୱନ୍ଦ୍ୱ, ଅନିୟନ୍ତ୍ରିତ ଉତ୍ପାଦନର ଅସ୍ୱାଭାବିକ ପରିଣତି, ଅତି ପରାକ୍ରମଶାଳୀ ପୁଞ୍ଜିପତିଙ୍କର ଅସମ୍ଭବ ଧରଣର ରାଜନୈତିକ କ୍ଷମତା, ସାମାଜିକ ବିକାଶ ଦିଗରେ ଆଦର୍ଶହୀନତା, ଯାନ୍ତ୍ରିକ ସଭ୍ୟତା ଭିତରେ ମାନବିକତା ପ୍ରତି ଅସମ୍ମାନ, କେତେକଙ୍କର ଅସମ୍ଭବ ଧରଣର ପୁଞ୍ଜିଲାଭ ପାଇଁ ଭିଏତନାମ ପରି ଦେଶରେ ଅମାନୁଷିକ ଅତ୍ୟାଚାର, ବାଙ୍ଗଲାଦେଶରେ ଘଟିଯାଇଥିବା ଲୋମହର୍ଷଣକାରୀ ହତ୍ୟାକାଣ୍ଡ ଓ ନାରୀ ଧର୍ଷଣ ବିରୁଦ୍ଧରେ ରାଜନୈତିକ ସ୍ୱାର୍ଥ ଯୋଗୁଁ ସରକାରୀ ଉଦାସୀନତା, ଭାରତ ପରି ଶାନ୍ତିକାମୀ ଗଣତାନ୍ତ୍ରିକ ଦେଶ ବିରୁଦ୍ଧରେ ସପ୍ତମ ନୌବାହିନୀ ପ୍ରେରଣର ଅଯୌକ୍ତିକତା ପ୍ରଭୃତି ନାନାପ୍ରକାର ଅଗଣତାନ୍ତ୍ରିକ ତଥା ଆଦର୍ଶହୀନ ରାଜନୈତିକ ତଥା ସାମାଜିକ କାର୍ଯ୍ୟ ଯୋଗୁଁ ଜନସାଧାରଣ, ବିଶେଷ ଭାବରେ ଅତି ସମ୍ବେଦନଶୀଳ ଯୁବସମ୍ପ୍ରଦାୟ ମନରେ ଗୋଟିଏ ବିରାଟ ମନସ୍ତାତ୍ତ୍ୱିକ ବ୍ୟର୍ଥତା ତଥା ତିକ୍ତତା ଦେଖାଦେଇଥିବାରୁ ତାହା ଅନ୍ୟାନ୍ୟ ନାନାପ୍ରକାର ଅସାମାଜିକ କାର୍ଯ୍ୟରେ ପରିଚାଳିତ ହେଉଛି । ବର୍ତ୍ତମାନ ମାର୍କିନ୍ ସମାଜ ଏ ପ୍ରକାର କାର୍ଯ୍ୟ ଯୋଗୁ ଗୋଟିଏ ବିରାଟ ସଂକଟର ସମ୍ମୁଖୀନ ହୋଇଛି । ଅବଶ୍ୟ ଏ ବିଷୟରେ ଆମେରିକାର ଜନସାଧାରଣ ଏପରି ଗଭୀର ଭାବରେ ବିବ୍ରତ ଯେ ଏହାର ସମାଧାନ ଲାଗି ଏଠାରେ ଅନବରତ ଆଲୋଚନା ଚାଲିଛି । ଏତେବଡ଼ ବିରାଟ ଦେଶ, ଯେଉଁଠି ଜନସାଧାରଣଙ୍କର ଗଣତନ୍ତ୍ର ତଥା ମାନବିକତା ପ୍ରତି ଗଭୀର ଶ୍ରଦ୍ଧା ରହିଛି— ସେ ଦେଶ ଯେ ନିଶ୍ଚୟ ଏହାର ସମାଧାନ କରିବ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ଏଥିପାଇଁ କି ପ୍ରକାର ତ୍ୟାଗ କରିବାକୁ ପଡ଼ିବ, ବର୍ତ୍ତମାନ ଅବସ୍ଥାରେ କଳ୍ପନା କରିବା ସମ୍ଭବ ନୁହେଁ । ■■■

Digitized by PPRACHIN, SOA

ନଅ

ପ୍ରତିଯୋଗିତାରୁ ଉଦ୍‌ବେଗ

ଆମେରିକା ଏତେ ବଡ଼ ବିଭବଶାଳୀ ଦେଶ ହେଲେ ହେଁ ଏଠାରେ ନାନାପ୍ରକାର ସାମାଜିକ ବିଭ୍ରାଟ ଅନ୍ୟ ଦେଶ ତୁଳନାରେ ବେଶି ପରିମାଣରେ ଦେଖାଯାଏ । ଆମେରିକାର ମୁଷ୍ଟିମେୟ ପୁଞ୍ଜିପତିଙ୍କର ମୁଖ୍ୟ କାମ ହେଲା ଲାଭ ଏବଂ ସେହି ଲାଭ ନିର୍ଭର କଲା ଅନିୟନ୍ତ୍ରିତ ପ୍ରଚୁର ଉତ୍ପାଦନ ଉପରେ । ଉତ୍ପାଦିତ ଜିନିଷ ଅତିଶୀଘ୍ର ବିକ୍ରି ହେବା ଦରକାର । ତା'ନହେଲେ ଲାଭାଂଶ କମିଯିବ । ତେଣୁ ଆମେରିକାର ପୁଞ୍ଜିପତିମାନଙ୍କ ଭିତରେ ଖୁବ୍ ବେଶି ପ୍ରତିଯୋଗିତା ଦେଖାଯାଏ । ପ୍ରତ୍ୟେକେ ଚାହାନ୍ତି କିପରି ଅତି ଶୀଘ୍ର କେବଳ ସେମାନଙ୍କର ଉତ୍ପାଦିତ ବସ୍ତୁ ଲୋକଙ୍କ ଭିତରେ ବିକ୍ରି ହୋଇପାରିବ । ତେଣୁ ସକାଳୁ ଉଠିଲାବେଳେଠାରୁ ରାତିରେ ଶୋଇବାକୁ ଯିବା ପର୍ଯ୍ୟନ୍ତ ଚାରିଆଡ଼େ ଅନବରତ କୋଳାହଳ ଲାଗିଛି । ପ୍ରତ୍ୟେକେ ନାନା ଉପାୟରେ ଖାଲି କହୁଛନ୍ତି– ''ଆମ ଜିନିଷ ଆଉ ସବୁ ଜିନିଷଠାରୁ ବହୁତ ଭଲ । ତେଣୁ ତୁମେ କେବଳ ଆମ ଜିନିଷ ଅତି ଶୀଘ୍ର କିଣ ।'' ସକାଳୁ ରେଡ଼ିଓ ଖୋଲ- ସେଥିରୁ ବୀଣାବିଣା କଣ୍ଠରେ ସୁଗାୟିକାମାନେ ଗୀତ ଗାଉଛନ୍ତି ସିଗାରେଟ୍, ମଟରକାର ପ୍ରଭୃତି ବିଷୟରେ । ଟେଲିଭିଜନ ଖୋଲି ଦେଖ, ସେଥିରେ ନୂଆ ନୂଆ ମଟରଗାଡ଼ି ଛୁଟୁଛି । ନାଲି ଟହଟହ ମଦଗ୍ଲାସ ଧରି ଅର୍ଦ୍ଧଉଲଗ୍ନ ଯୁବତୀ ଜବାକୁସୁମ ପରି ଓଠରେ ହସ ଛୁଟାଇ ଢଳଢଳ ଆଖିର ଇଙ୍ଗିତରେ କହୁଛି– ତାକୁ ଏହି ମଦ କିପରି ଯୌବନ ଓ ଜୀବନୀଶକ୍ତି ବଢ଼ାଇବାରେ ସାହାଯ୍ୟ କରୁଛି । ସ୍ତୂପାକାର ସାବୁନଗଦା କିପରି ତା'ର ସୁସ୍ନିଗ୍ଧ କେଶ ଓ ସୁଚିକ୍କଣ ଦେହର ଲାଳିତ୍ୟ ବୃଦ୍ଧି କରିପାରିଛି ଇତ୍ୟାଦି । ଏହିପରି ହଜାର ହଜାର ଦୃଶ୍ୟ ମଣିଷ ଆଖି ଆଗରେ ଭାସିଚାଲିଛି । ରାସ୍ତାଘାଟ ଯେଉଁଆଡ଼େ ଚାହଁ କିଏ ଜଣେ ନିଶ୍ଚୟ ନାନା ଉପାୟରେ ତୁମକୁ ପରାମର୍ଶ ଦେଉଛି କେଉଁ ଜିନିଷ ତୁମର କିଣିବା ଉଚିତ ଓ କିପରି ଭାବରେ ତୁମର ଜୀବନଯାପନ କରିବା ଉଚିତ । ତା ଫଳରେ ପ୍ରତ୍ୟେକ ଲୋକର ଜିନିଷ କିଣିବାରେ ଅଦମ୍ୟ ପିପାସା ବଢ଼ିଯାଉଛି ।

ଜଣକର ସାମାଜିକ ମୂଲ୍ୟ ଓ ସମ୍ମାନ ତା'ର ଜିନିଷ କିଣିବା ଶକ୍ତି ଉପରେ ହିଁ ବେଶି ନିର୍ଭର କରୁଛି । ପ୍ରତିବର୍ଷ ଯେଉଁମାନେ ନିଜର ମଟରଗାଡ଼ି ବଦଳାଇ ପାରୁଛନ୍ତି, ସେମାନଙ୍କ ପ୍ରତି ସାମାଜିକ ସମ୍ମାନ ବେଶି- ସେମାନଙ୍କର ସବୁ କ୍ଷେତ୍ରରେ ଆଦର ବେଶି । ଫଳରେ ଜିନିଷ ଉପଭୋଗ କରିବା ଅପେକ୍ଷା ଜିନିଷ କିଣି ସମାଜରେ ଦେଖାଇବା ପ୍ରବୃତ୍ତି ଲୋକମାନଙ୍କଠାରେ ବେଶି ମାତ୍ରାରେ ବଢ଼ିଯାଉଛି । ତା'ନହେଲେ ପ୍ରତିବର୍ଷ ମଟରଗାଡ଼ି କିମ୍ବା ରେଫ୍ରିଜେରେଟର ବଦଳାଇବା ପଛରେ ଆଉ କ'ଣ ବା ଆଦର୍ଶ ଥାଇପାରେ ? ଏ ପ୍ରକାର ପ୍ରବୃତ୍ତି ଲୋକମାନଙ୍କଠାରେ ନାନା ଉପାୟରେ ପୁଞ୍ଜିପତିମାନେ ସୃଷ୍ଟି କରିପାରୁଛନ୍ତି । ତେଣୁ ଏ ପ୍ରକାର ତୀବ୍ର ପ୍ରତିଯୋଗିତାରେ ଯେ ପାରିଉଠୁନି, ତାର ଖୁବ୍ ଅଶାନ୍ତି ବଢ଼ିଯାଉଛି । ତା'ଛଡ଼ା ଅନିୟନ୍ତ୍ରିତ ପ୍ରତିଯୋଗିତା ଏପରି ଗୋଟିଏ ମାନସିକ

Digitized by PPRACHIN, SOA

ଚିନ୍ତାଧାରା ସୃଷ୍ଟି କରୁଛି ଯେ-ପ୍ରତ୍ୟେକେ ଭାବୁଛନ୍ତି ଯେ ଅନ୍ୟ ତୁଳନାରେ ତାର କମ୍ ଅଛି । ଫଳରେ ତା'ର ଯେତେ ଭଲ ଜିନିଷ ଥିଲେ ମଧ ଟେଲିଭିଜନ ଓ ଖବରକାଗଜରେ ନୂଆ ନୂଆ ଜିନିଷର ଆକର୍ଷଣୀୟ ବିଜ୍ଞାପନ ବାରମ୍ବାର ଦେଖି ଦେଖି ସେସବୁ ବିଷୟରେ ସେ ସବୁବେଳେ ଚିନ୍ତିତ ହୋଇପଡୁଛି ଏବଂ କିଣି ନପାରିଲେ ତା'ର ମନ ଅଶାନ୍ତିରେ ପୂରିଉଠୁଛି । ୧୯୭୩ରେ ଯା'ର ୧୯୭୦ କିମ୍ବା ୧୯୬୯ମଡେଲ୍ ଗାଡ଼ି ଅଛି, ସେ ନିଜକୁ ଗରିବ ମନେ କରୁଛି । ସେ ଚେଷ୍ଟା କରୁଛି କି ଉପାୟରେ ୧୯୭୩ ମଡେଲ ଗାଡ଼ିଟିଏ କିଣିପାରିବ । ତେଣୁ ସମସ୍ତଙ୍କର ମଟରଗାଡ଼ି ଥିଲେ ସୁଦ୍ଧା ଆମେରିକାରେ ବହୁ ମଟର ଚୋରି ହେଉଛି ଓ ସାଧାରଣତଃ ଭଲ ଭଲ ଗାଡ଼ି ହିଁ ବେଶି ଚୋରି ହୁଏ । ଯେ କିଣିପାରୁନି ସେ ଅନ୍ୟମାନଙ୍କ ତୁଳନାରେ ନ୍ୟୂନ ବୋଲି ଭାବିବା ଫଳରେ ଚୋରି କରି ତା'ର ମାନସିକ ଅଶାନ୍ତିକୁ ଶାନ୍ତ କରିବାର ପ୍ରବୃତ୍ତି ତାହାଠାରେ ଜାତ ହେବା ସ୍ୱାଭାବିକ ।

କିଣାଳିମାନଙ୍କଠାରେ ଯେପରି ଅଶାନ୍ତି ଦେଖାଦେଇଛି, ବିକାଳିମାନଙ୍କଠାରେ ମଧ ସେହିପରି ତୀବ୍ର ଅଶାନ୍ତି ଓ ମାନସିକ ଉଦ୍‌ବେଗ ଦେଖାଯାଏ । ଅତ୍ୟଧିକ ପ୍ରତିଯୋଗିତା ଯୋଗୁଁ କେହି ଜଣେ କୌଣସି କାରଣରୁ ଯଦି ଗୋଟିଏ ଜିନିଷର ଦାମ୍ କମେଇ ଦିଏ, ଅନେକ ସମୟରେ ଏଥିଯୋଗୁଁ ଆଉ ଜଣେ ସର୍ବସ୍ୱାନ୍ତ ହୋଇଯାଏ । ଫଳରେ ବଜାରରେ ଦରଦାମ୍‌ର ବହୁତ ତାରତମ୍ୟ ଦେଖାଯାଏ । ନିଉୟର୍କ ସହରର ଗୋଟିଏ ଦୋକାନରେ ଗୋଟିଏ ସାର୍ଟର ଦାମ୍ ତିରିଶ ଟଙ୍କା ଓ ଠିକ୍ ସେହିପରି ଗୋଟିଏ ସାର୍ଟର ଦାମ୍ ଆଉ ଗୋଟିଏ ଦୋକାନରେ କୋଡ଼ିଏ ଟଙ୍କା । ଥରେ ମୁଁ ଗୋଟିଏ ସାର୍ଟ କିଣିବାକୁ ଯାଇଥିଲି । ମୁଁ ଯେଉଁ ଦୋକାନକୁ ଗଲି ସେଠି ସାର୍ଟର ଦାମ ତିରିଶ ଟଙ୍କା, ଅଥଚ ସେହିପରି ଗୋଟିଏ ସାର୍ଟ ମୁଁ କୋଡ଼ିଏ ଟଙ୍କାରେ କିଣି ପିନ୍ଧିଥାଏ । ମୁଁ ଦୋକାନୀକୁ ସାର୍ଟର ଦାମ କହିଲା ପରେ ତା' ମୁହଁ ଏକାବେଳକେ ଶୁଖିଗଲା । ସେ କହିଲା, ''ହଁ, ଆପଣ କିଣିଥିବେ । କିଏ ତାର ଦାମ୍ କମାଇ ଦେଲାଣି । ମୋର ଏପରି ବହୁତ ସାର୍ଟ ଅଛି ଏବଂ ଯା ଫଳରେ ମୁଁ ସର୍ବସ୍ୱାନ୍ତ ହୋଇଯାଇପାରେ ।'' ଲୋକଟିର କରୁଣ ମୁଖଭଙ୍ଗୀ ଦେଖି ମୋର ବହୁତ ଦୟା ହେଲା । ଏହିପରି ଭାବରେ କେତେ ଜଣ ବଡ଼ ପୁଞ୍ଜିପତିଙ୍କୁ ଛାଡ଼ିଦେଲେ ଅନ୍ୟାନ୍ୟ ବ୍ୟବସାୟୀମାନେ ଅବିଶ୍ରାନ୍ତ ମାନସିକ ଉତ୍ତେଜନା ଓ ଉଦ୍‌ବେଗର ସହିତ ବ୍ୟବସାୟ ଚଳାଇଥାନ୍ତି ।

ଜନସାଧାରଣଙ୍କଠାରେ ଏପ୍ରକାର ମାନସିକ ଉଦ୍‌ବେଗ ଓ ଅନିର୍ଦ୍ଦିଷ୍ଟତାର ଭୟ ଯୋଗୁଁ ଯୁକ୍ତରାଷ୍ଟ୍ର-ଆମେରିକାରେ ମାନସିକ ରୋଗଗ୍ରସ୍ତ ରୋଗୀଙ୍କ ସଂଖ୍ୟା ବହୁତ ବେଶି । ଆମେରିକାରେ ପ୍ରତ୍ୟେକ ଦଶଜଣରୁ ଜଣେ ମନସ୍ତାତ୍ତ୍ୱିକର ସାହାଯ୍ୟ ଦରକାର କରେ ଏବଂ ପ୍ରତି କୋଡ଼ିଏ ଜଣରୁ ଜଣେ ମାନସିକ ବିକାରଗ୍ରସ୍ତ ଡାକ୍ତରଖାନାରେ ଚିକିତ୍ସିତ ହୁଏ । ଏ ବିଷୟ ନେଇ ସେଠାକାର ସମାଜବିତ୍ ଓ ମନସ୍ତାତ୍ତ୍ୱିକମାନେ ବଡ଼ ଚିନ୍ତିତ । କିନ୍ତୁ ପରମ ପୁଞ୍ଜିବାଦ ଉପରେ ପ୍ରତିଷ୍ଠିତ ବ୍ୟକ୍ତିକୈନ୍ଦ୍ରିକ ଓ ଉପଭୋକ୍ତା ବାଦୀ ସାମାଜିକ ନିୟମ ବିରୁଦ୍ଧରେ ଯିବାର ଶକ୍ତି ସାଧାରଣ ଲୋକଙ୍କର ନାହିଁ । ପୃଥିବୀର ଅନ୍ୟ କୌଣସି ଦେଶରେ ମାନସିକ ଅଶାନ୍ତି ଏତେ ପରିମାଣରେ ଦେଖାଯାଏ ନାହିଁ ।

ମାନସିକ ଉତ୍ତେଜନା ଓ ଉଦ୍‌ବେଗରୁ ରକ୍ଷା ପାଇବା ଲାଗି, ମନରେ ଶାନ୍ତି ଆଣିଦେବା ଲାଗି ବହୁପ୍ରକାର ଔଷଧ ଆମେରିକାରେ ପ୍ରଚାରିତ ହୋଇ ସେସବୁ ଏତେ ବେଶି ଲୋକପ୍ରିୟ ହୋଇପାରିଛି ଯେ, ଏପ୍ରକାର ଔଷଧ କୋଟି କୋଟି ଟଙ୍କାର ବିକ୍ରି ହୁଏ । ଏ ପ୍ରକାର ଔଷଧର ଉପକାରିତା ବିଷୟରେ ପ୍ରଚାର କରାହୁଏ ଯେ- *"A drug which induces a mental state free from agitation, anxiety and renders the patient calm and peaceful,"* କିନ୍ତୁ ଡାକ୍ତରମାନଙ୍କ ମତରେ ପ୍ରକୃତରେ ଏ ପ୍ରକାର ଗୁଣ ଥିବା କୌଣସି ଔଷଧ

Digitized by PPRACHIN, SOA

ଆବିଷ୍କାର ହେବା ସମ୍ଭବ ନୁହେଁ । ତଥାପି ଲୋକମାନଙ୍କ ଭିତରେ ଉଦ୍‌ବେଗ, ଆତୁରତା, ଅନିର୍ଦ୍ଦିଷ୍ଟତାଜନିତ ଅସ୍ଥିରତା ଏତେ ବେଶି ଯେ, ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଏ ପ୍ରକାର ମିଥ୍ୟା ପ୍ରଚାର କରି ଯେକୌଣସି ଔଷଧ ବିକ୍ରି କରି ପ୍ରଚୁର ଲାଭବାନ ହୋଇପାରୁଛନ୍ତି । ଡାକ୍ତରମାନଙ୍କ ମତରେ ଏ ପ୍ରକାର ଔଷଧର କୁଫଳ ଛଡ଼ା କୌଣସି ସୁଫଳ ନାହିଁ । ତଥାପି ଏ ପ୍ରକାର ବ୍ୟବସାୟୀମାନଙ୍କ ବିରୁଦ୍ଧରେ ସମାଜ ତଥା ସରକାରଙ୍କର ବିଶେଷ କିଛି କହିବାର ଅଧିକାର ନାହିଁ; କାରଣ ବ୍ୟବସାୟ କ୍ଷେତ୍ରରେ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ସ୍ୱାଧୀନତାରେ ଏମାନେ ବିଶ୍ୱାସ କରନ୍ତି । ତା'ଛଡ଼ା ଏ ପ୍ରକାର ବ୍ୟବସାୟକୁ କିଏ ନିୟନ୍ତ୍ରଣ କରିବ ? ତା'ହେଲେ ଅନ୍ୟାନ୍ୟ ବ୍ୟବସାୟ ମଧ୍ୟ କାହିଁକି ନିୟନ୍ତ୍ରିତ ନ ହେବ ? ଶାସନ କ୍ଷେତ୍ରରେ ପୁଞ୍ଜିପତିମାନଙ୍କର ଅଖଣ୍ଡ ଆଧିପତ୍ୟ ଥିବା ଫଳରେ ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାର ନିୟନ୍ତ୍ରଣ ଅସମ୍ଭବ । ଯୁକ୍ତରାଷ୍ଟ୍ର ଆମେରିକାର ଏହା ଗୋଟିଏ ପ୍ରଧାନ ଅର୍ଥନୈତିକ ଓ ରାଜନୀତିଗତ ଦର୍ଶନ ।

ଜନସାଧାରଣଙ୍କର ମାନସିକ ଅଶାନ୍ତି, ଉଦ୍‌ବେଗ ଓ ଅର୍ଥଲାଭ ପାଇଁ ଚରମ ପ୍ରତିଯୋଗିତା ବହୁ ପରିମାଣରେ ବଢ଼ି ଚାଲିଥିବା ଚୋରି, ଡକାୟତି, ଆତ୍ମହତ୍ୟା ପ୍ରଭୃତି ଅସାମାଜିକ କାର୍ଯ୍ୟାବଳୀର ମୂଳକାରଣ ବୋଲି ଧରାଯାଇପାରେ । ଗତ କେତେବର୍ଷ ଭିତରେ ଏସବୁର ପରିମାଣ ବହୁତ ବେଶି ବଢ଼ିଯାଇଛି । ଆମ ଦେଶରେ ଅଭାବ ଅନଟନ, ରୋଗବୈରାଗ ଯୋଗୁଁ ଚୋରି, ଡକାଏତି, ଆତ୍ମହତ୍ୟା ପ୍ରଭୃତି ଅସାମାଜିକ କାର୍ଯ୍ୟକଳାପ ଦେଖାଯିବା ସ୍ୱାଭାବିକ; କିନ୍ତୁ ଆମେରିକା ପରି ବିତ୍ତବଶାଳୀ ଦେଶରେ ଯେଉଁଠି ସମସ୍ତେ ଅନାୟାସରେ ଜାଗତିକ ସୁଖ ସମ୍ଭୋଗର ଅଧିକାରୀ ହୋଇପାରିବେ, ସେଠି ଏ ପ୍ରକାର ଅସାମାଜିକ କାର୍ଯ୍ୟ ସବୁ କାହିଁକି ପୃଥିବୀର ଅନ୍ୟ ଦେଶ ତୁଳନାରେ ଏତେ ଅଧିକ ? ଅନେକଙ୍କ ମତରେ ପୁଞ୍ଜିବାଦର ଆତ୍ମଘାତୀ, ଚରମ ପ୍ରତିଯୋଗିତା ଓ ତଜ୍ଜନିତ ମାନସିକ ଅଶାନ୍ତି ଓ ଉଦ୍‌ବେଗ ହିଁ ଅନ୍ୟାନ୍ୟ କାରଣ ଭିତରୁ ଗୋଟିଏ ପ୍ରଧାନ କାରଣ ।

ମୋଟାମୋଟି ଭାବରେ କହିବାକୁ ଗଲେ, ମାନସିକ ଅଶାନ୍ତି ଓ ଉଦ୍‌ବେଗ ଯୋଗୁଁ ଯେତେ ପ୍ରକାର ମାନସିକ ରୋଗ ଓ ଅସାମାଜିକ କାର୍ଯ୍ୟ ଦେଖାଯିବା କଥା, ତାହା ଯୁକ୍ତରାଷ୍ଟ୍ର ଆମେରିକାରେ ବହୁତ ବେଶି ଦେଖାଯାଏ । ଆମେରିକାର କେତେକ ସମାଜବିତ୍ ଓ ମନୋବିତ୍‌ମାନଙ୍କ ମତରେ ବ୍ୟକ୍ତିକୈନ୍ଦ୍ରିକ ଓ ଉପଭୋକ୍ତା ବାଦୀ ସମାଜରେ ଅତ୍ୟଧିକ ଅର୍ଥ ଲାଳସା ଓ ପ୍ରତିଯୋଗିତାର ଭୟଙ୍କର ଚାପ ଏଥିପାଇଁ ଦାୟୀ । କିଛି ପରିମାଣରେ ପ୍ରତିଯୋଗିତାର ସାମାଜିକ ମୂଲ୍ୟ ଅଛି, କିନ୍ତୁ ତାର ମାତ୍ରା ବେଶି ବଢ଼ିଗଲେ ଓଲଟା ଫଳ ହୁଏ । ଏ ତଥ୍ୟ ଆମେରିକାରେ ପ୍ରତିପାଦିତ ହୋଇସାରିଛି । ଯେଉଁ ଅନିୟନ୍ତ୍ରିତ ପୁଞ୍ଜିବାଦୀ ସମାଜ ଯୋଗୁଁ ଯୁକ୍ତରାଷ୍ଟ୍ର ଆମେରିକା ଏତେ ବେଶି ବିତ୍ତବଶାଳୀ ହୋଇପାରିଛି, ସେ ପୁଞ୍ଜିବାଦର ଆତ୍ମଘାତୀ ଅର୍ଥକୈନ୍ଦ୍ରିକ ଚରମ ସ୍ୱାର୍ଥପରତା ଯୋଗୁ ସାରା ସମାଜ ଅଶାନ୍ତିରେ ଜର୍ଜରିତ ହୋଇପଡ଼ିଛି । ■■■

Digitized by PPRACHIN, SOA

ଦଶ

ନାରୀମୁକ୍ତି ଆନ୍ଦୋଳନ

ଭାରତ ଓ ଅନ୍ୟାନ୍ୟ ଏସୀୟ ଦେଶମାନଙ୍କରେ ନାରୀମୁକ୍ତି ଆନ୍ଦୋଳନ କଥା ସହଜରେ ବୁଝି ହୁଏ । ଅଧିକ ଶିକ୍ଷା ଦୀକ୍ଷା ଓ ଅର୍ଥନୈତିକ ସ୍ୱାଧୀନତା ଲାଗି ନାରୀମାନେ ଉନ୍ନତିକାମୀ ଦେଶମାନଙ୍କରେ ସଂଗ୍ରାମ ଚଳାଇବା ସ୍ୱାଭାବିକ । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକା ପରି ଏତେ ଉନ୍ନତ, ଶିକ୍ଷିତ ଓ ବିତ୍ତବଶାଳୀ ଦେଶରେ ନାରୀମୁକ୍ତି ଆନ୍ଦୋଳନର ଲକ୍ଷ୍ୟ ବିଷୟରେ ସହଜରେ ଧରିହେବ ନାହିଁ । ଯୁକ୍ତରାଷ୍ଟ୍ର ଆମେରିକାର ନାରୀମାନେ ଶିକ୍ଷା ଦୀକ୍ଷା, ସଂସ୍କୃତି ଓ ବ୍ୟକ୍ତି ସ୍ୱାଧୀନତା କ୍ଷେତ୍ରରେ ପୁରୁଷମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି । ବାଧ୍ୟତାମୂଳକ ଶିକ୍ଷା ସମସ୍ତଙ୍କ ପାଇଁ ସମାନ– ବିଶ୍ୱବିଦ୍ୟାଳୟ ଶିକ୍ଷାରେ ମଧ୍ୟ ସମାନ ଅଧିକାର । ନାରୀମାନେ ପୁରୁଷମାନଙ୍କ ପରି ସବୁ କ୍ଷେତ୍ରରେ ସ୍ୱାଧୀନ । ସେମାନେ ପୁରୁଷମାନଙ୍କ ପରି ସମ୍ପତ୍ତିର ଅଧିକାରିଣୀ । ସେମାନେ ବିବାହ-ବିଚ୍ଛେଦ ଲାଗି ମଧ୍ୟ ସମାନ ଭାବରେ ଦାୟୀ । ତଥାପି ଯୁକ୍ତରାଷ୍ଟ୍ର ଆମେରିକାରେ ଗଲା କେତେ ବର୍ଷ ଧରି ନାରୀମୁକ୍ତି ଆନ୍ଦୋଳନର ତୀବ୍ରତା ଅନୁଭୂତ ହୁଏ । ଏହା ପଛରେ ଅତି ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ଓ ରାଜନୈତିକ କାରଣମାନ ରହିଛି ।

ଏତେ ବର୍ଷ ଧରି ଆମେରିକା ଅତି ଉନ୍ନତ ବିଭବଶାଳୀ ଦେଶ ବୋଲି ପରିଚିତ ହେଉଥିଲେ ସୁଦ୍ଧା ଏବଂ ନାରୀମାନେ ପୁରୁଷମାନଙ୍କ ପରି ଶିକ୍ଷାକ୍ଷେତ୍ରରେ ସମସ୍ତ ସୁବିଧା ପାଉଥିଲେ ସୁଦ୍ଧା, ଏହି ଦେଶର ରାଜନୈତିକ ପରିବେଶ ତଥା ଐତିହ୍ୟ ଯୋଗୁଁ ନାରୀମାନଙ୍କୁ ସାମାଜିକ ଓ ରାଜନୈତିକ ଜୀବନର ସବୁ କ୍ଷେତ୍ରରେ ସମାନ ଅଧିକାର ଦିଆଯାଇ ନାହିଁ । ଆଜିଯାଏଁ ରାଜନୈତିକ କ୍ଷେତ୍ରରେ ଖୁବ୍ କ୍ୱଚିତ୍ ନାରୀ ଉଚ୍ଚସ୍ତରକୁ ଉଠିପାରିଛନ୍ତି । ପଚାଶଟି ଷ୍ଟେଟରେ ଆମେରିକାର ସ୍ୱାଧୀନତା ପରଠାରୁ କେତେ କେତେ ଗଭର୍ଣ୍ଣର ରହିଲେଣି; ଅଥଚ ଜଣେ ସୁଦ୍ଧା ନାରୀ ଗଭର୍ଣ୍ଣର ନିର୍ବାଚିତ ହୋଇ ନାହାନ୍ତି । ସେହିପରି ସିନେଟ ପ୍ରଭୃତି ସର୍ବୋଚ୍ଚ ରାଜନୈତିକ ଅନୁଷ୍ଠାନମାନଙ୍କରେ ମଧ୍ୟ ନାରୀ ସଂଖ୍ୟା ଅତି ନଗଣ୍ୟ । ବିଶ୍ୱବିଦ୍ୟାଳୟର ପ୍ରେସିଡେଣ୍ଟ ପରି ସର୍ବୋଚ୍ଚ ପଦରେ ନାରୀ ନାହାନ୍ତି କହିଲେ ଚଳେ; ଅର୍ଥାତ୍ ଏମାନଙ୍କର ସଂଖ୍ୟା ସ୍ଥିର କରିବାକୁ ହେଲେ ଗବେଷଣାର ଆବଶ୍ୟକତା ପଡ଼ିବ । ସେହିପରି ଶିଳ୍ପ ଅନୁଷ୍ଠାନର ସର୍ବୋଚ୍ଚ ସ୍ଥାନରେ ମଧ୍ୟ ଏମାନଙ୍କର ସଂଖ୍ୟା ବେଶି ନୁହେଁ । ଭାରତ ଓ ସୋଭିଏତ୍ ରୁଷ ଡାକ୍ତରଖାନାମାନଙ୍କରେ ଯେଉଁ ଅନୁପାତରେ ମହିଳା ଡାକ୍ତର ଦେଖିବାକୁ ମିଳେ, ଏଠାରେ ତାହା ସମ୍ଭବ ହୋଇପାରି ନାହିଁ । ସୋଭିଏତ୍ ରୁଷରେ ବିଭିନ୍ନ ଧରଣର ବୈଜ୍ଞାନିକ ଗବେଷଣା କ୍ଷେତ୍ରରେ ପୁରୁଷଙ୍କ ଅନୁପାତରେ ନାରୀମାନଙ୍କର ସଂଖ୍ୟା ଯେତେ ବେଶି, ଆମେରିକାରେ ତାହା ଆଜି ପର୍ଯ୍ୟନ୍ତ ସମ୍ଭବ ହୋଇପାରୁ ନାହିଁ; ଅଥଚ ଯୁକ୍ତରାଷ୍ଟ୍ର ଆମେରିକାର ନାରୀମାନେ ଅନ୍ୟାନ୍ୟ କ୍ଷେତ୍ରରେ ପୁରୁଷମାନଙ୍କ ପରି ଯେପରି ଶିକ୍ଷିତ, ସେହିପରି ସ୍ୱାଧୀନ ।

Digitized by PPRACHIN, SOA

ଏହି କାରଣରୁ ଗତ କେତେ ବର୍ଷ ହେଲା ଏଠାକାର ନାରୀମାନଙ୍କ ଭିତରେ ତୀବ୍ର ବିଦ୍ରୋହ ଦେଖାଦେଇଛି । ସେମାନେ ପୁରୁଷମାନଙ୍କ ସହିତ ସମସ୍ତ କ୍ଷେତ୍ରରେ ସମାନ ଅଧିକାର ତଥା ସୁବିଧା ପାଇବା ପାଇଁ ଦାବି କରୁଛନ୍ତି । ଏମାନଙ୍କର ସଭା ସମ୍ମିଳନୀରେ ବହୁ ଜ୍ୱାଳାମୟୀ ବକ୍ତୃତା ଶୁଣାଯାଏ- ବିଦ୍ରୋହାତ୍ମକ ଆନ୍ଦୋଳନ ପାଇଁ ନାରୀମାନଙ୍କୁ ଆହ୍ୱାନ କରାଯାଏ—ଖୁବ୍ ଜାକଜମକରେ ଏ ସବୁ ସଭାସମିତି ଅନୁଷ୍ଠିତ ହୁଏ ।

ପୁଞ୍ଜିପତି ଦେଶରେ ନାରୀମାନଙ୍କର ସାମାଜିକ ସ୍ଥାନ ସେତେ ଉଚ୍ଚରେ ଥିବାର ଜଣାଯାଉ ନାହିଁ । ତା ନହେଲେ ଏତେ ବର୍ଷ ଧରି ଏତେ ବଡ଼ ଉନ୍ନତ ଦେଶର ନାରୀମାନେ ରାଜନୈତିକ ସଂସ୍ଥାରେ ଉଚ୍ଚସ୍ଥାନ ପାଉ ନଥିବାବେଳେ ଏସିଆ ମହାଦେଶରେ ତିନୋଟି ବିକାଶଶୀଳ ଦେଶରେ ଗତ କେତେ ବର୍ଷର ସ୍ୱାଧୀନତା ଭିତରେ ତିନୋଟି ଦକ୍ଷ ପ୍ରଧାନମନ୍ତ୍ରୀ ହେଲେ କିପରି ? ଯୁକ୍ତରାଷ୍ଟ୍ର ଆମେରିକା ତୁଳନାରେ ଭାରତ ଏବଂ ଶ୍ରୀଲଙ୍କା ଦେଶ ଶିକ୍ଷା ଦୀକ୍ଷା ଓ ସଂସ୍କୃତିକ କ୍ଷେତ୍ରରେ ବହୁତ ପଛରେ ପଡ଼ିଥିଲେ ସୁଦ୍ଧା ନାରୀମାନଙ୍କର ଏ ପ୍ରକାର ଅଗ୍ରଗତି କଦାପି ରାଜନୈତିକ ଆକସ୍ମିକ ଘଟନା ବୋଲି କହିହେବ ନାହିଁ । ଏହି ଦେଶରେ ଖୁବ୍ ଟାଣୁଆ ନାରୀ ପ୍ରଧାନମନ୍ତ୍ରୀ ଦୁଇଜଣ ସେମାନଙ୍କର ଦକ୍ଷତା ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠିତ କରିପାରିଛନ୍ତି । ଭାରତରେ କେତେ ଜଣ ନାରୀ ମୁଖ୍ୟମନ୍ତ୍ରୀ, ସାଧାରଣ ମନ୍ତ୍ରୀ ତଥା ରାଜ୍ୟ ଗଭର୍ଣ୍ଣର କାର୍ଯ୍ୟ ମଧ୍ୟ ଦକ୍ଷତାର ସହିତ ପରିଚାଳିତ କରି ପାରିଛନ୍ତି; ଅଥଚ ଏହା ଯୁକ୍ତରାଷ୍ଟ୍ର ଆମେରିକାରେ ସମ୍ଭବ ହୋଇପାରିଲା ନାହିଁ ।

ପୁଞ୍ଜିପତି ଦେଶ ପୁରୁଷପ୍ରଧାନ ଦେଶ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଠାରେ ପୁଞ୍ଜିପତିମାନେ ନିଜନିଜର ଶିଳ୍ପଜାତ ଦ୍ରବ୍ୟ କୌଣସି ଉପାୟରେ ହେଲେ ବଜାରରେ ବିକ୍ରି କରିବା ପାଇଁ ବଦ୍ଧ ପରିକର । ଚରମ ପ୍ରତିଯୋଗିତା ଭିତରେ ଜିନିଷ ବିକ୍ରି କରିବାରେ ଏମାନେ ଏତେ ବ୍ୟଗ୍ର ଯେ, ଯେ କୌଣସି ଅସାମାଜିକ ଉପାୟ ଅବଲମ୍ବନ କରି ଜିନିଷ ବିକ୍ରି କରିବା ପାଇଁ ଏମାନେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ସେହି କାରଣରୁ ବିଜ୍ଞାପନର ମାତ୍ରା ଏ ଦେଶରେ ଏତେ ବେଶି । ବିଜ୍ଞାପନଗୁଡ଼ିକୁ ଆକର୍ଷଣୀୟ କରିବା ଲାଗି ଏମାନେ ନାନା ଭାବରେ ଲୋକଙ୍କ ଆଗରେ ଆଣି ରଖନ୍ତି । ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କରିବା ପାଇଁ ଉଲଗ୍ନ ନାରୀଚିତ୍ର, ନାରୀମାନଙ୍କର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଓ ସେମାନଙ୍କର ନାନା ପ୍ରକାର ଲୋଭନୀୟ ଠାଣି ମାଧ୍ୟମରେ ବିଜ୍ଞାପନ ସଜାନ୍ତି । ସୁନ୍ଦର ସୁନ୍ଦର ନାରୀମାନଙ୍କୁ ଏ ପ୍ରକାର ପ୍ରଚାରରେ ବହୁଟଙ୍କା ଦେଇ ନିଯୁକ୍ତ କରନ୍ତି । ପୁରୁଷମାନଙ୍କର ପାଶବିକ ପ୍ରବୃତ୍ତିକୁ ଜାଗ୍ରତ କରିବା ପାଇଁ ବହୁପ୍ରକାରର ନଗ୍ନ ଚିତ୍ର ଦେଖାନ୍ତି ଏବଂ ସେଥିରୁ ଏମାନଙ୍କୁ ବହୁ ଲାଭ ମିଳେ । ଏ ପ୍ରକାର ପ୍ରଚାର ଫଳରେ ଜନସାଧାରଣ ନାରୀମାନଙ୍କୁ କେବଳ ଯୌନସଙ୍ଗୀ ହିସାବରେ ଦେଖିବାରେ ଅଭ୍ୟସ୍ତ ହୋଇଯାଆନ୍ତି । ନାରୀମାନେ ମଧ୍ୟ ପିଲାଦିନରୁ ପୁରୁଷମାନଙ୍କୁ ଆକୃଷ୍ଟ କରିବା ଲାଗି ବହୁ ଚେଷ୍ଟା କରନ୍ତି । ଫଳରେ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଉନ୍ନତି କରିବା ଲାଗି ଅତି ପିଲାଦିନରୁ ସେମାନଙ୍କର ସ୍ପୃହା କମିଯାଏ । ସେହି କାରଣରୁ ପୁରୁଷମାନଙ୍କର ଏମାନଙ୍କ ପ୍ରତି ଏତେ ବେଶି ଆସ୍ଥା ମଧ୍ୟ ରହେ ନାହିଁ । ପୁଞ୍ଜିପତି ଦେଶର ଏ ପ୍ରକାର ଆତ୍ମଘାତୀ ସାମାଜିକ ଦିଗ୍‌ଦର୍ଶନ ଯୋଗୁଁ ନାରୀମାନେ ଆଜି ପର୍ଯ୍ୟନ୍ତ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଏପରି ଭାବରେ ରହିଯାଇଛନ୍ତି । ଏସିଆ ଦେଶର ନବଜାଗ୍ରତ ଦେଶମାନଙ୍କରେ ତଥା ପୃଥିବୀର ସମାଜବାଦୀ ଦେଶମାନଙ୍କରେ ନାରୀମାନଙ୍କର ଅଗ୍ରଗତିର ଗୁଣାତ୍ମକ ଉତ୍‌କର୍ଷ ଏହି ଦେଶମାନଙ୍କର ନୂତନ ସାମାଜିକ ଆଦର୍ଶ ଯୋଗୁଁ ସମ୍ଭବ ହୋଇଛି ।

ଆଧୁନିକ ଯୁକ୍ତରାଷ୍ଟ୍ର ଆମେରିକାର ନାରୀମାନେ ଏ ବିଷୟରେ ଗଭୀର ଭାବରେ ସଚେତନ ଥିବାର ଜଣାଯାଏ । ସେମାନଙ୍କ ପ୍ରତି ବହୁ ଯୁଗ ଧରି ଚାଲି ଆସୁଥିବା ସାମାଜିକ ଅନ୍ୟାୟ ବିରୁଦ୍ଧରେ ସେମାନେ ଯୁଦ୍ଧ ଘୋଷଣା କରିଛନ୍ତି ।

Digitized by PPRACHIN, SOA

ପୁରୁଷମାନଙ୍କ ସହିତ ସବୁ କ୍ଷେତ୍ରରେ ସମାନସ୍କନ୍ଧ ହେବା ପାଇଁ ଏମାନେ ଦୃଢ଼ପରିକର । ଶତାବ୍ଦୀ ଶତାବ୍ଦୀ ଧରି ଚାଲିଥିବା ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କରିବାକୁ ଯାଇ ଅନେକ ସମୟରେ ବହୁତ ହାସ୍ୟାସ୍ପଦ ଦାବୀ କରିବାରେ ମଧ୍ୟ ଏମାନେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ଉଦାହରଣ ସ୍ୱରୂପ କେତେକ ଉଗ୍ରପନ୍ଥୀ ନାରୀନେତ୍ରୀ ନାରୀ ନାରୀ ଭିତରେ ଯୌନ ସମ୍ପର୍କ ସପକ୍ଷରେ ପ୍ରଚାର ଆରମ୍ଭ କରିଛନ୍ତି ! ସମଲିଙ୍ଗୀ ଯୌନସଙ୍ଗମକୁ ଆଇନସମ୍ମତ କରାଇବା ଲାଗି ଏମାନେ ଜନମତ ସୃଷ୍ଟି କରିବା ପାଇଁ ଉଦ୍ୟମ ଆରମ୍ଭ କଲେଣି । ବୟକଟ୍ ଶବ୍ଦଟି ବାଳକ ନାମ ଅର୍ଥରେ ହୋଇଛି ବୋଲି ଭାବି ଗାର୍ଲ୍‌କଟ୍ କଥା କେହି କହନ୍ତି; କିନ୍ତୁ ପ୍ରକୃତରେ ବୟକଟ୍ ଜଣେ ଭଦ୍ରଲୋକର ନାମ ବୋଲି ଜଣାଯାଏ । ପିଲା ଜନ୍ମ ସମୟରେ ସ୍ତ୍ରୀଲୋକମାନେ ତିନିମାସଯାଏ ମାତୃତ୍ୱାବସ୍ଥା ପାଇଁ ଛୁଟି ପାଆନ୍ତି; କିନ୍ତୁ ବର୍ତ୍ତମାନ ଏମାନେ ଦାବୀ କରନ୍ତି ଯେ ଏହି ତିନିମାସ ଭିତରୁ ଦେଢ଼ମାସ ସ୍ତ୍ରୀମାନେ ପାଆନ୍ତୁ, ଆଉ ଦେଢ଼ମାସ ବାପାମାନଙ୍କୁ 'ପିତୃତ୍ୱ' ଛୁଟି ଦିଆଯାଉ । କେବଳ ସେମାନେ କାହିଁକି ତିନିମାସ କାଳ ପିଲାକାମ କରି ଘରେ ବସିରହିବେ, ବାପମାନେ ମଧ୍ୟ ଦେଢ଼ମାସ ପିଲାଙ୍କ କଥା ବୁଝନ୍ତୁ । କେତେକ ସ୍ଥାନରେ ପୁରୁଷମାନେ ମଧ୍ୟ ଏ ପ୍ରକାର ଦାବୀ କରିବାର ଶୁଣାଯାଏ । ସେମାନଙ୍କ ମତରେ ସ୍ତ୍ରୀମାନଙ୍କ ସହିତ ସେମାନେ ମଧ୍ୟ ସମାନ ଭାବରେ ପିଲାଙ୍କ କଥା ବୁଝନ୍ତି-ଘରେ ପିଲାଙ୍କ କଥା ବୁଝି ତା'ପରେ ଅଫିସ ଯାଆନ୍ତି । ତା' ହେଲେ ସେମାନେ କାହିଁକି ସ୍ତ୍ରୀମାନଙ୍କ ପରି ସମାନ ଭାବରେ ଅଫିସ କାର୍ଯ୍ୟରୁ ଛୁଟି ନ ପାଇବେ ? ଏ ପ୍ରକାର ଆନ୍ଦୋଳନ ଏମାନଙ୍କ ସମାଜରେ ନାନା ଭାବରେ ଆଲୋଚିତ ହେଉଥିବାର ଦେଖାଯାଏ ।

ଯୁବକ ଶ୍ରେଣୀର ପୁରୁଷମାନେ ନାରୀମୁକ୍ତି ଆନ୍ଦୋଳନ ଓ ନାରୀ ପୁରୁଷମାନଙ୍କ ଭିତରେ ସମାନ ଅଧିକାର ବିଷୟରେ ଆଦର୍ଶଗତ କାରଣରୁ ସମ୍ପୂର୍ଣ୍ଣ ପକ୍ଷପାତୀ ଥିବାରୁ ନାରୀ ପୁରୁଷ ଭିତରେ ଥିବା ବାହ୍ୟିକ ପାର୍ଥକ୍ୟକୁ ଯଥାସମ୍ଭବ ଦୂର କରିବା ଲାଗି ଚେଷ୍ଟା କରୁଛନ୍ତି । ପୋଷାକ-ପରିଚ୍ଛଦ ଓ ଲମ୍ବାବାଳ ରଖିବା ପ୍ରଭୃତିରେ ଏମାନେ ନାରୀମାନଙ୍କ ପରି ଦେଖାଯିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ନାରୀ ପୁରୁଷ ଭିତରେ ବାହ୍ୟିକ ପାର୍ଥକ୍ୟ ଯେତେଦୂର କମା ଯାଇପାରେ, ସେଥିପାଇଁ ଉଦ୍ୟମ ହେଉଛି । ଏକାପରି ପୋଷାକ ଯୁବକ ଯୁବତୀମାନେ ପିନ୍ଧୁଛନ୍ତି । ଯୁବକମାନେ ଝିଅମାନଙ୍କ ପରି ଲମ୍ବାବାଳ ରଖୁଛନ୍ତି– ତାକୁ କୁଣ୍ଡାକୁଣ୍ଡି କରି ବେଣୀ ବାନ୍ଧି ବାଳର ଯତ୍ନ ନିଅନ୍ତି । ଯୁବକମାନଙ୍କର ଏ ପ୍ରକାର ଢଙ୍ଗଢାଙ୍ଗକୁ ଝିଅମାନେ ପସନ୍ଦ କରନ୍ତି । ଏପରି ପୁରୁଷମାନେ ପ୍ରଗତିଶୀଳ ବୋଲି ଆଦୃତ ହୁଅନ୍ତି ।

ମୋଟାମୋଟି ଭାବରେ ନାରୀମୁକ୍ତି-ଚେତନା ଯୁକ୍ତରାଷ୍ଟ୍ର ଆମେରିକାର ସାମାଜିକ ଜୀବନରେ ଗୋଟିଏ ଗଭୀର ଆଲୋଡ଼ନ ସୃଷ୍ଟି କରିଛି । ଗତାନୁଗତିକ ପୁରୁଷ ପ୍ରଧାନ ସମାଜରେ ବିପ୍ଳବାତ୍ମକ ପରିବର୍ତ୍ତନ ଦେଖାଦେଉଛି । ପାରିବାରିକ ଜୀବନ ଦୋହଲି ଯାଉଛି । ଏହାର ଶେଷ ପରିଣତି କି ଆକାର ଧାରଣ କରିବ, ପାରିବାରିକ ଜୀବନ କିପରି ଭାବରେ ପରିବର୍ତ୍ତିତ ହେବ, ବର୍ତ୍ତମାନ ଅବସ୍ଥାରେ ସେ ବିଷୟରେ ଧାରଣା କରିବା କଷ୍ଟକର । ■■■

Digitized by PPRACHIN, SOA

ଏଗାର

ପାରିବାରିକ ସମସ୍ୟା

ପାଶ୍ଚାତ୍ୟ ଦେଶର ପାରିବାରିକ ଜୀବନରେ କେତେକ ବୈଶିଷ୍ଟ୍ୟ ରହିଛି, ଯାହା ପ୍ରାଚ୍ୟ ଦେଶର ପରିବାର ଭିତରେ ଦେଖାଯାଏ ନାହିଁ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦେଶର ଏ ଦୁଇଟି ସାମାଜିକ ସଂସ୍ଥା ଅନେକାଂଶରେ ସଂପୂର୍ଣ୍ଣ ବିପରୀତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପାଶ୍ଚାତ୍ୟ ସମାଜରେ ନାରୀମାନେ ବହୁ ପରିମାଣରେ ସ୍ୱାଧୀନତା ପାଇଛନ୍ତି । ଶିକ୍ଷା କ୍ଷେତ୍ରରେ ସେମାନେ ପୁରୁଷମାନଙ୍କ ପରି ସମସ୍ତ ପ୍ରକାର ସୁବିଧା ସୁଯୋଗ ଲାଭ କରୁଛନ୍ତି । ଅର୍ଥନୈତିକ ସ୍ୱାଧୀନତା ହାସଲ କରିବାର ଯୋଗ୍ୟତା ତଥା କ୍ଷମତା ଏଠାକାର ସ୍ତ୍ରୀ ଲୋକମାନଙ୍କର ରହିଛି । ଅଧିକାଂଶ ସ୍ତ୍ରୀ ଲୋକ ଏ ଦିଗରେ ଯଥେଷ୍ଟ ସୁଯୋଗ ପାଉଛନ୍ତି । ତେଣୁ ସ୍ତ୍ରୀ ପୁରୁଷ ସମ୍ପର୍କ ଆମ ଦେଶ ଅପେକ୍ଷା ଏ ଦେଶରେ ନିଶ୍ଚୟ ଅଲଗା ହେବ । ଆମ ଦେଶରେ ମଧ୍ୟ ଯେଉଁ ସ୍ତ୍ରୀମାନେ ଶିକ୍ଷାଲାଭ କଲା ପରେ ଚାକିରିବାକିରି କରନ୍ତି, ସେମାନଙ୍କର ପାରିବାରିକ ଜୀବନରେ ଅଧିକରୁ ଅଧିକ ସଂଘର୍ଷ ଦେଖାଯାଉଛି । ଏହା ହେଉଛି ଦୁଇଟି ସୁସଂଗଠିତ ବ୍ୟକ୍ତିତ୍ୱ ମଧ୍ୟରେ ସଂଘର୍ଷ । ତେଣୁ ଠିକ୍ ଏହି ଗୋଟିଏ ପ୍ରଧାନ କାରଣରୁ ସେମାନଙ୍କର ପାରିବାରିକ ଜୀବନର ଦିଗ୍‌ଦର୍ଶନ, ପାରସ୍ପରିକ କ୍ରିୟାକଳାପ ଓ ବ୍ୟାବହାରିକ ସମାଜଯୋଜନରେ ଆମ ଦେଶର ପାରିବାରିକ ଦୃଷ୍ଟିକୋଣଠାରୁ ସଂପୂର୍ଣ୍ଣ ଅଲଗା ହେବା ସ୍ୱାଭାବିକ ।

ପାଶ୍ଚାତ୍ୟ ଦେଶର ପାରିବାରିକ ରୀତିନୀତି ଅପେକ୍ଷା ଯୁକ୍ତରାଷ୍ଟ୍ର ଆମେରିକାରେ ପାରିବାରିକ ଜୀବନର ବୈଶିଷ୍ଟ୍ୟ ଅନେକାଂଶରେ ପୃଥକ୍ ବୋଲି ଜଣାଯାଏ । ଆମେରିକାର ନାରୀସମାଜ ଏମାନଙ୍କ ଅପେକ୍ଷା ବେଶି ସ୍ୱାଧୀନ । ଏମାନେ ବ୍ୟକ୍ତିଗତ ସ୍ୱାଧୀନତା ବିଷୟରେ ଏତେ ସଚେତନ ଯେ, ନାରୀ ସ୍ୱାଧୀନତା ଲାଗି ଚାରିଆଡ଼େ ବିରାଟ ଆନ୍ଦୋଳନ ଦେଖାଦେଇଛି । ବିଶ୍ୱବିଦ୍ୟାଳୟରେ, ଅନ୍ୟାନ୍ୟ ଅନୁଷ୍ଠାନରେ ଏଥିଲାଗି ବହୁ ବିକ୍ଷୋଭ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହୁଏ । ଚାକିରି ବାକିରିରେ ସମାନ ଅଧିକାର ପାଇବା ପାଇଁ ଏମାନେ ବହୁ ଆନ୍ଦୋଳନ କରୁଛନ୍ତି ।

ନାରୀ ସ୍ୱାଧୀନତାର ଏପରି ପରିବେଶ ଭିତରେ ପାରିବାରିକ ସମ୍ପର୍କର ବିଶ୍ଳେଷଣ ହେବା ଉଚିତ । ସ୍ତ୍ରୀମାନେ ଯଦି ସମ୍ପୂର୍ଣ୍ଣରୂପେ ସ୍ୱାଧୀନ ହେବାକୁ ଚାହାନ୍ତି, ତା'ହେଲେ ପାରିବାରିକ ଜୀବନରେ ମଧ୍ୟ ସେମାନେ ସମ୍ପୂର୍ଣ୍ଣ ସ୍ୱାଧୀନତା ଚାହାନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ପୁରୁଷ ପାରିବାରିକ ଜୀବନରେ ସ୍ତ୍ରୀକୁ ସବୁ କ୍ଷମତା ଦେବାରେ କୁଣ୍ଠାବୋଧ କରି ଆସିଛି । ଏ ପ୍ରକାର ସଙ୍ଘର୍ଷ ଆମେରିକାରେ ମଧ୍ୟ ରହିଛି । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାରେ ନାରୀର ସ୍ୱାଧୀନତା ବଢ଼ି ବଢ଼ି ଯାଉଥିବାରୁ ପାରିବାରିକ ସଙ୍ଘର୍ଷ ମଧ୍ୟ ବଢ଼ି ଚାଲିଛି । ସ୍ୱାମୀ ସ୍ତ୍ରୀ ଭିତରେ ତୀବ୍ର ମତଭେଦ ଦେଖା ଦେଲେ ସାଙ୍ଗେ ସାଙ୍ଗେ ବିବାହ-ବିଚ୍ଛେଦ ହୋଇଯାଉଛି । ସାରା ଆମେରିକାରେ ବର୍ତ୍ତମାନ ପ୍ରତି ତିନୋଟି ବିବାହରୁ ଗୋଟିଏ ଭାଙ୍ଗିଯାଉଛି— କାଲିଫର୍ଣ୍ଣିଆ ଷ୍ଟେଟରେ ପ୍ରତି ଦୁଇଟି ବିବାହ ଭିତରୁ ଗୋଟିକର ବିଚ୍ଛେଦ ଘଟୁଛି । ଅନେକ ସ୍ଥଳରେ ଜଣ ଜଣକର ବହୁବାର ବିବାହ-ବିଚ୍ଛେଦ ହେଉଥିବାର ଦେଖାଯାଉଛି । ଅଲଗା

Digitized by PPRACHIN, SOA

ହୋଇଯାଉଥିବା ସ୍ତ୍ରୀ-ପୁରୁଷମାନେ ପୁଣି ଆଉ ଥରେ ବିବାହ କରନ୍ତି । ପିଲାମାନେ ମା' ପାଖରେ କିମ୍ବା ବାପ ପାଖରେ କିମ୍ବା ଶିଶୁ ଅନୁଷ୍ଠାନମାନଙ୍କରେ ରହନ୍ତି । ପିଲାଙ୍କ ଭବିଷ୍ୟତ ବ୍ୟକ୍ତିତ୍ୱ ଗଠନରେ ଏହା ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିବା ଦେଖାଯାଉଛି ।

ଥରେ ଜଣେ କଲେଜ ଛାତ୍ର ମୋତେ ତା' ଗାଡ଼ିରେ ଗୋଟିଏ ସଭା ପରେ ମୋ ବସାକୁ ଛାଡ଼ିବା ପାଇଁ ଆଣୁଥିଲା । ସଭାରେ ସେମାନଙ୍କର ପାରିବାରିକ ଜୀବନର ମନସ୍ତାତ୍ତ୍ୱିକ ଅଭାବ ଅସୁବିଧା ବିଷୟରେ ଆଲୋଚନା କରୁକରୁ ମୁଁ ଭାରତୀୟ ପାରିବାରିକ ଜୀବନର କେତୋଟି ଭଲ ଦିଗ ବିଷୟରେ ଆଲୋଚନା କରିଥିଲି । ମୋତେ ଗାଡ଼ିରେ ଆଣୁଥିବା ଛାତ୍ରଟି ମୋ ଉପରେ ବିଶ୍ୱାସ ହୋଇଯାଇଥିବାରୁ ରାସ୍ତାରେ ତା ଜୀବନର କରୁଣ କାହାଣୀ କହି ପକାଇଲା । ସେ ବାପ ମା' ଦୁଇଜଣଙ୍କୁ ବହୁତ ଭଲ ପାଉଥିଲା; କିନ୍ତୁ ତାର ଯେତେବେଳେ ଏଗାର ବାର ବର୍ଷ ବୟସ, ସେତେବେଳେ ତାର ବାପ ମା' ହଠାତ୍ ଛାଡ଼ବାଡ଼ ହୋଇଗଲେ ଏବଂ ଦୁଇଜଣ ଅନ୍ୟତ୍ର ବିବାହ କଲେ । ପିଲାଟି ମା' ପାଖରେ ରହିଲା ସତ; କିନ୍ତୁ ଏ ଘଟଣାଟି ତା ପକ୍ଷରେ ଏପରି ଗଭୀର ଦୁଃଖଦାୟକ ହୋଇଥିଲା ଯେ ବହୁ ଦିନ ଧରି ସେ ଶାନ୍ତିରେ ରହିପାରି ନଥିଲା । ସେ ମା' ପାଖରେ ରହୁଥିଲା; କିନ୍ତୁ ପ୍ରତି ହପ୍ତାରେ ବାପାଙ୍କୁ ନ ଦେଖିଲେ ତା ମନ ଅସ୍ଥିର ହୁଏ । କିନ୍ତୁ ବାପ ପାଖରେ ଆଉ ଜଣେ ସ୍ତ୍ରୀ ଲୋକ ଏବଂ ମା' ପାଖରେ ଆଉ ଜଣେ ପୁରୁଷ ଲୋକ । ସେମାନଙ୍କୁ ସେ ଆନ୍ତରିକ ଘୃଣା କରୁଥିଲା । ସେମାନେ ମଧ୍ୟ ତାକୁ ସେତେ ଭଲ ପାଉ ନଥିଲେ । ପିଲାଟି ଏ ପ୍ରକାର ଦୟନୀୟ ଅବସ୍ଥା ଭିତର ଦେଇ ତାର ଯୌବନର ପ୍ରଥମାବସ୍ଥା କଟାଇଲା । କଲେଜରେ ପଢ଼ିଲା ବେଳକୁ ସେ ଗୋଟିଏ ଛୋଟିଆ ଘର ଭଡ଼ା ନେଇ ଏକା ରହୁଥାଏ । ସେ ସବୁବେଳେ ନିଜକୁ ଏକା ଏକା ଏବଂ ନିଃସହାୟ ବୋଲି ମନେ କରୁଥାଏ । ଏ କରୁଣ କାହାଣୀ ସେ ବର୍ଣ୍ଣନା କଲାବେଳେ ତାର ଆଖିରେ ଲୁହ ଭରି ଉଠିଥିଲା । ସେ ମୋତେ ପୁଣି କହିଲା ଯେ ତାର ଏ ମାନସିକ ଅଶାନ୍ତିର କାହାଣୀ ସେ କାହାକୁ କହିପାରେନା । ମୁଁ ଏ ବିଷୟରେ ସହାନୁଭୂତି ପ୍ରକାଶ କରିଥିବାରୁ ଛାଏଁ ଛାଏଁ ମୋ ଆଗରେ ତାର ସମସ୍ତ ଦୁଃଖାଶ୍ରୁ ଯେପରି ହଠାତ୍ ଝରିପଡ଼ିଲା ।

ପାରିବାରିକ ବିଚ୍ଛେଦ ଯୋଗୁଁ ଏଠାକାର ବହୁ ଶିଶୁଙ୍କର ଏ ପ୍ରକାର ମାନସିକ ବେଦନା ଦେଖା ଯାଇଥାଏ । ତା' ଫଳରେ ଏମାନେ ବଡ଼ ହେଲା ପରେ ବହୁ ପ୍ରକାର ମାନସିକ ଉଦ୍‌ବେଗ ଭୋଗିବାର ତଥା ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବାର ଜଣାଯାଏ । ଯୁକ୍ତରାଷ୍ଟ୍ର ଆମେରିକାର ସମାଜବିଜ୍ଞାନୀମାନେ ଏ ପ୍ରକାର ପାରିବାରିକ ବିଭ୍ରାଟ ଯୋଗୁଁ ଅତ୍ୟନ୍ତ ବିଚଳିତ ।

ପାଶ୍ଚାତ୍ୟ ଦେଶ ତଥା ଆମେରିକାର ପାରିବାରିକ ଦିଗ୍‌ଦର୍ଶନ ହେଲା ବ୍ୟକ୍ତିଗତ ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ପାରସ୍ପରିକ ସହବାସ ଜନିତ ଶାରୀରିକ ଓ ମାନସିକ ଆନନ୍ଦ ଅନୁଭୂତି । ଏହା ହେଲା ସେମାନଙ୍କର ମୁଖ୍ୟ କାମ୍ୟ । ବ୍ୟକ୍ତିଗତ ସୁଖରେ ବ୍ୟାଘାତ ଆସିଲେ ସେମାନେ ଅଲଗା ହୋଇଯାଆନ୍ତି ଏବଂ ଆଉ ଜଣକ ସହିତ ବିବାହ କଲେ ସେମାନେ ଯଦି ଏହି ଆନନ୍ଦ ଉପଭୋଗ କରି ପାରିବେ ବୋଲି ଭାବନ୍ତି, ତା' ହେଲେ ଖୁବ୍ ଶୀଘ୍ର ବିବାହ-ବିଚ୍ଛେଦ କରି ଅନ୍ୟ ସହିତ ରହନ୍ତି । ପିଲାମାନେ ବାପାମାଙ୍କର ଏହି ସଂକୀର୍ଣ୍ଣ ମାନସିକ ପରିସର ଭିତରୁ ଅଲଗା ରହିଯାଆନ୍ତି । ସବୁବେଳେ ସ୍ୱାମୀ-ସ୍ତ୍ରୀ ନିଜକୁ ଗୋଟିଏ ପ୍ରଶ୍ନ ପଚାରନ୍ତି ଯେ କୌଣସି ନିର୍ଦ୍ଦିଷ୍ଟ ପାରିବାରିକ ଜୀବନରେ ସେମାନେ ନିଜେ କେତେ ସୁଖ ଶାନ୍ତି ପାଇ ପାରୁଛନ୍ତି— ଅନ୍ୟ ଜଣକ ସହିତ ରହିବାରେ ନିଜର କେତେ ଆନନ୍ଦ ହେଉଛି- ଜୀବନକୁ ସେ କେତେ ଉପଭୋଗ କରିପାରୁଛନ୍ତି । ଏହି ଉପଭୋଗର ମାତ୍ରା କମିଗଲା କ୍ଷଣି ସେମାନେ ନିଜକୁ ଅତ୍ୟନ୍ତ ଅସୁଖୀ ବୋଲି ଭାବନ୍ତି ଏବଂ ନୂତନ ସୁଖ ଭୋଗ ଲାଗି ପୁଣି ଆଉଥରେ ବିବାହ କରିବାକୁ ଆଗେଇ ଯାଆନ୍ତି । ପିଲାମାନଙ୍କର ଏ ପ୍ରକାର ସୁଖ ଶାନ୍ତି ଲାଗି କୌଣସି ଅବଦାନ ନାହିଁ ବୋଲି ଏମାନେ ଭାବନ୍ତି । ତେଣୁ ସେମାନଙ୍କ ପ୍ରତି କୌଣସି ଦୃଷ୍ଟି ନ ଦେଇ ଏମାନେ ବେଶି ବେଶି ବ୍ୟକ୍ତିଗତ ସୁଖ ଶାନ୍ତି ଅନ୍ୱେଷଣରେ ବିବାହ ପରେ ବିବାହ-ବିଚ୍ଛେଦ କରିଯିବାରେ ପଶ୍ଚାଦ୍‌ପଦ ହୁଅନ୍ତି ନାହିଁ । ଫଳରେ ଏମାନେ କେତେଦୂର ସୁଖଶାନ୍ତି ପାଆନ୍ତି

Digitized by PPRACHIN, SOA

କହିବା କଷ୍ଟକର; କିନ୍ତୁ ଏହା ନିର୍ଦ୍ଦିଷ୍ଟଭାବରେ କୁହାଯାଇପାରେ ଯେ ବିବାହ-ବିଚ୍ଛେଦ ଯୋଗୁଁ ପିଲାମାନଙ୍କଠାରେ ତୀବ୍ର ମାନସିକ ଅଶାନ୍ତି ଘଟେ ଏବଂ ସେମାନଙ୍କର ବ୍ୟକ୍ତିତ୍ୱ ବିକାଶରେ ଏହା ଭୟଙ୍କର ଭାବରେ କ୍ଷତିକାରକ ।

ଏ ପ୍ରକାର ପାରିବାରିକ ତଥା ସାମାଜିକ ବିଭ୍ରାଟ ବିଷୟରେ କ୍ରମେ ଚିନ୍ତାଶୀଳ ବ୍ୟକ୍ତିମାନେ ଖୁବ୍ ବେଶି ସଚେତନ ହେଉଛନ୍ତି । ତେଣୁ ମୁଁ ଯେତେବେଳେ ଭାରତୀୟ ଓ ପାଶ୍ଚାତ୍ୟ ପାରିବାରିକ ଆଭିମୁଖ୍ୟ ବିଷୟରେ ତୁଳନାତ୍ମକ ବିଚାର କରୁଥିଲି, ଏମାନେ ସେଥିରେ ଗଭୀର ଆଗ୍ରହ ପ୍ରକାଶ କରୁଥିଲେ । ଘଣ୍ଟା ଘଣ୍ଟା ଆଲୋଚନା ପରେ ମଧ୍ୟ କଫି ପିଇବା ବେଳେ କିମ୍ବା ଖାଇବା ଟେବୁଲ୍‌ରେ ଏ ବିଷୟରେ ବହୁ ପ୍ରଶ୍ନ ଏମାନେ ପଚାରୁଥିଲେ । ମୁଁ ଏମାନଙ୍କୁ ବୁଝାଇବାକୁ ଚାହୁଁଥିଲି ଯେ ଭାରତୀୟ ପାରିବାରିକ ଜୀବନର ଦିଗ୍‌ଦର୍ଶନ ପଛରେ ଗୋଟିଏ ବଳିଷ୍ଠ ଆଦର୍ଶ ଏବଂ ସୁଖଶାନ୍ତିର ଦୃଷ୍ଟିକୋଣ ରହିଛି । ପାଶ୍ଚାତ୍ୟ ଦେଶର ସ୍ତ୍ରୀ ପୁରୁଷମାନେ ନିଜ ନିଜ ବ୍ୟକ୍ତିଗତ ସୁଖ ସନ୍ତୋଷର ପରିସର ଭିତରେ କେବଳ ସ୍ୱାମୀ ସ୍ତ୍ରୀକୁ ରଖିଥାଆନ୍ତି; କିନ୍ତୁ ଭାରତୀୟମାନଙ୍କର ପାରିବାରିକ ସୁଖ ଶାନ୍ତିର ପରିସର ଭିତରେ ସ୍ୱାମୀ-ସ୍ତ୍ରୀ ସହିତ ପିଲାପିଲି ଓ ଅନ୍ୟାନ୍ୟ ବନ୍ଧୁ ବାନ୍ଧବମାନେ ମଧ୍ୟ ରହିଥାଆନ୍ତି । ବିଶେଷ କରି ପିଲାମାନଙ୍କ ପାଇଁ ବାପ ମା'ମାନେ ସବୁ ପ୍ରକାର ସ୍ୱାର୍ଥ ତ୍ୟାଗ କରିବାରେ ଆନନ୍ଦ ପାଆନ୍ତି । ପିଲାଙ୍କର ସୁଖ ଶାନ୍ତି ପ୍ରତି ବାପ ମା'ମାନେ ଏତେ ବେଶି ଦୃଷ୍ଟି ଦିଅନ୍ତି ଯେ ସେମାନେ ସୁଖରେ ରହିଲେ ବାପ ମା'ଙ୍କର ସୁଖଶାନ୍ତି ବହୁତ ବଢ଼ିଯାଏ । ଅର୍ଥାତ୍ ଆମମାନଙ୍କର ସୁଖଶାନ୍ତିର ପରିସର ବହୁତ ବିସ୍ତାରିତ ହୋଇଥିବାରୁ ଆମ୍ଭେମାନେ ସ୍ୱାମୀ କିମ୍ବା ସ୍ତ୍ରୀ ସୁଖ ନ ପାଇଲେ ମଧ୍ୟ ଏହି ବିସ୍ତାରିତ କ୍ଷେତ୍ର ଭିତରେ ଅନ୍ୟାନ୍ୟ ପ୍ରିୟଜନଙ୍କ ମୁହଁକୁ ଚାହିଁ ଆନନ୍ଦ ପାଇଥାଉ । ତା ଛଡ଼ା ଏହି ବିସ୍ତାରିତ କ୍ଷେତ୍ର ଭିତରେ ରହିଥିବାରୁ ସ୍ୱାମୀ ସ୍ତ୍ରୀ ଭିତରେ ଝଗଡ଼ା ହେଲେ ମଧ୍ୟ ପରିବାରର ଅନ୍ୟାନ୍ୟ ଲୋକଙ୍କ ଯୋଗୁଁ ଏହି ଝଗଡ଼ାର ତୀବ୍ରତା ଅଳ୍ପ ସମୟ ଭିତରେ କମି କମି ଆସେ । ଅସନ୍ତୋଷର ମାତ୍ରା କମିଯାଏ । କିନ୍ତୁ ପାଶ୍ଚାତ୍ୟ ପରିବାର ଗୋଟିଏ କ୍ଷୁଦ୍ର ପାରିବାରିକ ପରିସର ଭିତରେ ସର୍ବଦା ଆବଦ୍ଧ ହୋଇ ରହିଥିବାରୁ ଏବଂ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ସ୍ୱାମୀ ସ୍ତ୍ରୀ ପରସ୍ପରଠାରୁ ବହୁତ ବେଶି ଆଶା କରି ସର୍ବଦା ମୁହାଁମୁହିଁ ହୋଇ ରହିଥିବାରୁ ଥରେ ମନୋମାଳିନ୍ୟର ସୂତ୍ରପାତ ହେଲେ ତାହା ବରଫ ପିଣ୍ଡୁଳା ପରି ବଢ଼ି ବଢ଼ି ଚାଲେ ଏବଂ ହଠାତ୍ ଦିନେ ପାରିବାରିକ ଭୂମିକମ୍ପ ଯୋଗୁଁ ବିବାହ ବିଚ୍ଛେଦ ଘଟେ । ଏମାନଙ୍କ ମଝିରେ ଆଉ କିଏ ନଥାନ୍ତି । ପିଲାମାନେ ଏବଂ ପରିବାରର ଅନ୍ୟାନ୍ୟ ନିଜ ଲୋକ ଏହି ସଂକୀର୍ଣ୍ଣ ପରିବାରର ବାହାରେ । ତେଣୁ ମନସ୍ତାତ୍ତ୍ୱିକ ପରିପୂର୍ଣ୍ଣତା ଦୃଷ୍ଟିକୋଣରୁ ଭାରତୀୟ ପାରିବାରିକ ଜୀବନର ଏପରି ଗୋଟିଏ ବଳିଷ୍ଠ ଦିଗ ରହିଛି, ଯାହାର ଗୁରୁତ୍ୱ ତଥା ଉପାଦେୟତା ବିଷୟରେ ମୁଁ ପାଶ୍ଚାତ୍ୟ ଦେଶମାନଙ୍କରେ ରହିଲାବେଳେ ଉପଲବ୍ଧ କରିପାରିଥିଲି । ଏ ବିଷୟ ଗଭୀର ଭାବରେ ବିଶ୍ଳେଷଣ କଲେ ଆମେରିକାର ଲୋକଙ୍କୁ ଏହା ସ୍ପର୍ଶ କରିପାରୁଥିଲା ବୋଲି ମଧ୍ୟ ମୁଁ ଉପଲବ୍ଧି କଲି । ଏମାନେ ଯେପରି ପାରିବାରିକ ଜୀବନରେ ଗୋଟିଏ ନୂତନ ଦୃଷ୍ଟିକୋଣର ଅନ୍ୱେଷଣରେ ରହିଛନ୍ତି !

ମୋଟାମୋଟି ଭାବରେ କହିବାକୁ ଗଲେ ଯୁକ୍ତରାଷ୍ଟ୍ର ଆମେରିକାରେ ବର୍ତ୍ତମାନ ପାରିବାରିକ ଜୀବନରେ ଗୋଟିଏ ପ୍ରକାର ବୈପ୍ଳବିକ ପରିବର୍ତ୍ତନ ଦେଖାଦେଉଛି– ତା'ର ପରିଣାମ କ'ଣ ହେବ ବର୍ତ୍ତମାନ କହିବା କଷ୍ଟକର । ବହୁ ଯୁବକ ଯୁବତୀ ପୃଥିବୀର ଅନ୍ୟାନ୍ୟ ଦେଶର ପାରିବାରିକ ଜୀବନ ବିଷୟରେ ଜାଣିବା ପାଇଁ ଅତ୍ୟନ୍ତ ଆଗ୍ରହୀ ବୋଲି ଜଣାଯାଏ । ସେମାନଙ୍କର ପାରିବାରିକ ଅଶାନ୍ତି ଯୋଗୁଁ ଅନେକ ଆମେରିକାନ୍ ସ୍ତ୍ରୀ ଲୋକ ଭାରତୀୟ ଓ ଜାପାନୀ ଯୁବକଙ୍କୁ ବିବାହ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ଭାରତୀୟ ପୁରୁଷମାନେ ଅତି ବିଶ୍ୱସ୍ତ ଓ ସ୍ତ୍ରୀ-ଅନୁରକ୍ତ ସ୍ୱାମୀ ହୋଇପାରନ୍ତି ବୋଲି ଏମାନଙ୍କ ମତ । ପାରିବାରିକ ଅଶାନ୍ତି ଯୋଗୁଁ ଏମାନେ ଯେ ନୂତନ ଦିଗ୍‌ଦର୍ଶନର ଅନ୍ୱେଷଣରେ ବ୍ୟାକୁଳ, ଏଥିରେ ସନ୍ଦେହର ଅବକାଶ ନାହିଁ । ■■■

Digitized by PPRACHIN, SOA

ବାର

ରେଡ଼ିଓ
ଟେଲିଭିଜନ
ସିନେମା

ଯୁକ୍ତରାଷ୍ଟ୍ର ଆମେରିକାରେ ବର୍ତ୍ତମାନ ଏତେ ବେଶି ରେଡ଼ିଓ ଓ ଟେଲିଭିଜନ ଯେ, ପ୍ରତ୍ୟେକ ପରିବାରରେ ରେଡ଼ିଓ ଓ ଟେଲିଭିଜନ ଦେଖିବାକୁ ମିଳେ । ଅଧିକାଂଶ ହୋଟେଲର ପ୍ରତ୍ୟେକ ବଖରାରେ ରେଡ଼ିଓ କିମ୍ବା ଟେଲିଭିଜନ ଥାଏ । ନିମ୍ନ ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ଘରେ ମଧ୍ୟ ଏହା ଦେଖିବାକୁ ମିଳେ । ନ୍ୟୁୟର୍କ, ସିକାଗୋ ପ୍ରଭୃତି ସହରତଳି ଅଞ୍ଚଳରେ ବହୁ ଗରିବ ଲୋକ ଭଙ୍ଗା ଓ ମଇଳା ଘରେ ରହିଥାଆନ୍ତି । ଭଙ୍ଗାରୁଜା କବାଟଥିବା କାନ୍ଥରୁ ଚୂନ ଖସି ଗଲାଣି । ଖସିପଡ଼ିବା ଅବସ୍ଥାରେ ଥିବା ବାରଣ୍ଡା ପାରାପିଟ୍‌କୁ ଦଉଡ଼ି ଦେଇ ବନ୍ଧା ହୋଇଛି । ବାହାରକୁ ଲମ୍ବିଥିବା ଖୋଲା ସିଡ଼ି ମଇଳାରେ ଭର୍ତ୍ତି । ଏହିପରି ଗୋଟିଏ ଘରେ ତିନିଚାରିଟି ପରିବାର ଖୁନ୍ଦାଖୁନ୍ଦି ହୋଇ ରହିଚନ୍ତି । ତଥାପି ଦୁଆର ମୁହଁରେ ସେମାନଙ୍କର ଚିକ୍ ଚିକ୍ ମଟରଗାଡ଼ି ଥୁଆ ହୋଇଛି । ଘର ଛାତ ଉପରେ ଟେଲିଭିଜନ ଏରିଆଲ୍ । ଭିତରେ ହୁଏତ ଲୁଗାଧୁଆ ଓ ବାସନଧୁଆ କଳ ଓ ରେଫ୍ରିଜେରେଟର । ତେଣୁ ରେଡ଼ିଓ, ଟେଲିଭିଜନ, ଲୋକମାନଙ୍କ ଉପରେ ପ୍ରଭାବ ଖୁବ୍ ବେଶି ହେବା ସ୍ୱାଭାବିକ । ଏ କ୍ଷେତ୍ରରେ ମଧ୍ୟ ଖବରକାଗଜ ଅନୁଷ୍ଠାନ ପରି ରେଡ଼ିଓ ଟେଲିଭିଜନ ଅନୁଷ୍ଠାନ ସବୁ ପୁଞ୍ଜିପତିଙ୍କ ହାତରେ ରହିଛି । ବିଜ୍ଞାପନରେ ପ୍ରୋଗ୍ରାମ ଭର୍ତ୍ତି । ଯେତେ ଭଲ ପ୍ରୋଗ୍ରାମ୍ ଥିଲେ ମଧ୍ୟ ପ୍ରତି ପାଞ୍ଚ ଦଶମିନିଟରେ ତାହା ବନ୍ଦ କରି ବିଜ୍ଞାପନ ଦେଖାଯାଏ । ଥରେ ଆମେମାନେ ଟେଲିଭିଜନରେ ରୋମିଓ ଜୁଲିଏଟ ନାଟକ ଦେଖୁଥିଲୁ । ରୋମିଓ ଝରକା ତଳେ ଠିଆହୋଇ ଜୁଲିଏଟକୁ ଚାହିଁ କବିତ୍ୱପୂର୍ଣ୍ଣ ଆବେଗ ଭରା ଭାଷାରେ କହିଲାବେଳକୁ ହଠାତ୍ ବନ୍ଦ ହୋଇଗଲା । ମେଞ୍ଚେ ସାବୁନ ଆସି ଟେବୁଲ ଉପରେ ଥୁଆ ହୋଇ ତାର ସ୍ତବଗାନ ଆରମ୍ଭ ହେଲା । ଦେଖଣାହାରୀମାନେ ଏ ସବୁରେ ଯେ ବିରକ୍ତ ନ ହୁଅନ୍ତି ତା' ନୁହେଁ; କିନ୍ତୁ ଉପାୟ କ'ଣ ? ଯାହାର ଟେଲିଭିଜନ ଷ୍ଟେସନ, ସେ ଜଣେ ବ୍ୟବସାୟୀ ଏବଂ ବ୍ୟବସାୟ ବିଜ୍ଞାପନରେ ତାର ଲାଭ । ତା'ଛଡ଼ା ସେ ଯାହା କରିବ ସେଥିରେ କିଛି କହିବା ଅର୍ଥ ତାର ବ୍ୟକ୍ତିଗତ ସ୍ୱାଧୀନତାରେ ବାଧା ଆଣିବା ! ତେଣୁ ସେ ନିଜ ଇଚ୍ଛା ଅନୁସାରେ ପ୍ରୋଗ୍ରାମ୍ କରିପାରେ । ତାର ସେ ସ୍ୱାଧୀନତାକୁ ସମସ୍ତେ ସ୍ୱୀକାର କରିବାକୁ ବାଧ୍ୟ ! ଏହା ହେଲା ଆମେରିକା ଗଣତନ୍ତ୍ରର ପ୍ରଧାନ ସ୍ଲୋଗାନ । ଅନ୍ୟ କୌଣସି ଦେଶରେ ଏହାର ବ୍ୟତିକ୍ରମ ହେଲେ ଅଗଣତାନ୍ତ୍ରିକ ଏକଛତ୍ରବାଦ ବୋଲି ଏମାନଙ୍କର ମତ । ବିଜ୍ଞାପନ ଛଡ଼ା ଅଧିକାଂଶ ଟେଲିଭିଜନ ପ୍ରୋଗ୍ରାମ ବଡ଼ ଅବାସ୍ତବ । ଅସ୍ୱାଭାବିକ ରୋମାଞ୍ଚକର କାହାଣୀ ଅଧିକାଂଶ ଗପର କଥାବସ୍ତୁ । ପୂର୍ବକାଳରେ ଆମେରିକାର ବଣ ଜଙ୍ଗଲରେ ବୁଲୁଥିବା 'କାଉବାଉ' ବା ଦୁଃସାହସିକ ଡକାୟତି ଓ ଚୋରିରେ ଆନନ୍ଦ ପାଉଥିବା ଦଳେ ଗୁଣ୍ଡାଶ୍ରେଣୀୟ ଲୋକଙ୍କୁ ନେଇ ଅନେକ କଥାବସ୍ତୁ ତିଆରି ହୋଇଥାଏ । ସେସବୁକୁ ଲୋକପ୍ରିୟ ପ୍ରୋଗ୍ରାମ ଅନୁସାରେ ଅନବରତ ଦେଖା ହେଉଥାଏ ।

ରେଡ଼ିଓ ଓ ଟେଲିଭିଜନରେ ସିଗାରେଟ, ମଦ, ସାବୁନ, ମଟରଗାଡ଼ି ପ୍ରଭୃତି ବିଷୟରେ ସୁନ୍ଦର ସୁନ୍ଦର ଗୀତ ବୋଲାଯାଏ । ଥରେ ସକାଳେ ରେଡ଼ିଓ ଖୋଲିଦେଲା ବେଳକୁ ଯାହା ଶୁଣିବାକୁ ପାଇଲି ତାର ଅର୍ଥ ହେଉଛି - ବସନ୍ତଋତୁ ଆସି ପହଞ୍ଚିଲାଣି । ସକାଳେ ସୁନ୍ଦର ଖରା- ଚମତ୍କାର ଆକାଶ- ପକ୍ଷୀମାନଙ୍କର ସୁମଧୁର ଗାନରେ ମନ ବିକଶିତ ହୋଇଉଠୁଛି । କିନ୍ତୁ ଏପରି ସକାଳ ତୁମେ ହୁଏତ ଖୁବ୍ ଶାନ୍ତିର ସହିତ ଉପଭୋଗ କରିପାରୁନ । ତୁମର ତଣ୍ଟିରେ ସାମାନ୍ୟ ଶୁଖିଲା ବୋଧ କରି ପାର- ନିଶ୍ଚୟ ଅସ୍ୱସ୍ତି ଲାଗୁଥିବ । କିନ୍ତୁ ତୁମେ ଯଦି ଅମୁକ କମ୍ପାନୀର ସୁସ୍ୱାଦୁ ମଦ ପାନ କରିବ, ତାହା ହେଲେ ତଣ୍ଟି ଠିକ୍ ହୋଇଯିବ— ମନ ପ୍ରଫୁଲ୍ଲ ରହିବ ଏବଂ ଏସବୁ ତୁମେ ଭଲ ଭାବରେ ଉପଭୋଗ କରିପାରିବ...... ଇତ୍ୟାଦି ।

କେତେକ ବୟସ୍କ ଲୋକମାନଙ୍କୁ ଏ ପ୍ରକାର କଥାବସ୍ତୁ ଓ ବିଜ୍ଞାପନ ଖୁବ୍ ବେଶି ପ୍ରଭାବିତ ନ କରିପାରେ— କିନ୍ତୁ ଅଳ୍ପବୟସ୍କ, କଳ୍ପନାବିଳାସୀ ଯୁବକ ଯୁବତୀମାନଙ୍କ ମନରେ ଏହାର ପ୍ରଭାବ ବହୁତ ବେଶି । ଏସବୁ ତାଙ୍କର ଅଚେତନ ମନରେ ଏପରି ଭାବରେ କାମ କରିଯିବ ଯେ ତାଙ୍କୁ କ୍ରମେ ସେହି ଜିନିଷ ବ୍ୟବହାର କରିବାକୁ ଭଲ ଲାଗିବ । ଥରେ ମୁଁ ଗୋଟିଏ ଛବି ଟେଲିଭିଜନରେ ଦେଖୁଥିଲି । ମୋ ସହିତ ଗୋଟିଏ ବାରବର୍ଷର ବାଳକ ଓ ଦଶବର୍ଷର ବାଳିକା ମଧ ସେହି ଛବିଟି ଦେଖୁଥିଲେ । ପିଲା ଦୁଇଟି ଅତି ଆଗ୍ରହର ସହିତ ଛବିଟି ଦେଖୁଥାଆନ୍ତି । ଛବିରେ ଗୋଟିଏ ଜାଗାରେ ଗୋଟିଏ ଲୋକ ଆଉ ଗୋଟିଏ ଲୋକ ସହିତ ଖୁବ୍ ବନ୍ଧୁତା କରି ତାକୁ ଡାକିଆଣି ଗୋଟିଏ ଗ୍ଲାସ ମଦ ତାକୁ ଯାଚିଲା । ସେ ମଦ ଗ୍ଲାସଟି ପାଟିକୁ ବଢ଼ାଇବାକୁ ଯାଉଥିବା ବେଳେ ଆର ଲୋକଟି ହଠାତ୍ ତା ପକେଟରୁ ପିସ୍ତଲଟି କାଢ଼ି ତା କପାଳ ଆଡ଼କୁ ଦେଖାଇ ତୀରବେଗରେ ତା ପକେଟରୁ ଏକହଜାର ଡଲାରର ପର୍ସ୍‌ଟି ଛଡ଼ାଇ ନେଇଗଲା । ପିଲାମାନେ ଏ ଦୃଶ୍ୟ ଦେଖୁ ଦେଖୁ ଟେଲିଭିଜନ ଯନ୍ତ୍ର ଆଡ଼କୁ ଆହୁରି ଲାଗି ଆସିଥିଲେ । ଏ ଘଟଣାଟି ଦେଖିଲାକ୍ଷଣି ପିଲାଟି ଆନନ୍ଦରେ ହଠାତ୍ ଚିତ୍କାର କରି ଉଠିଲା, ''ଇଜ୍'ନ୍‌ଟ୍ ହି ସ୍ମାର୍ଟ ?'' ପିଲାଟି ମନରେ 'ସ୍ମାର୍ଟ'ର ଏ ପ୍ରକାର ଧାରଣା ଦୃଢ଼ୀଭୂତ ହୋଇଗଲା । ଏପରି ପିଲା ଓ ଯୁବକମାନଙ୍କ ଉପରେ ଟେଲିଭିଜନର ଏତେ ବେଶି ମାରାତ୍ମକ ପ୍ରଭାବ ଯେ, କେତେ ଅଳ୍ପ ବୟସ୍କ ଅପରାଧୀଙ୍କ ବିଚାର କରିବା ଲାଗି ଥିବା ବିଶିଷ୍ଟ ବିଚାରପତିମାନଙ୍କ ମତରେ ଟେଲିଭିଜନ ସବୁକୁ ସମୁଦ୍ରରେ ଫୋପାଡ଼ି ନ ଦେଲେ ଆମେରିକାରୁ ଅଳ୍ପ ବୟସ୍କ ଅପରାଧୀଙ୍କ ସଂଖ୍ୟା କମାଇ ହେବ ନାହିଁ । ମୋ ପୁଅ କାନଡ଼ାରେ ରହେ । ସେ ଓ ତାର ଆମେରିକୀୟ ସ୍ତ୍ରୀ ବଡ଼ ଦୁଃଖର ସହିତ କହିଲେ, ଯେ, ଟେଲିଭିଜନ ଘରେ ରଖିବା ସପକ୍ଷରେ ସେମାନେ ଆଦୌ ନଥିଲେ । ଗତ ବର୍ଷ ପର୍ଯ୍ୟନ୍ତ ସେ ଟେଲିଭିଜନ କିଣି ନଥିଲେ । କିନ୍ତୁ ତାଙ୍କର ପିଲାମାନେ ପଡ଼ିଶାଘରକୁ ଟେଲିଭିଜନ ଦେଖିବା ପାଇଁ ଦୌଡ଼ିବାକୁ ଆରମ୍ଭ କଲେ । ସେ କେବଳ ନିଜର ପିଲାଙ୍କୁ ଘରେ ରଖିବା ପାଇଁ ଗୋଟିଏ ଟେଲିଭିଜନ କିଣିବାକୁ ବାଧ ହେଲେ । କିନ୍ତୁ ସେ ଓ ତାଙ୍କ ସ୍ତ୍ରୀ ବରାବର ଚେଷ୍ଟା କରୁଥାନ୍ତି ତାଙ୍କର ପିଲାମାନଙ୍କୁ ସାମାନ୍ୟ କେତୋଟି ପ୍ରୋଗ୍ରାମ ବାଛି ଦେଖାଇବା ପାଇଁ, କିନ୍ତୁ ସବୁ ବେଳେ କୃତକାର୍ଯ୍ୟ ହୋଇପାରୁ ନାହାନ୍ତି । କେତେକ ସହରରେ ମାଆମାନଙ୍କ ଦ୍ୱାରା ସ୍ୱେଚ୍ଛାକୃତ ପରିଚାଳିତ କେତୋଟି କେନ୍ଦ୍ରରୁ ସାପ୍ତାହିକ ପତ୍ରିକା ପ୍ରକାଶ ପାଏ । ସେଥିରେ ସେମାନେ ଅନ୍ୟମାନଙ୍କୁ ପରାମର୍ଶ ଦେଇଥାଆନ୍ତି ଯେ ତାଙ୍କର ପିଲାମାନଙ୍କୁ କେଉଁ କେଉଁ ଟେଲିଭିଜନ ପ୍ରୋଗ୍ରାମ୍ ଦେଖାଇବା ଉଚିତ ଏବଂ କେଉଁସବୁ ପ୍ରୋଗ୍ରାମ୍‌କୁ ବର୍ଜନ କରିବା ଉଚିତ । ଏ ପ୍ରକାର ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସହିତ ମୁଁ ଆଲୋଚନା କରି ବୁଝିଲି ଯେ, ସେମାନଙ୍କର ଉଦ୍ୟମ କେତେ ଲୋକଙ୍କୁ ସାହାଯ୍ୟ କରୁଛି ସତ, କିନ୍ତୁ ଅର୍ଥ ଓ ସମୟ ଅଭାବରୁ ସାରା ସମାଜରେ ଏହା ଖୁବ୍ ବେଶି ପ୍ରଭାବ ପକାଇ ପାରୁନାହିଁ । ତଥାପି ସେମାନେ ପ୍ରାଣପଣ ଚେଷ୍ଟା କରୁଛନ୍ତି— କିପରି ଅଳ୍ପବୟସ୍କ ବାଳକ ବାଳିକାମାନଙ୍କୁ ଏ ପ୍ରକାର ମାରାତ୍ମକ ପ୍ରଭାବରୁ ରକ୍ଷା କରିବେ ।

Digitized by PPRACHIN, SOA

କେତେକ ବିଶ୍ୱବିଦ୍ୟାଳୟ ତରଫରୁ କେବଳ ସାଂସ୍କୃତିକ ଓ ଶିକ୍ଷାଗତ ପ୍ରୋଗ୍ରାମ୍ ଦେବା ଲାଗି ଟେଲିଭିଜନ ଷ୍ଟେସନ ପ୍ରତିଷ୍ଠିତ କରାହୋଇଛି । କିନ୍ତୁ ଅର୍ଥ ଅଭାବରୁ ଏମାନେ କୋଟିପତି ବ୍ୟବସାୟୀଙ୍କ ଦ୍ୱାରା ପରିଚାଳିତ ଟେଲିଭିଜନ ସହିତ ପ୍ରତିଯୋଗିତାରେ ପାରି ଉଠୁନାହାନ୍ତି ।

ଅବଶ୍ୟ ସାଧାରଣ ରେଡ଼ିଓ ଓ ଟେଲିଭିଜନ ପ୍ରୋଗ୍ରାମ୍‌ର ସାହିତ୍ୟିକ ଓ ସାଂସ୍କୃତିକ ଅବଦାନ ଯେ କମ୍ ତା ନୁହେଁ, ଅତ୍ୟନ୍ତ ଉପାଦେୟ ଓ ଶିକ୍ଷଣୀୟ ପ୍ରୋଗ୍ରାମ୍ ବହୁ ଟଙ୍କା ଖର୍ଚ୍ଚ କରି ତିଆରି ହୋଇଥାଏ । ବହୁ ବିଶିଷ୍ଟ କଳାବିତ୍ ଅତି ଚମତ୍କାର ଭାବରେ ଏହାକୁ ରୂପାୟିତ କରିଥାଆନ୍ତି । କିନ୍ତୁ ଯେତେ ଭଲ ପ୍ରୋଗ୍ରାମ୍ ହେଲେ କଣ ହେବ, ମଝିରେ ମଝିରେ ନିଶ୍ଚୟ ବିଜ୍ଞାପନ ଭର୍ତ୍ତି ହୋଇଥିବ । ଏହା ଆମମାନଙ୍କୁ ଏତେ ବିରକ୍ତି ଲାଗେ ଯେ ଥରେ ଥରେ ଟେଲିଭିଜନ ବନ୍ଦ କରିଦେବାକୁ ଇଚ୍ଛା ହୁଏ । କଳା ଓ ସଂସ୍କୃତି ସୃଷ୍ଟିକୁ ଏପରି ଭାବରେ ବିକଳାଙ୍ଗ କରିବା କେତେଦୂର ବାଞ୍ଛନୀୟ– ଏହି ପ୍ରଶ୍ନ ଏମାନଙ୍କୁ ବିବ୍ରତ କରୁଥିବାର ଜଣାଯାଏ ନାହିଁ । ବରଂ ଏ ପ୍ରକାର ବିରକ୍ତିକର ପରିସ୍ଥିତି ସହିତ ନିଜକୁ ମିଶାଇ ଚଳାଇ ନେବା ପାଇଁ ଏମାନେ ଗୋଟିଏ ପ୍ରକାର ଯୁକ୍ତି ବାଢ଼ିଥାଆନ୍ତି ଯେ ବିଜ୍ଞାପନ ପ୍ରଦର୍ଶିତ ହେଉଥିବା ସମୟରେ ସେମାନେ କିଛି ସମୟ ପାଆନ୍ତି ଘରର କିଛି କାମ କରିବା ପାଇଁ, କିମ୍ବା ଖାଦ୍ୟପେୟ ଜିନିଷ କିଛି ରେଫ୍ରିଜେରେଟରରୁ ଆଣି ଟେବୁଲରେ ରଖିବା ପାଇଁ । ଏହା କେବଳ ଯୌକ୍ତିକୀକରଣ ଛଡ଼ା ଅନ୍ୟ କିଛି ନୁହେଁ ।

ସିନେମାରେ ମଧ ଏ ପ୍ରକାର ଛବି କିଛି କମ୍ ନୁହେଁ । କେତେଗୁଡ଼ିଏ ଅତି ଉତ୍କୃଷ୍ଟ ଧରଣର ଛବି ଯେ ନାହିଁ ତା' ନୁହେଁ, କିନ୍ତୁ ଅନେକ ଛବି ଏ ପ୍ରକାର ହତ୍ୟା, ଚୋରି, ଡକାୟତି ପ୍ରଭୃତି ଘଟଣା ନେଇ ତିଆରି ହୋଇଥାଏ । ନଗ୍ନ ଯୌନ ଛବି ମଧ କିଛି କମ୍ ନୁହେଁ । ଯେକୌଣସି ଛବି ହେଉ ପଛେ ବାହାରେ ଗୋଟିଏ ବିରାଟ ଛବିଥିବ ଯେଉଁଥିରେ ଯୌନ ଆକର୍ଷଣ ସବୁଠୁ ବେଶି ଥିବ—ସେ ପ୍ରକାର ଛବି ବିଜ୍ଞାପନ ଲାଗି ତିଆରି ହୋଇଥିବ । ଅଳ୍ପ ବୟସ୍କ ଯୁବକ ଯୁବତୀମାନଙ୍କୁ ଏ ପ୍ରକାର ଛବି ଆକର୍ଷଣ କରିବା ସ୍ୱାଭାବିକ । ସିନେମା ପ୍ରଯୋଜକର ଯଦି ମୁଖ୍ୟ ଉଦ୍ଦେଶ୍ୟ ହୁଏ ସିନେମା ଦେଖାଇ ଲାଭ ଉଠାଇବା, ତାହେଲେ ସାଂସ୍କୃତିକ ବିକାଶ ଲାଗି ତାର ମୁଣ୍ଡ ଘୂରାଇବା ଦରକାର କ'ଣ ! ଉଚ୍ଚ ଧରଣର ଛବି ଏବଂ ଖୁବ୍ ବଡ଼ ଧରଣର ସିନେମା ଶିଳ୍ପୀ ଯେ ନାହାନ୍ତି ତା ନୁହେଁ; କିନ୍ତୁ ଅନ୍ୟ ପ୍ରକାରର ଅବାସ୍ତବ ରୋମାଞ୍ଚକର ଛବି ସଂଖ୍ୟା ବହୁତ ବେଶି । ଜନସାଧାରଣ ଓ ଅଳ୍ପବୟସ୍କ ଯୁବକ ଯୁବତୀମାନଙ୍କୁ ନଗ୍ନ ଯୌନ ଛବି ଦେଖିବାକୁ ନିଶ୍ଚୟ ଭଲ ଲାଗିବ—ଫଳରେ ତା'ର କାଟ୍‌ତି ବେଶି ହେବ । ଲୋକର ପାଶବିକ କ୍ଷୁଧାକୁ ଜଗାଇବା ଭାରି ସହଜ ଏବଂ ତାର ସୁବିଧା ନେଇ ଏମାନେ ବହୁତ ଲାଭବାନ ହୁଅନ୍ତି ।

ଅନେକ ସମାଜବିଜ୍ଞାନବିତ୍ ଓ ଅଳ୍ପବୟସ୍କ ଅପରାଧୀଙ୍କର ବିଚାରଭାରପ୍ରାପ୍ତ ବିଚାରପତିମାନଙ୍କ ମତରେ ଏ ପ୍ରକାର ଶସ୍ତା ସିନେମା ଓ ଟେଲିଭିଜନ କାର୍ଯ୍ୟକ୍ରମ ଅପରାଧ ବୃଦ୍ଧି ପାଇଁ ବହୁତ ପରିମାଣରେ ଦାୟୀ । ପ୍ରତି ବର୍ଷ ଅଳ୍ପବୟସ୍କ ଅପରାଧୀଙ୍କ ସଂଖ୍ୟା ବଢ଼ି ଚାଲିଛି । ସହରମାନଙ୍କରେ ଧରାପଡ଼ିଥିବା ଅପରାଧୀଙ୍କ ଭିତରୁ ଗତ ବର୍ଷ ଶତକରା ୪୬ଭାଗ ହେଉଛନ୍ତି ୧୮ବର୍ଷରୁ କମ୍ ବାଳକ ବାଳିକା । ଆମେରିକାର ସହରମାନଙ୍କରେ ୧୮ ବର୍ଷରୁ କମ୍ ବାଳକଙ୍କ ଦ୍ୱାରା ମଟର କାର ଚୋରି ବହୁତ ବୋଲି ପୋଲିସ୍ ରିପୋର୍ଟରୁ ଜଣାଯାଏ । ୧୮ବର୍ଷରୁ କମ୍ ବାଳକବାଳିକାମାନେ ଏ ପ୍ରକାର ସିନେମା ଓ ଟେଲିଭିଜନ ଛବି ଦ୍ୱାରା ବେଶି ପ୍ରଭାବିତ ହେବା ସ୍ୱାଭାବିକ । ଏହି ଅପରାଧୀମାନେ ଯେ ସବୁ ସମୟରେ ଟଙ୍କା ପାଇଁ ଏ ସବୁ କରୁଛନ୍ତି ତା' ନୁହେଁ- ଅନେକେ କେବଳ ବାହାଦୁରି ଓ ଉତ୍ତେଜନା ସୃଷ୍ଟି ପାଇଁ ଅପରାଧ କରନ୍ତି । ସିନେମା ଓ ଟେଲିଭିଜନରେ ଚୋରି ଡକାୟତି ଦେଖି ଦେଖି ସେମାନଙ୍କର କୌତୂହଳ ଉଦ୍ଦୀପିତ ହୁଏ ଏବଂ ଅନେକ ସମୟରେ କେବଳ ଅସ୍ୱାଭାବିକ ସାହସ ଓ ଆପଦପୂର୍ଣ୍ଣ ଘଟଣାବଳୀର ଉତ୍ତେଜନା ଲାଗି ଏସବୁ କାମରେ

Digitized by PPRACHIN, SOA

ସେମାନେ ଯୋଗ ଦିଅନ୍ତି । ତା'ପରେ ହୁଏତ କ୍ରମେ ନାନାପ୍ରକାର ଲାଭ ଓ ଲୋଭ ଯୋଗୁଁ ଏହା ଅଭ୍ୟାସରେ ପରିଣତ ହୋଇଯାଏ । ବର୍ତ୍ତମାନ ଆମେରିକାରେ ଅଳ୍ପବୟସ୍କ ଡକାୟତ ଦଳଙ୍କର ଦୁଃସାହସିକ କାର୍ଯ୍ୟକଳାପ ବଡ଼ କୁଖ୍ୟାତ । ସିକାଗୋ ଓ ନ୍ୟୁୟର୍କ ସହରରେ ଏମାନଙ୍କର ପ୍ରକୋପ ଏତେ ବେଶି ଯେ ସିକାଗୋ ବିଶ୍ୱବିଦ୍ୟାଳୟ ହତା ଭିତରେ ରାତି ଆଠଟା ପରେ ଆମକୁ ଏକା ଏକା ନ ବୁଲିବା ପାଇଁ ତାଗିଦ କରାହୋଇଥିଲା । ବିଶ୍ୱବିଦ୍ୟାଳୟ ହତା ଭିତରେ ଏମାନେ ମାଡ଼ ଦେଇ ଲୋକଙ୍କଠାରୁ ଟଙ୍କା ଛଡ଼ାଇ ନେଇ ଯିବାର ବହୁତ ଘଟଣା ଶୁଣାଯାଏ ।

ବିଂଶ ଶତାବ୍ଦୀ ବିଜ୍ଞାନର ଏତେବଡ଼ ଦାନ ସମାଜର ସାମୂହିକ ମଙ୍ଗଳ ଲାଗି ପ୍ରଯୋଜିତ ନ ହୋଇ, ଶିକ୍ଷା ଓ ସାଂସ୍କୃତିକ ମାନର ଉନ୍ନତି ଓ ବିକାଶ ପାଇଁ ସଙ୍ଗଠିତ ନ କରି ନିଜର ଆର୍ଥିକ ଉନ୍ନତି ପାଇଁ ସମାଜର ଅମଙ୍ଗଳ ସାଧିତ ହେଲା ପରି କାର୍ଯ୍ୟରେ ନିୟୋଜିତ କରାଇବା ମୌଳିକ ଗଣତାନ୍ତ୍ରିକ ଦୃଷ୍ଟିକୋଣରୁ କେତେଦୂର ସମୀଚୀନ, ତାହା ଭାବିବାର କଥା । ଯେଉଁ ଟେଲିଭିଜନ ସାହାଯ୍ୟରେ ପୃଥିବୀର ନିତ୍ୟନୂତନ ସୃଷ୍ଟିର ସୌନ୍ଦର୍ଯ୍ୟକୁ ମନୁଷ୍ୟ ଆଗରେ ଉପସ୍ଥାପିତ କରି ମନୁଷ୍ୟର ସଂକୀର୍ଣ୍ଣ ମନକୁ ସ୍ୱର୍ଗୀୟ ଆନନ୍ଦରେ ବିକଶିତ କରାଯାଇପାରନ୍ତା, ମନୁଷ୍ୟସମାଜକୁ ନୂତନ ଆଦର୍ଶରେ ଅନୁପ୍ରାଣିତ ଓ ଉଦ୍‌ବୁଦ୍ଧ କରାଯାଇ ପାରନ୍ତା, ତାହା ଏହି କେତେଜଣ ଲୋକଙ୍କର ଅସୀମ ଅର୍ଥଲାଳସା ଯୋଗୁଁ ମନୁଷ୍ୟର ପଶୁତ୍ୱକୁ ଆହୁରି ଜୋର୍‌ରେ ତେଜିୟାନ କରି ସାମାଜିକ ବିଭ୍ରାଟ ସୃଷ୍ଟି କରୁଛି ।

ଆମେରିକାର ରେଡ଼ିଓ ଟେଲିଭିଜନ ତୁଳନାରେ ଇଂଲଣ୍ଡର ଏସବୁ ପ୍ରୋଗ୍ରାମ୍ ବହୁତ ଭଲ । ଆମ ଦେଶର ବେତାର ଅନୁଷ୍ଠାନ ଖୁବ୍ ଅଳ୍ପ ଦିନର ହୋଇଥିଲେ ସୁଦ୍ଧା ଆମେରିକା ବେତାର ଓ ଟେଲିଭିଜନ ଅନୁଷ୍ଠାନଠାରୁ ଢେର ଭଲ । ଆମେରିକା ଗଲା ପରେ ଆମ ଦେଶର ବେତାର ଅନୁଷ୍ଠାନର ସାମାଜିକ ମୂଲ୍ୟବୋଧ ଓ ଶିକ୍ଷାଗତ ତାତ୍ପର୍ଯ୍ୟ ମୁଁ ଆହୁରି ଭଲ ଭାବରେ ହୃଦୟଙ୍ଗମ କରିପାରିଲି । ଆମର ବେତାର ଅନୁଷ୍ଠାନରେ କୌଣସି ବିଭ୍ରାଟ ହେଲେ ଅନ୍ତତଃ ଆମେ ଆମର ପାର୍ଲିଆମେଣ୍ଟ ସଭ୍ୟଙ୍କ ସାହାଯ୍ୟରେ ବେତାର ବିଭାଗ ମନ୍ତ୍ରୀଙ୍କୁ ଏ ବିଭାଗ ଛାଡ଼ିଦେବାକୁ ବାଧ୍ୟ କରିପାରୁ । ଅବଶ୍ୟ ବର୍ତ୍ତମାନ ସରକାରୀ କର୍ତ୍ତୃପକ୍ଷ ଏହି ବିରାଟ ସାମାଜିକ ଅନୁଷ୍ଠାନକୁ ସରକାରୀ ପ୍ରଚାରରେ ବ୍ୟବହାର କରିବାକୁ ଲାଗିଲେଣି । ଏହାର ମଧ୍ୟ ନିୟନ୍ତ୍ରଣ ଦରକାର । ସେଥିପାଇଁ ବି.ବି.ସି ପରି ସ୍ୱତନ୍ତ୍ର ସଂସ୍ଥା ହାତରେ ଏହାକୁ ଛାଡ଼ିଦେବା ଭଲ । କିନ୍ତୁ ବ୍ୟକ୍ତିବିଶେଷ ହାତରେ ଏତେ ବଡ଼ ସାମାଜିକ ଅନୁଷ୍ଠାନ ରହିଲେ ଜନସାଧାରଣଙ୍କ ପକ୍ଷରୁ କଣ କରାଯାଇପାରେ ? ଲୋକେ ଏହି ଅନୁଷ୍ଠାନ ପ୍ରତି ବୀତସ୍ପୃହ ହୋଇ ଯାଇପାରନ୍ତି; କିନ୍ତୁ ତାକୁ ଅନ୍ୟ ରାସ୍ତାକୁ ଆଣିବା ପାଇଁ ସେମାନଙ୍କର ଅନ୍ୟକିଛି ଉପାୟ ନାହିଁ । ସମାଜର ମଙ୍ଗଳ ବା ଅମଙ୍ଗଳ ଲାଗି ବ୍ୟବହୃତ ହୋଇପାରୁଥିବା ଏତେ ବଡ଼ ସାମାଜିକ ଅନୁଷ୍ଠାନ ଉପରେ ଜନସାଧାରଣଙ୍କର ପୂର୍ଣ୍ଣ କର୍ତ୍ତୃତ୍ୱ ରହିବା ଗଣତାନ୍ତ୍ରିକ ନୀତି, ନା ବ୍ୟକ୍ତି ବିଶେଷ ବ୍ୟବସାୟୀର ଲାଭ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋଇଥିବା ଅନୁଷ୍ଠାନ ଉପରେ ସବୁ ଛାଡ଼ି ଦେଇ ନିଃସହାୟ ହୋଇ ବସିରହିବା ଗଣତାନ୍ତ୍ରିକ ନୀତି, ଏ ବିଷୟରେ ନିଶ୍ଚୟ ଗଭୀର ଚିନ୍ତା ଆବଶ୍ୟକ । ■■■

Digitized by PPRACHIN, SOA

ତେର

ଶିକ୍ଷାମାଧ୍ୟମ ଖବରକାଗଜ

ଆମେରିକାର ଲୋକେ ଯେପରି ହୃଷ୍ଟପୁଷ୍ଟ ଓ ଲମ୍ବା ଚଉଡ଼ା, ଏଠାକାର ଖବର କାଗଜଗୁଡ଼ିକ ସେହିପରି ମୋଟାସୋଟା । ଆମର ଜୀର୍ଣ୍ଣଶୀର୍ଣ୍ଣ ଲୋକଙ୍କ ପାଇଁ ଚାରିଆଠ ପୃଷ୍ଠାର ଖବର କାଗଜ ହେଲେ ସେମାନଙ୍କ ପାଇଁ ଅନ୍ତତଃ ୬୪ ପୃଷ୍ଠାଠାରୁ ୧୨୮ ପୃଷ୍ଠା ବ୍ୟାପି ଖବର କାଗଜ ହେବା ଦରକାର । ଲୋକପ୍ରିୟ ଖବରକାଗଜ ହେଲେ ଦିନକୁ ୪୦ଲକ୍ଷ ବିକ୍ରି ହେବାର ଦେଖାଯାଏ । କିନ୍ତୁ 'ନ୍ୟୁୟର୍କ ଟାଇମ୍ସ୍' ପରି କୁଳୀନ ଖବରକାଗଜ ଗୁଡ଼ିକର କାଟ୍‌ତି ଏତେ ନୁହେଁ । ଏ ଦେଶର ଖବର କାଗଜ ଆମ ଖବର କାଗଜଠାରୁ ଯେ କେବଳ ଆକାରରେ ଭିନ୍ନ ତା' ନୁହେଁ; ଖବର ପ୍ରଚାର କରିବା ପ୍ରଣାଳୀ ମଧ୍ୟ ଅଲଗା । ଆମ ଖବର କାଗଜରେ ଆନ୍ତର୍ଜାତିକ ଖବର ବେଶି ପରିମାଣରେ ଥାଏ, କିନ୍ତୁ ଏଠାକାର ଅଧିକାଂଶ ଖବର କାଗଜରେ ଆନ୍ତର୍ଜାତିକ ଖବର ପ୍ରାୟ ନଥାଏ ଏବଂ ଯଦିବା ଥାଏ, ଖୁବ୍ କମ ପରିମାଣରେ ; ଆମ ଖବର କାଗଜରେ ବରଂ ଆନ୍ତର୍ଜାତିକ ଖବର କମ ଥିଲେ ଚଳିପାରନ୍ତା, କିନ୍ତୁ ପୃଥିବୀକୁ ନେତୃତ୍ୱ ଦେଉଥିବା ଏତେ ବଡ଼ ଦେଶ ପକ୍ଷରେ ଏହା କେତେଦୂର ସମୀଚୀନ ଭାବିବାର କଥା । ଫଳରେ ଆମେରିକାର ଜନସାଧାରଣ ଅନ୍ୟ ଦେଶ ସମ୍ବନ୍ଧରେ ବହୁତ କମ୍ ଖବର ରଖନ୍ତି । ଏପରିକି ଛାତ୍ର ଓ ଅଧ୍ୟାପକଙ୍କ ଭିତରେ ମଧ୍ୟ ଏ ପ୍ରକାର ଅଜ୍ଞତା ଅତିମାତ୍ରାରେ ଦେଖାଯାଏ । ତାହା ହେଲେ ଏତେ ମୋଟା ମୋଟା ଖବରକାଗଜ ଭିତରେ ଆଉ କଣ ଥାଏ ?

ଅନ୍ୟାନ୍ୟ ବ୍ୟବସାୟ ପ୍ରତିଷ୍ଠାନ ପରି ଆମେରିକାରେ ଖବର୍‌କାଗଜ ମଧ୍ୟ ଗୋଟିଏ ପ୍ରଧାନ ବ୍ୟବସାୟ ପ୍ରତିଷ୍ଠାନ । ଆମେରିକା ପରି ଦେଶରେ ଗୋଟିଏ ଖବର କାଗଜ ଚଳାଇବା କମ୍ ବ୍ୟୟସାପେକ୍ଷ ନୁହେଁ । ଯାହାର ଲକ୍ଷ ଲକ୍ଷ ଟଙ୍କା ହାତରେ ଥିବ, ସେହି କେବଳ ଗୋଟିଏ ଖବର କାଗଜ ଚଳାଇ ପାରିବ । କାଗଜରୁ ଲାଭ ଉଠାଇବାକୁ ହେଲେ ବିଜ୍ଞାପନ ଉପରେ ହିଁ ଚଳିବାକୁ ପଡ଼ିବ । ଜଣାଯାଏ, କେତେକ ଖବର କାଗଜ ଏହି ବିଜ୍ଞାପନରୁ ଏତେ ବେଶି ଆଦାୟ କରନ୍ତି ଯେ ଖବରକାଗଜ ଭଲଭାବରେ ଚଳାଇପାରିବା ସଂଭବ ହୁଏ । ତା ଅର୍ଥ ଆମେରିକାର ସମସ୍ତ ଖବର କାଗଜ ବଡ଼ ବଡ଼ ଶିଳ୍ପପତି ଓ ପୁଞ୍ଜିପତିଙ୍କ ହାତରେ ରହିବାକୁ ବାଧ୍ୟ । ଖାଲି ସେତିକି ନୁହେଁ, ଗୋଟିଏ ଖବରକାଗଜ ଲୋକଙ୍କୁ ବିକ୍ରି ନ କରି ଛପାହେବା ସଙ୍ଗେ ସଙ୍ଗେ ସେ ସବୁକୁ ସମୁଦ୍ରରେ ଫୋପାଡ଼ି ଦିଆଗଲେ ସୁଦ୍ଧା ସେମାନଙ୍କର ବହୁତ ଲାଭ ହୁଅନ୍ତା । ତା ଅର୍ଥ ଖବରକାଗଜ ବଣ୍ଡାଲକୁ ନେଇ ବିଭିନ୍ନ ଦୋକାନରେ ବାଣ୍ଟି, ସେମାନଙ୍କୁ ସେମାନଙ୍କର ବିକ୍ରିଅଂଶ ଦେଲା ପରେ ଆଉ ଯାହା ରହେ, ତାହା ଅପେକ୍ଷା ପ୍ରଥମରୁ ପୋପାଡ଼ିଦେଲେ ବେଶି ଲାଭ ହୁଅନ୍ତା । କିନ୍ତୁ ବିକ୍ରି ନହେଲେ ବିଜ୍ଞାପନ ବା ମିଳିବ କାହିଁକି ? ଏହା ସଂପୂର୍ଣ୍ଣ ରୂପେ ସତ୍ୟ ନ ହୋଇପାରେ; କିନ୍ତୁ ଏହାର ତାତ୍ପର୍ଯ୍ୟ ହେଉଛି ଯେ ବିଜ୍ଞାପନରୁ ହିଁ ସେମାନେ ସମସ୍ତ ଲାଭ ଉଠାଇଥାଆନ୍ତି । ତେଣୁ ପ୍ରତ୍ୟେକ ଖବରକାଗଜ

Digitized by PPRACHIN, SOA

ବ୍ୟବସାୟ ପ୍ରତିଷ୍ଠାନମାନଙ୍କ ଉପରେ ବିଜ୍ଞାପନ ପାଇଁ ସମ୍ପୂର୍ଣ୍ଣ ରୂପେ ନିର୍ଭର କରିଥାଏ । ଫଳରେ ମୁଷ୍ଟିମେୟ ପୁଞ୍ଜିପତିଙ୍କ ଦ୍ୱାରାହିଁ ସମସ୍ତ ଖବରକାଗଜ ନିୟନ୍ତ୍ରିତ ହୋଇଥାଏ । ସରକାରୀ ନୀତି ଓ ପରିଚାଳନା ଉପରେ ମଧ୍ୟ ଏହି ମୁଷ୍ଟିମେୟ ଧନକୁବେରଙ୍କର ଅଖଣ୍ଡ ପ୍ରଭାବ । ତେଣୁ ପୁଞ୍ଜିବାଦ ନୀତି ଯୋଗୁଁ ସାମାଜିକ ବିଭ୍ରାଟ ଓ ଅନ୍ତର୍ଜାତିକ କ୍ଷେତ୍ରରେ ଆମେରିକାର ଅଶୋଭନୀୟ ଦୃଷ୍ଟିଭଙ୍ଗୀ ପ୍ରଭୃତି ବିଷୟରେ ଖବରକାଗଜରେ ବିଶେଷ ଭାବରେ ଆଲୋଚିତ ହୋଇ ନଥାଏ । ଆନ୍ତର୍ଜାତିକ ରାଜନୀତି ବିଷୟରେ ଅନେକ ସମୟରେ ଏକଦେଶଦର୍ଶୀ ଖବରମାନ ସଂଗୃହୀତ ହୋଇ ପ୍ରଚାରିତ ହୋଇଥାଏ । ଉଦାହରଣ ସ୍ୱରୂପ କୁହାଯାଇପାରେ ଯେ ଆମେରିକା ସରକାରଙ୍କ ବୈଦେଶିକ ନୀତି ପାକିସ୍ତାନ ସପକ୍ଷରେ ଥିବାରୁ ଖବରକାଗଜରେ ମଧ୍ୟ ଭାରତ ସମ୍ପର୍କରେ ଯେତେବେଳେ ଖବର ପ୍ରକାଶ ପାଏ ସେତେବେଳେ ପାକିସ୍ତାନକୁ ସହାନୁଭୂତି ଦେଖାଯାଇଥାଏ ଓ ଭାରତକୁ ସମାଲୋଚନା କରାହୋଇଥାଏ ।

ବହୁ ଆଲୋଚନା ସଭାରେ ମୁଁ ଯେତେବେଳେ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ଭାରତ ଓ ପାକିସ୍ତାନ ଘଟଣା ନେଇ ଯାହା ଯାହା ଘଟିଯାଇଛି ସେସବୁ ବିଷୟରେ କହେ, ଛାତ୍ର ତଥା ଅଧ୍ୟାପକମାନେ ଆଶ୍ଚର୍ଯ୍ୟ ହୋଇ କହନ୍ତି ଯେ ସେମାନେ ସେସବୁ ବିଷୟରେ ଆଦୌ ଜାଣନ୍ତି ନାହିଁ । ମିଷ୍ଟର ନିକ୍ସନଙ୍କ ବୈଦେଶିକ ନୀତି ନେଇ ତଥ୍ୟ ସବୁ ଉପସ୍ଥାପିତ କଲା ପରେ ଜଣେ ଦୁଇଜଣଙ୍କୁ ଛାଡ଼ିଦେଲେ ଆଉ କେହି ଛାତ୍ର କିମ୍ବା ଅଧ୍ୟାପକ ନିକ୍ସନଙ୍କ ବୈଦେଶିକ ନୀତିକୁ ସମର୍ଥନ କରି ନଥିଲେ । ଏହା ମୋତେ ଖୁବ୍ ବେଶି ଆଶ୍ଚର୍ଯ୍ୟ ଲାଗିଲା । ମୁଁ ଭାବିଥିଲି ଅନ୍ତତଃ ଶତକଡ଼ା ପଚାଶ ନିକ୍ସନଙ୍କ ବୈଦେଶିକ ନୀତିକୁ ଗ୍ରହଣ କରିବେ ତ ଆଉ ପଚାଶ ତାଙ୍କ ବିରୁଦ୍ଧରେ ମତ ଦେବେ; କିନ୍ତୁ ସମସ୍ତେ ଯେ ତାଙ୍କ ବିରୁଦ୍ଧରେ ମତ ଦେଲେ– ତାହା ପ୍ରକୃତରେ ଆଶ୍ଚର୍ଯ୍ୟର କଥା । ଅବଶ୍ୟ ଏହା ଜନସାଧାରଣଙ୍କର ମତାମତ ନ ହୋଇପାରେ । ମୁଁ ବିଶେଷକରି ଛାତ୍ର ଓ ଅଧ୍ୟାପକଙ୍କ ସହିତ କଥାବାର୍ତ୍ତା କରିବାକୁ ସୁଯୋଗ ପାଇଥିଲି । ଏହିଭଳି ବିଷୟରେ ଏମାନଙ୍କର ଅଜ୍ଞତାର ପ୍ରଧାନ କାରଣ ହେଲା ଯେ, ଏମାନେ ଖବରକାଗଜରୁ ଏ ପ୍ରକାର ଖବର ଆଦୌ ପାଇ ପାରନ୍ତି ନାହିଁ । ଭାରତ, ସୋଭିଏତ୍ ରୁଷ, ଇଜିପ୍ଟ ପ୍ରଭୃତି ଦେଶ ବିରୁଦ୍ଧରେ ଖବରକାଗଜରେ ଏତେ ବେଶି ବିସ୍ଫୋରଣ ହୁଏ ଯେ, ଜନସାଧାରଣଙ୍କର ଏସବୁ ଦେଶ ପ୍ରତି କୌଣସି ଭଲ ଧାରଣା ଜନ୍ମିବା ଅସମ୍ଭବ । ଲୋକଙ୍କ ପକ୍ଷରେ ଭିନ୍ନ ପ୍ରକାର ଖବର ପାଇବା ମଧ୍ୟ ବଡ଼ କଷ୍ଟକର । ଖବରକାଗଜର ପରିଚାଳକ ସହିତ ଖବର ପରିବେଷଣର କି ଘନିଷ୍ଠ ସଂପର୍କ ଅଛି– ତାହା ଏଥିରୁ ସହଜରେ ଅନୁମେୟ । ଆମ ଦେଶରେ ମଧ୍ୟ ଏ ପ୍ରକାର ସଂପର୍କ ଖୁବ୍ ଅନିଷ୍ଟ କରୁଛି । ଯାହା ହାତରେ ଖବରକାଗଜ ରହିଲା, ସେ ଯାହା କଲା, ତାହାର ଟିକିନିଖି ଖବର ପ୍ରକାଶ ପାଇଥାଏ । ସେ ଯେଉଁଠାରେ ଯାହା କରିବ ତାହାର ବିଶଦ ବିବରଣୀ ଖବରକାଗଜରେ ପ୍ରକାଶିତ ହେବା ଯେପରି ନିହାତି ଦରକାର । ଗୋଟିଏ ଗୋଟିଏ ଖବରକାଗଜରେ କାଗଜ କର୍ତ୍ତୃପକ୍ଷଙ୍କର ବକ୍ତୃତା ଏତେ ବେଶି ବାହାରେ ଯେ, ଗବେଷଣା କଲେ ନିଶ୍ଚୟ ଜଣାଯିବ କେହି ଜଣେ ହୁଏତ ସେହି ଲମ୍ବା ବକ୍ତୃତା ଥରେ ସୁଦ୍ଧା ପଢ଼ି ନଥିବେ । ତଥାପି ପଇସା ଦେଇ ସେହି ଖବରକାଗଜ କିଣିବାକୁ ହୁଏ । କାହା ସହିତ କର୍ତ୍ତୃପକ୍ଷଙ୍କର ମନୋମାଳିନ୍ୟ ହେଲା ତ ଖବରକାଗଜରେ ସେମାନଙ୍କର ନାମ ସୁଦ୍ଧା ପ୍ରକାଶ କରାଯାଏ ନାହିଁ । ତାହା ହେଲେ ଖବରକାଗଜ ପ୍ରତିଷ୍ଠାନ ନିଜ ସେବା ଛଡ଼ା ସମାଜସେବା କଲେ କିପରି ? ଆମେରିକା ପ୍ରଭୃତି ପୁଞ୍ଜିବାଦୀ ଦେଶମାନଙ୍କୁ ଆମର ଖବର କାଗଜ ପ୍ରତିଷ୍ଠାନମାନ ବେଶି ପରିମାଣରେ ଅନୁକରଣ କଲା ପରି ଜଣାଯାଏ ।

ଏ ତ ଗଲା ରାଜନୀତି ଓ ବୈଦେଶିକ ନୀତିଗତ ଖବର ପରିବେଷଣ । ଅନ୍ୟାନ୍ୟ ଖବର ପରିବେଷଣ ପଛରେ ମଧ୍ୟ ଖବରକାଗଜ କର୍ତ୍ତୃପକ୍ଷଙ୍କର ବ୍ୟକ୍ତିଗତ ନୀତି ପ୍ରଚ୍ଛନ୍ନ ଭାବରେ କାମ

Digitized by PPRACHIN, SOA

କରୁଥାଏ । ଯେତେ ବେଶି ସଂଖ୍ୟାରେ କାଗଜ ବିକ୍ରି ହେବ, ସେତେ ବେଶି ସେମାନେ ବିଜ୍ଞାପନ ପାଇବେ ଓ ସେତେ ବେଶି ଲାଭ ହେବ । ତେଣୁ ଖବରକାଗଜ କାଟତି ପାଇଁ ନାନା ପ୍ରକାର ଉପାୟ ଅବଲମ୍ବନ କରାଯାଏ । ସାମାନ୍ୟ ଘଟଣାକୁ ଖୁବ୍ ଅତିରଞ୍ଜିତ ଭାବରେ ବର୍ଣ୍ଣନା କରି ରୋମାଞ୍ଚକର ଘଟଣାରେ ପରିଣତ କରିବା ଲାଗି ଏମାନଙ୍କର ଅଦମ୍ୟ ଚେଷ୍ଟା । ଚୋରି, ଡକାୟତି, ନାରୀଧର୍ଷଣ, ଛାଡ଼ପତ୍ର ଖବର ପ୍ରଭୃତି ବିଷୟଗୁଡ଼ିକୁ ଖୁବ୍ ବେଶି ପ୍ରାଧାନ୍ୟ ଦିଆହୋଇଥାଏ । ଇଂଲଣ୍ଡର ରାଣୀଙ୍କ ଛବି, ସଉଦି ଆରେବିଆର ନବାବ ଓ ତାଙ୍କ ନଅରର ଛବି, କେଉଁ ସ୍ତ୍ରୀଲୋକ ଅଷ୍ଟମଥର ପାଇଁ ଛାଡ଼ପତ୍ର ଦରଖାସ୍ତ କଲା– ତାର ବିଭିନ୍ନ ଛବି ଓ ଜୀବନୀ ଏବଂ ବ୍ୟକ୍ତିବିଶେଷର କଳଙ୍କମୟ କାହାଣୀ ପ୍ରଭୃତି ଖବରରେ କାଗଜ ଭର୍ତ୍ତି । (ଏହାର ପରିଣତି କ୍ଲିଂଟନଙ୍କର କଳଙ୍କମୟ ଯୌନ ଘଟଣାର ବ୍ୟୟ ବହୁଳ ପ୍ରସାର)

କେତେକ ଲୋକପ୍ରିୟ କାଗଜମାନଙ୍କରେ ମାତ୍ର ଏକଅଷ୍ଟମାଂଶ ସ୍ଥାନ ଖବର ଲାଗି ଛାଡ଼ି ଆଉ ସପ୍ତଅଷ୍ଟମାଂଶ ସ୍ଥାନ ବିଜ୍ଞାପନରେ ଭର୍ତ୍ତି କରାଯାଏ ଏବଂ ଏହି ଏକ ଅଷ୍ଟମାଂଶ ସ୍ଥାନରେ ଉପରିଲିଖିତ ଖବରଗୁଡ଼ିକ ହିଁ ବେଶି ସ୍ଥାନ ପୂରଣ କରିଥାଏ । ଅନ୍ୟାନ୍ୟ ବୈଦେଶିକ ଖବର, ବିଜ୍ଞାପନ ଏ ପ୍ରକାର ଖବର ମଝିରେ ଖୁନ୍ଦି ଦିଆଯାଇଥାଏ । ତେଣୁ ଅନେକ ସମୟରେ କାଗଜରେ ବୈଦେଶିକ ଖବର ଓ ରାଜନୀତିଗତ ଖବର ଆବିଷ୍କାର କରିବା କଷ୍ଟକର ବ୍ୟାପାର ହୋଇପଡ଼େ । ଏ ପ୍ରକାର ଖବର ଓ ବିଜ୍ଞାପନ ପରିବେଷଣ ମଧ୍ୟ ଆମ ଦେଶ ଖବରକାଗଜ ଉପରେ କମ୍ ପ୍ରଭାବ ବିସ୍ତାର କରି ନାହିଁ । ଆମ ଦେଶର କେତେକ ଆଞ୍ଚଳିକ ଖବରକାଗଜ ଗୋଟିଏ କ୍ରୋଡ଼ପତ୍ର ଅଧିକା ଦେଲେ ବେଶି ପଇସା ଦାବି କରନ୍ତି । ଅଥଚ ଏହି ଅଧିକା ପୃଷ୍ଠାଟି କେବଳ ବିଜ୍ଞାପନରେ ଭର୍ତ୍ତି । ଏଥିପାଇଁ ଏମାନେ ଦୁଇଥର ପଇସା ପାଆନ୍ତି । ବିଜ୍ଞାପନ ଦେବା ଲୋକଠାରୁ ଥରେ ଓ ଖବରକାଗଜ କ୍ରେତାଠାରୁ ଆଉଥରେ । ଅବଶ୍ୟ ଅଧିକାଂଶ ମାର୍କିନ୍ ଖବର-କାଗଜର ସାଧାରଣ ବୈଶିଷ୍ଟ୍ୟ ଏପରି ହେଲେ ହେଁ ଏ ଦେଶରେ ଗଣତାନ୍ତ୍ରିକ ପରମ୍ପରା ବହୁ ବର୍ଷ ଧରି ଚାଲି ଆସୁଥିବାରୁ ଜାକ୍ ଆଣ୍ଡରସନ୍ଙ୍କ ପରି ନିର୍ଭୀକ ସାଂବାଦିକ ଏବଂ ଲାଇଫ, ଟାଇମ୍ସ୍ ପ୍ରଭୃତି ପତ୍ରପତ୍ରିକା ଯୋଗୁଁ ଯେ ପ୍ରକାର ରାଜନୈତିକ ଚାଞ୍ଚଲ୍ୟକର ଘଟଣା ପ୍ରଚାରିତ ହୁଏ, ତାହା ନିଶ୍ଚୟ ସମାଜର ବହୁ ଉପକାର କରେ । ଭିଏତ୍‌ନାମ ଯୁଦ୍ଧର ବର୍ବରତା ସମ୍ବନ୍ଧରେ କିମ୍ବା ନିକ୍ସନଙ୍କର ୱାଟରଗେଟ୍ ବ୍ୟାପାର ସଂକ୍ରାନ୍ତୀୟ ଯେଉଁ ସବୁ ଘଟଣା ଖବର କାଗଜରେ ପ୍ରକାଶ ପାଉଛି, ତାହା ଏମାନଙ୍କର ଗଣତାନ୍ତ୍ରିକ ଚେତନାର ନିଶ୍ଚୟ ବଳିଷ୍ଠ ନିଦର୍ଶନ । ଏପ୍ରକାର ଭୟଶୂନ୍ୟ ସାଂବାଦିକତା ଆମ ଦେଶରେ ବିରଳ କହିଲେ ଚଳେ ।

ତା'ଛଡ଼ା ଆଉ କେତେକ ଅଳ୍ପ ସଂଖ୍ୟକ ଖବରକାଗଜ ଅଛି, ଯେଉଁଥିରେ ବହୁ ଉପାଦେୟ ପ୍ରବନ୍ଧ, ଆଲୋଚନା, ଦେଶ-ବିଦେଶର ଖବର ବାହାରେ । ଅବଶ୍ୟ ଏପରି କାଗଜ କମ୍ ଲୋକେ ପଢ଼ନ୍ତି । କିନ୍ତୁ ଏପରି କାଗଜ ଭାରତରେ ବହୁତ କମ୍ ଦେଖିବାକୁ ମିଳେ । ଭାରତୀୟ କେତେକ କାଗଜରେ ସଂପାଦକଙ୍କ ଆତ୍ମବଡ଼ିମା ଯେପରି ବିଶଦ ଭାବରେ ପ୍ରକାଶିତ ହୋଇଥାଏ ସେପରି କାଗଜ ବହୁତ କମ୍ ଏଠାରେ ଦେଖିବାକୁ ମିଳେ ।

ଆଧୁନିକ ଜଗତରେ ଶିକ୍ଷା, ସଂସ୍କୃତି, ଆନ୍ତର୍ଜାତିକ ସଦ୍‌ଭାବ ଓ ଜାତୀୟ ବିକାଶ ପ୍ରଭୃତି ବିଷୟରେ ଲୋକଙ୍କର ଶିକ୍ଷା ଖବରକାଗଜରୁ ହେବା ଉଚିତ । ରେଳ, ବ୍ୟୋମଯାନ, ତାର ବେତାର ପ୍ରଭୃତି ଆଧୁନିକ ଖବର ସରବରାହ ଉପାୟମାନ ଯୋଗୁଁ ଖବରକାଗଜର ପ୍ରାଧାନ୍ୟ ବହୁ ପରିମାଣରେ ବଢ଼ିଯାଇଛି । ପୃଥିବୀର ବର୍ତ୍ତମାନ ଘଡ଼ିସନ୍ଧି ବେଳେ ଖବର କାଗଜର ପ୍ରଭାବ ବହୁତ ବେଶି । ଖବର ସରବରାହ ପ୍ରତିଷ୍ଠାନ ଉପରେ ଦେଶର ହିତାହିତ ଏତେ ବେଶି ନିର୍ଭର କରେ ଯେ, ତାକୁ ଦାୟିତ୍ୱହୀନ, ଲାଭଖୋର ଓ ସଂକୀର୍ଣ୍ଣ ସ୍ୱାର୍ଥାନ୍ୱେଷୀ ଲୋକମାନଙ୍କର ହାତରେ ପୂରାପୂରି

Digitized by PPRACHIN, SOA

ଛାଡ଼ିଦେବା ଉଚିତ ନୁହେଁ । ବିଂଶଶତାବ୍ଦୀର ମାନବସମାଜ ରାଜା ବା ଏକଚ୍ଛତ୍ର ଶାସକର ଖାମଖିଆଲି ମର୍ଜି ଉପରେ ରାଜ୍ୟ ଶାସନ ଛାଡ଼ି ନଦେଇ ଗଣତନ୍ତ୍ର ନିୟମାନୁଯାୟୀ ଲୋକପ୍ରତିନିଧିଙ୍କ ଦ୍ୱାରା ଶାସନକାର୍ଯ୍ୟ ଚଳାଇବା ନୀତିକୁ ବିନା ଦ୍ୱିଧାରେ ଗ୍ରହଣ କରିନେଉଥିଲା ବେଳେ ସମାଜର ହିତାହିତ ନିୟନ୍ତ୍ରଣ କରୁଥିବା ଏତେ ବଡ଼ ଶକ୍ତିଶାଳୀ ଅନୁଷ୍ଠାନକୁ ବ୍ୟକ୍ତିବିଶେଷର ଲାଭ ଲାଳସା ଓ ଖାମଖିଆଲ ଉପରେ କିପରି ଛାଡ଼ିଦେଇଛି ଭାବିବାର କଥା । କେତେ ଜଣ ଲୋକଙ୍କର ସ୍ୱାର୍ଥଗତ ମତାମତକୁ ଲକ୍ଷଲକ୍ଷ ଲୋକଙ୍କର ମୁଣ୍ଡ ଭିତରେ ନାନା ବୈଜ୍ଞାନିକ ଉପାୟରେ ପୂରାଇବାକୁ ଚେଷ୍ଟା କରିବା କି ପ୍ରକାର ଗଣତାନ୍ତ୍ରିକ ନୀତି– ଏ ପ୍ରଶ୍ନ ମୋତେ ବାରମ୍ବାର ବିଚଳିତ କରିଥିଲା । ଏ ପ୍ରକାର ପ୍ରଶ୍ନ ମୋର ଆମେରିକା ଅବସ୍ଥାନ ବେଳେ ମୋ ମନରେ ଯେତେ ବେଶି ଆନ୍ଦୋଳନ ସୃଷ୍ଟି କରିଥିଲା, ଆମ ଦେଶରେ ଥିବା ବେଳେ ସେପରି ଭାବରେ ମୋତେ ଦେଖାଯାଇ ନଥିଲା । ଖବର କାଗଜ ସମାଜ ଦ୍ୱାରା ଗଣତାନ୍ତ୍ରିକ ନୀତିରେ ନିୟନ୍ତ୍ରିତ ନ ହୋଇ ପାରିଲେ ଆମେରିକା ପରି ଆମ ଦେଶରେ ମଧ୍ୟ ଏ ପ୍ରକାର ଭୟଙ୍କର ପରିସ୍ଥିତି କିଛି ବର୍ଷ ଭିତରେ ସୃଷ୍ଟି ହୋଇପାରେ । ତେଣୁ ମୋ ମତରେ ଖବରକାଗଜ ପରି ବିରାଟ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ସମବାୟ ସୂତ୍ରରେ ପ୍ରତିଷ୍ଠିତ ଓ ପରିଚାଳିତ ହେବା ଦରକାର । ଲୋକଙ୍କ ଦ୍ୱାରା ନିର୍ବାଚିତ ପରିଚାଳକ ଓ ସଂପାଦକ କେତେ ବର୍ଷ ପାଇଁ ଖବରକାଗଜ ପରିଚାଳନାରେ ରହିଲେ ଅନେକ ପରିମାଣରେ ସେମାନଙ୍କର ସ୍ୱାର୍ଥଗତ ଲାଳସା ନିୟନ୍ତ୍ରିତ ହୋଇପାରେ । ଏ ପ୍ରକାର ଅନୁଷ୍ଠାନରେ ଯେତେପ୍ରକାର ଅସୁବିଧା ହେଲେ ସୁଦ୍ଧା ବର୍ତ୍ତମାନ ପ୍ରଚଳିତ ଖବରକାଗଜଠାରୁ ଯେ ବହୁତ କମ୍ କ୍ଷତିକାରକ ହେବ– ଏଥିରେ ସନ୍ଦେହ ନାହିଁ ।

■■■

Digitized by PPRACHIN, SOA

ଚଉଦ

ଛାତ୍ରମାନଙ୍କର ଶିକ୍ଷା ପ୍ରତି ଆଗ୍ରହ

■ କ ■

ସଂଗ୍ରାମରେ ଜୟଲାଭ ଯୁଦ୍ଧକ୍ଷେତ୍ରରେ ଲଢ଼େଇ କରୁଥିବା ସୈନ୍ୟମାନଙ୍କ ଉପରେ ଯେତିକି ନିର୍ଭର କରେ, ସେମାନଙ୍କ ପଛରେ ଶିକ୍ଷା ଲାଭ କରୁଥିବା ଯୁବକମାନଙ୍କ ଉପରେ ସେତିକି ନିର୍ଭର କରେ । କେତେକ କ୍ଷେତ୍ରରେ ଫଳାଫଳ ବରଂ ନୂତନ ଶିକ୍ଷାପ୍ରାପ୍ତ ନାଗରିକଙ୍କ ଉପରେ ହିଁ ବେଶି ନିର୍ଭର କରିଥାଏ । ସେହି ଦୃଷ୍ଟିରୁ ପ୍ରତ୍ୟେକ ଦେଶର ଛାତ୍ର ସମାଜକୁ ବିଚାର କରିବା ଉଚିତ ।

ଆମେରିକାର ଛାତ୍ରସମାଜ ଆମ ଦେଶର ଛାତ୍ରମାନଙ୍କ ଠାରୁ ଅନେକ କ୍ଷେତ୍ରରେ ତଫାତ୍ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ସମାଜ ଅନୁସାରେ ଛାତ୍ର ଏବଂ ଛାତ୍ର ଅନୁସାରେ ଭବିଷ୍ୟତ ସମାଜ । ଭାରତୀୟ ସମାଜ ଆମେରିକା ସମାଜଠାରୁ ବହୁତ ତଫାତ୍ । ତେଣୁ ଏମାନଙ୍କ ଭିତରେ ତଫାତ୍ ରହିବା ସ୍ୱାଭାବିକ; କିନ୍ତୁ ଛାତ୍ର ହିସାବରେ ପୃଥିବୀ ତମାମ ଛାତ୍ରସମାଜ ଭିତରେ କେତେଗୁଡ଼ିଏ ସାମଞ୍ଜସ୍ୟ ରହିବା କଥା । ଇଂଲଣ୍ଡ ଓ ଆମେରିକାର ଛାତ୍ରସମାଜ ଭିତରେ ଯେଉଁ ସାମଞ୍ଜସ୍ୟ ଅଛି, ଆମ ଦେଶ ଛାତ୍ରମାନଙ୍କ ସହିତ ଏମାନଙ୍କର ସେ ପ୍ରକାର ସାମ୍ୟ ନାହିଁ । ସେଥିଲାଗି ଦେଶଗତ, ସାମାଜିକ ଓ ଶିକ୍ଷାନୀତିଗତ କାରଣମାନ ରହିଛି । ଉଦାହରଣ ସ୍ୱରୂପ ଇଂଲଣ୍ଡ ଓ ଆମେରିକାର ଅଧିକାଂଶ ଛାତ୍ର ବିଶ୍ୱବିଦ୍ୟାଳୟରେ ବହୁ ଆଗ୍ରହର ସହିତ ପଢ଼ାପଢ଼ି କରନ୍ତି । ସେମାନେ ଲାଇବ୍ରେରିରେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ସମୟ କଟାନ୍ତି । ଶିଖିବାକୁ ସେମାନଙ୍କର ଅଦମ୍ୟ ଆଗ୍ରହ ଓ ଉତ୍ସାହ; କିନ୍ତୁ ଆମ ଦେଶର ବହୁ ଛାତ୍ର ଲାଇବ୍ରେରିକୁ ଖୁବ୍ କମ୍ ଯାଆନ୍ତି । ଅନେକଙ୍କର ପଢ଼ାପଢ଼ିରେ ବିଲ୍‌କୁଲ୍ ଆଗ୍ରହ ନ ଥାଏ; ତଥାପି ସେମାନେ କଲେଜରେ ଫେଲ୍‌ଫାଲ୍ ହୋଇ ମଧ ରହିଥାଆନ୍ତି; କାରଣ ସେମାନଙ୍କର ଅନ୍ୟ କୌଣସି ଉପାୟ ବା ପନ୍ଥା ନ ଥାଏ । ପ୍ରକୃତରେ ଜ୍ଞାନ ଅର୍ଜନ ପାଇଁ ଅନେକେ କଲେଜକୁ ଆସନ୍ତି ନାହିଁ । କୌଣସିମତେ ପଢ଼ାପଢ଼ି ଟିକିଏ କରି ପାସ୍ କରିବା ପାଇଁ ସେମାନେ ବ୍ୟଗ୍ର । ଏଠି ଯେକୌଣସି କଲେଜ ଲାଇବ୍ରେରିରେ ପହଞ୍ଚିଗଲାକ୍ଷଣି ଶହ ଶହ ପିଲାଙ୍କୁ ଦେଖିଲେ ପେଟ ପୂରିଯିବ; କିନ୍ତୁ ଆମ ଦେଶରେ ଯେଉଁଠି ବା ଲାଇବ୍ରେରି ଅଛି, ସେଠି ଚୌକି ବେଞ୍ଚ ଖାଲି ପଡ଼ିଥାଏ । ଆମର କଲେଜ ଫାଟକ, ଗଛମୂଳ, ପୋର୍ଟିକ ତଳ, ପାନ ଦୋକାନ ଛାତ୍ରମାନଙ୍କର ବଡ଼ କୋଳାହଳମୟ ସ୍ଥାନ । କାରଣ କ'ଣ ? ଆମ ପିଲେ କ'ଣ ତାହା ହେଲେ ସ୍ୱଭାବତଃ ଅଳସୁଆ ? ଶିକ୍ଷା ପ୍ରତି ବୀତସ୍ପୃହ ? କୌଣସି କାମ ପାଇଁ ବୀତସ୍ପୃହ ? ଆପାତତଃ ସେଇୟା ମନେହେବ ଏବଂ ହୁଏତ ଏହା ଠିକ୍; କିନ୍ତୁ କାହିଁକି ?

ଏହା ନିଶ୍ଚିତ ନୁହେଁ ଯେ ଆମ ପିଲାଙ୍କର ବୁଦ୍ଧି କମ୍ ବା କାମ କରିବା ଲାଗି ମାନସିକ କ୍ଷମତା କମ୍ । ହୋଇପାରେ ଯଥେଷ୍ଟ ପୁଷ୍ଟିକର ଖାଦ୍ୟର ଅଭାବ ହେତୁ କେତେକଙ୍କର ପରିଶ୍ରମ କରିବା ଲାଗି ଯଥେଷ୍ଟ ଶକ୍ତି ନଥାଇ ପାରେ; କିନ୍ତୁ ସମସ୍ତଙ୍କ ପକ୍ଷରେ ଏହା ସତ୍ୟ ନୁହେଁ ।

Digitized by PPRACHIN, SOA

ଏଠାକାର କଲେଜରେ ପିଲାମାନେ ହପ୍ତାରେ ଦଶରୁ ପନ୍ଦର ଷୋଳ ଘଣ୍ଟା ଯାଏ କ୍ଲାସ କରନ୍ତି; ଅର୍ଥାତ୍ ଦିନକୁ ଦୁଇ ତିନି ଘଣ୍ଟା କରି କ୍ଲାସକୁ ଯାଆନ୍ତି; ତା ପରେ ଅବଶିଷ୍ଟ ସମୟ ଲାଇବ୍ରେରିରେ କଟାନ୍ତି । ପ୍ରଥମତଃ ସେମାନଙ୍କୁ ଲାଇବ୍ରେରିକୁ ଯିବା ଲାଗି ବେଶି ସମୟ ମିଳେ । ଦ୍ୱିତୀୟତଃ ସେମାନଙ୍କୁ ଏପରି ଭାବରେ କ୍ଲାସରେ ପଢ଼ାଯାଏ ଯେ ଲାଇବ୍ରେରିରେ ଯାଇ ନ ପଢ଼ିଲେ, ସେମାନେ ପାରି ଉଠିବେ ନାହିଁ । ଆମ ଦେଶରେ ଅଧ୍ୟାପକମାନେ ପ୍ରତ୍ୟେକ ବିଷୟବସ୍ତୁକୁ ଯେପରି ବିଶଦ ଭାବରେ ପଢ଼ାନ୍ତି, ଏମାନେ ସେପରି ପଢ଼ାନ୍ତି ନାହିଁ । ତେଣୁ ଅଧ୍ୟାପକ ଓ ଛାତ୍ରମାନେ ପଢ଼ିବା ପାଇଁ ବେଶି ସମୟ ପାଆନ୍ତି । ତା'ଛଡ଼ା ଲାଇବ୍ରେରିରେ ନିୟମିତ ଭାବରେ ନ ପଢ଼ିଲେ ମଝିରେ ମଝିରେ ହେଉଥିବା ପରୀକ୍ଷାରେ ଛାତ୍ରମାନେ ଭଲ କରିପାରିବେ ନାହିଁ ଏବଂ ଏହିସବୁ ପରୀକ୍ଷାର ଫଳାଫଳ ଉପରେ ସେମାନଙ୍କର ଶେଷ ପାସ୍ ଫେଲ ନିର୍ଭର କରେ । ଯେଉଁ ଶିକ୍ଷକମାନେ ପଢ଼ାନ୍ତି, ସାଧାରଣତଃ ସେମାନେ ହିଁ ପରୀକ୍ଷା କରନ୍ତି ଏବଂ ପରୀକ୍ଷା ଶେଷ ଫଳାଫଳ ମଧ୍ୟ ସେମାନଙ୍କ ଉପରେ ନିର୍ଭର କରେ । ତେଣୁ ଛାତ୍ରମାନେ ନିୟମିତ ଭାବେ ପଢ଼ାପଢ଼ି କରି ଶିକ୍ଷକଙ୍କୁ ବରାବର ଖୁସି କରି ରଖିବାକୁ ଚେଷ୍ଟା କରନ୍ତି ।

ଆମ ଦେଶରେ ପିଲାମାନେ ବର୍ଷସାରା ନ ପଢ଼ି ପରୀକ୍ଷା ପୂର୍ବରୁ କିଛି ନୋଟ୍ ଘୋଷି ପାସ୍ କରି ଯାଇପାରନ୍ତି । ତେଣୁ ବର୍ଷସାରା ନିୟମିତ ଭାବେ ନ ପଢ଼ିଲେ ମଧ୍ୟ ତାଙ୍କର ଚଳେ; କିନ୍ତୁ ମାସେ ଦି ମାସ ପଢ଼ି ଯେଉଁ ପିଲା ପାସ୍ କରେ, ତାର ପ୍ରକୃତ ଜ୍ଞାନ ହୁଏ ନାହିଁ । ସେ ପରୀକ୍ଷା କାଗଜରେ କିଛି ଦିନ ଧରି ମୁଣ୍ଡରେ ମାଡ଼ିଗୁଞ୍ଜି ଭର୍ତ୍ତି କରିଥିବା ପାଠକୁ କୌଣସି ମତେ ଉଦ୍‌ଗାରି ଦେଲା ପରେ ଶାନ୍ତି ଅନୁଭବ କରେ । ଫଳରେ ଜୋର କରି ଯାହା ଅର୍ଜନ କରିଥାଏ, ପରୀକ୍ଷା ପରେ ତାହା ଅତି ଶୀଘ୍ର ଭୁଲିଯାଏ ।

ଯେଉଁ ଶିକ୍ଷକ ବର୍ଷ ତମାମ ଧରି ପାଠ ପଢ଼ାଇଥାଏ, ତାର ଏ ଦିଗରେ କୌଣସି ଦାୟିତ୍ୱ ନାହିଁ; କାରଣ କର୍ତ୍ତାମାନଙ୍କ ଆଖିରେ ସେ ପରୀକ୍ଷା ବିଷୟରେ ଯଥେଷ୍ଟ ଦାୟିତ୍ୱ ସମ୍ପନ୍ନ ଓ ବିଶ୍ୱାସୀ ନୁହେଁ । ପାଠ ପଢ଼ାଇବା ତାର କାମ; କିନ୍ତୁ ପଢ଼ାଇବା ଅନୁସାରେ ପ୍ରଶ୍ନ ତିଆରି କରି ପରୀକ୍ଷା କରିବାର ଯୋଗ୍ୟତା ତାର ନାହିଁ ବୋଲି ଆମେ ଭାବୁ । ହଜାରେ ମାଇଲ ଦୂରରେ ଥିବା ଆଉ ଜଣେ ଅନାମଧେୟ ଲୋକ ତା'ଠାରୁ ବେଶି ଦାୟିତ୍ୱ ସମ୍ପନ୍ନ ଏବଂ ଯୋଗ୍ୟ ବୋଲି ବିବେଚିତ ହୁଏ । ବର୍ଷେ ଦି'ବର୍ଷ ଧରି ପାଠ ପଢ଼ାଉଥିବା ଶିକ୍ଷକ ପିଲା ଉପରେ ପଢ଼ା ନେଇ ଯେତେ ଖୁସି ବା ବିରକ୍ତ ହେଉନା କାହିଁକି, ପିଲାର କିଛି ଯାଏ ଆସେନା । ଫଳରେ ତାର ଭବିଷ୍ୟତ ପାସ୍ ଫେଲ ନିର୍ଭର କରେ ତାର ଜାତକ ବା ହାତରେ ଥିବା ରେଖା ଉପରେ । ଦେଖା ଯାଉଛି, ଆମ ଦେଶର ଶତକଡ଼ା ଷାଠିଏ ସତୁରିଜଣ ପିଲାଙ୍କର ଜାତକ ଭାଗ୍ୟହୀନ, ହାତରେଖା ବକ୍ର; ସେମାନଙ୍କ ଉପରେ ଶୁକ୍ର ନକ୍ଷତ୍ରର କଣା ଆଖିର ନଜର । ଅଥଚ ଏଠି ଶତକଡ଼ା ନବେଙ୍କ ଭାଗ୍ୟ ଭଲ, ହାତରେଖା ସିଧା ଓ ସେମାନଙ୍କ ଉପରେ ଶୁକ୍ର ନକ୍ଷତ୍ରର ଶୁଭ ଦୃଷ୍ଟିପାତ । ତା ନହେଲେ ଆମ ପିଲାଏ ଏତେ ସଂଖ୍ୟାରେ ଫେଲ୍ ହେଉଥିଲା ବେଳେ ଏମାନେ ଏତେ ସଂଖ୍ୟରେ ପାସ କରନ୍ତି କିପରି ?

ଆମ ଦେଶର ଛାତ୍ରମାନଙ୍କର ଦୁଇ ବର୍ଷର ପଢ଼ା ଆଠ ଦଶଦିନ ଭିତରେ ହଜାରେ ମାଇଲ ଦୂରରେ ଥିବା ଅନାମଧେୟ ପ୍ରଶ୍ନକର୍ତ୍ତାଙ୍କର ପ୍ରଶ୍ନାବଳୀ ଦ୍ୱାରା ମପାଯାଏ । ଖାଲି ସେତିକି ନୁହେଁ, ଏପରି ପରୀକ୍ଷାରେ ଜଣେ ଛାତ୍ର ଅର୍ଥଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଦେଖାଇଥିଲେ ମଧ୍ୟ ସେ ଯଦି କୌଣସି କାରଣରୁ ଠିକ୍ ସେହି ଆଠ ଦଶଦିନ ମଧ୍ୟରେ ସାହିତ୍ୟିକ ଉପେନ୍ଦ୍ରଭଞ୍ଜଙ୍କର ସାହିତ୍ୟରସ ଉପଲବ୍ଧି କରିବାର ଯୋଗ୍ୟତା ନ ଦେଖାଇ ପାରିଲା, କିମ୍ୱା ତିନିଘଣ୍ଟା ଭିତରେ ସଂସ୍କୃତ ବ୍ୟାକରଣ ମନରେ ନଆଣି ପାରିଲା, ତା ହେଲେ ତାର ଦୁଇବର୍ଷର ସମସ୍ତ ପଢ଼ା ବ୍ୟର୍ଥ

Digitized by PPRACHIN, SOA

ହୋଇଗଲା—ଆଉ ଥରେ ପୁଣି ସବୁ ପଢ଼ିବା ଦରକାର । ତାର ଅର୍ଥଶାସ୍ତ୍ରରେ ପାଣ୍ଡିତ୍ୟର କୌଣସି ମୂଲ୍ୟ ନାହିଁ । ଏ ପ୍ରକାର କଠିନ ଅଗ୍ନିପରୀକ୍ଷା ଦେଇ ଏଠାକାର ପିଲାଏ ଯାଆନ୍ତି ନାହିଁ । ଶେଷ ପରୀକ୍ଷାରେ କୌଣସି ବିଷୟରେ ଫେଲ୍ ହେଲେ, ସେହି ବିଷୟଟିରେ ହିଁ ଆଉ ଥରେ ପରୀକ୍ଷା ଦିଅନ୍ତି, ଅନ୍ୟାନ୍ୟ ସବୁ ବିଷୟରେ ଦଣ୍ଡିତ ହୁଅନ୍ତି ନାହିଁ । ବିଭିନ୍ନ ବିଷୟବସ୍ତୁ ବିଭିନ୍ନ ସମୟରେ ସାରିବାକୁ ଚେଷ୍ଟା କରନ୍ତି; ଫଳରେ ସବୁ ସମୟରେ ସେମାନଙ୍କୁ ପଢ଼ିବାକୁ ହୁଏ ।

ପିଲାମାନଙ୍କର ପଢ଼ା ଆଗ୍ରହ ପଛରେ ଶିକ୍ଷା ପ୍ରଣାଳୀ ବ୍ୟତୀତ ଅନ୍ୟାନ୍ୟ କାରଣମାନ ମଧ ଅଛି । ଏଠାରେ ଯେକୌଣସି କଲେଜକୁ ଗଲେ ଲାଇବ୍ରେରି ଦେଖାଇବାରେ କର୍ତ୍ତୃପକ୍ଷ ଗର୍ବ ଅନୁଭବ କରନ୍ତି । ଲାଇବ୍ରେରିଟି ସାଧାରଣତଃ ଅନ୍ୟାନ୍ୟ ଘରଠାରୁ ଢେର୍ ଭଲ ଏବଂ ଏହାର ଆଲୋକ, ଆସବାବ ପ୍ରଭୃତିର ସାଜସଜ୍ଜା ଅତି ଚମତ୍କାର । ରାତି ବାରଟାଯାଏ ଲାଇବ୍ରେରିଟି ଆଲୋକରେ ଉଦ୍‌ଭାସିତ । ପ୍ରତି ପାଞ୍ଚ ଛଅ ଫୁଟ ବ୍ୟବଧାନରେ ଆଲୋକ ଝୁଲୁଥାଏ । ବସିବା ଜାଗାମାନ ବଡ଼ ଆରାମପ୍ରଦ । ମୁଣ୍ଡ ତଳେ ଇଟା ଦେଇ ଶୋଇବା ଆଦର୍ଶ ଲାଇବ୍ରେରିରେ ନାହିଁ । ଆମ କଲେଜ ଲାଇବ୍ରେରିମାନଙ୍କରେ ପଢ଼ିବା ସମୟତକ ଯେ କେବଳ କଠିନ ତପ ସାଧନ କରିବାକୁ ହୁଏ ତା’ ନୁହେଁ, ବହି ଖଣ୍ଡେ ପାଇବା ପାଇଁ ଆହୁରି ବେଶି ସାଧନା କରିବାକୁ ହୁଏ । ହାତରେଖା ସିଧା ଥିବ—ବହି ଦେବା ଚପରାଶିର ମନ ଭଲ ଥିବ— ତା’ହେଲେ ଘଣ୍ଟାଏ ଭିତରେ ବହିଖଣ୍ଡେ ମିଳିଯାଇପାରେ । ଅନେକ ସମୟ ଧରି ଠିଆ ହୋଇ ବହି ଯୋଗାଡ଼ କରି କାଠ ବେଞ୍ଚରେ ଆସି ବସିଲା ପରେ ପରେ ହିଁ ନିଦ ଆସିଯିବା ସ୍ୱାଭାବିକ । ଅବଶ୍ୟ ଏ ପ୍ରକାର ପରିସ୍ଥିତିରେ ବିଶେଷ ଆରାମପ୍ରଦ ଚୌକି ହେଲେ ପରିଶ୍ରାନ୍ତ ଛାତ୍ରମାନେ ଏପରି ନିଘୋଡ଼ ନିଦରେ ଶୋଇପଡ଼ିବେ ଯେ ଘଣ୍ଟା ବାଜିଲେ ମଧ ଶୁଣି ପାରିବେ ନାହିଁ । ତେଣୁ ଛାତ୍ର ସମାଜର ମଙ୍ଗଳ ଦୃଷ୍ଟିରୁ ବୋଧହୁଏ ଆମର ଲାଇବ୍ରେରି ନୀତି ବଦଳିବା ଉଚିତ ନୁହେଁ !

ଲାଇବ୍ରେରି ଅବସ୍ଥା ବଦଳିଲେ ମଧ ଆମ ପିଲା ଓ ଶିକ୍ଷକଙ୍କର ଏତେ କ୍ଲାସ ଯେ ପଢ଼ିବା ପାଇଁ କାହାକୁ ସମୟ ମିଳେନା । ଛୁଟି ସମୟରେ ନାନା କାରଣରୁ ଲାଇବ୍ରେରି ବନ୍ଦ ହୋଇଯାଏ । ଏମାନଙ୍କର ବିଶ୍ୱବିଦ୍ୟାଳୟରେ ଏହା କଳ୍ପନାତୀତ । ଲାଇବ୍ରେରି ହେଲା ଶିକ୍ଷାନୁଷ୍ଠାନର ହୃତ୍‌ପିଣ୍ଡ ।

ଏହାଛଡ଼ା ଏମାନଙ୍କର ପଢ଼ା ପ୍ରତି ଅତ୍ୟଧିକ ଆଗ୍ରହ ପଛରେ ଅନ୍ୟାନ୍ୟ ସାମାଜିକ କାରଣ ରହିଛି । ପ୍ରତ୍ୟେକ ଛାତ୍ର ଉଣା ଅଧିକେ ଜାଣେ, ସେ କାହିଁକି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାର ଶିକ୍ଷା ପାଉଛି ଏବଂ କଲେଜ ଶିକ୍ଷା ପରେ ସେ କିପରି ଭାବରେ ଜୀବନ ଯାପନ କରିବ । ଅର୍ଥାତ୍ ପ୍ରତ୍ୟେକ ଶିକ୍ଷା-ନିର୍ଘଣ୍ଟ ପଛରେ ଗୋଟିଏ ସୁଚିନ୍ତିତ ଯୋଜନା ରହିଛି । ଶିକ୍ଷା ପ୍ରତି ଜନସାଧାରଣ ତଥା ଶାସନକର୍ତ୍ତାଙ୍କର ସମ୍ମାନ ଓ ଆଗ୍ରହ ରହିଛି । ତେଣୁ ପ୍ରତ୍ୟେକ ଛାତ୍ର ତାର ଭବିଷ୍ୟତ ଉନ୍ନତି ଲାଗି ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରୁଛି । ଆମ ଦେଶରେ ଶିକ୍ଷା ପ୍ରତି ସେତେ ବେଶି ସାମାଜିକ ସମ୍ମାନ ନାହିଁ । ଆମେମାନେ ଉଚ୍ଚ ଶିକ୍ଷା ବିଷୟରେ ଘଣ୍ଟାଘଣ୍ଟା ଧରି ବକ୍ତୃତା କରୁ ସତ; କିନ୍ତୁ ସବୁ ପରୀକ୍ଷାରେ ପ୍ରଥମ ହୋଇ ଏମ୍.ଏ.ପର୍ଯ୍ୟନ୍ତ ପାସ୍ କରିଥିବା ଜଣେ ଶିକ୍ଷିତ ଲୋକକୁ ଜଣେ ବି.ଏ.ପାସ୍ କରିଥିବା ଲୋକଠାରୁ କମ୍ ଦରମା ଓ ସମ୍ମାନ ଦେଖାଉ । ଫଳରେ ପିଲାମାନଙ୍କ ମନରେ ଶିକ୍ଷା ପ୍ରତି ଆଗ୍ରହ କମିଯାଏ । ଜଣେ ଯେତେ ବଡ଼ ନାମଜାଦା ବିଦ୍ୱାନ ଅଧ୍ୟାପକ ହେଉ ପଛେ ଅନ୍ୟାନ୍ୟ କର୍ମଚାରୀଙ୍କ ଠାରୁ ସେ କମ୍ ପାରିଶ୍ରମିକ ପାଏ । ଅଧ୍ୟାପକର ସାମାଜିକ ଦାୟିତ୍ୱ ଜଣେ ଶାସନ ପରିଚାଳନାରେ ନିଯୁକ୍ତ ଥିବା ଅଫିସରଙ୍କଠାରୁ କମ୍ ବୋଲି ଭାରତର ସମାଜବାଦୀ ସରକାରଙ୍କର ଆଜିଯାଏଁ ଦୃଢ଼ମତ ପ୍ରକାଶ ପାଇଆସିଛି । ତା ପାଣ୍ଡିତ୍ୟରେ ମୁଗ୍‌ଧ ହୋଇ ତାର ଭବିଷ୍ୟତ ଉଜ୍ଜ୍ୱଳ କରାଇବାକୁ ହେଲେ ତାକୁ ଅନ୍ୟାନ୍ୟ ବିଭାଗକୁ, ବିଶେଷତଃ ସବୁଠୁ ଉପରପାହିଆ ଓ ସମ୍ମାନାସ୍ପଦ ଆଇ.ଏ.ଏସ. ସ୍ତରକୁ ଉଠାଇବା ଦରକାର । ତା ନ ହେଲେ ତାର ମୁକ୍ତି ନାହିଁ;

Digitized by PPRACHIN, SOA

ଅଥାତ୍ ଅତି ପଣ୍ଡିତ ଓ ଦକ୍ଷ ଲୋକର ଶିକ୍ଷାକ୍ଷେତ୍ରରେ ରହିବା ଯେପରି ଅବାଞ୍ଛନୀୟ । ଏହା ପୁଣି ସାମ୍ୟବାଦ ପ୍ରତିଷ୍ଠା କରିବା ପାଇଁ ଡିଣ୍ଡିମ ବଜାଉଥିବା ସମାଜର ମନୋଭାବ । ଏପରି କ୍ଷେତ୍ରରେ ଆମ ଦେଶ ଛାତ୍ରମାନଙ୍କର ଶିକ୍ଷା ପ୍ରତି ଆଗ୍ରହ ବା ହେବ କାହିଁକି ? ଏ ପ୍ରକାର ଶିକ୍ଷକବର୍ଗ ଛାତ୍ରମାନଙ୍କୁ ବା କିପରି ଅନୁପ୍ରାଣିତ କରାଇପାରିବେ ?

ଏଠାରେ ବହୁ ଛାତ୍ରଙ୍କର ଯୋଗ୍ୟତା ଓ ଉଚ୍ଚ ଶିକ୍ଷା ପ୍ରତି ବିଶେଷ ଆଗ୍ରହ ଥିଲେ ସୁଦ୍ଧା ଅନେକ ସମୟରେ କେବଳ ଅର୍ଥ ଅଭାବରୁ ସେମାନେ ନିଜ ଇଚ୍ଛା ଅନୁସାରେ ଭଲ ଭଲ ବିଶ୍ୱବିଦ୍ୟାଳୟମାନଙ୍କୁ ଯାଇପାରନ୍ତି ନାହିଁ । ଏଠାରେ କଲେଜ ଶିକ୍ଷା ଲାଗି ବହୁତ ଖର୍ଚ୍ଚ କରିବାକୁ ପଡ଼େ । ହାରବାଡ଼ ପ୍ରଭୃତି ବିଶିଷ୍ଟ ବିଶ୍ୱବିଦ୍ୟାଳୟମାନଙ୍କରେ ପଢ଼ିବାକୁ ହେଲେ ବର୍ଷକୁ ପାଞ୍ଚହଜାର ଡଲାର (ଅର୍ଥାତ୍ ପ୍ରାୟ ଚାଳିଶ ହଜାର ଟଙ୍କା) ଖର୍ଚ୍ଚ ହୁଏ । ଅନ୍ୟାନ୍ୟ କଲେଜରେ ତିନି ହଜାର ଡଲାରରୁ କମ୍ ଖର୍ଚ୍ଚ ହୁଏ ନାହିଁ । ଆମେରିକା ଯେତେ ଧନୀ ଦେଶ ହେଲେ ସୁଦ୍ଧା ଛାତ୍ର ପିଛା ବର୍ଷକୁ ଏତେ ଗୁଡ଼ାଏ ଖର୍ଚ୍ଚ ଖୁବ୍ ବେଶି । ଅବଶ୍ୟ ଶିକ୍ଷାନୁଷ୍ଠାନମାନଙ୍କରେ ବହୁ ଛାତ୍ରବୃତ୍ତି ରହିଛି; କିନ୍ତୁ ଏହା ଯଥେଷ୍ଟ ନୁହେଁ । ତା' ଛଡ଼ା ପିଲାମାନେ ପଢ଼ିବା ସମୟରେ ଅଫିସ, ହୋଟେଲ ପ୍ରଭୃତିରେ ପ୍ରତିଦିନ କିଛି ସମୟ କାମ କରି ଟଙ୍କା ରୋଜଗାର କରନ୍ତି । କେତେକ ଅନୁଷ୍ଠାନରେ ତିନିଭାଗରୁ ଭାଗେ ପିଲା ଏପରି କାମ କରି ଖର୍ଚ୍ଚ ଚଳାନ୍ତି । ଏମାନେ ଯେକୌଣସି କାମ କରିବାରେ ପଶ୍ଚାତ୍‌ପଦ ହୁଅନ୍ତି-ନାହିଁ । କଲେଜକୁ ଭିତ୍ତି କରି ଗଢ଼ିଉଠିଥିବା ଗୋଟିଏ ଗୋଟିଏ ଛୋଟିଆ ସହରର ଅଧିକାଂଶ ହୋଟେଲରେ କାମ କରୁଥିବା ଲୋକ ହେଉଛନ୍ତି କଲେଜ ପିଲା ।

କଲେଜ ଭିତରେ ମଧ୍ୟ ବହୁ କାମ ଛାତ୍ରଛାତ୍ରୀମାନେ କରନ୍ତି । ଏ ଦିଗରେ ଆମର ବହୁତ ଶିଖିବାର ଅଛି ।

ଟଙ୍କା ରୋଜଗାରର ସୁବିଧା ଥିଲେ ସୁଦ୍ଧା ମୋର ମନେ ହେଲା ଯେ ଅତ୍ୟଧିକ ଖର୍ଚ୍ଚ ଯୋଗୁଁ ବହୁ ଛାତ୍ର ଉଚ୍ଚ ଶିକ୍ଷା ପାଇପାରୁ ନାହାନ୍ତି । ବିଶେଷତଃ ନିଗ୍ରୋ ଛାତ୍ରମାନଙ୍କର ବିଶେଷ ଅସୁବିଧା । ଯେଉଁ କଲେଜମାନଙ୍କରେ କଳାଗୋରାବର୍ଣ୍ଣ ବିଚାର ନାହିଁ, ସେଠାରେ ମଧ୍ୟ ଅର୍ଥ ଅଭାବରୁ ନିଗ୍ରୋମାନେ ଭଲ ଭଲ କଲେଜକୁ ଆସି ପାରନ୍ତି ନାହିଁ । ଆମ ଦେଶରେ ହରିଜନ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ସରକାରଙ୍କ ତରଫରୁ ଯେପରି ସୁବିଧା କରାହେଉଛି, ସେପରି ସୁବିଧା ଏଠାରେ ନାହିଁ । ଏ ଦିଗରେ ଆମେରିକା ସରକାରଙ୍କ ବହୁତ କିଛି କରିବାର ଅଛି ବୋଲି ମୋର ମନେହେଲା ।

■ ଖ ■

ଛାତ୍ରମାନଙ୍କର ଚାଲିଚଳଣ

''ନଇକେ ବାଙ୍କ୍, ଦେଶକେ ଫାଙ୍କ୍''– ଏ ବିଷୟରେ କାହାର ସନ୍ଦେହ ନାହିଁ । ସେଥିଲାଗି ତ ଲୋକେ ବିଭିନ୍ନ ଦେଶର ଲୋକଙ୍କର ବିଭିନ୍ନ ଚାଲିଚଳଣି, ରୀତିନୀତି ଦେଖିବା ପାଇଁ ବିଦେଶ ଭ୍ରମଣରେ ବାହାରନ୍ତି । ଯାହା ଗୋଟିଏ ଦେଶର ସାଂସ୍କୃତିକ ରୀତିନୀତି, ଆଉ ଗୋଟିଏ ଦେଶରେ ତାହା ସଂପୂର୍ଣ୍ଣ ଅସାଂସ୍କୃତିକ ହୋଇପାରେ । ତେଣୁ ଏ କ୍ଷେତ୍ରରେ କୌଣସି ଅସାମଞ୍ଜସ୍ୟହୀନ ସାର୍ବଜନୀନ ନିୟମରେ ଉପନୀତ ହେବା ସଂଭବ ନୁହେଁ । ତଥାପି ସାମାଜିକ ଭଲମନ୍ଦ, ବ୍ୟକ୍ତି ବା ସମଷ୍ଟିଗତ ନ୍ୟାୟ, ଅନ୍ୟାୟ, ସୌନ୍ଦର୍ଯ୍ୟ ଓ କଳା ପ୍ରଭୃତି ଦୃଷ୍ଟିକୋଣରୁ ଅନେକ ସମୟରେ ବ୍ୟକ୍ତି ବା ଗୋଷ୍ଠୀର ଚାଲିଚଳଣ, ଆଚାର-ବ୍ୟବହାରକୁ ଆମ୍ଭେମାନେ ବିଚାର କରିଥାଉଁ; କିନ୍ତୁ ଏପରି

Digitized by PPRACHIN, SOA

ବିଚାର କଲାବେଳେ ଆମର ସବୁବେଳେ ମନେ ରଖିବା ଉଚିତ୍ ଯେ, ଏ ପ୍ରକାର ବିଚାର୍ ଆପେକ୍ଷିକ । ତେଣୁ କୌଣସି ଗୋଟିଏ ରୀତିନୀତିକୁ ହଠାତ୍ ନାପସନ୍ଦ ନ କରି ତାର ତାତ୍ପର୍ଯ୍ୟ ବୁଝିବା ଉଚିତ ଏବଂ ନିଜର ରୁଚି, ସାମାଜିକ ଆବଶ୍ୟକତା ଓ ଦେଶକାଳପାତ୍ର ବିଚାର ଅନୁସାରେ ତାହା ଗ୍ରହଣ କିମ୍ୱା ତ୍ୟାଗ କରାଯାଇପାରେ । ସେହି ଦୃଷ୍ଟିରୁ ଏମାନଙ୍କର ଚାଲିଚଳଣ ବିଚାର କରିବା ଉଚିତ ।

ଆମେରିକାର ଛାତ୍ରମାନଙ୍କର ଚାଲିଚଳନ ଓ ବ୍ୟବହାର ଆମ ଦେଶର ଛାତ୍ରମାନଙ୍କଠାରୁ ବହୁତ ଅଲଗା । ସେଠା ଲୋକେ ସବୁ କ୍ଷେତ୍ରରେ ବ୍ୟକ୍ତିଗତ ସ୍ୱାଧୀନତାକୁ ପସନ୍ଦ କରନ୍ତି । ସବୁ ବିଷୟରେ ସେମାନେ ଚାହାନ୍ତି ସ୍ୱାଧୀନତା । ଜଣେ ଛାତ୍ର ଅଧ୍ୟାପକ ନ ଥିଲାବେଳେ ନିଜ ନିଜ ବନ୍ଧୁମାନଙ୍କ ସହିତ ଯେପରି ବ୍ୟବହାର କରନ୍ତା, ଅଧ୍ୟାପକଙ୍କ ଆଗରେ ମଧ୍ୟ ସେହିପରି ବ୍ୟବହାର କରେ । କଲେଜ ଓ ସ୍କୁଲରେ ପୁଅଝିଅମାନଙ୍କର ଅବାଧ ମିଳାମିଶା, ଆମ ଦେଶର ସାଧାରଣ ମିଳାମିଶାଠାରୁ ଅନେକ ତଫାତ୍ । କଲେଜ ଭିତରେ ପୁଅଝିଅମାନେ କାନ୍ଧରେ ହାତ ପକାଇ ଚାଲନ୍ତି । କଲେଜ କ୍ଲାସ୍ ଭିତରେ ହାତ ବା କାନ୍ଧ ଉପରେ ହାତ ରଖି ବସି ପାରନ୍ତି । ଥରେ ଗୋଟିଏ କଲେଜରେ ଆମେମାନେ ବକ୍ତୃତା ଶୁଣିବାକୁ ଯାଇଥିଲୁ । କଲେଜର ଡିନ୍ ଏହି ସଭାର ସଭାପତି ଏବଂ ସେହି କଲେଜର ଦୁଇଜଣ ଅଧ୍ୟାପକ ବକ୍ତୃତା ଦେବା ପାଇଁ ଆସିଥାଆନ୍ତି । ଠିକ୍ ଆମ ଆଗ ବେଞ୍ଚରେ ଜଣେ ଝିଅ ଆଉ ଜଣେ ପୁଅର ଛାତିଉପରେ ମୁଣ୍ଡ ରଖି ବସି ବକ୍ତୃତା ଶୁଣୁଥାଏ । ସାରା ଘଣ୍ଟାଟିଯାକ ସେ ସେପରି ଆଉଜି ବସିଥାଏ ଏବଂ ମଝିରେ ମଝିରେ ଦୁଇଜଣଯାକ ମୃଦୁ ଚୁମ୍ବନ ମଧ୍ୟ ଦିଆଦେଇ ହେଉଥାନ୍ତି । ସେମାନଙ୍କ ପାଖରେ ଅନ୍ୟ ପିଲାମାନେ ବସିଥାନ୍ତି; କିନ୍ତୁ ସେଥିପ୍ରତି କାହାର ଭ୍ରୂକ୍ଷେପ ନଥିଲା । ଏହା ଦେଖି ଆମେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଗଲୁ । ବକ୍ତୃତା ପରେ ପରେ ସଭାପତି ଡିନ୍‌ଙ୍କ ସହିତ ଆମର ଖାଇବା ନିମନ୍ତ୍ରଣ ଥିଲା । ଖାଇଲା ବେଳେ ମୁଁ ଡ଼ିନ୍‌ଙ୍କୁ ଏ କଥା ପଚାରିଲି । ସେ ଟିକିଏ ଅପ୍ରସ୍ତୁତ ହୋଇ କହିଲେ ଯେ ତାଙ୍କୁ ମଧ୍ୟ ଏପରି ବ୍ୟବହାର ଭଲ ଲାଗେ ନାହିଁ; କିନ୍ତୁ ପିଲାମାନେ ସ୍ୱାଧୀନ । ତାଙ୍କୁ କଣ କରାଯାଇପାରେ ? ଅବଶ୍ୟ କ୍ଲାସରେ ଏ ପ୍ରକାର ବ୍ୟବହାର ଆମେମାନେ ମାତ୍ର ଥରେ ଦେଖିଛୁ । କ୍ଲାସ ବାହାରେ ବହୁତ ଥର ଦେଖିଛୁ । କଲେଜ ପାର୍କରେ, ଖେଳପଡ଼ିଆରେ, ରାସ୍ତାରେ ପୁଅଝିଅମାନେ କୁଣ୍ଢାକୁଣ୍ଢି ହୋଇ ଚୁମା ଦେବା ଦୃଶ୍ୟ ଅତି ସାଧାରଣ । ଅଧ୍ୟାପକ ବା ଅଭିଭାବକମାନେ ଥିଲେ ମଧ୍ୟ ସେମାନଙ୍କର ବିଶେଷ ଖାତିର ନାହିଁ । ଆଉ ଥରେ ଗୋଟିଏ ପୁଅ ଗୋଟିଏ ଝିଅକୁ କଲେଜ ମଝିହଣ୍ଡାରେ ତାକୁ କାନ୍ଧରେ ବସାଇ ଚାଲିଥାଏ । ଏଥିରୁ ଜଣାଯାଏ, ପ୍ରତ୍ୟେକ ବିଷୟରେ ଏମାନେ କେତେଦୂର ସ୍ୱାଧୀନ ! ଅନେକ ଅଧ୍ୟାପକ ଏ ସବୁ ପସନ୍ଦ କରନ୍ତି ନାହିଁ । ସେମାନଙ୍କ ମତରେ ଗତ ଦଶବର୍ଷ ମଧ୍ୟରେ ହିଁ ଏ ପ୍ରକାର ଅସ୍ୱାଭାବିକ ବ୍ୟବହାର ବେଶି ଦେଖାଯାଉଛି; ତା' ଆଗରୁ ନଥିଲା । କ୍ଲାସରୁମ୍‌ରେ ବର୍ଣ୍ଣିତ ହୋଇଥିବା ଘଟଣା ଅତି ସାଧାରଣ ନ ହେଲେ ସୁଦ୍ଧା ଦୁଇଜଣ ଯେ ଏ ପ୍ରକାର ବ୍ୟବହାର ଦେଖାଇ ପାରିଲେ ତାହା କମ ଆଶ୍ଚର୍ଯ୍ୟର କଥା ନୁହେଁ । ଅନ୍ୟମାନଙ୍କର ଏ ପ୍ରକାର ବ୍ୟବହାର ଲାଗି ଆପତ୍ତି ଥିଲେ, ସେମାନେ ଏପରି କରିବାକୁ କେବେ ସାହସ କରିପାରନ୍ତେ ନାହିଁ । ଆମ ଦେଶରେ ଜଣେ ଯେତେ ଅଭଦ୍ର ପିଲା ହେଲେ ମଧ୍ୟ ଏହା କଳ୍ପନା କରିପାରିବ ନାହିଁ । ତେଣୁ ସାମାଜିକ ଦୃଷ୍ଟିକୋଣରୁ ଏହାର । ଗୁରୁତ୍ୱ ନିଶ୍ଚୟ ବେଶି । ବର୍ତ୍ତମାନ ଯାହା କ୍ୱଚିତ୍ ଘଟୁଛି, ଆଉ କେତେ ବର୍ଷ ପରେ ହୁଏତ ଏହା ସର୍ବସାଧାରଣ ହୋଇଯାଇପାରେ ।

କ୍ଲାସରେ ବସିଥିଲା ବେଳେ ମଧ୍ୟ ଏମାନେ ନାନା ଢଂଗୀରେ ବସନ୍ତି । କିଏ ଗୋଡ଼ ଟେକି ବସେ ତ କିଏ ଆଉ ଗୋଟିଏ ଚୌକିରେ ଗୋଡ଼ ଲମ୍ୱାଇ ବସିଯାଏ । ଥରେ ଗୋଟିଏ ଆଲୋଚନା କ୍ଲାସ ଜଣେ ଅଧ୍ୟାପିକା ନେଉଥାଆନ୍ତି । ସେ କ୍ଲାସରେ ପାଞ୍ଚ ଛଅ ଜଣ ଝିଅ ପୁଅ ପିଲା ଥାଆନ୍ତି ।

Digitized by PPRACHIN, SOA

ମୁଁ ଅଧ୍ୟାପିକାଙ୍କ ପାଖରେ ବସି ଆଲୋଚନାରେ ଭାଗ ନେଉଥାଏ । ଆମ ଆଡ଼କୁ ମୁହଁ କରି ବସିଥିବା ଜଣେ ପିଲା ହଠାତ୍ ତାର ଗୋଡ଼ ଦୁଇଟିକୁ ଟଳୁ ଉଠାଇ ଟେବୁଲ ଉପରେ ଆମ ଆଡ଼କୁ ଲମ୍ବାଇ ଦେଲା । ଅଧଘଣ୍ଟା ଯାଏ ଆମେ ତାର ଜୋତା ତଳକୁ ଦେଖୁଥାଉ । ଏହା ଦ୍ୱାରା କୁଆଡ଼େ ପିଲା ନିଜକୁ ଖୁବ୍ ମୁକ୍ତ ମନେକରି ସ୍ୱଚ୍ଛନ୍ଦରେ ବସି ଆଲୋଚନାରେ ଭାଗ ନେଉଛି ! ଭଦ୍ରତା ଅଭଦ୍ରତାର କଥା ଛାଡ଼ିଦେଲେ ମଧ୍ୟ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଏହା କେତେଦୂର ସଂଗତ, ଭାବିବାର କଥା । ଏସବୁ ବ୍ୟବହାର ବ୍ୟକ୍ତିଗତ ସ୍ୱାଧୀନତା ନା ସ୍ୱେଚ୍ଛାଚାରିତାର ପରିଚାୟକ, ସେ ବିଷୟରେ ମଧ୍ୟ ଏମାନଙ୍କ ଭିତରେ ମତଦ୍ୱୈଧ ଥିବାର ଜଣାଯାଏ ।

ସଭାଗୃହରେ କିମ୍ବା ଅନ୍ୟାନ୍ୟ ସ୍ଥାନରେ ଅଧ୍ୟାପକମାନେ ଠିଆହୋଇଥାଆନ୍ତି; ଅଥଚ ସେଠି ପିଲାମାନେ ମହା ଆରାମରେ ବସିଥାଆନ୍ତି । ଘଣ୍ଟା ଘଣ୍ଟା ଧରି ଅଧ୍ୟାପକ କିମ୍ବା ବାହାରର ଅତିଥି କିମ୍ବା ଅନ୍ୟାନ୍ୟ ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଠିଆ ହେଲେ ମଧ୍ୟ ଏମାନଙ୍କର ଖାତିର୍ ନ ଥାଏ । ଅଧ୍ୟାପକମାନେ ଏଥିରେ ଯେ ବିବ୍ରତ ନ ହୁଅନ୍ତି ତାହା ନୁହେଁ; କିନ୍ତୁ କିଛି କରିବାର ଉପାୟ ନ ଥାଏ । ଥରେ ଗୋଟିଏ ସଭାରେ ଡିନ୍ ଓ ଆମ୍ଭେମାନେ ଏକ ଘଣ୍ଟା ଧରି ଠିଆହୋଇ ରହିଲୁ । ଡିନ୍ ପରେ ଦୁଃଖ କରି କହିଲେ ଯେ ସେ ଏସବୁ ଆଦୌ ପସନ୍ଦ କରିପାରୁନାହାନ୍ତି । ସ୍କୁଲ ଓ କଲେଜ ପିଲାମାନେ ନିଜକୁ ଏତେ ସ୍ୱାଧୀନ ମନେ କରନ୍ତି ଯେ ବାର ତେର ବର୍ଷ ଦିନରୁ ପୁଅଝିଅମାନେ ଯୋଡ଼ି ଯୋଡ଼ି ହୋଇ ସିନେମା, ଥିଏଟର, ବଣଭୋଜି ପ୍ରଭୃତିରେ ଅବାଧରେ ଯିବା ଆସିବା କରନ୍ତି । ଉଦ୍ୟାନରେ, ନଈ ଓ ସମୁଦ୍ର କୂଳରେ ଏ ଦୃଶ୍ୟ ଅତି ସାଧାରଣ । ଏତେ ଅଳ୍ପ ବୟସରେ ଏ ପ୍ରକାର ଅବାଧ ମିଳନ କେତେଦୂର ସଂଗତ– ତାହା ଚିନ୍ତାର ବିଷୟ । କେତେକ ବୟସ୍କ ଅଭିଭାବକମାନେ ଯେ ଏ ବିଷୟରେ ବିବ୍ରତ ହେଉନାହାନ୍ତି ତାହା ନୁହେଁ । ବର୍ତ୍ତମାନ ଆମେରିକାରେ ଅଳ୍ପବୟସ୍କ ଅପରାଧୀଙ୍କ ସଂଖ୍ୟା ବଢ଼ିଯାଇଛି । କେତେକ ବିଚାରପତି ଓ ସମାଜକର୍ମୀଙ୍କ ମତରେ ଏ ପ୍ରକାର ଅନିୟନ୍ତ୍ରିତ ଅବାଧ ମିଳନ ଏଥିପାଇଁ ବହୁ ପରିମାଣରେ ଦାୟୀ । ଅଳ୍ପବୟସ୍କ ଅପରାଧୀଙ୍କ ଭିତରୁ ମଟର ଚୋରି କରି ପଳାଇଯିବା ଅପରାଧୀଙ୍କର ସଂଖ୍ୟା ବହୁତ ବେଶି । ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଜଣେ ଅଳ୍ପ ବୟସ୍କ ପୁଅ ଗୋଟିଏ ମଟର ଚୋରି କରି ଝିଅଟିଏ ଧରି ସହର ବାହାରକୁ ଯିବା ଜଣାଯାଏ ।

ଏସବୁ ପଛରେ ଯୌନ ସମ୍ପର୍କ ବିଷୟରେ ସାଧାରଣ ସାମାଜିକ ଆବହାଓ୍ୱା ବହୁ ପରିମାଣରେ ଦାୟୀ । ପତ୍ରପତ୍ରିକା, ଖବରକାଗଜ, ସିନେମା, ଥିଏଟରରେ ନଗ୍ନଯୌନଚିତ୍ର ଏତେ ବେଶି ଦେଖାନ୍ତି ଯେ ଝିଅପୁଅମାନଙ୍କ ଭିତରେ ଏ ପ୍ରକାର ବ୍ୟବହାର ଆଶ୍ଚର୍ଯ୍ୟଜନକ ନୁହେଁ । ଏ ଦେଶରେ ଏସବୁ ବନ୍ଦ କରିବାର କୌଣସି ସମ୍ଭାବନା ନାହିଁ । ଯେ ଯାହା ଚାହିଁଲା; ସେ ସେଇଆ କରିବା ହେଉଛି ସ୍ୱାଧୀନତାର ପରିଚାୟକ ! ତେଣୁ ଏସବୁକୁ ନିୟନ୍ତ୍ରଣ କଲେ କୁଆଡ଼େ ସ୍ୱାଧୀନତାରେ ବାଧା ଆସିବ ! କେତେକ ରାତ୍ରିକ୍ଲବରେ ସ୍ତ୍ରୀଲୋକମାନେ ଲଙ୍ଗଳା ହୋଇ ନାଚନ୍ତି । ବହୁ ସିନେମା ଘର ଅଛି, ଯେଉଁଠି ଏ ପ୍ରକାର ନଗ୍ନଚିତ୍ର ଦେଖାଯାଏ । ସିନେମାଘର ଆଗରେ ବିଜ୍ଞାପନରେ ବଡ଼ ବଡ଼ ନଗ୍ନ ଚିତ୍ର ରଖାଯାଇଥାଏ । ରାସ୍ତାକଡ଼ରେ ଶହ ଶହ ସଂଖ୍ୟାରେ ପତ୍ରିକା ଓ ବହି କୁଢ଼ାହୋଇଥାଏ, ଯାହା ଉପରେ ନଗ୍ନ ସ୍ତ୍ରୀ ଚିତ୍ର ଉପରପୃଷ୍ଠାରେ ନାନା ରଙ୍ଗରେ ଛାପା ହୋଇଥାଏ । ଏ ପ୍ରକାର ସାମାଜିକ ଆବହାଓ୍ୱା ଭିତରେ ରହି ସ୍କୁଲ କଲେଜ ପିଲାଏ ଏ ପ୍ରକାର ବ୍ୟବହାର କରିବା କିଛି ଅସ୍ୱାଭାବିକ ନୁହେଁ ।

ଆମ ଦୃଷ୍ଟିକୋଣରେ ଏହି କେତୋଟି ଅତି ଅସ୍ୱାଭାବିକ ବ୍ୟବହାର ଛାଡ଼ିଦେଲେ ଏମାନଙ୍କ ବହୁ ଭଲଗୁଣ ଅଛି । ଏମାନଙ୍କର ଆତ୍ମନିର୍ଭରଶୀଳତା ଓ ଆତ୍ମଶକ୍ତିରେ ବିଶ୍ୱାସ ବହୁତ ବେଶି । ଖୁବ କମ୍ ପିଲାଙ୍କର ନ୍ୟୂନ ମନୋଭାବ ଦେଖାଯାଏ । ଏମାନଙ୍କର ଆଗେଇ-ଯିବାର ଅଦମ୍ୟ ଆଗ୍ରହ

Digitized by PPRACHIN, SOA

ଓ ଶକ୍ତି । ତେଣୁ ଏମାନେ ମୁହଁକୁ ସିଧା ଚାହିଁ କଥା କହିପାରନ୍ତି । ଆମ ଦେଶରେ ସ୍କୁଲ କଲେଜ ପିଲାଏ ଅଧ୍ୟାପକ କିମ୍ବା ଗୁରୁଜନଙ୍କ ଆଗରେ ମୁହଁ ଟେକି କଥା କହିପାରନ୍ତି ନାହିଁ । କଥା କହୁ କହୁ ଦଶଥର ମୁଣ୍ଡ ମୁହଁ ନ କୁଣ୍ଡାଇଲେ କହି ପାରନ୍ତି ନାହିଁ । ଯାହା କହିବାର କଥା, ସେତକ ପରିଷ୍କାର ଭାବରେ ପ୍ରକାଶ କରିବା କଷ୍ଟକର ବ୍ୟାପାର । ଏ ପ୍ରକାର ଛାତ୍ର ଆମେରିକା ଛାତ୍ରର ଠିକ୍ ବିପରୀତ । ଏଥିଯୋଗୁଁ ଭବିଷ୍ୟତ ଜୀବନରେ ମଧ୍ୟ ଆମ ପିଲାଙ୍କର ବହୁ ଅସୁବିଧା ହୁଏ । ଆମ ଦେଶରେ ଗୁରୁଜନମାନେ ପିଲାମାନଙ୍କୁ ଯେତିକି ସମ୍ମାନ ଦେଖାଇବା କଥା, ସେତିକି ଦେଖାନ୍ତି ନାହିଁ; ଅନେକ ପିଲାଙ୍କୁ କୁକୁର, ବିରାଡ଼ି ପରି ଦେଖନ୍ତି । ସ୍କୁଲ କଲେଜରେ ଶତକଡ଼ା ପଚାଶ ଷାଠିଏ ଫେଲ୍ ହେବା ଫଳରେ ମଧ୍ୟ ଆମ ପିଲାଙ୍କ ଠାରେ ଏ ପ୍ରକାର ନ୍ୟୁନଭାବ ଆହୁରି ବଢ଼ିଯାଏ । ତିନି ତୁଣ୍ଡରେ ଛେଳି କୁକୁର ହେଲା ପରି ହଜାର ଥର ପିଲାଙ୍କୁ ତୃତୀୟ ଶ୍ରେଣୀରେ ପାସ୍ କରିଥିବା କଥା କହି କହି ସେମାନଙ୍କୁ ପ୍ରକୃତରେ ଥାର୍ଡ଼କ୍ଲାସ ମଣିଷ କରିଦିଆଯାଏ ।

ଖାଲି ସେତିକି ନୁହେଁ, ଏମାନଙ୍କର ସ୍ୱାସ୍ଥ୍ୟ ଆମ ପିଲାଙ୍କ ସ୍ୱାସ୍ଥ୍ୟଠାରୁ ଢେର୍ ଭଲ । ଏମାନଙ୍କୁ ଦେଖିଲେ ପ୍ରକୃତରେ ଭାରି ଆନନ୍ଦ ଲାଗେ । ଏମାନେ ପୁଷ୍ଟିକର ଖାଦ୍ୟ ପ୍ରଚୁର ଖାଇବାକୁ ପାଆନ୍ତି ଏବଂ ପ୍ରତ୍ୟେକ ସ୍କୁଲରେ ଖେଳ କସରତ୍ ଲାଗି ବହୁତ ସୁବିଧା କରାଯାଇଛି । ଆମ ଦେଶର ସ୍କୁଲକଲେଜରେ ଯଦି ବ୍ୟାୟାମଶାଳା ଥାଏ ତାହା ଗାଈ ଗୁହାଳଠାରୁ ହୀନ । ଏମାନଙ୍କର ବ୍ୟାୟାମଶାଳା ଦେଖିବାର କଥା । ସନ୍ତରଣ ପୋଖରୀଠାରୁ ଆରମ୍ଭ କରି ସମସ୍ତ ପ୍ରକାର ଆଧୁନିକ ଖେଳ ଓ କସରତ୍ ପାଇଁ ବ୍ୟବହୃତ ଜିନିଷରେ ଭରପୂର । ପୁଷ୍ଟିକର ଖାଦ୍ୟ ଓ କସରତ୍ ଯୋଗୁଁ ଏତେ ସୁନ୍ଦର ସ୍ୱାସ୍ଥ୍ୟ । ରୁଗ୍‌ଣ ଓ ଦୁର୍ବଳ ଛାତ୍ରଟିଏ ଦେଖିବା ଦୁରୂହ ।

ଏମାନେ ଆମ ଦେଶର ଛାତ୍ରଙ୍କ ଅପେକ୍ଷା ଅନେକ ବେଶି ପଢ଼ନ୍ତି ଏବଂ ଅନେକ ବିଷୟରେ ଜାଣନ୍ତି ସତ; କିନ୍ତୁ ନିଜ ଦେଶ ବିଷୟ ଛଡ଼ା ଅନ୍ୟାନ୍ୟ ଦେଶ ବିଷୟରେ ବହୁତ କମ୍ ଜାଣନ୍ତି । ଅବଶ୍ୟ ସେଥିଲାଗି ଖବରକାଗଜ, ବେତାର ଓ ଟେଲିଭିଜନ ଅନୁଷ୍ଠାନ ବିଶେଷ ପରିମାଣରେ ଦାୟୀ । 'ନିଉୟର୍କ୍ ଟାଇମ୍‌ସ୍ ପରି ଦି' ତିନିଟା କାଗଜକୁ ଛାଡ଼ିଦେଲେ ଆଉ ଅଧିକାଂଶ ଖବର କାଗଜରେ ବାହାର ଦେଶ ବିଷୟରେ ବିଶେଷ କିଛି ନଥାଏ; ଯଦିବା ଥାଏ, ତେବେ ଇଂଲଣ୍ଡ ରାଣୀଙ୍କ ଛବି କିମ୍ବା ଫର୍ମୋଜା ବା ଦକ୍ଷିଣ କୋରିଆ ପ୍ରଭୃତି ତଥାକଥିତ ସ୍ୱାଧୀନ ଦେଶମାନଙ୍କର ଖବର ବେଶି ଥାଏ । ତେଣୁ ଏମାନଙ୍କର ବିଦେଶ ବିଷୟରେ ସାଧାରଣଜ୍ଞାନ ବହୁତ କମ୍ । ଅନ୍ୟାନ୍ୟ ଦେଶ ବିଷୟରେ ଜାଣିବା ପାଇଁ କେତେକଙ୍କର ଆଗ୍ରହ ଅଛି ସତ, କିନ୍ତୁ ମୋଟାମୋଟି ଭାବରେ କହିବାକୁ ଗଲେ ଏ ବିଷୟରେ ଏମାନଙ୍କର କୌତୂହଳ ବଡ଼ କମ୍ । ଏମାନେ ନିଜ ନିଜ କଥା ନେଇ ବେଶି ବ୍ୟସ୍ତ ଥିବାର ଦେଖାଯାଏ । ଫଳରେ ଏମାନଙ୍କଠାରେ କିଛି ପରିମାଣରେ ଆତ୍ମବଡ଼ିମା ଓ ଆତ୍ମକୈନ୍ଦ୍ରିକ ଭାବ ଥିବାର ଦେଖାଯାଏ । ଅବଶ୍ୟ ଏ ପ୍ରକାର ଆତ୍ମକୈନ୍ଦ୍ରିକତା ପାଇଁ ବ୍ୟକ୍ତିକୈନ୍ଦ୍ରିକ ପୁଞ୍ଜିବାଦୀ ସମାଜ ଯେ ଅନେକ ପରିମାଣରେ ଦାୟୀ, ଏଥିରେ ସନ୍ଦେହ ନାହିଁ । ■■■

Digitized by PPRACHIN, SOA

■ ଗ ■

ଛାତ୍ରମାନଙ୍କର ବିବିଧ ଶିକ୍ଷା

ଯୁକ୍ତରାଷ୍ଟ୍ର ଆମେରିକାର ଅଧିକାଂଶ କଲେଜ ଓ ବିଶ୍ୱବିଦ୍ୟାଳୟରେ ସାଧାରଣତଃ ଗୋଟିଏ ପ୍ରକାର ଶିକ୍ଷାନୀତି ଦେଖିବାକୁ ମିଳେ– ଯାହା କି ଆମ ଦେଶର ବିଶ୍ୱବିଦ୍ୟାଳୟମାନଙ୍କର ଶିକ୍ଷାନୀତିଠାରୁ ଅଲଗା । ଆମ ଦେଶରେ ପିଲାମାନେ ମାଟ୍ରିକୁଲେଶନ ପାସ୍ କଲା ପରେ କଲେଜରେ ବିଜ୍ଞାନ, କଳା କିମ୍ବା ବାଣିଜ୍ୟ ଏହି ତିନୋଟି ବିଭାଗରୁ ଗୋଟିକରେ ଯାଇ ଭର୍ତ୍ତି ହୁଅନ୍ତି । ଆଇ.ଏ., ଆଇ.ଏସ୍‌ସି. ପଢ଼ିଲାବେଳେ ଇଂରେଜି ଓ ମାତୃଭାଷା ଏକାଠି ପଢ଼ିବା ଛଡ଼ା ବିଜ୍ଞାନ ଓ କଳା ଛାତ୍ରଙ୍କ ଭିତରେ ଆଉ କୌଣସି ସମ୍ପର୍କ ନାହିଁ । ବି.ଏ., ବି.ଏସ୍‌ସି. ପିଲାମାନେ ସଂପୂର୍ଣ୍ଣ ଦୁଇଟି ଅଲଗା ବିଭାଗର ଛାତ୍ର; ଅର୍ଥାତ୍ ବିଜ୍ଞାନ ଓ କଳା ବିଭାଗର ବିଷୟବସ୍ତୁ ଓ ଛାତ୍ରମାନଙ୍କ ମଧ୍ୟରେ କୌଣସି ସଂଯୋଗ ନାହିଁ । ଯେ ବିଜ୍ଞାନ ବିଭାଗରେ ରହିଲା ସେ ବିଜ୍ଞାନ ହିଁ ପଢ଼ିଲା; ସେ ଜାତୀୟ ଐତିହ୍ୟ, ସଂସ୍କୃତି, ରାଜନୀତି ପ୍ରଭୃତିରେ କୌଣସି ଖବର ରଖେ ନାହିଁ । ଯେ ଇତିହାସ, ଅର୍ଥନୀତି ପ୍ରଭୃତି ପଢ଼ିଲା ତାର ବିଜ୍ଞାନ ସହିତ କୌଣସି ସମ୍ପର୍କ ରହେ ନାହିଁ । ପ୍ରଥମରୁ କଲେଜ ପିଲାମାନଙ୍କୁ ଏପରି କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ସମ୍ବନ୍ଧରେ ହିଁ ଶିକ୍ଷା ଦେବା କେତେଦୂର ସମୀଚୀନ, ସେ ବିଷୟରେ ଏଠାକାର ଶିକ୍ଷାବିତ୍‌ମାନେ ପ୍ରଶ୍ନ ଉଠାନ୍ତି । ଏମାନଙ୍କ ମତରେ ଗୋଟିଏ ଛାତ୍ରକୁ କେବଳ ପ୍ରକୃତିବିଜ୍ଞାନ, ସମାଜବିଜ୍ଞାନ ଓ ଅନ୍ୟାନ୍ୟ ବିଷୟରେ ନିର୍ଦ୍ଦିଷ୍ଟ ଜ୍ଞାନ ଦେବା ପୂର୍ବରୁ ତା'ଠାରେ ଯେତେଦୂର ସମ୍ଭବ ପ୍ରଧାନ ପ୍ରଧାନ ଜାଗତିକ ବିଷୟବସ୍ତୁ ସଂପର୍କରେ ଗୋଟିଏ ମୋଟାମୋଟି ଧାରଣା ଆଣିଦେବା ଉଚିତ; ଅର୍ଥାତ୍ ପ୍ରତ୍ୟେକ କଲେଜଛାତ୍ରକୁ ତାର କଲେଜଶିକ୍ଷାର ଚାରିବର୍ଷ ଭିତରେ ପଦାର୍ଥବିଜ୍ଞାନ, ସମାଜ ବିଜ୍ଞାନ, ଦର୍ଶନ, ଚାରୁକଳା ପ୍ରଭୃତି ନାନା ବିଷୟରୁ କିଛି କିଛି ଜ୍ଞାନ ଦେବା ଉଚିତ । ତା'ହେଲେ ସେ ପରେ ଯେକୌଣସି ବିଷୟରେ ବିଶେଷଜ୍ଞ ହେଲେ ସୁଦ୍ଧା ସମାଜରେ ପ୍ରଚଳିତ ଅତି ଆବଶ୍ୟକ ସାମାଜିକ ଦର୍ଶନ ସମ୍ବନ୍ଧୀୟ ଓ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ ତାର ଥିବ । ଆଧୁନିକ ଦୁନିଆର ଶିକ୍ଷିତ ଲୋକଙ୍କ ପକ୍ଷରେ ଏସବୁ ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ ରହିବା ନିହାତି ଅନୁଚିତ । ପ୍ରକୃତରେ ଦେଖାଯାଏ ଯେ, ଆମ ଦେଶରେ ଜଣେ ଇଞ୍ଜିନିୟର କିମ୍ବା ଜଣେ ଡାକ୍ତରର ଅର୍ଥନୀତି କିମ୍ବା ସମାଜନୀତି ବା ରାଜନୀତି ବିଷୟରେ ପ୍ରାୟ ବିଶେଷ ଜ୍ଞାନ ନ ଥାଏ । ସେହିପରି ଜଣେ ଧୂରନ୍ଧର ଅର୍ଥନୀତିଜ୍ଞ ଅର୍ଥନୀତି ବିଷୟରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ସୁଦ୍ଧା ଜୀବବିଜ୍ଞାନ କିମ୍ବା ପଦାର୍ଥବିଜ୍ଞାନ ବିଷୟରେ କିଛି ଜାଣି ନଥାଏ । ଫଳରେ ଏହି ଆଧୁନିକ ଜଗତରେ ଯେ ତାର ଚଳିବାର ଅସୁବିଧା ହୁଏ ନା ନୁହେଁ, ତାର ବ୍ୟକ୍ତିତ୍ୱର ପରିପୂର୍ଣ୍ଣ ବିକାଶରେ ବାଧା ଆସେ । ସେ ଅନ୍ୟାନ୍ୟ ବିଷୟବସ୍ତୁ ପ୍ରତି ଅଜ୍ଞ ଥିବାରୁ ତାର ଦୃଷ୍ଟିକୋଣ ସଂକୀର୍ଣ୍ଣ ହେବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ କ୍ଷେତ୍ରରେ କାମ କରୁଥିବା ବିଶେଷଜ୍ଞମାନଙ୍କ ପ୍ରତି ତାର ଶ୍ରଦ୍ଧା କମ୍ ଦେଖାଯାଏ । ଆମ ଦେଶରେ ବିଜ୍ଞାନ ଓ କଳା ସମ୍ବନ୍ଧୀୟ ଜ୍ଞାନର କୃତ୍ରିମ ବିଭାଜନ ଫଳରେ ଏ ପ୍ରକାର ମନୋବୃତ୍ତି ଅନେକଙ୍କଠାରେ ଦେଖାଯାଉଛି । ଏ ପ୍ରକାର ସଂକୀର୍ଣ୍ଣତା ଯୋଗୁଁ ଏକା କଲେଜରେ କାମ କରୁଥିଲେ ସୁଦ୍ଧା ଅନେକ ସମୟରେ ବିଭିନ୍ନ ବିଭାଗର ଅଧ୍ୟାପକଙ୍କଠାରେ ପରସ୍ପର ପ୍ରତି ତାଚ୍ଛଲ୍ୟଭାବ ପ୍ରକାଶ ପାଇଥାଏ । ଏପରିକି ଶାସନକର୍ତ୍ତାମାନଙ୍କ ମଧ୍ୟରେ ମଧ୍ୟ ଏ ପ୍ରକାର ପାତର-ଅନ୍ତର ଭାବ ଦେଖାଯାଏ । ଶିକ୍ଷାନୀତି ଦୃଷ୍ଟିକୋଣରୁ ଏହା ଭୟଙ୍କର କ୍ଷତିକାରକ ।

ଆମେରିକାର ଶିକ୍ଷାବିତ୍‌ମାନଙ୍କ ମତରେ ବିଭିନ୍ନ ବିଷୟରେ ଜ୍ଞାନ ହାସଲ ନ କଲେ ଜଣେ ଏକଦେଶଦର୍ଶୀ ଓ ସଂକୀର୍ଣ୍ଣ-ମନୋଭାବସଂପନ୍ନ ହେବାକୁ ବାଧ୍ୟ । ତା ଛଡ଼ା ଜଣେ ନାନା ବିଷୟରେ

Digitized by PPRACHIN, SOA

ସାଧାରଣଜ୍ଞାନ ପାଇସାରିଲା ପରେ ଯଦି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ଜ୍ଞାନ ହାସଲ କରେ, ତାହେଲେ ସେ ସେହି କ୍ଷେତ୍ରରେ ଆହୁରି ଭଲଭାବରେ ବିଶେଷଜ୍ଞ ହୋଇପାରିବ; ଅର୍ଥାତ୍ ଜଣେ ଇଞ୍ଜିନିୟର କିମ୍ବା ଡକ୍ଟର ଯଦି ଅର୍ଥନୀତି, ସମାଜନୀତି ଓ ମନୋବିଜ୍ଞାନ ପ୍ରଭୃତି ପଢ଼ି ତା ପରେ ଇଞ୍ଜିନିୟରିଂ ଶିକ୍ଷା କିମ୍ବା ଡାକ୍ତରୀ ଶିକ୍ଷା ପାଏ, ତାହାହେଲେ ସେ ଗୋଟିଏ ଭଲ ଇଞ୍ଜିନିୟର କିମ୍ବା ଡକ୍ଟର ହୋଇପାରିବ । ଏଠାରେ ବହୁବର୍ଷ ହେଲା ଏ ପ୍ରକାର ଶିକ୍ଷାନୀତି ପ୍ରଚଳିତ ହେଲାଣି ଏବଂ ତା' ଫଳରେ ଏମାନେ ବର୍ତ୍ତମାନ ନିର୍ଦ୍ଦିଷ୍ଟ ଭାବରେ ଜାଣିପାରିଛନ୍ତି ଯେ ବିଭିନ୍ନ ବିଷୟରେ ଜ୍ଞାନ ଅର୍ଜନ କରିଥିବା ଏ ପ୍ରକାର ଜଣେ ଗ୍ରାଜୁଏଟ୍ ସମାଜର ଯେ କୌଣସି କାର୍ଯ୍ୟରେ ଯୋଗ ଦେଉଛି, ସେଥିରେ ସେ ଢ଼େର୍ ଭଲ କାମ କରୁଛି । ବିଶେଷଜ୍ଞ କାର୍ଯ୍ୟ ଛଡ଼ା ଅଫିସ୍ ପ୍ରଭୃତି କାମ ଏ ପ୍ରକାର ସାଧାରଣ ଗ୍ରାଜୁଏଟ୍ ଖୁବ୍ ଭଲ ଭାବରେ ଚଳାଇ ପାରୁଛି । ସେଥିଯୋଗୁଁ ବର୍ତ୍ତମାନ ଅଧିକାଂଶ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜେନେରାଲ ଏଡୁକେଶନ୍ ବା 'ବହୁବିଧ ଶିକ୍ଷାପ୍ରଣାଳୀ' ପ୍ରଚଳିତ ହୋଇଛି । ଯେଉଁ କେତେକ ସ୍ଥାନରେ ଏହା ନାହିଁ, ସେମାନେ ମଧ୍ୟ ଚେଷ୍ଟା କରୁଛନ୍ତି କ୍ରମେ କ୍ରମେ ଏ ପ୍ରକାର ଶିକ୍ଷାର ପ୍ରବର୍ତ୍ତନ କରିବା ଲାଗି ।

ଏ ପ୍ରକାର ଶିକ୍ଷା ଲାଗି ଯୁକ୍ତରାଷ୍ଟ୍ରର ଓହାଇଓ ଷ୍ଟେଟ୍‌ରେ ଥିବା ଓବେରଲୀନ୍ କଲେଜ ପ୍ରସିଦ୍ଧ । ସେଥିଲାଗି ଏଠାରେ ଅନେକ ଦିନ ରହି ଭଲ ଭାବରେ ଏ ପ୍ରକାର ଶିକ୍ଷାପ୍ରଣାଳୀ ପର୍ଯ୍ୟବେକ୍ଷଣ କରିବାର ସୁବିଧା ଲେଖକଙ୍କୁ ମିଳିଥିଲା । ଏହି କଲେଜ ଛଡ଼ା ଏ ବିଷୟରେ ଆଉ ଦଶ ବାରଟି କଲେଜ ଓ ବିଶ୍ୱବିଦ୍ୟାଳୟରେ ଏହି ବିଷୟରେ ପୁଙ୍ଖାନୁପୁଙ୍ଖରୂପେ ଦେଖିବାର ସୁଯୋଗ ମଧ୍ୟ ମିଳିଛି । ବିଭିନ୍ନ କଲେଜରେ ଭିନ୍ନ ଭିନ୍ନ ନୀତି ଥିଲେ ସୁଦ୍ଧା ବିବିଧ ଶିକ୍ଷାଯୋଜନା ବିଷୟରେ ଏମାନଙ୍କ ଭିତରେ ଅନେକ ସାମଞ୍ଜସ୍ୟ ଦେଖିବାକୁ ମିଳୁଛି । ଉଦାହରଣ ସ୍ୱରୂପ ଏଠାରେ ଗୋଟିଏ ପ୍ରକାର ପଦ୍ଧତି ଆଲୋଚନା କରାଯାଉଛି ।

ବି.ଏ.ଡିଗ୍ରୀ ପାଇଁ ଏଠି ଜଣେ ଛାତ୍ରକୁ ଏକାଦିକ୍ରମେ ଚାରିବର୍ଷ ପଢ଼ିବାକୁ ହୁଏ । ଆମର ଆଇ.ଏ. ଓ ବି.ଏ ଦୁଇବର୍ଷ ପରି ଏମାନଙ୍କର କଲେଜଶିକ୍ଷା ଦୁଇ ଭାଗରେ ବିଭକ୍ତ ହୋଇନାହିଁ । ଜଣେ ଚାରିବର୍ଷଯାକ ନ ପଢ଼ିଲେ କିଛି ଲାଭ ହୁଏ ନାହିଁ । ତେଣୁ ବି.ଏ.ପଢ଼ା ଗୋଟିଏ ଚାରିବର୍ଷିଆ ସୁସମନ୍ୱିତ ଯୋଜନା । ଏ ଚାରିବର୍ଷ ଭିତରେ ପ୍ରତ୍ୟେକ ଛାତ୍ରକୁ କେତୋଟି ବାଧ୍ୟତାମୂଳକ ବିଷୟ ବାଛିବାକୁ ହେବ । ତା ପରେ ଶେଷ ଦୁଇବର୍ଷରେ ସେ ତାର ଇଚ୍ଛାନୁସାରେ ଆଉ କେତୋଟି ବିଷୟ ବାଛେ । ଏମାନଙ୍କ ଭିତରୁ କେଉଁ ବିଷୟରେ କେତେ ପରିମାଣରେ ପଢ଼ିବାକୁ ହେବ, ସେହି ବିଷୟରେ ଗୁରୁତ୍ୱ ଅନୁସାରେ ତାହା ନିର୍ଦ୍ଦିଷ୍ଟ କରାଯାଇଥାଏ । ଆମ ଦେଶରେ ଯେପରି ବିଷୟବସ୍ତୁ ସବୁ ଏକଶହ ନମ୍ବର ଥିବା ଗୋଟିଏ ଏକବର୍ଷିକିଆ ପାଠ୍ୟ-ନିର୍ଘଣ୍ଟ ଅନୁସାରେ ଭାଗ କରାହୋଇଥାଏ, ଏଠାରେ କିନ୍ତୁ ସେପରି ନାହିଁ । ହପ୍ତାରେ ଗୋଟିଏ ବିଷୟ ଯେତେ ଘଣ୍ଟା ଧରି ପଢ଼ାହୁଏ, ସେହି ଘଣ୍ଟା ଅନୁସାରେ ତାହା ହିସାବ ହୁଏ । ଶିକ୍ଷା-ବର୍ଷକୁ ଦୁଇଟି ସେମେଷ୍ଟରରେ ବିଭକ୍ତ କରାହୋଇଛି । ତା'ହେଲେ ଚାରିବର୍ଷକୁ ଆଠଟି ସେମେଷ୍ଟର ହେଲା । ଯେକୌଣସି ଗୋଟିଏ ବିଷୟବସ୍ତୁ ହପ୍ତାକୁ କେତେ ଘଣ୍ଟା କରି ଗୋଟିଏ ସେମେଷ୍ଟର କିମ୍ବା ଗୋଟିକରୁ ବେଶି ସେମେଷ୍ଟର ପଢ଼ାଯାଏ । ବିଷୟଟି ଶେଷ ହୋଇଗଲେ ସେହି ଗୋଟିକ ବିଷୟରେ ସେହି ବିଭାଗର ଅଧ୍ୟାପକ ପରୀକ୍ଷା କରି ପିଲାଙ୍କର କୃତିତ୍ୱ ନିର୍ଦ୍ଧାରଣ କରନ୍ତି । ଜଣେ ଛାତ୍ରକୁ ଗୋଟିଏ ହପ୍ତାରେ ସବୁଠୁ କମ୍ ବାରଘଣ୍ଟା ଓ ସବୁଠାରୁ ବେଶି ସତର ଘଣ୍ଟାର ପାଠ୍ୟକ୍ରମ ବାଛିବାକୁ ପଡ଼ିବ । ତା ଇଚ୍ଛାନୁସାରେ ପ୍ରଥମରୁ କି କି ବିଷୟ ଆଗ ପଢ଼ି ସାରିପାରିବ, ସେ ସେଇଆ ବାଛେ । ତେବେ ଏ ବିଷୟରେ ସେ ଅଧ୍ୟାପକଙ୍କଠାରୁ ସୁଚିନ୍ତିତ ପରାମର୍ଶ ନେଇ ବିଷୟବସ୍ତୁ ବାଛିଥାଏ । କିନ୍ତୁ ଯେପରି ଭାବରେ ବିଷୟବସ୍ତୁ ବାଛୁ ନା କାହିଁକି, ପ୍ରତ୍ୟେକ ଛାତ୍ରକୁ ଚାରିବର୍ଷ ଭିତରେ ନିମ୍ନ ଲିଖିତ ବିଷୟବସ୍ତୁଗୁଡ଼ିକରେ ଶିକ୍ଷା ପାଇବାକୁ

Digitized by PPRACHIN, SOA

ହେବ । ପରେ ସେ ପ୍ରକୃତିବିଜ୍ଞାନ ବା ସମାଜବିଜ୍ଞାନ କିମ୍ବା ସାହିତ୍ୟରେ ବିଶେଷ ଜ୍ଞାନ ପାଇଁ ଆହୁରି ଅଧିକ ପଢ଼ିପାରେ; କିନ୍ତୁ ତା ପୂର୍ବରୁ ନିମ୍ନରେ ଦିଆହୋଇଥିବା ବିଷୟଗୁଡ଼ିକୁ ତାର ପଢ଼ିବାକୁ ହେବ; ଯଥା—ଇଂରେଜୀ ଭାଷା ଶିକ୍ଷା, ବିଦେଶୀ ଭାଷା, ସାହିତ୍ୟ, ଶାରୀରିକ ବ୍ୟାୟାମ ଶିକ୍ଷା, ପ୍ରାକୃତିକ ବିଜ୍ଞାନ, ସାମାଜିକ ବିଜ୍ଞାନ, ଚାରୁକଳା ଉପଭୋଗ ଲାଗି ଶିକ୍ଷା, ଦର୍ଶନ । ସ୍କୁଲରେ ଅଙ୍କ ଭଲଭାବରେ ନ ପଢ଼ିଥିଲେ କିଛି ସମୟ ପାଇଁ ଅଙ୍କ ପଢ଼ିବାକୁ ହେବ ।

ଉପରେ ଦିଆହୋଇଥିବା ପ୍ରତ୍ୟେକ ବିଷୟରେ ଭିନ୍ନ ଭିନ୍ନ ଶାଖା ବିଷୟବସ୍ତୁ ରହିଛି । ଇଂରେଜୀ ଭାଷା ଶିକ୍ଷା ହପ୍ତାକୁ ତିନି ଘଣ୍ଟା ହିସାବରେ ହୁଏତ ଗୋଟିଏ ବର୍ଷ ଚାଲିପାରେ । ବ୍ୟାୟାମ ଶିକ୍ଷା ହପ୍ତାକୁ ଦୁଇଘଣ୍ଟା ହିସାବରେ ବର୍ଷେ କିମ୍ବା ଘଣ୍ଟାଏ ହିସାବରେ ଦୁଇବର୍ଷ । ପ୍ରାକୃତିକ ବିଜ୍ଞାନ, ସମାଜବିଜ୍ଞାନ ଭିତରୁ ଯେକୌଣସି ଗୋଟିଏ ବିଷୟବସ୍ତୁକୁ ଜଣେ ବାଛିପାରେ । ଜଣେ ପ୍ରଦାର୍ଥବିଜ୍ଞାନ ନିଏ ତ ଆଉ ଜଣେ ଜୀବବିଜ୍ଞାନ ନେଇପାରେ; କିନ୍ତୁ ଏ ଭିତରୁ ଗୋଟିଏ ବିଷୟରେ ପ୍ରତ୍ୟେକକୁ ହପ୍ତାକୁ ଚାରିଘଣ୍ଟା ହିସାବରେ ଗୋଟିଏ ବର୍ଷ ପଢ଼ିବାକୁ ହେବ । ସାଧାରଣତଃ ପ୍ରଥମ ଦ୍ୱିତୀୟ ବର୍ଷରେ ପିଲାମାନେ ଏସବୁ ବିଷୟ ସାରିଦେବାକୁ ଚେଷ୍ଟା କରନ୍ତି । କେତେକଙ୍କର ତୃତୀୟ ବର୍ଷକୁ କିଛି ବିଷୟ ରହି ଯାଇ ପାରେ ମଧ । ସେଥିରେ କୌଣସି ଅସୁବିଧା ନାହିଁ ।

ତୃତୀୟ ବର୍ଷରେ ପ୍ରତ୍ୟେକ ପିଲା ନିଜ ଇଚ୍ଛା ଓ ଆଗ୍ରହ ଅନୁସାରେ ତାର ପ୍ରିୟ ବିଷୟ ବସ୍ତୁ ବାଛେ ଏବଂ ଯେଉଁଥିରେ କି ସେ ବିଶିଷ୍ଟ ପାରଦର୍ଶିତା ଲାଭ କରିବାକୁ ଚେଷ୍ଟା କରେ । ଏହା ଆମ କଲେଜରେ ଅନର୍ସ ବିଷୟ ସହିତ ତୁଳନା କରାଯାଇପାରେ । ଏହି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ନେଇ ସେ ତୃତୀୟ ଓ ଚତୁର୍ଥ ବର୍ଷରେ ଚବିଶଠାରୁ ଚାଳିଶ ସେମେଷ୍ଟର ଘଣ୍ଟା ପଢ଼େ । ବିଷୟବସ୍ତୁ ଅନୁସାରେ ଏହି ସମୟ ନିଧାର୍ଯ୍ୟ ହୋଇଥାଏ । ଦର୍ଶନରେ ଚବିଶ ଘଣ୍ଟା ନେଲେ ଚଳେ; କିନ୍ତୁ ରସାୟନଶାସ୍ତ୍ରରେ ଚାଳିଶ ଘଣ୍ଟା ଯାଏଁ ପଢ଼ିବାକୁ ହୁଏ; ଅର୍ଥାତ୍ ଦୁଇ ବର୍ଷ ବା ଚାରି ସେମେଷ୍ଟର ଭିତରେ ଜଣେ ହପ୍ତାକୁ ଛଅ ଘଣ୍ଟାରୁ ଦଶଘଣ୍ଟା ଯାଏ ଏହି ବିଷୟଟି କଲେଜରେ ପଢ଼େ । ଏହା ଛଡ଼ା ପ୍ରତ୍ୟେକ ବି.ଏ. କିମ୍ବା ବି.ଏସ୍‌ସି. ପାଶ କରିବା ଲାଗି ଚାରି ବର୍ଷ ଭିତରେ ମୋଟ ଶହେ ଚବିଶ ସେମେଷ୍ଟର ଘଣ୍ଟା ପଢ଼ିବାକୁ ହେବ; ଅର୍ଥାତ୍ ପ୍ରତ୍ୟେକ ହପ୍ତାରେ ତାକୁ ପନ୍ଦର ଷୋହଳ ଘଣ୍ଟାର ପାଠ ପଢ଼ିବାକୁ ହେବ । ବାଧ୍ୟତାମୂଳକ ବିଷୟବସ୍ତୁ ଓ ଅନର୍ସ ବିଷୟବସ୍ତୁ ଛଡ଼ା ଶହେ ଚବିଶ ଘଣ୍ଟାରୁ ଯେତକ ବାକି ସମୟ ରହିଲା, ସେତିକି ଘଣ୍ଟା ବିଷୟବସ୍ତୁ ତାକୁ ଅନ୍ୟାନ୍ୟ ବିଷୟବସ୍ତୁ ଭିତରୁ ବାଛିନେବାକୁ ହେବ । ସାଧାରଣତଃ ଅନର୍ସ କରୁଥିବା ବିଷୟବସ୍ତୁ ବିଭାଗର ଅଧ୍ୟାପକଙ୍କ ପରାମର୍ଶ ଅନୁସାରେ ସେ ଆଉ କେତୋଟି ବିଷୟ ବାଛେ । ଆଶ୍ଚର୍ଯ୍ୟର କଥା ଯେ ଓବରଲିନ୍ କଲେଜରେ ବିଭାଗୀୟ ଅଧ୍ୟାପକଙ୍କ ପରାମର୍ଶକ୍ରମେ ଶତକଡ଼ା ଅଶି ଭାଗ ଛାତ୍ରଛାତ୍ରୀ ମନୋବିଜ୍ଞାନ ବାଛିଥାନ୍ତି । ତେଣୁ କି ବିଜ୍ଞାନ କି କଳା, ଯେକୌଣସି ଛାତ୍ର ମନୋବିଜ୍ଞାନ ସମ୍ବନ୍ଧରେ କିଛି କିଛି ଜ୍ଞାନ ଅର୍ଜନ କରିଥାଆନ୍ତି । ପ୍ରାୟ ସବୁ ଛାତ୍ରଙ୍କଠାରେ ବୁଦ୍ଧି ପରୀକ୍ଷା, ପ୍ରୟେଡ଼ଙ୍କ ତଥ୍ୟ ପ୍ରଭୃତି ଅତି ଜ୍ଞାତବ୍ୟ ବିଷୟରେ କିଛି ସାଧାରଣଜ୍ଞାନ ଦେଖିବାକୁ ମିଳେ ।

ଆମ ଦେଶରେ ଯେପରି ପାଶ୍ ଓ ଅନର୍ସ ଛାତ୍ର ଅଛନ୍ତି, ଏଠାରେ ସେପରି ନାହାନ୍ତି । ପ୍ରତ୍ୟେକ ବି.ଏ., ବି.ଏସ୍‌ସି. ଡିଗ୍ରୀଧାରୀ ନିଶ୍ଚୟ ଯେକୌଣସି ବିଷୟରେ ବିଶେଷ ଜ୍ଞାନ ଅର୍ଜନ କରିଥିବ । ପ୍ରତ୍ୟେକ ପିଲାର ବିଜ୍ଞାନ, ଦର୍ଶନ, ସାହିତ୍ୟ, ଧର୍ମତତ୍ତ୍ୱ, ସମାଜବିଜ୍ଞାନ ପ୍ରଭୃତି ବିଷୟରେ ଜ୍ଞାନ ହେବା ସଙ୍ଗେ ସଙ୍ଗେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟରେ ମଧ ବିଶେଷ ଜ୍ଞାନ ହୋଇଥାଏ । ଅବଶ୍ୟ କୌଣସି ଗୋଟିଏ ବିଷୟରେ ଖୁବ୍ ଦକ୍ଷତା ଅର୍ଜନ କରିବାକୁ ହେଲେ ବି.ଏ., ବି.ଏସ୍‌ସି ପରେ ଆହୁରି ବେଶି ପଢ଼ିବାକୁ ହୁଏ; କିନ୍ତୁ ଜଣେ ବି.ଏ. କିମ୍ବା ବି.ଏସ୍‌ସି.ରେ ଯେତିକି ଜାଣିବା କଥା, ସେତିକି ସେ ଜାଣିପାରୁଛି । ମୋର ମନେ ହେଲା ଏଠାକାର ଯେକୌଣସି ଗ୍ରାଜୁଏଟ୍ ଛାତ୍ରର

Digitized by PPRACHIN, SOA

ଜ୍ଞାନ ଆମ କଲେଜମାନଙ୍କର ଏମ୍.ଏ. ପାଠ୍ୟ କ୍ରମଠାରୁ କୌଣସି ଅଂଶରେ କମ୍ ନୁହେଁ; ବରଂ ଏଠାକାର ଅଧ୍ୟାପକମାନେ ଆମ ଦେଶରୁ ଏମ୍.ଏ.ପାଶ୍ କରି ଆସିଥିବା ପିଲାମାନଙ୍କର ଜ୍ଞାନ ଏମାନଙ୍କ ତୁଳନାରେ ବହୁତ କମ୍ ବୋଲି କହୁଛନ୍ତି । ମୋର ମଧ୍ୟ ସେଇୟା ମନେହେଲା । ଚାରିବର୍ଷ ଭିତରେ ଆମ ପିଲାମାନେ ଯେତିକି ପଢୁଛନ୍ତି, ଏମାନେ ତା'ଠୁ ଢେର ବେଶି ପଢୁଛନ୍ତି ।

ଏ ପ୍ରକାର ବହୁବିଧ ଶିକ୍ଷା ଯେ କେବଳ ସାଧାରଣ କଳା ଓ ବିଜ୍ଞାନ କଲେଜମାନଙ୍କରେ ଅଛି ତା' ନୁହେଁ, ସବୁ ପ୍ରକାର ବୈଷୟିକ ଶିକ୍ଷାକେନ୍ଦ୍ରରେ ମଧ୍ୟ ଏହାର ପ୍ରାଧାନ୍ୟ ରହିଛି । ଇଞ୍ଜିନିୟରିଂ କଲେଜର ଚାରିବର୍ଷ ଶିକ୍ଷା ଭିତରୁ ଶତକଡ଼ା ବାଇଶି ଭାଗ ଶିକ୍ଷା-ସମୟ ସମାଜବିଜ୍ଞାନ, ଦର୍ଶନ ପ୍ରଭୃତି ବିଷୟ ଲାଗି ବ୍ୟୟିତ ହୁଏ । ଶତକଡ଼ା ପଚିଶି ଭାଗ ସମୟ ପଦାର୍ଥ ବିଜ୍ଞାନ ଓ ଅବଶିଷ୍ଟାଂଶ ଇଞ୍ଜିନିୟରିଂ ଶିକ୍ଷା ଲାଗି ବ୍ୟୟିତ ହୁଏ । ଅବଶ୍ୟ ଏ କ୍ଷେତ୍ରରେ ଆମର ବହୁ ଅସୁବିଧା ରହିଛି, କିନ୍ତୁ ଶିକ୍ଷାନୀତି ଦୃଷ୍ଟିରୁ ଯଦି ଆମେ ଏହାକୁ ଗ୍ରହଣ କରୁ– ତାହାହେଲେ କାଳକ୍ରମେ ଆମେ ଏ ପ୍ରକାର ଶିକ୍ଷାକୁ କାର୍ଯ୍ୟକାରୀ କରାଇପାରିବା । ଏମାନଙ୍କ ଦେଶରେ ଯେପରି ଶିକ୍ଷାପଦ୍ଧତି ରହିଛି, ଠିକ୍ ସେଇୟା ଯେ ଆମେ ଗ୍ରହଣ କରିବୁ, ତାହା ନୁହେଁ । ଏମାନଙ୍କର ମଧ୍ୟ ବହୁ ଗଲ୍‌ତି ଅଛି । ଆମର ପରିସ୍ଥିତି ଓ ସାମାଜିକ ଆବଶ୍ୟକତା ଅନୁସାରେ ଏହା ନିର୍ଧାର୍ଯ୍ୟ ହେବା ଉଚିତ । କିନ୍ତୁ ଆମର ଶିକ୍ଷାବିତ୍‌ମାନେ ଏତେ ବେଶି ରକ୍ଷଣଶୀଳ ଯେ ଆଜି ପର୍ଯ୍ୟନ୍ତ ଆମେମାନେ ଗୋଟିଏ ସୁସମନ୍ୱିତ ତିନିବର୍ଷିଆ ଗ୍ରାଜୁଏଟ ଶିକ୍ଷାପ୍ରଣାଳୀ ପ୍ରବର୍ତ୍ତନ କରିପାରିଲୁ ନାହିଁ । ହଜାର ହଜାର ଛାତ୍ର ବିଶ୍ୱବିଦ୍ୟାଳୟକୁ ଆସନ୍ତି ଆଇ.ଏସ୍‌ସି. ପଢ଼ିବା ପାଇଁ କେବଳ ଇଞ୍ଜିନିୟରିଂ, ମେଡ଼ିକାଲ ଯିବା ଉଦ୍ଦେଶ୍ୟରେ । ତିନିବର୍ଷ ଧରି ଗୋଟିଏ ସୁସଙ୍ଗଠିତ ପାଠ୍ୟକ୍ରମ ସମସ୍ତଙ୍କୁ ଦେବା ପାଇଁ ଆମର ଶିକ୍ଷାବିତ୍‌ମାନେ ବହୁତ ପଶ୍ଚାତ୍‌ପଦ । ଏପରି ଶିକ୍ଷାପଦ୍ଧତି ପୃଥିବୀରେ କେଉଁଠି ନ ଥିଲେ ସୁଦ୍ଧା ଆମେ ସେହି ମାନ୍ଧାତା ଅମଳର ଶିକ୍ଷା ପ୍ରଣାଳୀକୁ ବଦଳାଇବା ପାଇଁ କୁଣ୍ଠିତ । ■■■

Digitized by PPRACHIN, SOA

ପନ୍ଦର

ଆମେରିକାରେ ଭାରତୀୟ ବାସିନ୍ଦା

ଭାରତର ସ୍ୱାଧୀନତା ପରଠାରୁ ଯୁକ୍ତରାଷ୍ଟ୍ର ଆମେରିକାରେ ବହୁ ଭାରତୀୟ ସ୍ଥାୟୀଭାବରେ ବସବାସ କରି ରହିଗଲେଣି । ଗତ ଦୁଇବର୍ଷ ତଳର ଗୋଟିଏ ହିସାବରୁ ଜଣାଯାଏ ଯେ ପ୍ରାୟ ଚାରିହଜାର ଇଞ୍ଜିନିୟର ଓ ଦୁଇହଜାର ଡାକ୍ତର ଏଠାରେ ଚାକିରି କରୁଛନ୍ତି– ପ୍ରତିବର୍ଷ ଏମାନଙ୍କର ସଂଖ୍ୟା ବଢ଼ି ବଢ଼ି ଚାଲିଛି । ଯେଉଁ ଭାରତୀୟ ଇଞ୍ଜିନିୟର, ଡାକ୍ତର ଏବଂ ଅନ୍ୟାନ୍ୟ ବୁଦ୍ଧିଜୀବୀ ଆମେରିକାରେ ବସବାସ କରି ରହିଛନ୍ତି– ସେମାନେ ହେଲେ ଭାରତବର୍ଷର ଶ୍ରେଷ୍ଠ ପ୍ରତିଭାଶାଳୀ ଉଚ୍ଚଶିକ୍ଷାପ୍ରାପ୍ତ ଗୋଷ୍ଠୀର ଗୋଟିଏ ବିଶିଷ୍ଟ ଅଂଶ । ଏମାନେ ନିଜ ଦେଶରେ ଉପଯୁକ୍ତ ସୁବିଧା ଓ ସୁଯୋଗ ନ ପାଇପାରି ଆମେରିକାରେ ଯାଇ ଚାକିରି କରୁଛନ୍ତି । ଉଦାହରଣ ସ୍ୱରୂପ, ଆମର ବିଶିଷ୍ଟ ଇଞ୍ଜିନିୟରିଂ ଶିକ୍ଷାକେନ୍ଦ୍ରରେ ଶିକ୍ଷା ପାଇଥିବା ଛାତ୍ରମାନଙ୍କ ଦୃଷ୍ଟାନ୍ତ ନିଆଯାଉ । କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆମେ ପାଞ୍ଚଟି ଭାରତୀୟ ଟେକ୍‌ନୋଲଜି ସଂସ୍ଥା ପ୍ରତିଷ୍ଠା କଲୁ । ସେଠାରେ ଯେଉଁମାନେ ସବୁଠୁ ଭଲ କଲେ ସେମାନେ ଯୁକ୍ତରାଷ୍ଟ୍ର ଆମେରିକା ଚାଲିଗଲେ । ଯେଉଁ ଇଞ୍ଜିନିୟରିଂ ଛାତ୍ର ପରୀକ୍ଷାରେ ଭଲ ନମ୍ବର ରଖିଥିବ, ତାକୁ ଭାରତ ସରକାର ବିନା ଦ୍ୱିଧାରେ ଆମେରିକା ଯିବା ପାଇଁ ଡଲାର ବନ୍ଦୋବସ୍ତ କରିଦିଅନ୍ତି । ଫଳରେ ଏହି ଇଞ୍ଜିନିୟରିଂ ସଂସ୍ଥାରୁ ପାଶ୍ କରିଥିବା ପ୍ରାୟ ଶତକଡ଼ା ଚାଳିଶ ଜଣ ବର୍ତ୍ତମାନ ଆମେରିକାରେ ଚାକିରି କରୁଛନ୍ତି । ଏ ପ୍ରକାର ପ୍ରତିଭାଶାଳୀ ବୈଜ୍ଞାନିକମାନେ ବିଦେଶକୁ ଚାଲିଯିବା ଫଳରେ ଆମ ଦେଶର ଯେଉଁ କ୍ଷତି ହେଉଛି, ତାହାକୁ ଗୁରୁତ୍ୱ ଦେଇ ବିଚାର କରିବା କଥା ।

ଯୁକ୍ତରାଷ୍ଟ୍ର ସରକାର ଭାରତକୁ ଯାହା ସାହାଯ୍ୟ ଦେଉଛନ୍ତି, ତା ତୁଳନାରେ ଭାରତୀୟ ବିଜ୍ଞାନୀମାନଙ୍କର ଯୁକ୍ତରାଷ୍ଟ୍ର ଆମେରିକାରେ ଅର୍ଥନୈତିକ ଅବଦାନ ବହୁତ ବେଶି । ପ୍ରଥମତଃ ଏତେ ଗୁଡ଼ିଏ ଇଞ୍ଜିନିୟର ଓ ଡାକ୍ତରଙ୍କୁ ଶିକ୍ଷା ଦେବା ଲାଗି ଆମେରିକାକୁ କୋଟି କୋଟି ଡଲାର ଖର୍ଚ୍ଚ କରିବାକୁ ପଡ଼ିଥାନ୍ତା । ଦ୍ୱିତୀୟତଃ ଜଣେ ଭାରତୀୟ ଇଞ୍ଜିନିୟର ଯଦି ବର୍ଷକୁ କୋଡ଼ିଏ ହଜାର ଡଲାର ଦରମା ପାଏ, ତାହେଲେ ସେ ଅନ୍ତତଃ ପକ୍ଷେ' ଏକଲକ୍ଷ ଡଲାର ମୂଲ୍ୟର ଜିନିଷ ଉତ୍ପାଦନ କରେ । ଏହି ହିସାବରେ ଭାରତୀୟ ବିଜ୍ଞାନୀମାନେ ଯୁକ୍ତରାଷ୍ଟ୍ର ଆମେରିକାକୁ କେତେ ବେଶି ସାହାଯ୍ୟ କରୁଛନ୍ତି– ତାହା ସହଜରେ ଅନୁମେୟ । କିନ୍ତୁ ସେହି ତୁଳନାରେ ଭାରତ କେତେ ବେଶି କ୍ଷତିଗ୍ରସ୍ତ, ତାହା ମଧ୍ୟ ସହଜରେ କଳ୍ପନା କରିହୁଏ । ବର୍ତ୍ତମାନ ସୁଦ୍ଧା ଆମ ଦେଶର ବହୁ ପ୍ରତିଭାଶାଳୀ ବ୍ୟକ୍ତି ପ୍ରତି ବର୍ଷ ଆମେରିକା ଯାଉଛନ୍ତି । ସେମାନେ ଫେରିବାକୁ ଚାହିଁଲେ ମଧ୍ୟ ଏଠାରେ ଏତେ ପ୍ରତିବନ୍ଧକ ସୃଷ୍ଟି କରାହେଉଛି ଯେ ଫେରିଆସିଲା ପରେ ମଧ୍ୟ କିଛି ସମୟ ପରେ ସେମାନେ ବ୍ୟର୍ଥମନୋରଥ ହୋଇ ପୁଣି ଫେରିଯାଉଛନ୍ତି । ଯେତେଦୂର ମନେହୁଏ, ଏ ଦେଶର ଶାସନ ଓ ଶିକ୍ଷା କ୍ଷେତ୍ରରେ କେବଳ ସାଧାରଣ ବା ଅଳ୍ପବୁଦ୍ଧି ସମ୍ପନ୍ନ ଲୋକେ ହିଁ ଅଧିକରୁ ଅଧିକ ଉନ୍ନତି କରିବା ପାଇଁ ଯୋଗ୍ୟ ।

Digitized by PPRACHIN, SOA

ତେଣୁ ଏମାନଙ୍କର ବ୍ୟକ୍ତିଗତ ଈର୍ଷା ଓ ଆତ୍ମବଡ଼ିମା ଯୋଗୁଁ ଆମର ଶ୍ରେଷ୍ଠ ବୁଦ୍ଧିଜୀବୀ ଓ ବିଜ୍ଞାନୀମାନଙ୍କୁ ଦୟନୀୟ ଅବସ୍ଥାରେ ପକାଇ ରଖିବାରେ ଏବଂ ସେମାନଙ୍କୁ ନାନାଭାବରେ ହଇରାଣ କରିବାରେ ଏମାନେ ଆନନ୍ଦ ପାଆନ୍ତି । ଅମଲାତାନ୍ତ୍ରିକ ଶାସକବର୍ଗ ଦେଶର ଏହି ବିପୁଳ କ୍ଷତି ବିଷୟରେ ସଚେତ ହେଲେ ଆମର ମଙ୍ଗଳ ସାଧିତ ହେବ ।

ଆମେରିକାରେ ବହୁବର୍ଷ ଧରି ସ୍ଥାୟୀଭାବରେ ବସବାସ କରି ରହିଥିବା ବହୁ ଭାରତୀୟ ସହିତ ଲେଖକର ଆଲୋଚନା ହୋଇଥିଲା । ପ୍ରାୟ ଅଧିକାଂଶ ଲୋକ ଭାରତକୁ ଫେରିବା ପାଇଁ ଆଗ୍ରହୀ । ପ୍ରଥମରୁ ବହୁ ସୁବିଧା ପାଉଥିବାରୁ ଏମାନେ ସେହି ଲୋଭରେ ଏଠାରେ ରହିଯାନ୍ତି, କିନ୍ତୁ କ୍ରମେ କ୍ରମେ ଏମାନେ ଅନୁଭବ କରୁଛନ୍ତି ଯେ ଆମେରିକାରେ ପ୍ରକୃତରେ ଏମାନେ ଦ୍ୱିତୀୟ ଶ୍ରେଣୀର ନାଗରିକ ହିସାବରେ ଚଳୁଛନ୍ତି । ପ୍ରଥମ ଅବସ୍ଥାରେ ଗୋଟିଏ ଦିଓଟି ଉନ୍ନତିର ସୋପାନ ଅତିକ୍ରମ କଲା ପରେ ଏମାନେ ଅତି ଗଭୀରଭାବରେ ଅନୁଭବ କରୁଛନ୍ତି ଯେ ଅନ୍ୟାନ୍ୟ ଆମେରିକାନ୍ ଲୋକଙ୍କ ପରି ଆହୁରି ବେଶି ଆଗକୁ ଏମାନେ ଯାଇପାରୁନାହାନ୍ତି । ଅବଶ୍ୟ ବିଶ୍ୱବିଦ୍ୟାଳୟ ଓ ଗବେଷଣା କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଉଛି । କିନ୍ତୁ ବ୍ୟବସାୟ ପ୍ରତିଷ୍ଠାନରେ କିମ୍ବା ସରକାରୀ ଚାକିରିରେ ସେମାନେ ଆଉ ବେଶି ଉପରକୁ ଉଠି ପାରୁନାହାନ୍ତି । ତା'ଫଳରେ ସେମାନଙ୍କଠାରେ ଅତି ଗଭୀର ବ୍ୟର୍ଥତା ଦେଖାଯାଉଛି । ସେତେବେଳେ ସେମାନେ ନିଜ ଦେଶ କଥା ଭାବୁଛନ୍ତି; କିନ୍ତୁ ସେତେବେଳକୁ ଆଉ ଫେରିବା ସମ୍ଭବ ନୁହେଁ ।

ଜାଗତିକ ଉନ୍ନତି ଦିଗରେ ସେମାନଙ୍କର ବ୍ୟର୍ଥତା ଛଡ଼ା ସାଂସ୍କୃତିକ ଓ ସାମାଜିକ କ୍ଷେତ୍ରରେ ମଧ୍ୟ କ୍ରମେ କ୍ରମେ ନିଜକୁ ନିଃସଙ୍ଗ ଅନୁଭବ କରୁଛନ୍ତି । ଭାରତୀୟ ସାମାଜିକ ଓ ସାଂସ୍କୃତିକ ପରିବେଶ ଏଠାକାର ପରିବେଶଠାରୁ ଏତେ ତଫାତ୍ ଯେ ଯେଉଁ ଭାରତୀୟ ଜୀବନର ପ୍ରଥମ ଭାଗ ଭାରତୀୟ ସାମାଜିକ ପରିବେଷ୍ଟନୀରେ ବଢ଼ି ଆସିଛି, ତାର ପ୍ରଥମ କେତେ ବର୍ଷର ଆର୍ଥିକ ଓ ବ୍ୟକ୍ତିଗତ ସ୍ୱାଧୀନତାର ମୋହ, ବଡ଼ ବଡ଼ ମଟରଗାଡ଼ି, ସ୍ୱଚ୍ଛଳ ଜୀବନ ଓ ଯୌବନର ଉଦ୍ଦାମ ହିଲ୍ଲୋଳରେ ହିଲ୍ଲୋଳିତ ଅତି ସ୍ୱାଧୀନମନା ଆମେରିକାନ୍ ଯୁବତୀମାନଙ୍କ ସହିତ ରମଣୀୟ ବନ ଉପବନ ପରିଭ୍ରମଣର ପ୍ରଗାଢ଼ ଆସକ୍ତି କମିଗଲା ପରେ ତାହାର ଅନ୍ତରରେ ନିଜ ଦେଶର ସାଂସ୍କୃତିକ ପରିବେଶ ପ୍ରତି ପ୍ରଗାଢ଼ ଆକର୍ଷଣ ଦେଖାଦିଏ । ଏହି ଭାରତୀୟମାନେ ଯେତେବେଳେ ଭାବନ୍ତି ଯେ ନିଜର ବୟସ ଯୋଗୁଁ, ପାରିବାରିକ ତଥା ଆର୍ଥିକ ପରିସ୍ଥିତି ଯୋଗୁଁ ସେମାନଙ୍କ ପକ୍ଷରେ ନିଜ ଦେଶକୁ ଫେରିଯିବା ଆଉ ସମ୍ଭବ ନୁହେଁ, ସେତେବେଳେ ସେମାନେ ନିଜକୁ ଆମେରିକାର ଏତେ ବେଶି ଆକର୍ଷଣୀୟ ଓ କୋଳାହଳମୟ, ସାମାଜିକ ପରିସ୍ଥିତି ଭିତରେ ମଧ୍ୟ ଏକା ଏକା ମନେକରନ୍ତି । ସେମାନେ ଯଦି ଆମେରିକାନ୍ ସ୍ତ୍ରୀ ବିବାହ କରିଥାଆନ୍ତି, ତାହେଲେ ତାକୁ ସବୁବେଳେ ଦୋଷ ଦିଅନ୍ତି ଯେ ତା' ଯୋଗୁଁ ସେମାନେ ଆଉ ଭାରତ ଫେରିପାରିବେ ନାହିଁ; କିନ୍ତୁ ପ୍ରକୃତରେ ତାର ସବୁ ଦୋଷ ନୁହେଁ । ପିଲାପିଲିମାନେ ମଧ୍ୟ ଭାରତ ଫେରିବାକୁ ଚାହାନ୍ତି ନାହିଁ । ଯେଉଁ କାରଣରୁ ଅଳ୍ପ ବୟସରେ ସେମାନେ ଆମେରିକାର ସମାଜକୁ ଏତେ ଭଲ ପାଉଥିଲେ, ସେହି କାରଣରୁ ସେମାନଙ୍କର ପିଲାମାନେ ମଧ୍ୟ ସେହି ମୁକ୍ତ ସାମାଜିକ ଜୀବନ ଓ ଜାଗତିକ ଉପଭୋଗର ପ୍ରାଚୁର୍ଯ୍ୟଭରା ଏତେ ସମୃଦ୍ଧିଶାଳୀ ଦେଶ ଛାଡ଼ିବାକୁ ରାଜି ନୁହନ୍ତି । ତା'ଛଡ଼ା ଭାରତକୁ ଫେରିଲେ ଯେ ସେମାନେ ଭଲଭାବରେ ଚଳିପାରିବେ, ତାର କୌଣସି ସ୍ଥିରତା ନାହିଁ । ଏପରି ବହୁ ଭାରତୀୟ ଲେଖକକୁ କହୁଥିଲେ ଯେ, ଯେ କୌଣସି ଭଲ ଧରଣର ଚାକିରି ପାଇଲେ, ସେମାନେ ଭାରତକୁ ଫେରିବାକୁ ଚାହାନ୍ତି, କିନ୍ତୁ ତାହା ସଂଭବ ନୁହେଁ । ଭାରତରେ ଯେଉଁମାନେ ଯେଉଁ ଚାକିରି କରୁଛନ୍ତି, ସେମାନଙ୍କ ଉପରେ ହଠାତ୍ ଏମାନେ କିପରି ଚାକିରି ପାଇବେ ? ତେଣୁ ସେମାନଙ୍କୁ ଭାରତ ଫେରିବାର ସ୍ୱପ୍ନ ଚିରଦିନ ପାଇଁ ତ୍ୟାଗ କରିବାକୁ ପଡ଼େ; କିନ୍ତୁ ଅନ୍ତରାତ୍ମା ଭିତରର ଫେନାୟିତ

Digitized by PPRACHIN, SOA

ସ୍ୱପ୍ନକୁ ଭୁଲିଯିବା ଏତେ ସହଜ ନୁହେଁ । ଏହି କାରଣରୁ ଏମାନଙ୍କ ଭିତରୁ ଅନେକେ ବହୁତ ଦୁଃଖ କରନ୍ତି ।

ଏମାନଙ୍କ ଛଡ଼ା ଅଳ୍ପ ସମୟ ପାଇଁ ରହିଥିବା ଭାରତୀୟମାନଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇପାରେ । ଯେଉଁମାନେ ସେଠାରେ ରହିବା ପାଇଁ ସ୍ଥିର ସିଦ୍ଧାନ୍ତ କରି ସେଠାକୁ ଯାଇଛନ୍ତି, ସେମାନେ ଆମେରିକାର ପ୍ରତ୍ୟେକ କଥାକୁ ବହୁତ ପସନ୍ଦ କରନ୍ତି । ଭାରତ ତୁଳନାରେ ଆମେରିକା ସ୍ୱର୍ଗ ବୋଲି ଏମାନଙ୍କର ବଦ୍ଧଧାରଣା ହୋଇଯାଏ । ଆମେରିକାର ଯୁବକ-ଯୁବତୀମାନେ ଯେଉଁ ସବୁ ସାମାଜିକ ବିଭ୍ରାଟ ପାଇଁ ବିବ୍ରତ ଏବଂ ଆମେରିକାର ବୁଦ୍ଧିଜୀବୀମାନେ ଏ ପ୍ରକାର ଅସ୍ୱାଭାବିକ ସାମାଜିକ ଘଟଣାକୁ ତୀବ୍ର ଭାବରେ ସମାଲୋଚନା କରନ୍ତି, ସେ ପ୍ରକାର ଘଟଣାବଳୀ ଏମାନଙ୍କର ଦୃଷ୍ଟିଗୋଚର ହୁଏନାହିଁ । ମୋଟାମୋଟି ଭାବରେ ଏମାନେ ଆମେରିକାରେ ସ୍ଥାୟୀଭାବରେ ରହିବା ପାଇଁ ଏପରି ଭାବରେ ଦୃଢ଼ପ୍ରତିଜ୍ଞ ଯେ ଆମେରିକା ସମାଜର କୌଣସି ଅଶୋଭନୀୟ ବା ଅହିତକର ଦିଗ ଥାଇପାରେ, ଏ ବିଷୟରେ ଚିନ୍ତା କରିବା ପାଇଁ ମଧ୍ୟ ଏମାନେ ରାଜି ନୁହନ୍ତି । ଏମାନଙ୍କୁ ଅନ୍ୟ ଆମେରିକାନ୍‌ଙ୍କ ସହିତ ଏକାଠି ଦେଖିଲେ ଏସବୁ ବିଷୟରେ ଏମାନଙ୍କ ସହିତ ସ୍ୱାଭାବିକ ଭାବରେ କଥାବାର୍ତ୍ତା କରିବା ସମ୍ଭବ ହୁଏ ନାହିଁ । ଅନ୍ୟ ଆମେରିକାନ୍‌ମାନେ ଏମାନଙ୍କର ଆମେରିକା ସମାଜ ପ୍ରତି ଅଯୌକ୍ତିକ ଓ ଅନ୍ଧ ମୋହ ଦେଖି ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ଖାଲି ଏତିକି ନୁହେଁ, ଏ ପ୍ରକାର ଅସଙ୍ଗତ ମନୋଭାବ ଯୋଗୁଁ ଏହି ଗୋଷ୍ଠୀର ଭାରତୀୟମାନେ ସବୁବେଳେ ଏବଂ ସମସ୍ତଙ୍କ ଆଗରେ ଭାରତର କୁତ୍ସାରଟନା କରନ୍ତି । ଭାରତରେ କୌଣସି ଜିନିଷ ଭଲ ଥାଇପାରେ, ଏ ଭାବନା ଏମାନଙ୍କର ନଥାଏ । ଅନ୍ୟ ଆମେରିକାନ୍‌ଙ୍କ ସହିତ କଥାବାର୍ତ୍ତାବେଳେ ଏମାନଙ୍କର କଥାବାର୍ତ୍ତା ଓ ଚାଲିଚଳଣ ଅନ୍ୟ ବିଚାରଶୀଳ ଭାରତୀୟ ତଥା ଆମେରିକାନ୍‌ମାନଙ୍କ ପକ୍ଷରେ ଅସହ୍ୟ ହୋଇପଡ଼େ । ଏ ପ୍ରକାର ଭାରତୀୟ ଙ୍କୁ ପରିହାର କରିବା ଅବଶ୍ୟମ୍ଭାବୀ ହୋଇପଡ଼େ ।

ଅବଶ୍ୟ ଏ ପ୍ରକାର ଅସ୍ୱାଭାବିକ ମନୋବୃତ୍ତି ପଛରେ ଗୋଟିଏ ବିରାଟ ମନସ୍ତାତ୍ତ୍ୱିକ କାରଣ ରହିଚି । ଏମାନେ ନାନା କାରଣରୁ ଆମେରିକାରେ ଆଜୀବନ ରହିବା ପାଇଁ ସ୍ଥିର ସିଦ୍ଧାନ୍ତ କରିଥିବାରୁ ଭାରତୀୟ ସମାଜକୁ ଅତି କଦର୍ଯ୍ୟ ଭାବରେ ଚିତ୍ରଣ କରି ଆମେରିକାର ଜୀବନକୁ ସବୁ ଦିଗରୁ ଚିତ୍ତାକର୍ଷକ ତଥା ଗ୍ରହଣୀୟ ବୋଲି ନିଜକୁ ସବୁବେଳେ ବୁଝାଇବା ପାଇଁ ଏ ପ୍ରକାର ବ୍ୟବହାର କରିଥାଆନ୍ତି । ଯେଉଁପ୍ରକାର ମନସ୍ତାତ୍ତ୍ୱିକ କାରଣ ଥାଉ ନା କାହିଁକି, ଏ ପ୍ରକାର ଭାରତୀୟମାନେ ନିଶ୍ଚୟ ଅସ୍ୱାଭାବିକ ପ୍ରକୃତିର ଲୋକ ।

ଆଉ ଗୋଟିଏ ଶ୍ରେଣୀର ଭାରତୀୟ ଅଛନ୍ତି, ଯେଉଁମାନେ ଯୁକ୍ତିଯୁକ୍ତ ଭାବେ ଆମେରିକାର ସମାଜକୁ ବିଶ୍ଳେଷଣ କରନ୍ତି । ଭଲ ମନ୍ଦ ଦିଗ ବାଛିବାରେ ଏମାନେ ବହୁ ପରିଶ୍ରମ କରନ୍ତି । ଯେ କୌଣସି ଆକର୍ଷଣୀୟ ଜୀବନ ପ୍ରତି ଏମାନେ ହଠାତ୍ ଆକୃଷ୍ଟ ହୋଇପଡ଼ନ୍ତି ନାହିଁ କି ଯେ କୌଣସି ଅସାମାଜିକ କୁଟିଳ ଆବର୍ତ୍ତ ଭିତରକୁ ଏମାନେ ଟାଣିହୋଇ ଯାଆନ୍ତିନାହିଁ । ଯେ କୌଣସି ଆମେରିକାନ୍ ଝିଅ ଏମାନଙ୍କୁ ଫସ୍‌କାଇ ଦେଇପାରେନା । ଡଲାର, ମଟର ଗାଡ଼ି, ଆଇସକ୍ରିମ୍ ଏମାନେ ବ୍ୟବହାର କରନ୍ତି ସତ; କିନ୍ତୁ ଏହା ସେମାନଙ୍କର ପ୍ରାଣକେନ୍ଦ୍ରକୁ ସଂପୂର୍ଣ୍ଣରୂପେ ଆଚ୍ଛାଦିତ କରି ରଖେନା । ଏମାନଙ୍କ ଭିତରୁ ଅନେକେ ପ୍ରଥମ କେତେକ ବର୍ଷର ପଢ଼ାପଢ଼ି ବା କିଛି ବର୍ଷ ଚାକିରି ପରେ ଭାରତକୁ ଫେରିଆସିବା ପାଇଁ ଆଗ୍ରହର ସହିତ ଅପେକ୍ଷା କରି ରହିଥାଆନ୍ତି; ଶେଷରେ ଫେରି ମଧ୍ୟ ଆସନ୍ତି । ଏମାନେ ଭାରତ ଓ ଆମେରିକାର ଦୁଇଟି ବିପରୀତଦର୍ଶୀ ଜୀବନଧାରା ସହିତ ଭାରସାମ୍ୟ ରଖିପାରନ୍ତି ଏବଂ କୌଣସି ଗୋଟିଏ ସ୍ରୋତରେ ସଂପୂର୍ଣ୍ଣରୂପେ ଭାସିଯାଆନ୍ତି ନାହିଁ ।

Digitized by PPRACHIN, SOA

ଭାରତୀୟ ପୁରୁଷମାନଙ୍କ ବିଷୟରେ ଉପରେ କୁହାହୋଇଥିବା କଥାଗୁଡ଼ିକ ପ୍ରଯୁଜ୍ୟ । ଭାରତୀୟ ସ୍ତ୍ରୀମାନଙ୍କଠାରେ ଆଉ ଗୋଟିଏ ପ୍ରକାର ମନୋବୃତ୍ତି କାମ କରୁଥିବାର ଦେଖାଯାଏ । ଅନେକ ସମୟରେ ସ୍ୱାମୀ ଭାରତକୁ ଫେରିବା ପାଇଁ ବହୁତ ଆଗ୍ରହୀ ଥିଲାବେଳେ ସ୍ତ୍ରୀ ଭାରତକୁ ଫେରିବା ପାଇଁ ସଂପୂର୍ଣ୍ଣ ନାରାଜ ଥିବାର ଦେଖାଯାଏ । କାରଣ ଆମେରିକାରେ ସେ ଏତେ ବେଶି ସୁବିଧାରେ ଚଳିପାରେ—ଏତେ କମ୍ ସମୟ ଭିତରେ ଏବଂ ଏତେ କମ୍ କଷ୍ଟ ସ୍ୱୀକାର କରି ସେ ଘର ଚଳାଇପାରେ ଯେ ଠିକ୍ ଏହି କାରଣରୁ ସେ ଭାରତକୁ ଫେରିବା ପାଇଁ ଚାହେଁନାହିଁ । ବଡ଼ ବଡ଼ ରେଫ୍ରିଜେରେଟର୍‌ରେ ସେ ହପ୍ତାକୁ ଥରେ ବଜାର କରି ଖାଦ୍ୟ ଜିନିଷ ଆଣି ରଖିଦିଏ । ଲୁଗାଧୁଆ କଳ, ଘରସଫା କଳ ଓ ରାନ୍ଧିବା ପାଇଁ ବିଦ୍ୟୁତ୍ ଚୁଲି ଏତେ ସୁବିଧାଜନକ ଯେ ବିନା ପରିଶ୍ରମରେ ଏବଂ ଖୁବ୍ ଅଳ୍ପ ସମୟ ଭିତରେ ସେ ଘରର ସବୁକାମ କରିଦେଇ ପାରେ । ତା'ପରେ ବହୁ ସମୟ ପାଇବାରୁ ନିଜେ ଗାଡ଼ି ଚଳାଇ ସିନେମା ଦେଖିବାକୁ ଚାଲିଯାଇପାରେ । ସେ ଭାରତ ତୁଳନାରେ ଏତେ ବେଶି ସ୍ୱାଧୀନତା ଉପଭୋଗ କରିପାରେ ଯେ ଭାରତକୁ ଫେରିବା ପାଇଁ ତାର ଆଦୌ ଆଗ୍ରହ ନଥାଏ । ଅନେକ କ୍ଷେତ୍ରରେ ଲେଖକ ଅନୁଭବ କରିଛି ଯେ କେବଳ ସ୍ତ୍ରୀର ଅନାଗ୍ରହ ତଥା ସକ୍ରିୟ ବାଧା ଯୋଗୁଁ ଅନେକ ସ୍ୱାମୀ ପ୍ରଥମେ ପ୍ରଥମେ ଭାରତକୁ ଫେରିପାରନ୍ତି ନାହିଁ ଏବଂ କିଛି ବର୍ଷ ପରେ ପିଲାମାନେ ବଡ଼ ହେଲା ପରେ ସେମାନେ ଆଉ ଆସିପାରନ୍ତି ନାହିଁ । ଭାରତରେ ଏମାନେ ଏପରି ଭାବରେ ଘର ଭିତରେ ଆବଦ୍ଧ ହୋଇ ରହନ୍ତି ଯେ ଆମେରିକାର ଉନ୍ମୁକ୍ତ ସମାଜରେ ସେମାନେ ସଂପୂର୍ଣ୍ଣ ଭାବରେ ସ୍ୱାଧୀନ ହୋଇପଡ଼ନ୍ତି । ଘର ଚଳେଇବା, ପିଲାଙ୍କୁ ପାଳିବା ପ୍ରଭୃତି ମଧ୍ୟ ଏଠାରେ ଏତେ ସୁବିଧାରେ ସମ୍ଭବ ହୁଏ ଯେ ଭାରତକୁ ଫେରିଆସି ଅଜସ୍ର ଅଭାବ ଅସୁବିଧା ଭୋଗ କରିବା ପାଇଁ ସେମାନେ ରାଜି ନ ହେବା ସ୍ୱାଭାବିକ ।

ତା'ଛଡ଼ା ଏହା ମଧ୍ୟ ସତ ଯେ ସେଠାରେ ସେମାନେ ଯାହା ରୋଜଗାର କରନ୍ତି, ତା ତୁଳନାରେ ଖାଦ୍ୟ ପଦାର୍ଥ ଓ ଦୈନନ୍ଦିନ ଜୀବନରେ ବ୍ୟବହୃତ ହେଉଥିବା ଜିନିଷପତ୍ରର ଦାମ୍ ବହୁତ କମ୍ । ତେଣୁ ଏସବୁ ଜିନିଷ କିଣି ଘର ଚଳାଇବା ପାଇଁ ଏମାନଙ୍କୁ ସହଜ ହୁଏ । ଭାରତରେ ଯେ କେବଳ ଜିନିଷର ଦାମ୍ ବେଶି ତା ନୁହେଁ; ପ୍ରତ୍ୟେକ ଜିନିଷ ପାଇବା ପାଇଁ ଏତେ ହଇରାଣ ହେବାକୁ ପଡ଼େ ଯେ ଯେଉଁ ସ୍ତ୍ରୀଲୋକମାନେ ଏଠାକୁ ଫେରିଆସନ୍ତି, ସେମାନେ ବଡ଼ ମନସ୍ତାପରେ ସମୟ କଟାନ୍ତି । ଦୁଧ କହିଲେ ଏଠାରେ ପାଣିରେ ମିଶା ଦୁଧ, ମାଂସ କହିଲେ ବୁଢ଼ୀ ଛେଳି ହାଡ଼ରେ ଝୁଲୁଥିବା ମାଂସ ଟୁକୁରା, ପରିବା କହିଲେ ଶୁଖିଲା ପରିବା, ଫଳ କେବଳ ରୋଗୀଙ୍କ ପାଇଁ କିଣାଯାଏ, ଔଷଧ ସବୁ ଭେଜାଲ, ଗହମ ଓ ଚାଉଳ ପଡ଼ି କାର୍ଡ଼ ପାଇଁ ଲାଞ୍ଚ ଦେବାକୁ ପଡ଼ିବ । ପ୍ରତ୍ୟେକ କଥାରେ ହାତଗୁଞ୍ଜା । ଏପରି ପରିସ୍ଥିତିରେ ଗୃହିଣୀମାନେ କାହିଁକି ଭାରତକୁ ଫେରିବା ପାଇଁ ଚାହୁଁ ନାହାନ୍ତି, ତାହା ସହଜରେ ଅନୁମେୟ । ବିଚରା ପୁରୁଷର କିନ୍ତୁ ସବୁଠୁ ବେଶି ମନସ୍ତାତ୍ତ୍ୱିକ ସଂଘର୍ଷ—ଆସିଲେ ଅସୁବିଧା, ନ ଆସିଲେ ମନସ୍ତାପ— ଜୀବନବ୍ୟାପୀ ନିଃସଙ୍ଗତା । ଆମେରିକାରେ ଥିବା ଭାରତୀୟ ବାସିନ୍ଦାମାନଙ୍କ ପକ୍ଷରେ ଏହା ପ୍ରକୃତରେ ଗୋଟିଏ ବିରାଟ ଜଟିଳ ସମସ୍ୟା ।

■■■

Digitized by PPRACHIN, SOA

ଷୋହଳ

ବୈଦେଶିକ ନୀତିରେ ପେଣ୍ଟାଗନ୍‌ର ପ୍ରଭାବ

ଯୁକ୍ତରାଷ୍ଟ୍ର ଆମେରିକା ଗୋଟିଏ ବିରାଟ ଧନଶାଳୀ ତଥା ଗଣତାନ୍ତ୍ରିକ ଦେଶ । ପୃଥିବୀର ଗଣତାନ୍ତ୍ରିକ ଶାସନ ସଂସ୍ଥା, ବ୍ୟକ୍ତି-ସ୍ୱାଧୀନତା ଓ ସାମାଜିକ ଜୀବନ ଯାପନ କରିବାରେ ସଂପୂର୍ଣ୍ଣ ସ୍ୱାତନ୍ତ୍ର୍ୟ ଉପଭୋଗ କରୁଥିବା ସଭ୍ୟତାର ନେତୃତ୍ୱ ନେଉଥିବା ଯୁକ୍ତରାଷ୍ଟ୍ର ଆମେରିକାର ବୈଦେଶିକ ନୀତି ବହୁତ ଅଦ୍ଭୁତ ମନେହୁଏ । ଏ ଦେଶର ଆଭ୍ୟନ୍ତରୀଣ ଶାସନ ସଂସ୍ଥା ଯେ ଗଣତାନ୍ତ୍ରିକ ପଦ୍ଧତିରେ ପରିଚାଳିତ, ଏଥିରେ ସନ୍ଦେହ ନାହିଁ । ଏ ଦେଶର ଲୋକେ ଯେ ବ୍ୟକ୍ତିସ୍ୱାତନ୍ତ୍ର୍ୟ ଉପଭୋଗ କରନ୍ତି, ଏଥିରେ ମଧ୍ୟ ଦ୍ୱିରୁକ୍ତି ନଥାଇପାରେ । ଏ ଦେଶର ପତ୍ରପତ୍ରିକା, ଶିକ୍ଷାପ୍ରଣାଳୀ, ସଭ୍ୟତା, ସଂସ୍କୃତି ବହୁ ପରିମାଣରେ ଅମଲାତାନ୍ତ୍ରିକ ବା ଏକଛତ୍ରବାଦୀ ଶାସନ ସଂସ୍ଥାର ନିୟନ୍ତ୍ରଣରୁ ମୁକ୍ତ । ଏ କଥା ମଧ୍ୟ ନିଃସନ୍ଦେହରେ କୁହାଯାଇପାରେ, ବ୍ୟକ୍ତି ବା ଗୋଷ୍ଠୀ ନିଜର ଜୀବନଯାପନ କରିବାରେ ଯେ ସଂପୂର୍ଣ୍ଣ ସ୍ୱାଧୀନତା ପାଇଛି, ଏହା ମଧ୍ୟ ପୃଥିବୀର ସମସ୍ତେ ସ୍ୱୀକାର କରିବେ । ମୋଟାମୋଟି ଭାବରେ କୁହାଯାଇ ପରେ ଯେ ଏହା ଗୋଟିଏ ସୁପ୍ରତିଷ୍ଠିତ ଗଣତାନ୍ତ୍ରିକ ଦେଶ; କିନ୍ତୁ ଆଶ୍ଚର୍ଯ୍ୟର କଥା, ଗତ ଦ୍ୱିତୀୟ ମହାଯୁଦ୍ଧ ପରଠାରୁ ଏହାର କେତେଗୁଡ଼ିଏ ବୈଦେଶିକ ନୀତି ଏପରିଭାବରେ ପରିଚାଳିତ ଯେ ଏହାର ଘୋଷିତ ଗଣତାନ୍ତ୍ରିକ ନୀତି ସହିତ ତାର କୌଣସି ସମ୍ପର୍କ ନଥିବାର ଜଣାଯାଏ । ଗତ ତିରିଶ ବର୍ଷ ହେଲା ଏସିଆ ମହାଦେଶରେ ଯୁକ୍ତରାଷ୍ଟ୍ର ଆମେରିକା ଏକଛତ୍ରବାଦୀ, ଫାସିଷ୍ଟ, ଅତ୍ୟାଚାରୀ ଓ ଭ୍ରଷ୍ଟାଚାରୀ ଶାସକବର୍ଗଙ୍କୁ କୋଟି କୋଟି ଟଙ୍କା ବ୍ୟୟ କରି ସାହାଯ୍ୟ କରି ଆସିଛି । ଭିଏତ୍‌ନାମ ମୁକ୍ତି ସଂଗ୍ରାମ ବିରୁଦ୍ଧରେ ଆମେରିକା ଯେପରି ଭାବରେ ଅଜସ୍ର ଅର୍ଥ ଓ ବିରାଟ ଯୁଦ୍ଧ ସାମଗ୍ରୀ ନେଇ ଲଢ଼ାଇ କରିଥିଲା, ତାହା ଆମେରିକା ଇତିହାସର ଗୋଟିଏ କଳଙ୍କମୟ କାହାଣୀ ବୋଲି ଏଠାକାର ଅଧ୍ୟାପକ, ବୁଦ୍ଧିଜୀବୀ ଓ ବହୁ ରାଜନୀତିଜ୍ଞ ମତ ଦିଅନ୍ତି । ସେହିପରି କୋରିଆ, କାମ୍ବୋଡ଼ିଆ ପ୍ରଭୃତି ଦେଶରେ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକା ଏକଛତ୍ରବାଦୀ ଫାସିଷ୍ଟ ସରକାରକୁ ସାହାଯ୍ୟ କରି ଶେଷରେ ସଂପୂର୍ଣ୍ଣରୂପେ ପରାସ୍ତ ହୋଇଛି । ବାଙ୍ଗଲାଦେଶ ମୁକ୍ତି ସଂଗ୍ରାମ ବିରୁଦ୍ଧରେ ପାକିସ୍ତାନର ସାମରିକ ଏକଛତ୍ରପତି ୟାହିୟାଙ୍କୁ ସାହାଯ୍ୟ କରିଛି । ଭାରତ ବିରୁଦ୍ଧରେ ସପ୍ତମ ନୌବେଳା ପଠାଇଛି । ଭାରତ ପରି ସୁପ୍ରତିଷ୍ଠିତ ଗଣତାନ୍ତ୍ରିକ ଦେଶ ବିରୁଦ୍ଧରେ ଆମେରିକା ବରାବର କାମ କରିଆସିଛି ଓ ଭାରତ ଅପେକ୍ଷା ପାକିସ୍ଥାନ ସାମରିକ ଶାସକଙ୍କୁ ବେଶି ଭଲ ପାଇଛି । ଦ୍ୱିତୀୟ ମହାଯୁଦ୍ଧ ପରଠାରୁ ଏସିଆରେ ଆମେରିକାର ଏହି କଳଙ୍କମୟ କାହାଣୀ ନିଶ୍ଚୟ ତାର ଗଣତାନ୍ତ୍ରିକ ପରମ୍ପରା ସହିତ କୌଣସି ଦିଗରେ ଖାପ ଖାଉନାହିଁ । ତେବେ ଏତେ ବଡ଼ ଗଣତାନ୍ତ୍ରିକ ଦେଶରେ ଏ ପ୍ରକାର ଦ୍ୱନ୍ଦ୍ୱାତ୍ମକ ବୈଦେଶିକ ନୀତି କିପରି ସମ୍ଭବ ହେଉଛି ?

ଆମେରିକା ଗଣତାନ୍ତ୍ରିକ ଦେଶ ହୋଇପାରେ; କିନ୍ତୁ ମୂଳତଃ ଏହା ମଧ୍ୟ ଗୋଟିଏ ବିରାଟ ଶକ୍ତିଶାଳୀ ପୁଞ୍ଜିପତି ଦେଶ । ପୁଞ୍ଜିପତିଙ୍କ ପ୍ରଭାବ ଆମେରିକା ଶାସନ-ସଂସ୍ଥାରେ ସମ୍ପୂର୍ଣ୍ଣରୂପେ

Digitized by PPRACHIN, SOA

କାମ କରୁଛି । ଆମେରିକାର ଶାସକବର୍ଗ ଅତି ପରାକ୍ରମଶାଳୀ ସାମରିକ ବିଭାଗ ପେଣ୍ଟାଗନ୍ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରିତ ତଥା ପରିଚାଳିତ । କଂଗ୍ରେସରେ ସିନେଟ୍‌ରେ ଯେତେ ପ୍ରସ୍ତାବ ହେଉ ପଛକେ, କାଗଜରେ ଯେତେ ବାଦ-ପ୍ରତିବାଦ ସୃଷ୍ଟି ହେଉ ପଛେ, ବିଶ୍ୱବିଦ୍ୟାଳୟରେ, ରାସ୍ତାଘାଟରେ ଯେତେ ପ୍ରକାର ପ୍ରତିବାଦ ହେଲେ ସୁଦ୍ଧା ପେଣ୍ଟାଗନ ଯେ ପ୍ରକାର ସାମରିକ ଯୋଜନା କରେ, ସେହି ଅନୁସାରେ ଆମେରିକାର ଶାସକବର୍ଗ କାମ କରନ୍ତି । ଆମେରିକାର ଗୋଇନ୍ଦା ବିଭାଗ ଏତେ ପରାକ୍ରମଶାଳୀ ଯେ କଂଗ୍ରେସ ବା ସିନେଟର ଅଜ୍ଞାତସାରରେ ପୃଥିବୀର ବିଭିନ୍ନ ଦେଶରେ ଆମେରିକାର ଅର୍ଥ ଓ ଗୋଇନ୍ଦା ସାହାଯ୍ୟରେ ନାନା ପ୍ରକାର ରାଜନୈତିକ ହତ୍ୟା, ଷଡ଼ଯନ୍ତ୍ର ଓ ଗୋପନଯୁଦ୍ଧ ଚାଲୁଥାଏ । କାମ୍ବୋଡ଼ିଆ, ଭିଏତ୍‌ନାମ ପ୍ରଭୃତି ଦେଶରେ ଅତି ବୀଭତ୍ସ ଧରଣର ସାମରିକ ଷଡ଼ଯନ୍ତ୍ର ତଥା ଯୁଦ୍ଧ କୌଶଳ ପ୍ରୟୋଗ କରାଯାଏ ଏବଂ ତାହା ବହୁଦିନ ଯାଏ କେହି ଜାଣିପାରନ୍ତି ନାହିଁ । ଯେତେବେଳକୁ ଜଣାଯାଏ, ସେତେବେଳକୁ ବହୁତ ଡେରି ହୋଇଯାଇଥାଏ । ଏଥିପାଇଁ କେହି ଦାୟୀ ହୁଅନ୍ତି ନାହିଁ । ଭିଏତ୍‌ନାମରେ ଏତେ ଭୟଙ୍କର ଯୁଦ୍ଧ ହେଲା- ଏତେ ଲୋକ ପ୍ରାଣ ହରାଇଲେ, ଆମେରିକାର ଏତେ ସଂଖ୍ୟାରେ ସୈନିକଙ୍କୁ ମରଣମୁହଁକୁ ଠେଲି ଦିଆଗଲା; କିନ୍ତୁ ଏସବୁ ଆମେରିକାର ପ୍ରେସିଡ଼େଣ୍ଟ ପେଣ୍ଟାଗନ ଓ ଗୋଇନ୍ଦା ବିଭାଗ ସାହାଯ୍ୟରେ କରାଇପାରିଲେ । ଏଥିପାଇଁ ବିଧିବଦ୍ଧ ଭାବରେ କଂଗ୍ରେସରେ ଯୁଦ୍ଧଘୋଷଣା କରାହୋଇ ନାହିଁ, କି ଯୁଦ୍ଧ ପାଇଁ ପ୍ରେସିଡ଼େଣ୍ଟଙ୍କୁ କଂଗ୍ରେସ ସମ୍ପୂର୍ଣ୍ଣରୂପେ ଅଧିକାର ମଧ ଦେଇନାହିଁ । ତଥାପି ଏ ପ୍ରକାର ଭୟାବହ ଯୁଦ୍ଧ ଏତେ ବର୍ଷଧରି ଚାଲିପାରିଲା । କାରଣ ପ୍ରେସିଡ଼େଣ୍ଟ ସାମରିକ ବିଭାଗର ମୁଖ୍ୟ ହିସାବରେ ଅନୁଭବ କଲେ ଯେ, ଯୁକ୍ତରାଷ୍ଟ୍ର ଆମେରିକାର ନିରାପତ୍ତା ଓ ପୃଥିବୀର ମଙ୍ଗଳ ପାଇଁ ଏ ପ୍ରକାର ଯୁଦ୍ଧର ଆବଶ୍ୟକତା ରହିଛି । ପେଣ୍ଟାଗନ ଓ ପ୍ରେସିଡ଼େଣ୍ଟ ନିଜ ଦାୟିତ୍ୱରେ ଭାରତ ବିରୁଦ୍ଧରେ ସପ୍ତମ ନୌବେଡା ପଠାଇଥିଲେ । ଏଥିପାଇଁ କଂଗ୍ରେସର ଅନୁମୋଦନ ମିଳି ନଥିଲା । ଏହା ନିଶ୍ଚୟ ବଡ଼ ଆଶ୍ଚର୍ଯ୍ୟର କଥା ଯେ ଜଣେ ପ୍ରେସିଡ଼େଣ୍ଟଙ୍କୁ ହାତରେ ରଖି ପେଣ୍ଟାଗନ ଏତେ ଭୟାବହ କାଣ୍ଡ ପୃଥିବୀର ବିଭିନ୍ନ ଦେଶରେ କରିପାରୁଛି; ଅଥଚ ଗଣତାନ୍ତ୍ରିକ ଶାସନ-ସଂସ୍ଥା ଏ ବିଷୟରେ କେବଳ ବକ୍ତୃତା କରିବା ଛଡ଼ା ଆଉ କିଛି କରିପାରୁ ନାହିଁ । ଯେଉଁ ଦେଶରେ ସାମରିକ ବିଭାଗ ଏବଂ ଗୋଇନ୍ଦା ବିଭାଗ ଏତେ ଶକ୍ତିଶାଳୀ, ସେଠାରେ କି ପ୍ରକାର ଗଣତାନ୍ତ୍ରିକ ଶାସନ ପରିଚାଳିତ ହେଉଛି, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ବୈଦେଶିକ ନୀତି ପରିଚାଳିତ କରିବାରେ ଏହି ସର୍ବଶକ୍ତିଶାଳୀ ପେଣ୍ଟାଗନର ଯେ ପ୍ରଭାବ ଅପ୍ରତିହତ, ଏଥିରେ ସନ୍ଦେହ ନାହିଁ ।

ଆମେରିକାର ଅଧାପକ, ଛାତ୍ର ଓ ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ଏ ବିଷୟ ନେଇ ବଡ଼ ବିବ୍ରତ । ବହୁ ସଭା-ସମିତିରେ ଏ ବିଷୟରେ ଚର୍ଚ୍ଚା ହୁଏ—ପେଣ୍ଟାଗନ୍, ସି.ଆଇ.ଏ. ଏବଂ ପ୍ରେସିଡ଼େଣ୍ଟଙ୍କ ବିରୁଦ୍ଧରେ ବହୁ ମତ ପ୍ରକାଶ ପାଏ; ତଥାପି ଜନସାଧାରଣ ଏ କ୍ଷେତ୍ରରେ ସଂପୂର୍ଣ୍ଣରୂପେ ନିରୁପାୟ ବୋଲି ମନେହୁଏ । ବହୁ ବାଦ-ବିସମ୍ବାଦ ପରେ, କଂଗ୍ରେସ ଓ ସିନେଟ୍‌ରେ ବହୁ ତର୍କ ବିତର୍କରେ ଅନେକ ସମୟ ବିତିଗଲାପରେ ହୁଏତ ଜନମତର ପ୍ରଭାବ ପଡ଼େ; କିନ୍ତୁ ସେତେବେଳକୁ ଭିଏତ୍‌ନାମ ଯୁଦ୍ଧ ସରିଥାଏ—ହଜାର ହଜାର ଆମେରିକାନ ସୈନ୍ୟ ଯୁଦ୍ଧକ୍ଷେତ୍ରରେ ଟଳି ପଡ଼ିଥାଆନ୍ତି—ଆହୁରି ହଜାର ହଜାର ସୈନ୍ୟ ବହୁ ପ୍ରକାରର ମାଦକଦ୍ରବ୍ୟ ସେବନ କରି ରାସ୍ତାଘାଟରେ ଟଳି ଟଳି ଚାଲୁଥାଆନ୍ତି—ଚବିଶି ଘଣ୍ଟା ଭିତରେ ଦୟନୀୟ ଅବସ୍ଥାରେ ଆମେରିକାର ମହାଶକ୍ତିଶାଳୀ ଶାସକବର୍ଗଙ୍କର ପ୍ରତିନିଧି ଭିଏତ୍‌ନାମରୁ ପ୍ରାଣଭୟରେ ପଳାଇ ଆସନ୍ତି । ଲୋକମତର ଦାବି, ଲୋକସଂସ୍ଥାର ପ୍ରଭାବ ବହୁ ଡ଼େରିରେ ଅନୁଭୂତ ହୁଏ; କାରଣ ପେଣ୍ଟାଗନ ଓ ଗୋଇନ୍ଦା ବିଭାଗ ଏତେ ବେଶି ଦୁର୍ଦ୍ଧର୍ଷ ଓ ପରାକ୍ରମଶାଳୀ ଯେ ତାକୁ ପ୍ରଭାବିତ କରିବା

Digitized by PPRACHIN, SOA

ଏମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ଏତେ ବଡ଼ ଶକ୍ତିଶାଳୀ ଦେଶର ଏହି ଭୟଙ୍କର ଅନୁଷ୍ଠାନଟି ପୃଥିବୀ ପକ୍ଷରେ ଯେ ଅତ୍ୟନ୍ତ ଆତଙ୍କଜନକ, ଏଥିରେ ସନ୍ଦେହ ନାହିଁ ।

ଏତେ ବଡ଼ ଗଣତାନ୍ତ୍ରିକ ଦେଶରେ ପେଣ୍ଟାଗନ ଓ ସି.ଆଇ.ଏ. କିପରି ଏତେ ବେଶି ଶକ୍ତିଶାଳୀ ହୋଇପାରିଲେ, ଗଣତାନ୍ତ୍ରିକ ସଂସ୍ଥାରେ ବିଶ୍ୱାସ ଥିବା ପ୍ରତ୍ୟେକ ନରନାରୀଙ୍କର ଭାବିବାର କଥା । ଯୁକ୍ତରାଷ୍ଟ୍ର ଆମେରିକାର ମୁଖ୍ୟ ଧନକୁବେର ପୁଞ୍ଜିପତିମାନେ ପରୋକ୍ଷରେ ଏହି ସଂସ୍ଥାର ଆଧିପତ୍ୟ ବଢ଼ାଉଛନ୍ତି । ପେଣ୍ଟାଗନ୍ ଜରିଆରେ କୋଟି କୋଟି ଡଲାରର ଯୁଦ୍ଧ ସରଞ୍ଜାମ ବିଭିନ୍ନ ଦେଶକୁ ଦିଆଯାଏ । ଏହା ତିଆରି କରିବାରେ ପୁଞ୍ଜିପତିମାନେ ବହୁତ ଲାଭ କରନ୍ତି । ବିଭିନ୍ନ ଦେଶରେ ଆମେରିକାକୁ ପସନ୍ଦ କରୁଥିବା ଶାସକବର୍ଗଙ୍କୁ ଯେ କୌଣସି ଉପାୟରେ ହେଉ ସୁଦ୍ଧା ଗାଦିରେ ରଖିବା ପାଇଁ ଗୋଇନ୍ଦା ବିଭାଗ ଓ ପେଣ୍ଟାଗନ ଚେଷ୍ଟା କରୁଥାଏ । ଯେଉଁଠି ପ୍ରଚୁର ଅସ୍ତ୍ରଶସ୍ତ୍ର ବିକ୍ରି ହୋଇପାରିବ, ସେଠାକାର ଶାସକବର୍ଗଙ୍କୁ ଏମାନେ ଭଲପାଇବାକୁ ବାଧ । ସାମରିକ ଏକଛତ୍ରପତି ଶାସକ ସହିତ ଯୁଦ୍ଧ ସାମଗ୍ରୀ ଓ ଅନ୍ୟାନ୍ୟ ପୁଞ୍ଜି ବିନିଯୋଗ ପାଇଁ ଚୁକ୍ତିବଦ୍ଧ ହେବା ସହଜ । କାରଣ ଜଣେ ଯାହା ନିଷ୍ପତ୍ତି କରିବ, ସେହି ଅନୁସାରେ କାମ ହେବ; କିନ୍ତୁ ଭାରତ ପରି ଗଣତାନ୍ତ୍ରିକ ଦେଶରେ ଏପରି ଲୁକ୍‌କାୟିତ ଭାବରେ କିଛି କାମ କରିବା ସମ୍ଭବ ନୁହେଁ । ତା ଛଡ଼ା ଜଣେ ଲୋକକୁ ବହୁତ ପ୍ରକାର ପ୍ରଲୋଭନ ଦେଖାଇ ନାନା କଥା କରାଇବା ସମ୍ଭବ; କିନ୍ତୁ ଗୋଟିଏ ଦେଶର ଗଣତାନ୍ତ୍ରିକ ସଂସ୍ଥାକୁ କରାୟତ୍ତ କରିବାରେ ବହୁତ ଅସୁବିଧା ରହିଛି । ସେହି କାରଣରୁ ଏସିଆ ମହାଦେଶର ଏ ପ୍ରକାର ଲାଞ୍ଚଖୋର ଏକଛତ୍ରପତି ଶାସକବର୍ଗଙ୍କୁ ହାତ କରି ଗତ ତିରିଶ ବର୍ଷ ହେଲା ଆମେରିକାର ବୈଦେଶିକ ନୀତି ଓ ଯୁଦ୍ଧନୀତି ପ୍ରସାରିତ ହୋଇଚାଲିଛି । ଏ ସମ୍ପର୍କରେ ଯେତେପ୍ରକାର ଆଲୋଚନା ଏ ଲେଖକ ସାଧାରଣ ଲୋକ, ଛାତ୍ରଛାତ୍ରୀ, ଅଧ୍ୟାପକ ଓ ବୁଦ୍ଧିଜୀବୀଙ୍କ ସହିତ କରିଛି, ସେଥିରେ ତାର ହୃଦ୍‌ବୋଧ ହୋଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାର ଜନସାଧାରଣ ଏ ପ୍ରକାର ସାମରିକ ନୀତି ବିରୁଦ୍ଧରେ ବହୁତ ବେଶି ଉଦ୍‌ବିଗ୍ନ । ତଥାପି ପେଣ୍ଟାଗନର ଷଡ଼ଯନ୍ତ୍ର ବିରୁଦ୍ଧରେ ଏମାନେ କିଛି କରିପାରନ୍ତି ନାହିଁ । ଏହା ଗଣତାନ୍ତ୍ରିକ ଆମେରିକାର ପ୍ରଧାନ ଦୁର୍ବଳତା ।

କ୍ରମେ କ୍ରମେ ଏ ବିଷୟରେ ଲୋକେ ବହୁତ ସଚେତନ ହେଲେଣି । ବିଶେଷତଃ ଭିଏତ୍‌ନାମ ଯୁଦ୍ଧ ପରି କଳଙ୍କମୟ ଜାତୀୟ ପରାଭବ ପରେ ଏମାନେ ପେଣ୍ଟାଗନ ଓ ସି.ଆଇ.ଏ. ବିରୁଦ୍ଧରେ ବହୁତ ଜାଗ୍ରତ ଥିବାର ଜଣାଯାଉଛି । ଆଶା କରାଯାଉଛି, ଆମେରିକାନ୍ ଜନସାଧାରଣ ସେମାନଙ୍କର ଲୋକପ୍ରତିନିଧିଙ୍କ ସାହାଯ୍ୟରେ ସାମରିକ ବିଭାଗକୁ ସଂପୂର୍ଣ୍ଣରୂପେ ଆୟତ୍ତ କରିପାରିବେ । ତା ନହେଲେ ଜନମତ ପୃଥିବୀରେ ଶାନ୍ତି ଚାହୁଁଥିଲାବେଳେ ପେଣ୍ଟାଗନ ତୃତୀୟ ମହାଯୁଦ୍ଧର ସୂତ୍ରପାତ କରାଇଦେଇପାରେ । ବର୍ତ୍ତମାନ ଯୁକ୍ତରାଷ୍ଟ୍ର ହାତରେ ବହୁପରିମାଣରେ ପରମାଣୁ ଓ ଉଦ୍‌ଜାନ ବୋମା ରହିଛି । ଅତି ଶକ୍ତିଶାଳୀ କ୍ଷେପଣାସ୍ତ୍ର ମଧ୍ୟ ବହୁ ପରିମାଣରେ ମହଜୁଦ ରହିଛି । ପ୍ରତି ମୁହୂର୍ତ୍ତରେ ବହୁ ସଂଖ୍ୟାରେ ସାମରିକ ଉଡ଼ାଜାହାଜ ପରମାଣୁ ଓ ଉଦ୍‌ଜାନ ବୋମାରେ ସଜ୍ଜିତ ହୋଇ ପୃଥିବୀର ଅନେକ ଜାଗାରେ ଅନବରତ ପଇଁତରା ମାରୁଛନ୍ତି । ସାମାନ୍ୟ ଟିକିଏ ଭୁଲ ନିଷ୍ପତ୍ତି ହୋଇଗଲାକ୍ଷଣି ପ୍ରଥମ ଅଧଘଣ୍ଟାଏ ଭିତରେ ପୃଥିବୀର ବିଭିନ୍ନ ସ୍ଥାନରେ ଆମେରିକା ତଥା ସୋଭିଏତ୍ ରୁଷର ସାମରିକ ବିଭାଗ କଳ୍ପନାତୀତ ଧ୍ୱଂସର ପ୍ରଳୟଲୀଳା ସୃଷ୍ଟି କରିଦେଇପାରନ୍ତି । ପୃଥିବୀର ଏପରି ବିପଜ୍ଜନକ ପରିସ୍ଥିତିରେ ଯୁକ୍ତରାଷ୍ଟ୍ର ଆମେରିକାର ସାମରିକ ବିଭାଗ ପେଣ୍ଟାଗନ ଏପରି ବେପରୁଆ ଭାବରେ ଶକ୍ତିଶାଳୀ ହୋଇ ରହିବା ନିଶ୍ଚୟ ଗଭୀର ଉଦ୍‌ବେଗର ବିଷୟ । ଆକସ୍ମିକ ଭାବରେ ତୃତୀୟ ବିଶ୍ୱଯୁଦ୍ଧ ଘଟିଯାଇପାରେ ବୋଲି ଆମେରିକାର ବହୁ ରାଜନୀତିଜ୍ଞ ଉଦ୍‌ବିଗ୍ନ ଥିବାର ଜଣାଯାଏ ।

Digitized by PPRACHIN, SOA

ମୋଟାମୋଟି ଭାବରେ ଏହା କୁହାଯାଇପାରେ ଯେ ଯୁକ୍ତରାଷ୍ଟ୍ର ଆମେରିକାର ଅଭ୍ୟନ୍ତରୀଣ ଶାସନ ବହୁପରିମାଣରେ ଗଣତାନ୍ତ୍ରିକ ନୀତିରେ ପରିଚାଳିତ ହେଉଥିଲେ ସୁଦ୍ଧା ଏହାର ସ୍ୱାର୍ଥପର ପୁଞ୍ଜିପତିଙ୍କର ବିରାଟ ପ୍ରଭାବ ଯୋଗୁ ଏହାର ସାମରିକ ବିଭାଗ ଏତେ ଶକ୍ତିଶାଳୀ ହୋଇପଡ଼ିଛି । ତେଣୁ ବୈଦେଶିକ ନୀତି ପରିଚାଳନାରେ ଏବଂ କେତେକ ବିଶିଷ୍ଟ ଆଭ୍ୟନ୍ତରୀଣ ବ୍ୟାପାରରେ ମଧ୍ୟ ଲୋକମତ ବା ଲୋକ-ନିର୍ବାଚିତ ପ୍ରତିନିଧିବର୍ଗଙ୍କର କର୍ତ୍ତୃତ୍ୱ ବଡ଼ ଦୁର୍ବଳ; ଫଳରେ ଆମେରିକାର ସାମରିକଗୋଷ୍ଠୀଙ୍କର ଗଣତାନ୍ତ୍ରିକ ଦର୍ଶନ ପ୍ରତି କୌଣସି ଶ୍ରଦ୍ଧା ବା ସମ୍ମାନ ନାହିଁ । ବିରାଟ କମ୍ପ୍ୟୁଟର ମେସିନ୍ ପରି ପେଣ୍ଟାଗନ ଖାଲି ହିସାବ କରୁଛି ଯୁଦ୍ଧ ବ୍ୟବସାୟରେ କେତେ ଲାଭ-କ୍ଷତି, କେତେ କମ୍ ଖର୍ଚ୍ଚରେ ପୃଥିବୀର କେତେ କୋଟି ଲୋକଙ୍କୁ କେତେ କମ୍ ସମୟ ଭିତରେ ଧ୍ୱଂସ କରିଦେଇ ହେବ । ଏହି ବିରାଟ ଦାନବ ନିଷ୍ପତ୍ତି କରୁଛି ଯେ ଏହାର ଭୟାବହ ଅସ୍ତ୍ରକୁ ଭିଏତ୍‌ନାମର ବଣଜଙ୍ଗଲ, ଧାନକ୍ଷେତ, ଗାଁଗଣ୍ଡାରେ ପରୀକ୍ଷା କରିବ— ଏହାର ପରମାଣୁ ବୋମାକୁ ଜନାକୀର୍ଣ୍ଣ ହିରୋସୀମା ଓ ନାଗାସାକିରେ ପରୀକ୍ଷା ସ୍ୱରୂପ ପ୍ରୟୋଗ କରିବ—ସଠିକ ଭାବରେ ହିସାବ କରିବ କେତେ ଖର୍ଚ୍ଚରେ କେତେ ଲୋକ ମଲେ—କେତେ ବର୍ଷ ଧରି ବଣଜଙ୍ଗଲରେ ଗଛ ପୋଡ଼ି ଜଳି ପାଉଁଶ ହୋଇ ରହିଲା । କେତେ ବର୍ଷ ଧରି ଧାନ କିଆରୀରେ ଧାନ ଗଛ ହେଲା ନାହିଁ, ଏହାର ରାସାୟନିକ ପ୍ରକ୍ରିୟା ଯୋଗୁ । ଏପରି ଦୟାମାୟାହୀନ ପେଣ୍ଟାଗନ୍ କମ୍ପୁଟର ଯାହା ନିଷ୍ପତ୍ତି କଲା, ଯୁକ୍ତରାଷ୍ଟ୍ର ପ୍ରେସିଡେ଼ଣ୍ଟ ସେଥିରେ ରାଜି ହେବାକୁ ବାଧ୍ୟ । ତାପରେ ପୃଥିବୀର ବିଭିନ୍ନ ଦେଶ ଏହାର ସାମରିକ ପରୀକ୍ଷାଗାରରେ ପରିଣତ ହେଲା । ଆମେରିକାର ଲୋକେ ଏଆଡ଼େ ଯେତେ ବକ୍ତୃତା କରୁଥାଆନ୍ତୁ ପଛେ—ଗଣତାନ୍ତ୍ରିକ ଶାସନ ସଂସ୍ଥାର ଯେତେ ବଡ଼ିମା କରନ୍ତୁ ପଛେ—ପେଣ୍ଟାଗନର ନିଷ୍ପତ୍ତି ବିରୁଦ୍ଧରେ କାମ କରିବାର କାହାରି ଶକ୍ତି ନାହିଁ । ତାହେଲେ ଆମେରିକାର ଗଣତାନ୍ତ୍ରିକ ଗଣଦେବତାର ପ୍ରଭାବ ବେଶି ନା ପେଣ୍ଟାଗନ ଦାନବର ଆଧିପତ୍ୟ ବେଶି, ତାହା ସମସ୍ତଙ୍କର ଚିନ୍ତାର ବିଷୟ । କାରଣ ଯେ କୌଣସି ଗଣତାନ୍ତ୍ରିକ ଦେଶରେ ମଧ୍ୟ ଏ ପ୍ରକାର ମହାପରାକ୍ରମଶାଳୀ ଦୈତ୍ୟର ଆବିର୍ଭାବ ହେବା ଅସମ୍ଭବ ନୁହେଁ ।

ଗତ କେତେ ବର୍ଷ ଧରି ଦକ୍ଷିଣ ଆମେରିକା ଇରାକ, ଯୁଗୋସ୍ଲୋଭାକିଆ ପ୍ରଭୃତି ଦେଶରେ ଏହାର ତାଣ୍ଡବଲୀଳା କିପରି ନିର୍ବିଘ୍ନରେ ଚାଲିଛି ତାହା ଏହାର ଉଦାହରଣ । ଏହି ପରିପେକ୍ଷୀରେ ସଂଯୁକ୍ତ ରାଷ୍ଟ୍ର ସଂସ୍ଥାମାନ ବିଶ୍ୱ ଶାନ୍ତିକ୍ଷେତ୍ରରେ ଅର୍ଥହୀନ ହୋଇପଡ଼ିଛନ୍ତି । ■■■

Digitized by PPRACHIN, SOA

ସତର

ଆମେରିକାର ହିପ୍ପୀ ଗୋଷ୍ଠୀ

ଆମେରିକାନ୍ ହିପ୍ପୀ ବର୍ତ୍ତମାନ ପୃଥିବୀର ସବୁ ଦେଶରେ ଦେଖିବାକୁ ମିଳନ୍ତି । ଭାରତର ବଡ଼ ବଡ଼ ସହରରେ, ପର୍ଯ୍ୟଟନ ଭ୍ରମଣ କେନ୍ଦ୍ରମାନଙ୍କରେ ଦଳ ଦଳ ହିପ୍ପୀ ଦେଖାଯାନ୍ତି । ଭାରତରେ ଯେଉଁ ହିପ୍ପୀମାନେ ଦେଖାଯାନ୍ତି, ସେମାନଙ୍କ ଭିତରୁ ଅଧିକାଂଶ ଅପରିଷ୍କାର ଲୁଗାପଟା ପିନ୍ଧିଥାଆନ୍ତି–ଦେହ ମଧ ମଇଳା– ଯେଉଁଠି ସେଇଠି ଖାଆନ୍ତି, ପିଅନ୍ତି, ଶୁଅନ୍ତି – ଅନେକେ ନାନାପ୍ରକାର ମାଦକଦ୍ରବ୍ୟ ସେବନ କରନ୍ତି ଏବଂ ଏହି ସବୁ ଜିନିଷର ଚୋରା ବେପାରରେ ମଧ ଲିପ୍ତ ଥାଆନ୍ତି । ମୋଟାମୋଟି ଭାବରେ କହିବାକୁ ଗଲେ ଏହି ହିପ୍ପୀଗୋଷ୍ଠୀ ଆମେରିକାର ସମାଜତ୍ୟକ୍ତ ପଳାତକ ଓ ଯାଯାବର ଶ୍ରେଣୀର ଲୋକ । ଏମାନଙ୍କୁ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ଯେ ଏମାନେ ଯୁକ୍ତରାଷ୍ଟ୍ର ଆମେରିକା ପରି ଏତେ ବଡ଼ ବିଭବଶାଳୀ ଓ ପ୍ରାଚୁର୍ଯ୍ୟଭରା ସମାଜ ଛାଡ଼ି କାହିଁକି ଏପରି ପରିତ୍ୟକ୍ତ ଅବସ୍ଥାରେ ଘୂରି ବୁଲୁଛନ୍ତି ?

ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ଅଳ୍ପ କେତେ ବର୍ଷ ହେଲା ହିପ୍ପୀ ନାମଧେୟ ଗୋଟିଏ ଗୋଷ୍ଠୀ ଦେଖିବାକୁ ମିଳୁଛି । ବିଶେଷତଃ ଭିଏତନାମ ଯୁଦ୍ଧ ସମୟରେ ଏମାନଙ୍କର ସଂଖ୍ୟା ବଢ଼ିଗଲା । ଏମାନେ ଆମେରିକାର ଜାଗତିକ ପ୍ରାଚୁର୍ଯ୍ୟ ଲାଭ ପାଇଁ ସମସ୍ତଙ୍କୁ ଅକ୍ଳାନ୍ତ ପରିଶ୍ରମ ଏବଂ ଏହି ସାମାଜିକ ଦିଗ୍‌ଦର୍ଶନ ବିରୁଦ୍ଧରେ ପ୍ରତିବାଦ କରି ଆମେରିକାର ସମାଜ ସହିତ କୌଣସି ସହଯୋଗ କରିବା ପାଇଁ ନାରାଜ । ଏମାନେ ଏହି ସମାଜର ସଂପୂର୍ଣ୍ଣ ପରିବର୍ତ୍ତନ ଚାହାନ୍ତି । ଜାଗତିକ ଐଶ୍ୱର୍ଯ୍ୟ ବିରୁଦ୍ଧରେ ପ୍ରତିବାଦ କରି ଏମାନେ କୌଣସି ଉତ୍ପାଦନଶୀଳ କାମରେ ନିଯୁକ୍ତ ହେବା ପାଇଁ ରାଜି ନୁହନ୍ତି । ଅଧିକାଂଶ ହିପ୍ପୀ ଅତି ଧନୀ ପରିବାରରୁ ଆସିଥାଆନ୍ତି । ବାପାମା'ଙ୍କ ପଇସାରେ ଚାରିଆଡ଼େ ବେପରୁଆ ଭାବରେ ବୁଲନ୍ତି ଏବଂ କୌଣସି ପ୍ରକାର ଉପାଦେୟ କାମ କରିବା ପାଇଁ ଆଗ୍ରହୀ ନୁହନ୍ତି । ଏମାନଙ୍କ ଭିତରେ ନାନା ଦିଗ୍‌ଦର୍ଶନର ଲୋକ ଅଛନ୍ତି । କେହି କେହି ନୂତନ ମାନବିକ ଧର୍ମ ବିଷୟରେ ଆଗ୍ରହୀ ଓ ଆଉ କେତେକ ଚରମ ବାମପନ୍ଥୀ ଦର୍ଶନରେ ଅନୁପ୍ରାଣିତ । କେତେକ ଏକେଲା ଏକେଲା ବା ଦୁଇତିନିଜଣ ହୋଇ ବୁଲନ୍ତି, ଆଉ କେତେକ ଗୋଟିଏ ପ୍ରକାର କମ୍ୟୁନ୍ ବା ଦଳଗତ ଜୀବନ ଯାପନ କରନ୍ତି । ଏହି କମ୍ୟୁନ୍‌ରେ ସମସ୍ତେ ଏକାଠି ରହନ୍ତି–ଏକାଠି ଖାଆନ୍ତି, ଏବଂ ବ୍ୟକ୍ତିଗତ ପରିବାର ବୋଲି ଏଠାରେ କିଛି ନଥାଏ । ଏହି ସମାଜଛଡ଼ା ଗୋଠ କେତେକାଂଶରେ ଆମ ଦେଶର ଘରଛଡ଼ା ସନ୍ନ୍ୟାସୀମାନଙ୍କ ପରି । ଆମର ସନ୍ନ୍ୟାସବ୍ରତ ପଛରେ ଯେପରି ମୋଟାମୋଟି ଗୋଟିଏ ପ୍ରକାର ବିରାଗଭାବ ଥାଏ; ଏମାନଙ୍କଠାରେ ମଧ ସେହିପରି

Digitized by PPRACHIN, SOA

ନିଜ ସମାଜ ପ୍ରତି. ପାଶ୍ଚାତ୍ୟ ସଭ୍ୟତା ପ୍ରତି ବିଶେଷ ବୈରାଗ୍ୟ ଭାବ ରହିଛି । ପାଶ୍ଚାତ୍ୟ ସଭ୍ୟତା ପ୍ରତି ବୈରାଗ୍ୟ ଥିବାରୁ ଏମାନେ ଏହା ସହିତ ସହଯୋଗ କରୁନାହାନ୍ତି; ତେଣୁ ଏତେ ସଂଖ୍ୟାରେ ଏମାନେ ଭାରତରେ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶରେ ଦେଖାଯାଆନ୍ତି । କିନ୍ତୁ ସକ୍ରିୟ ବିପ୍ଳବାତ୍ମକ ପରିବର୍ତ୍ତନ ଆଣି ଏହି ସଭ୍ୟତାକୁ ସଂପୂର୍ଣ୍ଣ ରୂପେ ବଦଳାଇଦେବା ପାଇଁ କୌଣସି ବିଧିବଦ୍ଧ ଯୋଜନାରେ ଏମାନଙ୍କର ବିଶ୍ୱାସ ନାହିଁ । ତେଣୁ ଏମାନେ କେବଳ ପ୍ରତିବାଦ କରି ଅନ୍ୟ ଅସାମାଜିକ କାର୍ଯ୍ୟରେ ନିଜକୁ ଲିପ୍ତ ରଖନ୍ତି, ଅର୍ଥାତ୍ ଯାହା ସମାଜ ସମର୍ଥିତ କାର୍ଯ୍ୟକଳାପ, ତା ବିରୁଦ୍ଧରେ ସେମାନେ କାମ କରନ୍ତି । ସଫାସୁତୁରା ରହିବା, ଭଲ ଜାମା ପେଣ୍ଟ ପିନ୍ଧିବା, ମୁଣ୍ଡବାଳ ଭଲଭାବରେ କାଟିବା, ଘରକୁ ଭଲଭାବରେ ସଜାଇ ରଖିବା ପ୍ରଭୃତି ସାମାଜିକ କାର୍ଯ୍ୟର ଠିକ୍-ବିପରୀତ କାମ ଏମାନେ କରନ୍ତି । ଯେଉଁ ଯେଉଁ କାମ କରିବା ଫଳରେ ବ୍ୟକ୍ତିର ସାମାଜିକ ପ୍ରତିଷ୍ଠା ବଢ଼େ ଏବଂ ସେ ଅଧିକରୁ ଅଧିକ ସୁବିଧା -ସୁଯୋଗ ପାଏ, ଏସବୁ କାମକୁ ଏମାନେ ଆଦୌ ପସନ୍ଦ କରନ୍ତି ନାହିଁ । ମୋଟାମୋଟି ଭାବରେ ଆଧୁନିକ ସାମାଜିକ ବ୍ୟକ୍ତି ହେବା ପାଇଁ ଏମାନଙ୍କର ଆଦୌ ଇଚ୍ଛା ନାହିଁ । ତେଣୁ ଏମାନଙ୍କର କୌଣସି ତଥାକଥିତ ଜାଗତିକ ଉଚ୍ଚାଭିଳାଷ ନାହିଁ ।

ଅନେକଙ୍କ ମତରେ ଆଧୁନିକ ଆମେରିକା ସମାଜର ଏକଦେଶଦର୍ଶୀ ଦିଗ୍‌ଦର୍ଶନ, କେବଳ ଜାଗତିକ ବିଳାସବ୍ୟସନ ଲାଗି ଅତ୍ୟଧିକ ଆସକ୍ତି, ସମାଜରେ ପ୍ରଚଳିତ ଦ୍ୱନ୍ଦାତ୍ମକ ଓ ସଂଘର୍ଷମୟ ଶ୍ରେଣୀଗତ ତିକ୍ତତା, ଅତ୍ୟଧିକ ଧନୀ ଓ ଗରିବ ଭିତରେ ରହୁଥିବା ଆକାଶ ପାତାଳ ପାର୍ଥକ୍ୟ, ନାନା ମିଥ୍ୟା ଆଳରେ ପୃଥିବୀର ବହୁସ୍ଥାନରେ ଆମେରିକା ସରକାରଙ୍କର ଭୟାବହ ସାମରିକ ଉତ୍ପାତ, ଭିଏତ୍‌ନାମ ଯୁଦ୍ଧର ଅଯୌକ୍ତିକତା, ରାଜନୈତିକ ଦଳ ଓ ବ୍ୟକ୍ତିମାନଙ୍କର ଛଳନାପୂର୍ଣ୍ଣ ରାଜନୈତିକ ଚାଲବାଜି ପ୍ରଭୃତି ନୀତିହୀନ ଓ ଅସ୍ୱାଭାବିକ ସାମାଜିକ ବିଭ୍ରାଟ ଯୋଗୁ ଏହି ସମାଜର ଗୋଟିଏ ଅତି ସଂବେଦନଶୀଳ ଯୁବଗୋଷ୍ଠୀ ଏପରି ଭାବରେ ସମାଜ-ପରିତ୍ୟକ୍ତ ହେବାକୁ ପସନ୍ଦ କରିଛି । ଜାଗତିକ ସୁଖ-ସ୍ୱାଚ୍ଛନ୍ଦ୍ୟର ଯେ ଶେଷ ନାହିଁ ଏବଂ ଏହି ଅସରନ୍ତି ଓ ମୂଲ୍ୟହୀନ ମୃଷା ଦୌଡ଼ ପଛରେ ଦୌଡ଼ି ଦୌଡ଼ି ଆମେରିକା ସମାଜ ଅତ୍ୟନ୍ତ ସ୍ୱାର୍ଥପର ହୋଇ ପଡୁଛି; ଖାଲି ସେତିକି ନୁହେଁ, ଡଲାର ଲାଭର ଲୋଭ ଏମାନଙ୍କର ଏତ ବେଶି ଯେ ଅତ୍ୟଧିକ ପରିମାଣରେ ସୁଖ-ସ୍ୱାଚ୍ଛନ୍ଦ୍ୟ ଉପଭୋଗ କରି ସୁଦ୍ଧା ଏହାର ପରିମାଣ ବୃଦ୍ଧି ପାଇଁ ଏମାନେ ଯେକୌଣସି ପ୍ରକାର ରାଜନୈତିକ ଓ ସାମରିକ ଷଡ଼ଯନ୍ତ୍ରରେ ଲିପ୍ତ ହେବାକୁ ପଶ୍ଚାଦ୍‌ପଦ ହୁଅନ୍ତି ନାହିଁ । ନିଜ ଦେଶର ନିରାପତ୍ତା, ମୁକ୍ତ ଓ ସ୍ୱାଧୀନ ଦେଶର ଗଣତାନ୍ତ୍ରିକ ନୀତି ନାମରେ ଭିଏତ୍‌ନାମରେ ଯେ ପ୍ରକାର ରକ୍ତାକ୍ତ ସଂଘର୍ଷ ଏମାନେ ସୃଷ୍ଟି କଲେ, ଲକ୍ଷ ଲକ୍ଷ ଆମେରିକାନ୍ ଯୁବକଙ୍କୁ ସେଠାରେ ଦେଶପ୍ରେମ ନାମରେ ଝାସ ଦେବାକୁ ଯେପରି ଭାବରେ ମରଣ ମୁହଁକୁ ଠେଲିଦିଆଗଲା, ନିରସ୍ତ୍ର ଭିଏତ୍‌ନାମର ଶାନ୍ତିକାମୀ ଜନତା ଉପରେ ଯେପରି ଭାବରେ ନାନା ଧରଣର ଲୋମହର୍ଷଣକାରୀ ବୋମାମାନ ଵିଂଚିଦିଆଗଲା, ମନୁଷ୍ୟର ସ୍ୱାଧୀନତା ଓ ଆମେରିକାର ନିରାପତ୍ତା ବାହାନାରେ, ତା ବିରୁଦ୍ଧରେ ଏହି ସଂବେଦନଶୀଳ ଯୁବକଯୁବତୀଗୋଷ୍ଠୀ ସମାଜତ୍ୟକ୍ତ ହୋଇ ପ୍ରକାରାନ୍ତରେ ଯୁଦ୍ଧ ଘୋଷଣା କଲେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏମାନେ ଅସ୍ତ୍ରଶସ୍ତ୍ର ନେଇ ଆମେରିକାର ପ୍ରତିଷ୍ଠିତ ସରକାର ବିରୁଦ୍ଧରେ ଯୁଦ୍ଧ ଘୋଷଣା ନ କରି ଗଭୀର ବିରକ୍ତି ଓ ତଥାକଥିତ ସଭ୍ୟ ସମାଜ ପ୍ରତି ତୀବ୍ର ଘୃଣା ଯୋଗୁ ଏମାନେ ସମାଜତ୍ୟକ୍ତ ହିପ୍‌ପୀରେ ପରିଣତ ହେଲେ ବୋଲି ଅନେକଙ୍କର ମତ । ଏ କଥା ସତ ଯେ ହିପ୍‌ପୀମାନଙ୍କ ଭିତରେ କଳା, ଗୋରା ଭେଦ ନାହିଁ, ଧନୀ ଦରିଦ୍ର ଭେଦ

Digitized by PPRACHIN, SOA

ପ୍ରଶ୍ନ ତ ଉଠୁନାହିଁ —ସମସ୍ତେ ସମାନ । ଅନ୍ୟ ଦେଶବାସୀଙ୍କ ପ୍ରତି ଏମାନଙ୍କର ଗଭୀର ଶ୍ରଦ୍ଧା ଓ ସମ୍ମାନ ଥାଏ । ନିଜ ଦେଶର ସାମରିକ ବିଭାଗ, ଶାସକବର୍ଗ ଓ ସମାଜର ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ପ୍ରତି ଏମାନଙ୍କର ତୀବ୍ର ଘୃଣା । ଏ ପ୍ରକାର ମନୋଭାବ ପଛରେ ଯେ ଗୋଟିଏ ବିରାଟ ସଂବେଦନଶୀଳ ମାନବିକତା ଏବଂ ବିଶ୍ୱ ଭ୍ରାତୃଭାବ ରହିଛି, ଏଥିରେ ସନ୍ଦେହ ନାହିଁ । ଆଧୁନିକ ପୃଥିବୀର ଦେଶ ଦେଶ ଭିତରେ ଥିବା ସୀମାରେଖା ପ୍ରତି ଏମାନଙ୍କର କୌଣସି ଶ୍ରଦ୍ଧା ନାହିଁ । ତେଣୁ ସେମାନେ ପୃଥିବୀର ଯେକୌଣସି ସ୍ଥାନରେ ମହା ଆନନ୍ଦରେ ଭ୍ରମଣ କରନ୍ତି । ପୃଥିବୀର ଯେକୌଣସି ପ୍ରାନ୍ତରର ଜନତା ସହିତ ମିଳିମିଶି ଚଳିପାରନ୍ତି । ସେମାନଙ୍କ ପ୍ରତି କୌଣସି ବିଦ୍ୱେଷ ବା ବିରକ୍ତି ଏମାନଙ୍କର ନାହିଁ ।

ହିପ୍‌ପୀଗୋଷ୍ଠୀର ଏହି ମୂଳ ଦିଗ୍‌ଦର୍ଶନ ଓ ମନୋଭାବ ଯେ ପ୍ରତ୍ୟେକ ହିପ୍‌ପୀର ସଚେତନ ମନରେ ସର୍ବଦା କାମ କରୁଛି, ଏହା କହିବା କଷ୍ଟ; କିନ୍ତୁ ହିପ୍‌ପୀଦର୍ଶନ ଯେ ଗୋଟିଏ ବଳିଷ୍ଠ ମାନବିକ ଅନୁକମ୍ପା ଏବଂ ପୃଥିବୀର ମନୁଷ୍ୟ ଜାତି ପ୍ରତି ଗଭୀର କରୁଣା ଉପରେ ପ୍ରତିଷ୍ଠିତ, ଏଥିରେ ସନ୍ଦେହ ନାହିଁ । ଏମାନଙ୍କ ଭିତରେ ଅନେକ ବିଦ୍ୱାନ୍ ଦେଖାଯାନ୍ତି । ଭିନ୍ନ ଭିନ୍ନ ଦିଗରେ ସେମାନଙ୍କର ଅଗାଧ ପାଣ୍ଡିତ୍ୟ ରହିଛି । ଏମାନଙ୍କ ସହିତ ଆଲୋଚନା କଲେ, ଏମାନଙ୍କର ଦର୍ଶନ ପ୍ରତି ସ୍ୱତଃ ଶ୍ରଦ୍ଧା ଜନ୍ମେ; କିନ୍ତୁ ଗୋଟିଏ କଥା ଭାବିଲେ ଦୁଃଖ ହୁଏ ଯେ ଗୋଟିଏ ବିଶିଷ୍ଟ ପ୍ରତିଭାଶାଳୀ ଯୁବସଂପ୍ରଦାୟ ଏପରିଭାବରେ ନିଜ ନିଜର ଜୀବନକୁ ଅପଚୟ କରିଦେଉଛନ୍ତି– ଯୁକ୍ତରାଷ୍ଟ୍ର ଆମେରିକାର ଅସ୍ୱାଭାବୀ ସମାଜ ବିରୁଦ୍ଧରେ ପ୍ରତିବାଦ କରି, ସାରା ମନୁଷ୍ୟ ସମାଜ ପ୍ରତି ଗଭୀର ଅଭିମାନ କରି, ନିଜକୁ ଏପରିଭାବରେ ତିଳେ ତିଳେ ନଷ୍ଟ କରିଦେଉଛନ୍ତି । ଅନ୍ୟ ଗୋଟିଏ ଦୃଷ୍ଟିକୋଣରୁ ବିଚାର କଲେ, ଏହା ଗୋଟିଏ ପ୍ରକାର ଆତ୍ମହତ୍ୟା କହିଲେ ଅତ୍ୟୁକ୍ତି ହେବନାହିଁ । ବିଂଶ ଶତାବ୍ଦୀର ଅମାନୁଷିକ ସଭ୍ୟତା ଓ ଶଠତାପୂର୍ଣ୍ଣ ସଂସ୍କୃତି ବିରୁଦ୍ଧରେ ଏହା ଏହି ଗୋଷ୍ଠୀର ଚରମ ଆତ୍ମାହୂତି ବୋଲି କୁହାଯାଇପାରେ । ବିଂଶ ଶତାବ୍ଦୀର ମନୁଷ୍ୟ ନିଜକୁ ସଭ୍ୟ ଓ ସଂସ୍କୃତ ବୋଲି ବାହାବା ନେଉଥିଲେ ମଧ୍ୟ ଦେଶ ଦେଶ ଭିତରେ ଯେ ପ୍ରକାର ତୀବ୍ର ପ୍ରତିଯୋଗିତା ଚାଲିଛି, ଦେଶ ପ୍ରେମ ନାମରେ ଅନ୍ୟ ଜାତି ଓ ସମାଜକୁ ଯେପରି ଭାବରେ ତୀବ୍ର ଘୃଣା କରୁଛି– ପରମାଣୁ ଓ ଉଦ୍‌ଜାନ ବୋମା ଧରି ସର୍ବଦା କିପରି କୋଟି କୋଟି ମଣିଷକୁ ଧୂଳିସାତ୍ କରିବା ପାଇଁ ଯୋଜନା କରୁଛି- ତା କଥା ଯେ ନଶୁଣିବ ତା ଉପରେ ପରମାଣୁ ବୋମା ନିକ୍ଷେପ କରିବ ବୋଲି ଯେପରି ନିର୍ଲଜ୍ଜ ଭାବରେ ବାହାସ୍ଫୋଟ ମାରୁଛି—କୋଟି କୋଟି ସଂଖ୍ୟାରେ ଲୋକ ଖାଦ୍ୟ ନ ପାଇ ମରୁଥିଲା ବେଳେ ଆଉ କେତେକ ଦେଶ ଯେପରି କଳ୍ପନାତୀତ ଭାବରେ ମାରଣାସ୍ତ୍ର ତିଆରି କରୁଛନ୍ତି, ତାହା ଭାବିଲେ ମନରେ ଗଭୀର ଦୁଃଖ ଓ ବିସ୍ମୟ ଜାତ ହୁଏ । ଆଗେ ଯୁଦ୍ଧକ୍ଷେତ୍ରରେ କେବଳ ସୈନ୍ୟସାମନ୍ତ ମୃତ୍ୟୁମୁଖରେ ପଡୁଥିଲେ; କିନ୍ତୁ ବର୍ତ୍ତମାନର ବିଂଶ ଶତାବ୍ଦୀର ତଥାକଥିତ ଉନ୍ନତ ଓ ସଭ୍ୟ ମାନବଗୋଷ୍ଠୀ କେତେ କମ୍ ଖର୍ଚ୍ଚରେ ପୃଥିବୀର କେତେ କୋଟି ନିରୀହ ମନୁଷ୍ୟଙ୍କୁ କେତେ କମ୍ ସମୟ ଭିତରେ ମାରିଦେଇ ପାରିବ, ସେ ବିଷୟରେ ବାହାଦୁରୀ ନେବାକୁ ଚାହୁଁଛି । ପରମାଣୁ ବୋମା ଫୁଟାଇପାରିଲେ ଦେଶର ମର୍ଯ୍ୟାଦା ବଢୁଛି ! ଏ ପ୍ରକାର ମାୟାମମତାହୀନ ଭୟଙ୍କର ସଭ୍ୟତା ଭିତରେ ହିପ୍‌ପୀ ସଂପ୍ରଦାୟର ଯୁବକ-ଯୁବତୀମାନେ ଯେ ଭବିଷ୍ୟତ ବିଶ୍ୱମାନବିକ ସଭ୍ୟତାର ସ୍ୱପ୍ନ ଦେଖୁଛନ୍ତି, ଏଥିରେ ସନ୍ଦେହ ନାହିଁ । ଏହି କାରଣରୁ ହିପ୍‌ପୀଦର୍ଶନର ବିରାଟ ମାନବୀୟ ଦିଗ୍‌ଦର୍ଶନ ରହିଛି । ଆଧୁନିକ ପାଶ୍ଚାତ୍ୟ ସଭ୍ୟତା ଦୃଷ୍ଟିରୁ ଏମାନେ ସମାଜଛଡ଼ା; କାରଣ

Digitized by PPRACHIN, SOA

ଏମାନେ ଭବିଷ୍ୟତ ସଭ୍ୟତାର ପ୍ରତୀକ—ଅନାଗତ ଭବିଷ୍ୟତର ପଥପ୍ରବର୍ତ୍ତକ; କିନ୍ତୁ ଠିକ୍ ଏହି ଉପାୟରେ ଯେ ପୃଥିବୀର ନରନାରୀଙ୍କୁ ଈପ୍‌ସିତ ଲକ୍ଷ୍ୟରେ ପହଞ୍ଚାଇବା ସମ୍ଭବ, ଏ ବିଷୟରେ ମଧ୍ୟ ସେମାନଙ୍କର କୌଣସି ଯୋଜନା ନାହିଁ । ଏମାନେ କେବଳ ପ୍ରତିବାଦୀ ଏବଂ ସେଥିପାଇଁ ଚରମ ଆତ୍ମାହୂତି ଦେବା ପାଇଁ ପ୍ରସ୍ତୁତ । ଏମାନେ କୌଣସି କ୍ଷେତ୍ରରେ ନେତୃତ୍ୱ ଦେବାରେ ଆଗ୍ରହୀ ନୁହନ୍ତି—ନିଜ ପକ୍ଷ ପ୍ରତିପାଦନ କରିବାରେ ଅଭିଳାଷୀ ନୁହନ୍ତି— କୌଣସି ପ୍ରକାର ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗେଇ ଚାଲିବାର ସ୍ପୃହା ମଧ୍ୟ ଏମାନଙ୍କର ଥିଲା ପରି ମନେ ହୁଏନା । ଏମାନେ କେବଳ ନିଜକୁ କ୍ଷୟ କରିବା ପାଇଁ ସମର୍ଥ; ସମାଜକୁ ବଦଳାଇବା ପାଇଁ ଅସମର୍ଥ । ଏହି ଅଦ୍ଭୁତ ଗୋଷ୍ଠୀଟିକୁ ଖୁବ୍ ନିକଟରୁ ଦେଖିଲେ ଯେକୌଣସି ଚିନ୍ତାଶୀଳ ବ୍ୟକ୍ତିର ମନ ଗଭୀର ଦୁଃଖରେ ଭରିଉଠେ । ଇଚ୍ଛା ହୁଏ ଏମାନଙ୍କୁ ରାସ୍ତା କଡ଼ରୁ ଉଠାଇ ଆଣିବା ପାଇଁ; କିନ୍ତୁ ଯେ କୌଣସିମତେ ଏହା ଚାହୁଁ ନାହିଁ, ତାକୁ ଉଠାଇବା ଅସମ୍ଭବ । ବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଯୁକ୍ତରାଷ୍ଟ୍ର ଆମେରିକା ପରି ବିତ୍ତଶାଳୀ ଦେଶରୁ ଏ ପ୍ରକାର ଗୋଟିଏ ସମାଜବିରୋଧୀ ଗୋଷ୍ଠୀ ଯେ ସୃଷ୍ଟି ହୋଇପାରିବ, ଏହା ମଧ୍ୟ କମ୍ ଆଶ୍ଚର୍ଯ୍ୟର କଥା ନୁହେଁ । ସମାଜବିଜ୍ଞାନୀ ଓ ମନୋବିଜ୍ଞାନୀଙ୍କ ମତରେ ଆମେରିକାର ଅତି କୃତ୍ରିମ ଓ ସଂଘର୍ଷମୟ ଅସ୍ୱାଭାବୀ ସମାଜରେ ଏମାନଙ୍କର ସୃଷ୍ଟି ସଂପୂର୍ଣ୍ଣ ଯୁକ୍ତିଯୁକ୍ତ ଓ ଯଥାର୍ଥ । ପୃଥିବୀର ଅନ୍ୟାନ୍ୟ ସଭ୍ୟ ଦେଶମାନଙ୍କ ପକ୍ଷରେ ଏହାକୁ ସବୁବେଳେ ଆଖି ଆଗରେ ରଖିବା ଉଚିତ ବୋଲି ଏମାନଙ୍କର ମତ । ■■■

Digitized by PPRACHIN, SOA

ଅଠର

ଶେଷକଥା

ଯୁକ୍ତରାଷ୍ଟ୍ର ଆମେରିକାରେ କେତେ ସମୟ ରହିଲା ପରେ ଏହି ଯେଉଁ ସ୍ଥୂଳ ଚିତ୍ରଟି ଲେଖକର ମନକୁ ଆସିଥିଲା, ସେ ବିଷୟରେ ଗୋଟିଏ ମୋଟାମୋଟି ଧାରଣା ଦେବା ଉଦ୍ଦେଶ୍ୟରେ ଏହା ଲେଖାଯାଇଛି ।

ପୁଞ୍ଜିପତି ଆମେରିକାର ଅତି ଶକ୍ତିଶାଳୀ ସାମରିକ ବିଭାଗ ଓ ଶାସନ ବିଭାଗ କିପରି ଜନସାଧାରଣଙ୍କର ମତାମତ ବିରୁଦ୍ଧରେ କାମ କରୁଛି, ଏହା ଆମେରିକାରେ ଅଳ୍ପଦିନ ବୁଲିଲେ, ବୁଦ୍ଧିଜୀବୀଙ୍କ ସହିତ ଆଲୋଚନା କଲେ ଏବଂ ଯତ୍ନ ସହକାରେ କେତେକ ବିଶିଷ୍ଟ ସାମ୍ୱାଦିକଙ୍କ ଲେଖାକୁ ଅନୁଧ୍ୟାନ କଲେ ତାହା ସହଜରେ ଉପଲବ୍ଧି କରିହୁଏ । ଯେକୌଣସି ଗଣତାନ୍ତ୍ରିକ ଦେଶରେ ଯେ ଏହା ଗୋଟିଏ ବିପଦ୍‌ଜନକ ପରିସ୍ଥିତି ସୃଷ୍ଟି କରୁଛି, ତାହା ଏମାନଙ୍କଠାରେ ଅତି ସ୍ପଷ୍ଟଭାବରେ ଜଣାଯାଏ । ଆମେରିକା ପ୍ରେସିଡେଣ୍ଟଙ୍କ ବେପରୁଆ ଭାବ ଓ ମୁଷ୍ଟିମେୟ ପୁଞ୍ଜିପତିଙ୍କର ସ୍ୱାର୍ଥସାଧନ ପାଇଁ ସେମାନଙ୍କର ବହୁ ଅଗଣତାନ୍ତ୍ରିକ ମନୋଭାବ ବିଷୟରେ ଅତି ସ୍ପଷ୍ଟ ଚିତ୍ର ପ୍ରେସିଡେଣ୍ଟ ନିକ୍ସନଙ୍କର ପଦତ୍ୟାଗ ପୂର୍ବରୁ ଏବଂ ପରେ ଏଠାକାର ପତ୍ରପତ୍ରିକାରେ ମିଳୁଥିଲା । ଏ ବିଷୟରେ ବହୁ ଚିନ୍ତାଶୀଳ ବ୍ୟକ୍ତି ଗଭୀର ଉଦ୍‌ବିଗ୍ନ ବୋଲି ମଧ୍ୟ ଜଣାଯାଏ ।

ଅବ୍ୟାହତ ଗତିରେ ଯୁକ୍ତରାଷ୍ଟ୍ର ଆମେରିକାରେ ଅସାମାଜିକ କାର୍ଯ୍ୟାବଳୀ ଯେ କ୍ରମେ କ୍ରମେ ବଢ଼ିଚାଲିଛି, ତାହାର ସ୍ପଷ୍ଟ ଆଭାସ ଲେଖକକୁ ମିଳିଥିଲା । ଲେଖକ ୧୯୫୭ରେ ଥରେ ଯୁକ୍ତରାଷ୍ଟ୍ର ଆମେରିକା ଯାଇଥିଲା । ତାପରେ ୧୯୭୩-୭୪ରେ ଦ୍ୱିତୀୟଥର ପାଇଁ ଯିବାର ସୁଯୋଗ ମିଳିଲା । ଏହି କେତେ ବର୍ଷ ଭିତରେ ଏ କ୍ଷେତ୍ରରେ ବହୁ ପରିମାଣରେ ଯେ ସାମାଜିକ ଦୁରବସ୍ଥା ଦେଖାଦେଇଛି, ଏଥିରେ ସନ୍ଦେହ ନାହିଁ । ନିୟୁୟର୍କ, ସିକାଗୋ ପରି ସହରରେ ରାତିରେ ଯିବା ପାଇଁ ବିପଦ ବଢ଼ିଚାଲିଛି । ଯୌନ ଅପରାଧର ମାତ୍ରା ବଢ଼ିଛି—ଯୌନ ସିନେମାଚିତ୍ରାବଳୀର ନଗ୍ନତା ବଢ଼ିଛି । ପାରିବାରିକ ଦୁଶ୍ଚିନ୍ତା ଏବଂ ଅଶାନ୍ତି ବହୁ ପରିମାଣରେ ବୃଦ୍ଧି ପାଇଛି । ଅଳ୍ପବୟସ୍କ ପିଲାଙ୍କର ମାନସିକ ଅସ୍ଥିରତା ତଥା ଅଗ୍ରଧର୍ଷିତା, ଅସାମାଜିକ ବ୍ୟବହାରର ମାତ୍ରା ମଧ୍ୟ ବଢ଼ୁଛି । ମୋଟାମୋଟି ଭାବରେ ସାମାଜିକ ଅସ୍ଥିରତା ତଥା ଅସ୍ୱାଭାବୀ ପରିସ୍ଥିତିର ସୁଦୂରପ୍ରସାରୀ ପ୍ରଭାବ ସମସ୍ତଙ୍କୁ ବିବ୍ରତ କରୁଥିବାର ପ୍ରମାଣ ମଧ୍ୟ ଅତି ସ୍ପଷ୍ଟ ।

ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଭିତରେ ଗତ କେତେ ବର୍ଷ ତଳର ବିରାଟ ବିକ୍ଷୋଭ ପରେ ଯେ ଗୋଟିଏ ପ୍ରକାର ଗଭୀର ବ୍ୟର୍ଥତା ଦେଖାଦେଇଛି, ତାହା ସେମାନଙ୍କର ଆଲୋଚନାରୁ ଜଣାଯାଏ । ଗତ କେତେ ବର୍ଷ ଭିତରେ ଯୁକ୍ତରାଷ୍ଟ୍ର ଆମେରିକାରେ ହିପ୍‌ପୀଗୋଷ୍ଠୀ, ହରେକୃଷ୍ଣ ସଂପ୍ରଦାୟ ଓ ନାନା ପ୍ରକାର ରହସ୍ୟାବୃତ ଦାର୍ଶନିକ ଚିନ୍ତାଧାରାର ଅଭ୍ୟୁଦୟ ସହିତ ନାନାପ୍ରକାର ମାଦକଦ୍ରବ୍ୟ ସେବନ ବହୁ ପରିମାଣରେ ବଢ଼ିଯାଇଛି । ଏହି ଗୋଷ୍ଠୀର

Digitized by PPRACHIN, SOA

ଯୁବକଯୁବତୀମାନଙ୍କ ସହିତ ଆଲୋଚନାରୁ ଏହା ଜଣାଗଲା ଯେ ଏହି ସବୁ ଗୋଷ୍ଠୀ ବିରାଟ ସାମାଜିକ ଓ ରାଜନୈତିକ ବ୍ୟର୍ଥତା ଯୋଗୁ ଉଦ୍‌ଭବ ହେଉଛି । ଏହି ଅଣ-ସାମାଜିକ କ୍ରିୟା କଳାପ ଯୁକ୍ତରାଷ୍ଟ୍ର ଆମେରିକାରେ ବହୁ ପ୍ରକାର ସାମାଜିକ ବିଭ୍ରାଟ ସୃଷ୍ଟି କରୁଛି । ଏହା ମଧ୍ୟ ଯେକୌଣସି ଆଗନ୍ତୁକ ଲକ୍ଷ୍ୟ କଲେ ଜାଣିପାରିବ ।

ଏସବୁ ସାମାଜିକ ବିଭ୍ରାଟ ସତ୍ତ୍ୱେ ଏ ଦେଶର ଜନସାଧାରଣଙ୍କଠାରେ ଗୋଟିଏ ବିରାଟ ଜୀବନୀଶକ୍ତି ରହିଛି । ଏମାନେ ଯେକୌଣସି ବିପଦର ସମ୍ମୁଖୀନ ହେବାରେ ପଛାଇବେ ନାହିଁ, ଯେକୌଣସି ଅଭାବ ଅସୁବିଧା ଏମାନଙ୍କୁ ଦବାଇ ପାରିବ ନାହିଁ । ଏମାନଙ୍କର ବ୍ୟକ୍ତିଗତ ତଥା ଜାତୀୟ ଧୈର୍ଯ୍ୟ ଓ ସାହସ ଏତେ ବେଶି ଯେ, ଯେକୌଣସି ବାଧାବିଘ୍ନର ସମ୍ମୁଖୀନ ହେବା ପାଇଁ ଏମାନଙ୍କର ଅପରିମେୟ ନୈତିକ ତଥା ମାନସିକ-ବଳ ରହିଛି । ଉଦାହରଣ ସ୍ୱରୂପ ୧୯୫୭ରେ ସୋଭିଏତ୍ ରୂଷ ଯେତେବେଳେ ପ୍ରଥମେ ସ୍ପୁଟନିକ ଛାଡ଼ିଲା, ଏମାନେ ହଠାତ୍ ଦବିଗଲେ—ରୁଷର ଅଭୂତପୂର୍ବ ସାଫଲ୍ୟରେ ଏମାନେ ନିଜର ବୈଜ୍ଞାନିକ କୃତିତ୍ୱକୁ ହେୟ ମନେକଲେ; କିନ୍ତୁ ଏହି ଦେଶର ଅଫୁରନ୍ତ ଜୀବନୀଶକ୍ତି ଏହି ପରିସ୍ଥିତିର ମୁକାବିଲା କଲା । କିଛି ବର୍ଷ ପରେ ମଣିଷକୁ ଚନ୍ଦ୍ରପୃଷ୍ଠରେ ଓହ୍ଲାଇ ଦେଇ—ସୋଭିଏତ ରୁଷକୁ ଏ କ୍ଷେତ୍ରରେ ପଛକୁ ହଟାଇଦେଇ ଚରମ ସାଫଲ୍ୟ ଅର୍ଜନ କରିପାରିଲା; ଅର୍ଥାତ୍ ଏ ଦେଶ ଲୋକଙ୍କଠାରେ ବିରାଟ ଆତ୍ମପ୍ରତ୍ୟୟ ରହିଛି- ଜନସାଧାରଣଙ୍କଠାରେ ଗଭୀର ମାନବିକବୋଧ ରହିଛି; କିନ୍ତୁ ପୁଞ୍ଜିପତିଙ୍କର ଅପରିମିତ ଶକ୍ତି ଓ ଅର୍ଥବଳ ଯୋଗୁ ଏବଂ ପରମ ଶକ୍ତିଶାଳୀ ପେଣ୍ଟାଗନର କୁପ୍ରଭାବ ଯୋଗୁ ଜନସାଧାରଣଙ୍କର ଏହି ବିରାଟ ମାନବିକ ଶକ୍ତି ଉପଯୁକ୍ତ ମାର୍ଗରେ ପରିସ୍ଫୁଟିତ ହୋଇପାରୁ ନାହିଁ । ଫଳରେ ଏହି ଦୁଇଟି ବିରାଟ ଶକ୍ତିର ସଂଘର୍ଷ ଯୋଗୁଁ ନାନାପ୍ରକାର ଅସାମାଜିକ ଘଟଣା ଓ ବ୍ୟର୍ଥତା ଏତେ ବରିମାଣରେ ଦେଖାଯାଉଛି । ଏହି ଦୁଇଟି ପରସ୍ପରବିରୋଧୀ ଶକ୍ତିର ଜୀବନୀ ଶକ୍ତି ଅତ୍ୟନ୍ତ ବଳିଷ୍ଠ ହୋଇଥିବାରୁ ସାମାଜିକ ଅପକ୍ଷୟର ମାତ୍ରା ମଧ୍ୟ ଏତେ ବେଶି ପରିମାଣରେ ଦେଖାଦେଉଛି । ଦୁଇଟି କ୍ଷୀଣସ୍ରୋତା ଦୁର୍ବଳ ଝରଣାର ମୁହାଁମୁହିଁ ସଂଘର୍ଷ ଅପେକ୍ଷା ଦୁଇଟି ବିରାଟ ପ୍ରଖରସ୍ରୋତା ସ୍ରୋତସ୍ୱତୀର ଏପ୍ରକାର ସଂଘର୍ଷ ନିଶ୍ଚୟ ଅତି ଭୟାବହ ହେବ । ଯୁକ୍ତରାଷ୍ଟ୍ର ଆମେରିକାରେ ବର୍ତ୍ତମାନ ଏହି ଦୁଇଟି ଶକ୍ତିର ପରୀକ୍ଷା ନାନା କ୍ଷେତ୍ରରେ ଅତି ଭୟଙ୍କର ଭାବରେ ଦେଖାଦେଇଛି । ଏହି ସଂଘର୍ଷରୁ ଅନ୍ୟାନ୍ୟ ଗଣତାନ୍ତ୍ରିକ ଦେଶର ନାଗରିକମାନଙ୍କର ବହୁ ଶିଖିବାର ଅଛି । ବିଂଶ ଶତାବ୍ଦୀ ଶେଷ ହେବା ପୂର୍ବରୁ ଯେ ଏହାର ସମାଧାନ ହେବ— ଏଥିରେ ସନ୍ଦେହ ନାହିଁ, କାରଣ କୌଣସି ଗୋଟିଏ ବିରାଟ ଶକ୍ତି ସଂଘର୍ଷମୟ ପରିସ୍ଥିତି ଭିତର ଦେଇ ବେଶି ସମୟ ଚାଲି ପାରିବ ନାହିଁ । ସମାଧାନ ଉପରେ ହିଁ ଏହାର ଭବିଷ୍ୟତ ନିର୍ଭର କରେ ।

■■■

Digitized by PPRACHIN, SOA

Digitized by PPRACHIN, SOA

Digitized by PPRACHIN, SOA

ସୋଭିଏତ୍ ରୁଷ ଅନୁଭୂତି ସଂପର୍କରେ

୧୯୬୫ ଓ ୧୯୬୭ରେ ମୁଁ ଦୁଇଥର ସୋଭିଏତ୍ ରୁଷ ପରିଭ୍ରମଣରେ ଯାଇଥିଲି । ବିଶ୍ୱଶାନ୍ତି ସମାରୋହରେ ଯୋଗ ଦେବା ଲାଗି ଭାରତୀୟ ପ୍ରତିନିଧି ହିସାବରେ ମୁଁ ପ୍ରଥମେ ସୋଭିଏତ୍ ରୁଷ ଯାଇଥିଲି । ତାପରେ ୧୯୬୭ ମସିହାରେ ଭାରତୀୟ ଶିକ୍ଷାବିତ୍‌ମାନଙ୍କ ତରଫରୁ ଗୋଟିଏ ତିନିଜଣିଆ ପ୍ରତିନିଧି ଦଳର ସଦସ୍ୟ ହିସାବରେ ସୋଭିଏତ୍ ରୁଷରୁ ନିମନ୍ତ୍ରଣ ପାଇ ପ୍ରାୟ ଏକାମାସ କାଳ ରୁଷର ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କୁ ଯିବାର ସୌଭାଗ୍ୟ ହୋଇଥିଲା । ପ୍ରଥମ ଯାତ୍ରା କାଳରେ ମୁଁ ଯେଉଁ ଅନୁଭୂତି ଗୁଡ଼ିକୁ ଗୋଟିଏ ବହି ଆକାରରେ 'ନବସଭ୍ୟତାର ଦେଶ' ନାମରେ ପ୍ରକାଶ କରିଥିଲି, ତାହା ୧୯୬୬ରେ ନେହରୁ ପୁରସ୍କାର ପ୍ରାପ୍ତ ହୋଇଥିଲା ଏବଂ ତାର ସାରାଂଶ ରୁଷ ଭାଷାରେ ଅନୂଦିତ ହୋଇଥିଲା ବୋଲି ଦ୍ୱିତୀୟ ରୁଷ ଭ୍ରମଣ କାଳରେ ଶୁଣିଲି ।

ସେ ସମୟରେ ଯେଉଁସବୁ ଅନୁଭୂତି ବିଷୟରେ ଲେଖା ହୋଇଥିଲା, ସେସବୁରେ ସୋଭିଏତ୍ ରୁଷର ସାମାଜିକ, ସାଂସ୍କୃତିକ ଓ ରାଜନୈତିକ ଚରିତ୍ରର ବାସ୍ତବ ଚିତ୍ର ପ୍ରଦର୍ଶିତ ହୋଇଥିଲା । ବହୁ ଘଟଣା ଇଂରେଜୀରେ ପ୍ରକାଶିତ ତଥ୍ୟ ଉପରେ ପର୍ଯ୍ୟବସିତ ଥିଲା ଏବଂ ତାର ସତ୍ୟାସତ୍ୟ ଲେଖକର ଆଲୋଚନା ଏବଂ ବ୍ୟକ୍ତିଗତ ପର୍ଯ୍ୟବେକ୍ଷଣ ଉପରେ ଆଧାରିତ । ସୋଭିଏତ୍ ବିପ୍ଳବ ଯେ ଗତ ଶତାବ୍ଦୀର ଗୋଟିଏ ଯୁଗାନ୍ତକାରୀ ସାମାଜିକ ପରିବର୍ତ୍ତନର ସୂତ୍ରପାତ କରିଥିଲା ଏବଂ ମହାମାନବୀୟ ସ୍ୱପ୍ନକୁ ବାସ୍ତବରେ ପରିଣତ କରିବାର ଅଭିଳାଷ ଅଗଣିତ ବିଶ୍ୱ ଜନତାକୁ ଅନୁପ୍ରାଣିତ କରିଥିଲା ଏବଂ ସେଥିଲାଗି ଅହରହ ଉଦ୍ୟମ ସୋଭିଏତ୍ ରୁଷରେ ହେଉଥିଲା, ଏଥିରେ ସଂଦେହ ନାହିଁ । ତା' ଫଳରେ ଗୋଟିଏ ଅନୁନ୍ନତ ନିରକ୍ଷର ରୁଗ୍ଣ ସାମନ୍ତବାଦୀ ସାମାଜିକ ସଂସ୍ଥା ସଂପୂର୍ଣ୍ଣ ରୂପେ ଯେ ବଦଳିଗଲା, ଏଥିରେ ଦ୍ୱିମତ ନାହିଁ । ଶିକ୍ଷା, ବିଜ୍ଞାନ ଶିଳ୍ପ

Digitized by PPRACHIN, SOA

ଉତ୍ପାଦନ, ଅନ୍ତରୀକ୍ଷ ଯାତ୍ରା ପ୍ରଭୃତି କ୍ଷେତ୍ରରେ ଅନ୍ୟାନ୍ୟ ଉନ୍ନତ ଦେଶଠାରୁ ମଧ୍ୟ ଆଗେଇଗଲା । ଏହା ନିଶ୍ଚିତ ଭାବରେ ପୃଥିବୀ ଇତିହାସରେ ଅଦ୍ୱିତୀୟ ପରିବର୍ତ୍ତନ ବୋଲି ପୃଥିବୀର ବହୁ ଚିନ୍ତାଶୀଳ ବ୍ୟକ୍ତି ସ୍ୱୀକାର କରିଛନ୍ତି । ସାରା ସମାଜର ପ୍ରଚଣ୍ଡ ଜୀବନୀ ଶକ୍ତିର ଉଦ୍‌ବେଳନା ହିଁ ଦୁର୍ଦ୍ଧର୍ଷ ହିଟଲର ବାହିନୀକୁ ପରାସ୍ତ କରିପାରିଥିଲା । ଏଥିପାଇଁ ଏମାନଙ୍କୁ ଯେତେ କ୍ଷତି ସହିବାକୁ ପଡ଼ିଥିଲା ଏବଂ ଯେତେ ସଂଖ୍ୟାରେ ରୁଷ ଲୋକେ ପ୍ରାଣବଳୀ ଦେଇଥିଲେ ତା'ଫଳରେ ତିନିହଜାର ମାଇଲ୍‌ବ୍ୟାପୀ ଯୁଦ୍ଧକ୍ଷେତ୍ରରେ ଅଧିକୃତ ଅଂଚଳମାନ ପୁରୁଷହୀନ ହୋଇ ପଡ଼ିଥିଲା; କିନ୍ତୁ ନାରୀମାନଙ୍କର ଗତ କେତେବର୍ଷର ସମାଜ ବାଦୀ ଆଦର୍ଶରେ ଅନୁପ୍ରାଣିତ ନାରୀ ଶିକ୍ଷା ଓ ସ୍ୱାଧୀନତା ଚେତନାର ଉଦ୍ଦାମ ଶକ୍ତି ଜର୍ମାନୀ ସୈନ୍ୟ ବାହିନୀକୁ ଯେପରି ଭାବରେ ଚଳିତଚଞ୍ଚଳ କରି ଦେଇଥିଲା ତାହା ପୃଥିବୀ ଇତିହାସରେ ବିରଳ । ଏ ପ୍ରକାର ବିରାଟ ସାଫଲ୍ୟ ଏହାର ସମାଜବାଦୀ ଦର୍ଶନ ଓ ସମଗ୍ର ଜନ ସାଧାରଣଙ୍କର ପ୍ରଚଣ୍ଡ ଜାଗରଣ ଯୋଗୁ ଯେ ସଂଭବ ହେଲା, ଏଥିରେ ସଂଦେହ ନାହିଁ । ତେଣୁ ୧୯୯୦ରେ ସୋଭିଏତ୍ ରୁଷର ଆଦର୍ଶଗତ ପତନ ଯୋଗୁ ଯେଉଁ ରୁଷ ବିପ୍ଳବ ବିରୋଧୀ ସମାଲୋଚକମୂଳକ ଆକ୍ଷେପମାନ ଶୁଣାଯାଏ, ତାହା ଯେ କିପରି ଭିତ୍ତିହୀନ, ଏହା ସହଜରେ ବୁଝିହୁଏ ।

ପ୍ରତ୍ୟେକ ରାଜନୈତିକ ସଂସ୍ଥା ଗଢ଼ି ଉଠିଲା ବେଳେ ସେ ଭିତରେ କେତେଗୁଡ଼ିଏ ବିପରୀତମାର୍ଗୀ ପ୍ରକ୍ରିୟା ମଧ୍ୟ କାମ କରିବା ସ୍ୱାଭାବିକ । ଯେଉଁ ଦଳ ବା ନେତାମାନେ ଏ ବିଷୟରେ ସଚେତନ ଥାଆନ୍ତି, ସେମାନେ ଏହାର ପ୍ରତିକ୍ରିୟାଗତ ଫଳାଫଳକୁ ରୋକିପାରନ୍ତି ଏବଂ ସମାଜବାଦୀ ଆଦର୍ଶକୁ ଆଗେଇ ନିଅନ୍ତି । ଯାହାକି ଚୀନ ନେତାମାନେ ଗତ ଅର୍ଦ୍ଧଶତାବ୍ଦୀ ଧରି କରି ଆସୁଛନ୍ତି । ଫଳରେ ସମାଜବାଦ ଚୀନରେ ନୂତନ ରୂପରେ ପ୍ରତିଫଳିତ ହୋଇ ଚାଲିଛି । ସୋଭିଏତ୍ ରୁଷରେ ମଧ୍ୟ ଏକଛତ୍ରବାଦୀ ଷ୍ଟାଲିନଙ୍କ ପ୍ରବର୍ତ୍ତିତ ଶାସନ ସଂସ୍ଥାରେ କିଛି ପରିବର୍ତ୍ତନ ଅଣା ହୋଇଥିଲା, କିନ୍ତୁ ଏତେବର୍ଷ ଧରି ଏପରି ବଳିଷ୍ଠ ଭାବରେ ପ୍ରତିଷ୍ଠିତ ହୋଇଯାଇଥିବା ଶାସନ ପ୍ରଣାଳୀକୁ ବଦଳାଇବା ସଂଭବ ହୋଇପାରି ନଥିଲା । ଗୋର୍ବାଚୋଭଙ୍କର ସଂସ୍କାର ବେଳକୁ ବହୁତ ଡେରି ହୋଇଯାଇଥିଲା ଏବଂ ପୁଞ୍ଜିପତି ମନୋଭାବାପନ୍ନ ନେତା ଓ ଆମେରିକା ପ୍ରରୋଚିତ ମାଫିଆ ଗୋଷ୍ଠୀଙ୍କ ପ୍ରଭାବରେ ରୁଷର ସମାଜବାଦୀ ଶାସନ ଭୁଶୁଡ଼ିଗଲା । ବର୍ତ୍ତମାନ ନୂତନ ପୁଞ୍ଜିପତି ସଂସ୍କାର ପ୍ରବର୍ତ୍ତନ ଫଳରେ ରୁଷର କି ଦୟନୀୟ ଅବସ୍ଥା ହୋଇ ଯାଇଛି ଏବଂ

Digitized by PPRACHIN, SOA

ଅତୀତର ସମୃଦ୍ଧିଶାଳୀ ରୁଷରେ କି ପ୍ରକାର ଦୁର୍ବଳ ଅର୍ଥନୀତି ଓ ସାମାଜିକ ବିଭ୍ରାଟ ଦେଖାଦେଇଛି, ତାହା ମଧ୍ୟ ରୁଷ ବିରୋଧୀ ଲୋକଙ୍କର ପ୍ରଣିଧାନଯୋଗ୍ୟ ।

ରୁଷ ସମାଜବାଦୀ ବିରୋଧୀମାନଙ୍କର ଆଉ ଗୋଟିଏ ମୁଖ୍ୟ ଅନ୍ତର୍ଜାତିକ ଆଚାର ବିଚାର ଉପରେ ଦୃଷ୍ଟି ଦେବା ଉଚିତ ଯେ ଦ୍ୱିତୀୟ ମହାଯୁଦ୍ଧ ପରେ ଶକ୍ତିଶାଳୀ ରୁଷ ସାମ୍ରାଜ୍ୟବାଦୀଙ୍କ କବଳରୁ ସଦ୍ୟ ମୁକ୍ତି ଲାଭ କରିଥିବା ବିକାଶଶୀଳ ସଭ୍ୟମାନଙ୍କୁ ଯେପରି ଆର୍ଥିକ ଓ ନୈତିକ ସାହାଯ୍ୟ ଯୋଗାଇ ଦେଇଛି, ତାହା ପୁଞ୍ଜିପତି ଦେଶମାନଙ୍କ ପକ୍ଷରେ ସଂଭବ ହୋଇନଥିଲା । ଭାରତର ଭାରୀ ଶିଳ୍ପ ଉତ୍ପାଦନ କ୍ଷେତ୍ରରେ ରୁଷ ଯେପରି ଭାବରେ ସାହାଯ୍ୟ କରିଛି, ଆମେରିକା ତାହା କରିପାରିନାହିଁ । ଆମେରିକା ଓ ଅନ୍ୟାନ୍ୟ ପୁଞ୍ଜିପତି ଦେଶମାନେ କେବଳ ସେମାନଙ୍କର ଉତ୍ପାଦିତ ବସ୍ତୁ ପାଇଁ ବିକାଶଶୀଳ ରାଜ୍ୟର ବଜାର ନିୟନ୍ତ୍ରଣ କରିବା ପାଇଁ ଆଗ୍ରହୀ । ସୋଭିଏତ୍ ରୁଷର ଅବନତି ପରେ ସାରା ବିଶ୍ୱରେ ଆମେରିକା ଏକମାତ୍ର ବିଶ୍ୱ କ୍ଷମତାଶୀଳ ହୋଇ ଯାଇଥିବାରୁ ସାରା ବିଶ୍ୱରେ ଆତଙ୍କ ଖେଳିଯାଇଛି । ଇରାକ ସର୍ବସ୍ୱାନ୍ତ ହୋଇଯାଇଛି । ଆଫଗାନସ୍ଥାନରେ ଗୃହ ଯୁଦ୍ଧର ଶେଷ ନାହିଁ ଇତ୍ୟାଦି ବହୁ ହୃଦୟ ବିଦାରକ ଅମାନବୀୟ ଘଟଣା କେବଳ ଏକ ରାଜ୍ୟକେନ୍ଦ୍ରିତ ସାମରିକ ଶକ୍ତି ଯୋଗୁ । ନିରାପତ୍ତା ପରିଷଦରେ କେବଳ ଆମେରିକା ହିଁ ତାର କ୍ଷମତାଗତ ଭୋଟକୁ ପ୍ରସାରିତ କରି ଚାଲିଛି—ଆଉ ଅନ୍ୟମାନେ ଏହାର ଗୋଡ଼ାଣିଆ ରାଜ୍ୟ ହିସାବରେ ପରିଗଣିତ ହୋଇଯାଇଛନ୍ତି । ଜାତିସଂଘ ନିଃସହାୟ ହୋଇଯାଇଛି ।

ତେଣୁ ପ୍ରକାରାନ୍ତରେ ରୁଷ ବିରୋଧୀ ତଥାକଥିତ ସାମ୍ୟବାଦୀ ନେତାମାନେ କେବଳ ପୁଞ୍ଜିପତିଙ୍କର ଚାଟୁକାର ରୂପରେ ହିଁ ଆଖ୍ୟାୟିତ ହେବା ସ୍ୱାଭାବିକ ।

ବର୍ତ୍ତମାନ ଭାରତରେ ଯେଉଁ ଅପସଂସ୍କୃତିଗତ ବିଜ୍ଞାପନର ସ୍ରୋତ ଆମର ଦୂରଦର୍ଶନରେ ପ୍ରସାର ଲାଭ କରୁଛି, ଭାରତର ଶତକଡ଼ା ଅଶୀ ଲୋକ ଗ୍ରାମାଞ୍ଚଳରେ ଅନୁନ୍ନତ ଅବସ୍ଥାରେ ରହିଥିଲା ବେଳେ ଅର୍ଦ୍ଧ ଶତାବ୍ଦୀର ସ୍ୱାଧୀନତା ପରେ ପ୍ରାୟ ଅର୍ଦ୍ଧାଧିକ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ନିରକ୍ଷର, ରୁଗ୍ଣ ଓ ଦରିଦ୍ର ଥିଲା ବେଳେ ଗଣ୍ଡା ଗଣ୍ଡା ନୂଆ ମଡେଲର ମଟରଗାଡ଼ି ଭାରତରେ ବିକ୍ରି ଆରମ୍ଭ ହୋଇଛି; କିନ୍ତୁ ଜନସାଧାରଣଙ୍କର ଯାତାୟତ ବ୍ୟବସ୍ଥା ଅତି ଦୟନୀୟ । ଏ ପ୍ରକାର ବ୍ୟବସ୍ଥା କଅଣ ସୋଭିଏତ୍ ରୁଷରେ ଥିଲା ? ନା ବର୍ତ୍ତମାନ ଚାଇନାରେ ଅଛି ? ତାହାହେଲେ ବର୍ତ୍ତମାନ ମଧ୍ୟ ସମାଜବାଦୀ ଦିଗ୍‌ଦର୍ଶନର ଆବଶ୍ୟକତା ବିକାଶଶୀଳ ଦେଶମାନଙ୍କରେ ରହିଛି । ଏହି ପରିପ୍ରେକ୍ଷୀରେ

Digitized by PPRACHIN, SOA

ସୋଭିଏତ୍ ରୁଷବାସୀ କିପରି ଭାବରେ ମହାମାନବୀୟ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ, ସାମ୍ୟବାଦ ପ୍ରତିଷ୍ଠା କରିବା ଲକ୍ଷ୍ୟରେ ସାରା ସମାଜ ଅଦମ୍ୟ ଉତ୍ସାହରେ ଲାଗି ପଡ଼ିଥିଲେ ତା'ହାର ବିଶଦ ବିବରଣୀ ବର୍ତ୍ତମାନ ସୁଦ୍ଧା ଭାରତ ପାଇଁ ସ୍ୱାଗତଯୋଗ୍ୟ ବୋଲି ମନେହୁଏ । ତାଛଡ଼ା ଯେଉଁ ବେଦାନ୍ତିକ ଆଦର୍ଶରେ ସୋଭିଏତ୍ ରୁଷ ସମସ୍ତଙ୍କର ସର୍ବାଙ୍ଗୀନ ସମୃଦ୍ଧି ପାଇଁ ପ୍ରାୟ ସତୁରି ବର୍ଷ ଅହରହ ଉଦ୍ୟମ କରିଥିଲା, ତାହାର ବର୍ଣ୍ଣନା ଭାରତର ଅଗଣିତ ନିରକ୍ଷର ରୁଗ୍ଣ ଓ ଦରିଦ୍ର ଲୋକଙ୍କୁ ଯେ ଅନୁପ୍ରାଣିତ କରିବ— ଏଥିରେ ସଂଦେହ ନାହିଁ । ହୁଏତ ମୁଷ୍ଟିମେୟ ଧନିକ, ସେମାନଙ୍କର ଅନୁଗତ ବୁଦ୍ଧିଜୀବୀ ଓ ଶାସକ ଗୋଷ୍ଠୀଙ୍କର ଏହା ପସନ୍ଦ ନ ହୋଇପାରେ ।

ଲେଖକର ଦୃଢ଼ ବିଶ୍ୱାସ ଯେ, ଏକବିଂଶ ଶତାବ୍ଦୀର ଲୋକେ ବହୁଯୁଗ ଧରି ସ୍ୱପ୍ନାୟିତ ସାମ୍ୟବାଦୀର ମୌଳିକ ଦିଗ୍‌ଦର୍ଶନ ପ୍ରତି ଅଧିକରୁ ଅଧିକ ଆକର୍ଷିତ ହେବେ ଏବଂ ପୃଥିବୀର ଅଗଣିତ ନିରନ୍ନ ଜନତା ଗୋଟିଏ ନୂତନ ଶୋଷଣହୀନ ସମାଜ ସୃଷ୍ଟି କରିବା ପାଇଁ ଆଗେଇ ଯିବେ । ତେଣୁ ସୋଭିଏତ୍ ରୁଷରେ ଘଟିଥିବା ମୋର ଅନୁଭୂତିଗତ ବର୍ଣ୍ଣନାର ଆବଶ୍ୟକତା ବର୍ତ୍ତମାନ ରହିଛି ବୋଲି ମୋର ହୃଦ୍‌ବୋଧ ହୋଇଛି । ଭାରତର ଗଣତାନ୍ତ୍ରିକ ସଂସ୍ଥା ମାଧ୍ୟମରେ ମଧ୍ୟ ବୈପ୍ଳବିକ ସାମାଜିକ ପରିବର୍ତ୍ତନ ହୋଇପାରିବ ଏବଂ ତାହାର ରୂପରେଖ ସୋଭିଏତ୍ ରୁଷ ଓ ଚାଇନାରେ ଦେଖିବାକୁ ମିଳେ । ଗଣତାନ୍ତ୍ରିକ ପରମ୍ପରାର ଅର୍ଥ ନୁହେଁ ଯେ ଆମେରିକାର ଉପଭୋକ୍ତାବାଦୀ ସାମାଜିକ ଅରାଜକତା ଏହାର ମୌଳିକ ଲକ୍ଷ୍ୟ ହେବ । ଅର୍ଦ୍ଧାଧିକ ଭାରତୀୟ ଜନତାକୁ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠାଇବାର ଏକମାତ୍ର ପନ୍ଥା ହେଉଛି ସମାଜବାଦୀ ଦିଗ୍‌ଦର୍ଶନଗତ ବୈପ୍ଳବିକ ଅର୍ଥନୈତିକ ପରିବର୍ତ୍ତନ । ତେଣୁ ସୋଭିଏତ୍ ରୁଷ ଓ ଚାଇନାଠାରୁ ଆମର ବହୁତ କିଛି ଶିଖିବାର ଅଛି । ଏହି ଉଦ୍ଦେଶ୍ୟରେ ମୋର ଅତୀତ ଅନୁଭୂତିକୁ ପୁଣି ଥରେ ଲୋକଙ୍କ ଆଗରେ ଉପସ୍ଥାପିତ କରିବାର ପ୍ରୟାସ କରିଛି । ଆଶା, ଏହା ଆଦୃତ ହେବ ।

Digitized by PPRACHIN, SOA

ସୋଭିଏତ୍ ରୁଷ

କୌଣସି ଦେଶ ବିଷୟରେ ବହି ଲେଖିବା ଅତ୍ୟନ୍ତ କଷ୍ଟକର ବ୍ୟାପାର । ବହୁତବର୍ଷ ଧରି ଗୋଟିଏ ଦେଶରେ ରହିଲେ ମଧ ଏହା ସମ୍ଭବ ହୁଏନାହିଁ । ତେଣୁ ସୋଭିଏତ୍ ରୁଷ ବିଷୟରେ ମୋର ଯେଉଁ ସ୍ୱଳ୍ପ ଅନୁଭୂତି– ସେଥିରୁ ଏହି ବିରାଟ ଦେଶ ବିଷୟରେ ଲେଖିବା ନିଶ୍ଚୟ ଧୃଷ୍ଟତା । ତଥାପି ଏହି ଅଭିନବ ଦେଶର ନୂତନ ସଭ୍ୟତା ମତେ ଏପରି ଗଭୀର ଭାବରେ ସ୍ପର୍ଶ କରିଛି ଯେ ଏ ବିଷୟରେ ଯତ୍‌ସାମାନ୍ୟ ଲେଖିବାର ଆଗ୍ରହକୁ କୌଣସିମତେ ଚାପିଦେଇ ପାରିଲି ନାହିଁ । ସେହି ଦୃଷ୍ଟିରୁ ଏହି ଉଦ୍ୟମର ଅସଂପୂର୍ଣ୍ଣତାକୁ ପାଠକମାନେ ସହୃଦୟତାର ସହିତ ବିଚାର କରିବେ ବୋଲି ଆଶା ।

କୌଣସି ଗୋଟିଏ ନୂତନ ଦେଶକୁ ଗଲେ ସେହି ଦେଶର କେତୋଟି ବୈଶିଷ୍ଟ୍ୟ ହଠାତ୍ ଆଖିରେ ପଡ଼େ । ସେ ବିଷୟରେ ସଂପୂର୍ଣ୍ଣ ଜ୍ଞାନ ହାସଲ କରିବାକୁ ହେଲେ ବହୁତ ବେଶୀ ଅଧ୍ୟବସାୟ କରିବା ଦରକାର; ତଥାପି ସେହି ଦେଶର ପ୍ରଥମ ପରିଚୟ ଯେପରି ଭାବରେ ହୁଏ, ତାର ମୂଲ୍ୟ କମ୍ ନୁହେଁ । ଗୋଟିଏ ସୁବାସିତ ଫୁଲ ବିଷୟରେ ବିଶେଷ ଜ୍ଞାନ ହାସଲ କରିବା ସମୟସାପେକ୍ଷ ହୋଇପାରେ; କିନ୍ତୁ ତାର ସୌରଭରେ ବିମୁଗ୍ଧ ହେବା ପାଇଁ ବେଶୀ ସମୟ ଲାଗେ ନାହିଁ ।

ସୋଭିଏତ୍ ରୁଷକୁ ୧୯୬୫ ମସିହାରେ ପ୍ରଥମଥର ପାଇଁ ଗଲେ ସୁଦ୍ଧା ମୋ ପାଇଁ ସୋଭିଏତ୍ ରୁଷ ଏକାବେଳକେ ଅଜ୍ଞାତ ନଥିଲା । ବିଂଶ ଶତାବ୍ଦୀର ଅଗ୍ରଗାମୀ ସମାଜବାଦୀ ରୁଷ ବିଶ୍ୱଜନତାର ମନରେ ଏପରି ଏକ ବଳିଷ୍ଠ ଆଶା ସଞ୍ଚାର କରିଛି ଏବଂ ସମସ୍ତଙ୍କ ଉପରେ ଏପରି ଗଭୀର ପ୍ରଭାବ ପକାଇଛି ଯେ ପୃଥିବୀର ଯେକୌଣସି ଶିକ୍ଷିତ ଲୋକର ସୋଭିଏତ୍ ରୁଷ ବିଷୟରେ କିଛି ନା କିଛି ଧାରଣା ରହିଛି । ତେଣୁ ସୋଭିଏତ୍ ରୁଷ ଦେଖିଲା ପରେ ତା ବିଷୟରେ ମୋର ଯେଉଁ ତାତ୍ତ୍ୱିକ ଧାରଣା ଥିଲା, ସେଥିରେ ପ୍ରାଣ ସଞ୍ଚାର ସମ୍ଭବ ହେଲା । ଇଂଲଣ୍ଡ, ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶର ଅଭିଜ୍ଞତା ପରେ ସୋଭିଏତ୍ ରୁଷର ନୂତନ ସଭ୍ୟତା ବିଷୟରେ ହୃଦୟଙ୍ଗମ କରିବା କେତେକାଂଶରେ ସହଜ ହେଲା । ତିରିଶ, ବତିଶ ତାଲା ଘର, ଚଉଡ଼ା ରାସ୍ତା, ମାଟିତଳ ରେଳଗାଡ଼ି, ସ୍ୱୟଂକ୍ରିୟ ଯନ୍ତ୍ରପାତି ପ୍ରଭୃତି ଦେଖିବା ଅପେକ୍ଷା ସେମାନଙ୍କ ପଛରେ କାମ କରୁଥିବା ମଣିଷକୁ ଦେଖିବା ସହଜ ହୋଇପାରିଲା । ତା ଛଡ଼ା ସାରା ଦେଶ ଗୋଟିଏ ସୁନିର୍ଦ୍ଦିଷ୍ଟ ପଥରେ ସାମାଜବାଦୀ ଲକ୍ଷ୍ୟ ରଖି ଆଗେଇ ଚାଲୁଥିବା ହେତୁ ନୂତନ ମଣିଷ ତିଆରି କରିବାର ଯୋଜନା ସାରା ଦେଶରେ ସମାନ ଭାବରେ ଦେଖିବାକୁ ମିଳେ । ତେଣୁ ଏହି ବିରାଟ ନବ ସଭ୍ୟତା ବିଷୟରେ ମୋଟାମୋଟି ଗୋଟିଏ ଧାରଣା କରିବାରେ ଅସୁବିଧା ହେଲାନାହିଁ ।

ଇଂଲଣ୍ଡ, ଫ୍ରାନ୍ସ, ବେଲଜିଅମ୍, ନେଦରଲ୍ୟାଣ୍ଡ ଓ ଇଟାଲୀ ପ୍ରଭୃତି ୟୁରୋପୀୟ ପୁରାତନ ସାମ୍ରାଜ୍ୟବାଦୀ ଏବଂ ବିଂଶ ଶତାବ୍ଦୀର ଧନକୁବେର ପୁଞ୍ଜିପତି ଯୁକ୍ତରାଷ୍ଟ୍ର ଆମେରିକାକୁ ଦେଖିଲା

Digitized by PPRACHIN, SOA

ପରେ ପରେ ସମଗ୍ର ପୃଥିବୀର ନିଷ୍ପେଷିତ ସର୍ବହରା ସମାଜର ଅଫୁରନ୍ତ ପ୍ରେରଣାର ଉତ୍ସ ଓ ଆଗାମୀ ଯୁଗ ମାନବ ସଭ୍ୟତାର ପ୍ରାଣକେନ୍ଦ୍ର ସୋଭିଏତ୍ ରୁଷ ଦେଖିବା ଲାଗି ଉଦ୍ଦାମ ଆକାଙ୍କ୍ଷା ବହୁ ଦିନରୁ ରହି ଆସିଥିଲା । ସମାଜବାଦୀ ରୁଷକୁ ନ ଦେଖିଲେ ବିଂଶ ଶତାବ୍ଦୀରେ ଦୁନିଆର ସାମାଜିକ ଓ ନୈତିକ ଆଭିମୁଖ୍ୟ ବିଷୟରେ ହୃଦୟଙ୍ଗମ କରିବା ଅସମ୍ଭବ ବୋଲି ଯେଉଁ ମାନସିକ ଅପୂର୍ଣ୍ଣତା ୟୁରୋପ ଆମେରିକା ବୁଲିଲାବେଳେ ମନ ଭିତରେ ବରାବର ଦେଖା ଦେଉଥିଲା, ତାର ଦୂରୀକରଣ ଲାଗି ହଠାତ୍ ସୁବିଧା ମିଳିବାରେ କାହାର ମନ ଆନନ୍ଦରେ ପୁଲକି ନ ଉଠିବ ! ଯେତେବେଳେ ୟୁରୋପର ସାମ୍ରାଜ୍ୟବାଦୀ ଦେଶସମୂହ ଓ ପୁଞ୍ଜିପତି ଆମେରିକା ସାରା ପୃଥିବୀରୁ ଧନ ଆହରଣ କରି ସୁଖ-ସ୍ୱାଚ୍ଛନ୍ଦ୍ୟ ଓ ଧନ-ସଂପଦର ପ୍ରାଚୁର୍ଯ୍ୟରେ ବୁଡ଼ି ରହିଥିଲା, ସେତେବେଳେ ପୃଥିବୀର ଏକଷଷ୍ଠାଂଶ ଏହି ରୁଷ ଦେଶର ଜନସାଧାରଣ ଅତି ଅନୁନ୍ନତ, ଅସଭ୍ୟ ଏବଂ ସାମନ୍ତବାଦୀ ସମ୍ରାଟମାନଙ୍କର କ୍ରୀତଦାସରୂପେ ନିଷ୍ପେଷିତ ହୋଇ ରହିଥିଲେ— ରାସ୍ତାରେ ଯାଉଥିବା କୃଷକ ଓ ମଜଦୁରଙ୍କୁ ଗୁଳି କରିବା ସମ୍ରାଟ ଜାର୍ ପୋଲିସର ଗୋଟିଏ ପ୍ରକାର ମଉଜିଆ ଖେଳ ଥିଲା । ବିଶ୍ୱବିଖ୍ୟାତ ଲେଖକ ଗର୍କିଙ୍କ ପରି ଅଗଣିତ ପ୍ରତିଭାଶାଳୀ ଲେଖକ ଓ ଚିନ୍ତାଶୀଳ ବ୍ୟକ୍ତିଙ୍କୁ ତିନିପରସ୍ତ କାନ୍ଥ ଥିବା ଅନ୍ଧାର ଓ ଥଣ୍ଡା ଘରେ ବନ୍ଦୀ କରି ରଖାହେଉଥିଲା । ସେହି ରୁଷ ବର୍ତ୍ତମାନ କେତେବର୍ଷ ଭିତରେ ସମଗ୍ର ପୃଥିବୀକୁ କଳା ଓ ସାହିତ୍ୟ, ବିଜ୍ଞାନ ଓ ଶିକ୍ଷା, ସଭ୍ୟତା ଓ ସଂସ୍କୃତିରେ ଟପିଯିବାକୁ ବସିଛି ଏବଂ ଆଉ କେତେଟା ବର୍ଷ ଭିତରେ ଶତାଧିକ ବର୍ଷବ୍ୟାପୀ ଉତ୍ପାଦନରେ ଅଗ୍ରଣୀ ଓ ଚରମ ବିତ୍ତବଶାଳୀ ପୁଞ୍ଜିପତି ଆମେରିକାକୁ ମଧ୍ୟ ପଛରେ ପକାଇ ଆଗେଇ ଯିବାକୁ ବସିଛି— ସେହି ଦେଶକୁ ଦେଖିବାରେ ସମାଜବାଦର ସ୍ୱପ୍ନ ଦେଖୁଥିବା କେଉଁ ଭାରତୀୟ ମନରେ ଅଦମ୍ୟ ଆଗ୍ରହ, ଉତ୍ସାହ ଓ ପ୍ରେରଣାର ଉତ୍ସ ଦେଖା ନ ଦେବ ?

ଏହି ଦୁର୍ଦ୍ଦମନୀୟ ଆଗ୍ରହ ଓ ଚଞ୍ଚଳତା ହେଲିସିଙ୍କି ବିଶ୍ୱଶାନ୍ତି ସମ୍ମିଳନୀରେ ଯୋଗ ଦେବାକୁ ଯାଉଥିବା ପ୍ରତ୍ୟେକ ଭାରତୀୟ ପ୍ରତିନିଧିଙ୍କ ମୁହଁରେ ପରିସ୍ଫୁଟ ହୋଇଉଠୁଥିଲା । ପ୍ରାୟ ଶହେଜଣ ଭାରତୀୟ ପ୍ରତିନିଧିଙ୍କ ଭିତରେ ବିଭିନ୍ନ ଧର୍ମାବଲମ୍ବୀ ଲୋକ, ବିଭିନ୍ନ ରାଜନୈତିକ ଦଳର ସଭ୍ୟ, ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭାର ସଦସ୍ୟ, ଅଧ୍ୟାପକ, ଡାକ୍ତର, ବ୍ୟବସାୟୀ, ଟ୍ରେଡ଼ ୟୁନିଅନ ଓ କୃଷକ ନେତା—ଏହିପରି ସବୁ ଶ୍ରେଣୀର ଲୋକ ଥିଲେ । କିନ୍ତୁ ସମସ୍ତଙ୍କ ମନରେ ସେହି ଗୋଟିଏ ପ୍ରକାର ଅପରିସୀମ ଆନନ୍ଦ ସୋଭିଏତ୍ ରୁଷ ଦେଖିବା ଲାଗି । ଏହିପରି ଦଳେ ଭାରତୀୟ ଦିଲ୍ଲୀ ପାଲାମ୍ ଉଡ଼ାଜାହାଜ ଷ୍ଟେସନରେ ୧୯୬୫ ମସିହା ଜୁଲାଇ ଚାରି ତାରିଖ ସକାଳ ଆଠଟା ବେଳେ ଗୋଟିଏ ସ୍ୱତନ୍ତ୍ର ବିମାନରେ ଯାଇ ବସିଲୁ ସୋଭିଏତ୍ ରୁଷ ଯିବା ଉଦ୍ଦେଶ୍ୟରେ ।

ଆମର ଏହି ଉଡ଼ାଜାହାଜଟି ପ୍ରାୟ ଘଣ୍ଟାକ ପରେ ପାକିସ୍ତାନର ଲାହୋରରେ କିଛି ସମୟ ରହି ଆଫଗାନିସ୍ଥାନର ରାଜଧାନୀ କାବୁଲ ଅଭିମୁଖେ ଯାତ୍ରା କଲା । ଆମେ ଦୁଇଘଣ୍ଟା ପରେ କାବୁଲ୍‌ରେ ପହଞ୍ଚିଲୁ । ଶୁଣିଲୁ, ଏହି ଉଡ଼ାଜାହାଜ ଘାଟି ଏବଂ ତାର ଆଖପାଖ ରାସ୍ତାଗୁଡ଼ିକୁ ସୋଭିଏତ୍ ସରକାର ଆଫଗାନିସ୍ଥାନର ଲୋକଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ବନ୍ଧୁତାର ନିଦର୍ଶନ ସ୍ୱରୂପ ତିଆରି କରି ଦେଇଛନ୍ତି । ବିଂଶ ଶତାବ୍ଦୀର ଅଗ୍ରଗାମୀ ସଭ୍ୟତାର ପ୍ରଥମ ଦ୍ୱାର ସ୍ୱରୂପ ଉଡ଼ାଜାହାଜ ଘାଟିଟିଏ ଉପହାର ଦେବାରେ ବିଶେଷ ତାତ୍ପର୍ଯ୍ୟ ରହିଛି ବୋଲି ମନେହେଲା । କାବୁଲ ସହରରେ ମଧ୍ୟ ଗୋଟିଏ ବିରାଟ ଆଧୁନିକ ହୋଟେଲ ଏବଂ ଅନ୍ୟାନ୍ୟ କେତେଗୁଡ଼ିଏ ଆଧୁନିକ ଧରଣର ସୁରମ୍ୟ ପ୍ରାସାଦ ଏମାନଙ୍କ ଦ୍ୱାରା ତିଆରି କରାହୋଇଛି । ତେଣୁ ସୋଭିଏତ୍ ରୁଷର ପଡ଼ୋଶୀ ଦେଶ ପ୍ରତି ବନ୍ଧୁତାର ପ୍ରଥମ ପରିଚୟ ଆମକୁ ଏଠାରେ ମିଳିଲା ଏବଂ ଏହି ଘରଗୁଡ଼ିକ ତିଆରି କରିବାରେ ଯେ ପ୍ରକାର ଆନ୍ତରିକତା ପ୍ରକାଶ ପାଇଛି, ତାହା ସମସ୍ତଙ୍କୁ ସ୍ପର୍ଶ କଲା ।

Digitized by PPRACHIN, SOA

କାବୁଲରେ ମଧ୍ୟାହ୍ନ ଭୋଜନ ସାରି ଆମେ ବାହାରିଲୁ ଉଜ୍‌ବେକିସ୍ଥାନର ରାଜଧାନୀ ତାସଖନ୍ଦ ସହର ଉଦ୍ଦେଶ୍ୟରେ । ପ୍ରାୟ ଚାରିଘଣ୍ଟାର ରାସ୍ତା-କିନ୍ତୁ ଏହି ଚାରିଘଣ୍ଟାରୁ ପ୍ରାୟ ତିନିଘଣ୍ଟା କାଳ ପାମିର୍ ମାଳଭୂମିର ଯେ ପ୍ରକାର ଭୟଙ୍କର ତଥା ମନୋମୁଗ୍ଧକର ଦୃଶ୍ୟ ଦେଖିଲୁ, ତାହା ଭୁଲିବାର ନୁହେଁ । ଦିଗ୍‌ବଳୟ ପର୍ଯ୍ୟନ୍ତ ଲମ୍ବି ରହିଛି ଉତ୍ତାଳ ତରଙ୍ଗମାଳା ପରି ପର୍ବତମାଳାର ଅଗଣିତ ଗିରିଶୃଙ୍ଗ, ବୃକ୍ଷଲତାହୀନ ବରଫାବୃତ ଅସୁମାରି ରୁକ୍ଷ ପାହାଡ଼ ପର୍ବତର ଦିଗନ୍ତବ୍ୟାପୀ ଶୋଭାଯାତ୍ରା— ଏହି ସୀମାହୀନ ଭୀମକାନ୍ତ ପର୍ବତମାଳା ଉପରେ ମୋର ମନେ ହେଲା ଆମର ଉଡ଼ାଜାହାଜଟି ନିଃସହାୟ ସାଥୀହୀନ ପକ୍ଷୀଟିଏ ପରି କେଉଁ ଦିଗହୀନ ପଥରେ ଚାଲିଛି—ଯୁଗ ଯୁଗ ଧରି ଏହିପରି ଅନିର୍ଦ୍ଦିଷ୍ଟ ଭାବରେ ସତେ ଯେପରି ସେ ଚାଲିଥିବ ଏବଂ ଆମ୍ଭେମାନେ ସେହିପରି ଅପଲକ ନେତ୍ରରେ ପ୍ରକୃତିର ଅସୀମ ଯାତ୍ରାପଥର ଯାତ୍ରୀରୂପେ କାଳ କାଳ ଧରି ଚିତ୍ର ପରି ଚାହିଁ ବସିଥିବୁ—ଉଡ଼ିବାର ଶେଷ ନାହିଁ କି ପାହାଡ଼-ପର୍ବତ ଧୂଳିବାଲି ତରଙ୍ଗର ଆଦି ଅନ୍ତ ନାହିଁ । ତଥାପି ଏହି ନିର୍ଜନ, ନିର୍ଜଳ ଓ ନିର୍ମମ ମରୁପର୍ବତ ଉପରଦେଇ କେତେ କେତେ ନିଷ୍ଠୁର ଐତିହାସିକ ସାମରିକ ଅଭିଯାନ ଭାରତବର୍ଷ ଉପରେ ଅମାନୁଷିକ ଝଡ଼ଝଞ୍ଜା ସୃଷ୍ଟି ନ କରିଛି ! ସ୍ୱର୍ଣ୍ଣପ୍ରସୂ ଭାରତକୁ ଉପଭୋଗ କରିବା ପାଇଁ ହଜାର ହଜାର ସୈନ୍ୟ-ସାମନ୍ତ, ଘୋଡ଼ା, ଗଧ, ଖଚର, ଓଟ ଉପରେ ଭୋକ ଶୋଷ ସହି ଦିନ ଦିନ ମାସ ମାସ ଏହି ଭୀମକାନ୍ତ ପାର୍ବତ୍ୟ ମରୁଭୂମି ଉପରେ ପିମ୍ପୁଡ଼ି ଧାର ପରି ଚାଲିଥିଲେ— କେତେ ସୈନ୍ୟ-ସାମନ୍ତ ଜୀବଜନ୍ତୁ ଏହି ପାହାଡ଼-ପର୍ବତ କନ୍ଦେ କନ୍ଦେ ରାତିର ହିମଶୀତଳ ଓ ଦିନର ଉତ୍ତପ୍ତ ବାଲୁକା ଶଯ୍ୟାରେ ଅସହନୀୟ କ୍ଳାନ୍ତିର ଚରମ ବିନୋଦନ ପାଇଁ ଜୀବନ୍ତ କବର ପାଇ ନଥିବେ—ଇତିହାସ ତାର ଖବର ରଖିନାହିଁ-ଯେଉଁମାନେ ଏମାନଙ୍କର କଙ୍କାଳର ସ୍ତୂପ ଉପରେ ଠିଆ ହୋଇ ଭାରତକୁ ଅଧିକାର କଲେ ସେହିମାନଙ୍କର ଜୟଗାଥାରେ ଇତିହାସ ମୁଖରିତ ହୋଇଉଠିଛି । କାରଣ ଅତୀତ ସଭ୍ୟତାର ଇତିବୃତ୍ତି ମନୁଷ୍ୟ-ରକ୍ତ-ପିପାସୁ ସମ୍ରାଟମାନଙ୍କର ସ୍ୱର୍ଣ୍ଣମୁଦ୍ରାଲିପ୍‌ସୁ ଚାଟୁକାରଙ୍କ ଦ୍ୱାରା ଲିଖିତ ।

ଏହିପରି ଭାବରେ ଘଣ୍ଟା ଘଣ୍ଟା ଧରି କେନ୍ଦ୍ର ଏସିଆର ମାଳଭୂମି-ଦୃଶ୍ୟ ଦେଖୁ ଦେଖୁ ତାସଖନ୍ଦ ସହର ଉପକଣ୍ଠରେ ପହଞ୍ଚିଲୁ ବୋଲି ଘୋଷଣା ଶୁଣିଲୁ । ସୋଭିଏତ୍ ରୁଷର ଆକାଶମାର୍ଗରେ ପହଞ୍ଚିଲା ପରେ ଆଉ ଗୋଟିଏ ଅଭିନବ ଦୃଶ୍ୟ ଦେଖିବାକୁ ପାଇଲୁ । ଶସ୍ୟ-ଶ୍ୟାମଳ ସୋଭିଏତ୍ ଦେଶ ଆମ ଦେଶର ବିଲମାଳ ପରି ଅତି କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ ହୋଇନାହିଁ- ଆଗେ ଯେଉଁସବୁ ବ୍ୟକ୍ତିଗତ ସ୍ୱାର୍ଥ ଯୋଗୁ ଛୋଟିଆ କ୍ଷେତ ଚାରିପାଖେ ମାଟିହୁଡ଼ା ସବୁ ଉଠିଥିଲା- ସେସବୁକୁ କେହି ଯେପରି ଅତି ମାନବଶକ୍ତି ଦ୍ୱାରା ହାତରେ ଲିଭାଇ ପକାଇଛି ଏବଂ ତା ଜାଗାରେ ସିଧା ସିଧା ଗାର ଟାଣି ଅତି ପ୍ରକାଣ୍ଡ ପ୍ରକାଣ୍ଡ ନୂତନ ଜ୍ୟାମିତିକ କ୍ଷେତ୍ରରେ ପରିଣତ କରିଦେଇଛି । ଯୁଗ ଯୁଗ ଧରି ଯେଉଁ ବ୍ୟକ୍ତିଗତ କ୍ଷୁଦ୍ର ସ୍ୱାର୍ଥ ଯୋଗୁଁ ସାମାଜିକ ସଂକୀର୍ଣ୍ଣତା ମନୁଷ୍ୟ ଜୀବନକୁ କଳୁଷିତ କରିଦେଇଥିଲା, ତାକୁ ଯେପରି ସବୁଦିନ ପାଇଁ ପୋଛି ଦିଆ ହୋଇଛି—ତା ଜାଗାରେ ହଜାର ହଜାର ଏକର ଜମିକୁ ନେଇ ଗୋଟିଏ ଗୋଟିଏ ପ୍ରକାଣ୍ଡ କୋଠଚାଷ କ୍ଷେତରେ ପରିଣତ କରାହୋଇଛି ଏବଂ ତା'ର ଚାରିଆଡ଼େ ଫଟୋ ଫ୍ରେମ୍ ପରି କେନାଲ ଛନ୍ଦି ହୋଇ ରହିଛି । କ୍ଷୁଦ୍ର ଆୟତନର ଖଣ୍ଡିଏ ଦଶହାତିଆ ଜମି ଭିତରେ ଆଦିମ ଯୁଗରୁ ଆଜି ପର୍ଯ୍ୟନ୍ତ ସେହି ହଳେ ବଳଦ କିମ୍ବା ଘୋଡ଼ାଟଣା ଲଙ୍ଗଳ ଧରି ଭାରତୀୟ କୃଷକ ନଖରେ ମାଟି ଚିରିଲା ପରି ଏବଂ ପଶୁ ସାଙ୍ଗରେ ନିଜ ନାକ ଚାରିପାଖେ ଯୁଗ ଯୁଗ ଧରି ଧୀର-ମନ୍ଥର ଗତିରେ ବୁଲିଲା ପରି ରୁଷର ଚାଷୀ ବୁଲୁନାହିଁ— ଦିଗନ୍ତବ୍ୟାପୀ ଗୋଟିଏ ଗୋଟିଏ ବିରାଟ ଚାଷଭୂମିରେ ଦୁର୍ଦ୍ଧର୍ଷ କଳ ଲଙ୍ଗଳ ଧାଡ଼ି ଧାଡ଼ି ହୋଇ ଚାଲିଛି—ବିରାଟ ଜାହାଜ ଦ୍ୱାରା ସାଗର-ଗର୍ଭ ମନ୍ଥି ହେଲାପରି ଭୂମି ବିଦୀର୍ଣ୍ଣ ହୋଇ ଚାଲିଛି । ଘଣ୍ଟା ଘଣ୍ଟାକେ ଏକର ଏକର ଜମି ବିଦାରି ଗୁଣ୍ଡ କରିଦେବାରେ ଯେଉଁ ବିରାଟ ସାର୍ଥକତା ଓ

Digitized by PPRACHIN, SOA

ଆତ୍ମବିଶ୍ୱାସ ମନୁଷ୍ୟର ମାଂସପେଶୀକୁ ଇସ୍ପାତ-ଶକ୍ତ କରିପାରିବ, ଘଣ୍ଟା ଘଣ୍ଟା ଧରି ହଡ଼ାବଳଦ ପଛରେ ଚାଲି ଚାଲି ମାଟି ଖୋଷାରିଲେ କ'ଣ ତାହା ସମ୍ଭବ ହେବ ? ବର୍ଷା ପବନ, ଭୋକ ଶୋଷ, ଗୋଡ଼ ପାଦ ଓ ହାତମୁଠାର କ୍ଳାନ୍ତିରେ ମଣିଷ ମନ ତଥା ତାର ସମଗ୍ର ଦେହର ମାଂସ, ଚମ ଲୋଚାକୋଚା ହୋଇଯିବାକୁ ବାଧ ।

ସୋଭିଏତ୍ ରୁଷ୍‌ର ବୈପ୍ଳବିକ ସାମାଜିକ ପଦ୍ଧତିର ଈଷତ୍ ସଂକେତ ଏହିପରି ଭାବରେ ଅନ୍ତ ଉଚ୍ଚରେ ଉଡୁଥିବା ଉଡ଼ାଜାହାଜରୁ ମିଳିପାରିଲା—କୋଠଚାଷ, ଘରଦ୍ୱାର, କାଳ-କେନାଲ, ଫୁଲଫୁଲ ବଗିଚା, ଅସ୍ତଗାମୀ ସୂର୍ଯ୍ୟର ଆଲୋକରେ ବିଭିନ୍ନ ରଙ୍ଗରେ ପ୍ରତିଫଳିତ ହୋଇ ଉଠୁଥିଲା—ସତେ ଯେପରି ମଣିଷ ହାତ ତିଆରି ନାନା ରଙ୍ଗର ଗୋଟିଏ ବିସ୍ତୀର୍ଣ୍ଣ ଗାଲିଚା ପୃଥିବୀର ମାଟି ଉପରେ ରୁଷ୍‌ର ସମାଜବାଦୀ କୃଷକଶ୍ରେଣୀ ବିଛାଇ ଦେଇଛି—ଏହିପରି ଭାବରେ ନାନା ଭାବର ଉଦ୍ବେଳନ ଚାଲିଥିଲାବେଳେ ଅସ୍ତଗାମୀ ସୂର୍ଯ୍ୟର ସୁନେଲି ଆଲୋକ-ସ୍ରୋତ ଭିତରୁ ତାସଖନ୍ଦର ଗୋଧୂଳି-ଧୂସର ବିମାନଘାଟିର ସିମେଣ୍ଟ ଟଟାଣ ଉପରେ ହଠାତ୍ ଆମ ଉଡ଼ାଜାହାଜ ଯେପରି ପର ଝାଡ଼ି ଠିଆ ହେଲା । ଉଡ଼ାଜାହାଜରୁ ଓହ୍ଲାଇବା ମାତ୍ରେ ତାସଖନ୍ଦ ସହରବାସୀଙ୍କ ତରଫରୁ ଯେ ପ୍ରକାର ଅଭ୍ୟର୍ଥନା ପାଇଲୁ, ତାହା ଜୀବନରେ ଭୁଲିବାର ନୁହେଁ ।

ତାସଖନ୍ଦ ସହରର ମୁଖ୍ୟ ଶାସନକର୍ତ୍ତା, ବହୁସଂଖ୍ୟକ ଗଣ୍ୟମାନ୍ୟବ୍ୟକ୍ତି, ଶତାଧିକ ଛୋଟ ଛୋଟ ସ୍କୁଲପିଲାଙ୍କ ସହିତ ଆମମାନଙ୍କର ଅଭ୍ୟର୍ଥନା ପାଇଁ ଆଗରୁ ଅପେକ୍ଷା କରି ରହିଥିଲେ—ଉଡ଼ାଜାହାଜରୁ ଓହ୍ଲାଇବାକ୍ଷଣି ଆମମାନଙ୍କ ହାତରେ ଗୋଟିଏ ଗୋଟିଏ ଫୁଲତୋଡ଼ା ଦେଇ ସେମାନେ କରମର୍ଦ୍ଦନ କଲେ ଏବଂ ଛୋଟ ଛୋଟ ପିଲାଟିମାନ ବିମାନବନ୍ଦର ବିଶ୍ରାମାଳୟ ପାଖରେ ବ୍ୟାଣ୍ଡବାଜା ବଜାଇ ହାତରେ ନାନା ରଙ୍ଗର ଫୁଲତୋଡ଼ା ଧରି ନାଚି ନାଚି ଆମମାନଙ୍କୁ ଅଭ୍ୟର୍ଥନା ଜଣାଇଲେ । ରାସ୍ତାର ଦୁଇକଡ଼େ ଅସଂଖ୍ୟ ସ୍ତ୍ରୀ ପୁରୁଷ ହାତ ହଲାଇ ତାଳି ମାରି ଆମମାନଙ୍କୁ ଅଭିବାଦନ ଜଣାଉଥାନ୍ତି । ତାସଖନ୍ଦ ସହରର ମୁଖ୍ୟ ଶାସନକର୍ତ୍ତା ଆମମାନଙ୍କର ଅଭ୍ୟର୍ଥନା ଅଭିଭାଷଣରେ କହିଥିଲେ ଯେ ବିଶ୍ୱଶାନ୍ତି ଓ ପ୍ରଗତି ପାଇଁ ଭାରତ ଓ ରୁଷ ପୃଥିବୀରେ ଯେପରି ଭାବରେ ହାତ ମିଳାଇ ଚାଲିଛନ୍ତି, ତାହା ବିଶ୍ୱ ଇତିହାସରେ ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ଏବଂ ସେଥିଲାଗି ରୁଷବାସୀ ଭାରତୀୟ ଜନତା ଏବଂ ତାର ପ୍ରଗତିଶୀଳ ସରକାରଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ବିଶ୍ୱଶାନ୍ତି ଓ ରୁଷ-ଭାରତ ମୈତ୍ରୀର ନିର୍ମାତା ଶ୍ରୀ ଜବାହରଲାଲ ନେହରୁଙ୍କ ଅବିସ୍ମରଣୀୟ ଅବଦାନ ରୁଷବାସୀ ସବୁବେଳେ କୃତଜ୍ଞତାର ସହ ମନେ ରଖିଥିବେ । ତାସଖନ୍ଦବାସୀଙ୍କ ତରଫରୁ ଏ ପ୍ରକାର ଆନ୍ତରିକତାପୂର୍ଣ୍ଣ ଅଭ୍ୟର୍ଥନାରେ ଆମେ ସମସ୍ତେ ଅଭିଭୂତ ହୋଇପଡ଼ିଥିଲୁ । ସୋଭିଏତ୍‌ବାସୀଙ୍କର ଭାରତୀୟଙ୍କ ପ୍ରତି ଆଦର ଓ ସମ୍ମାନ ବିଷୟରେ ପ୍ରଥମ ନିଦର୍ଶନ ଏହି ପ୍ରାଣସ୍ପର୍ଶୀ ଅଭ୍ୟର୍ଥନା ଉତ୍ସବରେ ଆମକୁ ମିଳିଥିଲା ।

ସେତିକିରେ ଆମର ଅଭ୍ୟର୍ଥନା ସରିଲା ନାହିଁ । ଆମେ ଟାସଖନ୍ଦ ସହରରେ ତିନିଦିନ ଏବଂ ସେଠାରୁ କିଛି ଦୂରରେ ଥିବା ସମରଖନ୍ଦରେ ଦିନେ କଟାଇଲୁ । ଏହି ଚାରିଦିନ ଧରି ଆମକୁ ଯେ ପ୍ରକାର ଆତିଥ୍ୟ ଅଭ୍ୟର୍ଥନା ସହରର ସାଧାରଣ ନରନାରୀ ତଥା ବିଭିନ୍ନ ଅନୁଷ୍ଠାନରୁ ମିଳିଲା, ତାହା ଆଗରୁ ଆମେ କଳ୍ପନା କରିପାରି ନଥିଲୁ । ଆମେ ତାସଖନ୍ଦ ସହରର ନାନା ସ୍ଥାନ ବୁଲି ଦେଖିଲୁ—ତିନୋଟି ଅତ୍ୟନ୍ତ ଆରାମଦାୟକ ସୌଖୀନ ବାସ୍‌ରେ ଆମେ ସହରର କିମ୍ବା ସହର ବାହାରକୁ ଯେଉଁଆଡ଼େ ଯାଉ ଆମ ଆଗେ ଆଗେ ଦୁଇଟି ମଟର ସାଇକେଲ୍ ଆରୋହୀ ପୋଲିସ୍ ରାସ୍ତା ଦେଖାଇ ଦେଖାଇ ପାଇଲଟ୍ ଗାଡ଼ି ହିସାବରେ ଚାଲିଥାନ୍ତି—ସହରର ରାସ୍ତାଘାଟରେ ସାଧାରଣ ଗାଡ଼ି ମଟର ସବୁକୁ ସେମାନେ ହାତ ଦେଖାଇ ବନ୍ଦ କରି ଦେଉଥାନ୍ତି, ସେମାନଙ୍କର ଗତିପଥ ନିୟନ୍ତ୍ରଣ କରୁଥାନ୍ତି ଏବଂ ଆମର ଗାଡ଼ି ତିନୋଟି କୌଣସିଠାରେ ମୁହୂର୍ତ୍ତେ ହେଲେ ନ ଅଟକି

Digitized by PPRACHIN, SOA

ଚାଲିଥାଏ । ଏତେ ବଡ଼ ବଡ଼ ଗହଳି ରାସ୍ତାର ଯାନବାହନ ଆମ ପାଇଁ ରାସ୍ତା ଛାଡ଼ି ଦିଅନ୍ତି ଓ ରାସ୍ତା ଦୁଇ ପାଖରେ ଯାଉଥିବା ଅଗଣିତ ନରନାରୀ ହାତ ହଲାଇ କିମ୍ବା ତାଳି ମାରି ଆମମାନଙ୍କୁ ଅଭ୍ୟର୍ଥନା ଜଣାଉଥାନ୍ତି । ମୁଁ ଆଶ୍ଚର୍ଯ୍ୟ ହୋଇ ମୋର ଅନୁବାଦକାରୀଙ୍କୁ ପଚାରିଲି ଯେ ସେମାନେ କିପରି ଜାଣିଲେ ଆମେ ଭାରତରୁ ଆସିଛୁ ବୋଲି ? ଶୁଣିଲି, ଆମେ ଆସିଲାଦିନ ରେଡ଼ିଓରେ ଖବର ଦିଆ ହୋଇଥିଲା ଯେ, ବିଶ୍ୱଶାନ୍ତି ସମ୍ମିଳନୀକୁ ଯାଉଥିବା ଭାରତୀୟ ପ୍ରତିନିଧି ଦଳ ତାସଖନ୍ଦ ସହରରେ ଓହ୍ଲାଇଛନ୍ତି ଏବଂ ସେଠାରେ ଆମେ ଚାରିଦିନ ରହିବୁ । ତେଣୁ ସହରବାସୀ ପାଇଲଟ୍ ପୋଲିସ୍ ଓ ଆମର ବାସ୍ ଦେଖିଲାକ୍ଷଣି ବୁଝିପାରନ୍ତି ଯେ, ଆମେ ସେହି ଭାରତୀୟ ପ୍ରତିନିଧିଦଳ । ବେସରକାରୀ ପ୍ରତିନିଧିଦଳକୁ ଏ ପ୍ରକାର ରାଜକୀୟ ସମ୍ମାନ ଦେଖାଇବାର ଦୁଇଟି କାରଣ ଥିଲା । ଗୋଟିଏ ହେଉଛି ଯେ, ଆମେ ବିଶ୍ୱଶାନ୍ତି ସମ୍ମିଳନୀର ପ୍ରତିନିଧି ଦଳ ଓ ସୋଭିଏତ୍ ସରକାର ସେଠାକର ଲୋକଙ୍କ ମନରେ ବିଶ୍ୱଶାନ୍ତି ଲାଗି ଏତେ ଆଗ୍ରହ ଓ ପ୍ରେରଣା ସୃଷ୍ଟି କରିପାରିଛନ୍ତି ଯେ, ସାଧାରଣ ନାଗରିକ ଏ ବିଷୟରେ ଅତ୍ୟନ୍ତ ଚେତନଶୀଳ ଓ ଉଦ୍‌ବୁଦ୍ଧ । ଦ୍ୱିତୀୟରେ ଭାରତୀୟଙ୍କ ପ୍ରତି ସେମାନଙ୍କର ଗଭୀର ସ୍ନେହ ଓ ଶ୍ରଦ୍ଧା ରହିଛି ।

ଯେଉଁ ପାର୍କରେ କିମ୍ବା ସାଧାରଣ ଅନୁଷ୍ଠାନରେ ଆମେ ପହଞ୍ଚୁ ରାସ୍ତାର ଲୋକ ଆସି ସେଠାରେ ଜମା ହୋଇଯାଆନ୍ତି । ଆମମାନଙ୍କ ସଙ୍ଗେ ଅତ୍ୟନ୍ତ ଆନନ୍ଦର ସହିତ କରମର୍ଦ୍ଦନ କରନ୍ତି । ସମରଖନ୍ଦରେ ଆମ ଭିତରୁ ତିନିଜଣ ଜଣେ ଅନୁବାଦକାରିଣୀଙ୍କୁ ନେଇ ସହର ବୁଲି ଦେଖିବା ପାଇଁ ଚାଲିଚାଲି ବୁଲି ବାହାରିଲୁ । ସେଠାକାର ଦରଦାମ ବିଷୟରେ ଜାଣିବା ପାଇଁ ମୁଁ ଗୋଟିଏ ବଡ଼ ଷ୍ଟୋରକୁ ଗଲି । ସେଠାକାର ପ୍ରତ୍ୟେକ ଜିନିଷ ଉପରେ ଦାମ ଲେଖା ହୋଇ କାଗଜ ମରା ହୋଇଥାଏ । ସେହି ଦୋକାନରେ ବିକୁଥିବା କିଣୁଥିବା ଲୋକେ ତାଙ୍କ କାମ ବନ୍ଦ କରି ଆମକୁ ଘେରିଗଲେ; ପ୍ରଶ୍ନ ପରେ ପ୍ରଶ୍ନ ପଚାରିବାକୁ ଆରମ୍ଭ କଲେ-ଆମ ଦେଶର ଲୁଗାପଟା ଗାଡ଼ିମଟରର ଦାମଠୁ ଆରମ୍ଭ କରି ସ୍ୱର୍ଗତ ଜବାହାରଲାଲ ନେହରୁ ଏବଂ ସିନେମା ଅଭିନେତା ରାଜ କାପୁରଙ୍କ ବିଷୟ ପର୍ଯ୍ୟନ୍ତ । କେବଳ ସମରଖନ୍ଦରେ ନୁହେଁ, ରୁଷର ଅନ୍ୟ ସ୍ଥାନରେ ମଧ୍ୟ ଏମାନଙ୍କ ବିଷୟରେ ସେମାନଙ୍କର ଅଖଣ୍ଡ ଶ୍ରଦ୍ଧା ଓ ସମ୍ମାନ । ତା'ପରେ ପାର୍କ ଭିତରେ ଆମେ ଯେଉଁଆଡ଼େ ଗଲୁ ଦଳେ ଦଳେ ଲୋକ ଆମ ସାଙ୍ଗରେ ଯାଉଥାଆନ୍ତି— କିଏ ଆମ ପାଖରେ ତା' ବନ୍ଧୁକୁ କହେ ଫଟୋ ଉଠାଇବା ପାଇଁ—କିଏ ଆମର ଦସ୍ତଖତ ତାର ଛୋଟ ବହିରେ ଦେବାକୁ ଆମକୁ ଅନୁରୋଧ କରେ । ବିରାଟ ପାର୍କରେ ଅଗଣିତ ପାଣିର ଫୁଆରା-ନାନା ରଙ୍ଗର ଫୁଲକୁଞ୍ଜ-ସୁନ୍ଦର ସୁନ୍ଦର ମାର୍ବଲ ଓ ପଥରର ପ୍ରତିମୂର୍ତ୍ତି—ଏପରି ପରିବେଶ ଭିତରେ ହଜାର ହଜାର ସ୍ୱାସ୍ଥ୍ୟବାନ ଯୁବକ ଓ ସ୍ୱାସ୍ଥ୍ୟବତୀ ଯୁବତୀ ଜୀବନର ଅଫୁରନ୍ତ ଆନନ୍ଦରେ ଉଲ୍ଲସିତ ଓ ବଞ୍ଚିବାର ପରମ ସାର୍ଥକତାରେ ଉଜ୍ଜୀବିତ ହୋଇ ପ୍ରଜାପତି ପରି ଉଡ଼ି ବୁଲୁଥାଆନ୍ତି ।

ପାର୍କରେ ବୁଲି ବୁଲି ଆମେ ଫେରୁଥାଉ—ରାସ୍ତାରେ ଆମ ଅନୁବାଦକାରିଣୀର ଭଉଣୀ ସହିତ ଦେଖାହେଲା । ସେ ଜଣେ ଡାକ୍ତର । ସେ ଆମକୁ କିଛି ନ ଖୁଆଇ କୌଣସିମତେ ଛାଡ଼ିବା ପାଇଁ ରାଜି ହେଲାନାହିଁ । ଆମେ ତାର ନିୟନ୍ତ୍ରଣ ରକ୍ଷା କରି ଗୋଟିଏ ରେଷ୍ଟୋରାଁକୁ ଗଲୁ । ଆମେ କେବଳ ଆଇସକ୍ରିମ୍ ଖାଇବାକୁ କହିଲୁ; କାରଣ ତା'ପରେ ପରେ ଆମର ରାତ୍ରିଭୋଜନକୁ ଯିବା କଥା । ଦେଖିଲା ବେଳକୁ ଧୋବ ଫରଫର ମଲ୍ଲୀଫୁଲ ପରି ଗୋଟିଏ ବଡ଼ ଥାଳିରେ ଥାଳିଏ ଆଇସ୍କ୍ରିମ୍ । ସେଥିରୁ ଅଧେ ବି ଖାଇବା ଆମ ପକ୍ଷରେ କଷ୍ଟକର । ଆମେ ବସି ଖାଉଛୁ, ଏହି ସମୟରେ ଦୁଇଜଣ ଯୁବକ ଶ୍ରମିକ ପାଖକୁ ଆସି ଆମକୁ ରୁଷ ଭାଷାରେ ସ୍ୱାଗତ ଜଣାଇ କରମର୍ଦ୍ଦନ କଲେ ଏବଂ ମିନିଟିଏ ଭିତରେ କପେ ଲେଖାଏଁ କଫି ଆଣି ଆମ ଆଗରେ ଥୋଇଦେଲେ ଏବଂ କରମର୍ଦ୍ଦନ କରି ପୁଣି କୁଆଡ଼େ ଅଦୃଶ୍ୟ ହୋଇଗଲେ । ହୋଟେଲକୁ ଫେରିଲା ପରେ ଏହିପରି

Digitized by PPRACHIN, SOA

ବହୁ ଅଭିଜ୍ଞତା ଅନ୍ୟମାନଙ୍କଠାରୁ ଶୁଣିବାକୁ ମିଳିଲା । ରାସ୍ତାରେ ଓ ପାର୍କରେ କିଏ କାହାକୁ ଖାଇବାକୁ ଡାକିଛି ତ କିଏ ବହୁତ ଅନୁନୟ ବିନୟ କରି କାହାକୁ ଗୋଟିଏ ଟୋପି ଉପହାର ଦେଇଛି । ଆଉ ଜଣେ ଗୋଟିଏ ହାତବନ୍ଧା ଘଡ଼ି ପାଇଛି ।

ରୁଷବାସୀଙ୍କର ଭାରତୀୟଙ୍କ ପ୍ରତି ଏ ପ୍ରକାର ଉଚ୍ଛ୍ୱସିତ ଆଦର ଅଭ୍ୟର୍ଥନା ଓ ଆନ୍ତରିକ ସ୍ନେହଶ୍ରଦ୍ଧାର କାରଣ କ'ଣ ବୋଲି ଜାଣିବାର ପ୍ରବଳ ଆଗ୍ରହ ହେଲା । ଶୁଣିଲି, ସମାଜବାଦୀ ଦର୍ଶନ ଅନୁସାରେ ରୁଷବାସୀଙ୍କଠାରେ ଅନ୍ୟ ଦେଶର ଲୋକଙ୍କ ପ୍ରତି ସ୍ନେହ ଓ ଶ୍ରଦ୍ଧା ସୃଷ୍ଟି କରିବା ସେଠାର ପାଠ୍ୟକ୍ରମର ଗୋଟିଏ ନିର୍ଦ୍ଦିଷ୍ଟ ନୀତି । ପ୍ରତ୍ୟେକ ଦେଶର ଭାଷା, ସାହିତ୍ୟ ଓ ସଂସ୍କୃତି ବିଷୟରେ ଶିକ୍ଷା ଦିଆହୁଏ । ବିଶ୍ୱବିଦ୍ୟାଳୟମାନଙ୍କରେ ହିନ୍ଦୀ ଓ ଅନ୍ୟାନ୍ୟ ଭାରତୀୟ ଭାଷା ଶିଖାଯାଏ । ରବି ଠାକୁର, ନେହରୁ ଓ ମୁଲକ୍‌ରାଜ ଆନନ୍ଦ ପ୍ରଭୃତି ପ୍ରସିଦ୍ଧ ଭାରତୀୟ ଲେଖକଙ୍କର ବହି ସବୁ ଅନୂଦିତ ହୋଇ ଲକ୍ଷ ଲକ୍ଷ ସଂଖ୍ୟାରେ ପ୍ରକାଶିତ ହୋଇଛି । ଆମ ସାଙ୍ଗରେ ଭାରତର ବିଖ୍ୟାତ ଲେଖକ ମୁଲକ୍‌ରାଜ ଆନନ୍ଦ ଥିଲେ । ତାଙ୍କୁ ଦେଖା କରିବା ପାଇଁ ଏବଂ ତାଙ୍କର ହସ୍ତଲିପି ପାଇବା ପାଇଁ ବହୁତ ଲୋକ ଆସୁଥିବାର ଦେଖିଲୁ । ତା'ଛଡ଼ା ଶୁଣିବାକୁ ପାଇଲୁ ଯେ ପୃଥିବୀର ଅନ୍ୟ ଦେଶର ଲୋକଙ୍କ ଅପେକ୍ଷା ସାମ୍ରାଜ୍ୟବାଦୀଙ୍କ କବଳରୁ ସଦ୍ୟ ମୁକ୍ତି ଲାଭ କରିଥିବା ଆଫ୍ରିକା ଓ ଅନ୍ୟାନ୍ୟ ଦେଶର ପ୍ରଗତିଶୀଳ ଜନତା ପ୍ରତି ସେମାନଙ୍କର ବିଶେଷ ସ୍ନେହ ଓ ଶ୍ରଦ୍ଧା ରହିଛି । ଏହା ସେମାନଙ୍କର ସାଧାରଣ ପାଠ୍ୟକ୍ରମ ତଥା ସାଂସ୍କୃତିକ ଅନୁଷ୍ଠାନମାନଙ୍କର ଗୋଟିଏ ମୌଳିକ ବୈଶିଷ୍ଟ୍ୟ ହୋଇଥିବାରୁ ଜନସାଧାରଣଙ୍କଠାରେ ଏ ପ୍ରକାର ଅକୃତ୍ରିମ ଆନ୍ତରିକତା ପ୍ରକାଶ ପାଉଛି ।

କେବଳ ତାସଖନ୍ଦ ଓ ସମରଖନ୍ଦରେ ନୁହେଁ, ମସ୍କୋ, ଲେନିନ୍ ଗ୍ରାଡ୍ ଓ ଅନ୍ୟାନ୍ୟ ସ୍ଥାନରେ ସିନେମା, ଥିଏଟର, ସ୍କୁଲ କଲେଜରେ, ରାସ୍ତାଘାଟରେ ସବୁଠି ସେହି ପ୍ରକାରର ଅକୃତ୍ରିମ ସୌହାର୍ଦ୍ଦ୍ୟ ଦେଖାଗଲା । ଲେନିନ୍‌ଙ୍କର ମୃତ ଦେହକୁ ଦେଖିବା ପାଇଁ ମାଇଲିଏ ବ୍ୟାପୀ ଦର୍ଶନାଭିଳାଷୀ ଲୋକଙ୍କ ଧାଡ଼ି ପଛରେ ଆମେ ଠିଆ ହୋଇଥିଲେ ଆମକୁ ଗୋଟିଏ ପୂରାଦିନ ଲାଗିଯାଇଥାନ୍ତା ସେହି ଗୋଟିଏ ଜିନିଷ ଦେଖିବା ପାଇଁ । କିନ୍ତୁ ଭାରତୀୟ ପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା—ଆମମାନଙ୍କୁ ଆଗରେ ନେଇ ଠିଆ କରାଗଲା ଏବଂ ଦଶ ମିନିଟ୍ ଭିତରେ ଆମେ ଲେନିନ୍ ସ୍ମୃତିସୌଧ ଦେଖିପାରିଲୁ ।

ଭାରତୀୟଙ୍କ ପ୍ରତି ଏ ଯେଉଁ ସ୍ନେହ-ଶ୍ରଦ୍ଧା, ଏହାର ସରକାରୀ ନିୟନ୍ତ୍ରିତ କେତେକ ମୁଷ୍ଟିମେୟ ଲୋକ ବା ଅନୁଷ୍ଠାନ ଯୋଗୁଁ ନୁହେଁ; ତାହା ସୋଭିଏତ୍‌ବାସୀଙ୍କର ଶିକ୍ଷା ଓ ସଂସ୍କୃତିର ଗୋଟିଏ ମୌଳିକ ବୈଶିଷ୍ଟ୍ୟ ବୋଲି ଜଣାଗଲା । କୌଣସି ଦେଶର ସରକାରଙ୍କ ସହିତ ରୁଷ ସରକାରଙ୍କର ଅପଡ଼ ହେଲେ ମଧ୍ୟ ସେଠାକାର ଜନସାଧାରଣଙ୍କ ପ୍ରତି ଏପ୍ରକାର ସୌହାର୍ଦ୍ଦ୍ୟପୂର୍ଣ୍ଣ ମନୋଭାବ ରହେ ବୋଲି ଜଣାଯାଏ । ବାରମ୍ବାର ଏହା ଶୁଣିବାକୁ ମିଳିଲା ଯେ ଆମେରିକାର ସରକାର ସାମ୍ରାଜ୍ୟବାଦୀ; କିନ୍ତୁ ସେଠାକାର ଲୋକେ ଯୁଦ୍ଧ ବା ସାମ୍ରାଜ୍ୟବାଦୀ ଶୋଷଣର ପକ୍ଷପାତୀ ନୁହନ୍ତି । ପୃଥିବୀର ଅନ୍ୟାନ୍ୟ ଦେଶ ତୁଳନାରେ ସୋଭିଏତ୍ ରୁଷର ବିଶ୍ୱମାନବିକତା ଓ ଆନ୍ତର୍ଜାତିକତା ଯେ ଗୋଟିଏ ବିଶିଷ୍ଟ ଜାତୀୟ ଗୁଣ, ଏଥିରେ ଆମର ସନ୍ଦେହ ରହିଲା ନାହିଁ । ■■■

Digitized by PPRACHIN, SOA

ଦ୍ୱିତୀୟଥର ରୁଷ୍ ଭ୍ରମଣ

ମୁଁ ୧୯୬୫ରେ ସୋଭିଏତ୍ ରୁଷରୁ ଫେରିବା ପରେ ସୋଭିଏତ୍ ରୁଷ ଅନୁଭୂତି ନେଇ 'ନବ ସଭ୍ୟତାର ଦେଶ' ଶିରୋନାମାରେ ଗୋଟିଏ ବହି ଲେଖିଲି । ଏହି ବହିଟି ୧୯୬୬ ମସିହାରେ ଭାରତରେ ପ୍ରଚଳିତ ନେହରୁ ପୁରସ୍କାର ପାଇଥିଲା । ଶୁଣିଥିଲି, ତା'ର ସାରାଂଶ ରୁଷ ଭାଷାରେ ଅନୂଦିତ ହୋଇଥିଲା ବୋଲି । ୧୯୬୭ରେ ଗୋଟିଏ ତିନିଜଣିଆ ଭାରତୀୟ ବୁଦ୍ଧିଜୀବୀ ଦଳର ସଭ୍ୟ ହିସାବରେ ମୋତେ ସୋଭିଏତ୍ ରୁଷ ଯିବା ପାଇଁ ପୁଣି ନିମନ୍ତ୍ରଣ ମିଳିଲା । ମୋ ସହିତ ଅନ୍ୟ ଦୁଇଜଣ ହେଲେ ମହାରାଷ୍ଟ୍ରର ଅବସରପ୍ରାପ୍ତ ସ୍ୱାସ୍ଥ୍ୟ ଡିରେକ୍ଟର ଡକ୍ଟର ଶାହା ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ଅଧ୍ୟାପକ ଓ ସାହିତ୍ୟ ସମାଲୋଚକ ଅଧ୍ୟାପକ ଡକ୍ଟର ନଗେନ୍ଦ୍ର । ଭାରତ-ରୁଷ ମୈତ୍ରୀ ସଂସଦର କେନ୍ଦ୍ର ପରିଷଦ ଆମକୁ ନିମନ୍ତ୍ରଣ କରିଥିଲେ ।

ଆମେ ତିନିଜଣଯାକ ଶିକ୍ଷାବିତ୍ ଥିଲୁ, ତେଣୁ ଆମେ ବହୁତ ବିଶ୍ୱବିଦ୍ୟାଳୟ ଓ ଗବେଷଣା କେନ୍ଦ୍ରମାନ ପରିଦର୍ଶନ କଲୁ । ଏହିଥର ରୁଷ ଦେଶର ଶିକ୍ଷା ଓ ଗବେଷଣାଗତ ବିଷୟମାନ ଆମେମାନେ ଗଭୀର ଭାବରେ ଅନୁଧ୍ୟାନ କରି ପାରିଥିଲୁ । ରୁଷ ଦେଶ ସାର୍ବଜନୀନ ଶିକ୍ଷା ପ୍ରତି ବିଶେଷ ଗୁରୁତ୍ୱ ଦିଏ ଏବଂ ଏହାର ଶିକ୍ଷା ପଦ୍ଧତି ଯେ ପୃଥିବୀର ସର୍ବଶ୍ରେଷ୍ଠ ସାମାଜିକ ଅନୁଷ୍ଠାନ, ଏଥିରେ ମୋର ସନ୍ଦେହ ରହିଲା ନାହିଁ । ତା'ପରେ ମୁଁ ଯେତେବେଳେ ପାଶ୍ଚାତ୍ୟ ଦେଶର ବିଶ୍ୱବିଦ୍ୟାଳୟମାନଙ୍କରେ ବକ୍ତୃତା ଦିଏ ସୋଭିଏତ୍ ରୁଷର ଶିକ୍ଷା କାର୍ଯ୍ୟକ୍ରମର ବହୁଳ ଉଦାହରଣ ଦେଇ ପ୍ରତିପାଦିତ କରେ ଯେ ଏହା କିପରି ସେମାନଙ୍କ ଦେଶର ଶିକ୍ଷା ଯୋଜନାଠାରୁ ଉତ୍କୃଷ୍ଟତର । ସେମାନେ ମଧ୍ୟ ମୋ ସହିତ ଏ ବିଷୟରେ ପ୍ରାୟ ଏକମତ ହୁଅନ୍ତି ।

ଗୋଟିଏ ବିଶେଷ ସାମାଜିକ ତ୍ରୁଟି ଏଠାରେ ମୁଁ ଲକ୍ଷ୍ୟ କରିଥିଲି । ମୁଁ ଯେଉଁ ମନୋବିଜ୍ଞାନୀମାନଙ୍କ ସହିତ ଆଲୋଚନା କରୁଥିଲି, ସେମାନଙ୍କ ସହିତ ଚିଠିପତ୍ର ଆଳାପ ପାଇଁ ଠିକଣା ମାଗିଲେ ସେମାନେ ସବୁବେଳେ ତାଙ୍କ ଡିରେକ୍ଟର କିମ୍ବା ବିଭାଗୀୟ ମୁଖ୍ୟଙ୍କର ଠିକଣା ଦିଅନ୍ତି । ମୁଁ ବୁଝିଲି, ସେମାନଙ୍କ ପାଖକୁ ସିଧାସଳଖ ଚିଠିପତ୍ର ଆଦାନପ୍ରଦାନ କରିବା ସମ୍ଭବ ନୁହେଁ । ଏଥିରେ ମୋର ଗଭୀର ଦୁଃଖ ହେଲା । ଏ ପ୍ରକାର ଅନୁଭୂତି ମୋର ପୃଥିବୀର କୌଣସି ସ୍ଥାନରେ ହୋଇ ନ ଥିଲା । ଏହା ସୋଭିଏତ୍ ରୁଷର ଗୋଟିଏ ଦୁଃଖଦାୟକ ଦିଗ ବୋଲି ମୋର ମନେହେଲା । ଏତେ ବର୍ଷର ଅଗ୍ରଗତି ପରେ ମଧ୍ୟ ଏପରି ପ୍ରଗତିଶୀଳ ଦେଶରେ ଏ ପ୍ରକାର ନିୟନ୍ତ୍ରଣ ଅସମୀଚୀନ ମନେହେଲା । ସୋଭିଏତ୍ ରୁଷରେ ବିଦେଶୀମାନଙ୍କର ସ୍ୱାଧୀନ ଭ୍ରମଣ ସମ୍ଭବ ନଥିବା କଥା ମଧ୍ୟ ଅନୁଭବ କଲି । ସୋଭିଏତ୍ ରୁଷର ପ୍ରତ୍ୟେକ ନାଗରିକଙ୍କ ଠାରେ ନିଜର ଚିହ୍ନଟ କାର୍ଡ଼ ଥାଏ । ହୋଟେଲରେ ରହିଲେ ଆମମାନଙ୍କଠାରୁ ପାସ୍‌ପୋର୍ଟ ନେଇଗଲା ପରି ସେମାନଙ୍କର ଚିହ୍ନଟ କାର୍ଡ଼ଟିକୁ ମଧ୍ୟ ହୋଟେଲ କର୍ତ୍ତୃପକ୍ଷ ନେଇଯାଆନ୍ତି । ଆମ ଦେଶରେ ଏପରି

Digitized by PPRACHIN, SOA

କାଢ଼ି ପ୍ରଚଳିତ ନଥିବା କଥା ଶୁଣି ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ । ବିପ୍ଳବର ପ୍ରାରମ୍ଭିକ ପରିସ୍ଥିତିରେ ବ୍ୟକ୍ତିଗତ ସ୍ୱାଧୀନତାରେ ଯେପରି କଟକଣା ଥିଲା, ତାହା ଆଜି ପର୍ଯ୍ୟନ୍ତ ରହିବା କେତେ ନିରର୍ଥକ— ଏହା ବୋଧହୁଏ ଏମାନେ ହୃଦୟଙ୍ଗମ କରିପାରିନାହାନ୍ତି ।

ଆଉ ଗୋଟିଏ ଦୁଃଖଦାୟକ ଅନୁଭୂତି ବିଷୟରେ ଏଠାରେ ଉଲ୍ଲେଖ କରାଯାଇପାରେ । ଆମ ତିନିଜଣଙ୍କ ସହିତ ଆମ ପାଇଁ ନିର୍ଦ୍ଦିଷ୍ଟ ଅନୁବାଦକାରିଣୀ ଭଦ୍ରମହିଳା ପ୍ରାୟ ସବୁବେଳେ ଆମ ସହିତ ବାହାରକୁ ଗଲାବେଳେ ଯାଉଥିଲେ । ଆମ ସହିତ ରୁଷର ଜଣେ ବୃଦ୍ଧ ସମାଜ ବିଜ୍ଞାନ ଅଧ୍ୟାପକଙ୍କ ସହିତ ଆଳାପ ପରିଚୟ ହୋଇଥିଲା । ସେ ଭଲ ଇଂରେଜୀ ଜାଣିଥିଲେ । ସେ ଭଦ୍ରଲୋକ ଦ୍ୱିତୀୟ ମହାଯୁଦ୍ଧ ପୂର୍ବରୁ ବର୍ମେ ବିଶ୍ୱବିଦ୍ୟାଳୟରେ ଦୁଇବର୍ଷ ଅଧ୍ୟୟନ କରିବା ପାଇଁ ଆସିଥିଲେ । ତେଣୁ ଆମମାନଙ୍କୁ ଦେଖି ସେ ଏତେ ବେଶି ଆନନ୍ଦିତ ହୋଇପଡ଼ି ଥିଲେ ଯେ ସେ ଆମମାନଙ୍କ ସହିତ ଅଧିକାଂଶ ସମୟ ବୁଲି ବାହାରନ୍ତି । କିନ୍ତୁ ତାଙ୍କ ସହିତ ମୁଁ ଏକେଲା କଥାବାର୍ତ୍ତା କଲାବେଳେ ଆମର ଅନୁବାଦକାରିଣୀ ଭଦ୍ରମହିଳା ମୋ ପାଖରେ ଯାଇ ପହଞ୍ଚି ଯାଆନ୍ତି । ମୁଁ ଲକ୍ଷ୍ୟ କଲି ଯେ ସେ ଚାହୁଁ ନଥିଲେ ମୁଁ ଭଦ୍ରବ୍ୟକ୍ତିଙ୍କ ସହିତ ଏକେଲା କଥାବାର୍ତ୍ତା କରେ । ତେଣୁ ମୋର ତାଙ୍କ ସହିତ ନିରୋଳାରେ କଥା କହିବା ଉତ୍ସାହ ବଢ଼ି ଯାଇଥିଲା ।

ଉକ୍ତ ଭଦ୍ରଲୋକଙ୍କର ଜୀବନ ଅନୁଭୂତି ଅତ୍ୟନ୍ତ ଦୁଃଖଦାୟକ ଥିଲା । ସେ ଥିଲେ ସମାଜ ବିଜ୍ଞାନରେ ଅଧ୍ୟାପକ ଦ୍ୱିତୀୟ ମହାଯୁଦ୍ଧ ସମୟରେ । ଯେଉଁ ଯେଉଁ ଅଂଚଳ ଯୁଦ୍ଧରେ ପରାସ୍ତ ହୋଇ ଅଧିକୃତ ହୋଇଯାଉଥିଲା ସେହି ପାଖାପାଖି ଅଂଚଳରେ ଇଂରେଜୀ, ଜର୍ମାନ ଭାଷା ଜାଣିଥିବା ଲୋକଙ୍କୁ ଜବରଦସ୍ତ ସାଇବେରିଆ ପଠାଇ ଦିଆଯାଉଥିଲା । କାରଣ ଷ୍ଟାଲିନଙ୍କ ଅମଳରେ ଏହି ଦୁଇ ବିଦେଶୀ ଭାଷା ଜାଣିଥିବା ଯେ କୌଣସି ଲୋକଙ୍କୁ ଅବିଶ୍ୱାସ କରି ରାତି ଅଧିଆ ସାଇବେରିଆକୁ ନିର୍ବାସିତ କରାହେଉଥିଲା । ଏ ଭଦ୍ରଲୋକଙ୍କୁ ମଧ୍ୟ ତାଙ୍କ ସ୍ତ୍ରୀ ଓ ଗୋଟିଏ ଝିଅ ସହିତ ରାତି ଅଧରେ ଘରୁ ନେଇ ସାଇବେରିଆରେ ଛାଡ଼ିଦିଆ ହେଲା । ସାଇବେରିଆର ନିଦାରୁଣ ଶୀତ, ଖାଦ୍ୟାଭାବ ଓ କଠୋର ପରିଶ୍ରମ ଯୋଗୁ ତାଙ୍କର ସ୍ତ୍ରୀ ଓ ଝିଅଟି ମରିଯାଇଥିଲେ । ସେ ଏକା ବଂଚିଥିଲେ ଏବଂ ଯୁଦ୍ଧ ପରେ ମଧ୍ୟ ଷ୍ଟାଲିନ୍ ତାଙ୍କୁ ନିଜ ସ୍ଥାନକୁ ଫେରାଇ ଆଣି ନଥିଲେ । କ୍ରୁଶ୍ଚେଭ୍‌ଙ୍କ ଅମଳରେ ସେ ସେଠାରୁ ମୁକ୍ତିଲାଭ କରି ଦେଶକୁ ଏକେଲା ଫେରିଥିଲେ ଏବଂ ମଝି ମଝିରେ ବିଭିନ୍ନ ସ୍ଥାନରେ ବକ୍ତୃତା ଦେଇ ପେନସନ ପାଇ ଚଳୁଥିଲେ । ତାଙ୍କୁ ବିନା ଖର୍ଚ୍ଚରେ ଯିବା ଆସିବା ପାଇଁ ଅନୁମତି ମିଳିଥିଲା ।

ସେ ଭଦ୍ରଲୋକଟି ଷ୍ଟାଲିନ ଅମଳରେ ଘଟିଥିବା ଏପରି ବହୁ ଲୋମହର୍ଷକ କାହାଣୀ ବର୍ଣ୍ଣନା କରୁଥିଲେ । କିଂତୁ ଆମର ଅନୁବାଦକାରିଣୀ ପହଞ୍ଚିଲାକ୍ଷଣି ସେ କଥା ବଦଳାଇ ଦେଉଥିଲେ । ଅନୁବାଦକାରିଣୀ ଆମେମାନେ ତାଙ୍କ ସହିତ ଏକା ଏକା କଥାବାର୍ତ୍ତା କରିବାକୁ ପସନ୍ଦ କରୁନଥିଲେ । ସେ ମୋତେ ରୁଷରେ ବ୍ୟକ୍ତି ସ୍ୱାଧୀନତାର ଅଭାବ ବିଷୟରେ ବହୁ କଥା କହୁଥିଲେ । କ୍ରୁଶ୍ଚେଭ ହିଁ ପ୍ରଥମେ ବହୁ ରାଜନୈତିକ ସଂସ୍କାର ଆରମ୍ଭ କରିଥିଲେ । ଅବଶ୍ୟ ସେଥିପାଇଁ ହିଁ ତାଙ୍କୁ ପଦତ୍ୟାଗ କରିବାକୁ ପଡ଼ିଥିଲା ।

ଏପରି କେତୋଟି ଘଟଣାରୁ ବ୍ୟକ୍ତି ସ୍ୱାଧୀନତାର ସଂକଟ ବିଷୟରେ ସମ୍ୟକ ସୂଚନା ମିଳେ । ଏହିପରି ବହୁ କାରଣରୁ ପରବର୍ତ୍ତୀ ସମୟରେ ଶାସନ ବିରୁଦ୍ଧରେ ଏପରି ଭାବରେ ବିଦ୍ରୋହ ସଂଭବ ହୋଇପାରିଥିଲା ।

ଯେ କୌଣସି ସଭ୍ୟ ଦେଶରେ ଶିକ୍ଷା ଲାଗି ପ୍ରଚୁର ଅର୍ଥ ବ୍ୟୟ କରାଯାଏ, ଶିକ୍ଷକ ପ୍ରତି ପ୍ରଗାଢ଼ ସମ୍ମାନ ଦେଖାଯାଏ, ବିଜ୍ଞାନ ଶିକ୍ଷାର ପ୍ରସାର ଲାଗି ଅଦମ୍ୟ ଚେଷ୍ଟା କରାଯାଏ । କିନ୍ତୁ ସୋଭିଏଟ୍ ରୁଷର ଶିକ୍ଷା ପଦ୍ଧତି ଓ ଶିକ୍ଷକମାନଙ୍କ ପ୍ରତି ସାମାଜିକ ତଥା ସରକାରୀ ସମ୍ମାନ

Digitized by PPRACHIN, SOA

ପଛରେ ଯେଉଁ ବିରାଟ ଆଦର୍ଶ ଓ ସାମାଜିକ ଦର୍ଶନ କାମ କରୁଛି, ତାହା ଆଉ କେଉଁଠି ଦେଖିବାକୁ ମିଳେନାହିଁ । ଏହି ଆଦର୍ଶର ଦ୍ୱିଧାହୀନ ଦିଗ୍‌ଦର୍ଶନ ଓ ସାରା ସମାଜର ଏକନିଷ୍ଠ ଏକାଗ୍ରମନ୍ୟତା ଯୋଗୁଁ ଶିକ୍ଷାର ଏହି ବୈପ୍ଳବିକ କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳିତ ହୋଇପାରୁଛି । ଏଥିରେ ବ୍ୟକ୍ତିଗତ ବ୍ୟର୍ଥତା କି ସାମାଜିକ ବିଦ୍ରୋହର ଆତ୍ମଘାତୀ ଅରାଜକତା ନାହିଁ । ଆସନ୍ତା ୨୦ବର୍ଷ କିମ୍ବା ୫୦ବର୍ଷ ପରେ ଶିକ୍ଷାର ରୂପରେଖ କ'ଣ ହେବ— ସେ ବିଷୟରେ ପ୍ରତ୍ୟେକ ରୁଷ ଶିକ୍ଷାବିତ୍ ତଥା ନାଗରିକଙ୍କର ପରିଷ୍କାର ଧାରଣା ରହିଛି । ସମାଜବାଦୀ ଚେତନାରେ ସେମାନେ ଏପରି ଉଦ୍‌ବୁଦ୍ଧ ଓ ଆଗାମୀ ଯୁଗର ବୈପ୍ଳବିକ ଆଦର୍ଶ ଅନୁସାରେ ଶିକ୍ଷାର ରୂପରେଖ ବିଷୟରେ କାହାରି ସନ୍ଦେହ ନାହିଁ । ସମାଜବାଦୀ ନୈତିକତା, ବୈଜ୍ଞାନିକ ଦୃଷ୍ଟିକୋଣ; ଆନ୍ତର୍ଜାତିକ ମନୋଭାବ ଓ ବିଶ୍ୱଶାନ୍ତି ଲାଗି ଆନ୍ତରିକ ପ୍ରତ୍ୟୟ ସୃଷ୍ଟି କରିବାର ମୌଳିକ ନୀତି ଉପରେ ଶିକ୍ଷା ପଦ୍ଧତିକୁ ପ୍ରତିଷ୍ଠିତ କରି ସାମ୍ୟବାଦ ପ୍ରତିଷ୍ଠା ପାଇଁ ଯେ ପ୍ରକାର ବଳିଷ୍ଠ ପ୍ରେରଣା ଓ ଆତ୍ମବିଶ୍ୱାସର ଆବଶ୍ୟକତା ରହିଛି, ତାହା ସୋଭିଏତ୍ ସମାଜର ଶିକ୍ଷା କାର୍ଯ୍ୟକ୍ରମରେ ଯେ ଅତି ସ୍ପଷ୍ଟ ଭାବରେ କାର୍ଯ୍ୟ କରୁଛି— ଏହା ଯେ କୌଣସି ଶିକ୍ଷାବିତ୍‌ଙ୍କ ଆଖିରେ ପଡ଼େ । ସୋଭିଏତ୍ ଶିକ୍ଷାର ଏହି ବିରାଟ ମୂଲ୍ୟବୋଧ ଓ ମହାନ୍ ଐତିହାସିକ ଉଦ୍ଦେଶ୍ୟ ଯୋଗୁଁ ଏହା ଅଗ୍ରଗାମୀ ବିଶ୍ୱ-ଜନତାର ସଂସ୍କୃତି ଓ ବିଶ୍ୱଶାନ୍ତି ପାଇଁ ଅମୂଲ୍ୟ ଅବଦାନ ରୂପେ ଆନ୍ତର୍ଜାତିକ ଦରବାରରେ କ୍ରମେ ସ୍ୱୀକୃତି ଲାଭ କରୁଛି ।

ବିଜ୍ଞାନ ଓ ଅନ୍ତରୀକ୍ଷ ଯାନ ସମ୍ବନ୍ଧୀୟ ଗବେଷଣା ସମଗ୍ର ବିଶ୍ୱକୁ ଚମତ୍କୃତ କରିଦେଇଛି । ଆମେରିକାର ବୈଜ୍ଞାନିକମାନେ ୧୯୫୭ ଅକ୍ଟୋବର ୪ ତାରିଖରେ ରୁଷର ପ୍ରଥମ ଅନ୍ତରୀକ୍ଷ ଯାନର ଅଦ୍ଭୁତ କୃତିତ୍ୱ ପାଇଁ ସୋଭିଏତ୍ ବିଜ୍ଞାନକୁ ଅତ୍ୟନ୍ତ ପ୍ରଶଂସା କରିଥିଲେ । ସେତେବେଳେ ସେମାନେ ରୁଷ ଗବେଷଣାର ବହୁ ପଛରେ ଥିଲେ ବୋଲି ସ୍ୱୀକାର କରିଥିଲେ । ବର୍ତ୍ତମାନ ସୁଦ୍ଧା ଅନ୍ତରୀକ୍ଷ ଗବେଷଣା କ୍ଷେତ୍ରରେ ରୁଷ୍ ଅନ୍ୟମାନଙ୍କଠାରୁ ଆଗରେ ରହିଛି ବୋଲି ପାଶ୍ଚାତ୍ୟ ବୈଜ୍ଞାନିକମାନେ କହନ୍ତି । ପ୍ରଥମ ଅନ୍ତରୀକ୍ଷଚାରୀ ୟୁରି ଗାଗାରିନ୍‌ଙ୍କୁ ସମ୍ମାନ ଦେଖାଇବା ପାଇଁ ଏବଂ ଦେଶବାସୀଙ୍କୁ ଏଥିରେ ଉଦ୍‌ବୁଦ୍ଧ କରିବା ପାଇଁ ଏପ୍ରିଲ୍ ୧୨ ତାରିଖ 'କସ୍ମୋନଟ୍ ଦିବସ' ନାମରେ ସର୍ବସାଧାରଣ ଛୁଟି ଦିବସ ରୂପେ ପ୍ରତିବର୍ଷ ପାଳିତ ହେଉଛି । ଏହାଦ୍ୱାରା ସୋଭିଏତ୍ ସମାଜ ଅନ୍ତରୀକ୍ଷଚାରୀମାନଙ୍କୁ ସର୍ବଶ୍ରେଷ୍ଠ ସାମାଜିକ ସମ୍ମାନ ଦେଖାଇଛି । ସମ୍ମାନିତ ନାଗରିକ ରୂପେ ଏମାନେ ସୋଭିଏତ୍ ରାଷ୍ଟ୍ର ପକ୍ଷରୁ ଦେଶ ବିଦେଶକୁ ପରିଭ୍ରମଣରେ ଯାଉଛନ୍ତି । ଏହି ବିଶିଷ୍ଟ ଅନ୍ତରୀକ୍ଷ ଯାତ୍ରୀମାନେ ରୁଷ୍ ପିଲାଙ୍କୁ ତାଙ୍କ ଅଭିଜ୍ଞତା ବିଷୟରେ ଶିକ୍ଷା ଦେଉଛନ୍ତି ।

ସମାଜବାଦୀ ଦେଶର ସାମାଜିକ ସଂସ୍ଥା, ବୈଜ୍ଞାନିକ ଦୃଷ୍ଟିକୋଣ ଓ ବଳିଷ୍ଠ ଦର୍ଶନ ଫଳରେ ମାତ୍ର କେତେବର୍ଷ ଭିତରେ ବିଜ୍ଞାନ ଯେପରି ଆଗେଇ ପାରିଛି, ଏହି ଶତାବ୍ଦୀର ଶେଷ ବେଳକୁ ବିଜ୍ଞାନ କ୍ଷେତ୍ରରେ ସୋଭିଏତ୍ ରୁଷ୍ ପୃଥିବୀରେ ସର୍ବଶ୍ରେଷ୍ଠ ଆସନ ଅଧିକାର କରିପାରିବ, ଏଥିରେ କାହାରି ସନ୍ଦେହ ନାହିଁ । ବିଜ୍ଞାନ ଯୁଗରେ ଯେଉଁ ଦେଶ ବିଜ୍ଞାନରେ ଶୀର୍ଷସ୍ଥାନ ଅଧିକାର କରିପାରିବ, ସେହି ଦେଶ ଅର୍ଥନୈତିକ, ଶୈକ୍ଷିକ ଓ ସାଂସ୍କୃତିକ କ୍ଷେତ୍ରରେ ମଧ ଯେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବ, ଏହା କହିବା ବାହୁଲ୍ୟ ମାତ୍ର ।

୧୯୧୭ ବିପ୍ଳବ ପରେ ଯେତେବେଳେ ଲୋକେ ନାନା ଅସୁବିଧାରେ ଥିଲେ, ଲେନିନ୍ ସେମାନଙ୍କୁ ଏପରି ଭାବରେ ନିବେଦନ କରିଥିଲେ—''ଆମେ ବୟସ୍କ ଲୋକେ କଷ୍ଟରେ ଚଳି ପାରିବା, ତେଣୁ ଆମର ଲହୁଣି ଟିକକ, ଚିନି ଏବଂ ଅଟା ଗଣ୍ଡିକ ଆମ ପିଲାଙ୍କୁ ପ୍ରଥମେ ଦେବାକୁ ହେବ ।''

ଏଠାରେ ଯେପରି ସର୍ବସମ୍ମତ ସାମାଜିକ ଆଇନ ଗୃହୀତ ହୋଇଯାଇଛି ଯେ, ସୋଭିଏତ୍ ଦେଶର ଯାହା ସବୁଠୁ ଭଲ, ସବୁଠୁ ସୁନ୍ଦର ଓ ଆନନ୍ଦଦାୟକ, ତାହା ଶିଶୁମାନଙ୍କ ପାଇଁ ଛାଡ଼ି

Digitized by PPRACHIN, SOA

ଦିଆଯିବ । ଗୋଟିଏ ଅଞ୍ଚଳର ସବୁଠୁ ଭଲ ଘର, ସ୍କୁଲ କିମ୍ୱା କ୍ଲବ୍ ପାଇଁ ଛାଡ଼ି ଦିଆହୁଏ-ଦେଶର ବିଭିନ୍ନ ରମଣୀୟ ସ୍ଥାନମାନଙ୍କରେ ଶିଶୁମାନଙ୍କର ଅବସର ବିନୋଦନ ପାଇଁ ଅତି ସୁନ୍ଦର ବ୍ୟବସ୍ଥା ହୋଇଛି । ଖରା ଛୁଟିରେ ମାସେ ଦି'ମାସ କାଳ ଏଠାରେ ନାନାପ୍ରକାର ଆମୋଦଦାୟକ କାର୍ଯ୍ୟ ଭିତରେ ସେମାନେ ସମୟ କଟାନ୍ତି । ସେମାନଙ୍କ ପାଇଁ ବହୁତ ପ୍ରକାର ପତ୍ରପତ୍ରିକା, ବହି, ସିନେମା, ଥିଏଟର୍ ବିଶେଷ ଯତ୍ନର ସହିତ ବନ୍ଦୋବସ୍ତ କରାହୋଇଥାଏ । ପ୍ରତି ଜୁନ୍ ପହିଲା ଦିନ ସାରା ଦେଶରେ ଶିଶୁ ଦିବସ ପାଳିତ ହୁଏ ଏବଂ ଏହା, ଏପରି ଜାକଜମକରେ ପାଳିତ ହୁଏ ଯେ, ଶିଶୁମାନେ ବର୍ଷର ସେହି ଦିନଟି ପାଇଁ ଆଗ୍ରହର ସହିତ ଅପେକ୍ଷା କରି ରହିଥା'ନ୍ତି ।

ଶିଶୁମାନଙ୍କର ସର୍ବବିଧ ଉନ୍ନତି, ସେମାନଙ୍କଠାରେ ମୌଳିକ ପ୍ରତିଭାର ବିକାଶ ଓ ସେମାନଙ୍କୁ ନୂତନ ମଣିଷ କରି ଗଢ଼ିବା ଲାଗି ଯେଉଁ ବ୍ୟାପକ ଉଦ୍ୟମ ସୋଭିଏତ୍ ରୁଷ୍‌ରେ ହେଉଛି, ତାହା ଦେଖିଲେ ସହଜରେ ବୁଝିହେବ ଯେ ଏହି ଜାତି କାହିଁକି ଏତେ ଅଳ୍ପ ବର୍ଷ ଭିତରେ ଶିକ୍ଷା, ସଂସ୍କୃତି, ବୈଜ୍ଞାନିକ ଉଦ୍ଭାବନ, ନାଚଖେଳ ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ପୃଥିବୀର ଶୀର୍ଷସ୍ଥାନ ଅଧିକାର କରିବାକୁ ଯାଉଛି । ଗର୍କୀଙ୍କ ଭାଷାରେ ଶିଶୁମାନେ ଜୀବନର ପୁଷ୍ପଗୁଚ୍ଛ ଏବଂ ଏହି ପୁଷ୍ପଗୁଚ୍ଛର ମହକ ପାଇବାକୁ ହେଲେ ବଗିଚାର ମାଳୀକୁ ଯେପରି ଅକ୍ଲାନ୍ତ ପରିଶ୍ରମ କରିବାକୁ ହୁଏ, ସୋଭିଏତ୍ ଜନସମାଜ ସେହିପରି ଭାବରେ ଶିଶୁମାନଙ୍କଠାରେ ଗଭୀର ସୃଜନଶୀଳତାର ସୌରଭ ବିକଶିତ କରିବା ପାଇଁ ସୋଭିଏତ୍ ସମାଜର ପ୍ରତ୍ୟେକ ଅଂଶକୁ ପିଲାଙ୍କ ପାଇଁ ଉପଯୁକ୍ତ ଭାବରେ ସଜାଡ଼ି ସେମାନଙ୍କ ଜୀବନରେ ସମାଜବାଦୀ ଜୀବନିକା ସଞ୍ଚାର କରିପାରିଛି । ତେଣୁ ଭବିଷ୍ୟତରେ ସୋଭିଏତ୍ ସମାଜ ଯେ ବହୁବିଧ ପ୍ରତିଭାର ଦିଗନ୍ତପ୍ରସାରୀ ସୌରଭରେ ଉଲ୍ଲସି ଉଠିବ ଏବଂ ସାରା ପୃଥିବୀର ଜନସମାଜକୁ ତା'ର ସୌରଭର ମାଦକତାର ମୁଗ୍ଧ କରିବ— ଏଥିରେ ସନ୍ଦେହ ନାହିଁ ।

■■■

Digitized by PPRACHIN, SOA

ରୁଷରେ ସମାଜବାଦୀ ମାନବିକତା

ବୈଦିକ ଯୁଗର ଆର୍ଯ୍ୟମାନେ ''ସର୍ବେଭବନ୍ତୁ ସୁଖିନଃ ସର୍ବେସନ୍ତୁ ନିରାମୟା, ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ ଦୁଃଖଭାଗ ଭବେତ୍'' ଯେତେବେଳେ କହିଥିଲେ, ସେତେବେଳେ ସେମାନେ ସମଗ୍ର ମନୁଷ୍ୟ ସମାଜ ପାଇଁ ସର୍ବଶ୍ରେଷ୍ଠ ମାନବିକ ସୁଖସ୍ୱପ୍ନ ଦେଖିଥିଲେ । ପ୍ରତ୍ୟେକ ଯୁଗରେ ଓ ପ୍ରତ୍ୟେକ ଦେଶରେ ମହାମାନବୀୟ ସୁଖଶାନ୍ତିରେ ଉଦ୍‌ବୁଦ୍ଧ ହୋଇ ବହୁ ମହାପୁରୁଷ ଦୁଃଖଶୋକ-ପ୍ରପୀଡ଼ିତ ମାନବଜାତିର ଉଦ୍ଧାର ପାଇଁ ପ୍ରୟାସ କରି ଆସିଛନ୍ତି । ବୁଦ୍ଧ, କ୍ରାଇଷ୍ଟ, କନ୍‌ଫୁସିଅସ୍ ପ୍ରଭୃତି ମନୀଷୀମାନେ ମାନବ ସମାଜର ଅଗଣିତ ଜନତାର ଅସହନୀୟ ଦୁଃଖଦୈନ୍ୟରେ ବ୍ୟଥିତ ହୋଇ ଏହାର ସର୍ବବିଧ କଲ୍ୟାଣ ଲାଗି ବହୁ ଉପଦେଶ ଦେଇଯାଇଛନ୍ତି । କିନ୍ତୁ ଏସବୁ ସ୍ୱପ୍ନରେ ହିଁ ରହିଯାଇଥିଲା । ଏହି ବିରାଟ ଐତିହାସିକ ସ୍ୱପ୍ନକୁ ବାସ୍ତବକ୍ଷେତ୍ରରେ ରୂପାୟିତ କରିବା ପାଇଁ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯେଉଁ ବ୍ୟାପକ ବୈପ୍ଳବିକ ପରିବର୍ତ୍ତନର ଆବଶ୍ୟକତା ରହିଛି, ତାହା ବିଂଶ ଶତାବ୍ଦୀର ସମାଜବାଦୀ ବିପ୍ଳବ ପୂର୍ବରୁ ସମ୍ଭବ ହୋଇପାରି ନ ଥିଲା ।

ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ପୁଞ୍ଜିପତି ଦେଶରେ ଅସମ୍ଭବ ଭାବରେ ଜାତୀୟ ସମ୍ପତ୍ତିର ବୃଦ୍ଧି ଘଟିଲା । ବିଜ୍ଞାନର ପ୍ରୟୋଗ ତଥା ଶିଳ୍ପ-ବିପ୍ଳବ ଫଳରେ ପ୍ରତ୍ୟେକ ଶ୍ରମିକର ଉତ୍ପାଦିକା ଶକ୍ତି ଖୁବ୍ ଦ୍ରୁତଗତିରେ ବଢ଼ିଲା ଏବଂ ତା'ର ଶ୍ରମଫଳ ଶ୍ରମିକମାନେ ଯେ କିଛି ପରିମାଣରେ ଭୋଗ ନ କଲେ ତା ନୁହେଁ; କିନ୍ତୁ ଏହା ସମାଜର କେତେଜଣ ମୁଷ୍ଟିମେୟ ଧନକୁବେରଙ୍କର ସମ୍ପତ୍ତି, ଅର୍ଥନୈତିକ କର୍ତ୍ତୃତ୍ୱ, ସାମାଜିକ ଓ ରାଜନୈତିକ ପ୍ରତିପତ୍ତି ବଢ଼ାଇବାରେ ବେଶୀ ସାହାଯ୍ୟ କଲା । ଧନକୁବେର ଆମେରିକାରେ ମାତ୍ର ଚଉଦ ହଜାର ଲୋକଙ୍କର ବାର୍ଷିକ ଆୟ ପ୍ରତ୍ୟେକଙ୍କର ଏକଲକ୍ଷ ଡଲାର ବା ସାଢ଼େ ସାତଲକ୍ଷ ଟଙ୍କା । ଏମାନଙ୍କ ଭିତରୁ ମାତ୍ର ୧୨୦ଟି ପରିବାରର ବାର୍ଷିକ ଆୟ ପ୍ରତ୍ୟେକଙ୍କର ଦଶଲକ୍ଷ ଡଲାରରୁ ଅଧିକ । ଏମାନଙ୍କ ତୁଳନାରେ ବହୁଲକ୍ଷ ଲୋକଙ୍କର ଆୟ ଅତି ସାମାନ୍ୟ । ପ୍ରେସିଡେଣ୍ଟ କେନେଡ଼ିଙ୍କ କଥାନୁସାରେ ତାଙ୍କ ସମୟରେ ଆମେରିକାରେ ପ୍ରାୟ ଏକକୋଟି ସତୁରିଲକ୍ଷ ଲୋକ ଜାତୀୟ ସ୍ୱାସ୍ଥ୍ୟ-ମାନର ବହୁ ତଳେ ରହିଥିଲେ । ଆଉ ଗୋଟିଏ ହିସାବରୁ ଜଣାଯାଏ ଯେ ୧୭ଟି ଶିଳ୍ପ ଅନୁଷ୍ଠାନର ନିଟ୍ ଲାଭ ପ୍ରାୟ ପଞ୍ଚାବନ ଲକ୍ଷ ଶ୍ରମିକଙ୍କର ବାର୍ଷିକ ଆୟ ସହିତ ସମାନ । ଦେଶରେ ଯେ ପ୍ରେସିଡେଣ୍ଟ ହେବ ସେ ଜଣେ ଧନକୁବେର ହେବାକୁ ବାଧ୍ୟ । ହିସାବରୁ ଜଣାଯାଏ ଯେ କେନେଡ଼ି ତାଙ୍କ ଦଳର ପ୍ରାର୍ଥୀ ହେବା ପୂର୍ବରୁ ପ୍ରାୟ ୩୫ ଲକ୍ଷ ଟଂକା ନିଜ ହାତରୁ ଖର୍ଚ୍ଚ କରିଥିଲେ । ଏହିପରି ପ୍ରେସିଡେଣ୍ଟ ନିର୍ବାଚନରେ ପ୍ରତ୍ୟେକ ପ୍ରାର୍ଥୀକୁ ନିଜ ହାତରୁ ପ୍ରଥମେ ବହୁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ । ନିର୍ବାଚନରେ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ହୁଏ ।

Digitized by PPRACHIN, SOA

ଅଥଚ ଏଣେ ଲକ୍ଷ ଲକ୍ଷ ଲୋକ ବେକାର ହୋଇ ରହିଥାନ୍ତି । ଏଥିରୁ ସହଜରେ ଅନୁମେୟ ଆମେରିକାର ପ୍ରେସିଡେଣ୍ଟ ନିର୍ବାଚନରେ ବ୍ୟକ୍ତିଗତ ସମ୍ପତ୍ତିର ପ୍ରଭାବ ।

ବିଂଶ ଶତାବ୍ଦୀର ପୁଞ୍ଜିପତି ଉତ୍ପାଦନରେ ଅରାଜକତା ଫଳରେ ଯେଉଁ ବିରାଟ ଅମାନୁଷିକତା ମନୁଷ୍ୟ ସମାଜରେ ଦେଖା ଦେଲା, ତାହା ଅବର୍ଣ୍ଣନୀୟ । ଶ୍ରମିକର ବ୍ୟକ୍ତିତ୍ୱ ପ୍ରତି କାହାର ନଜର ନାହିଁ । ତା'ର ଉତ୍ପାଦିକା ଶକ୍ତିର ବୃଦ୍ଧି ପାଇଁ ହିଁ ପୁଞ୍ଜିପତିମାନଙ୍କର ବେଶୀ ଆଗ୍ରହ । ବ୍ୟକ୍ତିଗତ ସ୍ୱାଧୀନତା ନାମରେ ଉପରଶ୍ରେଣୀ ଧନକୁବେରଙ୍କର ରାଜନୈତିକ ପ୍ରତିପତ୍ତି ବଢ଼ିବାରେ ଲାଗିଲା—ଅନ୍ୟ ଦେଶର ମଣିଷକୁ ମାରିବାରେ ଏମାନଙ୍କର ପ୍ରଭୂତ ଲାଭ ହେଲା—ଫଳରେ ପୁଞ୍ଜିପତିମାନଙ୍କର ଯୁଦ୍ଧ ହେଲା ଗୋଟିଏ ପ୍ରଧାନ ବ୍ୟବସାୟ ଚକ୍ରାନ୍ତର ଫଳ । ଏ ବିଷୟରେ ବିଂଶ ଶତାବ୍ଦୀର ଜାଗ୍ରତ ମାନବଜାତିକୁ ବୁଝାଇବାର ଆବଶ୍ୟକତା ନାହିଁ ।

ଅନେକ ପୁଞ୍ଜିପତି କହିବେ ଯେ ପ୍ରତ୍ୟେକ ଶ୍ରମିକର କାରଖାନାରେ ଲଗାଣ ପୁଞ୍ଜିରେ ଅଂଶ କିଣିବାର ଅଧିକାର ରହିଛି । ଗୋଟିଏ ହିସାବରୁ ଜଣାଯାଏ ଯେ, ଆମେରିକାରେ ଯେତେ ଅଂଶ କିଣିବା ପାଇଁ ମିଳେ, ତାର ଶତକଡ଼ା ୦.୯ ଅଂଶ ଶ୍ରମିକ, ୫.୯ ଭାଗ ଅନ୍ୟାନ୍ୟ ଉଚ୍ଚ ବେତନଭୋଗୀ ଇଞ୍ଜିନିୟର ପ୍ରଭୃତି ଲୋକ, ୪.୯ କୃଷକ ହାତରେ । ଏହି ସାମାନ୍ୟ ଅଂଶ ନେଇ ଶ୍ରମିକ କୃଷକମାନେ ପୁଞ୍ଜିପତିଙ୍କ ସହିତ ସମାନ ବୋଲି କହିବା ନିହାତି ହାସ୍ୟାସ୍ପଦ କଥା ।

ଟଲଷ୍ଟୟଙ୍କ ଭାଷାରେ ପାଶ୍ଚାତ୍ୟ ଦେଶରେ ସ୍ୱାଧୀନତା, ସମାନ ସାମାଜିକ ସୁଯୋଗ ଓ ସୁବିଧା ଥିବା କଥା ଦୁଇଜଣ ମଲ୍ଲଯୋଦ୍ଧାଙ୍କ ସହିତ ତୁଳନା କରାଯାଇପାରେ । ସେମାନଙ୍କ ଭିତରୁ ଜଣକର ହାତଦୁଇଟି ବନ୍ଧା ଆଉ ଜଣଙ୍କର ହାତରେ ଗୋଟିଏ ଅସ୍ତ୍ର—ଅଥଚ ଅନ୍ୟାନ୍ୟ ସମସ୍ତ କଥା ସମାନ । ସେହିପରି ପ୍ରତ୍ୟେକ ଭିକାରିର କାଶ୍ମୀର ଉପତ୍ୟକାରେ ଗ୍ରୀଷ୍ମଛୁଟି କଟାଇବାର ଅଧିକାର ଓ ସ୍ୱାଧୀନତା ଥିବା କଥା ଯେପରି ହାସ୍ୟାସ୍ପଦ, ପୁଞ୍ଜିପତି ଦେଶରେ ସମସ୍ତଙ୍କର ସମାନ ସୁବିଧା ଥିବା କଥା ସେହିପରି ଅବାସ୍ତବ ।

ପୁଞ୍ଜିପତି ଉତ୍ପାଦନର ପ୍ରଚୁରତା ଭିତରେ ପୃଥିବୀର ଅଧିକ ସଂଖ୍ୟକ ଲୋକ ଗରିବ । ବର୍ଦ୍ଧନଶୀଳ ମାନବିକ ଶକ୍ତିର ବ୍ୟାପକ ପ୍ରୟୋଗର ଅଭୂତପୂର୍ବ ସାଫଲ୍ୟ ମଧ୍ୟରେ ଏହି ଶକ୍ତିର ପ୍ରକୃତ ଆଧାର ଶ୍ରମିକଶ୍ରେଣୀ ଶକ୍ତିହୀନ, ରୁଗ୍ଣ, ଆଦର୍ଶହୀନ, ନୈରାଶ୍ୟବାଦୀ ଓ ଅମନୁଷ୍ୟ । ଭୋକିଲା କୁକୁରଙ୍କ ଭିତରେ ଅହରହ ସଂଗ୍ରାମ ଲାଗିଥିଲା ପରି ସର୍ବହରା ଶ୍ରମିକ ଓ କୃଷକ ମଧ୍ୟରେ ଅନବରତ କଳହ—ପୁଞ୍ଜିପତିର ବାସଗୃହ, ହୋଟେଲ, କ୍ଲବ୍ ପ୍ରଭୃତି ନଭଶ୍ଚୁମ୍ବୀ ପ୍ରାସାଦର ଅଦୂର ଦେଶରେ ଜରାଜୀର୍ଣ୍ଣ କୁଡ଼ିଆ ଘରର ଶୋଭାଯାତ୍ରା । ପୁଞ୍ଜିପତି ସମାଜର ଏହା ଏକ ଅଲଘନୀୟ ବୈଶିଷ୍ଟ୍ୟ ।

ଏହି ଅସଂସ୍କୃତ ଓ ଅମାନୁଷିକ ପରିବେଶ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରେ ରୁଷ ଦେଶର ସମାଜବାଦୀ ବିପ୍ଳବ । ଏହି ଯୁଦ୍ଧ ଘୋଷଣା ପଛରେ ଅତୀତ ଯୁଗର ସମଗ୍ର ମାନବଜାତିର ଆଶା ଆକାଙ୍କ୍ଷା ପରିସ୍ଫୁଟ ହୋଇଉଠୁଥିଲା । ତେଣୁ ବହୁ ବର୍ଷ ଧରି ପୃଥିବୀର ପୁଞ୍ଜିପତି ଦେଶମାନେ ଏହି ବିପ୍ଳବକୁ ନିଃଶେଷ କରିବାକୁ ଲାଗିପଡ଼ିଲେ—କିନ୍ତୁ ବିଂଶ ଶତାବ୍ଦୀର ଅପରାଜେୟ ସର୍ବହରା ଶକ୍ତି ଆଗରେ ସେମାନଙ୍କୁ ହାର ମାନିବାକୁ ହେଲା । କିଛି ବର୍ଷ ପରେ ହିଟଲର ତାର ଅତି ଦୁର୍ଦ୍ଧର୍ଷ ଅମାନୁଷିକ ଶକ୍ତି ସୋଭିଏତ୍ ବିରୁଦ୍ଧରେ ପ୍ରୟୋଗ କଲା- କିନ୍ତୁ ତାର ମଧ୍ୟ ସମସ୍ତ ଶକ୍ତି ରୁଷର ଚାଷୀ ମୂଲିଆଙ୍କ ବଜ୍ରମୁଷ୍ଟି ଆଘାତରେ ବିଲୀନ ହୋଇଗଲା । ସୋଭିଏତ୍ ରୁଷର ଏହି ସମାଜବାଦୀ ମାନବସମାଜ କେବଳ ଯୁଦ୍ଧକ୍ଷେତ୍ରରେ ଚାଷୀ ମୂଲିଆଙ୍କର ଐତିହାସିକ ଶତ୍ରୁକୁ ଯେ ପରାସ୍ତ କରିଛି ତା ନୁହେଁ, ଅର୍ଥନୈତିକ, ସାମାଜିକ, ସାଂସ୍କୃତିକ, ବୈଜ୍ଞାନିକ ଓ ଶିକ୍ଷା କ୍ଷେତ୍ରରେ ମଧ୍ୟ ଅନ୍ୟାନ୍ୟ

Digitized by PPRACHIN, SOA

ପୁଞ୍ଜିପତି ଦେଶ ତୁଳନାରେ ଏହା ଅତି ଦ୍ରୁତଗତିରେ ଆଗେଇ ଚାଲିଛି । ବିଗତ ଶତାବ୍ଦୀଗୁଡ଼ିକର ସମଗ୍ର ନିଷ୍ପେଷିତ ମନୁଷ୍ୟଜାତି ଯେପରି ତାର ସମସ୍ତ ବନ୍ଧନ ମୁକ୍ତ କରି ଚାରିଆଡ଼େ ମାଡ଼ି ଚାଲିଛି ! ପ୍ରତିବନ୍ଧକ ସବୁ ଦୂରେଇ ଯାଉଛି—ବିଜ୍ଞାନର ଅସୀମ ଜ୍ଞାନ ବଳରେ ପ୍ରାକୃତିକ ଶକ୍ତିକୁ ସେ ଏପରି ଭାବରେ ପ୍ରୟୋଗ କରି ପାରୁଛି ଯେ ଯୁଗଯୁଗର ଅଜ୍ଞନାନ୍ଧକାରାଚ୍ଛନ୍ନ ପ୍ରାକୃତିକ ରହସ୍ୟ ଉଦ୍‌ଘାଟନ କରି ସେ ଅତିମାନବ ବଳର ଅଧିକାରୀ ହୋଇପାରୁଛି । ଏହା ଆଶ୍ଚର୍ଯ୍ୟର କଥା ନୁହେଁ ଯେ ପ୍ରଥମ ରୁଷ ଅନ୍ତରୀକ୍ଷ ଯାନ ମହାଶୂନ୍ୟର ବୁକୁ ଚିରି ପୃଥିବୀକୁ ଚମତ୍କୃତ କରିଦେଲା- ଚନ୍ଦ୍ରଲୋକରେ ପୃଥିବୀର ସମାଜବାଦୀ ଜନତାର ଜୟଧ୍ୱନି ଶୁଣାଗଲା । ପୃଥିବୀର ସବୁଠାରୁ ବଡ଼ ମନୁଷ୍ୟକୃତ ଉପହ୍ରଦ, କେନାଲ, ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର, ଆଣବିକ ଶକ୍ତିଚାଳିତ ବିରାଟ ବରଫଭଙ୍ଗା ଜାହାଜ ଇତ୍ୟାଦି ଅଗଣିତ ମାନବ କଲ୍ୟାଣକର ଉଦ୍‌ଭାବନ ଓ ଅତିଦାନବୀୟ ସଂପାଦନ ଏହି ସୃଜନଶୀଳ, ସମାଜବାଦୀ ଆଦର୍ଶ ଅନୁପ୍ରାଣିତ ବୈଜ୍ଞାନିକମାନଙ୍କ ଦ୍ୱାରା ସମ୍ଭବ ହୋଇଛି । ଏହି ଅତି ମାନବୀୟ ଶକ୍ତି ଓ ଅସାଧାରଣ ପ୍ରେରଣାର ଉତ୍ସ ଏତେ ଅଳ୍ପ ସମୟ ମଧ୍ୟରେ କିପରି ସମ୍ଭବ ହେଲା ? ବିରାଟ ମାନବ ଇତିହାସରେ ପଚାଶ ବର୍ଷର ସୋଭିଏତ୍ ଇତିହାସ ଗୋଟିଏ ମାତ୍ର ସାମାନ୍ୟ କାଳିବିନ୍ଦୁ ପରି; କିନ୍ତୁ ଏହି ବିନ୍ଦୁଏ କାଳିରେ ଯେଉଁ ଅସାମାନ୍ୟ କାହାଣୀ ଓ ଲୋକପ୍ରତିଭା ଲିପିବଦ୍ଧ ହୋଇଛି, ତାହା ସମଗ୍ର-ଇତିହାସରେ ସମ୍ଭବ ହୋଇପାରି ନଥିଲା । ତାର କାରଣ କ'ଣ ? ଏହି ଦୁର୍ଦ୍ଦମନୀୟ ଲୋକଶକ୍ତିର ଲୁକ୍‌କାୟିତ ପ୍ରାଣକେନ୍ଦ୍ର କେଉଁଠି ?

ସୋଭିଏତ୍ ସମାଜବାଦୀ ଦର୍ଶନର ମୂଳ ଲକ୍ଷ୍ୟ ହେଲା ଭୌତିକ ପରିସ୍ଥିତି ଓ ସାମାଜିକ ପରିବେଶର ପରିବର୍ତ୍ତନ କରି ପ୍ରତ୍ୟେକ ବ୍ୟକ୍ତି ଓ ସମଷ୍ଟିର ସୁଖସ୍ୱାଚ୍ଛନ୍ଦ୍ୟ, ସ୍ୱାଧୀନତା ତଥା ବ୍ୟକ୍ତିତ୍ୱର ଚରମ ବିକାଶ କରିବା ସଙ୍ଗେ ସଙ୍ଗେ ଅଭିନବ ମାନବୀୟ ସଭ୍ୟତା ଓ ନୂତନ ମଣିଷ ଗଢ଼ିବା । ଏପରି ମଣିଷ ସମାଜ ଗଢ଼ି ଉଠିବ, ଯେଉଁଠି ମଣିଷ ମଣିଷ ଉପରେ ଅତ୍ୟାଚାର କରିପାରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତିର ବିକାଶ ଲାଗି ପ୍ରତିବନ୍ଧହୀନ ପରିବେଶ ରହିବ—ଖାଦ୍ୟ, ବାସସ୍ଥାନ, ସ୍ୱାସ୍ଥ୍ୟ, ଶିକ୍ଷା, କାମ କରିବା ପାଇଁ ସମସ୍ତ ସୁବିଧା ସୁଯୋଗ ଓ ଜୀବନକୁ ଉପଭୋଗ କରିବା ପାଇଁ ଉଚ୍ଚ ସାଂସ୍କୃତିକ ବାୟୁମଣ୍ଡଳ, କେବଳ ଐକ୍ୟବଦ୍ଧ ମନୁଷ୍ୟ ସମାଜର ସାମୂହିକ ଉଦ୍ୟମ, ପାରସ୍ପରିକ ସହଯୋଗ ଓ ମୈତ୍ରୀ, ସମଷ୍ଟିଗତ ଯୋଜନା ଏବଂ ଜାତୀୟ ସଂହତି ଫଳରେ ହିଁ ସମ୍ଭବ ହୋଇପାରିବ । ଏହି ମହାନ୍ ଦର୍ଶନ ସୋଭିଏତ୍ ସମାଜର ବିରାଟ ସାଫଲ୍ୟର ଆଦି ଉତ୍ସ । ତେଣୁ ସାହିତ୍ୟ, ଶିକ୍ଷା, ସିନେମା, ସଙ୍ଗୀତ ପ୍ରଭୃତି ମାଧ୍ୟମରେ ନୂତନ ମନୁଷ୍ୟ ତିଆରି ପାଇଁ ଅନୁପ୍ରାଣିତ ଉଦ୍ୟମ ଅହରହ ଲାଗି ରହିଛି । ତେଣୁ କେହି ଦଳେ ଲୋକ ନିଜର ସ୍ୱାର୍ଥସିଦ୍ଧି ପାଇଁ ଅଜସ୍ର ସମ୍ପତ୍ତି କରିପାରିନାହାନ୍ତି କିମ୍ବା ନିଜର ଅଧିକା ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ସାମାଜିକ ସମ୍ପତ୍ତିରୁ ଅଧିକା ସୁବିଧା ପାଇ ନାହାନ୍ତି । କାଁ ଭାଁ କେତେବେଳେ ଯଦି ଏପରି ଜଣେ ଅଧେ ଧରା ପଡ଼ନ୍ତି, ସେମାନଙ୍କୁ ଗୁଳି କରି ମାରିଦିଆଯାଏ । କେହି ଜଣେ ଯଦି ଚୋରା ବ୍ୟବସାୟ କରି କିମ୍ବା ଜାଲ୍ ଟଙ୍କା ତିଆରି କରି ନିଜକୁ ଧନୀ କରିବାକୁ ଚେଷ୍ଟା କରେ, ତା ପ୍ରତି ସମାଜର କାହାରି ମାୟା ମମତା ନଥାଏ—ତାକୁ ପ୍ରାଣଦଣ୍ଡ ଦିଆଯାଏ । କାରଣ ସମାଜବାଦୀ ସମାଜର ସାମୂହିକ ସ୍ୱାର୍ଥର ସେ ଶତ୍ରୁ । ଯଦି କୌଣସି ଲୋକ ସେ ଯେତେ ବଡ଼ ପ୍ରତିଷ୍ଠାବାନ୍ ଲୋକ ହୋଇଥାଉ ସୁଦ୍ଧା—ସାମାଜିକ କର୍ତ୍ତବ୍ୟରେ ହେଳା କରେ ତାକୁ ଘୃଣା କରିବା, ତାକୁ ଆଇନର ସମ୍ମୁଖୀନ କରିବା ପାଇଁ ଲୋକମାନଙ୍କୁ ଅନବରତ ପରାମର୍ଶ ଦିଆଯାଏ । ସେହିପରି ଯେଉଁମାନେ ନିଜ ନିଜର କର୍ତ୍ତବ୍ୟ କରନ୍ତି— ସାମାଜିକ କାର୍ଯ୍ୟ ପାଇଁ ପ୍ରାଣମୂର୍ଚ୍ଛା କାମ କରନ୍ତି, ସେମାନେ ସାମାଜିକ

Digitized by PPRACHIN, SOA

ବୀରତ୍ୱ ପାଇଁ ସମ୍ମାନିତ ହୁଅନ୍ତି । ତା'ଛଡ଼ା ପ୍ରତ୍ୟେକ ଶ୍ରମିକ ଓ କୃଷକ ଜୀବନ ପ୍ରତି ସମାଜବାଦୀ ସମାଜରେ ସର୍ବଶ୍ରେଷ୍ଠ ସମ୍ମାନ ଦିଆଯାଏ ।

ଥରେ ଭୋରାକାନାନିଭ ନାମକ ଜଣେ ଚାଷୀ ଝିଅ ଗୋଟିଏ ଘୁଷୁରି ଗୁହାଳରେ ନିଆଁ ଲାଗିଲାବେଳେ ପ୍ରାଣମୂର୍ଚ୍ଛା ପରିଶ୍ରମ କରି ନିଆଁ ଲିଭାଇବାକୁ ଯାଇ ବହୁତ ବେଶୀ କ୍ଷତବିକ୍ଷତ ହୋଇପଡ଼ିଥିଲା ଏବଂ ତା'ର ଚିକିତ୍ସା ସମୟରେ ତାର ଦରମା ପ୍ରଭୃତି ନେଇ କେତେମାସ ଡେରି ହୋଇଯାଇଥିଲା । ସେହି କଥା ନେଇ ଖବରକାଗଜରେ ବହୁ ଚିଠି ପ୍ରକାଶିତ ହେଲା । ତାପରେ କେତେକ କର୍ତ୍ତୃପକ୍ଷ ନିଜର କାର୍ଯ୍ୟବ୍ୟସ୍ତତାର ଦୁହାଇ ଦେଇ ଏହାର ଉପଯୁକ୍ତ ବ୍ୟବସ୍ଥା କରି ନପାରିଥିବାରୁ ସେମାନଙ୍କ ବିରୁଦ୍ଧରେ ଶାସ୍ତି ବିଧାନ କରାଯାଇଥିଲା ଏବଂ ସେହି କୃଷକ ଝିଅଟିକୁ ସମସ୍ତ ସୁବିଧା ଦେବା ସଙ୍ଗେ ସଙ୍ଗେ ତା'ର କର୍ତ୍ତବ୍ୟବୋଧ ଏବଂ କାର୍ଯ୍ୟଦକ୍ଷତା ପାଇଁ ତାକୁ ବିଶେଷ ଭାବରେ ପୁରସ୍କୃତ ତଥା ସମ୍ମାନିତ କରାହୋଇଥିଲା । ଏହି ପ୍ରସଙ୍ଗରେ ଶାସ୍ତି ବିଧାନ ବା ପୁରସ୍କୃତ କରିବା ଯେତେ ବଡ଼ ଗୁରୁତ୍ୱପୂର୍ଣ୍ଣ ଘଟଣା ନୁହେଁ, ଜଣେ ସାଧାରଣ ଚାଷୀ ଝିଅ ପ୍ରତି ସାମାଜିକ ଅବହେଳା ପାଇଁ ଏ ପ୍ରକାର ତୀବ୍ର ସାମାଜିକ ପ୍ରତିକ୍ରିୟାର ମୂଲ୍ୟ କେତେ ବେଶୀ– ତାହା ଯେ କୌଣସି ଆଧୁନିକ ସମାଜର ଲୋକେ ଅନୁଭବ କରି ପାରୁଥିବେ । ଏହି ସାମାନ୍ୟ ଘଟଣାଟି ପଛରେ ଯେଉଁ ସମାଜବାଦୀ ତତ୍ତ୍ୱ ରହିଛି, ତାହା ଯୋଗୁଁ ହିଁ ସୋଭିଏତ୍ ସମାଜରେ ଏହା ସମ୍ଭବ ହୋଇପାରିଲା ।

''ଯେଉଁ ମନୁଷ୍ୟ ପୃଥିବୀର ସମସ୍ତ ମୂଲ୍ୟ ସୃଷ୍ଟି କରୁଛି, ସେ ନିଜେ ସର୍ବାଧିକ ମୂଲ୍ୟବାନ''- ଏହି ଗଭୀର ମାନବିକତା ସମାଜବାଦ ସଂସ୍ଥାରେ ହିଁ ସମ୍ଭବ । ପୁଞ୍ଜିପତି ସମାଜ ମାନବିକତା ବିଷୟରେ ଯେତେ ଦାର୍ଶନିକ ତଥ୍ୟ ପ୍ରଚାର କରୁପଛେ—ଖ୍ରୀଷ୍ଟିୟାନ୍ ଧର୍ମ ମାନବିକ ସୁଖଶାନ୍ତି ପାଇଁ ଯେତେ ନୀତିବାଣୀ ପ୍ରଚାର କରୁ ପଛେ—ପୁଞ୍ଜିବାଦୀ ଦେଶରେ ବ୍ୟକ୍ତିବିଶେଷର ଅର୍ଥଗତ ଲାଭ ଓ ପ୍ରତିପତ୍ତିଶାଳୀ ନ୍ୟସ୍ତସ୍ୱାର୍ଥର ଚରମ ସୁବିଧା ଆଗରେ ମନୁଷ୍ୟର କୌଣସି ମୂଲ୍ୟ ନାହିଁ । ଯେଉଁ ଦେଶର ଯୁଦ୍ଧ ହେଲେ ଅଧିକ ଲାଭ ହୁଏ, ବ୍ୟକ୍ତି-ବିଶେଷର ଲାଭ ପାଇଁ ହଜାର ହଜାର ଶ୍ରମିକ ଛଟେଇ ଆଇନସିଦ୍ଧ, ଯେଉଁ ତଥାକଥିତ ଗଣତାନ୍ତ୍ରିକ ଦେଶର ରାସ୍ତା କଡ଼ରେ ଲୋକେ ଭୋକିଲା କୁକୁରମାନଙ୍କ ସହିତ ମିଶି ଖାଦ୍ୟ ଗୋଟାଇ ଖାଉଥିବା ବେଳେ ଲୋକପ୍ରତିନିଧି ମନ୍ତ୍ରୀମାନେ ଶୀତତାପ-ନିୟନ୍ତ୍ରିତ କୋଠରିରେ ବସି ପାରନ୍ତି, ସେଠାରେ ମାନବିକତା ବିଷୟରେ ଆଲୋଚନା ଗୋଟିଏ ଦେଖାଣିଆ ତାତ୍ତ୍ୱିକ ଭଣ୍ଡାମି ଛଡ଼ା କ'ଣ ହୋଇପାରେ ?

ଆମେରିକାରେ ମାନବିକତା ବିଷୟରେ ବହୁ ନୀତି ଦର୍ଶନ ଦେଖିବାକୁ ମିଳେ । ପୃଥିବୀରେ ଶାନ୍ତି, ସ୍ୱାଧୀନତା, ଗଣତନ୍ତ୍ର ଓ ବ୍ୟକ୍ତି ମର୍ଯ୍ୟାଦା ପ୍ରତିଷ୍ଠା ପାଇଁ ମାନବିକତା ନାମରେ ଆମେରିକା ସରକାରର ଭିଏତ୍‌ନାମ ଭଳି ଗୋଟିଏ ଛୋଟିଆ ଦେଶରେ ପ୍ରାୟ ଅଢ଼େଇଲକ୍ଷ ସୈନ୍ୟ ଯୁଦ୍ଧ କରୁଛନ୍ତି ଏବଂ ସେଥିପାଇଁ ବର୍ଷକୁ ୧୩୦୦ କୋଟି ଡଲାର ଅର୍ଥାତ୍ ୯୭୫୦ କୋଟି ଟଙ୍କା ବ୍ୟୟ କରାହେଉଛି; ଅଥଚ ନିଜ ଦେଶର ଏକଦଶମାଂଶ ନିଗ୍ରୋଙ୍କର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ଭଙ୍ଗାଟୁଟା ମଇଳା କୁଡ଼ିଆ ଘରେ ଥିବା ସହରତଳି ଅଞ୍ଚଳ ତିଆରି ପାଇଁ ଅର୍ଥାଭାବ ଆଳରେ ସାମାନ୍ୟ କିଛି ଖର୍ଚ୍ଚ କରାହୁଏ । ଏହି ଦଶମାଂଶ ଲୋକଙ୍କର ଆୟ, ଜୀବନଯାପନ ମାନ ଧଳା ଲୋକଙ୍କର ଆୟର ଅଧାରୁ କମ୍ । ଏମାନଙ୍କ ଭିତରେ ସବୁଠାରୁ ବେଶୀ ଅକର୍ମା, ଏମାନଙ୍କ ରହିବା ଘର ଅତ୍ୟନ୍ତ ଶୋଚନୀୟ—ଚାକିରି କ୍ଷେତ୍ରରେ ଏମାନଙ୍କ ପ୍ରତି ସବୁଠାରୁ ବେଶୀ ପାତର-ଅନ୍ତର ବ୍ୟବହାର କରାଯାଏ । ଏପରି ପରସ୍ଥିତିରେ ମାନବିକତା, ବ୍ୟକ୍ତି ସ୍ୱାଧୀନତା ନାମରେ ଭିଏତ୍‌ନାମରେ ଅଜସ୍ର ବୋମା ବର୍ଷଣ ଚାଲିଛି । ସୋଭିଏତ୍‌ରୁଷ ସମାଜର କୌଣସି ଗୋଟିଏ

Digitized by PPRACHIN, SOA

ଅଂଶ ପ୍ରତି ଏପରି ଭାବରେ ନ୍ୟୂନ ବ୍ୟବହାର କରାଯିବାର ଉଦାହରଣ ଆଜିଯାଏଁ କେହି ଦେଖି ପାରିନାହାନ୍ତି କି ଅନ୍ୟ ଦେଶରେ ରୁଷ ତରଫରୁ ବର୍ଷ ବର୍ଷ ଧରି ଏପରି ଭାବରେ ବୋମା ବର୍ଷଣ ଚାଲିନାହିଁ ।

ମନୁଷ୍ୟମାନଙ୍କ ପାଇଁ ଆନ୍ତରିକ ଶ୍ରଦ୍ଧା, ସମ୍ମାନ ଓ ସହାନୁଭୂତି ସୃଷ୍ଟି କରିବାକୁ ହେଲେ ମାନବିକ ଗୁଣ ଓ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ସାମାଜିକ ପରିବେଶ ତିଆରି କରିବାର ଆବଶ୍ୟକତା ସମାଜବାଦୀ ଦର୍ଶନର ଗୋଟିଏ ମୌଳିକ ନୀତି । ଏହି ନିୟନ୍ତ୍ରିତ ପରିବେଶ ଭିତରେ ହିଁ ମନୁଷ୍ୟଠାରେ କ୍ରମେ କ୍ରମେ ଶାନ୍ତି, ମୈତ୍ରୀ, ଆନ୍ତର୍ଜାତିକ ଭ୍ରାତୃଭାବ ଓ ବୈୟକ୍ତିକ ବିକାଶ ପ୍ରସ୍ଫୁଟିତ ହୋଇପାରିବ ବୋଲି ଏମାନଙ୍କର ବିଶ୍ୱାସ । ଯୁଦ୍ଧ, ସାମାଜିକ ଅରାଜକତା, ଆକ୍ରମଣ ମନୋଭାବ, ଶତ୍ରୁତା ପ୍ରଭୃତି ମନୁଷ୍ୟର ଖଳ ପ୍ରକୃତି ବ୍ୟକ୍ତିର ଅସନ୍ତୋଷ ଓ ସାମାଜିକ ବ୍ୟର୍ଥତା ଯୋଗୁଁ ଦେଖାଦେଇଥାଏ ଏବଂ ତା' ଫଳରେ ଦୁନିଆରେ ଆଜି ପର୍ଯ୍ୟନ୍ତ ଏପରି ଭାବରେ ଅମାନୁଷିକତା ନାନା ଆକାରରେ ଦେଖାଦେଇଛି । ଏହି ଅମାନୁଷିକ ଧ୍ୱଂସଲୀଳା ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟକ୍ତିସମୂହଙ୍କ ଦ୍ୱାରା ହିଁ ଚିରଦିନ ପାଇଁ ଦୂରୀଭୂତ ହୋଇପାରିବ ।

ଏହି ମହାଜାଗତୀୟ ଆଦର୍ଶ ଅନୁସାରେ ଏମାନଙ୍କର ସାମାଜିକ ଜୀବନ ଉଦ୍‌ବୁଦ୍ଧ । ତେଣୁ କାମ କରିବାରେ ବ୍ୟକ୍ତିଗତ ଆନନ୍ଦ ତଥା ପରିପୂର୍ଣ୍ଣତା ରହିଛି । କୌଣସି ଲୋକର ପରିଶ୍ରମ ଫଳ ଅନ୍ୟ କେହି ଅକର୍ମାର ବ୍ୟକ୍ତିଗତ ସ୍ୱାର୍ଥରେ ନିୟୋଜିତ ନୁହେଁ-ତେଣୁ ପ୍ରତ୍ୟେକ ନିଜ ନିଜ କାମରେ ଉତ୍ସାହ ତଥା ପ୍ରେରଣା ପାଇବା ସ୍ୱାଭାବିକ । ନିଜର ପ୍ରତିଭା ଓ ଆଗ୍ରହ ଅନୁସାରେ ଉନ୍ନତି କରିବାର ସମସ୍ତ ସୁଯୋଗ ପ୍ରତ୍ୟେକର ଥିବାରୁ କାମର ଅନିବାର୍ଯ୍ୟ ବିରକ୍ତି ଭାବର ଆତ୍ମଘାତୀ ପ୍ରଭାବ ଜନସାଧାରଣଙ୍କଠାରେ ରହିବାର ସମ୍ଭାବନା କମ୍ । କାରଣ କୌଣସି ଗୋଟିଏ କାମ ଭଲ ନ ଲାଗିଲେ ଉଚ୍ଚଶିକ୍ଷା ଲାଭ କରି ଅନ୍ୟ କାମ କରିବା ପାଇଁ ସବୁପ୍ରକାର ସୁଯୋଗ ତା ଆଗରେ ଅଛି । ଯେ କୌଣସି ଶ୍ରମିକ ସାଂଧ୍ୟ କଲେଜରେ କିମ୍ବା ଡାକ ବିନିମୟ ଶିକ୍ଷା ପଦ୍ଧତି ସାହାଯ୍ୟରେ ଉଚ୍ଚଶିକ୍ଷା ଲାଭ କରିପାରେ । ଅନେକ କାରଖାନାରେ ମଧ୍ୟ ଶ୍ରମିକମାନଙ୍କୁ ଉଚ୍ଚବୈଷୟିକ ଶିକ୍ଷା ଦେବା ପାଇଁ ବନ୍ଦୋବସ୍ତ ହୋଇଛି । ତେଣୁ ପୁଞ୍ଜିପତି ଦେଶରେ ଯେପରି ଜଣେ ଶ୍ରମିକ କର୍ମକ୍ଷେତ୍ରରେ ନିଜକୁ ଅସହାୟ ମନେକରେ, ସବୁବେଳେ ତା ମନରେ ଉଦ୍‌ବିଗ୍ନତା ଲାଗି ରହିଥାଏ ଯେ କେତେବେଳେ ତାକୁ କାର୍ଯ୍ୟରୁ ବାହାର କରି ଦିଆଯିବାର ସମ୍ଭାବନା ଅଛି; ସ୍ୱୟଂକ୍ରିୟ ଯନ୍ତ୍ର ଖଞ୍ଜାଗଲେ ତାର ଚାକିରି ଯାଇପାରେ କିମ୍ବା ଯନ୍ତ୍ରଚାଳନା ପରିବର୍ତ୍ତେ ତାକୁ ଯନ୍ତ୍ର ସଫା କରିବାକୁ ପଡ଼ିପାରେ-ଏ ପ୍ରକାର ଆତୁରତା ଯୋଗୁଁ ସେ କାମରେ କୌଣସି ପ୍ରକାର ଶାନ୍ତି ଓ ସନ୍ତୋଷ ଲାଭ କରିପାରେ ନାହିଁ । ପୁଞ୍ଜିପତି ଦେଶରେ ପ୍ରଚଳିତ କାର୍ଯ୍ୟକ୍ଷେତ୍ରରେ ଏ ପ୍ରକାର ଅମାନୁଷିକତା ସମାଜବାଦୀ କର୍ମ ସଂସ୍କାର ସଂପୂର୍ଣ୍ଣ ବିପରୀତ । ତା'ଛଡ଼ା ଗୋଟିଏ କାର୍ଯ୍ୟରେ ଯଦି ସାମୂହିକ କଲ୍ୟାଣ ନିବିଡ଼ ଭାବରେ ଜଡ଼ିତ ଥାଏ, ତା'ହେଲେ କାମ କରିବାରେ ଗୋଟିଏ ଆଧାତ୍ମିକ ଉଦ୍ଦେଶ୍ୟ ରହିବ; କିନ୍ତୁ ଅନ୍ୟର ଲାଭ ପାଇଁ ଯଦି ଖଟିବାକୁ ହୁଏ, ତାହେଲେ କେବଳ ପାରିଶ୍ରମିକ ପାଇଁ କାମ କରିବାକୁ ହୁଏ । ଅନୁପ୍ରାଣିତ ଉଦ୍ଦେଶ୍ୟରହିତ କାମ ମନୁଷ୍ୟକୁ ଯନ୍ତ୍ରରେ ପରିଣତ କରିପକାଏ-ତେଣୁ ଶ୍ରମିକମାନଙ୍କ ଭିତରେ ପାରସ୍ପରିକ ମୈତ୍ରୀ ଏବଂ ମାନବିକତାର ବିକାଶ ସମ୍ଭବ ହୁଏ ନାହିଁ । ଆମେରିକା ପରି ସାମାଜିକ ଉଦ୍ଦେଶ୍ୟବିହୀନ ସମାଜରେ ପ୍ରତିବର୍ଷ ଅପରାଧସଂଖ୍ୟା ଯେପରି ଭାବରେ ବଢ଼ିଚାଲିଛି, ସମାଜବାଦୀ ସୋଭିଏତ୍ ସମାଜରେ ଏହା କଳ୍ପନାତୀତ । ଆମେରିକାରେ ସତରବର୍ଷରୁ କମ୍ ଯୁବକମାନଙ୍କ ମଧ୍ୟରୁ ଶତକଡ଼ା ବାର ଜଣଙ୍କୁ କୌଣସି ନା କୌଣସି ଅସାମାଜିକ ଅପରାଧ ଲାଗି କୋର୍ଟରେ ହାଜର ହେବାକୁ ପଡ଼ିଥାଏ । ପ୍ରତିବର୍ଷ ନାରୀଧର୍ଷଣ, ନରହତ୍ୟା ସଂଖ୍ୟା

Digitized by PPRACHIN, SOA

ବଢ଼ି ବଢ଼ି ଚାଲିଥିବା କଥା ସରକାରୀ ବିବରଣୀରୁ ମିଳେ; କିନ୍ତୁ ସୋଭିଏତ ସମାଜରେ ଏ ପ୍ରକାର ଅସାମାଜିକ କାମ ପ୍ରାୟ ନାହିଁ କହିଲେ ଚଳେ । ତାର କାରଣ କ'ଣ ? ସମାଜବାଦୀ ସମାଜର ମହାନ୍ ମାନବିକ ଉଦ୍ଦେଶ୍ୟ ଓ ଉଚ୍ଚ ସାଂସ୍କୃତିକ କ୍ରିୟାକଳାପ ଯୋଗୁଁ ଜନସାଧାରଣଙ୍କର ମୂଲ୍ୟବୋଧ ଓ ରୁଚି ଅଦ୍ଭୁତ ଭାବରେ ପରିବର୍ତ୍ତିତ ହୋଇ ପାରିଛି । ତା'ଛଡ଼ା ସାହିତ୍ୟ, କଳା, ସିନେମା, ଥିଏଟର ପ୍ରଭୃତିରେ ଏ ପ୍ରକାର ଅସାମାଜିକ କାର୍ଯ୍ୟର ପ୍ରଦର୍ଶନ ନାହିଁ— ଏହା ମନୁଷ୍ୟର ଅସଂସ୍କୃତ ଜୀବନର କାଳିମାମୟ ଦିଗ ବୋଲି ଗୋଟିଏ ବଳିଷ୍ଠ ଦିଗ୍‌ଦର୍ଶନ ସୋଭିଏତ୍ ସମାଜରେ ଗୃହୀତ ହୋଇଛି । ଏହାକୁ ପ୍ରକୃତରେ କୁହାଯିବ ସାଂସ୍କୃତିକ ସାମାଜିକ ପରିବେଶ । ପୃଥିବୀ ଇତିହାସରେ ଏ ପ୍ରକାର ନୂତନ ସାମାଜିକ ଦିଗ୍‌ଦର୍ଶନ ବିରଳ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଅଣସମାଜବାଦୀ ଦେଶରେ ଯେ କୌଣସି ଉପାୟରେ ଟଙ୍କା ଉପାର୍ଜନ କରିବା ଓ ଲାଭ କରିବା ହେଲା ସାମାଜିକ ଆଦର୍ଶ । ସାମାଜିକ ମାନ, ସମ୍ମାନ, ରାଜନୈତିକ ପ୍ରତିପତ୍ତି, ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ପ୍ରଭାବ ପ୍ରଭୃତି ଅର୍ଥ ଉପରେ ନିର୍ଭର କରେ । ଏହି ଟଙ୍କା ପାଇଁ ଲୋକେ ସ୍ତ୍ରୀ ଲୋକଙ୍କୁ ବଜାରରେ ବିକ୍ରି କରନ୍ତି । ଟଙ୍କା ଲୋଭରେ ସ୍ତ୍ରୀମାନେ ନିଜର ଯୌବନ ବିକ୍ରି କରନ୍ତି— ଟଙ୍କା ପାଇଁ ନରହତ୍ୟା କରିବା ପାଇଁ ଲୋକେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ; କାରଣ ଯଥେଷ୍ଟ ଟଙ୍କା ହାତରେ ଥିଲେ ସେ ସମାଜରେ ପ୍ରତିଷ୍ଠିତ ହୋଇପାରିବ । ତା'ନହେଲେ ସେ ଯେତେ ଯୋଗ୍ୟ ବ୍ୟକ୍ତି ହେଉ ପଛେ ଭୋକରେ ମରିବ— ରୋଗର ଚିକିତ୍ସା ହୋଇପାରିବ ନାହିଁ, ପିଲାମାନଙ୍କର ଶିକ୍ଷା ହୋଇପାରିବ ନାହିଁ- ନିଜକୁ ଶେଷରେ ଆତ୍ମହତ୍ୟା କରିବାକୁ ପଡ଼ିପାରେ; ତେଣୁ ଟଙ୍କା ଛଡ଼ା ମନୁଷ୍ୟ ଜୀବନରେ ଆଉ କୌଣସି ମାନବିକ ମୂଲ୍ୟ ନାହିଁ । କିନ୍ତୁ ସମାଜବାଦୀ ସମାଜରେ ଟଙ୍କା ପାଇଁ ମନୁଷ୍ୟ ସମ୍ମାନର ଅଧିକାରୀ ହୁଏନାହିଁ । ସୋଭିଏତ୍ ରୁଷର ଲୋକେ ସେମାନଙ୍କର ସାମାଜିକ କୃତି-ସାମାଜିକ ସୁଖଶାନ୍ତି ଲାଗି ବିଶେଷ ଅବଦାନ ପାଇଁ ସର୍ବୋଚ୍ଚ ସାମାଜିକ ସମ୍ମାନ ପାଆନ୍ତି— ଏଠାରେ ଲେଖକ, ବୈଜ୍ଞାନିକ, କଳାକାର ସବୁଠୁ ବେଶୀ ସାମାଜିକ ସମ୍ମାନ ଏବଂ ସେମାନଙ୍କର ଜନକଲ୍ୟାଣ କାର୍ଯ୍ୟ ଲାଗି ସମସ୍ତଙ୍କଠାରୁ ବେଶୀ ପାରିଶ୍ରମିକ ମଧ୍ୟ ପାଏ । ଏଥିରେ ପୃଥିବୀରେ କାହାରି ସନ୍ଦେହ ନାହିଁ ।

ରୁଷିଆର ପ୍ରଧାନମନ୍ତ୍ରୀ, ପ୍ରେସିଡେଣ୍ଟ କିମ୍ବା ଅନ୍ୟାନ୍ୟ ନେତାମାନେ କ'ଣ ଧନକୁବେର ହୋଇଥିବାରୁ ଉଚ୍ଚ ଆସନ ଲାଭ କରିଛନ୍ତି ? ଆମେରିକାର କେଉଁ ଗଭର୍ଣ୍ଣର, କେଉଁ ପ୍ରେସିଡେଣ୍ଟ, କେଉଁ ସିନେଟର ଧନକୁବେର ନୁହେଁ ? ଆମେରିକାର ବିଶିଷ୍ଟ ବୈଜ୍ଞାନିକ, ଲେଖକ କିମ୍ବା ଅଧ୍ୟାପକ କ'ଣ ରକ୍‌ଫେଲରଠାରୁ ବେଶୀ ସମ୍ମାନ ପାଏ ? ସାମାଜିକ ଅବଦାନ ଅନୁସାରେ ସାମାଜିକ ଶ୍ରଦ୍ଧା, ସମ୍ମାନ ଓ ପ୍ରତିଷ୍ଠା ପାଇବାର ଏ ଯେଉଁ ଅଭିନବ ବୈପ୍ଳବିକ ପଦ୍ଧତି— ଏହାହିଁ ରୁଷ ଦେଶର ଚରମ ସାଫଲ୍ୟର ଗୋଟିଏ ପ୍ରଧାନ ଭିତ୍ତି । ସେହି କାରଣରୁହିଁ ଏଠାରେ ସୃଜନଶୀଳତାର ଅପରିସୀମ ପରିପ୍ରକାଶ, ବ୍ୟକ୍ତି ସନ୍ତୋଷର ଅସୀମ ଆନନ୍ଦ, ସମଷ୍ଟିଗତ ଜୀବନର ଦ୍ୱନ୍ଦ୍ୱହୀନ ସ୍ଥିରତା । ବ୍ୟକ୍ତିଗତ ଜୀବନର ଉଦ୍ଦେଶ୍ୟହୀନ ବ୍ୟର୍ଥତା ଯୋଗୁଁ କ୍ରମବର୍ଦ୍ଧନଶୀଳ ଆତ୍ମହତ୍ୟା, ନାରୀଧର୍ଷଣ, ଯୌନବିପଣୀର ଅଶ୍ଳୀଳ ଆବହାଓ୍ୱା ଏଠାରେ ଦେଖିବାକୁ ବିରଳ ।

ନ୍ୟସ୍ତସ୍ୱାର୍ଥ ଉପରେ ପ୍ରତିଷ୍ଠିତ ବ୍ୟକ୍ତିଗତ ସମ୍ପତ୍ତି ମନୁଷ୍ୟ ମନୁଷ୍ୟ ମଧ୍ୟରେ ଶତ୍ରୁତା ଓ ସାମାଜିକ ଜୀବନରେ ଆବିଳତା ସୃଷ୍ଟି କରେ, ମନୁଷ୍ୟକୁ ତଳକୁ ତଳକୁ ଟାଣିନିଏ । କିଂତୁ ସମଷ୍ଟିଗତ ଉଦ୍ୟମ ପ୍ରସୂତ ସାମାଜିକ କୃତି ମନୁଷ୍ୟ ମନୁଷ୍ୟ ମଧ୍ୟରେ ବନ୍ଧୁତା ଓ ଭ୍ରାତୃତ୍ୱବୋଧ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ କାମ କରିବାରେ ସେମାନଙ୍କୁ ଅଗାଧ ପ୍ରେରଣା ଯୋଗାଇଥାଏ । ଏହି ବିରାଟ ଆଦର୍ଶ ଅନୁସାରେ ସମାଜବାଦୀ ସମାଜ ଗଢ଼ି ଉଠୁଥିବାରୁ ଏଠାରେ ମାନବିକ ମୂଲ୍ୟବୋଧର ମାନ ମଧ୍ୟ

Digitized by PPRACHIN, SOA

ବଢ଼ି ବଢ଼ି ଚାଲିଛି । ନୂତନ ମଣିଷର ଜନ୍ମ ହୋଇଛି— ମାନବ ଦାନବତାର ଗଣ୍ଡି ଟିରି ଦେବତ୍ୱର ଉପଲବ୍ଧି କରିବାରେ ସମର୍ଥ ହେଉଛି- ଏହା ହେଲା ସୋଭିଏତ୍ ସମାଜର ମୌଳିକ ଦାର୍ଶନିକ ଚିନ୍ତାଧାରା । ସୋଭିଏତ୍ ସମାଜ ଯେ ଏ ଦିଗରେ ସମ୍ପୂର୍ଣ୍ଣ ସଫଳତା ହାସଲ କରିପାରିଛି ତା ନୁହେଁ, କିନ୍ତୁ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ନିର୍ଦ୍ଦିଷ୍ଟ ଦିଗରେ ସେମାନେ ଚାଲିଛନ୍ତି- ସେମାନଙ୍କର ସମସ୍ତ ଯୋଜନା ଏହି ନୀତି ଉପରେ ପର୍ଯ୍ୟବସିତ୍,। ତେଣୁ ବାହାର ଦୁନିଆର ବହୁ ଆଦର୍ଶବାଦୀ ସମାଜସେବୀ ମାନବିକତାରେ ଉଦ୍‌ବୁଦ୍ଧ ନରନାରୀ, ଶାନ୍ତିକାମୀ ବିଶ୍ୱଜନସମାଜ ଓ ପରିଶ୍ରମଶୀଳ ଜନତା ସୋଭିଏତ୍ ତଥା ଅନ୍ୟାନ୍ୟ ସମାଜବାଦୀ ସଂସ୍ଥା ପ୍ରତି ଏପରି ଗଭୀର ଭାବରେ ଆକୃଷ୍ଟ; ଆଫ୍ରିକାର ସଦ୍ୟମୁକ୍ତ ଉନ୍ନୟନଶୀଳ ଦେଶମାନେ ସମାଜବାଦ ପ୍ରତିଷ୍ଠା ପାଇଁ ଏପରି ଭାବରେ ବ୍ୟାକୁଳ ହୋଇପଡ଼ିଛନ୍ତି । ଏହି କାରଣରୁ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସମାଜବାଦ ଆଦର୍ଶ ଏକ ବଳିଷ୍ଠ ଯୁଗ ଦର୍ଶନ ହିସାବରେ ପୃଥିବୀରେ ଗୃହୀତ ହୋଇଯାଇଛି ଏବଂ ସେହି କାରଣରୁ ହିଁ ସମାଜବାଦର ଶତ୍ରୁମାନେ ଯେପରି ଭାବରେ ଆଦର୍ଶ କ୍ଷେତ୍ରରେ ପରାସ୍ତ ହୋଇପଡ଼ିଛନ୍ତି, ସେହିପରି ଆକ୍ରମଣାତ୍ମକ ମନୋଭାବରେ ପାଗଳ ହୋଇପଡ଼ିଛନ୍ତି । କିନ୍ତୁ ଏହି ଶତାବ୍ଦୀର ଶେଷ ବେଳକୁ ସମଗ୍ର ପୃଥିବୀରେ ଯେ ସମାଜବାଦୀ ସମାଜ ସଂସ୍ଥାର ସର୍ବଶ୍ରେଷ୍ଠ ବିଜୟ ହାସଲ ହେବ— ଏଥିରେ ସନ୍ଦେହ ନାହିଁ । ■■■

Digitized by PPRACHIN, SOA

ଚାଷୀ ଶ୍ରମିକର ଦେଶ

ପୁଞ୍ଜିପତି ଦେଶର କେତେକ ଅର୍ଥନୀତିଜ୍ଞ ବିଶ୍ୱାସ କରନ୍ତି ଯେ, ଶ୍ରମିକମାନଙ୍କର ଯଦି ସମସ୍ତ ପ୍ରକାର ନିରାପତ୍ତା ବ୍ୟବସ୍ଥା କରାଯାଏ, ତାହେଲେ ଅଧିକରୁ ଅଧିକ ପରିଶ୍ରମ କରିବାର ଆଗ୍ରହ ସେମାନଙ୍କଠାରେ ରହିବ ନାହିଁ । ସେମାନେ ଅଳସୁଆ ହୋଇଯିବେ । ନିଜର ଉନ୍ନତି ପାଇଁ କିମ୍ବା ଉତ୍ପାଦନ ବୃଦ୍ଧି ପାଇଁ ସେମାନଙ୍କର ଉଦ୍ଦୀପନା ବା ଉତ୍ସାହ ରହିବ ନାହିଁ । ଜଙ୍ଗଲର ପଶୁମାନଙ୍କ ଭିତରେ ନିଜର ଅସ୍ତିତ୍ୱ ବଜାୟ ରଖିବା ପାଇଁ ଅହରହ ଅକ୍ଲାନ୍ତ ସଂଗ୍ରାମ ଚାଲିଥିବା ଡାରଉଇନ୍ ନୀତି ଉପରୋକ୍ତ ବିଶ୍ୱାସର ମୂଳଭିତ୍ତି । ସମାଜବାଦୀମାନେ ଏହି ଜଙ୍ଗଲୀ ନୀତିକୁ ମନୁଷ୍ୟ ପରିବେଶ ଭିତରେ ରଖିଲେ ହିଁ ତାର ମାନବିକତାର ପୂର୍ଣ୍ଣ ବିକାଶ ହେବ ଏବଂ ସେ ଜଣେ ଦାୟିତ୍ୱପୂର୍ଣ୍ଣ ସହାନୁଭୂତିଶୀଳ ସାମାଜିକ ବ୍ୟକ୍ତିରେ ପରିଣତ ହେବ ବୋଲି ଏମାନଙ୍କ ବିଶ୍ୱାସ । ଜଣେ ଯଦି ନିଜର ଓ ନିଜ ପିଲାପିଲିଙ୍କର ଭରଣ ପୋଷଣ, ସ୍ୱାସ୍ଥ୍ୟ ଓ ସେମାନଙ୍କର ପଢ଼ାପଢ଼ି, ଅକର୍ମା ରୋଗଗ୍ରସ୍ତ ହୋଇଯିବା ପରେ କିମ୍ବା ବାର୍ଦ୍ଧକ୍ୟ ଅବସ୍ଥାରେ ପହଞ୍ଚିଗଲା ପରେ ନିଜର ଦୁର୍ଦ୍ଦଶା କଥା ନେଇ ଅନବରତ ଚିନ୍ତିତ ରହେ, ତା' ହେଲେ ତା'ଠାରେ ଅସଲ ମାନବିକ ଅନୁକମ୍ପା କିମ୍ବା ସାମାଜିକ ଦାୟିତ୍ୱ ଆସିବା ସମ୍ଭବ ନୁହେଁ । ସେ ସ୍ୱାର୍ଥପର ହୋଇଯିବାକୁ ବାଧ୍ୟ । ମନୁଷ୍ୟ ସକାଳୁ ସନ୍ଧ୍ୟାଯାଏ ଯଦି ଶାରୀରିକ ପରିଶ୍ରମରେ ବ୍ୟସ୍ତ ରହେ ତା'ର ସର୍ବନିମ୍ନ ଭରଣପୋଷଣ ପାଇଁ– ତା'ହେଲେ ତା'ର ସମୟ ହେବନାହିଁ ପାଠ ପଢ଼ିବା କିମ୍ବା ଅନ୍ୟ କୌଣସି ସାଂସ୍କୃତିକ କଥାରେ ମନ ଦେବା ପାଇଁ । ତେଣୁ ଅର୍ଥନୈତିକ ଅନୁନ୍ନତ ଦେଶମାନଙ୍କରେ ସାଂସ୍କୃତିକ ମାନ ମଧ୍ୟ ବଡ଼ ନିମ୍ନ ଧରଣର । ତେଣୁ ମନୁଷ୍ୟ ଯେତେ ଦିନଯାଏଁ ବାସ୍ତବିକ ଅଭାବରେ ରହିଥିବ, ସେତେଦିନ ଯାଏଁ ତା'ଠାରେ କୌଣସି ପ୍ରକାର ସାଂସ୍କୃତିକ ଉନ୍ନତି ସମ୍ଭବ ନୁହେଁ; ଏହା ଜଣାଶୁଣା କଥା । ତଥାପି ବହୁ ଅଣସାମାଜବାଦୀ ଦେଶରେ ଚାଷୀ, ଶ୍ରମିକଙ୍କର ସର୍ବବିଧ ନିରାପତ୍ତା ବିଷୟରେ ବ୍ୟାପକ ବ୍ୟବସ୍ଥା ସମ୍ଭବ ହୋଇପାରୁନାହିଁ ।

ଆମେରିକା ଅପେକ୍ଷା ଇଂଲଣ୍ଡରେ ଏହି ବ୍ୟାପକ ସାମାଜିକ ନିରାପତ୍ତା ଦର୍ଶନର ଆଦର ବେଶୀ । କିନ୍ତୁ ସମାଜବାଦୀ-ରୁଷ ଚାଷୀ ମଜଦୁରଙ୍କର ଦେଶ ହୋଇଥିବାରୁ ଏମାନଙ୍କ ପାଇଁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସର୍ବବିଧ ନିରାପତ୍ତା ବ୍ୟବସ୍ଥା କରାହୋଇଛି ଏବଂ ସଦାସର୍ବଦା ଏହାର ପରିସର ବଢ଼ି ବଢ଼ି ଚାଲିଛି ।

ଆମେ ସୋଭିଏତ୍ ରୁଷର ଯେତେ ଆଡ଼େ ଗଲୁ, କେଉଁଠି ଗୋଟଏ ହେଲେ ବିରାଟ ପ୍ରାସାଦ ପାଇଲୁ ନାହିଁ ଯାହା କି ଜଣେ ବ୍ୟକ୍ତି ବିଶେଷର କେଉଁଠି ଗୋଟିଏ ସମ୍ପତ୍ତି । ଆମେ ରହିଥିବା ଅଣତିରିଶ ତାଲା ହୋଟେଲରେ ଟିକିଏ ଦୂରରେ ଆଉ ଗୋଟିଏ ସେହିପରି କୋଡ଼ିଏ ପଚିଶି ତାଲା ବିରାଟ ଘର ବିଷୟରେ ପଚାରି ବୁଝିଲୁ ଯେ ସେଟା ଶ୍ରମିକମାନଙ୍କର ରହିବା ଘର । ଖୁବ୍

Digitized by PPRACHIN, SOA

ଚଉଡ଼ା ଚଉଡ଼ା ରାସ୍ତା, ଫୁଲ ବଗିଚା, ଫୁଟପାଥ୍ ମଝିରେ ରାସ୍ତାର ଦୁଇ ପାଖରେ ନଅ, ଦଶ, ବାରତାଲା ନୂଆ ନୂଆ ଘରସବୁ ହଜାର ହଜାର ସଂଖ୍ୟାରେ ତିଆରି ଚାଲିଛି– ରେଡ଼ିଓ, ଟେଲିଭିଜନ, ଘର ଭିତର ଉଷୁମ ହେବା ପାଇଁ ସ୍ୱୟଂକ୍ରିୟ ବ୍ୟବସ୍ଥା, ଗ୍ୟାସ୍, ବିଜୁଳିବତି ପ୍ରଭୃତି ଥାଇ ଦୁଇଟି କିମ୍ୱା ତିନୋଟି ଶୋଇବା ଘର ଥିବା ଶହ ଶହ ଫ୍ଲାଟ ଏହି ବିରାଟ କୋଠାମାନଙ୍କରେ ରହିଛି । ସାରା ଦେଶରେ ଏପ୍ରକାର ଫ୍ଲାଟ୍‌ର ଭଡ଼ା ଆୟର ଶତକଡ଼ା ଚାରି ରୁବଲ୍ ଦେବାକୁ ହୁଏ ଏବଂ କୌଣସି ଘରର ଭଡ଼ା ସର୍ବୋଚ୍ଚ ଦଶ ରୁବଲ୍ ଓ ସର୍ବନିମ୍ନ ଦୁଇ ରୁବଲ୍ । ଗୋଟିଏ କୋଠାର ଭିନ୍ନ ଭିନ୍ନ ଫ୍ଲାଟରେ ରାସ୍ତା ଝାଡୁଦାର, ସରକାରୀ ଅଫିସର, ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଓ କାରଖାନାର ଶ୍ରମିକ, ସମସ୍ତେ ଏକାଠି ରହନ୍ତି । ପୃଥିବୀର ଅନ୍ୟ କୌଣସି ସଭ୍ୟ ଦେଶରେ ମୁଁ ଏପରି ଦେଖିନାହିଁ । ତା' ପାଖରେ ହୁଏତ ଗୋଟିଏ କ୍ଲବ୍ ଘର ଅଛି, ଯେଉଁଠି ଏମାନେ ସମସ୍ତେ ସଭ୍ୟ-ତା'ପାଖେ ପାଖେ ସ୍କୁଲଘର ଯେଉଁଠି ଏ ସମସ୍ତଙ୍କର ପିଲାଏ ଏକାଠି ପଢ଼ନ୍ତି; କାରଣ କେତେଗୁଡ଼ିଏ କୋଠାକୁ ନେଇ ଗୋଟିଏ ଗୋଟିଏ ସ୍କୁଲଘର ରହିଛି—ତା'ହେଲେ ସେ ଅଞ୍ଚଳର ଛୋଟ ଛୋଟ ପିଲାଙ୍କୁ ଦୂରକୁ ଯିବା ଦରକାର ପଡ଼ିବ ନାହିଁ । ଜଣେ ଅଧ୍ୟାପକଙ୍କ ଘରକୁ ଆମେମାନେ ଖାଇବାକୁ ଯାଇଥିଲୁ-ଶୁଣିଲୁ ତାଙ୍କ ପଡ଼ିଶା ଘରେ ସେହି ଷ୍ଟେଟର ପ୍ରେସିଡେଣ୍ଟ ରହନ୍ତି, ଘରଟି ଠିକ୍ ଅଧ୍ୟାପକଙ୍କର ଘର ପରି ତିନି ବଖରା ଥିବା ଘରଟିଏ । ପ୍ରେସିଡେଣ୍ଟଙ୍କ ଘରେ ବାହାରର ଲୋକଭିଡ଼ ନାହିଁ—ସେ ଅଫିସରେ ଯାଇ କାମ କରନ୍ତି-ତାଙ୍କର ବ୍ୟକ୍ତିଗତ ଜୀବନରେ କେହି ଆସି ତାଙ୍କୁ ବିରକ୍ତ କରନ୍ତି ନାହିଁ । ଏ ହେଲା ପ୍ରକୃତରେ ଶ୍ରେଣୀହୀନ ସମାଜର ବସବାସ ପ୍ରଣାଳୀ ।

ସୋଭିଏତ୍ ରୁଷର ଯେଉଁଆଡ଼େ ଯିବ, ସହର ହେଉ ବା ମଫସଲ ହେଉ- କଳକାରଖାନା ହେଉ ବା କୋଠଚାଷ ଖମାର ହେଉ, ସବୁଆଡ଼େ ବହୁତାଲା ବିଶିଷ୍ଟ ନୂଆ ଘର ସବୁ ତିଆରି ଚାଲିଛି । ଏହି ବିରାଟ ବିରାଟ ପ୍ରାସାଦମାନ ଶ୍ରମିକ ମଜଦୁରମାନଙ୍କର ରହିବା ଘର । କାରଖାନାରେ ଘରର ବିଭିନ୍ନ ଅଂଶ ତିଆରି ହୋଇ ଘରତିଆରି ସ୍ଥାନରେ ଆସି ଖଞ୍ଜା ହେଉଥିବାରୁ ଘରଗୁଡ଼ିକ ଦେଖିବାକୁ ପ୍ରାୟ ଏକା ଧରଣର । କାରଖାନାରୁ ବଡ଼ ବଡ଼ ଟ୍ରକରେ ଏହି ଅଂଶଗୁଡ଼ିକ ବୁହାହୋଇ ଆସେ ଏବଂ କ୍ରେନ୍ ସାହାଯ୍ୟରେ ଘରର ବିଭିନ୍ନ ସ୍ଥାନରେ ତାହା ଖଞ୍ଜାଯାଏ-ଘର ତିଆରି ସ୍ଥାନରେ ଧାଡ଼ି ଧାଡ଼ି କ୍ରେନ୍ ପାଖରେ ମାତ୍ର କେତେଜଣ ଶ୍ରମିକ ଥାଆନ୍ତି । ଗୋଟିଏ ଦଶତାଲା କୋଠା ତିଆରି କରିବା ପାଇଁ ମାତ୍ର ପଚିଶିଦିନ ଲାଗେ ଏବଂ ସେହି ଘର ଭିତରେ ପାଣି, ଗ୍ୟାସ, ବିଜୁଳିବତି ପ୍ରଭୃତି ସମସ୍ତ ପ୍ରକାର ବ୍ୟବସ୍ଥା ଖଞ୍ଜିବା ପାଇଁ ଆଉ ତିନିମାସ ଲାଗେ । ଅର୍ଥାତ୍ ଚାରିମାସ ଭିତରେ ଘରର ଫ୍ଲାଟ୍ ଗୁଡ଼ିକ ରହିବା ଉପଯୋଗୀ ହୋଇଯାଏ । ବର୍ତ୍ତମାନ ସମସ୍ତଙ୍କୁ ଦୁଇ ବଖରା ତିନି ବଖରା ଥିବା ଫ୍ଲାଟ୍ ଦିଆ ହେଉଛି ଏବଂ ଆଉ କେତେବର୍ଷ ପରେ ସମସ୍ତେ ଏ ପ୍ରକାର ଘର ପାଇସାରିଲା ପରେ ପ୍ରତ୍ୟେକ ପରିବାର ପାଇଁ ଘରର ଆକାର ବୃଦ୍ଧି କରାଯିବାର ଯୋଜନା ହେଉଛି । ତା'ପରେ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଗୋଟିଏ ଗୋଟିଏ ବଖରା ହିସାବରେ ବଡ଼ ଫ୍ଲାଟ୍ ସବୁ ତିଆରି ହେବ । ଆମେମାନେ ଶୁଣିବାକୁ ପାଇଲୁ ଯେ, କେବଳ ଲେନିନ୍‌ଗ୍ରାଡ୍ ସହରରେ ପ୍ରତ୍ୟେକ ଦିନ ଶହେଟି ନୂଆ ଫ୍ଲାଟ୍ ଲୋକଙ୍କୁ ରହିବା ପାଇଁ ଦିଆଯାଉଛି, ଅର୍ଥାତ୍ ବର୍ଷରେ ୩୬୫୦୦ ନୂଆ ଫ୍ଲାଟ୍ ଲୋକମାନେ ପାଉଛନ୍ତି- ଏହାର ଜନସଂଖ୍ୟା ପ୍ରାୟ ଚାଳିଶି ଲକ୍ଷ । ୧୯୬୩ ମସିହାରେ କେବଳ ସାରା ରୁଷିଆରେ ପ୍ରତି ହଜାର ଲୋକଙ୍କ ପାଇଁ ପ୍ରାୟ ଏଗାରଟି କରି ଫ୍ଲାଟ୍ ତିଆରି ହୋଇଛି ଏବଂ ୧୯୫୪ରୁ ୧୯୬୩ ପର୍ଯ୍ୟନ୍ତ ଏକ ଦଶନ୍ଧି ଭିତରେ ଦଶକୋଟି ତେୟାଅଶି ଲକ୍ଷ ଅର୍ଥାତ୍ ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ଲୋକଙ୍କୁ ନୂଆ ଫ୍ଲାଟ୍ ଯୋଗାଇ ଦିଆହୋଇଛି । ୧୯୮୦ ସୁଦ୍ଧା ଆଠକୋଟି ଷାଠିଏ ଲକ୍ଷ ନୂଆ ଫ୍ଲାଟ୍ ତିଆରି ହେବାର ଯୋଜନା ରହିଛି । ସେତିକି ବେଳକୁ ବର୍ତ୍ତମାନର ଜନସଂଖ୍ୟା ପ୍ରାୟ ତେଇଶି କୋଟିରୁ ବଢ଼ି ଯଦି ପଚିଶି

Digitized by PPRACHIN, SOA

କୋଟି ହୋଇଥିବ, ତାହାହେଲେ ପ୍ରତି ତିନିଜଣ ଲୋକଙ୍କ ପାଇଁ ଗୋଟିଏ ନୂଆ ଫ୍ଲାଟ୍ ପଡ଼ିବ । ଏଥିରୁ ଅନୁମାନ କରିହେବ ଚାଷୀ ମଜଦୁର ସରକାର ଜନସାଧାରଣଙ୍କ ପାଇଁ କିପରି ଗଭୀର ଆନ୍ତରିକତାର ସହିତ ଯୋଜନା କରିପାରେ ।

ରେଡ଼ିଓ, ଟେଲିଭିଜନ, ଗ୍ୟାସ୍, ବିଜୁଳିବତି ଥିବା ଘର ଯୋଗାଇ ଦେଲେ ତ ଯଥେଷ୍ଟ ହେବ ନାହିଁ- ସେଥିରେ ରହୁଥିବା ଲୋକଙ୍କର ଅନ୍ୟାନ୍ୟ ସାମାଜିକ ନିରାପତ୍ତା ବିଷୟରେ ମଧ୍ୟ ସେହିପରି ବ୍ୟବସ୍ଥା ହେବା ଦରକାର । ଛାତ୍ର, ଅପାରଗ, ପଙ୍ଗୁ ଓ ଅବସର ଗ୍ରହଣ କରିଥିବା ପ୍ରଭୃତି କେତେକ ଲୋକଙ୍କୁ ଛାଡ଼ି ଦେଲେ ଏଠାରେ ଆଉ ସମସ୍ତେ କାମ କରନ୍ତି । କୌଣସି ସ୍ତ୍ରୀ ଲୋକ ସ୍ୱାମୀକୁ ଗୃହ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଚାହିଁଲେ କାମ ନକରି ପାରେ; କିନ୍ତୁ ଏମାନଙ୍କ ସଂଖ୍ୟା ବହୁତ କମ୍ । ଲୋକଙ୍କଠାରେ ଗତ ପଚାଶ ବର୍ଷ ଭିତରେ ଏ ପ୍ରକାର ସାମାଜିକ ବିବେକ ଦେଖାଦେଇଛି ଏବଂ କାମର ସାମାଜିକ ମର୍ଯ୍ୟାଦା ଏପରି ବୃଦ୍ଧି ପାଇଛି ଯେ କାମ ନ କରି ଅଯଥା ଘରେ ବସିବା ଲଜ୍ଜାକର ଘଟଣା ହିସାବରେ ବିବେଚିତ ହୁଏ । ପ୍ରଥମେ ପ୍ରଥମେ ଯେଉଁମାନେ କାମ କରୁନଥିଲେ, ସେମାନେ ଖାଇବାକୁ ପାଉ ନଥିଲେ-ବର୍ତ୍ତମାନ ଜଣେ କାମ ନ କରି ଅନ୍ୟମାନଙ୍କ ଉପରେ ନିର୍ଭର କରି ରହିପାରେ; କିନ୍ତୁ ତାକୁ ଅନ୍ୟାନ୍ୟ ଶ୍ରମିକଙ୍କୁ ମିଳୁଥିବା ବହୁ ପ୍ରକାର ସାମାଜିକ ସୁବିଧା ମିଳିବ ନାହିଁ । ତେଣୁ ସ୍ୱାମୀ, ସ୍ତ୍ରୀ, ବାପ, ମା; ବୟସ୍କ ପିଲାମାନେ ସମସ୍ତେ କାମ କରନ୍ତି । ସମସ୍ତେ କାମ ପାଇବାକୁ ହକ୍‌ଦାର ଏବଂ କାମରେ ନିଯୁକ୍ତ ହେଲା ପରେ କାହାର ଆଉ କିଛି ଭାବନା ନାହିଁ । ସେ ଘର ପାଇବ, ଛୁଟି ପାଇବ, ସ୍ୱାସ୍ଥ୍ୟ ନିବାସକୁ ମାଗଣାରେ ଯାଇପାରିବ— ବୁଢ଼ା ବେଳକୁ ପେନସନ୍ ପାଇବ । ତାର ପିଲାଏ ମାଗଣାରେ ପଢ଼ିପାରିବେ । ଏଠାରେ ଶ୍ରମିକ ଅର୍ଥ ଯେକୌଣସି ପ୍ରକାର ସାମାଜିକ କାମରେ ନିଯୁକ୍ତ ବ୍ୟକ୍ତି । ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ବୈଜ୍ଞାନିକ ମଧ୍ୟ ବୁଦ୍ଧିଜୀବୀ ଶ୍ରମିକଶ୍ରେଣୀ ଅନ୍ତର୍ଭୁକ୍ତ । ଜଣେ କୃଷକ ଓ ଶ୍ରମିକ ଶ୍ରେଣୀ ଅନ୍ତର୍ଭୁକ୍ତ ହେଲେ ତାର ସମସ୍ତ ଅସୁବିଧା ଦୂର ହୁଏ । ସେ ସମାଜର ପ୍ରଥମ ଶ୍ରେଣୀ ନାଗରିକ-ସମାଜବାଦୀ ସମାଜର ସମ୍ମାନାସ୍ପଦ ନିର୍ମାତା ।

ମୋଟାମୋଟି ଦେଖିବାକୁ ଗଲେ କୌଣସି ଲୋକ ମାସକୁ ପଚାଶ ଷାଠିଏ ରୁବଲରୁ (ଗୋଟିଏ ରୁବଲ=ପାଞ୍ଚଟଙ୍କା କୋଡ଼ିଏ ପଇସା) କମ୍ ପାଏନାହିଁ । ଗୋଟିଏ କାରଖାନାକୁ ବୁଲିବାକୁ ଯାଇଥିଲୁ- ସେଠାରେ ବୁଝିଲୁ ଯେ, ସର୍ବନିମ୍ନ ମାସିକ ଦରମା ପ୍ରାୟ ପଞ୍ଚାବନ ରୁବଲ୍ ଏବଂ ସର୍ବୋଚ୍ଚ ଦରମା ପ୍ରାୟ ଦୁଇଶହ ପଚାଶ ରୁବଲ୍ । କିନ୍ତୁ ଯେ ପଞ୍ଚାବନ ରୁବଲ୍ ପାଉଛି, ତାର କିଛି ଅଧିକା ଆୟ ମଧ୍ୟ ରହିଛି । ଅଧ୍ୟାପକ ଓ ବୈଜ୍ଞାନିକମାନେ ପ୍ରାୟ ଚାରିଶହ ପାଞ୍ଚଶହ ରୁବଲ୍ ଯାଏଁ ପାଆନ୍ତି । ଏମାନଙ୍କର ଦରମା ସାରା ଦେଶରେ ସର୍ବୋଚ୍ଚ; ଅର୍ଥାତ୍ ସର୍ବୋଚ୍ଚ ବୁଦ୍ଧିଜୀବୀ ଶ୍ରେଣୀକୁ ଛାଡ଼ିଦେଲେ ପ୍ରଧାନମନ୍ତ୍ରୀ ଆଦି ଆଉ ସମସ୍ତେ ଚାରିଶହ ରୁବଲ୍ ତଳକୁ ପାଆନ୍ତି ଏବଂ ସର୍ବନିମ୍ନ ପ୍ରାୟ ଷାଠିଏ ରୁବଲ୍ । ବେଶୀ ଦରମା ପାଉଥିବା ଲୋକଙ୍କର ପିଲାଙ୍କୁ ହଷ୍ଟେଲରେ ରହିବା ଖର୍ଚ୍ଚ ସେମାନଙ୍କ ହାତରୁ ଦେବାକୁ ପଡ଼େ-କିନ୍ତୁ ଘର, ଚିକିତ୍ସା, ଶିକ୍ଷା ଓ ଅନ୍ୟାନ୍ୟ ସାମାଜିକ ନିରାପତ୍ତା ବ୍ୟବସ୍ଥା ସମସ୍ତଙ୍କ ପାଇଁ ପ୍ରାୟ ସମାନ-ସବୁଠୁ କମ୍ ଦରମା ପାଉଥିବା ଲୋକଙ୍କ ପାଇଁ ବରଂ ଆଉ ଟିକିଏ ବେଶୀ ସୁବିଧା ମିଳେ ।

ଏ ସିନା ଲୋକଙ୍କର ବ୍ୟକ୍ତିଗତ ଆୟ ବ୍ୟବସ୍ଥା; କିନ୍ତୁ ତା ସାଙ୍ଗକୁ ପ୍ରତ୍ୟେକ ଲୋକ ନିଜ ଆୟର ପ୍ରାୟ ଏକ ଚତୁର୍ଥାଂଶ ଅନ୍ୟାନ୍ୟ ସାମାଜିକ ସୁବିଧା ଆକାରରେ ପାଏ । ତା'ଛଡ଼ା ଜିନିଷପତ୍ରର ଦରଦାମ ଅନବରତ ହ୍ରାସ କରାଯାଉଛି ଏବଂ ମଜୁରୀ ହାର ବଢ଼ିଚାଲିଛି-ଫଳରେ ସମସ୍ତଙ୍କର ଜୀବନଯାପନ ମାନ ବଢ଼ି ବଢ଼ି ଚାଲିଛି । ଆୟକର ସର୍ବୋଚ୍ଚ ଶତକଡ଼ା ତେର ଭାଗ ଯାଏ ଦେବାକୁ ହୁଏ । ତା'ଛଡ଼ା ଅନ୍ୟାନ୍ୟ କୌଣସି କର ବ୍ୟକ୍ତିବିଶେଷକୁ ଦେବାକୁ ପଡ଼େନାହିଁ ।

Digitized by PPRACHIN, SOA

୧୯୫୮ରେ ହାରାହାରି ମାସିକ ମଜୁରୀ ୭୮ ରୁବଲ୍ ଥିବା ସ୍ଥଳେ ୧୯୬୫ରେ ତାହା ବଢ଼ି ୯୫ ରୁବଲ୍ ହୋଇଛି ଏବଂ ୧୯୫୮ ସର୍ବସାଧାରଣ ଭୋଗ୍ୟ ପାଣ୍ଠିରୁ ପ୍ରତ୍ୟେକ ସୋଭିଏତ୍ ନାଗରିକ ହାରାହାରି ୧୦୪ ରୁବଲ୍ ପାଉଥିଲା ବେଳେ ୧୯୬୫ରେ ସେ ୧୨୮ ରୁବଲ୍ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରଭୃତି ପାଇଁ ପାଉଛି । ୧୯୭୦ ବେଳକୁ ଜୀବନଧାରଣ ମାନ ବୃଦ୍ଧି ପାଇଁ ଆହୁରି ଅଧିକା ୫୯୦୦ କୋଟି ରୁବଲ୍ ବ୍ୟବହୃତ ହେବ; ଅର୍ଥାତ୍ ପ୍ରତି ରୁଷବାସୀ ପାଇଁ ବର୍ଷକୁ ଅଧିକା ଅଢ଼େଇ ଶହ ରୁବଲ୍ ସାମାଜିକ ନିରାପତ୍ତା କ୍ଷେତ୍ରରେ ଖର୍ଚ୍ଚ କରାହେବ ।

ଦେହ ଖରାପ ହେଲେ ରୁଷ ଶ୍ରମିକ ପୂରାବେତନରେ ଛୁଟି ପାଏ ଏବଂ ସ୍ତ୍ରୀଲୋକମାନେ ସର୍ବନିମ୍ନ କୋଡ଼ିଏ ବର୍ଷ ଏବଂ ପୁରୁଷମାନେ ପଚିଶି ବର୍ଷ ଚାକିରି କଲା ପରେ ପେନସନ୍ ପାଇଁ ହକ୍‌ଦାର ହୁଅନ୍ତି । ଏଠାରେ ସମସ୍ତଙ୍କ ପାଇଁ ଚାକିରି ବାଧ୍ୟତାମୂଳକ ହୋଇଥିବାରୁ କୋଡ଼ିଏ ପଚିଶି ବର୍ଷ ଚାକିରି କରିବା ଆଦୌ କଷ୍ଟକର ନୁହେଁ । ବର୍ତ୍ତମାନ ପ୍ରାୟ ୨୩ କୋଟି ଜନସଂଖ୍ୟାରୁ ଆଠକୋଟି ଲୋକ ନିୟମିତ ଭାବେ କାମ କରନ୍ତି ଏବଂ ତିନିକୋଟି କୋଡ଼ିଏ ଲକ୍ଷ ଲୋକ ପେନ୍‌ସନ୍ ପାଆନ୍ତି । ଏହି ପେନ୍‌ସନପ୍ରାପ୍ତ ଲୋକେ ନିଜ ନିଜର ସୁବିଧା ଓ କାର୍ଯ୍ୟକ୍ଷମତା ଅନୁସାରେ ସାମୟିକ କାମ ମଧ୍ୟ କରନ୍ତି । ସେଥିରୁ ସେମାନେ ଅଧିକ ରୋଜଗାର କରିଥାଆନ୍ତି । ସ୍ତ୍ରୀ ଲୋକମାନେ ପଞ୍ଚାବନ ଓ ପୁରୁଷମାନେ ଷାଠିଏ ବର୍ଷ ବୟସରେ ଅବସର ନିଅନ୍ତି । କିନ୍ତୁ କୌଣସି ସ୍ତ୍ରୀ ଲୋକର ଯଦି ପାଞ୍ଚଟି ଛୁଆ ପିଲା, ତା ହେଲେ ସେ କୋଡ଼ିଏ ବର୍ଷ କାମ ପରେ କିମ୍ୱା ପଚାଶବର୍ଷ ବୟସରେ ପେନସନ୍ ପାଏ । ସୈନ୍ୟ ବିଭାଗରେ କିମ୍ୱା ଅନ୍ୟାନ୍ୟ ଦୁଃସାଧ୍ୟ କାମ କରୁଥିବା ଲୋକେ ଆହୁରି କମ୍ ବୟସରେ ଅବସର ନିଅନ୍ତି । ବାର୍ଦ୍ଧକ୍ୟ-ପେନସନ୍ ସର୍ବନିମ୍ନ ତିରିଶି ରୁବଲ୍ ଏବଂ ସର୍ବୋଚ୍ଚ ଶହେ କୋଡ଼ିଏ ରୁବଲ୍; ଅର୍ଥାତ୍ ଯାହାର ଯେତେ ଦରମା ହେଉ ପଛେ ମାସକୁ ତିରିଶି ରୁବଲ୍‌ରୁ କେହି କମ୍ ପାଇବ ନାହିଁ କିମ୍ୱା କେହି ଶହେ କୋଡ଼ିଏରୁ ବେଶୀ ପାଇପାରିବ ନାହିଁ । ଆସନ୍ତା କେତେବର୍ଷ ଭିତରେ ଏହି ସର୍ବନିମ୍ନ ପେନ୍‌ସନ ଉପରକୁ ଉପରକୁ ଉଠି ଉଠି ଯିବ । ୧୯୬୬ରେ ଏହା ବୋଧହୁଏ ଚାଳିଶି ରୁବଲକୁ ବଢ଼ିଯାଇଛି । ପେନସନ୍ ଶେଷ ଦରମାର ଶତକଡ଼ା ପଚାଶରୁ ଶହେ ପର୍ଯ୍ୟନ୍ତ ମିଳିଥାଏ । ଏହାର ହାର କମ୍ ଦରମା ପାଉଥିବା ଲୋକଙ୍କ ପାଇଁ ବେଶୀ ହୁଏ । ବର୍ତ୍ତମାନ ସାରା ସୋଭିଏତ୍ ରୁଷରେ ପେନସନ୍ ପାଇଁ ଏକ ହଜାର କୋଟି ରୁବଲ୍ ଖର୍ଚ୍ଚ ହୁଏ ।

ଜଣେ ଲୋକ ଯଦି କାର୍ଯ୍ୟ କରିବା ସମୟରେ କୌଣସି ଦୁର୍ଘଟଣା ବା ଦୁଃସାଧ୍ୟ ରୋଗ ଯୋଗୁଁ ସେ ଆଉ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ, ତାହାହେଲେ ତାର ଯେତେ ବର୍ଷ ଚାକିରି ହୋଇଥାଉ ପଛକେ ସେ ପେନସନ୍ ପାଇପାରିବ । ସେହିପରି ଜନ୍ମରୁ କାର୍ଯ୍ୟକ୍ଷମତାରହିତ ଲୋକମାନଙ୍କ ପାଇଁ ଏବଂ ନିରାଶ୍ରୟ ବୃଦ୍ଧମାନଙ୍କ ପାଇଁ ବିଶେଷ ଅନୁଷ୍ଠାନମାନ ରହିଛି । ସରକାରୀ କୋଠ ଖମାରରେ କାମ କରୁଥିବା ପୁରୁଷମାନେ ପଞ୍ଚଷଠି ଓ ସ୍ତ୍ରୀଲୋକମାନେ ଷାଠିଏ ବର୍ଷ ବୟସରେ ପେନସନ୍ ପାଆନ୍ତି । ସେମାନଙ୍କର ନିଜ ନିଜ ପାଇଁ କିଛି ବ୍ୟକ୍ତିଗତ ଜମି ଓ ଅନ୍ୟାନ୍ୟ ସୁବିଧା ଥିବାରୁ ସେମାନଙ୍କ ପାଇଁ ସର୍ବନିମ୍ନ ବାର ରୁବଲ ଏବଂ ସର୍ବୋଚ୍ଚ ୧୦୩ ରୁବଲ୍ ପେନସନ୍ ଧାର୍ଯ୍ୟ ହୋଇଥାଏ । ତା'ଛଡ଼ା କୋଠ ଖମାର ଉପକରଣ, ଶସ୍ୟ, ଗାଈଗୋରୁ ସମସ୍ତ ସମ୍ପତ୍ତିର ବୀମା ବାଧ୍ୟତାମୂଳକ ଭାବରେ ହୋଇଥାଏ ।

ସ୍ତ୍ରୀ ଲୋକମାନଙ୍କ ପାଇଁ ସାମାଜିକ ନିରାପତ୍ତା ବ୍ୟବସ୍ଥା ବିଷୟରେ ନ କହିଲେ ଏହା ଅପୂର୍ଣ୍ଣ ରହିଯିବ । ସ୍ତ୍ରୀ ଲୋକମାନେ ପ୍ରସୂତି ପାଇଁ ୧୧୨ଦିନ ଯାଏଁ ପୂରା ଦରମାରେ ଛୁଟି ପାଆନ୍ତି । ପିଲା ହେବାର ୫୬ଦିନ ପୂର୍ବରୁ ଏବଂ ପିଲା ହେବା ପରେ ୫୬ଦିନ ଯାଏଁ ପ୍ରସୂତି ଛୁଟି ମିଳେ । ପ୍ରସୂତିଜନିତ କୌଣସି ଅସ୍ୱାଭାବିକ ଘଟଣା ଘଟିଲେ କିମ୍ୱା ଯମଜ ସନ୍ତାନ ଜନ୍ମ ହେଲେ ତାହା ସତୁରି ଦିନକୁ ବଢ଼ାଇ ଦିଆଯାଏ । କାମରେ ନିଯୁକ୍ତ ହେଲା ପରେ ମଧ୍ୟ ମାଆମାନଙ୍କୁ ସହଜ

Digitized by PPRACHIN, SOA

କାମ ଦିଆଯାଏ ଏବଂ ପ୍ରତି ଅଢ଼େଇ ଘଣ୍ଟାରେ ଅଧଘଣ୍ଟା ଛୁଟି ଦିଆଯାଏ ଛୁଆକୁ କ୍ରିଚ୍‌ରେ ଯାଇ ଖୁଆଇବା ପାଇଁ । ଅବିବାହିତା ମା'ମାନଙ୍କୁ ସେମାନଙ୍କର ଛୁଆମାନଙ୍କ ପାଇଁ ବିଶେଷ ଭତ୍ତା ଦିଆହୋଇଥାଏ । କାରଣ କେବଳ ମାଆକୁ ଛୁଆମାନଙ୍କର ସମସ୍ତ ଦାୟିତ୍ୱ ନେବାକୁ ହୋଇଥାଏ । ମା' ଅବିବାହିତା ବୋଲି ପିଲାମାନଙ୍କ ଉପରେ ଅତ୍ୟାଚାର କରିବାର ଧର୍ମଗତ ଓ ସାମାଜିକ ନିର୍ମମତାକୁ ଇତିହାସରେ ପ୍ରଥମ ଥର ପାଇଁ ସମାଜବାଦୀ ଦେଶରେ ପୋଛି ଦିଆଯାଇଛି ।

ଲୋକଙ୍କର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଜୀବନକାଳବ୍ୟାପୀ ଏପରି ବ୍ୟାପକ ସାମାଜିକ ନିରାପତ୍ତା ବ୍ୟବସ୍ଥା ପୃଥିବୀର ଅନ୍ୟ କେଉଁଠି ନାହିଁ । ଯେଉଁଠି ଏପରି ବ୍ୟବସ୍ଥା କିଛି ପରିମାଣରେ ଅଛି, ସେଥିପାଇଁ ଲୋକମାନଙ୍କୁ ନିଜ ଆୟରୁ କେତେକାଂଶ ଦେବାକୁ ପଡ଼ିଥାଏ । କିନ୍ତୁ ସମାଜବାଦୀ ଦେଶରେ ସେମାନଙ୍କର ସମସ୍ତ ପ୍ରକାର ନିରାପତ୍ତା ସାମାଜିକ ସଂସ୍ଥାର ସଂପୂର୍ଣ୍ଣ ଦାୟିତ୍ୱ । ସମାଜ ପାଇଁ ପ୍ରତ୍ୟେକ ନାଗରିକର ଯେପରି କର୍ତ୍ତବ୍ୟ ରହିଛି, ତା ବଦଳରେ ସମାଜ ତାର ସମସ୍ତ ଦାୟିତ୍ୱ ବହନ କରୁଛି । ଯୁଗ ଯୁଗ ଧରି ଖଟିଖିଆ ମଣିଷର ସ୍ୱପ୍ନ ଆଜି ସମାଜବାଦୀ ଦେଶରେହିଁ ସଫଳ ହୋଇଛି । ତେଣୁ ତାର କାମ କରିବାର ସ୍ପୃହା ଅତ୍ୟନ୍ତ ବେଶୀ ବଢ଼ିଯାଇଛି । ଫଳରେ ଆଜି ସୋଭିଏତ୍ ରୁଷରେ ମାତ୍ର ଅର୍ଦ୍ଧଶତାବ୍ଦୀ ଭିତରେ ଯାହା ସମ୍ଭବ ହୋଇଛି, ଦୁଇଶହ ବର୍ଷ ଧରି ଧନ ସଂଚୟ କରି ଆସୁଥିବା ପୁଞ୍ଜିପତି ଦେଶମାନଙ୍କରେ ତାହା ସମ୍ଭବ ହୋଇପାରିନାହିଁ । ଜଣେ ଲୋକର ଯଦି କାମ ପାଇବାରେ କୌଣସି ଦୁଶ୍ଚିନ୍ତା ନାହିଁ—ତାର ପିଲାପିଲିଙ୍କର ପଢ଼ାପଢ଼ି, ନିଜର ଓ ପରିବାରର ଚିକିତ୍ସା, ରୋଗ କିମ୍ବା ବାର୍ଦ୍ଧକ୍ୟଜନିତ ଅକ୍ଷମତା ପାଇଁ ତାକୁ ଭାବିବାକୁ ପଡ଼ିବ ନାହିଁ; କି ସେଥିପାଇଁ ତାକୁ ନିଜ ପେଟରୁ କାଟି ସଂଚୟ କରିବାକୁ ପଡ଼ିବ ନାହିଁ, ତା ହେଲେ ସେ କାହିଁକି ସୁଖୀ ନ ହେବ ? ସେ କାହିଁକି ସାଂସ୍କୃତିକ କାର୍ଯ୍ୟରେ ଆଗ୍ରହ ନ ଦେଖାଇବ ଏବଂ ଅଧିକରୁ ଅଧିକ ସାମାଜିକ ପ୍ରଶଂସା ପାଇବା ପାଇଁ ସେ କାହିଁକି ବିଜ୍ଞାନ, ସାହିତ୍ୟ, କ୍ରୀଡ଼ା, କଳା ପ୍ରଭୃତିରେ ଅତ୍ୟଧିକ ଆଗ୍ରହ ପ୍ରକାଶ ନ କରିବ ? ମନୁଷ୍ୟର ପ୍ରାଥମିକ ଜାନ୍ତବୀୟ ଅଭାବ ପୂରଣ ହେଲା ପରେ ଯାଇ ସେ ସାମାଜିକ ମାନବ ହିସାବରେ ସାଂସ୍କୃତିକ ପରିବେଶ ସୃଷ୍ଟି କରିପାରିବ ଏବଂ ଏହି ସାଂସ୍କୃତିକ ପରିବେଶ ଯୋଗୁ ତାର ଅଧିକରୁ ଅଧିକ ଉନ୍ନତି ଘଟିବ । ଏହି ମୌଳିକ ତଥ୍ୟ ସୋଭିଏତ୍ ସମାଜରେ ଦିନକୁ ଦିନ ବାସ୍ତବ କ୍ଷେତ୍ରରେ ପ୍ରମାଣିତ ହୋଇ ଚାଲିଛି । ■■■

Digitized by PPRACHIN, SOA

ଅର୍ଥନୈତିକ ପ୍ରଗତି- ଶିଳ୍ପ ଓ କୃଷି

ଯେଉଁ ରୁଷ ୧୯୧୭ ମସିହା ବେଳକୁ ପୃଥିବୀରେ ଗୋଟିଏ ଅତି ଦରିଦ୍ର ଦେଶ ଥିଲା- ଅତ୍ୟାଚାରୀ ଜାର୍ ଓ ସାମନ୍ତବାଦୀ ଜମିଦାରଙ୍କ ଅତ୍ୟାଚାରରେ ହାହାକାର କରୁଥିଲା– ବରଫ ଦେଶରେ ଲୋକେ ଜୋତା ଅଭାବରୁ ଗୋଡ଼ରେ କନା ଗୁଡ଼ାଇ ଚାଲୁଥିଲେ– ମଫସଲର ଶତକଡ଼ା ନବେ ଚାଷୀ ଭୂମିହୀନ ମଜଦୁର ଶ୍ରେଣୀଭୁକ୍ତ ଥିଲେ; ସାମନ୍ତବାଦୀ ଜମିଦାରଙ୍କର ଲକ୍ଷ ଲକ୍ଷ ଏକର ଜମିରେ କ୍ରୀତଦାସ ପରି କାମ କରୁଥିଲେ–ସହରର ଘରେ ଘରେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ରୋଗୀ ସଢ଼ି ମରୁଥିଲେ– ଯେଉଁମାନେ ଟଲଷ୍ଟୟ, ଗର୍କି, ଡେଷ୍ଟୋଭିସ୍କି ପ୍ରଭୃତି ପୃଥିବୀବିଖ୍ୟାତ ରୁଷ ଲେଖକଙ୍କର ବହି ପଢ଼ିଥିବେ ସେମାନେ ରୁଷ ଜନସାଧାରଣଙ୍କ ଦାରିଦ୍ର୍ୟ ଓ ଅନ୍ୟାନ୍ୟ ନିର୍ଯାତନା ବିଷୟରେ ଉପରୋକ୍ତ ବିଶଦ ବିବରଣୀ ପାଇଥିବେ । ସେହି ରୁଷ ଦେଶର ଜନତା ଗତ ପଚାଶବର୍ଷ ଭିତରେ ଶିଳ୍ପ ଓ କୃଷିରେ ପୃଥିବୀରେ ଦ୍ୱିତୀୟ ସ୍ଥାନ ଅଧିକାର ରହିଛି ଏବଂ ଆସନ୍ତା କେତେ ବର୍ଷ ଭିତରେ ଉତ୍ପାଦିକା ଶକ୍ତି ଓ ଜାତୀୟ ସମ୍ପତ୍ତିରେ ଆମେରିକାକୁ ଟପି ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିବାକୁ ଯାଉଛି । ହିଟଲର୍ ବିରୁଦ୍ଧରେ ଐତିହାସିକ ସଂଗ୍ରାମରେ ରୁଷର କଳ୍ପନାତୀତ ଧନଜନ କ୍ଷୟକ୍ଷତି ପରେ ମଧ୍ୟ ଯୁଦ୍ଧ ପର ଗତ କୋଡ଼ିଏ ବର୍ଷ ଭିତରେ ଅର୍ଥନୈତିକ କ୍ଷେତ୍ରରେ ଏ ପ୍ରକାର ବିଜୟ ହାସଲ କରିବା ରୁଷବାସୀଙ୍କ ପକ୍ଷରେ ନିଶ୍ଚୟ ଗୌରବ ଓ ଗର୍ବର ବିଷୟ । ଏହି ଅଭୂତପୂର୍ବ ଅର୍ଥନୈତିକ ଅଭ୍ୟୁତ୍ଥାନର କାରଣ କ'ଣ ?

ସୋଭିଏତ୍ ରୁଷରେ ସମାଜବାଦୀ ସରକାର ପ୍ରତିଷ୍ଠା ହେଲା ପରେ ପୁଞ୍ଜିପତି ଦେଶମାନେ ବରାବର କହି ଆସୁଥିଲେ ଯେ ଶିଳ୍ପ-ବାଣିଜ୍ୟ କ୍ଷେତ୍ରରେ ପ୍ରତିଯୋଗିତା ଓ ବ୍ୟକ୍ତିଗତ ସମ୍ପତ୍ତି ନ ରହିଲେ କୌଣସି ଦେଶର ଶିଳ୍ପଗତ ଉନ୍ନତି ଅସମ୍ଭବ; ତେଣୁ ସୋଭିଏତ୍ ଦେଶର ଅର୍ଥନୈତିକ ସଂସ୍ଥାର ଭବିଷ୍ୟତ ଅନ୍ଧକାରମୟ । କିନ୍ତୁ ବର୍ତ୍ତମାନ ସମାଜବାଦୀ ଅର୍ଥନୈତିକ ବ୍ୟବସ୍ଥା ବିରୁଦ୍ଧରେ କହିବା ଦୂରେ ଥାଉ, ପୁଞ୍ଜିପତି ଅର୍ଥନୀତିଜ୍ଞମାନେ ଅନୁନ୍ନତ ଦେଶରେ ପ୍ରଚଳିତ ରାଷ୍ଟ୍ରାୟତ୍ତ ଯୋଜନା ସପକ୍ଷରେ ମଧ୍ୟ କହିବାର ଶୁଣାଯାଏ । ରୁଷର ସମାଜବାଦୀ ଅର୍ଥନୈତିକ ସଂସ୍ଥାର ଅଦ୍ଭୁତ ସାଫଲ୍ୟ ଯୋଗୁଁ ବର୍ତ୍ତମାନ ସାମ୍ରାଜ୍ୟବାଦୀଙ୍କ କବଳରୁ ସଦ୍ୟମୁକ୍ତ ଅଧିକାଂଶ ପ୍ରଗତିଶୀଳ ଦେଶ ସମାଜବାଦୀ ଯୋଜନା ସପକ୍ଷରେ ଉଦ୍‌ବୁଦ୍ଧ । ଏହି କାରଣରୁ ଭାରତରେ ମଧ୍ୟ ଆମେ ଯୋଜନାବଦ୍ଧ ଅର୍ଥନୀତିରେ ବିଶ୍ୱାସ କରୁ । ଏପରି ଅବସ୍ଥାରେ ସମାଜବାଦୀ ଅର୍ଥନୀତି ସପକ୍ଷରେ ଯୁକ୍ତି ବାଢ଼ିବା ନିଷ୍ପ୍ରୟୋଜନ । ତଥାପି ଏହାର ମୂଳ ନୀତି ଓ ନିର୍ଦ୍ଦିଷ୍ଟ ଦିଗ ବିଷୟରେ ଆମେ ସର୍ବଦା ସଜାଗ ରହିବା ଉଚିତ । ବର୍ତ୍ତମାନ ଭାରତରେ ଆମେ ଯୋଜନା ଗ୍ରହଣ କରୁଥିଲେ ସୁଦ୍ଧା ତାହାର ଫଳାଫଳ ବିଷୟରେ ଅନେକ ସନ୍ଦେହ; କାରଣ ଯୋଜନା ଫଳରେ ଯେ ପ୍ରକାର ଅର୍ଥନୈତିକ ପ୍ରଗତି ହେବାର କଥା, ତାହା ଭାରତରେ ସମ୍ଭବ ହୋଇପାରୁନାହିଁ । ତେଣୁ ଦୃଢ଼ ଭାବରେ ସମାଜବାଦରେ ବିଶ୍ୱାସ କରୁଥିବା ଲୋକଙ୍କର ସୋଭିଏତ୍ ଅର୍ଥନୈତିକ ସଂସ୍ଥା ବିଷୟରେ ପରିଷ୍କାର ଧାରଣା ହେବା ଉଚିତ ।

Digitized by PPRACHIN, SOA

ସୋଭିଏତ୍ ରୁଷର ସମସ୍ତ ଶିକ୍ଷାନୁଷ୍ଠାନ, ବାଣିଜ୍ୟ-ବ୍ୟବସାୟ ଓ ଅଧିକାଂଶ କୃଷି ସଂସ୍ଥାନ ଜନସାଧାରଣଙ୍କର ସମ୍ପତ୍ତି; ଅର୍ଥାତ୍ କଳକାରଖାନା କିମ୍ବା ବ୍ୟବସାୟ-ବାଣିଜ୍ୟ କୌଣସି ଲୋକର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ତେଣୁ ସମସ୍ତ ଲୋକଙ୍କର ପରିଶ୍ରମ ଫଳ ସାମାଜିକ କଲ୍ୟାଣ ଦିଗରେ ବ୍ୟୟିତ ହୁଏ । ଏହି ଗୋଟିଏ କାରଣରୁ ହିଁ କୋଟିପତି ବ୍ୟକ୍ତିବିଶେଷ ଓ ରାସ୍ତାର ଭିକାରୀ ଏହି ଦୁଇଟି ଅସାମାଜିକ ଗୋଷ୍ଠୀ ସେଠାରେ ରହିପାରିବ ନାହିଁ । ସମସ୍ତ ଶିକ୍ଷାନୁଷ୍ଠାନ ଜାତୀୟ ସମ୍ପତ୍ତି ହୋଇଥିବାରୁ ଯୋଜନା ଦ୍ୱାରା ଅଭୀଷ୍ଟ ପରିମାଣରେ ଉତ୍ପାଦନ ସମ୍ଭବ ହୁଏ । କଳକାରଖାନା ଓ କୃଷି ଖମାରର ପ୍ରକୃତ ମାଲିକ ଶ୍ରମିକ ହୋଇଥିବାରୁ ଶ୍ରମିକ ଓ ମାଲିକ ଭିତରେ ଥିବା ଚିରନ୍ତନ ବିବାଦର ଅବସାନ ଘଟିଛି ଏବଂ ଏହି କାରଣରୁ ପ୍ରତ୍ୟେକ ବ୍ୟକ୍ତିଠାରେ ସମାଜବାଦୀ ଚେତନା ବଢ଼ି ବଢ଼ି ଚାଲିଛି । ବର୍ତ୍ତମାନ ସୋଭିଏତ୍ ସମାଜ ଯେ ପ୍ରକାର ବୈଷୟିକ ସୁଖଶାନ୍ତି ଉପଭୋଗ କରୁଛି, ଦଶ କୋଡ଼ିଏ ବର୍ଷ ତଳେ ତାହା ତାର ନ ଥିଲା; ତଥାପି ସେମାନେ ବହୁ ଅସୁବିଧା ଭିତର ଦେଇ, ହିଟଲର୍‌ର ଦୁର୍ଦ୍ଧର୍ଷ ସୈନ୍ୟଙ୍କ ହାତରେ ଜନସଂଖ୍ୟାର ଶତକଡ଼ା ୨୦ରୁ ଜଣ ପ୍ରାଣବଳି ଦେଇ ସୁଦ୍ଧା ଏପରି ଦୁର୍ଦ୍ଦମ ବେଗରେ ସମାଜବାଦୀ ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କାହିଁକି ? ମନୁଷ୍ୟ ଜୀବନର କେଉଁ ମୌଳିକ ସତ୍ୟ ଉପରେ ଏହାର ମୂଳଭିତ୍ତି ପ୍ରତିଷ୍ଠିତ ?

ଯେତେବେଳେ ପ୍ରତ୍ୟେକ ଚାଷୀ ଓ ଶ୍ରମିକ ଅନୁଭବ କଲା ଯେ ସୋଭିଏତ୍ ରୁଷର ସମସ୍ତ ଜାତୀୟ ସମ୍ପତ୍ତି ତାର ନିଜର-ସମାଜର ସମସ୍ତେ ସମାନ ଭାବରେ ଅଭାବ ଅସୁବିଧା ତଥା ସୁବିଧା ସୁଯୋଗର ଭାଗୀଦାର ଏବଂ ଯେତିକି ପରିଶ୍ରମ କରୁଛି ତାର ଫଳାଫଳ ସମାନ ଭାବରେ ସମସ୍ତେ ଉପଭୋଗ କରୁଛନ୍ତି–ସମାଜର ଦଳେ ରକ୍ତ ଶୋଷଣକାରୀ କୋଟିପତି ହୋଇପାରୁନାହାନ୍ତି; ସେତେବେଳେ ତାର ସମସ୍ତ ସୃଜନଶୀଳତା ଅସମ୍ଭବ ଭାବରେ ବିକଶି ଉଠିଲା । ବିଗତ ଶତାବ୍ଦୀର ଅଗଣିତ ବୁଭୁକ୍ଷୁର କଙ୍କାଳ ସ୍ତୂପରେ ହଠାତ୍ ଯେପରି ଶିହରଣ ଖେଳିଗଲା-ସୋଭିଏତ୍ ରୁଷର ଚାଷୀ ଓ ଶ୍ରମିକର ମାଂସପେଶୀ ଏମାନଙ୍କର ଶକ୍ତିରେ ଫୁଲି ଉଠିଲା । ସେ ନୂତନ ଶକ୍ତିରେ ଯେପରି ବଳୀୟାନ୍ ହୋଇ ଉଠିଲା; ଫଳରେ ଶତ ବାଧା ବିଘ୍ନ ସତ୍ତ୍ୱେ ପୃଥିବୀର ସାମ୍ରାଜ୍ୟବାଦୀ ଓ ପୁଞ୍ଜିପତି ଦେଶମାନଙ୍କରେ ଶତ ଯୁଦ୍ଧହୁଙ୍କାର ସତ୍ତ୍ୱେ ଦ୍ୱିତୀୟ ମହାଯୁଦ୍ଧର ଭୟାବହ ଅଗ୍ନିପରୀକ୍ଷା ଦେଇ ସେ ଆଜି ଜାଗିଉଠିଛି ଜାଜ୍ୱଲ୍ୟମାନ ସୁବର୍ଣ୍ଣ ସୀତା ରୂପେ । ଏହି ଶାଶ୍ୱତ ମାନବିକ ପ୍ରେରଣା ଉପରେ ସୋଭିଏତ୍ ଅର୍ଥନୈତିକ ଯୋଜନା ପର୍ଯ୍ୟବସିତ । ତେଣୁ ତା'ର ଏ ପ୍ରକାର ଅଭୂତପୂର୍ବ ଅଭ୍ୟୁଦୟ ।

୧୯୧୩ ମସିହାରେ ଅର୍ଥନୈତିକ ବୃଦ୍ଧି ହାରକୁ ଯଦି ଶହେ ବୋଲି ମୂଳ ଧରାଯାଏ, ତା'ହେଲେ ୧୯୬୨ ବେଳକୁ ତାହା ବଢ଼ି ୧୮୯୪ ହୋଇପାରିଛି; ଅର୍ଥାତ୍ ସମଗ୍ର ଦେଶର ଜାତୀୟ ଆୟ ଶହେ ସ୍ଥାନରେ ୧୮୯୪ ହୋଇପାରିଛି । ଖାଲି ଏତିକି କହିଲେ ବି ଯଥେଷ୍ଟ ହେବ ନାହିଁ । ଯେତେବେଳେ ସମ୍ରାଟ ଜାର୍ ଓ ତାର ସାମନ୍ତବର୍ଗଙ୍କର ଶହେକୋଟି ରୁବଲ୍ ଥିଲା ବେଳେ ଲକ୍ଷ ଲକ୍ଷ ଲୋକଙ୍କର ଶହେ ରୁବଲ୍ ବି ନଥିଲା । କିନ୍ତୁ ବର୍ତ୍ତମାନର ଏହି ବିରାଟ ଜାତୀୟ ଆୟ ସେତେବେଳେ ୧୦୦ ରୁବଲ୍ ଥିଲା, ବର୍ତ୍ତମାନ ତାହା ବଢ଼ି ୨୬ଶହ ରୁବଲ୍ ହୋଇଛି । ଚାଷୀ ଶ୍ରମିକଙ୍କର ମଜୁରୀ ବଢ଼ି ବଢ଼ି ଚାଲିଛି ଏବଂ ଦରଦାମ୍ ବର୍ଷକୁ ବର୍ଷ କମି କମି ଚାଲିଛି । ବ୍ୟକ୍ତିଗତ କର କମିଆସୁଛି ଏବଂ ଆସନ୍ତା ଦଶବର୍ଷ ଭିତରେ ବ୍ୟକ୍ତିଗତ ଆୟକର ଆଦୌ ରହିବ ନାହିଁ । ପୁଞ୍ଜିପତି ଅର୍ଥନୀତିଠାରୁ ସମ୍ପୂର୍ଣ୍ଣ ବିପରୀତ ଏ ଅର୍ଥନୀତି । ଖାଲି ସେତିକି ନୁହେଁ, ନିଜର ଆୟ ବଢ଼ିବା ସଙ୍ଗେ ସଙ୍ଗେ ଏବଂ ଦାମ୍ କମିବା ସଂଗେ ସଂଗେ ପ୍ରତ୍ୟେକ ପିଲାର ପଢ଼ାପଢ଼ିରେ ସମାଜବାଦୀ ସମାଜ ସାଧାରଣ ପାଣ୍ଠିରୁ ମାସକୁ ପ୍ରାୟ ଶହେ ରୁବଲ୍ ଖର୍ଚ୍ଚ କରୁଛି । ପ୍ରତ୍ୟେକ ରୋଗୀ ପାଇଁ ମାସକୁ ୧୫୦ରୁ ୧୮୦ ଯାଏଁ ରୁବଲ୍ ଖର୍ଚ୍ଚ ହେଉଛି-ତା ଛଡ଼ା ଅନ୍ୟାନ୍ୟ ସାଂସ୍କୃତିକ ଅନୁଷ୍ଠାନ ପାଇଁ ତ ଖର୍ଚ୍ଚ ରହିଛି । ପୁଞ୍ଜିପତି ଦେଶ ଆମେରିକାର ଜଣେ ଲୋକର ଖର୍ଚ୍ଚ ସହିତ

Digitized by PPRACHIN, SOA

ସମାଜବାଦୀ ରୁଷ୍ ଲୋକର ଖର୍ଚ୍ଚ ତୁଳନା କଲେ ଜୀବନଯାପନ ପ୍ରଣାଳୀର ଉତ୍କଟ ବୈଷମ୍ୟ ସହଜରେ ଧରାପଡ଼ିବ ।

ଖର୍ଚ୍ଚ	ସୋଭିଏତ୍ ରୁଷ୍	ଆମେରିକା
ସମଗ୍ର ଖର୍ଚ୍ଚ	୧୦୦	୧୦୦
ସରକାରୀ କର	୭	୧୨
ସାମାଜିକ ନିରାପତ୍ତା ପାଇଁ ଖର୍ଚ୍ଚ	—	୪
ଭଡ଼ା ଏବଂ ସାମାଜିକ ସୁବିଧା	୪	୨୦
ଚିକିତ୍ସା ଓ ଶିକ୍ଷା	୦.୧	୫
ଯାନବାହନ	୩	୧୩
ଖାଦ୍ୟ ଓ ନିତ୍ୟବ୍ୟବହାର୍ଯ୍ୟ ଜିନିଷ	୭୫	୩୭
ଅନ୍ୟାନ୍ୟ	୧୦.୯	୯

ରୁଷବାସୀ ଅନ୍ୟାନ୍ୟ ସମସ୍ତ ଖର୍ଚ୍ଚରେ ମାତ୍ର ଶତକରା ୨୫ ଖର୍ଚ୍ଚ କରି ନିଜର ଖାଦ୍ୟ ଓ ସୁଖ-ସ୍ୱାଚ୍ଛନ୍ଦ୍ୟ ପାଇଁ ଶତକରା ୭୫ ଖର୍ଚ୍ଚ କରୁଥିଲା ବେଳେ ଆମେରିକାବାସୀ ଏଥିପାଇଁ ମାତ୍ର ଶତକରା ୩୭ ଖର୍ଚ୍ଚ କରେ ।

ଏ ତ ଗଲା ସାଧାରଣ ଲୋକଙ୍କର ଜୀବନଯାପନ ପ୍ରଣାଳୀର ଅର୍ଥନୈତିକ ଦିଗ । ସୋଭିଏତ୍ ରୁଷର ବହୁବର୍ଷ ହେଲା ବାର୍ଷିକ ଶତକଡ଼ା ଦଶ ଅନୁପାତରେ ଶିଳ୍ପ ଅଗ୍ରଗତି ହେଉଥିଲା ବେଳେ ଆମେରିକାରେ ବାର୍ଷିକ ମାତ୍ର ଶତକରା ୩.୪ । ଏହି କାରଣରୁହିଁ ରୁଷବାସୀ ଆସନ୍ତା କେତେବର୍ଷ ଭିତରେ ଧନଶାଳୀ ଆମେରିକାକୁ ଟପିଯିବାକୁ ବାଧ । କୃଷିର ଅଗ୍ରଗତି ସେତେ ବେଶୀ ନ ହେଲେ ସୁଦ୍ଧା ଏଠାରେ ବାର୍ଷିକ ଶତକରା ୫.୫ ବୃଦ୍ଧି ପାଇଲେ, ଆମେରିକାରେ ଶତକରା ୧.୭ ଭାଗ ମାତ୍ର ବୃଦ୍ଧି ପାଉଛି । ଜାତୀୟ ପୁଞ୍ଜି ଲଗାଣ ମାତ୍ର ପ୍ରତିବର୍ଷ ଶତକଡ଼ା ୧୧.୧ ଭାଗ ବଢୁଥିଲେ ମଧ ଆମେରିକାରେ ଏହା ମାତ୍ର ଶତକରା ୧.୫ ଭାଗ, ଇଂଲଣ୍ଡରେ ଶତକରା ୫.୮ ଭାଗ ଏବଂ ଫ୍ରାନ୍ସରେ ଶତକରା ୬.୪ ଭାଗ । ଏହି ପୁଞ୍ଜି ବିନିଯୋଗ ଏପରି ଦ୍ରୁତଗତିରେ ବଢ଼ିଚାଲିବ ଯେ ୧୯୮୦ ବେଳକୁ ଏହା ବଢ଼ି ବଢ଼ି ଦୁଇଲକ୍ଷ କୋଟି ରୁବଲ୍‌ରେ ପରିଣତ ହୋଇଥିବ; ଅର୍ଥାତ୍ ସେତେବେଳକୁ ଯଦି ରୁଷ୍‌ର ଜନସଂଖ୍ୟା ତିରିଶ କୋଟି ହୋଇଥିବ, ତାହେଲେ ଜଣପିଛା ସାତହଜାର ରୁବଲର ପୁଞ୍ଜି ଜାତୀୟ ଶିଳ୍ପରେ ଲଗାହୋଇ ପାରିବ । ସେତେବେଳେ ପ୍ରକୃତ କମ୍ୟୁନିଜମ୍ ସମ୍ଭବ ହେବ ବୋଲି ଏମାନଙ୍କର ମତ ।

ଶିଳ୍ପ ଅଭ୍ୟୁଦୟ ସାଙ୍ଗକୁ କୃଷି ଅଭିବୃଦ୍ଧି ମଧ କମ୍ ନୁହେଁ । କୃଷିଜାତ ଦ୍ରବ୍ୟର ଉତ୍ପାଦନ ବଢ଼ିବା ସଂଗେ ସଂଗେ ସମସ୍ତ କାର୍ଯ୍ୟକୁ କିପରି ମନୁଷ୍ୟର ମାଂସପେଶୀ ପରିବର୍ତ୍ତେ ଯନ୍ତ୍ର ସାହାଯ୍ୟରେ ସମ୍ପାଦିତ କରା ହେଉଛି– ତାହା ଦେଖିବାର କଥା । ଜମିଚାଷ, ଆବାଦ, ମଞ୍ଜି ସଂଗ୍ରହ, ମଞ୍ଜିବୁଣା ପ୍ରଭୃତି ପ୍ରତ୍ୟେକ କାମ ପାଇଁ ଯନ୍ତ୍ରପାତି ବ୍ୟବହୃତ ହୁଏ ଏବଂ ଏମାନଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିଛି । ୧୯୫୩ ମସିହାରେ ଏଥିପାଇଁ ୧୬୪ଟି ବିଭିନ୍ନ ଧରଣର ଯନ୍ତ୍ର ଥିଲା ବେଳେ ତାହା ବଢ଼ି ବଢ଼ି ୧୯୬୨ରେ ୫୪୦ରେ ପରିଣତ ହେଲା ଏବଂ ୧୯୬୩ ମସିହାରେ କେବଳ ଆଉ ଶହେଟି ନୂତନ ଧରଣର ସ୍ୱୟଂକ୍ରିୟ ଯନ୍ତ୍ର ଏହି ସବୁ କାମ ପାଇଁ ଯୋଗାଇ ଦିଆଯାଉଛି । ୧୯୬୩ରେ ୨୬ ଲକ୍ଷ ଟ୍ରାକ୍ଟର ବ୍ୟବହୃତ ହେଉଥିଲା ଏବଂ ଏହାଛଡ଼ା ଲକ୍ଷ ଲକ୍ଷ ଟ୍ରକ୍ ଓ ଅନ୍ୟାନ୍ୟ ଯନ୍ତ୍ରପାତି ତ ରହିଛି । ୧୯୬୩ ମସିହାରେ କେବଳ ଏହି ଚାଷବାସ କାମରେ ସାତଶହ କୋଟି କିଲୋୱାଟ୍ ଘଣ୍ଟା ବିଜୁଳି ବ୍ୟବହାର ହୋଇଥିଲା । ଚାଷବାସ କାମରେ ଯେତେ ଶକ୍ତି ବ୍ୟବହୃତ ହେଉଛି, ତାର ମୋଟ ମିଳିତ ଶକ୍ତି ହେଉଛି କୋଡ଼ିଏ କୋଟି ଅଶ୍ୱଶକ୍ତି ।

Digitized by PPRACHIN, SOA

ଚାଷକାମ ପାଇଁ ବ୍ୟବହୃତ ଯନ୍ତ୍ରପାତି ଓ ଶକ୍ତି ବିଷୟରେ ଏପରି ବିଶଦ ବିବରଣୀ ଦେବା ଉଦ୍ଦେଶ୍ୟ ହେଉଛି ଯେ ସୋଭିଏତ୍ ସମାଜ ଚାଷୀଙ୍କର ଅକ୍ଲାନ୍ତ କାୟିକ ପରିଶ୍ରମ ଲାଘବ ପାଇଁ କେତେ ଯତ୍ନବାନ ହୋଇପାରେ । ସମାଜବାଦ ନୀତି ଅନୁସାରେ ଶ୍ରମିକ ଓ କୃଷକ ଭିତରେ ଏବଂ ଗ୍ରାମ ଓ ସହର ମଧ୍ୟରେ କୌଣସି ତଫାତ୍ ରହିବା ଉଚିତ ନୁହେଁ । ତେଣୁ କୃଷି ପାଇଁ ସେସବୁ ଯନ୍ତ୍ରପାତିର ଆୟୋଜନ ହୋଇଛି ଏବଂ ଅନବରତ ହୋଇ ଚାଲିଛି । ତା' ଫଳରେ କୃଷି ଆଉ ଅନୁନ୍ନତ ଓ ଛୋଟ ଧରଣର ଉତ୍ପାଦନ କେନ୍ଦ୍ର ହୋଇ ରହିନାହିଁ । ବିଂଶ ଶତାବ୍ଦୀର ବୈଜ୍ଞାନିକ ଯୁଗରେ ଏହା ମଧ୍ୟ ଗୋଟିଏ ବିଶାଳ ଶିଳ୍ପରେ ପରିଣତ ହୋଇଗଲାଣି । ସେହି ପରିମାଣରେ ସହର ଓ ମଫସଲ ଭିତରେ ଥିବା ଅସମ୍ଭବ ଧରଣର ବୈଷମ୍ୟ ଲୋପ ପାଇ ଆସିଲାଣି । ବର୍ତ୍ତମାନ ଚାଷୀ ସଂପ୍ରଦାୟଙ୍କ ଭିତରୁ ପ୍ରତି ହଜାରେ ଲୋକରେ ୨୬୦ଜଣ ଅର୍ଥାତ୍ ପ୍ରତି ଚାରିଜଣରେ ଜଣେ ଉଚ୍ଚଶିକ୍ଷା ଲାଭ କରିପାରିଛନ୍ତି । ଚାଷୀ ଶ୍ରମିକଙ୍କର ଉଚ୍ଚ ଶିକ୍ଷା ଦିଗରେ ସୋଭିଏତ୍ ରୁଷ ଅଦ୍ୱିତୀୟ ।

କୋଠଚାଷ ଖମାରର ଶ୍ରମିକମାନଙ୍କର ଆୟ ପ୍ରତିବର୍ଷ ଅସମ୍ଭବ ଭାବରେ ବଢ଼ିଚାଲିଛି । ଆସନ୍ତା କେତେ ବର୍ଷ ଭିତରେ ଏହା ସହରୀ ଲୋକଙ୍କ ଆୟ ସଙ୍ଗେ ସମାନ ହେବ । କିନ୍ତୁ ଏମାନଙ୍କର ଆର୍ଥିକ ଆୟ ସାମାନ୍ୟ କମ୍ ଥିଲେ ସୁଦ୍ଧା ପନିପରିବା, ମାଂସ, ଦୁଧ, ଫଳ ପ୍ରଭୃତି ପାଇବାରେ ଏମାନଙ୍କର ବହୁତ ସୁବିଧା ଥିବାରୁ ଅନେକ ଶିକ୍ଷିତ ଲୋକ ସହର ଅପେକ୍ଷା ଗ୍ରାମାଞ୍ଚଳରେ କାମ କରିବା ପାଇଁ ଆଗ୍ରହାନ୍ୱିତ । ଲୋକେ ଆନନ୍ଦରେ କୋଠଖମାରକୁ ଆସୁଛନ୍ତି । କାରଣ ସହରରେ ଶିକ୍ଷା, ସ୍ୱାସ୍ଥ୍ୟ ପ୍ରଭୃତି ବିଷୟରେ ଯେପରି ସୁବିଧା, ଏଠାରେ ମଧ୍ୟ ସେପରି ସୁବିଧା ଅଛି ଏବଂ ତା'ଛଡ଼ା ଜୀବନ ନିର୍ବାହ ଓ ସୁଖ-ସ୍ୱାଚ୍ଛନ୍ଦ୍ୟ କ୍ଷେତ୍ରରେ ଅଧିକ ସୁବିଧା ଅଛି । ତେଣୁ ଲୋକଙ୍କର ଗାଁ ପ୍ରତି ଆଗ୍ରହ ବଢ଼ୁଛି । ଅଥଚ ଆମ ଦେଶରେ ସହରୀ ଲୋକଙ୍କୁ ଗାଁ'କୁ ଫେରିଯିବାକୁ କହିବାରେ କୌଣସି ଅର୍ଥ ନାହିଁ । କେହି ସହରରୁ ଗ୍ରାମକୁ ଫେରିଯାଇନାହାନ୍ତି କି କେହି ଯିବେ ବି ନାହିଁ ଏବଂ ଯେଉଁମାନେ କହନ୍ତି ସେମାନେ ବି କେବେ ଗାଁ'କୁ ଫେରିଯିବେ ନାହିଁ । କୋଠଖମାରରେ କାମ କରୁଥିବା ଲୋକର ପାରିବାରିକ ଆୟ କିପରି ବୃଦ୍ଧି ପାଉଛି, ତାହା ତଳ ହିସାବରୁ ସହଜରେ ଜଣାଯିବ ।

ପାରିବାରିକ ଆୟ					
	୧୯୫୩	୧୯୫୮	୧୯୬୦	୧୯୬୧	୧୯୬୨
ରୁବଲ୍...	୨୫୨	୭୦୧.୫	୭୮୦.୭	୮୩୦.୨	୯୩୦

ମାଂସ, ଦୁଧ, ଲହୁଣି, ଫଳ, ପନିପରିବାରେ ରୁଷ ଯେଉଁ ଅନୁପାତରେ ଉତ୍ପାଦନ ବଢ଼ାଇ ଚାଲିଛି, ତାହା ଆମେରିକାର ଅନୁପାତଠାରୁ ଢେର ବେଶୀ । ଫଳରେ ଅଳ୍ପ କେତେ ବର୍ଷ ଭିତରେ ଏସବୁର ମୋଟ ପରିମାଣରେ ରୁଷ ଆମେରିକାକୁ ଟପିଯାଇ ପାରିବ ।

ଶିଳ୍ପ ଓ କୃଷିର ଏ ଯେଉଁ ଅଗ୍ରଗତି ସମ୍ଭବ ହୋଇଛି, ତାହା କେବଳ ସମାଜବାଦ ଦର୍ଶନ ଓ ସମାଜବାଦୀ ସାମାଜିକ ସଂସ୍ଥା ଯୋଗୁ । ଉତ୍ପାଦନର ଏପ୍ରକାର ଅସମ୍ଭବ ବୃଦ୍ଧି ଉତ୍ପାଦନ କରୁଥିବା କୃଷକ ଓ ଶ୍ରମିକର ପ୍ରେରଣା ଓ ରାଜନୈତିକ ଚେତନା ପ୍ରସୂତ ଆତ୍ମବିଶ୍ୱାସ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ । ଯେଉଁମାନେ ଲୋକଙ୍କ କଥା ଭୁଲି ଖାଲି ଉତ୍ପାଦନ ବୃଦ୍ଧି କଥା ଭାବୁଛନ୍ତି, ଫମ୍ପା ଦେଶପ୍ରେମ ବିଷୟରେ ଅନର୍ଗଳ ବକ୍ତୃତା କରୁଛନ୍ତି, ସେମାନଙ୍କର ବୁଝିବା ଉଚିତ ଯେ କେବଳ ବକ୍ତୃତା ଦ୍ୱାରା ଆତ୍ମବିଶ୍ୱାସ ଓ ଆତ୍ମଚେତନା ସୃଷ୍ଟି କରି ହୁଏ ନାହିଁ । ବଣ୍ଟନରେ ସାମ୍ୟ ଓ ସାମାଜିକ ନ୍ୟାୟ ଉପରେ ପ୍ରତିଷ୍ଠିତ ସମାଜରେ ହିଁ ଉତ୍ପାଦନ ବୃଦ୍ଧି ସମ୍ଭବ । ସୋଭିଏତ୍ ଯୋଜନାର ସାଫଲ୍ୟ ଏହାର ଜ୍ୱଳନ୍ତ ପ୍ରମାଣ ହୋଇରହିବ ।

Digitized by PPRACHIN, SOA

ସ୍ୱାସ୍ଥ୍ୟ

ରୋଗହୀନ ସୁସ୍ଥ ନାଗରିକ ହିଁ ସାମାଜିକ ଆଦର୍ଶର ମୂଳଭିତ୍ତି । ସମାଜବାଦୀ ସରକାରୀ ସଂସ୍ଥା ଜନସାଧାରଣଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ କେତେ ବେଶୀ ବ୍ୟଗ୍ରତା ପ୍ରକାଶ କରିପାରେ, ଯୋଜନା କେତେ ବେଶୀ ଜନକୈନ୍ଦ୍ରିକ ହୋଇପାରେ, ତାର ପ୍ରକୃଷ୍ଟ ଉଦାହରଣ ମିଳେ ସୋଭିଏତ୍ ଦେଶର ସ୍ୱାସ୍ଥ୍ୟରକ୍ଷା ଓ ଚିକିତ୍ସା ପ୍ରଣାଳୀ ଯୋଜନାରେ । ରୋଗର ନିରାକରଣ ଓ ରୋଗୀର ଚିକିତ୍ସା ପାଇଁ ଯେତେ ବେଶୀ ବ୍ୟାପକ ବ୍ୟବସ୍ଥା ହୋଇଛି, ତାହା ଦେଖିଲେ ପୃଥିବୀର ଯେ କୌଣସି ନରନାରୀଙ୍କ ମନରେ ଈର୍ଷା ଜାତ ହେବା ସ୍ୱାଭାବିକ । ଡାକ୍ତରଖାନା, ପଲିକ୍ଲିନିକ୍, ସ୍ୱାସ୍ଥ୍ୟ ନିବାସ ଦେଖିଲା ପରେ ମୋର ଦୃଢ଼ ଧାରଣା ହେଲା ଯେ ଏମାନେ ମନୁଷ୍ୟ ଜୀବନକୁ ବହୁତ ବେଶୀ ମୂଲ୍ୟବାନ ବୋଲି ମନେ କରୁଛନ୍ତି ।

ଗତ କେତେବର୍ଷ ଭିତରେ ଏଠାରେ ଡାକ୍ତରଙ୍କ ସଂଖ୍ୟା ଚାରିଲକ୍ଷ ଛୟାଳିଶି ହଜାର (୪୪୬୦୦୦) ହେଲାଣି; ଅର୍ଥାତ୍ ପ୍ରତି ହଜାରେ ଲୋକଙ୍କ ପାଇଁ ୨.୦୬ଜଣ ଡାକ୍ତର ଅଛନ୍ତି । ଅଥଚ ଆମେରିକାରେ ପ୍ରତି ହଜାରେ ଲୋକଙ୍କ ପାଇଁ ୧.୨୧, ଫ୍ରାନ୍ସରେ ୧.୦୭, ପଶ୍ଚିମ ଜର୍ମାନୀରେ ୧.୪ ଜଣ ଡାକ୍ତର । ତଥାପି ଏମାନେ ସନ୍ତୁଷ୍ଟ ନୁହନ୍ତି ଏବଂ ଡାକ୍ତରଙ୍କ ସଂଖ୍ୟା ଆହୁରି ବଢ଼ିଚାଲିଛି । ପ୍ରତି ହଜାରେ ଲୋକଙ୍କ ପାଇଁ ଡାକ୍ତରଖାନାରେ ୯ଟି ବିଛଣା ଅଛି । ପ୍ରତ୍ୟେକ ରୁଷବାସୀ ସମସ୍ତ ପ୍ରକାର ଚିକିତ୍ସା ମାଗଣାରେ ପାଆନ୍ତି-ଯେତେବଡ଼ ଅପରେଶନ୍ ହେଉ ପଛେ ଏବଂ ରୋଗୀ ଯେତେଦିନ ଧରି ଡାକ୍ତରଖାନାରେ ରହିଲେ ମଧ ତା ହାତରୁ କିଛି ପଇସା ପଡ଼େନାହିଁ । ଡାକ୍ତରଖାନାରୁ ସବୁ ଔଷଧ ମାଗଣାରେ ମିଳେ; କିନ୍ତୁ ଡାକ୍ତରଖାନା ବାହାରେ ରହି ଚିକିତ୍ସିତ ହେଉଥିବା ଲୋକକୁ କମ୍ ଦାମ୍‌ରେ ଔଷଧ କିଣିବାକୁ ମିଳେ । ଔଷଧ ତିଆରି ଖର୍ଚ୍ଚ ଯେତିକି, ସେତିକି ଦାମ୍‌ରେ ଔଷଧ ମିଳେ ଏବଂ ୧୯୭୦ ମସିହା ସୁଦ୍ଧା ତା' ବି ମାଗଣାରେ ମିଳିବାର ଯୋଜନା ହେଉଛି । ଔଷଧ ତିଆରିରେ କୌଣସି ପ୍ରକାର ଅବୈଜ୍ଞାନିକ ପଦ୍ଧତି ଏକାବେଳକେ ଅସମ୍ଭବ; କାରଣ ଔଷଧ ତିଆରି ଭେଷଜ ବିଜ୍ଞାନ ଆକାଦେମୀର ବିଶେଷଜ୍ଞମାନଙ୍କ ତତ୍ତ୍ୱାବଧାନରେ ହୁଏ ଏବଂ ଔଷଧର ଗୁଣାତ୍ମକ ମାନ ପ୍ରତି କଡ଼ା ଦୃଷ୍ଟି ଦିଆ ଯାଇଥାଏ । ଖରାପ ଔଷଧ ତିଆରି କଲେ କାହାର ବ୍ୟକ୍ତିଗତ ଲାଭ ହେବାର କୌଣସି ସମ୍ଭାବନା ନଥିବାରୁ ଖରାପ ଔଷଧ ତିଆରି ହେବ ବା କାହିଁକି ? ଏହି ଔଷଧଗୁଡ଼ିକ ସରକାରୀ ନିୟନ୍ତ୍ରିତ ଦୋକାନରେ ବିକ୍ରି ହୁଏ ଏବଂ ଏହି ଦୋକାନ ସବୁ ବିଭିନ୍ନ ଅଞ୍ଚଳରେ ସ୍ଥାପିତ ହୋଇଥାଏ ।

୧୯୪୦ ମସିହାରେ ସ୍ୱାସ୍ଥ୍ୟ ବିଭାଗରେ ନବେକୋଟି ରୁବଲ୍ ଖର୍ଚ୍ଚ ହେଉଥିଲା ବେଳେ ୧୯୬୪ରେ ଏହା ବଢ଼ି ବଢ଼ି ୫୪୦ କୋଟି ରୁବଲ୍‌ରେ ପହଞ୍ଚିଲାଣି । ପ୍ରତି ରୋଗୀର ଚିକିତ୍ସା ପାଇଁ ଦେଢ଼ଶହଠାରୁ ଶହେଅଶୀ ରୁବଲ୍‌ଯାଏଁ ଖର୍ଚ୍ଚ ହେଉଛି । ଉଦାହରଣ ସ୍ୱରୂପ କୌଣସି ଗୋଟିଏ

Digitized by PPRACHIN, SOA

ଅପରେଶନ୍ ପାଇଁ ଜଣେ ରୋଗୀ ଡାକ୍ତରଖାନାରେ ଚାରିଦିନ ରହିଲେ ତା ପିଛା ଡାକ୍ତରଖାନା ପ୍ରାୟ ଅଠଷଠି ରୁବଲ୍ ଖର୍ଚ୍ଚ କରେ । ଜଣେ ମାଆ ଶିଶୁ ପ୍ରସବ ପାଇଁ ଯଦି ଡାକ୍ତରଖାନାରେ ପ୍ରାୟ ୯ଦିନ ରହେ, ତା' ପାଇଁ ଖର୍ଚ୍ଚ ହୁଏ ଏକଶହ ପଞ୍ଚସ୍ତରୀ ରୁବଲ୍ । ଏ ସମସ୍ତ ଚିକିତ୍ସା ବ୍ୟବସ୍ଥା ଯେ କେବଳ ରୁଷବାସୀ ମାଗଣାରେ ପାଆନ୍ତି ତା ନୁହେଁ, ଯେକୌଣସି ବିଦେଶୀ ଲୋକ ସୋଭିଏତ୍ ରୁଷରେ ଥିଲାବେଳେ ସମସ୍ତ ପ୍ରକାର ସୁବିଧା ପାଇଥାଏ । ଥରେ କୌଣସି ଉପାୟରେ ଅନ୍ୟ ଦେଶର ରୋଗୀଟିଏ ରୁଷ ଦେଶରେ ପହଞ୍ଚିଗଲେ ତା ହାତରୁ କିଛି ଖର୍ଚ୍ଚ ହୁଏନାହିଁ । ସେ ଯେକୌଣସି ବିଶିଷ୍ଟ ବିଶେଷଜ୍ଞର ଅଧୀନରେ ଚିକିତ୍ସିତ ହୋଇପାରିବ । ବର୍ତ୍ତମାନ ପ୍ରତ୍ୟେକ ବିଭାଗରେ ବିଶେଷଜ୍ଞଙ୍କ ସଂଖ୍ୟା ଏତେ ବେଶୀ ଯେ, ପ୍ରତ୍ୟେକ ମଧ୍ୟମ ଧରଣର କ୍ଲିନିକ୍‌ରେ ବି ଏମାନେ ଥାଆନ୍ତି-ତେଣୁ ବିଶେଷଜ୍ଞ ଚିକିତ୍ସା ପାଇଁ ପଇସା ଖର୍ଚ୍ଚ କରି ଦୂର ସହରକୁ ଯିବାର ଆବଶ୍ୟକତା ଏଠାରେ ଆଉ ନାହିଁ ।

ଅନେକ ସମୟରେ ରୋଗୀର ଚିକିତ୍ସା ପାଇଁ ସମସ୍ତ ବନ୍ଦୋବସ୍ତ କରିଦେଲେ ଯଥେଷ୍ଟ ହୁଏ ନାହିଁ । ରୋଗୀ ପାଖରେ ଅତି କମ୍ ସମୟରେ ଚିକିତ୍ସା ପହଞ୍ଚିବା ଦରକାର । ଏ ଦିଗରେ ଯେତେ ପ୍ରକାର ବ୍ୟବସ୍ଥା ହୋଇଛି, ତାହା ଅତ୍ୟନ୍ତ ଦକ୍ଷତାର ସହିତ କାର୍ଯ୍ୟକାରୀ ହୁଏ । ସହରର ଯେକୌଣସି ସ୍ଥାନରୁ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ଗାଡ଼ି ମଗାଇବା ପାଇଁ ତିନି ମିନିଟ୍ ସମୟ ଲାଗେ ଏବଂ ମଫସଲ ଅଞ୍ଚଳରେ ପାଞ୍ଚ ମିନିଟ୍‌ରେ ଗାଡ଼ି ଆସି ପହଞ୍ଚିପାରେ । ଏହି ଗାଡ଼ିଗୁଡ଼ିକରେ ରେଡ଼ିଓ ଟେଲିଫୋନ୍ ଖଞ୍ଜା ହୋଇଥିବାରୁ ଗାଡ଼ିରୁ ଡାକ୍ତରଖାନା ସହିତ କଥାବାର୍ତ୍ତା କରିହୁଏ । ଡାକ୍ତରଖାନାମାନଙ୍କରେ ଡାକ୍ତର ଓ ନର୍ସମାନଙ୍କ ପକେଟ୍‌ରେ ଗୋଟିଏ ପ୍ରକାର ଛୋଟିଆ ରେଡ଼ିଓ ଅଛି, ଯାହା ସାହାଯ୍ୟରେ ଡାକ୍ତର ନର୍ସକୁ ଓ ନର୍ସ ଡାକ୍ତରକୁ ତତ୍‌କ୍ଷଣାତ୍ ଖବର ଦେଇପାରେ । ମଫସଲ ଅଞ୍ଚଳର କେନ୍ଦ୍ର ଡାକ୍ତରଖାନାମାନଙ୍କରେ ହେଲିକପ୍ଟର ଆମ୍ବୁଲାନ୍ସ ଅଛି, କାରଣ ଏହା ସାହାଯ୍ୟରେ ଅଳ୍ପ ସମୟ ଭିତରେ ଗୁରୁତର ଭାବରେ ପୀଡ଼ିତ ରୋଗୀକୁ ଚିକିତ୍ସା କେନ୍ଦ୍ରକୁ ପଠାଇବାର ବନ୍ଦୋବସ୍ତ କରାଯାଏ । ୧୯୬୩ରେ ହେଲିକପ୍ଟର ସାହାଯ୍ୟରେ ଏହିପରି ପ୍ରାୟ ପାଞ୍ଚଲକ୍ଷ ରୋଗୀଙ୍କର ସେବା କରାଯାଇପାରିଥିଲା । ଏଥିରୁ ଜଣାଯିବ, ସେମାନେ ମନୁଷ୍ୟ ଜୀବନକୁ କେତେ ବେଶୀ ମୂଲ୍ୟବାନ୍ ମନେ କରନ୍ତି ।

ଏ ତ ଗଲା ଚିକିତ୍ସା ବ୍ୟବସ୍ଥା, ତା'ଛଡ଼ା ରୁଷ ଡାକ୍ତରମାନେ ରୋଗର ଚିକିତ୍ସା ପାଇଁ ଯେତେ କଡ଼ା ନଜର ଦିଅନ୍ତି, ରୋଗର ନିରାକରଣ ପାଇଁ ସେପରି ବ୍ୟାପକ ଆୟୋଜନ କରିଥାଆନ୍ତି । ସ୍ୱାସ୍ଥ୍ୟରକ୍ଷା ଓ ପ୍ରତିଷେଧକ ବ୍ୟବସ୍ଥା ପାଇଁ ସୋଭିଏତ୍ ରୁଷ୍‌ରେ ୩୩,୭୦୦ ଡାକ୍ତର କାମ କରନ୍ତି । ସେମାନେ କଳକାରଖାନା, ସ୍କୁଲ କଲେଜ, ହୋଟେଲ୍, ଡାକ୍ତରଖାନା ପ୍ରଭୃତି ଯେକୌଣସି ସର୍ବସାଧାରଣ ଅନୁଷ୍ଠାନକୁ ଯେତେବେଳେ ସେତେବେଳେ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ବନ୍ଦ କରିଦେଇପାରନ୍ତି କିମ୍ବା ଜୋରିମାନା କରିଦେଇ ପାରନ୍ତି । ସେମାନଙ୍କ ହାତରେ ଅଖଣ୍ଡ କ୍ଷମତା । ଆମେ ରହୁଥିବା ହୋଟେଲ୍ ଭିତରେ ଗୋଟିଏ ପ୍ରତିଷେଧକ ୟୁନିଟ୍ ଥିବାର ଦେଖିଲୁ । ସେମାନଙ୍କର କାମ ହେଲା ହୋଟେଲର ଖାଦ୍ୟ, ବାହାରୁ ଆସୁଥିବା ଦୁଧ, ପାଣି ପ୍ରଭୃତି ଯାବତୀୟ ଖାଦ୍ୟ ଜିନିଷ ପ୍ରତ୍ୟେକ ଦିନ ତନଖି କରିବା ଏବଂ ହୋଟେଲରେ ପରିଷ୍କାର ପରିଚ୍ଛନ୍ନତା ଦିଗରେ କଡ଼ା ନଜର ରଖିବା । ଶୁଣିଲୁ, ପ୍ରତ୍ୟେକ ସର୍ବସାଧାରଣ ଅନୁଷ୍ଠାନରେ ଏ ପ୍ରକାର ବନ୍ଦୋବସ୍ତ ଅଛି । ଏମାନେ କଳକାରଖାନାର ମଇଳା ପାଣି, ଦୂଷିତ ବାୟୁ ପ୍ରଭୃତି ଲାଗି ସଂପୂର୍ଣ୍ଣ ଭାବେ ଦାୟୀ- ତା'ଛଡ଼ା ଏମାନଙ୍କର କାମ ହେଲା ସାରା ଦେଶରେ ଲୋକଙ୍କୁ ବିଶେଷତଃ ଛୋଟପିଲାଙ୍କୁ ରୋଗ ପ୍ରତିଷେଧକ ଔଷଧ ଓ ଇଞ୍ଜେକ୍ସନ ଦେବା । ଫଳରେ ୧୯୫୯ ମସିହାଠାରୁ ସୋଭିଏତ୍ ରୁଷ୍‌ରେ କୌଣସି ପ୍ରକାର ସଂକ୍ରାମକ ରୋଗ ଦେଖାଦେଇ ନାହିଁ । ବର୍ତ୍ତମାନ ରୁଷବାସୀ କଲେରା, ବସନ୍ତ, ଟାଇଫଏଡ୍,

Digitized by PPRACHIN, SOA

ଶିଶୁପକ୍ଷାଘାତ, ଡିପ୍‌ଥେରିଆ ପ୍ରଭୃତି ରୋଗଗୁଡ଼ିକୁ ଭୁଲିଯିବାକୁ ବସିଲେଣି । ରୋଗ ପ୍ରତିଷେଧକ ଦିଗରେ ଏପରି ବ୍ୟାପକ ବ୍ୟବସ୍ଥା ପରେ ବର୍ତ୍ତମାନ ଅନେକସ୍ଥାନରେ ରୋଗୀସଂଖ୍ୟା କମିଯିବାକୁ ବସିଲାଣି । କେତେକ ଡାକ୍ତରଖାନାରେ ଆମେ ଖାଲି ବିଛଣା ଦେଖି ପ୍ରଶ୍ନ କରିବାରୁ ସେମାନେ କହିଲେ ଯେ, ପ୍ରତି ହଜାରେ ଲୋକଙ୍କ ପାଇଁ ୯ଟି ବିଛଣା ରହିବାର ବ୍ୟବସ୍ଥା ଅଛି, କିନ୍ତୁ ସେହି ଅନୁପାତରେ ରୋଗୀ ନ ଆସିବାରୁ ବିଛଣା ଖାଲି ରହୁଛି । ଏ ପ୍ରକାର ଅଭିନବ ବ୍ୟବସ୍ଥା ମୁଁ ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଦେଖି ନଥିଲି । ବିଛଣା ଥାଇ ରୋଗୀ ନଥିବାର ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବାର କଥା । ଏହି ଗୋଟିଏ କଥାରୁ ଜଣାଯିବ ଯେ, ସେମାନଙ୍କର ରୋଗ ପ୍ରତିଷେଧକ ବ୍ୟବସ୍ଥା କେତେ ବେଶୀ ଫଳପ୍ରଦ ।

ରୋଗୀମାନଙ୍କର ରହିବା ପାଇଁ ଡାକ୍ତରଖାନାରେ ସିନା ଭିଡ଼ କମୁଛି; କିନ୍ତୁ ସ୍ୱାସ୍ଥ୍ୟ ବିଷୟରେ ପରାମର୍ଶ ପାଇଁ ପଲି କ୍ଲିନିକ୍‌କୁ ବହୁତ ଲୋକ ଆସନ୍ତି । ପଲିକ୍ଲିନିକ୍‌ରେ ରହିବା ବ୍ୟବସ୍ଥା ନାହିଁ—ସେଠାରେ କେବଳ ରୋଗ ନିଦାନ ହୁଏ । ଆମେ ତାସ୍‌କେଣ୍ଟ ସହରରେ ଗୋଟିଏ କାରଖାନା ପାଇଁ ତିଆରି ହୋଇଥିବା ପଲିକ୍ଲିନିକ୍‌କୁ ଯାଇଥିଲୁ । ସେ ଏପରି ଗୋଟିଏ ବିରାଟ କୋଠା ଯେ, ପ୍ରଥମେ ଦେଖି ମୁଁ ଭାବିଥିଲି ଏହା ତାସକେଣ୍ଟ ସହରର ପ୍ରଧାନ ଡାକ୍ତରଖାନା; କିନ୍ତୁ ପ୍ରକୃତରେ କେବଳ ସେହି କାରଖାନାର ଶ୍ରମିକମାନଙ୍କ ପାଇଁ ଏ ବିରାଟ କ୍ଲିନିକ୍‌ଟି ତିଆରି ହୋଇଛି । ସେଠାରେ ସମସ୍ତ ପ୍ରକାର ବିଭାଗ ରହିଛି ଏବଂ ପ୍ରତ୍ୟେକ ବିଭାଗରେ ବିଶେଷଜ୍ଞମାନେ ରହିଛନ୍ତି । ହିସାବରୁ ଜଣାଯାଏ ଯେ, ଏ ପ୍ରକାର କ୍ଲିନିକ୍‌କୁ ପ୍ରତ୍ୟେକ ନାଗରିକକୁ ବର୍ଷରେ ପ୍ରାୟ ଦଶଥର ଡାକ୍ତରୀ ପରାମର୍ଶ ପାଇଁ ଯିବାକୁ ହୁଏ । ଡାକ୍ତର ପରାମର୍ଶ ଯେତେ ବେଶୀ ହେବ, ରୋଗ ଗୁରୁତର ହେବାର ସମ୍ଭାବନା ସେତେ କମ୍ ହେବ ଏବଂ ରୋଗୀର ଡାକ୍ତରଖାନାରେ ରହିବାର ସମ୍ଭାବନା ମଧ ସେତେ କମିଯିବ । ଡାକ୍ତରଖାନାର ବିଛଣା ଯେତେ ଯେତେ ଖାଲି ହେବ, ଏହି କ୍ଲିନିକ୍‌ର କାମ ସେତେ ସେତେ ବେଶୀ ହେବା ସ୍ୱାଭାବିକ । ତେଣୁ ଡାକ୍ତରୀ କ୍ଲିନିକ୍ ଦେଶର ଚାରିଆଡ଼େ ରହିଛି । ସବୁଠୁ ଛୋଟ କ୍ଲିନିକ୍‌ରେ ଦିନକୁ ଚାରିଶହ ଏବଂ ସବୁଠୁ ବଡ଼ କ୍ଲିନିକ୍‌ରେ ଦିନକୁ ବାରଶହ ଯାଏ ରୋଗୀଙ୍କୁ ପରାମର୍ଶ ଦିଆହୁଏ । ଏହି ସବୁ କ୍ଲିନିକ୍‌ରେ ସବୁପ୍ରକାର ବିଶେଷଜ୍ଞ ରହନ୍ତି; କିନ୍ତୁ ମଫସଲ ଅଞ୍ଚଳରେ ପ୍ରତି ଚାରିହଜାର ଲୋକଙ୍କ ପାଇଁ ଗୋଟିଏ କ୍ଲିନିକ୍ ଏବଂ ସେଠାରେ ଜଣେ ଡାକ୍ତର ଓ କେତେ ଜଣ ନର୍ସ ଥାଆନ୍ତି । ସେମାନେ ରୋଗୀକୁ କ୍ଲିନିକ୍‌ରେ ଦେଖିଲା ପରେ କେତେକ ରୋଗୀଙ୍କ ଘରକୁ ମଧ ଯାଆନ୍ତି ଏବଂ ଏହିପରି କେତେଗୋଟି ଛୋଟିଆ କ୍ଲିନିକ୍ ପାଇଁ ଗୋଟିଏ ବଡ଼ କ୍ଲିନିକ୍ ଅଛି, ଯେଉଁଠାରେ ବିଶେଷଜ୍ଞମାନେ ଥାଆନ୍ତି । ତା'ଛଡ଼ା ଭ୍ରମଣକାରୀ ନର୍ସମାନେ ଘରଘର ବୁଲି ଗର୍ଭବତୀ ସ୍ତ୍ରୀ, ଶିଶୁ ଓ ଅନ୍ୟାନ୍ୟ ରୋଗୀମାନଙ୍କର ଖବର ନିଅନ୍ତି ।

ଲୋକଙ୍କୁ ପଚାରି ବୁଝିଲୁ ଯେ, ସେମାନେ ଥରେ ଡାକ୍ତର ପାଖକୁ ଗଲେ ସେମାନଙ୍କର ସମସ୍ତ ପ୍ରକାର ପରୀକ୍ଷା ସାଙ୍ଗେ ସାଙ୍ଗେ କରାହୁଏ । ଝାଡ଼ା, ପରିସ୍ରା, ରକ୍ତ ପରୀକ୍ଷା, ଛାତି ଏକ୍ସରେ, ହୃଦ୍‌ଯନ୍ତ୍ର ସାହାଯ୍ୟରେ ହୃଦ୍ ପରୀକ୍ଷା ପ୍ରଭୃତି ଅତି ସାଧାରଣ କଥା । ଏସବୁ ପରୀକ୍ଷା ପରେ ଯାଇ ଡାକ୍ତର ରୋଗୀର ନିଦାନ କରନ୍ତି ଏବଂ ରୋଗୀ ଯଦି ଦୁର୍ବଳ ଅନୁଭବ କରେ, ଅଥଚ କୌଣସି ରୋଗର ନିଦାନ ହଠାତ୍ ହୋଇପାରେନାହିଁ, ରୋଗୀକୁ ସାଙ୍ଗେ ସାଙ୍ଗେ ସ୍ୱାସ୍ଥ୍ୟ ନିବାସକୁ ପଠାଇବାର ବନ୍ଦୋବସ୍ତ କରାଯାଏ । ଡାକ୍ତର ପରାମର୍ଶରେ ରୋଗୀ ଯେତେଦିନ ଯାଏ ରହେ, ସେ ପୂରା ଦରମା ସହ ଛୁଟି ପାଏ ଏବଂ ତାର ଚିକିତ୍ସା ଓ ସ୍ୱାସ୍ଥ୍ୟ ନିବାସର କୌଣସି ଖର୍ଚ୍ଚ ନିଜକୁ ଦେବାକୁ ପଡ଼େ ନାହିଁ ।

ସୋଭିଏତ୍ ରୁଷର ସ୍ୱାସ୍ଥ୍ୟ ନିବାସ ଚିକିତ୍ସା ଗୋଟିଏ ଅଭିନବ ବ୍ୟବସ୍ଥା । ରୁଷ ଦେଶର ବିଭିନ୍ନ ଉଷ୍ଣ ପ୍ରସ୍ରବଣ, କୃଷ୍ଣସାଗର ଉପକୂଳ କିମ୍ବା ବଡ଼ ବଡ଼ ହ୍ରଦ ପାଖରେ ଥିବା ସୁରମ୍ୟ ସ୍ଥାନ

Digitized by PPRACHIN, SOA

କିମ୍ବା ପାହାଡ଼ ପର୍ବତ ଉପରେ ଥିବା ସ୍ୱାସ୍ଥ୍ୟକର ସ୍ଥାନମାନଙ୍କରେ ସ୍ୱାସ୍ଥ୍ୟନିବାସମାନ ତିଆରି ହୋଇଛି ଏବଂ ଏହିସବୁ ସ୍ଥାନମାନଙ୍କରେ ବିଶ୍ରାମ ପାଇଁ ଲୋକଙ୍କୁ ପଠାଯାଏ । ବର୍ଷକୁ ପ୍ରାୟ ନବେ ଲକ୍ଷ ଲୋକ ଏ ପ୍ରକାର ସୁବିଧା ଉପଭୋଗ କରନ୍ତି । ଅଧିକାଂଶ ଲୋକ ଏହି ସୁବିଧା ବିନା ଖର୍ଚ୍ଚରେ କିମ୍ବା ସାମାନ୍ୟ ମାତ୍ର ଖର୍ଚ୍ଚରେ ପାଇଥାଆନ୍ତି । ସାରା ଦେଶରେ ୨୧୨୪ଟି ଏପରି ସ୍ୱାସ୍ଥ୍ୟନିବାସ ରହିଛି ଏବଂ ଏସବୁ ସ୍ଥାନରେ ସାଢ଼େ ତିନିଲକ୍ଷ ଲୋକଙ୍କ ପାଇଁ ରହିବାର ବ୍ୟବସ୍ଥା ଅଛି । ଏହାଛଡ଼ା ଦୁର୍ବଳ ଶିଶୁମାନଙ୍କ ପାଇଁ ଜଙ୍ଗଲ ଭିତରେ, ପାହାଡ଼ ଉପରେ, ସମୁଦ୍ରକୂଳେ ନାନା ପ୍ରକାରର ସ୍କୁଲ ଓ ସ୍ୱାସ୍ଥ୍ୟନିବାସମାନ ମଧ୍ୟ ରହିଛି ।

ଅତ୍ୟାଧୁନିକ ଚିକିତ୍ସା, ଅତି ବ୍ୟାପକ ପ୍ରତିଷେଧକ ଓ ରୋଗ ନିରାକରଣ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟ ନିବାସ ସଂସ୍ଥା ବ୍ୟତୀତ ଆଉ ଗୋଟିଏ କଥା ଆମମାନଙ୍କୁ ଖୁବ୍ ବେଶୀ ସ୍ପର୍ଶ କଲା । ତାହା ହେଉଛି ମାଆ ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପାଇଁ ବିଶେଷ ଆୟୋଜନ । କେବଳ ଶିଶୁ-ଚିକିତ୍ସା-ବିଶେଷଜ୍ଞ ହେଉଛନ୍ତି ପଞ୍ଚଷଠି ହଜାର ଏବଂ ସ୍ତ୍ରୀ ରୋଗ ବିଶାରଦଙ୍କ ସଂଖ୍ୟା ବତିଶି ହଜାର । ତା'ଛଡ଼ା ପଚିଶ ହଜାର ଡାକ୍ତର ଓ ନର୍ସ କେବଳ ପ୍ରସବ ବିଭାଗରେ କାମ କରୁଛନ୍ତି । ଏହା ଫଳରେ ପ୍ରସୂତି ରୋଗଜନିତ ମୃତ୍ୟୁହାର ଶତକଡ଼ା ୦.୦୬ ଭାଗକୁ କମି ଆସିଲାଣି ।

ଯେଉଁ ଦେଶର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏପ୍ରକାର ବ୍ୟାପକ ଚିକିତ୍ସା ବ୍ୟବସ୍ଥା ଅଛି, ସେ ଦେଶର ଲୋକମାନଙ୍କର ହାରାହାରି ଆୟୁ ବଢ଼ିବା ଅତ୍ୟନ୍ତ ସ୍ୱାଭାବିକ । ରୁଷ ଦେଶର ସ୍ତ୍ରୀମାନଙ୍କର ହାରାହାରି ଆୟୁ ବଢ଼ି ବଢ଼ି ୭୩ରେ ପହଞ୍ଚିଲାଣି ଏବଂ ପୁରୁଷମାନଙ୍କର ଆୟୁ ୬୫ । ଯେଉଁ ଦେଶର ହାରାହାରି ଆୟୁ ୧୮୯୬ରେ ୩୨ ଏବଂ ୧୯୨୬ରେ ୪୪ ଥିଲା, ସେ ଦେଶର ହାରାହାରି ଆୟୁ ବର୍ତ୍ତମାନ ୭୦ରେ ପହଞ୍ଚିଲାଣି । ରୁଷ ଡାକ୍ତରମାନେ ଏହାକୁ ବଢ଼ାଇ ବଢ଼ାଇ ଏହି ଶତାବ୍ଦୀର ଶେଷ ଭାଗକୁ ଏକଶହରେ ପହଞ୍ଚାଇ ଦେଇପାରିବେ ବୋଲି ଦୃଢ଼ ଆତ୍ମବିଶ୍ୱାସ ପ୍ରକାଶ କରିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

■■■

Digitized by PPRACHIN, SOA

ଶିକ୍ଷା

ସୋଭିଏତ୍ ରୁଷର ବଳିଷ୍ଠ ସାମାଜିକ ଜୀବନ ଓ ଆଦର୍ଶ ଏବଂ ଅଭୂତପୂର୍ବ ଅର୍ଥନୈତିକ ସାଫଲ୍ୟ ତାହାର ବିରାଟ ଶିକ୍ଷାସଂସ୍ଥା ଓ ବୈପ୍ଳବିକ ଶିକ୍ଷାନୀତି ଯୋଗୁଁ ଏତେ ଅଳ୍ପ ସମୟ ଭିତରେ ସମ୍ଭବ ହୋଇପାରିଛି । ବିଲାତ, ଆମେରିକା ପରି ପୁରାତନ ସଭ୍ୟ ଦେଶମାନେ ବହୁ ପୂର୍ବରୁ ଶିକ୍ଷା ଓ ଗବେଷଣା ଦିଗରେ ଅଗ୍ରଣୀ ହୋଇଥିଲେ ସୁଦ୍ଧା ମାତ୍ର କେତେଟା ବର୍ଷ ଭିତରେ ସୋଭିଏତ୍ ରୁଷ ଏମାନଙ୍କୁ ଟପିଯିବାକୁ ବସିଲାଣି । ରୁଷରେ ଡାକ୍ତର, ଇଞ୍ଜିନିୟର ଓ ଅନ୍ୟାନ୍ୟ ବିଶେଷଜ୍ଞ ସଂଖ୍ୟା ଯେ କେବଳ ବେଶୀ ତା ନୁହେଁ, ଅନ୍ତରୀକ୍ଷ ଗବେଷଣା, ଜୈବିକ ଗବେଷଣା, ଇଞ୍ଜିନିୟରିଂ, ଗଣିତ ପ୍ରଭୃତି କେତେକ କ୍ଷେତ୍ରରେ ରୁଷ ବୈଜ୍ଞାନିକ ପୃଥିବୀର ଅନ୍ୟମାନଙ୍କୁ ଟପିଯିବାରେ ବସିଛି । ତେଣୁ ଭାରତ ପରି ଉନ୍ନୟନଶୀଳ ଦେଶମାନେ ଶିକ୍ଷା ଓ ଗବେଷଣା ଦିଗରେ ସୋଭିଏତ୍ ରୁଷରୁ ବହୁତ ପ୍ରେରଣା ଲାଭ କରୁଛନ୍ତି । ଶିକ୍ଷାବିତ୍ ହିସାବରେ ସୋଭିଏତ୍ ରୁଷର ଏହି ଯାଦୁକରୀ ଶିକ୍ଷା ସଂସ୍ଥା ଦେଖିବା ପାଇଁ ଗଭୀର ଆଗ୍ରହ ମୋର ହେବା ସ୍ୱାଭାବିକ । ତେଣୁ ସ୍କୁଲ ଶିକ୍ଷକ, ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅନ୍ୟାନ୍ୟ ଶିକ୍ଷାବିତ୍ଙ୍କ ସହିତ ଶିକ୍ଷା ବିଷୟରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ବହୁ ଶିକ୍ଷାନୁଷ୍ଠାନ ଦେଖିବାର ସୁଯୋଗ ମୋତେ ମିଳିଥିଲା ।

ଆଧୁନିକ ଯୁଗର ଶିକ୍ଷା ସମ୍ବନ୍ଧୀୟ ଦାର୍ଶନିକ ନୀତି ହେଉଛି, ପ୍ରତ୍ୟେକ ନାଗରିକର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମଗ୍ର ଜୀବନକାଳ ପାଇଁ ଶିକ୍ଷାର ସମସ୍ତ ଆୟୋଜନ ହେବା ଆବଶ୍ୟକ । ସୋଭିଏତ୍ ରୁଷରେ ଏହି ନୀତିର ପ୍ରକୃତ ପ୍ରୟୋଗ ଦେଖାଯାଏ । ଜନ୍ମଠାରୁ ତିନିବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁ କ୍ରେଚ୍ ନାମକ ଶିଶୁ ଅନୁଷ୍ଠାନରେ ଦୈନିକ କିଛି ସମୟ କଟାଏ । ସୋଭିଏତ୍ ଦେଶରେ ପ୍ରତ୍ୟେକ ସ୍ତ୍ରୀ ପୁରୁଷ କାମ କରନ୍ତି । ତେଣୁ କୃଷିକାର୍ଯ୍ୟ ବା ଅନ୍ୟାନ୍ୟ ଯେକୌଣସି କାର୍ଯ୍ୟ କରୁଥିବା ମା ତା'ର ଶିଶୁକୁ ନେଇ କ୍ରେଚ୍‌ରେ ଛାଡ଼ିଦିଏ । ଏଠାରେ ଏପରି କୌଣସି କାର୍ଯ୍ୟାଳୟ କିମ୍ବା ଶିକ୍ଷାନୁଷ୍ଠାନ ନାହିଁ, ଯେଉଁଠି ଛୋଟ ପିଲାଙ୍କ ପାଇଁ କ୍ରେଚ୍ ନାହିଁ । ଏହି କ୍ରେଚ୍‌ଗୁଡ଼ିକ ପ୍ରତ୍ୟେକ ଶିକ୍ଷାବିତ୍‌ଙ୍କର ଦେଖିବାର କଥା । ସେଠାରେ ଶିଶୁପାଳନରେ ବିଶେଷ ଶିକ୍ଷାଲାଭ କରିନ ଥିବା ନର୍ସ, ଡାକ୍ତର ଓ ମନୋବୈଜ୍ଞାନିକମାନେ ଥାଆନ୍ତି । ସେମାନେ ପିଲାର ସମସ୍ତ କଥା ବୁଝନ୍ତି । କ୍ରେଚ୍‌କୁ ଆସିଲା ପରେ ତାର ଜାମା ଖୋଲି କ୍ରେଚ୍‌ର ଜୀବାଣୁ ପ୍ରତିଷେଧ ହୋଇଥିବା ଜାମା ତାକୁ ପିନ୍ଧାଇ ଦିଆଯାଏ । ପ୍ରତ୍ୟେକ ଦିନ ତାର ଓଜନ ନିଆହୁଏ-ତାର ଖାଇବା, ପିଇବା, ଶୋଇବା ପ୍ରଭୃତି ଦୈନନ୍ଦିନ ଅଭ୍ୟାସ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ଅନୁସାରେ ସାଧିତ ହୋଇଥାଏ । ଡାକ୍ତରୀ ପରୀକ୍ଷା ମଧ ନିୟମିତ ଭାବରେ ହୁଏ । ତା'ଛଡ଼ା ଶିଶୁ ମନୋବିଜ୍ଞାନ ଅନୁଯାୟୀ ଭିନ୍ନ ଭିନ୍ନ ବୟସର ପିଲାଙ୍କର ମାନସିକ ବିକାଶର ସ୍ତର ଅନୁସାରେ ସେମାନଙ୍କୁ ବିଭିନ୍ନ ପ୍ରକାରର ଖେଳଣା ଖେଳିବା ପାଇଁ ଦିଆଯାଏ । ଏହି ଖେଳଣାସବୁ ନାନା ଧରଣର । ସୋଭିଏତ୍ ମନସ୍ତତ୍ତ୍ୱବିତ୍‌ମାନେ ବିଶ୍ୱାସ କରନ୍ତି ଯେ, ଜଟିଳ ଓ

Digitized by PPRACHIN, SOA

କାର୍ଯ୍ୟୋଦ୍ଦୀପକ ପରିବେଶ ଅନୁସାରେ ଶିଶୁର ମାନସିକ ବିକାଶ ସାଧିତ ହୁଏ । ତେଣୁ ଏହି କଣ୍ଢେଇ ଖେଳ ସାହାଯ୍ୟରେ ପିଲାମାନଙ୍କଠାରେ ବିଭିନ୍ନ ମାନସିକ ଶକ୍ତି ସୃଷ୍ଟି କରାହୁଏ । ତେଣୁ ଏହାକୁ ଶିକ୍ଷା ସଂସ୍କାର ଗୋଟିଏ ବିଶିଷ୍ଟ ଅଂଶ ବୋଲି ଧରାଯାଏ ।

ତାପରେ ତିନି ବର୍ଷରୁ ସାତ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନେ କିଣ୍ଡର ଗାର୍ଟେନ୍ ନାମକ ଶିକ୍ଷାନୁଷ୍ଠାନରେ ପ୍ରତ୍ୟେକ ଦିନ କିଛି କିଛି ସମୟ କଟାନ୍ତି । ଅର୍ଥାତ୍ ମା'ମାନେ ସପ୍ତାହକୁ ଯଦି ୪୦ଘଣ୍ଟା କାମ କରନ୍ତି, ସେମାନଙ୍କର ପିଲାଏ ଅନ୍ତତଃ ୪୦ ଘଣ୍ଟା କ୍ରେଚ୍ ଏବଂ କିଣ୍ଡରଗାର୍ଟେନ୍‌ରେ ରହନ୍ତି । ଏହି ଅନୁଷ୍ଠାନରେ ପିଲାଙ୍କର ମଧ୍ୟ ଶାରୀରିକ ଓ ମାନସିକ ବିକାଶ ଲାଗି ସମସ୍ତ ବନ୍ଦୋବସ୍ତ ହୋଇଥାଏ । ସୁଷମ ଖାଦ୍ୟ ଏମାନଙ୍କୁ ଦିଆଯାଏ । ନାନା ପ୍ରକାର ଖେଳ ଭିତର ଦେଇ ଏମାନେ ବହୁ କଥା ଶିଖିଥାଆନ୍ତି । ଏହିପରି ଚଉଷଠି ଲକ୍ଷ ପିଲାଙ୍କ ପାଇଁ କ୍ରେଚ୍ ଓ କିଣ୍ଡରଗାର୍ଟେନ୍ ବ୍ୟବସ୍ଥା କରାହୋଇଛି । କିଣ୍ଡରଗାର୍ଟେନ୍ ପରେ ସାତବର୍ଷ ବୟସରେ ପିଲାମାନେ ସ୍କୁଲକୁ ଯାଆନ୍ତି ଏବଂ ତାପରେ ଆଠବର୍ଷ ସ୍କୁଲ ଶିକ୍ଷା ପ୍ରତ୍ୟେକ ପିଲାଙ୍କ ପାଇଁ ବାଧ୍ୟତାମୂଳକ । ଅର୍ଥାତ୍ ପନ୍ଦର ବର୍ଷ ପର୍ଯ୍ୟନ୍ତ ସାରା ସୋଭିଏତ୍ ଦେଶର ପିଲାମାନେ ସ୍କୁଲରେ ପଢ଼ିବାକୁ ବାଧ୍ୟ । ତାପରେ ଆଉ ଦୁଇବର୍ଷ ପଢ଼ିଲେ ଅର୍ଥାତ୍ ଦଶବର୍ଷ ଶିକ୍ଷା ପାଇବା ପରେ ସ୍କୁଲ କିମ୍ବା ବିଶ୍ୱବିଦ୍ୟାଳୟ ଶିକ୍ଷା ପାଇଁ ଚାରିରୁ ପାଞ୍ଚବର୍ଷ ଯାଏଁ ଲାଗେ । ଏ ସମସ୍ତ ପ୍ରକାର ଶିକ୍ଷା ପାଇଁ କାହାରିକୁ ଦରମା ଦେବାକୁ ପଡ଼େନାହିଁ; ବରଂ ଶତକଡ଼ା ସତୁରୀ-ପଞ୍ଚସ୍ତରୀ ଛାତ୍ରଛାତ୍ରୀ ସରକାରୀ ବୃତ୍ତି ପାଇ ପଢ଼ନ୍ତି । ତା'ଫଳରେ ସେମାନଙ୍କୁ ହଷ୍ଟେଲ ଓ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ହାତରୁ ଦେବାକୁ ପଡ଼େ ନାହିଁ । ଯେଉଁମାନଙ୍କର ପାରିବାରିକ ଆୟ ମୁଣ୍ଡପିଛା ମାସିକ ପଞ୍ଚସ୍ତରୀ ରୁବଲ୍, ସେମାନଙ୍କୁ ବୃତ୍ତି ମିଳେନାହିଁ । ତା'ଛଡ଼ା ଅନ୍ୟ ସମସ୍ତେ ମାସକୁ ପଚାଶ ଷାଠିଏ ଯାଏ ରୁବଲ୍ ବୃତ୍ତି ପାଆନ୍ତି । ହିସାବରୁ ଜଣାଯାଏ, ପ୍ରତ୍ୟେକ ଛାତ୍ରଛାତ୍ରୀ ପାଇଁ ସୋଭିଏତ୍ ସରକାର ମାସକୁ ପ୍ରାୟ ଶହେ ରୁବଲ୍ ଯାଏଁ ଖର୍ଚ୍ଚ କରନ୍ତି ।

ଇଂଲଣ୍ଡ, ଆମେରିକା ପ୍ରଭୃତି ପାଶ୍ଚାତ୍ୟ ଦେଶରେ ମଧ୍ୟ ସବୁ ପିଲାଏ ବାଧ୍ୟତାମୂଳକ ଶିକ୍ଷା ପାଆନ୍ତି; ତେଣୁ ସୋଭିଏତ୍ ରୁଷରେ ଏ ବିଷୟରେ କୌଣସି ବିଶେଷତ୍ୱ ନାହିଁ । କିନ୍ତୁ ସୋଭିଏତ୍ ରୁଷର ପ୍ରଧାନ ବିଶେଷତ୍ୱ ହେଉଛି, ଶିକ୍ଷା ପ୍ରତି ଆବାଳ-ବୃଦ୍ଧବନିତା ପ୍ରତ୍ୟେକ ନାଗରିକ ତଥା ସରକାରୀ ଓ ଅନ୍ୟାନ୍ୟ ସାମାଜିକ ଓ ଶିକ୍ଷାନୁଷ୍ଠାନମାନଙ୍କର ଅଦମ୍ୟ ଉତ୍ସାହ ଓ ପ୍ରଗାଢ଼ ଅନୁରାଗ—ସାରା ଦେଶ ଯେପରି ଶିକ୍ଷା ପାଇଁ ଅସମ୍ଭବ ଭାବରେ ବ୍ୟାକୁଳ ! ତେଣୁ ଆମେମାନେ ଯେଉଁ ଶିକ୍ଷାନୁଷ୍ଠାନ ବା କୋଠଚାଷ ଖମାରକୁ ଗଲୁ, ସେଠାରେ ସମସ୍ତଙ୍କଠାରେ ଶିକ୍ଷା ପାଇଁ ଆନ୍ତରିକ ବ୍ୟାକୁଳତା ପ୍ରକାଶ ପାଇବାର ଅନୁଭବ କଲୁ । ଅନେକ କଳକାରଖାନାର ଶ୍ରମିକ ଏବଂ ଚାଷୀ ଉଚ୍ଚ ଶିକ୍ଷା ପାଇଲେଣି । ଆସନ୍ତା ପାଞ୍ଚବର୍ଷରେ ଆଉ କେତେଜଣଙ୍କର ଉଚ୍ଚଶିକ୍ଷା ପାଇବା ପାଇଁ ଯୋଜନା ହୋଇଛି । ୧୯୮୦ ବେଳକୁ କିପରି ସମସ୍ତେ ଉଚ୍ଚଶିକ୍ଷା ପାଇପାରିଥିବେ, ସେ ବିଷୟରେ ଉଚ୍ଛ୍ୱସିତ ବ୍ୟାଖ୍ୟା ଶୁଣିବାକୁ ପାଇଲୁ । ଏପ୍ରକାର ଆଗ୍ରହ କେବଳ ଯୋଜନା ଓ ବକ୍ତୃତାରେ ଆବଦ୍ଧ ନୁହେଁ । ଶିକ୍ଷାର ବହୁଳ ପ୍ରସାର ଏବଂ ପ୍ରତ୍ୟେକ ନାଗରିକର ଶିକ୍ଷାଗତ ଉନ୍ନତି ପାଇଁ ସୁଯୋଗ ଓ ସୁବିଧା ପାଇଁ ଯେ ପ୍ରକାର ବୈପ୍ଳବିକ ଶିକ୍ଷାପଦ୍ଧତି ସୃଷ୍ଟି କରାହୋଇଛି, ତାହା ଯେକୌଣସି ଶିକ୍ଷାବିତ୍‌କୁ ଅଭିଭୂତ କରି ପକାଇବ । ଶିକ୍ଷା ପ୍ରସାରର ମୂଳନୀତି ହେଲା ସୋଭିଏତ୍ ରୁଷର ଯେକୌଣସି ନାଗରିକ ଯେକୌଣସି ସମୟରେ ବା ଯେକୌଣସି ପରିସ୍ଥିତିରେ ସୁଦ୍ଧା ଯେପରି ଉଚ୍ଚଶିକ୍ଷାରୁ ବଞ୍ଚିତ ନ ହୁଏ । ତା'ଛଡ଼ା ଅନ୍ୟ ଦେଶରେ ଯେପରି ଉପଯୁକ୍ତ ଆର୍ଥିକ ସୁବିଧା ଅଭାବରୁ କେତେକ ପିଲା ଶିକ୍ଷାରୁ ବଞ୍ଚିତ ହୁଅନ୍ତି, ଏଠାରେ ତାହା ଅସମ୍ଭବ । ସମସ୍ତ ଶିକ୍ଷା ଅବୈତନିକ ହୋଇଥିବାରୁ ଏବଂ ମେଧାବୀ ପିଲାଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଥିବାରୁ କୌଣସି ପ୍ରତିଭାର ବିଲୟ ଘଟିବାର

Digitized by PPRACHIN, SOA

ସମ୍ଭାବନା ନାହିଁ । ଏହି ବିରାଟ ଶିକ୍ଷା ଯୋଜନା ଜାତୀୟ ପ୍ରତିଭାର ବେଗମାନ ସ୍ରୋତର ରୁଦ୍ଧଦ୍ୱାର ଖୋଲିଦେବା ଫଳରେ ସମଗ୍ର ରୁଷ ଦେଶରେ ଯେପରି ସୃଜନଶୀଳତାର ଅବାରିତ ଜୁଆର ସମସ୍ତ ସାମାଜିକ ଜୀବନକୁ ପ୍ଲାବିତ କରିଦେଇଛି !

ଆଠବର୍ଷ ବାଧ୍ୟତାମୂଳକ ଶିକ୍ଷା ପରେ ଯେଉଁମାନେ କଳକାରଖାନାରେ କାମ କରିବା ପାଇଁ ଯିବେ, ସେମାନେ ଯଦି ଉଚ୍ଚଶିକ୍ଷା ପାଇବା ପାଇଁ ଇଚ୍ଛୁକ ଥାନ୍ତି, ତାହେଲେ ସେମାନେ ଯେ କୌଣସି ବିଷୟରେ ସାଂଧ୍ୟ କଲେଜରେ କିମ୍ବା ଡାକଦ୍ୱାରା ଶିକ୍ଷା ବିଷୟରେ ଆଦାନପ୍ରଦାନ ପଦ୍ଧତି ଦ୍ୱାରା ଉଚ୍ଚ ଶିକ୍ଷା ପାଇବା ପାଇଁ ହକ୍‌ଦାର ହୋଇପାରନ୍ତି । ସେଥିପାଇଁ ନିଜ ନିଜ କର୍ମକ୍ଷେତ୍ରରେ ସେମାନେ ବିଶେଷ ସୁବିଧା ପାଆନ୍ତି । ପରୀକ୍ଷା ଦେବା ପାଇଁ ପୂରା ବେତନ ସହ ଛୁଟି ପାଆନ୍ତି । ହପ୍ତାରେ ଦିନେ ଓଳିଏ କାର୍ଯ୍ୟରୁ ଅବ୍ୟାହତି ପାଆନ୍ତି । କଲେଜ ଓ ବିଶ୍ୱବିଦ୍ୟାଳୟରେ ପଢୁଥିବା ଛାତ୍ରମାନେ ଯେତିକି ବର୍ଷରେ ଏବଂ ଯେଉଁ ଡିଗ୍ରୀ ପାଆନ୍ତି, ଏମାନେ ମଧ୍ୟ ସେତିକି ସମୟରେ ସେହି ଡିଗ୍ରୀ ଲାଭ କରିବାରେ କୌଣସି ପ୍ରତିବନ୍ଧକ ନାହିଁ । ଏଇ ଦୁଇଶ୍ରେଣୀ ଛାତ୍ରଙ୍କ ଭିତରେ କୌଣସି ପାର୍ଥକ୍ୟ ନଥାଏ । ଲକ୍ଷ ଲକ୍ଷ ସୋଭିଏତ୍ ନାଗରିକ ଏହି ଶିକ୍ଷା ମାଧ୍ୟମରେ ଉଚ୍ଚଶିକ୍ଷା ପାଉଛନ୍ତି । ଏହାର ପ୍ରଧାନ ଲକ୍ଷ୍ୟ ହେଲା ଯେ କୌଣସି ଲୋକ ଯେ କୌଣସି ବୟସରେ ତାର ଆଗ୍ରହ ଅନୁସାରେ ନିଜର ଶିକ୍ଷାଗତ ଉନ୍ନତି ନିମିତ୍ତ ଉଦ୍ୟମ କରିବା ପାଇଁ ସମସ୍ତ ସୁବିଧା ଓ ସୁଯୋଗ ଯେପରି ପାଏ । ବ୍ୟାପକ ଶିକ୍ଷା ପ୍ରସାର ପାଇଁ ଏ ଯେଉଁ ବିରାଟ ଶିକ୍ଷାସଂସ୍ଥା, ପୃଥିବୀର ଅନ୍ୟ କୌଣସି ଦେଶରେ ଏପରି ଭାବରେ ଦେଖିବାକୁ ମିଳେ ନାହିଁ । ତା'ଛଡ଼ା ଶ୍ରମିକ ଓ ଚାଷୀମାନଙ୍କ ପାଇଁ ଏପରି ଉଚ୍ଚ ଶିକ୍ଷା ବ୍ୟବସ୍ଥା ପୃଥିବୀର ଅନ୍ୟ କୌଣସି ଦେଶରେ ସମ୍ଭବ ହୋଇପାରି ନାହିଁ ।

ରୁଷ ଶିକ୍ଷାନୀତିର ଆଉ ଗୋଟିଏ ପ୍ରଧାନ ବିଶେଷତ୍ୱ ହେଉଛି, ଏହାର ମୌଳିକ ଦିଗ୍‌ଦର୍ଶନ ଓ ବୈଜ୍ଞାନିକ ଦୃଷ୍ଟିକୋଣ । ପ୍ରାଥମିକ ଶିକ୍ଷାସ୍ତରଠାରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ ଶିକ୍ଷାନିର୍ଘଣ୍ଟ ବିଜ୍ଞାନ ଓ ବୈଷୟିକ ଦୃଷ୍ଟିକୋଣରୁ ପ୍ରସ୍ତୁତ ହୋଇଛି । ଆମ ଦେଶରେ ଯେପରି କେବଳ ତାତ୍ତ୍ୱିକ ବିଷୟବସ୍ତୁ ପଢ଼ାଯାଏ ଏବଂ ଏହାର କୌଣସି ପ୍ରୟୋଗାତ୍ମକ ମୂଲ୍ୟ ନାହିଁ, ସେପରି ଶିକ୍ଷା ପଦ୍ଧତି ସୋଭିଏତ୍ ରୁଷରେ ଆଦୌ ନାହିଁ । ସ୍କୁଲ ଶିକ୍ଷା ସହିତ ବୈଷୟିକ ଶିକ୍ଷା ଓତଃପ୍ରୋତ ଭାବରେ ଜଡ଼ିତ । ସ୍କୁଲ ଶିକ୍ଷା ଶେଷ ହେଲା ବେଳକୁ ପିଲାମାନେ ଉତ୍ପାଦନକ୍ଷମ ହୋଇ ବାହାରନ୍ତି । ୧୯୬୩ ମସିହାରେ ଆଠଲକ୍ଷ ସ୍କୁଲ ପିଲା ମାଟ୍ରିକ୍ ସାର୍ଟିଫିକେଟ ସହିତ ବୈଷୟିକ ଶିକ୍ଷାରେ ମଧ୍ୟ ସାର୍ଟିଫିକେଟ୍ ପାଇଥିଲେ । ଏମାନଙ୍କ ସଂଖ୍ୟା ୧୯୬୫-୬୬ରେ ଦଶଲକ୍ଷକୁ ଟପିଯିବା ପାଇଁ ଯୋଜନା ହୋଇଛି ।

ପ୍ରତ୍ୟେକ ସ୍କୁଲପିଲାକୁ ତାତ୍ତ୍ୱିକ ଓ ପ୍ରାୟୋଗିକ ବିଜ୍ଞାନ ଶିକ୍ଷା ସହିତ ଯନ୍ତ୍ରପାତି ବିଷୟରେ, ବିଶେଷ ଭାବରେ ବିଦ୍ୟୁତ୍ ଓ ଅନ୍ୟାନ୍ୟ ଶକ୍ତି ବିଷୟରେ, ବିଶେଷ ଜ୍ଞାନ ଆହରଣ କରିବାକୁ ହୁଏ । ଏପରିକି ଆଣବିକ ପଦାର୍ଥ ବିଜ୍ଞାନ, ଅଲଟ୍ରା ଶବ୍ଦ ବିଜ୍ଞାନ, ପ୍ଲାଷ୍ଟିକ୍, ସାଂଶ୍ଳେଷିକ ରସାୟନ ବିଦ୍ୟା ପ୍ରଭୃତି ଉଚ୍ଚକୋଟୀର ବିଜ୍ଞାନ ଶିକ୍ଷା ମଧ୍ୟ ସ୍କୁଲରେ ଦିଆଯାଏ । ବିଜ୍ଞାନ ବିଷୟରେ ସ୍କୁଲ ଶିକ୍ଷାକ୍ରମ ଭିତରେ ଏ ପ୍ରକାର ଉଚ୍ଚଶିକ୍ଷା ପୃଥିବୀର ବହୁତ କମ୍ ଦେଶରେ ଦେଖିବାକୁ ମିଳେ । ଖାଲି ସେତିକି ନୁହେଁ, ସାମାଜିକ ବିଜ୍ଞାନ, ସାହିତ୍ୟ, କଳା ପ୍ରଭୃତି ଶିକ୍ଷା ମଧ୍ୟ ବୈଜ୍ଞାନିକ ଦୃଷ୍ଟିକୋଣରୁ ଦିଆଯାଏ ଏବଂ ଯେକୌଣସି ଶିକ୍ଷା ଦିଆଯାଏ, ତାର ତାତ୍ତ୍ୱିକ ଓ ପ୍ରୟୋଗାତ୍ମକ ଦିଗ ପ୍ରତି ସମାନ ଭାବରେ ଦୃଷ୍ଟି ଦିଆଯାଏ । ବିଜ୍ଞାନ ପରୀକ୍ଷାଗାରରେ ଏବଂ ଶିଳ୍ପାନୁଷ୍ଠାନରେ ଶିଖିଲେ ଯେପରି ତାର କାର୍ଯ୍ୟକାରୀ ଦିଗ ବିଷୟରେ ଶିକ୍ଷା ଦିଆହୁଏ, ଭାଷା କିମ୍ବା ଚାରୁକଳା ବିଷୟବସ୍ତୁକୁ ମଧ୍ୟ ସେହିପରି ଭାବରେ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିବା ପାଇଁ ଶିକ୍ଷା ଦିଆଯାଏ ।

ରୁଷ ସ୍କୁଲର ପ୍ରତ୍ୟେକ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀଠାରୁ ଗୋଟିଏ ଲେଖାଏଁ ବୈଦେଶିକ ଭାଷା ବାଧ୍ୟତାମୂଳକ ଭାବରେ ହପ୍ତାରେ ଚାରିଘଣ୍ଟା କରି ଶିଖେ । ରୁଷ ଦେଶରେ ପ୍ରାୟ ଷାଠିଏଟି

Digitized by PPRACHIN, SOA

ଭିନ୍ନ ଭିନ୍ନ ମାତୃଭାଷାରେ ପିଲାଏ ଶିକ୍ଷା ପାଆନ୍ତି ଏବଂ ଯେଉଁମାନେ ନିଜ ମାତୃଭାଷାରେ ପଢ଼ନ୍ତି, ସେମାନେ ନିଜ ମାତୃଭାଷା ଛଡ଼ା ରୁଷଭାଷା ଓ ଆଉ ଗୋଟିଏ ବୈଦେଶିକ ଭାଷା ମଧ ପଢ଼ନ୍ତି । ଏଥିରୁ ଜଣାଯିବ, ସେମାନଙ୍କର ଶିକ୍ଷାର ମାନଦଣ୍ଡ ଆମ ଶିକ୍ଷାର ମାନଠାରୁ କେତେ ଉଚ୍ଚରେ ।

ବିଜ୍ଞାନ ଶିକ୍ଷାରେ ଏତେ ଉଚ୍ଚମାନ କିପରି ସମ୍ଭବ ହୁଏ ? ଏ ପ୍ରକାର ଉଚ୍ଚ ବିଜ୍ଞାନ ଶିକ୍ଷା ଯେ କେବଳ ସ୍କୁଲ କାର୍ଯ୍ୟ ନିର୍ଘଣ୍ଟ ମାଧ୍ୟମରେ ସମ୍ଭବ ହୁଏ, ତା ନୁହେଁ । ରୁଷ ଦେଶରେ ଛାତ୍ରମାନଙ୍କ ପାଇଁ ସ୍କୁଲ ବାହାରର କାର୍ଯ୍ୟକ୍ରମ ଏତେ ଚମତ୍କାର ଯେ, ଅନ୍ୟ ଦେଶର ଯେକୌଣସି ଶିକ୍ଷାବିତ୍ ଏଥିରେ ଅଭିଭୂତ ହୋଇଯାଏ । ସ୍କୁଲ ପିଲାଙ୍କ ପାଇଁ ନାନାପ୍ରକାର ସାଂସ୍କୃତିକ ଅନୁଷ୍ଠାନମାନ ରହିଛି । ସେଥିରୁ ପାଓନିୟର ପ୍ରାସାଦ ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ । ମସ୍କୋ ସହରରେ ଏ ପ୍ରକାର ଗୋଟିଏ ପ୍ରାସାଦ ଦେଖିବାର ସୁଯୋଗ ଆମକୁ ମିଳିଥିଲା । ସେଠାରେ ଶହ ଶହ ବଖରା ଘର ! ନଅବର୍ଷରୁ ଅଠରବର୍ଷ ବୟସର ପିଲାମାନେ ଏହାର ସଭ୍ୟ । ଏହି ସଭ୍ୟମାନଙ୍କର ସଂଖ୍ୟା ପାଞ୍ଚହଜାର । ଏଠାରେ ନାନା ଧରଣର ଆଧୁନିକ ବୈଜ୍ଞାନିକ ଯନ୍ତ୍ରପାତି ରହିଛି । ଅତ୍ୟାଧୁନିକ ଅନ୍ତରୀକ୍ଷଯାନର ମଡ଼େଲ, ଦୂରବୀକ୍ଷଣ ଯନ୍ତ୍ର, ଫଟୋଗ୍ରାଫି ଯନ୍ତ୍ରପାତି ପ୍ରଭୃତି ଯେତେ ପ୍ରକାର ବୈଜ୍ଞାନିକ ଯନ୍ତ୍ରପାତି ସେ ଦେଶରେ ମିଳେ, ସେ ସବୁର ମଡ଼େଲ ସେଠାରେ ଅଛି । ପିଲାମାନେ ସେସବୁ ଧରି ଖେଳନ୍ତି । ବିଶେଷ ଶିକ୍ଷା ପାଇଥିବା ଚାରିଶହ ଜଣ ଶିକ୍ଷକ ସେମାନଙ୍କୁ ଏସବୁ ବିଷୟରେ ଶିକ୍ଷା ଦେବା ପାଇଁ ସେଠାରେ ନିଯୁକ୍ତ ହୋଇଛନ୍ତି- ପିଲାମାନେ ପାଞ୍ଚସାତ ଜଣ ମିଶି ଗୋଟିଏ ଗୋଟିଏ ଛୋଟ ଦଳ ସେଠାରେ ଗଢ଼ା ହୋଇଛି । ନଅବର୍ଷରୁ ଅଠରବର୍ଷ ପର୍ଯ୍ୟନ୍ତ ନଅବର୍ଷ କାଳ ଯଦି ପିଲାମାନେ ଏପରି ପରିବେଶ ଭିତରେ ଏ ପ୍ରକାର ଯନ୍ତ୍ରପାତି ଧରି ବିଶେଷଜ୍ଞମାନଙ୍କଠାରୁ ଶିକ୍ଷା ପାଇବେ, ତାହେଲେ ସେମାନଙ୍କଠାରେ ବୈଜ୍ଞାନିକ ପ୍ରତିଭାର ବିକାଶ ହେବା ସହିତ ବୈଷୟିକ ଶିକ୍ଷାପ୍ରତି ପ୍ରଗାଢ଼ ଆଗ୍ରହ ପରିସ୍ଫୁଟ ନ ହେବ କାହିଁକି ? ଏହିସବୁ ଅନୁଷ୍ଠାନ ଯୋଗୁଁ ସ୍କୁଲ ପାଠ ଶେଷ ହେଲାବେଳକୁ ପ୍ରତ୍ୟେକ ଛାତ୍ରର ବିଜ୍ଞାନ ଓ ଅନ୍ୟାନ୍ୟ ବିଷୟରେ ବହୁତ ଅଭିଜ୍ଞତା ହୋଇଯାଇଥାଏ—ଫଳରେ ବିଶ୍ୱବିଦ୍ୟାଳୟକୁ ଆସିଲାବେଳକୁ ସେମାନଙ୍କର ଜ୍ଞାନର ପରିସର ବହୁତ ବଢ଼ିଯାଇଥାଏ ଏବଂ ସେମାନଙ୍କଠାରେ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ପ୍ରତି ଦୃଢ଼ ଅନୁରକ୍ତି ପ୍ରକାଶ ପାଇଥାଏ । ତେଣୁ ବିଶ୍ୱ ବିଦ୍ୟାଳୟର ବିଷୟବସ୍ତୁ ବାଛିବାରେ ସେମାନଙ୍କ ପକ୍ଷରେ ସହଜ ହୁଏ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରେ ଛାତ୍ରଛାତ୍ରୀ ବାଛିବାରେ ମଧ କୌଣସି ଅସୁବିଧା ହୁଏନାହିଁ ।

ଆମେରିକାରେ ଏଥିପାଇଁ ବହୁପ୍ରକାର ମନୋବୈଜ୍ଞାନିକ ପରୀକ୍ଷା କରାଯାଏ; କିନ୍ତୁ ସୋଭିଏତ୍ ରୁଷରେ ଏ ପ୍ରକାର କୃତ୍ରିମ ପରୀକ୍ଷା ଏକାବେଳକେ ନିଷିଦ୍ଧ । କାରଣ ଏମାନଙ୍କ ମତରେ ମନୁଷ୍ୟ ମନ ଏପରି ଗତିଶୀଳ ଓ ଏହାର ଏପରି ଗୁଣାତ୍ମକ ପରିବର୍ତ୍ତନ ସମ୍ଭବ ଯେ ଘଣ୍ଟାଏ ଅଧଘଣ୍ଟାଏ ପରୀକ୍ଷା କରି ମନୁଷ୍ୟ ମନକୁ କଳିବା ସମ୍ଭବ ନୁହେଁ । ତା'ଛଡ଼ା ଜଟିଳ ପରିବେଶ ଦ୍ୱାରା ମନୁଷ୍ୟଠାରେ ନୂତନ ନୂତନ ମାନସିକ ପ୍ରତିଭା ସୃଷ୍ଟି କରିବା ସମ୍ଭବ ବୋଲି ଏମାନଙ୍କର ଦୃଢ଼ ବିଶ୍ୱାସ । ଏହି କାରଣରୁ ସୋଭିଏତ୍ ସରକାର ଶିକ୍ଷା ମାଧ୍ୟମରେ ମାନସିକ ବିକାଶ ଓ ନବ ନବ ପ୍ରତିଭାର ସୃଷ୍ଟି ପାଇଁ ଏ ପ୍ରକାର ଖର୍ଚ୍ଚ ବହୁଳ ଶିକ୍ଷାସଂସ୍ଥା ତିଆରି କରିଛନ୍ତି ।

ପାଓନିୟର ପ୍ରାସାଦ ଛଡ଼ା ଛାତ୍ରଛାତ୍ରୀଙ୍କଠାରେ ସୃଜନଶୀଳତା ବୃଦ୍ଧି ପାଇଁ ଆହୁରି ଅନେକ ଉପାୟ ଅବଲମ୍ବନ କରାହେଉଛି । ଭିନ୍ନ ଭିନ୍ନ ବୟସର ପିଲାଙ୍କ ପାଇଁ ବହୁପ୍ରକାର ପତ୍ରପତ୍ରିକା ରହିଛି-ବିଜ୍ଞାନ ଗବେଷଣାରେ ଆଗ୍ରହ ସୃଷ୍ଟି ଲାଗି କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନାନା ପ୍ରକାରର ଗବେଷଣା କେନ୍ଦ୍ର ଓ ପୁସ୍ତକାଳୟ ସ୍ଥାପିତ ହୋଇଛି । ପିଲାଙ୍କ ପାଇଁ ଏତେ ସଂଖ୍ୟାରେ ବହି, ପତ୍ରପତ୍ରିକା ଓ ପାଠାଗାର ପୃଥିବୀର ଆଉ କୌଣସି ଦେଶରେ ଦେଖାଯାଏ ନାହିଁ । ଖାଲି ସେତିକି

Digitized by PPRACHIN, SOA

ନୁହେଁ, ବହି ଓ ପତ୍ରିକାର ଦାମ୍ ଏତେ କମ୍ ଯେ ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଗୋଟିଏ ଗୋଟିଏ ମୋଟା ମୋଟା ଡାକ୍ତରୀ ବା ଇଞ୍ଜିନିୟରିଂ ବହି ମୋଟେ ଏକ ରୁବଲ୍ ବା ତା'ଠୁ କମ୍ । ସାଧାରଣ ବହିର ଦାମ୍ ଅପେକ୍ଷା ବିଜ୍ଞାନ ଓ ବୈଷୟିକ ଶିକ୍ଷା ବହିର ଦାମ୍ ଆହୁରି କମ୍ । କାରଣ ତା ନହେଲେ ଲୋକମାନଙ୍କର ବିଜ୍ଞାନ ଓ ବୈଷୟିକ ବିଜ୍ଞାନ ବହିପଢ଼ାରେ ଅସୁବିଧା ହେବ । ପ୍ରାୟ ପ୍ରତ୍ୟେକ ବର୍ଷ ସୋଭିଏତ୍ ରୁଷରେ ପୃଥିବୀର ଅନ୍ୟ ଯେକୌଣସି ଦେଶ ଅପେକ୍ଷା ବେଶି ବହି ପ୍ରକାଶିତ ହୁଏ । ପ୍ରତ୍ୟେକ ଛାତ୍ରଛାତ୍ରୀଠାରେ ଦୁଇଶହ ତିନିଶହ ବହିର ଗୋଟିଏ ଲେଖାଏଁ ଘରୋଇ ପାଠାଗାର ରହିଛି । କଲେଜ ଲାଇବ୍ରେରୀରୁ ସେମାନେ ପଢ଼ାବହି ଆଣିପାରନ୍ତି ଏବଂ ଯେତେ ଦିନ ଇଚ୍ଛା ରଖିପାରନ୍ତି; କିନ୍ତୁ ବେଶି ଦିନ ରଖିବା ଦରକାର ପଡ଼େନାହିଁ । କାରଣ ପଢ଼ିବାରେ ଏମାନେ ଏତେ ଆଗ୍ରହୀ ଯେ ଖୁବ୍ ଶୀଘ୍ର ବହି ଫେରାଇ ନୂଆ ନୂଆ ବହି ଆଣନ୍ତି । ମସ୍କୋ ବିଶ୍ୱବିଦ୍ୟାଳୟ ପାଠାଗାରରେ ପ୍ରାୟ ନବେଲକ୍ଷ ଯାଏଁ ବହି ଓ ପତ୍ରପତ୍ରିକା ରହିଛି । ତା'ଛଡ଼ା ବିଭାଗୀୟ ତଥା ସର୍ବସାଧାରଣ ପାଠାଗାରମାନ ତ ରହିଛି । ଏପ୍ରକାର ସାଂସ୍କୃତିକ ପରିବେଶ ଏବଂ ଶିକ୍ଷାର ବିରାଟ ଯୋଜନା ଫଳରେ ପୃଥିବୀର ଯେକୌଣସି ସଭ୍ୟଦେଶ ଅପେକ୍ଷା ସୋଭିଏତ୍ ରୁଷର ବିଶ୍ୱବିଦ୍ୟାଳୟ ଶିକ୍ଷାର୍ଥୀଙ୍କ ସଂଖ୍ୟା ବେଶୀ । ଇଂଲଣ୍ଡ, ଫ୍ରାନ୍ସ, ପଶ୍ଚିମ ଜର୍ମାନୀ ଓ ଇଟାଲୀରେ ଯେତେ ଛାତ୍ର ପଢ଼ନ୍ତି, ତାର ସାଢ଼େ ତିନିଗୁଣ ଛାତ୍ର ଏଠାରେ ପଢ଼ନ୍ତି । ଏଠାରେ ପ୍ରତି ଦଶହଜାର ଲୋକଙ୍କ ଭିତରୁ ୧୪୪ଜଣ ଛାତ୍ର । ଏହା ତୁଳନାରେ ଫ୍ରାନ୍ସରେ ୫୦, ଇଟାଲୀରେ ୩୯, ପଶ୍ଚିମ ଜର୍ମାନୀରେ ୪୦ । ଏହି ଛାତ୍ରଛାତ୍ରୀଙ୍କ ସଂଖ୍ୟା ବର୍ତ୍ତମାନ ତେତିଶ ଲକ୍ଷ ଏବଂ ଏହି ସଂଖ୍ୟା ପ୍ରତିବର୍ଷ ବଢ଼ି ବଢ଼ି ଚାଲିଛି । ୧୯୬୪ରେ ସର୍ବମୋଟ ୩୫୪୦ ବିଶେଷଜ୍ଞ ବିଶ୍ୱବିଦ୍ୟାଳୟ ଥିଲା ଏବଂ ସେଥିରୁ ଲକ୍ଷେ ଛବିଶ ହଜାର କେବଳ ଇଞ୍ଜିନିୟର, ତିରିଶ ହଜାର କୃଷି ବିଶାରଦ ଏବଂ ଅଠେଇଶି ହଜାର ପାଞ୍ଚଶହ ଡାକ୍ତର । ସେହିବର୍ଷ ସାରାଦେଶରେ ଏକକୋଟି ବାରିଲକ୍ଷ ପଚାଶ ହଜାର ବିଶେଷଜ୍ଞ ଭିନ୍ନ ଭିନ୍ନ ଅନୁଷ୍ଠାନରେ ପୂରା ସମୟ ଧରି କାମ କରୁଥିଲେ ଏବଂ ପ୍ରାୟ ୫୦ ଲକ୍ଷ ବିଶେଷଜ୍ଞ ଅବସର ଗ୍ରହଣ କଲା ପରେ ସାମୟିକ ଭାବରେ କାମ କରୁଥିଲେ । ଏହି କୋଟିଏ ବାରଲକ୍ଷ ବିଶେଷଜ୍ଞଙ୍କ ଭିତରୁ ୨,୨୯୪୦୦୦ ଜଣ ଶିକ୍ଷାନୁଷ୍ଠାନରେ ୧,୭୫୬,୦୦୦ ଚିକିତ୍ସା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏବଂ ୯୦୪,୦୦୦ ଜଣ ଗବେଷଣା କାର୍ଯ୍ୟରେ ନିଯୁକ୍ତ । ଅନ୍ୟାନ୍ୟ ବିଶେଷଜ୍ଞମାନେ ଘର ତିଆରି, କୋଠଚାଷ ଖମାର ପ୍ରଭୃତିରେ କାମ କରନ୍ତି । ସୋଭିଏତ୍ ସମାଜର ଶିକ୍ଷା କ୍ଷେତ୍ରରେ ଆଉ ଗୋଟିଏ ବିଶେଷତ୍ୱ ହେଉଛି ଯେ, ଏହି ବିରାଟ ଶିକ୍ଷିତ ସଂପ୍ରଦାୟଙ୍କ ଭିତରୁ ଶତକଡ଼ା ତେପନ ହେଉଛନ୍ତି ସ୍ତ୍ରୀଲୋକ—ଡାକ୍ତରଙ୍କ ଭିତରୁ ଶତକଡ଼ା ପ୍ରାୟ ୭୫, ଇଞ୍ଜିନିୟରଙ୍କ ଭିତରୁ ପ୍ରାୟ ୩୦ ଏବଂ ଅନ୍ୟାନ୍ୟ ସବୁ ଶିକ୍ଷା କ୍ଷେତ୍ରରେ ସ୍ତ୍ରୀମାନେ ସମାନ ଅଧିକାର ଲାଭ କରିପାରିଛନ୍ତି । ଏପରିକି ଅନ୍ତରୀକ୍ଷ ଯାତ୍ରାରେ ମଧ ଭାଲେନ୍ତିନା ତେରେସ୍କୋଭା ଅପୂର୍ବ ସାଫଲ୍ୟ ଅର୍ଜନ କରିପାରିଛନ୍ତି ।

ଶିକ୍ଷାର ସାଫଲ୍ୟ ବିଷୟ ଆଲୋଚନା କଲାବେଳେ ଛାତ୍ରମାନଙ୍କର ପରୀକ୍ଷାରେ ଅକୃତ-କାର୍ଯ୍ୟତା ସମ୍ବନ୍ଧରେ ଭାରତୀୟ ଶିକ୍ଷାବିତ୍‌ଙ୍କ ମନରେ ପ୍ରଶ୍ନ ଉଠିବା ଅତ୍ୟନ୍ତ ସ୍ୱାଭାବିକ । ଯେଉଁ ଦେଶର ଶତକଡ଼ା ପଚାଶଜଣ ଛାତ୍ର ପରୀକ୍ଷାରେ ଅକୃତକାର୍ଯ୍ୟ ହୁଅନ୍ତି, ସେ ଦେଶରେ ସୋଭିଏତ୍ ଶିକ୍ଷା ପଦ୍ଧତିରେ ଶହେରୁ ହାରାହାରି ଚାରିପାଞ୍ଚ ଜଣ ଛାତ୍ର ଅକୃତକାର୍ଯ୍ୟ ହେବା କଥା ଶୁଣିଲେ ସମସ୍ତେ ନିଶ୍ଚୟ ଆଶ୍ଚର୍ଯ୍ୟ ହୋଇଯିବେ । ସୋଭିଏତ୍ ଶିକ୍ଷାବିତ୍‌ଙ୍କ ମତରେ ଯେଉଁ ପଦ୍ଧତିରେ ଅର୍ଦ୍ଧେକ ଛାତ୍ର ଅକୃତକାର୍ଯ୍ୟ ହୁଅନ୍ତି, ତାହା ନିଶ୍ଚୟ ଭୟଙ୍କର ଦୋଷଯୁକ୍ତ । ତେଣୁ ଏ ପ୍ରକାର ସାମାଜିକ ଅପଚୟ ତଥା ବ୍ୟକ୍ତିଗତ ବ୍ୟର୍ଥତା ସେମାନେ ଶିକ୍ଷାକ୍ଷେତ୍ରରେ ଆଦୌ ବରଦାସ୍ତ କରିପାରିବେ ନାହିଁ । ଉଦ୍‌ବେଗ ଓ ଦୁଶ୍ଚିନ୍ତାହୀନ ଛାତ୍ରମାନେ ଅଭାବ ଅନଟନଠାରୁ ଦୂରରେ ରହି ଜ୍ଞାନ, ବିଜ୍ଞାନ

Digitized by PPRACHIN, SOA

ଓ ସାଂସ୍କୃତିକ ପରିବେଶ ଭିତରେ ଦିନକୁ ବାରଘଣ୍ଟା ଧରି ନାନା ପ୍ରକାର ସୃଜନଶୀଳ କାର୍ଯ୍ୟରେ ବ୍ୟସ୍ତ ରହିବା ଫଳରେ ସେମାନଙ୍କଠାରେ କୌଣସି ପ୍ରକାର ଅସାମାଜିକ କାର୍ଯ୍ୟ ଦେଖାଯିବାର ସମ୍ଭାବନା କମ୍ । ଜ୍ଞାନର ସ୍ୱଚ୍ଛ ଆଲୋକରେ ସେମାନେ ଏପରି ଉଦ୍ଦୀପ୍ତ ଯେ ଜାନ୍ତବୀୟ ନିମ୍ନ ପ୍ରବୃତ୍ତିର କାଳିମାମୟ ଉଦ୍‌ବେଗ ସେମାନଙ୍କୁ ସହଜରେ ଆଲୋଡ଼ିତ କରିପାରେ ନାହିଁ । ତା'ଛଡ଼ା ସ୍କୁଲ ପଢ଼ା ଭିତରେ, ଖବରକାଗଜ ଦ୍ୱାରା, ଉପନ୍ୟାସ ଗଳ୍ପ ଭିତର ଦେଇ, ସିନେମା ଥିଏଟର ସାହାଯ୍ୟରେ ସୋଭିଏତ୍ ପିଲାଙ୍କ ମନରେ ବଳିଷ୍ଠ ସମାଜବାଦୀ ଚେତନା, ଆନ୍ତର୍ଜାତୀୟ ମହାନ୍ ଭ୍ରାତୃଭାବ ଓ ବିଶ୍ୱଶାନ୍ତି ପ୍ରଭୃତି ଅତି ଉଦାର ମହାଜାଗତୀୟ ଆଦର୍ଶମାନ ଏପରି ଭାବରେ ଦୃଢ଼ୀଭୂତ କରାହେଉଛି ଯେ ସେମାନେ ସହଜରେ ନୀଚ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଉତ୍ତେଜିତ ହେବେ ନାହିଁ । ଅଳ୍ପ କେତେଜଣ ଯେ ଅସାମାଜିକ କାର୍ଯ୍ୟ କରିବେ ନାହିଁ ତା ନୁହେଁ, କିନ୍ତୁ ଅଧିକାଂଶ ଛାତ୍ରଛାତ୍ରୀ ବିରାଟ ଆଦର୍ଶରେ ଅନୁପ୍ରାଣିତ ହୋଇ ମନେହୁଏ । ଶିକ୍ଷା ମାଧ୍ୟମରେ ହିଁ ବ୍ୟକ୍ତିତ୍ୱର ଚରମ ବିକାଶ—ମନୁଷ୍ୟଠାରେ ଦେବତ୍ୱର ପରିପ୍ରକାଶ—ଏହି ସାର୍ବଜନୀନ ତତ୍ତ୍ୱ ସୋଭିଏତ୍ ଶିକ୍ଷା-ପରିବେଶ ଭିତରେ ହିଁ ଉତ୍ତମ ରୂପେ ହୃଦୟଙ୍ଗମ କରିହୁଏ ।

ଶିକ୍ଷା ବିଷୟରେ କହିବାକୁ ଗଲାବେଳେ ମସ୍କୋ ବିଶ୍ୱବିଦ୍ୟାଳୟ ବିଷୟରେ ପଦେ କହିବା ଉଚିତ । ବହୁ ଦୂରରୁ ଯେପରି ପୁରୀର ପ୍ରାଣକେନ୍ଦ୍ର ବଡ଼ ଦେଉଳ ଦେଖାଯାଉଥାଏ-ଲୋକମାନେ ମନ୍ଦିରର ଅଗ୍ରଭାଗ ଦେଖିଲାକ୍ଷଣି ଆନନ୍ଦ ବିହ୍ୱଳ ହୋଇପଡ଼ନ୍ତି, ଆଧୁନିକ ଶିକ୍ଷାସର୍ବସ୍ୱ ସୋଭିଏତ୍ ଦେଶର ରାଜଧାନୀ ମସ୍କୋ ସହରର ସର୍ବୋଚ୍ଚ ପ୍ରାସାଦ ହେଉଛି ମସ୍କୋ ବିଶ୍ୱବିଦ୍ୟାଳୟ । ଏହି ୩୨ ତାଲାର ବିରାଟ ପ୍ରାସାଦଟି ଲେନିନ୍ ପାହାଡ଼ ଉପରେ ଅବସ୍ଥିତ ଏବଂ ମସ୍କୋର ବହୁ ସ୍ଥାନରୁ ଏହା ଦେଖାଯାଏ । ଶୁଣାଯାଏ, ମସ୍କୋର ଆଉ କୌଣସି କୋଠା ବିଶ୍ୱବିଦ୍ୟାଳୟ କୋଠାଠାରୁ ବଡ଼ ହୋଇପାରିବ ନାହିଁ । ଏହା ହେଉଛି ଆଧୁନିକ ରୁଷ ସଭ୍ୟତାର ପ୍ରଧାନ ମନ୍ଦିର—ତା'ଠୁ ବେଶୀ ଉଚ୍ଚ ହେବାର ଅଧିକାର ଆଉ କୌଣସି ପ୍ରାସାଦର ନାହିଁ । ଏଥିରୁ ଏମାନଙ୍କର ଶିକ୍ଷାପ୍ରତି ପ୍ରଗାଢ଼ ଅନୁରକ୍ତି ତଥା ଆଦର୍ଶ ଜଣାଯାଏ । ଏହି ବିଶ୍ୱବିଦ୍ୟାଳୟରେ ତିରିଶ ହଜାର ଛାତ୍ର ପଢ଼ନ୍ତି । ସେଥିରୁ ଦଶହଜାର ଛାତ୍ର ସାଂଧ ଓ ପତ୍ର ବିନିମୟ ଶିକ୍ଷା ପଦ୍ଧତିର ଅନ୍ତର୍ଭୁକ୍ତ । ଏଠାରେ ଚାରିହଜାର ଅଧ୍ୟାପକ ଓ ଗବେଷକ କାମ କରନ୍ତି । ଏହି ବିରାଟ ପ୍ରାସାଦରେ ପଚିଶି ହଜାର ବଖରା ଅଛି ଏବଂ ସେଥିରୁ ୫୭୦୦ ଛାତ୍ର କୋଠରି । ତା'ଛଡ଼ା ସହସ୍ରାଧିକ ଗବେଷଣାଗାର, ପାଠଗୃହ, ଯାଦୁଘର, ପର୍ଯ୍ୟବେକ୍ଷଣ କୋଠରୀମାନ ମଧ୍ୟ ରହିଛି । ଏହି ବିଶ୍ୱବିଦ୍ୟାଳୟ ପ୍ରାଙ୍ଗଣକୁ ଯେଉଁ ଦିଗରୁ ଯିବ, ପ୍ରଥମେ ଅନ୍ତତଃ ଅଧ କିଲୋମିଟର ରାସ୍ତା ଫଳପୁଷ୍ପ ସୁସଜ୍ଜିତ ଉଦ୍ୟାନ ଭିତର ଦେଇ ଯିବାକୁ ହୁଏ । ଗାଲିଚା ବିଛା ହେଲା ପରି ଘାସପଡ଼ିଆ, ଫୁଲଗଛ, ଫଳଗଛ, ଫଳଭରା ଆପେଲଗଛ, ଚଉଡ଼ାଚଉଡ଼ା ରାସ୍ତା- ଏହି ଅପରୂପ ପ୍ରାକୃତିକ ସୌନ୍ଦର୍ଯ୍ୟର ରମଣୀୟ ପରିବେଶ ଭିତରେ ଥିବା ମସ୍କୋ ବିଶ୍ୱବିଦ୍ୟାଳୟର ନଭଶ୍ଚୁମ୍ୱୀ ପ୍ରାସାଦକୁ ଚାହିଁ ଚାହିଁ ଚାଲିଲା ବେଳେ ଯେଉଁ ନୈସର୍ଗିକ ଆନନ୍ଦ ମନୁଷ୍ୟର ପ୍ରାଣକୁ ଉଦ୍‌ବେଳିତ କରି ପକାଏ, ତାହା ପ୍ରକୃତରେ ଗଭୀର ଆଧ୍ୟାତ୍ମିକ ଆନନ୍ଦ । ଏହି ପରିବେଶ ଭିତରେ ଯେଉଁ ଛାତ୍ରଛାତ୍ରୀମାନେ କାମ କରନ୍ତି ସେମାନଙ୍କଠାରେ ଜ୍ଞାନ ଆହରଣ ଲାଗି ନିବିଡ଼ ଆଗ୍ରହ, ବିଜ୍ଞାନ ପ୍ରତି ଅଦମ୍ୟ ଅନୁପ୍ରେରଣା, ମାନବଜାତି ପାଇଁ ଗଭୀର ଅନୁକମ୍ପା ଯେ ନିଶ୍ଚୟ ଦେଖାଦେବ— ଏଥିରେ ସନ୍ଦେହ କଣ ?

ଶିକ୍ଷା ସଂସ୍ଥାର ମୂଳଭିତ୍ତି ଓ ଆଦର୍ଶର କାର୍ଯକାରୀ ଅଭିବ୍ୟକ୍ତି ଶିକ୍ଷକମାନଙ୍କ ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରେ । ତେଣୁ ସେମାନଙ୍କ ବିଷୟରେ ପଦେ ନ କହିଲେ ଶିକ୍ଷାର ରୂପରେଖ ଅପୂର୍ଣ୍ଣ ରହିଯିବ । ସୋଭିଏତ୍ ରୁଷର ଶିକ୍ଷକମାନେ ହେଉଛନ୍ତି ସବୁଠୁ ବେଶୀ ସମ୍ମାନାସ୍ପଦ ନାଗରିକ । ସେମାନଙ୍କର ଦରମା ଅନ୍ୟମାନଙ୍କଠାରୁ ବେଶୀ ! ୧୯୬୨-୬୩ରେ ସାରା ଦେଶରେ ୨,୨୩୪,

Digitized by PPRACHIN, SOA

୦୦୦ ଜଣ ଶିକ୍ଷକ କାମ କରୁଥିଲେ ଏବଂ ସେମାନଙ୍କ ଭିତରୁ ଶତକଡ଼ା ୭୦ ହେଉଛନ୍ତି ସ୍ତ୍ରୀ ଲୋକ । ପ୍ରାୟ ଚାରିଶ' ଚାଳିଶ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ବାଇଶି ଲକ୍ଷ ଶିକ୍ଷକ ରହିବା ଅର୍ଥ ପ୍ରାୟ ୨୦ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ । ଏହା ଶିକ୍ଷାନୀତି ଅନୁସାରେ ଖୁବ୍ ବାଞ୍ଛନୀୟ ବୋଲି ମନେହେଲେ ସୁଦ୍ଧା ରୁଷ୍ ଶିକ୍ଷାବିତ୍‌ମାନେ ଏଥିରେ ସନ୍ତୁଷ୍ଟ ନୁହନ୍ତି-ସେମାନେ ଛାତ୍ର ଅନୁପାତରେ ଶିକ୍ଷକଙ୍କ ସଂଖ୍ୟା ଆହୁରି ବଢ଼ାଇବା ଲାଗି ଯୋଜନା କରୁଛନ୍ତି ।

ସ୍କୁଲ ଶିକ୍ଷକମାନେ ତାଙ୍କ ସମାନସ୍କନ୍ଧ ଅନ୍ୟାନ୍ୟ କର୍ମଚାରୀଙ୍କ ଅପେକ୍ଷା ବେଶି ଦରମା ପାଆନ୍ତି । ଉଦାହରଣ ସ୍ୱରୂପ ଜଣେ ଇଞ୍ଜିନିୟର ମାସକୁ ପ୍ରାୟ ଶହେ ରୁବଲ୍ ପାଇଲେ ଏମାନେ ତା'ଠାରୁ କିଛି ଅଧିକା ପାଆନ୍ତି । ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ଅଧାପକ ଓ ବୈଜ୍ଞାନିକମାନେ ସାରାଦେଶରେ ସମସ୍ତଙ୍କଠାରୁ ବେଶି ଦରମା ପାଆନ୍ତି । ସୋଭିଏତ୍ ବିଜ୍ଞାନ ଆକାଦେମୀର ସର୍ବୋଚ୍ଚ ମୁଖ୍ୟଙ୍କଠାରୁ ଅଧିକ ଦରମା ରୁଷ ଦେଶରେ ଆଉ କେହି ପାଆନ୍ତି ନାହିଁ । ତା'ଛଡ଼ା ଅଧାପକମାନଙ୍କର ଦରମା ତାଙ୍କ ଚାକିରି କାଳ ଅନୁସାରେ ବଢ଼େନାହିଁ-ବଢ଼େ ଗବେଷଣା ଓ ଅନ୍ୟାନ୍ୟ ଗୁଣାତ୍ମକ କାର୍ଯ୍ୟ ସମ୍ପାଦନ ପାଇଁ । ଜଣେ ଯଦି ପୋଷ୍ଟ ଗ୍ରାଜୁଏଟ୍ ଡିଗ୍ରୀ ପାଇଲା, ତା'ହେଲେ ତାର ଦରମା ଆଗ ଦରମାର ଦୁଇଗୁଣ ବଢ଼ିଯାଏ କିମ୍ବା ସେ ଯଦି ପରେ ଡକ୍ଟର ଉପାଧି ପାଇବ ତା'ହେଲେ ଦରମା ପୁଣି ଆଉଥରେ ଦୁଇଗୁଣ ହୋଇଯିବ । ଯୋଗ୍ୟତା ଓ ଗବେଷଣା ଅନୁସାରେ ଦରମା ବଢୁଥିବାରୁ ସେମାନଙ୍କ ଭିତରେ ଗବେଷଣା ପାଇଁ ଅତ୍ୟଧିକ ଉତ୍ସାହ ଦେଖାଯାଏ । ତେଣୁ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଓ ଗବେଷଣା ପାଇଁ ଯେଉଁମାନେ ଉପଯୁକ୍ତ, ସେହିମାନେହିଁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ରହନ୍ତି । ଅନ୍ୟମାନେ ପ୍ରଥମରୁ ଏ ବିଭାଗକୁ ଆସନ୍ତି ନାହିଁ କି ଆସିଲା ପରେ ଉପଯୁକ୍ତ ଭାବରେ କାମ ତୁଲାଇ ନ ପାରିଲେ କ୍ରମେ ବିଶ୍ୱବିଦ୍ୟାଳୟ ଛାଡ଼ି ଚାଲିଯାଆନ୍ତି । ତା' ଫଳରେ ଦେଶର ପ୍ରତିଭାଶୀଳ ଲୋକେହିଁ ଶିକ୍ଷା ବିଭାଗ ପ୍ରତି ଆକୃଷ୍ଟ ହୁଅନ୍ତି ।

ଯେ କୌଣସି ସଭ୍ୟ ଦେଶରେ ଶିକ୍ଷା ଲାଗି ପ୍ରଚୁର ଅର୍ଥବ୍ୟୟ କରାଯାଏ, ଶିକ୍ଷକ ପ୍ରତି ପ୍ରଗାଢ଼ ସମ୍ମାନ ଦେଖାଯାଏ—ବିଜ୍ଞାନ ଶିକ୍ଷାର ପ୍ରସାର ଲାଗି ଅଦମ୍ୟ ଚେଷ୍ଟା କରାଯାଏ—କିନ୍ତୁ ସୋଭିଏତ୍ ରୁଷର ଶିକ୍ଷାପଦ୍ଧତି ଓ ଶିକ୍ଷକମାନଙ୍କ ପ୍ରତି ସାମାଜିକ ତଥା ସରକାରୀ ସମ୍ମାନ ପଛରେ ଯେଉଁ ବିରାଟ ଆଦର୍ଶ ଓ ସାମାଜିକ ଦର୍ଶନ କାମ କରୁଛି, ତାହା ଆଉ କେଉଁଠି ଦେଖିବାକୁ ମିଳେ ନାହିଁ । ଏହି ଆଦର୍ଶର ଦ୍ୱିଧାହୀନ ଦିଗ୍‌ଦର୍ଶନ ଓ ସାରା ସମାଜର ଏକନିଷ୍ଠ ଏକାଗ୍ରାମନ୍ୟତା ଯୋଗୁଁ ଶିକ୍ଷାର ଏହି ବୈପ୍ଲବିକ କାର୍ଯ୍ୟକ୍ରମ ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳିତ ହୋଇପାରୁଛି । ଏଥିରେ ବ୍ୟକ୍ତିଗତ ବ୍ୟର୍ଥତା କି ସାମାଜିକ ବିଦ୍ରୋହର ଆତ୍ମଘାତୀ ଅରାଜକତା ନାହିଁ । ଆସନ୍ତା କୋଡ଼ିଏ ବର୍ଷ କିମ୍ବା ପଚାଶ ବର୍ଷ ପରେ ଶିକ୍ଷାର ରୂପରେଖ କଣ ହେବ, ସେ ବିଷୟରେ ପ୍ରତ୍ୟେକ ରୁଷ ଶିକ୍ଷାବିତ୍ ତଥା ନାଗରିକର ପରିଷ୍କାର ଧାରଣା ରହିଛି । ଫଳରେ ଶିକ୍ଷାର ରୂପରେଖ ବିଷୟରେ କାହାରି ସନ୍ଦେହ ନାହିଁ । ସମାଜବାଦୀ ନୈତିକତା, ବୈଜ୍ଞାନିକ ଦୃଷ୍ଟିକୋଣ, ଆନ୍ତର୍ଜାତିକ ମନୋଭାବ ଓ ବିଶ୍ୱଶାନ୍ତି ଲାଗି ଆନ୍ତରିକ ପ୍ରତ୍ୟୟ ସୃଷ୍ଟି କରିବାର ମୌଳିକ ନୀତି ଉପରେ ଶିକ୍ଷା ପଦ୍ଧତିକୁ ପ୍ରତିଷ୍ଠିତ କରି ସାମ୍ୟବାଦ ପ୍ରତିଷ୍ଠା ପାଇଁ ଯେ ପ୍ରକାର ବଳିଷ୍ଠ ପ୍ରେରଣା ଓ ଆତ୍ମବିଶ୍ୱାସର ଆବଶ୍ୟକତା ରହିଛି, ତାହା ସୋଭିଏତ୍ ସମାଜର ଶିକ୍ଷା କାର୍ଯ୍ୟକ୍ରମରେ ଯେ ଅତି ସ୍ପଷ୍ଟ ଭାବରେ କାର୍ଯ୍ୟ କରୁଛି—ଏହା ଯେକୌଣସି ବିଦେଶୀ ପର୍ଯ୍ୟଟକର ଆଖିରେ ପଡ଼େ । ସୋଭିଏତ୍ ଶିକ୍ଷାର ଏହି ବିରାଟ ମୂଲ୍ୟବୋଧ ଓ ମହାନ୍ ଐତିହାସିକ ଉଦ୍ଦେଶ୍ୟ ଯୋଗୁ ଏହା ଅଗ୍ରଗାମୀ ବିଶ୍ୱ ଜନତାର ସଂସ୍କୃତି ଓ ବିଶ୍ୱଶାନ୍ତି ପାଇଁ ଅମୂଲ୍ୟ ଅବଦାନରୂପେ ଆନ୍ତର୍ଜାତିକ ଦରବାରରେ କ୍ରମେ ସ୍ୱୀକୃତି ଲାଭ କରୁଛି ।

■■■

Digitized by PPRACHIN, SOA

ବିଜ୍ଞାନ

ରୁଷର ସମାଜବାଦୀ ବିପ୍ଳବ ପରେ ପାଶ୍ଚାତ୍ୟ ଦେଶର କେତେକ ବୈଜ୍ଞାନିକ ଭବିଷ୍ୟତବାଣୀ ଶୁଣାଇ କହିଥିଲେ ଯେ ରୁଷ ଦେଶର ବୈଜ୍ଞାନିକ ଗବେଷଣାର ଭବିଷ୍ୟତ ଅନ୍ଧକାରମୟ । ପ୍ରଥମ କଥା ରୁଷରେ ସେତେବେଳକୁ ବୈଜ୍ଞାନିକ ଗବେଷଣାର ପରିସର ବଡ଼ ସୀମିତ ଥିଲା । ଦ୍ୱିତୀୟରେ ପାଶ୍ଚାତ୍ୟ ଦେଶର ପୁଞ୍ଜିପତିମାନେ, ସମାଜବାଦୀ ସରକାର ବିରୁଦ୍ଧରେ ନାନାପ୍ରକାର କୁତ୍ସା ରଟନା କରୁଥିଲେ– ସୋଭିଏତ୍ ସମାଜର ଶିକ୍ଷା, ବିଜ୍ଞାନ, ଅର୍ଥନୀତି ପ୍ରଭୃତି ଅନ୍ଧକାର ଭବିଷ୍ୟତ ବିଷୟରେ ଏହିପରି ବହୁତ ନୈରାଶ୍ୟମୟ ଭବିଷ୍ୟତବାଣୀ କରୁଥିଲେ– ସରକାରୀ ପରିଚାଳିତ ଶିଳ୍ପାନୁଷ୍ଠାନ ଉତ୍ପାଦନ କଦାପି ବଢ଼ଇ ପାରିବ ନାହିଁ–ବିଜ୍ଞାନ କ୍ଷେତ୍ରରେ ମୌଳିକ ଗବେଷଣା ସମ୍ଭବ ନୁହେଁ ଇତ୍ୟାଦି ବହୁତ କଥା । କିନ୍ତୁ ସେତେବେଳେ ମଧ ସମାଜବାଦରେ ବିଶ୍ୱାସ ଥିବା କେତେକ ପାଶ୍ଚାତ୍ୟ ବୈଜ୍ଞାନିକ ଘୋଷଣା କରିଥିଲେ ଯେ ଆସନ୍ତା ଅଳ୍ପ କେତେବର୍ଷ ମଧ ସୋଭିଏତ୍ ଦେଶର ବିଜ୍ଞାନ ପୁଞ୍ଜିପତି ଦେଶର ବିଜ୍ଞାନକୁ ଟପିଯିବାକୁ ବାଧ । ସେମାନଙ୍କର ଭବିଷ୍ୟତବାଣୀ ବର୍ତ୍ତମାନ ପ୍ରମାଣିତ ହେଲା ଏବଂ ବର୍ତ୍ତମାନ ପୃଥିବୀରେ ଏପରି କୌଣସି ବୈଜ୍ଞାନିକ ନାହିଁ ଯାହାର କି ସୋଭିଏତ୍ ରୁଷର ଅଭୂତପୂର୍ବ ବୈଜ୍ଞାନିକ ସାଫଲ୍ୟରେ ସନ୍ଦେହ ଅଛି; ବରଂ କେତେକ କ୍ଷେତ୍ରରେ ରୁଷ ଅନ୍ୟାନ୍ୟ ବୈଜ୍ଞାନିକମାନଙ୍କଠାରୁ ବହୁତ ଆଗରେ ଅଛି । କେଉଁ କାରଣରୁ ସୋଭିଏତ୍ ସମାଜରେ ବିଜ୍ଞାନର ଏଡ଼େ ବିରାଟ ସାଫଲ୍ୟ ସମ୍ଭବ ହୋଇଛି ?

ବର୍ତ୍ତମାନ ଏହା ନିଶ୍ଚିତ ଭାବରେ ପ୍ରମାଣିତ ହେଲାଣି ଯେ ବୈଜ୍ଞାନିକ ଗବେଷଣା, ଶିଳ୍ପ ଉତ୍ପାଦନ, ସାଂସ୍କୃତିକ ଓ ଶିକ୍ଷାଗତ ସମ୍ପ୍ରସାରଣ ପ୍ରଭୃତି ବିକାଶମୂଳକ କ୍ଷେତ୍ରରେ ସୋଭିଏତ୍ ସମାଜ ପୁଞ୍ଜିବାଦୀ ସମାଜ ଅପେକ୍ଷା ଯଥେଷ୍ଟ ପ୍ରଗତିଶୀଳ ଏବଂ କ୍ରିୟାଉଦ୍ଦୀପକ । ପ୍ରଥମତଃ ପୁଞ୍ଜିପତି ଦେଶରେ ଶିକ୍ଷା ବିଶେଷତଃ ବୈଜ୍ଞାନିକ ଶିକ୍ଷାର ପ୍ରସାର ଏତେ ଶୀଘ୍ର ସମ୍ଭବ ହୁଏ ନାହିଁ । ଏହା ବଜାରର ଚାହିଦା ଉପରେ ଗୁରୁତ୍ୱ ଦେଉଥିବା ଯୋଗୁ ପୁଞ୍ଜିପତିମାନେ ଯେଉଁ ବୈଜ୍ଞାନିକମାନଙ୍କୁ ନିଯୁକ୍ତ କରନ୍ତି, ସେମାନଙ୍କର ଗବେଷଣା ସଂକୀର୍ଣ୍ଣ ଏବଂ ନ୍ୟସ୍ତସ୍ୱାର୍ଥ ପ୍ରଣୋଦିତ ହେବା ସ୍ୱାଭାବିକ । ଦ୍ୱିତୀୟରେ ସେହି ଗୋଟିଏ ପ୍ରକାର ଗବେଷଣାକୁ ଅନେକ ବୈଜ୍ଞାନିକ ବିଭିନ୍ନ କାରଖାନାରେ କରନ୍ତି; କିନ୍ତୁ ପୁଞ୍ଜିପତିମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଯୋଗୁଁ ଏମାନଙ୍କର ଗବେଷଣା ଗୁପ୍ତ ରଖାଯାଏ । ତେଣୁ ପରସ୍ପର ଭିତରେ ଗବେଷଣାପ୍ରସୂତ ଜ୍ଞାନର ଆଦାନ-ପ୍ରଦାନର ଅଭାବରୁ ବହୁ ବୈଜ୍ଞାନିକଙ୍କର ପ୍ରତିଭା ଓ ପରିଶ୍ରମ ବ୍ୟର୍ଥ ହୁଏ । ତୃତୀୟରେ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକଙ୍କ ଅପେକ୍ଷା ପୁଞ୍ଜିପତିଙ୍କ କାରଖାନାରେ କାମ କରୁଥିବା ବୈଜ୍ଞାନିକମାନେ ବେଶି ଦରମା ପାଉଥିବାରୁ କେବଳ ଅର୍ଜନ ଅଳ୍ପ କେତେଜଣ ଅନୁପ୍ରାଣିତ ବୈଜ୍ଞାନିକ ବିଶ୍ୱବିଦ୍ୟାଳୟକୁ ଆସନ୍ତି; କାରଣ ବିଜ୍ଞାନ କ୍ଷେତ୍ରରେ ସେମାନେ ସୁନାମ କରିବାକୁ ଚାହାନ୍ତି, ପୁଞ୍ଜିପତିମାନଙ୍କର ଭଡ଼ାଟିଆ ହିସାବରେ ନିଜର ପ୍ରତିଭାକୁ ବିକ୍ରୟ

Digitized by PPRACHIN, SOA

କରିଦେବାକୁ ଚାହାନ୍ତି ନାହିଁ । ଏସବୁ କାରଣ ଯୋଗୁ ପୁଞ୍ଜିପତି ସମାଜର ବୈଜ୍ଞାନିକ ପ୍ରତିଭା ସୁନିର୍ଦ୍ଦିଷ୍ଟ ଭାବରେ ନିୟୋଜିତ ହୋଇପାରେ ନାହିଁ । ଚତୁର୍ଥରେ ସାରା ସମାଜକୁ ଆଧୁନିକ ବିଜ୍ଞାନରେ ଅନୁପ୍ରାଣିତ ତଥା ଉଦ୍‌ବୁଦ୍ଧ କରିବା ପାଇଁ ଯେତେ ବଡ଼ ବିରାଟ ଶିକ୍ଷାସଂସ୍ଥା ଆବଶ୍ୟକ, ତାହା ପୁଞ୍ଜିପତି ଦେଶରେ ସମ୍ଭବ ନୁହେଁ । ତେଣୁ ବିଜ୍ଞାନ ଶିକ୍ଷା ଓ ପ୍ରେରଣା ଆସ୍ତେ ଆସ୍ତେ ବହୁବର୍ଷ ପରେ ସମାଜର ବିଭିନ୍ନ ଅଂଶକୁ ସ୍ୱାଭାବିକ ଭାବରେ ସଞ୍ଚାରିପାରେ; ତେଣୁ ଏଠାରେ ବିଜ୍ଞାନ ପ୍ରସାର ଖୁବ୍ ଡେରିରେ ହୁଏ । କିନ୍ତୁ ସମଗ୍ର ସମାଜର ସମସ୍ତ ପ୍ରତିଭାକୁ ସୁସଙ୍ଗଠିତ କରି ବୈଜ୍ଞାନିକମାନଙ୍କର ପରସ୍ପର ସହଯୋଗରେ ବୈଜ୍ଞାନିକ ଗବେଷଣାକୁ ନିର୍ଦ୍ଦିଷ୍ଟ ଦିଗରେ ପରିଚାଳିତ କରିବା ପାଇଁ ଏ ଯେଉଁ ସାମାଜିକ ପ୍ରତିବନ୍ଧକ, ତାହା ସମାଜବାଦୀ ସମାଜରେ ନାହିଁ ।

ସମାଜବାଦୀ ସମାଜରେ ସମସ୍ତ ଶିଳ୍ପ ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଏ କ୍ଷେତ୍ରରେ କାମ କରୁଥିବା ବୈଜ୍ଞାନିକମାନଙ୍କ ମଧ୍ୟରେ ଚରମ ସହଯୋଗ ରହିବା ସ୍ୱାଭାବିକ । ପୁଞ୍ଜିପତି ଦେଶରେ ସେହି ଗୋଟିଏ ଗବେଷଣା ପାଇଁ ଶହେ ଜଣ ବୈଜ୍ଞାନିକ ଭିନ୍ନ ଭିନ୍ନ ଗବେଷଣାଗାରରେ ବ୍ୟକ୍ତିଗତ ଭାବରେ କାମ କରୁଥିଲାବେଳେ ଏଠାରେ ଅଳ୍ପ କେତେଜଣଙ୍କ ଦ୍ୱାରା ସେହି ଗବେଷଣା ସମ୍ଭବ ହୋଇପାରିବ । ଶିଳ୍ପାନୁଷ୍ଠାନ ଗବେଷଣା ଓ ବିଶ୍ୱବିଦ୍ୟାଳୟ ଗବେଷଣାରେ କିଛି ପ୍ରଭେଦ ନାହିଁ । ସବୁ ବୈଜ୍ଞାନିକଙ୍କର ସମାନ ଦରମା ହାର ଏବଂ ସମାଜବାଦୀ ଦେଶର ବିଜ୍ଞାନ ଉପରେ ଚରମ ବିଶ୍ୱାସ ଥିବାରୁ ବୈଜ୍ଞାନିକମାନେ ଅନ୍ୟାନ୍ୟ କର୍ମଚାରୀଙ୍କ ଅପେକ୍ଷା ବେଶି ଦରମା ତଥା ସାମାଜିକ ସୁବିଧା ପାଆନ୍ତି । ଫଳରେ ଏ ସମାଜରେ ବିଜ୍ଞାନ ପାଇଁ ସାମାଜିକ ମୂଲ୍ୟବୋଧ ଓ ବୈଜ୍ଞାନିକମାନଙ୍କର ସାମାଜିକ ସମ୍ମାନ ସବୁଠୁ ବେଶି । ଏ ପ୍ରକାର ସମାଜରେ ବିଜ୍ଞାନୀମାନେ ହେଲେ ସର୍ବସମ୍ମାନର ଅଧିକାରୀ ତଥା ଧନୀ । ଏହା କୌଣସି ପୁଞ୍ଜିପତି ଦେଶରେ ସମ୍ଭବ ହୋଇପାରିନାହିଁ । ବିଜ୍ଞାନୀମାନଙ୍କୁ ଶ୍ରେଷ୍ଠ ଆସନ ଦିଆଯାଏ; ବିଜ୍ଞାନ ଗବେଷଣା ଓ ବିଜ୍ଞାନ ପାଠ ସମଗ୍ର ଯୋଜନାରେ ପ୍ରଥମ ସ୍ଥାନ ପାଏ । ସୋଭିଏତ୍ ରୁଷ୍‌ରେ ଗବେଷଣା ପ୍ରସାରର କୌଣସି ସୀମା ନାହିଁ କହିଲେ ଚଳେ । ମସ୍କୋ ବିଶ୍ୱବିଦ୍ୟାଳୟର କେତେଜଣ ବୈଜ୍ଞାନିକମାନଙ୍କ ସହିତ ଆଲୋଚନା ବେଳେ ମୁଁ ଯେତେବେଳେ ଗବେଷଣା ପାଇଁ ଅର୍ଥ ମଞ୍ଜୁରୀ କଥା ପଚାରିଲି, ସେମାନେ କହିଲେ ଯେ, ବିଜ୍ଞାନ ଗବେଷଣା ପାଇଁ ଯାହା ବହି ଓ ଉପକରଣ ଦରକାର, ତାହା ପାଇବାରେ ସେମାନଙ୍କର କୌଣସି ଅସୁବିଧା ହୁଏ ନାହିଁ । ସେମାନଙ୍କ କଥାରୁ ଜଣାଗଲା, ଗବେଷଣା ପାଇଁ ସୁବିଧା ପାଇବା ଯେପରି ଗୋଟିଏ ସମସ୍ୟା ନୁହେଁ । ଖାଲି ସେତିକି ନୁହେଁ, ସେଠାକାର ଅଧ୍ୟାପକ ଓ ବୈଜ୍ଞାନିକମାନେ କିଛି କାମ ନ କରି କେବଳ ବୟସ ବୃଦ୍ଧି ଅନୁସାରେ ବେଶି ବେଶି ଦରମା ପାଆନ୍ତି ନାହିଁ; ସେମାନଙ୍କର ଗବେଷଣା ଅନୁସାରେ ସେମାନେ ଦରମା ପାଆନ୍ତି । ଯେ କୌଣସି ଗବେଷକ ଗବେଷଣାଗତ ଉପାଧି ପାଇଲା ପରେ ତାର ପୂର୍ବ ଦରମା ଦ୍ୱିଗୁଣିତ ହୋଇଯାଏ—ସେ ଯଦି ତାର ଉପରସ୍ତରର ଗବେଷଣା ଡିଗ୍ରୀ ପାଏ, ତା'ହେଲେ ପୁଣି ଆଉଥରେ ଦରମା ବଢ଼ିଯାଏ; ଅର୍ଥାତ୍ ସେଠାରେ ଯାହାର ଦରମା ଯେତେ ବେଶି, ସେ ନିଶ୍ଚୟ ଗବେଷଣା କ୍ଷେତ୍ରରେ ସେତେବେଶି ସୁନାମ ଅର୍ଜନ କରିପାରିଛି । ଦରମା ବ୍ୟତୀତ ଅନ୍ୟାନ୍ୟ ସାମାଜିକ ସମ୍ମାନ ରହିଛି । ଭାରତବର୍ଷର ପୁରାତନ ଯୁଗର ମୁନିଋଷିଙ୍କ ପରି ଏମାନେ ସବୁଠୁ ବେଶି ସମ୍ମାନାସ୍ପଦ ବ୍ୟକ୍ତି ।

ବିଜ୍ଞାନ ଗବେଷଣା ଓ ବିଜ୍ଞାନୀର ଆଦର ଛଡ଼ା ବିଜ୍ଞାନ ପାଇଁ ଯେଉଁ ପ୍ରକାର ବ୍ୟାପକ ଆୟୋଜନ ସାରା ସୋଭିଏତ୍ ସମାଜରେ ଦେଖାଯାଏ, ତାହା ଦେଖିଲେ ସେମାନଙ୍କର ବିଜ୍ଞାନ-ଶିକ୍ଷା ପ୍ରତି ନିଷ୍ଠାର ପରିଚୟ ମିଳେ । ପ୍ରତ୍ୟେକ ବିଷୟବସ୍ତୁ ଏପରି ବୈଜ୍ଞାନିକ ଭିତ୍ତି ଉପରେ ପ୍ରତିଷ୍ଠିତ ଏବଂ ପିଲାଦିନରୁ ସବୁ ବିଷୟ ଏପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଶିକ୍ଷା ଦିଆଯାଏ ଯେ, କୁସଂସ୍କାର କିମ୍ବା ଅବୈଜ୍ଞାନିକ ଚିନ୍ତାଧାରା ପିଲା ମନରେ କୌଣସିମତେ ପଶିପାରିବ ନାହିଁ ।

Digitized by PPRACHIN, SOA

ସ୍କୁଲ, ଘର, ରାସ୍ତାଘାଟ, ପତ୍ରପତ୍ରିକା– ସବୁଆଡ଼େ ଯେପରି ସେହି ଗୋଟିଏ ବଳିଷ୍ଠ ବୈଜ୍ଞାନିକ ଦୃଷ୍ଟିକୋଣ । ଦ୍ୱିଧାହୀନ ବୈଜ୍ଞାନିକ ମନୋଭାବ ସୃଷ୍ଟି କରିବା ପାଇଁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶହ ଶହ କୋଠରି ବିଶିଷ୍ଟ ପ୍ରାସାଦରେ ନାନା ଧରଣର ବିଜ୍ଞାନାଗାର ରଖାହୋଇଛି-ମସ୍କୋରେ ଗୋଟିଏ ବିରାଟ ସ୍ଥାୟୀ ପ୍ରଦର୍ଶନୀ-ସହର ତିଆରି ହୋଇଛି । ସେଠାରେ କଳକାରଖାନାରୁ ଉତ୍ପାଦିତ ଦ୍ରବ୍ୟ, ଗବେଷଣାପ୍ରସୂତ ବୈଜ୍ଞାନିକ ତଥ୍ୟ, ବିଶ୍ୱବିଦ୍ୟାଳୟରେ ପଢ଼ା ହେଉଥିବା ବିଜ୍ଞାନ ବିଷୟକୁ ଟେଲିଭିଜନ୍ ସାହାଯ୍ୟରେ ପ୍ରଦର୍ଶନ କରିବା ପ୍ରଭୃତି ବହୁତ କଥା ପ୍ରଦର୍ଶିତ ହେଉଛି । ଲୋକମାନଙ୍କଠାରେ ବିଜ୍ଞାନ ଓ ଶିଳ୍ପ ଉତ୍ପାଦନ ସମ୍ବନ୍ଧରେ ଆଗ୍ରହ ସୃଷ୍ଟି କରିବା ପାଇଁ ନାନା ଭାବରେ ବର୍ଷସାରା ଏହିପରି ଭାବରେ ଅନେକ ଜିନିଷ ପ୍ରଦର୍ଶିତ ହେଉଥାଏ ।

ହଜାର ହଜାର ନାଗରିକ ଏସବୁ କୋଠରିରେ ବୁଲୁଥାଆନ୍ତି- ପ୍ରଦର୍ଶନୀ ଫାଟକ ଆଗରେ ଚିକ୍ ଚିକ୍ କରୁଥିବା ଗୋଟିଏ ବିରାଟ ଈଷଦ୍ ବକ୍ର ଇସ୍ପାତ୍ ସ୍ତମ୍ଭର ଅତ୍ୟୁଚ୍ଚ ଅଗ୍ରଭାଗରେ ଗୋଟିଏ ସ୍ପୁଟ୍‌ନିକର ମଡ଼େଲ ଏପରି ରଖାହୋଇଛି ଯେ, ମୁଣ୍ଡ ଭାଙ୍ଗି ଉପରକୁ ଚାହିଁଲେ ଦେଖାଯିବ ସତେ ଯେପରି ସେହି ସ୍ପୁଟ୍‌ନିକ୍‌ଟି ସେହିକ୍ଷଣି ସ୍ତମ୍ଭର ଅଗ୍ରଭାଗ ଛାଡ଼ି ଚାଲିଯିବ ! ଏହି ବିରାଟ ଜିନିଷଟିକୁ ଦେଖିଲେ ଯେକୌଣସି ଲୋକ ବିଜ୍ଞାନର ଅଦ୍ଭୁତ ତଥା ଅତିମାନବୀୟ ସାଫଲ୍ୟରେ ଉତ୍ଫୁଲ୍ଲ ଓ ଉଦ୍‌ବୁଦ୍ଧ ହୋଇପଡ଼ିବ । ଭିତରର ସ୍ଥାୟୀ ପ୍ରଦର୍ଶନୀ ବିଷୟରେ ବର୍ଣ୍ଣନା କରିବା ଅସମ୍ଭବ । ଏହା ଏତେ ବିରାଟ ଏବଂ ପ୍ରତ୍ୟେକ ହଲ୍‌ରେ ସମସ୍ତ ଜିନିଷ ଏପରି ଭାବରେ ସଜ୍ଜିତ ହୋଇ ରହିଛି ଯେ, ଜଣେ ଯଦି ସାତଦିନ ସେ ସହର ଭିତରେ ବୁଲିପାରିବ, ତାହାହେଲେ ବିଜ୍ଞାନ ଓ ଏହାର ଅତି ଆଶ୍ଚର୍ଯ୍ୟଜନକ ପ୍ରୟୋଗ ବିଷୟରେ ତାର ସ୍ପଷ୍ଟ ଧାରଣା ହୋଇଯିବା ସଙ୍ଗେ ସଙ୍ଗେ ବିଜ୍ଞାନ ପ୍ରତି ଆନ୍ତରିକ ଶ୍ରଦ୍ଧା ଓ ବିଶ୍ୱାସ ଆସିଯିବ । ଏପରି ବ୍ୟାପକ ବିଜ୍ଞାନ ଶିକ୍ଷା ଓ ବୈଜ୍ଞାନିକ ଗବେଷଣା ଏବଂ ବିଜ୍ଞାନ ପଛରେ ଏ ଯେଉଁ ଦ୍ୱିଧାହୀନ ବଳିଷ୍ଠ ଦର୍ଶନ ରହିଛି– ସେହି କାରଣରୁହିଁ ସୋଭିଏତ୍ ସମାଜରେ ବିଜ୍ଞାନ ଏତେ ଶୀଘ୍ର ଏପରି ଭାବରେ ବ୍ୟାପିଯାଇ ପାରିଛି । ପୁଞ୍ଜିପତି ଦେଶର ବୈଜ୍ଞାନିକମାନଙ୍କର ସୋଭିଏତ୍ ବିଜ୍ଞାନ ବିଷୟରେ ଯେଉଁ ସନ୍ଦେହ ସୋଭିଏତ୍ ସରକାର ପ୍ରତିଷ୍ଠା ସମୟରେ ଦେଖାଦେଇଥିଲା, ତାହା ଅପ୍ରମାଣିତ ହୋଇଯାଇଛି ।

ଏପରି ଯେଉଁ ବିଜ୍ଞାନାନୁପ୍ରାଣିତ ସୋଭିଏତ୍ ଦେଶ, ସେଠାରେ ୧୯୬୩ ମସିହାରେ ୫୬୬୦୦୦ ଜଣ ବୈଜ୍ଞାନିକ ସକ୍ରିୟ ବୈଜ୍ଞାନିକ କାମରେ ନିଯୁକ୍ତ ଥିଲେ । ଏମାନଙ୍କ ଭିତରୁ ତିରିଶ ହଜାର ମହିଳା ବିଜ୍ଞାନରେ ଡକ୍ଟରେଟ୍ ଭଳି ଉଚ୍ଚ ବୈଜ୍ଞାନିକ ଗବେଷଣା ଡିଗ୍ରୀ ହାସଲ କରିପାରିଥିଲେ ଏବଂ ସମଗ୍ର ରୁଷ୍‌ରେ ଏପରି ଉଚ୍ଚ ଡିଗ୍ରୀ ଥିବା ବୈଜ୍ଞାନିକଙ୍କ ସଂଖ୍ୟା ଲକ୍ଷେ ଅଠେଇଶି ହଜାର । ଯେଉଁ ବୈଜ୍ଞାନିକମାନେ ଗବେଷଣାରେ ସବୁଠୁ ବେଶି ନାମ କରିଛନ୍ତି, ଏପରି ବୈଜ୍ଞାନିକମାନେ ସୋଭିଏତ୍ ବିଜ୍ଞାନ ଆକାଦେମୀର ସଭ୍ୟ ହୁଅନ୍ତି । ଏପରି ବିଶିଷ୍ଟ ଆକାଡେମୀସିଆନ୍‌ଙ୍କ ସଂଖ୍ୟା ପ୍ରାୟ ଅଠେଇଶି ଶହ ।

ସୋଭିଏତ୍ ରୁଷରେ ମୌଳିକ ବୈଜ୍ଞାନିକ ତଥ୍ୟ ବିଷୟରେ ଯେପରି ଗବେଷଣା ହୁଏ, ଉତ୍ପାଦନ ବୃଦ୍ଧି ପାଇଁ ତାହାର ପ୍ରୟୋଗ ବିଷୟରେ ମଧ୍ୟ ସେହିପରି ଗୁରୁତ୍ୱ ଦିଆହୁଏ । ପ୍ରତ୍ୟେକ ମୌଳିକ ତଥ୍ୟ କି ଉପାୟରେ ପ୍ରୟୋଗ କରାଯାଇପାରିବ, ସେଥିପାଇଁ ସଙ୍ଗଠିତ ଉଦ୍ୟମ ଅନବରତ ଚାଲିଥାଏ । ପ୍ରୟୋଗାତ୍ମକ ବିଜ୍ଞାନ କ୍ଷେତ୍ରରେ ବିଦ୍ୟୁତ୍ ଓ ଅନ୍ୟାନ୍ୟ ଶକ୍ତିର ଉତ୍ପାଦନ ଓ ପ୍ରୟୋଗ ପାଇଁ ଖୁବ୍ ଜୋର ଦିଆହୁଏ । ହଜାର ହଜାର ବୈଜ୍ଞାନିକ କଳକାରଖାନାମାନଙ୍କରେ ସ୍ୱୟଂକ୍ରିୟ ଯନ୍ତ୍ରପାତି ତିଆରିରେ ନିୟୋଜିତ ହୋଇଛନ୍ତି । ବିଜ୍ଞାନର ପ୍ରୟୋଗ ଫଳରେ ଚାଷୀ ମଜଦୁରଙ୍କର ମାଂସପେଶୀ ଦ୍ୱାରା ହେଉଥିବା କାର୍ଯ୍ୟାବଳୀ ସ୍ୱୟଂକ୍ରିୟ ଯନ୍ତ୍ର ସାହାଯ୍ୟରେ ସମ୍ପାଦିତ ହେବାକୁ ଯାଉଛି । କୋଇଲାଖଣି, ଲୁହାତରଳା ଚୁଲି, ଗ୍ୟାସ୍ କୂଅ ପ୍ରଭୃତି କାମ ମଧ୍ୟ ସେହିପରି ଭାବରେ

Digitized by PPRACHIN, SOA

ସାଧିତ ହେଲାଣି । କେତେକ କାରଖାନାରେ ବହୁତ କମ୍ ଲୋକଙ୍କର ସାହାଯ୍ୟ ନେଇ ସ୍ୱୟଂକ୍ରିୟ ଯନ୍ତ୍ରଦ୍ୱାରା ଉତ୍ପାଦନ ସମ୍ପାଦିତ ହୋଇପାରୁଛି । ୧୯୮୦ ସୁଦ୍ଧା ଦେଶର ସମସ୍ତ ପ୍ରକାର ଉତ୍ପାଦନ ଏହିପରି ଭାବରେ କରାଯିବାର ବିରାଟ ଯୋଜନା କରାହୋଇଛି ଏବଂ ଏଥିପାଇଁ ହଜାର ହଜାର ବୈଜ୍ଞାନିକ କାମ କରୁଛନ୍ତି ।

ବିଜ୍ଞାନ ଓ ଅନ୍ତରୀକ୍ଷ ଯାନ ସମ୍ବନ୍ଧୀୟ ଗବେଷଣା ସମଗ୍ର ବିଶ୍ୱକୁ ଚମତ୍କୃତ କରିଦେଇଛି । ଆମେରିକାର ବୈଜ୍ଞାନିକମାନେ ୧୯୫୭ ଅକ୍ଟୋବର ୪ ତାରିଖରେ ରୁଷ୍‌ର ପ୍ରଥମ ଅନ୍ତରୀକ୍ଷ ଯାନର ଅଦ୍ଭୁତ କୃତିତ୍ୱ ଦେଖି ସୋଭିଏତ୍ ବିଜ୍ଞାନକୁ ଅତ୍ୟନ୍ତ ପ୍ରଶଂସା କରିଥିଲେ । ସେତେବେଳେ ସେମାନେ ରୁଷ୍ ଗବେଷଣାର ବହୁ ପଛରେ ଥିଲେ ବୋଲି ସ୍ୱୀକାର କରିଥିଲେ । ବର୍ତ୍ତମାନ ସୁଦ୍ଧା ଅନ୍ତରୀକ୍ଷ ଗବେଷଣା କ୍ଷେତ୍ରରେ ରୁଷ୍ ଅନ୍ୟମାନଙ୍କଠାରୁ ଅନ୍ତତଃ ଦୁଇବର୍ଷ ଆଗରେ ରହିଛି ବୋଲି ପାଶ୍ଚାତ୍ୟ ବୈଜ୍ଞାନିକମାନେ କହନ୍ତି । ପ୍ରଥମ ଅନ୍ତରୀକ୍ଷଚାରୀ ୟୁରି ଗାଗାରିନ୍‌ଙ୍କୁ ସମ୍ମାନ ଦେଖାଇବା ପାଇଁ ଏବଂ ଦେଶବାସୀଙ୍କୁ ଏଥିରେ ଉଦ୍‌ବୁଦ୍ଧ କରିବା ପାଇଁ ଏପ୍ରିଲ୍ ୧୨ ତାରିଖ 'କସ୍ମୋନଟ୍ ଦିବସ' ନାମରେ ସର୍ବସାଧାରଣ ଛୁଟି ଦିବସ ରୂପେ ପ୍ରତିବର୍ଷ ପାଳିତ ହେଉଛି । ଏହାଦ୍ୱାରା ସୋଭିଏତ୍ ସମାଜ ଅନ୍ତରୀକ୍ଷଚାରୀମାନଙ୍କୁ ସର୍ବଶ୍ରେଷ୍ଠ ସାମାଜିକ ସମ୍ମାନ ଦେଖାଇଛି । ସମ୍ମାନିତ ନାଗରିକ ରୂପେ ଏମାନେ ସୋଭିଏତ୍ ରାଷ୍ଟ୍ର ପକ୍ଷରୁ ଦେଶ-ବିଦେଶକୁ ପରିଭ୍ରମଣରେ ଯାଉଛନ୍ତି । ଏହି ବିଶିଷ୍ଟ ଅନ୍ତରୀକ୍ଷଯାତ୍ରୀମାନେ ରୁଷ୍ ପିଲାଙ୍କୁ ତାଙ୍କ ଅଭିଜ୍ଞତା ବିଷୟରେ ଶିକ୍ଷା ଦେଉଛନ୍ତି ।

ସମାଜବାଦୀ ଦେଶର ସାମାଜିକ ସଂସ୍ଥା, ବୈଜ୍ଞାନିକ ଦୃଷ୍ଟିକୋଣ ଓ ବଳିଷ୍ଠ ଦର୍ଶନ ଫଳରେ ମାତ୍ର କେତେବର୍ଷ ଭିତରେ ବିଜ୍ଞାନ ଯେପରି ଆଗେଇ ପାରିଛି, ଏହି ଶତାବ୍ଦୀର ଶେଷ ବେଳକୁ ବିଜ୍ଞାନ କ୍ଷେତ୍ରରେ ସୋଭିଏତ୍ ରୁଷ୍ ପୃଥିବୀରେ ଯେ ସର୍ବଶ୍ରେଷ୍ଠ ଆସନ ଅଧିକାର କରିପାରିବ, ଏଥିରେ କାହାରି ସନ୍ଦେହ ନାହିଁ । ବିଜ୍ଞାନ ଯୁଗରେ ଯେଉଁ ଦେଶ ବିଜ୍ଞାନରେ ଶୀର୍ଷସ୍ଥାନ ଅଧିକାର କରିପାରିବ ସେହି ଦେଶ ଅର୍ଥନୈତିକ, ଶୈଳ୍ପିକ ଓ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଯେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବ, ଏହା କହିବା ବାହୁଲ୍ୟ ମାତ୍ର । ■■■

Digitized by PPRACHIN, SOA

ସର୍ବାଧିକ ସୁବିଧାଭୋଗୀ ଶ୍ରେଣୀ

ସୋଭିଏତ୍ ରୁଷ୍‌ର ସମାଜବାଦୀ ବିପ୍ଳବ ପରେ ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ବିଶେଷ ସୁବିଧା ଓ ସୁଯୋଗ ଭୋଗ କରୁଥିବା ସମସ୍ତ ପ୍ରକାର ଶ୍ରେଣୀ ଓ ସମ୍ପ୍ରଦାୟକୁ ସଂପୂର୍ଣ୍ଣ ଭାବେ ଭାଙ୍ଗି ଦିଆଯାଇଛି । କିନ୍ତୁ ଏଠାରେ ବର୍ତ୍ତମାନ ସର୍ବାଧିକ ସୁବିଧାଭୋଗୀ ଶ୍ରେଣୀ ହେଉଛି ସୋଭିଏତ୍ ଶିଶୁସମାଜ । ଶିଶୁଙ୍କର ସର୍ବବିଧ ଉନ୍ନତି ପାଇଁ ଯେଉଁ ପ୍ରକାର ଦେଶବ୍ୟାପୀ ଆଗ୍ରହ ଦେଖାଦେଇଛି, ତାହା ପୃଥିବୀର ଅନ୍ୟ କୌଣସି ସମାଜରେ ଏପରି ବ୍ୟାପକ ଭାବରେ ନାହିଁ କହିଲେ ଚଳେ ।

ଶିଶୁମାନଙ୍କର ଜନ୍ମ ପୂର୍ବରୁ ଗର୍ଭବତୀ ମାଆଙ୍କର ବିଶେଷ ଯତ୍ନ ନିଆଯାଏ । ସେହି କାମ ପାଇଁ ବିଶେଷ ଭାବରେ ଶିକ୍ଷା ପାଇଥିବା ଡାକ୍ତର ଓ ନର୍ସ ମାଆମାନଙ୍କୁ ଘରେ ଯାଇ ଦେଖନ୍ତି, ପରାମର୍ଶ ଦିଅନ୍ତି । ଶିଶୁର ଉପଯୁକ୍ତ ସ୍ୱାସ୍ଥ୍ୟ ପାଇଁ ମାଆମାନଙ୍କୁ ନାନାପ୍ରକାର ପୁଷ୍ଟିକର ଖାଦ୍ୟ ଦିଆଯାଏ । ମାଆ ଶିଶୁ ଜନ୍ମ ପୂର୍ବରୁ ୫୬ ଦିନ ଏବଂ ଜନ୍ମପରେ ଆଉ ୫୬ ଦିନ ଛୁଟି ପାଏ ଏବଂ ଏହି ୧୧୨ ଦିନ ପାଇଁ ସେ ପୂରା ଦରମା ପାଏ । ସୋଭିଏତ୍ ଦେଶରେ ଯେଉଁଠାରେ ସେ କାମ କରୁନା କାହିଁକି- ଶିଳ୍ପ କାରଖାନାରେ, କୋଠଖମାରରେ, ସ୍କୁଲ କଲେଜରେ, ରାସ୍ତା ଝାଡ଼ୁଦାର ହିସାବରେ କାମ କରୁଥିଲେ ମଧ୍ୟ ପ୍ରତ୍ୟେକ ମାଆ ଏପରି ସୁବିଧା ପାଇବାକୁ ହକ୍‌ଦାର । ଏଥିରେ କୌଣସି ଶ୍ରେଣୀଗତ ବା ଦଳଗତ ବୈଷମ୍ୟ ନାହିଁ ।

ସୋଭିଏତ୍ ସମାଜ ଶିଶୁର ଦାୟିତ୍ୱ ତାର ଜନ୍ମ ହେବା ପୂର୍ବରୁ ଗ୍ରହଣ କରିଥାଏ । ଶିଶୁ ଜନ୍ମ ହେଲା ପରେ ତାର ସ୍ୱାସ୍ଥ୍ୟରକ୍ଷା ତଥା ଚିକିତ୍ସା ପାଇଁ ବିଶେଷ ଧରଣର ବ୍ୟବସ୍ଥା ହୋଇଥାଏ । କାମ କରୁଥିବା ମାଆ କାମକୁ ଗଲା ପରେ ସେଠାରେ ଛୋଟ ଶିଶୁଙ୍କ ପାଇଁ ଥିବା କ୍ରେଚ୍‌ରେ ତାକୁ ଛାଡ଼ିଦିଏ ଏବଂ ସେଠାରେ ଡାକ୍ତର, ନର୍ସ, ମନସ୍ତତ୍ତ୍ୱବିତ୍ ପ୍ରଭୃତି ଶିଶୁ ବିଶେଷଜ୍ଞମାନେ ଏମାନଙ୍କର ଦାୟିତ୍ୱ ନିଅନ୍ତି । ସେଠାରେ ପହଞ୍ଚିବା ପରେ ଶିଶୁକୁ ଜୀବାଣୁ ପ୍ରତିଷେଧକ ପୋଷାକ ପିନ୍ଧାଇ ଦିଆଯାଏ— ସେମାନଙ୍କର ଓଜନ ପ୍ରତିଦିନ ନିଆଯାଏ-ଗାଧୁଆ-ପାଧୁଆ ଖିଆପିଆର ସମସ୍ତ ବନ୍ଦୋବସ୍ତ କ୍ରେଚ୍‌ରେ ଥାଏ । ମାଆମାନେ ପ୍ରତି ତିନିଘଣ୍ଟାରେ ଛୁଟି ପାଆନ୍ତି ପିଲାମାନଙ୍କୁ ଆସି ଖୁଆଇବା ପାଇଁ । ତାପରେ କାମ ଶେଷ ପରେ ମାଆମାନେ ପିଲାଙ୍କୁ ସାଙ୍ଗରେ ଧରି ଘରକୁ ଫେରନ୍ତି । ପ୍ରଥମ ତିନିବର୍ଷ କ୍ରେଚ୍‌ରେ ଏବଂ ତାପରେ ତିନିବର୍ଷ କିଣ୍ଡରଗାର୍ଟେନରେ ପିଲାମାନେ ସମୟ କାଟନ୍ତି । ଏପରି ବ୍ୟାପକ ବ୍ୟବସ୍ଥା ଯୋଗୁଁ ଶିଶୁର କୌଣସି ଗୁରୁଦାୟିତ୍ୱ ନେଇ ମାଆ-ବାପଙ୍କଠାରେ ଅଯଥା ଉଦ୍‌ବେଗ ଓ ଭୟ ଦେଖାଯିବାର ସମ୍ଭାବନା କମ୍ ।

ତାପରେ ସ୍କୁଲ ବଡ଼ା ସାରା ସୋଭିଏତ୍ ଦେଶରେ ବହୁତ ପାଓନିୟର ପ୍ରାସାଦ ବଡ଼ ପିଲାଙ୍କ ପାଇଁ ରହିଛି । ଏଠାରେ ସୋଭିଏତ୍ କଳକାରଖାନା ଓ ବୈଜ୍ଞାନିକ ଯନ୍ତ୍ରପାତିର ମଡେଲ ରହିଛି । ପିଲାମାନଙ୍କୁ ଉଡ଼ାଜାହାଜ, ଜାହାଜ, ମଟରର ମଡେଲ ତିଆରି କରିବା ପାଇଁ ଶିଖାଯାଏ—ବୈଜ୍ଞାନିକ

Digitized by PPRACHIN, SOA

ଗବେଷଣା କରିବା ଲାଗି ଉତ୍ସାହିତ ତଥା ସାହାଯ୍ୟ କରାଯାଏ । ଫଳରେ ପନ୍ଦର ଷୋହଳ ବର୍ଷର ପିଲାମାନଙ୍କ ଦ୍ୱାରା ମଧ୍ୟ ଅତି ଅଦ୍ଭୁତ ଧରଣର ଉଦ୍ଭାବନ ସମ୍ଭବ ହେଉଛି । ହଜାର ହଜାର ଛୋଟ ରେଡ଼ିଓ ଭାଲ୍ବ ପିଲାମାନଙ୍କ ହାତରେ ଦିଆଯାଇଛି । ସେମାନେ ନିଜେ ନିଜେ ତିଆରି କରିଥିବା ଟ୍ରାନ୍‌ଜିଷ୍ଟର ରେଡ଼ିଓ ଓ ଟ୍ରାନ୍ସମିଟର ସାହାଯ୍ୟରେ ଭିନ୍ନ ଭିନ୍ନ କେନ୍ଦ୍ର ସହିତ ସହଯୋଗ ସ୍ଥାପନ କରନ୍ତି ।

ଥରେ ଗୋଟିଏ ଭୂତତ୍ତ୍ୱ ବୈଜ୍ଞାନିକ ଦଳ ସାଇବେରିଆ ଅଞ୍ଚଳରେ ପର୍ଯ୍ୟବେକ୍ଷଣରେ ବୁଲୁ ବୁଲୁ ଦିଗ ହରାଇ ବସିଲେ ଏବଂ ଏମାନଙ୍କର ବେତାର ବାର୍ତ୍ତା ସର୍ବପ୍ରଥମରେ ଗୋଟିଏ ସ୍କୁଲପିଲା ଦଳ ସେମାନଙ୍କ ହାତତିଆରି ରେଡ଼ିଓ ଯନ୍ତ୍ର ସାହାଯ୍ୟରେ ପାଇ ନିର୍ଦ୍ଦିଷ୍ଟ କେନ୍ଦ୍ରକୁ ଖବର ଦେଲେ ଏବଂ ସେମାନଙ୍କର ଜୀବନରକ୍ଷା କରି ପାରିଲେ ।

ପିଲାମାନଙ୍କ ଦ୍ୱାରା ତିଆରି କଣ୍ଢେଇ ରକେଟ୍ ଓ ଉଡ଼ାଜାହାଜ ଉପରେ ଉଡ଼ି ବହୁ ବିଚିତ୍ର ଖେଳ ଦେଖାଏ ଓ ରେଡ଼ିଓ ବାର୍ତ୍ତା ସାହାଯ୍ୟରେ ସେସବୁ ନିୟନ୍ତ୍ରିତ ହୁଏ । ବିଦ୍ୟୁତ୍‌ଚାଳିତ ରେଳ ଓ ମଟରଗାଡ଼ି ରେଡ଼ିଓ ବାର୍ତ୍ତା ଅନୁସାରେ ଚାଲେ, ବନ୍ଦ ହୁଏ, ଗତିପଥ ବଦଳାଏ ଇତ୍ୟାଦି । ଏହିପରି ବହୁତ ଜଟିଳ କଥା ଏମାନେ ନିଜ ହାତରେ କରନ୍ତି । ବର୍ତ୍ତମାନ ଚନ୍ଦ୍ରମଣ୍ଡଳରେ କିପରି ଯାନ ଚଳାଯାଇ ପାରିବ, ତାର ମଡ଼େଲ ନେଇ ଏମାନେ ବ୍ୟସ୍ତ । ଗୋଟିଏ ଚଉଦବର୍ଷ ପିଲାର ରେଡ଼ିଓ ଆଦେଶ ଅନୁସାରେ ଏହି ମଡେଲଟି ବାଲି ଉପରେ ଚାଲେ । ସ୍କୁଲ ପିଲାଙ୍କର ହେଲା ଏପ୍ରକାର ବିଜ୍ଞାନ ନେଇ ଖେଳ । କୌଣସି ପିଲା ଯଦି ନିଜେ ତିଆରି କରି ନଥିବା କୌଣସି କିଣା ଟ୍ରାଞ୍ଜିଷ୍ଟର ବ୍ୟବହାର କରେ, ତାହାହେଲେ ତାକୁ ପୁରୁଣାକାଳିଆ ରୁଚିର ପିଲା ବୋଲି ଧରାଯାଏ । ଯେଉଁ ପିଲାମାନେ ଏପରି ଜଟିଳ ଯନ୍ତ୍ରପାତି ଧରି ପ୍ରତିଦିନ ଖେଳୁଛନ୍ତି—ଖେଳ ଭିତରେ ନୂତନ ନୂତନ ବୈଜ୍ଞାନିକ ଉଦ୍ଭାବନ କରୁଛନ୍ତି— ଭବିଷ୍ୟତ ଜୀବନର ଆଗ୍ରହ ପିଲାଦିନର ଖେଳ ଭିତରୁ ସୃଷ୍ଟି ହୋଇପାରୁଛି, ସେହି ପିଲାଙ୍କ ଭିତରୁ ଯେ ଭବିଷ୍ୟତରେ ପ୍ରତିଭାଶାଳୀ ବୈଜ୍ଞାନିକ, ଇଞ୍ଜିନିୟର, ଡାକ୍ତର ପ୍ରଭୃତି ବିଶେଷଜ୍ଞ ବହୁ ସଂଖ୍ୟାରେ ବାହାରିବେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ । ଏହି କାରଣରୁ ସୋଭିଏତ୍ ବିଜ୍ଞାନ ଏତେ କମ୍ ସମୟ ଭିତରେ ଏତେ ବେଶି ଆଗେଇ ପାରିଛି ଏବଂ ଏତେ ସଂଖ୍ୟାରେ ପୃଥିବୀବିଖ୍ୟାତ ବୈଜ୍ଞାନିକ ଏଠାରେ ଦେଖିବାକୁ ମିଳନ୍ତି ।

ଏମାନେ ପଢ଼ନ୍ତି କ'ଣ ? ପାଓନିୟର ସ୍କାୟା ପ୍ରଭଦା ନାମକ ଗୋଟିଏ ଖବରକାଗଜ ହପ୍ତାରେ ଦୁଇଥର କେବଳ ପିଲାଙ୍କୁ ଦେଶ-ବିଦେଶର ମୁଖ୍ୟ ଖବର ଯୋଗାଇ ଦେବା ପାଇଁ ପ୍ରକାଶ ପାଏ । ଏହା ଷାଠିଏ ଲକ୍ଷ ଖଣ୍ଡ ଛପାଯାଏ । ଷୋହଳଟି ଅନ୍ୟାନ୍ୟ ରୁଷୀୟ ଭାଷାରେ ମଧ୍ୟ ଏହା ପ୍ରକାଶ ପାଇଥାଏ । ତା'ଛଡ଼ା ପିଲାମାନଙ୍କ ପାଇଁ ବହୁତ ପ୍ରକାର ମାସିକ ଓ ସାପ୍ତାହିକ ପତ୍ରିକା ଅଛି । ପାଓନିୟର ନାମକ ଗୋଟିଏ ମାସିକ ପତ୍ରିକା ତିନିଲକ୍ଷ ଖଣ୍ଡ ଛାପାଯାଏ । ତା'ଛଡ଼ା ବିଜ୍ଞାନ, ଇଞ୍ଜିନିୟରିଂ ପ୍ରଭୃତି ବିଷୟରେ ଅନ୍ୟାନ୍ୟ ବହୁ ପ୍ରକାର ପତ୍ରିକା ଅଛି । ଏହିସବୁ ପତ୍ରିକାରେ ବୈଜ୍ଞାନିକ, ଇଞ୍ଜିନିୟରମାନେ ପିଲାଙ୍କ ପାଇଁ ନାନା ବିଷୟରେ ଲେଖନ୍ତି ଏବଂ ପିଲାମାନେ ମଧ୍ୟ ସେମାନଙ୍କର ଗବେଷଣା ପ୍ରସୂତ ଜ୍ଞାନ ଏହି ପତ୍ରିକାଗୁଡ଼ିକ ସାହାଯ୍ୟରେ ପ୍ରକାଶ କରନ୍ତି ।

ପିଲାଙ୍କ ବହି ପ୍ରକାଶ କରିବା ପାଇଁ ଅନେକଗୁଡ଼ିଏ ପ୍ରକାଶନୀ ସଂସ୍ଥା ରହିଛି । ପ୍ରତ୍ୟେକ ସଂସ୍ଥା ଗୋଟିଏ ଗୋଟିଏ ସ୍ୱତନ୍ତ୍ର ବିଷୟ ନେଇ ବହି ପ୍ରକାଶ କରେ । ଉଦାହରଣ ସ୍ୱରୂପ, ଗୋଟିଏ ସଂସ୍ଥା କେବଳ ଐତିହାସିକ ଏବଂ ଅନ୍ୟାନ୍ୟ ଦୁଃସାହସିକ ଅଭିଯାନ ସମ୍ବନ୍ଧୀୟ ଲେଖା ବର୍ଷକୁ ପ୍ରାୟ ଛଅଶହଟି ବହି ବାରକୋଟି ପଚାଶଲକ୍ଷ ସଂଖ୍ୟାରେ ପ୍ରକାଶ କରେ । ''ସ୍କୁଲ ଲାଇବ୍ରେରୀ'' ଶୀର୍ଷକ ପ୍ରକାଶନ ଗ୍ରନ୍ଥମାଳାରେ ୧୯୬୪ରେ କେବଳ ଏହା ୧୫୦ଟି ବହି ପ୍ରକାଶ କରିଥିଲା ଏବଂ ଏହାର ସଂଖ୍ୟା ପଚିଶି କୋଟି ଥିଲା । ବୈଦେଶିକ ବହି ସବୁ ଅନୁବାଦ କରି ପିଲାଙ୍କ ପାଇଁ ପ୍ରକାଶ

Digitized by PPRACHIN, SOA

କରିବାକୁ ଆଉ ଗୋଟିଏ ସଂସ୍ଥା ଅଛି । ଏହି ପ୍ରକାଶନୀ ସଂସ୍ଥା ହାନ୍ସ ଆଣ୍ଡରସନଙ୍କ ଲିଖିତ ବହିର ୧ କୋଟି ୪୮ ଲକ୍ଷ, ଗ୍ରୀମ୍ ବ୍ରଦରସ ଦୁଇକୋଟି କୋଡ଼ିଏ ଲକ୍ଷ, ଜୁଲ୍ସ ଭର୍ଣ୍ଣ ଏକକୋଟି ଷାଠିଏଲକ୍ଷ, ଡେନିଏଲ୍ ଡିଫୋ ୪ କୋଟି ୨୦ ଲକ୍ଷ ଏବଂ ମାର୍କ ଟୁଏନଙ୍କର ବହି ଏକକୋଟି ବତିଶ ଲକ୍ଷ ସଂଖ୍ୟାରେ ପ୍ରକାଶ କରିଥିଲା । ପାଠ୍ୟପୁସ୍ତକ ପ୍ରକାଶନୀ ସଂସ୍ଥା ବର୍ଷକୁ କୋଡ଼ିଏ କୋଟି ପାଠ୍ୟପୁସ୍ତକ ପ୍ରକାଶ କରେ । ତା'ଛଡ଼ା ତ ବିଶ୍ୱକୋଷ ଧରଣର ଛବିବହୁଳ ବହି ଲକ୍ଷ ଲକ୍ଷ ସଂଖ୍ୟାରେ ପ୍ରକାଶିତ ହୁଏ । ଏଥିରୁ ଶିଶୁମାନଙ୍କର ସମସ୍ତପ୍ରକାର ଶିକ୍ଷା ବିଷୟରେ କି ବିରାଟ ଆୟୋଜନ ହୋଇଛି, ତାହା ସହଜରେ ଅନୁମେୟ ।

ପତ୍ରପତ୍ରିକା ସାହାଯ୍ୟରେ ପ୍ରତିବର୍ଷ ପିଲାଙ୍କ ଭିତରେ ଯନ୍ତ୍ରପାତି, ନକ୍ସା ଓ ନୂତନ ପରିକଳ୍ପନା ବିଷୟରେ ସାରା ସୋଭିଏତ୍ ଦେଶରେ ପ୍ରତିଯୋଗିତା ଚାଲେ । ଏଥିରେ ହଜାର ହଜାର ସଂଖ୍ୟାରେ ଅଦ୍ଭୁତ ଧରଣର ନୂଆ ଯନ୍ତ୍ରପାତିର ନକ୍ସା ପ୍ରକାଶିତ ହୁଏ । ସେଥିରୁ ଅନେକ ଦୋଷଯୁକ୍ତ ହେଲେ ମଧ ମଝିରେ ମଝିରେ ଏହି ପିଲାଙ୍କ ନକ୍ସା ଭିତରୁ ଅତି ଉତ୍କୃଷ୍ଟ ଧରଣର ଯନ୍ତ୍ରପାତିର ସନ୍ଧାନ ମିଳେ । କୋଇଲାଖଣି ଭିତର ଗୋଟିଏ ପ୍ରକାର ଅଦ୍ଭୁତ ପଙ୍ଖା ଦ୍ୱାରା ଥଣ୍ଡା ରଖିବା ପ୍ରଣାଳୀ ଗୋଟିଏ କିଶୋର ବିଜ୍ଞାନୀ ଦ୍ୱାରା ଉଦ୍ଭାବିତ ହୋଇଛି । କେତେକ ଘରକରଣା ଯନ୍ତ୍ରପାତି ବିଷୟରେ ମଧ ଏମାନଙ୍କଠାରୁ ନୂଆ ନୂଆ ଚିନ୍ତା ଗ୍ରହଣ କରାହୋଇଛି । ଥରେ ଗୋଟିଏ ପ୍ରକାର ଶକ୍ତିଶାଳୀ ଉଡ଼ାଜାହାଜ ଓହ୍ଲାଇବା ପାଇଁ ଛୋଟିଆ ଉଡ଼ାଜାହାଜ ଘାଟି ବିଷୟରେ ପ୍ରସ୍ତାବ ହଜାର ହଜାର ସଂଖ୍ୟାରେ ଏହି କାଗଜ ସମ୍ପାଦକଙ୍କ ପାଖକୁ ଆସି ପହଞ୍ଚିଥିଲା । ମସ୍କୋରେ ଥିବା ସ୍ଥାୟୀ ପ୍ରଦର୍ଶନୀ ସହର ଭିତରେ ଥିବା ଗୋଟିଏ ପ୍ରକାଣ୍ଡ କୋଠରିରେ ପିଲାମାନଙ୍କର ଉତ୍କୃଷ୍ଟ ଧରଣର ନୂଆ ମେସିନର ପରିକଳ୍ପନା ସବୁକୁ ରଖା ହୋଇଥିବାର ଦେଖିଲୁ । ଗୋଟିଏ ପିଲା ଏପରି ଏକ ବୈଦ୍ୟୁତିକ ଯନ୍ତ୍ର ଉଦ୍ଭାବନ କରିଛି, ଯାହା ସାହାଯ୍ୟରେ କୁକୁଡ଼ା ଘରେ ସକାଳ ଓ ସନ୍ଧ୍ୟାର ଆଲୋକ ଅତି ସୁନ୍ଦର ଭାବରେ କୃତ୍ରିମ ଉପାୟରେ ସୃଷ୍ଟି କରିହେବ । ଆଉ ଗୋଟିଏ ପନ୍ଦର ବର୍ଷର ପିଲାର ରଙ୍ଗିନ ସଙ୍ଗୀତ ଯନ୍ତ୍ରର ଉଦ୍ଭାବନ ଅତି ଚିତ୍ତାକର୍ଷକ । ଏହା ଦ୍ୱାରା ସଙ୍ଗୀତ ବେଳେ ନାନାପ୍ରକାର ସୁନ୍ଦର ସୁନ୍ଦର ରଙ୍ଗ ଆପେ ଆପେ ଭାସିଉଠେ । ଲୋକମାନେ ଏହାକୁ ଦେଖି ଅତ୍ୟନ୍ତ ମୁଗ୍ଧ ହୁଅନ୍ତି ।

ଯେଉଁ ପିଲାଙ୍କର ଉଦ୍‌ଭାବନ କରିବା ଶକ୍ତି ଖୁବ୍ ବେଶି ଏବଂ ଯେଉଁମାନଙ୍କର ଧୀଶକ୍ତି ଅତି ପ୍ରଖର, ସେମାନଙ୍କୁ ଶିକ୍ଷା ଦେବା ପାଇଁ ବିଶେଷ ଧରଣର ସ୍କୁଲ ଅଛି ଏବଂ ଏହି ସ୍କୁଲସବୁ ସୋଭିଏତ୍ ବିଜ୍ଞାନ ଆକାଦେମୀର ସର୍ବଶ୍ରେଷ୍ଠ ବୈଜ୍ଞାନିକମାନଙ୍କ ତତ୍ତ୍ୱାବଧାନରେ ଚାଳିତ ହୁଏ । ଏଠାରେ ପିଲା ବିଶ୍ୱ-ବିଖ୍ୟାତ ବୈଜ୍ଞାନିକମାନଙ୍କ ସହିତ ସମକକ୍ଷ ବନ୍ଧୁ ପରି ଯୁକ୍ତି କରନ୍ତି-ନାନା ବୈଜ୍ଞାନିକ ତତ୍ତ୍ୱ ବିଷୟରେ ଆଲୋଚନା କରନ୍ତି ଏବଂ ଏହି ପ୍ରଣାଳୀରେ ଉଚ୍ଚ ବିଜ୍ଞାନ-ଶିକ୍ଷା ପାଆନ୍ତି । ସାଧାରଣ ସ୍କୁଲ ଓ ବିଶ୍ୱବିଦ୍ୟାଳୟର ଶିକ୍ଷା ନିର୍ଘଣ୍ଟକୁ ଛାଡ଼ି ଉଚ୍ଚ ଗବେଷଣାରେ ସିଧାସଳଖ ନିଯୁକ୍ତ ହୁଅନ୍ତି । ବିଜ୍ଞାନର ମୁଖ୍ୟ ବିଭାଗଗୁଡ଼ିକ ବିଷୟରେ ଶିକ୍ଷା ଦେବା ପାଇଁ ଏ ପ୍ରକାର ଉତ୍କୃଷ୍ଟ ଅନୁଷ୍ଠାନ ପ୍ରତିଷ୍ଠା ହୋଇଛି ଏବଂ ଏହି ଅନୁଷ୍ଠାନରେ ଭବିଷ୍ୟତର ପ୍ରତିଭାଶାଳୀ ବୈଜ୍ଞାନିକ ତିଆରି ହୁଅନ୍ତି । ପ୍ରତ୍ୟେକ ଶିଶୁର ପ୍ରତିଭା ଯେପରି ସୁଯୋଗ ଅଭାବରୁ ମଉଳି ନ ଯାଏ, ସେ ଦିଗରେ ଓ ପ୍ରତ୍ୟେକ ଶିଶୁଠାରେ ବିଜ୍ଞାନ ଓ ବୈଷୟିକ ଶିକ୍ଷା ପାଇଁ ଗଭୀର ଆଗ୍ରହ ଓ ନୂତନ ସୃଜନ ଶକ୍ତି ସୃଷ୍ଟି ପାଇଁ କି ବ୍ୟାପକ ଆୟୋଜନ କରାଯାଇପାରେ, ତାହା ସୋଭିଏତ୍ ରୁଷ୍‌ରେ ଦେଖିବାକୁ ମିଳେ ।

ଖାଲି ବିଜ୍ଞାନ ଦ୍ୱାରା ଯେ ପିଲାମାନେ ଏତେ ଉଦ୍‌ବୁଦ୍ଧ ତା ନୁହେଁ; ନାଚ, ଗୀତ, ଚିତ୍ରାଙ୍କନ, ଥିଏଟର ପ୍ରଭୃତି କଳାର ସାଧନା ଦିଗରେ ମଧ ସେମାନଙ୍କଠାରେ ଆଗ୍ରହ ସୃଷ୍ଟି ପାଇଁ ବହୁତ ଆୟୋଜନ ହୋଇଛି । ପ୍ରତ୍ୟେକ ସ୍ଥାନରେ ପିଲାଙ୍କ ପାଇଁ ଥିଏଟର ଘର ରହିଛି । କଣ୍ଢେଇ ଖେଳ

Digitized by PPRACHIN, SOA

ଅନୁଷ୍ଠାନ ସୋଭିଏତ୍ ରୁଷ୍‌ର ପୃଥିବୀ ବିଖ୍ୟାତ । ପିଲାମାନେ ଅଭିନୟ କରନ୍ତି । ସେମାନଙ୍କର ଅର୍କେଷ୍ଟ୍ରା ଦଳ ରହିଛି; ଏସବୁ ବିଷୟରେ ଶିକ୍ଷା ଦେବା ପାଇଁ ବହୁ ଶିକ୍ଷକ ନିଯୁକ୍ତ ହୋଇଛନ୍ତି ।

ଶିଶୁମାନଙ୍କର ସର୍ବବିଧ ଉନ୍ନତି, ସେମାନଙ୍କଠାରେ ମୌଳିକ ପ୍ରତିଭାର ବିକାଶ ଓ ସେମାନଙ୍କୁ ନୂତନ ମଣିଷ କରି ଗଢ଼ିବା ଲାଗି ଯେଉଁ ବ୍ୟାପକ ଉଦ୍ୟମ ସୋଭିଏତ୍ ରୁଷ୍‌ରେ ହେଉଛି, ତାହା ଦେଖିଲେ ସହଜରେ ବୁଝି ହେବ, ଏହି ଜାତି କାହିଁକି ଏତେ ଅଳ୍ପ ବର୍ଷ ଭିତରେ ଶିକ୍ଷା, ସଂସ୍କୃତି, ବୈଜ୍ଞାନିକ ଉଦ୍ଭାବନ, ନାଚଖେଳ ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ପୃଥିବୀରେ ଶୀର୍ଷସ୍ଥାନ ଅଧିକାର କରିବାକୁ ଯାଉଛି । ଗର୍କୀଙ୍କ ଭାଷାରେ ଶିଶୁମାନେ ଜୀବନର ପୁଷ୍ପଗୁଚ୍ଛ ଏବଂ ଏହି ପୁଷ୍ପଗୁଚ୍ଛର ମହକ ପାଇବାକୁ ହେଲେ ବଗିଚାର ମାଳୀକୁ ଯେପରି ଅକ୍ଲାନ୍ତ ପରିଶ୍ରମ କରିବାକୁ ହୁଏ, ସୋଭିଏତ୍ ଜନସମାଜ ସେହିପରି ଭାବରେ ଶିଶୁମାନଙ୍କଠାରେ ଗଭୀର ସୃଜନଶୀଳତାର ସୌରଭ ବିକଶିତ କରିବା ପାଇଁ ସୋଭିଏତ୍ ସମାଜର ପ୍ରତ୍ୟେକ ଅଂଶକୁ ପିଲାଙ୍କ ପାଇଁ ଉପଯୁକ୍ତ ଭାବରେ ସଜାଡ଼ି ସେମାନଙ୍କ ଜୀବନରେ ସମାଜବାଦୀ ଜୀବନୀକା ସଂଚାର କରିପାରିଛି । ତେଣୁ ଭବିଷ୍ୟତ ସୋଭିଏତ୍ ସମାଜ ଯେ ପ୍ରତିଭାର ଦିଗନ୍ତପ୍ରସାରୀ ସୌରଭରେ ଉଲ୍ଲସି ଉଠିବ ଏବଂ ସାରା ପୃଥିବୀର ଜନସମାଜକୁ ତାର ସୌରଭର ମାଦକତାରେ ମୁଗ୍ଧ କରିବ, ଏଥିରେ ସନ୍ଦେହ ନାହିଁ । ■■■

Digitized by PPRACHIN, SOA

ଲୋକ-ସଂସ୍କୃତି

"Pre-revolutionary Russia resembled an ocean out of which a few isolated peaks reached the sky. They were the men who stood for Russian culture-Pushkin, Gogol, Tolstory, Dostoyevsky.... But the ocean bottom was deep down under the water. It was hiding the Russian lowerdepths, ignorent and poor. Now the very bottom of the ocean has come to the surface. It has risen above the waves and forms vast islands and even whole continents !"

[Russky Golos-New York]

ସୋଭିଏତ୍ ଦେଶର ଲୋକଙ୍କର ଅବସର ସମୟ ବଢ଼ି ବଢ଼ି ଚାଲିଛି । ହପ୍ତାରେ ୩୫ଠାରୁ ୪୦ ଘଣ୍ଟାରୁ ବେଶି ଆଉ କେହି କାମ କରୁନାହାନ୍ତି- ଆସନ୍ତା କେତେ ବର୍ଷ ଭିତରେ ଏହା ଆହୁରି କମିଯାଇ ୩୦/୩୫ ଘଣ୍ଟା ହେବ ଏବଂ କ୍ରମେ କ୍ରମେ ଯେତେ ବେଶି ସ୍ୱୟଂକ୍ରିୟ ଯନ୍ତ୍ରପାତି କାରଖାନାମାନଙ୍କରେ ଖଞ୍ଜାଯିବ, ସେହି ପରିମାଣରେ ଲୋକେ ଆହୁରି କମ୍ କମ୍ କାମ କରିବେ । ସୋଭିଏତ୍ ଶ୍ରମିକର ଭବିଷ୍ୟତ ସ୍ୱପ୍ନ ହେଉଛି– ଏହି ଶତାବ୍ଦୀର ଶେଷବେଳକୁ ଦିନକୁ ହୁଏତ ଦୁଇଘଣ୍ଟାରୁ ବେଶି ସେମାନଙ୍କୁ କାମ କରିବାକୁ ପଡ଼ିବ ନାହିଁ । ଯନ୍ତ୍ରଦାନବ ତା ପାଇଁ ସବୁ କାମ କରିଦେଇ ପାରିବ । ପ୍ରତ୍ୟେକ କ୍ଷେତ୍ରରେ ଯେତେ ବେଶି ସ୍ୱୟଂକ୍ରିୟ ଯନ୍ତ୍ରପାତି ପ୍ରଚଳିତ ହୋଇପାରିବ, ଶ୍ରମିକଙ୍କର ଅବସର ସମୟ ବଢ଼ି ବଢ଼ି ଯିବ । ତେଣୁ ବୈଜ୍ଞାନିକ ଓ ଶ୍ରମିକ ସମସ୍ତେ ଏହାର ବ୍ୟାପକ ପ୍ରସାର ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛନ୍ତି; ଅଥଚ ପୁଞ୍ଜିପତି ଦେଶରେ ଶ୍ରମିକମାନେ ସ୍ୱୟଂକ୍ରିୟ ଯନ୍ତ୍ରପାତି ବିରୁଦ୍ଧରେ ଅଭିଯାନ ଚଳାଇଛନ୍ତି । କାରଣ ସ୍ୱୟଂକ୍ରିୟ ଯନ୍ତ୍ରପାତି ଫଳରେ ଶ୍ରମିକ ବେକାର ହୋଇପଡ଼େ ଏବଂ ସାପ୍ତାହିକ କାମ ମାତ୍ରା ଅନ୍ୟମାନଙ୍କର କମ୍ ହୁଏ ନାହିଁ । ତା'ଛଡ଼ା ଆମେରିକା ପରି ପୁଞ୍ଜିପତି ଦେଶରେ ଅବସର ବଢ଼ିବା ସଙ୍ଗେ ସଙ୍ଗେ ନାନା ପ୍ରକାର ଅସାମାଜିକ କାର୍ଯ୍ୟ ବଢ଼ିବାର ଜଣାଯାଉଛି; ତେଣୁ ଆମ ଦେଶର ଅନେକ ଚିନ୍ତାଶୀଳ ଲୋକ ମଧ୍ୟ ଏହି ପ୍ରଶ୍ନ ନେଇ ବିବ୍ରତ ।

ସୋଭିଏତ୍ ଦେଶର ସମସ୍ତ ଜନତାର ସାଂସ୍କୃତିକ ସ୍ତର ବଢ଼ାଇବା ପାଇଁ ଏବଂ ସେମାନଙ୍କୁ ଉନ୍ନତ ଓ ସଭ୍ୟ ଜୀବନଯାପନ ପାଇଁ ଯେ ପ୍ରକାର ବ୍ୟାପକ ଓ ସାମୂହିକ ଆୟୋଜନ କରାହେଉଛି, ତାହା କେବଳ ସମାଜବାଦୀ ଦେଶରେ ହିଁ ସମ୍ଭବ । ସରକାରୀ ସଂସ୍ଥା, ଟ୍ରେଡ୍ ୟୁନିୟନ୍, ଶିକ୍ଷାନୁଷ୍ଠାନ ଓ ଅନ୍ୟାନ୍ୟ ସମସ୍ତ ସାମାଜିକ ସଂସ୍ଥା ଶିକ୍ଷାୟତନ ଭିତରେ, କଳାକାରଖାନାରେ, ରାସ୍ତାଘାଟରେ, ସିନେମା, ଥିଏଟର, ପତ୍ରପତ୍ରିକା, ରେଡ଼ିଓ, ଟେଲିଭିଜନ, ପାଠାଗାର, ଯାଦୁଘର, ଚିତ୍ର ଗାଲେରୀ ପ୍ରଭୃତି ନାନା ଉପାୟରେ ଲୋକଙ୍କର ଅବସର-ବିନୋଦନ ପାଇଁ ବ୍ୟାପକ ବ୍ୟବସ୍ଥା କରିବାରେ

Digitized by PPRACHIN, SOA

ଲାଗିପଡ଼ିଛନ୍ତି । ଏହା ଯେ କେବଳ ଅବସର ବିନୋଦନ ପାଇଁ ଉଦ୍ଦିଷ୍ଟ ତା ନୁହେଁ; ଲୋକଙ୍କର ସାଂସ୍କୃତିକ ମାନ ବଢ଼ାଇବା ପାଇଁ ଏବଂ ସେମାନଙ୍କୁ ସମଗ୍ର ମନୁଷ୍ୟ ସମାଜର ସାମୂହିକ ଐତିହ୍ୟର ସକ୍ରିୟ ଭାଗୀଦାର ହେବା ପାଇଁ ଅକ୍ଳାନ୍ତ ଉଦ୍ୟମ କରା ହେଉଛି ।

ପୁଞ୍ଜିପତି ଦେଶମାନଙ୍କରେ ଲୋକଙ୍କୁ ଆନନ୍ଦ ଦେବା ଉଦ୍ଦେଶ୍ୟରେ ସେମାନଙ୍କର ଜାନ୍ତବିକ ଚେତନାକୁ ଜାଗ୍ରତ କରାଇ ସେମାନଙ୍କୁ ମାନବିକ ସଂସ୍କୃତିର ବହୁ ଦୂରକୁ ଠେଲିଦେଇ ପୁଞ୍ଜିର ଯେଉଁ ଲାଭ ଉଠାଯାଏ, ତାହା ସୋଭିଏତ୍ ଦେଶରେ ଆଦୌ ନାହିଁ । ବ୍ୟକ୍ତିବିଶେଷର ଲାଭ ପାଇଁ କେତେକ ଅସାମାଜିକ ସ୍ତ୍ରୀଲୋକଙ୍କୁ ଉଲଗ୍ନ କରି ଲୋକମାନଙ୍କ ଆଗରେ ନଚାଇବାର ସ୍ୱାଧୀନତା (ଯାହା ଆମେରିକା ଓ ୟୁରୋପରେ ଦେଖାଯାଏ) ଏ ଦେଶରେ ନାହିଁ ବୋଲି ବୋଧହୁଏ ଅନେକ ସୋଭିଏତ୍ ସଂସ୍କୃତିକୁ ନିୟନ୍ତ୍ରିତ ସଂସ୍କୃତି ବୋଲି କହିବାର ଶୁଣାଯାଏ; କିନ୍ତୁ ସୋଭିଏତ୍ ଦେଶରେ ଉପଯୁକ୍ତ ସାଂସ୍କୃତିକ ପରିବେଶ ସୃଷ୍ଟି ପାଇଁ ଯେତେ ପ୍ରକାର ବ୍ୟାପକ ସାମୂହିକ ଉଦ୍ୟମ କରାହେଉଛି; ତାହା ନିଜେ ନ ଦେଖିଲେ ବିଶ୍ୱାସ କରିବା ସହଜ ନୁହେଁ ।

ସୋଭିଏତ୍ ଦେଶରେ ଅଭୂତପୂର୍ବ ସାଂସ୍କୃତିକ ବିପ୍ଳବ ଫଳରେ ଦେଶରୁ ନିରକ୍ଷରତା ସମ୍ପୂର୍ଣ୍ଣ ରୂପେ ଦୂରୀଭୂତ ହୋଇଛି ଏବଂ ଉଚ୍ଚଶିକ୍ଷା ଏପରି ଭାବରେ ଲୋକଙ୍କ ମଧ୍ୟରେ ବ୍ୟାପିଯାଇଛି ଯେ ବୟସ୍କ ଲୋକମାନଙ୍କ ଭିତରୁ ବର୍ତ୍ତମାନ ସାତକୋଟି ତିରିଶିଲକ୍ଷ ଲୋକ ଉଚ୍ଚ ମାଧ୍ୟମିକ ଶିକ୍ଷା କିମ୍ବା ବିଶ୍ୱବିଦ୍ୟାଳୟ ଶିକ୍ଷା ଲାଭ କରିପାରିଛନ୍ତି । ସ୍କୁଲ କଲେଜରେ ସାଢ଼େ ଛ' କୋଟି ଛାତ୍ରଛାତ୍ରୀ ପଢ଼ୁଛନ୍ତି । ବିଜ୍ଞାନ, ସାହିତ୍ୟ, କଳା ପ୍ରଭୃତି କ୍ଷେତ୍ରରେ ମଧ୍ୟ ସୋଭିଏତ୍ ରୁଷ ପୃଥିବୀରେ ବର୍ତ୍ତମାନ ସର୍ବୋଚ୍ଚ ସ୍ଥାନ ଅଧିକାର କରିପାରିଛି । ଏତେ ବେଶି ସଂଖ୍ୟାରେ ଉଚ୍ଚ ଶିକ୍ଷିତ ଲୋକ ହେଲେ ସାଂସ୍କୃତିକ ସ୍ତର ନିଶ୍ଚୟ ବଢ଼ିଯିବ; କିନ୍ତୁ ସୋଭିଏତ୍ ସମାଜରେ ଗୋଟିଏ ପ୍ରଧାନ ବିଶେଷତ୍ୱ ହେଉଛି ଯେ ସାଂସ୍କୃତିକ ପ୍ରଗତି ମଧ୍ୟ ଗୋଟିଏ ବଳିଷ୍ଠ ଦର୍ଶନ ଅନୁଯାୟୀ ପରିଚାଳିତ । ସମାଜବାଦୀ ଚେତନା ଅନୁପ୍ରାଣିତ ସୋଭିଏତ୍ ସମାଜ ସାରା ମାନବସମାଜକୁ ସାର୍ବଜନୀନ ମାନବିକତାର ଅତି ଉଚ୍ଚସ୍ତରକୁ ନେବା ପାଇଁ ବଦ୍ଧପରିକର । ଯାହା ମନୁଷ୍ୟର ଭାବଧାରାକୁ ଉନ୍ନତ କରିପାରିବ ଏବଂ ଯାହାଦ୍ୱାରା ମନୁଷ୍ୟ ମନରେ ଆନ୍ତର୍ଜାତିକ ମୈତ୍ରୀ, ପାରସ୍ପରିକ ଭ୍ରାତୃଭାବ ଓ ବିଶ୍ୱଶାନ୍ତି ଲାଗି ଆତ୍ମପ୍ରତ୍ୟୟ ସୃଷ୍ଟି ହୋଇପାରିବ, ସେ ପ୍ରକାର ସାହିତ୍ୟ ଓ କଳା ସୃଷ୍ଟି କରିବା ପାଇଁ ସୋଭିଏତ୍ ଲେଖକ, ବୈଜ୍ଞାନିକ ଓ କଳାକାରମାନେ ଅନବରତ ଚେଷ୍ଟା କରିଚାଲିଛନ୍ତି । ଯାହା ନୀଚ, ଅଶ୍ଳୀଳ ଓ ଅସହନଶୀଳତାର ପରିଚାୟକ, ତାକୁ ଲୋକଲୋଚନରୁ ଦୂରରେ ରଖିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ ହୁଏ । ଏହି ବିରାଟ ଆଦର୍ଶକୁ ସୃଜନଶୀଳତାର ଚରମ ଶତ୍ରୁରୂପେ କେତେକେ ଅଭିହିତ କରନ୍ତି । ତଥାପି ସୋଭିଏତ୍ କଳାକାରମାନଙ୍କର ପୂର୍ଣ୍ଣ ବିଶ୍ୱାସ ଯେ ଯାହା ମାନବସମାଜର ଅମଙ୍ଗଳ କରେ ତାହା କଦାକାର ଓ ଅସାଂସ୍କୃତିକ; ଯାହା ସାର୍ବଜନୀନ ମାନବସମାଜର ହିତକର, ତାହା ସୁନ୍ଦର ଓ ମାନବୀୟ ସଂସ୍କୃତି । ସାର୍ବଜନୀନ ସଂସ୍କୃତି ହିଁ ମାନବିକ ମୂଲ୍ୟବୋଧର ମୂଳଭିତ୍ତି । ତେଣୁ ସୋଭିଏତ୍ ଉପନ୍ୟାସ ଓ ସିନେମାରେ ନରହତ୍ୟା, ନାରୀଧର୍ଷଣ, ନାରୀହରଣ, ଚୋରି ଡକାୟତି, ଅଶ୍ଳୀଳ ଯୌନ ପ୍ରକ୍ରିୟା ପ୍ରଭୃତିକୁ ଚିତ୍ରଣ କରାଯାଏ ନାହିଁ । କିନ୍ତୁ ଆମେରିକାର ଅସଂଖ୍ୟ ବହି ଓ ସିନେମା ଏସବୁ କଦାକାର ଜାନ୍ତବୀୟ ପ୍ରକ୍ରିୟାରେ ପରିପୂର୍ଣ୍ଣ । ଭାରତର ପୁରାତନ ସଂସ୍କୃତ ସାହିତ୍ୟରେ ମଧ୍ୟ ଏପରି ଅସଂସ୍କୃତ ଓ ନୀଚ ଧରଣର ଚିତ୍ର ଦେଖାଇବା ପାଇଁ ବାରଣ ଥିଲା ।

ସୋଭିଏତ୍ ରୁଷରେ ବର୍ତ୍ତମାନ ପୃଥିବୀର ଯେ କୌଣସି ଦେଶ ଅପେକ୍ଷା ସବୁଠୁ ବେଶି ବହି ଛପାଯାଏ । ପୃଥିବୀରେ ଯେତେ ବହି ପ୍ରକାଶିତ ହୁଏ, ସେଥିରୁ ଏକ ଚତୁର୍ଥାଂଶ କେବଳ ସୋଭିଏତ୍ ରୁଷରେ ପ୍ରକାଶ ପାଇଥାଏ । ବର୍ଷକୁ ଶହେ କୋଡ଼ିଏ କୋଟି ଖଣ୍ଡ ବହି ସୋଭିଏତ୍ ରୁଷରେ ଛପାହୁଏ । ଜଣେ ଜଣେ ଲେଖକଙ୍କର ବହି ଏତେ ସଂଖ୍ୟାରେ ଛପା ହୁଏ ଯେ ତାହା ଦେଖିଲେ

Digitized by PPRACHIN, SOA

ଆଶ୍ଚର୍ଯ ଲାଗେ । ସୋଭିଏତ୍ ଯୁବ ସମ୍ପ୍ରଦାୟର ଗୋଟିଏ ଅତି ଜନପ୍ରିୟ ବହି- How the steel was tempered ୧୯୮୩ ମସିହାରୁ ଆଜିଯାଏଁ ୨୯୦ ଥର ଛପା ହେଲାଣି ଏବଂ ଏହାର ମୋଟ ସଂଖ୍ୟା ନବେଲକ୍ଷ ଖଣ୍ଡ ! ଲେନିନ୍‌ଙ୍କ ବହି ଏକତିରିଶ କୋଟି ଷାଠିଏ ଲକ୍ଷ ଖଣ୍ଡ ଛାପା ହୋଇଛି । ଟଲଷ୍ଟୟଙ୍କ ବହି ଦଶକୋଟି ପଚାଶ ଲକ୍ଷ, ଗର୍କିଙ୍କ ବହି ଦଶ କୋଟି, ଚେକଭ ଛଅ କୋଟି ପଞ୍ଚତିରିଶ ଲକ୍ଷ, ଡିକେନ୍‌ସ ଦୁଇ କୋଟି ଷାଠିଏ ଲକ୍ଷ, ସେକ୍‌ସପିଅରଙ୍କ ପଚାଶ ଲକ୍ଷ ଓ ରବୀନ୍ଦ୍ରନାଥ ଠାକୁରଙ୍କ ବହି ଚାଳିଶି ଲକ୍ଷ ଖଣ୍ଡ ଛପା ହୋଇଛି । ରବି ଠାକୁରଙ୍କର ଚାଳିଶ ଲକ୍ଷ ବହି ଆମ ଦେଶରେ ଛପା ହୋଇଛି କି ନାହିଁ ସନ୍ଦେହ । ସୋଭିଏତ୍ ସରକାର ଜୀବନକାଳ ଭିତରେ ୧୯୧୮ ଠାରୁ ୧୯୬୩ ମସିହା ଭିତରେ ସର୍ବମୋଟ ୧୮, ୨୬,୦୦୦ ଖଣ୍ଡ ବହି ପ୍ରକାଶିତ ହୋଇଛି ।

ଏ ତ ଗଲା ବହି କଥା । ପତ୍ରପତ୍ରିକା କଥା ଶୁଣିଲେ ଆହୁରି ଆଶ୍ଚର୍ଯ୍ୟ ଲାଗେ । ୧୯୬୩ ମସିହାରେ ୬୭୦୧ ଗୋଟି ଖବରକାଗଜ ଓ ୩୯୧୨ଟି ପତ୍ରିକା ସୋଭିଏତ୍ ରୁଷରେ ପ୍ରକାଶିତ ହୋଇଥିଲା । ସେଥିରୁ ନଅଟି ପ୍ରସିଦ୍ଧ ଖବରକାଗଜ ଓ ପତ୍ରିକା ଅଛି, ଯାହାକି ପ୍ରତ୍ୟେକ ଅନ୍ତତଃ ଦଶଲକ୍ଷରୁ କମ୍ ଛାପା ହୁଏନାହିଁ । ରୁଷିଆର ବିଖ୍ୟାତ ଦୈନିକ ଖବରକାଗଜ 'ପ୍ରଭଦା' ପ୍ରତିଦିନ ସତଷଠି ଲକ୍ଷ ଖଣ୍ଡ ଛପାହୁଏ । କେବଳ ସ୍ତ୍ରୀଲୋକଙ୍କ ପାଇଁ ଗୋଟିଏ ସାପ୍ତାହିକ ପତ୍ରିକା ବାହାରେ, ଯାହାକି ଚାଳିଶି ଲକ୍ଷ ଖଣ୍ଡ ଛପା ହୁଏ । ଗୋଟିଏ ହାସ୍ୟୋଦ୍ଦୀପକ ପତ୍ରିକା ସତର ଲକ୍ଷ ଖଣ୍ଡ ଛପାଯାଏ । ଖେଳ ପାଇଁ ଖଣ୍ଡେ ପତ୍ରିକା ଦଶଲକ୍ଷ ସଖ୍ୟାରେ ପ୍ରକାଶ ପାଏ । ଏହିପରି ଭାବରେ ହଜାର ହଜାର ପତ୍ରପତ୍ରିକା ଏଠାରେ ପ୍ରକାଶ ପାଇଥାଏ । ବାର୍ଷିକ ହିସାବ ନେଲେ ଖବରକାଗଜ ସଂଖ୍ୟା ୧୮୩୦ କୋଟି ଖଣ୍ଡ ଏବଂ ପତ୍ରିକା ସଂଖ୍ୟା ଶହେ କୋଟି ଖଣ୍ଡ ମୁଦ୍ରିତ ହୁଏ । ଏହା ପୃଥିବୀରେ ଯେତେ ଖବରକାଗଜ ଓ ପତ୍ରିକା ପ୍ରକାଶିତ ହୁଏ, ତାର ଏକ-ତୃତୀୟାଂଶ ।

ଏତେ ସଂଖ୍ୟାରେ ବହି ଓ ପତ୍ରପତ୍ରିକା ପ୍ରକାଶିତ ହେଲେ ଯଥେଷ୍ଟ ହେଲା ନାହିଁ—ଏହା କିପରି ପ୍ରତ୍ୟେକ ଲୋକ ପାଖରେ ପହଞ୍ଚିପାରିବ, ତାହା ହେଲା ସମାଜବାଦୀ ସରକାରର ମୁଖ୍ୟ ଭାବନା । ତେଣୁ ବହି ଓ କାଗଜ ଦାମ୍ ବହୁତ କମ୍ ରଖାହୋଇଛି । ସ୍କୁଲ କଲେଜ ପଢ଼ାବହି ମାତ୍ର ଛବିଶ କୋପେକ୍ (ଏକଶହ କୋପେକ୍‌ରେ ଗୋଟିଏ ରୁବଲ୍ ଏବଂ ସର୍ବନିମ୍ନ ମଜୁରୀ ଜଣପିଛା ଷାଠିଏ ରୁବଲ, ସ୍କୁଲ କଲେଜ ବୃତ୍ତି ପଚାଶ ରୁବଲ୍, ରୁଷବାସୀର ହାରାହାରି ମାସିକ ଆୟ ନବେ ରୁବଲ୍ ଇତ୍ୟାଦି । ଏକ ରୁବଲ୍ ପ୍ରାୟ ପାଞ୍ଚଟଙ୍କା କୋଡ଼ିଏ ପଇସା) ଉପନ୍ୟାସ ୪୦ କୋପେକ୍, ବିଜ୍ଞାନ ବହି ୫୨ କୋପେକ୍ । ପତ୍ରପତ୍ରିକା ବହି ଏତେ ଶସ୍ତା ହେବା ଫଳରେ ସାଧାରଣ ଲୋକେ ବହୁ ସଂଖ୍ୟାରେ ବହି ଆଉ କାଗଜ କିଣିପାରନ୍ତି । ହିସାବରୁ ଜଣାଯାଏ ଯେ ପ୍ରତ୍ୟେକ ରୁଷବାସୀର ନିଜର ଘରୋଇ ପାଠାଗାରରେ ୨୦୦ରୁ ୩୦,୦୦୦ ଯାଏ ବହି ରହିଛି ।

ଏହାଛଡ଼ା ସର୍ବସାଧାରଣ ପାଠାଗାର ବହୁତ ଅଛି-ଏଠାରେ ୩୮୦, ୦୦୦ ପାଠାଗାରରେ ସର୍ବମୋଟ ୨୦୦ କୋଟି ବହି ରହିଛି । ଏ ଭିତରୁ ସର୍ବବୃହତ୍ ପାଠାଗାର ହେଉଛି ଲେନିନ୍ ପାଠାଗାର ଏବଂ ଏଠାରେ ଦୁଇକୋଟି କୋଡ଼ିଏ ଲକ୍ଷ ବହି ରଖାହୋଇଛି । ଏହାଛଡ଼ା ସ୍କୁଲ କଲେଜ ପାଠାଗାର ସଂଖ୍ୟା ପ୍ରାୟ ଦୁଇଲକ୍ଷ ! ଲେନିନ୍ ପାଠାଗାରକୁ ବର୍ଷକୁ କୋଡ଼ିଏ ଲକ୍ଷ ପାଠକ ପଢ଼ିବାକୁ ଯାଆନ୍ତି । ବିଜ୍ଞାନ ଆକାଦେମୀରେ କେବଳ ବିଜ୍ଞାନ ବହି ୪୫ ଲକ୍ଷ ଖଣ୍ଡ ଅଛି ଏବଂ କେବଳ ଥିଏଟରପ୍ରେମୀମାନଙ୍କ ପାଇଁ ଗୋଟିଏ ପାଠାଗାରରେ ଲକ୍ଷେ ଖଣ୍ଡ ବହି ଅଛି । ଏହିପରି ଭାବରେ ଭିନ୍ନ ଭିନ୍ନ ବିଷୟବସ୍ତୁ ଉପରେ ବିଶେଷ ଧରଣର ପାଠାଗାରମାନ ରହିଛି ।

ଏତେ ବିପୁଳ ସଂଖ୍ୟାରେ ପତ୍ରପତ୍ରିକା, ବହି ଓ ପାଠାଗାର ଯୋଗୁଁ ସୋଭିଏତ୍ ଜନତା ଆଗରେ ଜ୍ଞାନଲୋକର ପ୍ରଶସ୍ତ ବାତାୟନ କିପରି ଭାବରେ ଉନ୍ମୁକ୍ତ ହୋଇଯାଇଛି, ତାହା ସହଜରେ

Digitized by PPRACHIN, SOA

ଅନୁମେୟ । ସୋଭିଏତ୍ ନାଗରିକ ବହି ପଢ଼ିବା ପାଇଁ ଖୁବ୍ ଆଗ୍ରହୀ ବୋଲି ବର୍ତ୍ତମାନ ପୃଥିବୀରେ ସୁଖ୍ୟାତି ଲାଭ କରିଛି । ପୃଥିବୀର ପ୍ରତ୍ୟେକ ଦେଶର ପ୍ରସିଦ୍ଧ ଲେଖକମାନଙ୍କର ଗଭୀର ଚିନ୍ତାଧାରା ବିଷୟରେ ଯେଉଁମାନେ ଏପରି ଭାବରେ ପରିଚିତ, ସେମାନଙ୍କର ସାଂସ୍କୃତିକ ମାନ କେତେ ଉଚ୍ଚରେ– ତାହା ପ୍ରମାଣ କରିବା ନିଷ୍ପ୍ରୟୋଜନ । ନୂତନ ଭାବରେ ସଙ୍ଗଠିତ ସାମାଜିକ ପରିବେଶର ଅନ୍ତର୍ନିହିତ ଉଦ୍ଦୀପନା ଅନୁସାରେ ମନୁଷ୍ୟଠାରେ ଯେ କୌଣସି ନୂତନ ଭାବଧାରା, ମନୋଭାବ ଓ ସାଂସ୍କୃତିକ ଅଭ୍ୟାସ କିପରି ସୃଷ୍ଟି କରିହେବ, ତାହାର ଜ୍ୱଳନ୍ତ ପ୍ରମାଣ ସୋଭିଏତ୍ ସମାଜ ପୃଥିବୀ ଆଗରେ ରଖିପାରିଛି ।

ବହୁ ସଂଖ୍ୟାରେ ବହି ପଢ଼ିବା, ପୃଥିବୀର ବିଭିନ୍ନ ଚିନ୍ତାନାୟକଙ୍କର ପ୍ରତିଭା ସହିତ ପରିଚିତ ହେବା ପରି ଅତି ଉପାଦେୟ ଅଭ୍ୟାସ ଛଡ଼ା ସୋଭିଏତ୍ ଜନସମାଜର ସିନେମା ଦେଖିବା ଆଉ ଗୋଟିଏ ଉତ୍ତମ ଅଭ୍ୟାସ । ଆମ ଦେଶରେ ସିନେମା ଦେଖିବାଟା ଖରାପ ଅଭ୍ୟାସ ରୂପେ ପରିଗଣିତ ହୁଏ; କାରଣ ପ୍ରକୃତରେ ସିନେମା ଦେଖିଲା ପରେ ନାନା ପ୍ରକାର ଖରାପ ଅଭ୍ୟାସ ପିଲାଙ୍କ ମନରେ ଦେଖାଦିଏ । କିନ୍ତୁ ସୋଭିଏତ୍ ନେତା ଓ ଶିକ୍ଷାବିତ୍‌ମାନେ ଲୋକଙ୍କୁ ବହୁ ପରିମାଣରେ ସିନେମା ଦେଖାଇବା ପାଇଁ ସମସ୍ତ ବ୍ୟବସ୍ଥା ଖଞ୍ଜିଛନ୍ତି । ତାର କାରଣ ସିନେମାରେ କୌଣସି ବାଜେ କଥା ନ ଦେଖାଇ ଲୋକମାନଙ୍କଠାରେ ସାଂସ୍କୃତିକ ମାନ, ସାମାଜିକ ଦାୟିତ୍ୱ, ସାମ୍ୟବାଦ ଗଣଚେତନା, ବିଶ୍ୱଶାନ୍ତି ପ୍ରତି ପ୍ରବଳ ଆଗ୍ରହ ଓ ଆନ୍ତର୍ଜାତିକ ଭ୍ରାତୃଭାବର ଦୃଢ଼ ଭିତ୍ତି ସ୍ଥାପନ ପାଇଁ ଉଦ୍ୟମ କରାଯାଏ । ସିନେମା ଯାଞ୍ଚ କମିଟି ଏହି ମାନଦଣ୍ଡ ଅନୁସାରେ ସିନେମା ଯାଞ୍ଚ କରେ ଏବଂ କଳାକାରମାନଙ୍କର ଆସୋସିଏସନ୍ ମଧ୍ୟ ଏ ବିଷୟରେ ସମ୍ପୂର୍ଣ୍ଣ ଭାବେ ସଚେତନ । ତେଣୁ ଲୋକଚରିତ୍ର ଗଠନ କରିବାରେ ସୋଭିଏତ୍ ରୁଷରେ ସିନେମା ଥିଏଟରର ଅବଦାନ ଅନେକ ବେଶି । ପୁଞ୍ଜିପତି ଦେଶର ଅପ୍ରାକୃତ ଯୌନ ସମ୍ପର୍କ, ନାରୀଧର୍ଷଣ, ନରହତ୍ୟା ପ୍ରଭୃତି ଜାନ୍ତବିକ ଅରାଜକତାର କୌଣସି ସ୍ଥାନ ଏଠାରେ ନାହିଁ ।

ସିନେମା ଥିଏଟର ପ୍ରତିଷ୍ଠାନରେ ମଧ୍ୟ ସୋଭିଏତ୍ ରୁଷ ପୃଥିବୀରେ ସର୍ବପ୍ରଥମ । ଏଠାରେ ଲକ୍ଷେ ତିରିଶ ହଜାର ସିନେମା ଗୃହ ଅଛି ଏବଂ ବାର୍ଷିକ ଦର୍ଶକଙ୍କ ସଂଖ୍ୟା ୪୧୦୦ କୋଟି; ଅର୍ଥାତ୍ ପ୍ରତ୍ୟେକ ରୁଷବାସୀ ବର୍ଷରେ ଶହେ ଅଶୀଥର ସିନେମା ଦେଖେ । ସିନେମା ଟିକେଟ୍ ମଧ୍ୟ ଖୁବ୍ ଶସ୍ତା-ଏହା ଦଶରୁ ପଚାଶ କୋପେକ୍ ଦାମ୍ । ସିନେମା ବ୍ୟତୀତ ପାଞ୍ଚଶହଟି ପେଶାଦାର ଥିଏଟର ରହିଛି ଏବଂ ୩,୮୦,୦୦୦ଟି ବିଭିନ୍ନ ଧରଣର ସୌଖିନ୍ ଥିଏଟର ଅପେରା ପ୍ରଭୃତି କ୍ଲବ ଅଛି । ସାଧାରଣ ଲୋକେ ମଝିରେ ମଝିରେ ସେମାନଙ୍କର ନାଟକ, ସଙ୍ଗୀତ ପ୍ରଭୃତି ଦେଖାଇବା ପାଇଁ ମାଗଣାରେ ଘର ପାଆନ୍ତି । ଏହି କ୍ଲବମାନଙ୍କର ମୋଟ ସଭ୍ୟସଂଖ୍ୟା ହେଲା ୯୬ ଲକ୍ଷ । ଏଥିରୁ ସହଜରେ ଅନୁମାନ କରିହେବ ଏପ୍ରକାର ସାଂସ୍କୃତିକ ଅନୁଷ୍ଠାନ ପ୍ରତି ଲୋକଙ୍କର ଆଗ୍ରହ । ଏହା ଫଳରେ ଜନସାଧାରଣଙ୍କଠାରେ ଥିବା ପ୍ରଚ୍ଛନ୍ନ ପ୍ରତିଭା ସହଜରେ ପରିସ୍ଫୁଟ ହୋଇପାରେ ।

କଳା, ସାହିତ୍ୟ, ସଙ୍ଗୀତ, ଭାସ୍କର୍ଯ୍ୟ ଓ ଅନ୍ୟାନ୍ୟ ସାଂସ୍କୃତିକ ବିଷୟବସ୍ତୁ ନେଇ ଆଲୋଚନା କରିବା ଓ ଲୋକଙ୍କଠାରେ ସେ ବିଷୟରେ ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି କରିବା ପାଇଁ ଧାରାବାହିକ ଭାବରେ ଶିକ୍ଷାନୁଷ୍ଠାନମାନ ଗଢ଼ା ହୋଇଛି । ଜ୍ଞାନବିଜ୍ଞାନ ଚର୍ଚ୍ଚା ପାଇଁ ଯେପରି ବିଶ୍ୱବିଦ୍ୟାଳୟ ରହିଛି, କଳା ସାହିତ୍ୟ ପ୍ରଭୃତି ବିଷୟ ଆଲୋଚନା ପାଇଁ ଲୋକସଂସ୍କୃତି ବିଶ୍ୱବିଦ୍ୟାଳୟ ନାମରେ ଅନୁଷ୍ଠାନମାନ ରହିଛି । ଏଥିରେ ସାଧାରଣ ବିଶ୍ୱବିଦ୍ୟାଳୟ ପରି ନିର୍ଦ୍ଦିଷ୍ଟ ବିଷୟ ନିର୍ଘଣ୍ଟ ନାହିଁ କିମ୍ବା ପରୀକ୍ଷା ନାହିଁ । ଏଠାରେ ବିଜ୍ଞାନ, ସଂସ୍କୃତି, ସାହିତ୍ୟ, କଳା, ସିନେମା, ଥିଏଟର, କନ୍‌ସାର୍ଟ ପ୍ରଭୃତି ଦେଖା ହୋଇଥାଏ । ବିଭିନ୍ନ ପ୍ରକାରର ଯାଦୁଘର, ଛବିଘର ପ୍ରଭୃତି ଅନୁଷ୍ଠାନକୁ ଲୋକମାନଙ୍କୁ ନେଇ ସେଠାରେ ଆଲୋଚନା କରାଯାଏ । ବିଖ୍ୟାତ ସାହିତ୍ୟିକ, କବି, କଳାକାର, ବୈଜ୍ଞାନିକ ଓ ଅନ୍ତରୀକ୍ଷଚାରୀମାନେ ଭିନ୍ନ ଭିନ୍ନ ବିଷୟରେ ବକ୍ତୃତା ଦିଅନ୍ତି । ଏଥିପାଇଁ କାହାରିକୁ ପଇସା ଦେବାକୁ

Digitized by PPRACHIN, SOA

ପଡ଼େ ନାହିଁ । ଚାରିଆଡ଼େ ହଜାର ହଜାର ସିନେମା, ଥିଏଟର, ଯାଦୁଘର, ଛବିଘର ଏବଂ ଲକ୍ଷ ଲକ୍ଷ ସଂଖ୍ୟାରେ ବହି ପତ୍ରପତ୍ରିକା ଲୋକମାନଙ୍କୁ ସର୍ବଦା ଉଦ୍ଦୀପିତ କରୁଥିବାରୁ ସାଂସ୍କୃତିକ କାର୍ଯ୍ୟାବଳୀରେ ଲୋକଙ୍କର ଅତ୍ୟଧିକ ଆଗ୍ରହ ଓ ଉତ୍ସାହ ବଢ଼ିଯିବା ସ୍ୱାଭାବିକ । ଫଳରେ ଏକ ପ୍ରକାର ଅନୁଷ୍ଠାନ ସବୁ ହଜାର ହଜାର ସଂଖ୍ୟାରେ ଛାଏଁ ଛାଏଁ ଗଢ଼ି ଉଠିଛି । ସର୍ବମୋଟ ଦଶହଜାରଟି ଏପରି ଅନୁଷ୍ଠାନ ରୁଷ ଦେଶରେ ଥିବାର ଦେଖାଯାଏ ।

କଳା, ସାହିତ୍ୟ, ସଙ୍ଗୀତ ପ୍ରଭୃତି ଶିକ୍ଷା ପାଇଁ କଳାକାର, ଲେଖକ ପ୍ରଭୃତିଙ୍କର ଆସୋସିଏସନମାନ ରହିଛି । ଏମାନଙ୍କ ପାଇଁ ଶିକ୍ଷାଦାନ ବ୍ୟବସ୍ଥା ରହିଛି । ଉଦାହରଣ ସ୍ୱରୂପ, ଜଣେ ସାହିତ୍ୟିକ ହେବାକୁ ଇଚ୍ଛା କଲେ ସେ ଏହି ଆସୋସିଏସନ୍ ସାହାଯ୍ୟରେ ବିଶେଷ ଭାବରେ ଶିକ୍ଷା ପାଇପାରେ । ସେଥିପାଇଁ ଭତ୍ତା ମଧ ପାଇପାରେ କିମ୍ବା କଳକାରଖାନାରେ କାମ କରି ସାଂଧ ଶ୍ରେଣୀରେ ଏ ବିଷୟରେ ଶିକ୍ଷା ପାଇପାରେ । ଥରେ ଲେଖକ ହେଲା ପରେ ତାର ଲେଖାର ବିଷୟବସ୍ତୁ ସଂଗ୍ରହ ପାଇଁ ତାକୁ ନାନା ସ୍ଥାନକୁ ପଠାଯାଏ । ଗୋଟିଏ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଲେଖିବା ପାଇଁ ତାର ଯାହା ଆବଶ୍ୟକ, ଯେପରି ପରିବେଶ ଭିତରେ ତାହା ସମ୍ଭବ ହୋଇପାରିବ, ସେ ପ୍ରକାର ସ୍ଥାନରେ ଯାଇ ସେ ରହିପାରିବ । ମୋଟାମୋଟି ଭାବରେ ବୈଜ୍ଞାନିକର ଗବେଷଣା ପାଇଁ ଯେପରି ଗବେଷଣାଗାର ଓ ଯନ୍ତ୍ରପାତି ରହିଛି, ଲେଖକ ପାଇଁ ମଧ ସୃଜନଶୀଳ ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ସମସ୍ତ ବ୍ୟବସ୍ଥା କରାଯାଏ । ବହି ପ୍ରକାଶ ପାଇଲା ପରେ ସେ ବହିରୁ ବହୁତ ପଇସା ମିଳେ । ତେଣୁ ସୋଭିଏତ୍ ଲେଖକମାନଙ୍କର ଉପାର୍ଜନ ଖୁବ୍ ବେଶି । ସେହିପରି ଭାବରେ ସଙ୍ଗୀତଜ୍ଞ ଓ ଅନ୍ୟାନ୍ୟ କଳାକାରମାନେ ବିନା ବାଧା ବିଘ୍ନରେ ନିଜ ନିଜର ପ୍ରତିଭାର ବିକାଶ ପାଇଁ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗ ପାଆନ୍ତି ଏବଂ ସୋଭିଏତ୍ ସମାଜ ଏମାନଙ୍କୁ ବହୁତ ସମ୍ମାନ ଦେଖାଏ ।

ଉଚ୍ଚକୋଟୀର ସାଂସ୍କୃତିକ ପରିବେଶ ସୃଷ୍ଟି କରିବା ପାଇଁ ଏମାନଙ୍କର ଏତେ ଆଗ୍ରହ ନିଷ୍ଠା ଓ ଆନ୍ତରିକତା ଅଛି ଯେ ସର୍ବସାଧାରଣ ପାର୍କ, ରାସ୍ତା, ରେଳ ଷ୍ଟେସନରେ ମଧ ନାନାପ୍ରକାରର ମୂର୍ତ୍ତି, ଛବି ପ୍ରଭୃତି ରଖା ହୋଇଛି । ମସ୍କୋ ଲେନିନ୍‌ଗ୍ରାଡ଼ର ମାଟିତଳ ରେଳଷ୍ଟେସନ ସବୁ ଦେଖିବା ପାଇଁ ହଜାର ହଜାର ବିଦେଶୀ ପର୍ଯ୍ୟଟକ ଯାଆନ୍ତି । ମସ୍କୋର ମାଟିତଳର ପୁରୁଣା ରେଳଷ୍ଟେସନ ଗୁଡ଼ିକ ଗୋଟିଏ ଗୋଟିଏ ଯାଦୁଘର କିମ୍ବା ଛବିଘର କହିଲେ ଅତ୍ୟୁକ୍ତି ହେବନାହିଁ । ରେଡ୍‌ସ୍କୋୟାର ମାଟିତଳ ରେଳ ଷ୍ଟେସନରେ ରୁଷ-ବିପ୍ଳବର ନେତାମାନଙ୍କର ବିରାଟ ବିରାଟ କଳା ମୁଗୁନିପଥର କିମ୍ବା ମାର୍ବଲର ପ୍ରତିମୂର୍ତ୍ତି ଚମତ୍କାର ଭାବରେ ସଜାଇ ରଖାହୋଇଛି । ଦୁଇଆଡ଼େ ଦୁଇଟି ପ୍ଲାଟଫର୍ମ ଏବଂ ମଝିରେ ଗୋଟିଏ ବିରାଟ ହଲ୍ । ହଲ୍‌ର ଦୁଇ ପାଖରେ ଏସବୁ ମୂର୍ତ୍ତି, ଆଲୋକ ସଜ୍ଜା ଏପରି ଚିତ୍ତାକର୍ଷକ ଯେ ଅନେକ ସମୟଧରି କେବଳ ଆଲୋକସଜ୍ଜା ଦେଖିବାକୁ ଇଚ୍ଛା ହୁଏ । ୟୁକ୍ରେନ ଷ୍ଟେସନରେ ୟୁକ୍ରେନ୍ ରାଜ୍ୟର ସାଂସ୍କୃତିକ ପରିବେଶ ସୃଷ୍ଟି କରାହୋଇଛି ଏବଂ ଏହାର ଆଲୋକ ସଜ୍ଜା ଅନ୍ୟାନ୍ୟ ଷ୍ଟେସନଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଏହିପରି ପ୍ରତ୍ୟେକ ମାଟିତଳ ରେଳ ଷ୍ଟେସନ ଗୋଟିଏ ଗୋଟିଏ ଦର୍ଶନୀୟ ସ୍ଥାନ ଏବଂ ପ୍ରତ୍ୟେକଟିର କିଛି ନା କିଛି ବିଶେଷତ୍ୱ ରହିଛି । ରେଳ ଷ୍ଟେସନକୁ ଏପରି ଭାବରେ ସଜାଇ ରଖିବାର ଉଦ୍ଦେଶ୍ୟ ହେଉଛି ଯେ ଲୋକମାନେ ଯେତେବେଳେ ଗାଡ଼ି ପାଇଁ ଅପେକ୍ଷା କରିବେ ସେତେବେଳେ ସେମାନଙ୍କର ଆଖିରେ ଏସବୁ ପଡ଼ିବ- ସେମାନଙ୍କର ମନ ଉତ୍‌ଫୁଲ୍ଲ ରହିବ । ଏପରି ଭାବରେ ଦେଶସାରା ସାଂସ୍କୃତିକ ବାୟୁମଣ୍ଡଳ ସୃଷ୍ଟି କରିବା ଉଦ୍ଦେଶ୍ୟ ହେଉଛି ମନୁଷ୍ୟକୁ ଉଚ୍ଚ ଆଦର୍ଶ, ଗଭୀର ସୌନ୍ଦର୍ଯ୍ୟବୋଧ ଓ ମାନବିକ ସୌହାର୍ଦ୍ଦ୍ୟରେ ପ୍ରତି ମୁହୂର୍ତ୍ତରେ ଉଦ୍‌ବୁଦ୍ଧ କରିବା । ତା'ହେଲେ ଯାଇ ଲୋକଙ୍କଠାରେ ପ୍ରକୃତ ସଂସ୍କୃତି ପରିସ୍ଫୁଟ ହୋଇପାରିବ ଏବଂ ସେମାନେ ଛୋଟକଥାରେ ବିବ୍ରତ ନ ହୋଇ ଉଚ୍ଚ ଆଶା ଓ ସ୍ୱପ୍ନରେ ଅନୁପ୍ରାଣିତ ହୋଇରହିବେ । ନିଜ ଆଖିରେ ନ ଦେଖିଲେ ରୁଷ୍ ସମାଜର ବିରାଟ ସାଂସ୍କୃତିକ ଆଦର୍ଶ ବିଷୟରେ ହୃଦୟଙ୍ଗମ କରିବା ଅସମ୍ଭବ ।

■■■

Digitized by PPRACHIN, SOA

ସାମାଜିକ ରୁଚି- ସୌନ୍ଦର୍ଯ୍ୟ ବୋଧ

ଆମେରିକା ଓ ୟୁରୋପୀୟ ଦେଶମାନଙ୍କରେ ବିଂଶ ଶତାବ୍ଦୀରେ ଗଢ଼ିଉଠିଥିବା କେତେଗୁଡ଼ିଏ ସାମାଜିକ ରୁଚି ଓ ଅଭ୍ୟାସ ରୁଷ ଦେଶରେ ମଧ ଦେଖାଯାଏ । ସହର ମଫସଲ ଖୁବ୍ ପରିଷ୍କାର । ସାଧାରଣ ଲୋକେ ଖୁବ୍ ଭଦ୍ର ଓ ସହାନୁଭୂତିଶୀଳ—ସାଂସ୍କୃତିକ ପରିବେଶ ଖୁବ୍ ପ୍ରୀତିକର—ସାମାଜିକ ଜୀବନ ମାର୍ଜିତ । ଏହାଛଡ଼ା ସୋଭିଏତ୍ ରୁଷରେ କେତେଗୁଡ଼ିଏ ନୂଆ ଜିନିଷ ଦେଖିବାକୁ ମିଳେ । ଏଠାରେ ଯେଉଁସବୁ ନୂତନ ଧରଣର ସହର ତିଆରି ହେଉଛି, ତାହା ଦେଖିବାର କଥା । ଯେକୌଣସି ସହର ବା କୋଠ ଖମାରର ଘରସବୁ ଆଧୁନିକ ରୁଚିସମ୍ପନ୍ନ ଓ ବହୁତାଲା ବିଶିଷ୍ଟ । ଏହାର ବିଭିନ୍ନ ଅଂଶ ବିରାଟ କାରଖାନାରେ ତିଆରି ହୋଇ ଘର ତିଆରି ଜାଗାରେ କ୍ରେନ ସାହାଯ୍ୟରେ ଖଞ୍ଜା ହେଉଥିବାରୁ ସବୁଘର ଦେଖିବାକୁ ପ୍ରାୟ ସମାନ ହେବା ସ୍ୱାଭାବିକ । ତେଣୁ ଗୋଟିଏ ଆଧୁନିକ ଘର ଭଲଭାବରେ ଦେଖିଲେ ଅନ୍ୟ ଘର ବିଷୟରେ ମୋଟାମୋଟି ଧାରଣା କରିହୁଏ । କିନ୍ତୁ ସହର ତିଆରିର ପ୍ରଧାନ ବିଶେଷତ୍ୱ ହେଲା ରାସ୍ତା ଓ ତା କଡ଼ରେ ଥିବା ଅସଂଖ୍ୟ ସୁନ୍ଦର ସୁନ୍ଦର ଗଛ । ଖୁବ୍ ଚଉଡ଼ା ଚଉଡ଼ା ରାସ୍ତା, କେଉଁଠି ଦୁଇଦିଗରୁ ଯାଉଥିବା ଯାନବାହନ ପାଇଁ ଅଲଗା ଦୁଇଟି ବଡ଼ ରାସ୍ତା । ମଝିରେ ଗୋଟିଏ ପାର୍କ, ରାସ୍ତାର ଦୁଇପାଖରେ ପୁଣି ଧାଡ଼ି ଧାଡ଼ି ଗଛ । ତାପରେ ଖୁବ୍ ଚଉଡ଼ା ଚଉଡ଼ା ଫୁଟପାଥ୍ ଏବଂ ତାପରେ ଧାଡ଼ି ଧାଡ଼ି ବହୁତାଲା ବିଶିଷ୍ଟ ଘର । ମସ୍କୋର କେତେକ ନୂଆ ଅଞ୍ଚଳରେ ଚାରୋଟି ଗାଡ଼ି ଯିବାଆସିବା ପାଇଁ ଅତି ପ୍ରଶସ୍ତ ରାସ୍ତା, ଅସଂଖ୍ୟ ଗଛ ଓ ଚଉଡ଼ା ଫୁଟପାଥ୍ । ତାସକେଣ୍ଟ ସହର ତ ଖାଲି ଗଛରେ ଭରପୂର । ଉଡ଼ାଜାହାଜରୁ ସହରଟି ଗୋଟିଏ ବିରାଟ ପାର୍କ ପରି ଦେଖାଯାଏ । ତାସକେଣ୍ଟ ସହର ଭିତରେ ଏହି ଗଛକୁ ପାଣି ଯୋଗାଇବା ପାଇଁ ତା ମୂଳେ ମୂଳେ ଛୋଟ ଛୋଟ ପାଣିଧାର ଅନବରତ ଚାଲିଛି । ସହର ସବୁ ଦେଖିଲେ ଏମାନଙ୍କର ଗଛ ପ୍ରତି କି ଅସମ୍ଭବ ଧରଣର ଆଗ୍ରହ ଅଛି, ତା ବୁଝିହୁଏ । ଖରାଦିନେ ବଜାର ସଉଦା କରିବାକୁ ଆସୁଥିବା ଲୋକେ କିଣାବିକା କରିସାରି ରାସ୍ତା କଡ଼ରେ ଥିବା ପାର୍କ ଭିତରେ ପଡ଼ିଥିବା ବେଞ୍ଚରେ ବସି ବିଶ୍ରାମ କରୁଥାନ୍ତି-ଛୋଟ ଛୋଟ ପିଲମାନଙ୍କୁ ବୁଢ଼ାବୁଢ଼ୀମାନେ ଧରି ଏଠାରେ ବସିଥାନ୍ତି ।

ଏଠାରେ ଆମ ଦେଶ ପରି ବୁଢ଼ା ବାପ-ମା ପୁଅ ଝିଅଙ୍କ ପାଖରେ ରହନ୍ତି । ପାଶ୍ଚାତ୍ୟ ଦେଶରେ ପିଲାମାନେ ବଡ଼ ହୋଇଗଲେ ବାପମା'ଙ୍କଠାରୁ ଅଲଗା ରହନ୍ତି । କୌଣସି ନବ ବିବାହିତା ଝିଅ ଶାଶୁ-ଶ୍ୱଶୁର ପାଖରେ ରହିବାକୁ ଆଦୌ ପସନ୍ଦ କରେ ନାହିଁ । ଏପରିକି ଇଂଲଣ୍ଡରେ ପୁଅମାନେ ନୂଆ ଘର ନ ପାଇଲାଯାଏଁ ବିବାହ କରନ୍ତି ନାହିଁ । ବିବାହ ପାଇଁ ସବୁ ଠିକ୍ ହୋଇସାରିଥିଲେ ସୁଦ୍ଧା ଏହା ମାସ ମାସ ଗଡ଼ିଯାଏ ନୂଆ'ଘର ଅଭାବରୁ । ସୋଭିଏତ୍ ରୁଷରେ ଏହା ଅନ୍ୟପ୍ରକାର ଦେଖିବାକୁ ପାଇଲୁ । ବୁଢ଼ାବୁଢ଼ୀ ନାତିନାତୁଣୀଙ୍କ ସାଙ୍ଗରେ ପାର୍କରେ ଯାଇ ବିଶ୍ରାମ କରନ୍ତି—ସେମାନଙ୍କ ପାଖରେ ପିଲାଏ ଖେଳୁଥାଆନ୍ତି । ଏହି ପ୍ରାଚ୍ୟ ଦେଶୀୟ ଦୃଶ୍ୟ ଦେଖି ଆମକୁ ଭଲ ଲାଗିଲା ।

Digitized by PPRACHIN, SOA

ରାସ୍ତାକଡ଼ ପାର୍କ ଛାଡ଼ିଦେଲେ ସହର ଭିତରେ ବହୁ ସଂଖ୍ୟାରେ ପାର୍କ ରହିଛି । ବଡ଼ ବଡ଼ ସହରର ପାର୍କ ଏତେ ସୁନ୍ଦର ଯେ ବାହାରର ପର୍ଯ୍ୟଟକମାନଙ୍କୁ ପାର୍କ ଦେଖାଇବା ପାଇଁ ନିଆଯାଏ । ଅଧିକାଂଶ ପାର୍କରେ ସୁନ୍ଦର ସୁନ୍ଦର ବ୍ରଞ୍ଜ, ଲୁହା, ମାର୍ବଲ ପ୍ରଭୃତିର ପ୍ରତିମୂର୍ତ୍ତି-ଅନେକ ପାର୍କରେ ସମାଜବାଦୀ ବିପ୍ଳବର ଶାଶ୍ୱତ-ଅଗ୍ନିଶିଖା ଜଳୁଛି । ଏହାର ଲେଲିହାନ ଶିଖା ଖରା ନାହିଁ, ବର୍ଷା ନାହିଁ, ବରଫଝଡ଼ ନାହିଁ, ବର୍ଷସାରା ସେହିପରି ଜଳୁଥାଏ । ମାଟିତଳ ଗ୍ୟାସ୍ ପାଇପ୍ ଯୋଗୁଁ ସବୁ ପରିସ୍ଥିତିରେ ମଧ୍ୟ ଏହାର ଜ୍ୱଳନ ସମ୍ଭବ ହୁଏ । ପାର୍କ ଓ ରାସ୍ତାର ବିଭିନ୍ନ ଅଂଶରେ ପାଣି ଫୁଆରା ବହୁତ ଦେଖିବାକୁ ମିଳେ । ଗଛ ଓ ଫୁଲ ପାଇଁ ଏମାନଙ୍କର ଯେପରି ଅତ୍ୟଧିକ ଆଗ୍ରହ, ପାଣି ଫୁଆରା ପାଇଁ ମଧ୍ୟ ସେପରି ପ୍ରବଳ ଉତ୍ସାହ । ମସ୍କୋ ସହରରେ ଗୋଟିଏ ସ୍ଥାୟୀ ପ୍ରଦର୍ଶନୀ ସହର ତିଆରି ହୋଇଛି । ଏହି ସହରର ପ୍ରବେଶ ଦ୍ୱାର ପାଖରେ ଗୋଟିଏ ଖୁବ୍ ବଡ଼ ପାଣିକୁଣ୍ଡ ରହିଛି ଏବଂ ଏହା ଭିତରେ ବହୁ ବିରାଟ ସୁନାଛାଉଣୀ ମୂର୍ତ୍ତି ଖୁବ୍ ଉଚ୍ଚକୁ ଉଠୁଥିବା ପାଣିଫୁଆରା ଧରି ଠିଆ ହୋଇଛନ୍ତି । ଏହି କୁଣ୍ଡଟିର ଲମ୍ବ ହଜାର ଫୁଟରୁ ବେଶି ହୋଇପାରେ; ଚଉଡ଼ା ମଧ୍ୟ କେତେଶହ ଫୁଟ ହେବ । ଏତେ ବଡ଼ କୁଣ୍ଡ ଭିତରୁ ଅସଂଖ୍ୟ ପାଣି ଫୁଆରା କୋଡ଼ିଏ ତିରିଶ ଫୁଟ ଉପରକୁ ଉଠୁଥିବାର ଦୃଶ୍ୟ କି ଚିତ୍ତାକର୍ଷକ ହୋଇଥିବ, ସହଜରେ ଅନୁମେୟ । ଏହି ପାଣିକୁଣ୍ଡର ଚାରିଆଡ଼େ ଫୁଟପାଥ୍, ଗୋଲାପ ଫୁଲର ଧାଡ଼ି, ଘାସପଡ଼ିଆ । ଏହାର ଦୁଇପାଖେ ଆହୁରି କେତୋଟି ଛୋଟ ଛୋଟ ପାଣିକୁଣ୍ଡ-ଆଉ ଗୋଟିଏ ବଡ଼ ପୋଖରୀରେ ଡଙ୍ଗା ପଡ଼ିଛି—ଏହିପରି ବହୁ ଚମତ୍କାର ଦୃଶ୍ୟାବଳୀ ଭିତରେ ପ୍ରଦର୍ଶନୀ ହଲ୍ ସବୁ ରହିଛି । ମଝି ମଝିରେ ବଡ଼ ବଡ଼ ଗଛ ଓ ଘାସ ପଟାଳି ଥିବା ଗଛ ତଳେ ବହୁଲୋକ ବିଶ୍ରାମ ନେଉଛନ୍ତି—ଆହୁରି ଅନେକେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

ଲେଲିନ୍‌ଗ୍ରାଦ୍ ସହରର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ । ସହର ସାରା ବଡ଼ ବଡ଼ କେନାଲ୍‌ରେ ଛନ୍ଦି ହୋଇ ରହିଛି । ହଜାର ହଜାର ବିଭିନ୍ନ ଧରଣର ପୋଲ, ଗଛ ଓ ଫୁଲ ପଟାଳିମାନ ଚିତ୍ର ଆଙ୍କିଲା ପରି ଦେଖାଯାଉଛି । ଏହି ସହର ଦ୍ୱିତୀୟ ମହାଯୁଦ୍ଧ ବେଳେ ଜର୍ମାନ୍‌ମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ପାଇଥିଲା । ଏହାର ୩୦ ଲକ୍ଷ ବାସିନ୍ଦାଙ୍କ ଭିତରୁ ଦଶଲକ୍ଷ ଲୋକ ଜର୍ମାନ୍‌ମାନଙ୍କ ସହିତ ଯୁଦ୍ଧ କରି କିମ୍ବା ଭୋକ ଉପାସରେ ପ୍ରାଣ ଦେଇଥିଲେ । ଏହା ବର୍ତ୍ତମାନ ଏପରି ସୁନ୍ଦର ଭାବରେ ପୁଣି ତିଆରି ହୋଇଛି ଯେ, ବିଶ୍ୱାସ କରି ହୁଏନା, ଏହା ଦିନେ ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା ।

ଲେନିନ୍‌ଗ୍ରାଦ୍ ସହରର ଉପକଣ୍ଠରେ ଗୋଟିଏ ଜାତୀୟ କବର ରହିଛି, ଯେଉଁଠି ଦଶଲକ୍ଷ ଲୋକଙ୍କୁ ଗୋଟିଏ ସ୍ଥାନରେ କବର ଦିଆଯାଇଛି । ସେଠାକୁ ପର୍ଯ୍ୟଟକ ଓ ରୁଷବାସୀ ହଜାର ହଜାର ସଂଖ୍ୟାରେ ଯାଆନ୍ତି ଦେଶ ଲାଗି ଆତ୍ମବଳୀ ଦେଇଥିବା ସହିଦମାନଙ୍କ ଉଦ୍ଦେଶ୍ୟରେ ସଶ୍ରଦ୍ଧ ସମ୍ମାନ ଜଣାଇବା ପାଇଁ । ସେହି ଶାନ୍ତି ଉପବନ ପାଇଁ ପୃଥିବୀର ସବୁଦେଶରୁ ବଛାବଛା ଲାଲରଙ୍ଗର ଗୋଲାପ ଫୁଲଗଛ ଉପହାର ମିଳିଛି ଏବଂ ଅସଂଖ୍ୟ ଜାତିର ରକ୍ତଗୋଲାପ ଏହି ଦଶଲକ୍ଷ ଆତ୍ମାର ପ୍ରତୀକ ରୂପେ ସୂର୍ଯ୍ୟକିରଣ ଓ ପବନରେ ଦୋହଲି ଦୋହଲି ଆଗନ୍ତୁକମାନଙ୍କୁ ଅତୀତ ସଂଗ୍ରାମର କରୁଣ କାହାଣୀ ଶୁଣାଇ ଚାଲିଛନ୍ତି । ପୃଥିବୀରେ ଯେକୌଣସି ବିଖ୍ୟାତ ଲୋକ ରୁଷ୍ ଦେଶକୁ ଗଲେ ସେମାନେ ତାଙ୍କୁ ଆଣି ଲେନିନ୍‌ଗ୍ରାଦ୍ ଦେଖାନ୍ତି—ଶାନ୍ତି କବରର ଉପବନକୁ ନେଇ ଯାଆନ୍ତି । ଏହି ସହରର ଅନେକ ରାସ୍ତାର ନାମ ବିଶ୍ୱଶାନ୍ତି ଅର୍ଥରେ ନାମିତ । ଏହି ସହରକୁ ଆସିଲେ ଏବଂ ଏହି ଶାନ୍ତି ଉପବନରେ ଦଶଲକ୍ଷ ଲୋକଙ୍କର କବର ଉପରେ ଗୋଡ଼ ଟିପି ଟିପି ଚାଲି ସେମାନଙ୍କର ସ୍ମୃତି ଉଦ୍ଦେଶ୍ୟରେ ନତମସ୍ତକରେ କିଛି ସମୟ ଠିଆହେଲା ପରେ ଯେକୌଣସି ଲୋକର ଦୃଢ଼ ଧାରଣା ହେବ ଯେ, ସୋଭିଏତ୍ ରୁଷ ଯୁଦ୍ଧ ଚାହେଁନା-ଚାହେଁ ସ୍ଥାୟୀ ଶାନ୍ତି ।

ଲେନିନଗ୍ରାଦର କିଛି ଦୂରରେ ପିଟର ଦି ଗ୍ରେଟର ଗ୍ରୀଷ୍ମ ଉପବନ ଦେଖିବାକୁ ଯାଇଥିଲୁ । ସେଠାରେ ଏପରି ଜାକଜମକର ସହିତ ବିରାଟ ଉଦ୍ୟାନଟି ସଜ୍ଜିତ ହୋଇଛି ଯେ, ଦେଖିଲେ

Digitized by PPRACHIN, SOA

ଯେକୌଣସି ଲୋକ ବିସ୍ମୟରେ ଅଭିଭୂତ ହୋଇଯିବ । ଅସଂଖ୍ୟ ମାର୍ବଲ ଓ ସୁନା ଛାଉଣୀ ମୂର୍ତ୍ତି, ଶହଶହ ପାଣି ଫୁଆରା—ଅସଂଖ୍ୟ ପାଣିକୁଣ୍ଡ—ନାନା ଧରଣର ରହସ୍ୟାବୃତ ସ୍ଥାନ କେଉଁଠି ନାଚିବାକୁ ଆରମ୍ଭ କଲେ ହଠାତ୍ ବର୍ଷା ହୁଏ, କେଉଁଠି ଆଲୋକର ବିଭିନ୍ନ ସାଜସଜ୍ଜା ତୁମର ପାଦସ୍ପର୍ଶରେ ପ୍ରତିଭାତ ହୁଏ । ଏହିପରି ଅନେକ ପ୍ରକାରର ଆମୋଦକର ସ୍ଥାନ । ପାର୍କଟି ବୋଧହୁଏ ହଜାର ଏକରରୁ ବେଶି ହେବ । ଫୁଲଗଛ ଓ ଘାସ ପଡ଼ିଆକୁ ଚମତ୍କାର ଭାବରେ ରଖାଯାଇଛି । ତା'ଛଡ଼ା ଖୁବ୍ ବଡ଼ ବଡ଼ ଗଛମାନ ମଧ୍ୟ ରହିଛି । ଏଠାରେ ପିଟର ଦି ଗ୍ରେଟ୍ ଯେଉଁ ବଖରାଗୁଡ଼ିକରେ କାମ କରୁଥିଲେ, ବସୁଥିଲେ, ଶୋଉଥିଲେ, ସେସବୁ ଘର ପୁଣି ଠିକ୍ ସେହିପରି ଭାବରେ ତିଆରି ହୋଇଛି । କାରଣ ଜର୍ମାନ୍‌ମାନେ ଏଠାରେ ସେମାନଙ୍କର ଯୁଦ୍ଧ ଛାଉଣୀ ଦେଢ଼ବର୍ଷକାଳ ରଖିଥିଲେ ଏବଂ ଏଠାର ସବୁଘର ଭାଙ୍ଗି ଦେଇଥିଲେ; ସବୁ ମାର୍ବଲ ମୂର୍ତ୍ତି ବର୍ଲିନ ନେଇ ଯାଇଥିଲେ । ରୁଷ ସୈନ୍ୟ ବର୍ଲିନରୁ ପୁଣି ସେସବୁ ଫେରାଇ ଆଣିଛନ୍ତି । ଜର୍ମାନ୍ ସୈନ୍ୟମାନେ ଆସିବା ପୂର୍ବରୁ ଇତିହାସ ଅଧ୍ୟାପକମାନେ ଯାଇ ପୁରୁଣା ଘରର ଫଟୋ ଉଠାଇ ଆଣିଥିଲେ; କାରଣ ସେହି ଫଟୋ ଦେଖି ଯୁଦ୍ଧ ପରେ ପୁଣି ଏହି ଐତିହାସିକ ଘରସବୁ ତିଆରି କରିପାରିବେ । ବର୍ତ୍ତମାନ ସବୁ ଘର ଠିକ୍ ପୂର୍ବ ପରି ତିଆରି ହୋଇଛି । କେତେକ ସ୍ଥାନରେ ଆମକୁ କୁହାଯାଉଥାଏ ଯେ ଏହି ଗୋଟିକ ଅଂଶ ପୁରୁଣା ଏବଂ ଅନ୍ୟ ଅଂଶଟି ନୂଆ ତିଆରି ହୋଇଛି; କିନ୍ତୁ କେହି ନ କହିଲେ ଏ ବିଷୟରେ ଜାଣିବାର ଅନ୍ୟ କିଛି ଉପାୟ ନଥିଲା । କାରଣ ନୂଆ ପୁରୁଣା ସବୁ ଦେଖିବାକୁ ସମାନ । ଏଥିରୁ ଅନୁମାନ ହୁଏ ପୁରୁଣା ସ୍ମୃତିକୁ ସାଇତି ରଖିବାକୁ ଏମାନେ କେତେ ବେଶି ତତ୍ପର ।

ସହରର ରାସ୍ତା, ପାର୍କ ଛଡ଼ା କଳକାରଖାନା ଓ କୋଠଖମାରର ଦୃଶ୍ୟ ମଧ୍ୟ ଅତ୍ୟନ୍ତ ମନୋମୁଗ୍ଧକର । ତାସକେଣ୍ଟ ସହରର ଗୋଟିଏ ବିରାଟ ଲୁଗାକଳକୁ ଯାଇଥିଲୁ । କାରଖାନାର ଚାରିଆଡ଼େ ସେପରି ଅସଂଖ୍ୟ ଗଛ, ଫୁଲବଗିଚା ଓ କୃତ୍ରିମ ଝରଣା । ଶ୍ରମିକମାନେ ଛୁଟିବେଳେ ସେହି ଗଛ ତଳେ ବସି ଆଇସକ୍ରିମ୍ ପ୍ରଭୃତି ଖାଉଥାଆନ୍ତି; ଝରଣା କୂଳେ ବସି ଖୁସି ଗପ କରୁଥାଆନ୍ତି । କାରଖାନା ଭିତରେ ମଧ୍ୟ ଖୁବ୍ ପରିଷ୍କାର । କେତେଗୁଡ଼ିଏ କଳପାଖରେ ଜଣେ ସ୍ତ୍ରୀଲୋକ ତଳ ଚଟାଣ ଓ ଆଖପାଖ ସ୍ଥାନ ସଫା କରିବା ପାଇଁ ବୁଲୁଥାଏ । ଚାରିଆଡ଼େ ଖାଲି ଚିକ୍ ଚିକ୍ କରୁଛି । କୋଠଖମାରର ଆଖପାଖ ତ ରମଣୀୟ ହେବା କଥା; କିନ୍ତୁ ସେଠାରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଯେଉଁ ଅଦମ୍ୟ ଚେଷ୍ଟା ଚାଲିଛି, ତାହାହିଁ ଦେଖିବାର କଥା । ଗଛଗୁଡ଼ିକ ସୁନ୍ଦର କଟା ହୋଇଛି । ତାର ଏପାଖେ ସେପାଖେ କେନାଲ ପାଣି ଚାଲିଛି । କେନାଲକୂଳେ ଖାଇବା ଟେବୁଲ ବିଛା ହୋଇଛି । ଚାରିଆଡ଼ ଅତ୍ୟନ୍ତ ପରିଷ୍କାର ପରିଚ୍ଛନ୍ନ ।

ସୌଭାଗ୍ୟବଶତଃ ଖରାଦିନେ ଆମେ ରୁଷିଆ ଯାଇଥିଲୁ । ଯେଉଁଆଡ଼େ ଦେଖ ହଜାର ହଜାର ଆବାଳ-ବୃଦ୍ଧ-ବନିତା ପାର୍କରେ କିମ୍ବା ଡଙ୍ଗାରେ ବସି ଜୀବନ ଉପଭୋଗ କରୁଛନ୍ତି । ଅବଶ୍ୟ ଜୀବନଧାରଣର ଉଚ୍ଚମାନ ଉପରେ ଏ ପ୍ରକାର ଜୀବନ ନିର୍ଭର କରେ । ତଥାପି ଆମ ଦେଶରେ ଅନେକ ଲୋକଙ୍କର ବହୁତ ଟଙ୍କା ଅଛି; କିନ୍ତୁ ଏ ପ୍ରକାର ସାମାଜିକ ରୁଚି ପାଇଁ ଶିକ୍ଷା ଓ ଉପଯୁକ୍ତ ସାଂସ୍କୃତିକ ପରିବେଶର ଅଭାବରୁ ଏହା ସମ୍ଭବ ହୋଇପାରୁନାହିଁ । ଏ ପ୍ରକାର ସୌନ୍ଦର୍ଯ୍ୟ-ପରିବେଷ୍ଟିତ ପରିସ୍ଥିତି ଭିତରେ ରହିବା ଫଳରେ ଯେକୌଣସି ଲୋକର ଉଚ୍ଚ ସାମାଜିକ ରୁଚି ଓ ସୌନ୍ଦର୍ଯ୍ୟବୋଧର ବିକାଶ ହେବା ସହଜ । ଏପରି ପରିବେଶ ଭିତରେ ରହିଲେ ଲୋକମାନଙ୍କଠାରେ କୋମଳ ପ୍ରକୃତି ଓ ମାନବିକ ସ୍ନେହ ଶ୍ରଦ୍ଧା ଦେଖା ଦେବା ଅତ୍ୟନ୍ତ ସ୍ୱାଭାବିକ ।

ବିଦେଶୀମାନଙ୍କୁ ସାହାଯ୍ୟ କରିବା ପାଇଁ ଅତ୍ୟଧିକ ଆଗ୍ରହ ହେଉଛି ଏମାନଙ୍କର ଗୋଟିଏ ପ୍ରଧାନ ଜାତୀୟଗୁଣ । ବିଶେଷତଃ ଭାରତବର୍ଷ, ଆଫ୍ରିକା ଓ ସାମ୍ରାଜ୍ୟବାଦୀ ଶକ୍ତିମାନଙ୍କର କବଳରୁ ସଦ୍ୟମୁକ୍ତ ଅନ୍ୟାନ୍ୟ ଦେଶର ଲୋକମାନଙ୍କ ପ୍ରତି ଏମାନଙ୍କର ଆନ୍ତରିକ ସ୍ନେହ ଓ ଶ୍ରଦ୍ଧା ଥିବାର

Digitized by PPRACHIN, SOA

ଜଣାଯାଏ । ସିନେମାରେ, ଥିଏଟରରେ, ସଭାସ୍ଥାନରେ ପ୍ରଥମେ ଆମମାନଙ୍କୁ ଯିବାକୁ ଛାଡ଼ି ଦିଅନ୍ତି । କୌଣସି ବିଷୟରେ ଜାଣିବାକୁ ଆଗ୍ରହ ପ୍ରକାଶ କଲେ ନିଜେ ନ ଜାଣିଥିଲେ ମଧ୍ୟ ଅନ୍ୟମାନଙ୍କୁ ଡାକିଆଣି ପାଖରେ ଛାଡ଼ିଦେଇ ଯାଆନ୍ତି । ମସ୍କୋ ବିଶ୍ୱବିଦ୍ୟାଳୟ ସାମାଜିକ ବିଜ୍ଞାନର କେତେକ ଅଧ୍ୟାପକଙ୍କ ସହିତ ଆଲୋଚନା କରିବା ପାଇଁ ମୁଁ ଚାହୁଁଥିଲି ଏବଂ ସେ ବିଷୟରେ ଜଣେ ଭଦ୍ରମହିଳାଙ୍କୁ କହିଥିଲି । ଦୁଇଦିନ ପରେ ଦେଖାଗଲା ସେ ମସ୍କୋ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନର ମୁଖ୍ୟଡ଼ିନଙ୍କୁ ଆଣି ମୋ ପାଖରେ ଛାଡ଼ି ଦେଇଗଲେ । ଏମାନେ ବହୁତ ବିନୟୀ ଓ ଭଦ୍ର । ବିଶିଷ୍ଟ ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ କିମ୍ବା ରାଜନୀତିଜ୍ଞ ବୋଲି ବୃଥା ଅଭିମାନ ବା ଆଡ଼ମ୍ବର ଏମାନଙ୍କ ପାଖରେ ଥିବାର ଦେଖିଲି ନାହିଁ । ଯେତେ ବଡ଼ ବିଖ୍ୟାତ ଲୋକ ହେଉପଛେ ବଡ଼ ବିନୟର ସହିତ କଥାବାର୍ତ୍ତା କରେ । ଗୋଟିଏ ଷ୍ଟେଟର ଶିକ୍ଷାମନ୍ତ୍ରୀଙ୍କ ସହିତ ମୋର ଅନେକ ସମୟ ଧରି କଥାବାର୍ତ୍ତା ହୋଇଥିଲା । ମୁଁ ତାଙ୍କଠାରେ ଉଚ୍ଚ ପଦବୀର କୌଣସି ପ୍ରକାର ଆତ୍ମଗାରିମା ଲକ୍ଷ୍ୟ କରି ପାରିନଥିଲି । ବହୁ ସମୟ ଧରି ସେ ମୋତେ ରୁଷର ଶିକ୍ଷା ପଦ୍ଧତି ବିଷୟରେ ବୁଝାଇଥିଲେ ।

ସ୍ତ୍ରୀ ଓ ପୁରୁଷମାନଙ୍କର ବେଶଭୂଷା ମଧ୍ୟ ବେଶ୍ ମାର୍ଜିତ ଧରଣର । ପାଶ୍ଚାତ୍ୟ ଦେଶମାନଙ୍କରେ ସ୍ତ୍ରୀଲୋକମାନେ ଖରାଦିନେ ଯେପରି ପୋଷାକ ପିନ୍ଧନ୍ତି, ତାହା ଭାରତୀୟଙ୍କ ଆଖିକୁ ଭଲଲାଗେ ନାହିଁ; କିନ୍ତୁ ରୁଷରେ ଆମେ କେଉଁଠି ହେଲେ ଏ ପ୍ରକାର ପୋଷାକ ଦେଖିଲୁ ନାହିଁ । ସ୍ତ୍ରୀଲୋକମାନଙ୍କର ବେଶ ପୋଷାକରେ ସଂଭ୍ରମର ସ୍ପର୍ଶ ରହିଛି । ଦେହର ଅଧିକାଂଶ ଅଂଶ ଉଲଗ୍ନ ନୁହେଁ । ଏମାନଙ୍କର ପୋଷାକରେ ଅଶ୍ଳୀଳ ଯୌନ ଆକର୍ଷଣ ନାହିଁ କହିଲେ ଚଳେ । ସାମାଜିକ ରୁଚିରେ ସଂଭ୍ରମର ଏହା ଗୋଟିଏ ପ୍ରଧାନ ନିଦର୍ଶନ ।

ଏସବୁ ଗୁଣ ସୋଭିଏତ୍ ରୁଷର ସାମାଜିକ ଜୀବନର ସାଧାରଣ ରୁଚି ଓ ବ୍ୟାବହାରିକ ବୈଶିଷ୍ଟ୍ୟରେ ପରିଣତ ହୋଇଗଲାଣି । ସୋଭିଏତ୍ ସମାଜ ଲୋକଙ୍କଠାରେ ସୁନ୍ଦର ରୁଚି, ବ୍ୟବହାରରେ ଭଦ୍ରତା, ପରିମାର୍ଜିତ ଓ ପରିବର୍ତ୍ତିତ ପରିବେଷ୍ଟନୀ ସାହାଯ୍ୟରେ ସୌନ୍ଦର୍ଯ୍ୟବୋଧ ସୃଷ୍ଟି କରିବା ପାଇଁ ଯେଉଁ ନିରବଚ୍ଛିନ୍ନ ଉଦ୍ୟମ କରି ଆସୁଛି, ତାହା ଅତ୍ୟନ୍ତ ପ୍ରଶଂସନୀୟ । ପରିବେଶ ବଦଳାଇ ଲୋକଙ୍କର ଚରିତ୍ରକୁ କିପରି ବଦଳାଇ ଦିଆଯାଇପାରେ, ସେହି ଦର୍ଶନର ଜ୍ୱଳନ୍ତ ଉଦାହରଣ ସୋଭିଏତ୍ ସମାଜର ପ୍ରଚଳିତ ସୌନ୍ଦର୍ଯ୍ୟ ଓ ରୁଚିବୋଧ ପ୍ରୀତିକର ରୂପାୟନରେ ପ୍ରତିଫଳିତ ହୋଇପାରିଛି ।

■■■

Digitized by PPRACHIN, SOA

ଦୈନନ୍ଦିନ ଜୀବନ

ସୋଭିଏତ୍ ରୁଷ୍‌ରେ ସମସ୍ତେ କାମ କରିବା ଫଳରେ ତାର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ ଆମଠାରୁ ପୃଥକ୍ ହେବା ସ୍ୱାଭାବିକ । କଳକାରଖାନା, ସ୍କୁଲ, କଲେଜ, ଅଫିସ କାମରେ ସମସ୍ତେ ସକାଳ ଆଠଟାରେ ବାହାରନ୍ତି ଏବଂ ଏମାନଙ୍କର କାମ ଦିନ ଦୁଇଟାରେ ଶେଷ ହୁଏ—କାମରୁ ଫେରି ମଧ୍ୟାହ୍ନ ଭୋଜନ କରନ୍ତି ଏବଂ ଏହା ଦିନ ଦୁଇଟାରୁ ଚାରିଟା ପର୍ଯ୍ୟନ୍ତ ଚାଲେ । ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶରେ ଲୋକମାନେ ସବୁବେଳେ କାର୍ଯ୍ୟବ୍ୟସ୍ତ ଥିବା ମନେହୁଏ । ମଧ୍ୟାହ୍ନ ଭୋଜନ କୌଣସିମତେ ଶେଷ କରି ପୁଣି ସେମାନେ ତରତରରେ ଅଫିସକୁ ଫେରନ୍ତି । ଏଠାରେ କିନ୍ତୁ ସେପ୍ରକାର କାର୍ଯ୍ୟବ୍ୟସ୍ତତାର ଉଦ୍‌ବେଗ ଥିଲାପରି ଜଣାଗଲା ନାହିଁ । ଦିନ ଦୁଇଟାରେ ଫେରି ଖୁବ୍ ସଇଥିଲିଆ ଭାବରେ ଏମାନେ ବହୁ ସମୟ ଧରି ଭୋଜନ କରନ୍ତି ଏବଂ ଭୋଜନ ପରେ ନାନା ଆମୋଦକର କାର୍ଯ୍ୟରେ ଯୋଗ ଦିଅନ୍ତି ।

କାମକୁ ଗଲାବେଳେ ଅଧିକାଂଶ ମାଆମାନେ ସେମାନଙ୍କର ଛୁଆଙ୍କୁ ନିଜ କର୍ମକ୍ଷେତ୍ରରେ ଥିବା କ୍ରେଚ୍ କିମ୍ବା କିଣ୍ଡରଗାର୍ଟନକୁ ନେଇଯାଆନ୍ତି ଏବଂ ଆସିଲା ବେଳେ ସେମାନଙ୍କୁ ସାଙ୍ଗରେ ନେଇ ଆସନ୍ତି । କେତେକଙ୍କ ଘରେ ଅବସରପ୍ରାପ୍ତ ଗୋସାଇଁ ବାପା, ମା’ ପିଲାମାନଙ୍କର କଥା ବୁଝନ୍ତି । ବହୁ ପରିବାରରେ ବୁଢ଼ା ବାପ, ମା ସେମାନଙ୍କର ପୁଅଝିଅମାନଙ୍କ ସହିତ ଏକାଠି ରହନ୍ତି । ବୁଢ଼ାବୁଢ଼ୀମାନେ ପୁରୁଣାକାଳିଆ ରୀତି, ଧର୍ମ ଏବଂ ନାନା କୁସଂସ୍କାରରେ ବିଶ୍ୱାସ କରନ୍ତି । ଆଧୁନିକ ଯୁଗର ଯୁବକଯୁବତୀମାନେ ସେଥିରେ ବିଶ୍ୱାସ କରନ୍ତି ନାହିଁ; ତଥାପି ଏମାନଙ୍କ ଭିତରେ ଭଲ ବୁଝାମଣା ଥିବାର ଜଣାଯାଏ । ଏପରି ଗୋଟିଏ ପରିବାରର ଜଣେ ଉଚ୍ଚଶିକ୍ଷିତା ସ୍ତ୍ରୀଲୋକ ତାଙ୍କ ବୁଢ଼ୀ ଗୋସେଇଁ ଶାଶୁ ବିଷୟରେ ଅତି ସ୍ନେହର ସହିତ କହିଲେ ଯେ, ବିଚାରୀ ବୁଢ଼ୀ ପୁରାତନ ଯୁଗର କୁଶିକ୍ଷା ଯୋଗୁ ନାନା କୁସଂସ୍କାରରେ ବିଶ୍ୱାସ କରନ୍ତି । ତାଙ୍କୁ ଏ ବିଷୟ ନେଇ ଥଟ୍ଟା ପରିହାସ କରିବା ଉଚିତ ନୁହେଁ ବୋଲି ସେ ମତ ପ୍ରକାଶ କଲେ । ଶୁଣିବାକୁ ପାଇଲି, ପୁରୁଣା ଓ ନୂଆ ଯୁଗର ଲୋକମାନଙ୍କ ଭିତରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ଏମାନେ ପସନ୍ଦ କରନ୍ତି । ଏମାନଙ୍କର ଦୃଢ଼ ବିଶ୍ୱାସ ଯେ କ୍ରମେ ପୁରୁଣାକାଳିଆ ଅନ୍ଧବିଶ୍ୱାସସବୁ ଦୂର ହୋଇଯିବ; କାରଣ ବର୍ତ୍ତମାନ ସମସ୍ତେ ବୈଜ୍ଞାନିକ ପ୍ରଣାଳୀରେ ଶିକ୍ଷାଲାଭ କରୁଛନ୍ତି । ତେଣୁ ଅନ୍ଧ ବିଶ୍ୱାସ ସୃଷ୍ଟି ହେବାର ଆଉ ଅବକାଶ ନାହିଁ ।

ବର୍ତ୍ତମାନ ମଧ୍ୟ ରୁଷ୍‌ରେ ବହୁପ୍ରକାରର ଧର୍ମସଂସ୍ଥାନ ଓ ଉପାସନା ପଦ୍ଧତି ରହିଛି । ଏମାନଙ୍କର ଧର୍ମଗୁରୁ ଅଛନ୍ତି । ପାଦ୍ରୀ ଓ ମୁସଲମାନ ମୁଲ୍ଲାଙ୍କର ସେହି ପୁରୁଣା ପୋଷାକ । ସମରଖନ୍ଦରେ ମୁସଲମାନମାନେ ଆଣ୍ଠୁ ମାଡ଼ି ପ୍ରାର୍ଥନା କରିବା ଦେଖିଲୁ । ଅନ୍ୟ ଜାଗାରେ ଗୀର୍ଜାରେ ପ୍ରାର୍ଥନା ସଭା ମଧ୍ୟ ନିୟମିତ ଭାବରେ ହୁଏ । ସେମାନେ ଯେପରି ପ୍ରାର୍ଥନା କରିବାରେ ସ୍ୱାଧୀନ, ଅନ୍ୟମାନେ

Digitized by PPRACHIN, SOA

ମଧ୍ୟ ଧର୍ମ ବିରୁଦ୍ଧରେ ଏବଂ ନାସ୍ତିକତା ସପକ୍ଷରେ ପ୍ରଚାର କରିବା ପାଇଁ ସ୍ୱାଧୀନ । ସୋଭିଏତ୍ ସମ୍ବିଧାନରେ ଧର୍ମ ପ୍ରଚାର, ଉପାସନା ଓ ବିଶ୍ୱାସ ପାଇଁ ପୂର୍ଣ୍ଣ ସ୍ୱାଧୀନତା ରହିଛି । ଯେଉଁମାନେ ଧର୍ମରେ ବିଶ୍ୱାସ କରନ୍ତି, ସେମାନେ ଚର୍ଚ୍ଚରେ ବିବାହ କରିପାରନ୍ତି । ଧର୍ମ ବିଷୟରେ ପଢ଼ାପଢ଼ି ପାଇଁ ବିଶେଷ ଧରଣର ସ୍କୁଲ ଅଛି; କିନ୍ତୁ ସାଧାରଣ ସ୍କୁଲ କଲେଜରେ ଧର୍ମ ବିଷୟରେ ପଢ଼ାଯାଏ ନାହିଁ । ମୋଟାମୋଟି ଧର୍ମକୁ ସଂପୂର୍ଣ୍ଣ ବ୍ୟକ୍ତିଗତ ବିଶ୍ୱାସ ହିସାବରେ ଧରାଯାଇଛି ।

ଏମାନଙ୍କର ପାରିବାରିକ ଜୀବନରେ ଶାନ୍ତି ସୌହାର୍ଦ୍ଦ୍ୟ ପାଇଁ ବିଶେଷ ଭାବରେ ଚେଷ୍ଟା କରାଯାଏ । ସ୍କୁଲରେ ବହି ମାଧ୍ୟମରେ ଏଥିପାଇଁ ବହୁ ଉପଦେଶମୂଳକ ଶିକ୍ଷା ଦିଆଯାଏ । ସ୍ୱାମୀ ସ୍ତ୍ରୀ ଏକାଠି ରହିବାକୁ ନ ଚାହିଁଲେ ଛାଡ଼ପତ୍ର ମିଳିଥାଏ; କାରଣ ସ୍ନେହ ମମତା ନଥିବା ପରିବାରରେ ଏକାଠି ରହିବା ଅପେକ୍ଷା ସ୍ୱାମୀ ସ୍ତ୍ରୀ ଅଲଗା ଅଲଗା ରହିବା ପାରିବାରିକ ଶାନ୍ତି ଦୃଷ୍ଟିରୁ ଶ୍ରେୟସ୍କର ବୋଲି ଏମାନଙ୍କର ଦୃଢ଼ ବିଶ୍ୱାସ । ଛାଡ଼ପତ୍ରର ଖୁବ୍ ସୁବିଧା ଥିଲେ ସୁଦ୍ଧା ସୋଭିଏତ୍ ସାମାଜିକ ଜୀବନରେ ପରିବାରର ମହତ୍ତ୍ୱ ବିଷୟରେ ଉପଯୁକ୍ତ ଶିକ୍ଷା ଯୋଗୁ ଓ ସ୍ୱାମୀ ସ୍ତ୍ରୀ ସମାନ ଭାବରେ କାର୍ଯ୍ୟକ୍ଷମ ଓ ରୋଜଗାର କରୁଥିବାରୁ ଅନ୍ୟ ପାଶ୍ଚାତ୍ୟ ଦେଶ ଅପେକ୍ଷା ଏଠାରେ ଛାଡ଼ପତ୍ରର ସଂଖ୍ୟା ନିତାନ୍ତ ନଗଣ୍ୟ । ସୋଭିଏତ୍ ରୁଷ୍‌ରେ ପ୍ରତି ଦଶ ହଜାର ଲୋକରେ ୧୩ଟି ଛାଡ଼ପତ୍ର ହୁଏ ।

ଛାଡ଼ପତ୍ର ପରେ ପିଲାମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ, ତାର ସମସ୍ତ ବ୍ୟବସ୍ଥା କୋର୍ଟ କରିଥାଏ । ସେମାନେ ମା' କିମ୍ବା ବାପା ପାଖରେ ରହନ୍ତି କିମ୍ବା ହଷ୍ଟେଲରେ ରହନ୍ତି । ସୋଭିଏତ୍ ରୁଷ୍ ଆଉ ଗୋଟିଏ ସାହସିକ ପଦକ୍ଷେପ ନେଇଛି; ତାହା ହେଉଛି ଅବିବାହିତା ମା ବିଷୟରେ । ଜଣେ ଯଦି ବିବାହ ନ କରି ମାଆ ହେବାକୁ ଚାହେଁ, ତା ବିରୁଦ୍ଧରେ କୌଣସି ସାମାଜିକ ବା ଆଇନଗତ ପ୍ରତିବନ୍ଧକ ନାହିଁ । ଏପରି ମାଆଠାରୁ ଜନ୍ମ ହୋଇଥିବା ପିଲାମାନେ ବାପ ଥିବା ପିଲାଠୁ କୌଣସି କ୍ଷେତ୍ରରେ ନ୍ୟୂନ ବୋଲି ପରିଗଣିତ ହୁଅନ୍ତି ନାହିଁ ।

ପାରିବାରିକ ଜୀବନରେ ଅବସରପ୍ରାପ୍ତ ବାପମାଆଙ୍କର ଦେଖାଶୁଣା କରିବା ଦାୟିତ୍ୱ ପିଲାଙ୍କ ଉପରେ ରହିବା ଉଚିତ ବୋଲି ସାମାଜିକ ଶିକ୍ଷା ଦିଆହୁଏ । ସେମାନେ ସମସ୍ତେ ପେନ୍‌ସନ୍ ପାଉଥିବାରୁ ଆର୍ଥିକ ଦୃଷ୍ଟିରୁ କେହି କାହା ଉପରେ ବୋଝ ହୋଇ ରହନ୍ତି ନାହି, କିନ୍ତୁ ସ୍ନେହ ମମତା ଦୃଷ୍ଟିରୁ ଏମାନେ ଏକାଠି ରହିବା ସୋଭିଏତ୍ ସମାଜର ପାରିବାରିକ ନୀତି । ଏ ସଂପର୍କରେ ସୋଭିଏତ୍ ରୁଷ ପ୍ରାଚ୍ୟ ରୀତିକୁ ପସନ୍ଦ କରୁଥିବାର ଜଣାଯାଏ । ତଥାପି ଆସ୍ତେ ଆସ୍ତେ ସ୍ୱାମୀ ସ୍ତ୍ରୀ ନିଜର ଛୁଆପିଲାଙ୍କୁ ନେଇ ଅଲଗା ଘରେ ରହିବାର ମନୋଭାବ ଦେଖାଯାଉଛି ।

ସୋଭିଏତ୍ ଦେଶରେ ସମସ୍ତେ କାମ କରୁଥିବାରୁ ରବିବାର ଛଡ଼ା ଅନ୍ୟ ଦିନରେ ବଜାର ସଉଦା କରିବା ଏମାନଙ୍କ ପକ୍ଷରେ ସମ୍ଭବ ନୁହେଁ । ତେଣୁ ରବିବାର ଦିନ ସମସ୍ତ ଦୋକାନ ବଜାର ଖୋଲା । ଆଉ ଗୋଟିଏ ମଜାର କଥା ଯେ ସାରା ସୋଭିଏତ୍ ଦେଶର ଯେକୌଣସି ଗ୍ରାମ ବା ସହରରେ ଏସିଆର ମରୁଭୂମିରେ ହେଉ ବା ସାଇବେରିଆର ବରଫାବୃତ ଅଞ୍ଚଳରେ ହେଉ- ପ୍ରତ୍ୟେକ ଜିନିଷର ଦାମ ସମାନ ଏବଂ ପ୍ରତ୍ୟେକ ଜିନିଷ ଉପରେ ଦାମ୍ ଲେଖାଥାଏ । କେଉଁଠି ହେଲେ ଦାମର ତଫାତ୍ ନାହିଁ; ଫଳରେ ଯେ ଯେଉଁଠାରେ ହେଲେ ବିନା ଦ୍ୱିଧାରେ ଯାହା ପାଇଲା, ତାହା କିଣିପାରିଲା । ମୂଲଚାଲ କରିବାର କୌଣସି ଆବଶ୍ୟକତା ନାହିଁ । ପ୍ରତ୍ୟେକ ବଡ଼ ବଡ଼ କୋଠାର ତଳମହଲାରେ ଅତ୍ୟାବଶ୍ୟକୀୟ ଜିନିଷର ଦୋକାନସବୁ ରହିଛି ଏବଂ ଉପରେ ଲୋକଙ୍କର ରହିବା ପାଇଁ ଫ୍ଲାଟ୍ । ତେଣୁ ଲୋକଙ୍କୁ ସାଧାରଣ ଜିନିଷ କିଣିବା ପାଇଁ ଦୂର ସ୍ଥାନକୁ ଯିବାକୁ ପଡ଼େ ନାହିଁ । ପ୍ରଧାନ ପ୍ରଧାନ ରାସ୍ତାରେ ବିରାଟ ଡିପାର୍ଟମେଣ୍ଟାଲ ଷ୍ଟୋର ସବୁ ରହିଛି । ସେଠାରେ ପିନ୍ କଣ୍ଟାଠାରୁ ଆରମ୍ଭ କରି ବଡ଼ ବଡ଼ ଜିନିଷ ପର୍ଯ୍ୟନ୍ତ ସବୁ ମିଳେ । ମସ୍କୋ ସହରର ରେଡ୍ ସ୍କୋୟାରରେ

Digitized by PPRACHIN, SOA

ଗୋଟିଏ ବିରାଟ ପ୍ରାସାଦରେ ଏହିପରି ଗୋଟିଏ ଷ୍ଟୋର ଅଛି– ଯେଉଁଠି ଏକକାଳୀନ କୋଡ଼ିଏ ହଜାର ଲୋକ କିଣାବିକା କରିପାରିବେ । ସେ ଭିତରେ ସବୁ ରକମର ଜିନିଷଥାଏ ଏବଂ ପ୍ରତ୍ୟେକ ଦୋକାନ ଆଗରେ ଲୋକଙ୍କର ଭିଡ଼ । ରୁଷ୍‌ବାସୀଙ୍କର କିଣିବା ଶକ୍ତି ଦେଖି ପାଶ୍ଚାତ୍ୟ ଦେଶର ଲୋକେ ଆଶ୍ଚର୍ଯ୍ୟ ହୋଇଯାଆନ୍ତି ବୋଲି ରୁଷ ପରିଭ୍ରମଣରେ ଆସିଥିବା କେତେଜଣ ଆମେରିକାନ୍ ବନ୍ଧୁଙ୍କଠାରୁ ଶୁଣିବାକୁ ପାଇଲୁ । କାରଣ ରୁଷ୍‌ବାସୀଙ୍କ ଉପରେ ଅତ୍ୟଳ୍ପ କରଭାର ଏବଂ ଶିକ୍ଷା ସ୍ୱାସ୍ଥ୍ୟ ପ୍ରଭୃତି ଦିଗରେ ନାନା ସୁବିଧା ପାଉଥିବା ଯୋଗୁ ଏମାନେ ଆୟର ଶତକଡ଼ା ୭୫ଭାଗ ଜିନିଷ କିଣାକିଣିରେ ଖର୍ଚ୍ଚ କରୁଥିବା ସ୍ଥଳେ ଆମେରିକାର ଲୋକ ଆୟର ଶତକଡ଼ା ୩୭ଭାଗ ଏ ଦିଗରେ ବ୍ୟୟ କରନ୍ତି ।

ସୋଭିଏତ୍ ଜୀବନରେ ସମାଜବାଦୀ ନୈତିକତାର ଆଉ ଗୋଟିଏ ଚମତ୍କାର ଉଦାହରଣ ଦେଖିବାକୁ ମିଳିଲା । ମସ୍କୋ ସହରରେ ବସ୍ ଓ ଟ୍ରାମ୍‌ରେ ଟିକେଟ ବିକ୍ରି କରିବା ପାଇଁ କିମ୍ବା ଟିକେଟ୍ ତଦାରଖ କରିବା ପାଇଁ କେହି କର୍ମଚାରୀ ନାହାନ୍ତି । ବସ୍‌ରେ କେବଳ ଜଣେ ଡ୍ରାଇଭର । ସେ ଯଥା ସ୍ଥାନରେ ଗାଡ଼ି ବନ୍ଦ କରେ ଏବଂ ଲୋକଙ୍କର ଚଢ଼ିବା ଓହ୍ଲାଇବା ପରେ ସେ ବସ୍ ଛାଡ଼େ । ଲୋକେ ବସ୍ ଭିତରକୁ ଆସି ଗୋଟିଏ ଯନ୍ତ୍ରରେ ଦୁଇ କୋପେକ୍‌ପକାଇ ଦିଅନ୍ତି ଓ ସେଥିରୁ ଗୋଟିଏ ଟିକେଟ ବାହାରି ଆସେ । ସେହି ଟିକେଟ୍‌କୁ ଗୋଟିଏ ବାଜେ କାଗଜ ରହୁଥିବା ଡବା ଭିତରେ ପକାଇଦେଇ ସେମାନେ ଚାଲିଯାଆନ୍ତି-ଟିକେଟ ନ କିଣିଲେ ମଧ୍ୟ କେହି ଦେଖିବାକୁ ନାହାନ୍ତି । ସେମାନେ ତାଙ୍କର ମନଇଚ୍ଛା ଯେତେଦୂର ଯିବେ, ସେଥିପାଇଁ କୌଣସି ବାଧା ନାହିଁ । ତା ଅର୍ଥ, ପ୍ରାୟ ସମସ୍ତେ ନିଶ୍ଚୟ ଟିକେଟ୍ କିଣୁଥିବେ; ତା ନହେଲେ ଏ ପ୍ରକାର ବ୍ୟବସ୍ଥା ସମ୍ଭବ ହୋଇପାରନ୍ତା ନାହିଁ । କେତେକ ଲୋକଙ୍କୁ ପଚାରିବାରୁ ସେମାନେ କହିଲେ, ‘ଏ ବିଷୟରେ କେହି ପ୍ରାୟ ଠକିବାକୁ ଚେଷ୍ଟା କରିବେ ନାହିଁ; କାରଣ ଟ୍ରାମ୍, ବସ୍ ତ କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ । ସେ ସବୁ ଆମ ନିଜର ସମ୍ପତ୍ତି । ତେଣୁ ଯଦି ଆମେ ଠକିବାକୁ ଚେଷ୍ଟା କରୁ ତାହେଲେ ଆମ ନିଜକୁ ହିଁ ଠକିବା ହେବ ।’ ତା’ଛଡ଼ା ବସ୍‌ରେ ଅଧିକା କର୍ମଚାରୀ ନଥିବାରୁ ସେମାନଙ୍କୁ ଅଳ୍ପ ଭଡ଼ା ଦେବାକୁ ପଡୁଛି । ସେମାନେ ଯଦି ତାହା ନଦେବେ ତାହେଲେ ତାକୁ ତନଖି କରିବା ପାଇଁ କର୍ମଚାରୀ ରହିଲା ପରେ ସେଥିଲାଗି ସେମାନଙ୍କୁ ଅଧିକା ଭଡ଼ା ଦେବାକୁ ପଡ଼ିବ । ତେଣୁ ଏଥିରେ ପ୍ରକୃତରେ ସେମାନେ ଠକାମିରେ ପଡ଼ିବେ । ଏପ୍ରକାର ଯୁକ୍ତି ଶୁଣି ଆମକୁ ଖୁବ୍ ଖୁସି ଲାଗିଲା । ଏହାକୁ ପ୍ରକୃତରେ ସମାଜବାଦୀ ନୈତିକତା କୁହାଯାଇପାରିବ । ଯୁଗ ଯୁଗ ଧରି ଧର୍ମର ଦୁହାଇ ଦେଇ, ସ୍ୱର୍ଗ ନରକର ଭୟ ଦେଖାଇ ଯାହା ସମ୍ଭବ ହୋଇପାରି ନଥିଲା, ସମାଜବାଦୀ ସମାଜରେ ନାସ୍ତିକ ଲୋକଙ୍କ ଦ୍ୱାରା ତାହା ସମ୍ଭବ ହୋଇ ପାରିଛି । ଅଯୌକ୍ତିକ ଓ ଭୟ ଉଦ୍ରେକ କରୁଥିବା ଧର୍ମଭୀରୁ ବିବେକ ଅପେକ୍ଷା ଯୁକ୍ତିଯୁକ୍ତ କାରଣ ଉପରେ ପ୍ରତିଷ୍ଠିତ ସାମାଜିକ ବିବେକର ଶକ୍ତି ଯେ ବହୁତ ଅଧିକ ଏହି ସତ୍ୟ ସୋଭିଏତ୍ ସମାଜରେ ପ୍ରମାଣିତ ହୋଇପାରିଛି । ମନୁଷ୍ୟ ଜୀବନରେ ବୁଦ୍ଧି ଓ ଯୁକ୍ତିଯୁକ୍ତ ବିଚାରଶକ୍ତି ଜାତବୀୟ କୁକର୍ମ କରିବାର ପ୍ରବୃତ୍ତିଠାରୁ ଯେ ଅନେକ ଉଚ୍ଚରେ, ଉପରୋକ୍ତ ଘଟଣାଟି ତାର ଜ୍ୱଳନ୍ତ ନିଦର୍ଶନ । କିନ୍ତୁ ଏଥିପାଇଁ ଯେଉଁପ୍ରକାର ସାଂସ୍କୃତିକ ପରିବେଶ, ପାରସ୍ପରିକ ବିଶ୍ୱାସ ଓ ମାନବୀୟ ବୋଧଗମ୍ୟତାର ଆବଶ୍ୟକ– ତାହା ପ୍ରଥମେ ମନୁଷ୍ୟର ପରିବେଷ୍ଟନୀ ଭିତରେ ବ୍ୟାପକ ଭାବରେ ପରିସ୍ଫୁଟ ହେବା ଦରକାର । ତାହା କେବଳ ସମାଜବାଦୀ ପରିବେଷ୍ଟନୀରେ ହିଁ ସମ୍ଭବ ।

ସୋଭିଏତ୍‌ବାସୀ ଭ୍ରମଣ କରିବାରେ ଖୁବ୍ ଆଗ୍ରହୀ । ଏଠାରେ ଯାନବାହନ ଭଡ଼ା ଖୁବ୍ କମ୍ । ସହରରେ ବସ୍-ଟ୍ରାମଭଡ଼ା ବହୁତ ଅଳ୍ପ । ଟାକ୍ସି କିଲୋମିଟରକୁ ଦଶ କୋପେକ୍ । ରେଳ ଓ ଉଡ଼ାଜାହାଜ ଖର୍ଚ୍ଚ ମଧ୍ୟ ସେହିପରି ଅତି ଶସ୍ତା । ରେଳଯାତ୍ରା ସାଧାରଣତଃ ଉଡ଼ାଜାହାଜ ଟିକେଟଠାରୁ

Digitized by PPRACHIN, SOA

ଶସ୍ତା; କିନ୍ତୁ ଅଳ୍ପ ଦୂର ରାସ୍ତା ଯିବା ପାଇଁ କେତେକ ଜାଗାରେ ଉଡ଼ାଜାହାଜ ଶସ୍ତା ହୁଏ । ସାଧାରଣତଃ ଉଡ଼ାଜାହାଜ ଟିକେଟର ଦାମ୍ ରେଳ ଟିକେଟଠାରୁ ଅଳ୍ପ ବେଶି । ଉଦାହରଣ ସ୍ୱରୂପ ମସ୍କୋରୁ ଖାବାରୋସ୍କ ପର୍ଯ୍ୟନ୍ତ ରେଳ ଟିକେଟ୍ ୮୯ ରୁବେଲ୍ ୫୦ କୋପେକ୍; କିନ୍ତୁ ଉଡ଼ାଜାହାଜରେ ମାତ୍ର ୧୦୮ ରୁବଲ୍ । ତେଣୁ କ୍ରମେ କ୍ରମେ ବେଶି ଲୋକ ଉଡ଼ାଜାହାଜରେ ଯାଉଛନ୍ତି । ରୁଷିଆରେ ଯାତ୍ରୀବାହୀ ଉଡ଼ାଜାହାଜ ଓ ରେଳଗାଡ଼ି ତ କାହାରି ବ୍ୟକ୍ତିଗତ ସମ୍ପତ୍ତି ନୁହେଁ ଯେ ସର୍ବୋଚ୍ଚ ଲାଭ ପାଇଁ ଏହା ବ୍ୟବହୃତ ହେବ; ତେଣୁ ଏହା ଶସ୍ତା ହେବା ସ୍ୱାଭାବିକ । ଏହା ସମସ୍ତ ଜନସାଧାରଣଙ୍କର ବ୍ୟବହାର ପାଇଁ ଉଦ୍ଦିଷ୍ଟ ହୋଇଥିବାରୁ ସମସ୍ତ ପ୍ରକାର ଯାତ୍ରୀବାହୀ ଯାନବାହନ ଆକାର ଖୁବ୍ ବଡ଼ କରା ହୋଇଥାଏ । ରୁଷ୍‌ରେ ଉଡ଼ାଜାହାଜ ପ୍ରସାର ଏତେ ବେଶି ହେଲାଣି ଯେ, କେବଳ ମସ୍କୋ ସହର ପାଇଁ ଚାରୋଟି ଉଡ଼ାଜାହାଜ ଘାଟୀ ରହିଛି ।

ରେଳଯାତ୍ରା ଖୁବ୍ ଆରାମଦାୟକ । ପ୍ରାୟ ଅଧିକାଂଶ ରେଳ ବିଦ୍ୟୁତ୍ କିମ୍ବା ଡିଜେଲ ଶକ୍ତିରେ ଚାଲେ । ପ୍ରତ୍ୟେକ ରେଳଡବା ଶୀତତାପ-ନିୟନ୍ତ୍ରିତ ହୋଇଥିବାରୁ ବାହାରର ଶବ୍ଦ ଭିତରକୁ ଶୁଣାଯାଏ ନାହିଁ । ଗାଡ଼ିଗୁଡ଼ିକରେ ଖୁବ୍ ବେଶି ସ୍ପ୍ରିଂ ଦିଆହୋଇଥାଏ । ଏହିସବୁ କାରଣରୁ ଗାଡ଼ିଗୁଡ଼ିକ ଖୁବ୍ ଜୋର୍‌ରେ ଚାଲିଲେ ସୁଦ୍ଧା ଭିତରେ କିଛି ଜଣାଯାଏ ନାହିଁ । ଦୂରକୁ ଯାଇଥିବା ଯାତ୍ରୀଙ୍କ ପାଇଁ ଶୋଇବାର ବନ୍ଦୋବସ୍ତ ଅଛି ଏବଂ ବିଛଣା, ତଉଲିଆ, ସାବୁନ ଓ ଖାଦ୍ୟପେୟ ପ୍ରଭୃତି ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସେହି ଟିକେଟ୍ ଖର୍ଚ୍ଚରେ ଯୋଗାଇ ଦିଆହୁଏ ।

ବିଭିନ୍ନ ଧରଣର ଯାନବାହନରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ବିଷୟରେ ସମ୍ୟକ ଧାରଣା କରିବା ପାଇଁ ନିମ୍ନରେ ସେମାନଙ୍କ ମୋଟ ସଂଖ୍ୟା ଦିଆଗଲା । ୧୯୬୩ରେ ରେଳଯାତ୍ରୀଙ୍କ ସଂଖ୍ୟା ୨୧୩ କୋଟି ୯୦ ଲକ୍ଷ; ନଦୀରେ ଚାଲୁଥିବା ଷ୍ଟିମରଯାତ୍ରୀଙ୍କ ସଂଖ୍ୟା ୧୩ କୋଟି ୪୦ ଲକ୍ଷ; ଉଡ଼ାଜାହାଜରେ ଯାତ୍ରୀ ୩ କୋଟି ୨୦ ଲକ୍ଷ ଏବଂ ସମୁଦ୍ର ବକ୍ଷରେ ଜାହାଜରେ ଯିବା ଯାତ୍ରୀଙ୍କ ସଂଖ୍ୟା ୧ କୋଟି ୯୫ ଲକ୍ଷ ।

ଯାତ୍ରୀବାହୀ ବସ୍ ଓ ଟ୍ରାମ୍‌ଗୁଡ଼ିକ ମଧ ଖୁବ୍ ଆରାମଦାୟକ ଏବଂ ଏସବୁ ଯାନର ସଂଖ୍ୟା ଅନେକ ବେଶି । ସୋଭିଏତ୍ ରୁଷ୍‌ରେ ଯେତେ ମଟରଗାଡ଼ି ତିଆରି ହୁଏ, ତାର ଚାରିଭାଗରୁ ତିନିଭାଗ ସର୍ବସାଧାରଣଙ୍କ ବ୍ୟବହାର ପାଇଁ ବସ୍ ଓ ମାଲ୍ ବୁହା ଟ୍ରକ୍; ଅବଶିଷ୍ଟ ଏକ-ଚତୁର୍ଥାଂଶ କାର୍ । ମସ୍କୋରେ ଜଣକୁ ପ୍ରାୟ ଦେଢ଼ବର୍ଷ ଅପେକ୍ଷା କରିବାକୁ ହୁଏ ଗୋଟିଏ କାର୍ କିଣିବା ପାଇଁ । ୧୯୭୦ ମସିହା ବେଳକୁ କାର୍ କିଣିବା ପାଇଁ ଆଉ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ସମାଜବାଦୀ ସମାଜର ନୀତି ଅନୁସାରେ ଜନସାଧାରଣଙ୍କ ସୁବିଧା ପାଇଁ ଅଗ୍ରାଧିକାର ଦିଆଯାଏ ଏବଂ ତାପରେ ବ୍ୟକ୍ତିଗତ ସୁଖସ୍ୱାଚ୍ଛନ୍ଦ୍ୟ ପ୍ରତି ନଜର ଦିଆହୁଏ । ସେହି ନୀତି ଅନୁସାରେ ବସ୍, ଟ୍ରକ୍ ଓ ଟାକ୍ସି ସଂଖ୍ୟା ଘରୋଇଗାଡ଼ି ସଂଖ୍ୟା ଅପେକ୍ଷା ଅନେକ ବେଶି । ଜନସାଧାରଣଙ୍କ ପାଇଁ ତିଆରି ଯାନବାହାନ ମଧ ସୁନ୍ଦର ଓ ଆରାମଦାୟକ । ଏହିସବୁ କାରଣରୁ ସୋଭିଏତ୍‌ବାସୀ ବହୁ ପରିମାଣରେ ଭ୍ରମଣ କରିବାକୁ ଭଲ ପାଆନ୍ତି । ୧୯୬୩ ମସିହାରେ ପ୍ରାୟ ୧ କୋଟି ୩୦ ଲକ୍ଷ ଭିନ୍ନ ଭିନ୍ନ ପରିଭ୍ରମଣ କେନ୍ଦ୍ରକୁ ବୁଲିଯାଇଥିଲେ । ପ୍ରାକୃତିକ ଚିତ୍ତାକର୍ଷକ ସ୍ଥାନମାନଙ୍କରେ ଏ ପ୍ରକାର ପରିଭ୍ରମଣ କେନ୍ଦ୍ର ପ୍ରାୟ ୩୦୦୦ରୁ ବେଶି ରହିଛି ଏବଂ ଏଗୁଡ଼ିକର ସଂଖ୍ୟା କ୍ରମେ ବଢ଼ିବାରେ ଲାଗିଛି । ସେହିବର୍ଷ ମଧ ପ୍ରାୟ ନଅଲକ୍ଷ ଲୋକ ୧୦୬ଟି ବିଭିନ୍ନ ବିଦେଶୀ ରାଷ୍ଟ୍ର ପରିଭ୍ରମଣରେ ଯାଇଥିଲେ ।

ସୋଭିଏତ୍‌ବାସୀଙ୍କର ଅବସର ସମୟ ବେଶି ରହୁଥିବାରୁ ଏମାନେ ଖେଳ କସରତ୍, ଦେଶ ଭ୍ରମଣ ପ୍ରଭୃତି ଆମୋଦଜନକ କାର୍ଯ୍ୟରେ ବହୁତ ସମୟ କଟାଇବାର ଜଣାଯାଏ । ସେଥିପାଇଁ ମଧ ଦିନକୁଦିନ ଏସବୁ ଅନୁଷ୍ଠାନର ବ୍ୟାପକ ପ୍ରସାର ହୋଇ ଚାଲିଛି । ନାନାପ୍ରକାର ଖେଳରେ ସାରା

Digitized by PPRACHIN, SOA

ସୋଭିଏତ୍ ଦେଶର ତିନି କୋଟି ପଚାଶ ଲକ୍ଷ ଲୋକ ନିୟମିତ ଭାବରେ ଯୋଗ ଦିଅନ୍ତି । ସେଥିପାଇଁ ପ୍ରାୟ ଦୁଇ ହଜାରଟି ଷ୍ଟେଡିଏମ୍, ୨୪୦୦୦ ବ୍ୟାୟାମଶାଳା ଏବଂ ୮୦୦ଟି କୃତ୍ରିମ ସନ୍ତରଣ ପୁଷ୍କରିଣୀ ରହିଛି । ରୁଷ୍‌ରେ ଯେତେ ଖେଳ ପଡ଼ିଆ ଓ ଷ୍ଟେଡିଏମ୍ ରହିଛି, ସେଥିରେ ଏକାସମୟରେ ଛଅକୋଟି ଲୋକ ସକ୍ରିୟ ଭାବରେ ଖେଳରେ ଯୋଗ ଦେଇପାରିବେ । ଏମାନଙ୍କୁ ଶିକ୍ଷା ଦେବା ପାଇଁ ବାରଲକ୍ଷ ପଚାଶ ହଜାର ଶିକ୍ଷକ ଅଛନ୍ତି ।

ମସ୍କୋ ସହରର ପୃଥିବୀ ବିଖ୍ୟାତ ଲେନିନ୍ ଷ୍ଟେଡ଼ିଏମ୍‌ରେ ଏକା ସମୟରେ ଲକ୍ଷେରୁ ବେଶି ଲୋକ ଯୋଗ ଦେଇପାରନ୍ତି । ଏଠାରେ ଗୋଟିଏ କୃତ୍ରିମ ପୁଷ୍କରିଣୀ ରହିଛି, ଯେଉଁଠି ଏକାସମୟରେ ଦଶହଜାର ଲୋକ ଗାଧୋଇ ପାରିବେ ଏବଂ ସାରା ମସ୍କୋ ଯେତେବେଳେ ବରଫାବୃତ ହୋଇ ରହିଥାଏ ଏହି ପୁଷ୍କରିଣୀର ପାଣିକୁ ବିଦ୍ୟୁତ୍‌ଶକ୍ତି ସାହାଯ୍ୟରେ ଉଷୁମ କରି ରଖା ହୋଇଥାଏ । ତେଣୁ ବର୍ଷସାରା ଏଠାରେ ଲୋକେ ପହଁରିପାରନ୍ତି । ଏହାକୁ ଗରମ କରିବା ପାଇଁ ଯେତେ ବିଜୁଳି ଶକ୍ତି ବ୍ୟୟ କରାଯାଏ, ସେତକ ଯଦି ଏଠାରେ ଖର୍ଚ୍ଚ କରାଯିବ ତା'ହେଲେ ଆମ ଓଡ଼ିଶାର ସହର ଗାଁ'ରେ ଜଳୁଥିବା ସମସ୍ତ ବତି ସାଙ୍ଗେ ସାଙ୍ଗେ ଲିଭିଯିବ । ଏତେବଡ଼ ଷ୍ଟାଡିଏମ୍, ଏତେବଡ଼ କୃତ୍ରିମ ପୁଷ୍କରିଣୀ ଏବଂ ଏତେ ସଂଖ୍ୟାରେ ଖେଳ ଅନୁଷ୍ଠାନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟ ହେଉଛି ରୁଷ୍‌ର ସମସ୍ତ ଜନସାଧାରଣ ଯେପରି ଏସବୁ ବ୍ୟବହାର କରିପାରିବେ । ବ୍ୟକ୍ତିଗତ ଉଦ୍ୟମରେ ପ୍ରତିଷ୍ଠିତ ହୋଇଥିବା କ୍ଲବ୍, ଷ୍ଟେଡିଏମ୍ ପ୍ରଭୃତି ଛୋଟ ହେବା ସ୍ୱାଭାବିକ; କିନ୍ତୁ ସମାଜବାଦୀ ସୋଭିଏତ୍ ରୁଷ୍‌ରେ ଜନସାଧାରଣଙ୍କ ପାଇଁ ଯାହା ବ୍ୟବସ୍ଥା ହୁଏ, ତାହା ଅତି ବ୍ୟାପକ ଭାବରେ ହୋଇଥାଏ । ଏହି କାରଣରୁ ସୋଭିଏତ୍‌ବାସୀଙ୍କର ଦୈନନ୍ଦିନ ଜୀବନଯାପନ ପ୍ରଣାଳୀ ଓ ଅଭ୍ୟାସ ପୁଞ୍ଜିପତି ଦେଶବାସୀଙ୍କର ଦୈନନ୍ଦିନ ଅଭ୍ୟାସଠାରୁ ଅଲଗା ହେବା ସ୍ୱାଭାବିକ । ■■■

Digitized by PPRACHIN, SOA

ରାଜନୈତିକ ସଂସ୍ଥା

ସୋଭିଏତ୍ ରୁଷ ଦାବି କରେ ଯେ ପୃଥିବୀରେ ଯଦି କେଉଁଠି ପ୍ରକୃତ ଗଣତନ୍ତ୍ର ଥାଏ, ଜନସାଧାରଣଙ୍କ ହାତରେ ଯଦି ଅସଲ କ୍ଷମତା ରହିବା ଗଣତନ୍ତ୍ରର ମୂଳ ଉଦ୍ଦେଶ୍ୟ– ତାହେଲେ ସୋଭିଏତ୍ ରୁଷର ସମାଜବାଦୀ ରାଜନୈତିକ ସଂସ୍ଥାହିଁ ହେଉଛି ପ୍ରକୃତ ଗଣତାନ୍ତ୍ରିକ ଅନୁଷ୍ଠାନ । ଏହା ହେଉଛି ସର୍ବହରାର ଗଣତନ୍ତ୍ର–ଶ୍ରମିକ କୃଷକର ସାର୍ବଭୌମ ରାଜନୈତିକ ସଂସ୍ଥା । ଏଥିରେ କେହି କାହାକୁ ଶୋଷଣ କରେ ନାହିଁ । ଜଣଙ୍କର ଶ୍ରମଫଳ ଆଉ ଜଣେ ଉପଭୋଗ କରେ ନାହିଁ– ସମସ୍ତ ପ୍ରକାର ଶ୍ରମ, ଶ୍ରମଜାତ ଜାତୀୟ ସମ୍ପତ୍ତି, ଉତ୍ପାଦନକାରୀ ଯନ୍ତ୍ରପାତି–ସକଳ ଉତ୍ପାଦନ ପ୍ରଣାଳୀ ସଂସ୍ଥା ଜନସମାଜର; ତେଣୁ ଏଠାରେ କୌଣସି ଶ୍ରେଣୀଗତ ବୈଷମ୍ୟ କିମ୍ବା ସଂଘର୍ଷର ସ୍ଥାନ ନାହିଁ । କାରଣ ସମସ୍ତ ସମ୍ପତ୍ତି ସମାଜର ହୋଇଥିବାରୁ ଅର୍ଥନୈତିକ ଶୋଷଣର ସମ୍ଭାବନା ନାହିଁ । କମ୍ୟୁନିଷ୍ଟ ରାଜନୈତିକ ମତବାଦର ପ୍ରଧାନ ତତ୍ତ୍ୱ ହେଲା ଯେ ସାମନ୍ତବାଦୀ କିମ୍ବା ପୁଞ୍ଜିପତି ସମାଜରେ ଦଳେ ଲୋକ ଅନ୍ୟ ଦଳର ଶ୍ରମଶକ୍ତିକୁ କ୍ରୟ କରି ସମାଜରେ ପ୍ରଭୂତ ସମ୍ପତ୍ତିର ଅଧିକାରୀ ହୁଅନ୍ତି ଏବଂ ଏମାନଙ୍କ ଦ୍ୱାରା ଉତ୍ପାଦନ ପ୍ରଣାଳୀ ଓ ଅନ୍ୟାନ୍ୟ ସମସ୍ତ ରାଜନୈତିକ ସଂସ୍ଥା ନିୟନ୍ତ୍ରିତ ହେଉଥିବାରୁ ଏମାନେ ସର୍ବଶକ୍ତିମାନ୍ । ଏମାନଙ୍କ ସଂଖ୍ୟା ଖୁବ୍ ଅଳ୍ପ ହେଲେ ସୁଦ୍ଧା ଏହି ବିରାଟ ଅର୍ଥନୈତିକ ସୁବିଧା ଯୋଗୁଁ ସମାଜର ସଂଖ୍ୟାଗରିଷ୍ଠ ଲୋକଙ୍କୁ ଏମାନେ ସହଜରେ କରାୟତ୍ତ କରିପାରନ୍ତି । ତେଣୁ ଇତିହାସର ଏହିପ୍ରକାର ଶ୍ରେଣୀବିଭକ୍ତ ସମାଜରେ ଶ୍ରେଣୀଗତ ସଂଘର୍ଷ ଲାଗି ରହିଛି । ସାମନ୍ତଶ୍ରେଣୀ ଓ ଗରିବ କୃଷକ, ପୁଞ୍ଜିପତି ଓ ଶ୍ରମିକ ଭିତରେ ଅହରହ ସଂଗ୍ରାମ ଚାଲିଆସିଛି । ବିଶେଷତଃ ବିଂଶ ଶତାବ୍ଦୀରେ ପୁଞ୍ଜିପତି ଓ ଶ୍ରମିକ ସଂଘର୍ଷ ଅତ୍ୟନ୍ତ ତୀବ୍ର ହୋଇ ପଡ଼ିଛି–କାରଣ ବିଜ୍ଞାନର ଅଭୂତପୂର୍ବ ଉନ୍ନତି ଯୋଗୁ ଯେଉଁ ବିରାଟ ଶିଳ୍ପ ବିପ୍ଳବ ଦେଖାଦେଇଛି, ତାହାର ସମସ୍ତ ବିଭବ ଜନସାଧାରଣଙ୍କଠାରେ ପହଞ୍ଚିପାରୁ ନାହିଁ । ଫଳରେ ଦଳେ ମୁଷ୍ଟିମେୟ ଲୋକ ଅସମ୍ଭବ ପ୍ରକାରେ ଧନୀ ଓ ଶକ୍ତିଶାଳୀ ହୋଇପାରୁଛନ୍ତି ଓ ଶ୍ରମିକମାନେ ଗରିବ ହୋଇଯାଉଛନ୍ତି ଏବଂ ପୁଞ୍ଜିପତି ଅର୍ଥନୈତିକ ସଂସ୍ଥାର ସମସ୍ତ ପ୍ରକାର କୁଫଳ ଏପରି ବଢ଼ି ବଢ଼ି ଚାଲିଛି ଯେ ନିଜ ଦେଶର ଅଧିକାଂଶ ଲୋକ ଦରିଦ୍ର ଅଥଚ ଉତ୍ପାଦନର ଅସମ୍ଭବ ବୃଦ୍ଧି ସାହାଯ୍ୟରେ ଅନ୍ୟ ଦେଶକୁ ସାମ୍ରାଜ୍ୟବାଦୀମାନେ କରାୟତ୍ତ କରିବାକୁ ସମର୍ଥ ହେଉଛନ୍ତି । ଏହି କାରଣରୁ ପୃଥିବୀରେ ଯୁଦ୍ଧ-ବିଗ୍ରହ ଦେଖାଦେଉଛି । କୋଡ଼ିଏ ପଚିଶି ବର୍ଷ ଭିତରେ ଦୁଇଟି ଅତି ଭୟାବହ ବିଶ୍ୱଯୁଦ୍ଧ ହୋଇଗଲାଣି । କିନ୍ତୁ ଯେଉଁମାନଙ୍କର ଅତିଶୟ ଲୋଭ ଓ ରାଜ୍ୟ ବିସ୍ତାର ଲିପ୍ସା ଯୋଗୁ ବିଶ୍ୱଯୁଦ୍ଧ ହେଉଛି, ସେହିମାନେହିଁ ବିଶ୍ୱଯୁଦ୍ଧ ପରେ ଦୁର୍ବଳ ହୋଇଯାଉଛନ୍ତି; ଯଥା- ଇଂଲଣ୍ଡ,

Digitized by PPRACHIN, SOA

ଫ୍ରାନ୍ସ, ଜର୍ମାନୀ, ଜାପାନ, ଇଟାଲୀ ଇତ୍ୟାଦି । ଏହି ଯୁଦ୍ଧ ବିଗ୍ରହ ଓ ଅର୍ଥନୈତିକ ଅରାଜକତା ଫଳରେ ପୃଥିବୀରେ ଶ୍ରେଣୀ ସଂଘର୍ଷ ଆହୁରି ତୀବ୍ର ହୋଇ ଉଠିଛି ଏବଂ ଏହାର ନିରାକରଣ ଲାଗି କ୍ରମେ ସମାଜବାଦ ଦେଖାଦେଉଛି ।

ପ୍ରଥମ ମହାଯୁଦ୍ଧ ପରେ ପୃଥିବୀରେ କେବଳ ସୋଭିଏତ୍ ରୁଷ୍‌ରେ ସମାଜବାଦ ପ୍ରତିଷ୍ଠିତ ହୋଇଥିଲା; କିନ୍ତୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପର ଅର୍ଦ୍ଧେକ ଓ ଚାଇନାରେ ସମାଜବାଦ ଦେଖାଦେଲା । କମ୍ୟୁନିଷ୍ଟ ମତବାଦ ଅନୁସାରେ ପୁଞ୍ଜିପତି ଅର୍ଥନୈତିକ ସଂସ୍ଥାରେ ଏପରି ଦୁର୍ବଳତା ରହିଛି ଯେ ତାହା କ୍ରମେ ଭୁଶୁଡ଼ି ପଡ଼ିବାକୁ ବାଧ ଏବଂ ତା ସ୍ଥାନରେ କେବଳ ସମାଜବାଦ ଦେଖାଦେବ । ତାଛଡ଼ା ସମାଜବାଦୀ ସାମାଜିକ ଓ ଅର୍ଥନୈତିକ ସଂସ୍ଥା ପୁଞ୍ଜିପତି ବା ସାମନ୍ତବାଦୀ ସଂସ୍ଥାଠାରୁ ଉନ୍ନତତର ହୋଇଥିବାରୁ ଶାନ୍ତିପୂର୍ଣ୍ଣ ପ୍ରତିଯୋଗିତାରେ ସମାଜବାଦୀ ଦେଶ ସବୁକ୍ଷେତ୍ରରେ ଆଗେଇଯିବା ମଧ୍ୟ ସ୍ୱାଭାବିକ । କାରଣ ସମାଜବାଦ ଇତିହାସରେ ପ୍ରଥମ ଥର ପାଇଁ ସମଗ୍ର ଜନତାର ସୃଜନଶୀଳତା ଓ କାର୍ଯ୍ୟଦକ୍ଷତାର ପ୍ରକୃତ ସଦ୍‌ବ୍ୟବହାର କରିପାରିଛି ।

ସମଗ୍ର ମାନବସମାଜର ଏହି ଐତିହାସିକ ସ୍ୱପ୍ନକୁ ରୂପାୟିତ କରିବା କମ୍ୟୁନିଷ୍ଟ ଦଳର ପ୍ରଧାନ ରାଜନୈତିକ ଲକ୍ଷ୍ୟ ଏବଂ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ଏମାନେ ସୋଭିଏତ୍ ରୁଷ୍‌ରେ ଅକଥନୀୟ କଷ୍ଟ ସ୍ୱୀକାର କରି ୧୯୧୭ରେ ଅତ୍ୟାଚାରୀ ଜାର୍ ଶାସନ ଲୋପ କରି ସମାଜବାଦୀ ରାଜନୈତିକ ଓ ସାମାଜିକ ସଂସ୍ଥାର ପ୍ରତିଷ୍ଠା କରିଥିଲେ ଏବଂ ବହୁବର୍ଷ ଧରି ପୁଞ୍ଜିପତି ଦେଶର ଶାସକମାନେ ଏବଂ ରୁଷ ଦେଶର ନ୍ୟସ୍ତସ୍ୱାର୍ଥ ଧନିକମାନେ ଏମାନଙ୍କ ବିରୁଦ୍ଧରେ ସାମରିକ ଅଭିଯାନ ଚାଲୁ ରଖିଥିଲେ । କିନ୍ତୁ ସୋଭିଏତ୍ ସରକାର ପ୍ରକୃତରେ ଶ୍ରମିକ ଓ କୃଷକମାନଙ୍କ ଦ୍ୱାରା ଆଦୃତ ହେଉଥିବାରୁ ଶେଷରେ କମ୍ୟୁନିଷ୍ଟ ସରକାର ଏ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ସୋଭିଏତ୍ ରୁଷ୍‌ରେ ପ୍ରଥମ ଥର ପାଇଁ ସମାଜବାଦୀ ସରକାର ପ୍ରତିଷ୍ଠା କରିପାରିଲା ଏବଂ ମାତ୍ର କେତେବର୍ଷ ଭିତରେ ପୃଥିବୀର ସର୍ବଶ୍ରେଷ୍ଠ ପୁଞ୍ଜିପତି ଦେଶ ଆମେରିକାକୁ ମଧ୍ୟ ସବୁ କ୍ଷେତ୍ରରେ ଟପିଯିବାକୁ ବସିଲାଣି ।

ସୋଭିଏତ୍ କମ୍ୟୁନିଷ୍ଟ ଦଳର ଏହି ରାଜନୈତିକ ଓ ଐତିହାସିକ ପଟ୍ଟଭୂମିରେ ରୁଷ ଦେଶର ରାଜନୈତିକ ସଂସ୍ଥାର ବିଚାର କରିବା ଦରକାର । କମ୍ୟୁନିଷ୍ଟମାନେ କହନ୍ତି ଯେ ଶ୍ରମିକ ଓ କୃଷକମାନେ ବର୍ଷ ବର୍ଷ ଧରି ଯେଉଁ ପୁଞ୍ଜିପତିମାନଙ୍କ ବିରୁଦ୍ଧରେ ରକ୍ତାକ୍ତ ସଂଗ୍ରାମ କରି ସେମାନଙ୍କ ଅତ୍ୟାଚାରରୁ ମୁକ୍ତିଲାଭ କଲେ, ପୁଣି ସେହି ଶୋଷକ ଶ୍ରେଣୀକୁ ଆଉ ଥରେ ସମସ୍ତ ପ୍ରକାର ରାଜନୈତିକ ଅଧିକାର ଦେବା ଚାଷୀ-ମୂଲିଆର ଏହି ବିରାଟ ଐତିହାସିକ ବିପ୍ଳବ ପ୍ରତି ଚରମ ବିଶ୍ୱାସଘାତକତା କରିବା । ଯେହେତୁ ସମାଜବାଦୀ ସମାଜରେ ଶୋଷକ ଓ ଶୋଷିତ ଏହି ଦୁଇଟି ଶ୍ରେଣୀ ନାହିଁ— କେବଳ ଗୋଟିଏ ଶୋଷଣ-ହୀନ ସମାଜର ପ୍ରତିଷ୍ଠା ହୋଇଛି, ସେପରି କ୍ଷେତ୍ରରେ କେବଳ ଗୋଟିଏ ରାଜନୈତିକ ଦଳ ରହିବା ସ୍ୱାଭାବିକ । କାରଣ ଏହି ବିପ୍ଳବୀ ରାଜନୈତିକ ଦଳର ପ୍ରଧାନ କାମ୍ୟ ହେଲା ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ, ଉତ୍ପାଦନ ପ୍ରଭୃତି ପ୍ରତ୍ୟେକ ସାମାଜିକ ଅନୁଷ୍ଠାନ ଚାଷୀ-ମୂଲିଆଙ୍କ ସ୍ୱାର୍ଥ ଅନୁଯାୟୀ ନିୟନ୍ତ୍ରଣ କରିବା ଏବଂ ଏହି ବୈପ୍ଳବିକ ପରିବର୍ତ୍ତନ କେବଳ ଏମାନଙ୍କର ମୁଖ୍ୟ ରାଜନୈତିକ ଦଳ କମ୍ୟୁନିଷ୍ଟ ପାର୍ଟି ଦ୍ୱାରା ସମ୍ଭବ । ଫଳରେ ସୋଭିଏତ୍ ରୁଷ୍‌ରେ କମ୍ୟୁନିଷ୍ଟ ଦଳ ହେଉଛି ଏକମାତ୍ର ରାଜନୈତିକ ଦଳ । ସମାଜବାଦୀ ଦେଶରେ ଅନ୍ୟ କୌଣସି ଅର୍ଥନୈତିକ ନ୍ୟସ୍ତସ୍ୱାର୍ଥ ନଥିବାରୁ ଅନ୍ୟାନ୍ୟ ରାଜନୈତିକ ଦଳ ଏଠାରେ ସମ୍ଭବ ନୁହେଁ ବୋଲି ଏମାନଙ୍କର ମତ । ଅର୍ଥାତ୍ ସମାଜର ସଂଖ୍ୟାଧିକ ଲୋକ କମ୍ୟୁନିଷ୍ଟ ଦଳକୁ ସର୍ବୋଚ୍ଚଭାବେ ପସନ୍ଦ କରୁଥିବାରୁ ଏବଂ ପୁଞ୍ଜିପତିଙ୍କର କୌଣସି ସ୍ୱାର୍ଥ ଏ ଦେଶରେ ନଥିବାରୁ ଏଠାରେ ଦ୍ୱିତୀୟ

Digitized by PPRACHIN, SOA

ରାଜନୈତିକ ଦଳର କୌଣସି ଅର୍ଥ ନାହିଁ । କାରଣ ଏପରି ଦଳକୁ କିଏ ସମର୍ଥନ କରିବ ? ଯେଉଁମାନେ ଏମାନଙ୍କୁ ସମର୍ଥନ କରିବେ, ସେମାନେ ସମାଜବାଦୀ ଦେଶର ପରମ ଶତ୍ରୁ ବୋଲି ବିବେଚିତ ହେଉଥିବାରୁ ଆଉ କୌଣସି ରାଜନୈତିକ ଦଳ ଏଠାରେ ରହିବା ଅସମ୍ଭବ । ଏହା ହେଲା ସୋଭିଏତ୍ କମ୍ୟୁନିଷ୍ଟ ଦଳର ପ୍ରଧାନ ରାଜନୈତିକ ଦର୍ଶନ ।

ଯଦି ଗୋଟିଏ ମାତ୍ର ରାଜନୈତିକ ଦଳର ବିରୋଧହୀନ ରାଜତ୍ୱ ଚାଲେ, ତାହେଲେ ଏଥିରେ ଜନତାର ପ୍ରକୃତ ଗଣତାନ୍ତ୍ରିକ ଅଧିକାର ରହିଲା କେଉଁଠି ? କମ୍ୟୁନିଷ୍ଟ ଦଳ ରହିବା ଅର୍ଥ ଅନ୍ୟ କୌଣସି ଅଣସମାଜବାଦୀ ଦଳ ରହିପାରିବ ନାହିଁ; କିନ୍ତୁ ତା ଅର୍ଥ ନୁହେଁ ଯେ ସୋଭିଏତ୍ ରୁଷର ପ୍ରତ୍ୟେକ କ୍ଷେତ୍ରରେ ମାତ୍ର କେତେଜଣ ଲୋକଙ୍କର ଏକଛତ୍ର ଶାସନ ଚାଲିବ । ଗୋଟିଏ ବିଷୟରେ ଶାସକମାନେ ଯାହା ନିଶ୍ଚୟ କରନ୍ତି, ତାହା ବହୁ ଆଲୋଚନା ଓ ସମାଲୋଚନା ପରେ ଗୃହୀତ ହୋଇଥାଏ । ସମାଜବାଦ ବିରୁଦ୍ଧରେ କେହି କାମ କରିପାରିବେ ନାହିଁ; କିନ୍ତୁ ସମାଜବାଦ ପ୍ରତିଷ୍ଠା ନେଇ ନାନା ବାଦ-ବିସମ୍ବାଦ ହୋଇପାରେ; କୌଣସି ଜାତୀୟ ପ୍ରଶ୍ନ ନେଇ ଶହ ଶହ ହଜାର ହଜାର ସଂଖ୍ୟାରେ ଆଲୋଚନା ସଭା ବସେ । ଲକ୍ଷ ଲକ୍ଷ ଲୋକ ସେଥିରେ ଭାଗ ନିଅନ୍ତି । ବିଶେଷତଃ କ୍ରୁଷ୍ଚେଭଙ୍କ ରାଜନୈତିକ ସଂସ୍କାର ପରେ ଏହା ବହୁତ ବେଶି ବ୍ୟାପକ ହୋଇପଡ଼ିଛି ।

ଯେକୌଣସି ଯୋଜନାର ଫଳାଫଳ ଲୋକଶକ୍ତି ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରେ । ସମାଜବାଦ ଗଢ଼ିବାରେ ଏବଂ ଶାସନ କାର୍ଯ୍ୟ ଚଳାଇବାରେ ପ୍ରତ୍ୟେକ ନାଗରିକ ଯେପରି ଭାବେ ସକ୍ରିୟ ଅଂଶ ଗ୍ରହଣ କରିପାରେ, ଆଉ କୌଣସି ଦେଶରେ ଏହା ସମ୍ଭବ ହୋଇପାରୁନାହିଁ ବୋଲି ଏମାନଙ୍କର ବିଶ୍ୱାସ । ଉଦାହରଣ ସ୍ୱରୂପ, ଏମାନଙ୍କର ସର୍ବୋଚ୍ଚ ଶାସନ ସଂସ୍ଥାକୁ ପ୍ରତ୍ୟେକ ଦିନ ପ୍ରାୟ ଏକ ହଜାର କରି ଚିଠି ଜନସାଧାରଣଙ୍କଠାରୁ ଆସେ । ଏଥିରେ ସେମାନେ ବହୁତ ପ୍ରକାର ସୂଚନା ଓ ନୂଆ ନୂଆ ପ୍ରସ୍ତାବ ଦେଇଥାଆନ୍ତି କିମ୍ବା ସରକାରୀ କାର୍ଯ୍ୟକୁ ସମାଲୋଚନା କରିଥାଆନ୍ତି । ଯେଉଁ ଯେଉଁ ପ୍ରସ୍ତାବ ସମାଜବାଦ ପ୍ରତିଷ୍ଠାରେ ସାହାଯ୍ୟ କରିପାରିବ, ଦେଶର ସାମୂହିକ ଉନ୍ନତିବିଧାନରେ ସହାୟକ ହୋଇପାରିବ, ସେ ପ୍ରକାର ମତକୁ ଆଦରର ସହିତ ଗ୍ରହଣ କରାଯାଏ ।

ସୋଭିଏତ୍ ରୁଷରେ ନିର୍ବାଚନ ପ୍ରଣାଳୀ ମଧ୍ୟ ଆମ ପ୍ରଣାଳୀଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଦେଶରେ ଗୋଟିଏ ରାଜନୈତିକ ଦଳ ଥିବାରୁ ଏବଂ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଦିଗ୍‌ଦର୍ଶନ ନିର୍ଦ୍ଦିଷ୍ଟ ଭାବରେ ନିଧାର୍ଯ୍ୟ ହୋଇଥିବାରୁ ଦଳଗତ ସଂଘର୍ଷର ଅବକାଶ ନାହିଁ । କିନ୍ତୁ ପ୍ରତ୍ୟେକ ଅଞ୍ଚଳ, ପ୍ରତ୍ୟେକ କାରଖାନା ବା ଅନୁଷ୍ଠାନର ଲୋକ ପ୍ରତିନିଧି ବାଛିବା ପାଇଁ ମାସ ମାସ ଧରି ସଭା ହୁଏ । ଜଣେ ପ୍ରତିନିଧି ବାଛିବା ପାଇଁ ବହୁ ଆଲୋଚନା ହୁଏ । ଯେ ଆଗରୁ ଲୋକ ପ୍ରତିନିଧି ଥିଲା, ତାକୁ ସଭା ସମିତିରେ ବହୁତ ପ୍ରଶ୍ନ ହୁଏ- ତା ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଥିବା ନୂଆ ନେତାର ପ୍ରସ୍ତାବମାନ ଲୋକେ ଶୁଣନ୍ତି-ଏପରି ଭାବରେ ମାସ ମାସ ଆଲୋଚନା ପରେ ସଂଖ୍ୟାଧିକ ଭୋଟରେ ଜଣେ ଲୋକକୁ ନିର୍ବାଚନରେ ଠିଆ ହେବା ପାଇଁ ବଛାଯାଏ ଏବଂ ସାଧାରଣ ନିର୍ବାଚନ ସମୟରେ ଭୋଟ ଦିଆହୁଏ । ଯେଉଁ ଲୋକ ସଂଖ୍ୟାଧିକ ଭୋଟ ପାଏ, ସେ ନିର୍ବାଚିତ ହୁଏ । ସୋଭିଏତ୍ ଦେଶର ସର୍ବୋଚ୍ଚ ସୋଭିଏତ୍ ପାଇଁ ନିର୍ବାଚନରେ ଶତକଡ଼ା ୯୯.୯୫ ଜଣ ଭୋଟଦାତା ଭାଗ ନିଅନ୍ତି । ସାରା ଦେଶରେ ପ୍ରତି ୩ ଲକ୍ଷ ଲୋକ ଥିବା ଅଞ୍ଚଳରୁ ଜଣେ ଲେଖାଏଁ ଏହି ସର୍ବୋଚ୍ଚ ଶାସନ ପ୍ରତିନିଧି ସଭାକୁ ନିର୍ବାଚିତ ହୁଅନ୍ତି ।

ଏ ପ୍ରକାର ନିର୍ବାଚନ ସୋଭିଏତ୍ ରୁଷର ପ୍ରତ୍ୟେକ କ୍ଷେତ୍ରରେ ହୋଇଥାଏ । ବିଶ୍ୱବିଦ୍ୟାଳୟ ଓ ବିଜ୍ଞାନ ଆକାଦେମୀଠାରୁ ଆରମ୍ଭ କରି ପ୍ରତ୍ୟେକ ଆଞ୍ଚଳିକ ସୋଭିଏତ୍ ପାଇଁ ମଧ୍ୟ ସେହି

Digitized by PPRACHIN, SOA

ଏକପ୍ରକାର ଗୁପ୍ତ ନିର୍ବାଚନ ହୋଇଥାଏ । ଏସବୁ ନିର୍ବାଚନରେ ଅଣକମ୍ୟୁନିଷ୍ଟ ଓ କମ୍ୟୁନିଷ୍ଟ ଲୋକଙ୍କ ଭିତରେ କୌଣସି ତଫାତ୍ ନଥାଏ । ଯେକୌଣସି ଲୋକ ନିର୍ବାଚନରେ ଠିଆ ହୋଇପାରେ । ରୁଷ୍‌ର ସର୍ବୋଚ୍ଚ ପାର୍ଲିଆମେଣ୍ଟରେ ବହୁ ଅଣକମ୍ୟୁନିଷ୍ଟ ସଭ୍ୟ ଅଛନ୍ତି । ଯେଉଁମାନେ ନିଜ ନିଜର କାମ ଦ୍ୱାରା ଲୋକମାନଙ୍କର ବିଶ୍ୱାସଭାଜନ ହୁଅନ୍ତି—ଉତ୍ପାଦନ, ଶିକ୍ଷା, ଗବେଷଣା ପ୍ରଭୃତିରେ ଯେଉଁମାନଙ୍କର ସାମାଜିକ ଅବଦାନ ଖୁବ୍ ମହତ୍ତ୍ୱପୂର୍ଣ୍ଣ—ସେହିପରି ଲୋକେ ନିର୍ବାଚିତ ହୁଅନ୍ତି ।

୧୯୬୨ ମସିହାରେ ସର୍ବୋଚ୍ଚ ସୋଭିଏଟ୍‌ର ସଭ୍ୟମାନଙ୍କ ବିଷୟରେ ତଳେ ଦିଆହୋଇଥିବା କେତୋଟି ବିଷୟ ଜାଣିଲେ ଏହାର ବୈଶିଷ୍ଟ୍ୟ ବିଷୟରେ ସମ୍ୟକ୍ ଧାରଣା କରିହେବ ।

ଦୁଇଟି ଚେମ୍ବରର ସର୍ବମୋଟ ସଭ୍ୟସଂଖ୍ୟା	୧୪୪୩
ପୁରୁଷ ସଂଖ୍ୟା	୧୦୫୩
ସ୍ତ୍ରୀ ସଂଖ୍ୟା	୩୯୦
ପ୍ରଥମଥର ପାଇଁ ନିର୍ବାଚିତ ସଭ୍ୟସଂଖ୍ୟା	୧୦୦୭
କମ୍ୟୁନିଷ୍ଟ ଦଳ ସଭ୍ୟସଂଖ୍ୟା	୧୦୯୪
ଅଣକମ୍ୟୁନିଷ୍ଟ ସଭ୍ୟସଂଖ୍ୟା	୩୪୯
ଯେଉଁମାନେ ଶ୍ରମିକ ବା ଚାଷୀରୂପେ ଜୀବନ ଆରମ୍ଭ କରିଛନ୍ତି	୭୮୧
ଅର୍ଥନୈତିକ ସଂସ୍ଥାର ସଭ୍ୟ ସଂଖ୍ୟା	୨୭୭
ସାହିତ୍ୟ, କଳା ଓ ବିଜ୍ଞାନ କ୍ଷେତ୍ରରେ କାମ କରୁଥିବା ସଭ୍ୟ ସଂଖ୍ୟା	୧୫୨
୩୦ବର୍ଷରୁ କମ୍ ବୟସର ସଭ୍ୟଙ୍କ ସଂଖ୍ୟା	୨୦୯
୩୦ ରୁ ୪୦ବର୍ଷ ବୟସର ସଭ୍ୟଙ୍କ ସଂଖ୍ୟା	୪୦୫
୪୦ ରୁ ୫୦ବର୍ଷ ବୟସର ସଭ୍ୟଙ୍କ ସଂଖ୍ୟା	୪୩୫
୫୦ ବର୍ଷରୁ ବେଶି ବୟସର ସଭ୍ୟଙ୍କ ସଂଖ୍ୟା	୩୯୪

ଉପରେ ଦିଆହୋଇଥିବା ତାଲିକା ବିଶ୍ଳେଷଣ କଲେ ଜଣାଯିବ ଅଧିକାଂଶ ସଭ୍ୟ ଶ୍ରମିକ ଓ ଚାଷୀ ଶ୍ରେଣୀଭୁକ୍ତ ଏବଂ ଶତକଡ଼ା ପ୍ରାୟ ୭୩ଜଣ ସଭ୍ୟ ପଚାଶ ବର୍ଷରୁ କମ୍ । ଏଥିରୁ ସହଜରେ ଅନୁମାନ କରିହେବ ଏମାନଙ୍କର ଶାସନ ନୀତିର ପ୍ରଧାନ କାର୍ଯ୍ୟକାରୀ ଦିଗ । ଯେଉଁମାନେ ଉତ୍ପାଦନ ପ୍ରଣାଳୀ ସହିତ ସଂଶ୍ଳିଷ୍ଟ ଏବଂ ଯେଉଁମାନେ ଯୁବକ, ସେମାନେ ଯେପରି ଉତ୍ସାହର ସହିତ ଯୋଜନା କାର୍ଯ୍ୟକାରୀ କରିପାରିବେ, ଅନ୍ୟମାନଙ୍କ ପକ୍ଷରେ ତାହା ସମ୍ଭବ ହୋଇନପାରେ । ତେଣୁ ଏହାକୁ ପ୍ରକୃତରେ ପ୍ରଗତିଶୀଳ ଚାଷୀ-ମୂଲିଆ ଓ ଯୁବକ ସମ୍ପ୍ରଦାୟର ଲୋକଶାସନ ବୋଲି କୁହାଯାଇପାରିବ ।

କମ୍ୟୁନିଷ୍ଟ ଦଳ ଭିତରେ ବହୁ ଆଲୋଚନା ସମାଲୋଚନା ଲାଗି ରହିଥାଏ । କୌଣସି ଗୋଟିଏ ପ୍ରସ୍ତାବ ଗୃହୀତ ହେବା ପୂର୍ବରୁ କିମ୍ବା ଦଳର ମୁଖ୍ୟ ରାଜନୈତିକ ଓ ଅର୍ଥନୈତିକ ଯୋଜନା ଧାର୍ଯ୍ୟ ହେବା ପୂର୍ବରୁ ଅତି ବ୍ୟାପକ ଭାବରେ ସେ ବିଷୟରେ ଦଳର ଛୋଟ ବଡ଼ ଅନୁଷ୍ଠାନମାନଙ୍କରେ ଆଲୋଚିତ ହୁଏ । ଗୋଟିଏ ନିର୍ଦ୍ଦିଷ୍ଟ ଦଳଗତ ପ୍ରୋଗ୍ରାମ ଗୃହୀତ ହେବା ପୂର୍ବରୁ ସୋଭିଏଟ୍ ରୁଷ୍‌ର ଚାରିଆଡ଼େ ଦଳର ପ୍ରାୟ ପାଞ୍ଚଲକ୍ଷ ସଭା ହୋଇଥିଲା ଏବଂ ଏସବୁ ସଭାରେ ସାତକୋଟି ଆଠଲକ୍ଷ ଲୋକ ଉପସ୍ଥିତ ଥିଲେ । ସପ୍ତବାର୍ଷିକ ଯୋଜନା ପାଇଁ ୯୬୮୦୦୦ ସଭା ହୋଇଥିଲା ଏବଂ ଏଥିରେ ସାତକୋଟି ଲୋକ ଯୋଗ ଦେଇଥିଲେ ଓ ପ୍ରାୟ ପଚାଶ ଲକ୍ଷ ଲୋକ ସେମାନଙ୍କର ମତାମତ ଜଣାଇଥିଲେ ।

Digitized by PPRACHIN, SOA

ଆଞ୍ଚଳିକ ସୋଭିଏତ୍‌ମାନଙ୍କର ନିର୍ବାଚିତ ଡେପୁଟି ସଂଖ୍ୟା ୧୮,୨୨,୦୦୦ ଏବଂ ଏମାନଙ୍କୁ ପ୍ରାୟ ଦୁଇକୋଟି ସ୍ୱେଚ୍ଛାସେବକ ସାହାଯ୍ୟ କରନ୍ତି । ଶିଳ୍ପ ପ୍ରତିଷ୍ଠାନମାନଙ୍କରେ ଉତ୍ପାଦନ ପାଇଁ ଯେଉଁସବୁ କମିଟି ଓ ସଭା ହୁଏ, ସେଠାରେ ପ୍ରାୟ ୭୦ ଲକ୍ଷ ଶ୍ରମିକ, ଅଫିସ୍ କର୍ମଚାରୀ ସକ୍ରିୟ ଅଂଶ ଗ୍ରହଣ କରିଥାଆନ୍ତି । ଏଥିରୁ କମ୍ୟୁନିଷ୍ଟ ଦଳର ଆଲୋଚନା ସମାଲୋଚନାମୂଳକ ନୀତିର ବ୍ୟାପକ ପ୍ରୟୋଗ ବିଷୟରେ ସମ୍ୟକ୍ ଧାରଣା କରିହୁଏ । କିନ୍ତୁ ଷ୍ଟାଲିନ୍ ରାଜତ୍ୱ କାଳରେ ଦଳର ଏହି ନୀତି ବହୁତ ବେଶି ସୀମିତ ହୋଇଯାଇଥିଲା । ତା ଫଳରେ ଷ୍ଟାଲିନ୍ ନିଜକୁ ଜଣେ ଏକଛତ୍ରପତି ହିସାବରେ ପ୍ରତିଷ୍ଠା କରିପାରିଥିଲେ । କିନ୍ତୁ ତାଙ୍କ ମୃତ୍ୟୁ ପରେ ଲେନିନ୍‌ଙ୍କର ଏହି ଗଣତାନ୍ତ୍ରିକ ନୀତିର ପୁନଃପ୍ରତିଷ୍ଠା ଉଦ୍ୟମ ହେଲା କ୍ରୁଶ୍ଚେଭଙ୍କୁ ମଧ୍ୟ ଏହି କାରଣରୁ ବିଦାୟ ନେବାକୁ ପଡ଼ିଲା ଓ ଦଳ ଭିତରେ ସାମୂହିକ ନେତୃତ୍ୱକୁ ପୁଣି ଶକ୍ତିଶାଳୀ କରାଗଲା । ଚୀନ୍‌ରେ ଷ୍ଟାଲିନ୍‌ବାଦ ବର୍ତ୍ତମାନ ସୁଦ୍ଧା ବଳବତ୍ତର ଥିବାରୁ ରୁଷ ସହିତ ଚୀନର ଏତେ ବିବାଦ ଲାଗି ରହିଛି ।

କମ୍ୟୁନିଷ୍ଟ ଦଳର ସଭ୍ୟ ହେବା ସହଜ ନୁହେଁ । ସେଥିପାଇଁ ନାନା କଡ଼ା ଆଇନ ସବୁ ରହିଛି । ଲୋକର କାର୍ଯ୍ୟଦକ୍ଷତା, ସମାଜବାଦୀ ଆଦର୍ଶ ଓ ବଳିଷ୍ଠ ନୈତିକତାର ଯଥେଷ୍ଟ ପ୍ରମାଣ ମିଳିଲେ ଯାଇ ଜଣେ ସଭ୍ୟ ହୋଇପାରିବ । ଦଳର ସଭ୍ୟମାନଙ୍କ ପାଇଁ ଯେଉଁ କଠୋର ନୈତିକ ଓ ସାମାଜିକ ମାନ ରଖା ହୋଇଛି, ତାହା ହୁଏତ ପ୍ରତ୍ୟେକ ସଭ୍ୟଠାରେ ନ ଥାଇପାରେ; କିନ୍ତୁ ଅଧିକାଂଶ ସଭ୍ୟଙ୍କୁ ଯେ ଏହା ନିୟନ୍ତ୍ରିତ କରୁଛି, ଏଥିରେ ସନ୍ଦେହ ନାହିଁ । ପ୍ରତ୍ୟେକ କମ୍ୟୁନିଷ୍ଟ ସଭ୍ୟଙ୍କ ପାଇଁ ନିମ୍ନଲିଖିତ କେତୋଟି ନୈତିକ ନିର୍ଦ୍ଦେଶ ଦିଆ ହୋଇଥାଏ ।

୧- ସମାଜବାଦ ପ୍ରତି ପ୍ରଗାଢ଼ ଆନୁଗତ୍ୟ; ନିଜ ଦେଶ ଓ ଅନ୍ୟ ଦେଶର ସମାଜବାଦୀ ଦଳ ପ୍ରତି ଗଭୀର ଅନୁରକ୍ତି ।

୨- ସାମାଜିକ ମଙ୍ଗଳ ପାଇଁ ବିବେକ-ପରିଚାଳିତ ଓ ନ୍ୟାୟୋଚିତ ଉଦ୍ୟମ ଯେ କାମ କରିବ ନାହିଁ, ତାର ଖାଇବାର ମଧ୍ୟ ଅଧିକାର ନାହିଁ ।

୩- ସର୍ବସାଧାରଣ ସମ୍ପତ୍ତିର ବୃଦ୍ଧି ଓ ରକ୍ଷଣାବେକ୍ଷଣ ଲାଗି ଉଦ୍‌ବିଗ୍ନତା ।

୪- ସାମାଜିକ କର୍ତ୍ତବ୍ୟବୋଧର ଉଚ୍ଚମାନ ଥିବା ସଙ୍ଗେ ସଙ୍ଗେ ସାମୂହିକ ଅଧିକାର ବିରୋଧୀ କାର୍ଯ୍ୟପ୍ରବଣତା ପ୍ରତି ଅସହିଷ୍ଣୁତା ।

୫- ସାମୂହିକ ଏବଂ ବ୍ୟକ୍ତିଗତ ସୌହାର୍ଦ୍ଦ୍ୟ—ବ୍ୟକ୍ତି ସମଷ୍ଟି ପାଇଁ ଏବଂ ସମଷ୍ଟି ବ୍ୟକ୍ତି ପାଇଁ—ଏହି ମନୋଭାବ ।

୬- ମାନବିକ ସଂପର୍କ ଏବଂ ମନୁଷ୍ୟଜାତିର ବିଭିନ୍ନ ସଂପ୍ରଦାୟ ଭିତରେ ପାରସ୍ପରିକ ସମ୍ମାନ—ମନୁଷ୍ୟ ମନୁଷ୍ୟର ବନ୍ଧୁ, ସହକର୍ମୀ ଏବଂ ସହୋଦର—ଏହି ଦୃଢ଼ ଧାରଣା ।

୭- ସାମାଜିକ ଓ ବ୍ୟକ୍ତିଗତ ଜୀବନରେ ସାଧୁତା, ସତ୍ୟବାଦିତା, ନୈତିକ ପବିତ୍ରତା ଓ ବିନୟ ଭାବ ।

୮- ପାରିବାରିକ ଜୀବନରେ ପାରସ୍ପରିକ ସମ୍ମାନ ଏବଂ ସନ୍ତାନମାନଙ୍କର ପାଳନରେ ଆଗ୍ରହ ।

୯- ଅନ୍ୟାୟ, ପରାଶ୍ରୟତା, ଅସାଧୁତା, ନିଜ ପାଇଁ ଲାଭ କରିବା ମନୋବୃତ୍ତି ଏବଂ ଅର୍ଥଲୋଲୁପତା ବିରୁଦ୍ଧରେ ଅଭିଯାନ ।

୧୦- ସୋଭିଏତ୍ ରୁଷ୍‌ରେ ବାସ କରୁଥିବା ବିଭିନ୍ନ ଜାତି ଓ ସଂପ୍ରଦାୟ ପ୍ରତି ବନ୍ଧୁତା ଓ ସୌହାର୍ଦ୍ଦ୍ୟ ଏବଂ ଜାତି ଓ ବର୍ଣ୍ଣବୈଷମ୍ୟ ପ୍ରତି ଅସହିଷ୍ଣୁତା ।

୧୧- ସମାଜବାଦ ଓ ବିଶ୍ୱଶାନ୍ତିର ଶତ୍ରୁ ଏବଂ ବିଭିନ୍ନ ଦେଶମାନଙ୍କର ସାର୍ବଭୌମ ସ୍ୱାଧୀନତା ବିପକ୍ଷରେ କାମ କରୁଥିବା ଲୋକଙ୍କ ପ୍ରତି ଅସହିଷ୍ଣୁତା ।

Digitized by PPRACHIN, SOA

୧୨- ପୃଥିବୀର ସମସ୍ତ ଦେଶ ଓ ଜାତିର ଖଟିଖିଆ ଶ୍ରମିକମାନଙ୍କ ସହିତ ଭ୍ରାତ୍ରୋଚିତ ଐକ୍ୟ ସ୍ଥାପନ ।

ଦଳର ଏପ୍ରକାର ବଳିଷ୍ଠ ରାଜନୈତିକ ଓ ସାମାଜିକ ଆଦର୍ଶ ନେଇ ଯେ କୌଣସି ସଭ୍ୟ ଯେ ନିଜକୁ ଗୌରବାନ୍ୱିତ ମନେ କରିବ, ଏଥିରେ ସନ୍ଦେହ ନାହିଁ । କମ୍ୟୁନିଷ୍ଟ ମତବାଦର ଆନ୍ତର୍ଜାତିକ ସୌହାର୍ଦ୍ଦ୍ୟ ଓ ମାନବଜାତିର ମହାନ୍ ଭ୍ରାତୃତ୍ୱ ଏହି ଶତାବ୍ଦୀରେ ପୃଥିବୀର ଅଗଣିତ ଲୋକଙ୍କୁ ପ୍ରେରଣା ଦେଇଆସିଛି । କମ୍ୟୁନିଷ୍ଟ ଦଳ ନିୟନ୍ତ୍ରିତ ରାଜନୈତିକ ସଂସ୍ଥା ସହିତ ଅନ୍ୟମାନେ ଏକମତ ନ ହୋଇପାରନ୍ତି; କିନ୍ତୁ ଜନସାଧାରଣଙ୍କ ପାଇଁ ଯେଉଁ ବିରାଟ ଲୋକହିତକର ସାମାଜିକ ଓ ଅର୍ଥନୈତିକ ସଂସ୍ଥା ପ୍ରତିଷ୍ଠିତ ହୋଇପାରିଛି ଏବଂ ଶିକ୍ଷା, ବିଜ୍ଞାନ ଓ ସାଂସ୍କୃତିକ କ୍ଷେତ୍ରରେ ଯେଉଁ ଅଭୂତପୂର୍ବ ସାଫଲ୍ୟ ସମ୍ଭବ ହୋଇଛି, ତାହା ସୋଭିଏତ୍ ରୁଷ୍‌ରେ କମ୍ୟୁନିଷ୍ଟ ଦଳର ବୈପ୍ଳବିକ କାର୍ଯ୍ୟପନ୍ଥା ଯୋଗୁଁ ଯେ ସମ୍ଭବ ହୋଇଛି– ଏଥିରେ କାହାରି ବୋଧହୁଏ ମତଦ୍ୱୈଧ ହେବ ନାହିଁ ।

କିଂତୁ କ୍ରମେ କ୍ରମେ ଲେନିନଙ୍କ ଦ୍ୱାରା ନିର୍ଦ୍ଦେଶିତ ଉପରୋକ୍ତ ବିଧି ବିଧାନ ଏବଂ ବଳିଷ୍ଠ ନୈତିକତା ଷ୍ଟାଲିନ ସମୟରେ ଏବଂ ପରେ ବହୁପରିମାଣରେ ଦୁର୍ବଳ ହୋଇ ଆସୁଛି । ବିଶେଷତଃ ଷ୍ଟାଲିନଙ୍କର ପ୍ରଭାବ ବର୍ତ୍ତମାନ ସୁଦ୍ଧା ନେତୃତ୍ୱ ଉପରେ ରହି ଥିବାର ଜଣାଯାଉଛି । କ୍ରମେ ଶାସକ ଗୋଷ୍ଠୀର ଏକଛତ୍ରବାଦୀ ମନୋଭାବ ଏବଂ ଅସହିଷ୍ଣୁତା ନାନା ଭାବରେ ଲେନିନଙ୍କର ଆଦର୍ଶକୁ କଳୁଷିତ କରି ଚାଲିଛି ବୋଲି ମନେ ହେଲା । ଏହାର ଭବିଷ୍ୟତ ବିଷୟରେ କହିବା ବର୍ତ୍ତମାନ କଷ୍ଟକର ।

କେବଳ ଗୋଟିଏ ଦିଗରେ ଏହାର ଦୁର୍ବଳତା ପରିଲକ୍ଷିତ ହୁଏ । ଏ ସମାଜରେ ନାରୀ ଶିକ୍ଷା ପୁରୁଷମାନଙ୍କ ସହିତ ସମାନ ଭାବରେ ଚାଲିଛି—ବହୁ ସଂଖ୍ୟକ ମହିଳା ଶିଳ୍ପୀ, ଇଞ୍ଜିନିୟର ଓ ଗବେଷକ ଦେଖାଦେଇଥିଲା ବେଳେ ରାଜନୀତି କ୍ଷେତ୍ରରେ ବିଶେଷତଃ ଶାସନର ଉପରସ୍ତରରେ ଏମାନଙ୍କର ସଂଖ୍ୟା ବହୁଭାବରେ ସୀମିତ । ଏହା ସୋଭିଏତ୍ ଶାସନର ଗୋଟିଏ ପ୍ରଚଣ୍ଡ ଦୁର୍ବଳତା ବୋଲି ମନେ ହୁଏ । ■■■

Digitized by PPRACHIN, SOA

ବିଶ୍ୱଶାନ୍ତି- ଆନ୍ତର୍ଜାତୀୟ ସୌହାର୍ଦ୍ଦ୍ୟ

ରୁଷିଆ ପରିଭ୍ରମଣରେ ଯେଉଁମାନେ ଯାଆନ୍ତି, ସେମାନେ ବଦ୍ଧମୂଳ ଧାରଣା ନେଇ ଆସନ୍ତି ଯେ ରୁଷବାସୀ ଓ ରୁଷ ସରକାର ବିଶ୍ୱଶାନ୍ତି ଚାହାନ୍ତି । ତାର କାରଣ କଣ ? ରୁଷ ଦେଶରେ ଯେଉଁଆଡ଼େ ଆମେ ଗଲୁ, ସେମାନଙ୍କ ଶିକ୍ଷା, ସଂସ୍କୃତି, ଉତ୍ପାଦନ ପ୍ରଭୃତି ଜନକଲ୍ୟାଣ କାର୍ଯ୍ୟର ଯୋଜନା ବିଷୟରେ ଶୁଣିବାକୁ ପାଇଲୁ । ପ୍ରତ୍ୟେକ ଅନୁଷ୍ଠାନ ନିଜ ନିଜର ଶିକ୍ଷାଗତ ଓ ସାଂସ୍କୃତିକ କୃତି କଥା କହି ଗୌରବାନ୍ୱିତ ମନେ କରନ୍ତି ଏବଂ ସବୁଠି ଶୁଣିବାକୁ ପାଇଲୁ ଯେ ପୃଥିବୀରେ ଯଦି ସ୍ଥାୟୀ ଶାନ୍ତି ସମ୍ଭବ ହୁଅନ୍ତା– ସାମରିକ ପ୍ରତିଯୋଗିତା ନ ବଢ଼ନ୍ତା- ଆମେରିକା ପୃଥିବୀର ବିଭିନ୍ନ ସ୍ଥାନରୁ ତାହାର ସାମରିକ କେନ୍ଦ୍ରମାନ ଉଠାଇ ନିଅନ୍ତା-ସଂପୂର୍ଣ୍ଣ ନିରସ୍ତ୍ରୀକରଣ ସମ୍ଭବ ହୁଅନ୍ତା- ତାହେଲେ ରୁଷ୍‌ବାସୀ ଆହୁରି ବେଶି ଅଗ୍ରଗତି କରିପାରନ୍ତେ । ସ୍କୁଲ ପିଲାଏ ବିଶ୍ୱଶାନ୍ତି ତଥା ବିଶ୍ୱମୈତ୍ରୀ ବିଷୟରେ ଗୀତ ଗାଇ ଆମକୁ ଶୁଣାଇଲେ । ଲେନିନ୍ ଗ୍ରାଡର ଅଭୂତପୂର୍ବ ପୁନର୍ଗଠନ କଥା କହିଲା ବେଳେ ଗତ ବିଶ୍ୱଯୁଦ୍ଧର ଭୟାବହତା ବିଷୟରେ କହିବା ପାଇଁ ଏମାନେ ଭୁଲୁ ନଥାନ୍ତି । ପୃଥିବୀର ପ୍ରତ୍ୟେକ ଦେଶର ସଂଖ୍ୟାଧିକ ଲୋକ ଶାନ୍ତି ଚାହାନ୍ତି; ତେଣୁ ବିଶ୍ୱର ଏହି ଶାନ୍ତିକାମୀ ଲୋକଙ୍କୁ ସୋଭିଏତ୍‌ବାସୀ ଅତ୍ୟନ୍ତ ଭଲ ପାଆନ୍ତି । ଏ ପ୍ରକାର ଆନ୍ତର୍ଜାତୀୟ ସୌହାର୍ଦ୍ଦ୍ୟ ବିଷୟରେ ପିଲାଙ୍କର ପଢ଼ାବହିରେ ରହିଛି । ରୁଷ୍‌ର ଚିର ଶତ୍ରୁ ସାମ୍ରାଜ୍ୟବାଦୀ ଦେଶ ଆମେରିକା ସରକାରଙ୍କ ବିରୁଦ୍ଧରେ କୁହାଯାଏ; କିନ୍ତୁ ସେଠାକାର ସାଧାରଣ ଶାନ୍ତିପ୍ରିୟ ଲୋକଙ୍କୁ ଭଲ ପାଇବା ପାଇଁ କୁହାଯାଏ । ଆମ ସାଙ୍ଗରେ କେତେଜଣ ଆମେରିକାର ଲୋକ ଥିଲେ-ସେମାନଙ୍କ ସହିତ ରୁଷବାସୀ ଅତ୍ୟନ୍ତ ଆଗ୍ରହର ସହ ଶାନ୍ତି ବିଷୟରେ ଆଲୋଚନା କରିବାରେ ବ୍ୟସ୍ତ । ଏହିପରି ଭାବରେ ସମଗ୍ର ରୁଷ୍‌ର ବାୟୁମଣ୍ଡଳରେ ଯେପରି ବିଶ୍ୱଶାନ୍ତି ପାଇଁ ଗଭୀର ଉଦ୍‌ବେଗ ରହିଛି । ରୁଷିଆ ପ୍ରତିରକ୍ଷା ବାବଦରେ ଯାହା ଖର୍ଚ୍ଚ କରୁଛି, ତାହା ନିତାନ୍ତ ବାଧ୍ୟ ବାଧତାରେ କରୁଥିବାର ସୂଚନା ମିଳେ । ସେମାନଙ୍କର ନେତାମାନଙ୍କଠାରେ ବରାବର ଏହି କଥା ଶୁଣିବାକୁ ମିଳିଲା ଯେ, ସାମରିକ ପ୍ରତିଯୋଗିତା ଯଦି ନ ହୁଏ ଏବଂ ଆଣବିକ ବୋମାକୁ ନଷ୍ଟ କରିଦିଆଯାଏ, ତାହେଲେ ପ୍ରତିରକ୍ଷା ଖର୍ଚ୍ଚ ସାମାଜିକ ମଙ୍ଗଳ କାର୍ଯ୍ୟରେ ବ୍ୟୟ କରାଯାଇପାରନ୍ତା ।

ଯୁଦ୍ଧ ହେଲେ କେତେ ନଷ୍ଟ ହୁଏ, କିପରି ଭାବରେ ଧନଜୀବନ ଛାରଖାର ହୋଇଯାଏ, ମଣିଷର ଶ୍ରମ ଉପାର୍ଜିତ କଳକାରଖାନା, ସାଂସ୍କୃତିକ ବିଭବ ଓ ଜନତାର ଭବିଷ୍ୟତ ସ୍ୱପ୍ନ କିପରି ମୁହୂର୍ତ୍ତକେ ନଷ୍ଟ ହୋଇଯାଏ ଏବଂ ବିଗତ ବିଶ୍ୱଯୁଦ୍ଧରେ ରୁଷର କି ଭୟାନକ କ୍ଷତି ଘଟିଥିଲା ସେ ବିଷୟରେ ଧାରାବାହିକ ଆଲୋଚନା ଓ ତାତ୍ତ୍ୱିକ ବିଶ୍ଳେଷଣ ଏଠାରେ କରାଯାଏ । ରୁଷ୍‌ରେ ପ୍ରକାଶିତ ଗୋଟିଏ ବହି ପଢୁ ପଢୁ ଦେଖିବାକୁ ମିଳିଲା, ପୃଥିବୀରେ ଆଜିଯାଏଁ ଯେତେ ଯୁଦ୍ଧ ହୋଇଯାଇଛି ସେ ସବୁର ମୋଟ କ୍ଷତିର ପରିମାଣ ଏତେ ବେଶି ଯେ ସେହି ଖର୍ଚ୍ଚରେ ଶହେ ମାଇଲ ଚଉଡ଼ା ଓ

Digitized by PPRACHIN, SOA

ତେତିଶି ଫୁଟ ମୋଟା ଗୋଟିଏ ସୁନା ରାସ୍ତା ପୃଥିବୀର ବିଷୁବମଣ୍ଡଳକୁ ଥରେ ଘୂରି ଆସିପାରିବ । ତେଣୁ ଯୁଦ୍ଧ ମନୋଭାବ ବିରୁଦ୍ଧରେ ପ୍ରତ୍ୟେକ ସୋଭିଏଟ୍‌ବାସୀକୁ ସତର୍କ କରି ଦିଆଯାଏ । ତା ସଙ୍ଗେ ସଙ୍ଗେ ପ୍ରତ୍ୟେକ ସୋଭିଏଟ୍ ସୀମାକୁ ଦେଶରକ୍ଷା ଲାଗି ସଦାସର୍ବଦା ଜାଗ୍ରତ ରହିବା ପାଇଁ କୁହାଯାଏ । ଏମାନଙ୍କ ମତରେ ପୁଞ୍ଜିପତି ଦେଶମାନେ ସୋଭିଏଟ୍‌ର ଅଭୂତପୂର୍ବ ସାଫଲ୍ୟରେ ଏତେ ବେଶି ବିବ୍ରତ ହୋଇପଡ଼ିଛନ୍ତି ଯେ ସେମାନେ ଯଦି ପାରିବେ ସୋଭିଏଟ୍ ଦେଶକୁ ଧ୍ୱଂସ କରିବାକୁ ପଶ୍ଚାତପଦ ହେବେ ନାହିଁ । ତେଣୁ ସୋଭିଏଟ୍ ସମାଜକୁ ପୃଥିବୀରେ ସମାଜବାଦର ଭବିଷ୍ୟତ ଲାଗି ଓ ନିଜ ଦେଶର ସୁରକ୍ଷା ପାଇଁ ସାମ୍ରାଜ୍ୟବାଦୀ ଦେଶଗୁଡ଼ିକଠାରୁ ସାମରିକ ଶକ୍ତିରେ ମଧ୍ୟ ବଳୀୟାନ୍ ହେବାକୁ ହେବ । ତା ନହେଲେ ବିଶ୍ୱଶାନ୍ତି ଅସମ୍ଭବ । ସୋଭିଏଟ୍ ରୁଷ ଯଦି ପରମାଣୁ ଓ ଉଦ୍‌ଜାନ ବୋମାରେ ଶକ୍ତିଶାଳୀ ହୋଇ ନଥାନ୍ତା, ତାହେଲେ ବିଶ୍ୱଯୁଦ୍ଧ ଅନେକ ଦିନରୁ ଆରମ୍ଭ ହୋଇଯାଆନ୍ତାଣି । ଯୁଦ୍ଧ ଶେଷ ହେଲାବେଳକୁ ଯଦି ଆମେରିକା ହାତରେ ଯେଉଁ ଦିଓଟି ପରମାଣୁ ବୋମା ଥିଲା ତାହା ଜାପାନର ନିରୀହ ଜନବହୁଳ ବସତି ଉପରେ ଆମେରିକା ପୋପାଡ଼ି ଦେଇପାରିଲା—କାରଣ ପୃଥିବୀକୁ ବିଶେଷତଃ ରୁଷ୍‌କୁ ଦେଖାଇବାକୁ ଚାହିଲା ଯେ ଆମେରିକା ଯୁଦ୍ଧକ୍ଷେତ୍ରରେ କେତେ ଶକ୍ତିଶାଳୀ—ରୁଷ ହାତରେ ଏହି ବୋମା ନଥିଲେ ଆମେରିକା ଅନେକ ଦିନରୁ ଗଣତନ୍ତ୍ର ଓ ସ୍ୱାଧୀନତା ନାମରେ ରୁଷକୁ ଶେଷ କରିଦିଅନ୍ତାଣି ବୋଲି ଏମାନଙ୍କର ଦୃଢ଼ ବିଶ୍ୱାସ । ପୃଥିବୀର ଯେତେକ ପ୍ରତିକ୍ରିୟାଶୀଳ ଓ ଅତ୍ୟାଚାରୀ ଏକଛତ୍ରପତି ଶାସକ, ସବୁ ଆମେରିକାର ଅନ୍ତରଙ୍ଗ ବନ୍ଧୁ; ତେଣୁ ଆମେରିକା ଯେ ଅଣପୁଞ୍ଜିବାଦୀ ଦେଶକୁ ନିଃଶେଷ କରିଦେବାକୁ ଚାହେଁ, ଏଥିରେ ସନ୍ଦେହ ନାହିଁ ।

ରୁଷ ବିଶ୍ୱବିଦ୍ୟାଳୟର ଜଣେ ବିଶିଷ୍ଟ ଅଧ୍ୟାପକ କହିଲେ ଯେ ଆମେରିକାର ଧନକୁବେର ଓ ଅତ୍ୟନ୍ତ ପରାକ୍ରମଶାଳୀ ଏକଶହ ପରିବାର ଅତୀତର ପ୍ରତ୍ୟେକ ଛୋଟ ବଡ଼ ଯୁଦ୍ଧରେ ପ୍ରଭୂତ ଅର୍ଥ ଲାଭ କରିଛନ୍ତି । ତେଣୁ ଯୁଦ୍ଧ ସେମାନଙ୍କ ପାଇଁ ଲାଭଜନକ ଏବଂ ସେମାନଙ୍କର ସାମାଜିକ ସ୍ଥିତି ଲାଭ ଉପରେ ପ୍ରତିଷ୍ଠିତ । ସେମାନଙ୍କ ଯୋଗୁ ପୃଥିବୀରେ ଶହ ଶହ ଯୁଦ୍ଧଘାଟି ସୋଭିଏଟ୍ ରୁଷ ବିରୁଦ୍ଧରେ ସ୍ଥାପିତ ହୋଇଛି; କିନ୍ତୁ ପୃଥିବୀର ତଥା ଆମେରିକାର ସଂଖ୍ୟାଗରିଷ୍ଠ ଶାନ୍ତିପ୍ରିୟ ଲୋକ ଏବଂ ରୁଷ୍‌ର ଅସାଧାରଣ ସାମରିକ ଶକ୍ତି ଯୋଗୁ ଏମାନେ ବିଶ୍ୱଯୁଦ୍ଧ ଆରମ୍ଭ କରିବାକୁ ସାହସ କରିପାରୁନାହାନ୍ତି । ତେଣୁ ସୋଭିଏଟ୍ ରୁଷ ପୃଥିବୀର ଶାନ୍ତିପ୍ରିୟ ଦେଶମାନଙ୍କୁ ନିଜ ନିଜର ସ୍ୱାଧୀନତା ରକ୍ଷା ଲାଗି ଓ ବିଶ୍ୱଯୁଦ୍ଧ ବିରୁଦ୍ଧରେ ବରାବର ସାହାଯ୍ୟ କରିଆସିଛି । ସୁଏଜ୍ କେନାଲ୍ ଅଧିକାର ପାଇଁ ବ୍ରିଟିଶ ସରକାରଙ୍କର ଉଲଗ୍ନ ସାମରିକ ଆକ୍ରମଣ ବିରୁଦ୍ଧରେ ସୋଭିଏଟ୍ ରୁଷ୍‌ର ପ୍ରତ୍ୟକ୍ଷ ରଣହୁଙ୍କାର ଇଜିପ୍ଟକୁ ସେମାନଙ୍କ କବଳରୁ ରକ୍ଷା କରିପାରିଲା । ରୁଷ ଯୋଗୁଁ ସାମ୍ରାଜ୍ୟବାଦୀ ଦେଶମାନଙ୍କ ମଝିରେ ଅତି କ୍ଷୁଦ୍ର ଦେଶ କ୍ୟୁବା ସମାଜବାଦ ପ୍ରତିଷ୍ଠାରେ ସମର୍ଥ ହୋଇ ପାରିଛି ।

କ୍ରୁଶ୍ଚେଭଙ୍କ ସମୟରୁ ଆଜି ପର୍ଯ୍ୟନ୍ତ ରୁଷ ସରକାର ଆନ୍ତର୍ଜାତିକ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତିରେ ବିଶ୍ୱାସ କରିଆସିଛି । ଏମାନଙ୍କର ଦୃଢ଼ ବିଶ୍ୱାସ ଯେ ବର୍ତ୍ତମାନ ସୋଭିଏଟ୍ ରୁଷର ଯେଉଁ ବିରାଟ ସାମରିକ ଶକ୍ତି ଏବଂ ପୃଥିବୀର ଅଧିକାଂଶ ଲୋକଙ୍କର ଶାନ୍ତି ପ୍ରତିଷ୍ଠା ପାଇଁ ଯେପରି ବ୍ୟାକୁଳତା ପ୍ରକାଶ ପାଉଛି, ସେଥିରେ ବିଶ୍ୱଯୁଦ୍ଧକୁ ଏଡ଼ାଇ ଦିଆଯାଇପାରେ । ବର୍ତ୍ତମାନର ଆଣବିକ ଯୁଗରେ ବିଶ୍ୱଯୁଦ୍ଧ ଅର୍ଥ ଜୀବଜଗତର ସମୂଳ ବିନାଶ । ଯୁଦ୍ଧର ପ୍ରଥମ ଦିନରେ ହିଁ ଦଶକୋଟି ଲୋକଙ୍କର ପ୍ରାଣନାଶ ଘଟିବ—ବର୍ତ୍ତମାନ ଆମେରିକା ଓ ରୁଷ ହାତରେ ଯେତେ ପରମାଣୁ ଓ ଉଦ୍‌ଜାନ ବୋମା ରହିଛି ତଦ୍ୱାରା ପୃଥିବୀର ସମସ୍ତ ଜୀବଜଗତକୁ ବହୁବାର ଧ୍ୱଂସ କରାଯାଇପାରେ । ଏପରି ପରିସ୍ଥିତିରେ ଆମେରିକା ବିଶ୍ୱଯୁଦ୍ଧ କରିବା ପାଇଁ ସାହସ ନକରି ପାରେ; ତଥାପି ଯୁଦ୍ଧଖୋର ଆମେରିକାର କେତେ ଜଣଙ୍କର କ୍ଷଣିକ ପାଗଳାମି ଯୋଗୁ ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯିବାର ସମ୍ଭାବନା

Digitized by PPRACHIN, SOA

ମଧ୍ୟ ରହିଛି । ଆକସ୍ମିକ ଭାବରେ କିମ୍ବା ଭୁଲରେ ମଧ୍ୟ ଏହା ଘଟି ଯାଇପାରେ । ପୃଥିବୀ ଯେପରି ଗୋଟିଏ ବିରାଟ ବାରୁଦ ସ୍ତୂପ ଉପରେ ରହିଛି; ସାମାନ୍ୟ ଟିକିଏ ଭୁଲ୍‌ରେ ସର୍ବନାଶୀ ଧ୍ୱଂସଲୀଳା ଘଟିଯାଇପାରେ । ଏହି ଭୟାବହ ବିଶ୍ୱଯୁଦ୍ଧକୁ ଏଡ଼ିବା ପାଇଁ ସୋଭିଏତ୍ ରୁଷ ଆପ୍ରାଣ ଚେଷ୍ଟା କରିଆସିଛି ଏବଂ ଯୁଦ୍ଧ ନ ଲାଗିବାର ସମ୍ଭାବନା ଖୁବ୍ ବେଶି ବୋଲି ଏମାନଙ୍କର ଦୃଢ଼ ବିଶ୍ୱାସ । ଏହି ଗୋଟିଏ ମୁଖ୍ୟ କାରଣ ଯୋଗୁଁ ରୁଷ ସହିତ ଚାଇନାର ମତାନ୍ତର ଘଟିଛି । ଚାଇନାର ନେତାମାନେ ଭାବନ୍ତି ଯେ ପୃଥିବୀରେ ଗୋଟିଏ ହେଲେ ସାମ୍ରାଜ୍ୟବାଦୀ ଦେଶ ଥିଲାଯାଏ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ । ସୋଭିଏତ୍ ରୁଷ କହେ ଯେ, ସମାଜବାଦୀ ଦେଶସମୂହର ସାମରିକ ଓ ମୌଳିକ ଶକ୍ତି ଏବଂ ବିଶ୍ୱଜନତାର ଶାନ୍ତି ପ୍ରତି ଦୁର୍ଦ୍ଦମନୀୟ ଆଗ୍ରହ ଯୋଗୁ ବିଶ୍ୱଯୁଦ୍ଧ ଘଟି ନ ପାରେ-ତେଣୁ ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ଏବଂ ଏପ୍ରକାର ସହାବସ୍ଥାନ ଫଳରେ ଯୁଦ୍ଧ ସମ୍ଭାବନା ମଧ୍ୟ କମିଯିବ ।

କମ୍ୟୁନିଷ୍ଟମାନଙ୍କର ଦୃଢ଼ ବିଶ୍ୱାସ ଯେ, ପୃଥିବୀର ସବୁ ଦେଶରେ ଦିନେ ନା ଦିନେ ସମାଜବାଦ ପ୍ରତିଷ୍ଠିତ ହେବ ଏବଂ ସାମ୍ରାଜ୍ୟବାଦୀ ବିଶ୍ୱଯୁଦ୍ଧ ଚିରଦିନ ଲାଗି ଲୋପ ପାଇବ । କିନ୍ତୁ ଚୀନ୍ କମ୍ୟୁନିଷ୍ଟମାନେ କହନ୍ତି ଯେ ସାମ୍ରାଜ୍ୟବାଦୀ ଆମେରିକା ଥିବାଯାଏ ଯୁଦ୍ଧ ଅନିବାର୍ଯ୍ୟ ଏବଂ ଆଉ ଗୋଟିଏ ବିଶ୍ୱଯୁଦ୍ଧ ପରେ ସାମ୍ରାଜ୍ୟବାଦ ସଂପୂର୍ଣ୍ଣ ଲୋପ ପାଇଯିବ ଓ ଏହାର ଭସ୍ମାବଶେଷ ଉପରେ ନୂତନ ସମାଜବାଦ ବିଶ୍ୱବ୍ୟାପୀ ଦେଖାଯିବ । କିନ୍ତୁ ପୃଥିବୀବ୍ୟାପୀ ଆଣବିକ ସମର ଶ୍ମଶାନରେ ଆଉ କଣ ରହିବ ଯେ, ଯାହାକୁ ନେଇ ସମାଜବାଦ ଗଢ଼ା ହେବ– ଯାହା ବା ଅବଶେଷ ରହିପାରେ ସେଥିରେ ଆଦିମ ଯୁଗର ପ୍ରସ୍ତର-ଯୁଗୀୟ ସମାଜବାଦ ସମ୍ଭବ ହୋଇପାରେ । ଏହି ତଥାକଥିତ ବୈପ୍ଳବିକ ଦର୍ଶନରେ ଯେଉଁ ପ୍ରକାର ମାନବିକ ଦୟାମାୟାଶୂନ୍ୟ ନିର୍ମମ କଠୋରତା ପ୍ରକାଶ ପାଉଛି, ତାହା ରୁଷବାସୀଙ୍କ ମନରେ ଭୟଙ୍କର ପ୍ରତିକ୍ରିୟା ସୃଷ୍ଟି କରିଛି । ଏମାନଙ୍କ ମତରେ ବର୍ତ୍ତମାନ ସୁଦ୍ଧା ଯୁଦ୍ଧକୁ ରୋକିବାର କ୍ଷମତା ସମାଜବାଦୀ ଦେଶମାନଙ୍କରେ ଅଛି ଏବଂ ବିଶ୍ୱ ଦରବାରରେ ପୁଞ୍ଜିପତି ଓ ସାମ୍ରାଜ୍ୟବାଦୀ ଦେଶମାନଙ୍କର ମର୍ଯ୍ୟାଦା ବହୁତ କ୍ଷୁଣ୍ଣ ହୋଇଛି । ଏହି ନୀତିଗତ ବୈଷମ୍ୟ ଯୋଗୁ ଚାଇନା-ରୁଷ ଭିତରେ ଭୟଙ୍କର ମତଭେଦ ଦେଖାଦେଇଛି; କିନ୍ତୁ ରୁଷ୍‌ର ଏହି ଶାନ୍ତିନୀତି ସପକ୍ଷରେ କ୍ରମେ କ୍ରମେ ସାରା ପୃଥିବୀରେ ବେଶି ଲୋକମତ ପ୍ରକାଶ ପାଇବାର ଜଣାଯାଏ । ଅନୁନ୍ନତ ଚୀନର ଅସମ୍ଭବ ଭାବରେ ବୃଦ୍ଧି ପାଉଥିବା ଲୋକସଂଖ୍ୟାକୁ ରୋକିବା ପାଇଁ ଯେପରି ଯୁଦ୍ଧ ଛଡ଼ା ଅନ୍ୟ ଉପାୟ ନାହିଁ; କିନ୍ତୁ ଅତି ବିତ୍ତବଶାଳୀ ଏବଂ ବିଜ୍ଞାନ, ଶିକ୍ଷା ଓ ସଂସ୍କୃତିର ଶୀର୍ଷସ୍ଥାନ ଅଧିକାର କରିବାକୁ ଯାଉଥିବା ରୁଷ ଯେ ଯୁଦ୍ଧର ବହୁ ଦୂରରେ ରହିବାକୁ ଚାହେଁ, ଏହା ଅତି ସ୍ପଷ୍ଟ । ଏତେ ବଡ଼ ସଭ୍ୟତାର ପରିପୁଷ୍ଟି ପାଇଁ ରୁଷ ଶାନ୍ତି ଚାହେଁ ଏବଂ ଏ ବିଷୟରେ ପୃଥିବୀରେ ବୋଧହୁଏ କାହାରି ଅବିଶ୍ୱାସ ନାହିଁ ।

ଆମେରିକାର ଲାଭଖୋର ପୁଞ୍ଜିପତିମାନଙ୍କର ମଧ୍ୟ ଏ ବିଷୟରେ ସନ୍ଦେହ ନ ଥାଇପାରେ; କିନ୍ତୁ ଏମାନଙ୍କ ପାଇଁ ଯୁଦ୍ଧ ଓ ଲାଭ ଏପରି ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହୋଇପଡ଼ିଛି ଯେ ଯୁଦ୍ଧ-ପ୍ରବୃତ୍ତିକୁ ନିୟନ୍ତ୍ରଣ କରିବା ଏମାନଙ୍କ ପକ୍ଷରେ କଷ୍ଟ । କାରଣ ଏମାନଙ୍କର ପ୍ରତିଯୋଗିତା ମୂଳକ ପରିବେଶ ଓ ଅର୍ଥ ଉପରେ ପ୍ରତିଷ୍ଠିତ ସାମାଜିକ ସଂସ୍ଥା ଯୋଗୁଁ ଏପରି ଏକ ନିର୍ମମ ପରିବେଷ୍ଟନୀ ସୃଷ୍ଟି ହୋଇଛି ଯେ ଏହି ବାୟୁମଣ୍ଡଳରେ ଗଢ଼ିଉଠୁଥିବା ଅଧିକାଂଶ ଲୋକଙ୍କଠାରେ ଆକ୍ରମଣାତ୍ମକ ମନୋଭାବ, ବ୍ୟକ୍ତିଗତ ବ୍ୟର୍ଥତା ଯୋଗୁଁ ମାନସିକ ଅଶାନ୍ତି, ପାରସ୍ପରିକ ବିଦ୍ୱେଷ ଯୋଗୁଁ ମହାମାନବୀୟ ଆଦର୍ଶରେ ଅବିଶ୍ୱାସ ଦେଖା ଦେବା ସ୍ୱାଭାବିକ । ତଥାପି ବିଶ୍ୱଯୁଦ୍ଧରେ ସେମାନେ ନିଜେ ତିଷ୍ଠି ନ ପାରିବା ଭୟ ଯୋଗୁଁ ବଡ଼ଧରଣର ଯୁଦ୍ଧକୁ ଏଡ଼ାଇ ଭିଏତନାମ ଯୁଦ୍ଧ ପରି ପୃଥିବୀର କେତେକ ସ୍ଥାନରେ ଯୁଦ୍ଧ ଲାଗିରହିଥିଲେ ଏମାନଙ୍କର ଯଥାସମ୍ଭବ ଲାଭର ସମ୍ଭାବନା ରହିଥିବ । ସେହି କାରଣରୁ ଭିଏତନାମ ଯୁଦ୍ଧ ଶେଷ ହେବାକୁ ନାହିଁ; କାରଣ ଭିଏତନାମ ଯୁଦ୍ଧରେ ଏମାନଙ୍କର

Digitized by PPRACHIN, SOA

ହଜାର ହଜାର ନିରୀହ ଲୋକଙ୍କର ରକ୍ତାକ୍ତ ନିର୍ଯାତନାରୁ ଏମାନଙ୍କର ବ୍ୟବସାୟଗତ ଲାଭ । ପୃଥିବୀର ପ୍ରତ୍ୟେକ ଯୁଦ୍ଧରେ ମୁଷ୍ଟିମେୟ ସ୍ୱାର୍ଥାନ୍ୱେଷୀ ଲୋକଙ୍କର ଏପରି ଲାଭ ହୋଇଆସିଅଛି; କିନ୍ତୁ ପୁଞ୍ଜିପତି ସଂସ୍ଥାରେ ଏହି ଲାଭର ମାତ୍ରା ଅତି ବେଶି । ଯୁଦ୍ଧ ଏବଂ ବ୍ୟବସାୟଗତ ଲାଭ ଅଙ୍ଗାଙ୍ଗୀଭାବରେ ଜଡ଼ିତ ।

ଯୁଦ୍ଧ ହେଲେ ସୋଭିଏତ୍ ସମାଜର କାହାର ଲାଭ ହେବନାହିଁ । କାରଣ ପ୍ରତ୍ୟେକ ଲୋକର ଶ୍ରମ ସମାଜର ସମଷ୍ଟିଗତ ବ୍ୟବହାର ପାଇଁ ଉଦ୍ଦିଷ୍ଟ । ତେଣୁ ଏତେବର୍ଷ ଧରି ଖଟିଖିଆ ଜନତାର ଝାଳବୁହା ଶ୍ରମଫଳ ଧ୍ୱଂସ ହେବା ପାଇଁ କିଏ ଚାହିଁବ ! ବର୍ଷ ବର୍ଷ ଧରି ଅକ୍ଲାନ୍ତ ପରିଶ୍ରମ କରି ନିଜ ପାଇଁ ଗୋଟିଏ ଘର କରିଥିବା ଲୋକ କେବେ ଚାହିଁବ ନାହିଁ ଯେ ତାର ଘରଟି ହଠାତ୍ ଦିନେ ନଷ୍ଟ ହୋଇଯାଉ । ସେହିପରି ସୋଭିଏତ୍ ନାଗରିକର ଶ୍ରମଗତ ଫଳକୁ ନଷ୍ଟ କରିବା ପାଇଁ କୃଷକ ଓ ଶ୍ରମିକମାନଙ୍କର ସମାଜ ସଂସ୍ଥା କଦାପି ଚାହିଁବ ନାହିଁ । ବିଶ୍ୱଶାନ୍ତି ସହିତ ବ୍ୟକ୍ତିଗତ ଓ ସମଷ୍ଟିଗତ ସୁଖ-ସ୍ୱାଚ୍ଛନ୍ଦ୍ୟ ଏପରି ନିବିଡ଼ ଭାବରେ ଜଡ଼ିତ ହୋଇ ରହିଥିବାରୁ ସମାଜବାଦୀ ସମାଜର ମୌଳିକ ଆନ୍ତର୍ଜାତିକ ନୀତି ବିଶ୍ୱଶାନ୍ତି ଉପରେ ପ୍ରତିଷ୍ଠିତ ହେବାକୁ ବାଧ । ତେଣୁ ସାମରିକ ଖର୍ଚ୍ଚ ବିଷୟରେ କହିଲାବେଳେ ସେମାନେ କହନ୍ତି ଯେ ପ୍ରତ୍ୟେକ ଯୁଦ୍ଧ ଜାହାଜ ଓ ବୋମାବର୍ଷୀ ଉଡ଼ାଜାହାଜ ତିଆରି କରିବା ଅର୍ଥ ଗୋଟିଏ ସ୍କୁଲ ବା ଡାକ୍ତରଖାନା ବା ରହିବା ଘରରୁ ଆମେ ବଞ୍ଚିତ ହେଉଛୁ ।

ଗତ ପଚାଶ ବର୍ଷ ଧରି ଶାନ୍ତିନୀତିର ପ୍ରଚାର ଓ ଶିକ୍ଷା ଫଳରେ ସୋଭିଏତ୍ ରୁଷ୍‌ରେ ଜୀବନ ପ୍ରତି ଓ ମନୁଷ୍ୟର ସୁଖଶାନ୍ତି ଅଭିବୃଦ୍ଧି ଲାଗି ବିଜ୍ଞାନର ଶ୍ରେଷ୍ଠ ଅବଦାନ ପ୍ରତି ଲୋକଙ୍କର ଏପରି ଦୃଢ଼ ଆତ୍ମବିଶ୍ୱାସ ଦେଖାଦେଇଛି ଯେ ସାହିତ୍ୟରେ, ବିଜ୍ଞାନ ଗବେଷଣାରେ, କଳାସୃଷ୍ଟିରେ ତାହା ଅତି ବଳିଷ୍ଠ ଭାବରେ ଆତ୍ମପ୍ରକାଶ କରିଛି । ୟୁରୋପ, ଆମେରିକାର ଦୁଃଖବାଦୀ ଲେଖକମାନେ ଭବିଷ୍ୟତ ମନୁଷ୍ୟସମାଜ ବିଷୟରେ ଅତି କଦାକାର ଓ ନୈରାଶ୍ୟପୂର୍ଣ୍ଣ ଚିତ୍ର ଦେଲାବେଳେକୁ ସୋଭିଏତ୍ ରୁଷ୍‌ର କୌଣସି ସାହିତ୍ୟରେ କିମ୍ବା ସିନେମାରେ ଏ ପ୍ରକାର ଆତ୍ମଘାତୀ ବ୍ୟର୍ଥତା ଦେଖିବାକୁ ମିଳେନାହିଁ ।

ଆଣ୍ଡ୍ରୋମିଡ଼ା ନାମକ ଗୋଟିଏ ବୈଜ୍ଞାନିକ ଉପନ୍ୟାସରେ ଭବିଷ୍ୟତ ମାନବସମାଜ ବିଷୟରେ ଏପରି ଗୋଟିଏ ବଳିଷ୍ଠ ଓ ଅନୁପ୍ରାଣିତ ଚିତ୍ର ଫୁଟା ହୋଇଛି ଯେ, ତାହା ଯେ କୌଣସି ଲୋକକୁ ଉଦ୍‌ବୁଦ୍ଧ କରିବ । ସେଥିରେ ସ୍ୱାମୀ ସ୍ତ୍ରୀ ଦୁଇଜଣ ପୃଥିବୀକୁ ଚିରଦିନ ପାଇଁ ଛାଡ଼ି ଆଣ୍ଡ୍ରୋମିଡ଼ା ନକ୍ଷତ୍ର ଉଦ୍ଦେଶ୍ୟରେ ଅନ୍ତରୀକ୍ଷଯାତ୍ରା କରିବାକୁ ବାହାରିଛନ୍ତି ଏବଂ ସେମାନଙ୍କୁ ସେଠାରେ ପହଞ୍ଚିବାକୁ ଏତେ ସମୟ ଲାଗିବ ଯେ ଆଉ ଥରେ ଫେରିବା ତାଙ୍କ ଜୀବଦ୍ଦଶାରେ ସମ୍ଭବ ନୁହେଁ । ତେଣୁ ସେମାନଙ୍କର ପିଲାଏ ପୃଥିବୀକୁ ଫେରି ଆଣ୍ଡ୍ରୋମିଡ଼ା ବିଷୟରେ ଖବର ଦେବେ । ପୃଥିବୀ ଛାଡ଼ିଲା ବେଳକୁ ଭଦ୍ରମହିଳାଙ୍କର ଟିକିଏ ମନ ଖରାପ ହେଲା ଯେ ଏଡ଼େ ସୁନ୍ଦର ପୃଥିବୀକୁ ସେମାନେ ଆଉ ଫେରିପାରିବ ନାହିଁ—କିନ୍ତୁ ତାଙ୍କ ସ୍ୱାମୀ କହିଲେ ଯେ, ଅତୀତର ମାନବଜାତିର ଚରମ ସ୍ୱାର୍ଥ ତ୍ୟାଗ ଯୋଗୁଁ ସେମାନେ ସଭ୍ୟତାର ସେହି ଉଚ୍ଚ ସ୍ଥାନରେ ଆସି ପହଞ୍ଚିଛନ୍ତି । ତେଣୁ ସେମାନଙ୍କର ସ୍ୱାର୍ଥ ତ୍ୟାଗ ଉପରେ ଭବିଷ୍ୟତ ମାନବସମାଜର ସାଫଲ୍ୟ ନିର୍ଭର କରେ । ଏହାପରେ ଉଭୟ ଅନ୍ତରୀକ୍ଷ ଯାନରେ ବସି ମୁହୂର୍ତ୍ତକ ମଧ୍ୟରେ ମହାଶୂନ୍ୟ ଗର୍ଭରେ ଲୁଚିଗଲେ—ପୃଥିବୀ ଅପେକ୍ଷା କରି ରହିଲା ସେମାନଙ୍କର ପିଲାମାନଙ୍କଠାରୁ ସୁଦୂର ନକ୍ଷତ୍ର ଆଣ୍ଡ୍ରୋମିଡ଼ା ବିଷୟରେ ଜ୍ଞାନ ଅର୍ଜନ କରିବା ପାଇଁ । ଏ ପ୍ରକାର ଆଦର୍ଶ କେବଳ ସମାଜବାଦୀ ଦେଶରେ ହିଁ ସମ୍ଭବ ଏବଂ ଏହି ଆଦର୍ଶ ଯେଉଁ ମନୁଷ୍ୟମାନଙ୍କଠାରେ ରହିଛି, ସେମାନେ କଦାପି ଚାହିଁବେ ନାହିଁ ସାରା ମନୁଷ୍ୟ ସମାଜକୁ ବିନା କାରଣରେ ଉଦ୍‌ଜାନ ବୋମାରେ ବାଷ୍ପୀଭୂତ କରିଦେବା ପାଇଁ ।

ସୋଭିଏତ ରୁଷ ଯେକୌଣସି ଆକ୍ରମଣକୁ ପ୍ରତିହତ କରିବା ପାଇଁ ପ୍ରସ୍ତୁତ ଥିଲେ ମଧ୍ୟ ଆମେରିକା ପରି ଅନ୍ୟ ଦେଶକୁ ଆକ୍ରମଣ କରିବାର ବ୍ୟାପକ ଯୋଜନା ନ ଥିବାରୁ ଏହାର

Digitized by PPRACHIN, SOA

ପ୍ରତିରକ୍ଷା ଖର୍ଚ୍ଚ ଆମେରିକାର ସାମରିକ ଖର୍ଚ୍ଚଠାରୁ କମ୍ । ଏହା ୧୯୬୪ ମସିହାର ମୋଟ ବଜେଟ୍‌ର ଅଟକଳ ୯୧୩୮ କୋଟି ରୁବଲ୍ ଥିଲା; ସେଥିରୁ ୩୮୭୪ କୋଟି ଭାରୀଶିଳ୍ପ ପ୍ରତିଷ୍ଠାନ ପାଇଁ, ୩୨୮୦ କୋଟି ରୁବଲ୍ ଶିକ୍ଷା, ବିଜ୍ଞାନ ଓ ଅନ୍ୟାନ୍ୟ ସଂସ୍କୃତିକ ବିଭାଗ ପାଇଁ ଏବଂ ୧୩୨୮ କୋଟି ରୁବଲ୍ ପ୍ରତିରକ୍ଷା ପାଇଁ ବ୍ୟୟ ହୋଇଥିଲା । କିନ୍ତୁ ଆମେରିକାରେ ୬୦୦୦ କୋଟି ଡଲାର କେବଳ ସାମରିକ ବିଭାଗ ପାଇଁ ଖର୍ଚ୍ଚ ହେଉଛି । ସେଥିରୁ ୧୩୦୦ କୋଟି ଡଲାର କେବଳ ଭିଏତନାମ୍ ଯୁଦ୍ଧ ପାଇଁ ଖର୍ଚ୍ଚ ହେଉଛି; ଅଥଚ ଆମେରିକାର କୋଟିଏ ଅଶୀଲକ୍ଷ ନିଗ୍ରୋ ଧଳାଲୋକଙ୍କର ନଭଶ୍ଚୁମ୍ବୀ ପ୍ରାସାଦ କଡ଼ରେ ଭଙ୍ଗା ଘରେ ସଢୁଛନ୍ତି; କାରଣ ସେମାନଙ୍କ ପାଇଁ ଘର ତିଆରିରେ ପୁଞ୍ଜିପତିର ମୁନାଫା ନାହିଁ !

ସମାଜବାଦୀ ବିପ୍ଳବ ହେଲା ଦିନରୁ ଯୁଦ୍ଧ ବିରୁଦ୍ଧରେ ସୋଭିଏତ୍ ସମାଜର ନୀତିଗତ ଆଦର୍ଶ ଏପରି ଭାବରେ ବଦ୍ଧମୂଳ ହୋଇଯାଇଛି ଯେ, ଯେକୌଣସି ବ୍ୟକ୍ତି ସୋଭିଏତ୍ ରୁଷ ପରିଭ୍ରମଣରେ ଗଲେ ତାହା ସହଜରେ ଉପଲବ୍ଧି କରିପାରେ । ଆମେମାନେ ହେଲିସିଙ୍କିରେ ଅନୁଷ୍ଠିତ ହେଉଥିବା ବିଶ୍ୱଶାନ୍ତି କଂଗ୍ରେସରେ ଯୋଗ ଦେବାକୁ ଯାଉଥିବାରୁ ଆମ ପ୍ରତି ସେଠାର ସାଧାରଣ ଲୋକଙ୍କର ସମ୍ମାନ ଓ ଶ୍ରଦ୍ଧା ଖୁବ୍ ବେଶି ପ୍ରକାଶ ପାଇଥିଲା । ଯେଉଁଆଡ଼େ ଆମେ ଯାଉ, ସବୁଠି ଆମକୁ ଖୁବ୍ ଆଦର କରାହୁଏ ଏବଂ ପ୍ରତ୍ୟେକ ଅଭ୍ୟର୍ଥନାରେ ସୋଭିଏତ୍ ଜନତା କାହିଁକି ଶାନ୍ତି ଚାହେଁ— ସେ ବିଷୟରେ ଆମକୁ ବୁଝାଇବାକୁ ଚେଷ୍ଟା କରାହେଉଥାଏ । ଛୋଟ ଛୋଟ ସ୍କୁଲପିଲା ବିଶ୍ୱଶାନ୍ତି ଓ ଆନ୍ତର୍ଜାତିକ ମୈତ୍ରୀ ବିଷୟରେ ଗୀତ ଗାଇ ନାଚି ନାଚି ଆମକୁ ଅଭ୍ୟର୍ଥନା ଜଣାଉଥାଆନ୍ତି । ସ୍ଥାନେ ସ୍ଥାନେ କୃଷକ ଓ ଶ୍ରମିକ ସ୍ତ୍ରୀ ପୁରୁଷମାନଙ୍କର ସବଳ ହାତରୁ ଶାନ୍ତିକପୋତ ଉଡ଼ାଇବାର ପ୍ରତିମୂର୍ତ୍ତିମାନ ରହିଛି । ଆହୁରି କେତେକ ସ୍ଥାନରେ ଇସ୍ପାତ ପରି ଶକ୍ତିଶାଳୀ ହାତମୁଠା ଉଠାଇ ଆନ୍ତର୍ଜାତିକ ମୈତ୍ରୀ ଓ ସାରା ପୃଥିବୀର ଖଟିଖିଆ ଜନତାର ସୌହାର୍ଦ୍ଦ୍ୟ ଘୋଷଣା କରୁଥିବା ବିରାଟ ପଥର ଓ ଇସ୍ପାତ ମୂର୍ତ୍ତି । ଆଉ କେଉଁଠି କୃଷକ ହାତରେ ଶସ୍ୟକେଣ୍ଡା, ଶ୍ରମିକର ବଜ୍ରମୁଷ୍ଟି ଭିତରେ ବିରାଟ ଦାଆ-ହାତୁଡ଼ି ଥିବା ଶ୍ରମର ଦୁର୍ଦ୍ଦମନୀୟ ସାଫଲ୍ୟର ନିଦର୍ଶନ ସ୍ୱରୂପ ପ୍ରତିମୂର୍ତ୍ତିମାନ ନାନାଭଙ୍ଗୀରେ ଠିଆ କରାହୋଇଛି ।

ଚାରିଆଡ଼େ ଏ ଧରଣର ଶାନ୍ତିର ପ୍ରଦର୍ଶନୀ, ଶିକ୍ଷା ନିର୍ଘଣ୍ଟରେ ଶାନ୍ତିନୀତିର ପ୍ରତିଷ୍ଠା, ସ୍କୁଲ-କଲେଜରେ ବିଶ୍ୱଶାନ୍ତିର ଜୟଗାନ—ସମାଜବାଦୀ ଦର୍ଶନରେ ଶାନ୍ତିର ଚରମ ଅଭିବ୍ୟକ୍ତି ଦେଖିଲା ପରେ ସୋଭିଏତ ସମାଜର ଶାନ୍ତିନୀତି ଯେ ଗୋଟିଏ ମୌଳିକ ଉପାଦାନ— ଅଗ୍ରଗାମୀ ବଳିଷ୍ଠ ଜୀବନର ଏହା ଗୋଟିଏ ଶକ୍ତିଶାଳୀ ପ୍ରେରଣାର ଉତ୍ସ, ଏଥିରେ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ । ବିଶ୍ୱଇତିହାସକୁ ସୋଭିଏତ୍ ସମାଜବାଦୀ ସମାଜର ଏହା ଗୋଟିଏ ବିରାଟ ଅବଦାନ । ମନେହୁଏ, ନିକଟ ଭବିଷ୍ୟତରେ ପୃଥିବୀର ଅଧିକାଂଶ ଦେଶରେ ସମାଜବାଦୀ ସମାଜ ଗଢ଼ିଉଠିଲା ପରେ ମାର୍କସ୍, ଲେନିନ୍, ଗାନ୍ଧୀ, ବୁଦ୍ଧ ଓ ମନୁଷ୍ୟ ପ୍ରତି ଅପାର କରୁଣା ଥିବା ଅସଂଖ୍ୟ ଚିନ୍ତାନାୟକଙ୍କର ଭବିଷ୍ୟତ ସ୍ୱପ୍ନ ସତ୍ୟରେ ପରିଣତ ହେବ ଏବଂ ଯୁଦ୍ଧ ଚିରକାଳ ଲାଗି ମନୁଷ୍ୟ-ଇତିହାସରୁ ଲିଭିଯିବ । ସେତେବେଳେ ଯାଇ ପ୍ରକୃତ ମାନବୀୟ ସଭ୍ୟତାର ନୂତନ ଯୁଗ ଆରମ୍ଭ ହେବ । ଆଜି ପର୍ଯ୍ୟନ୍ତ ମନୁଷ୍ୟ ଇତିହାସର ଅସଭ୍ୟ, ଅସଂସ୍କୃତ ଓ ଜାନ୍ତବୀୟ ଯୁଗରେ ଆମେମାନେ ବାସ କରୁଛେ । ତା ନହେଲେ କେତେ କମ୍ ଖର୍ଚ୍ଚରେ କେତେ ବେଶି ଲୋକ ମାରିହେବ- କେଉଁ କେଉଁଠି ଯୁଦ୍ଧ ହେଲେ ଲାଭର ମାତ୍ରା ବେଶି ହେବ- ସେ ବିଷୟରେ ଯୋଜନା ହୁଅନ୍ତା ନାହିଁ । ପରମାଣୁ ବୋମା ୟୁରୋପର ଧଳାଲୋକଙ୍କ ଉପରେ ନ ପକାଇ ଏସିଆର ହଳଦିଆ ଲୋକଙ୍କ ଉପରେ ପକାଇ ରାଜନୈତିକ ଫାଇଦା ଉଠାଇବାର ଯୋଜନା ତଥା କଳ୍ପନା କରଯାଇପାରନ୍ତା ନାହିଁ ।

■■■

Digitized by PPRACHIN, SOA

ଉନ୍ନୟନଶୀଳ ଦେଶର ବନ୍ଧୁ

ସାମ୍ରାଜ୍ୟବାଦୀଙ୍କ କବଳରୁ ସଦ୍ୟମୁକ୍ତ ଉନ୍ନୟନଶୀଳ ଦେଶଗୁଡ଼ିକ ଉନ୍ନତତର ଦେଶଗୁଡ଼ିକ ଉପରେ ଶିଳ୍ପ ବିକାଶ ଓ ବୈଷୟିକ ଶିକ୍ଷା ପାଇଁ ବିଶେଷ ଭାବରେ ନିର୍ଭର କରନ୍ତି । ଆମେରିକା, ୟୁରୋପୀୟ ଦେଶସମୂହ, ଜାପାନ ତଥା ସୋଭିଏତ୍ ରୁଷ ପ୍ରଭୃତି ଉନ୍ନତ ଦେଶଗୁଡ଼ିକ ବିଭିନ୍ନ ଉପାୟରେ ଏମାନଙ୍କୁ ସାହାଯ୍ୟ କରୁଛନ୍ତି । କିନ୍ତୁ ଅନ୍ୟାନ୍ୟ କ୍ଷେତ୍ରରେ ସୋଭିଏତ୍ ରୁଷର ଦୃଷ୍ଟିକୋଣ ପାଶ୍ଚାତ୍ୟ ଦେଶମାନଙ୍କଠାରୁ ଯେପରି ଅଲଗା । ରୁଷ ଓ ପାଶ୍ଚାତ୍ୟ ଦେଶମାନଙ୍କର ସାହାଯ୍ୟ ଦାନ ସଂପର୍କରେ ମଧ୍ୟ ବିଶେଷ ପାର୍ଥକ୍ୟ ପରିଲକ୍ଷିତ ହୁଏ । ପୁଞ୍ଜିପତି ଦେଶମାନେ ବିଶେଷତଃ ଆମେରିକା ଭାରତର ଲାଭଖୋର ପୁଞ୍ଜିପତିମାନଙ୍କ ଜରିଆରେ ସାହାଯ୍ୟ କରିବା ପାଇଁ ବ୍ୟଗ୍ର; କିନ୍ତୁ ସୋଭିଏତ୍ ରୁଷ ଆମର ଜାତୀୟକରଣ ଅନୁଷ୍ଠାନ ମାଧ୍ୟମରେ ଲୋକଙ୍କର ପ୍ରକୃତ ଉପକାର ଲାଗି ସାହାଯ୍ୟ ଦେବା ପାଇଁ ଆଗଭର । ଖାଲି ସେତିକି ନୁହେଁ, ରୁଷ ଭାରତକୁ ଯେତିକି ସାହାଯ୍ୟ ଦେଉଛି ସେସବୁ ଗୁରୁଶିଳ୍ପ ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ । ଭାରୀ ଯନ୍ତ୍ରପାତି ତିଆରି, ତେଲ ନିଷ୍କାସନ, ଡ୍ରାକ୍ଟର ଓ ଔଷଧ କାରଖାନା ପ୍ରଭୃତି ମୌଳିକ ଶିଳ୍ପ ଅନୁଷ୍ଠାନ ପାଇଁ ସୋଭିଏତ୍ ସରକାର ସାହାଯ୍ୟ ଦେଉଛନ୍ତି । ଭାରତର ପ୍ରତିରକ୍ଷା ବିଭାଗ ପାଇଁ ମିଗ୍ ଉଡ଼ାଜାହାଜ ତିଆରି କାରଖାନା ପ୍ରତିଷ୍ଠା କରିବା ହେଉଛି ସୋଭିଏତ୍ ରୁଷର ଗୋଟିଏ ଅତି ବିଶିଷ୍ଟ ଅବଦାନ । ଆଜି ପର୍ଯ୍ୟନ୍ତ ଏ ପ୍ରକାର ସାମରିକ ଜେଟ୍ ଉଡ଼ାଜାହାଜ ତିଆରି ପାଇଁ ଆଉ କୌଣସି ଦେଶ ଏପରି ଭାବରେ ସାହାଯ୍ୟ କରିବାକୁ ରାଜି ହୋଇ ନଥିଲେ । ସାମରିକ ଉଡ଼ାଜାହାଜ ଅନ୍ୟ ଦେଶଠାରୁ କିଣି ଆଣି ଯୁଦ୍ଧ କରିବାଠୁ ବଳି ଲଜ୍ଜାକର ତଥା ବିପଦଜନକ ଘଟଣା ଆଉ କିଛି ହୋଇ ନପାରେ । ଭାରତ ପରି ଅଣସମାଜବାଦୀ ଦେଶରେ ଯୁଦ୍ଧ ଉଡ଼ାଜାହାଜ ତିଆରି କାରଖାନା ବସାଇବା ଯୋଗୁ ଚୀନ୍ ରୁଷ ଉପରେ ଅତ୍ୟନ୍ତ ବିରକ୍ତ; ତଥାପି ରୁଷ ଭାରତକୁ ଏ ଦିଗରେ ସ୍ୱାବଲମ୍ବୀ କରିବା ପାଇଁ ଅଗ୍ରସର ହେଲା । କାରଣ ଭାରତ ପରି ଶାନ୍ତିକାମୀ ନିରପେକ୍ଷ ଦେଶମାନଙ୍କ ପ୍ରତି ରୁଷର ଗଭୀର ଶ୍ରଦ୍ଧା ରହିଛି । ସେହିଯୋଗୁଁ ରୁଷ ଭାରତର ଭାରୀ ଶିଳ୍ପ ଓ ବୈଷୟିକ ଶିକ୍ଷା ଯୋଜନାକୁ ଯେ କେବଳ କାର୍ଯ୍ୟକାରୀ କରାଉଛି ତା ନୁହେଁ, ଭାରତର କାଶ୍ମୀର ନୀତି ସପକ୍ଷରେ ନିରାପତ୍ତା କାଉନସିଲରେ ବରାବର ନିଜର ସାର୍ବଭୌମ ଅଧିକାରଗତ ଭୋଟ (ଭିଟୋ) ଦେବା ଫଳରେ ପାକିସ୍ତାନକୁ ସାହାଯ୍ୟ କଲାଭଳି ପାଶ୍ଚାତ୍ୟ ଶକ୍ତିମାନଙ୍କର ମିଳିତ ଉଦ୍ୟମକୁ ପଣ୍ଡ କରିଆସିଛି । ସେଥିପାଇଁ ରୁଷ ଭାରତ ମୈତ୍ରୀ ଅତି ନିବିଡ଼ ହୋଇପାରିଛି ।

ସୋଭିଏତ୍ ରୁଷର ଅର୍ଥନୈତିକ ସାହାଯ୍ୟର ଗୋଟିଏ ପ୍ରଧାନ ବିଶେଷତ୍ୱ ହେଉଛି ଯେ ନିକଟରେ ସ୍ୱାଧୀନତା ପାଇଥିବା ଉନ୍ନୟନଶୀଳ ଦେଶଗୁଡ଼ିକୁ ଗୁରୁଶିଳ୍ପ ସ୍ଥାପନରେ ସବୁପ୍ରକାର ସାହାଯ୍ୟ କରିବା । ତାହେଲେ ସେମାନେ କ୍ରମେ କ୍ରମେ ଶିଳ୍ପକ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ।

Digitized by PPRACHIN, SOA

ତାଛଡ଼ା ଏହି ସାହାଯ୍ୟ ପଛରେ ପାଶ୍ଚାତ୍ୟ ପୁଞ୍ଜିପତିଙ୍କ ପରି ଲାଭ କରିବା ଅଭିସନ୍ଧି ନଥିବାରୁ ଶତକଡ଼ା ମାତ୍ର ଅଢ଼େଇଟଙ୍କା ସୁଧରେ ଋଣ ମିଳୁଛି । ଏହି ଋଣ ମଧ୍ୟ ଭାରତୀୟ ମୁଦ୍ରା ଆକାରରେ ଶୁଝାଯାଇପାରୁଛି; ଅର୍ଥାତ୍ ଭାରତରୁ ଚା, ଝୋଟ, ଜୋତା, କଦଳୀ ଛୋଟଛୋଟ ଶିଳ୍ପଜାତ ଯନ୍ତ୍ରପାତି ପ୍ରଭୃତି କିଣି ସେହି ଋଣ ପରିଶୋଧ ପାଇଁ ରୁଷ ସହିତ ଭାରତର ରାଜିନାମା ହୋଇଛି । ବ୍ୟକ୍ତିବିଶେଷଙ୍କଠାରେ ଲାଭ ଉଠାଇବା ମନୋଭାବ ନଥିବାରୁ କାରଖାନା ପ୍ରତିଷ୍ଠା ପାଇଁ ଯେଉଁ କାରିଗର ଓ ବୈଜ୍ଞାନିକମାନେ ରୁଷ ଦେଶରୁ ଆସୁଛନ୍ତି, ସେମାନେ ଭାରତୀୟଙ୍କୁ ବହୁତ ଆଗ୍ରହର ସହିତ ଶିକ୍ଷା ଦେଉଛନ୍ତି । କାରଣ ସେମାନେ ନିଜ ଦେଶକୁ ଅତିଶୀଘ୍ର ଫେରିଯିବାକୁ ଇଚ୍ଛୁକ; କିନ୍ତୁ ପାଶ୍ଚାତ୍ୟ ଦେଶର ଇଞ୍ଜିନିୟର ଓ କାରିଗରମାନେ ବେଶି ଦରମା ନେଇ ଏଠାରେ ବେଶିବର୍ଷ ରହିବାକୁ ଆଗ୍ରହୀ । ତେଣୁ ରାଉରକେଲା ପ୍ରଭୃତି କାରଖାନାରେ ସେମାନେ ନାନାଧରଣର କାରିଗରି ଶିକ୍ଷା ବଡ଼ ଗୁପ୍ତ ରଖନ୍ତି । ତା'ଫଳରେ ଏମାନଙ୍କ ସଂଖ୍ୟା ବର୍ଷକୁ ବର୍ଷ ବଢ଼େ ସିନା, କମେ ନାହିଁ । କିନ୍ତୁ ଭିଲାଇରେ ରୁଷ ବିଶେଷଜ୍ଞଙ୍କ ସଂଖ୍ୟା ବହୁତ କମିଯାଇଛି । ରୁଷ ସରକାର ବରାବର କହିଆସିଛନ୍ତି ଯେ ବେଶି ସଂଖ୍ୟାରେ ଭାରତୀୟ ବିଶେଷଜ୍ଞମାନେ ରୁଷ ଦେଶକୁ ଯାଇ କାରଖାନା ଚଳାଇବା ପାଇଁ ଯେତେ ସମୟ ଧରି ଶିକ୍ଷା କରିବା ଦରକାର, ସେତିକି ସମୟ ସେଠାରେ ସେମାନଙ୍କର ରହିବା ଉଚିତ; କିନ୍ତୁ ଭାରତ ସରକାର ସେମାନଙ୍କୁ ଅତି ଶୀଘ୍ର ନେଇ ଆସୁଛନ୍ତି । ତା'ଫଳରେ ରୁଷ ବିଶେଷଜ୍ଞମାନଙ୍କୁ ଭାରତରେ ବେଶି ସମୟ ରହିବାକୁ ପଡୁଛି । ଏଥିରୁ ଜଣାଯାଏ, ସେମାନେ ଭାରତୀୟମାନଙ୍କୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ କିପରି ଆଗ୍ରହୀ ।

ରୁଷ ବିଶେଷଜ୍ଞମାନେ ଭାରତରେ ଯେପରି ଚଳନ୍ତି, ଯେପରି ଭାବରେ ଭାରତୀୟଙ୍କ ସହିତ ମିଳିମିଶି ସବୁକାମ କରନ୍ତି, ଅନ୍ୟ କୌଣସି ପାଶ୍ଚାତ୍ୟ ଦେଶର ଲୋକେ ସେପରି ଭାବରେ ମିଳିମିଶି ଚଳିବାର ଦେଖାଯାଏ ନାହିଁ । ରାଉରକେଲାରେ ଜର୍ମାନମାନଙ୍କ ପାଇଁ ଅଲଗା ଡାକ୍ତରଖାନା, ଅଲଗା ଯାନବାହନ, କ୍ଲବ୍ ପ୍ରଭୃତି ରହିଛି; କିନ୍ତୁ ଭିଲାଇରେ ଏ ସବୁ କିଛି ନାହିଁ । ରୁଷ ଲୋକଙ୍କର ଏ ପ୍ରକାର ମୈତ୍ରୀ ମନୋଭାବ ଓ ଭାରତୀୟ ଶିଳ୍ପ-ବିପ୍ଳବର୍ଗେ ଆନ୍ତରିକ ସାହାଯ୍ୟ ପଛରେ ଯେଉଁ ବିରାଟ ମାନବୀୟ ଓ ଅନ୍ତର୍ଜାତୀୟ ଆଦର୍ଶ ରହିଛି, ତାହା ପୁଞ୍ଜିପତି ଦେଶରେ ସମ୍ଭବ ନୁହେଁ । ବହୁବର୍ଷ ଧରି ବୋକାରୋ ଇସ୍ପାତ କାରଖାନା ପାଇଁ ଭାରତ ସରକାରଙ୍କୁ ଆମେରିକା ପଛରେ ଗୋଡ଼ାଇବାକୁ ପଡ଼ିଲା; କିନ୍ତୁ ଶେଷରେ ବ୍ୟର୍ଥ-ମନୋରଥ ହେବାକୁ ପଡ଼ିଲା । ରୁଷ ଏ ବିରାଟ ଉଦ୍ୟମରେ ସାହାଯ୍ୟ କରିବାକୁ ରାଜି ହେଲା । ସେହିପରି ଭାରତର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବିଦେଶୀ ଗୁରୁଶିଳ୍ପ ପ୍ରତିଷ୍ଠାନ ରୁଷ ସାହାଯ୍ୟରେ କାର୍ଯ୍ୟକାରୀ ହେଉଛି । ପେଟ୍ରୋଲ ସାମ୍ରାଜ୍ୟବାଦୀମାନେ ଭାରତରେ ତେଲ ନାହିଁ ବୋଲି ପ୍ରଚାର ଚଳାଇଥିଲେ; କିନ୍ତୁ ରୁଷ ବିଶେଷଜ୍ଞମାନେ ଆସି ତେଲର ସନ୍ଧାନ କରିଦେବା ଫଳରେ ବର୍ତ୍ତମାନ ଭାରତର ଜାତୀୟକରଣ ତୈଳ ବିଶୋଧନ ସଂସ୍ଥା ବର୍ଷକୁ ଷାଠିଏ ସତୁରି କୋଟି ଟଙ୍କାର ବୈଦେଶିକ ମୁଦ୍ରାରୁ ଭାରତକୁ ରକ୍ଷା କରିପାରିଛି ଏବଂ ଆସନ୍ତା କେତେବର୍ଷ ଭିତରେ ଭାରତ ଏ ଦିଗରେ ସମ୍ପୂର୍ଣ୍ଣ ଭାବରେ ସ୍ୱାବଲମ୍ବୀ ହୋଇପାରିବ ବୋଲି ଆଶା କରୁଛି ।

ସୋଭିଏଟ୍ ରୁଷର ସାହାଯ୍ୟ କେବଳ ଭାରତକୁ ମିଳୁଛି ତା ନୁହେଁ, ଭାରତ ପରି ଅନ୍ୟାନ୍ୟ ଶାନ୍ତିକାମୀ ନିରପେକ୍ଷ ରାଷ୍ଟ୍ରଗୁଡ଼ିକ ମଧ୍ୟ ଏପ୍ରକାର ସାହାଯ୍ୟ ପାଇଆସୁଛନ୍ତି । ଇଜିପ୍ଟର ରାଷ୍ଟ୍ରପତି ନାସେର ନିରପେକ୍ଷ ନୀତିକୁ ବେଶି ପସନ୍ଦ କରୁଥିବାରୁ ଏବଂ ଇଜିପ୍ଟର ସୁଏଜ କେନାଲର କର୍ତ୍ତୃତ୍ୱ ଇଂରେଜମାନଙ୍କ ହାତରୁ ନେଇଯିବାରୁ ଇଜିପ୍ଟକୁ କୌଣସି ପ୍ରକାର ସାହାଯ୍ୟ ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କରୁ ମିଳିଲା ନାହିଁ । ନାଇଲ ନଦୀରେ ଅଶ୍ୱାନ ବନ୍ଧ ପକାଇବା ପାଇଁ ଇଜିପ୍ଟ ବହୁ ଦେଶର ଦ୍ୱାରସ୍ଥ ହେଲା; କିନ୍ତୁ ଏଥିପାଇଁ ତାକୁ କେହି ସାହାଯ୍ୟ କଲେ ନାହିଁ ।

Digitized by PPRACHIN, SOA

ଶେଷରେ ଖର୍ଚ୍ଚବହୁଳ ଏହି ପୃଥିବୀ ବିଖ୍ୟାତ ବନ୍ଧ ବର୍ତ୍ତମାନ ରୁଷିଆ ସାହାଯ୍ୟରେ ତିଆରି ଚାଲିଛି । ଏହାର ଉଚ୍ଚତା ୧୧୦ ମିଟର, ଲମ୍ବ ୪ କିଲୋମିଟର ଏବଂ ଏହାଦ୍ୱାରା ୫୦୦ବର୍ଗ କିଲୋମିଟରର ଗୋଟିଏ ହ୍ରଦ ତିଆରି ହୋଇପାରିବ ।

ଏହିପରି ଭାବରେ ଉନ୍ନୟନଶୀଳ ଦେଶଗୁଡ଼ିକର ଆର୍ଥିକ ଉନ୍ନତି ପାଇଁ ରୁଷ ଯଥାସାଧ୍ୟ ସାହାଯ୍ୟ କରୁଅଛି । ୧୯୬୪ ସୁଦ୍ଧା ଏହିପରି ୫୦୦ଟି ବଡ଼ ବଡ଼ ଶିଳ୍ପ ଯୋଜନା ଏସିଆ ଆଫ୍ରିକା ମହାଦେଶରେ ସୋଭିଏତ୍ ରୁଷ ସାହାଯ୍ୟରେ କାର୍ଯ୍ୟକାରୀ ହେଉଛି । ଏହିସବୁ ଦେଶରୁ ମଧ୍ୟ ହଜାର ହଜାର ସଂଖ୍ୟାରେ ଇଞ୍ଜିନିୟର, ବୈଜ୍ଞାନିକ ଓ ବୈଷୟିକ କାରିଗର ରୁଷ ଦେଶରେ ଉଚ୍ଚଶିକ୍ଷା ଲାଭ କରି ଫେରୁଛନ୍ତି ।

ଆନ୍ତର୍ଜାତିକ କ୍ଷେତ୍ରରେ ଭାରତ, ଇଜିପ୍ଟ ପରି ନିରପେକ୍ଷ ଦେଶଗୁଡ଼ିକୁ ରୁଷ ବରାବର ସମର୍ଥନ କରିଆସିଛି । ଭାରତର ଚୀନ୍, ପାକିସ୍ତାନ ଯୁଦ୍ଧ ସମୟରେ ଜରୁରୀକାଳୀନ ପରିସ୍ଥିତିରେ ରୁଷ୍‌ବାସୀଙ୍କ ସମୟାନୁକ୍ରମେ ସାହାଯ୍ୟ ଭାରତବାସୀ ଭୁଲି ପାରିବେ ନାହିଁ । ରୁଷ ଯୁଦ୍ଧ ସମୟରେ ଯେପରି ବନ୍ଧୁତା ପ୍ରଦର୍ଶନ କରିଛି, ତାସକେଣ୍ଟ ଶାନ୍ତିଚୁକ୍ତି ପାଇଁ ମଧ୍ୟ ଏହାର ଆନ୍ତରିକ ଉଦ୍ୟମ ପାଇଁ ରୁଷବାସୀଙ୍କଠାରେ ଭାରତ ଚିରଋଣୀ ରହିବ । ଇଂଲଣ୍ଡ ଫ୍ରାନ୍ସ ମିଶି ଯେତେବେଳେ ଇଜିପଟ୍ ଆକ୍ରମଣ କଲେ, ଇଜିପଟ୍‌କୁ ସାମରିକ ସାହାଯ୍ୟ ଦେବା ପାଇଁ ରୁଷ ସରକାର ଘୋଷଣା କରିବାରୁ ଆକ୍ରମଣକାରୀମାନେ ହଟିଯିବାକୁ ବାଧ୍ୟ ହେଲେ । ସେହି କାରଣରୁ ଇଜିପ୍ଟ ମଧ୍ୟ ରୁଷିଆର ପରମ ବନ୍ଧୁ । ଏହି କେତୋଟି ଘଟଣାରୁ ସମାଜବାଦୀ ରୁଷର ଉନ୍ନୟନଶୀଳ ଦେଶପାଇଁ କି ପ୍ରକାର ଆନ୍ତରିକ ସହୃଦୟତା ପ୍ରକାଶ ପାଉଛି, ତାହା ସହଜରେ ଅନୁମେୟ ।

ସମାଜବାଦୀ ରୁଷ ଅନ୍ୟାନ୍ୟ ସମାଜବାଦୀ ଦେଶମାନଙ୍କୁ ସାହାଯ୍ୟ କରିବା ସ୍ୱାଭାବିକ; କିନ୍ତୁ ଭାରତ, ଇଜିପ୍ଟ, ଇଣ୍ଡୋନେସିଆ, ଶ୍ରୀଲଙ୍କା ପ୍ରଭୃତି ସଦ୍ୟମୁକ୍ତ ନିରପେକ୍ଷ ରାଷ୍ଟ୍ରଗୁଡ଼ିକୁ ଏପରି ବ୍ୟାପକ ଭାବରେ କାହିଁକି ସାହାଯ୍ୟ କରୁଛି ? ଏହି କଥା ନେଇ ରୁଷ ଓ ଚାଇନା ଭିତରେ ବିଶେଷ ମତଭେଦ ଦେଖାଦେଇଛି । ସୋଭିଏତ୍ ରୁଷ ମତରେ ଯେଉଁ ଦେଶମାନେ ବହୁ ସଂଗ୍ରାମ ପରେ ସାମ୍ରାଜ୍ୟବାଦୀ ଦେଶମାନଙ୍କ କବଳରୁ ମୁକ୍ତି ଲାଭ କରିଛନ୍ତି ଏବଂ ପ୍ରତ୍ୟକ୍ଷ ରାଜନୈତିକ ପ୍ରଭାବର ଦୂରରେ ରହି ସକ୍ରିୟ ନିରପେକ୍ଷ ଗୋଷ୍ଠୀର ସଭ୍ୟ, ସେମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ମିଳିବା ଉଚିତ । କାରଣ ତା ନହେଲେ ସେମାନେ ପୁଣି ପୁଞ୍ଜିପତି ରାଷ୍ଟ୍ରମାନଙ୍କ କବଳରେ ପଡ଼ିଯିବେ ଏବଂ ତାହାଦ୍ୱାରା ସେମାନଙ୍କର ନୂତନ ପ୍ରକାର ଅର୍ଥନୈତିକ ଶୋଷଣ ଆରମ୍ଭ ହେବା ସଂଗେ ସଂଗେ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରତିବନ୍ଧକ ସୃଷ୍ଟି ହେବ । ସୋଭିଏତ୍ ରୁଷର ଭାରତ, ଇଜିପଟ୍ ପ୍ରଭୃତି ଦେଶ ଉପରେ ଅଗାଧ ବିଶ୍ୱାସ ଜନ୍ମିଛି । ଏମାନେ ଆନ୍ତରିକତାର ସହିତ ବିଶ୍ୱଶାନ୍ତି ପାଇଁ କାମ କରୁଛନ୍ତି ଏବଂ ନିଜ ନିଜ ଉପାୟରେ ସମାଜବାଦ ପ୍ରତିଷ୍ଠା ପାଇଁ ଚେଷ୍ଟା କରୁଛନ୍ତି ବୋଲି ରୁଷର ମତ । ବର୍ତ୍ତମାନର ଦୁନିଆରେ ସମାଜବାଦ ପ୍ରତିଷ୍ଠା ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ପନ୍ଥା ଅବଲମ୍ବନ ନ କରି ନାନା ଉପାୟରେ ସମାଜବାଦ ପ୍ରତିଷ୍ଠା ହେବାର ସମ୍ଭାବନା ରହିଛି ବୋଲି ରୁଷ ସ୍ୱୀକାର କରେ । ତା'ଛଡ଼ା ୧୯୧୭ ମସିହାରେ ସୋଭିଏତ୍ ରୁଷର ଯେଉଁ ନିଃସହାୟ ଅବସ୍ଥା ଥିଲା ଏବଂ ସେ ଯେପରି ଏକାଏକା ପୃଥିବୀର ବହୁ ପ୍ରତିକ୍ରିୟାଶୀଳ ସରକାରମାନଙ୍କର ମିଳିତ ଅଭିଯାନ ବିରୁଦ୍ଧରେ ଲଢ଼ି ସମାଜବାଦୀ ସମାଜ ତିଆରିରେ ଲାଗିଥିଲା, ବର୍ତ୍ତମାନ କୌଣସି ଦେଶ ପକ୍ଷରେ ତାର ଆବଶ୍ୟକତା ନାହିଁ । ବର୍ତ୍ତମାନ ସୋଭିଏତ୍ ଏବଂ ଅନ୍ୟାନ୍ୟ ସମାଜବାଦୀ ଦେଶମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଶକ୍ତି ଏବଂ ସାମ୍ୟବାଦର ବଳିଷ୍ଠ ଆଦର୍ଶ ଅନ୍ୟାନ୍ୟ ସଦ୍ୟମୁକ୍ତ ଦେଶମାନଙ୍କ ଭିତରେ ଏପରି ପ୍ରେରଣା ଓ ଲୋକପ୍ରିୟତା ଅର୍ଜନ କଲାଣି ଏବଂ ପୃଥିବୀରେ ଏହା ଏପରି ଏକ ଅନିବାର୍ଯ୍ୟ ସାମାଜିକ ଦର୍ଶନ ରୂପେ ଗୃହୀତ ହେଲାଣି ଯେ ପୃଥିବୀର ଅଧିକାଂଶ ଦେଶ ନାନା ଉପାୟରେ

Digitized by PPRACHIN, SOA

ସମାଜବାଦ ପ୍ରତିଷ୍ଠା ପାଇଁ ବଦ୍ଧପରିକର । ଏପରି ଉନ୍ନୟନଶୀଳ ରାଜ୍ୟମାନଙ୍କର ଏ ବିରାଟ କାର୍ଯ୍ୟପନ୍ଥାରେ ସୋଭିଏତ୍ ରୁଷ ଓ ଅନ୍ୟାନ୍ୟ ସମାଜବାଦୀ ଦେଶମାନଙ୍କର ସାହାଯ୍ୟ କରିବା ଉଚିତ ବୋଲି ରୁଷର ମତ । ଏହି ଶାନ୍ତିପୂର୍ଣ୍ଣ ସହାବସ୍ଥାନ ନୀତି ଅନୁସାରେ ସୋଭିଏତ୍ ରୁଷ ଭାରତ, ଇଜିପ୍ଟ ପ୍ରଭୃତି ଦେଶକୁ ସମସ୍ତ ପ୍ରକାର ସାହାଯ୍ୟ କରୁଛି ।

ଚୀନ୍ କମ୍ୟୁନିଷ୍ଟମାନଙ୍କ ମତରେ ଭାରତ, ଇଜିପ୍ଟ ପ୍ରଭୃତି ଦେଶ ବର୍ତ୍ତମାନ ସୁଦ୍ଧା ସାମ୍ରାଜ୍ୟବାଦୀ ଦେଶମାନଙ୍କର ଅନୁଚର ଭାବେ କାମ କରୁଛନ୍ତି ଏବଂ ସମାଜବାଦୀ ଦେଶମାନଙ୍କର କେବଳ ଅନ୍ୟ ସମାଜବାଦୀ ଦେଶକୁ ସାହାଯ୍ୟ କରିବା ଉଚିତ । ଆଶ୍ଚର୍ଯ୍ୟର କଥା, ଚୀନ୍ ଏହା କହୁଛି; କିନ୍ତୁ ପୃଥିବୀର ସବୁଠାରୁ ବଡ଼ ପ୍ରତିକ୍ରିୟାଶୀଳ, ସାମ୍ରାଜ୍ୟବାଦୀ ରାଜ୍ୟର ପ୍ରତ୍ୟକ୍ଷ ପ୍ରଭାବରେ ଥିବା ପାକିସ୍ତାନ ପରି ଦେଶକୁ ଚୀନ୍ ସମସ୍ତ ପ୍ରକାର ସାହାଯ୍ୟ ଦେବାରେ ଲାଗିଛି । ଏଣେ ଭାରତ ବିରୁଦ୍ଧରେ ଯୁଦ୍ଧ କରୁଛି, ଅଥଚ ତେଣେ ସାମ୍ରାଜ୍ୟବାଦୀ ଦେଶମାନଙ୍କର ନିୟନ୍ତ୍ରଣରେ ଥିବା ଫର୍ମୋଜା, ମାକାଓ ଏବଂ ହଙ୍ଗକଙ୍ଗ ବିରୁଦ୍ଧରେ କୌଣସି ଅଭିଯାନର ଆବଶ୍ୟକତା ଅନୁଭବ କରୁନାହିଁ । ଏଣେ ଭାରତ ପାକିସ୍ତାନ ଯୁଦ୍ଧ ବେଳେ ଭାରତ ବିରୁଦ୍ଧରେ ଯୁଦ୍ଧ ଧମକ ଦେଉଛି; ତେଣେ ଆମେରିକା ଦ୍ୱାରା ସଙ୍ଗଠିତ ଏତେବଡ଼ ଲୋମହର୍ଷଣକାରୀ ଭିଏତନାମ ଯୁଦ୍ଧରେ କୌଣସି ପ୍ରତ୍ୟକ୍ଷ ହସ୍ତକ୍ଷେପ କରୁନାହିଁ । ସମାଜବାଦୀ ଦେଶ ନାମରେ ପୃଥିବୀରେ ସମାଜବାଦ ତଥା ଗଣତନ୍ତ୍ର କଥା ପ୍ରଚାର କରୁଛି, ତେଣେ ସୋଭିଏତ୍ ବିରୁଦ୍ଧରେ କେବଳ ବିଷୋଦ୍‌ଗାର କରୁଛି ତା ନୁହେଁ, ରୁଷ, ମଙ୍ଗୋଲିଆ ପ୍ରଭୃତି ସମାଜବାଦୀ ଦେଶରୁ ପୁରୁଣା ସାମ୍ରାଜ୍ୟବାଦୀ ଦେଶମାନଙ୍କ ପରି ଖଣ୍ଡେ ଖଣ୍ଡେ ଅଞ୍ଚଳ ଦାବି କରୁଛି । ଭାରତର ସୀମା ଆଜି ଯାଏଁ ଠିକ୍ ଥିଲା, କିନ୍ତୁ ଭାରତରେ ଯେତେବେଳେ 'ହିନ୍ଦ୍ ଚୀନ୍ ଭାଇ ଭାଇ' ଡାକରେ ଆକାଶ କମ୍ପୁଥିଲା ସେତେବେଳେ ଚୀନ୍ ଭାରତ ସୀମା ଆକ୍ରମଣ ଆରମ୍ଭ କରିଦେଲା । ଚୀନର ଏହା କି ପ୍ରକାର ଆନ୍ତର୍ଜାତିକ ସମାଜବାଦୀ ସ୍ୱପ୍ନ ତାହା ଚୀନ୍ ଛଡ଼ା ପୃଥିବୀରେ ଆଉ କେହି ବୁଝିପାରୁ ନାହାନ୍ତି । ଭାରତ, ଇଜିପଟ୍ ପରି ନିରପେକ୍ଷ ଦେଶମାନଙ୍କ ସହିତ ରୁଷର ପରମ ବନ୍ଧୁତା ଯୋଗୁଁ ରୁଷ ଆଉ ସମାଜବାଦୀ ଦେଶ ହୋଇ ରହିନାହିଁ ବୋଲି ଚୀନର ମତ । ଏମାନଙ୍କର ସଂକୀର୍ଣ୍ଣ ରାଜନୈତିକ ଦୃଷ୍ଟିକୋଣରୁ ଯାହା ଜଣାଯାଉଛି, ଚୀନ୍ ଛଡ଼ା ପୃଥିବୀରେ ଆଉ କେହି ପ୍ରଗତିଶୀଳ ଦେଶ ନାହିଁ । ମାଓ-ସେ-ତୁଙ୍ଗଙ୍କ ମାର୍କସବାଦ ଛଡ଼ା ଆଉ କୌଣସି ଦେଶରେ ମାର୍କସବାଦ ନାହିଁ; ସୋଭିଏତ୍ ରୁଷ ଉଦ୍‌ଜାନ ବୋମା ବ୍ୟବହାର ବିପକ୍ଷରେ । ଆଣବିକ ଯୁଗରେ ବିଶ୍ୱଯୁଦ୍ଧକୁ ଏଡ଼ାଇବା ପ୍ରତ୍ୟେକ ଲୋକର କର୍ତ୍ତବ୍ୟ ବୋଲି ଅନବରତ ଚେଷ୍ଟା କରୁଥିବା ଯୋଗୁଁ ସୋଭିଏତ୍ ରୁଷ ପ୍ରତିକ୍ରିୟାଶୀଳ ହୋଇଗଲାଣି ବୋଲି ଚୀନ୍ କହୁଛି । ଚୀନ୍ ବୋଧହୁଏ ଚାହେଁ ଯେ ରୁଷ ଆମେରିକା ପରି ଶିଳ୍ପ ବିପ୍ଳବର ଅଗ୍ରଗାମୀ ଦେଶଗୁଡ଼ିକ ବିଶ୍ୱଯୁଦ୍ଧରେ ବିଲୋପ ହୋଇଗଲେ ଯାଇ ମାଓ-ସମାଜବାଦ ପୃଥିବୀରେ ଆରମ୍ଭ ହୋଇପାରିବ । ପୃଥିବୀର ଅର୍ଦ୍ଧେକ ଲୋକ ଆଣବିକ ଯୁଦ୍ଧରେ ପାଉଁଶ ହୋଇଗଲେ ମଧ୍ୟ ସେହି ଶ୍ମଶାନ ପାଉଁଶରୁ ନୂତନ ସାମ୍ୟବାଦ ମୁଣ୍ଡ ଟେକି ଉଠିବ ବୋଲି ଯେଉଁ ମାର୍କସବାଦୀମାନେ କହନ୍ତି, ସେମାନେ ମନୁଷ୍ୟ ସଭ୍ୟତାର କି ଭୟଙ୍କର ଶତ୍ରୁ, ତାହା ସହଜରେ ଅନୁମେୟ । ତେଣୁ ବର୍ତ୍ତମାନ ଗୋଟିଏ ପକ୍ଷରେ ପ୍ରଭୁତ୍ୱଲୋଭୀ ଚୀନ୍ ଯୋଗୁଁ ନିକଟଭବିଷ୍ୟତରେ ପୃଥିବୀର ଅବସ୍ଥା କଣ ହେବ, କିଏ କହିବ ? କିନ୍ତୁ ସୋଭିଏତ୍ ରୁଷ, ଭାରତ, ଇଜିପଟ୍, ଯୁଗୋସ୍ଲୋଭିଆ ପରି ଶାନ୍ତିପ୍ରେମୀ ଦେଶମାନେ ଯେପରି ପରମ ବନ୍ଧୁତା ଓ ନିଷ୍ଠାର ସହିତ ମନୁଷ୍ୟ ଜାତିକୁ ଏବଂ ତାର ସମସ୍ତ ଶ୍ରମଫଳକୁ ଆଣବିକ ଶ୍ମଶାନରୁ ଦୂରରେ ରଖିବାକୁ ଚେଷ୍ଟା କରୁଛନ୍ତି, ତାହା ନିଶ୍ଚୟ ସଫଳ ହେବ ବୋଲି ସମସ୍ତଙ୍କ ବିଶ୍ୱାସ ।

■■■

Digitized by PPRACHIN, SOA

ସମାଜବାଦୀ ବିନ୍ଧାଣୀ ଅବିସ୍ମରଣୀୟ ଲେନିନ୍

ଭ୍ଲାଦିମିତ ଇଲିଚ ଲେନିନ୍ ସମାଜବାଦୀ ସୋଭିଏତ୍ ରୁଷର ଯେ କେବଳ ଜନ୍ମଦାତା, ଦାର୍ଶନିକ, ସମ୍ମାନାସ୍ପଦ ନେତା ତା ନୁହେଁ, ସମଗ୍ର ବିଶ୍ୱର ସମାଜବାଦୀ ବିପ୍ଳବର ସେ ହେଉଛନ୍ତି ଅଦ୍ୱିତୀୟ ପଥପ୍ରଦର୍ଶକ । କାର୍ଲ ମାର୍କସ୍ ସାମ୍ୟବାଦର ଯେଉଁ ଐତିହାସିକ ତାତ୍ତ୍ୱିକ ଛାଞ୍ଚ ତିଆରି କରିଥିଲେ, ସେଥିରେ ପ୍ରାଣ ସଂଚାର କରିଥିଲେ ବିପ୍ଳବୀ ଲେନିନ୍ । କାର୍ଲମାର୍କ୍ସଙ୍କର ମୌଳିକ ଦର୍ଶନ ଲେନିନଙ୍କର ଅଭୂତପୂର୍ବ ବୈପ୍ଳବିକ ଦିଗ୍‌ଦର୍ଶନରେ ବାସ୍ତବରୂପ ଧାରଣ କରିଥିଲା । ବର୍ତ୍ତମାନ ପୃଥିବୀରେ ସମାଜବାଦ ନୀତି ପ୍ରୟୋଗ ନେଇ ଯେତେ ଯେତେ ବିବାଦ ଦେଖା ଦେଇଛି, ସେସବୁ ଲେନିନ୍‌ଙ୍କର ମାର୍କ୍ସସୀୟ ବିଶ୍ଳେଷଣର ବିଭିନ୍ନ ବ୍ୟାଖ୍ୟା ମାତ୍ର; କିନ୍ତୁ ତାଙ୍କର ସମାଜବାଦ ପାଇଁ ଆନ୍ତରିକତାକୁ କେହି ଅସ୍ୱୀକାର କରିନାହିଁ । ସମାଜବାଦର ପ୍ରାଣପ୍ରତିଷ୍ଠା ପାଇଁ ଇତିହାସରେ ଲେନିନ୍ ସର୍ବପ୍ରଥମ ବିପ୍ଳବୀ ନେତା ରୂପେ ପୂଜା ପାଇ ଆସିଛନ୍ତି ଏବଂ ଭବିଷ୍ୟତରେ ମଧ୍ୟ ଏହି ସମ୍ମାନ ତାଙ୍କ ପାଇଁ ଅକ୍ଷୁଣ୍ଣ ରହିବ, ଏଥିରେ କୌଣସି ସନ୍ଦେହ ନାହିଁ । ଏହି ବିଶ୍ୱବରେଣ୍ୟ ଲେନିନ୍‌ଙ୍କର ଜୀବନକୁ ରୁଷ ଦେଶର ଲୋକେ କିପରି ଭାବରେ ସେମାନଙ୍କର ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ଉଦ୍‌ଜୀବିତ କରି ରଖିଛନ୍ତି, ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଲେନିନ୍‌ଙ୍କର ଅସଂଖ୍ୟ ଚିତ୍ର, ଅଗଣିତ ପ୍ରତିମୂର୍ତ୍ତି ଓ ଫଟୋ ଦେଖିଲେ ମନେହୁଏ, ଏମାନେ ତାଙ୍କର ପ୍ରାଣପ୍ରିୟ ନେତାଙ୍କ ଜୀବନର ଏପରି କୌଣସି କାର୍ଯ୍ୟରତ ମୁହୂର୍ତ୍ତ ଛାଡ଼ି ନାହାନ୍ତି ଯାହାକି ଏହି ଅଗଣିତ ଛବି ଓ ମୂର୍ତ୍ତି ଭିତରେ ପରିସ୍ଫୁଟ ନ ହୋଇଛି । ଜଣେ ନେତାଙ୍କ କାର୍ଯ୍ୟାବଳୀ ଗୋଟିଏ ବିରାଟ ଦେଶର ଅସଂଖ୍ୟ ନରନାରୀଙ୍କ ଜୀବନରେ ଏପରି ଗଭୀର ଭାବରେ ଲିପିବଦ୍ଧ ହୋଇ ରହିଥିବାର ନିଦର୍ଶନ ପୃଥିବୀରେ ଖୁବ୍ ବିରଳ ।

ଏପରି କୌଣସି ସହର ବା କୋଠଖମାର ନାହିଁ, ଯେଉଁଠି କି ଲେନିନ୍‌ଙ୍କର ଗୋଟିଏ ବିରାଟ ପ୍ରତିମୂର୍ତ୍ତି ସେଠାକାର କାର୍ଯ୍ୟବ୍ୟସ୍ତ ନରନାରୀଙ୍କୁ ସମାଜବାଦ ଗଢ଼ିବା ପାଇଁ ଅବିସମ୍ବାଦୀ ନିର୍ଦ୍ଦେଶ ଦେଉନାହିଁ । ସୋଭିଏତ୍‌ବାସୀଙ୍କର ଏପରି କୌଣସି ସଭାସମିତି ବୋଧହୁଏ ନାହିଁ, ଯେଉଁଠାରେ ଲେନିନ୍‌ଙ୍କର ସୌମ୍ୟ ମୁଖମଣ୍ଡଳରୁ ସସ୍ନେହ ଉପଦେଶର ନିଗୂଢ଼ ଅର୍ଥ ପ୍ରକାଶ ନ ପାଉଛି । ରୁଷ ନେତାମାନଙ୍କର ବୋଧହୁଏ ଏପରି କୌଣସି ନୀତିଗତ ବ୍ୟାଖ୍ୟା କିମ୍ବା ବୈପ୍ଳବିକ ଯୋଜନା ନାହିଁ— ଯାହାର ମୂଳଭିତ୍ତି ଲେନିନ୍‌ଙ୍କର ସମାଜବାଦୀ ବିଶ୍ଳେଷଣ ଉପରେ ପ୍ରତିଷ୍ଠିତ ନୁହେଁ । ଯେଉଁ ଲୋକର ଆଦର୍ଶ, ପ୍ରେରଣା ଓ ଜୀବନର ସ୍ମୃତି ଏପରି ବ୍ୟାପକ ଭାବରେ ଲୋକଙ୍କର ଜୀବନରେ ପ୍ରତିଫଳିତ ହେଉଛି, ରୁଷର ନୂତନ ସମାଜର ଜନ୍ମ ପାଇଁ ସେ ଲୋକର କି ବିରାଟ ଅବଦାନ, ତାହା ସହଜରେ ଅନୁମେୟ; କିନ୍ତୁ ସେ ନିଜେ ତାଙ୍କର ଏହି ଅନବଦ୍ୟ ଅବଦାନ ପାଇଁ କେବେ ଆତ୍ମାଭିମାନୀ ନଥିଲେ । ଥରେ ତାଙ୍କୁ ଏ ବିଷୟରେ ପଚରାଯିବାରୁ ସେ କୁଆଡ଼େ କହିଥିଲେ ଯେ, ଗୋଟିଏ

Digitized by PPRACHIN, SOA

ଫଳଗଛ ଫଳ ଫଳାଇବାରେ ତାକୁ ଧନ୍ୟବାଦ ଦେବା ଯେପରି ହାସ୍ୟାସ୍ପଦ, ତାଙ୍କଠାରେ ଏହିସବୁ ବିଷୟ ନେଇ କୃତଜ୍ଞତା ଜ୍ଞାପନ କରିବା ସେହିପରି ଅବାନ୍ତର; କାରଣ ସେହି ସବୁ କାମରେ ତାଙ୍କର ଅଫୁରନ୍ତ ଆନନ୍ଦ ଓ ଶ୍ରଦ୍ଧା । ତେଣୁ କାମ କରିବାରେ ସେ କେବେ କ୍ଳାନ୍ତି ଅନୁଭବ କରି ନାହାନ୍ତି । ଏଥିରୁ ମନେହୁଏ, ସୃଜନଶୀଳତାର ସେ ଯେପରି ଥିଲେ ଅପରିସୀମ ଓ ଅନ୍ତହୀନ ଉତ୍ସ ।

ସୋଭିଏତ୍ ରୁଷର ୧୯୧୭ ମସିହାର ବିପ୍ଳବ ପରେ ସେ ମାତ୍ର ସାତବର୍ଷ ବଞ୍ଚିଥିଲେ । ସେହି କେତେକ ବର୍ଷ ଭିତରେ ସେ ଆଧୁନିକ ରୁଷର ସମାଜବାଦୀ ସମାଜର ଯେଉଁ ମୂଳଭିତ୍ତି ସ୍ଥାପନ କରିଯାଇଛନ୍ତି, ବର୍ତ୍ତମାନର·ଶକ୍ତିଶାଳୀ ଓ ସମୃଦ୍ଧ ଜୀବନ ତାର ସ୍ୱାଭାବିକ ଅଭିବ୍ୟକ୍ତି ମାତ୍ର । ଲେନିନ୍‌ଙ୍କ ମୃତ୍ୟୁ ପରେ ତାଙ୍କର ଦେହକୁ ଗୋଟିଏ କାଚ ବାକ୍ସ ଭିତରେ ଏପରି ଗୋଟିଏ ରାସାୟନିକ ମାଧ୍ୟମରେ ରଖାଯାଇଛି ଯେ, ତାଙ୍କ ମୃତ୍ୟୁର ଏତେ ବର୍ଷ ପରେ ମଧ୍ୟ ସେ ଠିକ୍ ସେହିପରି ଜୀବନ୍ତ ଦେଖାଯାଉଛନ୍ତି— ସତେ ଯେପରି କିଛି ସମୟ ପାଇଁ ସେ ନିଦ୍ରା ଯାଇଛନ୍ତି ! ଯେକୌଣସି ମୁହୂର୍ତ୍ତରେ ତାଙ୍କର ଚେତା ଆସିଯିବ ଅବା ! ତାଙ୍କର ଏହି ଶରୀରଟିକୁ ଦେଖିବା ପାଇଁ ପ୍ରତିଦିନ ହଜାର ହଜାର ଲୋକ ଏକମାଇଲରୁ ବେଶି ଦୀର୍ଘ ଧାଡ଼ି ଧରି ଚାଲିଥାଆନ୍ତି । ଦିନ ଏଗାରଟାଠାରୁ ଦୁଇଟା ପର୍ଯ୍ୟନ୍ତ ଏହି ସ୍ମୃତିସୌଧ ଜନସାଧାରଣଙ୍କ ପାଇଁ ଉନ୍ମୁକ୍ତ ରହେ । ଲୋକେ ଧାଡ଼ି ବାନ୍ଧି ଠିଆ ହେବାକୁ ଆରମ୍ଭ କରନ୍ତି । ଏଗାରଟା ବେଳକୁ ଏହି ଧାଡ଼ିଟି ପ୍ରାୟ ଏକ ମାଇଲ୍ ଲମ୍ବ ହୋଇଯାଏ; ତାପରେ ଧାଡ଼ିଟି ଅନବରତ ଧୀରେ ଧୀରେ ଆଗକୁ ଚାଲିବାକୁ ଆରମ୍ଭ କରେ । ଠିକ୍ ଦୁଇଟା ବେଳେ ପୁଣି ବନ୍ଦ ହୋଇଯାଏ । ସମସ୍ତେ ଲେନିନ୍‌ଙ୍କର ଦେହ ପାଖରେ ଅତି ଧୀରେ ଧୀରେ ଚାଲିଯାଆନ୍ତି-ଯେପରି ତୀର୍ଥ ଦର୍ଶନରେ ଏମାନେ ଆସିଛନ୍ତି । ଲେନିନ୍‌ଙ୍କର ମୃତ ଦେହଟିକୁ ଦେଖିଲା ପରେ, ବର୍ତ୍ତମାନ ସୁଦ୍ଧା ଅନେକ ଲୋକଙ୍କ ଆଖିରେ ଲୁହ ଆସିବାର ଦେଖାଯାଏ । ଲେନିନ୍‌ଙ୍କର ଏହି ସ୍ମୃତିସୌଧଟି ମସ୍କୋର ଲାଲଛକ (ରେଡ଼ ସ୍କୋୟାର)ରେ ଅବସ୍ଥିତ । ଏହା ଲାଲ ମାର୍ବଲରେ ତିଆରି । ସେହି ସୌଧର ଦ୍ୱାରଦେଶରେ ସଶସ୍ତ୍ର ପ୍ରହରୀ ଦିନରାତି ସେହିପରି ପହରା ଦେଉଛନ୍ତି; ଏପାଖ ସେପାଖ ମାର୍ଚ୍ଚ୍ କରୁଛନ୍ତି- ସୋଭିଏତ୍ ରାଷ୍ଟ୍ରର ଶାଶ୍ୱତ ସମ୍ମାନ ଦେଖାଇବା ପାଇଁ ଏ ପ୍ରକାର ସମ୍ମାନ ସୂଚକ ବ୍ୟବସ୍ଥା କରାଯାଇଛି । ଏହି ସୌଧର ସମ୍ମୁଖ ରାସ୍ତାରେ କୌଣସି ଯାନବାହନ ଯିବା ମନା । ତେଣୁ ଏଠାରେ କୌଣସି ରକମର ଗୋଳମାଳ ନାହିଁ । ଲେନିନ୍‌ଙ୍କର ଶାନ୍ତି ନିଦ୍ରା ନ ଭାଙ୍ଗିବା ପାଇଁ ସୋଭିଏତ୍ ସମାଜ ଯେପରି ଅହରହ ଉଦ୍‌ବିଗ୍ନ । ଏହି ଶାନ୍ତ ପରିବେଶ ଭିତରେ ପ୍ରତିଦିନ ହଜାର ହଜାର ଲୋକ ଅତ୍ୟନ୍ତ ଧୀରସ୍ଥିର ଭାବରେ ଲେନିନ୍‌ଙ୍କର ସ୍ମୃତିସୌଧ ପ୍ରତି ସମ୍ମାନ ଦେଖାଇ ଯାଆନ୍ତି । ସୋଭିଏତ୍ ରୁଷର ଦୂରଦୂରାନ୍ତରେ ଥିବା ଲକ୍ଷ ଲକ୍ଷ ଲୋକଙ୍କର ଜୀବନର କାମନା ହେଲା ଆଧୁନିକ ରୁଷର ଅବିସ୍ମରଣୀୟ ଲେନିନ୍‌ଙ୍କର ଏହି ଶରୀରଟିର ଦର୍ଶନ ଲାଭ କରିବା ।

■■■

Digitized by PPRACHIN, SOA

ଆଗାମୀ ଯୁଗର ସ୍ୱପ୍ନ

ଆଗାମୀ ଯୁଗର ସାମ୍ୟବାଦ-ସ୍ୱପ୍ନର ଅର୍ଥ ନୁହେଁ ଅତୀତର କଳ୍ପନାବିଳାସୀ ସାମ୍ୟବାଦୀମାନଙ୍କର ଭବିଷ୍ୟତ ଦୁନିଆର ଅବାସ୍ତବ ରଙ୍ଗିନ୍ ଛବି । ପ୍ରତ୍ୟେକ ଯୁଗରେ, ପ୍ରତ୍ୟେକ ଦେଶରେ ମାନବଜାତି ପ୍ରତି ଅଗାଧ ସ୍ନେହ ଥିବା ବହୁ ଦୟାବାନ ଲୋକ ଯୁଦ୍ଧ ବିଗ୍ରହଶୂନ୍ୟ ମନୁଷ୍ୟ ସମାଜରେ ଦୁଧ ମହୁର ସୁଅ ଛୁଟିବା ସ୍ୱପ୍ନ ଦେଖିଛନ୍ତି ସତ; କିନ୍ତୁ ତାହା ବାସ୍ତବ ଦୁନିଆର ଦୁଃଖ-ଦୈନ୍ୟଠାରୁ ଅନେକ ଦୂରରେ ରହିଯାଇଛି । ଦୁନିଆର ସମସ୍ତ ପ୍ରକାର ଶୋଷଣ, ଅତ୍ୟାଚାର ଓ ନିପୀଡ଼ନ ବିରୁଦ୍ଧରେ ଦୁର୍ଦ୍ଧାମ ଅଭିଯାନ ନ ଚଳାଇ ତା ବିରୁଦ୍ଧରେ କେବଳ ତାତ୍ତ୍ୱିକ ବିଶ୍ଳେଷଣ କରିବାରେ ଯୁଗ ପରିବର୍ତ୍ତନ ହୋଇପାରେ ନାହିଁ । ସୋଭିଏତ୍ ରୁଷବାସୀଙ୍କର ଆଗାମୀ ଯୁଗର ସ୍ୱପ୍ନ ଏହିପରି ଏକ ଅଳୀକ ଓ ଅବାସ୍ତବ ସ୍ୱପ୍ନ ନୁହେଁ—ଏହା ବର୍ତ୍ତମାନର ସାମାଜିକ ଓ ବୈଜ୍ଞାନିକ ମୂଳଭିତ୍ତି ଉପରେ ପ୍ରତିଷ୍ଠିତ ଏବଂ ଆସନ୍ତା କେତେ ବର୍ଷ ଭିତରେ ବର୍ତ୍ତମାନ ସମାଜର ଅଧିକାଂଶ ବ୍ୟକ୍ତିଙ୍କ ଜୀବନକାଳରେ ଏହା ସମ୍ଭବ ହେବାକୁ ଯାଉଛି । ଏଥିପାଇଁ ନିର୍ଦ୍ଦିଷ୍ଟ ଯୋଜନା ମଧ୍ୟ ଗୃହୀତ ହୋଇସାରିଲାଣି ।

୧୯୮୦ ମସିହା ବେଳକୁ ସୋଭିଏତ୍ ରୁଷ ପୃଥିବୀର ଯେକୌଣସି ଦେଶ ଅପେକ୍ଷା ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ ହେବା ପାଇଁ ବିରାଟ ଯୋଜନା କରି ସାରିଛି । ଶିଳ୍ପ ଉତ୍ପାଦନରେ ଯେପରି ସର୍ବପ୍ରଥମ, ଶିକ୍ଷା ଓ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ପୃଥିବୀରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିବା ପାଇଁ ଏମାନେ ଦୃଢ଼ପ୍ରତିଜ୍ଞ । ୧୯୮୦ ବେଳକୁ ବର୍ତ୍ତମାନର ଆଠବର୍ଷ ବାଧ୍ୟତାମୂଳକ ଶିକ୍ଷା ସ୍ଥାନରେ ଦଶବର୍ଷିଆ ଉଚ୍ଚ ମାଧ୍ୟମିକ ଶିକ୍ଷା ସମସ୍ତଙ୍କ ପାଇଁ ପ୍ରବର୍ତ୍ତିତ ହେବ । ସେତେବେଳକୁ ବର୍ତ୍ତମାନର ଜୀବନଯାପନର ମାନଦଣ୍ଡ ଦୁଇଗୁଣ ବୃଦ୍ଧି ପାଇବ । ବର୍ତ୍ତମାନ ପ୍ରତ୍ୟେକ ପରିବାର ପାଇଁ ଦୁଇ ତିନି ବଖରା ଥିବା ଫ୍ଲାଟ୍ ମିଳୁଛି; ସେତେବେଳେ ପ୍ରତ୍ୟେକ ବ୍ୟକ୍ତି ପାଇଁ ଗୋଟିଏ ବଖରା ଘର ହିସାବରେ ମିଳିବ । ସ୍ୱାମୀ ସ୍ତ୍ରୀ ତିନୋଟି ପିଲା ଥିବା ପରିବାର ପାଇଁ ପାଞ୍ଚଟି ରହିବା ଘର ଥିବା ଫ୍ଲାଟ ମିଳିବ । ଘରକରଣା ସମସ୍ତ ଜିନିଷ—ଗ୍ୟାସ୍, ବିଦ୍ୟୁତ୍, ରେଡ଼ିଓ, ଟେଲିଭିଜନ, ଟେଲିଫୋନ୍ ଇତ୍ୟାଦି ସମସ୍ତ ନିତ୍ୟ-ବ୍ୟବହାର୍ଯ୍ୟ ଜିନିଷ ବିନା ଖର୍ଚ୍ଚରେ ଘର ସହିତ ଯୋଗାଇ ଦିଆଯିବ ଏବଂ ବର୍ତ୍ତମାନ ଘରଭଡ଼ା ପାଇଁ ଯେଉଁ ଶତକଡ଼ା ଚାରିଭାଗ ନିଆହେଉଛି, ତାହା ମଧ୍ୟ ଉଠାଇ ଦିଆହେବ । ବର୍ତ୍ତମାନ ଯେଉଁ ସାମାନ୍ୟ ଆୟକର ଅଛି, ତାହା ପୂରାପୁରି ଉଠାଇ ଦିଆଯିବ । ବସ୍,ଟ୍ରାମ୍,ଟାକ୍ସି ପ୍ରଭୃତି ସମସ୍ତ ଯାନବାହନ ବିନା ଭଡ଼ାରେ ଲୋକମାନେ ବ୍ୟବହାର କରିପାରିବେ । ପେନ୍‌ସନ ପରିମାଣ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ସ୍ୱୟଂକ୍ରିୟ ଯନ୍ତ୍ରପାତିର ବ୍ୟବହାର ଯୋଗୁଁ କାର୍ଯ୍ୟ ନିର୍ଘଣ୍ଟକୁ ଆହୁରି କମାଇ ଦିଆଯିବ ଏବଂ ତା ସାଙ୍ଗକୁ ସାଂସ୍କୃତିକ ସୁବିଧା ସୁଯୋଗର ପରିସର ବଢ଼ିଯିବ । ଲୋକଙ୍କର ବିଭିନ୍ନ ଧରଣର ସଂସ୍କୃତିଗତ ଅଭ୍ୟାସକୁ ଆହୁରି ମାର୍ଜିତ କରିହେବ-ଏହାର ସ୍ତର ବଢ଼ି ବଢ଼ି ଯିବ ।

Digitized by PPRACHIN, SOA

ଏମାନଙ୍କର ବିଶ୍ୱାସ, ୧୯୮୦ ବେଳକୁ ପୃଥିବୀରେ ସମାଜବାଦୀ ଦେଶମାନଙ୍କର ସଂଖ୍ୟା ବୃଦ୍ଧି ପାଇଥିବ ଏବଂ ସେମାନଙ୍କର ଶକ୍ତି ମଧ୍ୟ ସାମ୍ରାଜ୍ୟବାଦୀ ଶକ୍ତିଠାରୁ ଅତ୍ୟନ୍ତ ବେଶି ହୋଇ ପାରିଥିବ । ତା ଫଳରେ ବିଶ୍ୱଯୁଦ୍ଧର ସମ୍ଭାବନା ଦୂରେଇ ଯାଇଥିବ । ସୋଭିଏତ୍ ସମାଜରେ ଯେଉଁ ସୁଦୃଢ଼ ଅର୍ଥନୈତିକ ଓ କ୍ରମବର୍ଦ୍ଧିଷ୍ଣୁ ଉତ୍ପାଦନଶୀଳ ସଂସ୍ଥା ଗଢ଼ିଉଠିଛି, ବିଶ୍ୱଯୁଦ୍ଧ ନହେଲେ ୧୯୮୦ ବେଳକୁ ଏହା ପ୍ରକୃତରେ ସାମ୍ୟବାଦୀ ସଂସ୍ଥାରେ ପରିଣତ ହୋଇପାରିବ । ବର୍ତ୍ତମାନ ରୁଷିବାସୀ ସେମାନଙ୍କର ଶ୍ରମର ପରିମାଣ ଓ ଗୁଣାତ୍ମକ ସମ୍ପାଦନ ଅନୁସାରେ ଦରମା ଓ ଅନ୍ୟାନ୍ୟ ସାମାଜିକ ସୁବିଧା ପାଆନ୍ତି; କିନ୍ତୁ ସାମ୍ୟବାଦୀ ସମାଜରେ ସେମାନେ ନିଜ ନିଜର ସାମର୍ଥ୍ୟ ଅନୁସାରେ ଶ୍ରମଦାନ କରିବେ । ସେମାନଙ୍କର ସମସ୍ତ ପ୍ରକାର ଆବଶ୍ୟକତା ଅନୁଯାୟୀ ସେମାନେ ସାମାଜିକ ସୁବିଧା ଉପଭୋଗ କରିପାରିବେ ଅର୍ଥାତ୍ ଯାହାର ଯାହା ଦରକାର, ସେ ତା ସହଜରେ ପାଇପାରିବ ଏବଂ ତାର ଶକ୍ତି ଅନୁସାରେ ସେ ସମାଜକୁ ସାହାଯ୍ୟ କରିବ । ବର୍ତ୍ତମାନ ଯେଉଁ ନୀତି ଅନୁସାରେ ସୋଭିଏତ୍ ସମାଜ ଚାଲିଛି ଏବଂ ଯେପରି ଭାବରେ ରୁଷ ନାଗରିକମାନଙ୍କଠାରେ ନୂତନ ସାମାଜିକ ବିବେକ ସୃଷ୍ଟି ହୋଇଛି, ସେଥିରେ ଆଗାମୀ ଯୁଗର ସାମ୍ୟବାଦୀ ସମାଜ ଏହି ଶତାବ୍ଦୀ ଭିତରେ ଯେ ସମ୍ଭବ ହୋଇପାରିବ, ଏଥିରେ ସନ୍ଦେହର ଅବକାଶ ନାହିଁ । ଯୁଦ୍ଧର ସମ୍ଭାବନା ସମ୍ପୂର୍ଣ୍ଣ ରୂପେ ଦୂରୀଭୂତ ହେଲେ ଏବଂ ସାମ୍ୟବାଦୀ ସଂସ୍ଥା ପ୍ରତିଷ୍ଠିତ ହେଲା ପରେ ସରକାରୀ କର୍ତ୍ତୃତ୍ୱ ଛାଏଁ ଛାଏଁ ଉଭେଇଯିବାର ଐତିହାସିକ ମାର୍କସୀୟ କଳ୍ପନା ବାସ୍ତବରେ ପରିଣତ ହେବ ।

ଯେଉଁମାନେ ଏହି ବିରାଟ ଭବିଷ୍ୟତ କଳ୍ପନାର ପ୍ରେରଣା ନେଇ କାମ କରୁଛନ୍ତି, ସେମାନଙ୍କର ସବୁଠାରୁ ବଡ଼ ଭୟ ହେଲା— ସାମ୍ରାଜ୍ୟବାଦୀଙ୍କର ଯୁଦ୍ଧ ଚକ୍ରାନ୍ତ । ସେଥିପାଇଁ ଏମାନେ ବାଧ୍ୟ ହୋଇ ସାମରିକ ପ୍ରସ୍ତୁତି ପାଇଁ ଅଜସ୍ର ଟଙ୍କା ଖର୍ଚ୍ଚ କରୁଛନ୍ତି । ବିଶ୍ୱଶାନ୍ତି ସମ୍ଭବ ହେଲେ ଯେଉଁ ଅଜସ୍ର ମୁଦ୍ରା ସାମରିକ ବ୍ୟୟ ଲାଗି ଅଯଥା ଖର୍ଚ୍ଚ ହୋଇଚାଲିଛି, ତାହା ସାମ୍ୟବାଦ ପ୍ରତିଷ୍ଠାରେ ଖର୍ଚ୍ଚ ହୋଇପାରିବ । ଠିକ୍ ଏହି କାରଣରୁ ବୋଧହୁଏ ପୁଞ୍ଜିପତି ଦେଶମାନେ ଯୁଦ୍ଧ ଆଶଙ୍କା ହ୍ରାସ କରିବା ପାଇଁ ରାଜି ନୁହନ୍ତି । ପ୍ରଥମତଃ ଯୁଦ୍ଧ ନ ହେଲେ ପୁଞ୍ଜିପତି ଦେଶରେ ଅକର୍ମା ସମସ୍ୟା, ଆର୍ଥିକ ଅବନତି, କାରଖାନା ବନ୍ଦ ପ୍ରଭୃତି ଅରାଜକତା ଦେଖାଦେବ—ପୁଞ୍ଜିପତିମାନଙ୍କର କ୍ଷତି ହେବ—ଶ୍ରମିକମାନେ ସଂଗ୍ରାମଶୀଳ ହୋଇଉଠିବେ, ଅଥଚ ଯୁଦ୍ଧ ପରିସ୍ଥିତି ଲାଗି ରହିଥିଲେ ଏସବୁ ସାମାଜିକ ଅସ୍ଥିରତା ରହିବ ନାହିଁ ଏବଂ ଲାଭର ମାତ୍ରା ବଢ଼ି ବଢ଼ି ଚାଲିଥିବ । ତେଣେ ସାମରିକ ପ୍ରତିଯୋଗିତା ନହେଲେ ସମାଜବାଦୀ ଦେଶମାନଙ୍କର ସମୃଦ୍ଧି ଅସମ୍ଭବ ଭାବରେ ବଢ଼ିଯିବ । ଏହାର ବୈଜ୍ଞାନିକମାନେ ବର୍ତ୍ତମାନ ଯେଉଁ ଅଦ୍ଭୁତ କୃତିତ୍ୱ ହାସଲ କରୁଛନ୍ତି, ତାହା ଆହୁରି ବେଶି ବଢ଼ିଯିବ । ଏହି କାରଣରୁ ପୃଥିବୀର ପୁଞ୍ଜିପତି ଦେଶମାନେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠାକୁ ଏତେ ବେଶି ଭୟ କରୁଛନ୍ତି । ଏହା ପୃଥିବୀ ପକ୍ଷରେ ଭୟଙ୍କର ଅଶୁଭ ଲକ୍ଷଣ; କିନ୍ତୁ ଯେତେଦୂର ମନେହୁଏ, ଏହି ଆଣବିକ ଯୁଗରେ ଯୁଦ୍ଧ ବିରୁଦ୍ଧରେ କ୍ରମେ କ୍ରମେ ପୁଞ୍ଜିପତି ଦେଶମାନଙ୍କରେ ମଧ୍ୟ ଯେ ପ୍ରକାର ଜନଜାଗରଣ ଦେଖାଦେଉଛି, ତାହା ବିଶ୍ୱଶାନ୍ତି ଦିଗରେ ଅତ୍ୟନ୍ତ ସହାୟକ ବୋଲି ଜଣାଯାଉଛି । ରୁଷବାସୀ ବିଶ୍ୱାସ କରନ୍ତି ଯେ ନିକଟ ଭବିଷ୍ୟତରେ ପୃଥିବୀର ଶାନ୍ତିକାମୀ ଜନତା ଦ୍ୱାରା ସ୍ଥାୟୀ ଶାନ୍ତି ସମ୍ଭବ ହୋଇପାରିବ । ଏହି ବିରାଟ ଆଶା ଓ ଆଗାମୀ ଯୁଗର ଅଭିନବ ସ୍ୱପ୍ନକୁ ଆଖି ଆଗରେ ରଖି ସୋଭିଏତ୍ ରୁଷ ଯେପରି ଦୃଢ଼ ଆତ୍ମବିଶ୍ୱାସ ସହ ଆଗେଇ ଚାଲିଛି, ତାହା ସୋଭିଏତ୍ ରୁଷର ସାମାଜିକ ଜୀବନକୁ ନିଜ ଆଖିରେ ନ ଦେଖିଲେ ସମ୍ପୂର୍ଣ୍ଣ ରୂପେ ଅନୁଭବ କରିବା ସହଜ ନୁହେଁ । ନୂଆ ମଣିଷ ଗଢ଼ି ନୂତନ ମାନବିକ ସଭ୍ୟତା ଓ ସଂସ୍କୃତି ସମ୍ପନ୍ନ ପରିବେଶ ସୃଷ୍ଟି କରିବାର ଯେଉଁ ଐତିହାସିକ କଳ୍ପନା, ତାହା ବିଂଶ ଶତାବ୍ଦୀର ଶେଷ ଭାଗରେ ସମ୍ଭବ ହେବାକୁ ଯାଉଛି ।

■■■

Digitized by PPRACHIN, SOA

ଅନ୍ୟାନ୍ୟ ଦେଶ

Digitized by PPRACHIN, SOA

Digitized by PPRACHIN, SOA

ଚୀନ୍

୧୯୮୦ରେ ଚୀନ୍ ଭ୍ରମଣରେ ଯିବାବେଳେ ମୋର ଯେଉଁ ଅନୁଭୂତି ହୋଇଥିଲା, ତାର ବର୍ଣ୍ଣନା ଏଠାରେ ଦିଆହୋଇଛି । ଏ ବିଷୟରେ ଖବରକାଗଜ ଓ ପତ୍ରପତ୍ରିକାରେ ପ୍ରକାଶିତ ମୋର ଅଭିମତ ଏଠାରେ ବିଶ୍ଳେଷଣ କରାହୋଇଛି । ୧୯୮୦ ମସିହାଠାରୁ ହିଁ ଚୀନ୍‌ରେ ଶିଳ୍ପ ବିପ୍ଳବର ସୂତ୍ରପାତ ହେଲା । ଆଗ ତିରିଶି ବର୍ଷ କେବଳ କୃଷି, ମାଛ ଚାଷ, ପନିପରିବା ପ୍ରଭୃତି ଖାଦ୍ୟ ପଦାର୍ଥ ଉତ୍ପାଦନ ଦିଗରେ ସମଗ୍ର ଦେଶ ଲାଗି ପଡ଼ିଥିଲା । ସର୍ବହରାମାନଙ୍କର ହଜାର ହଜାର ମାଇଲ ଧରି ବୈପ୍ଳବିକ ପଦଯାତ୍ରା ଫଳରେ ଯେ ପ୍ରକାରର ପ୍ରଚଣ୍ଡ ଲୋକଶକ୍ତିର ବିକାଶ ହେଲା, ତା ଫଳରେ ଦେଶର ସର୍ବପ୍ରଥମ ଜନାଦେଶ ହେଲା ଖାଦ୍ୟ, ପ୍ରାଥମିକ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଦେଶକୁ ସଂପୂର୍ଣ୍ଣ ରୂପେ ସ୍ୱାବଲମ୍ବୀ କରିବା । ଫଳରେ ଦେଶରେ ପ୍ରତ୍ୟେକ ଇଂଚ୍ ଜମିକୁ ଉତ୍ପାଦନକ୍ଷମ କରିବାର ଦୃଢ଼ ସଂକଳ୍ପ ଫଳରେ ଦେଶର ଖାଦ୍ୟ ଉତ୍ପାଦନ ହୁ'ହୁ ହୋଇ ବଢ଼ି ଚାଲିଲା; ପ୍ରତିବର୍ଷ ବଢ଼ି ମରୁଡ଼ି ଓ ଦୁର୍ଭିକ୍ଷ ଦାଉରୁ ଦେଶକୁ ସଂପର୍ଣ୍ଣ ରୂପେ ମୁକ୍ତ କରାଗଲା । ରାଜରାସ୍ତା କଡ଼ ଜମିକୁ ଖାଲ କରି ଅନୁର୍ବର କରି ରଖିବା ପରିବର୍ତ୍ତେ ବଡ଼ ବଡ଼ ପୋଖରୀମାନ ଖୋଳି ରାସ୍ତା ତିଆରି ହେଲା—ପୋଖରୀରେ ମାଛ ଚାଷ ହେଲା— ରେଳ ଗାଡ଼ି ସବୁ ଯେପରି ଧାନ ବିଲ ଭିତରେ ଚାଲିଛି । ଫଳରେ ସ୍ୱାଧୀନତା ପରଠାରୁ ଏମାନେ ଏକ ଗ୍ରାମ ଖାଦ୍ୟ ଅନ୍ୟ ଦେଶରୁ ଆଣି ନାହାନ୍ତି । ବର୍ତ୍ତମାନ ଚାଇନାରେ ୪୫୦ ମିଲିୟନ ଟନ ଖାଦ୍ୟ ଉତ୍ପାଦନ ହେଉଛି ।

ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ କରାହେଲା—ସ୍ୱାସ୍ଥ୍ୟ କାର୍ଯ୍ୟ ପାଇଁ ଅଳ୍ପ କିଛିଦିନ ସ୍ୱାସ୍ଥ୍ୟ ଶିକ୍ଷା ଦେଇ ଲକ୍ଷ ଲକ୍ଷ ଶିକ୍ଷାକର୍ମୀଙ୍କୁ ଗାଁ ଗଣ୍ଡା ପଠାହେଲା । ପାଣି ଫୁଟାଇ ପିଇବା ପାଇଁ ସମସ୍ତେ ଅଭ୍ୟସ୍ତ ହୋଇଗଲେ । କେତେକ ବିଷାକ୍ତ ଗେଣ୍ଡା, ପୋକ ମାଛିକୁ ସମସ୍ତେ ମିଳିମିଶି ଲୋପ କରିବାକୁ ଆରମ୍ଭ କଲେ । ମନ୍ତ୍ରୀମାନେ ସାଇକେଲରେ ଅଫିସ ଗଲେ ।

ଆମେମାନେ ଯେତେବେଳେ କୌଣସି କଳକାରଖାନା ଦେଖିବାକୁ ଇଚ୍ଛା କରୁ, ଆମକୁ ସେତେବେଳେ ନିରୁତ୍ସାହିତ କରାହେଉଥିଲା । କାରଣ ତାଙ୍କର କାରଖାନା ସେତେବେଳକୁ ଅତି ଅନୁନ୍ନତ ଧରଣର ଥିଲା । ସେମାନେ ଆମକୁ କହୁଥିଲେ ଯେ ଭାରତ ଏ ଦିଗରେ ବହୁତ ଆଗେଇଚି- ଆମର କଳ କାରଖାନା ବହୁତ ନିମ୍ନ ଧରଣର । ସେହି ଦେଶ ପ୍ରଥମେ ଖାଦ୍ୟ, ପ୍ରାଥମିକ ଶିକ୍ଷା ଓ ସାଧାରଣ ସ୍ୱାସ୍ଥ୍ୟକୁ ସୁଧାରି ସାରିଲା ପରେ ଶିଳ୍ପ ବିସ୍ତାର ଉପରେ ନଜର ଦେଲା ଏବଂ ଗତ ପ୍ରାୟ କୋଡ଼ିଏ ବର୍ଷ ଭିତରେ ଭାରତକୁ ଶିଳ୍ପ କ୍ଷେତ୍ରରେ ସେମାନେ ଟପିଗଲେ । ଗତ କେତେବର୍ଷ ଧରି ବର୍ଷକୁ ହାରାହାରି ଦଶ ବାର ପ୍ରତିଶତ ହାରରେ ଏହାର ଅର୍ଥନୈତିକ ବୃଦ୍ଧି ହୋଇ ଚାଲିଛି । ଭାରତରେ ହାରାହାରି ତିନି ଚାରିରୁ ମଧ କମ୍ । ଭାରତରେ ଦାରିଦ୍ର୍ୟ ସୀମାରେଖା ତଳେ ବର୍ତ୍ତମାନ

Digitized by PPRACHIN, SOA

ସୁଦ୍ଧା ଅର୍ଦ୍ଧାଧିକ ଲୋକ ରହିଛନ୍ତି । ସେହିପରି ଶିକ୍ଷା କ୍ଷେତ୍ରରେ ମଧ୍ୟ ଦୁରବସ୍ଥା । ଶିଶୁ ଓ ଗର୍ଭବତୀ ମହିଳା ମୃତ୍ୟୁହାର ମଧ୍ୟ ଭାରତରେ ସର୍ବାଧିକ ।

କୃଷି କ୍ଷେତ୍ରରେ ଅଭିନବ ଉନ୍ନତି ଯୋଗୁଁ ହିଁ ଶିଳ୍ପ ବିପ୍ଳବ ଏପରି ଭାବରେ କ୍ଷିପ୍ରତର ହୋଇପାରିଲା । ଆମେରିକା ପରି ପୁଞ୍ଜିପତି ଦେଶମାନେ ଚାଇନାର ବଜାର ପ୍ରତି ଏପରି ଲୋଭନୀୟ ଦୃଷ୍ଟି ରଖିଛନ୍ତି ଯେ ବାହାରେ ଚାଇନାର ନାଗରିକ ସ୍ୱାଧୀନତା, ପରମାଣୁ ବୋମାର ଅଧିକାରୀ ଏବଂ ଅନ୍ୟ ଦେଶକୁ ଏହି ଜ୍ଞାନ କୌଶଳର ଉତ୍ପାଦନ ବିରୁଦ୍ଧରେ ଯେତେ ପାଟି କରୁଥିଲେ ସୁଦ୍ଧା କେବଳ ଏହାର କିଣିବା ଶକ୍ତି ବୃଦ୍ଧି ଯୋଗୁ ସମସ୍ତେ ସେଠାରେ ପୁଞ୍ଜି ନିବେଶ କରି ଚାଲିଛନ୍ତି । ପୃଥିବୀରେ ବୋଧହୁଏ ପ୍ରତିବର୍ଷ ଚାଇନାରେହିଁ ସବୁଠୁ ବେଶି ବିଦେଶୀ ପୁଞ୍ଜି ଖଟା ଯାଉଛି । ଭାରତରେ ଏହା ସଂଭବ ହୋଇପାରୁ ନାହିଁ । ଉଦାହରଣ ସ୍ୱରୂପ ଭାରତର ତଥାକଥିତ ଦୁଇଶହ ମିଲିୟାନ ମଧ୍ୟବିତ୍ତ ପରିବାର ଉପରେ ନିର୍ଭର କରି ବହୁ ମୋଟର କଂପାନୀ ସେମାନଙ୍କର ଉତ୍ପାଦନ ଭାରତରେ ଆରମ୍ଭ କରି ଦେଲେ—କିନ୍ତୁ ଦେଖାଗଲା ଯେ ଏତେ ବେଶି ଦାମର ମୋଟର ଗାଡ଼ି କିଣିବାର କ୍ଷମତା ଭାରତୀୟ ମଧ୍ୟବିତ୍ତ ପରିବାରର ନାହିଁ । ସେହିପରି ଟେଲିଭିଜନ ପରି ସୌଖୀନ ଜିନିଷର ସୀମିତ ବଜାର ଭାରତରେ ରହିଛି ।

ଚୀନ୍ ଜନସାଧାରଣଙ୍କର ସର୍ବନିମ୍ନ ସୁବିଧାର ଅଗ୍ରଗତି ଯୋଗୁ ଚାଇନାମାନଙ୍କ ପ୍ରତି ଏମାନଙ୍କର ଏତେ ଆଦର । ଚୀନ୍ ସବୁ କ୍ଷେତ୍ରରେ ଶକ୍ତିଶାଳୀ ହୋଇଥିବାରୁ ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କର ଏମାନଙ୍କ ପ୍ରତି ଆଦର ବଢ଼ି ଯାଇଛି । କିନ୍ତୁ ସବୁ କ୍ଷେତ୍ରରେ ଦୁର୍ବଳ ଭାରତକୁ ସମସ୍ତେ ଧମକାଇ ଚାଲିଛନ୍ତି । ଆନ୍ତର୍ଜାତିକ କ୍ଷେତ୍ରରେ ଭାରତର କୌଣସି ସମ୍ମାନ ନାହିଁ । ବରଂ କ୍ରମେ ଭାରତ ଇଷ୍ଟଇଣ୍ଡିଆ କଂପାନୀ ରାଜତ୍ୱ ସମୟକୁ ଖସି ଖସି ଚାଲିଛି । ଆମର ସାଧାରଣ ବ୍ୟବହୃତ ଜିନିଷକୁ ମଧ୍ୟ ପାଶ୍ଚାତ୍ୟ ରାଜ୍ୟମାନେ ପେଟେଣ୍ଟ କରି କବଳିତ କରିବାକୁ ବସିଲେଣି । ପୁଞ୍ଜିପତି ଦେଶମାନେ ଭାରତର ରାଜନୈତିକ ଦୁର୍ବଳତାର ସୁଯୋଗ ନେବା ପାଇଁ ଓର ଉଣ୍ଡୁଛନ୍ତି ।

ଏହି ପରିପ୍ରେକ୍ଷୀରେ ଚୀନର ବୈପ୍ଳବିକ ସମାଜବାଦୀ ଦିଗ୍‌ଦର୍ଶନ ବିଷୟରେ ମୋର ଅନୁଭୂତି ନିଶ୍ଚିତ ଭାବରେ ଅର୍ଥପୂର୍ଣ୍ଣ ହେବ । ଭାରତରେ କ୍ଷମତା ହସ୍ତାନ୍ତରର କୁଫଳ କିପରି ଦେଶକୁ ପୃଥିବୀର ଯେ କୌଣସି ଦେଶର ବୈପ୍ଳବିକ ପରିବର୍ତ୍ତନର ପୂର୍ବ ଅବସ୍ଥାକୁ ନେଇ ଯାଉଛି, ସେ ବିଷୟରେ ଆମମାନଙ୍କୁ ଚିନ୍ତା କରିବାକୁ କିଛିଟା ଉପାଦାନ ଯୋଗାଇ ଦେବ ବୋଲି ମୋର ବିଶ୍ୱାସ ।

୧୯୮୦ ମସିହାରେ ଭାରତ-ଚୀନ୍ ମୈତ୍ରୀ ସଂଘ ତରଫରୁ ଓଡ଼ିଶାରେ ଗୋଟିଏ ପ୍ରତିନିଧି ଦଳ ଚୀନ୍ ଯାଇଥିଲା । ସେମାନଙ୍କ ମଧ୍ୟରେ ମୁଁ ଜଣେ । ଅନ୍ୟମାନେ ହେଲେ ସର୍ବଶ୍ରୀ ମନମୋହନ ମିଶ୍ର, ଗିରିଜା ଭୂଷଣ ପଟ୍ଟନାୟକ, ରବୀନ୍ଦ୍ରନାଥ ପାଣିଗ୍ରାହୀ, ହରିଶ୍ଚନ୍ଦ୍ର ବକ୍ସିପାତ୍ର ଓ ଅବିର ପାଢ଼ୀ । ପୃଥିବୀର ସାମ୍ରାଜ୍ୟବାଦୀ, ପୁଞ୍ଜିପତି ଦେଶ, ପାଶ୍ଚାତ୍ୟ ଜନମଙ୍ଗଳ ରାଷ୍ଟ୍ର ଓ କମ୍ୟୁନିଷ୍ଟ ସୋଭିଏତ୍ ରୁଷ୍ ଦେଖିଲା ପରେ ଏସିଆ ମହାଦେଶର ଶତାଧିକ କୋଟି ଅଧିବାସୀଙ୍କର ବିରାଟ ସମାଜବାଦୀ ଭୂଖଣ୍ଡ ଦେଖିବା ପାଇଁ ଆଗ୍ରହ ରହିବା ସ୍ୱାଭାବିକ । ଭାରତ ୧୯୪୭ରେ ସ୍ୱାଧୀନ ହେଲା । ଚୀନ୍ ଭୟଙ୍କର ଗୃହଯୁଦ୍ଧ ଭିତର ଦେଇ ଅଗଣିତ ଜନତାର ଚରମ ସ୍ୱାର୍ଥତ୍ୟାଗ ଫଳରେ ୧୯୪୯ରେ ସମାଜବାଦୀ ଦେଶ ହିସାବରେ ଜନ୍ମ ଲାଭ କଲା । ଭାରତ-ଚୀନ୍ ମଧ୍ୟରେ ଗୋଟିଏ ତୁଳନାତ୍ମକ ବିଶ୍ଳେଷଣ କରିବା ମୋର ଅଭିପ୍ରାୟ ଥିଲା । ଅବଶ୍ୟ ଭାରତ ଓ ଚୀନ୍‌ର ସ୍ୱାଧୀନତା ପରର ଯୋଜନାରେ ବହୁତ ତଫାତ୍ ରହିଛି । ଏ ସଂପର୍କରେ ଗୋଟିଏ କଥା ମନେ ପଡୁଛି । ଆମେ ଗଲାବେଳେ କଟକ ଷ୍ଟେସନରେ ବହୁ ବନ୍ଧୁ ଆମମାନଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଏକତ୍ରିତ ହୋଇଥିଲେ । ସେମାନଙ୍କ ଭିତରୁ ଜଣେ ଓକିଲ ବନ୍ଧୁ ମୋତେ କହିଥିଲେ-'ଆପଣ ତ ଭାରତରେ ଗୋଟିଏ ବିପ୍ଳବ ଦେଖିଛନ୍ତି, ଚୀନ୍‌ରେ ଆଉ ଗୋଟିଏ ବିପ୍ଳବର ଫଳାଫଳ ଦେଖିବେ ।' ଏହାଶୁଣି-

Digitized by PPRACHIN, SOA

ମୋର ଏଗାର-ବାର ବୟସର ନାତି ସିଦ୍ଧାର୍ଥ ଯେ କି ବହୁତ ଇତିହାସ ବହି ସବୁବେଳେ ପଢ଼େ, ମୋତେ କହିଥିଲା-'ଅଚ୍ଛା, ଭାରତରେ ତ ବିପ୍ଳବ ହୋଇ ନଥିଲା, କେବଳ ମାତ୍ର କ୍ଷମତା ହସ୍ତାନ୍ତର ହୋଇଥିଲା । ତାହାତ ବିପ୍ଳବ ନୁହେଁ ।' ମୋର ଓକିଲ ବନ୍ଧୁ ମୋତେ ଆଶ୍ଚର୍ଯ୍ୟ ହୋଇ ପଚାରିଥିଲେ ଯେ, ସେ ପିଲା କିପରି ଏତେ ବଡ଼ କଥା କହୁଛି ? ସେ ଠିକ ସାର କଥାଟିଏ କହିଥିଲା । ମୁଁ ମଧ୍ୟ ମୋ ନାତି ସହିତ ଏକମତ । ଭାରତରେ ବିପ୍ଳବ ନ ହୋଇ ଦିଲ୍ଲୀରେ କେବଳ ରାଜନୈତିକ କ୍ଷମତା ହସ୍ତାନ୍ତର ହୋଇଥିବାରୁ ଭାରତୀୟ ଜନତାର ସ୍ୱପ୍ନ ଓ ସ୍ୱାର୍ଥତ୍ୟାଗ ସମ୍ପୂର୍ଣ୍ଣ ଭାବରେ ପ୍ରତାରିତ ହୋଇଗଲା ।

ଆମମାନଙ୍କୁ ରେଙ୍ଗୁନ୍ ବାଟଦେଇ ଯିବାକୁ ହୋଇଥିଲା । ରେଙ୍ଗୁନ୍ ଉଡ଼ାଜାହାଜ ଘାଟିରେ ଏବଂ ସହର ଭିତରେ ବହୁ କଟକଣା ଦେଖିବାକୁ ମିଳିଲା । ବର୍ମା ଦେଶଟି ସାରା ପୃଥିବୀରୁ ପୂରାପୂରି ବିଛିନ୍ନ ହୋଇ ଗୋଟିଏ କ୍ଷୁଦ୍ର ଶାସକଗୋଷ୍ଠୀଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ଆୟତ୍ତ ହୋଇ ରହିଥିବା କଥା ଜଣାଗଲା । ସେଠାକାର କେତେକ ଲୋକ ବର୍ମାର ଚରମ ରାଜନୈତିକ ଓ ଅର୍ଥନୈତିକ ଦୁରବସ୍ଥା କଥା ବର୍ଣ୍ଣନା କରିଥିଲେ । ରେଙ୍ଗୁନ୍ ସହରର ପ୍ରାଚୁର୍ଯ୍ୟ ଭିତରେ ଭାରତ ପରି ଦାରିଦ୍ର୍ୟର ବିକଟାଳ ରୂପ ମଧ୍ୟ ଆଖିରେ ପଡ଼ିଥିଲା ।

ରେଙ୍ଗୁନ୍ ସହରଟି ଅବଶ୍ୟ ବହୁତ ସୁନ୍ଦର । ସେଠାରେ ବିଶ୍ୱବିଖ୍ୟାତ ପାଗୋଡ଼ାର ଦୃଶ୍ୟ ମନରୁ ଲିଭିବାର ନୁହେଁ । ଅତି ସୁନ୍ଦର ପରିବେଶ ଭିତରେ ଏହି ପାଗୋଡ଼ାଟି ଗୋଟିଏ ପାହାଡ଼ ଉପରେ ନିର୍ମିତ । ଏହା ବହୁ ମନ୍ଦିରର ସମଷ୍ଟି । ଏହାର ବେଢ଼ା ଭିତର ଏତେ ପରିଷ୍କାର ଯେ, ଯେ କୌଣସି ଲୋକ ଏହାର ପ୍ରଶସ୍ତ ଅଗଣାମାନଙ୍କରେ ଯେ କୌଣସି ସ୍ଥାନରେ ତଳେ ପଦ୍ମାସନରେ ବସି ଧ୍ୟାନ କରୁଥାଏ । କୌଣସି ସ୍ଥାନରେ ଟିକେ ଧୂଳିମଳି ଦେଖିବାକୁ ନାହିଁ । ମୋର ଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିରର ଧୂଳିଧୂସର ପାଣିପଚ ପଚ ମଇଳା ବେଢ଼ା କଥା ମନେ ପଡ଼ିଗଲା । ପାଗୋଡ଼ା ଭିତରେ ପଶିଗଲା କ୍ଷଣି ଚାରିଆଡ଼େ ଏ ପ୍ରକାର ପରିଷ୍କାର ପରିଚ୍ଛନ୍ନତା ଯୋଗୁ ମନରେ ଗୋଟିଏ ଆଧ୍ୟାତ୍ମିକ ଅନୁଭୂତି ଜାଗେ । ସେଠାରେ ବହୁତ ଲୋକ ବୁଦ୍ଧଙ୍କ ପରି ପଦ୍ମାସନରେ ବସି ଧ୍ୟାନ କରୁଥା'ନ୍ତି । ଶହ ଶହ ବୁଦ୍ଧମୂର୍ତ୍ତି ଚତୁର୍ଦ୍ଦିଗରେ ସଜାହୋଇ ରଖାହୋଇଥାଏ । ଗୋଟିଏ ସ୍ଥାନରେ ହଠାତ୍ ଆଶ୍ଚର୍ଯ୍ୟ ହୋଇ ଚାହିଁ ଦେଖିଲି ଯେ ବହୁ ବୁଦ୍ଧମୂର୍ତ୍ତି ନିକଟରେ ଦୁଇଜଣ ଲୋକ ବୁଦ୍ଧମୂର୍ତ୍ତି ପରି ନିଶ୍ଚଳ ହୋଇ ପଦ୍ମାସନରେ ବସିଛନ୍ତି । ପ୍ରଥମେ ସେମାନଙ୍କୁ ମୁଁ ବୁଦ୍ଧମୂର୍ତ୍ତି ବୋଲି ଭ୍ରମ କରିଥିଲି । ଠିକ୍ ଧଳା ମାର୍ବଲ ପଥର ମୂର୍ତ୍ତି ପରି ସେମାନେ ଦେଖାଯାଉଥିଲେ । ଏ ପ୍ରକାର ସର୍ବବ୍ୟାପୀ ନୀରବତା ଆମ ମନ୍ଦିରମାନଙ୍କରେ କ'ଣ ସମ୍ଭବ ? ବରଂ ବର୍ତ୍ତମାନ ପ୍ରତ୍ୟେକ ମନ୍ଦିରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଭଗବତ ପ୍ରାର୍ଥନା ଆରମ୍ଭ ହୋଇଯାଇଛି । ଆମ ଦେଶର ଦେବଦେବୀମାନେ ଶାସକବର୍ଗଙ୍କ ପରି ବୋଧହୁଏ କାଲ ହୋଇଗଲେଣି । ମୋଟାମୋଟି ଭାବରେ ରେଙ୍ଗୁନ୍ ସହରଟି ଖୁବ୍ ଭଲ ଭାବରେ ରକ୍ଷଣାବେକ୍ଷଣ ହୋଇପାରିଛି ।

ତା'ପରଦିନ ଚୀନ୍‌ର କୁନ୍‌ମିଙ୍ଗ୍ ସହର ଦେଇ ବେଜିଂରେ ପହଞ୍ଚିଲୁ । ସେଠାରେ ପହଞ୍ଚିଲା ବେଳକୁ ରାତ୍ରି ପ୍ରାୟ ଏଗାରଟା । ଆମମାନଙ୍କୁ ପାଛୋଟି ନେବା ପାଇଁ ଚୀନ୍ ସରକାରଙ୍କର ସାଂସ୍କୃତିକ ଉପ-ପ୍ରଧାନମନ୍ତ୍ରୀ ଆସିଥାନ୍ତି । ବିମାନବନ୍ଦରଠାରେ ଦେଖାଗଲା ଯେ ଆମ ଜିନିଷପତ୍ର କୁନ୍‌ମିଙ୍ଗଠାରୁ ଆମ ସହିତ ଆସିପାରି ନାହିଁ । କୁନ୍‌ମିଙ୍ଗ୍‌ରେ ଆମେ ଯେତେବେଳେ ଉଡ଼ାଜାହାଜ ବଦଳାଇଲୁ, ଆମକୁ ସେଠାରେ ମହାସମାରୋହରେ ସମ୍ବର୍ଦ୍ଧନା ଦିଆ ହୋଇଥିଲା । ମୁଁ କିନ୍ତୁ ବାରମ୍ବାର ଚୀନ୍ କର୍ତ୍ତୃପକ୍ଷଙ୍କୁ ପଚାରୁଥାଏ ଆମ ଜିନିଷପତ୍ର କଥା । ସେମାନେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଏ ଜିନିଷ ଆମମାନଙ୍କ ସାଥିରେ ଯିବ— କିନ୍ତୁ ଶେଷରେ ଜିନିଷ ଆସିପାରି ନଥିଲା । ଏଥିରେ ସାଂସ୍କୃତିକ ଉପ-ପ୍ରଧାନମନ୍ତ୍ରୀ ବଡ଼ ଅପ୍ରତିଭ ହୋଇ ପଡ଼ିଥିଲେ । ସେ ବହୁଥର କ୍ଷମା ପ୍ରାର୍ଥନା କରି

Digitized by PPRACHIN, SOA

କହିଥିଲେ ଯେ ଚବିଶ ଘଣ୍ଟା ଭିତରେ ଆମ ଜିନିଷ ଆମକୁ ମିଳିଯିବ । ମୋର ତାଙ୍କ କଥାରେ ବିଶ୍ୱାସ ହୋଇ ନଥିଲା । କାରଣ କୁନମିଙ୍ଗ ବେଜିଂଠାରୁ ଉଡ଼ାଜାହାଜରେ ପାଞ୍ଚଘଣ୍ଟାର ବାଟ । ତା'ଛଡ଼ା ସପ୍ତାହକୁ ଥରେ ମାତ୍ର ବେଜିଂରୁ କୁନ୍‌ମିଙ୍ଗ ଉଡ଼ାଜାହାଜ ଯାଉଥିଲା । ଯା'ହେଉ, ତା'ପରଦିନ ସଂଧ୍ୟା ସୁଦ୍ଧା ଆମ ଜିନିଷପତ୍ର ହୋଟେଲରେ ଆଣି ପହଞ୍ଚାଇ ଦିଆ ହୋଇଥିଲା । ସରକାରଙ୍କ ତରଫରୁ ସାମରିକ ଓ କୃଷି ବିଭାଗର ଉଡ଼ାଜାହାଜ ସାହାଯ୍ୟରେ ଆମ ଜିନିଷପତ୍ର ପ୍ରାୟ ୪୦ର ଘଣ୍ଟା ଭିତରେ ଆସି ପହଞ୍ଚିଗଲା । ଏହା ହେଉଛି ସେମାନଙ୍କର ଚରମ ଦାୟିତ୍ୱବୋଧ ଓ ଦକ୍ଷତାର ଲକ୍ଷଣ । ତା'ପରେ ଆମେ କୁନମିଙ୍ଗ୍ ବାଟଦେଇ ଫେରିଲାବେଳେ ଶୁଣିଲୁ ଯେ ଯେଉଁ ଭଦ୍ରବ୍ୟକ୍ତି ଆମ ଜିନିଷପତ୍ର ଦାୟିତ୍ୱରେ ଥିଲେ, ଶାସ୍ତି ସ୍ୱରୂପ ତାଙ୍କର ପଦ ସ୍ଖଳନ କରା ହୋଇଛି । ସେ ବିଶିଷ୍ଟ ବ୍ୟକ୍ତିଙ୍କର ପର୍ଯ୍ୟଟନ ଦାୟିତ୍ୱରେ ଥିଲେ । ତାଙ୍କୁ ସେ ସ୍ଥାନରୁ ଖସାଇ ସାଧାରଣ ଯାତ୍ରୀଙ୍କ ପାଇଁ ରଖା ହୋଇଛି । ସେ ନିଜେ ଏ କଥା ଆମକୁ କହିଥିଲେ । ଏହା ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନର ଚରମ ପରୀକ୍ଷାର ଜ୍ୱଳନ୍ତ ଉଦାହରଣ । ଏପରି ନିର୍ଦ୍ଦିଷ୍ଟ ଦାୟିତ୍ୱ ବିଚ୍ୟୁତି ପାଇଁ କୈଫିୟତ ଓ ଶାସ୍ତିବିଧାନ ଆମ ଦେଶରେ ସମ୍ଭବ କି ? ଆମ ଦେଶରେ ସବୁ ସ୍ତରଣର ଦାୟିତ୍ୱହୀନତା ଯେପରି ଗଣତାନ୍ତ୍ରିକ ପରମ୍ପରାର ବୈଶିଷ୍ଟ୍ୟ ?

ଆଉ ଗୋଟିଏ ଅଦ୍ଭୁତ ଅନୁଭୂତି ପହଞ୍ଚିବା ପରଦିନ ଆମର ହୋଇଥିଲା । ଆମେ ହୋଟେଲ ଆଗରେ ଠିଆ ହୋଇଥିଲୁ । ମୁଁ ମୋର ବନ୍ଧୁଙ୍କୁ ଥଟ୍ଟାରେ କହିଲି ଯେ ଆମକୁ ଯେଉଁ ସାଂସ୍କୃତିକ ଉପ-ପ୍ରଧାନମନ୍ତ୍ରୀ ବିମାନଘାଟିକୁ ପାଛୋଟି ଆଣିବା ପାଇଁ ଯାଇଥିଲେ ସେ କିପରି ସାଇକେଲରେ ଆସୁଛନ୍ତି ! ମୁଁ ଥଟ୍ଟାରେ କହିଥିଲି, କାରଣ ତାଙ୍କପରି ଜଣେ ବୃଦ୍ଧ ବ୍ୟକ୍ତି ସାଇକେଲରେ ଆମ ହୋଟେଲ ଆଡ଼କୁ ଆସୁଥିଲେ । ସେ ପହଞ୍ଚିଲା ପରେ ଆମେ ଦେଖିଲୁ ଯେ ସେ ସତରେ ସେହି ଉପ-ପ୍ରଧାନମନ୍ତ୍ରୀ ! ସେ ଘରୁ ଅଫିସକୁ ଓ ଅଫିସରୁ ଘରକୁ ତାଙ୍କ ସାଇକେଲ୍‌ରେ ଯାଆନ୍ତି । କେବଳ ଅଫିସ କାମରେ ଗଲାବେଳେ ଅଫିସ ଗାଡ଼ିରେ ଯା'ନ୍ତି । ଏହା ପ୍ରକୃତରେ ଗୋଟିଏ ବୈପ୍ଳବିକ ସାମାଜିକ ପରିବର୍ତ୍ତନ । ଏହା ହେଉଛି ସ୍ୱାର୍ଥତ୍ୟାଗୀ ଦେଶସେବକର ଦେଶ ଶାସନ ପଦ୍ଧତି । ସାରା ଚୀନ୍‌ରେ ସେତେବେଳକୁ ଘରୋଇ କାର୍ ନଥାଏ । ସାରା ଦେଶ ଯେପରି ସାଇକେଲ୍‌ରେ ଚାଲିଛି । ଗାଁ-ଗଣ୍ଡା,ସହର-ମଫସଲ ସବୁଠି ସାଇକେଲ୍ । ତା'ପରେ ଦେଶର ଉନ୍ନତି ହେଲେ, ମଟରଗାଡ଼ି ବହୁ ସଂଖ୍ୟାରେ ତିଆରି ହେଲେ ଲୋକେ ମଟରଗାଡ଼ି ଚଢ଼ିବେ । ଲୋକମାନଙ୍କର ଯାତାୟତ ପାଇଁ ସୁନ୍ଦର ସୁନ୍ଦର ବସ୍ ଓ ପର୍ଯ୍ୟଟକମାନଙ୍କ ପାଇଁ ସୌଖୀନ ଭ୍ୟାନ୍ । ସାମ୍ୟବାଦୀ ଚୀନ୍‌ର ଏହା ଗୋଟିଏ ବିଶିଷ୍ଟ ସାମାଜିକ ବୈଶିଷ୍ଟ୍ୟ ।

ତା'ପରେ ଆମର ତିନି ସପ୍ତାହ ରହଣି କାଳରେ ବେଜିଂ, ନାନ୍‌କିଂ, ସାଂଘାଇ, କୁନମିଙ୍ଗ ପ୍ରଭୃତି ବହୁ ବିଶିଷ୍ଟ ସହର ବୁଲିଲୁ । ଅନେକଗୁଡ଼ିଏ ଗ୍ରାମ୍ୟ କମ୍ୟୁନ୍‌ରେ ଆଲୋଚନା ସଭାରେ ଯୋଗ ଦେଲୁ । ଗୋଟିଏ ମୁଖ୍ୟ ବୈଶିଷ୍ଟ୍ୟ ଆମର ଦୃଷ୍ଟିଗୋଚର ହେଲା ଯେ ସାଂସ୍କୃତିକ ବିପ୍ଳବ ଫଳରେ ସବୁ ବୁଦ୍ଧିଜୀବୀଙ୍କୁ—ଅଧ୍ୟାପକ, ଇଞ୍ଜିନିୟର, ଡକ୍ଟର ପ୍ରଭୃତି ବିଶେଷଜ୍ଞମାନଙ୍କୁ ଗ୍ରାମାଞ୍ଚଳରେ କାମ କରିବା ପାଇଁ ପଠାଇ ଦିଆ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଏମାନଙ୍କୁ ଅଳ୍ପଦିନ ପାଇଁ ଗ୍ରାମାଞ୍ଚଳର ବାସ୍ତବ ପରିସ୍ଥିତି ସହିତ ଅଭିଜ୍ଞତା ହାସଲ କରିବା ଲାଗି ପଠାଯାଇଥିଲା । ଗ୍ରାମାଞ୍ଚଳ ଲୋକଙ୍କୁ ସାକ୍ଷର କରିବା, ସେମାନଙ୍କର ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ କାର୍ଯ୍ୟରେ ନିୟୋଜିତ ହେବା ଉଦ୍ଦେଶ୍ୟରେ ଏମାନେ ପ୍ରେରିତ ହୋଇଥିଲେ । କିନ୍ତୁ କ୍ରମେ ସାଂସ୍କୃତିକ ବିପ୍ଳବ ଗୋଟିଏ କ୍ଷୁଦ୍ର କ୍ଷମତାଶାଳୀ ରାଜନୈତିକ ଗୋଷ୍ଠୀ ହାତକୁ ଚାଲିଗଲା । ସେମାନେ ସହରରେ, ବିଶ୍ୱବିଦ୍ୟାଳୟରେ ତାଙ୍କ ଦଳର ଲୋକଙ୍କୁ ଭର୍ତ୍ତି କରିଦେଲେ ଏବଂ ବହୁ ବିଶେଷଜ୍ଞ ଓ ଅଧ୍ୟାପକମାନଙ୍କୁ ଗାଁ'ରେ ଘୁଷୁରି ଗୁହାଳ ସଫା କରିବା, ଚାଷ ପ୍ରଭୃତି କାମରେ ଲଗାଇ ରଖିଲେ । ଆମେ ଗଲାବେଳକୁ

Digitized by PPRACHIN, SOA

ବିଶ୍ୱବିଦ୍ୟାଳୟର ଗବେଷଣାଗାର ଓ ଉଚ୍ଚଶିକ୍ଷା ଅତି ନିମ୍ନ ଅବସ୍ଥାରେ ଥିଲା । ବେଜିଂ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନ ମୁଖ୍ୟ ଅଧ୍ୟାପକ ମୋ ସହିତ ମୋ ହୋଟେଲରେ ଦେଖା କଲେ ସିନା, ତାଙ୍କ ବିଭାଗକୁ ଲାବରେ ମୋତେ ନେଇ ନଥିଲେ ବୋଲି ସ୍ୱୀକାର କଲେ । ସେତେବେଳକୁ ପୁଣି ବିଶ୍ୱବିଦ୍ୟାଳୟ ଓ ଗବେଷଣାଗାର ନୂତନ ଢାଞ୍ଚାରେ ଗଠନ କରା ହେଉଥିଲା ।

ସାଂସ୍କୃତିକ ବିପ୍ଳବ ଯୋଗୁ ଗ୍ରାମାଞ୍ଚଳ ଲୋକଙ୍କର ବ୍ୟକ୍ତି ମର୍ଯ୍ୟାଦା ଓ ଆତ୍ମବିଶ୍ୱାସ ବହୁତ ବଢ଼ିଯାଇଥିଲା । ସେମାନେ ଖୁବ୍ ଦୃଢ଼ତା ତଥା ଗଭୀର ଆତ୍ମପ୍ରତ୍ୟୟର ସହିତ ଆମ ସହିତ କଥାବାର୍ତ୍ତା କରୁଥିଲେ । ବହୁତ ଗର୍ବର ସହିତ ତାଙ୍କ ନିଜ ନିଜ କମ୍ୟୁନର ଉତ୍ପାଦନ କ୍ଷମତା, କ୍ରମବର୍ଦ୍ଧିଷ୍ଣୁ ଲାଭାଂଶ ଓ ସାଧାରଣ ସଭ୍ୟମାନଙ୍କର ସାର୍ବଜନୀନ ଉନ୍ନତି କଥା କହୁଥିଲେ । ଅଥଚ ସହରର ଲୋକେ ଟିକେ ଉଦାସ ଜଣାପଡୁଥିଲେ । ସେମାନେ ମନ ଖୋଲି ହସୁ ନଥିଲେ ବୋଲି ଜଣାଯାଉଥିଲା । କାରଣ ବହୁଦିନ ଧରି ସେମାନେ ଗ୍ରାମାଞ୍ଚଳରେ କାମ କରିବାରୁ ସେମାନଙ୍କ ଭିତରୁ ଅନେକେ ତାଙ୍କ ନିଜ ନିଜ କ୍ଷେତ୍ରରେ ବହୁତ ପଛେଇ ଯାଇଥିଲେ । ଏଣୁ ସେମାନଙ୍କୁ ବହୁଦିନଧରି ଛାଡ଼ି ଯାଇଥିବା ବୈଷୟିକ ଓ ନିଜ ନିଜ କାର୍ଯ୍ୟ କ୍ଷେତ୍ରରେ ଅଧିକ ପରିଶ୍ରମ କରିବାକୁ ପଡୁଥିଲା ।

କମ୍ୟୁନ ସଭ୍ୟମାନଙ୍କଠାରେ ଏପରି ଆତ୍ମଶକ୍ତି ଓ କାର୍ଯ୍ୟ ଦକ୍ଷତା ପାଇଁ ଆଗ୍ରହ ସୃଷ୍ଟି କରାଯାଇ ପାରିଥିଲା ଯେ ସେମାନେ ଅତି ବେଶି ଶିକ୍ଷିତ ହୋଇ ନଥିଲେ ସୁଦ୍ଧା କିପରି ଜଳସେଚନ, ଛୋଟ ଛୋଟ ଶିଳ୍ପ, ଉତ୍କୃଷ୍ଟ ଧରଣର ଫସଲ ଆମଦାନି ପ୍ରଭୃତି କ୍ଷେତ୍ରରେ ଦକ୍ଷତାର ସହ କାମ କରୁଥିଲେ— ତାହା ଆମମାନଙ୍କୁ ଦେଖାଇଥିଲେ । ଗୋଟିଏ କମ୍ୟୁନ୍‌ରେ ସିମେଣ୍ଟର ଅଭାବ ମେଣ୍ଟାଇବା ପାଇଁ ତାଙ୍କ ଭିତରୁ କେତେଜଣ ଯାଇ ସିମେଣ୍ଟ କାରଖାନା ଦେଖି ପୁରୁଣା ସିମେଣ୍ଟ ତିଆରି ଯନ୍ତ୍ରପାତି କିଣିଆଣି ଗୋଟିଏ ଛୋଟି ସିମେଣ୍ଟ କାରଖାନା ବସାଇ ପାରିଥିଲେ । ସେଠାରେ ଦିନକୁ ଏକ ଟନ୍ ସିମେଣ୍ଟ ଉତ୍ପାଦିତ ହୁଏ ଏବଂ ସେହି ସିମେଣ୍ଟକୁ ଟିଣରେ ନେଇ କାମ କରିଯାନ୍ତି । ଗୋଟିଏ ଛୋଟିଆ ଟିଣଘରେ ଏହି ସିମେଣ୍ଟ କାରଖାନାଟି ଚାଲିଥାଏ । ଆମର ପ୍ରତ୍ୟେକ ବ୍ଲକରେ ଏପରି ଛୋଟିଆ ଛୋଟିଆ ସିମେଣ୍ଟ କଳ ବସାଇଲେ ଲୋକେ କେତେ ଶସ୍ତାରେ ସିମେଣ୍ଟ ପାଇପାରନ୍ତେ ।

ମୋଟାମୋଟି ଭାବରେ ଚୀନ୍ ବିପ୍ଳବ, ଜନଶକ୍ତି ଜାଗରଣ ଏବଂ ତା'ର ବିନିଯୋଗ ଅତି ସାର୍ଥକତାର ସହିତ କରିପାରିଛି ବୋଲି ମନେହେଲା । ତାଙ୍କ ସମ୍ବିଧାନରେ ଲୋକଙ୍କର କାର୍ଯ୍ୟ କରିବାର ନ୍ୟାଯ୍ୟ ଦାବିକୁ ସ୍ଥାନ ଦିଆଯିବା ଫଳରେ କୋଟି କୋଟି ଲୋକଙ୍କର ହାତ କାମରେ ଲାଗି ପାରିଥିଲା । ଫଳରେ ଚଉଡ଼ା ଚଉଡ଼ା ରାସ୍ତା, ରାସ୍ତା ଦୁଇ ପାଖରେ ବହୁତ ଗଛ, ବିରାଟ ବିରାଟ ନଦୀବନ୍ଧ, ଲକ୍ଷ ଲକ୍ଷ ନୂଆ ପୋଖରୀ ଓ ହ୍ରଦ, କଳକାରଖାନା, କ୍ଷୁଦ୍ର ଶିଳ୍ପ ସଙ୍ଗଠନ ସବୁ ଗଢ଼ି ଉଠି ପାରିଲା । ମଣିଷ ହାତକୁ ବ୍ୟବହାର ନ କରି କେବଳ ପେଟକୁ ଭାରତ ପରି ଯେଉଁ ଦେଶର ଶାସକମାନେ ଗଣନ୍ତି ସେମାନେ ଅନ୍ୟଦେଶକୁ ଖାଦ୍ୟ ପାଇଁ ଭିକ ମାଗନ୍ତି । କିନ୍ତୁ ଯେଉଁମାନେ ହାତକୁ ବ୍ୟବହାର କରନ୍ତି ସେମାନେ ଚୀନ୍ ପରି ଦେଶର ଶହେକୋଟି ଲୋକଙ୍କୁ ନିଜ ଜମିରୁ ଖାଦ୍ୟ ଯୋଗାଇ ପାରନ୍ତି । ଅନ୍ୟ ଦେଶରେ ଭିକ ମାଗିବା ଘୃଣା କରନ୍ତି । ପ୍ରଥମ ପର୍ଯ୍ୟାୟରେ ଭାରତ, ଦ୍ୱିତୀୟ ପର୍ଯ୍ୟାୟରେ ଚୀନ୍ । ଭାରତ ଆମେରିକାଠାରେ ହାତ ପତେଇ ଗହମ ଆଣୁଥିଲାବେଳେ ଚୀନ୍ ଗୋଟିଏ କିଲୋଗ୍ରାମ ଖାଦ୍ୟ ବି ବାହାରୁ ଆଣି ନଥିଲା । ଫଳରେ ସେ ଦେଶର ଆତ୍ମସଂଭ୍ରମ, ଆତ୍ମବିଶ୍ୱାସ କିପରି ଭାବରେ ବଢ଼ିଯାଇଥିଲା, ତାହା ଦେଖିବାର କଥା । ଚୀନ୍‌ର ଯୁଗ ଯୁଗ ଧରି ଦୁଃଖଦାୟକ ପୀତନଦୀ ବର୍ତ୍ତମାନ ଏମାନଙ୍କ ଦ୍ୱାରା ସଂପୂର୍ଣ୍ଣ ରୂପେ ଆୟତ୍ତ ହୋଇପାରିଛି । ଗୋଟିଏ ଦୁଇଟି ବନ୍ଧ ନୁହେଁ, ବହୁ ବନ୍ଧ ପକାଇ ଏବଂ ତା'ର ଦୁଇ ପାଖରେ ବିରାଟ ପଥର ବନ୍ଧ ହଜାର ହଜାର କିଲୋମିଟର ଧରି ବାନ୍ଧି ଏହାକୁ ଗୋଟିଏ ଶାନ୍ତ ଓ କମନୀୟ

Digitized by PPRACHIN, SOA

ନଦୀରେ ପରିଣତ କରାଯାଇ ପାରିଛି; ଖାଲି ମଣିଷ ପେଶୀର କରାମତିରେ, ଯନ୍ତ୍ର ସାହାଯ୍ୟରେ ନୁହେଁ ! ସେହିପରି ଦେଶର କୌଣସିଠାରେ ଇଞ୍ଚେ ଜମି ଖାଲି ପଡ଼ିଥିବାର ଆମେ ଦେଖିବାକୁ ପାଇ ନଥିଲୁ । ରାସ୍ତା ଓ ରେଳ ଲାଇନ୍ ପର୍ଯ୍ୟନ୍ତ ଫସଲ ଲାଗିଛି । ବଡ଼ ବଡ଼ ପୋଖରୀ ଖୋଳା ହୋଇ ରାସ୍ତା ତିଆରି ହୋଇଛି । ପୋଖରୀରେ ମାଛ, ରାସ୍ତା କଡ଼ ପର୍ଯ୍ୟନ୍ତ ଶସ୍ୟ । ଅଥଚ ଆମ ଦେଶରେ ପ୍ରତ୍ୟେକ ରାସ୍ତା ଓ ରେଳ ଲାଇନ୍ କଡ଼ରେ ହଜାର ହଜାର ହେକ୍ଟର ଜମି ଅନୁର୍ବର ହୋଇ ପଡ଼ିରହିଛି । ନା ଫସଲ ନା ମାଛ, କୌଣସି ଉତ୍ପାଦନ ପାଇଁ ଏହା ଅନୁପଯୁକ୍ତ । ବ୍ରିଟିଶ ସରକାର ଆମ ପାଇଁ ଯେଉଁ ଆଇନ କାନୁନ୍ କରି ଯାଇଛନ୍ତି, ତାକୁ ଆମେ ବଦଳାଇ ପାରିଲୁ ନାହିଁ । ଏସବୁ ଅନାବାଦୀ ଜମିରେ ଶ୍ରମ ପାଇଁ ଖାଦ୍ୟ ଯୋଜନାରେ ପୋଖରୀ ଖୋଳି ମାଛଚାଷ ଯଦି କରାଯାଆନ୍ତା, କେତେ ପୁଷ୍ଟିକର ଖାଦ୍ୟ ମିଳନ୍ତା ! ଆମେ କେବଳ ଲୋକଙ୍କର ପେଟ ଗଣିଗଣି ଚାଲିଛୁ । ହାତର ଉପଯୋଗ କରିବାର କ୍ଷମତା ବା ଇଚ୍ଛା ଆମ ଶାସକ ଗୋଷ୍ଠୀଙ୍କର ହୋଇପାରିଲା ନାହିଁ ।

ଚୀନ୍‌ର ରାଜନୈତିକ ବିପ୍ଳବ ପରେ ଏହି ବିରାଟ ଦେଶର ଜନତା ସବୁପ୍ରକାରର ଶୋଷଣରୁ ଓ ଶ୍ରେଣୀ ସଂଘର୍ଷରୁ ମୁକ୍ତିଲାଭ କଲେ । ଧନୀ, ଗରିବ, ଶିକ୍ଷିତ, ଅଶିକ୍ଷିତ, ପୁଞ୍ଜିପତି, ଶ୍ରମିକ, ସାମ୍ରାଜ୍ୟବାଦୀ, ଔପନିବେଶିକତା ପ୍ରଭୃତି ଶ୍ରେଣୀ ବିଭକ୍ତ ସାମାଜିକ ଓ ରାଜନୈତିକ ସଂସ୍ଥାର ଅନ୍ତର୍ନିହିତ ସର୍ବପ୍ରକାରର ଶୋଷଣ, ପେଷଣ ଅତ୍ୟାଚାର, ଅନାଚାର ଓ ଅବିଚାର ସଂପୂର୍ଣ୍ଣ ରୂପେ ଲୋପ ପାଇଲା । ତା'ଫଳରେ କୋଟି କୋଟି ନରନାରୀଙ୍କଠାରେ ଥିବା ଅବଦମିତ ମାନବିକ ଶକ୍ତିର ସ୍ୱତଃ ଉତ୍ସରଣ ସମ୍ଭବ ହେଲା । ଗତ କେତୋଟି ଦଶନ୍ଧି ଭିତରେ ଏହି ବିରାଟ ଶକ୍ତି କିପରି ଭାବରେ ସୁସ୍ଥ, ସୁନ୍ଦର ଓ ସ୍ୱାସ୍ଥ୍ୟକର ସାମାଜିକ ପରିବେଶ ସୃଷ୍ଟି କରିପାରିଛି, ତାହା ଯେକୌଣସି ବାହାର ଲୋକଙ୍କର ଦୃଷ୍ଟି ଆକର୍ଷଣ କରିପାରିବ ।

ସେଠାରେ ଶିକ୍ଷା ପାଇଲା କ୍ଷଣି କାହାରି ଦରମା ବଢ଼ିଯାଏ ନାହିଁ । ସମସ୍ତଙ୍କୁ ଉତ୍ପାଦନଶୀଳ କାମ କରିବାକୁ ହେବ । ବାବୁ ଶ୍ରେଣୀ ସଂପୂର୍ଣ୍ଣ ରୂପେ ଲୋପ ପାଇ ଯାଇଛି । ଦଳେ ସବୁବେଳେ କ୍ରୀତଦାସ ପରି କାମ କରୁଥିବେ ଏବଂ ଆଉ ଦଳେ ପୁରୁଷାନୁକ୍ରମେ ଶୋଷକ ଭାବରେ ଖାଲି ଟହଲ ମାରୁଥିବେ– ତାହା ଏଠାରେ ଆଉ ସମ୍ଭବ ନୁହେଁ । ସାଂସ୍କୃତିକ ବିପ୍ଳବ ସମୟରେ ଅଧ୍ୟାପକ, ଶିକ୍ଷିତ ଅଫିସର ଗୋଷ୍ଠୀ, ଡକ୍ଟର, ଇଞ୍ଜିନିୟର, ସମସ୍ତେ ଗାଁ'କୁ ଯାଇ ଚାଷବାସ, ପ୍ରଭୃତି ସବୁ ପ୍ରକାର କାମ କରିବାକୁ ବାଧ ହେଲେ । ଫଳରେ ଗତ କେତେବର୍ଷ ଭିତରେ ଏହି ପରାଙ୍ଗପୋଷୀ ବାବୁ ଶ୍ରେଣୀଟି ସଂପୂର୍ଣ୍ଣ ରୂପେ ଲୋପ ପାଇ ଯାଇଛି । ଏହା ଦ୍ୱାରା ଶିକ୍ଷା ପଦ୍ଧତି କାର୍ଯ୍ୟ ସଂପାଦନ ତଥା ଉତ୍ପାଦନ ପ୍ରଣାଳୀ ସହିତ ଓତଃପ୍ରୋତ ଭାବରେ ଜଡ଼ିତ । ଛାତ୍ରଛାତ୍ରୀମାନେ ପ୍ରତି ମାସରେ କିଛିଦିନ ଉତ୍ପାଦନ କାମରେ ନିଯୁକ୍ତ ଥିବା ଲୋକଙ୍କ ସହିତ କାମ କରିବାକୁ ବାଧ । କଳ କାରଖାନାରେ ମଧ୍ୟ ସେମାନେ ଯାଇ ଶ୍ରମିକମାନଙ୍କୁ ସାହାଯ୍ୟ କରନ୍ତି । ଶିକ୍ଷା ପାଇଲେ ବୋଲି ସମାଜର ପ୍ରଚଳିତ ଆଇନର ଉର୍ଦ୍ଧ୍ୱରେ ସେମାନେ ନୁହନ୍ତି । ଆମ ଦେଶରେ ଶିକ୍ଷା ଯେତେ ବେଶି ପ୍ରସାର ଲାଭ କରୁଛି ବାବୁ ଓ ଅମଲା ତାନ୍ତ୍ରିକ ଗୋଷ୍ଠୀ ସେତେବେଶି ବଢ଼ି ବଢ଼ି ଚାଲିଛି ।

ଚୀନ୍ ଦେଶର ଶିକ୍ଷିତ ସମ୍ପ୍ରଦାୟଙ୍କର କୌଣସି ସ୍ୱତନ୍ତ୍ର ଅଧିକାର ନାହିଁ କହିଲେ ଚଳେ । ଇଞ୍ଜିନିୟର ଓ ଅନ୍ୟାନ୍ୟ ବୈଷୟିକ ଜ୍ଞାନସମ୍ପନ୍ନ ଲୋକଙ୍କୁ ସେମାନଙ୍କର ଉତ୍ପାଦନ ବୃଦ୍ଧି କରିବାର କ୍ଷମତା ତଥା ପ୍ରକୃତ ଉତ୍ପାଦନ ଅନୁଯାୟୀ ଦରମା ଦିଆଯାଏ । ସେମାନଙ୍କଠାରୁ ଆଉ କେହି ବେଶି ପାଆନ୍ତି ନାହିଁ । ଅମଲା ତାନ୍ତ୍ରିକ ବାବୁଙ୍କ ଦରମା ବେଶି ହେବା ଏ ଦେଶରେ ସମ୍ଭବ ନୁହେଁ । ରାଷ୍ଟ୍ରୀୟ ନୀତିଗତ ନିଷ୍ପତ୍ତି କେନ୍ଦ୍ରରେ ହୁଏ, କିନ୍ତୁ ଉତ୍ପାଦନ ସଂପର୍କରେ ନିଷ୍ପତ୍ତି କାର୍ଯ୍ୟ ସମ୍ପାଦନ କରୁଥିବା ଗୋଷ୍ଠୀ ଭିତରେ ଆବଦ୍ଧ ହେବା ଫଳରେ ଆମ ଦେଶର ସେକ୍ରେଟାରୀଏଟ୍‌ର ଲମ୍ବା

Digitized by PPRACHIN, SOA

ନାଲିଫିତାର କରାମତି ଏଠାରେ ନାହିଁ କହିଲେ ଚଳେ । ସମସ୍ତେ ସେମାନଙ୍କ କାମ ପାଇଁ ସଂପୂର୍ଣ୍ଣ ଭାବେ ଦାୟୀ । କାମ ଅନୁସାରେ ଦରମା ଓ ବୋନସ୍ ନିର୍ଦ୍ଧାର୍ଯ୍ୟ ହୁଏ । ବିଶ୍ୱବିଦ୍ୟାଳୟ ଡିଗ୍ରୀ ଅନୁସାରେ ନୁହେଁ କି କାମ ନ କରି ବୋନସ ପାଆନ୍ତି ନାହିଁ ।

ଚୀନ୍ ବିପ୍ଳବର ଗୋଟିଏ ବିରାଟ ସାଫଲ୍ୟ ହେଲା, ନାରୀ ସ୍ୱାଧୀନତା । ପୁରୁଷମାନଙ୍କ ପରି ସ୍ତ୍ରୀମାନେ ସବୁ କ୍ଷେତ୍ରରେ ସମାନ ଅଧିକାର ସହ କାମ କରୁଛନ୍ତି । କାମ ନ କରି କୌଣସି ସ୍ତ୍ରୀ ଲୋକ ଘରେ ବସି ରହେ ନାହିଁ । କେବଳ ଘରକାମ ପାଇଁ ସ୍ତ୍ରୀ ଲୋକଟିଏ କୌଣସି ଗୋଟିଏ ଉତ୍ପାଦନଶୀଳ କାମ ନକରି ରହିଥିବ— ଏହା ସେମାନେ ବୁଝିପାରନ୍ତି ନାହିଁ । ପୁରୁଷ ପରି ନାରୀମାନେ ହଜାର ହଜାର ସଂଖ୍ୟାରେ ସାଇକେଲ ଚଢ଼ି କାମକୁ ଯା'ନ୍ତି । ରାତିରେ ମଧ ସେମାନେ କଳ କାରଖାନାରେ କାମ କରନ୍ତି । ଅବଶ୍ୟ ଯେଉଁ କାମ ସ୍ତ୍ରୀ ଲୋକମାନେ କରିପାରିବେ, ସେହି କାମ ସେମାନଙ୍କୁ ଦିଆଯାଏ । ସେମାନେ ବରଂ ୫୫ବର୍ଷରେ ପେନସନ୍ ପାଆନ୍ତି, ପୁରୁଷମାନେ ଷାଠିଏ ବର୍ଷରେ ପେନ୍‌ସନ୍ ପାଆନ୍ତି । ବାହାରେ ପୁରୁଷମାନଙ୍କ ସହିତ ସମାନସ୍କନ୍ଧ ଭାବରେ କାମ କରିବା ଯୋଗୁଁ ସେମାନଙ୍କର ସ୍ୱାସ୍ଥ୍ୟ ଖୁବ୍ ଭଲ । ସ୍ତ୍ରୀ ପୁରୁଷ ସମସ୍ତେ ପୂରା ପ୍ୟାଣ୍ଟ ଓ ଅଧା ସାର୍ଟ ପିନ୍ଧିଥା'ନ୍ତି । ପୋଷାକପତ୍ର ପରିଷ୍କାର ପରିଚ୍ଛନ୍ନ । ସେମାନଙ୍କର ଚାଲିଚଳଣ, କଥାବାର୍ତ୍ତା, ପୋଷାକପତ୍ରରେ ଗୋଟିଏ ପ୍ରକାର ସାଂସ୍କୃତିକ ସମ୍ଭ୍ରମ ରହିଛି । ପୁରୁଷମାନେ ସେମାନଙ୍କୁ ଦେଖିଲେ ଅଯଥା ମନ୍ତବ୍ୟ ଦେବା କିମ୍ବା ଅଭଦ୍ରୋଚିତ ଭାବରେ ବଲବଲ କରି ଚାହିଁବା ପ୍ରଭୃତି ବର୍ବରୋଚିତ ବ୍ୟବହାର ଆଦୌ ଦେଖିବାକୁ ମିଳେ ନାହିଁ । ଝିଅମାନେ ସହରମାନଙ୍କରେ ସର୍ବସାଧାରଣଙ୍କ ଭ୍ରମଣ ଓ ଖେଳିବା ପାଇଁ ତିଆରି ହୋଇଥିବା ସ୍ଥାନମାନଙ୍କରେ ରାତି ୧୦ଟା ପର୍ଯ୍ୟନ୍ତ ବେଡ଼ମିଣ୍ଟନ ପ୍ରଭୃତି ଖେଳ ଖେଳୁଥା'ନ୍ତି । ପୁରୁଷମାନେ ଠିଆ ହୋଇ ଦେଖନ୍ତି, କିନ୍ତୁ ଥରେ ସୁଦ୍ଧା ଆମେମାନେ କୌଣସି ରକମର ଅଭଦ୍ରୋଚିତ ମନ୍ତବ୍ୟ, ହସ ବା ଚାହାଣି ଦେଖିବାକୁ ପାଇଲୁ ନାହିଁ । ଏହା ନିଶ୍ଚିତ ଭାବେ ଚୀନ୍ ସଂସ୍କୃତିର ଗୋଟିଏ ଆକର୍ଷଣୀୟ ବୈଶିଷ୍ଟ୍ୟ । ସମସ୍ତ ଚୀନବାସୀ ପ୍ରତିଦିନ ଉତ୍ପାଦନଶୀଳ ଓ ସୃଜନଶୀଳ କାମରେ ବ୍ୟାପୃତ ଥିବାରୁ ବୋଧହୁଏ ସେମାନଙ୍କଠାରେ ସ୍ୱତଃ ପରସ୍ପର ପ୍ରତି ସମ୍ମାନ ତଥା ଆନ୍ତରିକ ସ୍ନେହ ଦେଖା ଯାଉଛି । ତା'ଛଡ଼ା ପୁରାତନ ଏସୀୟ ସଂସ୍କୃତିକୁ ଏମାନେ ପୁଣି ନୂତନ ଭାବରେ ଗ୍ରହଣ କରି ନେଇଛନ୍ତି । ତା'ଫଳରେ ନାରୀ ଧର୍ଷଣ କଥା ଏଠାରେ ସମ୍ଭବ ହୋଇପାରିବ ନାହିଁ । ଯଦି କଦାଚିତ ନାରୀ ଧର୍ଷଣ ହୁଏ, ତା'ହେଲେ ଦୋଷୀକୁ ବୋଧହୁଏ ଗୁଳି କରି ମାରି ଦିଆଯିବ । ଆମର ଯୁବ ତଥା ଶିକ୍ଷିତ ସମ୍ପ୍ରଦାୟ ଏ ବିଷୟରେ ଅନୁଧ୍ୟାନ କରିବା ଉଚିତ । ଖାଲି ବକ୍ତୃତାରେ ସୀତା ସାବିତ୍ରୀ କଥା ଆଉଡ଼ାଇ ନିଜକୁ ଠକିବା ଉଚିତ ନୁହେଁ ।

ଉତ୍ପାଦନ କ୍ଷେତ୍ରରେ ମଧ ଶୋଷଣର ପ୍ରଶ୍ନ ନାହିଁ । କେତେଗୁଡ଼ିଏ ଗ୍ରାମକୁ ନେଇ ଗୋଟିଏ ଗୋଟିଏ କମ୍ୟୁନ୍ ଗଠନ କରା ହୋଇଛି । ସେଠାରେ କାର୍ଯ୍ୟକ୍ଷମ ଲୋକ ନାନା କାମରେ ନିଯୁକ୍ତ ହୁଅନ୍ତି । ଶ୍ରମିକମାନେ କେତେଗୁଡ଼ିଏ କାର୍ଯ୍ୟ-ସମ୍ପାଦନକାରୀ ଦଳରେ ବିଭକ୍ତ ହୁଅନ୍ତି, ଉତ୍ପାଦନଶୀଳ କାମ କରନ୍ତି ଏବଂ ସେହି ଅନୁସାରେ ପାରିଶ୍ରମିକ ପାଆନ୍ତି । ଦିନ ଅନୁସାରେ ନୁହେଁ, ବର୍ଷ ଶେଷକୁ ସେମାନେ ସମସ୍ତେ ବସି ଠିକ୍ କରନ୍ତି କାର୍ଯ୍ୟ ସମ୍ପାଦନ ଏକକ ପାଇଁ କେତେ ମଜୁରି ଦିଆଯିବା ଉଚିତ । ତାହା ସମସ୍ତ ଉତ୍ପାଦିତ ଜିନିଷର ମୂଲ୍ୟ ଉପରେ ନିର୍ଭର କରେ । ତା'ପରେ ସରକାରୀ ଟିକସ ବାଦ୍ ଦେଲା ପରେ ଲାଭାଂଶରୁ ସେମାନଙ୍କୁ ବୋନସ୍ ଦିଆଯାଏ । ଶ୍ରମିକମାନଙ୍କ ପାଇଁ ସ୍କୁଲ ଡାକ୍ତରଖାନା ପ୍ରଭୃତି ସମାଜ ମଙ୍ଗଳ କାମ ଏହି ଲାଭରୁ ଖର୍ଚ୍ଚ କରାଯାଏ । କଳକାରଖାନାରେ ମଧ ସେହି ପଦ୍ଧତି । ଲାଭ ଅନୁସାରେ ଶ୍ରମିକମାନେ ବେଶି ପାଆନ୍ତି ଏବଂ ଏହି ଲାଭାଂଶରୁ ଅନ୍ୟାନ୍ୟ ସମାଜ ମଙ୍ଗଳ କାର୍ଯ୍ୟ ହୁଏ । ଏହା ଫଳରେ ପ୍ରତ୍ୟେକ ଶ୍ରମିକ ଆନ୍ତରିକତାର ସହ କାମ କରେ । ତା'ର ଉତ୍ପାଦନରୁ ଆଉଦଳେ ଲାଭ ଉଠାଇ ସହରରେ ମଟରଗାଡ଼ି ଚଢ଼ୁ ନଥିବାରୁ ସେ

Digitized by PPRACHIN, SOA

କାମ କରିବାରେ ଆଗ୍ରହାନ୍ୱିତ ହୋଇପାରେ । ସାରା ଦେଶରେ କାହାରି ବ୍ୟକ୍ତିଗତ ଭାବରେ ମଟର ଗାଡ଼ି ନାହିଁ । ସାଧାରଣ କାମ ପାଇଁ ସବୁ ଅନୁଷ୍ଠାନରେ କାର୍ ରହିଛି । ତା'ଛଡ଼ା ରେଳ, ବସ୍ ପ୍ରଭୃତି ଖୁବ୍ ଭଲ । ସାରା ଦେଶର ଲୋକେ ପ୍ରାୟ ସାଇକେଲ୍ ଚଢ଼ି ଯା'ନ୍ତି । ନବେ କୋଟି ଲୋକଙ୍କ ପାଇଁ ସତୁରି କୋଟି ସାଇକେଲ୍ ଅଛି ବୋଲି ଶୁଣିଲୁ ।

ଶୋଷଣହୀନ ସମାଜରେ ଜନତା ପକ୍ଷରେ କି ଅପରିସୀମ ଶକ୍ତି ସମ୍ଭବ ହୋଇପାରେ ତାହା ଚୀନ୍ ବୁଲି ନଆସିଲେ ହୃଦୟଙ୍ଗମ କରିହେବ ନାହିଁ । କାମ ନ କରି ପରାଙ୍ଗପୋଷୀ ହୋଇ ଯେଉଁମାନେ ରହନ୍ତି, ସେମାନଙ୍କଠାରେ ହିଁ ସବୁ ପ୍ରକାରର ଅସାଂସ୍କୃତିକ ଢଙ୍ଗଢାଙ୍ଗ ଦେଖାଯାଏ । କାମ ନାହିଁ-ସୃଜନଶୀଳତାର ଆନନ୍ଦ ନାହିଁ-ତେଣୁ ଧ୍ୱଂସାତ୍ମକ କାର୍ଯ୍ୟାବଳୀ ଓ ଅସଂସ୍କୃତ ବ୍ୟବହାର ଛଡ଼ା ଏମାନଙ୍କଠାରେ ଆଉ କ'ଣ ଦେଖାଯିବ ?

ସଦାସର୍ବଦା କର୍ମରତ ଚୀନ୍‌ବାସୀମାନେ ବେଶ୍ ସୁସ୍ଥ, ସବଳ ଓ ସୁନ୍ଦର ଦେଖାଯାଆନ୍ତି । ଦାମିକା ପୋଷାକ ପିନ୍ଧନ୍ତି ନାହିଁ; କିନ୍ତୁ ଅତି ପରିଷ୍କାର ପୋଷାକ ପିନ୍ଧନ୍ତି । ଆଶ୍ଚର୍ଯ୍ୟ କଥା, ଅଧିକାଂଶ ପୁରୁଷ, ସ୍ତ୍ରୀ ଧଳା ସାର୍ଟ ପିନ୍ଧନ୍ତି । ଧଳା ସାର୍ଟ ପିନ୍ଧି ଧାଡ଼ି ଧାଡ଼ି ହୋଇ କ୍ଷେତରେ କାମ କଲାବେଳେ ଗୋଟିଏ ଧାଡ଼ି ଧଳା ବଗ ପକ୍ଷୀ ପରି ସେମାନେ ଦୂରରୁ ଦେଖାଯା'ନ୍ତି । ପରିଷ୍କାର ପିନ୍ଧିବା ଓ ପରିଷ୍କାର ପରିଚ୍ଛନ୍ନ ଘରେ ରହିବା ଏମାନଙ୍କ ସଂସ୍କୃତିର ବିଶେଷ ବୈଶିଷ୍ଟ୍ୟ । ପୋଷାକ ପରିଚ୍ଛଦ ଯେପରି ପରିଷ୍କାର, ଏମାନଙ୍କ ରାସ୍ତାଘାଟ ମଧ୍ୟ ସେହିପରି ଚକ୍ ଚକ୍ କରୁଥାଏ । ଗଳିକନ୍ଦିରେ ଏବଂ ଗାଁ'ମାନଙ୍କରେ ରହିବା ଘର ଅତି ଛୋଟ ହୋଇପାରିଥାଏ, କିନ୍ତୁ ଘର ପରିଷ୍କାର, ସାମନାରେ ଥିବା ଛୋଟ ଗଳିଟି ମଧ୍ୟ ଅତି ପରିଷ୍କାର; କାରଣ ପ୍ରତ୍ୟେକ ପରିବାର ଓ ପ୍ରତ୍ୟେକ ବ୍ୟକ୍ତି ରାସ୍ତାକୁ ପରିଷ୍କାର ରଖିବାର ଦାୟିତ୍ୱ ଗ୍ରହଣ କରିଛି ।

ବଡ଼ମାନେ ଯେପରି କାର୍ଯ୍ୟବ୍ୟସ୍ତ, ପିଲାମାନେ ମଧ୍ୟ କିଛି ନା କିଛି କାମ କରନ୍ତି । ରାସ୍ତା ଘାଟରେ ଅଳସୁଆ ହୋଇ ବୁଲୁଥିବା ପିଲାଙ୍କୁ ଆମେ କେଉଁଠି ଦେଖିଲୁ ନାହିଁ । ଥରେ ଦେଖିଲୁ, ଗୋଟିଏ ପିଲା ବୋତଲରେ ମାଛି ମାରି ରଖୁଛି । ରାସ୍ତା ପାଖ କାଛ ବାଡ଼କୁ ଚାହିଁ ଚାହିଁ ବୁଲୁଛି ଏବଂ ଗୋଟିଏ ମାଛି ଦେଖିଲେ ଖାପ୍ କରି ଗୋଟିଏ ଜାଲି ବାଡ଼ିରେ ତାକୁ ଧରି ନେଉଛି । ବହୁତ ଗୁଡ଼ିଏ ମାଛି ମାରିଦେଲେ କୁଆଡ଼େ ସେଠି ପଇସା ମିଳେ ।

ଶୋଷଣହୀନ ସମାଜରେ ଲୋକେ ନିଜକୁ ଶାସନ କରନ୍ତି । ସାରା ସମାଜର ମଙ୍ଗଳ ଏପରି ଶାସନର ପ୍ରଧାନ କାମ୍ୟ । ବ୍ୟକ୍ତି ବିଶେଷର ଲାଭ ଓ ଉପକାର ପାଇଁ ହଜାର ହଜାର ଲୋକଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଏ ନାହିଁ । ଆମ ଦେଶର ରାଷ୍ଟ୍ରାୟତ୍ତ ଯାନବାହନ ପ୍ରତି ଦୃଷ୍ଟି ଦେଲେ ଏହା କିପରି ଲୋକ ସ୍ୱାର୍ଥ ବିରୁଦ୍ଧରେ, ତାହା ସ୍ପଷ୍ଟ ଦେଖିହୁଏ । ଲୋକେ ଭଙ୍ଗାରୁଜା ମଇଳାବସ୍‌ରେ ବସ୍ତା ଖୁନ୍ଦିଲା ପରି ଯାଆନ୍ତି । ପ୍ରତ୍ୟେକ ବସ୍ ଓ ଟ୍ରକରୁ କଳ କାରଖାନା ପରି କଳା ଧୂଆଁ ବାହାରୁଥାଏ । ଲୋକଙ୍କର ସ୍ୱାସ୍ଥ୍ୟହାନୀ ହେଲା କି ନାହିଁ କେହି ଭାବନ୍ତି ନାହିଁ । ଯେଉଁଠି ସେଇଠି କାରଖାନା ବସାଯାଏ । କାରଖାନାର ଧୂଆଁ ଓ ଶବ୍ଦ ଲୋକଙ୍କୁ ବ୍ୟତିବ୍ୟସ୍ତ କରେ । ବିବାହ ଭୋଜି ଏପରି କି ମନ୍ଦିର ପ୍ରାର୍ଥନା ମଧ୍ୟ ଆଜିକାଲି ଘାଉଁ ଘାଉଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ଉଦ୍‌ବେଳିତ ହେଉଥାଏ । ଲୋକେ ଶୁଅନ୍ତୁ– କି ନ ଶୁଅନ୍ତୁ ରୋଗୀ ବଞ୍ଚୁ କି ମରୁ– ଏ ବିଷୟରେ ଶାସକମାନଙ୍କର କିମ୍ବା ଲୋକଙ୍କର କୌଣସି ଭାବନା ନାହିଁ । କିନ୍ତୁ ଚୀନ୍ ଦେଶରେ ଏହା ସମ୍ଭବ ହୋଇପାରିବ ନାହିଁ । ରାଷ୍ଟ୍ରାୟତ୍ତ ବସ୍‌ଗୁଡ଼ିକ ଖୁବ୍ ପରିଷ୍କାର ପରିଚ୍ଛନ୍ନ । ଲୋକେ ବସିବାକୁ ଯାଗା ପାଆନ୍ତି । ହଜାର ହଜାର ଟ୍ରକ୍, ବସ୍ ରାସ୍ତାରେ ଚାଲିଛି—କିନ୍ତୁ ଆମ ଦେଶରେ ଯେପରି ଏମାନେ ବେପରୁଆ ଭାବରେ କଳାଧୂଆଁ ଛୁଟାଇ ଚାଲିଥାନ୍ତି, ତାହା ସେଠାରେ ଦେଖିବାକୁ ମିଳିଲା ନାହିଁ । ଡାକବାଜି ଯନ୍ତ୍ର ବ୍ୟବହାର ତ ଆମେ କୌଣସିଠାରେ ଦେଖିବାକୁ ପାଇଲୁ ନାହିଁ । ସାଙ୍ଘାଇ ସହରରେ କୋଟିଏରୁ

Digitized by PPRACHIN, SOA

ଅଧିକ ଲୋକ । ସେ ସହର ଭିତରେ ଯେତେ ବଡ଼ ବଡ଼ କାରଖାନା ଥିଲା, ତାକୁ କ୍ରମେ କ୍ରମେ ସହରଠାରୁ ୧୫/୨୦ କିଲୋମିଟର ଦୂରକୁ ହଟାଇ ଦିଆ ହୋଇଛି । କାରଖାନା ମଧ୍ୟ କୌଣସି ସ୍ଥାନରେ ଏକତ୍ରୀଭୂତ ଭାବରେ ରହିନାହିଁ । କାରଣ ତା' ଫଳରେ ଲୋକଙ୍କ ସ୍ୱାସ୍ଥ୍ୟହାନି ହେବ । ସାଧାରଣ ଲୋକଙ୍କ ସୁଖ ସୁବିଧା ଓ ସ୍ୱାସ୍ଥ୍ୟ ପ୍ରତି ଏ ପ୍ରକାର ଆୟୋଜନ କେବଳ ଲୋକ ଶାସନରେ ହିଁ ସମ୍ଭବ ।

ଚୀନ୍ ଦେଶରେ ଟ୍ରେଡ୍ ୟୁନିୟନ ଉତ୍ପାଦନ ବୃଦ୍ଧି ଓ ପ୍ରତ୍ୟେକ ଲୋକର ଉପକାର ତଥା ସାରା ଦେଶର ମଙ୍ଗଳ ପାଇଁ କାମ କରି ଆସୁଛି । ଆମ ଦେଶରେ ଟ୍ରେଡ୍ ୟୁନିୟନ ଆଉ ଏକ ଶୋଷଣକାରୀ ସଂସ୍ଥା । ନିଜ ସଭ୍ୟମାନଙ୍କର ଉତ୍ତରୋତ୍ତର ଲାଭ ପାଇଁ ଯାହା ଇଚ୍ଛା ତାହା କରାଯାଇପାରେ । ସାରା ଦେଶ ଧ୍ୱଂସ ହେଉ ପଛେ, କିନ୍ତୁ ଟ୍ରେଡ୍‌ୟୁନିୟନ କେବଳ ତା'ର ଲୋକଙ୍କ ପାଇଁ ବ୍ୟସ୍ତ । ଦେଶରେ ଶତକଡ଼ା ଅଶୀଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥାଆନ୍ତୁ ପଛକେ, ସବୁଠୁ ବେଶି ଦରମା ପାଉଥିବା କର୍ମଚାରୀମାନଙ୍କର ଆହୁରି ଦରମା ବଢ଼ିବା ଉଚିତ । ଲୋକେ ଜୀବନବୀମା ପାଇଁ ଟଙ୍କା ଦେଇ ମଲା ବେଳକୁ କିଛି ନ ପାଆନ୍ତୁ କିମ୍ବା ବହୁତ କମ୍ ପାଆନ୍ତୁ ପଛେ, ଜୀବନବୀମା କର୍ମଚାରୀମାନେ ଆହୁରି ଆହୁରି ବେଶି ଦରମା ପାଇବା ଉଚିତ । ରୋଗୀ ମରୁ ପଛେ, ଡାକ୍ତରମାନେ ଧର୍ମଘଟ କରିବେ । ପିଲା ନ ପଢ଼ନ୍ତୁ ପଛେ, ଶିକ୍ଷକମାନେ ସ୍କୁଲକୁ ଯିବେ ନାହିଁ । କିନ୍ତୁ ଏମାନେ ସରକାରଙ୍କୁ ଡରିଥିବେ, କେବଳ ଲୋକଙ୍କୁ ହଇରାଣ କରିବା ଏମାନଙ୍କର ପ୍ରଧାନ କାମ । ଧନ୍ୟ ଏ ଦେଶରେ ଟ୍ରେଡ୍ ୟୁନିୟନର ଜୀବନ ଦର୍ଶନ !

ଚୀନ୍ ଟ୍ରେଡ୍ ୟୁନିୟନ ନେତାଙ୍କ ସହିତ କଥାବାର୍ତ୍ତା ହେଲା । ସେମାନେ ସାରାଦେଶର ଉତ୍ପାଦନ, ପ୍ରତ୍ୟେକ ଶ୍ରମିକର ଉତ୍ପାଦନ ଦକ୍ଷତା ଏବଂ ଚୀନ୍ ଦେଶବାସୀଙ୍କ ଜୀବନର ମାନବୃଦ୍ଧି ଓ ସେମାନଙ୍କ ନିମନ୍ତେ ମଙ୍ଗଳକର କାମ ପାଇଁ ଯୋଜନା କରନ୍ତି । ଟ୍ରେଡ୍ ୟୁନିୟନ ସାମୂହିକ ମଙ୍ଗଳ ପାଇଁ ସବୁବେଳେ ତତ୍ପର ଥିବାର ଦେଖାଗଲା । ଅନ୍ୟ ଲୋକଙ୍କୁ ଅଯଥା ହଇରାଣ କରିବାର ଯୋଜନା ଏମାନଙ୍କର ନାହିଁ ।

ମୋଟାମୋଟି ଭାବେ କହିବାକୁ ଗଲେ ଚୀନ୍ ପରି ବିରାଟ ଦେଶର ଶହେକୋଟି ଲୋକ ଯଦି ଏପରି ଭାବରେ ଜାତି ଗଠନର ମହତ ଆଦର୍ଶ ଓ ପ୍ରେରଣା ନେଇ ଶୋଷଣମୁକ୍ତ ସମାଜ ପାଇଁ କାମ କରି ଯାଆନ୍ତି– ତା' ହେଲେ ସେ ଦେଶ ଓ ସମାଜ କେତେ ବଳିଷ୍ଠ ଓ ସୁନ୍ଦର ଦେଖା ନଯିବ ? ନିଜ ନିଜର ଦୃଢ଼ ଆତ୍ମପ୍ରତ୍ୟୟ ଓ ଅନବରତ ସାଂସ୍କୃତିକ ଶିକ୍ଷା ଯୋଗୁଁ ଲୋକମାନେ କିପରି ଭଦ୍ର ଓ ସଂସ୍କୃତି ସମ୍ପନ୍ନ ଦେଖାଯାଆନ୍ତି, ତାହା ଯେକୌଣସି ବାହାରର ଲୋକଙ୍କ ଆଖିରେ ପଡ଼ିବ । ■■■

Digitized by PPRACHIN, SOA

ଜାପାନ

୧୯୭୧ ଜୁଲାଇରେ ଆନ୍ତର୍ଜାତିକ ମନୋବିଜ୍ଞାନ ସମ୍ମିଳନୀ ଜାପାନର ଟୋକିଓ ସହରରେ ଅନୁଷ୍ଠିତ ହୋଇଥିଲା । ମୁଁ ସେହି ସମାରୋହରେ ଦୁଇଟି ପ୍ରବନ୍ଧ ପଢ଼ିବା ପାଇଁ ନିମନ୍ତ୍ରଣ ପାଇଥିଲି । ତା'ଛଡ଼ା ସେହି ଅଧିବେଶନରେ ଦୁଇଟି ବିଭାଗରେ ମଧ ମୋତେ ସଭାପତିତ୍ୱ କରିବା ପାଇଁ ନିମନ୍ତ୍ରଣ ମିଳିଥିଲା । ତେଣୁ ମୁଁ ଜାପାନ ଯାଇଥିଲି । ଜାପାନ ଦେଖିବା ପାଇଁ ମୋର ବହୁତ ଇଚ୍ଛା ଓ ଆଗ୍ରହ ଥିଲା । ଦ୍ୱିତୀୟ ମହାଯୁଦ୍ଧରେ ଯେଉଁ ଜାପାନ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା, ତାହା ଗୋଟିଏ କ୍ଷୁଦ୍ର ଦେଶ ହୋଇଥିଲେ ମଧ ପୃଥିବୀର ସବୁ ଶିଳ୍ପପ୍ରଧାନ ଦେଶ ସହିତ ଅତି ଉଚ୍ଚସ୍ତରୀୟ ପ୍ରତିଯୋଗିତା କରି ଚାଲିଛି । ଗତ କେତେବର୍ଷ ଭିତରେ ଏପରି ଅଗ୍ରସର କରିଥିବା ଦେଶ ଭିତରୁ ଜାପାନ ପୃଥିବୀର ସର୍ବଶ୍ରେଷ୍ଠ ଦେଶ ହୋଇପାରିଛି— ଏହାର ଅଗ୍ରଗତିର ଐତିହାସିକ କୃତିତ୍ୱ ଲାଗି ।

ଜାପାନର ଖଣିଜ ସଂପଦ ନାହିଁ କହିଲେ ଚଳେ । ବଣ ଜଙ୍ଗଲ ପାହାଡ଼ ପର୍ବତ ବହୁଳ ଦେଶରେ ଚାଷ ଜମି ମଧ ବହୁତ ସୀମିତ । ତଥାପି ଏହି ଦେଶ ବର୍ତ୍ତମାନ ପୃଥିବୀର ଗୋଟିଏ ବିରାଟ ସମୃଦ୍ଧିଶାଳୀ ଦେଶ । ଗତ ମହାଯୁଦ୍ଧରେ ଏହା ଭୟଙ୍କର ଭାବରେ କ୍ଷତିଗ୍ରସ୍ତ ହୋଇ ଯାଇଥିଲା, ତଥାପି ଗତ ପଚାଶ ବର୍ଷ ଭିତରେ ଏହା ପୃଥିବୀରେ ଗୋଟିଏ ଅଦ୍ୱିତୀୟ ବିଭବଶାଳୀ ଦେଶରେ ପରିଗଣିତ ହୋଇପାରିଛି । ତାହାହେଲେ ଏହାର ଜାତୀୟ ବ୍ୟକ୍ତିଗତ ଚରିତ୍ର ବଳରେ ହିଁ ଏ ପ୍ରକାର ଅସାଧ ସାଧନ ସଂଭବ ହୋଇପାରିଛି ବୋଲି ଧରିନେବାକୁ ହେବ, କେତୋଟି ଉଦାହରଣରୁ ତାହା ସ୍ପଷ୍ଟ ହୋଇପାରିବ ।

ଯୁଦ୍ଧ ସମୟରେ ଜାଳେଣି ଗ୍ୟାସ, ବିଦ୍ୟୁତ ପ୍ରଭୃତି ଶକ୍ତି ଅଭାବରୁ ଜାପାନର ଜଙ୍ଗଲ ସବୁ ଜାଳେଣି ଯୋଗାଇ ଦେଇଥିଲା । ଫଳରେ ଅଧିକାଂଶ ଜଙ୍ଗଲ ପଦା ହୋଇଯାଇଥିଲା । ଯୁଦ୍ଧ ପରେ ସେମାନେ ଲାଗିଲେ ପାହାଡ଼ ଜଙ୍ଗଲରେ ଗଛ ଲଗାଇବା ପାଇଁ । ଏପରି ଭାବରେ ଏହି କାର୍ଯ୍ୟରେ ଲାଗିଗଲେ ଯେ ମାତ୍ର ପନ୍ଦର କୋଡ଼ିଏ ବର୍ଷ ଭିତରେ ଚତୁର୍ଦ୍ଦିଗରେ ଘନ ଜଙ୍ଗଲ ସୃଷ୍ଟି ହୋଇପାରିଲା । ଯେଉଁ ପାହାଡ଼କୁ ଦେଖ ଧାଡ଼ି ଧାଡ଼ି ଗଛସବୁ ଆକାଶ ଛୁଇଁ ଠିଆ ହୋଇଛି । ଦେଖିଲେ ଜଣାଯିବ ଯେ ଏହି ଜଙ୍ଗଲ ସବୁ ମନୁଷ୍ୟକୃତ । ଯେକୌଣସି ଆଗନ୍ତୁକକୁ ଜାପାନୀ ଲୋକଙ୍କର ଅଦମ୍ୟ ପରିଶ୍ରମ କରିବାର ସାମର୍ଥ୍ୟ ପ୍ରତି ଗଭୀର ଶ୍ରଦ୍ଧା ଦେଖାଯିବ ।

କାମ କରିବାରେ ଏମାନଙ୍କର ଏପରି ନିଷ୍ଠା ଯେ ସହଜରେ ଏମାନେ ଛୁଟିରେ ଯାଆନ୍ତି ନାହିଁ । ବର୍ତ୍ତମାନ ଜାପାନୀମାନେ ଅତ୍ୟଧିକ କାମ କରୁଥିବା ଯୋଗୁ ଉତ୍ପାଦନଶୀଳତା ଓ ବ୍ୟକ୍ତିଗତ ସ୍ୱାସ୍ଥ୍ୟ ଉପରେ ଏହାର କୁ-ପ୍ରଭାବ ପଡୁଥିବାରୁ ଶ୍ରମିକ ଓ ପରିଚାଳକମାନଙ୍କୁ ଜବରଦସ୍ତ ଛୁଟି ଦିଆଯାଉଛି । ଏ ପ୍ରକାର ସାମାଜିକ ପ୍ରତିଶ୍ରୁତିବଦ୍ଧତା ପୃଥିବୀରେ ବିରଳ । କାମ ବଂଦ ନକରି ଛୁଟି

Digitized by PPRACHIN, SOA

ନ ନେଇ ଜାପାନର ଜନତା ଅହରହ କାମ କରିଯାଉଥିବା ଫଳରେ ଦ୍ୱିତୀୟ ମହାଯୁଦ୍ଧରେ ଧ୍ୱଂସପ୍ରାପ୍ତ ଜାପାନ ବର୍ତ୍ତମାନ ସମୃଦ୍ଧିର ଶୀର୍ଷ ସୀମାରେ ପହଞ୍ଚିପାରିଛି ।

ଦେଖା ଯାଉଛି, ଅନ୍ୟ ଦେଶମାନେ ଯେଉଁ ଯେଉଁ ଉଦ୍‌ଭାବନ କରୁଛନ୍ତି ତାକୁ ଜାପାନୀମାନେ କଠିନ ପରିଶ୍ରମ ଫଳରେ ଖୁବ୍ କମ୍ ସମୟ ଭିତରେ ଆୟତ୍ତ କରିପାରୁଛନ୍ତି । ତା'ଛଡ଼ା ନିଜର ବୁଦ୍ଧି ବଳରେ ବହୁତ ନୂଆ ନୂଆ ଉଦ୍‌ଭାବନ ଫଳରେ ଶିଳ୍ପ କ୍ଷେତ୍ରରେ ଜାପାନର ପ୍ରତ୍ୟେକ ଉତ୍ପାଦିତ ବସ୍ତୁ ପୃଥିବୀରେ ଅଦ୍ୱିତୀୟ ହୋଇଯାଉଛି । ବିଜ୍ଞାନର ବହୁ କୁହୁକମୟ ଉଦ୍‌ଭାବନ ଜାପାନରେ ଦେଖିବାକୁ ମିଳେ ।

ଏସବୁର ଉଦ୍‌ଭାବନ ସହିତ ତାର ଉପଯୋଗ କରିବାରେ ଜାପାନୀମାନଙ୍କର କାୟିକ ଓ ମାନସିକ ପରିଶ୍ରମ ସହିତ ବଳିଷ୍ଠ ନିଷ୍ଠାର ନିଦର୍ଶନ ସବୁ କ୍ଷେତ୍ରରେ ଦେଖିବାକୁ ମିଳେ ।

ଜାପାନରେ ଯେଉଁ ଜିନିଷସବୁ ଉତ୍ପାଦିତ ହୁଏ, ତାହା ସେହି ଦେଶର ଲୋକମାନେ ବହୁଳଭାବରେ ବ୍ୟବହାର କରିବାର ଦେଖାଗଲା । ସ୍ୱୟଂଚାଳିତ କବାଟ ପ୍ରତି ଛୋଟ ଦୋକାନରେ ମଧ୍ୟ ଦେଖିବାକୁ ମିଳେ । ଅଥଚ ଏପରି କବାଟ ଯୁକ୍ତରାଷ୍ଟ୍ର ଆମେରିକାରେ ବଡ଼ ବଡ଼ ହୋଟେଲ ଓ ଦୋକାନରେ କେବଳ ଦେଖିବାକୁ ମିଳେ । ଇଲେକ୍‌ଟ୍ରୋନିକ୍ କ୍ଷେତ୍ରରେ ଜାପାନ ପୃଥିବୀରେ ସର୍ବଶ୍ରେଷ୍ଠ ସ୍ଥାନ ହାସଲ କରିପାରିଛି । ଜାପାନର ବୁଲେଟ୍ ରେଳଗାଡ଼ି ଯାହାକି ଘଣ୍ଟାକୁ ପ୍ରାୟ ୧୪୦ ମାଇଲ ବେଗରେ ଗତି କରେ, ତାକୁ ଦେଖିବାକୁ ଆମ ସାଙ୍ଗରେ ବହୁ ଆମେରିକାନ ଅଧ୍ୟାପକ ମଧ୍ୟ ଯାଇଥିଲେ । ଆମେ ପ୍ରାୟ ୭୦ ମାଇଲ ରାସ୍ତା ଅଧଘଣ୍ଟାରେ ଅତିକ୍ରମ କରିଥିଲୁ । ସେ ରେଳଗାଡ଼ି ଗଲାବେଳେ ବାହାରୁ ଗୋଟିଏ ଅତି ଦ୍ରୁତଗାମୀ ତୀର ପରି ଦେଖାଯାଏ । ଆମ ଟିକେଟ୍‌ରେ କମ୍ପାର୍ଟମେଣ୍ଟର A.B.C. ପ୍ରଭୃତି ଅକ୍ଷର ଛାପା ହୋଇଥିଲା ଏବଂ ଏହି ଅକ୍ଷର ପ୍ଲାଟ୍‌ଫର୍ମରେ ନିର୍ଦ୍ଦିଷ୍ଟ ସ୍ଥାନରେ ତୀରଚିହ୍ନ ଦିଆ ହୋଇ ଲେଖାହୋଇଥାଏ । ଏହି ଅକ୍ଷର ଅନୁଯାୟୀ ଆମେ ପ୍ଲାଟଫର୍ମର ସେହି ସ୍ଥାନରେ ଠିଆହେଲୁ । ରେଳଗାଡ଼ିଟି ଅତି ଦ୍ରୁତ ଗତିରେ ଆସି ସେହି କ୍ରମାନ୍ୱୟ ଅକ୍ଷର ପାଖରେ ରେଳଡବାଗୁଡ଼ିକ ଠିଆ ହୋଇଗଲା । କ୍ରମାନ୍ୱୟ କବାଟ ତା' ମନକୁ ଖୋଲିଗଲା ଏବଂ ଯାତ୍ରୀମାନେ ମିନିଟିଏ ଭିତରେ ନିଜ ନିଜ ଡବା ଭିତରେ ପଶିଗଲେ । ତା'ପରେ ଗାଡ଼ି ପୁଣି ଅତି ଦ୍ରୁତ ଗତିରେ ଚାଲିବାକୁ ଆରମ୍ଭ କଲା । ଅଦ୍ଭୁତ ଉଦ୍‌ଭାବନ ଏହି ରେଳ ଗାଡ଼ିଟି । ଆଉ ଗୋଟିଏ ପ୍ରକାର ରେଳ ଗାଡ଼ିରେ ଗୋଟିଏ ଚାରିମହଲା କୋଠାର ବାରଣ୍ଡାରୁ ଆମେ ଚଢ଼ିଲୁ ଏବଂ ଆଠ ଦଶ ମାଇଲ୍ ରାସ୍ତା ବିମାନ ବନ୍ଦରକୁ ଗଲୁ । ଏହି ଗାଡ଼ିଟି ଗୋଟିଏ ରେଳ ଧାରଣା ଉପରେ ଶୂନ୍ୟଚାପରେ ଗତି କରେ । ତେଣୁ କୌଣସି ଶବ୍ଦ ନାହିଁ, ହଲଚଲ ମଧ୍ୟ ନାହିଁ । ଏହାର ବହୁଳ ପ୍ରସାର ଭବିଷ୍ୟତରେ ହେବାର ଅଛି ।

ଶିଳ୍ପ କାରିଗରୀ କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି କରିଥିବା ଏପରି ଧନୀ ଦେଶରେ କିନ୍ତୁ ସାମାଜିକ ବ୍ୟବଧାନ ବହୁତ ଥିବାର ଜଣାଗଲା । କେତେକ ଅତ୍ୟଧିକ ଧନୀ ତ ଆହୁରି ବହୁଲୋକ ଏମାନଙ୍କଠାରୁ ବହୁତ ତଳେ ଅର୍ଥାତ୍ ଅର୍ଥନୈତିକ ବ୍ୟବଧାନ ଏ ଦେଶରେ ବହୁତ ବେଶି । ପୁଞ୍ଜିପତି ଦେଶର ସାମାଜିକ ବ୍ୟବଧାନଗତ ସମସ୍ତ ଲକ୍ଷଣ ଏଠାରେ ରହିଛି । ଅବଶ୍ୟ ଏଠାକାର କାରଖାନା ମାଲିକମାନେ ଶ୍ରମିକମାନଙ୍କର ଯତ୍ନ ନିଅନ୍ତି । ପ୍ରତ୍ୟେକ ଶ୍ରମିକର ପରିବାର ଲୋକଙ୍କ କର୍ମନିଯୁକ୍ତି କଥା ଏମାନେ ବୁଝନ୍ତି । ମ୍ୟାନେଜରମାନଙ୍କୁ ବହୁତ ସୁବିଧା ଦିଆଯାଏ । ଏପରିକି ମାସକୁ କେତେଥର ଖର୍ଚ୍ଚବହୁଳ ରାତ୍ରି କ୍ଲବକୁ ଯିବା ପାଇଁ ଖର୍ଚ୍ଚ ଯୋଗାଇ ଦିଆଯାଏ । ଆଉ ଗୋଟିଏ ଗୋଟିଏ ସାମାଜିକ ବିଭ୍ରାଟ ଏ ଦେଶରେ ଦେଖିବାକୁ ମିଳେ । ଏଠାକାର ସ୍ତ୍ରୀ ଲୋକମାନେ ଅତ୍ୟନ୍ତ ପରିଶ୍ରମୀ, ଶିକ୍ଷିତା ଏବଂ ପୁରୁଷଙ୍କ ପରି ଉତ୍ପାଦନଶୀଳ କାର୍ଯ୍ୟରେ ନିଯୁକ୍ତ । କିନ୍ତୁ ସନ୍ଧ୍ୟାରେ ସେମାନେ ଘରକୁ ଫେରନ୍ତି ଏବଂ ସେମାନଙ୍କର ସ୍ୱାମୀମାନେ ରାତ୍ରି କ୍ଲବ୍ ଓ ଅନ୍ୟାନ୍ୟ ମଉଜ ମଜଲିସ୍ ପାଇଁ ଏକୁଟିଆ ଯାଆନ୍ତି । ଆଶ୍ଚର୍ଯ୍ୟର କଥା, ଜାପାନର ଏତେ ଅଗ୍ରଗତି ଭିତରେ ପ୍ରାଚ୍ୟ ସଭ୍ୟତାର ଏହି ପାରିବାରିକ ଐତିହ୍ୟ ବର୍ତ୍ତମାନ ସୁଦ୍ଧା ନିଖୁଣ ଭାବରେ ରହିପାରିଛି ।

Digitized by PPRACHIN, SOA

ଟୋକିଓ ସହର ପୃଥିବୀର ଗୋଟିଏ ବିରାଟ ଓ ସାଜସଜ୍ଜାରେ ଅଦ୍ୱିତୀୟ ସହର କହିଲେ ଅତ୍ୟୁକ୍ତି ହେବ ନାହିଁ । ଜାପାନର ଅନ୍ୟ କେତେକ ସ୍ଥାନ ବୁଲିବା ପରେ ଜାପାନୀମାନଙ୍କ ଜାତୀୟ ନିଷ୍ଠା, ଏକାଗ୍ରତା, ଉତ୍ପାଦନ ଭିତ୍ତିକ ଉଦ୍ୟମ ଓ କାର୍ଯ୍ୟଦକ୍ଷତା ପ୍ରଭୃତି ନେଇ ମୋର ଏମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା ଓ ସମ୍ମାନ ଜାତ ହୋଇଥିଲା । ପାହାଡ଼ ପର୍ବତକୁ ଯାଅ ଦେଖିବ ଏମାନଙ୍କ ଦ୍ୱାରା ଶିଖର ପର୍ଯ୍ୟନ୍ତ ଧାଡ଼ି ଧାଡ଼ି ହୋଇ ଗଛ ଲଗା ହୋଇଛି । ଯୁଦ୍ଧ ସମୟରେ ଏମାନେ ଜାଳେଣି ଅଭାବ ଯୋଗୁ ଏହିସବୁ ଗଛ କାଟି ପକାଇଲେ । ଧାନ କିଆରିରେ ପ୍ରତ୍ୟେକ ଧାନଗଛ ପ୍ରତି ଅକ୍ଲାନ୍ତ ପରିଶ୍ରମର ନିଦର୍ଶନ ମିଳିଲା । ଏହା ଧାନବିଲ ନୁହେଁ, ଫଳଫୁଲ ଗଛର ଯେପରି ଗୋଟିଏ ସୁସଜ୍ଜିତ ବଗିଚା । କଳକାରଖାନାରେ ଏମାନଙ୍କର ଯୋଜନାବଦ୍ଧ କାର୍ଯ୍ୟକଳାପ ଓ କାର୍ଯ୍ୟଦକ୍ଷତା ଅତ୍ୟନ୍ତ ପ୍ରଶଂସନୀୟ । ଅଫିସରେ ସବୁଠାରୁ ବଡ଼ ଅଫିସରଠାରୁ ଆରମ୍ଭ କରି ସର୍ବନିମ୍ନ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଗୋଟିଏ ବଡ଼ ହଲ୍‌ରେ କାମ କରି ଚାଲିଛନ୍ତି । କଥାବାର୍ତ୍ତା ନାହିଁ, ଚା' କଫି ଖିଆ ନାହିଁ, କେହି କାହାକୁ ଚାହୁଁ ବି ନାହାନ୍ତି । ରାସ୍ତା ଘାଟରେ ଲୋକେ ଶୃଙ୍ଖଳିତଭାବେ ଚାଲିଛନ୍ତି । ସବୁଠାରୁ କୌତୂହଳପ୍ରଦ ବ୍ୟାପାର ହେଲା– ଜାପାନର ଶ୍ରମିକମାନେ କାରଖାନାରେ କାମ ସାରିଲା ପରେ ବିରାଟ ଶୋଭାଯାତ୍ରାରେ ବାହାରି ସେମାନଙ୍କର ଦାବୀ ଉପସ୍ଥାପିତ କରନ୍ତି । ଟୋକିଓ ସହରରେ ଏହିପରି ଗୋଟିଏ ବିରାଟ ଶୋଭାଯାତ୍ରା ସନ୍ଧ୍ୟା ସମୟରେ ମୁଁ ଦେଖି, ଶୋଭାଯାତ୍ରାର ଜଣେ ନେତାଙ୍କୁ ପଚାରି ବୁଝିଥିଲି ଯେ ସେମାନେ କାମ ବନ୍ଦ କରି ପ୍ରତିବାଦ କରନ୍ତି ନାହିଁ । କାରଣ କାମ ବନ୍ଦ କଲେ ସେଦିନ ଉତ୍ପାଦନ ତ ହୋଇ ପାରିଲା ନାହିଁ, ତେଣୁ ଏମାନେ ତାର ଅଂଶୀଦାର ହୋଇ ପାରିବେ ନାହିଁ । ସେମାନେ କାର୍ଯ୍ୟ କରି ଉତ୍ପାଦନରେ ଭାଗ ନେଇସାରିବା ପରେ ପ୍ରତିବାଦ ସଭାର ଆୟୋଜନ କରନ୍ତି । ପୃଥିବୀରେ ଏହା ନିଶ୍ଚିତଭାବେ ଗୋଟିଏ ଅଦ୍ୱିତୀୟ ଟ୍ରେଡ୍ ୟୁନିୟନ କାର୍ଯ୍ୟପଦ୍ଧତି । ଟୋୟେଟା ମଟର ଗାଡ଼ି କମ୍ପାନୀରେ କୁଆଡ଼େ ୧୯୫୪ ମସିହାଠାରୁ ଆଉ ଧର୍ମଘଟ ହୋଇନାହିଁ ।

ଜାପାନ କଥା ଲେଖି ପରମାଣୁ ବୋମା ବିଧ୍ୱସ୍ତ ହିରୋସୀମା ଓ ନାଗାସାକି କଥା ନ କହିଲେ ଜାପାନ ବର୍ଣ୍ଣନା ସଂପୂର୍ଣ୍ଣ ହେବନାହିଁ । ଜାପାନୀଙ୍କ ମନରେ ଏଥିଲାଗି ଆମେରିକା ବିରୁଦ୍ଧରେ ଗୋଟିଏ ପ୍ରକାର ଅନ୍ତର୍ନିହିତ କ୍ରୋଧ ଓ ଘୃଣା ରହିଥିବାର ଜଣାଯାଏ । କାରଣ ଯୁଦ୍ଧ ସରି ଆସିଥିଲାବେଳେ ଜାପାନ ସମ୍ରାଟ ହିରୋହିଟୋ ଆତ୍ମସମର୍ପଣ ପାଇଁ କଥାବାର୍ତ୍ତା ଆରମ୍ଭ କରିଥିଲା ପରେ ମଧ୍ୟ ସୋଭିଏତ୍ ରୁଷକୁ ଆଖି ଆଗରେ ରଖି କେବଳ ରାଜନୈତିକ ଫାଇଦା ପାଇଁ ଜାପାନର ଲକ୍ଷାଧିକ ନିରୀହ ଲୋକଙ୍କୁ ଏପରି ଭାବରେ ମୃତ୍ୟୁମୁଖକୁ ଠେଲିଦେବା ଏବଂ ସହସ୍ର ସହସ୍ର ଲୋକଙ୍କୁ ଆଜୀବନ ନରକ ଯନ୍ତ୍ରଣା ଦେବା ଗୋଟିଏ ସଭ୍ୟ ଦେଶ ପକ୍ଷରେ କିପରି ସମ୍ଭବ ହେଲା– ଏହାହିଁ ସେମାନଙ୍କର ଜାତୀୟ ମାନସପଟରେ ଗୋଟାଏ ଅଲିଭା ଦାଗ ହିସାବରେ ରହିଯାଇଛି । ତା'ଛଡ଼ା ସେମାନେ ମଧ୍ୟ ଏହା ଅନୁଭବ କରିଛନ୍ତି ଯେ ଏହି ଆଣବିକ ବୋମା ଜର୍ମାନୀରେ ପଡ଼ିଲା ନାହିଁ; କିନ୍ତୁ ଜାପାନରେ ପଡ଼ିଲା । କାରଣ ଶ୍ୱେତାଙ୍ଗମାନେ ତାଙ୍କର ଧ୍ୱଂସଲୀଳାର ସଂପରୀକ୍ଷା କେବଳ ଅଣଶ୍ୱେତାଙ୍ଗମାନଙ୍କ ଉପରେ କରିବାକୁ ପଶ୍ଚାତପଦ ହେଲେ ନାହିଁ । ଏହା ହେଉଛି ଶ୍ୱେତାଙ୍ଗ ସଭ୍ୟତାର ମୌଳିକ ବିଷମଞ୍ଜି । ମାନବ ସଭ୍ୟତା ପାଇଁ ତାହା କି ପ୍ରକାର ବିପଦଜନକ ପରିସ୍ଥିତି ସୃଷ୍ଟି କରୁଛି, ଏମାନେ ଗଭୀର ଭାବରେ ହୃଦୟଙ୍ଗମ କରୁଛନ୍ତି ।

ମୋଟାମୋଟି ଭାବରେ ପ୍ରତ୍ୟେକ କ୍ଷେତ୍ରରେ-ହୋଟେଲରେ, ରାସ୍ତାଘାଟରେ, ଦୋକାନ ବଜାରରେ ସିନେମା ଥିଏଟରରେ ଜାପାନୀମାନଙ୍କର କାର୍ଯ୍ୟଦକ୍ଷତା, ଶୃଙ୍ଖଳା ଓ ଆନ୍ତରିକ ନିଷ୍ଠା ପ୍ରତିଫଳିତ ହେଉଥିବା କଥା ଯେକୌଣସି ଆଗନ୍ତୁକ ଆଖିରେ ପଡ଼େ । ■■■

Digitized by PPRACHIN, SOA

ସ୍ୱିଡ଼େନ

ୟୁରୋପର ଅଧିକାଂଶ ଦେଶ ଯଥା ଡେନ୍‌ମାର୍କ, ଫିନଲାଣ୍ଡ, ହଲାଣ୍ଡ, ସୁଇଜରଲାଣ୍ଡ, ଫ୍ରାନ୍ସ, ଇଟାଲି ପ୍ରଭୃତି ମୁଁ ବୁଲିଛି । ସେମାନଙ୍କର ବିଶ୍ୱବିଦ୍ୟାଳୟକୁ ଯାଇଛି । କିନ୍ତୁ ୟୁରୋପର ସବୁ ଦେଶଠାରୁ ମୋତେ ବେଶି ଭଲ ଲାଗିଥିଲା ସ୍ୱିଡେନ୍ । ସ୍ୱିଡେନ୍ ବହୁବର୍ଷ ଧରି ପୃଥିବୀର ସର୍ବଶ୍ରେଷ୍ଠ ଧନଶାଳୀ ଦେଶ ବୋଲି ପରିଚିତ । ସବୁବେଳେ ପ୍ରଥମ ନହେଲେ ମଧ ବର୍ଷେ ବର୍ଷେ ଏ କ୍ଷେତ୍ରରେ ଦ୍ୱିତୀୟ କିମ୍ବା ତୃତୀୟ ସ୍ଥାନ ଅଧିକାର କରେ । ମୁଁ ଏଠାକାର ମାଲ୍‌ମୋ ଓ ଗୋଟେବର୍ଗ ବିଶ୍ୱବିଦ୍ୟାଳୟ ସହିତ ବିଶେଷ ଭାବରେ ସଂପୃକ୍ତ ଥିଲି । ଏଠାରେ ବକ୍ତୃତା ଦେବା ପାଇଁ ନିମନ୍ତ୍ରିତ ହୋଇଥିଲି । ମାଲମୋ ବିଶ୍ୱବିଦ୍ୟାଳୟର ଦୁଇଜଣ ଅଧ୍ୟାପକ କଟକ ଆସି ମୋ ସହଯୋଗରେ ଭାରତୀୟ ପାରିବାରିକ ଜୀବନ ଉପରେ ଗବେଷଣା କରୁଥିଲେ । ଏ ବିଷୟରେ ଗୋଟିଏ ଗବେଷଣାତ୍ମକ ପୁସ୍ତକ ପ୍ରକାଶିତ ହୋଇଛି । ମୁଁ ବାହାରକୁ ଗଲେ ଭାରତୀୟ ପାରିବାରିକ ଜୀବନର ଉତ୍କର୍ଷ ବିଷୟରେ ବକ୍ତୃତା ଦିଏ ।

ମୁଁ ସ୍ୱିଡ଼େନ ଦଶଥର ଯାଇଥିଲି ଏବଂ ସର୍ବମୋଟ ପ୍ରାୟ ପାଞ୍ଚମାସ ସେଠାରେ କଟାଇଛି । ସେଠାରେ ରହିବାକୁ ମୋତେ ବହୁତ ଭଲ ଲାଗେ, କାରଣ ସେଠାକାର ଲୋକେ ବହୁତ ମାର୍ଜିତ ଓ ସଂସ୍କୃତିସମ୍ପନ୍ନ । ସେମାନେ ଅତିଥି ଚର୍ଚ୍ଚା ଆନ୍ତରିକତା ସହିତ କରନ୍ତି । ଘରକୁ ରାତ୍ରି ଭୋଜନ ପାଇଁ ନିମନ୍ତ୍ରଣ କଲେ ଦିନ ଦୁଇଟା ବେଳକୁ ମୋତେ ଗାଡ଼ିରେ ନେଇ ଚାରିଆଡ଼େ ବୁଲାନ୍ତି । ବିଶିଷ୍ଟ ଚିତ୍ତାକର୍ଷକ ସ୍ଥାନମାନ ଦେଖାନ୍ତି । ତା'ପରେ ରାତ୍ରି ଭୋଜନ ପରେ ପୁଣି ମୋ ଜାଗାରେ ଛାଡ଼ି ଦେଇଯା'ନ୍ତି । ଏପ୍ରକାର ଆନ୍ତରିକ ସୌହାର୍ଦ୍ଦ୍ୟ ଅନ୍ୟ ପାଶ୍ଚାତ୍ୟ ଦେଶରେ ବିରଳ ବୋଲି ମୋର ମନେହେଲା । ଏହାର ଗୋଟିଏ ମୁଖ୍ୟ କାରଣ ହୋଇପାରେ ଯେ ଏମାନଙ୍କର ୧୮୦୩ ମସିହାଠାରୁ କୌଣସି ଉପନିବେଶ ନଥିଲା । ତେଣୁ ଏମାନଙ୍କର ଔପନିବେଶିକ ଔଦ୍ଧତ୍ୟ ଏବଂ ଅଣଶ୍ୱେତାଙ୍ଗମାନଙ୍କୁ ହେୟ କରି ଦେଖିବାର ମନୋଭାବ ବିଲ୍‌କୁଲ୍ ନାହିଁ ବୋଲି ମନେହେଲା । ହଲାଣ୍ଡ, ପଶ୍ଚିମ ଜର୍ମାନୀ, ଫ୍ରାନ୍ସ, ଇଂଲଣ୍ଡ ପ୍ରଭୃତି ଅତୀତର ସାମ୍ରାଜ୍ୟବାଦୀ ଦେଶର ଲୋକଙ୍କର ଅଣଶ୍ୱେତାଙ୍ଗ ଲୋକଙ୍କ ପ୍ରତି ଗୋଟିଏ ପ୍ରକାର ପ୍ରଚ୍ଛନ୍ନ ତାଚ୍ଛଲ୍ୟଭାବ ରହିଛି ବୋଲି ମନେହୁଏ । ଏହି ଗୋଟିଏ ମୁଖ୍ୟ କାରଣ ଯୋଗୁ ସ୍ୱିଡେନ ମୋତେ ବହୁତ ଭଲ ଲାଗିଥିଲା ।

ସ୍ୱିଡେନ ଆଉ ଗୋଟିଏ ଦୃଷ୍ଟିକୋଣରୁ ମଧ ଗୋଟିଏ ଅଦ୍ଭୁତ ଦେଶ । ଏଠାରେ ଶତକଡ଼ା ନବେ ଶିଳ୍ପ ବ୍ୟକ୍ତିଗତ ମାଲିକାନାରେ ରହିଛି । ତଥାପି ଏଠାରେ ଜନକଲ୍ୟାଣ ଯୋଜନା ଗୋଟିଏ ଉତ୍କୃଷ୍ଟ ଓ ସାର୍ବଜନୀନ ରାଷ୍ଟ୍ରୀୟ ସଂସ୍ଥା । ସମସ୍ତଙ୍କ ପାଇଁ ବିନା ଖର୍ଚ୍ଚରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟବସ୍ଥା ରହିଛି । ସମସ୍ତେ ଅବସରକାଳୀନ ଭତ୍ତା ପାଆନ୍ତି । ସେମାନେ ତାଙ୍କ ଜୀବନରେ ଯେତେ ବେଶି ଦରମା ବା ଭତ୍ତା ପାଆନ୍ତି, ତାର ପ୍ରାୟ ଶତକଡ଼ା ନବେଭାଗ ଅବସରକାଳୀନ ଭତ୍ତା ପାଇଥାନ୍ତି ।

Digitized by PPRACHIN, SOA

ଫଳରେ ସେମାନଙ୍କର ଭବିଷ୍ୟତ ବିଷୟରେ ଉଦ୍‌ବିଗ୍ନ ହେବାର କୌଣସି କାରଣ ନାହିଁ । ଗୋଟିଏ ପୁଞ୍ଜିପତି ଦେଶରେ ମଧ୍ୟ ଏ ପ୍ରକାର ବ୍ୟାପକ ସମାଜମଙ୍ଗଳ ବ୍ୟବସ୍ଥା ସମ୍ଭବ, ଏହା ସ୍ୱିଡେନରେ ଦେଖିବାକୁ ମିଳେ ।

ଲୋକମାନଙ୍କର ସାଧାରଣ ଜୀବନଯାପନ ପ୍ରଣାଳୀ ଏତେ ଉଚ୍ଚ ଧରଣର ଯେ ସେଠା ବଜାରରେ ନିକୃଷ୍ଟ ଧରଣର ଜିନିଷ କିଣିବାକୁ ମିଳେ ନାହିଁ । ସବୁ ଜିନିଷ ଉତ୍କୃଷ୍ଟ ଧରଣର । କାରଣ ଲୋକଙ୍କର ଜୀବନ ଧାରଣ ମାନ ଉଚ୍ଚ ଥିବାରୁ ସେମାନେ ଶସ୍ତାରେ ଖରାପ ଜିନିଷ କିଣନ୍ତି ନାହିଁ । ନିଜ ଦେଶ ତିଆରି ଜିନିଷ ପାଖରେ ଅନ୍ୟ ଦେଶରେ ତିଆରି ଜିନିଷସବୁ ବିକ୍ରୀ ହୁଏ । ଏ ପ୍ରକାର ପ୍ରତିଯୋଗିତା ଯୋଗୁ ନିଜ ଦେଶ ତିଆରି ଜିନିଷ ଉତ୍କୃଷ୍ଟ ହେବାକୁ ବାଧ୍ୟ ।

ୟୁରୋପର ଯେ କୌଣସି ସହର ଅପେକ୍ଷା ସ୍ୱିଡ଼େନର ରାଜଧାନୀ ଷ୍ଟକହୋମ ବୋଧହୁଏ ସବୁଠୁ ସୁନ୍ଦର ସହର ବୋଲି ପରିଗଣିତ ହେବ ନୂଆ ନୂଆ କୋଠାବାଡ଼ି ସବୁ ଉତ୍କୃଷ୍ଟ ଚାରୁ ଶିଳ୍ପସୁଲଭ ନାନା ରଙ୍ଗରେ ରଞ୍ଜିତ କଣ୍ଢେଇ ଘର ଏକାଠି ହୋଇ ରଖା ହୋଇଥିବା ପରି ଦେଖାଯାଏ । ଷ୍ଟକ୍‌ହୋମ୍‌ର ପୁରୁଣା ଅଞ୍ଚଳ ମଧ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ । ଚାରିପାଞ୍ଚ ଶହ ବର୍ଷ ତଳେ ତିଆରି ହୋଇଥିବା ବିରାଟ ଅଟ୍ଟାଳିକାସବୁ ପ୍ରାଚୀନ ଐଶ୍ୱର୍ଯ୍ୟର ନିଦର୍ଶନ । ନୂଆ ଭାବରେ ତିଆରି ହୋଇଥିବା ବଜାରରେ ବୁଲିବାରେ ଆନନ୍ଦ ମିଳେ । କେଉଁଠି ବିରାଟ ଛକର ମାଟିତଳ ବଜାରରେ ପରିଣତ ହୋଇଛି ତ କେଉଁଠି ରାସ୍ତାରୁ ଟିକେ ଉଚ୍ଚ ଯାଗାରେ ଆଉ ଗୋଟିଏ ସୁନ୍ଦର ବଜାର । ରସ୍ତାରୁ ତଳକୁ କିମ୍ବା ଉପରକୁ ଯିବା ପାଇଁ ବହୁତ ଗୁଡ଼ିଏ ଚଳନ୍ତା ଶିଢ଼ି ଅନବରତ ଚାଲିଛି । ନାନାରଙ୍ଗର ଆଲୁଅ ସାରା ଅଞ୍ଚଳଟିକୁ ଯେପରି ଗୋଟିଏ ପରୀରାଇଜରେ ପରିଣତ କରିଦେଇଛି । ଏ ପ୍ରକାର ପ୍ରାଚୁର୍ଯ୍ୟବନ୍ତ ବଜାର ଅନ୍ୟ ଦେଶରେ ବିରଳ କହିଲେ ଚଳେ । ଗୁଲସ୍ତାନ ବୋଲି ଗୋଟିଏ ପୁରୁଣା ଅଞ୍ଚଳ ଯେଉଁଠି ରାସ୍ତା ଏତେ ଛୋଟ ଯେ ଗୋଟିଏ ମଟର ଗାଡ଼ି କେବଳ ଯାଇପାରିବ । କିନ୍ତୁ ସେ ସାରା ଅଞ୍ଚଳରେ ଗାଡ଼ି ପ୍ରବେଶ ମନା । ରାସ୍ତା ଦୁଇ କଡ଼ରେ ଚାରିପାଞ୍ଚ ମହଲାର ପୁରୁଣା ଘର । ସେସବୁ ଘରର ତଳ ତାଲାଟେ ସୁନ୍ଦର ସୁନ୍ଦର ପୁରୁଣା ଜିନିଷସବୁ ବିକ୍ରି ହୁଏ । ଚିତ୍ରଶିଳ୍ପୀଙ୍କର ନାନାପ୍ରକାର ଚିତ୍ରପଟ, ଛୋଟ ଛୋଟ ପିତଳ ଓ ଅନ୍ୟାନ୍ୟ ଧାତୁ ତିଆରି ଜିନିଷ ଘର ସଜ୍ଜା ପାଇଁ ଏଠାରେ ବିକ୍ରି ହେଉଥାଏ । ଦେଶ ବିଦେଶର ବିଭିନ୍ନ ଖାଦ୍ୟ, ପାନୀୟ ବିକ୍ରି ରେସ୍ତୋରାଁ ଏଠାରେ ଭର୍ତ୍ତି । ଯାତ୍ରୀମାନେ ସବୁ ସମୟରେ ଏହି ଅଞ୍ଚଳରେ ବୁଲୁଥାନ୍ତି । ବିଶେଷତଃ ରାତିରେ ଏଠାରେ ବୁଲିବା ବଡ଼ ଉଦ୍ଦୀପନାମୂକ । ଏହି ଅଞ୍ଚଳରେ ଥିବା ଗୋଟିଏ ହୋଟେଲରେ ମୋର ରହିବାର ବନ୍ଦୋବସ୍ତ ହୋଇଥିଲା ।

ଷ୍ଟକ୍‌ହୋମ୍‌ର ଚାରିପଟେ ବହୁତ ହ୍ରଦ ଓ ନାନା ଆକାରର ଦ୍ୱୀପପୁଞ୍ଜ । ଏହି ହ୍ରଦରେ ଖରାଦିନେ ଯନ୍ତ୍ରଚାଳିତ ଛୋଟ ବଡ଼ ଡଙ୍ଗାମାନ ଅନବରତ ଚାଲିଥାଏ । ଅତି ଦ୍ରୁତ ଗତିରେ କେତେଗୁଡ଼ିଏ ଛୋଟ ଛୋଟ ଡଙ୍ଗା ପ୍ରତିଯୋଗିତା କଲା ପରି ଆଖି ଝଲସାଇ ଚାଲିଥାନ୍ତି । ଏ ଦୃଶ୍ୟ ଅତ୍ୟନ୍ତ ଚିତ୍ତାକର୍ଷକ । ମୋର କାମ ସରିଲା ପରେ ମୁଁ ଗୋଟିଏ ହ୍ରଦରୁ ଆଉ ଗୋଟିଏ ହ୍ରଦ, ଗୋଟିଏ ଦ୍ୱୀପରୁ ଆଉ ଗୋଟିଏ ଦ୍ୱୀପ ଡଙ୍ଗାରେ ଯିବାକୁ ଭଲପାଏ ।

ସ୍ୱିଡେନ୍‌ର ସବୁ ସହରରେ ଓ ସବୁ ସ୍ଥାନରେ ଘରଦ୍ୱାର ଚକ୍‌ମକ୍ କରୁଥାଏ । ଖରାଦିନେ ଝରକା ପାଖରେ ଫୁଲ କୁଣ୍ଡମାନ ଝୁଲୁଥାଏ । କଳକାରଖାନା ମଧ୍ୟ ପରିଷ୍କାର ପରିଚ୍ଛନ୍ନ । ପାର୍କଗୁଡ଼ିକ ଫୁଲ ଫଳ ଗଛରେ ଭର୍ତ୍ତି । ସବୁଆଡ଼ ପରିଷ୍କାର । ମାର୍ଜିତ ରୁଚିକର ଜୀବନଯାପନ ପ୍ରଣାଳୀର ସ୍ୱିଡେନ୍ ଗୋଟିଏ ଜ୍ୱଳନ୍ତ ପ୍ରତୀକ । ପ୍ରାୟ ପ୍ରତ୍ୟେକ ପରିବାରର ଦୁଇଟି ମଟରଗାଡ଼ି, ଦୁଇଟି ଘର, ଗୋଟିଏ ଚାକିରି କରୁଥିବା ଯାଗାରେ ଆଉ ଗୋଟିଏ ଗ୍ରୀଷ୍ମକାଳୀନ ଘର ହ୍ରଦ ବା ସମୁଦ୍ର କୂଳରେ । ପ୍ରାୟ ସମସ୍ତଙ୍କର ଗୋଟିଏ ଗୋଟିଏ ଯନ୍ତ୍ରଚାଳିତ ଡଙ୍ଗା ।

Digitized by PPRACHIN, SOA

ସ୍ୱିଡେନର ଲୋକେ ଏତେ ଧନୀ, ସଂସ୍କୃତିସମ୍ପନ୍ନ, ଶିକ୍ଷିତ ହୋଇଥିଲେ ସୁଦ୍ଧା ଏଠାରେ ଆତ୍ମହତ୍ୟା ଘଟଣାର ଅନୁପାତିକ ହାର ଅନ୍ୟ ଦେଶ ତୁଳନାରେ ବେଶି । ଏହା କାହିଁକି ହେଉଛି ବୋଲି ମୁଁ ସେମାନଙ୍କ ସହିତ ବହୁ ଆଲୋଚନା କରିଛି । ମୋର ମନେହୁଏ ଯେ ଏମାନେ ପିଲାଦିନରୁ ସମସ୍ତ ସୁଖସ୍ୱାଚ୍ଛନ୍ଦ୍ୟ ନିରବଚ୍ଛିନ୍ନ ଭାବରେ ପାଇ ଆସିଥିବାରୁ ଜୀବନ ସଂଗ୍ରାମଗତ ଦୁଃଖ କଷଣ କ'ଣ ଜାଣି ନାହାନ୍ତି । ତେଣୁ ଜୀବନରେ ଯଦି କୌଣସି ଦୁର୍ଘଟଣା ବା ପାରିବାରିକ ବିପର୍ଯ୍ୟୟ ଦେଖାଯାଏ, ତେବେ ସେମାନେ ହଠାତ୍ ଭାଙ୍ଗି ପଡ଼ନ୍ତି ଏବଂ ଜୀବନ ସଂଗ୍ରାମରେ ସହଜରେ ହାରି ଯାଆନ୍ତି । ଜୀବନକୁ ନଷ୍ଟ କରି ଦିଅନ୍ତି । ଉନ୍ନତ ଏବଂ ଉଚ୍ଚ ସଂସ୍କୃତିସମ୍ପନ୍ନ ଲୋକେ ବହୁତ ବେଶି ସମ୍ବେଦନଶୀଳ ଓ ସ୍ପର୍ଶକାତର ହୋଇପଡ଼ନ୍ତି । ଫଳରେ ଆତ୍ମହତ୍ୟା ଛଡ଼ା ଆଉ କୌଣସି ଉପାୟ ଏମାନେ ଦେଖି ପାରନ୍ତି ନାହିଁ । ଏ ବିଷୟରେ ସେମାନଙ୍କ ସହିତ ବହୁ ଆଲୋଚନା ପରେ ଏହି ସିଦ୍ଧାନ୍ତରେ ମୁଁ ପହଞ୍ଚିଛି ।

ମୋଟାମୋଟି ଭାବରେ ଦେଖିବାକୁ ଗଲେ ବ୍ୟକ୍ତିଗତ ପୂର୍ଣ୍ଣ ସ୍ୱାଧୀନତା ସହିତ ସାମଗ୍ରିକ ଭାବରେ ଜନମଙ୍ଗଳ କାର୍ଯ୍ୟକ୍ରମ ଏହି ଦେଶକୁ ବହୁ ଆକର୍ଷଣୀୟ କରିପାରିଛି । ମୋତେ ଯଦି ବାଧ୍ୟବାଧକତା ଭାବରେ ଭାରତରୁ ବାହାରି ଯାଇ ପୃଥିବୀର ଯେକୌଣସି ଦେଶରେ ରହିବାର ସୁଯୋଗ ଦିଆଯାଏ, ତା'ହେଲେ ସ୍ୱିଡେନକୁ ହିଁ ମୁଁ ମୋର ବାସସ୍ଥାନ ରୂପେ ବାଛିବି ।

ସୁଇଡେନ ସମାଜର ଆଉ ଗୋଟିଏ ପ୍ରଧାନ ବିଶେଷତ୍ୱ ହେଲା— ଏହାର ବ୍ୟକ୍ତି ଓ ସାମାଜିକ ସ୍ୱାଧୀନତା । ସବୁ ୟୁରୋପୀୟ ଦେଶରେ ଅବଶ୍ୟ ଏପ୍ରକାର ଦିଗ୍‌ଦର୍ଶନ ରହିଛି; କିନ୍ତୁ ସୁଇଡେନ ଏ ଦିଗରେ ଆଉ ଟିକିଏ ଆଗୁଆ । କିଛି ବର୍ଷ ତଳେ ସୁଇଡେନର୍ ତତ୍କାଳୀନ ପ୍ରଧାନମନ୍ତ୍ରୀ ପାଲ୍‌ମେ ଅଫିସ୍ କାମ ସାରି ଏକେଲା ଘରକୁ ଫେରିବା ରାସ୍ତାରେ ତାଙ୍କୁ କିଏ ଜଣେ ଦୁର୍ବୃତ୍ତ ଗୁଳି କରି ମାରିଦେଲା । ତଥାପି ୧୯୯୩ରେ ମୁଁ ଯେତେବେଳେ ସୁଇଡେନ ଯାଇଥିଲି, ପ୍ରଧାନମନ୍ତ୍ରୀ ବକ୍ତୃତା ଦେଉଥିବା ଗୋଟିଏ ସାଧାରଣ ସଭାରେ ଯୋଗ ଦେଇଥିଲି । ମୋର ଜଣେ ବନ୍ଧୁ ସଭା ପରେ ମୋତେ ନେଇ ପ୍ରଧାନମନ୍ତ୍ରୀଙ୍କ ସହିତ ଦେଖା କରାଇ ଦେଲେ । ତାଙ୍କ ସହିତ ମୁଁ ପ୍ରାୟ ପନ୍ଦର ମିନିଟ ଭାରତ ସୁଇଡେନ ସଂପର୍କ ବିଷୟରେ ଗୋଟିଏ ବାରଣ୍ଡାରେ ଠିଆ ହୋଇ କଥାବାର୍ତ୍ତା କରିଥିଲି । ମୋ ଝିଅ ମଧ୍ୟ ସେଠାରେ ଠିଆ ହୋଇଥିଲା । ତାଙ୍କ ପାଖରେ କେବଳ ଜଣେ ଭଦ୍ରଲୋକ ଥିଲେ । ସେ ହୁଏତ ତାଙ୍କର ଦେହରକ୍ଷୀ ହୋଇଥାଇ ପାରନ୍ତି । କିନ୍ତୁ ସାଧାରଣ ପୋଷାକରେ ସେ ମଧ୍ୟ ଆମ ସହିତ କଥାବାର୍ତ୍ତାରେ ଯୋଗଦେଇଥିଲେ । ତାର ଗୋଟିଏ ଛବି ଏ ବହିରେ ଦିଆ ହୋଇଛି ।

ଏମାନଙ୍କର ରାଜନୀତି ଲୋକଙ୍କର ରକ୍ଷା ବ୍ୟବସ୍ଥା ପ୍ରାୟ ନ ଥିବା ପରି ଜଣାଯାଏ । ଏ ବିଷୟରେ ଗୋଟିଏ ଦୃଷ୍ଟାନ୍ତ ରହିଛି । ଜଣେ ଇଂରେଜି ଭଦ୍ରଲୋକ ସୁଇଡେନରେ ବାସରେ ଗଲାବେଳେ ରାଜା ରାଣୀ ପ୍ରଧାନମନ୍ତ୍ରୀଙ୍କ ପାଇଁ କିପରି ସର୍ବନିମ୍ନ ନିରାପତ୍ତା ବ୍ୟବସ୍ଥା ରହିଛି, ସେ ବିଷୟରେ ଅନର୍ଗଳ କହିଗଲେ । ତାଙ୍କ ପାଖରେ ବସିଥିବା ସୁଇଡେନର ଜଣେ ଭଦ୍ରବ୍ୟକ୍ତି ସବୁ ଶୁଣିଲା ପରେ କହିଲେ ଯେ ଜାଣନ୍ତି ଆମ ଦେଶର ରାଜା ମଧ୍ୟ ସାଧାରଣ ଲୋକଙ୍କ ସହିତ ରାସ୍ତାରେ ଯିବା ଆସିବା କରନ୍ତି । ଇଂରେଜି ଭଦ୍ରଲୋକ ଏହା ଗ୍ରହଣ କରିବା ଲାଗି କୁଣ୍ଠା ପ୍ରକାଶ କଲେ— ତାପରେ ସୁଇଡେନର ସେହି ଭଦ୍ରଲୋକଟି କହିଥିଲେ, "ମୁଁ ହେଉଛି ସୁଇଡେନର ସେହି ରାଜା ଗୁସ୍ତାଫ !"

ଏହା ହେଉଛି ସୁଇଡେନର ଗଣତାନ୍ତ୍ରିକ ସାମାଜିକ ପରମ୍ପରା । ଭାରତବର୍ଷରେ ଏହା କଳ୍ପନା କରିବା ଅସମ୍ଭବ । ପ୍ରଧାନମନ୍ତ୍ରୀ ଖାଲି ନୁହଁନ୍ତି, ତାଙ୍କର ଅନ୍ୟ ସହକର୍ମୀ ଓ ପରିବାରର ସବୁ ଲୋକେ ବହୁ ସଶସ୍ତ୍ର ଦେହରକ୍ଷୀ ପରିବେଷ୍ଟିତ ହୋଇ ଚାଲିଯାଆନ୍ତି, ଅବସର ନେଲା ପରେ ମଧ୍ୟ ।

■■■

Digitized by PPRACHIN, SOA

ମଧ୍ୟପ୍ରାଚ୍ୟ:

ଇରାକ୍ ■ ଇରାନ୍

ପାଶ୍ଚାତ୍ୟ ଦେଶମାନଙ୍କୁ ଯିବା ବାଟରେ ମଧ୍ୟପ୍ରାଚ୍ୟ ଜଗତର କେତେକ ବିଶିଷ୍ଟ ସ୍ଥାନ ଦେଖିବାର କୌତୂହଳ ହେବା ସ୍ୱାଭାବିକ । ଏହି ଅଞ୍ଚଳର ଦୁଇଟି ପ୍ରଧାନ ଦେଶ ପରିଭ୍ରମଣ କରିବାର ସୁଯୋଗ ମୋତେ ମିଳିଥିଲା । ତାହା ହେଉଛି ଇରାକ ଓ ଇରାନ ।

ଇରାକ ଇରାନ ଯୁଦ୍ଧ ପୂର୍ବରୁ ମୁଁ ଏ ଦେଶମାନଙ୍କୁ ଯାଇଥିଲି । ଇରାକ ମଧ୍ୟପ୍ରାଚ୍ୟର ଗୋଟିଏ ପ୍ରଗତିଶୀଳ ଦେଶ ହିସାବରେ ପରିଚିତ, ସେଠାରେ ବାମପନ୍ଥୀ ସୋସୋଲିଷ୍ଟ ପାର୍ଟି ରାଜତ୍ୱ କରି ଆସୁଛି । ଅନ୍ୟ ଆରବ ଦେଶ ଅପେକ୍ଷା ଇରାକ ଦେଶ ପ୍ରଗତିଶୀଳ ବୋଲି ମନେହେଲା । ବାଗଦାଦରେ ଅର୍ଦ୍ଧାଧିକ ନାରୀ ପାଶ୍ଚାତ୍ୟ ପୋଷାକ ପିନ୍ଧି ରାସ୍ତାରେ ଯିବା ଆସିବା କରନ୍ତି, ସାମାନ୍ୟ କେତେକ ସ୍ତ୍ରୀ ବୁର୍ଖା ପିନ୍ଧନ୍ତି, ଅନ୍ୟାନ୍ୟ ଆରବ ଦେଶରେ ଏ ପ୍ରକାର ନାରୀ ସ୍ୱାଧୀନତା ବିରଳ କହିଲେ ଚଳେ ।

ବାଗଦାଦ ଗୋଟିଏ ସୁନ୍ଦର ସହର । ଏହା ଟାଇଗ୍ରିସ୍ ନଦୀ କୂଳରେ ଅବସ୍ଥିତ । ସନ୍ଧ୍ୟାବେଳେ ହଜାର ହଜାର ଲୋକ ଏହି ନଦୀ କୂଳରେ ନାନା ଆମୋଦ ପ୍ରମୋଦ କାର୍ଯ୍ୟରେ ଲିପ୍ତ ଥାଆନ୍ତି । ଏହି ନଦୀ କୂଳରେ ବହୁ ଧରଣର ଖାଦ୍ୟଦ୍ରବ୍ୟ ତିଆରି ହୋଇ ବିକ୍ରି ହେଉଥାଏ । ପ୍ରାୟ ଅଧିକାଂଶ ଲୋକ କିଛି ନା କିଛି ଖାଉ ଥାଆନ୍ତି । ମନ ଆନନ୍ଦରେ ଗୀତ ନାଚରେ ମାତି ଥାଆନ୍ତି । ବାଗଦାଦ ସହରର ଲୋକଙ୍କୁ ଦେଖିଲେ ଏମାନେ ଯେ ସ୍ୱାଧୀନ ଭାବରେ ଜୀବନକୁ ଉପଭୋଗ କରିପାରୁଛନ୍ତି, ଏହା ଜଣାଯାଏ ।

ଅବଶ୍ୟ ଶାସନ ଅନେକଟା ଏକଛତ୍ରବାଦୀ ଶାସନ । ରାଜନୈତିକ କ୍ଷେତ୍ରରେ ସରକାରୀ ଦଳ ସହିତ ଦ୍ୱିମତ ହେବାର ସ୍ୱାଧୀନତା ଲୋକଙ୍କ ଭିତରେ ନାହିଁ କହିଲେ ଚଳେ । ବିଶ୍ୱବିଦ୍ୟାଳୟ ମାନଙ୍କରେ ମଧ୍ୟ ଅଧ୍ୟାପକମାନଙ୍କର ମତବ୍ୟକ୍ତ କରିବାର ସ୍ୱାଧୀନତା ନାହିଁ । ଚତୁର୍ଦ୍ଦିଗରେ ଗୁପ୍ତଚରମାନେ ସରକାରଙ୍କୁ ଖବର ଦିଅନ୍ତି । କେତେକ ଅଧ୍ୟାପକଙ୍କ ସହିତ କଥାବାର୍ତ୍ତା ହେଉଥିଲା ବେଳେ ସମସ୍ତେ ରାଜନୀତି ବିଷୟରେ ଚୁପ୍‌ଚାପ୍ । ଜଣେ ଭାରତୀୟ ମୁସଲମାନ ଅଧ୍ୟାପକ ଯେ'କି ସେତେବେଳକୁ ପାକିସ୍ତାନୀ ନାଗରିକ ଥିଲେ, ସେ ବହୁତ କଥା ମୋତେ ଏ ବିଷୟରେ କହିଥିଲେ ଯେ ସେ କିପରି ମୁକ୍ତ ଭାବରେ ଇତିହାସ ପଢ଼ାଇ ପାରନ୍ତି ନାହିଁ । ତାର ବହୁ ଉଦାହରଣ ଦେଇଥିଲେ ।

ମୋଟାମୋଟି ଭାବରେ ନାଗରିକ ସ୍ୱାଧୀନତା ନଥିଲେ ମଧ୍ୟ ଲୋକେ ବେଶ ସ୍ୱାସ୍ଥ୍ୟବାନ, ଆମୋଦପ୍ରିୟ ଓ ସାମାଜିକ ଜୀବନରେ ଅନ୍ୟ ମଧ୍ୟପ୍ରାଚ୍ୟ ମୁସଲମାନ ସମାଜଠାରୁ ବହୁତ ପ୍ରଗତିଶୀଳ । ବିବାହ ଆଇନ ପ୍ରଭୃତି ମୌଳିକବାଦୀ ମୁଲ୍ଲାଙ୍କ ଦ୍ୱାରା ନିୟନ୍ତ୍ରିତ ନୁହେଁ । ନାରୀମାନେ ଆପାତତଃ ସ୍ୱାଧୀନ । ଇରାକ ବୋଧହୁଏ ଗୋଟିଏ ମୁସଲମାନ ଦେଶ, ଯେଉଁଠି ଅନ୍ୟ ଧର୍ମାବଲମ୍ବୀ ଲୋକ ଶାସନର ବହୁତ ଉଚ୍ଚ ଆସନରେ ରହିଛନ୍ତି । ନାନା ପ୍ରକାରର ପ୍ରଗତିଶୀଳ କାର୍ଯ୍ୟକ୍ରମ

Digitized by PPRACHIN, SOA

ଯୋଗୁ ଅନ୍ୟ ଆରବ ଦେଶମାନେ ଇରାକ ବିରୁଦ୍ଧରେ କାମ କରନ୍ତି । ଶେଷରେ ଦଶବର୍ଷ ଧରି ମୌଳିକବାଦୀ ଇରାନ ଇରାକ ବିରୁଦ୍ଧରେ ସାମରିକ ଅଭିଯାନ କରିଥିଲା । ଶେଷରେ ଇରାକ ହିଁ ଆହୁରି ଶକ୍ତିଶାଳୀ ହୋଇଯିବା ଫଳରେ ମଧ୍ୟପ୍ରାଚ୍ୟରେ ଏପରି ଶକ୍ତିଶାଳୀ ଦେଶ ବିରୁଦ୍ଧରେ ପାଶ୍ଚାତ୍ୟଦେଶମାନେ ବିଶେଷତଃ ଯୁକ୍ତରାଷ୍ଟ୍ର ଆମେରିକା ଯୁଦ୍ଧ ଘୋଷଣା କରିଥିଲା ଇରାକକୁ କବଳିତ କରିବା ଲାଗି ।

ଇରାକର ସବୁଠୁ ବେଶି ଦର୍ଶନୀୟ ସ୍ଥାନ ହେଲା ପୁରାତନ ବେବିଲୋନ ସହରର ଧ୍ୱଂସାବଶେଷ । ଏହି ବିଖ୍ୟାତ ଐତିହାସିକ ସହରଟି ଖ୍ରୀଷ୍ଟପୂର୍ବ ପ୍ରାୟ ଚାରି ହଜାର ବର୍ଷ ତଳେ ପ୍ରତିଷ୍ଠିତ ହୋଇଥିଲା । କାଳକ୍ରମେ ବିଭିନ୍ନ ଆକ୍ରମଣକାରୀମାନଙ୍କର ସାମ୍ରାଜ୍ୟ ବିସ୍ତାର ଫଳରେ ଏହାର ସଭ୍ୟତା ଓ ରୂପରେଖ ମଧ ବଦଳି ଯାଇଥିଲା । ଏହାର ଆୟତନ ପ୍ରାୟ ତିନି କିଲୋମିଟର ଲମ୍ବା ଓ ଚଉଡ଼ାର ଗୋଟିଏ ଚତୁଷ୍କୋଣ ପ୍ରଶସ୍ତ ସହର, ଏଠାରେ ଦୁଇଶହ ପଚାଶଟି ପ୍ରବେଶପଥ । ବିରାଟ ପଥରରେ ନିର୍ମିତ ହୋଇଥିବ ଏହି ସହରଟି ଦୁଇଭାଗରେ ବିଭକ୍ତ ହୋଇଥିଲା ଏବଂ ତାକୁ ସଂଯୋଗ କରାହୋଇଥିଲା ପ୍ରସ୍ତର ନିର୍ମିତ ଛାତ ଥିବା ପୋଲ ସାହାଯ୍ୟରେ । ଏହି ପୋଲଟି ବିରାଟ ବିରାଟ ମସୃଣ ପଥରକୁ ଲୁହା ଦ୍ୱାରା ଯୋଡ଼ା ଯାଇଥିଲା । ଏହି ମହଲ ଭିତରେ ବହୁତ ଉଦ୍ୟାନ ତିଆରି ହୋଇଥିଲା । ଏଠାକାର ପ୍ରସିଦ୍ଧ ସୂର୍ଯ୍ୟ ମନ୍ଦିର ସହରର ମଧ୍ୟଭାଗରେ ଅବସ୍ଥିତ । ଏହାର ଛାତ ଖସିଯାଇଥିଲେ ମଧ ଏହାର କାନ୍ଥସବୁ ଏତେ ମୋଟା ଓ ଶକ୍ତ ଯେ ଗତ ଛଅ ହଜାର ବର୍ଷ ଧରି ଏହାର କାନ୍ଥ ସବୁ ସେହିପରି ଠିଆ ହୋଇଛି । ଏହି ପ୍ରସିଦ୍ଧ ଦେବମନ୍ଦିର ଭିତରେ ମୁଁ ବହୁ ସମୟ ବସି ଥିଲି । ସହସ୍ର ବର୍ଷ ଧରି ଏହି ସଭ୍ୟତାର ସୂର୍ଯ୍ୟ ଉପାସକମାନଙ୍କର ସଂଗୀତ ଲହରୀର ଅଶ୍ରାନ୍ତ ଶିହରଣ ମୋ ମନ ପ୍ରାଣକୁ ଦୋହଲାଇ ଦେଇଥିଲା । ଇରାକର ସଭ୍ୟତା ଅତି ପୁରାତନ ମେସୋପଟାମିଆ ସଭ୍ୟତା ସହିତ ସଂପୃକ୍ତ ଥିଲା । ଟାଇଗ୍ରୀସ୍ ଓ ୟୁଫ୍ରେଟିସ୍ ନଦୀର ଉପତ୍ୟକାରେ ଏହି ସଭ୍ୟତାର ପୁରାତନ ଇଜିପ୍ଟ ଓ ଭାରତୀୟ ସଭ୍ୟତା ସହିତ ଯୋଗାଯୋଗ ଥିବାର ଜଣାଯାଏ । ଅନେକଙ୍କର ମତ ଯେ ଏହି ଅଞ୍ଚଳରୁ ଆର୍ଯ୍ୟମାନେ ଭାରତକୁ ଆସିଥିଲେ । କିନ୍ତୁ ଏହା ବର୍ତ୍ତମାନ ଗୋଟିଏ ବିବାଦୀୟ ପ୍ରଶ୍ନ ହୋଇଯାଇଛି ।

ଇରାନର ରାଜଧାନୀ ତେହେରାନ । ଏହା ମଧ ଗୋଟିଏ ସୁନ୍ଦର ସହର—ପ୍ରଶସ୍ତ ରାସ୍ତା ସହିତ ଏଠି ଦେଖିବାକୁ ମିଳେ ବହୁ ଧରଣର ମ୍ୟୁଜିୟମ୍ ଓ ଆର୍ଟ ଗାଲେରୀ ତଥା ଅତ୍ୟନ୍ତ ଉପାଦେୟ ଦର୍ଶନ ସ୍ଥାନ । ସବୁଠୁ ବେଶି ଚିତ୍ତାକର୍ଷକ ପର୍ଯ୍ୟଟକ କେନ୍ଦ୍ର ହେଲା ବାହାଇ ମନ୍ଦିର । ବାହାଇ ଧର୍ମର ପ୍ରଧାନ ମନ୍ଦିର ଏହା ହୋଇଥିବାରୁ ବହୁ ବ୍ୟୟ ସାପେକ୍ଷ ଏହି ମନ୍ଦିରଟି ଦେଖିବା ପାଇଁ ହିଁ ବହୁ ଲୋକ ତେହେରାନ ଯାଆନ୍ତି । ନାନା ପ୍ରଗତିଶୀଳ କାରୁକାର୍ଯ୍ୟପୂର୍ଣ୍ଣ ଏହି ମନ୍ଦିରଟି ମୌଳିକବାଦୀ ମୁସଲମାନଙ୍କର ଚକ୍ଷୁଶୀଳ ହୋଇଥାଏ । ଶୁଣାଯାଏ, ଇରାନର ପରବର୍ତ୍ତୀ ମୌଳିକବାଦୀ ମୁସଲମାନ ଏକଛତ୍ରବାଦୀ ଆୟାତୋଲା ଖୋମିନିଙ୍କ ବିପ୍ଳବ ପରେ ଏହି ମନ୍ଦିରଟି ବର୍ତ୍ତମାନ ପରିତ୍ୟକ୍ତ ଅବସ୍ଥାରେ ରହିଛି । ପ୍ରାୟ ସମସ୍ତ ବାହାଇ ଧର୍ମାବଲମ୍ବୀ ଲୋକେ ଇରାନ୍ ଛାଡ଼ି ଚାଲିଯାଇଛନ୍ତି ।

ବାହାଇ ମୁସଲମାନ ଧର୍ମର ଗୋଟିଏ ଅଂଶ ହୋଇଥିଲେ ମଧ ଏହା ଅନ୍ୟ ଧର୍ମ ପ୍ରତି ଅତ୍ୟନ୍ତ ସହନଶୀଳ ଓ ସାମାଜିକ କ୍ଷେତ୍ରରେ ପୂର୍ଣ୍ଣ ସ୍ୱାଧୀନତାର ପକ୍ଷପାତୀ ହୋଇଥିବାରୁ ମଧ୍ୟପ୍ରାଚ୍ୟର ମୌଳିକବାଦୀ ରକ୍ଷଣଶୀଳ ମୁସଲମାନ ସରକାରମାନଙ୍କର ଏମାନେ ଚକ୍ଷୁଶୀଳ ହୋଇପଡ଼ିଛନ୍ତି ।

ମୁଁ ଇରାନ ଗଲାବେଳେ ଶାହା ରାଜତ୍ୱ ଚାଲିଥିଲା । ଇରାନର ଶାହା ନିଜେ ସାମାଜିକ କ୍ଷେତ୍ରରେ କିଛିଟା ପ୍ରଗତିଶୀଳ ଥିଲେ ଏବଂ ଆମେରିକା ଦ୍ୱାରା ଶାହା ଶାସନ ନିୟନ୍ତ୍ରିତ ହେଉଥିଲା । ଇରାନର ପେଟ୍ରୋଲ ଉତ୍ପାଦନର ଗୋଟିଏ ବିଶିଷ୍ଟ ଅଂଶ ଶାହାଙ୍କ ବ୍ୟକ୍ତିଗତ ସମ୍ପତ୍ତି ରୂପେ ପରିଗଣିତ

Digitized by PPRACHIN, SOA

ହେଉଥିଲା । ଫଳରେ ଶାହାଙ୍କର ଅପରିସୀମ ସଂପତ୍ତି ଆମେରିକା ବ୍ୟାଙ୍କମାନଙ୍କରେ ଗଚ୍ଛିତ ଥିଲା । କିନ୍ତୁ ଶାହାଙ୍କର ମୃତ୍ୟୁ ପରେ ସେ ସବୁ ସଂପତ୍ତି ଠାବ କରାଯାଇ ପାରିଲା ନାହିଁ । ସବୁ ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ ରହିଗଲା ।

ଶାହା ମଧ୍ୟ ଜଣେ ଏକଛତ୍ରପତି ଶାସକ ଥିଲେ । ତେହେରାନରେ ଯେକୌଣସି ସ୍ଥାନରେ ପାଞ୍ଚ ଜଣଙ୍କରୁ ଅଧିକ ଲୋକ ରୁଣ୍ଡ ହେଲେ ପୋଲିସ ଘଉଡ଼ାଇ ଦେଉଥିଲେ । ତେଣୁ ପର୍ଯ୍ୟଟକମାନେ ଛୋଟ ଛୋଟ ଦଳରେ ହିଁ ଦର୍ଶନୀୟ ସ୍ଥାନମାନ ଦେଖୁଥିଲେ । ବାହାଇ ମନ୍ଦିର ପାଖରେ ପର୍ଯ୍ୟଟକମାନଙ୍କର ହଠାତ୍ ଗୋଟିଏ ବଡ଼ ଦଳ ହୋଇ ଯାଇଥିଲା ଏବଂ ସେ ଭିତରେ ମୁଁ ଥିଲି । ତାପରେ ପୋଲିସ ଆମ ଉପରେ ମୃଦୁ ଲାଠି ମାଡ଼ କରିଥିଲା—ସମସ୍ତେ ଭୟରେ ଦୌଡ଼ାଦୌଡ଼ି କରି ଛତ୍ରଭଂଗ ଦେବାକୁ ବାଧ ହୋଇଥିଲେ । ତାପରେ ତେହେରାନରେ ମୁଁ ଦଶଦିନ ରହିବାର ବନ୍ଦୋବସ୍ତ କରିଥିଲେ ସୁଦ୍ଧା ପାଞ୍ଚଦିନ ପରେ ତେହେରାନ ଛାଡ଼ିଦେଇଥିଲି ।

ପ୍ରତ୍ୟେକ ବଡ଼ ବଡ଼ ରାସ୍ତା, ସାଧାରଣ ଉଦ୍ୟାନ ସବୁ ଶାହାଙ୍କର ବଂଶଧରଙ୍କ ଦ୍ୱାରା ନାମିତ ହୋଇଥାଏ । ସାରା ତେହେରାନରେ ଶାହା ଓ ତାଙ୍କ ପରିବାର ବର୍ଗଙ୍କ ଛଡ଼ା ଆଉ କାହାରି କୌଣସି ବିଶେଷ ସ୍ଥାନ ଅଛି ବୋଲି ମନେ ହେଲା ନାହିଁ । ପୂରାପୂରି ବଂଶୀୟ ଏକଛତ୍ର ବାଦ ଏବଂ ଏହାର ପ୍ରଧାନ ପୃଷ୍ଠପୋଷକ ଥିଲା ଯୁକ୍ତରାଷ୍ଟ୍ର ଆମେରିକା । କାରଣ ଆମେରିକା ଅନ୍ୟ ଦେଶର ଏକଛତ୍ରବାଦୀମାନଙ୍କର ହିଁ ପରମବନ୍ଧୁ ହିସାବରେ କାମ କରେ । ତାପରେ ଯେତେବେଳେ ମୁସଲିମ ମୌଳବାଦୀ ଆୟାତୋଲା ଖୋମିନୀ ଇରାନକୁ ଅଧିକାର କଲେ ବିଚରା ଶାହା କାନସାର ରୋଗୀ ହିସାବରେ କୌଣସି ପାଶ୍ଚାତ୍ୟ ଦେଶରେ ମଧ୍ୟ ଚିକିତ୍ସିତ ହେବା ପାଇଁ ଅନୁମତି ପାଇନଥିଲେ । ବିଂଶ ଶତାବ୍ଦୀ ପାଶ୍ଚାତ୍ୟ ବସ୍ତୁବାଦୀ ସଭ୍ୟତାର ମାନବିକତା ଦୃଷ୍ଟିରୁ ବହୁ ପ୍ରକାର ଭୟାବହ ରୂପ ଏହି ଶାହାଙ୍କର ଶେଷ ଜୀବନର ଦୟନୀୟ ଅବସ୍ଥାରୁ ଅନୁଭୂତ ହୁଏ ।

ମୋଟାମୋଟି ଭାବରେ ଆରବ ଦେଶମାନଙ୍କର ଲୋକମାନେ ପେଟ୍ରୋଲ ଉତ୍ପାଦନ ଯୋଗୁ ବହୁତ ବିଭବଶାଳୀ, କିଂତୁ ବହୁତ ଅଳସୁଆ ଓ ଅପାରଗ । କୌଣସି କାମ ଦକ୍ଷତାର ସହ କରିପାରନ୍ତି ନାହିଁ । ଫଳରେ ବିଦେଶୀମାନଙ୍କ ଦ୍ୱାରା ପରିଚାଳିତ । ଇରାକକୁ ଛାଡ଼ିଦେଲେ ଅଧିକାଂଶ ଆରବଦେଶ ରକ୍ଷଣଶୀଳ ଓ ସାମାଜିକ କ୍ଷେତ୍ରରେ ଅସହନଶୀଳ । ମହିଳାମାନଙ୍କ ପ୍ରତି ଅଧିକାଂଶ ଦେଶରେ ନାନା ଶାରୀରିକ ଅତ୍ୟାଚାର କାହାଣୀ ନେଇ ବହୁତ ବହି ପ୍ରକାଶିତ ହୋଇଛି ।

■■■

Digitized by PPRACHIN, SOA

ର ରାଧାନାଥ ରଥ

ନାନା ମାଟି । ନାନା ଆକାଶ । ନାନା ଦେଶ । ସବୁଠି ମଣିଷ – ସବୁଠି ତା' ଛାୟାଭାସ ।

ନାନା ସମାଜ । ନାନା ସଭ୍ୟତା । ନାନା ସଂସ୍କୃତି । ସବୁଠି କିନ୍ତୁ ସେଇ ଏକୋଇର ସର୍ବୋଚ୍ଚ ସତ୍ୟ – ହଁ, ମଣିଷ । ପ୍ରିୟ ମଣିଷ ।

ତେର ନଈ- ସାତ ସମୁଦ୍ର ସେପାରିର କେଉଁ ଅଚିହ୍ନା ଇଲାକା ହେଉ କି ସାତ ତାଳ ପଙ୍କଭରା ଗାଆଁ ଗଡ଼ିଆ ବା ନାଚନର୍ଦ୍ଦମାର ନିବୁଜ ମୁଲକ ହେଉ – ସବୁଠି ମଣିଷ । ନାନା ରୂପର ମଣିଷ– ନାନା ରଙ୍ଗର ମଣିଷ– ନାନା ରୁଚିର ମଣିଷ – ଦେଶରେ, ବିଦେଶରେ ।

ଦେଶରୁ ବିଦେଶ ପର୍ଯ୍ୟନ୍ତ ପରିବ୍ୟାପ୍ତ ପ୍ରଲମ୍ବିତ ପଥଯାତ୍ରା, ପ୍ରକୃତ ପକ୍ଷରେ ସେଇ ମଣିଷକୁ ଆଉଥରେ ନୂତନ ଭାବରେ ଆବିଷ୍କାର କରିବାର ହିଁ ଅଭିଯାତ୍ରା ।

ଅଧ୍ୟାପକ ଡଃ ରାଧାନାଥ ରଥଙ୍କ ଏଇ ସୁବୃହତ୍ ଭ୍ରମଣକାହାଣୀ - 'ନାନା ଦେଶ ନାନା କଥା' – ଉପରୋକ୍ତ ଉପଲବ୍ଧିର ଏକ ଅନବଦ୍ୟ ଅଭିବ୍ୟକ୍ତି ।

ଡଃ ରାଧାନାଥ ରଥ ଭାରତବର୍ଷର ଜଣେ ସୁଖ୍ୟାତ ଶିକ୍ଷାବିତ୍ ଏବଂ ମହାନ୍ ମନସ୍ତତ୍ତ୍ୱଜ୍ଞ । ପୃଥିବୀର ବିଭିନ୍ନ ପ୍ରାନ୍ତ ସେ ପରିକ୍ରମା କରିଛନ୍ତି ବହୁବାର । ବିଭିନ୍ନ ଦେଶବାସୀଙ୍କ ସହିତ ବିତାଇଛନ୍ତି ବହୁ ମହାର୍ଘ ମୁହୂର୍ତ୍ତ । ଇଂଲଣ୍ଡ, ଆମେରିକା, ସୋଭିଏତ୍ ରୁଷ, ସୁଇଡେନ୍ ଓ ମଧ୍ୟପ୍ରାଚ୍ୟରୁ ଆରମ୍ଭ କରି ଚୀନ୍, ଜାପାନ ପର୍ଯ୍ୟନ୍ତ ନାନା ଭୂଚିତ୍ର ତାଙ୍କ ନଖଦର୍ପଣରେ ଦୃଶ୍ୟସ୍ଥ । ଭିନ୍ନ ଭିନ୍ନ ଭୂଚିତ୍ରର ସ୍ୱକୀୟ ସଂସ୍ଥିତି ଓ ସ୍ୱାତନ୍ତ୍ର୍ୟ ସତ୍ତ୍ୱେ ସବୁ ମଣିଷଙ୍କ ମଧ୍ୟରେ ମୌଳିକ ମେଳର ନିରୀକ୍ଷଣ, ସମୀକ୍ଷଣ ଓ ବିଶ୍ଳେଷଣ – ଏହି ଭ୍ରମଣ କାହାଣୀର ମୁଖ୍ୟ ଆଭିମୁଖ୍ୟ ।

Digitized by PPRACHIN, SOA